The illustrious PATRON of this work.

ଏହି ଗ୍ରନ୍ଥର ବରିଷ୍ଠ ପୃଷ୍ଠପୋଷକ

Raja Sree Narayan Prasad Deb

Raja Saheb and Ruler of Boudh State (Orissa)

ସୂର୍ଯ୍ୟବଂଶାବତଂସ, ଉଦାରହୃଦୟ, ପ୍ରଜାପାଳକ, ମାତୃଭୂମିର ବରପୁତ୍ର, ପ୍ରଥିତଯଶା, ବୌଦ୍ଧରାଜ୍ୟର ଅଧୀଶ୍ୱର

ଶ୍ରୀ ଶ୍ରୀ ଶ୍ରୀ ରାଜା ନାରାୟଣ ପ୍ରସାଦ ଦେବ ।

U. S. Press, Cuttack.

ପୂର୍ଣ୍ଣଚନ୍ଦ୍ର

ଓଡ଼ିଆ ଭାଷାକୋଷ ।

ତୃତୀୟ ଖଣ୍ଡ (ବ୍ୟଞ୍ଜନ ବର୍ଣ୍ଣ ଚ—ଥ)

ସଂଗ୍ରାହକ—ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ

ସହକର୍ମିଗଣ—୧ — ଶ୍ରୀମତୀ ପୀତାମ୍ବରୀ ଦେବୀ

୨—ପଣ୍ଡିତ ଶ୍ରୀ କୁଳମଣି ଦାଶ କାବ୍ୟତୀର୍ଥ

୩—ପଣ୍ଡିତ ଶ୍ରୀ ରାମଚନ୍ଦ୍ର ରଥ

୪—ପଣ୍ଡିତ ଶ୍ରୀ ନରସିଂହ ମହାପାତ୍ର

୫— ଶ୍ରୀ ଭୁବନେଶ୍ୱର ମିଶ୍ର

୬—ଶ୍ରୀ ଗୋଲୋକଚନ୍ଦ୍ର ପ୍ରଧାନ

PŪRNNACHANDRA

ORḌIĀ BHĀSHĀKOSHA.

(A lexicon of the Oriya language)

Volume—III (Consonants Cha—Tha)

Compiler—**G. C. Praharaj**

Kaiser-I-Hind,

Advocate, Patna High Court, Cuttack, B. N. R. Orissa (India)

With the help of a body of colleagues

Printed and Published by V. Kar

THE UTKAL SAHITYA PRESS,

CUTTACK

1933.

AGENTS FOR PUBLICATION.

1. **Messrs Luzac & Co.**
   Oriental and foreign book-sellers
   Great Russell Street
   London W. C. I.

2. **Mr. Otto Harrassowitz**
   Querstrasse 14,
   Leipzig C 1,
   Germany.

3. **Librairie C. Klincksieck**
   11 Rue-de-Lille
   Paris 7E
   France.

4. **The Bhashakosha Office**
   P. O. Chandnichauk,
   Cuttack,
   Orissa, India.

5. **The Students' Store**
   Berhampore, Dt. Ganjam.

6. **The Pathasala Press,**
   Bankipore, Patna.

Price Rs. 16/- er volume

The third volume of the

PŪRNNACHANDRA

ORDIĀ BHĀSHĀKOSHA

(Oriya Lexicon)

is dedicated to

Raja Sree Sree Sree Narayan Prasad Deb

Raja Saheb and Ruler, Boudh State

in grateful recognition of his sincere solicitude for the publication of the work and the valuable encouragement afforded by him to the cause of Oriya literature by a liberal donation of Rupees Eight thousand towards the publication charges of this volume

CUTTACK
May, 1933

By his admirer
THE COMPILER
G. C. Praharaj.

ଏହି ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ତୃତୀୟ ଖଣ୍ଡର ମୁଦ୍ରଣ ଓ ପ୍ରକାଶ ପାଇଁ ଯେଉଁ ମହୋଦୟ ଅକୁଣ୍ଠିତ ଚିତ୍ତରେ ଆଠ ହଜାର ଟଙ୍କା ସାହାଯ୍ୟ କରି ଏଥିର ମୁଦ୍ରଣ ଓ ପ୍ରକାଶର ପଥ ସୁଗମ କରିଅଛନ୍ତି, ସେହି ଗୁଣିପ୍ରବର, ସାହିତ୍ୟାନୁରାଗୀ କର୍ମବୀର, ଦାନବୀର, ଲକ୍ଷ୍ମୀ ସରସ୍ୱତୀଙ୍କ ବରପୁତ୍ର, ସୂର୍ଯ୍ୟବଂଶାବତଂସ, ପ୍ରଜାରଞ୍ଜକ, ଧର୍ମଜୀବନ, ରାଜର୍ଷିକଳ୍ପ ବୌଦ୍ଧରାଜ୍ୟାଧୀଶ୍ୱର ଶ୍ରୀ ଶ୍ରୀ ଶ୍ରୀ ନାରାୟଣ ପ୍ରସାଦ ଦେବ ମହୋଦୟଙ୍କ ଶ୍ରୀକରକମଳରେ ଏ ଗ୍ରନ୍ଥର ତୃତୀୟ ଖଣ୍ଡକୁ ସ୍ନେହ ଓ ପ୍ରୀତି ସହକାରେ ଉତ୍ସର୍ଗ କଲି ।

କଟକ, ଭାଷାକୋଷାଶ୍ରମ
ମେ ମାସ ୧୯୩୩

ତଦୀୟ ଗୁଣମୁଗ୍ଧ ସଂଗ୍ରାହକ,
ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ।

Raja Sree Narayan Prasad Deb

Raja Saheb and Ruler of Boudh State

(to whom this volume is dedicated)

ବୌଦ୍ଧରାଜ୍ୟାଧିପତି

ରାଜା ଶ୍ରୀ ଶ୍ରୀ ଶ୍ରୀ ନାରାୟଣ ପ୍ରସାଦ ଦେବ

(ଯାହାଙ୍କ କରକମଳରେ ଏ ଖଣ୍ଡ ଉତ୍ସୃଷ୍ଟ ହେଲା) ।

U. S. Press, Cuttack.

Introduction

to the 3rd volume of the

PŪRNṆACHANDRA ORḌIĀ BHĀSHĀKOSHA.

The contents of the 3rd volume.

Through the never-failing Grace of the Almighty Father the third volume of the Oria Dictionary is now placed in the hands of the public. It covers 12 consonants beginning with the letter ଛ (cha) and ending with ଠ (tha). The Oria language has got 13 vowels and 34 consonants, including the compound letter କ୍ଷ (ksha). The first volume dealt with the 13 vowels, the second volume with the first 5 consonants and the compound letter କ୍ଷ (ksha), and the third deals with 12 consonants. So, up to the end of the 3rd volume 31 letters will have been treated, and there still remain 16 letters from ଡ (da) to ହ (ha) which are estimated to occupy the next two volumes.

Certain devices for saving space.

In the third volume have had recourse to certain space-saving devices. Two phonetically similar words, having many letters in common and differing from each other in one or two letters only, have been treated as one word by the use of brackets. For instauce, instead of writing ଯୋଖାଇବା (Jokhāibā) and ଯୋଖେଇବା (Jokheibā) as two separate words, they have been written as one word, ଯୋଖା(ଖେ)ଇବା [Jokhā(khe)ibā]. (vide page 3040, 1st column).

In many cases words derived from a have been noted below the word and their parts of speech noted against them, instead of each being treated separately. For instance, under the word ତଦେକାତ୍ମା (Tadekātmā) which is an adjective, its derivative noun form ତଦେକାତ୍ମତ୍ୱ (Tadekātmatwa) has been noted below it, instead of being treated separately (vide page 3338, column 1).

In the case of words used in more than one form, one form has been given as the principal word and the alternative forms have been noted below it. For instance, ଡମାଡ଼ଉଳ (Ḍamāḍaula) has been given as the main word and its alternative forms ଡମାଡ଼ୋଳ (Ḍamāḍola) and ଡମାଡ଼ୌଳ (Ḍmāḍaula) have been noted below it, instead of being treated separately (vide page 3222, column 1).

By means of these devices there has, I think been a saving of at least 200 pages in the matter contained in this volume.

Suggestions have been made to make use of the spaces left vacant on the right of the Oria and English meanings, by continuing the matter of the lower line in the upper as one line. This plan would, no doubt, save much space; but as it has not been followed in the previous volumes, the deviation would be resented as an innovation by some users and would be confusing to many others.

In the fourth and succeeding volumes it is proposed to discontinue the use of headnotes occupying the top of every page, as the users of the dictionary must have become familiar with the directions given in these head-notes in the first three volumes. Only at intervals of, say 50 or 100, pages, and on the top of the beginning of every new letter will these head-notes appear. This will certainly result in a substantial saving of space.

The number of words in the lexicon.

To satisfy my curiousity I had the words treated in the first three volumes counted. It is found that 62 thousand words find place in these volumes. It is expected that there will be 60 thousand words more in the subsequent volumes, thus bringing the number of Oria words to one hundred and twenty thousand, or at least one hundred thousand. The Hindi Śabdasāgara (Hindi dictionary, compiled by the Nāgarī Prachāriṇī Sabhā of Benares) appears to have 93 thousand words. Babu Jnyanendra Mohan Das's Bengalee dictionary contains 75 thousand words. Webster's English dictionary originally contained 80 thousand words in the 1847 edition.

Still, some thousands of provincial or dialectical, technical and classical words have not found place in this compilation, for want of assistants and resources required to compile them. Now that a tolerable ground-work has been laid, it is hoped that energetic young men and societies, commanding resources and workers, will supplement the number by collecting words from every conceivable creek and corner; and then Oria will be pronounced to be one of the richest and most phonetic languages on the face of the earth.

Books of reference.

I take this opportunity of repeating here, with gratitude, the valuable help I have received from the English, Hindi, Bengalee and Oriya books of reference, the names of which are mentioned in the list appended at the end of the introduction.

Incompleteness of the vocabulary of a living language.

It may be noted here that it is impossible to compile a complete vocabulary of a living language, as it is to compile a complete biography of a living person. A living vernacular is being every day enriched by dozens of new scientific, technical and professional terms which are coined from day to day to suit the exigencies and requirements of the times.

Preliminary stages of publication.

As has been stated in the introductions to the previous volumes, the alphabetical compilation of the Oria words has been completed and the manuscripts once revised by me. Fair copies of the manuscripts are made, which, after revision and necessary additions of Hindi and Bengalee equivalents, will be ready for press.

The prospect of the publication of the complete work.

As the printing of successive volumes advances, the prospect of the publication of the complete work becomes brighter and brighter, and I hope that God will not let this work of national importance, once begun, remain incomplete.

My valued colleagues and assistants in the compilation of this volume.

My valued colleagues and assistants in the course of the preparation of the third volume have been:—

(1) C. L., Philip Esq. M. A., I. C.. S, C.:I, E., Commissioner, Orissa Division, recently gone home on leave, has very carefully gone through the English portion of most of the proof-sheets of the third volume, as he did in the case of the second volume. Whenever he was at head-quarters he insisted on the proof-sheets being regularly submitted to him. Towards the close of the printing of the third volume he left for England, and from what I have seen of his successor Mr. E. S. Hoernle I. C. S, a man of high literary acquirements, I am justified in entertaining the hope that he will, to a great extent, fill up the gap made by Mr. Philip's absence.

(2) The continuous and lively co-operation and sympathy of Sreemati Pitambari Devi, my sister-in-law, have enabled me to sustain the fatigue and strain of incessant daily labour for 12 to 15 hours. She has helped me in exercising the manifold activities of lexicographer, reviser, fair-copyist, proof-reader, compiler of quotations and dialectical words and searcher in hundreds of books of reference in English, Hindi, Bengalee and Oria, off and on for the last 15 years. She has cheered me on whenever I have seemed despondent, she has braced me up whenever I have become tired and she has goaded me on whenever I have lagged behind. In a word, she has been my inspiration in this arduous task these 15 years.

(3) Srijukta Viswanath Kar, my preceptor in the field of literature, Editor of the Utkal Sāhitya magazine and proprietor of the Press in which the work is printed, has personally supervised the printing and proof-reading of the forms, even when he is too ill to attend to other duties.

(4) Pandit Kulamani Das, Head Pandit, Ravenshaw Collegiate School, Cuttack, who has been kindly permitted by the authorities to work with me for one hour daily, has not only critically examined and revised the fair copies, but has embodied many valuable notes and additions in the body of the book, after consulting many standard works of reference.

(5) Babu Krishna Chandra Misra M. A., B. L. of Cuttack, sometime my junior in the bar, has recently volunteered his help to go through the proof-sheets and press-copies, to lighten the strain put on me. Since I began word-collection 15 years ago he has now and then rendered me help in various ways, but towards the close of the printing of the third volume, when he found me despondent over the prospect of losing the valuable co-operation of Mr. Philip and anxious to find a helpmate in his place, he came forward with an offer of his daily service for 2 or 3 hours, which I gratefully accepted.

(6) Babu Satindra Narayan Ray Mahasaya, M. A., B. L., Advocate, Cuttack, has diligently gone on supplying me with the colloqual Bengalee equivalents for many Oria words whenever he gets a little leisure from his professional preoccupations. His labour has been a labour of love throughout.

(7) Pandit Ramlochan Saran, publisher and book-seller, Patna and Laheriaserai, has very gladly supplied me with colloqual Hindi equivalents of many Oria words whenever I have required his help. He has even, in this connection, undertaken journeys to Cuttack.

(8) Pandit Ramchandra Rath, the rear-guard of the once famous batch of Satyabadi educationists, has clung to my staff with a tenacity of purpose which has elicited nothing but praise from those who have seen him prepare the fair-copies from the manuscripts. He has worked for the last 3 years.

(9) The extraordinary sharpness of Babu Padma Charan Das, Assistant of the Utkal Sahitya Press, Cuttack, in detecting mistakes in the proof-sheets is unrivalled. He has, at a glance, detected scores of printing mistakes where 3 or 4 proof-readers preceeding him could find none. He has spared no pains in thoroughly going through the proof-sheets and watching the printing of the forms with, the eyes of a zealot, in the course of the publication of the three volumes.

(10) Pandit Narsing Mahapatra, Assistant teacher, P. M. Academy, Cuttack, insisted on working in the staff, when he found that I would not be able to pay him even the scanty allowance which I have been wont to pay to my assistants.

(11) Babu Bhubaneswar Misra has been in my staff for the last 2 years.

(12) Babu Golak Chandra Pradhan, an Oria classical scholar and a talented Oria poet, who has devoted his attention to the composition of Oria poems in the style of our classical poets but in simpler language, has been working in my staff, off and on, for the last 4 years.

My supporters and well-wishers.

Besides these gentlemen who have been regularly assisting me, I am indebted to the following gentlemen for their co-operation, support and patronage.

Babu Bamdeb Misra B. A, Dewan, Athmallik State, has supplied me with hundreds of words current in the Orissa States and in Jajpur.

Babu Batakrishna Mahanty B. A, Dewan, Boudh State, has also been profuse in his supply of words peculiar to Boudh and Dhenkanal States.

Rai Bahadur Jugal Kishore Tripathy, M. A, Dy. Magistrate and Dy. Collector, Bihar and Orissa, Dewan of Keonjhar State, has evinced a keen practical sympathy and solicitude for the publication of the remaining volumes, by bringing the work to the notice of several distinguished personages.

Srijut Harish Chandra Baral B.Sc., I. S. R. S, Assistant Traffic Superintendent, G. I. P. Ry. Jhansi, a rising Oria writer of versatile talents, has favoured me with many valuable and welcome suggestions and criticisms. He is one of the first batch of my advance-subscribers and has found time, in spite of his onerous duties, to go through a large portion of the published volumes, to find out how cost and space can be economised in the remaining volumes. Though I have not been able to follow his advice on every point, after having conducted the previous volumes on certain lines, I have tried to benefit by his suggestions, whenever possible.

The Raja Saheb and Ruling Chief of Athgarh State, whose deep sympathy with the labours of his late father's dear friend has been alluded to in the first volume, has now been installed as a Ruling Chief. I have sure indications that amidst his state duties he is keenly watching the progress of the work.

Rai Bahadur Lakshmidhar Mahanty B. L., M. L. C., Advocate, Cuttack, and Deputy President, Bihar and Orissa Legislative Council, has been as vigilant as ever in watching the progress and financial outlook of the publication.

Babu Chintamani Mahanty, the poet, mentioned my humble labours in his presidential speech at the last anniversary of the Utkal Sahitya Samaj, Cuttack, and after visiting the manuscripts published his high appreciation in some papers.

The editors of the Daily Asha, the Samaj and the Utkal Dipika, the Pallibasi, the Gurjat-basini and other papers have from time to time encouraged me by their appreciating editorials.

The Raja Sahebs of Boudh, Athmallik and Keonjhar have honoured me by publicly eulogising me and my humble labours.

The rising Oria poetess Aparna Debi has been a sincere admirer of the compilation and of the compiler. It is hoped that she will be one of my valued colleagues in near future.

My valued patrons

His Excellency Sir H. L. Stephenson, late Governor of Bihar and Orissa, and now Governor of Burma, who was the patron of the first volume, has continued to have an eye on the progress of the publication.

His Excellency Sir J. D. Sifton, the, Governor of Bihar and Orissa, who was the patron of the second volume, has been as sympathetic as ever, and has most readily granted me interviews and permitted me personally to lay my wants and requirements before His Excellency without reserve. His Excellency has condescended always to speak a word in my favour before prospective patrons and doners.

The Hon'ble Sir Courtney Terrell, Kt, Chief Justice of the Patna High Court, who is intimately connected with many a movement touching the welfare of this Province and had occasion to see the first and second volumes of the dictionary at the Patna University Senate meeting on 26-3-33, has been enthusiastic over it. During the Cuttack Circuit in April last he found time to pay a visit to the office of the dictionary. This visit has infused new vigour into me and my workers. This introduction has passed through His Lordship's hands. I am grateful to His Lordship for his keen interest.

The Hon'ble Raja Saheb of Kanika, to whom the compiler's labours have been known for the last 15 years, has always blessed the work with words of encouragement and appreciation.

G. E. Fawcus. Esq. M. A., I. E. S., C.I.E., V.D., Director of Public Instruction, Bihar and Orissa, has evinced a more than paternal solicitude. His initial promise to purchase 114 copies for his Department in 1929 made me dream of seeing the work published. His commendation of the undertaking strengthened the recommendations of the Hon'ble Mr. J. A. Hubback and of Mr. N. F. Peck to the Government of Bihar and Orissa for a liberal grant. Not content with what he had already done, he recommended to the Patna University Syndicate and Senate the proposal of a University grant of Rs.5000/- for the publication; and the smooth and unanimous passage of this proposal through the Syndicate and Senate was due to his initiative. The charm of the fact is that he did not, till the proposal was finally passed by the Senate on 26-3-33, let me know that he was at the root of this proposal, which was put up before the University without my having approached the body for the grant. This grant will enable me to start with the printing of the fourth volume just after this third volume is out. I owe to him my introduction to the centres of learning in England and on the Continent; for it was he who supplied me with the names and addresses of persons and centres of learning, to whom I sent my prospectus and specimen forms, and many of whom have subscribed for the work. I am grateful to all the members of the Patna University also and specially to Babu Ganjendra Prasad Das M.A., B.L., Advocate, Patna, who moved the recommendation of the Syndicate at the Senate meeting, for this windfall.

Mr. M. S. Das, M. A, B. L., C. I. E. "the Grand Old Man of Orissa," whose connection with the compiler has been gratefully referred to in the introduction to the first volume, has watched the work with the loving eye of a foster-father, though as yet we have not had the previlage and permission of publishing his photo.

In this edition 1250 copies have been struck off. The cost of bringing out each volume of about 1200 pages, including the cost of binding, amounts to

The Late Maharaja
Purnnachandra Bhanj Deo of Mayurbhanj.
ମୟୂରଭଞ୍ଜର ସ୍ୱର୍ଗୀୟ ମହାରାଜ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓ

Maharaja Pratapchandra Bhanj Deo
Ruler, Mayurbhanj State.
ମୟୂରଭଞ୍ଜାଧୀଶ୍ୱର ମହାରାଜ ଶ୍ରୀ ପ୍ରତାପଚନ୍ଦ୍ର ଭଞ୍ଜ ଦେଓ

U. S. Press, Cuttack.

rupees 12000/- (twelve thousand). Besides this, a monthly recurring expense of Rs. 200/- is incurred for the staff of assistants for making the fair copies ready for the press. Besides this monthly charge for 5 years (which works out at Rs. 12000/-), a sum of Rs. 60,000/- (sixty thousand) is required to bring out the complete set of 5 volumes by the end of the year 1934. On account of financial stringency, which has, for the last few years, affected the Government as well as private persons, donations and advance subscriptions came in so slowly and discouragingly that I had to borrow Rs. 7000/- (seven thousand) to bring out the second volume.

Financial outlook

The financial outlook has been so serious that the Government of Madras which had promised to purchase fifty copies, when published, and the Government of Bengal which had promised to purchase ten copies, in 1929, rescinded their promise when they were informed that the first volume was ready. I was in a fix how to start with the publication of the third volume, and I approached the Raja Saheb of Boudh State, Orissa, and laid my difficulties before him. He had already subscribed for 8 sets of the work. He was so pleased with the production that he made a grant of rupees five thousand for the nonce and promised to consider the question of further contribution for the publication of the third volume. The prompt payment of his donation enabled me to push on the printing of the third volme. This has been supplemented by the payment of the balance donation of Rs. 4000/- by the Maharaja of Mayurbhanj, Rs. 200/- towards his promised donation by the Raja Saheb of Chikati and fresh donations of Rs. 300/- by the Raja Saheb of Keonjhar State, and Rs. 300/- by the Raja Saheb of Athmallik State and an additional donation by the Raja Saheb of Boudh. In addition to the sums received from various patrons for the revision and publication of the work, which were acknowledged in the previous volumes, I gratefully acknowledge receipt of the above sums which have enabled me to bring out this volume without undue delay.

The Raja Saheb of Khallikota, Ganjam District, whose name will be ever connected with the Secretary of State's announcement of the creation of the new Orissa Province, has in the meantime promised a donation of Rupees one thousand.

As an humble return for the substantial encouragement given by him, this volume, is, with his kind permission, dedicated to the Raja Saheb of Boudh State, who is also constituted its patron.

The recent grant of the Patna University

While the printing of the third volume was nearing completion I was wondering what was in store for the publication of the fourth volume, when to my great surprise and relief, I learnt that the Patna University, had as stated above, made a grant of Rs. 5000/-. This grant will enable me to start with the printing of the fourth volume, and Providence will arrange for the receipt of the requisite balance of the cost of publication of that volume.

The expected help from the Raja Saheb of Jeypur, Vizagapatam.

The Dewan Saheb of Jeypur State, Vizagapatam District, has informed me that the Raja Saheb of Jeypur, Raja Bikram Deb Varma, Sāhitya Samrāṭa, whose intimate connection with this undertaking since its inception has been gratefully acknowledged in the first and second volumes, will favourably consider the question of making a substantial contribution towards the cost of publication of the fifth volume.

Thus, it will be seen that the prospect of starting the publication of the succeeding two volumes is becoming brighter and brighter, forcibly reminding me of the truth of the prophecy of the Raja Saheb of Athmallik that this work of national importance having once started, God will not let it remain unfinished.

Receipts and requirements

Up to date a sum of rupees forty six thousand has been raised or promised, as donations and advance-subscriptions, towards the publication-charges of the five volumes, besides the amounts raised for and spent in revision and faircopying of the manuscripts. Still, provision has to be made for a further sum of Rupees fifteen to twenty thousand before the fifth volume is placed in the hands of the public.

Reiteration of the already expressed hope of completion of this national monument

I take this opportunity of reiterating the hope expressed in the introduction to the 2nd volume that the construction and completion of this national monument of the Oria language and literature, of which the foundation-stone has been laid by the Government of Bihar and Orissa with such august Heads as Sir H. L. Stephenson and Sir J. D. Sifton, and which has been associated with the hallowed name of the late Maharaja Purnna Chandra of Mayurbhanj, and the progress of which is guarded and fondly watched by the following distinguished array of stalwarts and patriots, will not be long delayed or deferred :—

The Maharaja of Mayurbhanj, the Maharaja of Kalahandi, the Maharaja of Sonepur, the Maharaja of Seraikela, Raja Saheb of Boudh, Raja Saheb of Athmallik, Raja Saheb of Dhenkanal, Raja Saheb of Jeypur, Raja Saheb of Parlakhemidi, Raja Saheb of Khallikota, the Mohanta Maharaj of Emar Math, the Hon'ble Raja Saheb of Kanika, Bhuyan Bhaskar Chandra Mahapatra, the father of the 'Prachi' movement. Each one of these worthies is reputed throughout the land as being an illustrious patron of literature and learning, and any one of them can contribute singly the necessary amount, if he only takes up the matter in right earnest. The compiler feels confident that the undertaking which has progressed so far will advance to its completion with the help of some at least of the above patriots.

Publication of a Supplementary Volume if necessary.

After the fifth volume is out it will have to be considered if the publication of an additional volume as Supplement, will be necessary to embody the words which have come to our notice in the meantime and words of the last letters of the alphabet which will be left over in the 5th volume.

Number of Copies sold and presented to subscribers and patrons in and outside Orissa and in Europe.

Up to the time of the publication of the second volume (August 1932) I had 266 copies of the work sold. Since then 50 more copies have been sold, thus bringing the number sold to 316. Up to date 30 copies have been presented to distinguished patrons, well-wishers, assistants and prospective supporters. This book counts as its subscribers learned personages and bodies in Norway, France, England and Germany; and booksellers in London, Germany, Prussia and France have been securing orders for it from abroad.

Appreciation of the work in Europe

Mr. Otto Harrassowitz of Leipzig has advertised the publication in his catalogue of oriental publications which is distributed amongst 3000 clients all over the civilised world. Messrs Luzac & Co. booksellers of London have already secured 5 subscribers and expect to secure more. Mr. T. Clinck-sieck of Paris has also acted as my agent. Mr. Guiseppe Tucci, member of the Royal Academy and professor of religions and philosophy of India in the University of Rome, intends publishing his appreciation and review of the work in the official organ of the Oriental School of the University of Rome. Thus, it will be seen that the Oria language, which was, until lately, not known outside Orissa, has been gaining publicity and appreciation in centres of international culture. For this service I am grateful to the above agencies.

Award of the Kaiser-I-Hind medal to the Compiler

To the recommendation of His Excellency Sir J. D. Sifton, the Governor of Bihar and Orissa, who is my Patron, and of Mr. C. L. Philip C. I. E. Commissioner of the Orissa Division, who is a valuable colleagues of mine, I owe the graceful recognition of my humble service to the cause of Oria literature by the bestowal of the Kaiser-I-Hind, silver medal, on the last New Year's day, which, to a humble worker like me, means a passport to the patrons of literature and learning whom I may have to approach for help in furtherance of this national undertaking.

The present price and the price to be fixed after completion of the whole work

In the prospectus issued in 1929 advance-price was advertised to be Rs. 30/- per set of 2 volumes; but after publication of the first and second volumes

the advance-price was enhanced to Rs.50/-when it was found that the work would occupy 5 volumes; and the cash price of every volume was fixed at Rs. 15/-

Now in consideration of the increase of size and cost, the advance-price of a whole set of 5 volumes, payable in cash, is fixed at Rs. 60/-, and the cash price for each volume is fixed at Rs. 16/-. The price may have to be further increased as the publication of the succeeding volumes advances. Those, however, who have already paid the full advance-price according to the then advertised rates will get the whole set without any extra demand. The increase of price has been necessitated by the unforeseen increase in the size, and consequently of the cost, of the publication.

The expected time-limits for the publication of the succeeding volumes

The fourth volume is expected to be out by March 1934 and the 5th volume by December 1934, or by the beginning of the year 1935.

The connection between the formation of the Orissa Province and the compilation of this national monument

Since the publication of the first volume the picture of a glorious future for the Oria nation, which I had formed in my mind, still inspires me; and the idea that the humble compiler has contributed his quota to the dawning of this glorious day makes me satisfied that I have not lived my life in vain.

It is but meet to mention here that in the introduction to the first volume (September 1931) I had referred to the fact that the Oria-speaking tracts lie scattered in the borders of four provinces. By the time the second volume was out (August 1932), the question of amalgamation of the said tracts was on the anvil at the Round Table Conference. Now, by the time the third volume is out (May 1933), the declaration of a separate Orissa Province has been made by the Secretary of State for India in Council at the conclusion of the third Round Table Conference. It is hoped that by the time the two subsequent volumes are out, at intervals of 9 to 10 months each, i.e. by the end of 1934, the creation of the Orissa Province will be a settled fact, after the satisfactory solution of the vexed question of boundaries of the new Province, which has been sorely agitating the minds of 12 millions sons and daughters of Mother Utkal, since the memorable declaration made in the White Paper. From this it will be seen that the fruition of my individual aspiration is contemporaneous with that of the national aspiration of the Orias for administrative union.

The fond hope of connecting the final volume with the sacred name of His Majesty the King Emperor

In commemoration of the creation of the separate Orissa Province the compiler, on his humble part, aspires to dedicate to His Most Gracious Majesty, the King Emperor of India, the last volume of this work, the result of a lifetime of labour and application, as a symbol of sturdy and unflinching loyalty of 12 millions of His Majesty's Oria subjects, who had been, for the last half a century, cherishing a dream and praying to be brought under one administration.

Thanks to my past, present and prospective colleagues, supporters, sympathisers and patrons

To all my colleagues, supporters, sympathisers, critics and patrons, actual and prospective, I again tender my heartfelt thanks for all they have done and will do; and I invoke their support, patronage and blessings for the completion of the work.

Tribute to the Almighty and Benevolent Father and prayer for His Grace

Lastly I tender my gratitude to the Great and Benevolent Being who has brought me and my Dictionary safely up to this stage, and pray that He may give me strength and support to finish it.

His will be done. Amen.

Bhāshākosha Āsrama,
CUTTACK,
May 1933.

Gopal Chandra Praharaj,
Compiler.

Raja Sree Kishore Chandra Deb

Raja Saheb and Ruling Chief of Athmallik State (Orissa)

ଅଷ୍ଟମଲ୍ଲିକାଧୀଶ୍ୱର ରାଜା ଶ୍ରୀ ଶ୍ରୀ ଶ୍ରୀ କିଶୋରଚନ୍ଦ୍ର ଦେବ ।

Babu Bamadeb Misra B. A.

ଶ୍ରୀ ବାମଦେବ ମିଶ୍ର ବି.ଏ. —ଦେୱାନ, ଆଠମଲ୍ଲିକ ଷ୍ଟେଟ

ଅବତରଣିକା ।

ତୃତୀୟ ଖଣ୍ଡରେ ସନ୍ନିବେଶିତ ବିଷୟ—ପରମପିତା ପରମେଶ୍ୱରଙ୍କ ଅପାର କରୁଣାରୁ ଭାଷାକୋଷର ତୃତୀୟ ଖଣ୍ଡ ଆଜ ସାଧାରଣଙ୍କ ହସ୍ତରେ ଅର୍ପଣ କରିବାକୁ ମୁଁ ସମର୍ଥ ହେଲି । ଓଡ଼ିଆଭାଷାରେ ୧୩ଟି ସ୍ୱରବର୍ଣ୍ଣ ଓ କ୍ଷ ଅକ୍ଷରକୁ ମିଶାଇ ୩୪ଟି ବ୍ୟଞ୍ଜନବର୍ଣ୍ଣ ଅଛି । ପ୍ରଥମ ଭାଗରେ ୧୩ଟି ଯାକ ସ୍ୱରବର୍ଣ୍ଣ, ଦ୍ୱିତୀୟ ଭାଗରେ କ୍ଷ ଅକ୍ଷରକୁ ମିଶାଇ କ ଠାରୁ ଙ ପର୍ଯ୍ୟନ୍ତ ୬ଟି ବ୍ୟଞ୍ଜନବର୍ଣ୍ଣ ଓ ତୃତୀୟ ଭାଗରେ ଚ ଅକ୍ଷରଠାରୁ ଥ ଅକ୍ଷର ପର୍ଯ୍ୟନ୍ତ ୧୨ଟି ବ୍ୟଞ୍ଜନବର୍ଣ୍ଣ, ଏପରି ପ୍ରଥମ ତିନି ଖଣ୍ଡରେ ମୋଟରେ ୩୧ଟି ଅକ୍ଷର ସନ୍ନିବେଶିତ ହେଲା । ଆଶା କରାଯାଏ ଯେ ବର୍ଣ୍ଣମାଳାର ଅବଶିଷ୍ଟ ୧୬ଟି ଅକ୍ଷର ଆଗାମୀ ଚତୁର୍ଥ ଓ ପଞ୍ଚମ ଖଣ୍ଡରେ ପରିସମାପ୍ତ ହେବ ।

ଗ୍ରନ୍ଥର କଳେବର କମାଇବା ପାଇଁ ଚେଷ୍ଟା ଓ କଳ୍ପନା—ଗ୍ରନ୍ଥର କଳେବର କମାଇବା ପାଇଁ ତୃତୀୟ ଖଣ୍ଡରେ କତିପୟ ଉପାୟ ଅବଲମ୍ବିତ ହୋଇଅଛି । ଧ୍ୱନିରେ ସାମଞ୍ଜସ୍ୟ ଥିବା ଦୁଇଟି ଏକାର୍ଥବାଚକ ଶବ୍ଦକୁ ଦୁଇଟି ସ୍ୱତନ୍ତ୍ର ମୂଳଶବ୍ଦରୂପେ ନ ଲେଖି ବନ୍ଧନୀ ସାହାଯ୍ୟରେ ସେମାନଙ୍କୁ ଗୋଟିଏ ଶବ୍ଦ ପରି ଲେଖା ଯାଇଅଛି, ଯଥା— ଜୋଖାଇବା ଓ ଜୋଖେଇବା, ଏ ଦୁଇ ଶବ୍ଦକୁ ଜୋଖା(ଖେ)ଇବା ରୂପେ ରଖାଯାଇଅଛି (୩୦୪୦ ପୃଷ୍ଠା ପ୍ରଥମ ସ୍ତମ୍ଭ ଦେଖନ୍ତୁ) ।

ଅନେକ ସ୍ଥଳରେ ଏକ ପ୍ରକୃତିରୁ ନିଷ୍ପନ୍ନ ଏକାଧିକ ଶବ୍ଦକୁ ସ୍ୱତନ୍ତ୍ର ରୂପେ ନ ରଖି ସେଥିରୁ ଗୋଟିକୁ ମୂଳଶବ୍ଦରୂପେ ଓ ଅନ୍ୟମାନଙ୍କୁ ସେହି ଶବ୍ଦର ତଳେ ନୋଟ୍ କରାଯାଇଅଛି; ଯଥା—ତଦେକାତ୍ମା ବିଶେଷଣ ଶବ୍ଦ ତଳେ ଉକ୍ତ ପ୍ରକୃତିନିଷ୍ପନ୍ନ ତଦେକାତ୍ମତ୍ୱ ବିଶେଷ୍ୟ ଶବ୍ଦ ନୋଟ୍ କରାଯାଇଅଛି (୩୩୩୮ ପୃଷ୍ଠା ପ୍ରଥମ ସ୍ତମ୍ଭ ଦେଖନ୍ତୁ) । ଯେଉଁ ଶବ୍ଦମାନ ଭାଷାରେ ଏକାଧିକ ଆକାରରେ ବ୍ୟବହୃତ ହୁଏ, ତହିଁରୁ ଗୋଟିଏ ଶବ୍ଦକୁ ମୂଳଶବ୍ଦ ରଖାଯାଇ ଅନ୍ୟ ଆକାରମାନଙ୍କୁ ତହିଁ ତଳେ 'ଅନ୍ୟରୂପ' ଭାବରେ ନୋଟ୍ କରାଯାଇଅଛି; ଯଥା—ଡମାଡୋଲକୁ ମୂଳଶବ୍ଦ ରୂପେ ରଖାଯାଇ ତହିଁ ତଳେ ଡମାଡୌଲ ଓ ଡମାଡୋଲ ଶବ୍ଦଦ୍ୱୟକୁ 'ଅନ୍ୟରୂପ' ବୋଲି ନୋଟ୍ କରାଯାଇଅଛି (୩୨୨୨ ପୃଷ୍ଠା ପ୍ରଥମ ସ୍ତମ୍ଭ ଦେଖନ୍ତୁ) । ଏହି ଉପାୟମାନ ଅବଲମ୍ବିତ ହେବାରୁ ଏହି ତୃତୀୟ ଖଣ୍ଡରେ ଥିବା ବିଷୟମାନଙ୍କର କଳେବର କଟିଯାଇ ପ୍ରାୟ ଦୁଇ ଶହ ପୃଷ୍ଠା ସଂକ୍ଷିପ୍ତ ହୋଇଅଛି ବୋଲି ଅନୁମାନ କରାଯାଏ ।

ମୂଳଶବ୍ଦମାନଙ୍କର ଦିଆଯାଇଥିବା ଓଡ଼ିଆ ଓ ଇଂରାଜୀ ଅର୍ଥମାନଙ୍କ ଡାହାଣରେ ଯେଉଁ ସ୍ଥାନମାନ ଖାଲି ରହି ଯାଇଅଛି, ସେ ସ୍ଥାନମାନ ଖାଲି ନ ରଖି ତତ୍‌ପରବର୍ତ୍ତୀ ଓଡ଼ିଆ ଓ ଇଂରାଜୀ ଅର୍ଥମାନ ଧାଡ଼ିମୂଳିଆ ଲଗାଲଗି କରି ଛପିଲେ ଖାଲି ଜାଗାମାନ ପୂରି ଯାଆନ୍ତା ଓ ଏ ଗ୍ରନ୍ଥର କଳେବର କମି ଯାଆନ୍ତା ବୋଲି କେତେକ ବିଶିଷ୍ଟ ବନ୍ଧୁ ସୂଚନା କରିଅଛନ୍ତି । ଏପରି ବ୍ୟବସ୍ଥା କରିବା ଦ୍ୱାରା ଅବଶ୍ୟ ଖାଲି ଜାଗାମାନ ଭରଣା ହୁଅନ୍ତା ଏବଂ ଗ୍ରନ୍ଥର କଳେବର କମନ୍ତା; କିନ୍ତୁ ଭାଷାକୋଷର ପୂର୍ବବର୍ତ୍ତୀ ଭାଗମାନଙ୍କରେ ଏ ପ୍ରଣାଳୀ ଅନୁସୃତ ହୋଇ ନ ଥିବାରୁ ପାଠକମାନଙ୍କୁ ଏ ନୂଆ ପଦ୍ଧତି ଅଡ଼ୁଆ ଓ ବିରକ୍ତିକର ଲାଗିବ ବୋଲି ଆଶଙ୍କା ହେବାରୁ ଅଗତ୍ୟା ଉକ୍ତ ପଦ୍ଧତି ଅବଲମ୍ବିତ ହେଲା ନାହିଁ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଖଣ୍ଡର ପ୍ରତ୍ୟେକ ପୃଷ୍ଠାର ଶିରୋଦେଶରେ ଯେଉଁ ସାଧାରଣ ସଙ୍କେତମାନ ମୁଦ୍ରିତ ହୋଇଅଛି, ପରବର୍ତ୍ତୀ ଖଣ୍ଡମାନଙ୍କର ପ୍ରତି ପୃଷ୍ଠାରେ ତାହା ନ ରଖି ୫୦ ବା ୧୦୦ ପୃଷ୍ଠା ଅନ୍ତରରେ ପୃଷ୍ଠାର ଶିରୋଦେଶରେ ଏହା ଛପା କରାଯିବ ଓ ପ୍ରତ୍ୟେକ ଅକ୍ଷର ଆରମ୍ଭ ହେବା ପୃଷ୍ଠାର ଶିରୋଭାଗରେ ଏହା ଦିଆଯିବ ବୋଲି ବର୍ତ୍ତମାନ କଳ୍ପନା କରାଯାଉଅଛି । ଏତଦ୍ଦ୍ୱାରା ଅବଶ୍ୟ ଗ୍ରନ୍ଥର କଳେବର କେତେକ ପରିମାଣରେ କମିଯିବ ।

ଭାଷାକୋଷର ଶବ୍ଦସଂଖ୍ୟା—ମୋର କୌତୂହଳ ଚରିତାର୍ଥ କରିବା ପାଇଁ ଏ ଗ୍ରନ୍ଥର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଖଣ୍ଡରେ ସନ୍ନିବେଶିତ ଶବ୍ଦମାନ ଗଣତି କରାଇବାରେ ଦେଖାଗଲା ଯେ, ଥ ଅକ୍ଷର ଶେଷ ପର୍ଯ୍ୟନ୍ତ ଶବ୍ଦ ସଂଖ୍ୟା ୬୨ ହଜାର ହୋଇଅଛି । ପରବର୍ତ୍ତୀ ଖଣ୍ଡମାନଙ୍କରେ ଆଉ ୪୦ ହଜାର ଶବ୍ଦ ରହିବ ବୋଲି ଅନୁମାନ କରାଯାଉଅଛି । ଅତଏବ ମୋଟରେ ଓଡ଼ିଆ ଶବ୍ଦସଂଖ୍ୟା ଲକ୍ଷେ ବା ଲକ୍ଷେ କୋଡ଼ିଏ ହଜାର ହେବ ବୋଲି ଜଣା ପଡ଼ୁଛି । କାଶୀ ନାଗରୀପ୍ରଚାରିଣୀ ସଭାଙ୍କ ସଂଘବଦ୍ଧ ଉଦ୍ୟମରେ ୨୦ ବର୍ଷ ପରିଶ୍ରମ ଓ ଲକ୍ଷେ ଟଙ୍କା ଅର୍ଥବ୍ୟୟର ଫଳରେ ୮ ଖଣ୍ଡରେ ପ୍ରକାଶିତ ୩୬୦୦, ପୃଷ୍ଠାବ୍ୟାପୀ ହିନ୍ଦି ଭାଷାର ପ୍ରକାଣ୍ଡ 'ହିନ୍ଦି ଶବ୍ଦସାଗର' ନାମକ ଅଭିଧାନରେ ୯୩ ହଜାର ଶବ୍ଦ ଓ ଶ୍ରୀଯୁକ୍ତ ଜ୍ଞାନେନ୍ଦ୍ରମୋହନ ଦାସଙ୍କ ସଙ୍କଳିତ ୧୬୦୦ ପୃଷ୍ଠାବ୍ୟାପୀ 'ବାଙ୍ଗାଲା ଭାଷାର ଅଭିଧାନ'ରେ ୭୫ ହଜାର ଶବ୍ଦ ଥିବାର ସମ୍ପାଦକମାନେ ପ୍ରକାଶ କରିଅଛନ୍ତି । ପୃଥିବୀପ୍ରସିଦ୍ଧ ନୋହା ୱେବ୍‌ଷ୍ଟରଙ୍କ ସଙ୍କଳିତ ପ୍ରାମାଣିକ ଇଂରାଜୀ ଅଭିଧାନର, ୧୮୪୭ ସାଲର ଦ୍ୱିସହସ୍ର ପୃଷ୍ଠାବ୍ୟାପୀ ସଂସ୍କରଣରେ ୮୦ ହଜାର ଇଂରାଜୀ ଶବ୍ଦ ସ୍ଥାନ ପାଇଥିବାର ଗ୍ରନ୍ଥପ୍ରକାଶକ କହିଅଛନ୍ତି । ଉପଯୁକ୍ତ ସମ୍ପାଦକ, ଅର୍ଥ, ଉତ୍ସାହ ଓ ପର୍ଯ୍ୟଟନ ଅଭାବରୁ ଏହି ଓଡ଼ିଆ ଭାଷାକୋଷରେ ବହୁସହସ୍ର ପ୍ରାଦେଶିକ ଓ ପାରିଭାଷିକ ଶବ୍ଦ ସଂଗୃହୀତ ହୋଇ ପାରି ନାହିଁ । ଆଶା କରାଯାଏ, ଏଥି ପରେ ଉତ୍କଳର ଆଶା ଓ ଭରସାର ସ୍ଥଳ ଉତ୍ସାହୀ କୃତବିଦ୍ୟ ଯୁବକବୃନ୍ଦ ଓ ସାହିତ୍ୟସଂଘମାନ ଉତ୍କଳର ବିଭିନ୍ନ ଅଞ୍ଚଳରେ, ବିଭିନ୍ନ ବିଭାଗରେ ଓ ବିଭିନ୍ନ ବ୍ୟବସାୟରେ ବ୍ୟବହୃତ ସହସ୍ର ସହସ୍ର ଓଡ଼ିଆ ଶବ୍ଦ ସଂଗ୍ରହ କରି ବର୍ତ୍ତମାନ ମୋ କ୍ଷୁଦ୍ର ଚେଷ୍ଟାରେ ବନିଯିବା ଏହି ଭାଷାସୌଧର ମୂଳଦୁଆର ପୁଷ୍ଟି ସାଧନ କରିବେ ଓ ଓଡ଼ିଆଭାଷାର ଶବ୍ଦଗ୍ରାହିତା, ଧ୍ୱନିସମ୍ପଦ ଓ ଶବ୍ଦବିଭବ ଦେଖି ଦିନେ ସଭ୍ୟଜଗତ ଚମତ୍କୃତ ହେବ ।

ଅଭିଧାନ ଗ୍ରନ୍ଥମାନ—ଯେଉଁ ଇଂରାଜୀ, ହିନ୍ଦି, ବଙ୍ଗଳା ଓ ଓଡ଼ିଆ ପ୍ରାମାଣିକ ଗ୍ରନ୍ଥମାନଙ୍କରୁ ମୁଁ ଏ ଗ୍ରନ୍ଥର ସଂକଳନରେ ସାହାଯ୍ୟ ପାଇଅଛି, ସେମାନଙ୍କ ନାମ ଅବତରଣିକାର ପରିଶିଷ୍ଟ ରୂପେ ଲିପିବଦ୍ଧ କରିଅଛି । ଏହି ସାହାଯ୍ୟ ପାଇଁ ମୁଁ ତତ୍ତତ୍ ଗ୍ରନ୍ଥକାରମାନଙ୍କ ନିକଟରେ ଋଣୀ ।

ଏ ଗ୍ରନ୍ଥର ଅବଶ୍ୟମ୍ଭାବୀ ଅପୂର୍ଣ୍ଣତା—ଜଣେ ଜୀବିତ ବ୍ୟକ୍ତିଙ୍କର ସମ୍ପୂର୍ଣ୍ଣ ଜୀବନବୃତ୍ତାନ୍ତ ତାଙ୍କ ଜୀବିତକାଳ ମଧ୍ୟରେ ଲିପିବଦ୍ଧ କରିବା ଯେଉଁପରି ଅସମ୍ଭବ, କୌଣସି ଜୀବନ୍ତ କଥ୍ୟଭାଷାର ସମସ୍ତ ଶବ୍ଦ ସଂଗ୍ରହ କରିବା ସେହିପରି ଅସମ୍ଭବ ନ ହେଲେହେଁ ଅନ୍ତତଃ ଦୁଃସାଧ୍ୟ । ଶିକ୍ଷା, ସଭ୍ୟତା, ଜ୍ଞାନବିଜ୍ଞାନଚର୍ଚ୍ଚା ଓ ଅନ୍ୟ ଜାତିମାନଙ୍କ ସଙ୍ଗେ ସଂଶ୍ରବ ଓ ଭାବର ଆଦାନ ପ୍ରଦାନର ପ୍ରସର ବୃଦ୍ଧି ହେବା ସଙ୍ଗେ ସଙ୍ଗେ କଥ୍ୟଭାଷାରେ ପ୍ରତିଦିନ ଶତଶତ ନୂଆ ଶବ୍ଦ ସୃଷ୍ଟି ହେଉଅଛି ଓ ପ୍ରବେଶ ଲାଭ କରୁଅଛି ଓ କରୁଥିବ । ସେଗୁଡ଼ିକ ଏକାଦିନେ ବା ଏକାଦିଗ୍ରେ ସଂଗ୍ରହ କରିବା ମୋ ଭଳି କ୍ଷୀଣଶକ୍ତି ଲୋକ ପକ୍ଷରେ ଅସମ୍ଭବ ।

ଗ୍ରନ୍ଥପ୍ରକାଶର ଆନୁପୂର୍ବିକ କର୍ମମାନ—ପୂର୍ବବର୍ତ୍ତୀ ଖଣ୍ଡମାନଙ୍କ ଅବତରଣିକାରେ କୁହାଯାଇଅଛି ଯେ, ଏ ଗ୍ରନ୍ଥପାଇଁ ଶବ୍ଦସଂକଳନ କର୍ମ ସରିଅଛି ଓ ପାଣ୍ଡୁଲିପିମାନଙ୍କରେ ମୁଁ ପୁଣି ଥରେ ଆମୂଳ ଆଖି ପକାଇଅଛି । ବର୍ତ୍ତମାନ ଉକ୍ତ ପାଣ୍ଡୁଲିପିମାନ ମୋ ସହକର୍ମୀ ୫ ଜଣ ସାଫି କରିବାରେ ଲାଗିଅଛନ୍ତି; ସାଫି ହେବା ପରେ ସେମାନ ପଣ୍ଡିତ ଶ୍ରୀ କୁଳମଣି ଦାଶଙ୍କ ଦ୍ୱାରା ଆଲୋଚିତ ଓ ସଂଶୋଧିତ ହେଉଅଛି; ତତ୍‌ପରେ ତାହା ମୋ ଦ୍ୱାରା ମାର୍ଜିତ ହେଉଅଛି ଓ ସ୍ଥାନେ ସ୍ଥାନେ ଓଡ଼ିଆ ଶବ୍ଦମାନଙ୍କର ହିନ୍ଦି ଓ ବଙ୍ଗଳା ପ୍ରତିଶବ୍ଦମାନ ସଂଯୋଜିତ ହେଉଅଛି; ଏଥିପରେ ଏମାନ ଛପା ହେବାପାଇଁ ପ୍ରେସ୍‌କୁ ଅର୍ପିତ ହେଉଅଛି । ଏ ଗ୍ରନ୍ଥରେ ବହୁ ଦୋଷ, ବହୁ ଅଭାବ, ବହୁ ଅସଙ୍ଗତି ଓ ବହୁ ପ୍ରମାଦ ରହିଗଲା; ବୋଧହୁଏ ଏ ଗୁଡ଼ିକ ମୁଁ ଯାହା ଉପଲବ୍ଧି କରୁଅଛି, ଅନ୍ୟମାନେ ତାହା କରି ପାରିବେ ନାହିଁ; କିନ୍ତୁ ଏ ଅଭିଯୋଗର କ୍ଷାଳନ ପାଇଁ ମୁଁ ଏତିକିମାତ୍ର ନିବେଦନ କରୁଅଛି ଯେ, ମୁଁ ଜାଣିଶୁଣି ମୋ କର୍ତ୍ତବ୍ୟରେ ତ୍ରୁଟି କରି ନାହିଁ, କିମ୍ବା ପରିଶ୍ରମ କରିବାକୁ କସ୍ମିନ୍‌କାଳେ ପରାଙ୍‌ମୁଖ ହୋଇ ନାହିଁ । ଏମନ୍ତ କି, ଛପାଖାନାରେ ଗାଲିପ୍ରୁଫ୍ ଓ ପେଜ୍‌ପ୍ରୁଫ୍ ସଂଶୋଧିତ ହୋଇ ସାରିବା ପରେ ମଧ୍ୟ ଯେବେ କୌଣସି ନୂତନ ଶବ୍ଦ ବା ବିଷୟ ବା ଟୀକା ବା ଭ୍ରମ ମୋର ଦୃଷ୍ଟିଗୋଚର ହୋଇଅଛି, ତେବେ କମ୍ପୋଜ୍ ହୋଇଥିବା ଫର୍ମାମାନ ଭଙ୍ଗାହୋଇ ନୂଆ ଫର୍ମା ମଧ୍ୟ କମ୍ପୋଜ୍ ହୋଇଅଛି ।

ସମଗ୍ର ଗ୍ରନ୍ଥ ପ୍ରକାଶିତ ହେବାର ଆଶା—କ୍ରମଶଃ ଯେଉଁପରି ଏ ଗ୍ରନ୍ଥର ବିଭିନ୍ନ ଭାଗମାନ ପ୍ରକାଶିତ ହେଉଅଛି, ସମଗ୍ର ଗ୍ରନ୍ଥ ପ୍ରକାଶିତ ହେବାର ଆଶା ଏଥି ସଙ୍ଗେ ସଙ୍ଗେ ଉଜ୍ଜ୍ୱଳତର ହେଉଅଛି । ଏପରି ଗୋଟିଏ ବିରାଟ ଜାତୀୟ କର୍ମ ଯେତେବେଳେ ଆରବ୍ଧ ହୋଇ ଏତେଦୂର ଅଗ୍ରସର ହେଲାଣି, ପ୍ରଭୁ ଏହାକୁ ଅପୂର୍ଣ୍ଣ ରଖିବେ ନାହିଁ ବୋଲି ଯେଉଁ ଆଶା ଓ ଆଶ୍ୱାସନାପୂର୍ଣ୍ଣ ବଚନ ଆଠମଲିକର ରାଜାସାହେବ ଗତ ବର୍ଷ ମୋତେ ଶୁଣାଇଥିଲେ, ତହିଁର ସାର୍ଥକତା ମୁଁ ଫଳତଃ ଅନୁଭବ କରି ସୁଖୀ ହେଉଅଛି । ବରିଲା ବର ଆଉ ଓଲାରିଲା ଘର ରହେ ନାହିଁ ବୋଲି ଓଡ଼ିଆରେ ଗୋଟିଏ ଅନୁଭବସିଦ୍ଧ ପ୍ରବଚନ ଅଛି ।

ଏହି ଭାଗର କର୍ମରେ ମୋର ସହକର୍ମୀ ଓ ସହାୟକଗଣ—ଏହି ତୃତୀୟ ଭାଗର କର୍ମରେ ମୁଁ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ସହାୟକ ଓ ସହକର୍ମୀରୂପେ ପାଇ ଧନ୍ୟ ହୋଇଅଛି :—

(୧) ଏବେ କେତେକ ମାସପାଇଁ ଅବସର ଗ୍ରହଣ କରି ବିଲାତକୁ ପ୍ରୟାଣ କରିଥିବା ଓଡ଼ିଶାବିଭାଗର କମିସନର୍ ଓ ଗଡ଼ଜାତର ଭୂତପୂର୍ବ ପୋଲିଟିକାଲ୍ ଏଜେଣ୍ଟ୍ ଏବଂ ଫିଲିପ୍-ଡଫ୍ କମିସନର ସଦସ୍ୟ, ଉତ୍କଳପ୍ରେମିକ ମହାମତି ସି. ଏଲ୍. ଫିଲିପ୍ ଭାଷାକୋଷର ୨ୟ ଖଣ୍ଡର ଅଧିକାଂଶ ପ୍ରୁଫ୍‌ସିଟର ଇଂରାଜି ଅଂଶ ସଂଶୋଧନ କରିଥିଲେ । ଏହି ତୃତୀୟ ଖଣ୍ଡର ଅଧିକାଂଶ ପ୍ରୁଫ୍‌ସିଟ୍ ମଧ୍ୟ ତାଙ୍କ ଆଖିରେ ପଡ଼ିଅଛି । କଠୋର ଦାୟିତ୍ୱପୂର୍ଣ୍ଣ ରାଜ୍ୟଶାସନସଂପୃକ୍ତ ସରକାରୀ କର୍ମରେ ବ୍ୟସ୍ତ ଥାଇ ସୁଦ୍ଧା ସେ ଯେତେ ଦିନ କଟକରେ ରହୁଥିଲେ ପ୍ରତିଦିନ ତାଙ୍କ ନିକଟକୁ ପ୍ରୁଫ୍‌ସିଟ୍‌ମାନ ପଠା ନ ଗଲେ ସେ ଦୁଃଖ ପ୍ରକାଶ କରୁଥିଲେ । ସେ ଛୁଟିରେ ଯିବାରୁ ତାଙ୍କ ସ୍ଥଳାଭିଷିକ୍ତ ଇ. ଏସ. ହର୍ଣ୍ଣିଲେ ସାହେବଙ୍କ ସଂସ୍ରବରେ ଆସି, ତାଙ୍କ ମଧୁର ବ୍ୟବହାର ଓ ପାଣ୍ଡିତ୍ୟ ଦେଖି ମୁଁ ଆଶା କରୁଅଛି ଯେ, ଫିଲିପ୍ ସାହେବଙ୍କ ଅନୁପସ୍ଥିତିଜନିତ ଅଭାବ ଭାଷାକୋଷର ପରବର୍ତ୍ତୀ ଖଣ୍ଡକୁ ବାଧିବ ନାହିଁ ।

(୨) ମୋର ସହକର୍ମିଣୀ ଭଗିନୀପ୍ରତିମା ଶ୍ରୀମତୀ ପୀତାମ୍ବରୀ ଦେବୀ ଭାଷାକୋଷ ପାଇଁ ଶବ୍ଦସଂଗ୍ରହ, ପାଣ୍ଡୁଲିପି ଓ ପ୍ରୁଫ୍‌ସିଟ୍‌ମାନଙ୍କ ସମ୍ମାର୍ଜ୍ଜନ ଓ ସଂଶୋଧନ, ପାଣ୍ଡୁଲିପିମାନଙ୍କର ପୁନରୁଦ୍ଧାର (ସାଫି କରିବା), ପ୍ରାଦେଶିକ, ପାରିଭାଷିକ ଓ ଇତର ବ୍ୟବହୃତ ଶବ୍ଦମାନଙ୍କ ସଂଗ୍ରହ, ପ୍ରତିଶବ୍ଦ ଓ ଟୀକା ସଂଗ୍ରହାର୍ଥ ବହୁ ଓଡ଼ିଆ, ଇଂରାଜି, ବଙ୍ଗଳା ଓ ହିନ୍ଦି ଗ୍ରନ୍ଥମାନଙ୍କର ପାଠ ଓ ଆଲୋଚନା ଆଦି ଦୁରୂହ କର୍ମରେ ପ୍ରତିଦିନ ୧୨ ଘଣ୍ଟାଠାରୁ ୧୫ ଘଣ୍ଟା ପର୍ଯ୍ୟନ୍ତ ମୁଁ ଯେଉଁ ପରିଶ୍ରମ କରୁଅଛି ତଜ୍ଜନିତ କ୍ଳାନ୍ତିର ଅପନୋଦନ ଓ ଲାଘବ କରିବାପାଇଁ ପୀତାମ୍ବରୀ ମୋତେ ବଳ, ଉତ୍ସାହ, ଆଶ୍ୱାସନା ଓ ସାହାଯ୍ୟ ଦେଇ ମୋର କର୍ମଜଞ୍ଜାଳମୟ ନୀରସ ଜୀବନକୁ ଆହ୍ଲାଦମୟ ଓ ଶାନ୍ତିମୟ କରିଅଛନ୍ତି । ମୁଁ ନିରାଶ ହେଲାବେଳେ ମୋ ହୃଦୟରେ ଆଶାବୀଜ ବପନ କରିବା, କ୍ଳାନ୍ତଶ୍ରାନ୍ତ ହେଲାବେଳେ ମୋ କ୍ଳାନ୍ତିର ଅପନୋଦନ କରିବା, ଦୁର୍ବିଷହ ଜ୍ୱର-ପୀଡ଼ାରେ ପୀଡ଼ିତ ହେଲାବେଳେ ଜ୍ୱରର ଦୁର୍ବିସହତା ଲାଘବ କରିବା, ନିରୁତ୍ସାହ ହେଲାବେଳେ ମୋତେ ଉତ୍ସାହିତ କରିବା ତାଙ୍କର ନିତ୍ୟବ୍ରତ ହୋଇଅଛି । ଗତ ୧୫ ବର୍ଷର ହାଡ଼ଭଙ୍ଗା, ମନଭଙ୍ଗା ଓ ଦେହଭଙ୍ଗା ପରିଶ୍ରମ ତାଙ୍କ ଯୋଗୁଁ ମୋ ପକ୍ଷରେ ସହନୀୟ ଓ ବହନୀୟ ହୋଇ ପାରିଅଛି ।

(୩) ସାହିତ୍ୟ କ୍ଷେତ୍ରରେ ମୋର ଗୁରୁ, ଉତ୍କଳର ପ୍ରାଚୀନତମ ଉତ୍କଳସାହିତ୍ୟ ପତ୍ରିକାର ସମ୍ପାଦକ, ଉତ୍କଳସାହିତ୍ୟ ପ୍ରେସର ସ୍ୱତ୍ୱାଧିକାରୀ ବାଗ୍ମିପ୍ରବର ସାହିତ୍ୟଧୁରୀଣ ଶ୍ରୀଯୁକ୍ତ ବିଶ୍ୱନାଥ କର ବୃଦ୍ଧବୟସରେ ଅସୁସ୍ଥ ହୋଇ ପ୍ରେସର ଅନ୍ୟ କାର୍ଯ୍ୟମାନ ବୁଝିବାକୁ ଅକ୍ଷମ ଥିଲା ବେଳେ ମଧ୍ୟ ଭାଷାକୋଷର ଛପା ଓ ପ୍ରୁଫ୍ ସଂଶୋଧନ କର୍ମ ଉପରେ ସର୍ବଦା ଜାଗ୍ରତ ଦୃଷ୍ଟି ରଖିଅଛନ୍ତି । ଏ ଗ୍ରନ୍ଥର ଅଙ୍ଗସୌଷ୍ଠବ ପାଇଁ ଯେବେ କିଛି ପ୍ରଶଂସା ମିଳେ, ତାହା କେବଳ ତାଙ୍କର ପ୍ରାପ୍ୟ ।

(୪) କଟକ ରେଭେନ୍ସା କଲେଜିଏଟ୍ ସ୍କୁଲର ହେଡ୍‌ପଣ୍ଡିତ ଓଡ଼ିଆସାହିତ୍ୟାନୁଶୀଳନବ୍ରତୀ ପଣ୍ଡିତ ଶ୍ରୀ କୁଳମଣି ଦାଶଙ୍କୁ ପ୍ରତିଦିନ ପାଣ୍ଡୁଲିପିମାନଙ୍କ ସମ୍ମାର୍ଜ୍ଜନ କର୍ମରେ ଏକଘଣ୍ଟା ମୋତେ ସାହାଯ୍ୟ କରିବାକୁ ଶିକ୍ଷାବିଭାଗର କର୍ତ୍ତୃପକ୍ଷମାନଙ୍କଠାରୁ ଅନୁମତି ମିଳି ଥିବାରୁ ଭାଷାକୋଷ ତାଙ୍କ ସାହଚର୍ଯ୍ୟ ଲାଭ କରି ଧନ୍ୟ ହୋଇଅଛି । ପାଣ୍ଡୁଲିପିମାନ ସାଫିହେବା ପରେ ସେଗୁଡ଼ିକ ସେ ଆମୂଳ ସମ୍ମାର୍ଜ୍ଜନ କରନ୍ତି, ଏବଂ ବହୁ ପ୍ରାମାଣିକ ଗ୍ରନ୍ଥ ଆଲୋଚନା କରି ସ୍ଥାନେସ୍ଥାନେ ସେ ଅତି ଉପାଦେୟ ଟୀକା ଯୋଗ କରି ଗ୍ରନ୍ଥକୁ ସର୍ବାଙ୍ଗସୁନ୍ଦର ଓ ଅନବଦ୍ୟ କରିଅଛନ୍ତି । ଭାଷାକୋଷର ଶେଷ ଖଣ୍ଡ ପ୍ରକାଶିତ ହେବା ପୂର୍ବରୁ ଯେବେ ପ୍ରଭୁ ମୋତେ ଏ ସଂସାରରୁ ଲୋକାନ୍ତରିତ କରନ୍ତି, ତେବେ ସେ ଇଚ୍ଛା କରି ସୁଦ୍ଧା ଶେଷ ଖଣ୍ଡ ପ୍ରକାଶ କରିବେ ବୋଲି ମୁଁ ଆଶାନ୍ୱିତ ଅଟେଁ ।

(୫) ମୁଁ ଓକାଲତି କରୁଥିବା ସମୟରେ କଟକର ଓକିଲ ଶ୍ରୀମାନ୍ କୃଷ୍ଣଚନ୍ଦ୍ର ମିଶ୍ର ଏମ୍. ଏ., ବି. ଏଲ୍ ମୋର ଜୁନିଅର୍ (କନୀୟାନ୍)

ରୂପେ କର୍ମ କରୁଥିଲେ । ବାର୍ଦ୍ଧକ୍ୟରେ ଏ ଗ୍ରନ୍ଥର ପ୍ରକାଶରେ ବହୁତୋମୁଖ ପରିଶ୍ରମ କରିବା ଯୋଗୁଁ ମୋ ଉପରେ ଯେଉଁ ବାଧା ପଡ଼ୁଅଛି, ତାହାର ଲାଘବରେ ସେ ସ୍ୱତଃ ପ୍ରଣୋଦିତ ହୋଇ ପ୍ରତି ଦିନ ୬।୭ ଘଣ୍ଟା ପାଣ୍ଡୁଲିପି ଓ ପ୍ରେସ୍-କପିମାନ ପରୀକ୍ଷା ଓ ପ୍ରୁଫ୍‌ସିଟ୍‌ମାନ ସଂଶୋଧନ କରିବାରେ ମୋତେ ସାହାଯ୍ୟ କରୁଅଛନ୍ତି । ଗତ ୧୫ ବର୍ଷ ମଧ୍ୟରେ ଶବ୍ଦସଂଗ୍ରହରେ ମୋତେ ସେ ସମୟସମୟରେ ସାହାଯ୍ୟ କରୁଥିଲେ; କିନ୍ତୁ ଫିଲିପ୍ ସାହେବ ଛୁଟି ନେଇ ସ୍ୱଦେଶକୁ ଯିବା ଯୋଗୁଁ ପ୍ରୁଫ୍‌ସିଟ୍‌ମାନଙ୍କପାଇଁ ଆଉ ଜଣେ ପରୀକ୍ଷକଙ୍କ ଅଭାବ ଅନୁଭବ କରି ମୁଁ ବ୍ୟଥିତ ହେଉଥିବାର ଦେଖି କୃଷ୍ଣଚନ୍ଦ୍ର ମୋତେ ସାହାଯ୍ୟ କରିବାକୁ ଅଗ୍ରସର ହୋଇଅଛନ୍ତି ।

– (୬) କଟକର ଆଡ଼ଭୋକେଟ୍ ମୋର ପରମ ବନ୍ଧୁ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ନାରାୟଣ ରାୟ ମହାଶୟ ଏମ୍. ଏ., ବି. ଏଲ୍. ଓକାଲତି କର୍ମରୁ ଅବସର ପାଇଲେ ଓଡ଼ିଆ ଶବ୍ଦମାନଙ୍କର ପରେଇ ବଙ୍ଗଳା ପ୍ରତିଶବ୍ଦମାନ ଯୋଗାଇବା ବିଷୟରେ କଦାପି ପରାଙ୍ମୁଖ ହୋଇ ନାହାନ୍ତି ଓ ଏ ସାହାଯ୍ୟର ପ୍ରତିଦାନରୂପେ ସେ ମୋ ଠାରୁ କେବେ କୌଣସି ପ୍ରତିଦାନର ଆଶା କରି ନାହାନ୍ତି । ଓଡ଼ିଆ ଭାଷା ପ୍ରତି ଓ ମୋ ପ୍ରତି ତାଙ୍କର ପ୍ରଗାଢ଼ ଅନୁରାଗ ଏହି ନିଃସ୍ୱାର୍ଥ ପରିଶ୍ରମର ପ୍ରଣୋଦକ ଅଟେ ।

(୭) ପାଟଣା ପାଠଶାଳା ପ୍ରେସର ଓ ଦ୍ୱାରଭଙ୍ଗା ଜିଲ୍ଲାର ଲହେରିଆ ସରାଇର ପୁସ୍ତକଭଣ୍ଡାରର ସ୍ୱତ୍ୱାଧିକାରୀ, ନିରଳସ ସାହିତ୍ୟସେବକ ପଣ୍ଡିତ ଶ୍ରୀ ରାମଲୋଚନ ଶରଣ ଓଡ଼ିଆ ଶବ୍ଦମାନଙ୍କର ହିନ୍ଦି ପ୍ରତିଶବ୍ଦ ଯୋଗାଇବା କର୍ମରେ ସର୍ବଦା ତତ୍ପର ଅଟନ୍ତି । ଏମନ୍ତ କି, ଲୋଡ଼ା ହେଲେ ନିଜ ବ୍ୟୟରେ ସୁଦୂର ପାଟଣା ଓ ଦ୍ୱାରଭଙ୍ଗା ଅଞ୍ଚଳରୁ କଟକଠାକୁ ଆସି ଏଠାରେ ଦିନେ ଦୁଇ ଦିନ ଅବସ୍ଥାନ କରି ସେ ମୋତେ ହିନ୍ଦି ପ୍ରତିଶବ୍ଦମାନ ଯୋଗାଇ ଅଛନ୍ତି ।

(୮) ପୁରୀଜିଲ୍ଲା ସତ୍ୟବାଦୀର ପୁରାତନ ଶିକ୍ଷାସଦନରେ ସ୍ୱର୍ଗୀୟ ଗୋପବନ୍ଧୁ ଦାଶଙ୍କ ଗଠିତ ଦେଶକର୍ମିଦଳର ଅନେକ ଜଣ ନିରଳସ କର୍ମୀ ପଣ୍ଡିତ ଶ୍ରୀ ରାମଚନ୍ଦ୍ର ରଥ ମୌଳିକ ପାଣ୍ଡୁଲିପିମାନ ସାଫି କରିବାରେ ଯେଉଁ ନିଷ୍ଠା, ଅଧ୍ୟବସାୟ ଓ ଉତ୍ସାହ ଦେଖାଇ ଅଛନ୍ତି, ତାଙ୍କ କର୍ମ ଦେଖିଥିବା ଯେ କେହି ବ୍ୟକ୍ତି ତହିଁରେ ଯୁଗପତ୍ ଆନନ୍ଦିତ ଓ ଚମତ୍କୃତ ହେବେ । ଯନ୍ତ୍ରଚାଳିତ ଘଣ୍ଟିକା ଯନ୍ତ୍ରରେ ବିକୃତି ଓ ଅନିୟମ ଘଟିବା ସମ୍ଭବ; କିନ୍ତୁ ରାମଚନ୍ଦ୍ରଙ୍କ ନିୟମିତ ଗତି ଓ କର୍ମରେ ତ୍ରୁଟି ନାହିଁ । ସେ ୫ ବର୍ଷ ହେଲା ଏକ ପ୍ରଗତିରେ କର୍ମ କରି ଆସୁଅଛନ୍ତି ।

(୯) ପ୍ରୁଫ୍‌ସିଟ୍‌ମାନଙ୍କୁ ଦୁଇ ତିନ ଜଣ ବ୍ୟକ୍ତି ତନ୍ନ ତନ୍ନ କରି ପରୀକ୍ଷା ଓ ସଂଶୋଧନ କରି ସାରି ଉତ୍କଳ ସାହିତ୍ୟ ପ୍ରେସର ସହକାରୀ ଶ୍ରୀମାନ୍ ପଦ୍ମଚରଣଦାସଙ୍କ ହାତକୁ ବଢ଼ାଇ ଦେବାକ୍ଷଣି ସେଥିରୁ କେଉଁଆଡ଼ୁ ଆଣି ଥୋଇ ଦେଲା ଭଳି ଗଣ୍ଡାଗଣ୍ଡା ଭୁଲ୍ ସେ କାଢ଼ି ଦିଅନ୍ତି; ଏହା ଦେଖି ଆମ୍ଭେମାନେ ବିସ୍ମିତ ହେଉଁ । ପ୍ରୁଫ୍ ସଂଶୋଧନ ବିଷୟରେ ଏପରି ଯତ୍ନ ଓ ତୀକ୍ଷ୍ଣଦୃଷ୍ଟି ଅନ୍ୟ କୁଆପି ମୋ ଦୃଷ୍ଟିରେ ପଡ଼ି ନାହିଁ । ଗ୍ରନ୍ଥର ପାର୍ସେଲ୍‌ମାନ ପ୍ୟାକ୍ କରିବା ଓ ଡାକରେ ପଠାଇବା, ଗ୍ରାହକରେଜିଷ୍ଟର ପୂରଣ କରିବା, ବହି ବାନ୍ଧିବା ଓ ଏ ଗ୍ରନ୍ଥମୁଦ୍ରଣର ତତ୍ତ୍ୱାବଧାନ ଆଦି ସମସ୍ତ ଆନୁସଙ୍ଗିକ କର୍ମରେ ମଧ୍ୟ ସେ ଧୁରନ୍ଧର ।

(୧୦) ପାଣ୍ଡୁଲିପିମାନ ସାଫି କରିବା କର୍ମରେ ନିଯୁକ୍ତ ଶ୍ରୀମାନ୍ ଭୁବନେଶ୍ୱର ମିଶ୍ର ଗତ ୨ ବର୍ଷ ହେବ କି ଖରା, କି ବର୍ଷା, କି ଶୀତ କି ଗରମ, କି କଚେରିଦିନ, କି ଛୁଟିଦିନ, ତାଙ୍କ କାମରେ ବରାବର ନିୟମିତ ରୂପେ ଲାଗିଅଛନ୍ତି ।

(୧୧) କଟକ ପିଆରିମୋହନ ଏକାଡେମୀର ସହକାରୀ ଶିକ୍ଷକ ପଣ୍ଡିତ ଶ୍ରୀ ନରସିଂହ ମହାପାତ୍ର ଗତ ୫ ବର୍ଷ ହେଲା ପାଣ୍ଡୁଲିପିମାନଙ୍କ ସାଫି ଓ ଶିଷ୍ଟ ପ୍ରୟୋଗମାନଙ୍କ ଉଦ୍ଧାର କର୍ମରେ ଲାଗିଅଛନ୍ତି । ମଝିରେ ଦିନାକେତେ ମୋ ଆର୍ଥିକ ପରିସ୍ଥିତି ସଙ୍କଟମୟ ହେବାରୁ ମୁଁ ସହକର୍ମୀମାନଙ୍କ ପାଇଁ ଅର୍ଥସଂସ୍ଥାନ କରି ନ ପାରିବା ଦେଖି ମୁଁ ଅର୍ଥସଙ୍କଟରୁ ଉଦ୍ଧାର ନ ପାଇବା ପର୍ଯ୍ୟନ୍ତ ମୋଠାରୁ କିଛି ପାରିଶ୍ରମିକ ଆଶା କରିବେ ନାହିଁ ବୋଲି ପ୍ରକାଶ କରି ସେ କର୍ମକରି ଆସିଅଛନ୍ତି ।

(୧୨) ଭଞ୍ଜୀୟ ଛାଁଦରେ ସୁବୋଧ କାବ୍ୟ ରଚନାରେ ପଟୁ, ଅପ୍ରକାଶିତ ଇନ୍ଦୁରେଖା କାବ୍ୟର ରଚୟିତା ଶ୍ରୀମାନ୍ ଗୋଲୋକଚନ୍ଦ୍ର ପ୍ରଧାନ ୪ ବର୍ଷ ହେଲା ମଝିରେ ମଝିରେ ଅବସର ନେଇ ଶିଷ୍ଟପ୍ରୟୋଗ ଉଦ୍ଧାର ଓ ପାଣ୍ଡୁଲିପିମାନଙ୍କ ସାଫି କର୍ମ କରୁଅଛନ୍ତି ।

ଏ ଉଦ୍ୟମର ସହାୟକ ଓ ମଙ୍ଗଳକାମିଗଣ—

ଉପର୍ଯ୍ୟୁକ୍ତ ସହକର୍ମୀ ଓ ସହଯୋଗୀମାନଙ୍କ ଛଡ଼ା ମୁଁ ଅନ୍ୟ ଯେଉଁ ମହାନୁଭବ ବ୍ୟକ୍ତିମାନଙ୍କଠାରୁ ନାନା ରୂପରେ, ନାନା ପ୍ରସଙ୍ଗରେ ଓ ନାନା ସମ୍ପର୍କରେ ସହାୟତା ଲାଭ କରିଅଛି, ସେମାନଙ୍କଠାରେ ମୁଁ ଋଣୀ । ସେମାନଙ୍କ ମଧ୍ୟରେ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ନାମ ବିଶିଷ୍ଟରୂପେ ଉଲ୍ଲେଖନୀୟ :—

ଉତ୍କଳବିଖ୍ୟାତ, ଋଷିକଳ୍ପ ଯାଜପୁରର ପଣ୍ଡିତ ଶ୍ରୀଯୁକ୍ତ ନୀଳମଣି ମିଶ୍ରଙ୍କ ସୁଯୋଗ୍ୟ ସନ୍ତାନ ଆଠମଲ୍ଲିକର ଦେଶପ୍ରେମିକ, ନିରାଡ଼ମ୍ବର, ନିରଳସ, ନିରଭିମାନ, ସାହିତ୍ୟାନୁରାଗୀ, ଜ୍ଞାନପିପାସୁ ରାଜା ଶ୍ରୀ କିଶୋରଚନ୍ଦ୍ରଙ୍କର ସୁଯୋଗ୍ୟ ଦେବାନ ଶ୍ରୀମାନ୍ ବାମଦେବ ମିଶ୍ର ବି. ଏ. ଯାଜପୁର ଓ ଗଡ଼ଜାତ ଅଞ୍ଚଳରେ ବ୍ୟବହୃତ ଶତଶତ ପ୍ରାଦେଶିକ ଶବ୍ଦ ସଂଗ୍ରହ କରି ମୋତେ ଯୋଗାଇବା ଆପଣାର କର୍ତ୍ତବ୍ୟ କର୍ମର ଅଙ୍ଗୀଭୂତ କରିଅଛନ୍ତି । ଯେତେବେଳେ ଯେଉଁ କ୍ଷେତ୍ରରେ ଓ ଯେଉଁ ଉପାୟରେ ଭାଷାକୋଷକୁ ସାହାଯ୍ୟ କରିବାର ଅବସର ତାଙ୍କୁ ମିଳିଅଛି, ସେ ଅକୁଣ୍ଠିତ ଚିତ୍ତରେ ତାହାର ସଦ୍‌ବ୍ୟବହାର କରିଅଛନ୍ତି ।

ବୌଦ ଷ୍ଟେଟର ସାହିତ୍ୟରସିକ, ଗୁଣଗ୍ରାହୀ, ଦେଶପ୍ରାଣ, ଧର୍ମକାନ୍ତ୍ୟାଦିନୃପଗୁଣାଲଙ୍କୃତ, ସାର୍ଥକନାମା ରାଜା ଶ୍ରୀ ନାରାୟଣପ୍ରସାଦଙ୍କର ସୁଯୋଗ୍ୟ ଦେବାନ ଶ୍ରୀମାନ୍ ବଟକୃଷ୍ଣ ମହାନ୍ତି ବି. ଏ. ଭାଷାକୋଷ ପାଇଁ ଗଡଜାତ ପ୍ରଚଳିତ ପ୍ରାଦେଶିକ ଶବ୍ଦ ଯୋଗାଇବାଠାରୁ ଆରମ୍ଭ କରି ରାଜାସାହେବଙ୍କର ଭାଷାକୋଷ ପ୍ରତି ସ୍ୱତଃ ପ୍ରସନ୍ନ ମନକୁ ପ୍ରସନ୍ନତର କରିବାପାଇଁ ସର୍ବଦା ଉଦ୍‌ଗ୍ରୀବ ।

ବିହାର ଓଡ଼ିଶାର ଡେପୁଟୀ ମାଜିଷ୍ଟ୍ରେଟ, ରାଜ୍ୟଶାସନଧୁରନ୍ଧର, ଜ୍ଞାନଗରିମାବିଭୂଷିତ, ପ୍ରସନ୍ନଚେତା, ବାର୍ଦ୍ଧକ୍ୟରେ ମଧ୍ୟ ଯୁବଜନସୁଲଭ ଉତ୍ସାହରେ ଦେଦୀପ୍ୟମାନ, ଶ୍ରୀଯୁକ୍ତ ରାୟବାହାଦୁର ଯୁଗଲକିଶୋର ତ୍ରିପାଠୀ ଏମ୍. ଏ. ମହାଶୟ ଭାଷାକୋଷ ପ୍ରତି କେନ୍ଦୁଝର ନରପତି ଓ ଅନ୍ୟ ବିଶିଷ୍ଟ ସହାୟକମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସର୍ବଦା ସଚେଷ୍ଟ ।

ଇ. ଆଇ. ପି ରେଲୱେର ସହକାରୀ ଟ୍ରାଫିକ୍ ସୁପରିଣ୍ଟେଣ୍ଡେଣ୍ଟ, ଉଦୀୟମାନ ଓଡ଼ିଆ ଲେଖକ ଓ କବି, ନିରଳସ କର୍ମୀ ଶ୍ରୀମାନ୍ ହରିଶ୍ଚନ୍ଦ୍ର ବଡ଼ାଲ, ବି. ଏସ୍‌ସି. ଉତ୍କଳର ବାହାରେ ଥାଇ ରେଲବିଭାଗର ଜଞ୍ଜାଳମୟ କର୍ମରେ ସର୍ବଦା ଚରଖା ପରି ଘୁରୁ ଘୁରୁ ମଧ୍ୟ ଅବିଚ୍ଛିନ୍ନ ଭାବରେ ଓଡ଼ିଆ ସାହିତ୍ୟର ସେବାରେ ଲାଗିଅଛନ୍ତି । ଉପରି ଅଳ୍ପ ବ୍ୟୟ ଓ ଅଳ୍ପ ଆୟାସରେ ଓଡ଼ିଆ ଜାତିର କୋଠ ସମ୍ପତ୍ତି ଏହି ଶବ୍ଦ କୋଷ ଅଚିରେ ପ୍ରକାଶିତ ହେବ, ଏହି ପରିକଳ୍ପନାରେ ଶ୍ରୀମାନ୍ ହରିଶ୍ଚନ୍ଦ୍ର ସର୍ବଦା ଉଦ୍ବିଗ୍ନ। ଏହାଙ୍କ ସହାନୁଭୂତି କେବଳ ବଚନରେ ଆବଦ୍ଧ ନୁହେ । ଏ ଭାଷାକୋଷର ଜଣେ ପ୍ରାଥମିକ ଗ୍ରାହକ । ଗ୍ରନ୍ଥର ଅଙ୍ଗହାନି ନ ହୋଇ ଉପରି ଖାଲି ରହିଯାଉଥିବା ସ୍ଥାନମାନ ପୂରଣ ହେବାଦ୍ୱାରା ଭାଷାକୋଷର କଳ୍ପିତ ଆକାର ଓ ବ୍ୟୟ ଲଘୁତର ହୋଇପାରିବ, ଏ ସମ୍ବନ୍ଧରେ ସେ ଏକାଧିକଥର ଗୁଡ଼ିଏ ବହୁମୂଲ୍ୟ ସୂଚନା ଦେଇ ମୋତେ ଆପ୍ୟାୟିତ କରିଅଛନ୍ତି ।

ଆଠଗଡ଼ର ପ୍ରାପ୍ତବ୍ୟବହାର ରାଜାସାହେବ ଶ୍ରୀମାନ୍ ରାଧାନାଥ ଦେବ ବର୍ମା ତାଙ୍କର ସ୍ୱର୍ଗୀୟ ପିତୃଦେବଙ୍କ ପ୍ରୀତିବନ୍ଧୁଙ୍କ ସାଧନା ପ୍ରସୂତ ଏହି ଭାଷାକୋଷ ପ୍ରତି ସର୍ବଦା ସ୍ନେହଦୃଷ୍ଟି ରଖିଅଛନ୍ତି । ବର୍ତ୍ତମାନ ଗାଦିରେ ବସି ରାଜକାର୍ଯ୍ୟର ଜଞ୍ଜାଳରେ ବ୍ୟାପୃତ ଥାଇ ସୁଦ୍ଧା 'ମଉସା'ଙ୍କର ଉଦ୍ୟମ କେତେଦୂର ଅଗ୍ରସର ହେଉଅଛି, ସେ ତାହା ପ୍ରତ୍ୟହ ବୁଝୁଅଛନ୍ତି ।

ଭାଷାକୋଷର ପ୍ରକାଶ ବିଷୟରେ ମୂଳରୁ ନାନା ଉପାୟରେ ସାହାଯ୍ୟ କରି ଆସୁଥିବା ବିହାରର ଓ ଓଡ଼ିଶା ବ୍ୟବସ୍ଥାପକ ସଭାର ଡେପୁଟୀ ପ୍ରେସିଡେଣ୍ଟ, କଟକ ଡିଷ୍ଟ୍ରିକ୍ଟବୋର୍ଡର ଚେୟାରମାନ୍, ଆଡ୍‌ଭୋକେଟ୍ ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି ଯେଉଁଦିନ ଭାଷାକୋଷ ପାଇଁ ଦଣ୍ଡେ ଘଡ଼ିଏ ଚିନ୍ତା ନ କରନ୍ତି କିମ୍ବା ତହିଁର ପ୍ରକାଶିତ ହେବା ମାର୍ଗରୁ କଣ୍ଟକ ଦୂର କରି ନ ପାରନ୍ତି, ସେଦିନଟି ତାଙ୍କ ପକ୍ଷରେ ଦୁର୍ଦିନ ବୋଲି ସେ ମନେ ମନେ ଆକ୍ଷେପ କରି ଥାଆନ୍ତି ।

କବିବର ଚିନ୍ତାମଣି ମହାନ୍ତି ଗତବର୍ଷ ଉତ୍କଳ ସାହିତ୍ୟ ସମାଜର ଚତୁର୍ବିଂଶ ସାମ୍ବତ୍ସରିକ ଅଧିବେଶନର ସଭାପତି ହୋଇ ତାଙ୍କ ଅଭିଭାଷଣରେ ଏ ଭାଷାକୋଷର ଉଲ୍ଲେଖ କରି ମୋତେ ଆପ୍ୟାୟିତ କରିଅଛନ୍ତି । ସେହି ସମୟରେ ସେ ଭାଷାକୋଷର କାର୍ଯ୍ୟାଳୟ ପରିଦର୍ଶନ କରି ସାତିଶୟ ପ୍ରୀତି ଲାଭ କରି ସମ୍ବାଦପତ୍ରରେ ଶତମୁଖରେ ଏହି ଉଦ୍ୟମର ପ୍ରଶଂସା କରିଥିଲେ ।

ଦୈନିକ ଆଶା, ଉତ୍କଳଦୀପିକା, ସମାଜ, ପଲ୍ଲୀବାସୀ ଓ ଗଡ଼ଜାତବାସିନୀ ଆଦି ପତ୍ରିକାର ସମ୍ପାଦକମାନେ ଭାଷାକୋଷ ସମ୍ବନ୍ଧରେ ସମୟ ସମୟରେ ସମ୍ପାଦକୀୟ ଅଗ୍ରଲେଖମାନ ପ୍ରକାଶ କରି ମୋତେ ଉତ୍ସାହିତ କରିଅଛନ୍ତି ।

ବୌଦ୍ଧର ରାଜା ସାହେବ, ଆଠମଲ୍ଲିକର ରାଜା ସାହେବ ଓ କେନ୍ଦୁଝରର ରାଜା ସାହେବ ସେମାନଙ୍କ ରାଜଧାନୀରେ ପ୍ରକାଶ୍ୟରେ ଓଡ଼ିଆ-ଭାଷାର ଏହି କୀର୍ତ୍ତିସୌଧ ନିର୍ମାଣ ପାଇଁ ମୋତେ ଯେଉଁ ସମ୍ମାନ ଓ ପ୍ରଶଂସା ଦେଇଅଛନ୍ତି, ତାହା ମୋର ନୁହେଁ; ତାହା ଓଡ଼ିଆ ଜାତିର ପ୍ରାପ୍ୟ; ସେଥିପାଇଁ ଓଡ଼ିଆ ଜାତି ସେମାନଙ୍କଠାରେ କୃତଜ୍ଞ ରହିବ ।

ଉତ୍କଳର ଉଦୀୟମାନା ନାରୀ କବି, ମୋର କନ୍ୟାପ୍ରତିମା ଶ୍ରୀମତୀ ଅପର୍ଣ୍ଣାଦେବୀଙ୍କର ଏ ଗ୍ରନ୍ଥ ଓ ସଂଗ୍ରାହକ ପ୍ରତି ଭକ୍ତିଦୃଷ୍ଟି ରହିଅଛି; ତାଙ୍କୁ ଏ କର୍ମରେ ଅଚିରେ ଜଣେ ସହକର୍ମିଣୀରୂପେ ପାଇବି ବୋଲି ମୁଁ ଆଶା ପୋଷଣ କରୁଅଛି ।

ମୋର ପୃଷ୍ଠପୋଷକଗଣ—ବିହାର ଓଡ଼ିଶାର ପୂର୍ବତନ ଗଭର୍ଣ୍ଣର ଓ ବର୍ତ୍ତମାନ ବ୍ରହ୍ମଦେଶର ଲାଟ, ମାନ୍ୟବର ସର୍ ହିଉ ଷ୍ଟିଫେନ୍‌ସନ୍ ଏ ଗ୍ରନ୍ଥର ପ୍ରଥମ ଖଣ୍ଡର ପୃଷ୍ଠପୋଷକ ଅଟନ୍ତି । ସେ ସୁଦୂର ବ୍ରହ୍ମଦେଶରେ ଥାଇ ସୁଦ୍ଧା ଏ ଗ୍ରନ୍ଥର ପରବର୍ତ୍ତୀ ଖଣ୍ଡମାନଙ୍କ ପ୍ରକାଶ ପାଇଁ ଆଶୀର୍ବଚନ ପ୍ରେରଣ କରି ମୋତେ ଉତ୍ସାହିତ ଓ ପରମାପ୍ୟାୟିତ କରିଅଛନ୍ତି ।

ବର୍ତ୍ତମାନ ବିହାର-ଓଡ଼ିଶା ପ୍ରଦେଶର ଗଭର୍ଣ୍ଣର ମାନ୍ୟବର ସର୍ ଜେ. ଡି. ସିଫ୍ଟନ୍ ଦ୍ୱିତୀୟ ଖଣ୍ଡର ପୃଷ୍ଠପୋଷକ ଅଟନ୍ତି । ଲାଟ ଗାଦି ଅଳଙ୍କୃତ କରିବାପୂର୍ବେ ଏ ଗ୍ରନ୍ଥର ପ୍ରକାଶ ପାଇଁ ତାଙ୍କର ଯେଉଁ ସହାନୁଭୂତି ଓ ସଦିଚ୍ଛା ମୁଁ ଲକ୍ଷ୍ୟ କରିଥିଲି, ବର୍ତ୍ତମାନ ମଧ୍ୟ ଏ ଭାଷାକୋଷ ସେ ସଦିଚ୍ଛା ଓ ସହାନୁଭୂତିରୁ ବଞ୍ଚିତ ହୋଇ ନାହିଁ । ସମୟ ଅନୁସାରେ ଏ ଗ୍ରନ୍ଥର ପ୍ରକାଶ ବିଷୟରେ ଅନୁଭୂତ ଅଭାବ, ଅସୁବିଧା ଓ ଅର୍ଥ-ସଙ୍କଟ ବିଷୟ ତାଙ୍କ ସମ୍ମୁଖରେ ଜଣାଇବାଲାଗି ତାଙ୍କ ସିଂହଦ୍ୱାର ମୋ ପକ୍ଷରେ ସର୍ବଦା ଉନ୍ମୁକ୍ତ ଓ ଅବାରିତ । ସେ ଯେତେବେଳେ ସୁବିଧା ପାଇଅଛନ୍ତି, ଏ ଗ୍ରନ୍ଥପ୍ରତି ଭାବୀ ପୃଷ୍ଠପୋଷକମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କେବେହେଁ କୁଣ୍ଠିତ ହୋଇ ନାହାନ୍ତି ।

ବିହାର ଓଡ଼ିଶାର ଅର୍ଥସଦସ୍ୟ ମାନ୍ୟବର କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେବଙ୍କର ଆଶାବ୍ୟଞ୍ଜକ ଉତ୍ସାହବଚନ ଏ ଗ୍ରନ୍ଥର ଓ ସଂଗ୍ରାହକର ଅତୁଳନୀୟ ସମ୍ବଳ ହୋଇଅଛି । ଯେତେଥର ଭିକ୍ଷାପାତ୍ର ହସ୍ତରେ ମୁଁ ତାଙ୍କ ସମ୍ମୁଖରେ ଉପସ୍ଥିତ ହୋଇଅଛି, ସେ କେବେହେଁ ମୋତେ ଉତ୍ସାହବାଣୀଦ୍ୱାରା ପରିତୃପ୍ତ ହେବା ସୁଖରୁ ବଞ୍ଚିତ କରି ନାହାନ୍ତି ।

ପାଟଣା ହାଇକୋର୍ଟର ଚିଫ୍ ଜଷ୍ଟିସ୍ ମାନ୍ୟବର ସର୍ କୋର୍ଟ୍ନି ଟେରେଲ୍ ଦେଶର ବହୁ ହିତକର ସାଧାରଣ ଅନୁଷ୍ଠାନ ସଙ୍ଗେ ସାକ୍ଷାତ୍ ଭାବରେ ସଂପୃକ୍ତ ଅଟନ୍ତି । ପାଟଣା ବିଶ୍ୱବିଦ୍ୟାଳୟର ୨୭।୩।୩୩ ତାରିଖର ସିନେଟ୍ ସଭାରେ ଏ ଗ୍ରନ୍ଥର ପ୍ରଥମ ଓ ଦ୍ୱିତୀୟ ଖଣ୍ଡ ତାଙ୍କ ଦୃଷ୍ଟିରେ ପଡ଼ିଥିଲା । ଗତ ସରକିଟ୍ ଉପଲକ୍ଷେ ଗତ (ଏପ୍ରେଲ) ମାସରେ କଟକରେ ବିରାଜମାନ କରିଥିବା ବେଳେ ଭାଷାକୋଷ ଆଶ୍ରମରେ ପଦାର୍ପଣ କରି ସେ ମୋତେ ଓ ମୋ ସହକର୍ମୀମାନଙ୍କୁ ସମୁତ୍ସାହିତ କରିଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଅଛି । ସେ ଅପ୍ରକାଶିତ ପାଣ୍ଡୁଲିପିମାନ ଶୀଘ୍ର ପ୍ରକାଶିତ ହେବାର ଆଶୀର୍ବଚନ ଉଚ୍ଚାରଣ କରିଅଛନ୍ତି । ତୃତୀୟ ଖଣ୍ଡର ଇଂରାଜୀ ଅବତରଣିକାକୁ ସେ ଆମୂଳଚୂଳ ଦେଖି ତହିଁର ଭାଷାକୁ ମାର୍ଜ୍ଜି ଦେଇଅଛନ୍ତି ଏବଂ ଏ ଗ୍ରନ୍ଥର ପରବର୍ତ୍ତୀ ଖଣ୍ଡର ପୃଷ୍ଠପୋଷକ ହେବାପାଇଁ ସ୍ୱୀକାର କରିଅଛନ୍ତି । ମହାମହିମ ଭାରତ ସମ୍ରାଟଙ୍କୁ ଏ ଗ୍ରନ୍ଥର ଅନ୍ତିମଭାଗ ଉତ୍ସର୍ଗ କରିବାକୁ ମୁଁ ଯେଉଁ ଉଚ୍ଚ ଆଶା ପୋଷଣ କରୁଅଛି ଓ ସ୍ୱପ୍ନ ଦେଖୁଅଛି, ସେ ଆଶା ଓ ସ୍ୱପ୍ନ ସଫଳ ହେବା ବିଷୟରେ ସେ ଯତ୍ନ କରିବେ ବୋଲି ମୋତେ ଆଶା ଦେଇ ଛୁଟିରେ ବିଲାତ ଯାଇଅଛନ୍ତି ।

ବିହାର ଓଡ଼ିଶା ପ୍ରଦେଶର ଶିକ୍ଷାବିଭାଗର କର୍ଣ୍ଣଧାର ମହାମତି ଜି. ଇ. ଫକସ୍ ଏମ୍. ଏ., ଆଇ. ଇ. ଏସ୍., ସି. ଆଇ. ଇ. ଭାଷାକୋଷର ପାଣ୍ଡୁଲିପିମାନ ତନ୍ନ ତନ୍ନ କରି ପରୀକ୍ଷା କରି ଶିକ୍ଷାବିଭାଗ ପକ୍ଷରୁ ୧୧୪ ଖଣ୍ଡ ଗ୍ରନ୍ଥ କିଣିବାପାଇଁ ୧୯୨୯ ସାଲରେ ମୋତେ ଯେଉଁ ବଚନ ଦେଇଥିଲେ, ତାହାହିଁ ଏ ଗ୍ରନ୍ଥ ପ୍ରକାଶ ବିଷୟରେ ମୋର ପ୍ରଥମ ମୂଳଦୁଆ ହୋଇଥିଲା । ଏହାଙ୍କ ପରାମର୍ଶ ଓ ମତ ଉପରେ ପ୍ରତିଷ୍ଠିତ ମାନ୍ୟବର ଶ୍ରୀଯୁକ୍ତ ହବାକ୍ ସାହେବ ଓ ପେକ୍ ସାହେବଙ୍କ ସୁପାରିସଦ୍ୱାରା ବିହାର ଗଭର୍ଣ୍ଣମେଣ୍ଟଙ୍କଠାରୁ ଅର୍ଥ ସାହାଯ୍ୟ ମିଳିବାର ପଥ ସୁଗମ ହୋଇଥିଲା ।

Raja Balabhadra Narayan Bhanj Deb

Raja Saheb and Ruler Keonjhar State.

କେନ୍ଦୁଝରାଧିପତି ରାଜା ଶ୍ରୀ ଶ୍ରୀ ଶ୍ରୀ ବଳଭଦ୍ର ନାରାୟଣ ଭଞ୍ଜ ଦେବ

Raja Ramchandra Mardaraj Deb

Raja Saheb of Khallikote and Athagad.

ଖଲ୍ଲିକୋଟ ଓ ଅଷ୍ଟଦୁର୍ଗାଧୀଶ୍ୱର

ରାଜା ଶ୍ରୀ ଶ୍ରୀ ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେବ

U. S. Press, Cuttack.

ଏ ଗ୍ରନ୍ଥର ଦ୍ୱିତୀୟ ଖଣ୍ଡ ପ୍ରକାଶ କରିବାପାଇଁ ମୋତେ ଯେଉଁ ଦୁସ୍ତର ଅର୍ଥସଙ୍କଟ ମଧ ଦେଇ ଯିବାକୁ ହୋଇଥିଲା, ତାହା ସେ ଅନୁଭବ କରି ଓ ତୃତୀୟ ଖଣ୍ଡର ମୁଦ୍ରଣ କର୍ମ ବୌଦ୍ଧର ରାଜାସାହେବଙ୍କ ଅର୍ଥସାହାଯ୍ୟଦ୍ୱାରା ସମାହିତ ହେବାର ଜାଣି ଚତୁର୍ଥ ଖଣ୍ଡର ମୁଦ୍ରଣ ମାର୍ଗକୁ ସୁକର କରିବାପାଇଁ ସାହେବ ମହୋଦୟ ମୋ ଅଜ୍ଞାତରେ ଓ ମୋର ବିନା ପ୍ରାର୍ଥନାରେ ମଧ ପାଟଣା ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ଓ ସିନେଟ୍ ସଭାଦ୍ୱାରା ସଂପ୍ରତି ପାଞ୍ଚ ହଜାର ଟଙ୍କା ମଞ୍ଜୁର କରାଇ-ଅଛନ୍ତି । ଏ ଉଦ୍ୟମ ପାଇଁ ତାଙ୍କୁ ପୂର୍ବରୁ ଥରେ ଧନ୍ୟବାଦ ଦେବାକୁ ସାହେବ ମହୋଦୟ ମୋତେ ଅବସର ସୁଦ୍ଧା ଦେଇ ନ ଥିଲେ । ଏଥିପୂର୍ବେ ତାଙ୍କ ପ୍ରଦତ୍ତ ତାଲିକା ଅନୁସାରେ ଇଉରୋପର ସୁଧୀବର୍ଗଙ୍କଠାକୁ ଭାଷାକୋଷର ଅନୁଷ୍ଠାନ ପତ୍ର ଓ ନମୁନା ପଠାଯାଇଥିବାରୁ ଆଜି ଇଉରୋପର ବିଦ୍ୱଜ୍ଜନ-ମଣ୍ଡଳରେ ଏ ଗ୍ରନ୍ଥ ସୁଜ୍ଞାତ ଓ ସମାଦୃତ ହୋଇଅଛି ।

ଦଶମୀଗତ ମହର୍ଷିକଳ୍ପ ମୋର ଗୁରୁସ୍ଥାନୀୟ ଉତ୍କଳର କୁଳବୃଦ୍ଧ ଶ୍ରୀଯୁକ୍ତ ମଧୁସୂଦନ ଦାସ, ସି. ଆଇ. ଇ. ଙ୍କର ଏ ସଂଗ୍ରହ ଓ ସଂଗ୍ରାହକ ସଙ୍ଗେ ଥିବା ଘନିଷ୍ଠ ସମ୍ପର୍କ ପ୍ରଥମ ଖଣ୍ଡ ଅବତରଣିକାରେ ବିବୃତ ହୋଇଅଛି । ଦୁର୍ବଳ ଶିଶୁର କ୍ରମିକ ଶାରୀରିକ ପୁଷ୍ଟି ଓ ମାନସିକ ବିକାଶ ଦେଖି ପାଳକ ପିତାଙ୍କ ମନରେ ଯେଉଁ ଅନିର୍ବଚନୀୟ ଆନନ୍ଦ ଜାତ ହୁଏ, ଏ ଗ୍ରନ୍ଥର କ୍ରମିକ ଖଣ୍ଡମାନ ପ୍ରକାଶରେ ସେ ସେହି ନୈସର୍ଗିକ ଆନନ୍ଦ ଅନୁଭବ କରୁଥିବାର ମୁଁ ଦେଖିପାରୁଅଛି । ତାଙ୍କଠାରୁ ମିଳିଥିବା ଶିକ୍ଷା ଓ ପ୍ରେରଣା ଏ ଗ୍ରନ୍ଥର ମୂଳରେ ବିଦ୍ୟମାନ; ତଥାପି ଏ ଗ୍ରନ୍ଥରେ ତାଙ୍କ ପ୍ରତିକୃତି ସନ୍ନିବେଶିତ କରିବାପାଇଁ ମୋତେ ଆଦେଶ ମିଳିଲା ନାହିଁ । "ଆଜ୍ଞା ଗୁରୁଣାମବିଚାରଣୀୟା ।" ଗୁରୁଜନଙ୍କ ହୁକୁମ୍ ଉପରେ ଅପିଲ୍ ନାହିଁ ।

ଏହିପରି ନାନା ଭାବରେ, ନାନା ଉପାୟରେ ନାନା କ୍ଷେତ୍ରରେ, ନାନା ଆକାରରେ, ପ୍ରତ୍ୟକ୍ଷରେ ଓ ପରୋକ୍ଷରେ, ମୋ ଜ୍ଞାତସାରରେ ଓ ଅଜ୍ଞାତରେ ଯେଉଁମାନେ ମୋତେ ସହାଯ୍ୟ କରିଅଛନ୍ତି, କରୁଅଛନ୍ତି ଓ କରିବେ, ସେମାନଙ୍କଠାରେ ମୁଁ, ଉତ୍ତିଅଭିଷା ଓ ଉତ୍ତିଅଜାତି କୃତଜ୍ଞତା ପାଶରେ ଆବଦ୍ଧ । ଏହି କୃତଜ୍ଞତାର କଥଞ୍ଚିତ୍ ପ୍ରତିଦାନରୂପେ ଯେଉଁ ଯେଉଁମାନଙ୍କର ଫଟୋ(ଆଲୋକଚିତ୍ର) ମୋର ହସ୍ତଗତ ହୋଇଅଛି, ହେଉଅଛି ଓ ହେଉଥିବ ସେମାନଙ୍କ ଛବି ଏ ଗ୍ରନ୍ଥର ପୂର୍ବବର୍ତ୍ତୀ, ବର୍ତ୍ତମାନ ଓ ପରବର୍ତ୍ତୀ ଖଣ୍ଡମାନଙ୍କରେ ବାହାରିଛି, ବାହାରୁଛି ଓ ବାହାରିବ । ବିଶିଷ୍ଟ ସହାୟକ ଓ ସହକର୍ମୀଙ୍କ ଛବି ଏକାଧିକଥର ପ୍ରକାଶ କରି ତତ୍‌ବ୍ୟକ୍ତିଙ୍କ ଋଣରୁ ସାମାନ୍ୟରେ ମୁକ୍ତ ହେବି ବୋଲି ମୁଁ ବାସନା କରିଅଛି ।

ଏ ଗ୍ରନ୍ଥ ସଂକଳନ ଓ ମୁଦ୍ରଣାଦିର ବ୍ୟୟ—ଏହି ସଂସ୍କରଣରେ ଛପା ହେବା ପୁସ୍ତକ ସଂଖ୍ୟା ୧୨୫୦ । ହାରାହାରି ୧୨୦୦ ପୃଷ୍ଠାସମ୍ବଳିତ ପ୍ରତ୍ୟେକ ଭାଗ (ଭଲ୍ୟୁମ୍) ପାଇଁ କାଗଜ, ଛପା ଓ ବନ୍ଧାଇ ଖରଚ ମୋଟାମୋଟି ବାର ହଜାର ଟଙ୍କା । ଏହି ବ୍ୟୟ ଛଡ଼ା ପାଣ୍ଡୁଲିପିମାନ ସାଫ କରିବା, ସମ୍ମାର୍ଜନ କରିବା ଓ ଛାପାଖାନା ଲାଗି କପି ପ୍ରସ୍ତୁତ କରିବା କାର୍ଯ୍ୟରେ ନିଯୁକ୍ତ ମୋ ସହକର୍ମୀମାନଙ୍କୁ ଓ ମୋତେ ପୋଷିବାପାଇଁ ପ୍ରତି ମାସରେ ଦୁଇଶହ ଟଙ୍କା ବ୍ୟୟ କରିବାକୁ ୫ ବର୍ଷ ହେଲା ପଡ଼ୁଛି ଓ ଆଉ ୨ ବରଷ ପଡ଼ିବ । ଅତଏବ ଉକ୍ତ ମାସିକ ବ୍ୟୟ ଛଡ଼ା ସମଗ୍ର ୫ ଭାଗ ଯାକ ପ୍ରକାଶ କରିବାପାଇଁ ଅନ୍ୟୂନ ଷାଠିଏହଜାର ଟଙ୍କା ଲୋଡ଼ା ।

ଅର୍ଥସଂକଟ ଓ ଆର୍ଥିକ ସଙ୍ଗତି—ଆଜିକାଲି ସମସ୍ତ ଜଗତକୁ ଯେଉଁ ଅର୍ଥକୃଚ୍ଛ୍ରତା ଓ ଅର୍ଥସଂକଟରୂପ ବ୍ୟାଧି ଘୋଟିଅଛି, ତାହା, ତ ଗଭର୍ଣ୍ଣମେଣ୍ଟ, କି ରାଜାମହାରାଜ, କି ସେଠ ସାହୁକାର, କି ସନ୍ଥ ମହନ୍ତ, କି ଅମୀର ଫକୀର, କି ଲକ୍ଷପତି ଗରିବ, ସମସ୍ତଙ୍କୁ ବାଧିଛି । ଏ ପରିସ୍ଥିତିରେ ଭାଷାକୋଷର ବ୍ୟୟ ନିର୍ବାହାର୍ଥ ଦାତା ଓ ଅଗ୍ରିମ ଗ୍ରାହକମାନଙ୍କଠାରୁ ମିଳିବା ଅର୍ଥସାହାଯ୍ୟର ସ୍ରୋତ କ୍ଷୀଣ ହୋଇଯିବାରୁ ମୋ ବାସଗୃହ ଖଣ୍ଡିକ ବନ୍ଧକ ଦେଇ ମୁଁ ସାତହଜାର ଟଙ୍କା ଋଣ କରିବାରୁ ଦ୍ୱିତୀୟ ଖଣ୍ଡ ପ୍ରକାଶିତ ହୋଇପାରିଲା । ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ୫୦ ସାର ଗ୍ରନ୍ଥ କିଣିବେ ଓ ବଙ୍ଗ ଗଭର୍ଣ୍ଣମେଣ୍ଟ ୧୦ ସାର ଗ୍ରନ୍ଥ କିଣିବେ ବୋଲି ଗ୍ରନ୍ଥପ୍ରକାଶ ପୂର୍ବରୁ ମୋତେ ବଚନ ଦେଇ ଥିଲେ; କିନ୍ତୁ ପ୍ରଥମ ଖଣ୍ଡ ପ୍ରକାଶିତ ହେବାର ସମ୍ବାଦ ସେମାନଙ୍କଠାରୁ ପ୍ରେରିତ ହୁଅନ୍ତେ ଅର୍ଥାଭାବର ଦୁହାଇ ଦେଇ ସେମାନେ ବଚନ ଭୁଲିଗଲେ । ଏ ଗ୍ରନ୍ଥପାଇଁ ଅର୍ଥସାହାଯ୍ୟ କରିବା ଓ କେତେ ସାର ଗ୍ରନ୍ଥ କିଣିବାପାଇଁ କେତେକ ବିଶିଷ୍ଟ ଧନପତି ପୂର୍ବରୁ ବଚନ ଦେଇଥିଲେହେଁ ଅବଧି ସେମାନେ ସ୍ୱ ସ୍ୱ ବଚନ ପାଳନ କରି ନାହାନ୍ତି । ଏପରି ଅବସ୍ଥାରେ ଯେନତେନ ପ୍ରକାରେଣ ଦ୍ୱିତୀୟ ଭାଗ ପ୍ରକାଶ ହୋଇ ସାରିବା ପରେ ତୃତୀୟ ଖଣ୍ଡର ମୁଦ୍ରଣ ଓ ପ୍ରକାଶପାଇଁ ସମ୍ବଳ କାହୁଁ ଆସିବ, ଏହି ଚିନ୍ତା ମୋତେ ବିବ୍ରତ କରି ପକାଇଲା । ମୋର ବାସଗୃହ ଖଣ୍ଡି ତ ବନ୍ଧା ପଡ଼ିଛି, ଆଉ କି ଥାଉ ଅଛି ଯେ ମହାଜନ ମୋତେ ଋଣ ଦେବେ ? ଦାତାଙ୍କଠାରୁ ଧନ ମିଳିବ ନାହିଁ, ଗ୍ରାହକମାନଙ୍କ ଠାରୁ ଅଗ୍ରିମ ଅର୍ଡ଼ର ମିଳିବ ନାହିଁ, ମହାଜନଙ୍କଠାରୁ ଋଣ ମିଳିବ ନାହିଁ; ଭାଷାକୋଷ ପାଇଁ ଅର୍ଥାଗମର ଏ ତିନୋଟିଯାକ ବାଟ କଣ୍ଟା ଛଟା ହେବାର ଦେଖି "ମାଆକୁ କହିବି, ବଳଦ ବିକିବ ନାହିଁ, ମୋ ବଇଷମ ହବା କଥା ନୋହିଲା" ନ୍ୟାୟ ମୋତେ ପୁଣି ଅବଲମ୍ବନ କରିବାକୁ ପଡ଼ିଲା; ଅର୍ଥାତ୍ ଯେଉଁ ଓକାଲତି ୫୨ ବର୍ଷ ହେଲା ଛାଡ଼ିଥିଲି, ବାଧ ହୋଇ ପୁଣି ସେହିଆଡ଼କୁ ଆଖିବୁଲାଇଲି । ଦୈବ ଯୋଗରୁ ଗୋଟିଏ ନରହତ୍ୟା ମକଦ୍ଦମାରେ ମୁଦାଲାର ପକ୍ଷ ସମର୍ଥନ କରିବାପାଇଁ ଆଠମଲ୍ଲିକର ରାଜା ସାହେବଙ୍କଠାରୁ ମୋତେ ଆଗ୍ରହ ଡାକରା ଆସିଲା । ସେହି ମକଦ୍ଦମା ସମ୍ପର୍କରେ ଆଠମଲ୍ଲିକ ଯାଇ ସେଠାରୁ ବୌଦ୍ଧର ରାଜା ସାହେବଙ୍କଠାକୁ ଯିବାର ସଂକଳ୍ପ କଲି । ରାଜା ସାହେବଙ୍କ ସଙ୍ଗେ ମୋର ପୂର୍ବରୁ ଆଳାପ ପରିଚୟ ନ ଥିଲେହେଁ ରାଜା ସାହେବ ଏଥି ପୂର୍ବରୁ ଆଠ ସାର ଗ୍ରନ୍ଥର ଅଗ୍ରିମ ଗ୍ରାହକ ହୋଇ ପ୍ରଥମ ଖଣ୍ଡ ଗ୍ରନ୍ଥ ମଗାଇନେଇ-ଥିଲେ । ତାଙ୍କ ସମ୍ମୁଖରେ ନେଇ ଦ୍ୱିତୀୟ ଖଣ୍ଡ ଉପସ୍ଥାପିତ କଲି ଓ ମୋର ଉପସ୍ଥିତ ଅର୍ଥସଙ୍କଟ ବିଷୟ ଜଣା କଲି । ରାଜାସାହେବ ଧୈର୍ଯ୍ୟସହକାରେ ମୋ ବକ୍ତବ୍ୟ ଶୁଣି ଏପରି ଉଦ୍ୟମରେ ସମସ୍ତଙ୍କର ସାହାଯ୍ୟ ଦେବା ଉଚିତ ବୋଲି ପ୍ରକାଶ କଲେ, ଏବଂ ତୃତୀୟ ଖଣ୍ଡର ମୁଦ୍ରଣ ବ୍ୟୟ ନିର୍ବାହାର୍ଥ ପାଞ୍ଚହଜାର ଟଙ୍କା ଅନତିବିଳମ୍ବେ ମଞ୍ଜୁର କଲେ, ଏବଂ ଆଜ୍ଞା କଲେ ଯେ ଏହାଛଡ଼ା ଅଧିକ ସାହାଯ୍ୟ ଦେବା କଥା ତାଙ୍କର ବିଚାରାଧୀନ । ବୌଦ୍ଧର ରାଜାସାହେବଙ୍କ ପ୍ରଦତ୍ତ ଏହି ପାଞ୍ଚହଜାର ଟଙ୍କାକୁ ମୂଳପିଣ୍ଡ କରି ତୃତୀୟ ଖଣ୍ଡର ମୁଦ୍ରଣ କାର୍ଯ୍ୟ ଆରମ୍ଭ ହେଲା ।

ତୃତୀୟ ଖଣ୍ଡର କର୍ମରେ ଅନ୍ୟମାନଙ୍କଠାରୁ ପ୍ରାପ୍ତ ସାହାଯ୍ୟ--

ତୃତୀୟଖଣ୍ଡର ଛପା କାର୍ଯ୍ୟ ଚାଲୁଥିବା ସମୟରେ ମୟୂରଭଞ୍ଜ ମହାରାଜଙ୍କ ପ୍ରତିଶ୍ରୁତ ସାହାଯ୍ୟରୁ ବାକି ଥିବା ଟ୫୦୦୦୯ ଦୁଇ କିସ୍ତିରେ ହସ୍ତଗତ ହେଲା । ତଳଚେରର ରାଜାସାହେବଙ୍କ ପ୍ରତିଶ୍ରୁତ ସାହାଯ୍ୟ ବାବଦକୁ ଟ ୨୦୦୯ ଓ କେନ୍ଦୁଝର ରାଜା ସାହେବଙ୍କଠାରୁ ପ୍ରତିଜ୍ଞ ଧନ ଛଡ଼ା ପୁଣି ଟ ୩୦୦୯ ହସ୍ତଗତ ହେବାରୁ ତୃତୀୟ ଖଣ୍ଡର ଛପା କାର୍ଯ୍ୟ ନିର୍ବିଘ୍ନରେ

ସମାହୃତ ହେଲା । ଦ୍ୱିତୀୟ ଭାଗର ଛପାକାର୍ଯ୍ୟ ଚାଲୁଥିବା ସମୟରେ ଯେଉଁ ଅର୍ଥସଙ୍କଟ ପଡ଼ିଥିଲା, ଆଠମଲ୍ଲିକ ରାଜାସାହେବଙ୍କର ଏକ-ହଜାର ଟଙ୍କା ସାହାଯ୍ୟ ସେତେବେଳେ ମୋର ଭାରି କାମରେ ଲାଗିଥିଲା । ମୋର ଏହି କଥା ହେଜ ହେବାରୁ 'ଲୋକେ ଯାଇଲା ବଢ଼ିଆ ବୁହନ୍ତି' ନୀତିର ଅନୁସରଣ କରି ପୁଣି ଆଠମଲ୍ଲିକ ରାଜା ସାହେବଙ୍କୁ ତୃତୀୟ ଖଣ୍ଡର ବନ୍ଧା ହେବା ସମ୍ବନ୍ଧେ ଉପସ୍ଥିତ ଅର୍ଥସଙ୍କଟ ଜଣାଇଲି । ରାଜା ସାହେବ ଏ ଗ୍ରନ୍ଥ ପ୍ରକାଶରେ ସାହାଯ୍ୟାର୍ଥ ପୁଣି ଟ ୫୦୦୦ ମଞ୍ଜୁର କରି ସଙ୍ଗେ ସଙ୍ଗେ ଟ ୩୦୦୦ ପଠାଇ ଦେଇଅଛନ୍ତି । ବୌଦର ରାଜା ସାହେବଙ୍କୁ ମଧ ପୂର୍ବର ଆଶାଗର୍ଭିକ ପ୍ରତିଶ୍ରୁତି ବିଷୟ ସ୍ମରଣ କରାଇବାରୁ ତାଙ୍କ ପ୍ରତିଶ୍ରୁତି ପାଳନ କରି ଆହୁରି ତିନି ହଜାର ଟଙ୍କା ସାହାଯ୍ୟ କରିଅଛନ୍ତି ।

ବୌଦ୍ଧ ରାଜା ସାହେବଙ୍କ ପ୍ରଦତ୍ତ ଟ ୬୦୦୦ ମୂଳପିଣ୍ଡ ଉପରେ ତୃତୀୟ ଖଣ୍ଡର ଛପା କର୍ମ ଆରମ୍ଭ ହେଲା, ଓ ତାଙ୍କର ଅନ୍ତିମ ସାହାଯ୍ୟରେ ତୃତୀୟଖଣ୍ଡ ବନ୍ଧା ହେଲା । ଏଥିପାଇଁ ତାଙ୍କ ନାମରେ ତୃତୀୟ ଖଣ୍ଡ ଉତ୍ସୃଷ୍ଟ ହେଲା ଓ ତାଙ୍କୁ ମଧ ଏ ଖଣ୍ଡର ପୃଷ୍ଠପୋଷକରୂପେ ବରଣ କଲି ।

ଚତୁର୍ଥ ଭାଗର ପ୍ରକାଶାର୍ଥ ପାଟଣା ବିଶ୍ୱବିଦ୍ୟାଳୟଙ୍କ ଦାନ—ତୃତୀୟ ଭାଗର ଛପା କାର୍ଯ୍ୟର ସମାପ୍ତି ଯେତିକି ପାଖେଇଥାଏ, ଚତୁର୍ଥ ଖଣ୍ଡର ପ୍ରକାଶ ପାଇଁ ମୋର ଭାବନା ସେତିକି ବଢ଼ୁଥାଏ, ଓ ପ୍ରଭୁ ଚତୁର୍ଥ ଖଣ୍ଡର ଛପା କର୍ମ ଆରମ୍ଭ ହେବା ପାଇଁ କି ବରାଦ କରିବେ, ମୁଁ ଏହାହିଁ ଭାବୁଥାଏଁ । ଏହି ସମୟରେ ହଠାତ୍ ଅକାଳରେ ଗଛପାଚିଲା ଆମ୍ବ ଗଛରୁ ଝଡ଼ି ପଥିକର କାନରେ ଖସିପଡ଼ିବା ଭଳି ୨୭।୩।୩୩ ରେ ପାଟଣା ବିଶ୍ୱ-ବିଦ୍ୟାଳୟର ସିନେଟ୍ ସିଣ୍ଡିକେଟଙ୍କ ସୁପାରସ ଅନୁସାରେ ଟ ୫୦୦୦ ମଞ୍ଜୁର କରିବାର ସମ୍ବାଦ ପାଇଲି । ଏ ଉପକାର ଓ ସାହାଯ୍ୟ ପାଇଁ ବିଶ୍ୱ-ବିଦ୍ୟାଳୟର ସଭ୍ୟମାନଙ୍କଠାରେ ମୁଁ କୃତଜ୍ଞ ଓ ସେମାନଙ୍କର ସର୍ବବାଦି-ସମ୍ମତିକ୍ରମେ ଏ ଟଙ୍କା ମଞ୍ଜୁର ହୋଇଥିବା ଅତି ଆନନ୍ଦ ଓ ଆଶାର ବିଷୟ । ଏ ସାହାଯ୍ୟରେ ଆଉ ଗୋଟିଏ ବିଶିଷ୍ଟତା ଏହିକି, ମୁଁ କୌଣସି ସାହାଯ୍ୟ ପାଇଁ ବିଶ୍ୱବିଦ୍ୟାଳୟଙ୍କଠାରେ ପୂର୍ବରୁ ଆବେଦନ କରି ନ ଥିଲି । ଏ ଅଯାଚିତୋପସ୍ଥିତ ସାହାଯ୍ୟ ପାଇଁ ମୁଁ କେଉଁ ମହାନୁଭବ ସୂତ୍ରଧରଙ୍କୁ ଧନ୍ୟବାଦ ଦେବି ତାହା ମଧ ପୂର୍ବରୁ ଜାଣି ପାରି ନ ଥିଲି । ପରେ ଅବଗତ ହେଲି ଯେ, ଏ ଗ୍ରନ୍ଥର ମୌଳିକ ସହାୟକ, ବିହାର ଓଡ଼ିଶାର ଶିକ୍ଷାବିଭାଗର ଡାଇରେକ୍ଟର୍ ଶ୍ରୀଯୁକ୍ତ ଫକସ୍ ସାହେବ ଏ ଦାନ ସମ୍ବନ୍ଧରେ ପଣ୍ଟପୁରୋଧା ଅଟନ୍ତି ।

ଖଲ୍ଲିକୋଟ ଓ ଆଠଗଡ଼ର ଦେଶ ହିତୈକବ୍ରତ ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଲାଗି ଆରମ୍ଭ ଆନ୍ଦୋଳନର ମୌଳିକ ସୂତ୍ରଧାର ସ୍ୱର୍ଗୀୟ ରାଜା ହରିହର ମର୍ଦ୍ଦରାଜ ଦେବଙ୍କ ସୁଯୋଗ୍ୟ ପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ଇତିମଧ୍ୟରେ ଭାଷାକୋଷର ଅପ୍ରକାଶିତ ପାଣ୍ଡୁଲିପିମାନ ପରିଦର୍ଶନ କରି ଏ ଗ୍ରନ୍ଥ ପ୍ରକାଶାର୍ଥ ଛଅ ମାସ ପରେ ଏକ ହଜାର ଟଙ୍କା ସାହାଯ୍ୟ ଦେବେ ବୋଲି ପ୍ରତିଶ୍ରୁତ ହୋଇଅଛନ୍ତି । ଆଶା ହେଉଅଛି ଯେ, ବିଶ୍ୱବିଦ୍ୟାଳୟଙ୍କ ପ୍ରଦତ୍ତ ଏହି ୫ ହଜାର ଟଙ୍କା ଓ ଖଲ୍ଲିକୋଟ ରାଜାସାହେବଙ୍କ ପ୍ରତିଶ୍ରୁତ ଏକ ହଜାର ଟଙ୍କା ମୂଳପିଣ୍ଡ ଦ୍ୱାରା ଚତୁର୍ଥ ଖଣ୍ଡର ଛପା କର୍ମ ଆରମ୍ଭ ହୋଇ, କାର୍ଯ୍ୟ ଚାଲୁଥିବା ଅବସ୍ଥାରେ ଚତୁର୍ଥ ଖଣ୍ଡର ଛପା ଓ ବନ୍ଧାଇପାଇଁ ଲୋଡ଼ା ଅବଶିଷ୍ଟ ଧନ ଉତ୍କଳର ବଦାନ୍ୟ ବରପୁତ୍ର-ଓ ଗ୍ରାହକମାନଙ୍କଠାରୁ ହସ୍ତଗତ ହେବ ।

ପଞ୍ଚମ ଭାଗର ପ୍ରକାଶାର୍ଥ ଜୟପୁରର ରାଜା ସାହେବଙ୍କଠାରୁ ସାହାଯ୍ୟର ଆଶା—ଅଧିକ ମଧ ଆନନ୍ଦର ବିଷୟ ଏହିକି ପଞ୍ଚମ ଖଣ୍ଡର ପ୍ରକାଶାର୍ଥ ବ୍ୟୟ ନିର୍ବାହ ପାଇଁ ଜୟପୁରର ରାଜା ଶ୍ରୀ ବିକ୍ରମ ଦେବ ବର୍ମା 'ସାହିତ୍ୟସମ୍ରାଟ'ଙ୍କ ଠାରୁ ବିଶିଷ୍ଟ ଅର୍ଥସାହାଯ୍ୟ ମିଳିବାର ନିଃସନ୍ଦେହ ସୂଚନା ଏଥି ମଧ୍ୟରେ ମିଳିଅଛି । ଏ ଗ୍ରନ୍ଥର ଇତିହାସ ସଙ୍ଗେ ରାଜା ବିକ୍ରମ ଦେବ ବର୍ମାଙ୍କ ନାମ ଓତପ୍ରୋତରୂପେ ଜଡ଼ିତ ଥିବା ବିଷୟ ପୂର୍ବବର୍ତ୍ତୀ ଖଣ୍ଡମାନଙ୍କରେ ବିବୃତ ହୋଇଅଛି । ଜୟପୁରର ରାଜଗାଦି ଅଲଂକୃତ କରିବା ପୂର୍ବରୁ ଉତ୍କଳୀୟ-ମାନଙ୍କ ରାଜନୀତିକ, ବୈଷୟିକ, ସାହିତ୍ୟିକ ଓ ଜାତୀୟ ଉନ୍ନତି ପାଇଁ ଅନନ୍ୟାପେକ୍ଷୀ ହୋଇ ଗତ ୩୦।୪୦ ବର୍ଷ ହେଲା ସେ ଯାହା କରି ଆସି ଅଛନ୍ତି, ସମ୍ଭବତଃ ଉତ୍କଳଭାଷୀ ଅଞ୍ଚଳର ଅନ୍ୟ କେହି ଜଣେ ଏତେ ପ୍ରକାରେ, ଏତେ ଦିଗରେ, ଏତେ ଆକାରରେ ଓ ଏତେ ଉଦ୍ୟମରେ ତାହା କରି ନାହାନ୍ତି । ଗଞ୍ଜାମ ଓ ଭିଶାଖାପାଟଣା ଅଞ୍ଚଳରେ ପରାକ୍ରମୀ ପ୍ରତିବେଶୀମାନଙ୍କ ତାଡ଼ନ-ଜର୍ଜ୍ଜରିତ ଓଡ଼ିଆଙ୍କ ସ୍ୱାତନ୍ତ୍ର୍ୟ ଓ ଜାତୀୟତା ତିଷ୍ଠିପାରିବା ଏହାଙ୍କ ପ୍ରଚେଷ୍ଟାଯୋଗୁ ସମ୍ଭବପର ହୋଇଅଛି । ରାଜଗାଦିରେ ବସିବାଦ୍ୱାରା ତାଙ୍କର ଏ ଭାଷାକୋଷ ପ୍ରତି ପୂର୍ବ ପ୍ରକାଶିତ ମୌଖିକ ଉତ୍ସାହ ଓ ସାହାଯ୍ୟ,ଫଳରେ ଓ ଅର୍ଥରେ ପରିଣତ ହେବାର ସମୟ ଓ ସୁବିଧା ପହଞ୍ଚିଲାକ୍ଷଣି ସେ ସେଥିର ସଦ୍‌ବ୍ୟବହାର କରିବେହିଁ କରିବେ । ଭାଷାକୋଷର କୌଣସି ପରବର୍ତ୍ତୀ ଖଣ୍ଡ ତାଙ୍କ ନାମରେ ଉତ୍ସର୍ଗ କରିବାର କ୍ଷମା ତାଙ୍କୁ ପାଟ୍ରନ୍ (ପୃଷ୍ଠପୋଷକ) ରୂପେ ବରଣ କରିବାର ସଂକଳ୍ପ ମୁଁ ବହୁଦିନ ହେଲା ପୋଷଣ କରିଅଛି; ପ୍ରଭୁ ମୋ ଆଶା ପୂର୍ଣ୍ଣ କରନ୍ତୁ ।

ପଞ୍ଚମ ଭାଗ ପରେ ପରିଶିଷ୍ଟ ଖଣ୍ଡ ପ୍ରକାଶର ପରିକଳ୍ପନା

ଅତଏବ ଦେଖାଯିବ ଯେ, ବର୍ତ୍ତମାନ ଆପାତତଃ ଚତୁର୍ଥ ଓ ପଞ୍ଚମ ଖଣ୍ଡମାନଙ୍କର ପ୍ରକାଶ ହେବାର ଆଶା ପୂର୍ବାପେକ୍ଷା ଉଜ୍ଜ୍ୱଳତର ହୋଇଅଛି । ପଞ୍ଚମ ଖଣ୍ଡ ପ୍ରକାଶିତ ହେବା ପରେ ଯେବେ ଦେଖାଯିବ ଯେ ବର୍ଣ୍ଣମାଳାର ଉକ୍ତବର୍ଣ୍ଣମାନଙ୍କର କେତେକ ଶବ୍ଦ ବାକି ରହିଗଲା, ସେମାନ ଓ ପୂର୍ବବର୍ତ୍ତୀ ଖଣ୍ଡମାନଙ୍କ ଛପା ସରିବା ପରେ ସେହି ସେହି ଖଣ୍ଡମାନଙ୍କରେ ସଂଗୃହୀତ ଅକ୍ଷରାଦ୍ୟ ଯେଉଁ ନୂଆ ଶବ୍ଦମାନ ଇତିମଧ୍ୟରେ ମୋର ହସ୍ତଗତ ହୋଇଅଛି, ହେଉଅଛି ଓ ହେବ, ସେମାନଙ୍କ ପାଇଁ ଭାଷାକୋଷର 'ପରିଶିଷ୍ଟ ଖଣ୍ଡ' ପ୍ରକାଶିତ ହେବ ।

ପ୍ରାପ୍ତ ଓ ଲୋଡ଼ା ଅର୍ଥର ପରିମାଣ

ଏ ବହୁ ଜନସାଧ୍ୟ,ବହୁ ଧନସାଧ୍ୟ ସମଗ୍ର ଗ୍ରନ୍ଥର ପରିସମାପ୍ତି ପାଇଁ ଲୋଡ଼ା ୬୦।୬୫ ହଜାର ଟଙ୍କା ମଧ୍ୟରୁ ଆଜିପର୍ଯ୍ୟନ୍ତ ୪୬ ହଜାର ଟଙ୍କାର ସଂସ୍ଥାନ ପ୍ରଭୁଙ୍କ କୃପାରୁ ହୋଇ ସାରିଲାଣି । ବାକି ୧୫।୨୦ ହଜାର ଟଙ୍କା ଯଥା-ସମୟରେ ହସ୍ତଗତ ହୋଇ ଏ ଜାତୀୟ ଯଜ୍ଞର ଅଚ୍ଛିଦ୍ରାବଧାରଣ ନିର୍ବିଘ୍ନରେ ସମାପ୍ତ ହେବ ବୋଲି ମୋର ଆଶା ଦିନକୁଦିନ ଦୃଢ଼ରୁ ଦୃଢ଼ତର ହେଉଅଛି ।

ଏ ଗ୍ରନ୍ଥର ସମାପ୍ତି ପାଇଁ ପୂର୍ବରୁ ପୋଷିତ ଆଶାର ପୁନରୁଲ୍ଲେଖ

ଦ୍ୱିତୀୟ ଭାଗର ଅବତରଣିକାରେ ମୁଁ ଯେଉଁ ଆଶା ପୋଷଣ କରିଥିଲି, ଏଠାରେ ତାହାର ପୁନରୁଲ୍ଲେଖ କରୁଅଛି;—ଯେଉଁ ଜାତୀୟ କୀର୍ତ୍ତିମନ୍ଦିରର ଶୁଭ ଭିତ୍ତି ବିହାର ଗଭର୍ଣ୍ଣମେଣ୍ଟ ପକାଇ ଅଛନ୍ତି, ଦୁଇଜଣ ଗଭର୍ଣ୍ଣର ଯହିଁର ଶୁଭ-ବାଚନ କରିଅଛନ୍ତି, ପୁଣ୍ୟଶ୍ଲୋକ ସ୍ୱର୍ଗୀୟ ମହାରାଜ ପୂର୍ଣ୍ଣଚନ୍ଦ୍ରଙ୍କ ନାମରେ ଯାହାର ନାମକରଣ ସାର୍ଥକ ହୋଇଅଛି ଓ ଯେଉଁ କୀର୍ତ୍ତିମନ୍ଦିରର ସଂରକ୍ଷା ଓ

ପୁଷ୍ଟିସାଧନ ପାଇଁ ଉତ୍କଳ ଖଣ୍ଡର ଦିଗ୍ଦିଗରେ ମହାପରାକ୍ରମୀ ଦିଗ୍ଦନ୍ତୀମାନେ ହସ୍ତ ଉତ୍ତୋଳନ କରି ରହିଅଛନ୍ତି, ଉତ୍କଳଜାତିର, ଉତ୍କଳଖଣ୍ଡର, ଉତ୍କଳଭାଷାର ଓ ଉତ୍କଳସାହିତ୍ୟର ସେହି କୀର୍ତ୍ତିମନ୍ଦିରର ମୁଣ୍ଡି ନିଷ୍ଟୟ ମରିବ, ଅତ୍ର ସନ୍ଦେହୋନାସ୍ତି ।

ଯେଉଁ ବରପୁତ୍ରମାନଙ୍କ ବଦାନ୍ୟତା ଓ ସାହାଯ୍ୟରେ ଏ ଗ୍ରନ୍ଥର ପରିସମାପ୍ତି କଳ୍ପିତ ହେଉଅଛି

ମୟୂରଭଞ୍ଜର ହୀରକାକର, କଳ୍ପବୃକ୍ଷ ଓ ଦାନସାଗର ବଂଶର ମଉଡ଼ମଣି ମହାରାଜ ପ୍ରତାପଚନ୍ଦ୍ର; ଏ ଗ୍ରନ୍ଥରୂପ ବୃକ୍ଷର ଅଙ୍କୁରାରୋପଣ ବେଳେ ଏହାକୁ ଜଳଦାନ କରି ବଞ୍ଚାଇ ରଖିଥିବା କଳାହାଣ୍ଡିର ମହାରାଜ ବ୍ରଜମୋହନ; ଭାରତବର୍ଷରେ ଉତ୍କଳଭାଷାର ମର୍ଯ୍ୟାଦା ଓ ସ୍ଥାୟିତ୍ୱ ଯେଉଁ ମହାରାଜଦମ୍ପତିଙ୍କ ମୁକ୍ତହସ୍ତତା ଓ ବଦାନ୍ୟତା ଯୋଗୁଁ ସମ୍ଭବ ଅଛି, ସେହି ସାମ୍ରାଜ୍ୟତନ୍ତ୍ର ତ-କୀର୍ତ୍ତି, ଦାନବୀର, ଧର୍ମବୀର ଓ କର୍ମବୀର ସୋନପୁରର ମହାରାଜ ବୀର-ମିତ୍ରୋଦୟ; ସାହିତ୍ୟସେବା ଓ ସାହିତ୍ୟାନୁରାଗ ପାଇଁ ଉତ୍କଳପ୍ରସିଦ୍ଧ ରାଜ-ଷିବଂଶର ମୁକୁଟମଣି ପଟ୍ଟଣଗଡ଼ର ମହାରାଜ ଆଦିତ୍ୟପ୍ରତାପ; ସାହିତ୍ୟରଥୀ, ଜାତୀୟ ବୀର, ଦେଶପ୍ରାଣ, ରାଜକବି, 'ସାହିତ୍ୟସମ୍ରାଟ', ଉତ୍କଳର ବିକ୍ରମାଦିତ୍ୟ ଜୟପୁରର ରାଜା ବିକ୍ରମ ଦେବ; ଉତ୍କଳର ପ୍ରାଚୀନ ବୀରଶ୍ରୀଗଜପତିବଂଶର ପ୍ରତିଷ୍ଠାକୁ ଅକ୍ଷୁଣ୍ଣ ରଖିବାରେ ସମର୍ଥ, ରାଉଣ୍ଡ୍ ଟେବଲ୍ କନ୍ଫରେନ୍ସରେ ଛିନ୍ନବିଚ୍ଛିନ୍ନ ସମଗ୍ର ଉତ୍କଳଖଣ୍ଡର ମୁଖ୍ୟ ପ୍ରତିନିଧିରୂପେ ଉତ୍କଳ ପ୍ରଦେଶ ଯୋଜନାରୂପ ଯଜ୍ଞର ସ୍ୱସ୍ତିବାଚକ ପଟ୍ଟପୁରୋଧା ପାରଳାଖେମୁଣ୍ଡିର ରାଜା ଶ୍ରୀ କୃଷ୍ଣଚନ୍ଦ୍ର; ଛିନ୍ନାବୟବ ଉତ୍କଳଖଣ୍ଡ ଏକୀକୃତ ସ୍ୱତନ୍ତ୍ର ପ୍ରଦେଶରୂପେ ଗଠିତ ହେବା ପାଇଁ ପ୍ରାଣ ପଣ କରିଥିବା ସ୍ୱର୍ଗୀୟ ରାଜା ହରିହରଙ୍କ ଯୋଗ୍ୟତର କୁମାର ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନସୂଚକ ସରକାରୀ ଘୋଷଣାର ସୂତ୍ରଧାର ଖଲ୍ଲିକୋଟ ଆଠଗଡ଼ର ରାଜା ରାମଚନ୍ଦ୍ର; ଲକ୍ଷ୍ମୀସରସ୍ୱତୀଙ୍କ ଚିରବିବାଦ-ଭଞ୍ଜକ, ପ୍ରାଦେଶିକ ଶାସନସଭାରେ ପ୍ରଥମ ଓଡ଼ିଆ, ଅର୍ଥସଦସ୍ୟ କନିକାର ମାନ୍ୟବର ରାଜା ରାଜେନ୍ଦ୍ରନାରାୟଣ; ଢେଙ୍କାନାଳର ଉଦୟମାନ ରାଜା ଶଙ୍କର ପ୍ରତାପ; ଓଡ଼ିଶାର ଲୋପୋନ୍ମୁଖ ପ୍ରାଚୀନ ଦେବକୀର୍ତ୍ତିମାନଙ୍କ ଉଦ୍ଧାର ଓ ସଂରକ୍ଷଣରେ ଅସାଧାରଣରୂପେ ମୁକ୍ତହସ୍ତ, ଓଡ଼ିଶା ଓ ଓଡ଼ିଆ ନାମଧାରୀ ଯେ କୌଣସି ସାଧାରଣ ଅନୁଷ୍ଠାନର ଅଭାବ ମୋଚନାର୍ଥ ସର୍ବଦା ବିବ୍ରତକର, ଉଦାରଚେତା, ସୌମ୍ୟମୂର୍ତ୍ତି, ଦେବର୍ଷିପ୍ରତିମ ପୁରୀ ଇମାରମଠର ମହନ୍ତ ମହାରାଜ ଗଦାଧର; ଓଡ଼ିଆଙ୍କ ଲୁପ୍ତପ୍ରାୟ ପ୍ରାଚୀନ ଅକ୍ଷର-କୀର୍ତ୍ତି, ପ୍ରାଚୀନ ଧର୍ମ, ପ୍ରାଚୀନ ସାହିତ୍ୟ, ପ୍ରାଚୀନ ଶାରୀରିକ ବିଭବ ଓ ବଳବିକ୍ରମକୁ ପୁନରୁଜ୍ଜୀବିତ କରିବାରେ ବ୍ରତୀ, ଜଗଦ୍ବିଖ୍ୟାତ ପ୍ରାଚୀସମିତିର ଯଜମାନ, ଭାଷାକୋଷର ସଂଗ୍ରାହକ ଓ ସହକର୍ମିଣୀଙ୍କ ସଙ୍ଗେ ଧର୍ମ ଓ କର୍ମବନ୍ଧନରେ ବହୁକାଳ ହେଲା ଘନିଷ୍ଠରୂପେ ସଂପୃକ୍ତ, ଉତ୍କଳର ବିଭବ ରକ୍ଷା କଲ୍ପେ ସର୍ବଦା ମୁକ୍ତହସ୍ତ ଭଦ୍ରଖର ଜମିଦାର ଭୂୟାଁ ଭାସ୍କର ଚନ୍ଦ୍ର; ଏତାଦୃଶ ବରପୁତ୍ରମାନଙ୍କୁ ଅଙ୍କରେ ଧାରଣ କରି ଆଜି ଉତ୍କଳ ମାତା ଓ ଉତ୍କଳ ଜାତି ଧନ୍ୟ । ଏମାନେ ସ୍ୱୟଂ ଓ ଏମାନଙ୍କ ପୂର୍ବପୁରୁଷମାନେ ଜଣେ ଜଣେ ଓଡ଼ିଶାର, ଓଡ଼ିଆ ଜାତିର, ଓଡ଼ିଆ ସାହିତ୍ୟର ଓ ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ପାଇଁ ଯେଉଁ ଯେଉଁ ତ୍ୟାଗ ଓ ଦାନମାନ କରିଅଛନ୍ତି, ସେମାନ ଲିପିବଦ୍ଧ କଲେ ଗୋଟିଏ ଗୋଟିଏ ପୋଥି ହେବ । ଏମାନଙ୍କ ପାଇଁ ଓଡ଼ିଶାର ଭାବୀ ଇତିହାସରେ ଉଚ୍ଚ ସ୍ଥାନ ଗୋଟିଏ ଲେଖାଏଁ ମାର୍କାମରା ହୋଇ ଯାଇସାରି ହେଲାଣି । ଏମାନଙ୍କ ମଧ୍ୟରୁ କେହି ଜଣେ ମାତ୍ର ଇଚ୍ଛାକଲେ ଭାଷାକୋଷର ପୂର୍ତ୍ତି ପାଇଁ ଲୋଡ଼ା ଅବଶିଷ୍ଟ ପନ୍ଦର କୋଡ଼ିଏ ହଜାର ଟଙ୍କା ରୋକ୍‌ଠୋକ୍ ଗଣି ଦେବେ । ମୋର ବିଶ୍ୱାସ ଯେ ଏମାନଙ୍କ ମଧ୍ୟରୁ ଜଣେ କେହି ଓଡ଼ିଶାରେ ବସିଥିବା ପର୍ଯ୍ୟନ୍ତ ଏହି ଭାଷାକୋଷ-ଦେଉଳ 'ଲଣ୍ଡା' ହୋଇ ରହିବ ନାହିଁ; ଏହା ମୁଣ୍ଡି ମରିବ ଓ ଏଥିରେ ନୀଳାଦ୍ରିବିହାରୀଙ୍କ ନୀଳଚକ୍ର ବସିବହିଁ ବସିବ ।

ଓଡ଼ିଶାରେ, ଓଡ଼ିଶାର ବାହାରେ ଓ ଇଉରୋପରେ ବିକ୍ରି ହୋଇଥିବା ଓ ଉପହାର ଦିଆଯାଇଥିବା ଗ୍ରନ୍ଥର ସଂଖ୍ୟା—ନରୱେ, ଫ୍ରାନ୍ସ, ଇଂଲଣ୍ଡ, ପ୍ରସିଆ ଓ ଜର୍ମାନୀର ବିଦ୍ୱଜ୍ଜନମାନେ ଏ ଗ୍ରନ୍ଥର ନିର୍ଦ୍ଧାରିତ ଅଗ୍ରିମ ମୂଲ୍ୟ ଦେଇ ଗ୍ରାହକ ଶ୍ରେଣୀଭୁକ୍ତ ହୋଇଅଛନ୍ତି । ଲଣ୍ଡନ, ଜର୍ମାନୀ ଓ ଫ୍ରାନ୍ସର ପୃଥିବୀବିଖ୍ୟାତ ପ୍ରାଚ୍ୟପୁସ୍ତକ-ବିକ୍ରେତାମାନେ ଦେଶବିଦେଶରେ ଏ ଗ୍ରନ୍ଥର ବିକ୍ରୟ ଓ ପ୍ରଚାର କରିବାପାଇଁ ଏଜେଣ୍ଟ ହୋଇଅଛନ୍ତି । ଆଜିପର୍ଯ୍ୟନ୍ତ ଗ୍ରାହକମାନଙ୍କୁ ୩୧୫ ସାରି ଗ୍ରନ୍ଥ ବିକ୍ରୟ ହୋଇଅଛି, ଓ ପୃଷ୍ଠପୋଷକ, ସହାୟକ, କର୍ମୀ ଓ ସାଧାରଣ ଅନୁଷ୍ଠାନ-ମାନଙ୍କୁ ୪୦ ସାରି ଗ୍ରନ୍ଥ ଉପହାର ଦିଆଯାଇଅଛି ।

ଦେଶବିଦେଶରେ ଏ ଗ୍ରନ୍ଥର ବିକ୍ରୟ, ପ୍ରଚାର, ଆଦର ଓ ପ୍ରଶଂସା—ସମଗ୍ର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡର ୩୦୦୦ ପ୍ରାଚ୍ୟବିଦ୍ୟା-ବିଶାରଦ ବ୍ୟକ୍ତି ଓ ବିଦ୍ୟାଚର୍ଚ୍ଚାର କେନ୍ଦ୍ରମାନଙ୍କ ନିକଟରେ ପ୍ରଚଳିତ ଜର୍ମାନୀ ଦେଶର ଲାଇପ୍‌ଜିଗ୍ ନଗରୀର ପ୍ରାଚ୍ୟପୁସ୍ତକବିକ୍ରେତା ଅଟ୍ଟୋ ହାରାସୋୱିଜ୍‌ଙ୍କ ପ୍ରକାଶିତ ଜର୍ମାନୀ ଭାଷାର କାଟାଲୋଗ୍‌ରେ (ପୁସ୍ତକ-ଲିଷ୍ଟରେ) ଏ ଗ୍ରନ୍ଥର ନାମ ଓ ମୂଲ୍ୟାଦି ବିଜ୍ଞାପିତ ହୋଇଅଛି । ଉକ୍ତ ପୁସ୍ତକ-ବିକ୍ରେତା ଇତିମଧ୍ୟରେ ୪୧୫ ଜଣ ଅଗ୍ରିମ ଗ୍ରାହକଙ୍କୁ ଏ ପୁସ୍ତକ ବିକ୍ରି କରିଅଛନ୍ତି ଓ ପୁଣି ଦୁଇ ସାରି ଗ୍ରନ୍ଥ ପାଇଁ ଅର୍ଡ଼ର ପଠାଇ ଅଛନ୍ତି । ବିଲାତର ପ୍ରଧାନ ପ୍ରାଚ୍ୟପୁସ୍ତକ ବିକ୍ରେତା ଲୁଜାକ୍ ଆଣ୍ଡ୍ କୋମ୍ପାନୀ ବିଲାତରେ ୫ ଜଣ ଅଗ୍ରିମ ଗ୍ରାହକଙ୍କୁ ଏ ପୁସ୍ତକ ବିକ୍ରି କରି-ଅଛନ୍ତି ଓ ବିକ୍ରି କରିବା ପାଇଁ ଆଉ କେତେ ସାରି ଗ୍ରନ୍ଥ ମଗାଇ ନେଇଅଛନ୍ତି । ଜର୍ମାନୀ ଓ ପ୍ରସିଆର ସରକାରୀ ଲାଇବ୍ରେରୀ ଏ ପୁସ୍ତକ ଏକ ସାରି କିଣି ଅଛନ୍ତି । ଫ୍ରାନ୍ସର ପୁସ୍ତକ ବିକ୍ରେତା ସି. କ୍ଲିଙ୍କ୍‌ସିକ୍ ମହାଶୟ ଫ୍ରାନ୍ସର ପ୍ରଧାନ ଲାଇବ୍ରେରୀକୁ ଏ ଗ୍ରନ୍ଥ ବିକ୍ରୟ କରିଅଛନ୍ତି । ନରୱେର ମାନବ-ଶାସ୍ତ୍ର-ସମାଜ ଦୁଇ ସାରି ଗ୍ରନ୍ଥ କିଣି ନେଇଅଛନ୍ତି । ବିଶ୍ୱବିଖ୍ୟାତ ରୋମର ବିଶ୍ୱବିଦ୍ୟାଳୟର ପ୍ରାଚ୍ୟ ଭାଷାର ଅଧ୍ୟାପକ ଆଚାର୍ଯ୍ୟ ଗୁଇସେପ୍ ଟକ୍କୀ ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ସମାଲୋଚନ—ପତ୍ରିକାରେ ଏ ଗ୍ରନ୍ଥ ବିଷୟରେ ପ୍ରବନ୍ଧ ପ୍ରକାଶ କରିବା ପାଇଁ ଏ ଗ୍ରନ୍ଥ ମଗାଇ ନେଇଅଛନ୍ତି । ଜର୍ମାନୀ ଗଭର୍ଣ୍ଣମେଣ୍ଟଙ୍କ ସହାୟତାରେ ପ୍ରକାଶିତ ଜର୍ମାନୀ ଭାଷାର ଜଗଦ୍ବିଖ୍ୟାତ ବିଶ୍ୱକୋଷରେ ଓଡ଼ିଆ ଭାଷା ଓ ଏ ଗ୍ରନ୍ଥ ସମ୍ବନ୍ଧରେ ପ୍ରବନ୍ଧ ଲିପିବଦ୍ଧ ହୋଇଅଛି । କଟକର ବାପ୍‌ଟିଷ୍ଟ୍ ମିଶନ୍ ସମ୍ପ୍ରଦାୟର ଭୂତପୂର୍ବ ଧର୍ମଯାଜକ ଶ୍ରୀଯୁକ୍ତ ପାଇକ୍ ସାହେବ ବର୍ତ୍ତମାନ ବିଲାତରେ ଥାଇ ବିଲାତର ବିଦ୍ୟା-କେନ୍ଦ୍ରମାନଙ୍କରେ ଏ ଗ୍ରନ୍ଥର ପ୍ରଚାର କରୁଅଛନ୍ତି । ଏ ଗ୍ରନ୍ଥର ସଂକଳନ ଦ୍ୱାରା ଓଡ଼ିଆ ଭାଷା ଆଜି ସମଗ୍ର ସଭ୍ୟଜଗତର ସୁଧୀସମାଜରେ ଆଦର ଓ ସମ୍ମାନ ଲାଭ କରି ଆଧୁନିକ ଭାଷାମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ପ୍ରତିଷ୍ଠା ଲାଭ କରିବାକୁ ସମର୍ଥ ହୋଇଅଛି ଓ ହେବ; ଏହା ଭାବିଲେ ଓଡ଼ିଆ ରକ୍ତବିନ୍ଦୁର କଣିକାଏ ମାତ୍ର ଯେଉଁ ବ୍ୟକ୍ତିଙ୍କ ଧମନୀରେ ପ୍ରବାହିତ ହେଉଥିବ ସେ ଯୁଗପତ୍ ଗର୍ବ ଓ ଆନନ୍ଦ ଅନୁଭବ କରିବେ । ମୋ.ପରି ଜଣେ ନଗଣ୍ୟ, ଶକ୍ତିହୀନ, ଧନହୀନ, ଜନହୀନ, ବଳହୀନ ଓ ବିଦ୍ୟାହୀନ

ବ୍ୟକ୍ତିର ଚେଷ୍ଟା ଓଡ଼ିଆ ଭାଷାର ଏ ଆନ୍ତର୍ଜାତିକ ସମ୍ମାନଲାଭର ମୂଳରେ ଥିବାର ଅନୁଭବ କରି ଓଡ଼ିଆପୁଅ ରୂପେ ଜନ୍ମିବା ମୋ ଜୀବନରେ ସାର୍ଥକ ହୋଇଅଛି । ସମ୍ୟକ୍ ବିଭବପୂର୍ଣ୍ଣ ପ୍ରାଚୀନ ଓଡ଼ିଆ ଭାଷା ଓ ପ୍ରାଚୀନ ଅକ୍ଷର-କୀର୍ତ୍ତି ଓ ପ୍ରସ୍ତରକୀର୍ତ୍ତିରେ ଭାସ୍ୱର ଓଡ଼ିଆ ଜାତି ଆନ୍ତର୍ଜାତୀୟ ବିଦ୍ୱଜ୍ଜନ-ମଣ୍ଡଳରେ ଆଉ ଏଣିକି ଅବହେଳାର ପାତ୍ର ହେବ ନାହିଁ; ଓଡ଼ିଆ ଜାତିର ଏହି ନ୍ୟାଯ୍ୟ ସମ୍ମାନଲାଭ ଯେଉଁ ବିଦେଶୀୟ ମହାମତି ପଣ୍ଡିତମାନଙ୍କ ସୂଚନା, ପ୍ରଚାର, ପ୍ରଶଂସା ଓ ପ୍ରଚେଷ୍ଟାରେ ସମ୍ଭବପର ହୋଇଅଛି, ଓଡ଼ିଆ ଜାତି ସେହି ମନୀଷୀମାନଙ୍କଠାରେ ଚିରକାଳ ଋଣୀ ରହିବ !

ରାଜଦ୍ୱାରରେ ଏ ଗ୍ରନ୍ଥର ସଂଗ୍ରାହକର ସମ୍ମାନ ଓ କୈସର୍-ଇ-ହିନ୍ଦ୍-ପଦକ ଲାଭ—ଓଡ଼ିଆ ଭାଷାର ଉନ୍ନତିକଳ୍ପେ ମୋର ଏହି କ୍ଷୁଦ୍ର ଚେଷ୍ଟା ଆଜି ଭାରତସମ୍ରାଟ ଓ ଭାଇସ୍‌ରଏଙ୍କ ଦୃଷ୍ଟିରେ ପଡ଼ିଅଛି । ଚଳିତ ନବବର୍ଷାରମ୍ଭଦିନ ମୋତେ ମହାମହିମ ଭାରତ ସମ୍ରାଟଙ୍କ କୈସର-ଇ-ହିନ୍ଦ୍ ପଦକ ମିଳିଅଛି । ଏ ଅଯାଚିତ, ଅପ୍ରତ୍ୟାଶିତ ଓ ଅନାହୂତ ରାଜସମ୍ମାନର ମୂଳରେ ବିହାର ଓଡ଼ିଶାର ଗଭର୍ଣ୍ଣର୍ ମାନ୍ୟବର ସର୍ ଜେମସ୍ ଡେଭିଡ୍ ସିଫ୍ଟନ୍‌ଙ୍କର ଓ ଓଡ଼ିଶାର କମିସନର୍, ଉତ୍କଳମିତ୍ର ଶ୍ରୀଯୁକ୍ତ ଫିଲିପ୍ ସାହେବଙ୍କର ସୁପାରିସ୍ ବିଦ୍ୟମାନ ଥିବାରୁ ମୁଁ ସେମାନଙ୍କଠାରେ କୃତଜ୍ଞ । ଏ ରାଜସମ୍ମାନ ମୋର ନୁହେଁ; ଏହା ସମଗ୍ର ଓଡ଼ିଆ ଜାତିର । ଏ ସମ୍ମାନଲାଭଦ୍ୱାରା ମୋର ଏ ଶବ୍ଦକୋଷ ରୂପ ବ୍ରତସାଧନ ପକ୍ଷରେ ବ୍ୟକ୍ତିଗତ ଲାଭ ଏତିକି ହେଲା ଯେ ଏ ଜାତୀୟ କୀର୍ତ୍ତିସୌଧର ମୁଣ୍ଡି ମାରିବାପାଇଁ ମୁଁ ଦେଶର ବଦାନ୍ୟ ବରପୁତ୍ରମାନଙ୍କ ସମ୍ମୁଖରେ ପୂର୍ବାପେକ୍ଷା ଦୃଢ଼ତର ଭାବରେ ଅଳି କରି ପାରିବି; କାରଣ, ଏହି ପଦକଦ୍ୱାରା ଜାତୀୟ ମନ୍ଦିରର ମାର୍କାମରା ସେବାଏତ୍ ଓ ପୂଜାହାରିରୂପେ ମୋଠାରେ ଭାରତ ସମ୍ରାଟଙ୍କ ଶ୍ରୀହସ୍ତାଙ୍କିତ ଦ୍ୱାରିକା-ଛାପା ମରା ହେଲା । ତେବେ ମୁଁ ଏଠାରେ ଏତିକି ମୋ ଭାଇମାନଙ୍କୁ କହି ରଖୁଛି ଯେ ପ୍ରଭୁଙ୍କ କୃପାରୁ ଏ ଜାତୀୟ ସୌଧର ମୁଣ୍ଡି ମରି ସାରିଲେ ଓ ଏଥିର 'କୋଇଲିବୈକୁଣ୍ଠ ମଣ୍ଡପ'ରେ ତୀର୍ଥଯାତ୍ରୀମାନଙ୍କର 'ଅଟ୍ଟିକା' କରିବାର ଅବସର ଉପସ୍ଥିତ ହେଲେ ମୋ ଓଡ଼ିଆ ଭାଇମାନେ ଓ ଓଡ଼ିଆ ଜାତି ସେ ଅଟ୍ଟିକାରେ ସେମାନଙ୍କ ପ୍ରାପ୍ୟ ଅଂଶରୁ ବଞ୍ଚିତ ହେବେ ନାହିଁ ।

ଏ ଗ୍ରନ୍ଥର ପ୍ରଥମ ନିର୍ଦ୍ଧାରିତ ମୂଲ୍ୟ ଓ ତହିଁର ବୃଦ୍ଧି—ଏ ଗ୍ରନ୍ଥର ଛାପା କର୍ମ ଆରମ୍ଭ ହେବା ପୂର୍ବରୁ ଯେଉଁ ଅନୁଷ୍ଠାନପତ୍ର ବାହାରିଥିଲା, ସମଗ୍ର ଗ୍ରନ୍ଥ ଦୁଇ ଭାଗରେ ଓ ୩୬୦୦ ପୃଷ୍ଠାରେ ସମାପ୍ତ ହେବ ଓ ତହିଁର ଅଗ୍ରିମଦେୟ ମୂଲ୍ୟ ଟ ୩୦୲ ବୋଲି ତହିଁରେ ଜଣାଇ ହୋଇଥିଲା; କିନ୍ତୁ ପ୍ରଥମ ଓ ଦ୍ୱିତୀୟ ଭାଗ ଛାପା ହେଲାବେଳକୁ ଦେଖାଗଲା ଯେ, ସମଗ୍ର ଗ୍ରନ୍ଥ ପାଞ୍ଚ ଭାଗରେ ଓ ୬୦୦୦ ପୃଷ୍ଠାରେ ସମାପ୍ତ ହେବ: ଏଥିପାଇଁ ସମଗ୍ର ଗ୍ରନ୍ଥର ଅଗ୍ରିମ ମୂଲ୍ୟ ପଚାଶ ଟଙ୍କା ଓ ପ୍ରତି ଭାଗର ନଗଦ ମୂଲ୍ୟ ଟ ୧୫୲ ସ୍ଥିରୀକୃତ ହେଲା । ବର୍ତ୍ତମାନ ତୃତୀୟ ଭାଗ ପ୍ରକାଶଦ୍ୱାରା ଦେଖା ଯାଉଅଛି ଯେ, ପୂର୍ବକଳ୍ପିତ ଆକାର ଓ ବ୍ୟୟ ଆହୁରି ବଢ଼ିବ । ଅତଏବ ଏଣିକି ସମଗ୍ର ୫ ଖଣ୍ଡ ଗ୍ରନ୍ଥ ପାଇଁ ବର୍ତ୍ତମାନ ଦେୟ ଅଗ୍ରିମ ମୂଲ୍ୟ ଟ୬୦୲ (ଷାଠିଏ ଟଙ୍କା) ଓ ପ୍ରତି ଭାଗର ନଗଦ ମୂଲ୍ୟ ଟ ୧୬୲ ଆପାତତଃ ସ୍ଥିର କରାଗଲା । ଯେଉଁ ଗ୍ରାହକ ଅଗ୍ରିମ ମୂଲ୍ୟ ଦେବେ, ସେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରକାଶିତ ଭାଗମାନ ସଙ୍ଗେ ସଙ୍ଗେ ପାଇବେ ଓ ଅବଶିଷ୍ଟ ଦୁଇ ଭାଗ ପ୍ରକାଶିତ ହେବାମାତ୍ରକେ ପାଇବେ । ଯେ ଅବନ୍ଧା ଗ୍ରନ୍ଥ ନେବାକୁ ଇଚ୍ଛା କରିବେ, ତାଙ୍କୁ ସମଗ୍ର ଗ୍ରନ୍ଥ ପାଇଁ ଅଗ୍ରିମ ଦେୟ ମୂଲ୍ୟ ଟ ୫୦୲ ଓ ପ୍ରତ୍ୟେକ ଖଣ୍ଡ ପାଇଁ ନଗଦ ମୂଲ୍ୟ ଟ ୧୪୲ ଦେବାକୁ ହେବ । ଭବିଷ୍ୟତରେ ଅନ୍ୟ ଭାଗମାନ ପ୍ରକାଶିତ ହୋଇ ଗଲେ ବ୍ୟାବସାୟିକ ଲାଭଗଣନାରେ ସମଗ୍ର ଗ୍ରନ୍ଥର ନଗଦ ମୂଲ୍ୟ ଟ ୮୦୲ ହେବ । କିନ୍ତୁ ଯେଉଁ ଗ୍ରାହକମାନେ ପୂର୍ବ ପ୍ରକାଶିତ ଅନୁଷ୍ଠାନପତ୍ର ଓ ବିଜ୍ଞାପନ ଅନୁସାରେ ସମଗ୍ର ଗ୍ରନ୍ଥ ପାଇଁ ଅଗ୍ରିମ ମୂଲ୍ୟ ଯଥାକ୍ରମେ ଟ ୩୦୲ ବା ୫୦୲ ଦେଇ ଗ୍ରାହକ ଶ୍ରେଣୀଭୁକ୍ତ ହୋଇଅଛନ୍ତି, ସେମାନଙ୍କଠାରୁ ଆଉ ଅଧିକା ମୂଲ୍ୟ ଦାବି କରା ନ ଯାଇ ସେମାନଙ୍କୁ ସେହି ପୂର୍ବଦତ୍ତ ମୂଲ୍ୟରେ ସମଗ୍ର ଗ୍ରନ୍ଥ ଦିଆ ଯାଉଅଛି ଓ ଯିବ । ଆଜିସୁଦ୍ଧା ୩ ଭାଗ ପ୍ରକାଶିତ ହେଲା ।

ପରବର୍ତ୍ତୀ ଖଣ୍ଡମାନ ପ୍ରକାଶିତ ହେବାର କଳ୍ପିତକାଳ—ଚତୁର୍ଥ ଭାଗ ୧୯୩୪ ମାର୍ଚ୍ଚ ମାସ ସୁଦ୍ଧା ଓ ପଞ୍ଚମ ଭାଗ ୧୯୩୪ ଡିସେମ୍ବର ମାସ ବା ୧୯୩୫ ଜାନୁଆରୀ ମାସ ସୁଦ୍ଧା ପ୍ରକାଶିତ ହେବ ବୋଲି ଆଶା କରାଯାଏ ।

ଉତ୍କଳଭାଷୀ ଅଞ୍ଚଳମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଓଡ଼ିଶା-ପ୍ରଦେଶ ଗଠିତ ହେବାରୂପ ଜାତୀୟ ଆକାଂକ୍ଷାର ପୂର୍ତ୍ତି ସଙ୍ଗେ ଏ ଗ୍ରନ୍ଥର ପୂର୍ତ୍ତିର ସମ୍ବନ୍ଧ—ପ୍ରଥମ ଭାଗର ଅବତରଣିକାରେ ମୁଁ ଓଡ଼ିଆ ଜାତିର ଯେଉଁ ଉଜ୍ଜ୍ୱଳ ଭବିଷ୍ୟତ୍ କଳ୍ପନା କରିଥିଲି, ସେହି ଚିତ୍ର ଆଜି-ପର୍ଯ୍ୟନ୍ତ ମୋ 'ମନ ନୟନ'ରେ ଘରକରି ରହିଅଛି । ଏଠାରେ ଆଉ ଗୋଟିଏ କଥାର ଅବତାରଣା କରୁଅଛି । ପ୍ରଥମ ଭାଗ ପ୍ରକାଶିତ ହେବା ସମୟରେ (୧୯୩୧ ସେପ୍ଟେମ୍ବର) ଓଡ଼ିଆଭାଷୀ ଅଞ୍ଚଳମାନ ଭାରତର ୪ଟି ସ୍ୱତନ୍ତ୍ର ପ୍ରଦେଶରେ ଖେଳେଇ ହୋଇ ପଡ଼ିଥିବାର ମୁଁ ସୂଚନା କରିଥିଲି । ଦ୍ୱିତୀୟ ଭାଗ ପ୍ରକାଶିତ ହେବା ସମୟକୁ (୧୯୩୨ ଅଗଷ୍ଟ) ବିଲାତର ଦ୍ୱିତୀୟ ରାଉଣ୍ଡ୍ ଟେବଲ୍ କନ୍‌ଫରେନ୍‌ସରେ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଏକୀ-କରଣର ଆଶା ସୂଚିତ ହୋଇଥିଲା ମାତ୍ର । ବର୍ତ୍ତମାନ ଏହି ତୃତୀୟ ଭାଗ ପ୍ରକାଶିତ ହେଲା ବେଳକୁ (୧୯୩୩ ମେ) ଅଧିକାଂଶ ଉତ୍କଳଭାଷୀ ଅଞ୍ଚଳ ଏକୀଭୂତ ହୋଇ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠିତ ହେବାର ଘୋଷଣା ତୃତୀୟ ରାଉଣ୍ଡ୍ ଟେବଲ୍ କନ୍‌ଫରେନ୍‌ସରେ ଭାରତର ଷ୍ଟେଟ୍ ସେକ୍ରେଟେରୀ କରି ସାରିଅଛନ୍ତି । ଆଶା କରାଯାଏ ଯେ, ଏ ଗ୍ରନ୍ଥର ଶେଷ ଭାଗ ପ୍ରକାଶିତ ହେଲା ବେଳକୁ (୧୯୩୫ ଜାନୁଆରୀ ସୁଦ୍ଧା) ଏକକୋଟି ଓଡ଼ିଆ ସନ୍ତାନଙ୍କ ପ୍ରାଣର ଗମ୍ଭୀର କନ୍ଦରକୁ ଘାଣ୍ଟୁ ଥିବା ନୂତନ ଓଡ଼ିଶା ପ୍ରଦେଶର ସୀମାନିର୍ଣ୍ଣୟବିଷୟକ ଚିତ୍ତୋନ୍ମାଦକାରୀ ସମସ୍ୟା ପାର୍ଲିଆମେଣ୍ଟ ଓ ସମ୍ରାଟଙ୍କ ଦ୍ୱାରା ସନ୍ତୋଷଜନକରୂପେ ମୀମାଂସିତ ହୋଇ ନୂତନ ଓଡ଼ିଶା-ପ୍ରଦେଶ ଗଠିତ ହୋଇଥିବ । ଅତଏବ, ଏଥିରୁ ଦେଖାଯିବ ଯେ, ଏକ-ଶାସନାଧୀନ ହେବାପାଇଁ ଓଡ଼ିଆ ଜାତିର ଗତ ପଚାଶ ବର୍ଷର ଆନ୍ଦୋଳନ, ଆଶା, ଆକାଂକ୍ଷା ଓ ପ୍ରାର୍ଥନାର ପୂର୍ତ୍ତି ସଙ୍ଗେ ଉତ୍କଳୀୟ ଜାତିର ଏ ଜ୍ଞାନସୌଧ ନିର୍ମାଣକର୍ମର ମଧ୍ୟ ପୂର୍ତ୍ତି ହୋଇଯିବ ।

ଏ ଗ୍ରନ୍ଥର ଅନ୍ତିମ ଭାଗ ସଙ୍ଗେ ମହାମହିମ ଭାରତ ସମ୍ରାଟଙ୍କ ମହନୀୟ ନାମ-ସଂଯୋଜନର କଳ୍ପନା ଓ ଜଳ୍ପନା—ଗତ ୫୦ ବର୍ଷର ଆଶା ଓ ସ୍ୱପ୍ନ ସଫଳ ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବାର ସ୍ମାରକ ଏବଂ ଏକ କୋଟି ଓଡ଼ିଆଙ୍କ ଗଭୀର ଓ ଅଟଳ ରାଜଭକ୍ତିର ନିଦର୍ଶନ ଓ ମୋ ଜୀବନବ୍ୟାପୀ ପରିଶ୍ରମ ଓ ତପସ୍ୟା-ଫଳର ଶେଷସ୍ତବକକୁ (ଅର୍ଥାତ୍ ଭାଷାକୋଷର ଅନ୍ତିମ ଭାଗକୁ) ନରରୂପଧାରୀ ମହତ୍ତା ଦେବତା, ମହାମାନ୍ୟ ଭାରତସମ୍ରାଟଙ୍କ ମହନୀୟ ନାମରେ ଉତ୍ସର୍ଗ କରିବାକୁ କିମ୍ବା ତାଙ୍କୁ ତହିଁର ପୃଷ୍ଠପୋଷକରୂପେ ବରଣ କରିବାକୁ ମୁଁ ସମ୍ରାଟଙ୍କ ଶ୍ରୀମୁଖରୁ ଅନୁମତି ପାଇବି ବୋଲି ସୁଖସ୍ୱପ୍ନ ଦେଖୁଅଛି । ମହାପ୍ରଭୁ ଶ୍ରୀ ସମ୍ରାଟଙ୍କ କର୍ଣ୍ଣରେ କଥା କହି ମୋ ସୁଖସ୍ୱପ୍ନର ପୂର୍ତ୍ତି କରନ୍ତୁ ।

ପୂର୍ବତନ, ବର୍ତ୍ତମାନ ଓ ଭାବୀ ସହକର୍ମୀ, ସହାୟକ ଓ ପୃଷ୍ଠପୋଷକମାନଙ୍କୁ ଧନ୍ୟବାଦ ଅର୍ପଣ—ପରଶେଷରେ ମୋର ପୂର୍ବତନ, ବର୍ତ୍ତମାନ ଓ ଭାବୀ ସମସ୍ତ ସହକର୍ମୀ, ସହାୟକ, ସହାନୁଭୂତିଦାତା, ଆଶୀର୍ବାଦକ, ପୃଷ୍ଠପୋଷକ ଓ ସମାଲୋଚକମାନଙ୍କୁ ମୁଁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ଏବଂ ଏ କଷ୍ଟସାଧ୍ୟ କର୍ମ ସୁରୁଟରୂପେ ସରିବା ପାଇଁ ମୁଁ ସେମାନଙ୍କର ଆଶୀର୍ବାଦ, ସାହାଯ୍ୟ ଓ ଶୁଭକାମନା ଭିକ୍ଷା କରୁଅଛି । ଏ ଗ୍ରନ୍ଥରେ ପରିଲକ୍ଷିତ ସମସ୍ତ ତ୍ରୁଟି, ଅଙ୍ଗହାନି ଓ ଭ୍ରମ ପ୍ରମାଦାଦି ପାଇଁ ମୁଁ ଦୋଷୀ ଓ ଦାୟୀ ଅଟେ; କିନ୍ତୁ ଏଥିରେ ଯେବେ କିଛି ପ୍ରଶଂସା ଓ ଗୌରବର ବିଷୟ ଥାଏ, ତାହା କେବଳ ମୋ ସହକର୍ମୀମାନଙ୍କ ଆନ୍ତରିକ ସହଯୋଗ ଯୋଗୁଁ ସମ୍ଭବ ହୋଇ ପାରିଅଛି । ଯେଉଁ ବନ୍ଧୁମାନେ ଏ ଗ୍ରନ୍ଥରେ ପରିଲକ୍ଷିତ ତ୍ରୁଟି, ଭ୍ରମ ଓ ପ୍ରମାଦମାନ ମୋତେ ଦେଖାଇ ଦେବେ ମୁଁ ସେମାନ ଶୁଦ୍ଧିପତ୍ରଦ୍ୱାରା ବା ପରିଶିଷ୍ଟ ଖଣ୍ଡରେ ବା ପରବର୍ତ୍ତୀ ସଂସ୍କରଣରେ ସଂଶୋଧନ କରିବି ଓ ଏଥିଲାଗି ମୁଁ ଉକ୍ତ ବନ୍ଧୁମାନଙ୍କଠାରେ କୃତଜ୍ଞ ରହିବି ।

ପ୍ରଭୁ ପରମପିତାଙ୍କ ଚରଣରେ ଗଭୀର ଭକ୍ତି ଅର୍ପଣ ଓ କରୁଣା ଭିକ୍ଷା—ଯେଉଁ ପରମପିତା, ମହତୋମହୀୟାନ୍ ବିଶ୍ୱନିୟନ୍ତାଙ୍କ ଅପାର କରୁଣା ମୋତେ ଓ ମୋ ଭାଷାକୋଷକୁ ନିର୍ବିଘ୍ନରେ ଆମ ଗନ୍ତବ୍ୟ ମାର୍ଗର ୩ ଗୋଟି ମାଇଲ୍-ଖୁଣ୍ଟି ପର୍ଯ୍ୟନ୍ତ ଅଣି ପହଞ୍ଚାଇଲାଣି, ତାଙ୍କ ଶ୍ରୀଚରଣରେ ମୁଁ ଭକ୍ତି-ଅର୍ଘ୍ୟ ଅର୍ପଣ କରୁଅଛି, ଓ ଏହି ମହାଜାତୀୟ ଯଜ୍ଞର ଅବଭୃଥାବଧାରଣ କରିବା ପାଇଁ ଓ ମୋ ଗନ୍ତବ୍ୟ ମାର୍ଗର ମଙ୍ଗଳ ମୁଣ୍ଡରେ ପହଞ୍ଚିବା ପାଇଁ ମୋତେ ଉପଯୁକ୍ତ ଶକ୍ତି, ସାହାଯ୍ୟ, ଉତ୍ସାହ ଓ ସ୍ୱାସ୍ଥ୍ୟ ଦିଅନ୍ତୁ ବୋଲି ତାଙ୍କ ଶ୍ରୀଚରଣରେ ତ୍ରିକାଳସନ୍ଧ୍ୟାରେ ଭିକ୍ଷା କରୁଅଛି । ତାଙ୍କର ବିଧାନ ଓ ଆଦେଶ ପରିପାଳିତ ହେଉ । ତଥାସ୍ତୁ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ । ଇତି ।

ଭାଷାକୋଷ ଆଶ୍ରମ, କଟକ
୧୯୩୧ ମେ ମାସ } ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ,
ସମ୍ପାଦକ ।

Prominent supporters of this works.

Mr. G. E. Fawcus Esq M.A., C.I.E., O.B.E., V.D., I.E.S.

Director of public Instruction Bihar and Orissa.

ବିହାର ଓଡ଼ିଶା ଶିକ୍ଷାବିଭାଗର ଡାଇରେକ୍ଟର

ଶ୍ରୀଯୁକ୍ତ ଜି. ଇ. ଫକସ୍ ।

Mr C. L. Philip M.A., I.C.S, C.I.E.,

Commissioner, Orissa Division.

ଓଡ଼ିଶା ବିଭାଗର କମିଶନର

ଶ୍ରୀଯୁକ୍ତ ସି. ଏଲ୍. ଫିଲିପ୍ ।

Viswanath Kar

Editor of the Utkal Sahitya, Cuttack.

ଉତ୍କଳ ସାହିତ୍ୟର ସମ୍ପାଦକ

ଶ୍ରୀଯୁକ୍ତ ବିଶ୍ୱନାଥ କର ।

Rai Bahadur Lakshmidhar Mahanty B. L., M. L. C., Advocate,

Dy. President of the Legislative Council Bihar and Orissa.

ବିହାର-ଓଡ଼ିଶା କାଉନ୍ସିଲର ଡେପୁଟି ପ୍ରେସିଡେଣ୍ଟ

ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି ବି. ଏଲ. ।

Babu Batakrishna Mahanty B.A.

Dewan, Boudh State, Orissa.

ଶ୍ରୀ ବଟକୃଷ୍ଣ ମହାନ୍ତି

ଦେୱାନ, ବୌଦ୍ଧ ଷ୍ଟେଟ ।

U. S Press, Cuttack.

ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ସଙ୍କଳନରେ ବ୍ୟବହୃତ ଅଭିଧାନଗ୍ରନ୍ଥ, ଗ୍ରନ୍ଥକାରମାନଙ୍କର ନାମ ଓ ସାଙ୍କେତିକ ଚିହ୍ନ ।

M. W.—ମନିଅର୍ ୱିଲିଅମ୍‌ସ୍‌ଙ୍କ କୃତ ସଂସ୍କୃତ-ଇଂରାଜୀ ଡିକ୍ସନାରି ।

Kirtikar—ଡକ୍ଟର୍ କୀର୍ତ୍ତିକାରଙ୍କର 'Indian Plants' (ଭାରତୀୟ ଉଦ୍ଭିଦ) ।

Apte—ପ୍ରୋଫେସର୍ ଆପ୍ଟେଙ୍କର Practical Sanskrit—English Dictionary (ସଂସ୍କୃତ-ଇଂରାଜୀ ଅଭିଧାନ) ।

Beams—Comparative Grammar of four Indo-Aryan languages (ବୀମ୍‌ସ ସାହେବଙ୍କ ଚତୁର୍ଭାଷାର ବ୍ୟାକରଣ) ।

Haines—ହାଏନ୍‌ସ୍ ସାହେବଙ୍କ Botany of Bihar and Orissa (ବିହାର-ଓଡ଼ିଶାର ଉଦ୍ଭିଦତତ୍ତ୍ୱ) ।

Howells—ପାଦ୍ରୀ ହଵେଲ୍‌ସ୍ ସାହେବଙ୍କ ଅପ୍ରକାଶିତ ଓଡ଼ିଆ-ଇଂରାଜୀ ଅଭିଧାନର ପାଣ୍ଡୁଲିପି ।

Fallon—ଡକ୍ଟର ଫାଲନ ସାହେବଙ୍କ ହିନ୍ଦୁସ୍ଥାନୀ-ଇଂରାଜୀ ଡିକ୍ସନାରି ।

Sir George Greierson—Linguistic Survey of India (ଗ୍ରୀୟର୍‌ସନ୍ ସାହେବଙ୍କ ଭାରତୀୟ ଭାଷାତତ୍ତ୍ୱ) ।

Grundy—ପାଦ୍ରୀ ଗ୍ରଣ୍ଡି ସାହେବଙ୍କ ଓଡ଼ିଆ-ଇଂରାଜୀ ଡିକ୍ସନାରି ।

ଗୋପୀନାଥ ନନ୍ଦ; ନନ୍ଦେ—ଗୋପୀନାଥ ନନ୍ଦଙ୍କ ଓଡ଼ିଆ 'ଶବ୍ଦତତ୍ତ୍ୱବୋଧ ଅଭିଧାନ' ।

ଜ୍ଞାନେନ୍ଦ୍ର—ଜ୍ଞାନେନ୍ଦ୍ର ମୋହନ ଦାସଙ୍କ ବଙ୍ଗଳା ଭାଷାର ଅଭିଧାନ ।

ବିଶ୍ୱକୋଷ—ନଗେନ୍ଦ୍ରନାଥ ବସୁଙ୍କ ପ୍ରଣୀତ ବଙ୍ଗଳା 'ବିଶ୍ୱକୋଷ' ।

ଯୋଗେଶଚନ୍ଦ୍ର—ରାୟ ବାହାଦୁର ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ସଂକଳିତ 'ବାଙ୍ଗଲା ଶବ୍ଦକୋଷ' ।

ପ୍ରକୃତିବାଦ—ଶ୍ରୀଯୁକ୍ତ ରାମକମଲ ବିଦ୍ୟାଲଙ୍କାରଙ୍କ ପ୍ରଣୀତ ସଚିତ୍ର ବଙ୍ଗଳା 'ପ୍ରକୃତିବାଦ ଅଭିଧାନ' ।

ହିନ୍ଦୀ ଶବ୍ଦସାଗର—କାଶୀ ନାଗରୀପ୍ରଚାରିଣୀ ସଭାଙ୍କ ପ୍ରକାଶିତ ହିନ୍ଦୀ ଭାଷାର ବୃହତ୍ ଅଭିଧାନ ।

ସୁବଲଚନ୍ଦ୍ର—ସୁବଲଚନ୍ଦ୍ର ମିତ୍ରଙ୍କ ସରଳ ବଙ୍ଗଳା ଅଭିଧାନ ।

ଗାଙ୍ଗୁଲି—The Student's Bengali and English Dictionary (ବି. ଗାଙ୍ଗୁଲିଙ୍କ ବଙ୍ଗଳା-ଇଂରାଜୀ ଅଭିଧାନ) ।

ଦ୍ରବ୍ୟଗୁଣ—ଶ୍ରୀ ନଗେନ୍ଦ୍ରନାଥ ସେନ୍ ଗୁପ୍ତଙ୍କ ବଙ୍ଗଳା 'ଦ୍ରବ୍ୟଗୁଣ ଶିକ୍ଷା' ।

ସମର୍ଥକୋଷ—ରାଜା ରାଧାକାନ୍ତ ଦେବଙ୍କ ଦ୍ୱାରା ପ୍ରକାଶିତ ବଙ୍ଗଳା 'ସମର୍ଥକୋଷ' ଅଭିଧାନ ।

ଶବ୍ଦକଳ୍ପଦ୍ରୁମ—ବଙ୍ଗାକ୍ଷରରେ ମୁଦ୍ରିତ ସଂସ୍କୃତ ଅଭିଧାନ ।

A. T. Dev—ଆଶୁତୋଷ ଦେବଙ୍କ ଇଂରାଜୀ-ବଙ୍ଗଳା ଅଭିଧାନ ।

ରାମନାରାୟଣ ଲାଲ—ଇଂରାଜୀ-ହିନ୍ଦୀ ଅଭିଧାନ ।

ଓଡ଼ିଆ ଦ୍ରବ୍ୟଗୁଣ, ହରେକୃଷ୍ଣ—କବିରାଜ ହରେକୃଷ୍ଣ ମିଶ୍ରଙ୍କ ଦ୍ରବ୍ୟଗୁଣ ।

ଓଡ଼ିଆ ଦ୍ରବ୍ୟଗୁଣ କଳ୍ପଦ୍ରୁମ—ବ୍ରଜବନ୍ଧୁ ତ୍ରିପାଠୀଙ୍କ ସଙ୍କଳିତ ଗ୍ରନ୍ଥ ।

Wilson—ୱିଲ୍‌ସନ୍ ସାହେବଙ୍କ କୃତ ସଂସ୍କୃତ ଅଭିଧାନ ।

ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ଉଦ୍ଧୃତ ଶିଷ୍ଟପ୍ରୟୋଗର ଗ୍ରନ୍ଥକାରମାନଙ୍କର ନାମ ଓ ସାଙ୍କେତିକ ଚିହ୍ନ ।

(ଦ୍ରଷ୍ଟବ୍ୟ—ଗ୍ରନ୍ଥମାନଙ୍କ ନାମ ଯଥାସ୍ଥାନରେ ଦିଆ ଯାଇଅଛି)

ଅଚ୍ୟୁତ, ଅଚ୍ୟୁତାନନ୍ଦ—କଟକ ଜିଲ୍ଲାର ନେମାଳଗାଦିର ମହନ୍ତ ସ୍ୱର୍ଗୀୟ ଅଚ୍ୟୁତାନନ୍ଦ ଦାସ ।

ଅଜୟ ଚନ୍ଦ୍ର—ସ୍ୱର୍ଗୀୟ ରାୟ ବାହାଦୁର ଅଜୟଚନ୍ଦ୍ର ଦାସ ।

ଅଭିମନ୍ୟୁ—ପ୍ରାଚୀନ କବି ଅଭିମନ୍ୟୁ ସାମନ୍ତସିଂହାର ।

ଉତ୍କଳ-ସାହିତ୍ୟ—ଶ୍ରୀ ବିଶ୍ୱନାଥ କରଙ୍କ ପ୍ରକାଶିତ ମାସିକ ପତ୍ର ।

ଉତ୍କଳ ସେବକ—ସମ୍ବଲପୁରରୁ ପ୍ରକାଶିତ ଓଡ଼ିଆ ସମ୍ବାଦପତ୍ର ।

କବିସୂର୍ଯ୍ୟ—ପ୍ରାଚୀନ କବି କବିସୂର୍ଯ୍ୟ ବଳଦେବ ରଥ ।

କୁନ୍ତଳା; କୁନ୍ତଳାକୁମାରୀ—ଶ୍ରୀମତୀ କୁନ୍ତଳାକୁମାରୀ ଦେବୀ ।

କୁଳମଣି—ପଣ୍ଡିତ ଶ୍ରୀ କୁଳମଣି ଦାଶ ।

କୃପାସିନ୍ଧୁ—ସ୍ୱର୍ଗୀୟ କୃପାସିନ୍ଧୁ ମିଶ୍ର ।

ଗଙ୍ଗାଧର—ସ୍ୱର୍ଗୀୟ କବି ଗଙ୍ଗାଧର ମେହେର ।

ଗଡ଼ଜାତବାସିନୀ—ତାଳଚେରରୁ ପ୍ରକାଶିତ ସାପ୍ତାହିକ ପତ୍ର ।

ଗୋପାଳକୃଷ୍ଣ—ଗଞ୍ଜାମର ପ୍ରାଚୀନ କବି ।

ଗୋଲକ—ଅପ୍ରକାଶିତ କାବ୍ୟ ଇନ୍ଦୁରେଖାର ଆଧୁନିକ କବି ।

ଚିକିଟି—ଗଞ୍ଜାମ ଜିଲ୍ଲାର ଚିକିଟି ରାଜ୍ୟର ରାଜାସାହେବ ।

ଚିନ୍ତାମଣି—ଶ୍ରୀଯୁକ୍ତ ଚିନ୍ତାମଣି ଆଚାର୍ଯ୍ୟ ।

ଚିନ୍ତାମଣି—କବିବର ଚିନ୍ତାମଣି ମହାନ୍ତି ।

ଜଗନ୍ନାଥ—ଭକ୍ତକବି ଜଗନ୍ନାଥ ଦାଶ ।

ଜଗବନ୍ଧୁ—ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ ।

ତାରିଣୀ—ସ୍ୱର୍ଗୀୟ ତାରିଣୀଚରଣ ରଥ ।

ତୁଳସୀ-ବିକ୍ରମ—ଜୟପୁରର ରାଜା ବିକ୍ରମଦେବଙ୍କ କୃତ ତୁଳସୀଦାସଙ୍କ ହିନ୍ଦୀ ରାମାୟଣ ଆଦିକାଣ୍ଡର ପଦ୍ୟାନୁବାଦ ।

ଦିନା(ନୋ)ଇ ଦାସ—ଦିନେଇ ଦାସଙ୍କ ରଚିତ ପହଲି ।

ଦାଶରଥି—ପ୍ରାଚୀନ କବି ଦାଶରଥି ଦାସ ।

ଦୀନକୃଷ୍ଣ—ଭକ୍ତକବି ଦୀନକୃଷ୍ଣ ଦାସ ।

ଦୈନିକ ଆଶା—ବ୍ରହ୍ମପୁରରୁ ପ୍ରକାଶିତ ଦୈନିକ ପତ୍ରିକା ।

ନନ୍ଦକିଶୋର—ସ୍ୱର୍ଗୀୟ କବି ନନ୍ଦକିଶୋର ବଳ ।

ନନ୍ଦେ—ସ୍ୱର୍ଗୀୟ ଗୋପୀନାଥ ନନ୍ଦଙ୍କ ଓଡ଼ିଆ ଅଭିଧାନ ।

ନାରାୟଣ—କବି ନାରାୟଣ ଦାସ (ହରିବଂଶ)

ନୀଳକଣ୍ଠ—ଶ୍ରୀ ନୀଳକଣ୍ଠ ଦାଶ ।

ନୀଳମଣି—ଯାଜପୁରର ପଣ୍ଡିତ ନୀଳମଣି ମିଶ୍ର (ଭକ୍ତିଧାରା ପ୍ରେମତରଙ୍ଗିଣୀ)

ପଞ୍ଚାମୃତ—କଟକ ଟ୍ରେଡ଼ିଙ୍ଗ୍ କମ୍ପାନୀଙ୍କ ପ୍ରକାଶିତ ପତ୍ରିକା ।

ପୀତାମ୍ବର—କବି ପୀତାମ୍ବର ଦାସ (ନୃସିଂହ ପୁରାଣ) ।

ପୀତାମ୍ବର—ଶ୍ରୀମତୀ ପୀତାମ୍ବରୀ ଦେବୀ ।
ପ୍ରତାପ—ପ୍ରାଚୀ ସମିତି ପ୍ରକାଶିତ ଶଶିସେଣା ।
ପ୍ରାଚୀ—କଟକ ପ୍ରାଚୀସମିତି ପ୍ରକାଶିତ ଗ୍ରନ୍ଥମାଳା ।
ପ୍ୟାରୀମୋହନ—ସ୍ୱର୍ଗୀୟ ପ୍ୟାରୀମୋହନ ଆଚାର୍ଯ୍ୟ ।
ଫକୀର, ଫକୀରମୋହନ—ସ୍ୱର୍ଗୀୟ ଫକୀରମୋହନ ସେନାପତି ।
ବଳରାମ—ପ୍ରାଚୀନ କବି ବଳରାମ ଦାସ (ରାମାୟଣ) ।
ବି. କେ. ପୁ.—ବିଷ୍ଣୁ କେଶରୀ ପୁରାଣ ।
ବିନାୟକ—ପଣ୍ଡିତ ଶ୍ରୀ ବିନାୟକ ମିଶ୍ର ।
ବିଶ୍ୱନାଥ—ପ୍ରାଚୀନ କବି ବିଶ୍ୱନାଥ ଖୁଣ୍ଟିଆ (ବିଚିତ୍ରରାମାୟଣ) ।
ବିଷ୍ଣୁକେଶରୀ ପୁରାଣ—ପ୍ରାଚୀ-ଗ୍ରନ୍ଥମାଳା ।
ବ୍ରଜନାଥ—ବ୍ରଜନାଥ ବଡ଼ଜେନାଙ୍କ ପ୍ରଣୀତ ସମରତରଙ୍ଗ ।
ଭକ୍ତଦାସ, ଭକ୍ତଚରଣ—ପ୍ରାଚୀନ କବି ଭକ୍ତଚରଣ ଦାସ ।
ଭଞ୍ଜ—କବି-ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ।
ଭୀମା—ଭୀମା ଧୀବର (କପଟପାଶା) ।
ଭିକାରୀଚରଣ—ରାୟ ସାହେବ ଶ୍ରୀ ଭିକାରୀଚରଣ ପଟ୍ଟନାୟକ ।
ଭୂପତି—ପ୍ରାଚୀ ଗ୍ରନ୍ଥମାଳାର କବି ଭୂପତି ପ୍ରଣୀତ ପ୍ରେମପଞ୍ଚାମୃତ ।
ମଦନମୋହନ—ଶ୍ରୀଯୁକ୍ତ ମଦନମୋହନ ପଟ୍ଟନାୟକ (ତୀର୍ଥଦର୍ଶନ) ।
ମନୁ—ମନୁସଂହିତା ।
ମହାଦେବ—ପ୍ରାଚୀନ କବି ମହାଦେବ ଦାସ (ମାର୍କଣ୍ଡେୟ ପୁରାଣ) ।
ମଧୁସୂଦନ—ଭକ୍ତକବି ସ୍ୱର୍ଗୀୟ ମଧୁସୂଦନ ରାଓ ।
ଯଶୋବନ୍ତ—ପ୍ରାଚୀନ କବି ଯଶୋବନ୍ତ ସିଂହ । (ପ୍ରେମଭକ୍ତି ବ୍ରହ୍ମଗୀତା) ।
ରାଜକିଶୋର—ଡାକ୍ତର ଶ୍ରୀ ରାଜକିଶୋର ନନ୍ଦ ।
ରାଧାନାଥ—କବିବର ସ୍ୱର୍ଗୀୟ ରାଧାନାଥ ରାୟ ।
ରାଧାମୋହନ—ଚିକିଟିର ରାଜା ରାଧାମୋହନ ରାଜେନ୍ଦ୍ର ଦେବ ।
ରାମଦାସ—ପ୍ରାଚୀନ କବି ରାମଦାସ (ଦାର୍ଢ୍ୟତାଭକ୍ତି) ।
ରାମଶଙ୍କର—ସ୍ୱର୍ଗୀୟ ରାୟ ବାହାଦୁର ରାମଶଙ୍କର ରାୟ ।
ଶିଶୁଶଙ୍କର—ପ୍ରାଚୀନ କବି ଶିଶୁଶଙ୍କର (ଉଷା ଅଭିଳାଷ) ।
ସତ୍ୟସମାଚାର—କଟକରୁ ପ୍ରକାଶିତ ସାପ୍ତାହିକ ସମ୍ବାଦପତ୍ର ।
ସମାଜ—କଟକରୁ ପ୍ରକାଶିତ ସାପ୍ତାହିକ ସମ୍ବାଦପତ୍ର ।
ସହକାର—କଟକରୁ ପ୍ରକାଶିତ ମାସିକ ପତ୍ରିକା ।
ସାରଳା—ପ୍ରାଚୀନ କବି ସାରଳା ଦାସ (ମହାଭାରତ) ।
ସୁବଳ ଦେବ—ବାମଣ୍ଡାର ରାଜା ସ୍ୱର୍ଗୀୟ ରାଜା ସର୍ ବାସୁଦେବ ସୁବଳ ଦେବ ।
ସୋନପୁର—ସୋନପୁର ମହାରାଜ ସର୍ ବୀରମିତ୍ରୋଦୟ ସିଂହ ଦେବ ।

ଓଡ଼ିଆ ଶବ୍ଦମାନଙ୍କ ଉଚ୍ଚାରଣକୁ ଇଂରାଜୀ ଅକ୍ଷରରେ ଅକ୍ଷରାନ୍ତରୀକରଣରେ ବ୍ୟବହୃତ ବର୍ଣ୍ଣମାନଙ୍କର ପରିଚୟ ।

LETTERS & SOUNDS USED IN THE ENGLISH TRANSLITERATION OF THE WORDS IN THIS WORK.

	Capital	Small		Capital	Small
ଅ	A	a	କ	K	k
ଆ	Ā	ā	କ୍ଷ	Ksh	ksh
ଇ	I	i	ଖ	Kh	kh
ଈ	Ī	ī	ଗ	G	g
ଉ	U	u	ଘ	Gh	gh
ଊ	Ū	ū	ଙ	Ṅ	ṅ
ଋ	Ṛu	ṛu	ଚ	Ch	ch
ୠ	Ṛū	ṛū	ଛ	Chh	chh
ଌ	Ḷu	ḷu	ଜ	J	j
ଏ	E	e	ଝ	Jh	jh
ଐ	Ai	ai	ଞ	Ñ	ñ
ଓ	O	o	ଟ	Ṭ	ṭ
ଔ	Au	au	ଠ	Ṭh	ṭh
ଂ(ଅନୁସ୍ୱାର)	—	ṁ	ଡ	Ḍ	ḍ
ଃ(ବିସର୍ଗ)	—	ḥ	ଡ଼	—	ṛd
ଁ(ଚନ୍ଦ୍ରବିନ୍ଦୁ)	—	ñ	ଢ	Ḍh	ḍh

	Capital	Small
ଢ଼	—	ṛh
ଣ	Ṇ	ṇ
ତ	T	t
ଥ	Th	th
ଦ	D	d
ଧ	Dh	dh
ନ	N	n
ପ	P	p
ଫ	Ph	ph
ବ	B	b
ଭ	Bh	bh

	Capital	Small
ମ	M	m
ଯ	J̄	j̄
ୟ	Y	y
ର	R	r
ଳ	L̤	ḷ
ଲ	L	l
ଅବର୍ଗ୍ୟ ବ ବା ୱ	W	w or v
ଶ	Ś	ś
ଷ	Sh	sh
ସ	S	s
ହ	H	h

ଏ ଗ୍ରନ୍ଥରେ ବ୍ୟବହୃତ ସାଙ୍କେତିକ ଅକ୍ଷର ଓ ଚିହ୍ନମାନଙ୍କ ପରିଚୟ ।

ABBREVIATIONS USED IN THIS WORK WITH THEIR MEANINGS.

ଅ = ଅବ୍ୟୟ ପଦ ।

ଅଦାଲତ = ଅଦାଲତରେ ଓ ଦଲିଲ ଆଦିରେ ବ୍ୟବହୃତ ଶବ୍ଦ ବା ଭାଷା ।

\+ ଅଧିକରଣ = ଅଧିକରଣ ବାଚ୍ୟରେ ପ୍ରତ୍ୟୟ ।

ଅନ୍ୟରୂପ = ଉପର୍ଯ୍ୟୁକ୍ତ ଶବ୍ଦର ଭିନ୍ନ ଆକାର କିମ୍ବା ଉକ୍ତ ଅର୍ଥବାଚକ ଅନ୍ୟ ଶବ୍ଦ ।

\+ ଅପାଦାନ = ଅପାଦାନ ବାଚ୍ୟରେ ପ୍ରତ୍ୟୟ ।

ଅଶୁଦ୍ଧ = କଥାବାର୍ତ୍ତାରେ ବା ଲେଖାରେ ବ୍ୟବହୃତ ଅଶୁଦ୍ଧ ଶବ୍ଦ, ବାକ୍ୟ ବା ଉଚ୍ଚାରଣ ।

ଆ = ଆରବୀ ଭାଷା ।

ଆଇନ୍ = ଆଇନ୍ ବା ସ୍ମୃତିଶାସ୍ତ୍ରରେ ବ୍ୟବହୃତ ଶବ୍ଦ

ଆସାମୀ = ଆସାମ ଦେଶର ଭାଷା ।

ଇଂ = ଇଂରାଜୀ ଭାଷା ।

ଇତର = ଇତରଜନ ବ୍ୟବହୃତ ଶବ୍ଦ, ଭାଷା ବା ଉଚ୍ଚାରଣ ।

ଇଟା(ଲି) = ଇଟାଲୀୟ ଭାଷା ।

ଇତ୍ୟାଦି = ପୂର୍ବବର୍ତ୍ତୀ ଶବ୍ଦ ଓ ସେହି ଶବ୍ଦଯୁକ୍ତ ଅନ୍ୟ ଶବ୍ଦମାନ ।

ଉ; ଉର୍ଦ୍ଦୁ = ଉର୍ଦ୍ଦୁ ଭାଷା ।

ଓ = ଓଡ଼ିଆ ଭାଷା ।

କଚରିଆ = କଚେରି ଆଦିରେ ଓ ଅଶିକ୍ଷିତ ଦଲିଲ-ଲେଖାଳିଙ୍କ ବ୍ୟବହୃତ ଶବ୍ଦ ବା ଭାଷା ।

କନ୍ଧ, କୁଇ = କନ୍ଧମାନଙ୍କ ବ୍ୟବହୃତ କୁଇ ଭାଷା ।

\+ କରଣ = କରଣ ବାଚ୍ୟରେ ପ୍ରତ୍ୟୟ ।

\+ କର୍ତ୍ତୃ = କର୍ତ୍ତୃ ବାଚ୍ୟରେ ପ୍ରତ୍ୟୟ ।

\+ କର୍ମ = କର୍ମ ବାଚ୍ୟରେ ପ୍ରତ୍ୟୟ ।

କର୍ମଧା = କର୍ମଧାରୟ ସମାସ ।

କାହାଣୀ = ଦେଶପ୍ରଚଳିତ ଉପକଥା ।

କୋଲ୍ହ = କୋଲ୍ହମାନଙ୍କ ବ୍ୟବହୃତ ଭାଷା ।

କ୍ରି = କ୍ରିୟାପଦ ।

କ୍ରି. ବିଣ = କ୍ରିୟା ବିଶେଷଣ ।

ଖ୍ରୀ = ଖ୍ରୀଷ୍ଟାବ୍ଦ ।

ଖ୍ରୀ. ପୂ = ଖ୍ରୀଷ୍ଟ ଜନ୍ମର ପୂର୍ବାବ୍ଦ ।

ଗଣିତ = ଗଣିତଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।

ଗାଳି = ଇତରଜନଙ୍କ ମଧ୍ୟରେ ଗାଳିରେ ବ୍ୟବହୃତ ଶବ୍ଦ ବା ବାକ୍ୟ ।

ଗୁ = ଗୁଜରାଟୀ ଭାଷା ।

ଗ୍ରା; ଗ୍ରାମ୍ୟ = ଗ୍ରାମ୍ୟ ବ୍ୟବହାର; ମାର୍ଜିତ ସାହିତ୍ୟରେ ପରିହାର୍ଯ୍ୟ ଶବ୍ଦ ।

ଗ୍ରୀ; ଗ୍ରୀକ୍ = ଗ୍ରୀସ୍ ଦେଶର ଭାଷା ।

ଚଣାଣ, ଚଇନ = ପ୍ରାଚୀନ ଓଡ଼ିଆ ଲୌକିକ ଚଇନ ।

ଜର୍ମାନ୍ = ଜର୍ମାନ ଦେଶର ଭାଷା ।

ଜ୍ୟୋତିଷ = ଜ୍ୟୋତିଃଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।

ଢଗ, ବଚନ, ପ୍ରବଚନ = ଲୌକିକ ପ୍ରବଚନ ବା ପ୍ରବାଦ-ବାକ୍ୟ ।

ଣିଜନ୍ତରୂପ = ପୂର୍ବୋକ୍ତ କ୍ରିୟାର ଣିଜନ୍ତ ବା ପ୍ରୟୋଜକ ରୂପ ।

ତତ୍ = ତତ୍ପୁରୁଷ ସମାସ ।

ତା = ତାମିଲ୍ ଭାଷା ।

ତୁର୍କୀ = ତୁରଷ୍କଦେଶୀୟ ଭାଷା ।

ତୁଳ = ତୁଳନା କର ।

ତେ = ତେଲଗୁ ଭାଷା ।

ଦର୍ଶନ = ଦର୍ଶନ ଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।

ଦେ = ଦେଶଜ ଶବ୍ଦ ।

ଦେଖ = ପୂର୍ବବର୍ତ୍ତୀ ଶବ୍ଦକୁ ଏ ଭାଷାକୋଷର ଶବ୍ଦକ୍ରମରେ ଯଥାସ୍ଥାନରେ ଖୋଜ ।

ଦ୍ର = ଦ୍ରଷ୍ଟବ୍ୟ ।

ଦ୍ରା=ଦ୍ରାବିଡ଼ ଭାଷା ।
ଧା; ଧାତୁ=ସଂସ୍କୃତ ଧାତୁ ।
ଧ୍ୱନ୍ୟନୁକରଣ=ଧ୍ୱନିର ଅନୁକରଣରେ ଗଠିତ ବା ଉଚ୍ଚାରିତ
ବା ଅର୍ଥ ବୁଝାଯିବା ଶବ୍ଦ ।
ନଞ ତତ୍=ନଞ ତତ୍ପୁରୁଷ ସମାସ ।
ନପୁଂ.=ନପୁଂସକ ଲିଙ୍ଗ ।
ନାଟକ=ନାଟକରେ ବ୍ୟବହୃତ ଭାଷା ବା ଶବ୍ଦ ।
ନାମ=ସ୍ଥାନ ବା ବ୍ୟକ୍ତିବିଶେଷଙ୍କ ନାମ ।
ନୋଟ୍=ପୂର୍ବବର୍ତ୍ତୀ ଶବ୍ଦ ବିଷୟରେ ଟୀକା ।
ନ୍ୟାୟ=୧. ନ୍ୟାୟଶାସ୍ତ୍ର; ୨. ଦେଶପ୍ରଚଳିତ ଲୌକିକ ବଚନ ବା
ଲୋକେ କଥାପ୍ରସଙ୍ଗରେ ଉଲ୍ଲେଖ ଦେବା ପ୍ରାମାଣିକ ଉକ୍ତି ।
ପଦ୍ୟ=କେବଳ ପଦ୍ୟରେ ବ୍ୟବହୃତ ଆକାର ।
ପରଭାଷା—ବିଜ୍ଞାନାଦିରେ ବ୍ୟବହୃତ ପାରିଭାଷିକ ଶବ୍ଦ ।
ପର୍ତ୍ତୁ (ର୍ତ୍ତୁ)=ପର୍ତ୍ତୁଗାଲ୍ ଦେଶର ଭାଷା ।
ପା=ପାଲି ଭାଷା ।
ପୁଂ=ପୁଂଲିଙ୍ଗ ।
ପ୍ରା=ପ୍ରାକୃତ ଭାଷା ।
ପ୍ରାଚୀନ=ପ୍ରାଚୀନ ଗ୍ରନ୍ଥମାନଙ୍କରେ ବ୍ୟବହୃତ, ଅଧୁନା ବିରଳ ଶବ୍ଦ ।
ପ୍ରାଦେ—ପ୍ରାଦେଶିକ ଅର୍ଥାତ୍ ଦେଶାଂଶ ବିଶେଷରେ ପ୍ରଚଳିତ
ଓଡ଼ିଆ ଶବ୍ଦ

[ଯେଉଁ ଯେଉଁ ଅଞ୍ଚଳରେ ଯେଉଁ ଶବ୍ଦ ବ୍ୟବହୃତ ସେ ଅଞ୍ଚଳମାନଙ୍କ
ନାମ ବନ୍ଧନୀ ମଧ୍ୟରେ ସୂଚିତ ହୋଇଅଛି । ଯଥା :— ପ୍ରାଦେ
(କଟକ)=କଟକ ଜିଲ୍ଲାରେ ବ୍ୟବହୃତ ପ୍ରାଦେଶିକ ଶବ୍ଦ]

ଫା=ଫାରସୀ ବା ପାରସ୍ୟ ଦେଶ ପ୍ରଚଳିତ ଭାଷା ।
ଫ୍ରେ=ଫ୍ରେଞ୍ଚ୍ ବା ଫ୍ରାନ୍ସ ଦେଶ ପ୍ରଚଳିତ ଭାଷା ।
ବ=ବଚନ; (୧ବ=ଏକବଚନ; ୨ବ=ଦୁଇବଚନ;
ବହୁ ବ=ବହୁବଚନ ।)
ବଂ=ବଙ୍ଗଳା ଭାଷା ।
ବହୁ. ବ.=ବହୁବଚନ ।
ବି=ବିଶେଷ୍ୟ ପଦ ।
ବିଜ୍ଞାନପରଭାଷା=ବିଜ୍ଞାନରେ ବ୍ୟବହୃତ ପାରିଭାଷିକ ଶବ୍ଦ ।
ବିଣ=ବିଶେଷଣ ପଦ ।
ବିଣ ର ବିଣ=ବିଶେଷଣର ବିଶେଷଣ ।
ବିପରୀତ=ପୂର୍ବୋକ୍ତ ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ।
ବୈଦେ=ବୈଦେଶିକ ଭାଷା (ଯଥା—ଇଂରାଜୀ, ଆରବୀ, ଫାରସୀ,
ଫ୍ରେଞ୍ଚ୍, ଜର୍ମାନ୍ ଆଦି) ରୁ ଆଗତ ଶବ୍ଦ ।
ବୈଦ୍ୟକ=ବୈଦ୍ୟକ ଗ୍ରନ୍ଥ ବା ଆୟୁର୍ବେଦରେ ବ୍ୟବହୃତ ଶବ୍ଦ ।
ଭତର; ଭତ୍ରୀ; ଭତଡ଼ି=ବସ୍ତର ରାଜ୍ୟର ଉତ୍ତରପୂର୍ବ କୋଣରେ
କୋଡ଼ିଏ ହଜାର କୃଷିଜୀବୀ ଲୋକଙ୍କ କଥିତ ଭାଷା ।
+ଭାବ=୧. ଭାବାର୍ଥ ପ୍ରତ୍ୟୟ;
୨. ଭାବ ବାଚ୍ୟରେ ପ୍ରତ୍ୟୟ ।
ମ=ମରହଟ୍ଟୀ ଭାଷା ।
ମ. ପ. ଲୋ=ମଧ୍ୟପଦଲୋପୀ କର୍ମଧାରୟ ।
ଯଥା=ପୂର୍ବୋକ୍ତ ଶବ୍ଦର, ଅର୍ଥର ବା ପ୍ରୟୋଗର ଉଦାହରଣ ।
ଲକ୍ଷଣାର୍ଥ=ଶବ୍ଦର ଆରୋପିତ ଅର୍ଥ ।

ଲରିଆ=ସମ୍ବଲପୁର ଓ ଛତିଶଗଡ଼ ଅଞ୍ଚଳରେ ବ୍ୟବହୃତ ଉପଭାଷା ।
ଶିଶୁବଚନ, ଶିଶୁଗୀତ, ଶିଶୁରଞ୍ଜନ—ଶିଶୁମାନଙ୍କ ମନୋରଞ୍ଜନାର୍ଥ
ବୋଲାଯିବା ବା ଶିଶୁମାନଙ୍କ ଉଚ୍ଚାରିତ ବଚନ ।
ସଂ=ସଂସ୍କୃତ ଭାଷା ।
ସଙ୍ଗୀତ, ପ୍ରାଚୀନ ସଙ୍ଗୀତ—ପ୍ରାଚୀନ ଓଡ଼ିଆ ସଙ୍ଗୀତ ।
+ସଂଜ୍ଞାର୍ଥ=ସଂଜ୍ଞାର୍ଥ ପ୍ରତ୍ୟୟ ।
+ସମ୍ବନ୍ଧ=ସମ୍ବନ୍ଧାର୍ଥ ପ୍ରତ୍ୟୟ ।
ସର୍ବ—ସର୍ବନାମ ପଦ ।
ସହଚର=ସହଚର ଶବ୍ଦରୂପେ ଏକତ୍ର ବା ଏକ ପରେ ଅନ୍ୟ
ବ୍ୟବହୃତ ଶବ୍ଦଦ୍ୱୟ ।
ସାନ୍ତାଳୀ=ସାନ୍ତାଳମାନଙ୍କ କଥିତ ଭାଷା ।
ସ୍ତ୍ରୀ=ସ୍ତ୍ରୀଲିଙ୍ଗ ।
+ସ୍ୱାର୍ଥେ=ଶବ୍ଦର ମୌଳିକ ଅର୍ଥରେ ଯୁକ୍ତ ପ୍ରତ୍ୟୟ ।
ହି=ହିନ୍ଦୀ ବା ହିନ୍ଦୁସ୍ଥାନୀ ଭାଷା ।
ହେବ୍ରୁ=ହେବ୍ରୁ ଭାଷା ।
୧ମା=ପ୍ରଥମା ବିଭକ୍ତି ।
୨ୟା=ଦ୍ୱିତୀୟା ବିଭକ୍ତି ।
୩ୟା=ତୃତୀୟା ବିଭକ୍ତି ।
୪ର୍ଥୀ=ଚତୁର୍ଥୀ ବିଭକ୍ତି ।
୫ମୀ=ପଞ୍ଚମୀ ବିଭକ୍ତି ।
୬ଷ୍ଠୀ=ଷଷ୍ଠୀ ବିଭକ୍ତି ।
୭ମୀ=ସପ୍ତମୀ ବିଭକ୍ତି ।
୧ବ=ଏକବଚନ ।
୨ବ=ଦ୍ୱିବଚନ ।
+ (ଯୁକ୍ତ ଚିହ୍ନ)=ପରସ୍ପର ଯୁକ୍ତ ହେବା ଦୁଇ ଶବ୍ଦ ବା ଧାତୁ ଓ
ପ୍ରତ୍ୟୟ ମଧ୍ୟରେ ଥିବା ଯୁକ୍ତଚିହ୍ନ ।
= (ସମାନତାଜ୍ଞାପକ ଚିହ୍ନ)=ଧାତୁ ଓ ପ୍ରତ୍ୟୟ ମିଶି ବା ଦୁଇ ପଦ
ମିଶି ନିଷ୍ପନ୍ନ ହେବା ଶବ୍ଦ ବା ବାକ୍ୟର ଅର୍ଥ କିମ୍ବା ଧାତୁର ଅର୍ଥ ।
? (ପ୍ରଶ୍ନ ସୂଚକ ଚିହ୍ନ)=ସନ୍ଦେହ ସ୍ଥଳରେ ପ୍ରଦତ୍ତ ଚିହ୍ନ ।
— (ଡାସ୍)=ପରସ୍ପର ସଂବଦ୍ଧ ଦୁଇଟି ଶବ୍ଦ ବା ଶବ୍ଦ ଓ ଅର୍ଥ ବା
ଦୁଇଟି ଭାବ ମଧ୍ୟରେ ସମ୍ବନ୍ଧଜ୍ଞାପକ ଚିହ୍ନ ।
! (ବିସ୍ମୟସୂଚକ ଚିହ୍ନ)=ପୂର୍ବବର୍ତ୍ତୀ ବାକ୍ୟ, ଶବ୍ଦ ବା ବିଷୟ
ସମ୍ବନ୍ଧେ ବିସ୍ମୟ ଜ୍ଞାପନ ଓ ସମ୍ବୋଧନ ସୂଚକ ଚିହ୍ନ ।

Etc; etc.=Please refer to the word preeceding and its connected words in their proper places in alphabetical order in this Dictionary.
See=Please refer to the preeceding word.
Law=Legal term.

Algebra
Arithmetic
Astrology
Astronomy
Botany
Geography
Geometry
Logic
Mathematics
Medicine
Philosophy
} =Technical words used in the said sciences.

The Compiler and his colleagues

The Compiler

ଭାଷାକୋଷର ସଙ୍ଗ୍ରାହକ

Srimati Pitambari Debi,

ଶ୍ରୀମତୀ ପୀତାମ୍ବରୀ ଦେବୀ, ସହକର୍ମିଣୀ

Pandit Kulamani Das

ପଣ୍ଡିତ ଶ୍ରୀ କୁଳମଣି ଦାଶ

Padma Charan Das

ଶ୍ରୀ ପଦ୍ମଚରଣ ଦାଶ

Ramchandra Rath

ଶ୍ରୀ ରାମଚନ୍ଦ୍ର ରଥ

U. S. Press, Cuttack.

ପୂର୍ଣ୍ଣଚନ୍ଦ୍ର

ଓଡ଼ିଆ ଭାଷାକୋଷ ।

ଚ

ଚ—ବ୍ୟଞ୍ଜନବର୍ଣ୍ଣର ୬ଷ୍ଠ ଓ ଚ ବର୍ଗର ୧ମ ବର୍ଣ୍ଣ; ଅଘୋଷବାନ୍‌ବର୍ଣ୍ଣ;
Cha ଏହାର ଉଚ୍ଚାରଣ ସ୍ଥାନ ତାଳୁ—The sixth consonant. It has the sound of 'ch' in child. It is uttered with the help of the roof of the palate in the cavity of the mouth.

ସଂ. ଅ—୧ । ଏବଂ; ଓ—1. And.

୨ । ପକ୍ଷାନ୍ତରରେ; କିନ୍ତୁ—
2. On the other hand; still.

୩ । ପୁନରପି—6. Also; again; moreover.

୪ । ତଥାପି—4. Yet.

୫ । ସମୁଚ୍ଚୟ—5. Too; together.

୬ । ଇତରେତର ଯୋଗ—
6. Mutual connection.

୭ । ସମାହାର—7. Collective compilation.

୮ । ଯଦି—8. If.

୯ । ଆନୁଷଙ୍ଗିକତା; ମଧ୍ୟ—
9. Together with; simultaneity.

୧୦ । (ଅବଧାରଣ) ନିଶ୍ଚେ—
10. (certainty) Yes; certainly.

୧୧ । ସଙ୍କଳ୍ପ—11. Determination.

୧୨ । ପାଦପୂରଣ—12. Expletive used to fill up or complete a sentence.

[ଦ୍ର—ଏହା ଦୁଇ ଶବ୍ଦ ମଧ୍ୟରେ କିମ୍ବା ଶବ୍ଦର ଶେଷରେ ବ୍ୟବହୃତ ହୁଏ; ଏହା ଶବ୍ଦର ପୂର୍ବରେ ବା ବାକ୍ୟର ଶେଷରେ କଦାପି ବ୍ୟବହୃତ ହୁଏ ନାହିଁ । ଓଡ଼ିଆଭାଷାରେ 'ଚ' ର ବ୍ୟବହାର ନାହିଁ; କେବଳ ଏବଂଚ, ପୁନଶ୍ଚ, ଅପିଚ, ବରଂଚ, ତଥାଚ, କଦାଚ ଇତ୍ୟାଦିରେ ଏହା ଅନ୍ୟ ଅବ୍ୟୟରେ ଯୁକ୍ତ ହୋଇ ନିପନ୍ନ ହେବା ପଦ ସ୍ୱରୂପ ଓଡ଼ିଆରେ ଏହାର ବ୍ୟବହାର ଅଛି ।]

ସଂ. ବି. (ଚର୍ ଧାତୁ=ଗମନ କରିବା+କର୍ତ୍ତୃ. ଅ)—

୧ । ଚୌର; ଚୋର—1. Thief.

୨ । ଚନ୍ଦ୍ର—2. The moon.

୩ । କୂର୍ମ—3. Tortoise.

୪ । ଶିବାନୁଚର; ଚଣ୍ଡେଶ୍ୱର—
4. An attendant of Śiba.

୫ । ଶିବ—5 Śiba.

୬ । ଚୋବାଇବା—6. Chewing.

୭ । ଖାଇବା—7. Eating.

ଚଅଁଚଅଁ—ଦେ. ଅ (ଧ୍ୱନ୍ୟନୁକରଣ)—
Cha-añ cha-añ
ଚୋଁଚୋଁ
चुमरचुमर
୧ । ବାଛୁରି ଗାଈଠାରୁ ଓ ଶିଶୁ ମାତୃସ୍ତନରୁ ଚୁଚୁମିବା ବେଳେ ହେବା ଶବ୍ଦ—1. Sound made by a calf or child sipping milk from its mother's teat.

୨ । ଦୁଇ ଓଠ ମେଲା ଥାଇ ଉପର ଦାନ୍ତମୂଳ ଓ ଜିଭକୁ ଚିପି ପବନକୁ ଭିତରକୁ ଟାଣିନେବାର ଉଦ୍‌ଘମକ୍ଷନାତ ଧ୍ୱନି (ସ୍ତ୍ରୀଲୋକମାନେ 'ଚୁ' କଲାବେଳେ 'ଛୁ' ଯୁକ୍ତ ହୋଇ ଯେଉଁ ଧ୍ୱନି ଶୁଣାଯାଏ)—2. The sound produced by sucking wind through the tip of the tongue and the root of the upper teeth after joining them and keeping the lips open.

ଚଅଁଫଳା—ଗ୍ରା. ବିଣ. (ସଂ. ଚପଳ)—
Cha-añphalā
(ଚଅଁଫୁଲି—ସ୍ତ୍ରୀ)
୧ । ଚଞ୍ଚଳମତି—
1. Fickle-minded.

୨ । ଅସ୍ଥିର—2. Restless.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଲିହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'ଚୂଅ' ନ ମିଳିଲେ 'ଚୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ।

ଚଅଁର—ଦେ. ବି. (ସଂ. ଚମର)—
Cha-añra ୧। ଚମରୀ ଗୋ ବା କପିଳା ଗାଈର ଲାଙ୍ଗୁଳର ଲମ୍ବ ଲୋମଗୁଚ୍ଛ ଏକତ୍ର ମୂଳରେ ବନ୍ଧାଯାଇ ଛତଅର ହୋଇଥିବା ଚାମର—
চউরী; চামর
चँवर; चौंरी
1. Chowrie; a long brush made of tufts of the tail-hair of an yak (used as a fan or fly-whisk to drive away fleas from the body).

[ଦ୍ର—ଚଅଁରର ଯେଉଁ ପାଖରେ ଲୋମଗୁଡ଼ିକ ଗୋଟା ହୋଇ ବନ୍ଧା ହୋଇଥାଏ ସେହି ପାଖରେ ଗୋଟିଏ ଧାତୁର ବା କାଠର ବେଣ୍ଟ ଲାଗିଥାଏ। ଘୋଡ଼ା ଲାଞ୍ଜର ଲମ୍ବ ବାଳରେ ମଧ୍ୟ ଚଅଁର ହୁଏ। ଚଅଁର ରାଜା ଓ ବଡ଼ଲୋକମାନଙ୍କର ଓ ଦେବତାଙ୍କ ସେବାରେ ଲାଗେ। ଚଅଁରର ବେଣ୍ଟକୁ ଧରି ତାକୁ ଇତସ୍ତତଃ ସଞ୍ଚାଳନ କରାଯାଏ। ଏହାକୁ ଚଅଁର ଢାଳିବା ବା ଚଅଁର ପକାଇବା କହନ୍ତି। ଗୁଣ୍ଡରେ ଚଅଁର ଧରି ତାକୁ ଇତସ୍ତତଃ ଚାଳିବା ପାଇଁ କେତେକ ହାତୀଙ୍କୁ ମଧ୍ୟ ଶିକ୍ଷିତ କରାଯାଇଥାଏ। ଠିଆପାଲାବାଲାଙ୍କ ଗାୟକ ବା ନେତା ଅଭିନୟ କରିବା ବେଳେ ଚଅଁର ଧରି ଥାଆନ୍ତି। ଘୋଡ଼ାଙ୍କ ଦେହରୁ ମାଛି ତଡ଼ିବା ପାଇଁ ମଧ୍ୟ ଶ୍ରେଷ୍ଠ ଚଅଁର ବ୍ୟବହୃତ ହୁଏ।]

୨। ନଡ଼ିଆ, ଖଜୁରି ଗଛର ଫଳମାନ ଯେଉଁ ଗୁଚ୍ଛରୁ ବାହାରି ଥାଏ—2. A bunch (issuing out of cocoanut and date-palm trees) to which the fruits are attached.

ପ୍ରାଦେ. (ସମ୍ବଲପୁର) ବି—ନିଶୁଣିର ଅଡ଼କାଠ (ଯହିଁରେ ଗୋଡ଼ ଦେଇ ନିଶୁଣିରେ ଚଢ଼ିବାକୁ ହୁଏ)—
Foot-pad of a ladder; the cross-bar of a ladder.

ଚଅଁର କାଢ଼ିବା—ଦେ. କ୍ରି—(ନଡ଼ିଆ ବା ଖଜୁରି ଗଛ) ସ୍କନ୍ଧଦେଶରୁ
Cha-añra kāṛḍhibā ଫୁଲଫଳଧାରୀ ଚଅଁର ବାହାରକରିବା—
(a cocoanut or date-palm tree) To bring forth a bunch of flowers.
(ଯଥା—ନୂଆଗଛଟି ଚଅଁର କାଢ଼ିଲାଣି ।)

ଚଅଁର ଚୁଞ୍ଚୁଣୀ—ଦେ. ବି—ଚଅଁର ଝାଡ଼ୁ (ଦେଖ)
Cha-añra chhāñchuṇi Cha-añra jhāṛḍu (See)

ଚଅଁରଝାଡ଼ୁ—ଦେ. ବି. (ସଂ. ଚମର + ସଂ. ଜଟ ଦେଶୀ ଝାଟ)—
Cha-añrajhāṛḍu ଚଅଁର ପରି ଦେଖାଯିବା ଏକପ୍ରକାର ତୃଣର ପୁଷ୍ପଗୁଚ୍ଛରେ ନିର୍ମିତ ଗୃହମାର୍ଜନୀବିଶେଷ; ଫୁଲଝାଡ଼ୁ—
A kind of broom looking like a chowrie made of hair-like filaments of Broom-grass (Sorghum Vulgare).

ଚଅଁରଡିହ—ଦେ. ବି—ଚାମରର ବେଣ୍ଟଦ୍ୱାରା କେଞ୍ଚିବା ଆଘାତ—
Cha-añra diha A poke given by the handle of a chowrie.

ଚଅଁର ଢାଳିବା—ଦେ. କ୍ରି. (ସଂ. ଚମର + ଦୋଳନ)—ଚାମର
Cha-añra dhāḷibā ଇତସ୍ତତଃ ସଞ୍ଚାଳନ କରିବା; ଚାମରଦ୍ୱାରା
চামর ঢালা ବିଞ୍ଚିବା —To fan with a chowrie.
चँवर डुलाना

ଚଅଁର ପକାଇବା—ଦେ. କ୍ରି—୧। ଚଅଁର କାଢ଼ିବା (ଦେଖ)
Cha-añra pakāibā 1. Cha-añra kāṛḍhibā (See)
୨। ଚଅଁର ଢାଳିବା (ଦେଖ)
2. Cha-añra dhāḷibā (See)

ଚଅଁରବେଣ୍ଟ—ଦେ. ବି. (ସଂ. ଚମର + ବୃନ୍ତ ବା ବଣ୍ଟ)—ଚାମରକୁ
Cha-añra beṇṭa ଢାଳିବା ସମୟରେ ଧରିବା ନିମନ୍ତେ ନିର୍ମିତ
চামরের বাঁট ହାତଲ—The handle of a chawrie.
चँवरका मुठ

ଚଅଁରମୁଠା—ଦେ. ବି. (ସଂ. ଚମର + ମୁଷ୍ଟି)—୧। ପୂଜା କରୁଥିବା
Cha-añra muthā ସମୟରେ ପାଲାବାଲାମାନେ ଯେଉଁ ଚଅଁର ବ୍ୟବହାର କରନ୍ତି—1. Chowrie used by the chanting performers of Pālā.
୨। ଚାମରର କେଶଗୁଚ୍ଛ ଏକତ୍ର ବନ୍ଧାଯାଇ ଯେଉଁ ସ୍ଥାନରେ ବେଣ୍ଟ ସଙ୍ଗେ ସଂଯୁକ୍ତ କରାଯାଇଥାଏ—
2. The place where the root of the tied bunch of hair of a chowrie is linked to the handle.

ଚଅଁରା—ଦେ. ବିଣ—ଚାମର ପରି ଲାଞ୍ଜରେ ଗୋଛାଏ ବାଳ ଥିବା (ଗାଈ
Cha-añrā ଗମ୍ଭା, ବଳଦ)—(a cow or bullock) Having a tuft of hair in the tail like a chowrie (more than is ordinarily seen in the tail of cattle.

ଚଅଁରା ଭଅଁରା—ଦେ. ବି (ଅର୍ଥହୀନ ପ୍ରୟୋଗ; ଅନାଦର ବ୍ୟଞ୍ଜକ)—
Cha-añrā bha-añrā ଉଭୟରେ,ବ୍ୟବହୃତ ସମଧର୍ମୀ ଓ ସମକର୍ମୀ ଦୁଇ ଭାଇ ବା ସଙ୍ଗୀ —Two boon companions or brothers; companions always moving together (names of 2 brothers in the folktales).

ଚଅଁରିବା—ଦେ. କ୍ରି. (ସଂ. ଚମରରୁ ଓଡ଼ିଆ ନାମଧାତୁ)—
Cha-añribā ୧। ଚଅଁର କାଢ଼ିବା (ଦେଖ)
1. Cha-añra kāṛḍhibā (See)
୨। (କୌଣସି ଭଙ୍ଗପ୍ରବଣ ପଦାର୍ଥ) ଫାଟିଯିବାର ପୂର୍ବାଭାସ ପ୍ରକାଶ କରିବା—2. To crack; to indicate signs of becoming cracked (said of any fragile thing.)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍ଯ	ଇଅ	ଛ
୨	ଈ	ଊ	ରୁ	ଲୁ	ଯ୍ରେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଙ୍ଗ	ନ୍ତ

ଚଅଁରେଇବା—ଦେ. କ୍ରି—ଚଅଁର କାଢ଼ିବା (ଦେଖ)
Cha-añreibā Chaañra kārḍhibā (See)

ଚଇ—ଦେ. ବ. (ସଂ. ଚବ୍ୟା)—
Chai ୧ । ଚଇଁକାଠ (ଦେଖ)
1. Cha-iñ kāṭha (See)
୨ । ଚୈତନ୍ୟ ନାମଧାରୀ ବ୍ୟକ୍ତିଙ୍କୁ ଡାକିବାର ଆଦରବ୍ୟଞ୍ଜକ ନାମ—2. Name by which a person named Chaitanya is called in fondness.
(ଅନାଦରବ୍ୟଞ୍ଜକ ରୂପ—ଚଇଆ; ଚଇଁଆଁ ।)

ଚଇଁ—ଦେ. ବ. (ସଂ. ଚବ୍ୟା)—ଚଇ (ଦେଖ)
Chaiñ Chai (See)

ଚଇଁକାଠ—ଦେ. ବ. (ସଂ. ଚବ୍ୟା + କାଷ୍ଠ)—
Chaiñ kāṭha ଔଷଧ ଲତାବିଶେଷ—
ସଂ. ନାମ—ଚବ୍ୟ; ଚବ୍ୟା; A medicinal creeper.
ଉଷଣା; ଚବନ, ଚବ୍; ଚବୀ [ଦ୍ର—ଏହା ତାମ୍ବୂଳାଦି ବର୍ଗର ଲତା ।
ଚହୈ ଏହି ଲତା ନଦୀ ଓ ପାଣିକୂଳରେ
ଅଙ୍ଗ୍, ଅଷ୍ଟ ହୁଏ । ଏହାର ପତ୍ରର ଆକାର ପାନ
ତେ. ସେବାମୁ; ଚେବାଣ୍ଣି ପତ୍ର; ଫଳ ପିପ୍ପଳୀ ପରି । ଏହା ଗ୍ରୀଷ୍ମ
ମ. ମିରେବେଲ୍ଲୀଚେଂମୁଳ; ଦେଶଜାତ ରୋଗନାଶକ । ଏହି
ଚକ୍ଲ ଲତାର ଫଳକୁ ଗଜପିପ୍ପଳୀ ବା ବଣ
ଗୁ. ଚବକ ପିପ୍ପଳୀ ବୋଲାଯାଏ ।]

ଚଇକାଠ—ଦେ. ବ—ଚଇଁକାଠ (ଦେଖ)
Chai kāṭha Chaiñ kāṭha (See)

ଚଇତ—ଗ୍ରା. ବ. (ସଂ. ଚୈତ୍ର)—
Chaita ଚୈତ୍ର ମାସ; ବସନ୍ତ ଋତୁର ଦ୍ୱିତୀୟ ବା ଶେଷ ମାସ—
ଚৈত্র, চইত The month of Chaitra
चैत (March–April).

ଚଇତ ମାସରେ ରାଧାମାଧବ ସୁମରି
ବୃନ୍ଦାବନେ ପଶିଣ ଲୋଡ଼ଇ ଅନୁସରି । ପ୍ରାଚୀ. ରହସ୍ୟମଞ୍ଜରୀ ।

ଚଇତନ୍—ପ୍ରାଦେ. (ମେଦିନୀପୁର) ବ (ଭୁଲ ଏହି ଅର୍ଥରେ ବ. ଚୈତନ୍)-
Chaitan ଚୁଟୁକି; ଚୁଟି—Pigtail on the middle of the head of a Brāhmaṇa.

ଚଇତନ୍ ଚୁଟ୍କି—ଦେ. ବ—ଚଇତନ୍ ଚୁଟ୍କି (ଦେଖ)
Chaitan chuṭki Chaitan churki (See)

ଚଇତନ୍ ଚୁଟ୍କି—ଦେ. ବ. (ସଂ. ଚୈତନ୍ୟ + ଚୂଡ଼ିକା)—
Chaitan churki ଚୈତନ୍ୟପ୍ରବର୍ତ୍ତିତ ବୈଷ୍ଣବସମ୍ପ୍ରଦାୟର ବ୍ୟକ୍ତି-
চৈতন চুটকী ମାନଙ୍କ ମସ୍ତକାଗ୍ରର ମଝିଅଡ଼େ ଥିବା ଲମ୍ବ କେଶର କ୍ଷୁଦ୍ର ଗୁଚ୍ଛ—A small tuft of long hair left in the middle of the head of the followers of Chaitanya.

ଚଇତନ—ଗ୍ରା. (ପଦ୍ୟ) ବ. (ସଂ. ଚୈତନ୍ୟ)—
Chaitana ୧ । ଚେତା; ଚେତନା—1. Consciousness.
চৈতন ୨ । ଜ୍ଞାନ; ଚୈତନ୍ୟ—
चैतन्य 2. Perception; sensation.

କାଳ ସ୍ୱଭାବ ସଙ୍ଗେ ମନ
ଯେ ନିତ୍ୟ ଶୁଦ୍ଧ ଚଇତନ । ଜଗନ୍ନାଥ. ଭାଗବତ ।

୩ । ବଙ୍ଗଦେଶର ପ୍ରସିଦ୍ଧ ଧର୍ମପ୍ରଚାରକ; ଶ୍ରୀ ଚୈତନ୍ୟ—
3. The name of the religious reformer of Bengal (taken to be an incarnation of Bishṇu); Chaitanya.
୪ । ଚୈତନ୍ୟ ବା ଚୈତନ୍ୟଚରଣନାମକ ବ୍ୟକ୍ତିର ଡାକ ନାମ—4. Name by which a person named Chaitanya or Chaitanya-charaṇa is called.
୫ । (ବ୍ୟଙ୍ଗ) ପ୍ରହାର (ଯାହାଦ୍ୱାରା ଚେତନା ଉଦୟ ହୁଏ)—
5. (ironical) A stripe (as punishment).
(ଯଥା—ଏ ପିଲାଠେଇଁ ଗୋଟିକେତେ ଚଇତନ ବାଜିଗଲେ ତାର ପଢ଼ାପଢ଼ି ପ୍ରତି ମନ ଯିବ ।)

ଚଇତନିଆଁ—ଦେ. ବ—୧ । ଚୈତ୍ରକାଳୀନ ଦାବାଗ୍ନି—
Chaitaniāñ 1. Fire breaking out in forests in the month of Chaitra.
୨ । ଚୈତନ୍ୟଭକ୍ତ; ବୈଷ୍ଣବ—2. Baishṇabas.

ବନ ନାଶ କରେ ଚଇତ ନିଆଁ
ବର୍ଣ୍ଣ ନାଶ କରେ ଚଇତନିଆଁ—ଜନଶ୍ରୁତି ।

୩ । ଚୈତନ୍ୟ ନାମକ ବ୍ୟକ୍ତିର ଅନାଦରବ୍ୟଞ୍ଜକ ଡାକନାମ—
3. Name for calling Chaitanya.

ଚଇତନିଆଁ ଚିତା—ଦେ. ବ. (ସଂ. ଚୈତନ୍ୟ + ଚିତ୍ରକ)—ଚୈତନ୍ୟ-
Chaitaniāñ chitā ପ୍ରବର୍ତ୍ତିତ ବୈଷ୍ଣବସମ୍ପ୍ରଦାୟ କପାଳରେ ଯେଉଁ ପ୍ରକାର ଚିତା ଦେନ୍ତି—A mark of sandal paste drawn on the forehead by the followers of Chaitanya.

ଚଇତନ୍ୟ—ଗ୍ରା. ବ. (ସଂ. ଚୈତନ୍ୟ)—ଚଇତନ (ଦେଖ)
Chaitanya Chaitana (See)

ଚଇତ ପୁନେଇଁ—ଦେ. ବ. (ସଂ. ଚୈତ୍ରପୂର୍ଣ୍ଣିମା)—ଚୈତ୍ରପୂର୍ଣ୍ଣିମା—
Chaita puneiñ The full-moon of the month of Chaitra.

[ଦ୍ର—ଏହା କେଉଟମାନଙ୍କର ପର୍ବ; କେଉଟମାନେ ଏଥିରେ ଘୋଡ଼ାର ରୂପରେ ଗୋଟିଏ ଖୋଳ କରି ଅଣ୍ଟା ପର୍ଯ୍ୟନ୍ତ ତାହା ମଧ୍ୟରେ ପଶି ଘୋଡ଼ା ଉପରେ ଚଢ଼ିବାର ଅଭିନୟ କରି କଳେ ନାଚବାଦ୍ୱାରା ଘୋଡ଼ାକୁ ନଚାନ୍ତି । ସ୍ଥାନେ ସ୍ଥାନେ ଚଇତ-ଘୋଡ଼ାମାନଙ୍କର ମେଳନ ହୁଏ ।]

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଣା' ପାଇଲେ 'ଅଗଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚଇତବାଢ଼ି—ଗ୍ରା. ବି—ଚୈତ୍ରମାସରେ ବ୍ୟାପିବା ହଇଜା ରୋଗ—
Chaitabārdi Cholera prevailing in the month of Chaitra.
(ଚଇତବାଢ଼ି—ଅନ୍ୟରୂପ)

ଚଇତା—ଦେ. ବି. (ସଂ. ଚୈତନ୍ୟ)—ଚୈତନ୍ୟର ଅନାଦରବ୍ୟଞ୍ଜକ
Chaitā ଡାକନାମ—Name for calling Chaitanya.
चैती ଚଇତା । ଉଠତ ଖାଇକୁ କ ପଖାଳ ଖାଇବୁ ବେଳ ଆଉଁ ଆଉଁ କହୁଥା—ଉଗ
ଦେ. ବି. (ସଂ. ଚୈତ୍ର)—୧ । ଚୈତ୍ରମାସ ସମ୍ବନ୍ଧୀୟ—
1. Appertaining to the month of Chaitra.
(ଯଥା—ଚଇତା ପବନ ।)
୨ । ଚୈତ୍ରମାସରେ ଅମଳାକ କରା ହେବା (ଫସଲ)—
2. (crop) Harvested in the month of Chaitra.
(ଯଥା—ଚଇତା ହରଡ଼ ।)

ଚଇତାଳି—ଦେ. ବିଣ. (ସଂ. ଚୈତ୍ର)—ଚଇତା (ଦେଖ)
Chaitāli Chaitā (See)

ଚଇତିଆଳି—ଦେ. ବିଣ—ଚଇତା (ଦେଖ)
Chaitiāli Chaitā (See)

ଚଇତିଘୋଡ଼ା—ଗ୍ରା. ବି. (ସଂ. ଚୈତ୍ର+ଘୋଟକ)—ଚୈତ୍ରପୂର୍ଣ୍ଣିମାରେ
Chaitighordā କେଉଟମାନେ ବତାର ଥାଟ ଉପରେ ଲୁଗା ଘୋଡ଼ାଇ ଯେଉଁ ଘୋଡ଼ାର ରୂପ ନଚାନ୍ତି—
An image of a horse prepared by the fishermen of Orissa and made to dance on the Chaitra full-moon day.

[ଦ୍ର—କିମ୍ବଦନ୍ତୀ ଅଛି ଯେ ରାମଚନ୍ଦ୍ର ବନବାସ କରିବାକୁ ଯିବା ସମୟରେ ତାଙ୍କୁ ଯେଉଁ ଧୀବର ବା ଦାସରାଜ ଡଙ୍ଗାରେ ବସାଇ ସରଯୂନଦୀକୁ ପାରି କରାଇଥିଲା, ରାମଚନ୍ଦ୍ର ତାକୁ ଗୋଟିଏ ଘୋଡ଼ା ପୁରସ୍କାରରୂପେ ଦେଇ ଯାଇଥିଲେ; ସେହି ଦିନରୁ କେଉଟମାନେ ଘୋଡ଼ାର ରୂପ ନିର୍ମାଣ କରି ପୂଜା କରି ଆସୁଅଛନ୍ତି । କେଉଟମାନେ ବାଉଁଶ ବତାରେ ଘୋଡ଼ାର ପାଦହୀନ ଦେହ ଓ ବେକ ଆକାରର ଗୋଟିଏ ଥାଟ ତିଆରି କରି ତା ଉପରେ ଲୁଗା ଆଦି ଘୋଡ଼ାନ୍ତି ଓ ବେକ ଉପରେ ଘୋଡ଼ାମୁହଁ ପରି ଚିତ୍ରିତ ମୁଖାଟିଏ ଲଗାନ୍ତି । ଉକ୍ତ ଚଇତିଘୋଡ଼ାର ପିଠିରେ ଗୋଟିଏ କଣା ଥାଏ । ସେହି କଣାବାଟେ ମନୁଷ୍ୟ ଅଣ୍ଟା ପର୍ଯ୍ୟନ୍ତ ପଶି କରି ଭୂମିରେ ଠିଆହୁଏ ଓ ଘୋଡ଼ାରୂପର ଆଗରୁ ଓ ପଛରୁ ଡୋର ଲଟକା ଯାଏ । ମନୁଷ୍ୟର ଅଣ୍ଟାଠାରୁ ନିମ୍ନ ଅଂଶ ଘୋଡ଼ା ଭିତରେ ଲୁଚି ଥାଏ ଓ ଅଣ୍ଟାଠାରୁ ଉପର ଅଂଶ ଘୋଡ଼ା ଉପରେ ବସିବା ପରି ଅନୁମିତ ହୁଏ । ଏ ବ୍ୟକ୍ତି ନାଚିବା ସଙ୍ଗେ ସଙ୍ଗେ ଘୋଡ଼ା ମଧ୍ୟ ନାଚେ । ଘୋଡ଼ାର ମୁହଁଆଡ଼େ ଲଗାମପରି କନାଡୋରି ବନ୍ଧା ହୋଇଥାଏ । ଉକ୍ତ ଡୋରିକୁ ନାଚନ୍ତାବାଲା ଧରି ଘୋଡ଼ାର ଲଗାମ ଧରିବାର ଅଭିନୟ କରେ । କେଉଟମାନେ ଏହି ପର୍ବ ଉପଲକ୍ଷରେ ଚଢ଼େଇଆ ଓ ଚଢ଼େଇଣୀ ବେଶ ହୋଇ ନାଚନ୍ତି ଓ ଗୀତ ବୋଲନ୍ତି ।]

ଚଇତିପୁନେଇଁ—ଗ୍ରା. ବି.—(ସଂ. ଚୈତ୍ରପୂର୍ଣ୍ଣିମା)—
Chaiti puneiñ ଚଇତପୁନେଇଁ (ଦେଖ)
Chaita puneiñ (See)

ଚଇତିମଢ଼ା—ଦେ. ବି. (ସଂ. ଚୈତ୍ର ଓ ମଢ଼ିବା)—ଚୈତ୍ରମାସରେ ବର୍ଷା
Chaiti matā ହେବା—Raining in the month of Chaitra.
ମେଘ ଚଇତିମଢ଼ା କଲା, ଗଇଡ଼ ଗଣ ବୁହଁ ବୁହଁ ମଲା । ପ୍ରବଚନ ।
ଦେ. ବିଣ.—ଚଇତ୍ରମାସରେ ବର୍ଷିବା ବା ମାଡ଼ିବା (ମେଘ)—
Raining in the month of Chaitra.

ଚଇତିମାସ—ଗ୍ରା. ବି. (ସଂ. ଚୈତ୍ର+ମାସ)—ଚଇତ (ଦେଖ)
Chaiti māsa Chaita (See)

ଚଇତ୍ର—ଦେ. ବି.—(ସଂ. ଚୈତ୍ର)—ଚୈତ୍ର ୧ (ଦେଖ)
Chaitra Chaitra (1) (See)
କେଉଁ ସେ ଚଇତ୍ର ପୁଷ ନକ୍ଷେତ୍ର ବିଚାର ।
ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।

ଚଇତ୍ରରଥ—ଗ୍ରା. (ପଦ୍ୟ) ବି.—(ସଂ. ଚୈତ୍ରରଥ)—
Chaitra ratha ଚୈତ୍ରରଥ (ଦେଖ)
Chaitra ratha (See)
ନନ୍ଦନ ଚଇତ୍ରରଥୁଁ ଏମନ୍ତ ସ୍ତବନା ।
ଭଞ୍ଜ. ବୈଦେହୀଶବିଳାସ ।

ଚଇନ୍—ବୈଦେ. ବିଣ. (ଅ. ଚୈନ୍)—୧ । ସ୍ଥିର, ଶାନ୍ତ—
Chain 1. Quiet; calm; tranquil.
चयन, चयेन ୨ । ନିଶ୍ଚଳ—
चैन 2. Motionless.
(ବେଚଇନ୍—ବିପରୀତ) ୩ । ସୁସ୍ଥ—3. Healthy.
ବୈଦେ. ବି.—୧ । ସ୍ଥିରତା—1. Calmness.
୨ । ମନର ସ୍ଥିରତା—2. Calmness of mind; mental tranquility.
୩ । ସ୍ୱାସ୍ଥ୍ୟ—3. Health.
୪ । ସ୍ୱଚ୍ଛନ୍ଦତା; ଆରାମ—4. Ease; relief.
चेइन वैदे. ବି. (ଇଂ. ଚେନ୍)—୧ । ଶିକୁଳି—
चेन 1. A chain.
୨ । ଘଣ୍ଟାର ଶିକୁଳି—2. Watch-chain.
୩ । ଜମି ମାପିବାର ଶିକୁଳି (୧୦୦ ଲିଙ୍କ୍ ବା ୬୬ ଫୁଟ ଲମ୍ବା)—3. A chain of 100 links (66 ft) for measuring land; Gunter's chain.

ଚଇନ୍‌ଫିଟ୍—ବୈଦେ. ବିଣ. (ଇଂ ଚେନ୍=ଘଣ୍ଟାର ଶିକୁଳି+ଫିଟ୍=
Chain phit ସଜ୍ଜିତ)—ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ବାବୁଗିରର ଉପଯୁକ୍ତ ସାଜସଜ୍ଜାରେ ସଜ୍ଜିତ; ଲମ୍ଫାଟପଟାରୂତ—Equipped from top to toe; foppish; gorgeously equipped

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇୟ	ଜ୍ଞ	ଣ
୨	ଈ	ଊ	ଋୂ	ଌୂ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଜ୍ଞ	ନ୍ତ

ଚଇନ ମାହାପାତ୍ରେ—ଦେ. ବି.—୧ । (ଅବଜ୍ଞାସୂଚକ ବ୍ୟବହାର)
Chaina māhāpātre ସର୍ବେସର୍ବା; ପ୍ରଧାନ ଲୋକ—
(ଚଇନ ମାହାପାତ୍ରେ—ଅନ୍ୟରୂପ) 1. (satirical) A principal personage.
(ଯଥା—ତୁ ମନେ ମନେ ଭାବୁଅଛୁ ଯେ ତୁ ଏଠେଇଁ ଚଇନ ମହାପାତ୍ରେ ।)
୨ । (ବ୍ୟଙ୍ଗୋକ୍ତି) କେହିନୁହେଁ—2. (ironical) A man of no importance.

ଚଇନି—ଦେ. ବିଣ. ଓ ବି. (ଆ. ଚୈନ୍)—ସ୍ଥିର—
Chaini Quiet; calm.

ଚଉ—ଦେ. ବିଣ. (ସଂ. ଚତୁର୍)—୧ । ଚାରି ସଂଖ୍ୟକ—
Chau 1. Four.
চৌ ୨ । ଚାରିଦିଗରେ ଅବସ୍ଥିତ (ଯଥା, ଚଉହଦୀ)—
चौ, चउ 2. Situate on four sides.
[ଦ୍ର—ଏହି ପଦ ଚାରି ସଂଖ୍ୟା ବୁଝାଇବା ପାଇଁ ଅନ୍ୟ ବସ୍ତୁବାଚକ ଶବ୍ଦ ପୂର୍ବରେ ଯୁକ୍ତ ହୁଏ । ଯଥା—ଚଉକୋଳ; ଚଉଦୋଳ; ଚଉତାଳ; ଚଉମଥା; ଚଉବାହା । ଏହି ପଦ ସଂଖ୍ୟାବାଚକ ଦଶକ ଶବ୍ଦ ପୂର୍ବେ ଯୁକ୍ତ ହେଲେ ତହିଁରେ ୪ ସଂଖ୍ୟା ମିଶିବାର ବୁଝାଏ ; ଯଥା—ଚଉଦଶ ସ୍ଥଳରେ ଚଉଦ=୧୪; ଚଉବିଶ ସ୍ଥଳରେ ଚବିଶ =୨୪; ଚଉତିରିଶ ବା ଚଉତିଶ=୩୪; ଚଉଚାଳିଶ ସ୍ଥଳରେ ଚଉରାଳିଶ=୪୪; ଚଉପଚାଶ ସ୍ଥଳରେ ଚଉବନ=୫୪; ଚଉଷାଠି ସ୍ଥଳରେ ଚଉଷଠି=୬୪; ଚଉସତୁରି ସ୍ଥଳରେ ଚଉସ୍ତରି=୭୪; ଚଉଅଶି ସ୍ଥଳରେ ଚଉରାଅଶି=୮୪; ଚଉନବେ ସ୍ଥଳରେ ଚଉରାନବେ=୯୪ ।]
ଦେ. ଅ—ଅମୁକ ସଂଖ୍ୟାରେ ୪ ଦ୍ୱାରା ଗୁଣିତ ହେଲେ (ଯଥା—ତିନି ଚଉ ବାର ପଣ; ପାଞ୍ଚ ଚଉ କୋଡ଼ିଏ ପଣ—ପଣିକିଆ)—
Multiplied by four.

ଚଉଅଂଶ— ଦେ. ବି (ସଂ. ଚତୁର୍ଥାଂଶ)—ଏକଚତୁର୍ଥାଂଶ—
Chau-aṁśa One fourth.

ଚଉଅଂଶା—ଦେ. ବିଣ (ସଂ. ଚତୁରଂଶ; ଚତୁରସ୍ର)—
Chau-aṁśā ୧ । ଚାରିପାଖବିଶିଷ୍ଟ—1. Foursided; having four sides; quadrilateral.
চউঅংশা
चौखूँटा; चौपहल ୨ । ବର୍ଗକ୍ଷେତ୍ରାକୃତି; ଚାରି ସମକୋଣବିଶିଷ୍ଟ
(ଚଉଅଂଶିଆ, ଚଉଅଂଶୀ—ଅନ୍ୟରୂପ) (କ୍ଷେତ୍ର)—
2. Square; rectangular.

ଚଉଆ—ଦେ. ବି.—ଅଳତ; ଶିଶୁମାନଙ୍କ ମୁହଁରେ ଓ ଦେହରେ ହେବା
Chauā ଚକାଚକା ନାଲିମଳା (ରୋଗ)—
A kind of red round eruption in patches on the body of infants.
ଦେ. ବିଣ. (ସଂ. ଚତୁର୍ଥ)—ଚତୁର୍ଥ—Fourth.
ପ୍ରାଦେ. (ବାଲେଶ୍ୱର) ବି.—ଗୋରୁଙ୍କ-ରୋଗବିଶେଷ—
A cattle-disease.

ଚଉଆଂଶ—ଦେ. ବିଣ—ଚଉଅଂଶା (ଦେଖ)
Chau-āṁśa Chauaṁśā (See).
(ଚଉଆଂଶିଆ, ଚଉଆଂଶୀ—ଅନ୍ୟରୂପ)

ଚଉଆଖିଆ—ଦେ. ବିଣ (ସଂ. ଚତୁରକ୍ଷ)—
Chau-ākhiā ୧ । ଯେ ଚାରିଆଡ଼କୁ ଆଖି ରଖି କାର୍ଯ୍ୟ କରେ—
(a person) Who acts by having his vision directed to all sides.
୨ । (ଲକ୍ଷଣାର୍ଥ) ଖୁବ୍ ସତର୍କ ଓ ସାବଧାନ—
2. (figurative) Very cautious and watchful.
୩ । (ଲକ୍ଷଣାର୍ଥ) କୌଶଳୀ; ବୁଦ୍ଧିମାନ୍—
3. (figurative) Very dexterous; ingenious.

ଚଉଁର—ପ୍ରାଦେ (ସମ୍ବଲପୁର) ବି—ବାଉଁଶ ନିଶୁଣିରେ ଲାଗିଥିବା ଆଡ଼ବତା
Chauṅra ବା ପଟି (ଯହିଁରେ ଗୋଡ଼ ଦେଇ ଚଢ଼ାଯାଏ)—
The foot-pad of a ladder.
ଦେ. ବି.—ଚଉରା (ଦେଖ)
Chaurā (See).

ଚଉଁରିବା—ଦେ. କ୍ରି—(ସଂ. ଚମର)—ପୁଷ୍ପଗୁଚ୍ଛ ବିକଶିତ ହେବା—
Chauṅribā To blossom in clusters.
କୁରୁବେଳ ଚଉଁରିଲେ ଅତି ଉଗ୍ର ଗନ୍ଧ—ପ୍ରାଚୀ. ରହସ୍ୟମଞ୍ଜରୀ ।

ଚଉଁରୀ (ଇତ୍ୟାଦି)—ଦେ. ବି—ଚଉରୀ ଇତ୍ୟାଦି (ଦେଖ)
Chauṅrī (etc) Chaurī etc (See).
ବଦନେ କବରୀ କରନ୍ତି ଚଉଁରୀ ଏ ଚାରୁ ଚାମର—ଉପେ. ବୈଦେହୀଶବିଳାସ ।
ନିଜ ଚଉଁରୀକି ଦେନଗଲେ ତାପ ହସ୍ତ ଧରି ମହାଦରେ—ରାଧାନାଥ. ପାର୍ବତୀ ।

ଚଉଁଳ—ପ୍ରାଦେ (ସମ୍ବଲପୁର) (ଇତର) ବି—ଚାଉଳ—
Chauṅla Rice.
[ଦ୍ର —ସମ୍ବଲପୁର ଅଞ୍ଚଳରେ ଶ୍ରେଷ୍ଠଜାତିମାନେ 'ଚାଉଳ' ସ୍ଥଳେ ଚଉଁଳ କହନ୍ତି । କଟକ ପୁରୀ ଆଦି ଜିଲ୍ଲାମାନଙ୍କରେ ବାଉରୀ, କଣ୍ଡରା ପ୍ରଭୃତି ଶ୍ରେଷ୍ଠଜାତି 'ଚାଉଳ' ସ୍ଥଳେ 'ଚାଉର' ଉଚ୍ଚାରଣ କରନ୍ତି ।]

ଚଉଁସର—ପ୍ରାଦେ (ସମ୍ବଲପୁର) ବି—ଚଉସାର; ପଶାଖେଳ—
Chauṅsara The game of dice.

ଚଉକ—ଦେ. ବି (ସଂ. ଚତୁଷ୍କ; ପ୍ରା. ଚଉକ୍କ)—
Chauka ୧ । ଚାରିଅଙ୍ଗୁଳ ପରିମାଣ—
চৌক 1. A measure of the breadth of 4 fingers.
चौक
ଚଉକେ ଅନ୍ତର ନୁହଇ କେବେ—କବିସୂର୍ଯ୍ୟଙ୍କ କବିତା ।
୨ । ଚଉରାସ୍ତା; ଚତୁଷ୍ପଥ—
2. A meeting place for 4 roads.
୩ । ବହୁ ଲୋକଙ୍କ ମିଳନସ୍ଥଳ; ଗଞ୍ଜ—
3. A market place; a public square.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧. ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜାଇଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗୀ ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ଗୃହର କାଷ୍ଠସ୍ତମ୍ଭର ମୁଣ୍ଡ ଉପରେ ଥିବା କାଷ୍ଠଖଣ୍ଡ—
4. A piece of wood put on the top of a pillar of a house.

୫ । ଚତୁଷ୍କୋଣବିଶିଷ୍ଟ କ୍ଷେତ୍ର ବା ସ୍ଥାନ—
5. Quadrangle; a square.

୬ । ଚଉକା; ଚାରି ଟିପବିଶିଷ୍ଟ ତାସ—
6. A card with four points.

୭ । ଚାରି ପାଖରେ ଘର ଥିବା ଖଞ୍ଜା—
7. A courtyard sorrounded by houses on four sides.

ପ୍ରାଦେ. (ସମ୍ବଲପୁର) ବି—ପାଞ୍ଚଶେଣିଆ ଚାଳଘରର ଚାଳଶେଣି ଓ ମଥାନ-ଶେଣିର ମଧ୍ୟରେ ଥିବା ଦୁଇପାଖର ଶେଣିଦ୍ୱୟ—The middlemost pair of plates in a five-plated thatched house.

ଚଉକଠ—ଦେ. ବି. (ସଂ. ଚତୁଷ୍କାଷ୍ଠ; ପ୍ରା. ଚୌକାଠ)—ଘରର ଦୁଆର-
Chaukaṭha
ମୁହଁରେ ବା ଝରକାରେ ଲାଗିଥିବା ଫରମା, ଯହିଁରେ କବାଟ ଲାଗେ—Door-frame; casement of a door or window.
চৌকাঠ
चौखट; चौकठ; चौकठ

ଚଉକଡ଼ି—ଦେ. ବି. (ଦେଶିଆ ଶବ୍ଦ)—ସୁନାରେ ତିଆରି ଗଳାର
Chaukaṛhi
ଅଳଙ୍କାରବିଶେଷ—A gold necklace.

ଚଉକଣି—ଦେ. ବିଣ. (ସଂ. ଚତୁଷ୍କୋଣ)—ଚାରିକୋଣବିଶିଷ୍ଟ—
Chaukaṇi
Quadrangular.
(ଚଉକଣିଆ—ଅନ୍ୟରୂପ)

ଚଉକତି—ଦେ. ବି.—ଚାରିଦିଗ; ଚାରିପାଖ—
Chaukati
Four sides.

କେ ବାରନାରୀ ପୁରୁ ପ୍ରସରୁ ଚଉକତିକି ଚାହିଁ । ଦୀନକୃଷ୍ଣ- ରସକଲ୍ଲୋଳ ।

ଦେ. କ୍ରି. ବିଣ—ଚାରିପାଖେ—On all sides.

ଦେହିଁ ଛନ୍ତି ଚଉକତି ଯୂଥପତି କ ଅଙ୍କ ଦେବେ ସମ୍ରାଟ ।
ଉପେ- ବୈଦେହୀଶବିଳାସ ।

ଚଉକନା—ଦେ. ବି—ଚାରିଗୋଟି ମୁନ ବା ଶାଖା ଥିବା ଅସ୍ତ୍ରବିଶେଷ—
Chaukanā
A weapon having four points or forks.

ଚଉକଣ—ପ୍ରାଦେ. (ସମ୍ବଲପୁର) ବି.—(ସଂ. ଚତୁଷ୍କୋଣ)—ପତ୍ରନିର୍ମିତ
Chaukaṇi
ଚତୁଷ୍କୋଣ ପାତ୍ର; ଚଉପଦା—A square pot made of leaves, sewn together.

ଚଉକସ—ଦେ. ବିଣ.—୧ । ଦୃଢ଼ଭାବରେ ଆବଦ୍ଧ; ଚାରିଅଡ଼ୁ ବନ୍ଧା
Chaukasa
ହୋଇଥିବା—1. Strongly fixed or firmly attached; firmly tied or secured.
চউকস
चौकस
୨ । ଦୃଢ଼—2. Tight.
(ଚଉକସିଆ—ଅନ୍ୟରୂପ) ୩ । ମଜବୁତ; ବଳୁଆ—
(ଚଉକସୀ—ବି)
3. Strong.

୪ । ଚତୁର—4. Cunning.

୫ । ସର୍ବକର୍ମନିପୁଣ; ଧୁରନ୍ଧର—5. Very active; pert; square-headed; square; able to do any and every work.

୬ । (ଭୁଲ. ସଂ. ଚକ୍ଷୁଷ୍ମାନ୍) ଖୁବ୍ ସାବଧାନ; ସତର୍କ—
6. Vigilant; careful; cautious; circumspect; very careful.

୭ । ଯାହାର ସବୁଆଡ଼କୁ ଦୃଷ୍ଟି ଥାଏ; (ଭୁଲ. ସଂ. ଚକ୍ଷୁଷ୍ମାନ୍)
7. Far-sighted; having always his eyes wide open.

୮ । ଚାରିଦିଗରେ ସମତଳ—
8. Level on all sides.

ଚଉକା—ଦେ. ବି. (ସଂ. ଚତୁଷ୍କ; ପ୍ରା. ଚଉକ୍କ)—୧ । ଜଳସଞ୍ଚୟାର୍ଥ
Chaukā
ଗାତୁଆ ବା ଗର୍ତ୍ତ—1. A square excavation of water; a small hole dug in the ground for water to ooze and accumulate.

୨ । ଗଞ୍ଜପା ଓ ତାସ ଖେଳରେ ୪ ଗୋଟି ଟିପ ଥିବା ପାନ—
2. The playing-card having four tips on it.

চউকা
चौका
୩ । ପାକ ପୂର୍ବରୁ ଲିପାପୋଛା ହୋଇଥିବା ଚୁଲିର ଚାରି ପାଖ ଓ ନିକଟବର୍ତ୍ତୀ ନିର୍ଦ୍ଦିଷ୍ଟ ସ୍ଥାନ—
3. Space near about an oven marked out, cleaned and washed with cowdung-water before cooking.

[ଦ୍ର—ପଶ୍ଚିମା ଓ ମାରୁଆଡ଼ିମାନେ ଚୁଲିର ଚାରି ପାଖର ନିର୍ଦ୍ଦିଷ୍ଟ ସ୍ଥାନ ଲିପାପୋଛା କରି ସେହି ସୀମା ମଧ୍ୟରେ ରନ୍ଧନ କାର୍ଯ୍ୟ ସମ୍ପାଦନ କରନ୍ତି ଓ ଭୋଜନ କରନ୍ତି । ଅନ୍ୟ କେହି ସେହି ସୀମା ମଧ୍ୟକୁ ପଶି ଗଲେ ସମସ୍ତ ଖାଦ୍ୟ ଅପବିତ୍ର ହୋଇଯାଏ ।]

ଚଉକାଠ—ଦେ. ବି—ଚଉକଠ (ଦେଖ)
Chaukāṭha
Chaukaṭha (See)

ଚଉକା ଦେବା—ଦେ. କ୍ରି—ପାକ ପୂର୍ବରୁ ଚୁଲିର ଚାରିପାଖ ଗୋବରରେ
Chaukā debā
ଲିପି ପରିଷ୍କାର ଓ ପରିଶୁଦ୍ଧ କରିବା—
চৌকা দেওয়া
To mark out and wash a space near the cooking oven with cow-dung-water before cooking.
चौका देना

ପ୍ରାଦେ. (କଟକ) କ୍ରି—ଦୈନିକ କାର୍ଯ୍ୟ ସ୍ୱରୂପ ବିଶେଷତଃ ପର୍ବପର୍ବାଣିରେ ଘରର ଦୁଆରମୁହଁ ପାଖ ଗୋବରମିଶା ପାଣିରେ ଲିପିବା—To smear the precincts of the door-step with cow-dung and water daily and specially on festive occasions.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଝ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଢ଼	ନ୍ଥ

ଚଉକି—ଦେ. ବି. (ସଂ. ଚତୁଷ୍କୀ; ପ୍ରା. ଚଉକ୍କୀ)—
Chauki ୧ । ବସିବା ନିମନ୍ତେ ଚାରିଗୋଡ଼ିଆ କାଷ୍ଠ ବା ପଥରର ଆସନ—1. Stool of wood or stone.
চৌকী
चौकी

କାଠିଲଗି ପାଇଁ ଚଉକିରେ ଯାଇ ସଖୀରେ ବଜାୟ କଲେ ।
ଦୀନକୃଷ୍ଣ. ରସକଲ୍ଲୋଳ ।

୨ । ପଛପଟରେ ଆଉଜିବାର ଉପଯୋଗୀ ବାଡ଼ ଥିବା କାଷ୍ଠ ବା ବେତର ଆସନ; ଖୁରସୀ—2. Chair.

[ଦ୍ର—ପ୍ରାଚୀନ କାଳରେ କେବଳ ଚାରିଗୋଡ଼ିଆ ପଥର ବା କାଠର ବା ବେତବୁଣା ଆସନକୁ ଚୌକି କହୁଥିଲେ, ତହିଁରେ ପଛପଟେ ଆଉଜିବା ପାଇଁ ଆଶ୍ରୟ ରହୁ ନ ଥିଲା । ଏହା କେବଳ ଗାଧୋଇବାବେଳେ ବ୍ୟବହୃତ ହୁଏ ଓ ମୁଦି ଦୋକାନମାନଙ୍କରେ ଦୋକାନୀର ବସିବାରେ ଲାଗେ । କିନ୍ତୁ ବର୍ତ୍ତମାନ ଯୁଗରେ କାଠ-ତିଆରି ଓ ବେତବୁଣା ନାନାପ୍ରକାର ଚଉକି ବ୍ୟବହୃତ ହେଉଅଛି । ଏ ସବୁର ବସିବା ଆସନ ଓ ପୃଷ୍ଠଦେଶର ଆଶ୍ରୟ ବେତ ବା କାଷ୍ଠ ନିର୍ମିତ । କୌଣସି କୌଣସି ଚଉକି ଲୌହରେ ମଧ୍ୟ ନିର୍ମିତ ହେଉଅଛି; କାହିଁରେ ସ୍ପ୍ରିଙ୍ଗ୍ ବା ତୁଳାର ଗଦି ଅଣ୍ଟା ଯାଉଅଛି । ଦୀର୍ଘ ବାହୁଯୁକ୍ତ ଆରାମ ଚଉକି ବା Arm chair ସର୍ବତ୍ର ସୁପରିଚିତ ।]

୩ । କର୍ଣ୍ଣର ଗୋଲବିଶେଷ—
3. A kind of ear-ring.

୪ । ଗ୍ରାମ ବା ନଗର ରକ୍ଷା କରିବା ନିମନ୍ତେ ନିର୍ଦ୍ଦିଷ୍ଟ ସ୍ଥାନ ବା ଚତୁଷ୍ପଥରେ ଅବସ୍ଥିତ ପ୍ରହରୀଙ୍କ ଆଡ୍ଡା; ଫାଣ୍ଡି—
4. Police outpost.

୫ । ଜଗିବା କର୍ମ; ପହରା—
5. Watch; watching; guarding.

୬ । (ଜାହାଜଅଭିଧା) ମାସ୍ତୁଲର ଅଗ୍ରଭାଗରେ ସଂଯୁକ୍ତ ଆସନ; ଯେଉଁଠାରେ ନାବିକମାନେ ବସି ଦୂରବୀକ୍ଷଣ ସାହାଯ୍ୟରେ ଦୂରସ୍ଥ ବସ୍ତୁମାନ ଦେଖନ୍ତି—
6. (nautical) A seat attached to the top of the main mast of a ship for sailors taking observation of far off things with the telescope.

ମୁଁ ନାବର ବଉଡ଼ ଧରି ଚଉକି ଉପରକୁ ଉଠି ଯାଇ ଦୂରବୀନ କଷିଦେଲି—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଚଉକିଆ—ଦେ. ବି.—ଚଉକିଦାର (ଦେଖ)
Chaukiā Chaukidāra (See)
ଦେ. ବିଣ—(ସଂ. ଚତୁଷ୍କ) ଚାରିକୋଣିଆ—Quadrangular.

ସହସ୍ରେକ ତୁଙ୍ଗ ତହିଁ ଚଉକିଆ ସ୍ତମ୍ଭ—ପ୍ରାଚୀ. ବୃନ୍ଦାବନଭୂଷଣଗୀତା ।

ଚଉକି କରିବା—ଦେ. କ୍ରି.—ପହରା ଦେବା—
Chauki karibā .To watch; to guard.
চৌকীদেওয়া
चौकीदेना

ଚଉକିଦାର—ଦେ. ବି. (ସଂ. ଚତୁଷ୍କ+ଫା. ପ୍ରତ୍ୟୟ. ଦାର୍)—ଗ୍ରାମ
Chaukidāra ବା ଗୃହରକ୍ଷକ; ପହରାବାଲା—Watchman; village-chowkidar.
চৌকীদার
चौकीदार [ଦ୍ର—ଏ ଶବ୍ଦ ଇଂରାଜୀଭାଷାରେ ବ୍ୟବହୃତ ହେଲାଣି ।]

ଚଉକିଦାର ପରେଡ୍—ଦେ. ବି. (ଚଉକିଦାର+ଇଂ. ପାରେଡ୍)—
Chaukidāra paret ଚଉକିଦାରମାନଙ୍କର ପ୍ରେସିଡେଣ୍ଟ ଓ ଥାନା ହାକିମଙ୍କ ନିକଟରେ ସପ୍ତାହର ବା ପକ୍ଷର ନିର୍ଦ୍ଦିଷ୍ଟ ଦିନରେ ଗ୍ରାମରେ ଘଟୁଥିବା ବିଶିଷ୍ଟ ସମ୍ବାଦ ଦେବାରୂପ କର୍ମ—Chowkidars' parade held weekly or fortnightly at the police station and before the President of the chowkidari union respectively.

ଚଉକିଦାରି—ଦେ. ବି—୧ । ଚୌକିଦାରର କର୍ମ—
Chaukidāri 1. The duty of a watchman.
চৌকিদারী ୨ । ଚୌକିଦାରର ଚାକିରି—
चौकिदारी 2. The post or service of a watchman.
ଦେ. ବିଣ—ଚଉକିଦାର ସମ୍ବନ୍ଧୀୟ—
Relating to a watchman.

ଚଉକିଦାରି ଆଇନ୍—ଦେ. ବି—ବଙ୍ଗର ୧୮୭୦ ସାଲର ୬ ଆଇନ୍,
Chaukidāri āin ଯେଉଁ ଆଇନ୍ ଅନୁସାରେ ବଙ୍ଗ-ବିହାର-ଓଡ଼ିଶାରେ ବର୍ତ୍ତମାନ ଚଉକିଦାରମାନେ ଓ ପ୍ରେସିଡେଣ୍ଟ ଓ ପଞ୍ଚାଏତମାନେ ନିଯୁକ୍ତ ହୋଇଅଛନ୍ତି ଓ ଚଉକିଦାରି ଟିକସ ଆଦାୟ ହେଉଅଛି—The Bengal Village Chowkidari act (Act 6 of 1870 B. C).

ଚଉକିଦାରି ୟୁନିଅନ୍—ଦେ. ବି. (ଚଉକିଦାରି+ଇଂ. ୟୁନିଅନ୍)—
Chaukidāri iunian ଚଉକିଦାରି ଆଇନ୍ ଅନୁସାରେ ଗଠିତ ଗ୍ରାମପୁଞ୍ଜ—Chowkidari union; a union consisting of a group of villages for the adminstration of the Village Chowkidari Act.

ଚଉକିଦାରି ଟିକସ—ଦେ. ବି. (ଚଉକିଦାରି+ଇଂ. ଟାକ୍ସ)—ଚୁଲି-
Chaukidāri ṭikasa ଟିକସ; ଚଉକିଦାରର ଦରମା ତୁଲାଇବା ନିମନ୍ତେ ଗ୍ରାମସ୍ଥ ପ୍ରତ୍ୟେକ ସକ୍ଷମ ଗୃହସ୍ଥଠାରୁ ଆଦାୟ ହେବା କର—Village-chowkidari tax.

ଚଉକିଦାରି ପଞ୍ଚାଏତ—ଦେ. ବି—ଚଉକିଦାରି ଆଇନ୍ ଅନୁସାରେ
Chaukidāri pañchāeta ନିଯୁକ୍ତ ୟୁନିଅନ୍ ବା ଗ୍ରାମପୁଞ୍ଜର ପ୍ରଧାନ ବ୍ୟକ୍ତିମଣ୍ଡଳୀ—A Chowkidari Panchayat; a group of headmen constituted under the Village Chowkidari Act for a Village union.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚଉକିଦାରି ପ୍ରେସିଡେଣ୍ଟ୍—ଦେ. ବି. (ଚୌକିଦାରି + ଇଂ. ପ୍ରେସିଡେଣ୍ଟ)—
Chaukidāri president   ଚଉକିଦାରି ଆଇନ୍ ଅନୁସାରେ ଗ୍ରାମପୁଞ୍ଜରେ ନିର୍ବାଚିତ ପଞ୍ଚାଏତମାନଙ୍କର ସଭାପତି; ଶିରପଞ୍ଚ— The President of a Chowkidari union.

ଚଉକି ଦେବା—ଦେ. କ୍ରି.—ଚଉକି କରିବା (ଦେଖ)
Chauki debā   Chauki karibā (See)

ଚଉକିବେଇ—ପ୍ରାଦେ. (ଗଡ଼ଜାତ) ବି. ସ୍ତ୍ରୀ—ରାଜାମାନଙ୍କ ରକ୍ଷିତା
Chaukibei   ସ୍ତ୍ରୀବିଶେଷଙ୍କ ନାମ—A class of concubines.
(ଚଉକିବାଈ—ଅନ୍ୟରୂପ)   [ଦ୍ର—ଏହାଙ୍କୁ ରାଜା ଚଉକିରେ ବସାଇ ଗାନ୍ଧର୍ବ ବିବାହ ରୀତିରେ ସ୍ତ୍ରୀରୂପେ ଗ୍ରହଣ କରନ୍ତି । ଏହିପରି ଫୁଲ ଓ ମାଳ ଉପହାର ଦେଇ 'ଫୁଲବେଇ' ଓ 'ମାଳବେଇ'ଙ୍କୁ ରଖା ରଖନ୍ତି ।]

ଚଉକୁଣା—ଦେ. ବିଣ—(ସଂ. ଚତୁଷ୍କୋଣ)—ଚଉକୋଣିଆ (ଦେଖ)
Chaukuṇā   Chaukoṇiā (See)
(ଚଉକୁଣିଆ—ଅନ୍ୟରୂପ)

ଚଉକୁଣି—ଦେ. ବି. (ସଂ. ଚତୁଷ୍କୋଣ)—ଏକପ୍ରକାର ଖେଳ—
Chaukuṇi   A kind of out-of-door game.
[ଦ୍ର—ଏଥିରେ ୮ ଜଣ ଖେଳନ୍ତି । ଏମାନଙ୍କ ମଧ୍ୟରୁ ୪ ଜଣ ଚାରି କୋଣରେ ଜଗିଥାନ୍ତି ଓ ଅନ୍ୟ ୪ ଜଣ ନିର୍ଦ୍ଦିଷ୍ଟ ସୀମା (ପାଲି) ମଧ୍ୟକୁ ଆସିବାପାଇଁ ସୁବିଧା ଖୋଜୁଥାଆନ୍ତି ।]

ଚଉକୁଣ୍ଡି—ଦେ. ବି.—ଚଉକୁଣି (ଦେଖ)
Chaukuṇḍi   Chaukuṇi (See)

ଚଉକୋଣା—ଦେ. ବିଣ. (ସଂ. ଚତୁଷ୍କୋଣ)—
Chaukoṇā   ଚତୁଷ୍କୋଣ; ଯେଉଁ କ୍ଷେତ୍ର ବା ବସ୍ତୁର ୪ଟି କୋଣ
চৌকোনা   ଥାଏ—Quadrangular.
चौकोना
(ଚଉକୋଣିଆ—ଅନ୍ୟରୂପ)

ଚଉକୋଣି—ଦେ. ବିଣ. (ସଂ. ଚତୁଷ୍କୋଣ)—
Chaukoṇi   ଚଉକୋଣା (ଦେଖ)
Chaukoṇā (See)
ପ୍ରାଦେ. (ସମ୍ବଲପୁର) ବି—ଚଉକନି (ଦେଖ)
Chaukani (See)

ଚଉକୋନି—ପ୍ରାଦେ. (ସମ୍ବଲପୁର) ବି—ଚଉକନି (ଦେଖ)
Chaukoni   Chaukani (See)
ପ୍ରାଦେ. (ସମ୍ବଲପୁର) ବିଣ—ଚଉକଣି (ଦେଖ)
Chaukaṇi (See)

ଚଉଖାନା—ପ୍ରାଦେ. (ସମ୍ବଲପୁର) ବି—ଚଉଖାନି (ଦେଖ)
Chaukhānā   Chaukhāni (See)

ଚଉଖାନି—ଦେ. ବି—୧ । ଚତୁଷ୍କାକାରରେ ବୁଣା ଯାଇଥିବା ବା ଚିତ୍ରିତ
Chaukhāni   ହୋଇଥିବା ବସ୍ତ୍ର— Cloth painted or
चौखानि   woven into squares.
୨ । ଚାରି ଭାଷା—2. Four languages.
୩ । ଜରାୟୁଜ, ଅଣ୍ଡଜ, ସ୍ୱେଦଜ ଓ ଉଦ୍ଭିଜ୍ଜ ଏହି ଚାରି ଜାତିର ଜୀବ—2. The four classes of animals born of womb, of eggs, of sweat and of vegetable.

ଚଉଖୁଣ୍ଟ—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ଏହି ଅର୍ଥରେ ହି.
Chaukhunṭa   ଚୌଖୁଣ୍ଟ)—ଚଉକାଠ—Door-frame.

ଚଉଖୁଣ୍ଟା—ଦେ. ବିଣ—ଚଉଖୁଣ୍ଟିଆ (ଦେଖ)
Chaukhunṭā   Chaukhunṭia (See)

ଚଉଖୁଣ୍ଟିଆ—ଦେ. ବିଣ—୧ । ଚାରି ଗୋଟି ଖୁଣ୍ଟଥିବା ବିଶିଷ୍ଟ—
Chaukhunṭiā   1. Having four pillars to
চৌখুঁট   support it.
चौखुन्ट, चौखुन्टा, चौखुन्टि   ୨ । ଚତୁଷ୍କୋଣ; ଚାରିକୋଣିଆ—
2. Quadrangular.
୩ । ସମଚତୁଷ୍କୋଣ—3. Square.
ଚଉଖୁଣ୍ଟିଆ ସେ ପୁର ହୋଇଛି ନିର୍ମାଣ । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

ଚଉଗଡି—ପ୍ରାଦେ. (ସମ୍ବଲପୁର) ବି—
Chaugaḍi   ଚଉହଦ; କୌଣସି ଜମିର ଚାରିଆଡ଼ର ସୀମା—
Boundaries on the 4 sides.

ଚଉଗୁଣ—ଦେ. ବିଣ. (ସଂ. ଚତୁର୍ଗୁଣ; ପ୍ରା. ଚଉଗୁଣ)—
Chaturguṇa   ଚାରିଗୁଣା; ଚତୁର୍ଗୁଣ; ମୂଳ ସଂଖ୍ୟାକୁ ଚାରିରେ
চৌগুন   ଗୁଣିଲେ ଯାହା ହେବ ସେହି ପରିମିତ—
चौगुना, चौगुन   Fourtimes as much; qurdrupled.
(ଚଉଗୁଣା—ଅନ୍ୟରୂପ)

ଚଉଗୁନ୍—ପ୍ରାଦେ. (ସମ୍ବଲପୁର) ବିଣ. (ଣ ସ୍ଥାନରେ ନ ଉଚ୍ଚାରଣ)—
Chaugun   ଚଉଗୁଣ (ଦେଖ)
(ଚଉଗୁନା—ଅନ୍ୟରୂପ)   Chauguṇa (See)

ଚଉଗୋଡ଼ିଆ—ଦେ. ବିଣ—ଚାରି ପାଦବିଶିଷ୍ଟ; ଚତୁଷ୍ପଦ—
Chaugoṛdiā   Having four legs; quadruped.
চারপায়া •   ଦେ.ବି—ଉଚ୍ଚ ଛାତ ଓ କାନ୍ଥ ଆଦିକୁ ଝାଡ଼ିବା
चौगोड़िया, चौगोड़ा   ବା ଚୂନ ସଫେଦ କରିବା ବ୍ୟକ୍ତି ଚଢ଼ିବା ପାଇଁ ୪ଟି ଗୋଡ଼ ଲଗା ଯାଇ ଥିବା ଉଚ୍ଚ କାଠର ଘୋଡ଼ାଟି—
A tall stool used by persons cleansing or whitewashing high roofs or walls.

ଚଉଘରା—ଦେ. ବି. (ସଂ. ଚତୁର୍ + ଘର)—
Chaugharā   (ବଣିଆ ଶବ୍ଦ) ଚାରି ଗୋଟି ଘରଥିବା ରୂପାରେ
चौघड़ा   ତିଆରି ମସଲା ରଖିବାର ପାତ୍ର ବା ଗୁଞ୍ଜଡ଼ା—
A plate with 4 apartments for keeping spices.
ପ୍ରାଦେ. (ସମ୍ବଲପୁର) ବି—ଚାରିଆଡ଼େ ଘର ବୁଲିଥିବା ଅଙ୍ଗଣା—
A courtyard enclosed by houses on four sides.

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଶ	ଙ୍କ	ଇଯ୍	ଉଅ	ଲ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଙ୍ଗ	ଇଅ	ଡ଼	ଳ

ଚଉସୁଳି—ଦେ. ବ—ଚଉଶାଳା (ଦେଖ)
Chauchāḻi Chauśāḻā (See)
(ଚଉସୁଳଆ—ଅନ୍ୟରୂପ)

ଚଉଛକ—ଦେ. ବ.—ଚଉରାସ୍ତା (ଦେଖ)
Chauchhaka Chaurāstā (See)

ଚଉଛକି—ଦେ. ବ.—ଚଉରାସ୍ତା (ଦେଖ)
Chauchhaki Chaurāstā (See)
ଦେ. ବଣ.—ଯେଉଁ ରାସ୍ତା ଦୁଇ ରାସ୍ତାର ମିଳନ ସ୍ଥଳ ବା ଛକରୁ ବାହାର ଅଛି—(a road) Which comes out of the meeting place of 2 cross-roads.

ଚଉଠ—ଦେ. ବ. (ସଂ. ଚତୁର୍ଥ; ପ୍ରା. ଚଉତ୍ଥ)—୧ । ଚାରିଭାଗରୁ ଏକ ଭାଗ—1. One fourth; ¼.
Chautha
ଚଉଠ, ଚଉଠା ଚଉଠେ ନ ରଖିଲ ସେ ସ୍ନେହର । କବିସୂର୍ଯ୍ୟ. କବିତା ।
चौथ, चौथाई
୨ । ପୂଜକ ଆପଣା ପାରଶ୍ରମିକ ସ୍ୱରୂପ ନେବା ପୂଜାଦ୍ରବ୍ୟର ଏକ ଚତୁର୍ଥାଂଶ—2. The fourth of the offering taken by the priest who officiates at the function.
୩ । ଜମିଦାରଙ୍କର ପ୍ରଜାଠାରୁ ପ୍ରାପ୍ୟ ଜମିରୁ ଉତ୍ପନ୍ନଦ୍ରବ୍ୟର ଏକଚତୁର୍ଥାଂଶ—3. The quarter of the produce of a holding payable as rent to the landlord.

ଚଉଠା—ଦେ. ବ.—(ସଂ. ଚତୁର୍ଥ, ପ୍ରା. ଚଉତ୍ଥ)—
Chauthā ୧ । ଚଉଠ (ଦେଖ)
ଚଉଠା 1. Chautha (See)
चौथा ୨ । (ମାସର) ୪ର୍ଥ ଦିବସ ବା ତାରିଖ—
2. The 4th day (of a month).
ଦେ. ବିଣ—ଚତୁର୍ଥ—Fourth.

ଚଉଠି—ଦେ. ବ. (ସଂ. ଚତୁର୍ଥୀ; ପ୍ରା. ଚଉତ୍ଥି)—୧ । ଶୁକ୍ଲମାନ ପକ୍ଷର ଚତୁର୍ଥୀ ତିଥି—1. The fourth day of a lunar fortnight.
Chauthi
ଚଉଠି, ଚଉଥୀ
चौथ, चौथी ୨ । ଶିଶୁଜନ୍ମର ଚତୁର୍ଥ ଦିବସର କୃତ୍ୟ—
2. Ceremony performed on the fourth day of a child's birth.
୩ । ବିବାହର ଚତୁର୍ଥ ଦିବସ ଓ ସେଦିନ କର୍ତ୍ତବ୍ୟ ଉତ୍ସବାଦ—3. The fourth day after marriage and the ceremony thereof.
ରେବତୀଙ୍କ ବରଙ୍କ ଚଉଠି ଉତ୍ସବ । ଉପେ. ବୈଦେହୀଶବିଳାସ ।
[ଦ୍ର—ଚଉଠି ଦିନ ବରକନ୍ୟା ଏକାସନରେ ବସି ବର ହୋମ କରନ୍ତି, ବର ଓ କନ୍ୟା ଦୁହେଁ କାଠିର ମୁକୁଟ ପିନ୍ଧନ୍ତି ଓ ଏକକ ନିକଟବର୍ତ୍ତୀ କୌଣସି ଜଳାଶୟକୁ ଯାଇ ସେଠାରେ ସ୍ନାନ କରନ୍ତି ।]

୪ । ମାସର ଚତୁର୍ଥ ଦିବସ—
4. Fourth day of the month.

ଚଉଠି ବେଭାର—ଦେ. ବ.—ବିବାହର ଚତୁର୍ଥ ଦିନ କନ୍ୟାର ବାପଘରେ ଦମ୍ପତି ଥିଲେ ବରର ବାପଘରୁ କନ୍ୟା
Chauthi bebhāra
(ଚଉଠି ବୋଝ—ଅନ୍ୟରୂପ) ବରର ବାପ ଘରେ ଦମ୍ପତି ଥିଲେ କନ୍ୟାର ବାପଘରୁ ପଠାଯିବା ଚତୁର୍ଥୀକର୍ମର ଉପକରଣ ପଦାର୍ଥମାନ—A present of articles required for the ceremonies performed on the fourth day of the marriage, sent to the house where the newly married couple stay on that day, by the father of the bride or bridegroom (as the case may be).

ଚଉଠେ—ଦେ. ବ. ଓ ବଣ.—ଏକ ଚତୁର୍ଥାଂଶ ମାତ୍ର—
Chauthe One fourth only.
ପ୍ରାଦେ. (ସମ୍ବଲପୁର) ବ.—ଚଉଠୀ (ଦେଖ)
Chauthi (See)

ଚଉଡ଼ା—ଦେ. ବ.—(ସଂ. ଚର୍ପଟ=ବିପୁଳ, ସଂ. ଚର୍ବଟ=ଚେପଟା)—
Chaurdā ପ୍ରସ୍ଥ; ଫରକ୍, ଆଡ଼—
ଚଓଡ଼ା, ଚୌଡ଼ା Breadth; width.
चौड़ाई
(ଲମ୍ବା—ବିପରୀତ)
ଚଓଡ଼ା ଦେ. ବଣ—୧ । ଫରକ୍; ବିସ୍ତୀର୍ଣ୍ଣ—
चौड़ा 1. Wide; extensive.
ସକଳ କନ୍ଦର ଭୂମି ହୋଇଛି ଚଉଡ଼ା । ପ୍ରାଚୀ. ତୃତ୍ତନରୂପଣଗୀତ ।
୨ । ପ୍ରସ୍ଥଯୁକ୍ତ; ପ୍ରଶସ୍ତ—2. Broad.

ଚଉଡ଼ାଇ—ଦେ. ବ—ପ୍ରସ୍ଥ—Breadth; width.
Chaurdāi
ଚଓଡ଼ା
चौड़ाई

ଚଉଡ଼ାଇବା—ଦେ. କି—୧ । ଚଉଡ଼ା କରିବା—
Chaurdāibā 1. To widen.
ଚଓଡ଼ାନ ୨ । ଚଉଡ଼ାଇବା; ଫଟାଇବା—2. To crack.
चौड़ाना ଚଉଡ଼ାଇ ଦେଇଛ ସ୍ନେହ ଘଟ । କବିସୂର୍ଯ୍ୟ. କବିତା ।

ଚଉଡୁଲ—ପ୍ରାଦେ. (ସମ୍ବଲପୁର) ବ. (ଭୁଲ. ହି. ଚଂଡୋଲ୍; ଚୌଡୋଲ୍)—ଚଉଦୋଳ (ଦେଖ)
Chaudulā Chaudoḻa (See)

ଚଉଡୋଳ—ଗ୍ରା. ବ—ଚଉଦୋଳ (ଦେଖ)
Chaudoḻa Chandoḻa (See)
(ଚଉଡୋଳା—ଅନ୍ୟରୂପ)

ଚଉତ—ଦେ. ବ. (ସଂ. ଚତୁଷ୍ଟ- M. W.)—(ଲୁଗାଆଦିର) ଚାରିଭାଙ୍ଗ—Folding into four folds.
Chauta

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଦେ. ବଣ—ଚାରିଭାଗରେ ଭଙ୍ଗା ବା ସଜ୍ଜିତ ହୋଇଥିବା (ଲୁଗା)—Four folded; quadrupled; folded into four; having four folds.
चारपाट
चउपत

ଚଉତନା—ଦେ ବି. (ସଂ. ଚତୁସ୍ ଓ ତନୁ; କିମ୍ବା ତନ ଧାତୁ = ବିସ୍ତାର କରିବା)—୧ । ଚାରିକୋଣିଆ ରୁମାଲ ବା ଚାଦର—1. A square napkin or wrapper.
Chautanā
(ଚଉତୁନା—ଅନ୍ୟରୂପ)
चौतनी; चौतनियाँ

୨ । ଯେଉଁ ମିରଜାଇ କୁରୁତା ବା ଅଙ୍ଗାରେ ବୋତାମ ପରିବର୍ତ୍ତେ ଦୁଇପାଖେ ଚାରିଖଣ୍ଡ ଫିତା ଲାଗିଥାଏ —2. A coat with 4 tapes on two sides for fastening the flaps.

୩ । ଶିଶୁମାନଙ୍କ ମୁଣ୍ଡର ଟୋପି ଯହିଁର ଦୁଇପାଖରେ ଚାରି ଖଣ୍ଡ ଫିତା ଲାଗିଥାଏ—3. Infant's cap to which 4 tapes are attached.

ଚଉତରଫ—ଦେ. ବି—ଚାରି ଦିଗ—Four sides.
Chautaraph
ଦେ. କ୍ରି. ବଣ—୧ । ଚାରିଦିଗରେ—1. On four sides.
চৌদিগ
चौतरफ ୨ । ସର୍ବତ୍ର; ସବୁଠାରେ—2. Throughout.

ଚଉତରା—ଦେ. ବି. (ସଂ. ଚତ୍ୱର; ଚତ୍ୱାଲ)—୧ । ଚାନ୍ଦନୀ; ବସିବା ପାଇଁ ପ୍ରସ୍ତୁତ ମେଲା ଚତୁଷ୍କୋଣ ପୀଠ—1. A raised pucca square platform.
Chautarā
চউতারা; চবুতারা
चबुतरा; चौंरा; चउतरा
(ଚଉତୁରା—ଅନ୍ୟରୂପ)

୨ । ପକ୍କା ତୁଳସୀଚଉରା—2. A raised pucca platform to plant the Holy Basil plant.

୩ । ଚୌବାଚ୍ଚା; ଗୃହସ୍ଥର ବ୍ୟବହାରାର୍ଥ ଜଳ ସଂଗ୍ରହ କରି ରଖିବା ନିମନ୍ତେ ପ୍ରସ୍ତୁତ ଚତୁଷ୍କୋଣ ଜଳକୁଣ୍ଡ—3. A square reserevoir to store water for daily household use or consumption.

ଚଉତଲା—ଦେ. ବି. (ସଂ. ଚତୁସ୍ତଲ)—ଚଉତାଲା (ଦେଖ)
Chautalā
Chautālā (See)

ଚଉତା—ଦେ. ବି ଓ ବଣ—ଚଉତ (ଦେଖ)
Chautā
Chauta (See)

ଚଉତାଇବା—ଦେ. କ୍ରି—୧ । ଚଉତିବାର ଣିଜନ୍ତରୂପ—1. Causative of Chautibā.
Chautāibā

ଚଉତାଇ ରଖିଥିଲେ ଯାହା ଯତନରେ । ମଧୁସୂଦନ. ଛାନ୍ଦଗାଥା ।

୨ । ଚଉତିବା (ଦେଖ)
2. Chautibā (See)

ଚଉତା ଚଉତି—ଦେ. ବି. (ସଂ. ଚତୁଷ୍ପୁଟ)—(ଲୁଗାକୁ) ଚାରିଭାଗରେ ଉତ୍ତମରୂପେ ଭାଙ୍ଗିବା—Folding (cloth) into four folds.
Chautā chauti

ଦେ. ବଣ—ଚାରିଭାଗ ହୋଇ ଉତ୍ତମରୂପେ ଭଙ୍ଗା ହୋଇଥିବା—Nicely folded into four.

ଚଉତାରା—ଦେ. ବି—୧ । (ସଂ. ଚତ୍ୱର)—ଚଉତରା (ଦେଖ)
Chautārā
1. Chautarā (See).

୨ । (ସଂ. ଚତୁସ୍+ତନ୍ତ୍ର) ଚାରି ତାର ଲାଗିଥିବା ତନ୍ତ୍ରୀ—2. A four-stringed musical instrument.

ଚଉତାରି—ଦେ. ବଣ (ସଂ. ଚତ୍ୱର)—୧ । ବସ୍ତ୍ର ଚତୁଷ୍କ ଆକାରରେ ବୁଣା ହୋଇଥିବା (ଲୁଗା)—1. (cloth) Woven into squares.
Chautāri

୨ । ଜନଟବର୍ତ୍ତୀ ଦୁଇଦୁଇ ସୂତାରେ ଏକତ୍ର ବୁଣା ଯାଇଥିବା (ମସିଣା)—2. (mat) Woven with 2 strings at a time.

ଚଉତାଳ—ପ୍ରାଦେ (ସମ୍ବଲପୁର) ବି (ସଂ.ଚତୁସ୍ତଲ)—ଦେବତାଙ୍କ ରଥର ଚାରିପାଖରେ ଦୋମହଲା ପରି ତୋଳିଥିବା କାଠର ସ୍ଥାନ—A roof or upper story raised on the 4 sides of a Deity's car.
Chautāla

ତହିଁର ଦୂଅରେ ଚଉତାଳ ଛତ ଅଛି—ପ୍ରାଚୀ. ବ୍ରହ୍ମାଣ୍ଡରୂପଣଗୀତା ।

ଦେ. ବି (ସଂ. ଚତୁସ୍ତାଳ) – ମୃଦଙ୍ଗର ତାଳବିଶେଷ—Name of a measure accompanying the striking of the Mrudanga drum.
চউতালা
चौताल

[ଦ୍ର—ଏଥିରେ ୭ ଦୀର୍ଘ ବା ୧୪ ଲଘୁ ମାତ୍ରା ଥାଏ ଓ ୪ ଆଘାତ ଓ ୨ ଶୂନ୍ୟ ଥାଏ; ଏଥିର ବୋଲ୍ ହେଉଛି—ଧାଧାଧିନ୍‌ତାକତା, ଗଂଦିନ୍‌ତା ତେଟେକତା ଗେଦଧିନ୍—ହି. ଶବ୍ଦସାଗର ।]

ଚଉତାଲା—ଦେ. ବି (ସଂ. ଚତୁସ୍ତଲ)—୧ । ଚାରିତଲବିଶିଷ୍ଟ କୋଠା—1. Four-storied building.
Chautālā
চৌতালা; চৌতলা
चौताला; चौमहला
୨ । ଚତୁର୍ଥ ତଲ—2. Fourth story of a building.

ଚଉତି—ପ୍ରାଦେ (ଗଡ଼ଜାତ) ବି—ଚଉପଦା ବା ପତ୍ରର ଠୋଲା—A pot made of leaves sewn together.
Chauti

ଚଉତିବା—ଦେ. କ୍ରି (ସଂ. ଚତୁଷ୍ପୁଟ—M. W.)—ବସ୍ତ୍ରାଦିକୁ ଚାରିଭାଗ ବା ୪ ପରସ୍ତ କରି ସଜାଡ଼ିବା—To fold a cloth fourfold.
Chautibā
চারপাট করা
चउपताना; चउपरताना

ଯୋଡ଼ିଏ ବୁଣାଗଲା ବାଦ ଶାରଥ ତାକୁ ଓ ଏ ଯାଏ ଚଉତଲା—ଫକୀରମୋହନ. ଛମାଣଅଠଗୁଣ୍ଠ ।

ଚଉତିରିଶ—ଦେ. ବି (ସଂ. ଚତୁସ୍ତ୍ରିଂଶ)—୩୪ ସଂଖ୍ୟା—Thirty four.
Chautirisa
চৌত্রিশ
ବଣ—୩୪ ସଂଖ୍ୟକ—Numbering thirty-four.
चौंतीस

ଚଉତିରିଶି
ଚଉତିଶ
ଚଉତିଶି
—ଅନ୍ୟରୂପ

ଚଉତିରିଶାଶଏ—ଦେ. ବି—(ସଂ. ଚତୁସ୍ତ୍ରିଂଶୋତ୍ତରଶତ)—ଏକଶତ ଚଉତିରିଶ; ୧୩୪—One hundred thirty-four; 134.
Chautirisāsae

ଚଉତିରିଶାଶହେ
ଚଉତିଶାଶଏ
ଚଉତିଶାଶହେ
—ଅନ୍ୟରୂପ

[ଦ୍ର—ଏହିପରି ଚଉତିରିଶାଦୁଇଶ ହୁଏ ।]

୧	ଇ	ଉ	ର୍,ର୍ଯ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇସ୍ତ	ଙ୍ଖ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଙ୍ଗ	ଟ୍ଟ

ଚଉତିଶା—ଦେ. ବି (ସଂ. ଚତୁସ୍ତ୍ରିଂଶ)—କ ଠାରୁ କ୍ଷ ପର୍ଯ୍ୟନ୍ତ କ୍ରମରେ
Chautiśā ଆଦ୍ୟ ଅକ୍ଷର ଯୁକ୍ତ ହୋଇ ରଚିତ ହୋଇଥିବା ୩୪ପଦ-
ବିଶିଷ୍ଟ ପଦ୍ୟ; କଉଁସ—Abecedarian poem; a poem consisting of 34 couplets beginning with the 34 letters of the alphabet from ka to ksha successively.

[ଦ୍ର—ଏଥିରେ ସାଧାରଣତଃ ପଦର ଆଦ୍ୟରେ ଙ ଅକ୍ଷର ସ୍ଥାନରେ ନ, ଞ ଅକ୍ଷର ସ୍ଥାନରେ ନ, ଣ ଅକ୍ଷର ସ୍ଥାନରେ ଅ, କ୍ଷ ସ୍ଥାନରେ ଛ ଆଦ୍ୟବର୍ଣ୍ଣଯୁକ୍ତ ଶବ୍ଦ ବସିଥାଏ ।]

ଚଉଥ—ଦେ ବି (ସଂ. ଚତୁର୍ଥ)—୧ । ଏକଚତୁର୍ଥାଂଶ; ଚତୁର୍ଥ ଭାଗ—
Chautha 1. A fourth part; a quarter.
চৌথ ୨ । ମରହଟ୍ଟାମାନେ ମୁସଲମାନ୍ ଶାସିତ ବଙ୍ଗବିହାରଓଡ଼ିଶାରୁ
चौथ; चौथैया ଆଦାୟ କରୁଥିବା କର—2. A fourth part of the land revenue which the Marhattas used to collect from the tenants of Bengal, Bihar and Orissa under Mahomedan rule.

[ଦ୍ର—ମରହଟ୍ଟାମାନେ ଓଡ଼ିଶା ଅଧିକାର କରି ପ୍ରଜାମାନଙ୍କ ଠାରୁ ନିର୍ଦ୍ଦିଷ୍ଟ ଭୂମିରାଜସ୍ୱର ¾ ଅଂଶ ଗ୍ରହଣକରି ଅବଶିଷ୍ଟ ଜମିଦାରମାନଙ୍କ ପାଇଁ ଛାଡ଼ି ଦେଉଥିଲେ, ତେଣୁ ଏହାକୁ 'ଚଉଥ' କୁହା ଯାଉଥିଲା । ଶିବଜୀଙ୍କ ଅମଳରେ ମରହଟ୍ଟାମାନେ ମଧ୍ୟ ଅନ୍ୟ ରାଜାମାନଙ୍କ ରାଜ୍ୟକୁ ଆକ୍ରମଣକରି ଉକ୍ତ ରାଜ୍ୟରୁ ଚୌଥ ଆଦାୟ କରୁଥିଲେ । ମରହଟ୍ଟାମାନଙ୍କ ଲୁଟପାଟ ଓ ଅତ୍ୟାଚାରରୁ ରାଜ୍ୟକୁ ରକ୍ଷା କରିବା ପାଇଁ ଭିନ୍ନ ରାଜ୍ୟର ରାଜାମାନେ ମଧ୍ୟ ସେମାନଙ୍କ ରାଜ୍ୟରୁ ମରହଟ୍ଟାମାନଙ୍କର ଚୌଥ ଆଦାୟ କରିବାର ଅଧିକାର ମରହଟ୍ଟାମାନଙ୍କୁ ସନନ୍ଦ ଦ୍ୱାରା ଅର୍ପଣ କରୁଥିଲେ ।]

୩ । କୌଣସି ରୟତି ଜମି ବିକ୍ରି ହେଲେ ଜରସମନର ¼ ଅଂଶ, ଯାହାକି ଖରିଦଦାର ଜମିଦାରଙ୍କୁ ଦେଇ ଆପଣା ନାମ ଦାଖଲଖାରଜ କରାଏ—
3. Mutation fee, being ¼ of the consideration money paid to a Zamindar to register the name of the purchaser of a royati holding.

ଚଉଥା—ପ୍ରାଦେ (ସମ୍ବଲପୁର) ବି (ସଂ. ଚତୁର୍ଥ)—୧ । ଚତୁର୍ଥାଂଶ—
Chauthā 1. One fourth.
୨ । ମାସର ୪ର୍ଥ ଦିନ ବା ତାରିଖ—
2. The fourth day of a month.
ପ୍ରାଦେ. (ସମ୍ବଲପୁର) ବିଣ—ଚତୁର୍ଥ—Fourth.

ଚଉଦ—ଦେ.ବି ଓ ବିଣ (ସଂ. ଚତୁର୍ଦ୍ଦଶ; ପ୍ରା.ଚଉଦ୍ଦହ)—୧୪ ସଂଖ୍ୟା—
Chauda Fourteen.
চৌদ, চৌদ্দ
चौदह

ଚଉଦନ୍ତା—ଦେ. ବିଣ (ସଂ. ଚତୁର୍+ଦନ୍ତ)—୧ । ଯେଉଁ ବଳଦ ବା
Chaudantā ଘୋଡ଼ାର କେବଳ ୪ଟି ମାତ୍ର ଦାନ୍ତ ଉଠିଅଛି,
चौदन्त ଅର୍ଥାତ୍ ଯେ ପୂର୍ଣ୍ଣ ଯୁବାବସ୍ଥା ପ୍ରାପ୍ତ ହୋଇ ନାହିଁ; ଯେଉଁ ଘୋଡ଼ା ବା ବଳଦ ଚାରିଟି ଦାନ୍ତ ଅଛି—
1. (a horse or bullock) Which has got only four teeth come out; not yet full grown.
୨ । ଚାରିଗୋଟି ଦନ୍ତବିଶିଷ୍ଟ (ହାତୀ)—
2. (an elephant)Having four teeth or tusks.
ଦେ. ବି—ଶ୍ୟାମଦେଶର ଏକଜାତୀୟ ହାତୀ (ଏମାନଙ୍କର ୪ଟି ଦାନ୍ତ ବାହାରେ—
Four-tusked elephant of Siam in Burma.

ଚଉଦ ପହଣ୍ଡିଆ—ଦେ. ବି—ସାତପାହୁଣ୍ଡିଆ ଖେଳ ପରି ଏକପ୍ରକାର
Chauda pahaṇḍiā ଖେଳ—A kind of outdoor game;
(ଚଉଦ ପାହୁଣ୍ଡିଆ—ଅନ୍ୟରୂପ) a contest at running.

[ଦ୍ର—ପିଲ୍ଲମାନେ ବାଲିଗାଡ଼ିଏ ଗଦା କରି ତହିଁରେ ଖଣ୍ଡେ ବାଡ଼ି ପୋତି ଦିଅନ୍ତି ଓ ସେହି ବାଡ଼ିଠାରୁ ୧୪ ପାହୁଣ୍ଡ ମାପି ଖେଳାଳିମାନେ ଦୂରରେ ଠିଆ ହୁଅନ୍ତି । ସମସ୍ତେ ଠିଆ ହେଲା ପରେ ଖେଳର କର୍ତ୍ତାପକ୍ଷ ୩ଟି ତାଳି ମାରିଦିଅନ୍ତି ଓ ଦୂରରେ ଠିଆ ହେବା ପିଲ୍ଲମାନଙ୍କ ମଧ୍ୟରୁ ୩ଟି ତାଳିମାରି ଶେଷ ହେବା ସମୟକୁ ଯେଉଁ ଖେଳାଳି ଆସି ସେ ବାଡ଼ିକୁ ପ୍ରଥମେ ସ୍ପର୍ଶ କରେ ସେ ଜିତେ । ଏଥିରେ ଦୂରତ୍ୱ ମାପିବାରେ ପ୍ରକାରଭେଦ ଅଛି ।]

ଚଉଦ ପୁରୁଷ—ଦେ. ବି. (ସଂ. ଚତୁର୍ଦ୍ଦଶ ପୁରୁଷ)—ମନୁଷ୍ୟର ପୂର୍ବବର୍ତ୍ତୀ
Chauda purusha ୭ ପୁରୁଷ ଓ ପରବର୍ତ୍ତୀ ୭ ପୁରୁଷ—
চোদ্দপুরুষ 7 generations above and 7 generations
चौदहपुरुष below a person.

ଚଉଦପୋଇ—ଦେ. ବି—ଚତୁର୍ଦ୍ଦଶପଦୀ କବିତା (ଦେଖ)
Chaudapoi Chaturddaśapadī kabitā (See)

ଚଉଦ ବିଶ୍ୱା—ଦେ. ବି—୧ । କୌଣସି ରୋଗ ବା ବିପଦ ଦ୍ୱାରା ବିଶେଷ
Chauda biśwā ଭାବରେ ଆକ୍ରାନ୍ତ ହେବା; ଅତି ଆକ୍ରାନ୍ତ ଅବସ୍ଥା-
1. Great distress.

ନିଶ୍ୱାସ ବନ୍ଦ ହୋଇ ପେଟ ଫୁଲିଲା ଚଉଦବିଶ୍ୱା ହେଲାଣି—
ଗାଳକଣ୍ଠ, ପିଲଙ୍କ ରାମାୟଣ ।

୨ । ଦୁର୍ବିସହ ଅବସ୍ଥା—2. Unbearable condition.

ଚଉଦ ବ୍ରହ୍ମାଣ୍ଡ—ଦେ. ବି—ସପ୍ତପାତାଳ ଓ ସପ୍ତସ୍ୱର୍ଗ—Seven nether
Chauda brahmāṇḍa worlds and seven heavens.

ସପ୍ତପାତାଳ ନବଖଣ୍ଡ
ଅଶେଷ ଚଉଦ ବ୍ରହ୍ମାଣ୍ଡ—ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

ଚଉଦ ମାଦଳ—ଦେ. ବି—ପୁରୀ ସହରରେ ଥିବା ଚୈତନ୍ୟଭକ୍ତ
Chauda mādaḻa ସମ୍ପ୍ରଦାୟଗଣ ଚଉଦଖଣ୍ଡି ମାଦଳ ବା ମୃଦଙ୍ଗ ଓ ଝାଞ୍ଜ ବଜାଇ ନଗର ଓ ଜଗନ୍ନାଥଙ୍କ ବେଢ଼ାରେ କରିବା ସଂକୀର୍ତ୍ତନ—A procession of the followers of

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଟୁ' ନ ପାଇଲେ 'ବଟୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଳବତ' ନ ପାଇଲେ 'ଅଳ୍‌ବତ' ଦେଖିବେ

Chaitanya round the compound of the Temple and in the town of Puri accompanied by 14 drums and cymbals.

ଚଉଦଲ—ଦେ. ବି. (ସଂ. ଚତୁର୍ଦ୍ଦଲ ବା ଚତୁର୍ଦ୍ଦୋଳ)—
Chaudala ୧ । ଚଉଦୋଳ (ଦେଖ)
1. Chaudola (See)
୨ । ଚାରିଜଣ ଖେଳିବା ଖେଳ—
2. A game played by four players.

ଚଉଦଳା—ଦେ. ବି—ଚଉଦୋଳ (ଦେଖ)
Chaudalā Chaudola (See)

ଚଉଦାନୀ—ଦେ. ବି. (ସଂ. ଚତୁର୍ଧାନ୍ୟା; ଚତୁର୍ଧାନିକା)—ଧାନ ଆକାରର
Chaudāni ୪ଟି ମୁକ୍ତାର ଦାନା ଝୁଲୁଥିବା କର୍ଣ୍ଣଭୂଷଣ—
ଚୌଦାନୀ An earring having 4 long pearls (like
चौदानी paddy) as pendants.

ଚଉଦିଗ—ଦେ. ବି. (ସଂ. ଚତୁର୍ଦ୍ଦିକ୍)—ଚାରିଆଡ଼ (ପୂର୍ବ, ପଶ୍ଚିମ,
Chaudiga ଉତ୍ତର ଓ ଦକ୍ଷିଣ)—Four corners of the
ଚୌଦିକ; ଚୌଦିଗ globe; four points of the compass.
चारओर ଚଉଦିଗ ଘୋଟିଥିଲା ଅନ୍ଧକାର
ସାରଦ ନଷ୍ଟଳ ଥିଲା ଏ ସଂସାର—ମଧୁସୂଦନ. ଛନ୍ଦମାଳା ।
କ୍ରି. ବିଂ—ସବୁଆଡ଼େ—On all sides.

ଚଉଦିଗା—ଦେ. ବିଣ. (ସଂ. ଚତୁର୍ଦ୍ଦିକ୍)—ଚତୁର୍ଦ୍ଦିଗ ଘେରିଥିବା;
Chaudigā ଚତୁର୍ଦ୍ଦିଗ୍‌ବ୍ୟାପୀ—
Surrounding on all sides.
(ଯଥା—ଏଥର ଓଡ଼ିଶାରେ ଚଉଦିଗା ବରଷା ହୋଇଅଛି ।)
ଦେ. ଅ—ଚାରିଆଡ଼େ; ସବୁଆଡ଼େ—
On all sides.

ଚଉଦିନ—ଦେ. ବି—ଚାରି ଦିନ—
Chaudina Four days.
ଚଉଦିନ କରିବ ସେ ମହୋତ୍ସବ ମୋର । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ଚଉଦୁଆର—ଦେ. ବି—ଓଡ଼ିଶାର ପ୍ରାଚୀନ ରାଜାମାନଙ୍କର ସାମୟିକ
Chauduāra ରାଜଧାନୀବିଶେଷ—A town for sometime capital of ancient Oria kings.
[ଦ୍ର—ଏହା କଟକର ଉତ୍ତର ପଶ୍ଚିମ ସାତ ମାଇଲ ଦୂରରେ ବିରୂପା ନଦୀ କୂଳରେ ଅବସ୍ଥିତ । ଚଉଦୁଆର, ଜୋବରା ଓ ନରାଜରେ ଆନିକଟ (ପଥର ବନ୍ଧ) ପକାଇ ସରକାର ୧୨ ମାଇଲ ଲମ୍ବର ଗୋଟିଏ ଜଳଭଣ୍ଡାର କରି ଓଡ଼ିଶାର କେନାଲ ସୃଷ୍ଟି କରି ଅଛନ୍ତି । ଏଠାରେ ଜନମେଜୟ ମହାରାଜ ଯଜ୍ଞ କରିଥିବା ବିଷୟରେ ସ୍ଥାନୀୟ ଜନଶ୍ରୁତି ଅଛି । ଭୂଗର୍ଭରୁ ଏଠାରେ ପୁରୁଣା ମୁଦ୍ରା ଅବଶ୍ୟ ମିଳୁଅଛି । ଚୈତନ୍ୟଦେବ ଓଡ଼ିଶାକୁ ଆସିଥିଲା ବେଳେ ଏଠାରେ ଓଡ଼ିଶା ରାଜାଙ୍କର ଗୋଟିଏ ରାଜଧାନୀ ଥିଲା ।]
ଦେ ବିଣ. (ସଂ. ଚତୁର୍ଦ୍ୱାର)—ଚାରିଦ୍ୱାରବିଶିଷ୍ଟ—
Having four doors or gates.

ଚଉଦୃଢ଼—ଦେ. ବିଣ. (ସଂ. ଚତୁର୍+ଦୃଢ଼)—ଅତ୍ୟନ୍ତ ଦୃଢ଼—
Chaudrurdha Very tight or rigid.

ଚଉଦୋଳ—ଦେ. ବି. (ସଂ. ଚତୁର୍ଦ୍ଦୋଳ)—
Chaudola ୧ । ମନୁଷ୍ୟବାହ୍ୟ ରାଜକୀୟ ଯାନବିଶେଷ—
ଚୌଡୁଳି, ଚୌଦୋଳ 1. A royal palanquin.
चौडोल, चंडोल ୨ । ଚାରିଜଣ ବୋହିବା ଶିବିକା—
(ଚଉଦୋଳା—ଅନ୍ୟରୂପ) 2. A litter or palanquin borne on the shoulders of 4 persons.
୩ । ବିମାନ—3. A square sedan chair for carrying idols in a procession.
୪ । ବିବାହରେ ବରକନ୍ୟା ବସି ଶୋଭାଯାତ୍ରା କରିବାର ବଡ଼ ବିମାନାକୃତି ପାଲିଙ୍କି (ଏଥିରେ ୮ ଠାରୁ ୧୬ଜଣ ଯାଏ ବାହକ ଲାଗନ୍ତି)—4. A grand marriage-palanquin (borne by 8 to 16 bearers) to convey the bride and bride-groom in the marriage-procession.

ଚଉଧୁରୀ—ଦେ. ବି. ପୁଂ. (ସଂ. ଚତୁର୍ଧୁରୀ କିମ୍ବା ସଂ. ଚତୁର୍=ଚଉଠି+
Chaudhuri ଧୃ ଧାତୁ; ଯେ ସର୍ବଦା ଚଉକିରେ ଆଗରେ ବସିଥାଏ)—
ଚୌଧୁରୀ ୧ । ଜାତି ଓ ବ୍ୟବସାୟୀଙ୍କ ମଧ୍ୟରେ ପ୍ରଧାନ ବ୍ୟକ୍ତିଙ୍କ
चौधुरी ଉପାଧି—Surname of the headman of a caste or trade.
ଚଉଧୁରାଣୀ, ଚଉଧୁରିଆଣୀ } ସ୍ତ୍ରୀ.
୨ । ଓଡ଼ିଆ ଜମିଦାରମାନଙ୍କ ସମ୍ମାନସୂଚକ ଉପାଧିବିଶେଷ—2. An honorific title; a surname of distinction amongst the Oria Zamindars.
[ଦ୍ର—ଏହା ନାମ ପୂର୍ବରେ ଲାଗେ; ଯଥା—ଭେଡ଼ାର ଜମିଦାର ଚଉଧୁରୀ ସୁଧାନାଥ ମିଶ୍ର । ଏଥିର ସାଙ୍କେତିକ 'ଚୌ' କିମ୍ବା 'ଚ' ।]
୩ । ମୁସଲମାନ୍ ଅଧିକାର କାଳରେ ତାଲୁକାର ପ୍ରଧାନ କର୍ମଚାରୀ—3. The name of the chief revenue-officer of a Talukā under the Mahomedan rule.
୪ । (ସ୍ଥୂଳକାୟ ବ୍ୟକ୍ତି ପ୍ରତି ବିଦ୍ରୂପରେ ପ୍ରଯୁଜ୍ୟ) ସ୍ଥୂଳକାୟ ବ୍ୟକ୍ତି—4. (witticism) A pot-bellied or fat man.

ଚଉପଟ—ଦେ. ବି—୧ । ଚାରିଆଡ଼; ଚାରିପାଖ—
Chaupata 1. Four sides; all sides.
ଚୌପଟ ୨ । ଯେଉଁ ଗଣ୍ଡି କାଠରୁ ପଲିଶା ବାହାର କରାଯାଇ
तलपट, चौफेर, चौपट ତାକୁ ଚାରିଅଂଶିଆ କରାଯାଇ ଅଛି—
2. A four-sided log of wood from the sides of which the unsubstantial portions have been sawn or scraped off.

୧	ଇ	ଉ	ରୃ,ର୍	୪	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଢ଼ଅ	ଖ୍ଗ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଙ୍କ	ନ୍ତ

୩ । ଏକପ୍ରକାର ପଶା ଖେଳ—
3 A kind of game of dice.
୪ । ସର୍ବନାଶ—4. Ruin.

ଦେ. ବଣ.—୧ । ଚାରିଆଡ଼େ ଖୋଲା—
1. Open on all sides.
୨ । ଅରକ୍ଷିତ—2. Unprotected.

ଚଉ ପଟନାଏକ—ଦେ. ବ.—ଓଡ଼ିଶାରେ ରାଜପ୍ରଦତ୍ତ କରଣମାନଙ୍କ
Chau paṭanāeka ଉପାଧିବିଶେଷ; ଚ୍ୟାଉପଟ୍ଟନାଏକ—
(ଚ୍ୟାଉପଟନାଏକ—ଅନ୍ୟରୂପ) A title given to Karaṇas by Orissa Rajās.

ଚଉପଣୀ—ଦେ. ବ.—୧ । ¼ ହିସାବରେ ଆଦାୟ କରାଯିବା ଶୁଳ୍କ—
Chaupaṇi 1. Cess livied af the rate of ¼.
চৌপণী ୨ । କୌଣସି ବସ୍ତୁର ଏକ ଚତୁର୍ଥାଂଶ—
चौअनी 2. One fourth.
୩ । ରୟତି ଜମି ବିକ୍ରି ହେଲେ ଜରସମନର ¼ ହିସାବେ ନିଆଯିବା ଜମିଦାରଙ୍କ ପ୍ରାପ୍ୟ ଦାଖଲଖାରଜ ରେସମ—
3. Mutation fees payable to the zamindar at the rate of ¼ of the consideration on the sale of a rayati holding.

ଦେ. ବଣ.—୧ । ଚାରିପଣ ବା ¼ ହିସାବରେ ନିଆଯିବା (ଶୁଳ୍କ)—
1. (a tax) Levied at the rate of ¼.
୨ । ସାଧାରଣ ଉତ୍ପନ୍ନ ଫସଲର ହାରହାରି ¼ ହିସାବରେ ହୋଇଥିବା (ଫସଲ)—2 (crop) Produced at the rate of ¼ of the normal produce.
୩ । ଚାରିଭାଗରୁ ଭାଗେ ପାଇବା (ଅଂଶୀଦାର)—
3. (share-holder) Entitled to a fourth share
୪ । ଚାରିଭାଗରୁ ଏକଭାଗରେ ମାଲିକ ହୋଇଥିବା (ଜମିଦାର)—
4 (a zamindar) Owning one-fourth of the proprietory right of an estate.
୫ । ଯେଉଁ କିସ୍ତିରେ ରାଜସ୍ୱ ବା ଖଜଣାର ¼ ଦାଖଲ କରାଯାଏ—6. (an instalment) In which ¼ of the rent or revenue is to be deposited.

ଚଉପଣିଆଁ—ଦେ. ବଣ.—ଚଉପଣି (ଦେଖ)
Chaupaṇiāñ Chaupaṇi (See)

ଚଉପଦୀ-ଦେ. ବି. (ସଂ. ଚତୁଷ୍ପଦୀ)—୧ । ଚାରି ଓ କ୍ୱଚିତ୍
Chaupadī ତତୋଽଧିକ ପଦ ବିଶିଷ୍ଟ ସଙ୍ଗୀତ ବା କବିତା—
চৌপদী 1. A song or poem ordinarily consisting of
चौबोला, चौपई, चौपैया, चौपाई 4 couplets.

ଚାରୁବେଶାର ମୁହିଁ ଅନୁରଙ୍ଗ,
ଚଉପଦୀ ଗୀତ ରଚନା ସଙ୍ଗ । କବିସୂର୍ଯ୍ୟ. କବିତା ।

୨ । (ସଂ. ଚତୁଷ୍ପୁଟୀ) ଚାରିକୋଣିଆଁ ପତ୍ରର ଦନା; ଠୋଲା—
2. A square cup made of leaves sewn together.

ଚଉପହରା–ଦେ. ବଣ.—(ସଂ ଚତୁଷ୍ପ୍ରହର)—୧ । ଯେଉଁ ଦାସ ବା
Chaupaharā ଦାସୀମାନେ ପ୍ରଭୁଙ୍କ ନିକଟରେ ରାତି ଓ ଦିନ ଚାରି
চউপরা ପହର ଲେଖାଏଁ ପାଳି କରି ଉପସ୍ଥିତ ଥାଆନ୍ତି; ଅର୍ଦ୍ଦଳି—
चौपहरा 1. Servants attending on the master throughout the day and night by turns of 4 prahars or 12 hours each.

ଚଉପହରା ଦାସୀଙ୍କ ଉପରେ,
ଚାପୋଡ଼ ଫରମାସର କୋପରେ । କବିସୂର୍ଯ୍ୟ. କବିତା ।

୨ । ଯେଉଁ ଚାକର ଓ ମୂଲିଆମାନେ ଦିନ ରାତି ୮ ପହର ମଧ୍ୟରୁ କେବଳ ଦିନ ଚାରି ପ୍ରହର ପାଇଁ ଖଟନ୍ତି—
2. A labourer or servant who attends on his master for 12 hours only in 24 hours.

ଚଉପାଖ—ଦେ. ବ.—ଚାରିପାଖ—
Chaupākha Four sides.
চউতরফ

ତୁଟିଁ ଅହାର ଧରି ମୁଖେ
चौतरफ ଖୋଜନ୍ତି ବୃକ୍ଷ ଚଉପାଖେ । ପ୍ରାଚୀ. ନର୍ମ୍ମଦାମାହାତ୍ମ୍ୟ ।

ଚଉପାଟ–ଦେ. ବ—ଚଉପଟ ୧ (ଦେଖ)
Chaupāṭa Chaupaṭa 1 (See)

ପୁଷ୍କରଣୀ ଚଉପାଟ ମାଣିକ୍ୟ ପାବଚ୍ଛ ଘାଟ
ମକ୍କତା ମର୍କତ ହେମ ରଚିତ କମ ସ୍ୱେ । ପ୍ରାଚୀ. ରହସ୍ୟମଞ୍ଜରୀ ।

ଚଉପାଟଲି–ଦେ. ବ—ପାଟଲି (ଦେଖ)
Chaupāṭaḻi Pāṭaḻi (See)

ଚଉପାଟି—ଦେ. ବ. (ସଂ. ଚତୁଷ୍ପୃଷ୍ଠ)—ଗୋଲ ନ ହୋଇ ଚାରିପାଖ
Chaupāṭi ସମାନ ଭାବରେ ଚଞ୍ଛା ହୋଇଥିବା କାଷ୍ଠଖଣ୍ଡ—
(ଚଉପାଟୁଆ—ଅନ୍ୟରୂପ) A square log of wood or timber.

ଦେ. ବଣ—ଚତୁରସ୍ର—Four-sided; quadrangular.

ଚଉପାଠୀ–ଦେ. ବ. (ସଂ. ଚତୁଷ୍ପାଠୀ)—ଚଉପାଢ଼ୀ (ଦେଖ)
Chaupāṭhi Chaupāṟḏhi (See)

ଚଉପାଡ଼ୀ–ଦେ. ବ. (ସଂ. ଚତୁଷ୍ପାଠୀ) – ଚଉପାଢ଼ୀ (ଦେଖ)
Chaupāṟḏi Chaupāṟḏhi (See)

ଭଦ୍ର ଚଉପାଡ଼ି ଲପୁ ଡ଼ି ପଢ଼ନ୍ତି
ଝଡ଼ନ୍ତି ଅଷ୍ଟାଳି ପୁରି । ପ୍ରାଚୀ. ରହସ୍ୟମଞ୍ଜରୀ ।

ଚଉପାଢ଼ୀ–ଦେ. ବ. (ସଂ. ଚତୁଷ୍ପାଠୀ; ଯେଉଁଠାରେ ୪ ବେଦ
Chaupāṟḏhi ଅଧ୍ୟାପନା କରାଯାଉଥିଲା)—
চৌপাড়; চৌপাড়ী; চৌবাড়ী ୧ । ଗ୍ରାମ୍ୟବିଦ୍ୟାଳୟ; ପାଠଶାଳା—
चौपाड़; चौपाल 1. A village-school.
୨ । ସଂସ୍କୃତ ପାଠାଶାଳା; ଟୋଲ—2. Tol; a school for teaching Sanskrit free of charge.

ସାଧାରଣ ସେବେ: ଅପର ପୃଷ୍ଠାରେ ୧ଚିହ୍ନିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସିବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ସେ ଶଳେ ଯେବେ ଏ ଭାବକେ ଶରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନର ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମ:ଲେ 'ଗାଈ' ଖୋଜେବେ; 'ଭୂଅ' ନ ମିଳଲେ 'ଭୂଈ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ପାଇଲେ 'ଅଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

୩ । ଉପରେ ଛାତ ବା ଛପର ଥିବା ଚାରି ପାଖଅଡ଼େ ଖୋଲା ଥିବା ବୈଠକ ଘର—3. A roofed hall open on all sides and used as a sitting room.

୪ । ଚତୁର୍ଦ୍ୱାରଯୁକ୍ତ ମଣ୍ଡପ—4. A pavillion or square hall with 4 doors.

ଚଉପାୟା—ଦେ. ବି. (ସଂ. ଚତୁଷ୍ପାଦ; ଚତୁଷ୍ପଦ)—
Chaupāyā ଚାରିଗୋଡ଼ିଆ ଛୋଟ ଖାଲୁକା ଖଟ; ଖଟିଆ—
চৌপায়া A small portable bedstead with four
चौपैया; चौपाइ legs.
(ଚଉପାଇଆ; ଚଉପାଦ୍ୟା—ଅନ୍ୟରୂପ) ଦେ. ବିଣ—ଯାହାର ଚାରିଟି ଗୋଡ଼ ଅଛି—Four-legged.

ଚଉପାଲ—ଦେ. ବି—ସ୍ତ୍ରୀଲୋକଙ୍କୁ ବହିବା ପାଇଁ ବ୍ୟବହୃତ ମନୁଷ୍ୟବାହ୍ୟ
Chaupālā ଛୋଟ ଡୋଲି ବା ଖଟିଆ—
A kind of litter for carrying women (Howells).

ଚଉପିଠି—ଦେ. ବି. (ସଂ. (ସଂ. ଚତୁର୍ ଓ ପୃଷ୍ଠ)—
Chaupiṭhi ୧ । କୌଣସି ଘନ ପଦାର୍ଥର ଚାରି ପାର୍ଶ୍ୱ ବା ତଳ—
চৌপিঠ 1. The four surfaces or sides of a
चौतर्फ solid thing.

୨ । କୌଣସି ସ୍ଥାନର ଚାରିଅଡ଼; ଚାରିଦଗ—
2. The four sides of a place.

ଯୋଗାଇ ପିନ୍ଧି ଉଅସ ଚଉପିଠି ବଟିଗୁ ଅଭ
ଅରୋଣରେ ପ୍ରାତଭ୍ରମଣ କରୁ ଅଛନ୍ତି । ଫକୀରମୋହନ- ଗଳ୍ପସ୍ୱଳ୍ପ ।

ଚଉପିଠିଆ—ଦେ. ବିଣ—୧ । ଯେଉଁ ପଶୁ ସବୁପ୍ରକାର (୪ ପ୍ରକାର)
Chaupiṭhiā ଭାର ବୋହିବାରେ ଅଭ୍ୟସ୍ତ—1. (beast of
চৌপিঠা burden or animal) Habituated to
चौकस do all sorts of work; dexterous in all sorts of work.

[ଦ୍ର—କେତେକ ବଳଦ, ଘୋଡ଼ା ପ୍ରଭୃତି ଶଗଡ଼, ହଳ, ଲଦନ ଓ ଘଣା ଟାଣିବାକୁ ଅଭ୍ୟସ୍ତ ହୋଇଥାନ୍ତି ।]

୨ । (ଲକ୍ଷଣାର୍ଥ) ଚଉକସ; ଯେଉଁ ବ୍ୟକ୍ତି ସବୁ କାର୍ଯ୍ୟ (କାୟିକ ଓ ମାନସିକ) ରେ ପାରଙ୍ଗମ—
2. (Figurative) Strong on all sides; all round; clever at everything (manual and intellectual work).

୩ । (ଲକ୍ଷଣାର୍ଥ) ସବୁପ୍ରକାର କାର୍ଯ୍ୟ କରିବାରେ ଅଭ୍ୟସ୍ତ—
3. (Figurative) Thoroughly qualified.

ଚଉପିଠି ଖରଚ—ଦେ. ବି (ପ୍ରଥମ ପକ୍ଷର ଯିବା ଏକପିଠି ଆସିବା ଏକ
Chaupiṭhik haracha ପିଠି, ୨ୟ ପକ୍ଷର ଯିବା ଏକ ପିଠି ଓ ଆସିବା ଏକ ପିଠି, ଏପରି ୪ ପିଠି ବା ଥର)—ବିବାହ ଓ ମକଦମା ଆଦି ଉପଲକ୍ଷେ ଉଭୟ ପକ୍ଷର ଯିବାର ଓ ଆସିବାର ସମସ୍ତ ଖରଚ—All the expenses of both parties for coming and going; entire travelling expenses of the two parties (in a case or marriage).

ଚଉଫେରି—ଦେ. ବି (ସଂ. ଚତୁଃ+ପ୍ରତ୍ୟାଗମନ)—ମନ୍ଦିର ବା ଦେବ-
Chaupheri ବିଗ୍ରହଙ୍କର ଚାରିପାଖ ବୁଲିଆସିବା; ପରିକ୍ରମା—
চৌফেরী Going round a temple or idol;
चौफेरी circumambulation.

ଚଉବଚ୍ଚା—ଦେ. ବି (ଫା. ଚହ୍‌ବଚ୍ଚା; ଚହ୍=କୂଅ+ବଚ୍ଚା=କ୍ଷୁଦ୍ର; ଛୋଟ
Chaubachā କୂଅ)—ଭୂମି ଉପରେ ଇଟା, ପଥର ଆଦି ଦ୍ୱାରା
চৌবাচ্চা ଚୂନରେ ଗନ୍ଥାଯିବା ଜଳାଧାର ; କ୍ଷୁଦ୍ର ଜଳାଧାର; କୁଣ୍ଡ—
चौबच्चा A small reservoir of stone or brick
ଚଉବଚ୍ଛା, ଚଉବାଚ୍ଚା, ଚଉବାଚ୍ଛା } ଅନ୍ୟରୂପ masonry for storage of water.

ଚଉବନ—ଦେ. ବି (ସଂ. ଚତୁଃପଞ୍ଚାଶତ୍, ପ୍ରା. ଚଉବଣ୍ଣ)—
Chaubana ପଚାଶ ଅପେକ୍ଷା ଚାରି ଅଧିକ ସଂଖ୍ୟା; ୫୪ ସଂଖ୍ୟା—
চুআন্ন Fiftyfour; 54.
चब्बन; चौवन ଦେ ବିଣ.—୫୪ ସଂଖ୍ୟକ—
Numbering fiftyfour.

ଚଉବନାଶଏ—ଦେ. ବି (ସଂ. ଚତୁଃପଞ୍ଚାଶତ୍+ଶତ)—ଏକଶ ଚଉବନ;
Chaubanāsae ୧୫୪—One hundred and fiftyfour;
(ଚଉବନାଶହେ—ଅନ୍ୟରୂପ) 154.

ଚଉବନା—ଦେ. ବିଣ—୧ । କଟକରେ ବ୍ୟବହୃତ (ସେର); ଯାହା
Chaubanī ଓଜନରେ ୧୦୮ ଟଙ୍କା ସଙ୍ଗେ ସମାନ; ପକ୍କା (ସେର)—
1. (a Cuttack seer) Weighing 108. tolas.

୨ । (ସଂ. ଚତୁର୍ବର୍ଣ୍ଣ)—ଚାରିବର୍ଣ୍ଣବିଶିଷ୍ଟ; ଧଳା, କଳା, ନାଲି ଓ ହଳଦିଆ ଏହି ୪ଟି ରଙ୍ଗର (ଯଥା—ଚଉବନା ମୃଦଙ୍ଗ)—
2. Of four different colours (black, white, red and yellow).

ଦେ. ବି —ଚଉବନା ସେର (ଦେଖ)--Chaubanī sera (See).

ଚଉବନା ସେର—ଦେ. ବି— ୧୦୮ ଟଙ୍କା ଓଜନର ସେର; କଟକୀ ସେର
Chaubanī sera A seer of 108 tolas
পাকীসের [ଦ୍ର—କଟକୀ ସେରର ଓଜନ ୧୦୮ ତୋଳା; କିନ୍ତୁ
पक्कासेर ଏଥିରୁ ଅଧେ ଅର୍ଥାତ୍ ୫୪ ସଂଖ୍ୟା ଦ୍ୱାରା ଏହାର କାହିଁକି ନାମକରଣ ହୋଇଅଛି ? ୮୦ ତୋଳା ଓଜନର ସେରକୁ ବାଲେଶ୍ୱରୀ ବା କଚା ସେର କହନ୍ତି; କଲିକତାରେ ଏବଂ ଉତ୍ତରଭାଗୀ ଅନ୍ୟସମସ୍ତ ଅଞ୍ଚଳମାନଙ୍କରେ ବାଲେଶ୍ୱରୀ ସେର ବ୍ୟବହୃତ ହୁଏ, କେବଳ କଟକ ଓ ତନ୍ନିକଟବର୍ତ୍ତୀ ଅଞ୍ଚଳରେ ଚଉବନା ସେର ପ୍ରଚଳିତ ।]

୧.	ଇ	ଉ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଅ	ଉଅ	ଭ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ନ୍ତ

ଚଉବନ୍ଧୀ—ଦେ. ବ (ସଂ. ଚତୁଃ+ବନ୍ଧନ)—୧ । ଅଣ୍ଟା ପର୍ଯ୍ୟନ୍ତ
Chaubandī ଲମ୍ବିଥିବା ପୂର୍ବକାଳବାଲା ଏକପ୍ରକାର ମରହଟ୍ଟିଆ
চউবন্দী ଜାମା ବା ମିରଜେଇ—1. A kind of old-
चौबन्दी fashioned coat with double flaps on the breast tied by 4 cords.

[ଦ୍ର—ଏଥିର ଛାତି ଉପରେ ୨ ପରସ୍ତ ଲୁଗା ଥାଏ ଓ ଉକ୍ତ ଲୁଗା ଦୁଇ ଖଣ୍ଡର ୨ ମୁଣ୍ଡ ଡୋର ଦ୍ୱାରା ଯଥାକ୍ରମେ ବାଁଆପାଖେ ଓ ଡାହାଣପାଖେ ବନ୍ଧାଯାଏ ।]

୨ । ଘୋଡ଼ାର ବା ବଳଦର ୪ ଗୋଡ଼ର ନାଲବନ୍ଧୀ—
2. Shoeing of the four feet of a horse or bullock.

ଚଉବନ୍ଧ—ଦେ. ବ (ସଂ. ଚତୁର୍ବନ୍ଧ)—ଚଉକଠ (ଦେଖ)
Chaubandha Chaukatha (See).
(ଚଉବନ୍ଦ—ଅନ୍ୟରୂପ)

ଚଉବର୍ଗ—ଦେ.ବ (ସଂ.ଚତୁର୍ବର୍ଗ)—ଧର୍ମ, ଅର୍ଥ,କାମ ଓ ମୋକ୍ଷରୂପ ମନୁଷ୍ୟ-
Chaubarga ଜୀବନର ଚାରିଗୋଟି ଲକ୍ଷ୍ୟ ବ. ଫଳ— Fourfold
চউবর্গ aims or summum bonum of the life of
चौबरग a man. (religion, wealth, desire and salvation).

ତେଣେ ସନ୍ତୋଷ ବସ୍ତୁ ହୋଇ।
ପ୍ରାଣିଙ୍କି ଚଉବର୍ଗ ଦେଇ । ଜଗନ୍ନାଥ. ଭାଗବତ ।

ଚଉବର୍ଷ—ଦେ. ବ (ସଂ. ଚତୁର୍ବର୍ଷ)—ମୃତର ଚତୁର୍ଥ ବର୍ଷରେ ଯେ ଶ୍ରାଦ୍ଧ
Chaubarsha ଓ ଦାନପୁଣ୍ୟ ଆଦି ଧର୍ମଶାସ୍ତ୍ରର ନିୟମ ଅନୁସାରେ
चौबरसा ଅନୁଷ୍ଠିତ ହୁଏ—An obsequal rite performed on the 4th anniversary of the death of a person.

ଚଉବଳ—ଦେ. ବ (ସଂ. ଚତୁର୍+ବଳ)—୧ । (ଏଥିରେ ପ୍ରତ୍ୟେକ
Chaubaḷa ବ୍ୟକ୍ତିର ୨ ହାତ ଓ ୨ ଗୋଡ଼, ଏପରି ୪ଟି ଅଙ୍ଗର ବଳ ପରୀକ୍ଷା କରାଯିବାରୁ) ଦୁଇଜଣଙ୍କ ମଧ୍ୟରେ ଏକପ୍ରକାର ବଳକସାକସି କସରତ୍—
1. An athletic test of strength between two persons, like a tug of war, with a stick.

[ଦ୍ର—ଏଥିରେ ୨ ଜଣ ମନୁଷ୍ୟ ପରସ୍ପର ଆଡ଼କୁ ମୁହଁକରି ଦୁଇ ଗୋଡ଼କୁ ଆଗକୁ ଲମ୍ବାଇ ବସନ୍ତି ଓ ପରସ୍ପରଙ୍କ ଗୋଡ଼ର ତଳପା ପରସ୍ପର ସଙ୍ଗେ ଲଗାନ୍ତି; ମଝିରେ ଖଣ୍ଡିଏ ବାଡ଼କୁ ଦୁହେଁଯାକ ପରସ୍ପରର ଦୁଇହାତ ଦ୍ୱାରା ଧରନ୍ତି । ଦୁହେଁ ପରସ୍ପରଙ୍କ ପାଦକୁ ଠେଲୁଥାଆନ୍ତି ଏଣେ ହାତଦ୍ୱାରା ବାଡ଼କୁ ପରସ୍ପର ଆଡ଼କୁ ଟାଣୁଥାଆନ୍ତି । ଯାହା ଆଡ଼କୁ ବାଡ଼ଖଣ୍ଡ ଟାଣିହୋଇ ଆସେ ତାହାର ବଳ ବେଶି ହେଲା ଓ ସେ ଜିତଲା ବୋଲି ଅବଧାରିତ ହୁଏ ।]

୨ । ଚତୁରଙ୍ଗବଳ—2. The army consisting of 4 branches (e. g. infantry, cavalry, elephants and cars.

୩ । ଚଉପାର; ପଶା ଖେଳ—3. The Game of dice.

୪ । ସତରଞ୍ଚି ଖେଳ—4. The Game of chess.

ଚଉବାହା—ଦେ. ବଣ (ସଂ. ଚତୁର୍ବାହୁ)—ଚତୁର୍ଭୁଜବିଶିଷ୍ଟ—
Chaubāhā Having four arms.
(ଚଉବାହୁ—ଅନ୍ୟରୂପ) ଦେ. ବ—ଶ୍ରୀ ଜଗନ୍ନାଥ; ବିଷ୍ଣୁ—
God Jagannātha; Bishṇu.

ମୋ ବୁଦ୍ଧିରେ ତୁମ୍ଭଙ୍କୁ କେହୁ ଚଉବାହା,
ଜାଣିକରି ରଚିବ କହ ମତେ ତାହା । କୃଷ୍ଣସିଂହ. ମହାଭାରତ. ସଭା ।

ଚଉବିଂଶ—ଦେ. (ପଦ୍ୟ) ବ (ସଂ. ଚତୁର୍ବିଂଶ; ପ୍ରା. ଚଉବୀସା)—
Chaubiṁśa ଚବିଶି; ୨୪ ସଂଖ୍ୟା—24.
চব্বিশ ଦେ. ବଣ—୨୪ ସଂଖ୍ୟକ—Numbering 24.
चौबीस ଚଉବିଂଶ ସହସ୍ର ଭାରତ ରଚି କଲେ—କୃଷ୍ଣସିଂହ. ମହାଭାରତ. ଆଦି ।

ଚଉଭିତେ—ଦେ. (ପଦ୍ୟ) କ୍ରି. ବଣ—୧ । ଚାରିଦିଗରେ—
Chaubhite 1. On four sides.
୨ । ଚାରିପାଖରେ—2. On all sides.

ଚଉଭୁଜୀ—ଦେ. ବଣ (ସଂ. ଚତୁର୍ଭୁଜ)—ଚାରିବାହୁବିଶିଷ୍ଟ—
Chaubhujī Having four sides.

ଚଉଭୁଜୀ କୁଣ୍ଡଘର ସହସ୍ରେ ପାଖୁଡ଼ା—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

ପ୍ରାଦେ. (ସମ୍ବଲପୁର) ବ—ଚଉହଦ; ଚତୁଃସୀମା—
Boundaries on the 4 sides.

ଚଉଭୋମି—ଦେ. ବଣ—ବର୍ଗାକାର—
Chaubhomi Square.

ଅଣମେଡ଼ା ଅଣକୋଡ଼ା ଚଉଭୋମି ଘର—ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

ଚଉମଥା—ଦେ. ବ (ସଂ. ଚତୁର୍ମସ୍ତକ)—୧ । ବ୍ରହ୍ମା—
Chaumathā 1. God Brahmā.
চৌমাথা ୨ । (ସଂ. ଚତୁଷ୍ପଥ) ଚଉଛକ ରାସ୍ତା—2. A place where four roads meet; a place where two roads cross each other.
(ଚଉମସ୍ତା, ଚଉମାଥ—ଅନ୍ୟରୂପ) ଦେ. ବଣ—ଚାରିଟି ମସ୍ତକଯୁକ୍ତ—Four-headed.

ଚଉମହଲା—ଦେ. ବ. (ସଂ. ଚତୁର୍+ଫା. ମହଲ୍)—
Chaumahala ଚଉତାଲା (ଦେଖ)
(ଚଉମାହାଲା—ଅନ୍ୟରୂପ) Chautālā (See)

ଚଉମୁହାଁ—ଦେ. ବଣ. (ସଂ. ଚତୁର୍ମୁଖ)—ଚାରିଟି ମୁଖ ବା ଦ୍ୱାରବିଶିଷ୍ଟ;
Chaumuhāṅ ଚାରିଦିଗକୁ ଯାହାର ମୁହଁ ଚାରିଗୋଟି ଅଛି—
চউমুখা Four-faced; facing towards the four sides.
चौमुखा

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚଉମୁହାଣୀ— ଦେ. ବ. (ସଂ. ଚତୁର୍‌+ଫା. ମୁହାନା=ନଦୀର ସମୁଦ୍ରରେ ମିଳନସ୍ଥଳ)—୧ । ଯେଉଁ ସ୍ଥାନରେ ନଦୀ ଏକାଧିକ ଶାଖା ମେଲି ସମୁଦ୍ରରେ ଯାଇ ପଡ଼ିଅଛି—
Chaumuhāṇi
चौमुहानो
1. Delta; the place where a river branches off and falls into the sea.
୨ । ଚୌରାସ୍ତା (ଦେଖ)
2. Chaurāstā (See)

ଚଉର— ସ୍ତ୍ରୀ. (ପଦ୍ୟ) ବ. (ସଂ. ଚୌର)—ଚୋର—
Chaura
চউর
चउर
Thief.

> ଭୂକୁଟି କୁଟିରରେ ପଳାଇଛି ଚଉର ଅଲଷାଧିକା—
> ଭଞ୍ଜ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଚଉରଙ୍ଗୀ— ଦେ. ବ. (ସଂ. ଚତୁରଙ୍ଗ)—
Chaurangi
চৌরঙ্গী
चौरङ्गा
୧ । ଏକପ୍ରକାର ଖେଳ—
1. A kind of game.
୨ । ଚକଗ୍ରାସ୍ତା—
2. A place where four roads meet.
୩ । ଏକପ୍ରକାର ବାତ ଯାହା ସମସ୍ତ ଅଙ୍ଗକୁ ଅବଶ କରେ —
3. Complete paralysis; acute rheumatism.
୪ । ଚତୁରଙ୍ଗବଳ—
4. Army consisting of four divisions (cars, elephants, cavalry and infantry).

ଚଉରବାସ— ଦେ. (ପଦ୍ୟ) ବ. (ସଂ. ଚୌରବାସ)—ବନ୍ଦୀଘର—
Chaurabāsa
Jail.

> ବହୁରତ ଲଙ୍କାରେ ସୁଖବବଶେ
> ବନ୍ଧନ ପାଏ ରକ୍ଷ ଚଉରବାସେ—ଭଞ୍ଜ, ବୈଦେହୀଶବିଳାସ ।

ଚଉରସ୍— ଦେ. ବିଣ. (ସଂ. ଚତୁରସ୍ର=ଚତୁଷ୍କୋଣ)—
Chauras
চৌরস
चौरस
୧ । ବର୍ଗ (କ୍ଷେତ୍ର); ଯାହାର ଚାରିବାହୁ ସମାନ—
1. Square.
୨ । ଚାରିଆଡ଼େ ସମପରିମିତ—
2. Even; equally or evenly distributed.
୩ । ଭଲ; ସମ୍ପୂର୍ଣ୍ଣ; ଷୋଳପଣ—
3. Full; abundant.
(ଯଥା—ଏ ବର୍ଷ ଚାରିଆଡ଼େ ଚଉରସ୍ ଫସଲ ହୋଇଅଛି; ଚଉରସ ଭୋଜନ ।)
(ଚଉରସିଆ—ଅନ୍ୟରୂପ) ୪ । ସମତଳ; ସମଭୂଲ—
4. Level; flat; even; smooth.
୫ । ଶକ୍ତ; ମଜଭୁତ୍—5. Strong; firm.
୬ । (ଠଠାରିଙ୍କ ବ୍ୟବହୃତ ଶବ୍ଦ) କଂସା ଆଦି ବାସନକୁ ଘର୍ଷି ପାଲିସ କରିବାପାଇଁ ବ୍ୟବହୃତ ହତିଆର---
6. A scraper used by braziers to scrape and polish utensils.
୭ । ଖୁବ୍—7. Excessive.
(ଯଥା—ଚଉରସ ମାଡ଼, ଚଉରସ ସୋଧନ ।)
ପ୍ରାଦେ. (ଗଡ଼ଜାତ) ବି—ଚରସ୍ (ଦେଖ)
Charas (See)

ଚଉରସ୍ ରୁଖିଲ— ଦେ. ବି. (ବଣିଆଶବ୍ଦ)—ଖୁବ୍ ଶ୍ରେଷ୍ଠ ଶ୍ରେଷ୍ଠ ଅଳଙ୍କାର ଗଢ଼ିବା ପାଇଁ ଚାରକୋଣିଆ ଏକପ୍ରକାର ଠପା—A kind of square mould used by goldsmiths to beat out small ornaments.
Chauras ruẽli

ଚଉରା— ଦେ. ବ. (ସଂ. ଚତ୍ୱର; ଚତ୍ୱାର)—ଗୃହସଂଲଗ୍ନ ଯେଉଁ ମାଟି; ପଥର ବା ଇଟା ନିର୍ମିତ ସ୍ତୂପରେ ତୁଳସୀବୃକ୍ଷ ଲଗା ହୋଇଥାଏ; ତୁଳସୀଚଉରା— A raised mound or structure near the house in which the Tulsi plant (a daily worshippable plant in every Hindu household) is reared.
Chaurā
চৌতারা
चौरांह

> ସ୍ୱର୍ଣ୍ଣ ଚଉରା ଧାଡ଼ି ଧାଡ଼ି
> ତୋଷ ବଣ୍ଣିଅଛି ଚମ୍ପକଳ ସେ । ରଘୁନାଥ, କବିକଣ୍ଠରାମାୟଣ ।

[ଦ୍ର—ହିନ୍ଦୁଗୃହସ୍ଥ ପ୍ରତିଦିନ ସ୍ନାନ କରି ଚଉରାରେ ପାଣି ଦିଏ ଓ କୁଳବଧୂମାନେ ପ୍ରତିଦିନ ଓ ବିଶେଷତଃ ଗୁରୁବାର, ଏକାଦଶୀ ଓ କାର୍ତ୍ତିକମାସରେ ସକାଳୁ ଉଠି ଗୋବରପାଣିରେ ଚଉରାମୂଳକୁ ଲିପନ୍ତି ଓ କାର୍ତ୍ତିକମାସରେ ବିଧବାମାନେ ଲିପା ଚଉରାମୂଳରେ ମୁରୁଜ ଦେଇ ରାଧାଦାମୋଦରଙ୍କୁ ପୂଜା ଓ ନୈବେଦ୍ୟଆଦି ଦିଅନ୍ତି; କୁମାରପୂର୍ଣ୍ଣିମୀ, ଢାଙ୍କିଅଁଳା, ନାଗଲ ଚଉଠି, ସୋମନାଥ ବ୍ରତ ଆଦି ଉପଲକ୍ଷରେ ଚଉରା ମୂଳେ ଭୋଗ ଦିଆଯାଏ । ପଣାସଂକ୍ରାନ୍ତି ଦିନ ତୁଳସୀଚଉରା ଉପରେ ଖମ୍ବଣ୍ଡିଆ ବାନ୍ଧି ତୁଳସୀଗଛରେ ମାଠିଆର ତଳକଣା ବାଟେ ଠୋପା ଠୋପା ପାଣି ପଡ଼ିଲା ପରି ତୁଳସୀଗଛ ଉପରେ ଗୋଟିଏ ଶିକାରେ ସଛିଦ୍ର ଘଟ ବା ମାଠିଆ (ବସୁନ୍ଧରା) ଝୁଲା ଯାଏ । ସନ୍ଧ୍ୟା ବେଳେ ମଧ୍ୟ ଗୃହବଧୂ ଓ ଗୃହିଣୀମାନେ ଚଉରାମୂଳେ ସଞ୍ଜବତୀ ବସାନ୍ତି ।]

ଚଉରାଅଶି— ଦେ. ବ. (ସଂ. ଚତୁରଶୀତି; ପ୍ରା. ଚଉରାସୀଇ)—ଅଶି ଅପେକ୍ଷା ଚାରି ଅଧିକ ସଂଖ୍ୟା; ୮୪—
Chaurā-asi
চুরাশী
Eightyfour.
चौरासी ଦେ. ବିଣ—୮୪ ସଂଖ୍ୟକ—
(ଚଉରାଶି—ଅନ୍ୟରୂପ) Numbering eightyfour.

ଚଉର୍ଣ୍ଣଲବେ— ଦେ. ବ. (ସଂ. ଚତୁର୍ନବତି, ପ୍ରା. ଚଉଣ୍ଣବଇ)—ନବେ ଅପେକ୍ଷା ୪ ଅଧିକ ସଂଖ୍ୟା, ୯୪—
Chaurāṅlabe
চুরানব্বই
94; Ninetyfour.
चौरानबे ଦେ. ବିଣ—୯୪ ସଂଖ୍ୟକ—Numbering 94.
(ଚଉର୍ଣ୍ଣଲୋଇ, ଚଉରାଣବେ, ଚଉରାନବେ, ଚଉରାଁଲବେ) ଅନ୍ୟରୂପ

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଂ	ଉଅ	ଛ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ଁ୍ୟ	ଇଅ	ଞ	ନ୍ତ

ଚଉରାଳିଶ—ଦେ. ବି. (ସଂ. ଚତୁଶ୍ଚତ୍ୱାରିଂଶତ୍; ପ୍ରା. ଚଉଚାଳିସଇ)—
Chaurālisa ଚାଳିଶିରୁ ଚାରି ଅଧିକ ସଂଖ୍ୟା; ୪୪ ସଂଖ୍ୟା —
চুয়ালিশ 44; fortyfour.
चौवालीस ଦେ. ବିଣ.—୪୪ ସଂଖ୍ୟକ—
(ଚଉରାଳିଶି—ଅନ୍ୟରୂପ) Numbering fortyfour.

ଚଉରାଳିଶାଶଏ—ଦେ. ବି. (ସଂ. ଚତୁଶ୍ଚତ୍ୱାରିଂଶତ୍+ଶତ)—
Chaurālisāsae ଏକଶତ ଚଉରାଳିଶ; ୧୪୪—144.
(ଚଉରାଳିଶାଶହେ—ଅନ୍ୟରୂପ) ଦେ. ବିଣ—୧୪୪ ସଂଖ୍ୟକ—
Numbering 144.

ଚଉରା ସେବା—ଦେ. ବି—ତୁଳସୀଚଉରାରେ ରୋପିତ ଓ ସଯତ୍ନବର୍ଦ୍ଧିତ
Chaurā sebā ତୁଳସୀ ବା ବୃନ୍ଦାବତୀଙ୍କୁ ଜଳଦାନ ଓ ପୂଜାଆଦି କରିବାରୂପ କର୍ତ୍ତବ୍ୟ କାର୍ଯ୍ୟ—Act of worshipping and watering the holy Basil plant reared up on a mound.

ଚଉରାସ୍ତା—ଦେ. ବି. (ସଂ. ଚତୁର୍+ଫା. ରାସ୍ତା)—
Chaurāstā ଚାରିପଥର ମିଳନ ସ୍ଥାନ; ଛକ—
চৌরাস্তা A place where four roads meet,
चौराहा; चौहट्टा; चौरास्ता i. e roads cross each other.

ଚଉରି— ଦେ. ବି—୧ । (ସଂ. ଚମରୀ)—କେଶଦ୍ୱାରା ନିର୍ମିତ କେଶବନ୍ଧନ-
Chaurī ରଜ୍ଜୁ—1. A string made of hairs strung
চউরি, চৌরি together and used as a tape for tying
चौंरी the hair.
୨ । (ସଂ. ଚତ୍ୱର)—ଚାରିଆଡ଼େ ଘେରଥିବା ପ୍ରାଙ୍ଗଣ; ଖଞ୍ଜା-
2. Courtyard surrounded by houses on four sides.
୩ । (ସଂ. ଚତ୍ୱର) ଚଉଶାଳା (ଦେଖ)
3. Chausālā (See)
୪ । ଚାମର (ଦେଖ)
4. Chāmara (See)
୫ । ସତ୍ୟଅମ୍ବ (ଦେଖ)
5. Satya-āmba (See).
୬ । ଅଗଣା ମଧ୍ୟରେ ଥିବା ଛୋଟ ପକ୍କା ବେଦୀ—
6. A small pucca raised platform or altar in a courtyard.
୭ । (ସଂ. ଚତୁଷ୍କା)—ଚାରିକୋଣିଆ ଅଗଣା—
7. A quadrangular courtyard.

ଚଉରି ଭୁଣ୍ଡି—ଦେ.ବି.-ଚଉରୀର ଗୁଚ୍ଛର ମୂଳଗଣ୍ଠି ଉପରେ ଜଉଦ୍ୱାରା ଦୃଢ଼
Chaurī bhundi ହୋଇ ବସା ଯାଇଥିବା ପାତ୍ରାକୃତି ଅଳଙ୍କାର-ବିଶେଷ—A cup-shaped ornament for the hair into which a bunch of Chauri is firmly attached with wax.

ଚଉର୍ଯ୍ୟ—ଗ୍ରା. (ପଦ୍ୟ) ବି. (ସଂ. ଚୌର୍ଯ୍ୟ)— ଚୋରବୃତ୍ତି—
Chaurjya Theft; stealing; habit of stealing.
চৌর্য্য ବାଣ୍ଛ ପ୍ରଭୁ ଜାଉଥିବୁ ହେବ
ବେନ ବନ୍ଧୁ ଚଉର୍ଯ୍ୟେ ଯିବ । ଭଞ୍ଜ. ବୈଦେହୀଶବିଳାସ ।

ଚଉଲରି—ଦେ. ବି—ଚାରିସରିଆ ହାର—
Chaulari A necklace with 4 strings.

ଚଉଶାଳା—ଦେ. ବି. (ସଂ. ଚତୁଃଶାଳା)—
Chausālā ୧ । ବର୍ଗାକୃତି ଘର; ମୁନିମାନଙ୍କ ଘର—
চৌচালা 1. A block-house; a square house;
बंगला the hut of a hermit.
୨ । ଚାରି ପାଖେ ଚାଳ ଲାଗିଥିବା ଘର—
2. A house having 4 sloping thatches on 4 sides; a thatched bungalow.

ଚଉଶିଙ୍ଗା—ଦେ. ବି. (ସଂ. ଚତୁଃ ଶୃଙ୍ଗ)—
Chausingā ଛୋଟଜାତି ମୃଗ, ଚାରିଶୃଙ୍ଗବିଶିଷ୍ଟ କୃଷ୍ଣସାର ମୃଗ-
চৌশিঙ্গা ବିଶେଷ—The four-horned antelope;
चौसिंघा Zetracerus Quadricornis.
(ଚଉଶିଂଗା—ଅନ୍ୟରୂପ) [ଦ୍ର—ଏହାର ବର୍ଣ୍ଣ ଈଷତ୍ ଲାଲ, ଲୋମ କର୍କଶ, ଆକାର ଛୋଟ ଓ ପୁଚ୍ଛ ହ୍ରସ୍ୱ; ଅନ୍ତିମ ମୃଗର ୩୬ ଅଙ୍ଗୁଳ ଲମ୍ବର ଚାରି ଗୋଟି ଶିଙ୍ଗ ହୁଏ; ମାଂସ ସୁସ୍ୱାଦୁ—ଯୋଗେଶଚନ୍ଦ୍ର ।]
ଦେ. ବିଣ—ଚାରି ଗୋଟି ଶୃଙ୍ଗବିଶିଷ୍ଟ—
Four-horned.

ଚଉଷଠାଶଏ—ଦେ. ବି ଓ ବିଣ – ଏକଶତ ଚଉଷଠି—
Chaushathāsa-e 164.
(ଚଉଷଠାଶହେ—ଅନ୍ୟରୂପ)

ଚଉଷଠି—ଦେ. ବି. (ସଂ. ଚତୁଃଷଷ୍ଟି, ପ୍ରା. ଚଉସଟ୍ଠି)—
Chaushathi ଷାଠିଏ ଅପେକ୍ଷା ୪ ଅଧିକ ସଂଖ୍ୟା; ୬୪—
চৌষট্ঠি 64; sixtyfour.
चौसठ ଦେ. ବିଣ—୬୪ ସଂଖ୍ୟକ—Numbering 64.

ଚଉଷଠି କଳା—ଦେ. ବି. (ସଂ. ଚତୁଃଷଷ୍ଟି ଓ କଳା)—
Chaushathi kalā ଚଉଷଠି ପ୍ରକାର କଳା ବିଦ୍ୟା (ଯାହା କ ପ୍ରତ୍ୟେକ ସୁଶିକ୍ଷିତା ରସିକା ସ୍ତ୍ରୀଙ୍କର ଶିକ୍ଷା କରିବା କର୍ତ୍ତବ୍ୟ)- Sixtyfour kinds of fine arts according to the Hindu Sāstras (which a woman must learn before she becomes perfect).
[ଦ୍ର—ଶୁକ୍ରନୀତି ମତରେ ୬୪ କଳା ଯଥା—୧ ସଙ୍ଗୀତ, ୨ ନୃତ୍ୟ, ୩ ବାଦ୍ୟ, ୪ ଉଦକ ବାଦ୍ୟ, ୫ ନାଟ୍ୟାଭିନୟ, ୬ ରୂପ-ବିଧାନ, ୭ ତିଳକ ରଚନା, ୮ ବେଶ ରଚନା, ୯ ଅଙ୍ଗରଞ୍ଜନ, ୧୦ ମୁଣ୍ଡରେ ପୁଷ୍ପବିନ୍ୟାସ, ୧୧ କେଶବିନ୍ୟାସ, ୧୨ ପୁଷ୍ପଶଯ୍ୟା-ରଚନା, ୧୩ ମାଳ ଗୁନ୍ଥିବା, ୧୪ ଗନ୍ଧଦ୍ରବ୍ୟ ପ୍ରସ୍ତୁତ କରିବା, ୧୫ ଚିତ୍ରବିଦ୍ୟା, ୧୬ ପ୍ରତିମା ନିର୍ମାଣ, ୧୭ ବୈଜୟନ୍ତୀ ବିଦ୍ୟା,

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

୧୮ ବୃକ୍ଷାୟୁର୍ବେଦ ବିଦ୍ୟା, ୧୯ ପାକକ୍ରିୟା, ୨୦ ପାନୀୟରଚନା, ୨୧ ବଢ଼େଇ କର୍ମ, ୨୨ ସୂତା କାଟିବା, ୨୩ ବେତ ବାଉଁଶ ବୁଣିବା, ୨୪ ଶଯ୍ୟାରଚନା, ୨୫ ସୂଚୀକର୍ମ, ୨୬ ଅଳଙ୍କାର ପିନ୍ଧିବା, ୨୭ ଶିଶୁ କ୍ରୀଡ଼ନକ, ୨୮ ଅଳଙ୍କାର ନିର୍ମାଣ, ୨୯ ତଣ୍ଡୁଳକୁସୁମ-ବିକାର, ୩୦ ଘାସ କାଟିବା, ୩୧ ମଣିଭୂମିକା, ୩୨ ବାସ୍ତୁବିଦ୍ୟା, ୩୩ ମଣିରାଗ ବିଜ୍ଞାନ, ୩୪ ସ୍ୱର୍ଣ୍ଣ ରୌପ୍ୟ ପରୀକ୍ଷା, ୩୫ ଖନି ବିଦ୍ୟା, ୩୬ ଧାତୁ ରସାୟନ, ୩୭ ଇନ୍ଦ୍ରଜାଲ, ୩୮ ବସ୍ତ୍ର ଗୋପନ, ୩୯ ଚିତ୍ର ପ୍ରଦର୍ଶନ, ୪୦ ହସ୍ତଲାଘବ, ୪୧ ଦ୍ୟୁତକ୍ରୀଡ଼ା, ୪୨ ମେଷ କୁକ୍କୁଟ ଯୁଦ୍ଧ, ୪୩ ଶୁକସାରିକା ପଢ଼ାଇବା, ୪୪ ଦୃଷ୍ଟ କ୍ରୀଡ଼ା, ୪୫ ଆକର୍ଷ କ୍ରୀଡ଼ା, ୪୬ ଅବଧାନ, ୪୭ ଦେଶ ଭାଷା, ୪୮ ଛନ୍ଦୋ ଭାଷା, ୪୯ ବୈନାୟିକୀ ବିଦ୍ୟା, ୫୦ କାବ୍ୟ ସମସ୍ୟା, ୫୧ ଅକ୍ଷର-ମୁଷ୍ଟିକା କଥନ, ୫୨ ଗ୍ରନ୍ଥ ପାଠ, ୫୩ ନାଟକ ଜ୍ଞାନ, ୫୪ ମାନସୀ କାର୍ଯ୍ୟ ୫୫ ପ୍ରହେଳିକା, ୫୬ ଯନ୍ତ୍ରମାତୃକା, ୫୭ ଜଳସ୍ତମ୍ଭ ବିଦ୍ୟା, ୫୮ ବସ୍ତୁଗୋପ୍ୟ ବିଦ୍ୟା, ୫୯ ଦୁର୍ବାଚକ ଯୋଗ, ୬୦ ବାୟୁ ମେଘ ବିଦ୍ୟା, ୬୧ ଧାରଣ ମାତୃକା, ୬୨ କ୍ରିୟା କୌଶଳ, ୬୩ ଛଳକ (ନାଟକଭେଦ), ୬୪ ବୈତାଳିକ ଜ୍ଞାନ ।]

ଚଉଷଠି ବନ୍ଧ—ଦେ. ବି—କାମଶାସ୍ତ୍ରାଦିରେ ବର୍ଣ୍ଣିତ ସ୍ତ୍ରୀପୁରୁଷସଙ୍ଗମର Chaushaṭhi bandha ୬୪ ପ୍ରକାର ବିଧି ବା ଅବସ୍ଥାନ—64 kinds of poses in copulation described in the erotic books of ancient India.

ଚଉସମ—ଦେ. ବି.—(ସଂ. ଚତୁଃସମ)—୧ । ଚାରିଗୋଟି ସୁଗନ୍ଧ ଦ୍ରବ୍ୟର Chausama ସମାହାର [ଚନ୍ଦନ; ଅଗୁରୁ (ମତାନ୍ତରରେ କର୍ପୂର) ଚଉସମ କସ୍ତୁରୀ ଓ କୁଙ୍କୁମ]—1. Aggregate of 4 scents **चौसम** used as a paste for the body (sandal, bdellium or camphor, musk and saffron).

୨ । ଚାରିଗୋଟି ଶ୍ଳେଷ୍ମା ନିବାରକ ଔଷଧ ଦ୍ରବ୍ୟର ଚୂର୍ଣ୍ଣ—2. Powder of 4 drugs for cold.

[ଦ୍ର—ଶୁଣ୍ଠି, ପିପ୍ପଳି, ମରିଚ ଓ ବଚ ଚୂର୍ଣ୍ଣ ହୋଇ ଏହା ପ୍ରସ୍ତୁତ ହୁଏ ।]

୩ । ଲବଙ୍ଗ, ଜୀରା, ଜୁଆଣି ଓ ହରିଡ଼ାର ଚୂର୍ଣ୍ଣରେ ପ୍ରସ୍ତୁତ ପାଚକ, ରେଚକ ଓ ଶୂଳନିବାରକ ଔଷଧବିଶେଷ—3. A medicinal preparation consisting of powdered clove,,cumin, ptychotis and myrobalan.

ଚଉସମାଲି—ଦେ. ବି.—(ସଂ. ଚତୁଃ+ସୀମା; ତୁଳ. ଦୋସମାଲି, Chausamāli ତିସମାଲି)—ଯେଉଁ ସ୍ଥାନରେ ୪ଟି ମଉଜାର ସୀମା **चौमेंड़ा, चौवा,** ମିଳିଅଛି—A point where the boundaries **बसिंहा** of four villages meet.

ଚଉସରି—ଦେ. ବି—(ସଂ. ଚତୁଃସର)—ଚାରିସରଥିବା ହାର; ଚଉଲଷା Chausari ହାର—Four-stringed necklace.

ଚାରନରୀ ଦେ. ବିଣ.—୧ । ଚାରିନେରଥିବା (ହାର); ଚାରିସୋଗ୍ୟ **चौलड़ा** ବିଶିଷ୍ଟ—1. (necklace) Consisting of 4 strings; four-stringed.

ଚଉସରା, ଚଉସରିଆ } —ଅନ୍ୟରୂପ

୨ । ଚତୁରସ୍ର; ଚତୁଷ୍କୋଣବିଶିଷ୍ଟ—2. Quadrangular.

ଚଉସାର—ଦେ. ବି.—(ସଂ. ଚତୁଃସାର, ଏଥିରେ ଚାରି ବର୍ଣ୍ଣର ୪ଟି Chausāra ଲେଖାଏଁ ସାର ବା ଗୋଟି ଥିବାରୁ)—୧ । ପଶାପାଲି—ପାଶା 1. The dice-board.

चौपड़, चौसर ୨ । ପଶାଖେଳ—2. The game of dice.

ଚଉସ୍ତରୀଶଏ—ଦେ. ବି. ଓ ବିଣ.—ଏକଶତ ଚଉସ୍ତରି—Chaustarāsa-e 174; one hundred seventyfour.

(ଚଉସ୍ତରୀଶହେ—ଅନ୍ୟରୂପ)

ଚଉସ୍ତରି—ଦେ. ବି.—(ସଂ. ଚତୁଃସପ୍ତତି; ପ୍ରା. ଚୌହତ୍ତରି)—ସତୁରି Chaustari ଅପେକ୍ଷା ଚାରି ଅଧିକ ସଂଖ୍ୟା; ୭୪— ଚୁହତ୍ତର 74; seventyfour,

चौहत्तर

(ଚଉସ୍ତୁରି, ଚଉସ୍ତୋରି } —ଦେ. ବିଣ—୭୪ ସଂଖ୍ୟକ—Numbering 74.

ଚଉହଟ୍ଟା—ଦେ. ବିଣ.—(ସଂ. ଚତୁର୍+ଆ ହଟ୍ଟକ୍)—୧ । ଚାରି Chauhaṭṭā ଦିଗରେ ବାଡ଼ ବା ପ୍ରାଚୀରଦ୍ୱାରା ବେଷ୍ଟିତ କରା ଯାଇ ଚଉହାତ୍ତା 1. Surrounded by a compound wall on all sides.

चौहत्ता

୨ । (ସଂ. ଚତୁଃ+ହସ୍ତ)—ହୃଷ୍ଟପୁଷ୍ଟ ଓ ବଳବାନ୍ (ମରଦ)—(ଚଉହତା—ଅନ୍ୟରୂପ) Tall and strong (man).

[ଦ୍ର—ସାଧାରଣ ଲୋକେ ଉଚ୍ଚରେ ୩ ହାତ ହୁଅନ୍ତି, ଚାରି ହାତ ତେଙ୍ଗା ଲୋକ ସାଧାରଣଙ୍କ ଅପେକ୍ଷା ବଡ଼ ।]

ଦେ. ବି.—ଚାରିପାଖେ ବୁଲିଥିବା ପାଚେରୀ—A compound-wall raised round a place.

ଚଉହଦି—ଦେ. ବି.—(ସଂ. ଚତୁଃ+ଆ. ହଦ୍=ସୀମା)—୧ । ସୀମା-Chauhadi 1. Boundary.

ଚୌହଦ୍ଦି ୨ । ଚତୁଃସୀମା—

चौहद्दी; चौसीमा 2. Boundaries on the 4 sides

ଦେ. ବିଣ.—୧ । ଚତୁଃସୀମାରେ ଅବସ୍ଥିତ—(ଚଉହଦି—ଅନ୍ୟରୂପ) 1. Situated on the 4 boundaries

୨ । ସୀମାକୁ ଲାଗି କରି ଅବସ୍ଥିତ—2. Adjoining the boundary; adjacent.

ଚଏତୁ—ପ୍ରାଦେ (ସମ୍ବଲପୁର) ବି (ସଂ. ଚୈତ୍ର)—ଚୈତ୍ରମାସ—Chaetu The lunar month of Chaitra.

ଚଁକ ପଶିବା—ପ୍ରାଦେ (ସମ୍ବଲପୁର) କ୍ରି. (ତୁଳ. ହି. ଚୌଙ୍କନା)—Chaṅki pasibā ଚମକପଡ଼ିବା—To be startled; to be alarmed.

୧	ଇ	ଊ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଘ
୨	ଈ	ଉ	ରୁ	ଲୁ	ଯ୍ୱ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଷ୍ଠ	ନୃ

ଚଁକିବା—ପ୍ରାଦେ (ସମ୍ବଲପୁର) କ୍ରି (ତୁଳ. ହି. ଚୌଂକ୍‌ନା)—ଚମକିବା—
Chañkibā To be startled.

ଚଁଘରା—ପ୍ରାଦେ (ସମ୍ବଲପୁର) ବି (ତୁଳ. ହି. ଚୌଘଡ଼ା)—ଗୁଙ୍ଗଡ଼ା;
Chaṅgharā ଗୁଙ୍ଗୁଡ଼—Wicker-work tray.

ଚଁଚଁ—ଦେ. ଅ—ଚଅଁଚଅଁ (ଦେଖ)
Chañchañ Cha-añ cha-añ (See).

ଚଁହ—ପ୍ରାଦେ (ସମ୍ବଲପୁର)—ବି—ଚଁଅର; ନିଶ୍ରେଣିର ଅଡ଼ୁକାଠ—
Chañr The steps or foot-pads of a ladder.

ଚକ୍ (ଧାତୁ)—ସଂ.—୧ । ବ୍ୟାଘାତ କରିବା—
Chak (root) 1. To obstruct.
୨ । ବାଧା ଦେବା—2. To resist; to repel.
୩ । ତୃପ୍ତ ହେବା—3. To be pleased; to be satiated or contented.
୪ । ଭୀତ ହେବା—4. To be frightened.
୫ । ଝକଝକ କରିବା—5. To shine.

ଚକ୍—ବୈଦେ. ବି. (ଇଂ. ଚକ୍)—ଫୁଲଖଡ଼ି—
Chak Chalk.
चक् ଦେ. ଅ—ହଠାତ୍—Suddenly.
चक

ଚକ୍‌ଚକ୍—ବୈଦେ. ବି (ସଂ. ଚାକଚକ୍ୟ; ତୁଳ. ତୁର୍କୀ. ଚକ୍‌ମକ୍; ସଂ.
Chakchak ଚକ୍ ଧାତୁ=ଦୀପ୍ତି ପାଇବା)—୧ । ଦୀପ୍ତି; ଚମକ—
चकचक 1. Splendour; lustre; brilliancy.
जगमगाहट ୨ । ଚାକଚକ୍ୟ; ବର୍ଣ୍ଣର ଔଜ୍ଜ୍ୱଲ୍ୟ—
2. Brightness of colour; dazzling brightness.
चकचकिया; चुकचुके ବିଦେ. ବିଣ—ଜାଜ୍ୱଲ୍ୟମାନ; ଉଜ୍ଜ୍ୱଳ;
जगमग ଝକ୍‌ଝକ୍—Shining; bright; brilliant, dazzling.
ଦେ. ଅ (ଧ୍ୱନ୍ୟନୁକରଣ)—ବିରାଡ଼ି କୁକୁର ପ୍ରଭୃତି ପଦାର୍ଥ ଜିଭ ଦ୍ୱାରା ଚାଟି ପିଇବାର ଶବ୍ଦ—Sound of licking of milk or water by cats and dogs.
ପ୍ରାଦେ (ସମ୍ବଲପୁର) ବି—ଆସନ୍ନବିପଦଜନିତ ଆଶଙ୍କାଯୋଗୁଁ ମନର ଅସ୍ଥିରତା—Uneasiness due to the fear of impending danger.

ଚକ୍‌ଚକ୍ ଲାଗିବା—ପ୍ରାଦେ (ସମ୍ବଲପୁର) କ୍ରି—ଆସନ୍ନବିପଦର ଆଶଙ୍କାରେ
Chakchak lāgibā ମନରେ ଅସ୍ଥିରତା ଜାତହେବା—
Feeling of uneasiness due to apprehension of impending danger.

ଚକ୍‌ଚକାଇବା—ପ୍ରାଦେ (ସମ୍ବଲପୁର) କ୍ରି. (ତୁଳ. ଏହି ଅର୍ଥରେ ହି.
Chakchakāibā ଚକ୍‌ଚକାନା)—ଝଲକିବା; ପାଣି ଆଦି କୌଣସି ପାତ୍ରରୁ ତରଳ ବାହାରେ ପଡ଼ିବା—To split (said of any liquid coming out of a pot).

ଚକ୍‌ଚକି—ଦେ. ବି—ଏକପ୍ରକାର ଡଙ୍ଗା—
Chakchaki A kind of country-boat.

ବାରଗୋଡ଼ିଆ ପନ୍ଦରଗୋଡ଼ିଆ କୁଶଳୀ, ଚକ୍‌ଚକି ନାଆ ଅଛି—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଚକ—ଦେ. ବି (ସଂ. ଚକ୍ର, ପ୍ରାକୃତ. ଚକ୍କ)—୧ । ଶକଟ ପ୍ରଭୃତିର ଚକ୍ର—
Chaka 1. Wheel.
चाका ଚକେ ଗଲେ ବାରହାତ—ଢଗ ।
चाक [ଦ୍ର—ଶଗଡ଼ ଚକର ଭିନ୍ନ ଭିନ୍ନ ଅଂଶର ନାମ—ଯଥା—ପହି, ପୁଟି, ଅର, ନାହିଆ, ସନ୍ଧିଆ, ପଟରି, ପିଚକିଲା, ପନ୍ଦାଡ଼ି, ଢୋଲକିଆ, ଝାମ ଓ ବଳା ।]
चक ୨ । ଏକତ୍ରାବସ୍ଥିତ ବହୁ କ୍ଷେତ୍ରର ସମଷ୍ଟି—
चक 2. A compact and large block of land.
ସେ ଛମାଣ ଆଠଗୁଣ୍ଠ ଚକକୁ ହଳ ଯିବ ତ ?—ଫକୀରମୋହନ. ଛମାଣଆଠଗୁଣ୍ଠ ।
୩ । ମୌଜା ମଧ୍ୟସ୍ଥ ଏକଶ୍ରେଣୀର ଭୂମି—
3. One class or lot of land in a village.
୪ । ବେଦୀ ମଧ୍ୟସ୍ଥ ବରକନ୍ୟାଙ୍କ ଆସନ—4. The place occupied by the couple on the marriage altar.
୫ । ଚାରିକୋଣିଆ ଭୂମି—5. A square plot of land.
୬ । ଚାରିପାଖରେ କୋଠା ଥିବା ଅଗଣା—
6. A square courtyard.
୭ । ବଜାର; ହାଟସ୍ଥାନ—7. Marketplace.
୮ । ଜମିଦାରିର ଅଂଶ—8. Part of an estate.
୯ । ନଗର ମଧ୍ୟସ୍ଥ ଚତୁଷ୍କୋଣ ସ୍ଥାନ—
9 A square in a town.
୧୦ । କୁମ୍ଭାର ଯେଉଁ ଚକକୁ ବୁଲାଇ ହାଣ୍ଡି ଆଦି ଗଢ଼େ—
10. Potter's wheel.

ଚକଚକିଆ—ଦେ. ବିଣ (ସଂ. ଚାକଚକ୍ୟ)—ଚକ୍‌ଚକ୍ (ଦେଖ)—
Chakachakiā Chakchak (See)
ଚିକ୍କଣ ନୂଆ ଚକଚକିଆ ପୋଷାକ—ରାଧାନାଥ. ଦରବାର ।

ଚକଚୁନ୍ଦି—ଦେ. ବି (ସଂ. ଚକ୍ର ଓ ଚକ୍ଷୁସ୍)— ୧ । କିଂକର୍ତ୍ତବ୍ୟବିମୂଢ଼ତା; ଧନ୍ଦକା; ଘାବରି; ବିହ୍ୱଳତା—1. State of
Chakachāndi being confounded; bewilderment.
भेवाचाका
चकचौंध; तिल्‌मिलि ୨ । ଅତ୍ୟନ୍ତ ଅଧିକ ଆଲୋକ ଦେଖି ଆଖି ଝଲସି ଯିବା—2. The state of the eyes becoming dazzled by excessive glare of light.
(ଯଥା— ମତେ ଚକଚୁନ୍ଦି ଲାଗିଗଲା; ମୋର ଚକଚୁନ୍ଦି ବୁଲିଗଲା ।)
୩ । ବହୁତ ବାଟ ଚାଲିବା ଯୋଗୁ ତଳପାରେ ହେବା ବ୍ୟଥାଯୁକ୍ତ ବ୍ରଣ; ତଳପାରେ ଗୁନ୍ଦ ଫୁଟିଯିବା—
3. Foot-sore due to excessive walking.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗିଆ ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ବିଶେଷ ଉଦ୍‌ବେଗ ବା ଚିନ୍ତା ଯୋଗୁଁ ମନରେ ଜନ୍ମିବା ଅସ୍ଥିରତା—4. Uneasiness or restlessness due to anxiety.

ଚକଚନ୍ଧି ଉଠିବା—ଦେ. ବି—୧ । କିଂକର୍ତ୍ତବ୍ୟବିମୂଢ଼ତା ଉପସ୍ଥିତ ହେବା; Chakachāndi uṭhibā ଉଦ୍‌ବେଗ ଯୋଗୁଁ ଅସ୍ଥିର ହେବା—1. Becoming extremely restless through anxiety; being bewildered.

୨ । ବହୁତ ବାଟ ଚାଲିବା ଯୋଗୁଁ ଗୋଡ଼ ତଳପାରେ ବ୍ରଣ ହେବା; ଗୋଇଠି ଫୁଟିଯିବା—2. Having foot-sores.

ଚକଚନ୍ଧି ଘୁମିବା—ଦେ. ବି—ଚକଚନ୍ଧି ଉଠିବା (୧) (ଦେଖ)—Chakachāndi ghumibā Chakachāndi uṭhibā (1) (See)

ଚକଚନ୍ଧି ଘୂରିବା—ଦେ. ବି—ଚକଚନ୍ଧି ଉଠିବା (୧) (ଦେଖ)—Chakachāndi ghuribā Chakachandi uṭhibā (1) (See)

ଚକଚନ୍ଧି ଫୁଟିବା—ଦେ. ବି—ଚକଚାନ୍ଧି ଉଠିବା (୨) (ଦେଖ)—Chakachāndi phuṭibā Chakachandi uṭhibā (2) (See)

ଚକଚନ୍ଧି ବଣା ହେବା—ଦେ. ବି—ଚକଚାନ୍ଧି ଉଠିବା (୧) (ଦେଖ)—Chakachāndi baṇā hebā Chakachāndi uṭhibā (1) (See)

ଚକଚନ୍ଧି ବୁଲିବା—ଦେ. ବି—ଚକଚାନ୍ଧି ଲାଗିବା (ଦେଖ)—Chakachāndi bulibā Chakachāndi lāgibā (See)

ଚକଚନ୍ଧି ଲାଗିବା—ଦେ. ବି—ଅତ୍ୟନ୍ତ ଅଧିକ ଆଲୋକ ଯୋଗୁଁ ଆଖି Chakachāndi lāgibā ଝଲସି ଯିବା—The eyes becoming dazzled by excessive light.

(ଯଥା— ବିଜୁଳି ମାରିବାରୁ ମତେ ଚକଚନ୍ଧି ଲାଗିଗଲା ।)

ଚକଟ ମନ୍ଥନ—ଦେ. ବି—୧ । ଚକଟାମନ୍ଥା; କୌଣସି ବିଷୟର ପୁଙ୍ଖାନୁ-Chakaṭa manthana ପୁଙ୍ଖରୂପେ ଅନୁସନ୍ଧାନ ବା ଆଲୋଚନା—(ଚକଟମନ୍ଥ—ଅନ୍ୟରୂପ) 1. Thorough or sifting enquiry or discussion of any matter.

୨ । ବିଶେଷ ଆନ୍ଦୋଳନ—2. Great agitation.

ଚକଟା—ଦେ. ବି. (ସଂ. ଚଟ ଧାତୁ=ଭେଦନ; ତା. ଚକିଲ=କାଦୁଅ)-Chakaṭā ୧ । ଦୁଇ ବସ୍ତୁକୁ ପାଣି ସଙ୍ଗେ ବା ଗୋଟିଏ ଘନ ବସ୍ତୁକୁ ତରଳ ବସ୍ତୁ ସଙ୍ଗେ ସାନ୍ଧିବା କର୍ମ—1. Act of mixing two things one of which is a liquid; kneading.
চটকা
गुँधाइ

୨ । ଦୁଧ, ପାଚିଲାକଦଳୀ ପ୍ରଭୃତିର ସମ୍ମିଶ୍ରଣରେ ପ୍ରସ୍ତୁତ ଖାଦ୍ୟବିଶେଷ; କଦଳୀ ଚକଟା — 2. A food prepared with milk and ripe plantains mixed together.

୩ । ହସ୍ତଦଳିତ ଖାଦ୍ୟ—3. Well kneaded food.

୪ । ଦଳିତ ପଦାର୍ଥ—4. Well mixed thing; solid thing mixed with a liquid thing.

୫ । ଗୋଡ଼ରେ ଦଳିବା—5. Treading with the feet.

ଦେ. ବିଣ—୧ । ଦଳିତ; ଦଳା ହୋଇଥିବା—1. Well mixed; thoroughly pressed.

୨ । ପଦଦଳିତ—2. Trodden.

ଚକଟାଇବା—ଦେ. କ୍ରି—ଚକଟିବା କ୍ରିୟାର ଣିଜନ୍ତ ରୂପ—Chakaṭāibā Causative form of Chakaṭibā.
কচটান
गुँधवाना
(ଚକଟେଇବା—ଅନ୍ୟରୂପ)

> ଅନୁଜେ ସେନାଙ୍କ କାଣ୍ଡକୁ କାଟି ଦେଇ
> ପକାଇଲେ ହାତୀ ଗୋଡ଼ରେ ଚକଟାଇ ।
> କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଚକଟାଚକଟି—ଦେ. ବି—୧ । ଦଳାଦଳି—1. Thoroughly Chakaṭāchakaṭi mixing up or kneading.
কচটাকচটি ୨ । ଉତ୍ତମରୂପେ ଦଳିବା; ଘଣ୍ଟାଚକଟା; ଗୋଳମାଳ—
गुँधागुँधि 2. Thorough agitation; disturbance.

ଚକଟାମନ୍ଥା—ଦେ. ବି—ଚକଟାଚକଟି (ଦେଖ) Chakaṭāmanthā Chakatāchakaṭi (See)

ଚକଟିବା—ଦେ. କ୍ରି. (ସଂ. ଚଟଧାତୁ=ଭେଦନ)—Chakatibā ୧ । କରତଳଦ୍ୱାରା ମଳିବା ବା ଦଳିବା—1. To mix with the hands.
চটকান
गुँधना, सानना

> ବାଳ ଯେତେକ ଅଛି ବଳିଷ୍ଠ ଚକଟି
> ଦେହରେ ବୋଳି ହେଲେ ଦୁର୍ବାସାଋଷିଟି ।
> କୃଷ୍ଣସିଂହ. ମହାଭାରତ ବନ ।

୨ । ଗୋଡ଼ରେ ଦଳିବା; କ୍ଷୁନ୍ଦିବା—2. To tread with the feet.

> ବଣିଜାରୁମାନେ ତ ଶୋଇଥିଲେ ବାଟେ
> ଚକଟି ଗଲେ ପାଦ ପକାଇ ସେ ଅନ୍ଧେ ।
> କୃଷ୍ଣସିଂହ, ମହାଭାରତ ।

୩ । (ଲକ୍ଷଣାର୍ଥ) ବିଧ୍ୱସ୍ତ କରିବା—3. (figurative) To destroy; to ruin.

> ତମସ୍ୱିନୀ ତ ଶୁଭ ପାତରେ
> ଚକଟି ପକାଇଲା ଅନାଦରେ । କବିସୂର୍ଯ୍ୟ. କବିତା ।

୪ । (ଲକ୍ଷଣାର୍ଥ) ଆନ୍ଦୋଳିତ କରିବା; ବ୍ୟାକୁଳିତ କରିବା—4. (figurative) To agitate; to disturb.

> ଚକଟି ଦେଲୁ ମୋ ହୃଦାଶୟ । କବିସୂର୍ଯ୍ୟ. କଁଶୋଇ ଚମ୍ପୂ ।

୫ । (ଲକ୍ଷଣାର୍ଥ) ଗୋଳମାଳ ସୃଷ୍ଟି କରିବା—5. (figurative) To create confusion.

ଚକଡ଼ା—ଦେ. ବି. (ସଂ. ଚକ୍ର)—୧ । ବିସ୍ତୃତ ଭୂଖଣ୍ଡ—Chakaṛā 1. A wide expanse of land.
চক্
୨ । ଅଞ୍ଚଳ—2. A tract of the country; locality.

୧	ଇ	ଉ	ଋ,ଋ	ଓ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ତ	ତ୍ରଅ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ଢ଼

अड्डा; चक्र ୩ । ଶାଳାବାଡ଼; ବାସ୍ତୁ, ଦେବାଳୟଅଧିକ ସୀମା—
3. The boundary and premises of a temple (exclosed within a compound); homestead.

୪ । ଚକଲା (ଦେଖ)—4. Chakalā (See)

୫ । ରଥଚକମାନଙ୍କଦ୍ୱାରା ଅଧିକୃତ ସ୍ଥାନ—5. The space occupied by the wheels of a car.

୬ । ଚକାକୃତ ସ୍ଥାନ—6. A circular place.

୭ । ଚକାକୃତି ବଡ଼ ଖଣ୍ଡ—7. A big circular bit.

ଚକଡ଼ା ଦାନ—ଦେ. ବ.—ବିସ୍ତୃତ ଭୂଖଣ୍ଡ ବା ଚକଲା ଦାନ—
Chakardā dāna Gift of a larg tract of land.

[ଦ୍ର—ଉତ୍କଳୀୟ ରାଜାମାନେ ବ୍ରାହ୍ମଣମାନଙ୍କର ଭରଣପୋଷଣ ନିମନ୍ତେ ସେମାନଙ୍କୁ ଚକଡ଼ା ଦାନ କରୁଥିଲେ ।
ଭଗବଦ୍‌ ପ୍ରାଚୀନ ଉତ୍କଳ ।]

ଚକଡ଼ାଭେଜି—ଦେ. ବ.—(ବୈଦ୍ୟକ)—କଣ୍ଟକାରୀ (ଦେଖ)
Chakardābheji Kantakārī (See)

ଚକତି—ଦେ. ବ. (ସଂ. ଚକବତ୍ ବା ଚକ୍ର+ପତ୍ର)—ଧାତୁ, ଚମଡ଼ା, ମୋଟ କାଗଜ ବା କନାର ଗୋଲ ପତଳା ଛୋଟ ଖଣ୍ଡ; ଟିକଲି; ଢାଲ—A small circular bit of thin metal, leather, tough paper or cloth.
Chakati
চাকতি
चकति

ଚକନି—ପ୍ରାଦେ. (ସମ୍ବଲପୁର) ବି.—ଚୌପଶ; ପତ୍ରର ଠୋଲା—
Chakani Leaves made or sewn into a pot.

ଚକବନ୍ଦୀ—ଦେ. ବି.—(ସଂ. ଚକ୍ର+ବନ୍ଧ ଧାତୁ)—୧ । ଗ୍ରାମର ସୀମା-ନିରୂପଣ—1. Ascertaining the boundary of a village.
Chakabandī
চকবন্দি
चकबन्दी

୨ । ଖଣ୍ଡ ଖଣ୍ଡ କରି ଭୂମିର ଭାଗକରଣ—
2. Allotment of land by lots.

୩ । ଭୂସମ୍ପତ୍ତି (କ୍ଷାନେକ୍ତ)—3. An estate.

୪ । ରାଜସ୍ୱ ବା ପୁଲିସ ଅଧିକାରର ସୀମା (କ୍ଷାନେକ୍ତ)—
4. The limit of a Revenue or Police jurisdiction.

ଚକଭୁଅ—ଗ୍ରା. ବ (ସଂ. ଚକ୍ରବ୍ୟୂହ)—ଚକ୍ରବ୍ୟୂହ (ଦେଖ)
Chakabhua Chakrabyūha (See).
चकाबु

ଚକମକ—ବୈଦେ. ବ (ତୁର୍କୀ ଚକ୍‌ମକ୍; ତୁଳ. ସଂ. ସ୍ଫୁଲିଙ୍ଗ)—ଚକ୍‌ଚକ୍ (ଦେଖ)
Chakamaka Chakchak (See).

ଚକମକି—ଦେ. ବ (ତୁର୍କୀ. ଚକ୍‌ମକ—ହଠାତ୍ ଅଲୁଅ ମାରିବା, ଯଥା—ବନ୍ଧୁକର୍)—୧ । ନିଆଁ ଝାଡ଼ିବାର ପଥର (ଖଣ୍ଡେ ବାଲିପଥରଡ଼ା ଓ ଖଣ୍ଡେ ଲୁହା)—1. Flint and steel for striking out fire.
Chakamaki
চকমকী
चकमक

୨ । ଯେଉଁ ଟାଣୁଆ ପଥରରେ ଅନ୍ୟ ପଥର ବା ଲୁହା ଆଘାତ କଲେ ନିଆଁ ବାହାରେ—2 Flint.

୩ । ଝଟକ; ବିଦ୍ୟୁତର ଝଟକ—3. The striking out of lightning; sudden glow of lightning.

ଦେ. ବିଣ—ଚକମକି ଲଗାଯାଇଥିବା (ବନ୍ଧୁକ)—
(gun) Having a flint

ଚକମକିଆ—ଦେ. ବିଣ (ସଂ. ସ୍ଫୁଲିଙ୍ଗ)—ଚକ୍‌ଚକ୍ (ଦେଖ)
Chakamakiā Chakchak (See).

ଚକମକି ଝାଡ଼ିବା—ଦେ. କ୍ରି—ଚକମକି ପଥରରେ ଲୁହା ମାରି ଅଗ୍ନି ବାହାର କରିବା—To strike out fire from flint stone.
Chakamaki jhārdibā
চকমকীঝাড়া
चकमकमारना
(ଚକମକି ମାରିବା—ଅନ୍ୟରୂପ)

ଚକମକି ଥଳି—ଦେ. ବ—ଯେଉଁ ମୁଣିରେ ଚକମକି ପଥର ଓ ଶୋଲ ଥାଏ—A pouch containing materials for striking out a fire (e. g flint, iron and a combustible cork).
Chakamaki thali
(ଚକମକି ମୁଣି—ଅନ୍ୟରୂପ)

ଚକମକି ପଥର—ଦେ. ବ. (ତୁ. ଚକ୍‌ମକ୍+ସଂ. ପ୍ରସ୍ତର)—ଏକପ୍ରକାର ଅର୍ଦ୍ଧସ୍ଫଟିକ ପଥର, ଲୁହାରେ ଆଘାତ କଲେ ଯହିଁରୁ ଅଗ୍ନି ସ୍ଫୁଲିଙ୍ଗ ବାହାରେ—Flint-stone.
Chakamaki pathara
চকমকি পাথর
चकमक

ଚକମକି ବନ୍ଧୁକ—ଦେ. ବ—ଯେଉଁ ବନ୍ଧୁକରେ ଚକମକିରୁ ଝଡ଼ିବା ନିଆଁ ଲାଗି ବନ୍ଧୁକ ଫାଏର୍ ହୁଏ—Flint-lock.
Chakamaki bandhuka
চকমকি বন্দুক
चकमकि बंधुक

ଚକମାଚୁର—ଦେ. ବିଣ—ଚୂର୍ଣ୍ଣବିଚୂର୍ଣ୍ଣ; ଚୁନାଚୂନା; ଚୁରମାର—
Chakamāchur Shattered to pieces.
চুরমার
चकनाचूर

ଚକର—ପ୍ରାଦେ. (ସମ୍ବଲପୁର) ବ. (ସଂ. ଚକ୍ର; ତୁଳ. ହି. ଚକ୍କର)—ଚକ—Wheel.
Chakar

ପ୍ରାଦେ. (ସମ୍ବଲପୁର) ବିଣ—ଚକାକୃତିବିଶିଷ୍ଟ—
Round; circular.

ଚକର ପବନ—ପ୍ରାଦେ. (ସମ୍ବଲପୁର) ବ. (ସଂ. ଚକ୍ର ଓ ପବନ)—ଘୂର୍ଣ୍ଣିବାୟୁ—Whirlwind.
Chakar pabana

ଚକର—ଗ୍ରା. ବ. (ସଂ. ଚକ୍ର)—୧ । ଚକ୍ରାନ୍ତ—
1. Collusion; evil plot.
Chakara
চক্কর

୨ । ଚକ୍ରଧରର ଡାକନାମ—
2. Name for calling Chakradhara.
चक्कर

ଚକର (ଇତ୍ୟାଦି)—ଦେ. ବ—ଚକ୍କର ଇତ୍ୟାଦି (ଦେଖ)
Chakara (etc) Chakkara etc (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଢ଼ି' ନ ପାଇଲେ 'ବଢି' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ, 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ

ଚକର ଛେଉଣ୍ଡା—ଗ୍ରା. ବିଣ. ପୁଂ. (ଗାଳି) (ସଂ ଚକ୍ର ଓ ଛେଦନ)—
Chakara chheuṇḍā ବାସସ୍ଥାନ; ବାଉଳିଆ; ଛତରା; ଦୁଷ୍ଟ;
(ଚକରଛେଉଣ୍ଡୀ—ସ୍ତ୍ରୀ) ବଗୁଲିଆ—Wicked; one who has
(ଚକରଛେଣ୍ଡା—ଅନ୍ୟରୂପ) got no house of his own.
୨ । ଯେଉଁ ପିଲା ଗର୍ଭରେ ଥିଲାବେଳେ ପିତା ବା ମାତା ମରି ଯାଇ ଥାଆନ୍ତି ।—2. Posthumous (child).
[ଦ୍ର—ଅଶ୍ୱତ୍ଥାମା ଉତ୍ତରାଙ୍କ ଗର୍ଭକୁ ଶର ନିକ୍ଷେପ କଲାବେଳେ ଶ୍ରୀକୃଷ୍ଣ ଚକ୍ର ଲଗାଇ କରି ପରୀକ୍ଷିତଙ୍କୁ ରକ୍ଷା କରିଥିଲେ ।]

ଚକରାନ୍ତ—ଗ୍ରା. ଓ ପଦ୍ୟ ବି. (ସଂ. ଚକ୍ରାନ୍ତ)—ଚକ୍ରାନ୍ତ (ଦେଖ)—
Chakarānta Chakrānta (See)

ଚକରେ ଗଢ଼ାଇବା—ଦେ. କ୍ରି—ଚକରେ ଗଢ଼ିବା କ୍ରିୟାର ଣିଜନ୍ତ ରୂପ—
Chakare gaṛhāibā Causative of Chakaregaṛhibā.

ଚକରେ ଗଢ଼ିବା—ଦେ. କ୍ରି—(କୁମ୍ଭାର ଚକଦ୍ୱାରା ହାଣ୍ଡି ଆଦି ଗଢ଼ିବା
Chakaregaṛhibā ଅର୍ଥରୁ)—(ଲକ୍ଷଣାର୍ଥ) ନ ଥିବା ପଦାର୍ଥକୁ
ଚାକାସ୍ର ଗଢ଼ା ଉତ୍ପାଦନ କରିବା—
चाकमेगढ़ना (figurative) To bring a thing into existence.

ଚକରେ ବର ଗଢ଼ିବ ନାଁ, ସରଗରୁ ତୋଳ ଅଣିବ—
କୁନ୍ତଳାକୁମାରୀ. ଚଅଉଣୀ.

ଚକଲା—ଦେ. ବି—ମରହଟ୍ଟା ରାଜତ୍ୱରେ ଶାସନଶୃଙ୍ଖଳା ପାଇଁ କରାଯାଇ-
Chakalā ଥିବା ଭୂଖଣ୍ଡ ବିଭାଗ ।
চকলা
चकला

ଚକଲେଟ୍—ବୈଦେ. ବି (ଇଂ. ଚ୍ୟକୋଲେଟ୍)—
Chakaleṭ କୋକାଓ ନାମକ ବୃକ୍ଷଜାତ ଗୁଳ୍ମର ଫଳକୁ ଭାଜି, ଚୂର
চকলেট ଓ ଜଳରେ ମିଶାଇ ତିଆରି କରାଯାଇଥିବା ଏକ ପ୍ରକାର
चकलेट ଶିଶୁପ୍ରିୟ ମିଷ୍ଟାନ୍ନ—Chocolate.
[ଦ୍ର—ଏ ଚକଲେଟର ବର୍ଣ୍ଣ ରକ୍ତାଭ ପାଣ୍ଡୁର ବା ପିଙ୍ଗଳ ବର୍ଣ୍ଣ ଥିବାରୁ ଚକଲେଟ୍ ବର୍ଣ୍ଣ (Chocolate colour) କହିଲେ ରକ୍ତାଭ ପାଣ୍ଡୁର ବର୍ଣ୍ଣ ବୁଝାଯାଏ ।]

ଚକଶ—ଦେ. ବିଣ—ଚଉକଶ (ଦେଖ)
Chakaś Chaukaśa (See)

ଚକା—ଦେ. ବି. (ସଂ. ଚକ୍ର)—୧ । ଚକଡ଼ା; ଗୋଲାକାର ପଦାର୍ଥର
Chakā ଅଧିକୃତ ସ୍ଥାନ—1. Place occupied by a round thing; the base of a round thing.
୨ । ଦୁଇ ଜାନୁକୁ ପରସ୍ପର ମଣ୍ଡଳାକାରରେ ରଖି ଭୂମିରେ ବସିବା ଆସନ; ପଦ୍ମାସନ—2. Squatting cross legged; sitting on the ground by entwining the two thighs and knees and legs, with hips touching the ground.

ଚକାଆସନରେ ବସିଣ ଶୁକ ଋଷି
ନେତ୍ର ଦୁଇ କର ପଦ୍ମରେ ଦେଇ ଶୋଷି । କୃଷ୍ଣସିଂହ, ମହାଭାରତ, ଶାନ୍ତି ।

୩ । ବସିବା ନିମନ୍ତେ ଚକାକାର ପୀଢ଼ା—
3. A circular slab of stone used as a seat.
୪ । ଜଗନ୍ନାଥ ମହାପ୍ରଭୁଆଦି ସ୍ନାନ-ମଣ୍ଡପରେ ଯେଉଁ ଗୋଲ ପଥରରେ ବସି ସ୍ନାନ କରନ୍ତି—4. Round slabs of stone on which the deities Jagannath, Balabhadra and Subhadra are seated and bathed during Snāna Jātrā.
୫ । ଗୋଲାକାର ପଥର ଯାହା ଉପରେ ମଲ୍ଲମାନେ ହାତ ଭରା ଦେଇ ଦଣ୍ଡ ପକାନ୍ତି—5. A slab of stone on which athletes make physical exercises.

ଏକ ସ୍ତନ ଚକାରେ ହସ୍ତ ନ୍ୟସ୍ତ
କଲେ ଅରବ ହୋଇ ଚମକତ । ଭଞ୍ଜ. ପ୍ରେମସୁଧାନିଧି ।

୬ । ଚକୁଆ (ଦେଖ)
6. Chakuā (See)
୭ । ଚେକା; କୋଡ଼ି ବା ଫାଉଡ଼ାରେ ହାଣି ଉଠାଇବା ଘାସଲଗା ମାଟିର ଖଣ୍ଡ—7. Sod; turf.
ଦେ. ବିଣ—ବର୍ତ୍ତୁଳ; ଗୋଲ—Circular; round.
ଗ୍ରା. ବି—ଚେକା; ଘାସ ସହିତ ମାଟିର ଗୋଲାକାର ଢେଲା—
A circular cake of turf; sod.

ଚକାଆଖି—ଦେ. ବି. (ସଂ. ଚକ୍ର + ଅକ୍ଷି; ଚକ୍ଷୁ ଗୋଲ ଥିବାରୁ)—
Chakāākhi (ଜଗନ୍ନାଥଙ୍କ ପ୍ରତିମାର ଚକ୍ଷୁ ଗୋଲ ଥିବାରୁ) ପୁରୀରେ ପ୍ରତିଷ୍ଠିତ ଗୋଲ ଚକ୍ଷୁଯୁକ୍ତ ଜଗନ୍ନାଥଙ୍କ ପ୍ରତିମା—The idol of Jagannath at Puri (having round eyes and a peculiar face).
୨ । ଜଗନ୍ନାଥଙ୍କ ଗୋଲାକାର ଚକ୍ଷୁ—2. The round eyes of the idol Jagannatha at Puri.

ତୁଅଁର ଥରେ ଚକା ଆଖି ହେ କୃପାନିଧି । କବିସୂର୍ଯ୍ୟ—କବିତା ।

ଦେ. ବିଣ—ଗୋଲ ଚକ୍ଷୁବିଶିଷ୍ଟ—Round-eyed.

ଚକାଚକା—ଦେ. ବିଣ. (ବହୁବଚନ)—୧ । ବହୁ ସଂଖ୍ୟକ ଗୋଲାକାର
Chakāchakā (ବସ୍ତୁ)—1. Numerous and circular (things).
୨ । ବହୁସଂଖ୍ୟକ ଚକାକାର ଚିହ୍ନବିଶିଷ୍ଟ—
2. Consisting of many circular marks.

ଚକାଚକା ଭଉଁରି—ଦେ. ବି. (ସଂ. ଚକ୍ର ଓ ଭ୍ରମ)—
Chakāchakā bhauṅri ୧ । ଚକାକାରରେ ଘୂରିବା—
চাকভাউরি; চাকাভউরি 1. Whirling round; making circles.
ଚକାଚକାମନ୍ଥର } ଅନ୍ୟରୂପ
ଚକାଚକାମାଉଳି }
୨ । ପିଲାମାନଙ୍କର ଚକାକାରରେ ବୁଲିବା ଏକପ୍ରକାର ଖେଳ—2. A play of children whirling round or making circuits.

ଚକାଚକା ଭଉଁରି, ମାମୁଁଘର ଡଉଁରି । ଶିଶୁଗୀତ ।

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ୟ	ଜ	ଶ,ଷ	ଙ୍କ	ଇସ୍ନ	ଉଅ	ଞ୍ଚ
୨	ଈ	ଊ	ଋୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଙ୍ଗ	ନ୍ତ

ଚକାଚକ—ଦେ. ବି—ଚକୁଆଚକି (ଦେଖ)
Chakāchaki Chakuāchaki (See)

ଚକାଛାଣି—ଦେ. ବି. (ଚକ+ଛାଦନ)—ଚେକା ଛାଉଣି; ମାଟିବନ୍ଧଅଦ
Chakāchhāṇi ପାଣିରେ ଧୋଇ ନ ଯିବ ଏଥିପାଇଁ ତହିଁ ଉପରେ
ଚକାଛଉଣି } ଘାସ ଅଦର ଚେକା ବସାଇବା—
ଚକାଛୁଆଣି } ଅନ୍ୟରୂପ Laying of turf on earth;
ଚକାଛୁଆଣି } turfing.

ଚକାଡୋଳା—ଦେ. ବି. ଓ ବିଣ.—ଚକାଅକ୍ଷି (ଦେଖ)
Chakāḍoḷā Chakāakhi (See)
କଳା ଅଖି ଚକାଡୋଳା ସୁରଙ୍ଗ ଅଧର,
ସେବୁ ଅବଲୋକନ କରନ୍ତୁ ନରନ୍ତର । ପ୍ରାଚୀ, ଜଳଚରିତ ।

ଚକାଦାଗ—ଦେ. ବି.—ଦେହରେ ଫଳବା ଗୋଲ ଚିହ୍ନ—
Chakādāga Circular marks appearing on the
চাকাদাগ body.
चकत्ता

ଚକାନୟନ—ଦେ. ବି. ଓ ବିଣ.—ଚକାଅକ୍ଷି (ଦେଖ)
Chakānayana Chakāakhi (See)
ଚକାନୟନକୁ ଚକାରେ ମାନସ । ଭଜନ ।

ଚକାପକାଇବା—ଦେ. କ୍ରି.—୧ । ଜାନୁ ଛନ୍ଦ ବସିବା—
Chakā pakāibā 1. To squat; to sit with the legs
আসন পীড়িকরা, as in a knot with hips touching
চাপ্‌ঠিলি খাওয়া the ground.
पलथीमारना
ଚକାପାଡ଼ିବା } ୨ । ପଦ୍ମାସନରେ ବସିବା—
ଚକାପାରିବା } ଅନ୍ୟରୂପ 2. To sit cross-legged.
ଚକାମାଇବା }

ଚକାପିଢ଼ା—ଦେ. ବି.—୧ । ଜାନୁ ଛନ୍ଦ ଉପବେଶନ—1. A posture of sitting on with hips on the ground.
Chakāpirdhā
୨ । ବର୍ତ୍ତୁଳ ପୀଠ ବା ଆସନ—
2. A circular seat.

ଚକାପିଢ଼ା ମାରିବା—ଦେ. କ୍ରି—ଚକା ପକାଇବା (ଦେଖ)
Chakāpirdhā māribā Chakā pakāibā (See)

ଚକାଭଉଁରି—ଦେ. ବି.—ଚକା ଚକା ଭଉଁରି (ଦେଖ)
Chakābhaunri Chakā chakā bhaunri (See)
(ଚକାମଉରି— ଅନ୍ୟରୂପ)

ଚକାମାଉଲି—ଦେ. ବି.—୧ । ଚକା ଚକା ଭଉଁରି (ଦେଖ)
Chakāmāuli Chakā chakā bhaunri (See)
୨ । ଚକାମାଣ୍ଡୁ (ଦେଖ)
2. Chakāmāṇḍu (See)

ଚକାମାଉଲି ପକାଇବା—ଦେ. କ୍ରି.—୧ । ଚକାଭଉଁରି କରିବା (ଦେଖ)
Chakāmāuli pakāibā
1. Chakābhaunri karibā (See)
୨ । ଚକାମାଣ୍ଡୁ ପକାଇବା (ଦେଖ)
2. Chakāmāṇḍu pakāibā (See)

ଚକାମାଡ଼ିବା—ଦେ. କ୍ରି.—ଚକାପକାଇବା (ଦେଖ)
Chakā mārdibā Chakāpakāibā (See)
ମୋ ବୋଲେ ଚକାମାଡ଼ି ବସ ଘନ କରି ।
କୃଷ୍ଣସିଂହ. ମହାଭାରତ. ବନ ।

ଚକାମାଣ୍ଡୁ—ଦେ. ବି. (ସଂ. ଚକ୍ର ଓ ମଣ୍ଡଳ)—ଜାନୁ ଛନ୍ଦ ଭୂମିରେ
Chakāmāṇḍu ଉପବେଶନ; ପଦ୍ମାସନ—Squatting;
(ଚକାମାଲି—ଅନ୍ୟରୂପ) sitting cross-legged (with hips on the ground.)

ଚକାମାଣ୍ଡୁ ପକାଇବା—ଦେ. କ୍ରି.—ଭୂମିରେ ଜାନୁ ଛନ୍ଦି ପଦ୍ମାସନରେ
Chakāmāṇḍu pakāibā ବସିବା—To sit cross-legged with hips to the ground.

ଚକାମୁଆଁ—ଦେ. ବି.—ଚକାକାରର ମୁଆଁ ଧନମୁଆଁ—
Chakāmuān A round cake of fried paddy
(ଚକାମୁନ୍ଦା—ଅନ୍ୟରୂପ) seasoned with sugar.
ଚକାମୁଆଁ ଗଢ଼େ ଦେବୀମାନଙ୍କୁ । କବିସୂର୍ଯ୍ୟ. କବିତା ।

ଚକାମୁଟ୍ଲା—ପ୍ରାଦେ. (ସମ୍ବଲପୁର)—ବି.—ଚକାମାଡ଼ି ବସିବା—
Chakāmutlā Squatting.

ଚକାସ୍ (ଧାତୁ)—ସଂ.—୧ । ଦୀପ୍ତି ପାଇବା —
Chakās (root) 1. To glitter; to shine.
୨ । (ଲକ୍ଷଣାର୍ଥ) ଖୁସି ହେବା—
2. To be happy.
୩ । ଦୀପ୍ତ କରିବା; ଉଜ୍ଜ୍ୱଳ କରିବା—
3. To brighten; to illuminate.

ଚକାସନ—ଦେ. ବି—ପଦ୍ମାସନ—
Chakāsana Posture of sitting cross-legged.
ଦେ. ବିଣ—ଭୂମିରେ ଜାନୁ ଛନ୍ଦ ଚକାସନରେ ବସିବା; ଚେକାମାଉଲି ପକାଇ ବସିଥିବା—Sitting cross-legged.
ସମସ୍ତଙ୍କର ସଭରେ ଚକାସନ ହୋଇ—କୃଷ୍ଣସିଂହ. ମହାଭାରତ. ସଭା ।

ଚକାସିତ—ସଂ. ବିଣ (ଚକାସ୍ ଧାତୁ+ତ)—
Chakāsita ୧ । (+କର୍ତ୍ତୃ. ତ) ଦୀପ୍ତ; ଉଜ୍ଜ୍ୱଳ—
1. Glittering; bright; splendid; shining.
୨ । ଅଳଙ୍କୃତ; ଶୋଭିତ —2. Adorned.
୩ । (+କର୍ମ+ଅ) ଆଲୋକିତ; ପ୍ରକାଶିତ—
3. Lighted; illuminated.
୪ । ସୁନ୍ଦର—4. Beautiful.

ଚକି—ଦେ. ବି (ସଂ. ଚକ୍ର)—୧ । କାଗଜର ଗୁଡ଼ି—
Chaki 1. Paper kite.
চাকী ୨ । ଚକତି; କ୍ଷୁଦ୍ର ବର୍ତ୍ତୁଳାକାରଖଣ୍ଡ—
चकरी; चक्की; चकला 2. Circular pieces or bits.

ସାଧାରଣ ଲୋକେ ଅନେକ ସ୍ଥଳରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଂ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । ଚୂନ ପେଷିବା ପାଇଁ ଚକାକାର ପଥର—
3. A circular stone used to pound and mix lime.

जान्तु; जन्त्रा ୪ । ଯନ୍ତା; ପେଷଣ ଯନ୍ତ୍ର—
4. Mill stone; grinding stone.

[ଦ୍ର—ଦୁଇଟି ପଥରର ଚକ ଉପର ତଳ ହୋଇ ରଖାଯାଏ, ତଳ ଚକଟି ସ୍ଥିର ଥାଏ ତହିଁ ଉପରେ ଉପର ଚକକୁ ଘୂରାଇ ଦୁଇ ଚକ ମଧ୍ୟରେ ଶସ୍ୟାଦି ରଗଡ଼ାଯାଏ ବା ଚୂନା କରାଯାଏ । ଚକି ଦୁଇଟି କାର୍ଯ୍ୟରେ ବ୍ୟବହୃତ ହୁଏ । ୧—ଗୋଟା ମୁଗ ଆଦିକୁ ଫାଳ ଫାଳ କରି ରଗଡ଼ିବା; ୨—ଚାଉଳ ଆଦିକୁ ଚୂନା କରିବା । ଚକି ଦୁଇପଟ; ଉପର ଚକ ପଟର ଗୋଟିଏ ପାଖରେ ଗୋଟିଏ କଣା ହୋଇଥାଏ । ସେହି କଣାରେ ଗୋଟିଏ କାଠି (ଚକିକାଠି) ପୂରାଇ ସେ କାଠିକୁ ଘୂରାଇଲେ ଚକ ଚଳେ । ତଳପଟ କେନ୍ଦ୍ରରେ ଗୋଟିଏ କଣା ହୋଇ ଖୁଣ୍ଟିଟିଏ (ମାଣିଖୁଣ୍ଟି) ପୋତା ହୋଇଥାଏ । ଉପର ପଟର କେନ୍ଦ୍ରସ୍ଥ ଛିଦ୍ର ସେହି ମାଣିଖୁଣ୍ଟିରେ ଗଳାଯିବାରୁ ଘୂରାଇଲା ବେଳେ ଚକ ଖସି ଯାଏ ନାହିଁ । କେତେକସ୍ଥଳରେ ଉପର ଚକରେ ଥିବା ବଡ଼ କଣାରେ ଖଣ୍ଡିଏ ରନ୍ଧ୍ରଯୁକ୍ତ କାଠ ଚକ୍ତି ବା ପିହାଣିଆ ଥାଏ ।]

୫ । (ସଂ. ଚକ୍ରିକା) ଗୋଡ଼ ଅଣ୍ଠୁଗଣ୍ଠିରେ ଥିବା ଗୋଲାକାର ହାଡ଼ଖଣ୍ଡ; ଅଣ୍ଠୁର ଚକି—
5. The knee-bone.

୬ । ହାତର ଲେଉଟ; କରତଳର ମଧ୍ୟଭାଗ, କରତଳର ଖାଲୁଆ ଜାଗା—6. Palm; middle of the palm; the depressed centre of the palm; hollow of the hand.

ଚକିଆଇବା—ଦେ. କ୍ରି (ସଂ. ଚକ୍)—ଚେକିଆଇବା (ଦେଖ)
Chakiāibā Chekiāibā (See).

ଚହାଇ ଉତ୍ତର ସୁଖ ପାଦପେ
ଚକିଆଇ ମୃତ୍ୟୁ ବାହୁଲେ କୋପେ—ଲାବଣ୍ୟବତୀ ।

ଚକିଏ—ଦେ. ବି ଓ ବିଣ—ହାତ ଲେଉଟର ଚକି ମଧ୍ୟରେ ଯେତିକି
Chakie (ମୁଷ୍ଟି) ସମ୍ଭାଏ—As much as can be contained in the hollow of the palm.

ଚକିକାଠି— ଦେ. ବି—ଚକିର ଉପର ପଟର ପାର୍ଶ୍ୱରେ ଥିବା ଛିଦ୍ରରେ
Chakikāṭhi ଯେଉଁ ଖଣ୍ଡେ ଲମ୍ବର କାଠିକୁ ପୂରାଇ ବୁଲାଇବାକୁ ହୁଏ—The wooden rod which is thrust inside the lateral hole of the upper mill stone and which is held by the hands while the mill is set in motion.

ଚକିଗୁଡ଼—ଦେ. ବି—ଅଖାରେ ଗୋଲାକାର ପୋଟଳା ପରି ବନ୍ଧା ହୋଇ
Chakigurda ଥିବା ଗୁଡ଼—Molasses made into round blocks and rolled in gunny-bags.

[ଦ୍ର—ଗଞ୍ଜାମ ଓ କାସିଲ ଗଞ୍ଜରେ ଏହିପରି ଗୁଡ଼ ପ୍ରସ୍ତୁତ ହୁଏ ।]

ଚକିତ—ସଂ. ବିଣ. ପୁଂ. (ଚକ୍ ଧାତୁ=ଭୀତ ହେବା; ବ୍ୟାଘାତ କରିବା
Chakita +କର୍ତ୍ତୃ. ତ)—୧ । ଭୀତ; ଭୟବ୍ୟାକୁଳ—
(ଚକିତା—ସ୍ତ୍ରୀ) 1. Frightened; afraid.

ଚମକି ଚକିତ ଉଦାସୀ
ହାସ୍ୟ ସେବକ ମିଶାମିଶି । ଭୂପତି. ପ୍ରେମପଞ୍ଚାମୃତ ।

୨ । ଭୟତ୍ରସ୍ତ; ଭୟ କମ୍ପିତ—2. Trembling through fear; struck with fear.

୩ । ଚମକି ପଡ଼ିଥିବା—3. Startled; alarmed.

୪ । ତୃପ୍ତ—4. Satisfied.

୫ । ଥରୁଥିବା—5. Trembling.

୬ । ଆଶ୍ଚର୍ଯ୍ୟାନ୍ୱିତ—6. Wondering.

ସଂ. ବି. (+ଭାବ. ତ)—ଭୟ—Fear; fright.

ଚକୁ—ବୈଦେ. ବି. (ଫା. ଚକୁ; ତୁର୍କୀ. ଚାକୁ)—
Chaku ଖିଲକାତି; ଛୋଟ ଛୁରୀ—A small knife.
চাখু, চাকু
चक्कु, चाकु

ଚକୁଆ—ଦେ. ବି. (ସଂ. ଚକ୍ରାହ୍ୱ; ପ୍ରାକୃତ. ଚକାଓ)—
Chakuā ଚକ୍ରବାକ ପକ୍ଷୀ; ରଥାଙ୍ଗ ପକ୍ଷୀ—
(ଚକୋଇ—ସ୍ତ୍ରୀ) The ruddy sheldrake (male); the
চকা Brahmine duck (male).
चकवा
(ଚକୋଆ—ଅନ୍ୟରୂପ)

ଚକୁଆଚକୀ—ଦେ. ବି. (ଚକ୍ରବାକ+ଚକ୍ରବାକୀ)—
Chakuāchaki ରଥାଙ୍ଗ ମିଥୁନ; ଚକ୍ରବାକ ଦମ୍ପତି—
চকাচকী The Brahmini duck (male and fe-
चकवाचकई male); the ruddy sheldrake (male and female).
ଚକୁଆଚକେଇ } ଅନ୍ୟରୂପ
ଚକୁଆଚକୋଇ }

ଚକୁଳି—ଦେ. ବି. (ସଂ. ଶଷ୍କୁଲୀ)—
Chakuḻi ଚାଉଳ ଓ ବିରି ବଟାରେ ତିଆରି ପତଳା ପିଷ୍ଟକ-
চকলি, চুকলী ବିଶେଷ—Thin roll of cakes prepared
चपाटी, चपाती from rice and phasolus paste.

ଚକୁଳି ଖାଇବ ନା ଚକି ଗଣିବ—ପ୍ରବଚନ ।

[ଦ୍ର—ବଟା ଅଣ ବା ପିଠଉକୁ ପାଣିଆ କରି ନିଆଁ ଉପରେ କଡ଼େଇ ବା ପଲମ ବସାଇ ସେ ପଲମରେ ଘିଅ ବା ତେଲ ବୋଳି ପିଠଉ ଢଳାଯାଏ ଓ ପଲମକୁ ଧରି ଘୂରାଇଲେ ପିଠଉଟିକ ପତଳା ଓ ଚଉଡ଼ା ହୋଇଯାଏ । ଯେଉଁ ଚକୁଳିର ମଝିରେ ପୁର ଦେଇ ତାକୁ ଗୁଡ଼ିଆଡ଼ୁ ଭାଙ୍ଗି ଦେବାକୁ ହୁଏ ତାକୁ ପୋଟଳ ଚକୁଳି ବୋଲାଯାଏ । କଡ଼ାଏ ଦୁବକୁ ପିଠଉରେ ବୁଡ଼ାଇ କଡ଼େଇରେ ଛାଣି

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଇଯ୍	ଉଅ	ଘ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଚଂ୍ୟ	ଇଅ	ଙ୍ଗ	ନ୍

ଯେଉଁ ପିଠା କରାଯାଏ ତାକୁ ଛୁଞ୍ଚ ପତର ବୋଲାଯାଏ । ପତଳା ଚକୁଳି ଲେଉଟା ଯାଏ ନାହିଁ । କିନ୍ତୁ ପିଠଉକୁ ମୋଟ କରି କରେଇରେ ଦେଲେ ତହିଁର ଉପର ପାଖ ସିଝିବାପାଇଁ ଚକୁଳିକୁ ଲେଉଟାଇବାକୁ ହୁଏ । ତାକୁ ଲେଉଟ ଚକୁଳି ବୋଲାଯାଏ । ଘରୁ ପୁଅ ଆଦି ବିଦେଶକୁ ଯିବା ସମୟରେ ସ୍ତ୍ରୀମାନେ ତାକୁ ଲେଉଟ ଚକୁଳି ଖୁଆନ୍ତି, ଏହାର ଉଦ୍ଦେଶ୍ୟ ସେ ବ୍ୟକ୍ତି ବିଦେଶରୁ ଘରକୁ ଶୀଘ୍ର ଲେଉଟି ଆସିବ ।]

ଚକୁଲି—ପ୍ରାଦେ. (ସମ୍ବଲପୁର) ବି.—ଚକୁଳି ପିଠା—Thin roll of
Chakuli cakes prepared from rice paste.

ଚକୁଳିଆ ପଣ୍ଡା— ଦେ. ବି—ଏକ ଜାତୀୟ ନୀଚ ଶ୍ରେଣୀର ଭିକ୍ଷୁକ ବ୍ରାହ୍ମଣ—
Chakuliāpandā A class of low Brahmans, living by begging.

[ଦ୍ର—ଏମାନେ କାଶ୍ୟପ ଗୋତ୍ରୀ । କଥିତ ଅଛି ଏମାନେ ପର୍ଣ୍ଣ-ରାମଙ୍କ ବଂଶଧର ଏବଂ ରାମଙ୍କ ଅଭିଶାପରୁ ଭିକ୍ଷା ମାଗନ୍ତି । ମତାନ୍ତରେ—ଭୀମ ବିରାଟ ଭବନରେ ଛଦ୍ମବେଶରେ ଅଜ୍ଞାତବାସ କରିବା ସମୟରେ ବିରାଟ ରାଜାଙ୍କର ପାଚକ ରୂପରେ ବଲ୍ଲଭ ପଣ୍ଡା ନାମ ଧରିଥିଲେ । ସେହି ସମୟରେ ସେ ଦେଶ ବୁଲି 'ଚକ୍ର ଭିକ୍ଷା' କରୁଥିଲେ । ଭିକ୍ଷାନ୍ନ ସଂଗ୍ରହାର୍ଥେ ସେ ଗ୍ରାମରେ କାହାର ଦ୍ୱାରସ୍ଥ ନ ହୋଇ ଗ୍ରାମ ଦାଣ୍ଡରେ ତିନି ଥର ବୁଲିଯାଉଥିଲେ ଓ ଯେ ଯାହା ଦେଉଥିଲା ନେଉଥିଲେ । ତାଙ୍କ ସଙ୍ଗେ ଚକ୍ରଭିକ୍ଷା ସମୟରେ ଯେଉଁ ବ୍ରାହ୍ମଣମାନେ ଯୋଗ ଦେଇଥିଲେ ଆଧୁନିକ ଚକୁଳିଆ ପଣ୍ଡାମାନେ ସେମାନଙ୍କ ବଂଶଧର ଅଟନ୍ତି ।

ପୁରୀ ଜିଲ୍ଲାର ଖୋର୍ଦ୍ଧା ସବଡିଭିଜନ ଦାଣ୍ଡିମାଳ ପ୍ରଗନାରେ ଏମାନଙ୍କ ମଧ୍ୟରୁ ଅନେକ ବାସ କରନ୍ତି । ଏମାନେ କାହା ଦ୍ୱାରକୁ ଭିକ୍ଷା କରିବାକୁ ନ ଯାଇ ଗ୍ରାମ ଦାଣ୍ଡରେ ବୁଲି ବୁଲି ଉଚ୍ଚୈଃସ୍ୱରରେ "ଦେବ, ଦ୍ୟାଇବ, ଦେ ପଦ ବୋଲିବ, ପଡ଼ିଅଛ ଭୂମିରେ ଶୋଧନ କରାଇବ; ଦେଇଥିଲେ ପାଇ ବୁଣିଥିଲେ ଦାଇ ଇତ୍ୟାଦି ବାକ୍ୟ ଆବୃତ୍ତି କରନ୍ତି ଓ ଯେ ଯାହା ଦିଏ ତାହା ଗ୍ରହଣ କରନ୍ତି ।]

ଚକେ—ଦେ. କ୍ରି. ବିଣ.—୧ । ଚକ ଥରେ ଘୂରିଯିବା ଦୂରତ୍ୱ—
Chake 1. Space travelled by a wheel in one circuit.

ଚକେ ଗଲେ ବାରହାତ । ଢଗ ।

୨ । ଚକାଏ; ମନୁଷ୍ୟ ବସିଥିବା ଭୂମିପରିମିତ—
2. Measuring as much space as is occupied by a man sitting on the ground.

୩ । ଚଉକେ (ଦେଖ)
3. Chauke (See).

ସମସ୍ତଙ୍କ ଦେହଯାକ ଧୂଳି କାଦୁଅ ବୋଳା, ମୁଣ୍ଡରେ ଚକେ ଚକେ ବୁଢ଼ା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଚକେଇ—ଦେ. ବି. ସ୍ତ୍ରୀ. (ସଂ. ଚକ୍ରବାକୀ)—
Chakeī ଚକ୍ରବାକ ସ୍ତ୍ରୀ ପକ୍ଷୀ—
चकी The Brahmini duck (female).
चकई
(ଚକୋଇ—ଅନ୍ୟରୂପ)

ଚକୋଆ—ଦେ. ବି. ପୁଂ—ଚକୁଆ (ଦେଖ)
Chakoā Chakuā (See)

ଚକୋୟା—ଦେ. ବି. ପୁଂ—ଚକୁଆ (ଦେଖ)
Chakoyā Chakuā (See)

ଯେସନେ ଚକୋୟା ଚକ୍ଷୁ—ଫାଲୁଣ କରଇ ନଶି
ତେ ନ ମୋ ଅଭ୍ୟର୍ଥନା କଟଗୋଚରେ । ପ୍ରାଚୀ. ରସବାରିଧି ।

ଚକୋର—ସଂ. ବି. ପୁଂ. (ଚକ୍ ଧାତୁ ତୃପ୍ତ ହେବା+କର୍ତ୍ତୃ. ଓର; ଯେ
Chakora ଚନ୍ଦ୍ର କିରଣ ପାନ କରି ତୃପ୍ତ ହୁଏ)—
(ଚକୋରୀ—ସ୍ତ୍ରୀ) ପାରିବତ ଜାତୀୟ ପଶ୍ଚିମ ହିମାଳୟସ୍ଥ ନଗର ପକ୍ଷୀ-ବିଶେଷ—The red-legged or Himalaya Patridge; Caccabis Chucar or Rubra; the greak Patridge (a gallinacious bird).

ଚକୋର ବନ୍ଧୁ-ଛବି ହେରି ଉଷଭ
ହରିଙ୍କି ଧାଳେ ଧାଇ ଯଥା ଉଚ୍ଚତ । ରାଧାନାଥ. ତୁଳସୀସ୍ତବକ ।

[ଦ୍ର—ଏମାନେ ଲମ୍ବାରେ ପ୍ରାୟ ଏକ ହାତ ହୁଅନ୍ତି, ଗୋଡ଼ ନାଲି, ଚକ୍ଷୁ ସୁନ୍ଦର । ସନ୍ଧ୍ୟା ସମୟରେ ଅନେକ ଚକୋର ଏକ ସଙ୍ଗରେ ରାବ କରନ୍ତି । ଏଥିପାଇଁ ପ୍ରବାଦ ଅଛି ଯେ ଏମାନେ ଚନ୍ଦ୍ର କିରଣ ପାନ କରି ବଞ୍ଚନ୍ତି ଓ ଜ୍ୟୋତ୍ସ୍ନା ଦେଖି ତୃପ୍ତ ହୁଅନ୍ତି ।]

ଚକୋରକ—ସଂ. ବି. ପୁଂ. (ଚକୋର+ସ୍ୱାର୍ଥେ. କ)—
Chakoraka ଚକୋର (ଦେଖ)
(ଚକୋରିକା—ସ୍ତ୍ରୀ) Chakora (See)

ଚକୋରନୟନା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଚକୋର+ନୟନ+ଆ)-
Chakoranayanā ଯେଉଁ ସ୍ତ୍ରୀର ଚକ୍ଷୁ ଚକୋର ଚକ୍ଷୁ ପରି ସୁନ୍ଦର—
Fair eyed (woman).

ଚକୋରନୟନୀ—ଦେ. ବିଣ. ସ୍ତ୍ରୀ. (ସଂ. ଚକୋରନୟନା)—
Chakoranayanī ଚକୋରନୟନା (ଦେଖ)
Chakoranayanā (See)

ଚକ୍କ (ଧାତୁ)—ସଂ—୧ । ଦୁଃଖ ଭୋଗ କରିବା—
Chakka (root) 1. To suffer.
୨ । ଦୁଃଖ ଦେବା—2. To suffer pain.

ଚକ୍କର—ଦେ. ବି—୧ । ମସ୍ତକ ଘୂର୍ଣ୍ଣନ—
Chakkara 1. Giddiness; dizziness.
चक्कर् ୨ । ପ୍ରଦକ୍ଷିଣ—2. Walking round a thing;
चक्कर making circuit; circumambulation.
୩ । ଘୋଡ଼ାର ଚକାକାର ଗତି—
3. Wheeling motion of the horse.

କାହିଁ ଅଶ୍ୱାରୋହୀ ସେନ ଅଶ୍ୱବର
କଦମେ କୁଦାଇ ଦିଅଇ ଚକର । ରାଧାନାଥ. ନନ୍ଦିକେଶ୍ୱରୀ ।

ସାଧାରଣ ଲୋକେ ଅପଠ ସ୍ଥଳରେ ଦୃତଠ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିତ ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ଘୋଡ଼ା ଦଉଡ଼ର ଚକାକାର ଭୂଖଣ୍ଡ—
4. The circuit of a race-course.

ଚକୁର ଖାଇବା—ଦେ. କ୍ରି—୧ । ମୁଣ୍ଡ ବୁଲାଇବା—
Chakorakhāibā 1. To feel dizziness in the head.
চক্করদেওয়া
चक्कर खाना ୨ । ଚକ୍ର ପରି ଘୂରିବା—
(ଚକୁର ଦେବା—ଅନ୍ୟରୂପ) 2. To revolve round.
୩ । ଘୋଡ଼ାକୁ ଚକାକାର ଗତି କରାଇବା—3. To make a horse perform a wheeling motion.
୪ । ଚକାକାର ବସ୍ତୃତ ଭୂଖଣ୍ଡରେ ବୃତ୍ତାକାର ଅସ୍ତିଚଳନରେ ଘୋଡ଼ାକୁ ଦଉଡ଼ାଇ ଆଣି ସ୍ବସ୍ଥାନରେ ପହଞ୍ଚାଇବା—
4. To make the horse run over a large circuit.

ଚକ୍କରପଡ଼ିଆ—ଦେ. ବି—ଘୋଡ଼ଦଉଡ଼ ପାଇଁ ବସ୍ତୃତ ମଇଦାନ—
Chakkarapa<u>rd</u>iā Race-ground; a field for horse race.

ଚକ୍କଲ—ସଂ. ବଣ. (ଚକ୍କ୍ + ଅଲ)—ଚକା; ଗୋଲ—
Chakka<u>l</u>a Circular; round.

ଚକ୍କୁ—ବୈଦେ. ବି—ଚକୁ (ଦେଖ)
Chakku Chaku (See)

ଚକ୍ତି—ଦେ. ବି—ଚକତି (ଦେଖ)
Chakti Chakati (See)

ଚକ୍ର—ସଂ. ବି. (କୃ ଧାତୁ + କର୍ତ୍ତି. ଅ ପ୍ରତ୍ୟୟ)—୧ । ଚକ୍ରବାକପକ୍ଷୀ; ଚକୁଆ—1. The shel drake (bird).
Chakra
୨ । ରଥାଙ୍ଗ; ରଥର ଚକ—2. Wheel of a car.
୩ । ଚକ୍ରରଥ; ଚକ୍ରଯାନ—
3. Cycle; vehicle; a wheeled conveyance.
୪ । କାଳଚକ୍ର—4. Cycle of time.
୫ । ଘୋଡ଼ଦୌଡ଼ର ଚକାକାର ପଥ—
5. Race circle; race course.
୬ । ଘେର; ଗୃହଆଦିର ଘୂରି କରି ବୁଲିବା—6. Circuit
୭ । ଚକାକାର ବେଷ୍ଟନୀ—
7. Ring or circular belt.
୮ । କୁମ୍ଭାରର ଚକ—8. Potter's wheel.
୯ । ବର୍ଷବର୍ଷର ସମଷ୍ଟି ବା ସମାହାର—
9. A cycle of years.
୧୦ । ଜଳାବର୍ତ୍ତ—10. Eddy; whirlpool.
୧୧ । ବୃତ୍ତ—11. Circle.
୧୨ । ଗୋଲକ—12. Sphere.
୧୩ । ବିଷ୍ଣୁଙ୍କ ଅସ୍ତ୍ର; ସୁଦର୍ଶନ ଚକ୍ର—
13. The discus; circular weapon of Bishnu.
୧୪ । ବୃତ୍ତର ପରିଧି—14. Circumference.
୧୫ । ଚକାକାର ଅସ୍ତ୍ର—15. A sharp circular weapon (disc) of offense.
୧୬ । ଗ୍ରାମସମୂହ; ଚକଲା—16. An aggregate of many villages; a village union for revenue administration purposes.
୧୭ । ଦଳ; ସମୂହ—17. Troop; multitude; collection; assemblage.

ବଳୀ ବୋଇଲେ ଅହେ ଶୁଣ ଅଷ୍ଟବକ୍ର
ପାଠ ଶାଠରେ ମୁହିଁ ଛନି ବିକ୍ରଚକ୍ର । କୃଷ୍ଣସିଂହ, ମହାଭାରତ, ବନ ।

୧୮ । ଗ୍ରହମଣ୍ଡଳ—18. Halo round a planet or disc.
୧୯ । ଚକ୍ରବ୍ୟୂହ; ଚକାକାର ସୈନ୍ୟସମାବେଶ—
19. A circular battle-array.
୨୦ । ଦେଶାଂଶ; ପ୍ରଦେଶ; ଜିଲ୍ଲା—
20. Province; district.
୨୧ । ରାଜ୍ୟ—21 Kingdom; realm.
୨୨ । ଜମିଦାରୀ—22. Estate.
୨୩ । ରାଶିଚକ୍ର—23. Zodiac; astronomical circle.
୨୪ । ବଳୟ, ମୁଦ୍ରିଆ—
24. A ring used as an ornament.
୨୫ । ତେଲକଳ ଘଣା—25. Oil mill.
୨୬ । କୂଟ; କପଟ; କୌଶଳ; ଛଳ—
26 Fraud; crooked contrivance; deception.
୨୭ । କୁମନ୍ତ୍ରଣା; କୂଟମନ୍ତ୍ରଣା; ଷଡ଼ଯନ୍ତ୍ର—
27. A plot for mischief; conspiracy.
୨୮ । ଶାଳଗ୍ରାମଶିଳାରେ ଥିବା ଚକାକାର ଚିହ୍ନ — The convolutions or spiral marks found in Sā<u>l</u>agrāma or the sacred stone of the Hindus.
୨୯ । ପୁସ୍ତକ ବା ଗ୍ରନ୍ଥର ଭାଗ ବା ଅଧ୍ୟାୟ—
29. Section of a book.
୩୦ । ଶରୀରରେ ଥିବା ଚକାକାର ଦାଗ—30. A circular spot on the body.
୩୧ । ପକ୍ଷୀମାନଙ୍କର ଚକ୍ରବତ୍ ଉଡ୍ଡୟନ—
31. Circular fligts of birds.
୩୨ । ସାପର ଫଣା—32. Serpent's hood.
୩୩ । ଦେହରେ ରୋଗାଦି ଯୋଗୁ ଦେଖାଯିବା ଚକା ଦାଗ—
33. Circular marks on the body due to disease.
୩୪ । ଯୋଗଶାସ୍ତ୍ରବର୍ଣ୍ଣିତ ଶରୀରାଭ୍ୟନ୍ତରସ୍ଥ କାଳ୍ପନିକ ଅଧ୍ୟାତ୍ମିକ ଚକ୍ର—34. The six esoteric circles imagined to be inside the human body.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ୍	ଛ୍ଅ	ଞ୍ଚ
୨	ଈ	ଊ	ୠ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ୍ଜ	ନ୍ତ

୩୫ । ସେନା; ସୈନ୍ୟଗଣ—35. A host; an army; troop of soldiers.

୩୬ । ଦେବାର୍ଚ୍ଚନରେ ଅଙ୍କିତ ଯନ୍ତ୍ର—36. A circle drawn for worshipping a deity.

୩୭ । ନଦୀର ବାଙ୍କ—37. The winding of a river.

୩୮ । ଭେଲ୍କି; ଇନ୍ଦ୍ରଜାଲ—38. Magic; jugglery.

୩୯ । (ଜ୍ୟୋତିଷ) ଷଡ଼୍‌ଭୁଜାକାରର ନକ୍ଷତ୍ରପୁଞ୍ଜ; ବ୍ରହ୍ମକଟାହ ପୁଞ୍ଜ (ଦେଖ)
39. (astrology) A particular constellation in the form of a hexagon.

୪୦ । ସୁଧ—4. Interest.

୪୧ । ରାଜ୍ୟର କୌଣସି ବିଶିଷ୍ଟ ଶାସନବିଭାଗ—
41. Administrative department of a state.

୪୨ । ହସ୍ତ ଓ ପାଦସ୍ଥ ଚକ୍ରାକାର ରେଖା—42. Circular lines in the palm of hand and heel.

ଚକ୍କର ଦେ. ବି—୧ । ଚକ୍ରବନ୍ଧ (ଦେଖ)
1. Chakrabandha (See)

୨ । (ଚନ୍ଦନ ତିଳକାଦିର) ଚକ୍ରାକାର ଛାପା—2. A circular mark of sandal-paste on the body.

ବୈଷ୍ଣବ ସରସୀ ପ୍ରାପ୍ତ ଚକ୍ର ଚକ୍ରେ ଯୋଗ । ଉଦ୍ଧ. ବୈଦେହୀଶବିଳାସ ।

୩ । ଗୁଡ଼ି; ଘୁଡ଼ି—3. Kite.

ଚକ୍ର ପ୍ରାପ୍ତ ମୋତେ ଉଡ଼ାଇ ଗଗନେ,
ଛିଡ଼ୁ ଦେଇ କଲୁ ହେଳା ଗୋ । ଲାବଣ୍ୟବତୀ ।

୪ । ନିଆଁ ଲଗାଇଲେ ଚକ୍ର ପରି ବୁଲିବା ବାଣ—
4. A kind of whirling fire-work.

୫ । କୌଣସି ଜଟିଳ ବିଷୟ—
5. Any intricate matter.

ଚକ୍ର ଉହାଡ଼ କରିବା—ଦେ. କି.—ଚକ୍ରାସ୍ତ୍ରକୁ ଟେକି ଧରି ଚକ୍ର ତଳେ
Chakra uhārḍa kariba ମନୁଷ୍ୟକୁ ଶତ୍ରୁର ଅସ୍ତ୍ରରୁ ରକ୍ଷା
(ଚକ୍ର ଉହାଡ଼ିବା—ଅନ୍ୟରୂପ) କରିବା—To protect a person from danger by extending the discus over him.

ଚକ୍ରକ—ସଂ. ବି.—(ଚକ୍ର+କ)—୧ । (ନ୍ୟାୟ) କୁତର୍କ; ଦେହାଭାସ—
Chakraka 1. (Logic) Arguing in a circle.

୨ । ଏକପ୍ରକାର ସର୍ପ (ହି. ଶବ୍ଦସାଗର)—
3. A kind of serpent.

ସଂ. ବିଣ.—ଚକ୍ରା—Circular; wheels haped.

ଚକ୍ରକାରକ—ସଂ. ବି—୧ । ଲୁହାକଣ୍ଟା—
Chakrakāraka 1. Iron nail

୨ । ସୁଗନ୍ଧବିଶେଷ—2. A kind of perfume.

୩ । ହାତର ନଖ (ହି. ଶବ୍ଦସାଗର)—
3. Finger-nail of the hand.

ଚକ୍ରକେଳି—ଦେ. ବି—ଓଡ଼ିଆ ରାଗବିଶେଷ—
Chakrakeḻi A kind of Oria musical tune.
ରାଗ ତଳେ ନୋଟ (ଦେଖ)
See notes under Rāga.

ଚକ୍ରଗଣ୍ଡୁ—ସଂ. ବି—ଗୋଲ ତକିଆ; ମାଣ୍ଡି; ମୁତୁଲା—
Chakragaṇḍu A round pillow.

ଚକ୍ରଗତି—ସଂ. ବି—୧ । ଚକ୍ରର ଗତି—
Chakragati 1. The motion of a wheel; rotation, revolution of a wheel.

୨ । ଚକ୍ରାକାରରେ ଗମନ—
2. Circular movement.

ଚକ୍ରଗୁଚ୍ଛ—ସଂ. ବି—ଅଶୋକ ଗଛ—
Chakraguchha The Aśoka tree.

ଚକ୍ରଚର—ସଂ. ବିଣ. ପୁଂ (ଚକ୍ର+ଚର ଧାତୁ+ଅ)—
Chakrachara ଚକ୍ର ପରି ବୁଲୁଥିବା—
Whirling; moving in a circle.

ସଂ. ବି. ପୁଂ—୧ । ଐନ୍ଦ୍ରଜାଲିକ—
1. A juggler; a magician.

୨ । ତେଲି (ହି. ଶବ୍ଦସାଗର)—2. Oilman.

୩ । କୁମ୍ଭାର (ହି. ଶବ୍ଦସାଗର)—3. Potter.

ଚକ୍ରଚାରୀ—ସଂ. ବିଣ. ପୁଂ (ଚକ୍ର+ଚର ଧାତୁ, ଇନ୍ ୧ମା. ୧ ବ)—
Chakrachārī ଚକ୍ରଚର (ଦେଖ)
(ଚକ୍ରଚାରିଣୀ—ସ୍ତ୍ରୀ) Chakrachara (See).
ସଂ. ବି—ରଥ—Chariot; car.

ଚକ୍ରଚୂଡ଼ାମଣି—ସଂ. ବି. (ଚକ୍ରବତ୍ ଚୂଡ଼ାରେ ଥିବା ମଣି)—
Chakrachūrḍāmaṇi ମୁକୁଟର ଗୋଲାକାର ମଧ୍ୟ ମଣି—
A round jewel in a diadem.

ଚକ୍ରଛେଉଣ୍ଡ—ଦେ. ବିଣ. ପୁଂ—ଚକର ଛେଉଣ୍ଡା (ଦେଖ)
Chakrachheuṇḍa Chakara chheuṇḍā (See)
(ଚକ୍ରଛେଉଣ୍ଡୀ—ସ୍ତ୍ରୀ)
(ଚକ୍ରଛେଉଣ୍ଡା—ଅନ୍ୟରୂପ)

ଚକ୍ରଜୀବକ—ସଂ. ବି. (ଚକ୍ର+ଜୀବ ଧାତୁ+କର୍ତ୍ତୃ. ଅକ =ଯେ ଚକ୍ରଦ୍ୱାରା
Chakrajībaka ଜୀବିକା ନିର୍ବାହ କରେ)—କୁମ୍ଭାର—Potter.
(ଚକ୍ରଜୀବୀ—ଅନ୍ୟରୂପ)

ଚକ୍ରଣୀ—ଦେ. ବି—ଚକ୍ରଥିବା ରଥ—A car having its wheels.
Chakraṇi

ବମାନେ ଗୃହ ଯୋଡ ଚକ୍ରଣୀରେ ରାଜନ୍ତ ଅବଶ୍ୟନହିଁ ଯୋଷ ଯେ ।
ଉଦ୍ଧ. ବୈଦେହୀଶବିଳାସ ।

ଚକ୍ରତୀର୍ଥ—ସଂ.ବି—(ଷଷ୍ଠୀ ତତ୍ପୁରୁଷ; ଚକ୍ର=ସୁଦର୍ଶନ ଚକ୍ର, ତଦ୍ଦ୍ୱାରା କୃତ
Chakratīrtha ତୀର୍ଥ)—୧ । ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ରଦ୍ୱାରା
ନିର୍ମିତ ପ୍ରଭାସକ୍ଷେତ୍ରସ୍ଥ ତୀର୍ଥବିଶେଷ (ସ୍କନ୍ଦପୁରାଣୋକ୍ତ)—
3. A sacred place in Prabhāsa.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ବୃନ୍ଦାବନସ୍ଥ ତୀର୍ଥବିଶେଷ—
2. Name of a sacred place in Brindabana.

୩ । ପୁରୀର ସମୁଦ୍ରତୀରସ୍ଥ ତୀର୍ଥବିଶେଷ—
3. Name of a sacred place in Puri

ସେବନ୍ତୁ, ହେ ପୁଣ୍ୟଶ୍ଳୋକ ଲୋକେ ଏହିସ୍ଥଳୀ
ସିନ୍ଧୁତୀରେ ବୋଲାଇଛି ଚକ୍ରତୀର୍ଥ ନାମେ—ରାଧାନାଥ. ମହାଯାତ୍ରା ।

୪ । ଦାକ୍ଷିଣାତ୍ୟର ଋଷ୍ୟମୂକ ପର୍ବତ ନିକଟରେ ତୁଙ୍ଗଭଦ୍ରାନଦୀ ଘୂରିକରି ଯାଇଥିବା ତୀର୍ଥବିଶେଷ (ହି. ଶବ୍ଦସାଗର)—
4. Name of a sacred place in the Deccan.

[ଦ୍ର—ମହାଭାରତ ଆଦି ପୁରାଣରେ ନିମ୍ନଲିଖିତ ସ୍ଥାନମାନଙ୍କରେ ଅନେକଗୁଡ଼ିଏ ଚକ୍ରତୀର୍ଥର ବର୍ଣ୍ଣନ ଅଛି । ଯଥା—କାଶୀ; କାମରୂପ, ନର୍ମଦା, ଶ୍ରୀକ୍ଷେତ୍ର, ସେତୁବନ୍ଧ ରାମେଶ୍ୱର—ହି. ଶବ୍ଦସାଗର ।]

ଚକ୍ରତୁଣ୍ଡୀ—ସଂ. ବିଣ—(ବିଜ୍ଞାନପରିଭାଷା) ଯାହାର ମୁଖ ଚକ୍ର ପରି
Chakratuṇḍi ମଣ୍ଡଳାକାର—Cyclostomata; having circular faces.

ଚକ୍ରଦଂଷ୍ଟ୍ର—ସଂ. ବି. ପୁଂ (ବହୁବ୍ରୀହି)—ଶୂକର—
Chakradaṁshtra Hog.

ଚକ୍ରଦଣ୍ଡ—ସଂ. ବି—ଏକପ୍ରକାର କସରତ ବା ଦଣ୍ଡ (ହି. ଶବ୍ଦସାଗର)—
Chakradaṇḍa A kind of physical exercise.

[ଦ୍ର—ଏଥିରେ ସାଧକ ଦୁଇ ହାତକୁ ଭୂମିରେ ଲଗାଇ ଥରେ ଦଣ୍ଡ କରିବା ପରେ ଦୁଇ ଗୋଡ଼କୁ ଉଠାଇ ଏକ ହାତକୁ ଟେକି ଦେଇ ଦୁଇ ଗୋଡ଼କୁ କୁମ୍ଭାର ଚକ୍ର ପରି ଯଥାକ୍ରମେ ବାମ ଓ ଡାହାଣ ହାତ ତଳେ ବୁଲାଇ ଆଣନ୍ତି ।]

ଚକ୍ରଦତ୍ତ—ସଂ. ବି—ବୈଦ୍ୟକ ଗ୍ରନ୍ଥବିଶେଷ—
Chakradatta Name of a sanskrit medical treatise.

ଚକ୍ରଦନ୍ତୀ—ସଂ. ବି—ଦନ୍ତୀ (ଦେଖ)
Chakradantī Dantī (See)

ଚକ୍ରଧର—ସଂ. ବିଣ. (ଚକ୍ର + ଧୃ ଧାତୁ + କର୍ତ୍ତୃ. ଅ)—
Chakradhara ୧ । ଚକ୍ରରୂପ ଅସ୍ତ୍ର ଧରିଥିବା—1. Holding a
(ଚକ୍ରଧାରୀ—ଅନ୍ୟରୂପ) discus or wheel as a weapon.
୨ । ଯାହାର ଚକ୍ର ଥାଏ—2. Wheeled.
ସଂ. ବି. (ବହୁବ୍ରୀହି)—୧ । ବିଷ୍ଣୁ—1. Bishṇu.
୨ । ରାଜା—2. King.
୩ । ମଣ୍ଡଳାଧିପ—
3. The ruller or chief of a province.
୪ । ସର୍ପ—4. Serpent; snake.
୫ । କୁମ୍ଭାର—5. Potter.
୬ । କୁହୁକିଆ; ଐନ୍ଦ୍ରଜାଲିକ—
6. A juggler; magician.
୭ । ଚକ୍ରାସ୍ତ୍ରଧାରଣକାରୀ ବ୍ୟକ୍ତି—
7. One who holds the discus (weapon).

୮ । ଗ୍ରାମପୁରୋହିତ (ହି. ଶବ୍ଦସାଗର)—
8. The priest of a village.
୯ । ଗ୍ରାମ ବା ନଗରର ଅଧିପତି (ହି. ଶବ୍ଦସାଗର)—
9. The chief of a village or town.
୧୦ । ରାଗବିଶେଷ (ହି. ଶବ୍ଦସାଗର)—
10. Name of musical tune.

[ଦ୍ର—ଏହା ନଟ ରାଗପରି ଷାଡ଼ବଜାତିର ରାଗ । ଏହା ଷଡ଼ଜ ସ୍ୱରରୁ ଆରମ୍ଭ ହୁଏ ଓ ଏଥିରେ ପଞ୍ଚମସ୍ୱର ଲାଗେ ନାହିଁ । ଏହା ସନ୍ଧ୍ୟା ସମୟରେ ଗୀତ ହୁଏ ।]

ଦେ. ବି. ପୁଂ—ଲୋକଙ୍କ ନାମ—Name given to males.

ଚକ୍ରଧାରା—ସଂ. ବି (୬ଷ୍ଠୀ ତତ୍; ଚକ୍ର + ଧାରା)—୧ । ଚକ୍ରର ପରିଧି—
Chakradhārā 1. Periphery of a wheel.
୨ । ୧୧୦୦ ଶତାବ୍ଦୀ ଠାରୁ ୧୫୦୦ ଶତାବ୍ଦୀ ମଧ୍ୟରେ ରଚିତ ଯନ୍ତ୍ରଚିନ୍ତାମଣି ନାମକ ବେଧ ଗ୍ରନ୍ଥ—2. Name of an astronomical treatise.
[ଦ୍ର—ଏହାଙ୍କ ଯନ୍ତ୍ର ତୁରୀୟ ଯନ୍ତ୍ର—Quadrant ।]

ଚକ୍ରନଖ—ସଂ. ବି—ବ୍ୟାଘ୍ରନଖ ନାମକ ଔଷଧି; ନଖୀ (ଦେଖ)—
Chakranakha Nakhī (See)

ଚକ୍ରନଦୀ—ସଂ. ବି (ମଧ୍ୟପଦଲୋପୀ କର୍ମଧା; ଏଥିରୁ ଶାଳଗ୍ରାମ (ଚକ୍ର) ମିଳୁ
Chakranadī ଥିବାରୁ)—ଗଣ୍ଡକୀ ନଦୀ (ଦେଖ)—
Gaṇḍakī nadī (See)

ଚକ୍ରନାଭି—ବି (୬ଷ୍ଠୀ ତତ୍; ଚକ୍ର + ନାଭି)—ଶଗଡ଼ ଚକର କେନ୍ଦ୍ର;
Chakranābhi ଚକର ନାହିଆ—The name of a wheel.

ଚକ୍ରନାମା—ସଂ. ବି (ଚକ୍ର + ନାମନ୍; ୧ମା. ୧ବଚନ)—
Chakranāmā ୧ । ଚକ୍ରବାକ ପକ୍ଷୀ—1. Ruddy goose.
(ଚକ୍ରନାମ—ଅନ୍ୟରୂପ) ୨ । ଲୌହ ସଙ୍ଗେ ଅନ୍ୟ ଧାତୁ ମିଶ୍ରିତ ଖଣିଜ ଦ୍ରବ୍ୟ; ମାକ୍ଷିକ ଧାତୁ—2. A pyritic oxe of iron (Apte)

ଚକ୍ରନାୟକ—ସଂ. ବି (୬ଷ୍ଠୀ ତତ୍; ଚକ୍ର + ନାୟକ)—୧ । ସେନାପତି—
Chakranāyaka 1. Leader of a troop.
୨ । ସୁଗନ୍ଧବିଶେଷ; ନଖୀ—2. A kind of perfume.

ଚକ୍ରନେମି—ସଂ. ବି (୬ଷ୍ଠୀ ତତ୍; ଚକ୍ର + ନେମି)—ଚକ୍ରର ପରିଧି—
Chakranemi The periphery of a wheel.

ଚକ୍ରପାଣି—ସଂ. ବିଣ (ବହୁବ୍ରୀହି)—ଚକ୍ରଧାରଣ କରିବା ବ୍ୟକ୍ତି—
Chakrapāṇi One who holds a discus; holding a discus in the hand.
ସଂ. ବି. ପୁଂ—ବିଷ୍ଣୁ—Bishnu.
ଦେ. ବି. ପୁଂ—ଲୋକଙ୍କ ନାମ—Name given to males.

ଚକ୍ରପାଣି ପଟ୍ଟନାୟକ—ଦେ. ବି—ଗଞ୍ଜାମ ଖଲ୍ଲିକୋଟ ନିବାସୀ ଜଣେ
Chakrapāṇi paṭṭanāyaka ସଂସ୍କୃତଜ୍ଞ କରଣ ପଣ୍ଡିତ (ଜଗବନ୍ଧୁ—ପ୍ରାଚୀନ-ଉତ୍କଳ)—A Karaṇa Sanskrit Pandit of Khalikota in Ganjam.

୧୦	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଏ	ଉଅ	ଢ
୬	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	.ସ	ଙ୍	ଇଅ	ଓ	ଦ୍ବ

ଚକ୍ରପାଦ—ସଂ. ବ (ବହୁବ୍ରୀହି; ଚକ୍ର+ପାଦ)—୧ । (ଚକ୍ର ଅଟେ ପାଦ ଯାହାର) ରଥ; ଗାଡ଼ି—1. Wheeled vehicle; carriage.
Chakrapāda
(ଚକ୍ରପାଦକ—ଅନ୍ୟରୂପ)
୨ । (ଚକ୍ରପରି ଗୋଲାକାର ପାଦ ଯାହାର) ହସ୍ତୀ—2. Elephant.

ଚକ୍ରପାଳ—ସଂ. ବ (ଚକ୍ର+ପାଳ ଧାତୁ+କର୍ତ୍ତୃ. ଅ)—୧ । ପ୍ରାଦେଶିକ ଶାସନକର୍ତ୍ତା—1. Provincial Governor.
Chakrapāla
୨ । କତିପୟ ସେନା ଦଳର ଅଧ୍ୟକ୍ଷ; ସୁବାଦାର—2. Officer in charge of a division of army.
୩ । ଦିଗ୍‌ବଳୟ—3. Horizon.
୪ । ବୃତ୍ତ—4. Circle.
୫ । ଚକ୍ରାସ୍ତ୍ରଧାରୀ ବ୍ୟକ୍ତି—5. A person armed with a discus.
୬ । ଶୁଦ୍ଧରାଗର ଏକଭେଦ (ହି. ଶବ୍ଦସାଗର)—6. A musical tune.

ଚକ୍ରବତ୍—ସଂ.—୧ । ଚକ୍ରପରି ଗୋଲାକାର—1. Circular.
Chakrabat ୨ । ଚକ୍ରପରି—2. Like a wheel or cycle.

ଚକ୍ରବନ୍ଧ—ବ—୧ । ରତିବନ୍ଧବିଶେଷ—1. A particular pose during copulation.
Chakrabandha

ଚକ୍ରବନ୍ଧକୁ ବସୁଛ ରତିରେ—ଗୋଲୋକ. ଇନ୍ଦୁରେଖା ।

୨ । ଛନ୍ଦୋବଦ୍ଧ ରଚନାବିଶେଷ; ଚକ୍ରକାବ୍ୟବିଶେଷ—2. A sort of artistic composition.

ଚକ୍ର ଚକ୍ରେ ଅର୍ଥରେ ସ୍ତବ କରେ । ଗୋଲୋକ. ଇନ୍ଦୁରେଖା ।

[ଦ୍ର—ଏଥିରେ ପଦମାନଙ୍କ ଅକ୍ଷରମାନ ଚକ୍ରାକାର ହୋଇ ସଜ୍ଜିତ ହୁଏ ।]

ଚକ୍ରବନ୍ଧୁ—ସଂ. ବ. (୬ଷ୍ଠୀ ତତ୍; ଚକ୍ର+ବନ୍ଧୁ; ସୂର୍ଯ୍ୟ ପ୍ରକାଶିତ ହେଲେ ଚକ୍ରବାକ ମିଥୁନଙ୍କ ମିଳନ ହେବାରୁ)—ସୂର୍ଯ୍ୟ—The sun.
Chakrabandhu
(ଚକ୍ରବାନ୍ଧବ—ଅନ୍ୟରୂପ)

ଚକ୍ରବର୍ତ୍ତୀ—ସଂ. ବ. ପୁଂ. (ଚକ୍ର+ବୃତ୍ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ)—
Chakrabartti ୧ । ସମ୍ରାଟ; ସାର୍ବଭୌମ; ଆସମୁଦ୍ରାନ୍ତ ଭୂମିର ଅଧିପତି 1. Emperor.
(ଚକ୍ରବର୍ତ୍ତିନୀ—ସ୍ତ୍ରୀ)
୨ । (ଲକ୍ଷଣାର୍ଥେ) ବହୁ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଧାନ ବା ଅଧ୍ୟକ୍ଷ ବା ଅଗ୍ରଣୀ—2. (fig) A chief or head of many persons; the foremost person; a leader amongst men.
୩ । ବାସ୍ତୁକ ନାମକ ଶାକ; ବଥୁଆ (ହି. ଶବ୍ଦସାଗର)—3. A kind of pot herb.
ଦେ. ବ—ବଙ୍ଗୀୟ ବ୍ରାହ୍ମଣଙ୍କ ବଂଶୋପାଧି ବିଶେଷ—A title of Bengali Brahmin.

ଚକ୍ରବାଉଲି—ଦେ. ବ—ଉପର କାନରେ ପିନ୍ଧାଯିବାର ଚକ୍ରାକାର ଚେପଟା ଫାସିଆ—A flat circular ear-ring for the upper ear.
Chakrabāuli

ଚକ୍ରବାକ—ସଂ. ବ. ପୁଂ. (ଚକ୍ର+ବଚ ଧାତୁ+କର୍ମ. ଅ; ଯେ ଚକ୍ର ନାମରେ ଉକ୍ତ ହୁଏ; ଯାହାର ଏକ ନାମ ଚକ୍ର)—ଚକୁଆ ପକ୍ଷୀ—The ruddy shel drake
Chakrabāka
ସଂ. ଭୂରପ୍ରେମା, ଦ୍ୱନ୍ଦ୍ୱଚର, ରଥାଙ୍ଗ, ଚକ୍ର
(ଚକ୍ରବାକୀ—ସ୍ତ୍ରୀ) [ଦ୍ର—କଥିତ ଅଛି ରାମଚନ୍ଦ୍ରଙ୍କ ଅଭିଶାପରୁ ଚକ୍ରବାକ ଯୁଗଳ ଦିନସାକ ଏକତ୍ର ରହନ୍ତି ଓ ରାତି ହେଲାରୁ ଏମାନଙ୍କର ବିଚ୍ଛେଦ ହୁଏ । ଗୋଟିଏ ନଦୀର ଏକ କୂଳରେ ଅପର ନଦୀର ଅନ୍ୟ କୂଳରେ ରହି ପରସ୍ପରଙ୍କୁ ଦୂରୁ ରାବ କରୁଥାନ୍ତି ।]

ଚକ୍ରବାଟ—ସଂ. ବ—୧ । ସୀମା—1. Boundary.
Chakrabāta ୨ । ଦୀପରୁଖା—2. Lamp-stand.
୩ । କୌଣସି କାର୍ଯ୍ୟରେ ଲାଗିବା—3. Being engaged in an action.

ଚକ୍ରବାଡ଼—ସଂ. ବ.—ଚକ୍ରବାଳ (ଦେଖ) Chakrabāla (See)
Chakrabārda
ଦେ. ବ.—ଚନ୍ଦ୍ରମଣ୍ଡଳ; ସୂର୍ଯ୍ୟମଣ୍ଡଳ—The halo of the sun or moon.

ସୁନ ଇନ୍ଦୁର ଚକ୍ରବାଡ଼ ସୀମାକୁ ନେତ୍ର କମଳ ନ ବଳଇ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଚକ୍ରବାତ—ସଂ. ବ.—(ଚକ୍ର+ବାତ)—ଘୂର୍ଣ୍ଣିଆଡ଼ୁଡ଼; ଘୂର୍ଣ୍ଣିବାୟୁ—Whirlwind; hurri-cane; tornado.
Chakrabāta

ଚକ୍ରବାନ୍—ସଂ. ବିଣ. (ଚକ୍ର+ବତ୍ ୧ମା. ୧ବ.)—୧ । ଚକ୍ରଧର—1. Armed with discus.
Chakrabān
୨ । ଯାହାର ଚକ୍ର ଥାଏ; ଚକ୍ରବିଶିଷ୍ଟ—2. Wheeled.
୩ । ଗୋଲାକାର—3. Round; circular.
ସଂ. ବ.—୧ । ତେଲି—1. Oilman.
୨ । ସମ୍ରାଟ - 2. Emperor.
୩ । ବିଷ୍ଣୁ—3. A name of a Bishnu.
୪ । ପୌରାଣିକ ପର୍ବତବିଶେଷ (ହି. ଶବ୍ଦସାଗର)—4. Name of a legendary mountain.
[ଦ୍ର—ଏହି ପର୍ବତରେ ବିଷ୍ଣୁ ହୟଗ୍ରୀବ ଓ ପଞ୍ଚଜନ ଦୈତ୍ୟଦ୍ୱୟଙ୍କୁ ବଧ କରି ସେମାନଙ୍କଠାରୁ ଯଥାକ୍ରମେ ଚକ୍ର ଓ ଶଙ୍ଖ ଆୟୁଧ ଅର୍ଜିଥିଲେ ।]

ଚକ୍ରବାନ୍ଧବ—ସଂ. ବ.—ଚକ୍ରବନ୍ଧୁ (ଦେଖ) Chakrabandhu (See)
Chakrabāndhaba

ଚକ୍ରବାଳ—ସଂ. ବ.—(ଚକ୍ର=ଦେଶ ସମୂହ+ବଳ ବେଷ୍ଟନ ବା ଆବରଣ କରିବା+କର୍ତ୍ତୃ. ଅ)—୧ । ଦିଗ୍‌ବଳୟ; ଦିଙ୍‌ମଣ୍ଡଳ—1. Horizon.
Chakrabāla

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଗ୍ୟା ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ଦ୍ର—କୌଣସି ସ୍ଥାନରେ ଠିଆ ହୋଇ ଚାରିଆଡ଼କୁ ଚାହିଁଲେ ଯେଉଁଠାରେ ପୃଥିବୀ ଓ ଆକାଶ ମିଶିଲା ପରି ଦେଖାଯାଏ ସେହି ଚକ୍ରାକାର ରେଖା ।]

୨ । ଚକ୍ରବାକ ପକ୍ଷୀ—2. Ruddy goose.

୩ । ଲୋକାଲୋକ ପର୍ବତ; ପୃଥିବୀକୁ ଘେରିଥିବା ପୌରାଣିକ ପର୍ବତ—3. The imaginary mountain on the horizon encircling the globe; the fabulous range of mountains encircling the earth.

୪ । ପୁଞ୍ଜ; ଦଳ; ରାଶି; ସମୂହ—
4. Mass; multitude; group.

ଦେ. ବିଣ—ମଣ୍ଡଳାକାର—Circular.

କରେ କର ଦେଇ ଚକ୍ରବାଳ ହୋଇ କମଳ୍ଚ କମଳ ଘୋଳନ୍ତି ।
ଦୀନକୃଷ୍ଣ- ରସକଲ୍ଲୋଳ ।

ଚକ୍ରବାଳଧି—ସଂ. ବି (ବହୁବ୍ରୀହି; ଚକ୍ର ପରି ବାଳଧି=ପୁଚ୍ଛ ଯାହାର; **Chakrabāḷadhi** କୁକୁର ଲାଞ୍ଜ ସର୍ବଦା ଚକ୍ର ପରି ବଙ୍କା ହୋଇଥିବାରୁ)—କୁକୁର—Dog.

ଚକ୍ରବିଷାଇ—ଦେ. ବି (ନାମ)—ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ବିପକ୍ଷରେ ମେଳି କରିଥିବା ଜଣେ ସର୍ଦ୍ଦାର—Name of an Oria warrior of Ghumsar who headed the rebellion against the British in 1836.
Chakrabiśāi
ଚକ୍ରବିସେଇ } ଅନ୍ୟରୂପ
ଚକ୍ରବିସୋଇ }

[ଦ୍ର—୧୮୩୬ ଖ୍ରୀଷ୍ଟାବ୍ଦରେ ଘୁମୁସର ଇଂରାଜମାନଙ୍କର ହସ୍ତଗତ ହେବାର ୨୦ ବର୍ଷ ପରେ ଏ ଘୁମୁସର ରାଜ୍ୟରେ ମେଳି କରାଇଥିଲେ । କିନ୍ତୁ ପରାସ୍ତ ହୋଇ ପ୍ରାଣଦଣ୍ଡ ପାଇଥିଲେ ।]

ଚକ୍ରବୁଲା—ଦେ. ବି—ଶୋଭାଯାତ୍ରାପୂର୍ବକ ଚକ୍ରବୁଲା ଏକାଦଶୀ ଦିନ **Chakrabulā** ଜଗନ୍ନାଥଙ୍କ ସୁଦର୍ଶନ ଚକ୍ରକୁ ପୁରୀର ସାତ ସାହିରେ ବୁଲାଇବାରୂପ ଉତ୍ସବ—The festival of taking the discus of Jagannatha throughout the town of Puri in the month of Śrābaṇa.

ଚକ୍ରବୁଲା ଏକାଦଶୀ—ଦେ. ବି—ଶ୍ରାବଣ କୃଷ୍ଣ ଏକାଦଶୀ—
Chakrabulā ekādaśi The 11th day of the dark fortnight of the month of Śrābaṇa.

[ଦ୍ର—ଏ ଦିନ ଜଗନ୍ନାଥଙ୍କ ପ୍ରତିନିଧିସ୍ୱରୂପ ସୁଦର୍ଶନଚକ୍ରକୁ ବିମାନରେ ପୁରୀର ସାତ ସାହିରେ ବୁଲାଯାଏ ।]

ଚକ୍ରବୃଦ୍ଧି—ସଂ. ବି. (୬ଷ୍ଠୀ ତତ୍; ଚକ୍ର+ବୃଦ୍ଧି)—୧ । ବୃଦ୍ଧିର ବୃଦ୍ଧି; **Chakrabṛuddhi** ସୁଧ ଉପରେ ସୁଧ—1. Compound interest; interest upon interest.

[ଦ୍ର—ଖାତକ ନିର୍ଦ୍ଧାରିତ ସମୟ ମଧ୍ୟରେ ସୁଧ ନ ଶୁଝିଲେ ଉକ୍ତ ସୁଧ ମୂଳଧନ ସଙ୍ଗେ ମିଶି ତହିଁ ଉପରେ ସୁଧ ଚଢ଼େ ।]

୨ । ଗାଡ଼ିରେ ଜିନିଷ ବୋହିବା ପାଇଁ ଭଡ଼ା—
2. Wages paid for transportation of things in a carriage.

ଚକ୍ରବ୍ୟୂହ—ସଂ. ବି. (ମ. ପ. ଲୋ; ଚକ୍ର+ବ୍ୟୂହ)—
Chakrabyūha ମଣ୍ଡଳ ବା ଚକ୍ରାକାରରେ ରଚିତ ସୈନ୍ୟ-ସଂସ୍ଥାନ—Circular battle array.

[ଦ୍ର—ମହାଭାରତ ଯୁଦ୍ଧରେ ଦ୍ରୋଣାଚାର୍ଯ୍ୟ ଏ ବ୍ୟୂହ ରଚନା କରିଥିଲେ । ଏଥିରେ ଅଭିମନ୍ୟୁ ପଶିଯାଇ ଆଉ ବାହାରି ନ ପାରି ହତ ହେଲେ ।]

ଚକ୍ରଭିକ୍ଷା—ସଂ. ବି—ବହୁଗ୍ରାମର ଗ୍ରାମଦାଣ୍ଡରେ ବୁଲି ବୁଲି ଭିକ୍ଷା କରିବା—
Chakrabhikshā Begging alms by walking along the village roads of many villages.

[ଦ୍ର—ଚଳନ୍ତି ପଣ୍ଡାମାନେ ଚକ୍ର ଭିକ୍ଷା କରନ୍ତି ।]

ଚକ୍ରଭୃତ୍—ସଂ. ବି. ଓ ବିଣ. (ଚକ୍ର+ଭୃ ଧାତୁ+କର୍ତ୍ତୃ. କ୍ୱିପ୍)—
Chakrabhṛut ଚକ୍ରଧର (ଦେଖ) Chakradhara (See)

ଚକ୍ରଭେଦିନୀ—ସଂ. ବି. (ଚକ୍ର=ଚକ୍ରବାକ ପକ୍ଷୀ+ଭିଦ୍ ଧାତୁ=ଦୁଃଖ **Chakrabhedini** ଦେବା+ଇନ୍+ଈ; ଯାହା ଚକ୍ରବାକ ମିଥୁନର ବିଚ୍ଛେଦ ଘଟାଏ)—ରାତ୍ରି—Night.

ଚକ୍ରଭ୍ରମ—ସଂ. ବି. (ଚକ୍ର+ଭ୍ରମ)—
Chakrabhrama ୧ । (୬ଷ୍ଠୀ ତତ୍) ଚକର ଘୂରିବା—
(ଚକ୍ରଭ୍ରମି—ଅନ୍ୟରୂପ) 1. Revolution of a wheel.

୨ । (ବହୁବ୍ରୀହି) କୁନ୍ଦିବା ଯନ୍ତ୍ର; ଶାଣଯନ୍ତ୍ର—
2. Turning lath.

୩ । ଚକି—3. Grind stone.

ଚକ୍ରଭ୍ରମର—ସଂ. ବି—ଏକପ୍ରକାର ନୃତ୍ୟ (ହି. ଶବ୍ଦସାଗର)—
Chakrabhramara A kind of whirling dance.
(ଚକ୍ରମଣ୍ଡଳ—ଅନ୍ୟରୂପ)

ଚକ୍ରଭ୍ରାନ୍ତି—ସଂ. ବି. (୬ଷ୍ଠୀ ତତ୍; ଚକ୍ର+ଭ୍ରାନ୍ତି)—ଚକ୍ର ଘୂରିବା—
Chakrabhrānti Revolution of a wheel.

ଚକ୍ରମଣ୍ଡଳୀ—ସଂ. ବି. (ଚକ୍ର+ମଣ୍ଡଳ+ଇନ୍; ୧ମା. ୧ବ.)—
Chakramaṇḍaḷi ୧ । ଗୋଖୁରସାପ (ଯାହା ଫଣାରେ ଚକ୍ର ଚିହ୍ନ ଥାଏ)—1. A species of cobra (having circlets on the fang).

୨ । ଅଜଗର ସାପ (ହି. ଶବ୍ଦସାଗର)—
2. Boa constrictor.

ଚକ୍ରମର୍ଦ୍ଦ—ସଂ. ବି—ଚାକୁଣ୍ଡା (ଦେଖ)
Chakramardda Chākuṇḍā (See)

ଚକ୍ରମୀମାଂସା—ସଂ. ବି—୧ । ବୈଷ୍ଣବମାନଙ୍କର ଚକ୍ରମୁଦ୍ରା ଧାରଣ **Chakramimāṁsā** କରିବାର ବିଧି (ହି. ଶବ୍ଦସାଗର)—

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଢ
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ତୁ

1. The ritual for the Baishnabas and getting a stamp put on their body.

୨ । ଭକ୍ତଯୋଗୀନ୍ଦ୍ର ସ୍ୱାମୀଙ୍କ ରଚିତ ଚକ୍ରମୁଦ୍ରା ଧାରଣବିଧି ପ୍ରବନ୍ଧ ଗ୍ରନ୍ଥବିଶେଷ —
2. Name of a sanscrit treatise.

ଚକ୍ରମୁଖ—ସଂ. ବି. (ବହୁବ୍ରୀହି; ଏହାର ଥୋମଣିର ଅଗ ଚକ୍ର ପରି ଗୋଲ)—ଘୁଷୁରି—Hog.
Chakramukha

ଚକ୍ରମୁଣୋହି—ପ୍ରାଦେ. (ପୁରୀ) ବି—ଜଗନ୍ନାଥ ମନ୍ଦିରର ନୀଳଚକ୍ରକୁ ଦେଖାଇ ଦେବତାଙ୍କ ନାମରେ ଉତ୍ସର୍ଗୀକୃତ ଭୋଗ—The offerings made to the diety Jagannātha by showing to the discus over the temple.
Chakramuṇohi

[ଦ୍ର—ଯାତ୍ରା ଅବସର ଭିଡ଼ ସମୟରେ ଜଗନ୍ନାଥଙ୍କ ସମ୍ମୁଖକୁ ଯାଇ ନୈବେଦ୍ୟ ଦେବାର ସୁଯୋଗ ନ ମିଳିଲେ ଏପରି କରାଯାଏ ।]

ଚକ୍ରମୁଦ୍ରା—ସଂ. ବି. (ଚକ୍ର+ମୁଦ୍ରା)—୧ । ଦେବପୂଜା କାଳୀନ କରମୁଦ୍ରା ବିଶେଷ—1. A pose of the palms of the hands joined together like a circle used during worship.
Chakramudrā

୨ । ବିଷ୍ଣୁଙ୍କ ଚକ୍ରାଦି ଆୟୁଧର ଛାପ ଯାହା ଭକ୍ତମାନେ ଦେହରେ ଦେଇନ୍ତି—2. The marks of the weapons of Bishṇu which are stamped on the body of his devotees.

[ଦ୍ର—ଏହା ଦୁଇ ପ୍ରକାର । ୧ ତପ୍ତମୁଦ୍ରା=ତାତିକା ଛାପା; ୨ ଶୀତଳମୁଦ୍ରା=ଚନ୍ଦନାଦି ଦେହରେ ଛାପା ।]

ଚକ୍ରଯାନ—ସଂ. ବି. (ମ. ପ. ଲୋ, କର୍ମଧା, ଚକ୍ର+ଯାନ)—
Chakrajāna ୧ । ରଥ; ଗାଡ଼ି; ଶକଟ—
1. Cart; car; vehicle; wheeled conveyance.
୨ । ଶୁନ୍ ଗାଡ଼ି—2. Cycle.

ଚକ୍ରରବ—ସଂ. ବି. (ବହୁବ୍ରୀହି; ଚକ୍ର+ରବ)—ଘୁଷୁରି—
Chakraraba Hog.

ଚକ୍ରସଂଜ୍ଞ—ସଂ. ବି. (ବହୁବ୍ରୀହି; ଚକ୍ର+ସଂଜ୍ଞା)—
Chakrasaṁjña ୧ । ଧାତୁବିଶେଷ; ରଙ୍ଗା; ବଙ୍ଗ—
1. Tin (metal .
୨ । ଚକ୍ରବାକ ପକ୍ଷୀ—
2. The ruddy shel drake.

ଚକ୍ରସିଂହାବଲୋକନ—ଦେ. ବି—ଶବ୍ଦାଲଙ୍କାରବିଶେଷ; ଚିତ୍ରକାବ୍ୟ ବିଶେଷ—A kind of artistic composition.
Chakrasiṁhābalokana

[ଦ୍ର—ଏକ ଶବ୍ଦ ନେଇ ସିଂହାବଲୋକନ ଅଲଙ୍କାର ଏକାଧିକ ପଦରେ କ୍ରମା ସମ୍ପୂର୍ଣ୍ଣ ଛନ୍ଦରେ ଥିଲେ ତାହାକୁ ଚକ୍ରସିଂହାବଲୋକନ କହନ୍ତି । ଏଥିର ଉଦାହରଣ ଉପେ. ବୈଦେହୀଶବିଳାସ ତିଂଶ ଛନ୍ଦରେ ଅଛି ।]

ଚକ୍ରହସ୍ତ—ସଂ. ବି. ପୁଂ. (ବହୁବ୍ରୀହି; ଚକ୍ର+ହସ୍ତ)—ବିଷ୍ଣୁ—
Chakrahasta Bishṇu.
(ଚକ୍ରହସ୍ତା—ସ୍ତ୍ରୀ) ସଂ. ବିଣ. ପୁଂ.—ଚକ୍ର ଧାରଣକାରୀ—
Holding or armed with a discus.

ଚକ୍ରା—ସଂ. ବି.—୧ । ନାଗର ମୁଥା (ଦେଖ)
Chakrā Nāgaramuthā (See)
୨ । କକଡ଼ାଶୃଙ୍ଗୀ (ଦେଖ)
2. Kakarḏāśṛuṅgī (See)

ଚକ୍ରାକାର—ସଂ. ବିଣ. (ବହୁବ୍ରୀହି; ଚକ୍ର+ଆକାର)—ମଣ୍ଡଳାକାର; ଗୋଲ—Round; circular.
Chakrākāra
(ଚକ୍ରାକୃତି—ଅନ୍ୟରୂପ)

ଚକ୍ରାଙ୍ଗୀ—ସଂ. ବି.—ମାଈହଂସ —
Chakrākī Goose.
(ଚକ୍ରାଙ୍ଗୀ—ଅନ୍ୟରୂପ)

ଚକ୍ରାଙ୍କ—ସଂ. ବି. (ଷଷ୍ଠୀ ତତ୍; ଚକ୍ର+ଅଙ୍କ)—୧ । ଚକ୍ରର ଚିହ୍ନ—
Chakrāṅka 1. The mark or sign of a wheel.
୨ । ଚକ୍ରମୁଦ୍ରା (ଦେଖ)—2. Chakramudrā (See)

ଚକ୍ରାଙ୍ଗ—ସଂ. ବି. (ବହୁବ୍ରୀହି; ଚକ୍ର+ଅଙ୍ଗ)—୧ । ରଥ; ଗାଡ଼ି—
Chakrāṅga 1. Wheeled vehicle; cart.
୨ । ବଗିଚ୍ଚ—2. Pleasure garden
୩ । ବତକ; ହଂସ—3. Swan; gander.
୪ । ଛତା—Parasol umbrella.
୫ । ଚକ୍ରବାକ ପକ୍ଷୀ—5. Ruddy goose.
୬ । ହିଡ଼ମିଚ ଶାଗ—(ହି. ଶବ୍ଦସାଗର)—
6. A kind of pot herb.
୭ । କଟୁକୀ (ହି. ଶବ୍ଦସାଗର)—7. A herb.

ଚକ୍ରାଙ୍ଗୀ—ସଂ. ବି ସ୍ତ୍ରୀ.—୧ । କଟୁକୀ (ଦେଖ)
Chakrāṅgī 1. Kaṭukī (See)
୨ । ମାଈ ବତକ—2. Goose.
୩ । ହୁଲହୁଲେ ମୋଚକା ଶାଗ—3 A kind of potherb.
୪ । ମଞ୍ଜିଷ୍ଠା—4. Indian madder.
୫ । କକଡ଼ାଶୃଙ୍ଗୀ (ଦେଖ)
5. Kakarḏāśṛuṅgī (See)

ଚକ୍ରାଟ—ସଂ. ବି. (ଚକ୍ର+ଗ୍ରାମସମୂହ+ଅଟ ଧାତୁ=ଭ୍ରମଣ କରିବା+କର୍ତ୍ତୃ. ଅ)—୧ । ଠକ; ପ୍ରତାରକ—
Chakrāṭa
1. A knave; a cheat; a rogue.
୨ । ଐନ୍ଦ୍ରଜାଲିକ; କୁହୁକିଆ—2. A juggler.
୩ । ସାପୁଆ କେଳା—3. A snake charmer.
୪ । ସ୍ୱର୍ଣ୍ଣମୁଦ୍ରା; ଦିନାର—4. A gold coin.

ଚକ୍ରାଧିବାସୀ—ସଂ. ବି.—ଲେମ୍ବୁ—
Chakrādhibāsī Orange.

> ସାଧାରଣ ଲେକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କଥ' ନ ମିଳିଲେ 'କୂଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

ଚକ୍ରାନ୍ତ—ସଂ. ବି. (ଚକ୍ର+ଅନ୍ତ; ୬ଷ୍ଠୀ ତତ୍)—୧ । ଷଡ଼ଯନ୍ତ୍ର; କୁମନ୍ତ୍ରଣା;
Chakrānta ପରର ଅନିଷ୍ଟ ସାଧନାର୍ଥ ଗୁପ୍ତ ମନ୍ତ୍ରଣା—
1. Evil plot; conspiracy;.
୨ । ମେଳ—2. Combination.

ଚକ୍ରାବର୍ତ୍ତ—ସଂ. ବି.—(ଚକ୍ର+ଆବର୍ତ୍ତ)—୧ । ଚକାଭଉଁରି; ଘୂର୍ଣ୍ଣନ;
Chakrābartta ମଣ୍ଡଳାକାର ଭ୍ରମଣ; ଚକ ପରି ଘାଉଁରି ଖାଇବା—
1. Whirling motion; movement in a circle.
୨ । ପରିକ୍ରମା—2. Walking in a circuit; circumambulation.

ଚକ୍ରାୟୁଧ—ସଂ.ବିଣ.(ବହୁବ୍ରୀହି; ଚକ୍ର+ଆୟୁଧ) ଯାହାର ଚକ୍ର ଅସ୍ତ୍ର ଅଟେ
Chakrāyudha Having the discus as his weapon.
ସଂ. ବି.—ବିଷ୍ଣୁ—Bishṇu.

ଚକ୍ରାହ୍ୱ—ସଂ. ବି. (ବହୁବ୍ରୀହି; ଚକ୍ର+ଆହ୍ୱା)—ଚକ୍ରବାକ ପକ୍ଷୀ—
Chakrāhwa Ruddy goose.
(ଚକ୍ରାହ୍ୱୟ—ଅନ୍ୟରୂପ)

ଚକ୍ରିଆ—ଦେ. ବିଣ. (ସଂ. ଚକ୍ରୀ)—୧ । କୁମନ୍ତ୍ରଣାକାରୀ—
Chakriā 1. Conspiring.
୨ । ପ୍ରତାରକ—2. Cheating; deceitful.

ଚକ୍ରିକ—ସଂ. ବିଣ. ପୁଂ. (ଚକ୍ର+ଇକ)—ଚକ୍ରଧାରୀ—
Chakrika Armed with discus.
ସଂ. ବି—୧ । କୂଟ—1. Fraudulent; device.
୨ । ଚକ୍ରଧର; ଚକ୍ରଧାରୀ ବ୍ୟକ୍ତି—
2. A person armed with the discus.

ଚକ୍ରିକା—ସଂ. ବି. ସ୍ତ୍ରୀ. (ଚକ୍ରକ+ଆ)—
Chakrikā ୧ । ଅଣ୍ଟୁର ଗୋଲ ହାଡ଼ ବା ଚକି—1. The circular bone at the knee joint; kneebone.
୨ । ଜାନୁ—2. Knee.
୩ । ରାଶି; ଗଦା—3. Heap.
୪ । ଦଳ—4. Troop; crowd.
୫ । ସେନା ଦଳ—5. A troop of soldiers.

ଚକ୍ରିଣୀ—ଦେ. ବି. (ଚକ୍ରିନ୍+ଈ)—ରଥ—
Chakriṇī Chariot.
କୃଷ୍ଣଙ୍କୁ ରଥୁଁ କରି ଅବରୋଧି
କୋପଭରେ ସେ ଚକ୍ରିଣୀ ଅରୋହି । ବୀ. କୃଷ୍ଣ—ରସକଲ୍ଲୋଳ ।
ସଂ. ବି ଓ ବିଣ. ସ୍ତ୍ରୀ— ଚକ୍ରୀର ସ୍ତ୍ରୀଲିଙ୍ଗ—
Feminine of Chakrī.

ଚକ୍ରିବାଣ—ଦେ. ବି—ଚକ୍ରୀ (ଦେଖ)
Chakribāṇa Chakrī (See)

ଚକ୍ରିୟ—ସଂ. ବିଣ. ପୁଂ. (ଚକ୍ର+ଇୟ)—
Chakriya ଭ୍ରମଣକାଳରେ ଚକ୍ରଯାନ ଚଢ଼ିଥିବା—
(ଚକ୍ରିୟା—ସ୍ତ୍ରୀ) Going or travelling in a carriage.

ଚକ୍ରୀ—ସଂ. ବି. ପୁଂ. (ଚକ୍ର+ଇନ୍; ୧ମା. ୧ବ.)—୧ । ବିଷ୍ଣୁ—
Chakrī 1. Bishṇu.
(ଚକ୍ରିଣୀ—ସ୍ତ୍ରୀ) ୨ । କୁମ୍ଭକାର—2. Potter.
୩ । ସମ୍ରାଟ୍—3. Emperor.
୪ । ସର୍ପ—4. Serpent; snake.
୫ । ଚକ୍ରବାକ ପକ୍ଷୀ—5. Ruddy shel-drake.
୬ । ତେଲି—6. Oilman.
୭ । ବାଜୀକର—7. Juggler.
୮ । ଗୁପ୍ତଚର; ଗୁଇନ୍ଦା—8. Informer; spy.
୯ । କାକ—9. Crow.
୧୦ । ଗର୍ଦ୍ଦଭ—10. Ass.
୧୧ । ପ୍ରାଦେଶିକ ଶାସନକର୍ତ୍ତା—
11. Provincial Governor.
୧୨ । ଗ୍ରାମର ପୁରୋହିତ (ହି. ଶବ୍ଦସାଗର)—
12. The priest of a whole village.
୧୩ । ବୋକା; ଅଣ୍ଡିରା ଛେଳି (ହି. ଶବ୍ଦସାଗର)—
13. A male goat.
୧୪ । ଚକୁଣ୍ଡା (ଦେଖ)
14. Chakuṇḍā (See)
୧୫ । ତିନିଶ (ଦେଖ)
15. Tinisa (See)
୧୬ । ରଥାରୋହୀ ବ୍ୟକ୍ତି (ହି. ଶବ୍ଦସାଗର)—
16. A person who rides on a car.
୧୭ । ଉଶନସଙ୍କ ଜାତି ବିବେକ ଗ୍ରନ୍ଥରେ ଉଲ୍ଲିଖିତ ବର୍ଣ୍ଣସଙ୍କର ଜାତିବିଶେଷ (ହି. ଶବ୍ଦସାଗର)—
17. Name of a hybrid tribe of ancient India.
୧୮ । (ଚନ୍ଦ୍ରଶେଖରଙ୍କ ମତରେ) ଆର୍ଯ୍ୟାଛନ୍ଦର ୨୬ଟି ଭେଦମଧ୍ୟରୁ ଏକ (ହି. ଶବ୍ଦସାଗର)—
18. Name of a musical tune.
[ଦ୍ର—ଏଥିରେ ୬ ଗୁରୁ ଓ ୪୫ ଲଘୁସ୍ୱର ଥାଏ ।]
ସଂ. ବିଣ—୧ । ଚକ୍ରବିଶିଷ୍ଟ—1. Wheeled.
୨ । ଚକ୍ରଧାରୀ—2 Armed with a discus.
୩ । ଗୋଲାକାର—3. Circular; round.
୪ । ସୂଚକ—4 Indicative.
୫ । କୁମନ୍ତ୍ରଣାକାରକ; ଷଡ଼ଯନ୍ତ୍ରକାରୀ—
5. Plotting; conspirating.
ଦେ. ବି. (ସଂ. ଚକ୍ର)—ଏକ ପ୍ରକାର ବାଣ ଯହିଁରେ ନିଆଁ ଲାଗିଲେ ଚକ ପରି ଘୂରେ—A whirling firework, Catherine wheel.
[ଦ୍ର—ଏହା ୨ ପ୍ରକାର; ଏକପ୍ରକାର ଚକ୍ରୀ ତାଳ ପଟକାପରି, ଏଥିରେ ନିଆଁ ଲଗାଇ ଦେଲେ ଏହା ଚକ ପରି ଘୂରୁ ଘୂରୁ ଶୂନ୍ୟକୁ

୧.	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଷ,ସ	ଙ୍କ	ଇଯ୍	ଡ଼ଅ	ଞ୍ଚ
୨	ଈ	ଊ	ୠ	ୡ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ୱ	ନ୍ତ

ଉଠେ । ଅଛି ଏକ ପ୍ରକାର ଚକ୍ରାକାର କବାରେ ୩୪ ସ୍ଥାନରେ ବାରୁଦ ପୂର୍ଣ୍ଣ ନଳୀ ଲଗିଥାଏ ଓ ଉକ୍ତ ଚକ୍ରର କେନ୍ଦ୍ରକୁ ଭୂମିରେ ପୋତା ବାଉଁଶରେ ବାନ୍ଧିବାକୁ ହୁଏ । ନଳୀ ଲଗାଇଲେ ତାହା ଉକ୍ତ ପୋତା ବାଉଁଶ ଉପରେ ବାରମ୍ବାର ଘୂରେ ।]

ଚକ୍ରୀକରଣ—ସଂ. ବି. (ଚକ୍ର+ଅଭୂତ ତଦ୍ଭାବେ. (ଚ୍ୱି) ଈ+କରଣ)—
Chakrikaraṇa ସିଧା ହୋଇଥିବା କୌଣସି ବସ୍ତୁ (ଧନୁ ଆଦି) (ଚକ୍ରୀକୃତ—ବିଣ) କୁ ଗୋଲ କରିବା—To form into a circle; to make circular.

ଚକ୍ରୀବାନ୍—ସଂ. ବି. (ଚକ୍ରୀ+ବତ୍; ୧ମା. ୧ବ)—
Chakribān ୧ । ଗର୍ଦ୍ଦଭ—1. Ass.
୨ । ନୃପବିଶେଷ (ପ୍ରକୃତିବାଦ)—
2. Name of a king.

ଚକ୍ରେଶ୍ୱର—ସଂ. ବି. (୬ଷ୍ଠୀ ତତ୍; ଚକ୍ର+ଈଶ୍ୱର)—
Chakreśwara ୧ । ସମ୍ରାଟ୍—1. Emperor.
୨ । ରାଜା—2. King.
୩ । ପ୍ରାଦେଶିକଶାସନକର୍ତ୍ତା—
3. Provincial Governor.
୪ । ଜିଲ୍ଲାର ଶାସନକର୍ତ୍ତା—4. District officer.
୫ । ବିଷ୍ଣୁ—5. Bishṇu.
୬ । ତାନ୍ତ୍ରିକ ସାଧନାର ଚକ୍ରର ଅଧିଷ୍ଠାତା—
6. The presiding Deity of a mystic circle of the Tāntrikas.

ଚକ୍ଷ (ଧାତୁ)—ସ—୧ । ବୋଲିବା; କହିବା—
Chaksh (root) 1. To speak; to tell; to say.
୨ । ଖାଇବା—2 To eat.
୩ । ଚାଖିବା—3. To taste.
୪ । ଦେଖିବା—4. To see; to perceive.
୫ । ତ୍ୟାଗ କରିବା—5. To abandon; to leave.

ଚକ୍ଷଣ—ସଂ. ବି. (ଚକ୍ଷ୍ ଧାତୁ+ଅନ)—
Chakshaṇa ୧ । (+ଭାବ. ଅନ) କଥନ—
1. Speaking.
୨ । (+କର୍ମ. ଅନ) ଚଟଣି—2. Sauce; chutney.
୩ । ମଦର ଚାଟ୍; ମଦ୍ୟପାୟୀର ମୁଖରୋଚକ ବସ୍ତୁ; ଚାଖଣା—
3. A relish; a sweet thing taken by the winedrinker after drink.
୪ । ମୁହଁସୁଆଦିଆ ବା କ୍ଷୁଧାବୃଦ୍ଧି କରିବାପାଇଁ ଚାଟ୍ ଚାଖିବା—
4. Eating of a relish to promote appetite.
୫ । (+ଭାବ. ଅନ) ଚାଖିବା—5. Tasting.
୬ । (+ଭାବ. ଅନ) କୃପାଦୃଷ୍ଟି; ଅନୁଗ୍ରହ (ହି. ଶବ୍ଦସାଗର)-
6. A look of favour.

ଚକ୍ଷମ—ସଂ. ବି. (ଚକ୍ଷ୍ ଧାତୁ—କହିବା+କର୍ତ୍ତୃ. ଅମ)—
Chakshama ୧ । ସୁରଗୁରୁ; ବୃହସ୍ପତି—1. Bṛuhaspati.
୨ । ଉପାଧ୍ୟାୟ (ହି. ଶବ୍ଦସାଗର)—
2. Teacher; pedagogue.

ଚକ୍ଷୁ—ଦେ. ବି. (ସଂ. ଚକ୍ଷୁସ୍)—ଚକ୍ଷୁଃ (ଦେଖ)
Chakshu Chakshuḥ (See)
ଚୋକ

ଚକ୍ଷୁଃ—ସଂ. ବି. (ଚକ୍ଷ୍ ଧାତୁ+ଉସ୍)—୧ । (+କରଣ. ଉସ୍) ଆଖି;
Chakshuḥ ନୟନ; ଦର୍ଶନେନ୍ଦ୍ରିୟ—1. Eye.
୨ । (+ଭାବ. ଅନ) ଦୃଷ୍ଟି—2. Sight; vision; look.
୩ । ଦୃଷ୍ଟିଶକ୍ତି—3 The faculty of sight.
୪ । ଉଜ୍ଜ୍ୱଳତା; କାନ୍ତି; ତେଜଃ—
4. Lustre; radiance; splendour.
୫ । ଆଲୋକ—5. Light.
୬ । ଅଜମୀଢ଼ବଂଶୀୟ ପୁରୁଜାନୁଙ୍କ ପୁତ୍ର ଓ ହର୍ଯ୍ୟଶ୍ୱଙ୍କ ପିତା; ବିଷ୍ଣୁପୁରାଣୋକ୍ତ ରାଜାବିଶେଷ —6. Name of a king of ancient India.
୭ । ଅକ୍ସସ୍ ନଦୀ—7 The river Oxus.

[ଦ୍ର—ବିଷ୍ଣୁପୁରାଣରେ ଅଛି ଯେ ଗଙ୍ଗା ବ୍ରହ୍ମଲୋକରୁ ପଡ଼ି ୪ଟି ଧାରାରେ ପ୍ରବାହିତ ହେଲା । ଯେଉଁ ଧାରା କେତୁମାଲ ପର୍ବତ ପାଖରେ ପଶ୍ଚିମସାଗରରେ ଯାଇ ପଡ଼ିଲା ତାହାର ନାମ ଚକ୍ଷୁଃ । ବେଦରେ ମଧ୍ୟ ଏ ନାମ ମିଳେ (ହି. ଶବ୍ଦସାଗର) ।]

ଚକ୍ଷୁଃପଥ—ସଂ. ବି (ଷଷ୍ଠୀତତ୍; ଚକ୍ଷୁଃ+ପଥ)—
Chakshuḥpatha ୧ । ଦୃଷ୍ଟିର ସୀମା—
(ଚକ୍ଷୁଷ୍ପଥ—ଅନ୍ୟରୂପ) 1. Range of vision.
୨ । ଚକ୍ରବାଳ; ଦିଗ୍‌ବଳୟ—2 Horizon.

ଚକ୍ଷୁଃପୀଡ଼ା—ସଂ. ବି (୬ଷ୍ଠୀ ତତ୍; ଚକ୍ଷୁଃ+ପୀଡ଼ା)—
Chakshuḥpirḍa ଆଖି ଟାଣିବା; ଆଖି ଖୁଣ୍ଟିହେବା—
(ଚକ୍ଷୁଷ୍ପୀଡ଼ା—ଅନ୍ୟରୂପ) Pain in the eye.

ଚକ୍ଷୁଃପ୍ରୀତି—ସଂ. ବି—କୌଣସି ସୁନ୍ଦର ବସ୍ତୁ ଦେଖିବାଦ୍ୱାରା ଜନ୍ମିବା
Chakshuḥpriti ଆନନ୍ଦ—Pleasure derived from seeing a beautiful thing.

ଚକ୍ଷୁଃଶୂଳ—ସଂ. ବି (୬ଷ୍ଠୀ ତତ୍; ଚକ୍ଷୁଃ+ଶୂଳ)—୧ । (ଲକ୍ଷଣାର୍ଥ) ଯାହା
Chakshuḥśūla ଦେଖିବା ବ୍ୟକ୍ତିର ମନରେ କଷ୍ଟ ଦିଏ—
1. (fig) An eyesore.
୨ । ଚକ୍ଷୁଃପୀଡ଼ା—2. Pain in the eye.
ସଂ. ବିଣ (ଲକ୍ଷଣାର୍ଥ) ଯାହା ଦେଖିଲେ କଷ୍ଟ ଜାତ ହୁଏ; ନେତ୍ରର ଅପ୍ରୀତିକର—Very unpleasant or offensive to look at.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚକ୍ଷୁଃଶ୍ରବ—ଦେ. ବି (ସଂ. ଚକ୍ଷୁଃଶ୍ରବାଃ)—
Chakshuhśraba ଚକ୍ଷୁଃଶ୍ରବାଃ (ଦେଖ)
(ଚକ୍ଷୁଃଶ୍ରବା—ଅନ୍ୟରୂପ) Chakshuhśrabāh (See).
କୋପେ କମ୍ପଇ ଚକ୍ଷୁଃଶ୍ରବ—ଜଗନ୍ନାଥ. ଭାଗବତ ।

ଚକ୍ଷୁଃଶ୍ରବାଃ—ସଂ. ବି (ବହୁବ୍ରୀହି; ଚକ୍ଷୁ+ଶ୍ରବସ୍; ଯେ ଚକ୍ଷୁଦ୍ୱାରା ଶୁଣେ)—
Chakshuhśrabāh ସର୍ପ—Serpent
[ଦ୍ର—ସାପମାନଙ୍କ ମୁଣ୍ଡରେ କାନ ଦେଖା ନ ଯିବାରୁ ସାପମାନେ ଆଖିଦ୍ୱାରା ଶୁଣନ୍ତି ବୋଲି ଲୋକେ ବିଶ୍ୱାସ କରୁଥିଲେ, କିନ୍ତୁ ଆଧୁନିକ ପଣ୍ଡିତମାନେ ସ୍ଥିର କରିଅଛନ୍ତି ଯେ ସର୍ପମାନଙ୍କର ସ୍ୱତନ୍ତ୍ର କର୍ଣ୍ଣଯନ୍ତ୍ର ମସ୍ତକର ଚର୍ମ ତଳେ ନାହିଁ ।]

ଚକ୍ଷୁଃସ୍ପନ୍ଦନ—ସଂ. ବି (୬ଷ୍ଠୀ ତତ୍; ଚକ୍ଷୁଃ+ସ୍ପନ୍ଦନ)—
Chakshuhspandana ଆଖିର ପତା ଡେଇଁବା—
(ଚକ୍ଷୁସ୍ପନ୍ଦନ, ଚକ୍ଷୁଃସ୍ଫୁରଣ, ଚକ୍ଷୁସ୍ଫୁରଣ—ଅନ୍ୟରୂପ) The throbbing of the eyelid; involuntary vibration of the different parts of the eyelid.
[ଦ୍ର—ବେଳେବେଳେ ଆଖିର ଉପରପତା, ଆଖିର ତଳପତା, ଆଖିପତାର କୋଣ ଓ ଆଖିପତାର ପ୍ରାନ୍ତର ସ୍ପନ୍ଦନ ହୁଏ । ପୁରୁଷର ଡାହାଣ ଆଖିର ଓ ସ୍ତ୍ରୀର ବାମ ଆଖିର ଭିନ୍ନ ଭିନ୍ନ ଅଂଶର ସ୍ପନ୍ଦନ ହେଲେ ଶୁଭମଙ୍ଗଳର ଓ ପୁରୁଷର ବାମ ଆଖି ଓ ସ୍ତ୍ରୀର ଡାହାଣ ଆଖିର ଭିନ୍ନ ଭିନ୍ନ ଅଂଶର ସ୍ପନ୍ଦନ ହେଲେ ଅଶୁଭ ଅମଙ୍ଗଳର ସୂଚନା ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି ।]

ଚକ୍ଷୁ କର୍ଣ୍ଣର ବିବାଦ ମେଣ୍ଟାଇବା—ଦେ. କ୍ରି—ଶୁଣିଥିବା ବିଷୟକୁ ଦର୍ଶନ
Chakshu karṇṇara bibāda meṇṭāibā—କରିବା ଦ୍ୱାରା
চক্ষু কর্ণের বিবাদ মেটান ଶୁଣା କଥା ଓ ଦେଖା କଥା ଏକ ଥିବା
ଜାଣି ସନ୍ତୁଷ୍ଟ ହେବା—To test the truth or otherwise of a report (heard) about a thing or person by actually seeing the thing or person.

ଚକ୍ଷୁ କର୍ଣ୍ଣର ବିବାଦ ମେଣ୍ଟିବା—ଦେ. କ୍ରି—ଶୁଣିଥିବା ବିଷୟ ବା
Chakshu karṇṇara bibāda meṇṭibā ବର୍ଣ୍ଣନାକୁ ସ୍ୱଚକ୍ଷୁରେ
চক্ষু কর্ণের বিবাদ মিটা ଦେଖିବାଦ୍ୱାରା ଶୁଣା କଥା ସଙ୍ଗେ ଦେଖା
କଥାର ସାମଞ୍ଜସ୍ୟ ପ୍ରତିପାଦିତ ହେବା—
Reconciliation of the hearsay report with the actual facts by visual test.

ଚକ୍ଷୁଖୋଲିବା—ଦେ. କ୍ରି—ଆଖି ମେଲକରିବା—
Chakshu kholibā To open one's eyes.
চোখ খুলা ଦେ. କ୍ରି—(ଲକ୍ଷଣାର୍ଥ) ଚୈତନ୍ୟ ଉଦୟ ହେବା; ପ୍ରକୃତ
आंख खुलना ଅବସ୍ଥା ହୃଦୟଙ୍ଗମ ହେବା—
, (figurative) Becoming alive to the reality.

ଚକ୍ଷୁଗୋଚର—ଦେ. ବିଣ (ସଂ. ଚକ୍ଷୁର୍ଗୋଚର)—
Chakshugochara ଚକ୍ଷୁର୍ଗୋଚର (ଦେଖ)
Chakshurgochara (See).

ଚକ୍ଷୁଦାନ—ଦେ. ବି—(ସଂ. ଚକ୍ଷୁର୍ଦାନ)—ଚକ୍ଷୁର୍ଦାନ (ଦେଖ).
Chakshudāna Chakshurdāna (See)

ଚକ୍ଷୁ ପୀଡ଼ା—ଦେ. ବି—(ସଂ. ଚକ୍ଷୁଃ ପୀଡ଼ା)—୧ । ଚକ୍ଷୁଃ ପୀଡ଼ା (ଦେଖ)
Chakshu pirḍā Chakshuh pirḍā (See)

ଚକ୍ଷୁରୋଗ—ସଂ. ବି—(ଚକ୍ଷୁଃ+ରୋଗ)—ଚକ୍ଷୁକୁ ବାଧା କରିବା ରୋଗ;
Chakshuroga ନେତ୍ରବ୍ୟାଧି—Eye disease (M. W)
(ଚକ୍ଷୂରୋଗ-ଅନ୍ୟରୂପ)

ଚକ୍ଷୁର୍ଗୋଚର—ସଂ. ବିଣ.—(୬ଷ୍ଠୀ ତତ୍; ଚକ୍ଷୁଃ+ଗୋଚର)—
Chakshurgochara ୧ । ଦୃଷ୍ଟିଗୋଚର—1. Coming
(ଚକ୍ଷୁର୍ଗୋଚରା—ସ୍ତ୍ରୀ) under the ken of one's eyes.
୨ । ଦେଖା ଯାଉଥିବା—3. Visible.

ଚକ୍ଷୁର୍ଗ୍ରହଣ—ସଂ. ବି. (୬ଷ୍ଠୀ ତତ୍; ଚକ୍ଷୁଃ+ଗ୍ରହଣ)—ଆଖିଧରା ରୋଗ—
Chakshurgrahaṇa A morbid affection of the eye

ଚକ୍ଷୁର୍ଦାନ—ସଂ. ବି—(୬ଷ୍ଠୀ ତତ୍; ଚକ୍ଷୁଃ+ଦାନ)—୧ । ଚିକିତ୍ସା ବା
Chakshurdāna ଔଷଧପ୍ରୟୋଗ ଦ୍ୱାରା ଲୁପ୍ତ ଦୃଷ୍ଟିଶକ୍ତିକୁ
ଉଦ୍ଧାର କରିବା—1. Restoration of lost eyesight by treatment.
୨ । ଦେବ ପ୍ରତିମାର ଚକ୍ଷୁରେ ରଙ୍ଗ ଦେଇ ମନ୍ତ୍ରଦ୍ୱାରା ପ୍ରାଣପ୍ରତିଷ୍ଠା କରିବା; ଚକ୍ଷୁଦାନ—2. The ritual of painting the eyes of an image and infusing life into it.

ଚକ୍ଷୁର୍ବନ୍ଧ—ସଂ. ବି.—(୬ଷ୍ଠୀ ତତ୍; ଚକ୍ଷୁଃ+ବନ୍ଧ)—
Chakshurbandha ୧ । ଆଖିରେ ଅନ୍ଧପୋଟଳି ବାନ୍ଧିବା—
(ଚକ୍ଷୁର୍ବନ୍ଧନ—ଅନ୍ୟରୂପ) 1. Putting of a blind over the eyes
୨ । ମନ୍ତ୍ରପ୍ରୟୋଗ ଦ୍ୱାରା ଦୃଷ୍ଟିଶକ୍ତିର ଲୋପକରଣ—
2. Blinding the sight by charms.

ଚକ୍ଷୁର୍ବିଷୟ—ସଂ. ବି.—(୬ଷ୍ଠୀ ତତ୍; ଚକ୍ଷୁଃ+ବିଷୟ)—
Chakshurbishaya ନୟନଗୋଚର; ଦର୍ଶନୀୟ ବସ୍ତୁ—
Thing seen by the eye; object of sight
ସଂ. ବିଣ—ଦର୍ଶନୀୟ—Perceivable by the eye; perceptible.

ଚକ୍ଷୁର୍ମଳ—ସଂ. ବି. (୬ଷ୍ଠୀ ତତ୍; ଚକ୍ଷୁଃ+ମଳ)—ଆଖିର ଲେଦରା—
Chakshurmaḷa The excretion of the eye; rheum of the eye.

ଚକ୍ଷୁର୍ଲଜ୍ଜା—ସଂ. ବି—(ମ. ପ. ଲୋ; ଚକ୍ଷୁଦ୍ୱାରା ଅନୁଭୂତ ଲଜ୍ଜା)—
Chakshurlajjā ମୋହବତ; ମୁହଁ ଉପରୋଧ; ଅଶିଷ୍ଟ ଆଚରଣ
ହେତୁ ଲଜ୍ଜା ବୋଧ ବା କୁଣ୍ଠା ବୋଧ—
Scruple; sensitiveness felt by one in the presence of a gentleman.

୧.	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଏ	ଢ଼ଅ	ଝ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ

ଚକ୍ଷୁଲଜ୍ଜା—ଦେ. ବି. (ସଂ. ଚକ୍ଷୁର୍ଲଜ୍ଜା)—ଚକ୍ଷୁର୍ଲଜ୍ଜା (ଦେଖ)
Chakshulajjā Chakshurlajjā (See)
ଏ ପଦଗୌରବ ଏତେ ସାଜସଜ୍ଜା—
ପ୍ରତାପର ତଳେ ନାହିଁ ଚକ୍ଷୁଲଜ୍ଜା । ରାଧାନାଥ—ଦରବାର ।

ଚକ୍ଷୁଷ୍କର୍ଣ୍ଣ—ସଂ. ବି. (ବହୁବ୍ରୀହି; ଚକ୍ଷୁଃ ଅଟେ କର୍ଣ୍ଣ ଯାହାର)—ଚକ୍ଷୁଃଶ୍ରବାଃ,
Chakshushkarṇṇa ସର୍ପ—Serpent (M. W.)

ଚକ୍ଷୁଷ୍ପତି—ସଂ. ବି.—(୬ଷ୍ଠୀ ତତ୍; ଚକ୍ଷୁଃ=ଆଲୋକ+ପତି)—
Chakshushpati ସୂର୍ଯ୍ୟ (ହି. ଶବ୍ଦସାଗର)—The sun.

ଚକ୍ଷୁଷ୍ପୀଡ଼ା—ସଂ. ବି.—ଚକ୍ଷୁଃ ପୀଡ଼ା (ଦେଖ)
Chakshushpirḍā Chakshuḥ pirḍā (See)

ଚକ୍ଷୁଷ୍ମତ୍ତା—ସଂ. ବି (ଚକ୍ଷୁଷ୍ମତ୍+ତା)—୧ । ଦୃଷ୍ଟିର ଶକ୍ତି—
Chakshushmattā 1. The faculty of sight.
(ଚକ୍ଷୁଷ୍ମତ୍ତ୍ୱ—ଅନ୍ୟରୂପ) ୨ । ପ୍ରଖର ଦୃଷ୍ଟିଶକ୍ତି—
2. Keen eye-sight.
୩ । ସ୍ପଷ୍ଟ ଦେଖି ପାରିବା—3 Clear vision.

ଚକ୍ଷୁଷ୍ମାନ୍—ସଂ. ବିଣ. ପୁଂ (ଚକ୍ଷୁଃ+ମତ୍; ୧ମା. ୧ବ; ଶବ୍ଦବିଧାନର
Chakshushmān ନିୟମ ଅନୁସାରେ ସ+ମ ମିଶି 'ଷ୍ମ' ହେଲା)—
(ଚକ୍ଷୁଷ୍ମତୀ—ସ୍ତ୍ରୀ) ୧ । ଯାହାର ଆଖି ଅଛି—1. Having eyes.
୨ । ସ୍ପଷ୍ଟ ଦୃଷ୍ଟିଶକ୍ତିଯୁକ୍ତ—
2. Having clear eye-sights; clear-sighted.
୩ । ଯାହାର ପ୍ରଖର ଦୃଷ୍ଟିଶକ୍ତି ଅଛି—3. Keen sighted.
୪ । ଯାହାର ଦୃଷ୍ଟିଶକ୍ତି ଅଛି —
4. Endowed with the faculty of sight.

ଚକ୍ଷୁଷ୍ୟ—ସଂ. ବିଣ (ଚକ୍ଷୁସ୍+ହିତାର୍ଥ. ଯ)—୧ । ଚକ୍ଷୁର ହିତକର—
Chakshushya 1. Beneficial to the eye.
(ଚକ୍ଷୁଷ୍ୟା—ସ୍ତ୍ରୀ) ୨ । ନୟନାଭିରାମ; ଯାହାକୁ ଦେଖିଲେ ମନ ଆନନ୍ଦିତ ହୁଏ; ପ୍ରିୟ ଦର୍ଶନ—2. Soothing to the eyes; pleasing to the eyes
୩ । ପ୍ରିୟଦର୍ଶନ; ସୁନ୍ଦର—
3. Beautiful; good-looking.
୪ । ଯାହା ଦୃଷ୍ଟିଶକ୍ତିର ହିତକର—
4. Wholesome for the eye-sight.
ସଂ. ବି—୧ । ଆଖି ପାଇଁ କଜ୍ଜ୍ୱଳ—1. Collyrium.
୨ । କିଆଗଛ—2. Pandanus Odoratissinus; the screwpine (M. W.)
୩ । ସଜନାଗଛ—
3. Hyperanthera Moringa (tree) (M. W.)
୪ । ପ୍ରପୌଣ୍ଡ୍ରୀକ ଗୁଳ୍ମ—
4. A kind of small shrub (M. W.)

ଚକ୍ଷୁଷ୍ୟା—ସଂ. ବିଣ. ସ୍ତ୍ରୀ (ଚକ୍ଷୁଷ୍ୟ+ଆ)—ଚକ୍ଷୁଷ୍ୟର ସ୍ତ୍ରୀଲିଙ୍ଗ—
Chakshushyā Feminine of Chakshushya.
ସଂ. ବି. ସ୍ତ୍ରୀ—୧ । ସୁନ୍ଦରୀ ସ୍ତ୍ରୀ—1. A graceful woman.
୨ । ଏକପ୍ରକାର କଜ୍ଜ୍ୱଳ—2. A kind of collyrium.
୩ । କିଆଗଛ—
3. Pandanus Odoratissinus (M. W.)

ଚକ୍ଷୂରାଗ—ସଂ. ବି (ଚକ୍ଷୁଃ+ରାଗ; ସନ୍ଧିରେ 'ଉ' ଠାରେ 'ଊ')—
Chakshūrāga ୧ । ଚକ୍ଷୁର ରକ୍ତିମା—1. Redness of the eye.
୨ । ଚକ୍ଷୁକୁ କଜ୍ଜ୍ୱଳ ଆଦି ରଙ୍ଗଦେଇ ରଙ୍ଗାଇବା—
2. Painting the eye-lids with collyrium etc.
୩ । ଚକ୍ଷୁଃପ୍ରୀତି (ଦେଖ)—
3. Chakshuḥpriti (See) (M. W.)

ଚକ୍ଷୂରୋଗ—ସଂ. ବି (୬ଷ୍ଠୀ ତତ୍; ଚକ୍ଷୁଃ+ରୋଗ, ସନ୍ଧି ଯୋଗେ 'ଉ'
Chakshūroga ଠାରେ 'ଊ') ନେତ୍ରରୋଗ—
ଚକ୍ଷୁରୋଗ—ଅନ୍ୟରୂପ) Disease of the eye.

ଚଖ୍‌ନା—ପ୍ରାଦେ. (ସମ୍ବଲପୁର) ବି—ଚାଖଣା; ଚାଖିବା ଯୋଗ୍ୟ ବସ୍ତୁ—
Chakhnā A thing which is eaten by licking.

ଚଖ—ପ୍ରାଦେ (ସିଂହଭୂମ) କ୍ରି—ଅସ୍ତ୍ରାଦି ପଜାଇବା—
Chakha Whetting of weapons.

ଚଖଁଡ଼ା ପ୍ରାଦେ (ସମ୍ବଲପୁର) ବି. (ସଂ. ଚକ୍ରମର୍ଦ୍ଦ)—ଚାକୁଣ୍ଡା (ଦେଖ)
Chakhaṅrḍā Chākuṇḍā (See)

ଚଖା—ଦେ. ବି.—(ସଂ. ଚଷଣ)—ଜିହ୍ୱାଦ୍ୱାରା ସ୍ୱାଦଗ୍ରହଣ; ଚାଖିବା କର୍ମ—
Chakhā Tasting.
চাকা, চাখা
चखना
(ଚଖୁଆଣୀ—ସ୍ତ୍ରୀ) ଦେ. ବିଣ. ପୁଂ—୧ । ଯେ ସବୁ ପଦାର୍ଥ ଚାଖେ କିନ୍ତୁ କୌଣସି ପଦାର୍ଥ ଖାଏନାହିଁ—1. Tasting everything but not eating anything.
୨ । ଯେ ଖାଦ୍ୟଦ୍ରବ୍ୟ କିଣିବା ବାହାନାରେ ସବୁ ଖାଦ୍ୟ ଦ୍ରବ୍ୟରୁ ଟିକିଏ ଟିକିଏ ଚାଖେ କିନ୍ତୁ ଶେଷରେ ସ୍ୱାଦ ଗ୍ରହଣ କରିସାରି ଫାଙ୍କିଦେଇ କୌଣସି ପଦାର୍ଥ ନ କିଣି ଚାଲିଯାଏ—2. One who, pretending to purchase different foods exposed for sale after ascertaining which is good and which is bad tastes different articles, but goes away without purchasing anything.
୩ । (ଗାଳିରେ ବ୍ୟବହୃତ) ଯେ କୌଣସି ଗୋଟିଏ ବିଷୟରେ ଦୃଢ଼ଭାବରେ ନ ଧରି ଆଜି ଏ କାମ କାଲି ସେ କାମ କରେ ଓ ସବୁ କାମକୁ ଚାଖିଲାପରି ଚାଖିଦେଇ ଛାଡ଼ିଦିଏ—3. (term of abuse) A person who does not stick to any particular thing or profession; a jack of all trades.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୪ । ଚଖା ହୋଇଥିବା ବସ୍ତୁ— 4. (a thing) Tasted.
ଚକ୍ଷୁଲାଗୀ ଏକ ଭକ୍ତେ, ଚଖା ଦ୍ରବ୍ୟେ ଲୋଭ ଭକ୍ତେ—
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଚଖାଇବା— ଦେ. କ୍ରି—(ସଂ. ଚଷ ଧାତୁର ଣିଜନ୍ତ)—୧ । ଚାଖିବା କ୍ରିୟାର
Chakhāibā ଣିଜନ୍ତ ରୂପ—1. Causative of Chākhibā.
চাখান ୨ । ଅନ୍ୟ ବ୍ୟକ୍ତିଙ୍କୁ କୌଣସି ପଦାର୍ଥ ଚାଖିବାର ସୁଯୋଗ
चखाना ବା ଅନୁମତି ଦେବା—2. To permit or cause a
(ଚଖେଇବା—ଅନ୍ୟରୂପ) person to taste a thing.
ଚାଖିଲ ବୁଝାଇଲ ଦେଉଛି ଜ୍ଞାନକୁ—କୃଷ୍ଣସିଂହ. ମହାଭାରତ. ସଭାପର୍ବ ।

ଚଖାଚଖି – ଦେ. ବି—୧ । ଅନେକ ବସ୍ତୁଙ୍କୁ ଚାଖିବା କର୍ମ—
Chakhāchakhi 1. Tasting of many things.
চাখাচাখি ୨ । କୌଣସି ବସ୍ତୁର ସ୍ୱାଦ ପରସ୍ପରକୁ ଗ୍ରହଣ କରିବା—
चखाचखी 2. Causing each other to taste anything.
୩ । (ଲକ୍ଷଣାର୍ଥ) ପରସ୍ପରର ବଳ ବା ପରାକ୍ରମ ପରୀକ୍ଷା କରିବା; କଷାକଷି—3. Tasting of each other's strength or might.
୪ । ବିବାଦ; ବୈର—4. Dispute.
ଦେ. ବିଣ—ପରସ୍ପର ବଳ କଷାକଷି ହେଉଥିବା (ବ୍ୟକ୍ତି ଦ୍ୱୟ)—
(two persons) Engaged in tasting each other's strength.

ଚଖୁ—ଗ୍ରା. ବି. (ସଂ. ଚକ୍ଷୁଃ)—ଚକ୍ଷୁଃ; ଆଖି—
Chakhu Eye.
চোখ
चखु

ଚଗଲ୍—ଦେ· ବି.—(ସଂ. ଚପଳ; କମ୍ପା ଚଗଲ)—୧ । ଅସ୍ଥିରତା;
Chagal ଚପଳତା—1. Unstability;
चुलबुल restlessness; fickleness.
୨ । ଅମନୋଯୋଗ—2. Inattention.
ଦେ. ବିଣ—୧ । ଅସ୍ଥିର—1. Restless.
୨ । ଅମନୋଯୋଗୀ—2. Inattentive.

ଚଗଲ୍‌ବଗଲ୍—ଦେ. ବିଣ.—(ଫା. ଅଗଲ୍ ବଗଲ୍ କମ୍ପା. ସଂ. ଚପଳ
Chagalbagal ସଙ୍ଗେ ଅନର୍ଥକ ଧ୍ୱନ୍ୟନୁକାରୀ ୨ୟ ସହଚର)—
୧ । ଚଞ୍ଚଳ ମତି; ଚପଳ— Fickle.
अगल बगल ୨ । ଅସ୍ଥିର—2. Restless.
ଦେ. ବି.—୧ । ଅସ୍ଥିରତା—1. Restlessness.
୨ । ଅନିଶ୍ଚିତତା—2. Uncertainty.

ଚଗଲପଣ—ଦେ. ବି.—୧ । ଦୁଷ୍ଟାମି—1. Wickedness.
Chagalapaṇa ୨ । ଅସ୍ଥିରତା—2. Restlessness; fickleness.
(ଚଗଲପଣିଆଁ—ଅନ୍ୟରୂପ)
चुलबुलापन ୩ । ଅମନୋଯୋଗିତା—3. Inattentiveness

ଚଗଲା—ଦେ. ବିଣ. ପୁଂ. (ସଂ. ଚଗଲ=ଧୂର୍ତ୍ତ; ସଂ. ଚପଳ, ଭୁଲ. ହି.
Chagalā ଚଗଡ୍ =ଚତୁର; ସଂ. ଚଙ୍ଗ=ଦକ୍ଷ)—
চেঁগলা, চেঁগড়া ୧ । ଅସ୍ଥିରମନା; ଚପଳ; ଚଞ୍ଚଳମତି—
चिबिल्ला, चुलबुला 1. Fickle; of unstable mind.
चिलबिला ୨ । ମନୋଯୋଗହୀନ; ଅମନୋଯୋଗୀ—
(ଚଗଲୀ—ସ୍ତ୍ରୀ) 2. Inattentive; of wandering mind
ଚଗଲା, ଚଗଲାପଣିଆଁ, ଚଗଲାମି } ବି ୩ । ଦୁଷ୍ଟ—3. Wicked; naughty.
୪ । ଅସ୍ଥିର—4. Restless.
୫ । ଚିନ୍ତିତ ବା କୃତ ବିଷୟରୁ ଅନ୍ୟ ଆଡ଼କୁ ଆକର୍ଷିତ ମନ-
5. (mind) Diverted from the act or thought in hand.

ଚଗଲିଆ— ପ୍ରାଦେ. (ସମ୍ବଲପୁର) ବିଣ—ଚଗଲା; ଅସ୍ଥିର—
Chagaliā Restless.

ଚଗଲେଇବା—ଦେ. କ୍ରି—(ମନକୁ) ଅସ୍ଥିର କରିବା ବା ଚଞ୍ଚଳ କରିବା-
Chagaleibā To divert (one's attention) to allow one's mind to rove.

ଚଘିବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଆରୋହଣ କରିବା; ଚଢ଼ିବା—
Chaghibā 1. To ride; to ascend.
୨ । ଅବରୋହଣ କରିବା—
2. To descend to alight; to get down.

ଚଙ୍କାଇବା—ଦେ. କ୍ରି. (ସଂ. ଚଙ୍କ୍ରମ ଧାତୁର ଣିଜନ୍ତ)—
Chaṅkāibā ୧ । ଚଙ୍କିବା କ୍ରିୟାର ଣିଜନ୍ତ ରୂପ—
সরান 1. Causative of Chaṅkibā.
सरकाना ୨ । ଘୁଞ୍ଚାଇବା; ସ୍ଥାନଚ୍ୟୁତ କରିବା—To dis-
(ଚଙ୍କେଇବା—ଅନ୍ୟରୂପ) place; to cause to budge.

ଚଙ୍କିବା— ଦେ. କ୍ରି. (ଚଂକ୍ରମଣ)—
Chaṅkibā ସାମାନ୍ୟ ମାତ୍ର ହଲିବା ବା ସ୍ଥାନାନ୍ତର ହେବା—
সরা To budge; to move a little.
सरकना ସମସ୍ତେ ମିଶି କୁମ୍ଭକର୍ଣ୍ଣଙ୍କୁ ହଲାଇଲେ, କୁମ୍ଭକର୍ଣ୍ଣ ଚଙ୍କିଲା ନାହିଁ ।
(ଚଙ୍କାଇବା—ଣିଜନ୍ତରୂପ) ନୀଳକଣ୍ଠ ଦାସ. ପିଲାଙ୍କ ରାମାୟଣ ।

ଚଙ୍କୁଣ— ସଂ. ବି. (କ୍ରମ ଧାତୁ ଯଙ୍‌ଲୁଗନ୍ତ=ଚଙ୍କ୍ରମ ଧାତୁ+ଉଣ)—
Chaṅkuṇa ୧ । (ଭାବ. ଉଣ) ପୁନଃ ପୁନଃ ଗମନ କରିବା—
1. Going repeatedly, repeated movements.
୨ । (+କର୍ତ୍ତୃ. ଉଣ) ଚଙ୍କୁର (ଦେଖ)
2. Chaṅkura (See)

ଚଙ୍କୁର – ସଂ. ବି. (କ୍ରମ ଧାତୁ; ପୁନଃ ପୁନଃ ଅର୍ଥରେ ଯଙ୍‌ଲୁଗନ୍ତ=
Chaṅkura ଚଙ୍କ୍ରମ ଧାତୁ+କର୍ତ୍ତୃ. ଉର)—୧ । ବୃକ୍ଷ—1. Tree.
୨ । ଗାଡ଼ି—2. Carriage.
୩ । ଚକ୍ରବିଶିଷ୍ଟ ଯାନ—
3. Any vehicle or wheeled contrivance; car.

୧	ଇ	ଉ	ଋ,ୠ	ଓ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଇସ୍	ଉଅ	ୱ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଔ	ନ୍ତୁ

ଚଙ୍କ୍ରମଣ—ସଂ ବି. (କ୍ରମ ଧାତୁ; ପୁନଃ ପୁନଃ ଅର୍ଥରେ ଯଙ୍‌ଲୁଗନ୍ତ=
Chankramana ଚଙ୍କ୍ରମ୍ ଧାତୁ+ଭାବ. ଅନ)—୧ । ଇତସ୍ତତଃ
(ଚଙ୍କମା—ଅନ୍ୟରୂପ) ଭ୍ରମଣ—1 Moving about.
୨ । ଧୀରେ ଧୀରେ ପୁନଃ ପୁନଃ ଗମନ—2. Slowly moving up and down; coming and going.
୩ । ପୁନଃ ପୁନଃ ଭ୍ରମଣ—
3. Roving about.
୪ । ବାରମ୍ବାର ଘୂରିବା—4. Repeated whirling.
୫ । ଭ୍ରମଣ—5. Walking.
୬ । ପରିଭ୍ରମଣ—6. Travelling.
୭ । ଧୀରଗତି—7. Slow movement.
୮ । ବକ୍ର ଗମନ—
8. Going crookedly or tortuously.
୯ । କୁଦା—9. Leap; jump; spring.

ଚଙ୍ଗ୍ରା—ପ୍ରାଦେ. (ସମ୍ବଲପୁର) ବି. (ସଂ. ଚଙ୍ଗେରିକ; ଚଙ୍ଗେର; ତୁଳ. ହି.
Changrā ଚଙ୍ଗେରୀ)—ଚଙ୍ଗଡ଼ା; ଚଉକୋଣିଆ ଡାଲା—
A square tray.

ଚଙ୍ଗ—ସଂ. ବିଣ. (ଚ=ଚନ୍ଦ୍ର+ଗମ ଧାତୁ+କର୍ତ୍ତୃ. ଅ; ଯେ ଚନ୍ଦ୍ର
Changa ନିକଟକୁ ଗମନ କରେ ଅର୍ଥାତ୍ ଚନ୍ଦ୍ର ସଙ୍ଗେ ଯାହାର
ତୁଳନା କରାଯାଇ ପାରେ ବା ଯେ ଚନ୍ଦ୍ର ପରି)—
୧ । ସୁନ୍ଦର—1. Beautiful; handsome.
୨ । ଦକ୍ଷ; କର୍ମଠ—2. Clever; fit for work.
୩ । ସୁସ୍ଥ—3. Healthy; hale and hearty.
ସଂ. ବି.—୧ । ମଲ୍ଲ; ପହିଲଵାନ—1. An athlet.
୨ । ଯୋଦ୍ଧା; ସୈନ୍ୟ—2. Warrior; soldier.
ଚଙ୍ଗ ଦେ.ବି.—୧ । ନକାସି କାମ କରା ଥିବା ସୁନା ବା ରୂପାର ବଳୟ—
चंग 1. A gold or silver bracelet on which figures have been wrought.
୨ । ଚମକ—2. Fright; startling.
୩ । ଗଞ୍ଜପାର ଆଠ ରଙ୍ଗରୁ ଏକ ରଙ୍ଗ—3. One of the 8 colours of the ganjapa cards.
୪ । ସିତାରର ଚଢ଼ା ହୋଇଥିବା ସ୍ୱର—
4. Highly pitched tune of guitar.
ଦେ. ବିଣ.—(ସଂ. ଜଙ୍ଗମ)—୧ । ଅସ୍ଥିର—1 Restless.
୨ । ଚଞ୍ଚଳ—2. Active.
୩ । ସ୍ଫୂର୍ତ୍ତିଯୁକ୍ତ—3. Vigorous
ପ୍ରାଦେ.—(ସିଂହଭୂମ) ବି.—କାଗଜଚଢ଼େଇ; ଗୁଡ଼ି—
Paper kite.

ଚଙ୍ଗଚଙ୍ଗ ହେବା—ଦେ. କ୍ରି.—୧ । ଅସ୍ଥିର ହେବା—
Changa changa hebā 1. To become restless.
चमचम ଗୀତର ଶବ୍ଦ ଅନ୍ଧାରର ଅନ୍ଧକାର ଭାଙ୍ଗି ଭେଦ କରି, କାନରେ ପଡ଼ିବାରୁ ବାଘୋଇ ଚଙ୍ଗଚଙ୍ଗ ହୋଇ ଠିଆ ହୋଇ ସେହି ଦିଗକୁ ଅନାଇଲା ।
ଫକୀରମୋହନ. ଛମାଣଆଠଗୁଣ୍ଠ ।
୨ । ଅସ୍ଥିରଭାବରେ ଏଣେତେଣେ ଦୃଷ୍ଟି କରିବା—
2. To look uneasily to this side and that.

ଚଙ୍ଗଚଙ୍ଗିଆ—ଦେ. ବିଣ. ପୁଂ.—(ସଂ. ଚଙ୍ଗ)—୧ । ଅସ୍ଥିର; ଅବ୍ୟ-
Changachangiā ବସ୍ଥିତ ଚିତ୍ତ—1. Unsteady; restless;
চ্যাঙড়া; চনমনা fickleminded.
चङ्गा; चौकन्ना ୨ । ସୁନ୍ଦର—2. Handsome; charming.
(ଚଙ୍ଗଚଙ୍ଗେଇ—ଅନ୍ୟରୂପ) ୩ । ସୁସ୍ଥ ଓ ସବଳ—
3. Spirited and healthy.
୪ । ଯେ ସର୍ବଦା ଚମକେ—4. Hartlish.

ଚଙ୍ଗଡ଼ା—ପ୍ରାଦେ. (ସମ୍ବଲପୁର) ବି—ଚଙ୍ଗ୍ରା (ଦେଖ)
Changardā Changrā (See)

ଚଙ୍ଗାରି—ଦେ. ବି. (ସଂ. ଚଙ୍ଗେରିକ; ଶୃଙ୍ଖଳିକା)—
Changāri ବାଉଁଶ ଟୋକେଇ—
চাঙ্গারী Bamboo basket.
चङ्गेरी

ଚଙ୍ଗି—ଦେ. ବି—ଚଙ୍ଗୁ (ଦେଖ)
Changi Changu (See)

ଚଙ୍ଗିମା—ସଂ. ବି. (ଚଙ୍ଗ+ଇମନ୍)—ସୌନ୍ଦର୍ଯ୍ୟ—
Changimā Beauty; grace.

ଚଙ୍ଗିମାଡ଼—ଦେ. ବି—ଚଙ୍ଗୁମାଡ଼ (ଦେଖ)
Changimārda Changumārda (See)

ଚଙ୍ଗୁ—ଦେ. ବି. (ଫା. ଚଙ୍ଗ)—ଏକପ୍ରକାର ଆନଦ୍ଧବାଦ୍ୟ; ଚଙ୍ଗୁ—
Changu A kind of drum.
चङ्ग [ଦ୍ର—ଏହା କରତଳଦ୍ୱାରା ବଜାନ୍ତି ।]

ଚଙ୍ଗୁମାଡ଼—ଦେ. ବି—ଚଙ୍ଗି ବାଦ୍ୟ ବଜାଇବା; ଚଙ୍ଗୁମାଡ଼—
Changumārda Beating of the (changi) drum.

ଚଙ୍ଘରା—ପ୍ରାଦେ. (ସମ୍ବଲପୁର) ବି. (ତୁଳ. ହି. ଚଁଗେରୀ)—
Changharā ଚଙ୍ଗ୍ରା (ଦେଖ)
Changrā (See)

ଚଚ୍ଚଡ଼ି—ଦେ. ବି. (ବଙ୍ଗଳାରୁ ଅନୁକୃତ; ଧ୍ୱନ୍ୟନୁକରଣ)—
Chachchardi ଚଡ଼ଚଡ଼ି; ଶକ୍ତୁଳା ଭଜା; ଅଳ୍ପ ରସାବଶିଷ୍ଟ
চড়চড়ী ବ୍ୟଞ୍ଜନ—A kind of curry.

ଚଚ୍ଚପୁଟ—ସଂ. ବି—ଚଞ୍ଚତ୍‌ପୁଟ; ସଙ୍ଗୀତର ତାଳବିଶେଷ—
Chachchaputa A kind of musical measure (M.W)
(ଚଚ୍ଚତ୍‌ପୁଟ—ଅନ୍ୟରୂପ)

ଚଚ୍ଛା—ଦେ. ବି. ପୁଂ (ସଂ. ତାତ)—କକେଇ; କନିଷ୍ଠ ପିତୃବ୍ୟ—
Chachchhā Father's younger brother; junior paternal uncle.
চাচা
चचा; चाचा
(ଚଚ୍ଛୀ—ସ୍ତ୍ରୀ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଥ' ନ ମିଳିଲେ 'କୂଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗା' ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍ବତ' ଦେଖିବେ ।

ଚଛୁ—ଗ୍ରା. ବ (ସଂ. ଚକ୍ଷୁଃ)—୧ । ଚକ୍ଷୁ—
Chachhu 1. Eye.
ଚୋଖ — ଲୋଷ୍ଟେ କଥା ଦବିଲାକ ଭୁବନଙ୍କ ଚଛୁ—ପ୍ରଭାତ. ଶଶିସେଣା ।
ଚକ୍ଷ୍ — ୨ । ପ୍ରତିମାର ଚକ୍ଷୁ—2. The eye of an image.
(ଚଛୁ—ଅନ୍ୟରୂପ)

ଚଛୁଦାନ—ଗ୍ରା. ବ (ସଂ. ଚକ୍ଷୁର୍ଦାନ)—ଚଛୁଦାନ (ଦେଖ)
Chachhudāna Tachchhudāna (See).

ଚଛୁପାଇବା—ଗ୍ରା. ବ—ଦେବପ୍ରତିମାର ଚକ୍ଷୁଦାନ—
Chachhupāibā The painting of the eye and consecration of the image of a deity.

ଚଜା—ଦେ. ବ (ସଂ. ତର୍ଜ୍ଜ ଧାତୁ)—ଚଦା; ତର୍ଜନ; ଭୟପ୍ରଦର୍ଶନ—
Chajā Threatening.
धमक
डाटा

ଚଜାଚଜି—ଦେ. ବ. ଓ ବିଣ—ଅନ୍ୟୋନ୍ୟରେ ଭୟ ଦେଖାଦେଖି,
Chajāchaji ଚଦାଚଦି—Threatening each other.
धमकाधमकी — ବାହାସ୍ଫୋଟ ମାରୁ ଅତିବ ବଢ଼ିକରି
डाँटाडाँटि — ଚଜାଚଜି ହୋଇଲେ କରେ ଗଦା ଧରି ।
କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

ଚଜିବା—ଦେ. କ୍ରି. (ସଂ. ତର୍ଜ୍ଜଧାତୁ)—୧ । ଚଦିବା; ଧମକାଇବା;
Chajibā ତର୍ଜନ କରିବା, ଭୟ ଦେଖାଇବା—To threaten,
धमकाना; तर्जना — ଭୁସ୍ତେ ଖଣ ବଳେ କାଲତେବ ପ୍ରାଣେ କାମକୁ ନିତ ଚଜୁଥାଇ ।
डाँटना, घुड़कना — ଉଦ୍ଧବ ମଥୁରାମଙ୍ଗଳ ।
୨ । ଭର୍ତ୍ସନା କରିବା—2. To reprimand.
ଚଜିଲେ ପରସ୍ପରେ ଭଣି । ଶ୍ରେଷ୍ଠର ସୁମନ କହୁଛ ସୁମାନ
କାହିଁ ଶିବ ଅଜ ପୁଣି । ଅଭିମନ୍ୟୁ—ବଦଗ୍ଧ ଚିନ୍ତାମଣି ।

ଚଜିମର୍କଟି ହେବା—ଦେ. କ୍ରି. (ସଂ. ତର୍ଜ୍ଜ ଧାତୁ ଓ ସଂ. ମର୍କଟ)—
Chajimarkaṭi hebā ଭୟଦେଖାଇ ମାଙ୍କଡ଼ ଭଳି ଗର୍ଜିବା ବା
तर्जागर्जा ଖେଙ୍କାରି ହେବା—To threaten and fret
ककड़ना, घुड़कना like an ape.

ଚଞ୍ଚ (ଧାତୁ)—ସଂ—୧ । ଗତି କରିବା—1. To move.
Chañch (root) ୨ । ଅସ୍ଥିର ହେବା—2. To be restless.
୩ । ଖାଇବା—3. To eat.
୪ । ହଲାଇବା—4. To dangle about; to shake.
୫ । ଡେଇଁବା; କୁଦିବା—5. To jump; to leap.

ଚଞ୍ଚ—ସଂ. ବ. (ଚଞ୍ଚ୍ ଧାତୁ+ଅ)—୧ । ଟୋକେଇ; ବାଉଁଶିଆ—
Chañcha 1. Basket.
୨ । ପଞ୍ଚାଙ୍ଗୁଳମାନ—2. A measure of length equal to 5 fingers.

ଚଞ୍ଚକ—ଗ୍ରା. ବ—କପଟତା—Crooked-ness.
Chañchaka ଟଞ୍ଚକ (ଦେଖ)—Tañchaka (See)

ଚଞ୍ଚତ୍—ସଂ. ବିଣ. ପୁଂ. (ଚଞ୍ଚ ଧାତୁ=ଚଞ୍ଚଳ ହେବା+କର୍ତ୍ତୃ. ଅତ୍=
Chañchat ଶତୃ)—୧ । ଚଞ୍ଚଳ; ଅସ୍ଥିର—
(ଚଞ୍ଚନ୍ତୀ—ସ୍ତ୍ରୀ) 1. Unsteady; restless.
୨ । ଗତିଶୀଳ—2. Moving.
୩ । ଦୋହଲୁଥିବା—3. Waving; oscillating.

ଚଞ୍ଚତ୍କ—ସଂ. ବିଣ. (ଚଞ୍ଚତ୍+କ)—୧ । କୁଦୁଥିବା—
Chañchatka 1. Leaping; jumping.
୨ । ଥରୁଥିବା—2. Trembling; shaking.
୩ । ଗତି କରୁଥିବା—3. Moving.
୪ । ଅସ୍ଥିର—4. Restless.

ଚଞ୍ଚନ୍—ଦେ. ଅ—ଚନ୍‌ଚନ୍ (ଦେଖ)
Chañchan Chanchan (See)

ଚଞ୍ଚପୁଟ—ଦେ. ବ. (ସଂ. ଚଞ୍ଚୁପୁଟ=ତାଳବିଶେଷ)—
Chañchapuṭa ୧ । ଏକ ପ୍ରକାର ଆନଦ୍ଧ ବାଦ୍ୟ—
1. A kind of drum.
୨ । ଚଞ୍ଚୁପୁଟ (ଦେଖ)
2. Chañchupuṭa (See)

ଚଞ୍ଚର—ସଂ. ବ. ପୁଂ. (ଚର ଧାତୁ ଯଙ୍‌ଲୁଗନ୍ତ; ଚଞ୍ଚୁର୍ ଧାତୁ+କର୍ତ୍ତୃ.
Chañchara ଅ; ଯେ ପୁଷ୍ପ ଆଦରେ ବାରମ୍ବାର ବିଚରଣ କରେ)—
(ଚଞ୍ଚରୀ—ସ୍ତ୍ରୀ) ଭ୍ରମର—Large black wasp.

ଚଞ୍ଚରଣୀ—ସଂ. ବ. ସ୍ତ୍ରୀ. (ଚଞ୍ଚରନ୍+ଈ)—ଭ୍ରମରୀ—
Chañcharinī A she-bee.

ଚଞ୍ଚରୀ—ସଂ. ବ. ପୁଂ. (ଚରର+ଇନ୍, ୧ମା. ୧ବ)—ଭ୍ରମର—
Chañcharī A male large black wasp.
ସଂ. ବ. ସ୍ତ୍ରୀ. (ଚଞ୍ଚର+ଈ)—
୧ । ଭ୍ରମରୀ—1. A female large black wasp.
୨ । ଗୀତବିଶେଷ; ହୋଲି ସମୟରେ ବୋଲାଯିବା ଗୀତ (ହି. ଶବ୍ଦସାଗର)—2. A class of songs sung during the Holi festival.

ଚଞ୍ଚରୀକ—ସଂ. ବ. ପୁଂ. (ଚର ଧାତୁ=ବିଚରଣ କରିବା; ପୁନଃ ପୁନଃ
Chañcharīka ଅର୍ଥରେ ଯଙ୍‌ଲୁଗନ୍ତ ଚଞ୍ଚର ଧାତୁ+କର୍ତ୍ତୃ. ଈକ;
ଚଞ୍ଚରିକା } ଅନ୍ୟରୂପ ଯେ ପୁଷ୍ପମାନଙ୍କ ନିକଟରେ ବାରମ୍ବାର ବିଚରଣ
ଚଚ୍ଚରୀକା } କରେ)—୧ । ଭଅଁର; ଭ୍ରମର—
1. The black wasp.
ଡୋଳା ଚଞ୍ଚରୀକେ ଚଞ୍ଚଳ ଗୁରୁଣୀ, ଅଣିଲୁ ବଶେଶ କରୁ ।
ଉପେନ୍ଦ୍ର. ଲାବଣ୍ୟବତୀ ।
୩ । ଗୁଣୁ ଗୁଣୁ ସ୍ୱର କରି ମକରନ୍ଦ ପାନ କରିବା ପାଇଁ ଫୁଲ ଉପରେ ଉଡ଼ିବା ଏକ ପ୍ରକାର ପକ୍ଷୀ—
3. Humming bird.

ଚଞ୍ଚରୀକାବଳି—ସଂ. ବ. (୬ଷ୍ଠୀ ତତ୍; ଚଞ୍ଚରୀକ+ଆବଳି)—
Chañcharīkābaḷi ୧ । ଭ୍ରମର ଶ୍ରେଣୀ—1. A row or number of black bees.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଜ୍ଞ	ଣ୍ୟ	ଡ଼ଅ	ଢ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍ତ

୨ । ୧୩ ଅକ୍ଷରବିଶିଷ୍ଟ ଛନ୍ଦୋବିଶେଷ— 2. A Sanscrit metre of 13 syllables.
[ଦ୍ର—ଏଥିର ପ୍ରତ୍ୟେକ ଚରଣରେ ଯ ଗଣ ମ ଗଣ ଦୁଇ ର ଗଣ ଓ ଏକ ଗୁରୁବର୍ଣ୍ଣ ଥାଏ । ଦ୍ର. ଶବ୍ଦସାଗର ।]

ଚଞ୍ଚଳ—ସଂ. ବିଣ. (ଚଳ ଧାତୁ ପୁନଃ ପୁନଃ ଅର୍ଥରେ ଯଙ୍ଲୁଗନ୍ତ ଚଞ୍ଚଲ ଧାତୁ+କର୍ତ୍ତୃ. ଅ)—୧ । ଗତିଶୀଳ—
Chañchaḷa (ଚଞ୍ଚଳା—ସ୍ତ୍ରୀ) 1. Moving.
ଚଞ୍ଚଳତା } ବି. ୨ । ଅସ୍ଥିର—2. Restless; unsteady; fickle; unstable.
ଚଞ୍ଚଳତ୍ୱ }
୩ । ଅବ୍ୟବସ୍ଥିତ; ଅଧୀର—3. Capricious.
୪ । ଚପଳ—4. Hasty.
୫ । ଥରୁଥିବା—5. Trembling; tremulous.
୬ । କମ୍ପିତ; ଦୋଳୁଥିବା—6. Shaking; oscillating.
୭ । ତ୍ୱରିତ—7. Quick; brisk.
୮ । ବିଚଳିତ—8. Moving; shifting.
୯ । ଲୋଲୁପ—9. Covetuous.
୧୦ । ଲମ୍ପଟ—10. Adulterous.
୧୧ । ଉଦ୍‌ଭ୍ରାନ୍ତ; ଉଦ୍‌ବିଗ୍ନ—11. Anxious.
ସଂ. ବି.—୧ । ବାୟୁ—1. Air.
୨ । ପ୍ରେମିକ ବ୍ୟକ୍ତି; ନାଗର—2. Lover.
୩ । ରସିକ ବ୍ୟକ୍ତି—3. A libertine.
ଦେ. ବି.—(ପ୍ରାଚୀନ ପଦ୍ୟ) —ଅବ୍ୟବସ୍ଥିତତା— Capriciousness.

ବ୍ରାହ୍ମଣଙ୍କ ମନ ଚଞ୍ଚଳ ନ କରନ୍ତି,
ସର୍ବଦା ସୁସ୍ଥିରେ ଥାଇ ଶୋଭା ପାଉଛନ୍ତି । ଉଷା. ବୈଦେହୀଶବିଳାସ ।

ଦେ. କ୍ରି. ବିଣ—ଶୀଘ୍ର; ତୁରନ୍ତ—Soon.

ଚଞ୍ଚଳଚିତ୍ତ—ସଂ. ବିଣ. ପୁଂ. (ବହୁବ୍ରୀହି)—୧ । ଅସ୍ଥିର ହୃଦୟ—
Chañchaḷachitta 1. Unsteady
(ଚଞ୍ଚଳଚିତ୍ତା—ସ୍ତ୍ରୀ) ୨ । ଅବ୍ୟବସ୍ଥିତ ଚିତ୍ତ—
(ଚଞ୍ଚଳଚିତ୍ତତା—ବି) 2. Restless; fickle-minded.
୩ । ଉଦ୍‌ବିଗ୍ନ—3. Anxious.

ଚଞ୍ଚଳଚେତାଃ—ସଂ. ବି (ବହୁବ୍ରୀହି; ଚଞ୍ଚଳ+ଚେତସ୍; ୧ମା. ୧ବ)—
Chañchaḷachetāḥ ଚଞ୍ଚଳଚିତ୍ତ (ଦେଖ)— Chañchaḷachitta (See)

ଚଞ୍ଚଳନୟନ—ସଂ. ବି (କର୍ମଧା; ଚଞ୍ଚଳ+ନୟନ)—୧ । ଇତସ୍ତତଃ
Chañchaḷanayana ଗତିତ ନେତ୍ର—1. Moving eye.
(ଚଞ୍ଚଳନୟନା—ସ୍ତ୍ରୀ) ୨ । ଅସ୍ଥିର ଦୃଷ୍ଟି— 2. Unsteady glance.
ସଂ. ବିଣ (ବହୁବ୍ରୀହି)—ଅସ୍ଥିର ଦୃଷ୍ଟି; ଚାରିଆଡ଼କୁ ଆଖି ବୁଲାଉଥିବା—Looking here and there.

ଚଞ୍ଚଳପ୍ରକୃତି—ସଂ. ବିଣ (ବହୁବ୍ରୀହି)—ଯେ ସ୍ୱଭାବତଃ ଅସ୍ଥିର—
Chañchaḷaprakṛuti Of restless or changing nature.

ଚଞ୍ଚଳପ୍ରକୃତିକ—ସଂ. ବିଣ. ପୁଂ—ଚଞ୍ଚଳପ୍ରକୃତି (ଦେଖ)—
Chañchaḷaprakṛutika Chañchaḷaprakṛuti (See)
(ଚଞ୍ଚଳପ୍ରକୃତିକା—ସ୍ତ୍ରୀ)

ଚଞ୍ଚଳମନାଃ—ସଂ. ବିଣ. (ବହୁବ୍ରୀହି; ଚଞ୍ଚଳ+ମନସ୍; ୧ମା. ୧ବ)—
Chañchaḷamanāḥ ୧ । ଚଞ୍ଚଳଚିତ୍ତ (ଦେଖ)— 1. Chañchaḷachitta (See)
୨ । ଚଞ୍ଚଳପ୍ରକୃତି (ଦେଖ)— Chañchaḷaprakṛuti (See)

ଚଞ୍ଚଳା—ସଂ. ବିଣ. ସ୍ତ୍ରୀ (ଚଞ୍ଚଳ+ଆ)—ଚଞ୍ଚଳର ସ୍ତ୍ରୀ ଲିଙ୍ଗ—
Chañchaḷā Feminine of Chañchaḷa.
୧ । ଅସ୍ଥିରା (ସ୍ତ୍ରୀ)— 1. Restless; hasty; fickle-minded.
୨ । ନଷ୍ଟଚରିତ୍ରା—2. Adulterous; unchaste.
୩ । ବିଚଳିତା—Evershifting; changing.
ସଂ. ବି— ୧ । ବିଦ୍ୟୁତ୍—1. Lightning.
୨ । ଲକ୍ଷ୍ମୀ—2. Lakshmi; goddess of fortune.
[ଦ୍ର—ଲକ୍ଷ୍ମୀ ଚିରକାଳ ଜଣକଠାରେ ବା ଏକ ପରିବାରରେ ସ୍ଥିର ହୋଇ ନ ରହିବାରୁ ଲକ୍ଷ୍ମୀଙ୍କର ଏହି ନାମ ହୋଇଅଛି ।]
ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—Name given to females.
ଦେ. ବିଣ. ସ୍ତ୍ରୀ—ଚଞ୍ଚଳୀ (ଦେଖ) Chañchaḷi (See)

ଚଞ୍ଚଳିଆ—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ଚଞ୍ଚଳ)—ଯେଉଁ ବ୍ୟକ୍ତି ଖୁବ୍
Chañchaḷiā ଫୁର୍ତ୍ତିରେ କାର୍ଯ୍ୟ କରେ—Very active; of
(ଚଞ୍ଚଳେଇ—ସ୍ତ୍ରୀ) active habits.

ଚଞ୍ଚଳିତ—ସଂ. ବିଣ—(ଚଞ୍ଚଳ ନାମଧାତୁରୁ+କର୍ତ୍ତୃ. ତ)—ଚଞ୍ଚଳପରି
Chañchaḷita ଆଚରଣ କରୁଥିବା; ଭୁଲ. ଧାବିତ, ଚଳିତ, କମ୍ପିତ ହେଉଥିବା; ଦୋହଲୁଥିବା—Shaking; trembling; oscillating.

ବକ୍ଷ ପାଶେ ଚଞ୍ଚଳିତ ଭାଜଙ୍କ ।
ଉଷା. ବୈଦେହୀଶବିଳାସ ।

ଚଞ୍ଚଳୀ—ଦେ. ବିଣ. ସ୍ତ୍ରୀ (ସଂ. ଚଞ୍ଚଳା) —୧ । ଯେଉଁ ସ୍ତ୍ରୀ ଖୁବ୍ ଫୁର୍ତ୍ତିରେ
Chañchaḷi କାର୍ଯ୍ୟକରେ—1. Of active habits; very active (woman)
୨ । ନିରଳସ—2. Not lazy; brisk.

ଚଞ୍ଚଳେଇବା—ପ୍ରାଦେ. (ଗଡ଼ଜାତ) କ୍ରି.—କୌଣସି କାର୍ଯ୍ୟକୁ ଶୀଘ୍ର
Chañchaḷeibā କରିବା—To do anything quickly.

ଚଞ୍ଚଳେଇ—ଦେ. ବିଣ. ସ୍ତ୍ରୀ—ଚଞ୍ଚଳୀ (ଦେଖ)—Chañchaḷi (See)
Chañchaḷei

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚଞ୍ଚା—ସଂ. ବି. ସ୍ତ୍ରୀ. (ଚଞ୍ଚ୍+ଅ+ଆ)—୧ । ବାଉଁଶ କାଠି ନିର୍ମିତ ଆସନ ବା ମୋଢ଼ା—1. Stool made of wickerwork.
Chañchā
୨ । ବାଉଁଶ କାଠି ନିର୍ମିତ ଆସନ; ଗୁଞ୍ଜ; ମୁନ୍ଦୁସ୍; ତଲେଇ—2. Mat made of reeds.
୩ । (କ୍ଷେତରୁ ଶୃଗାଳ, କାକ ଆଦିଙ୍କୁ ଭୟ ଦେଖାଇବା ନିମନ୍ତେ ବ୍ୟବହୃତ) କାଠି କୁଟାରେ ତିଆରି ମନୁଷ୍ୟାକୃତି ମୂର୍ତ୍ତି—3. Scare-crow.

ଦେ. ବି. (ସଂ. ଚଞ୍ଚା=ତଲେଇ ପରି ପତଳା ଥିବାରୁ)—
ଚାଁଚଡ଼ି ୧ । ନଡ଼ିଆ ବାହୁଙ୍ଗା ମୂଳରେ ଥିବା ଜାଲ ଆକାରର ବଲ୍କଲ;
ଜାଲୀ ଗୁଞ୍ଜ—1. A net-like thin bark at the root of a cocoanut branch.
୨ । ଅପରିପକ୍ୱ ଆମ୍ବଫଳର ନୂତନ କୋମଳ ଟାକୁଆ—2. The newly hardened stone of a newly developed mango fruit.
ଚାଁଛା ୩ । (ସଂ. ତକ୍ଷଣ) ଚାଞ୍ଛିବା; ଚଞ୍ଚା—
ଖୁରଚନ 3. Scraping.

ଦେ. ବିଣ. (ସଂ. ତକ୍ଷଣ)—୧ । ଯାହା ଦେହରୁ ଚୋପାକୁ ଚାଞ୍ଛି ଥାନ୍ତି; ଚଞ୍ଚା—1. Scraped of the bark.
ଚାଁଛା ୨ । ଯେଉଁ ଭୂମି ଉପରୁ ଘାସ ଆଦି ଚଞ୍ଚା ହୋଇଥାଏ—2. (land) From which grass has been scraped off.
୩ । ଗାଳିବିଶେଷ—3. A term of abuse.

ଚଞ୍ଚୁ—ସଂ. ବି. (ଚଞ୍ଚ୍ ଧାତୁ=ଖାଇବା=କରଣ ଉ; ଯାହାଦ୍ୱାରା ପକ୍ଷୀ ଖାଦ୍ୟ ଗ୍ରହଣ କରେ)—
Chañchu
୧ । ପକ୍ଷୀର ଥଣ୍ଟ—1. Bill or beak of a bird
୨ । ରକ୍ତଏରଣ୍ଡ; ନାଲି ଭେରଣ୍ଡାଗଛ; ନାଲି ଗବଗଛ (ଦ୍ରବ୍ୟଗୁଣ)—2. The red variety castor seed plant.
୩ । ମୃଗ; ହରିଣ—3. Deer.
୪ । ବର୍ଷାଦିନେ ଉଠୁଥିବା ଏକପ୍ରକାର ଶାଗ (ବୃ.ଶବ୍ଦସାଗର)—4. A kind of pot-herb coming out during the rains.
ଦେ. ବି—ଚଞ୍ଚା (ଦେଖ)—Chañchā (See)

ଚଞ୍ଚୁକା—ସଂ. ବି. (ଚଞ୍ଚୁ+କ+ସ୍ତ୍ରୀ. ଆ)—ପକ୍ଷୀର ଥଣ୍ଟ—
Chañchukā Beak.

ଚଞ୍ଚୁପୁଟ—ସଂ. ବି. (ରୂପକ କର୍ମଧାରୟ; ଚଞ୍ଚୁ+ପୁଟ)—ପକ୍ଷୀର ଯୁକ୍ତ ଥଣ୍ଟ
Chañchupuṭa ଯୁକ୍ତ ହୋଇଥିବା ଅବସ୍ଥା—The bill of a bird when shut; the cavity enclosed by the upper and the lower beaks of a bird.

ଚଞ୍ଚୁପ୍ରହାର—ସଂ. ବି. (ଷଷ୍ଠୀ ତତ୍, ଚଞ୍ଚୁ+ପ୍ରହାର)—ଥଣ୍ଟରେ
Chañchuprahāra ଠୁକିବା ବା ଥଣ୍ଟରେ ହାଣିବା; ଥଣ୍ଟ ମାରିବା—A peck with a beak.

ଚଞ୍ଚୁଭୃତ୍—ସଂ. ବି. (ଚଞ୍ଚୁ+ଭୃ ଧାତୁ+କର୍ତ୍ତୃ. କ୍ୱିପ୍)—ପକ୍ଷୀ—
Chañchubhrut Bird.

ଚଞ୍ଚୁର—ସଂ. ବିଣ. (ଚଞ୍ଚ୍ ଧାତୁ=ଗମନ କରିବା+କର୍ତ୍ତୃ. ଉର)—
Chañchura ଦକ୍ଷ; ନିପୁଣ—Active; clever; expert; skilful.
(ଚଞ୍ଚୁରୀ—ସ୍ତ୍ରୀ)
ସଂ. ବି—ଏକପ୍ରକାର ଶାଗ—A kind of pot-herb.

ଚଞ୍ଚୁରୀ—ବି. ସ୍ତ୍ରୀ. (ଚଞ୍ଚୁର+ଈ)—ବାୟାଚଢ଼େଇ—
Chañchurī Tailor-bird.

ଚଞ୍ଚୁସୂଚି—ସଂ. ବି. (ବହୁବ୍ରୀହି; ଚଞ୍ଚୁ+ସୂଚି)—୧ । ବାୟାଚଢ଼େଇ—
Chañchusūchi 1. The tailor bird.
୨ । କାରଣ୍ଡବ ପକ୍ଷୀ (ବୃ. ଶବ୍ଦସାଗର)—2. A kind of gander.

ଚଞ୍ଚୂ—ସଂ. ବି—ଚଞ୍ଚୁ (ଦେଖ)
Chañchū Chañchu (See)

ଚଞ୍ଛା—ଦେ. ବି ଓ ବିଣ. (ସଂ. ତକ୍ଷ ଧାତୁ)—ଚଞ୍ଚା (ଦେଖ)
Chañchhā Chañchā (See)

ଚଞ୍ଛାଇବା—ଦେ. କ୍ରି—ଚଞ୍ଛିବା କ୍ରିୟାର ଣିଜନ୍ତରୂପ—
Chañchhāiba Causative of Chañchhiba.

ଚଟ୍ (ଧାତୁ)—ସଂ.—୧ । ଭେଦ କରିବା—
Chaṭ (root) 1. To pierce.
୨ । ଭାଙ୍ଗିବା—2. To break.
୩ । ବଧ କରିବା—3. To kill.
୪ । ହିଂସା କରିବା—4. To injure.
୫ । ମର୍ଦ୍ଦନ କରିବା—5. To rub.
୬ । ପୃଥକ୍ କରିବା—6. To separate.
୭ । ଘୋଡ଼ାଇବା—7. To cover.
୮ । ଫଟାଇବା—8. To split.

ଚଟ—ଦେ. ଅ. (ସଂ ଝଟିତି; ସଂ. ଚଟୁଲ+ଚଞ୍ଚଳ)—
Chaṭ ୧ । ଅତି ଶୀଘ୍ର—1. Presently.
चट ୨ । ଝଟିତି; ଝଟ୍—2 Immediately; sharp.
चट ୩ । ଚଞ୍ଚଳ—3. Quickly.
ଗୋପାଳ ବାବୁ ଭଗବତୀ ଭାଉଣି ନାମ ଚଟ୍ ବୁଝିଗଲେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଚଟ୍‌କନ୍—ପ୍ରାଦେ. (ସମ୍ବଲପୁର) ବି—ଚଟକଣା—
Chaṭkan Slap.

ଚଟ୍‌କରି—ଦେ. କ୍ରି. ବିଣ—ଅତି ଶୀଘ୍ର; ସତ୍ୱର; ତୁରନ୍ତ—
Chaṭkari Immediately; at once; instantly; presently.
चटकरि
चटसे
ଚଟ୍‌କନା } ଅନ୍ୟରୂପ
ଚଟ୍‌କିନି

୧.	ଇ	ଉ	ର୍‌,ର୍‌	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଁ	ଉଁଅ	ଘ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଜ୍ଞ	ହ୍ନ

ଚଟ୍‌ପଟ୍—ଦେ. ଅ. (ସ. ଝଟିତ)—
Chaṭpaṭ ୧ । ଚଟ୍ (ଦେଖ)
चटपट 1. Chaṭ (See)
चटपट ୨ । (ଧ୍ୱନ୍ୟନୁକରଣ) ଭଣ୍ଡାର ଉପରେ ଛୁରୀ ଘଷିବାର ଶବ୍ଦ-
2. Sound produced by the strapping of a razor.
୨ । ସ୍ଫୂର୍ତ୍ତି ସହିତ—2. Briskly; quickly.

ଚଟ—ଦେ. ବ. (ସ. କଟା)—୧ । ଥଳ; ବୋରା; ଅଖା—
Chaṭa 1. Gunny bag; sack cloth.
चट ୨ । ଚଟେଇ; ମସିଣା—2. Mat.
जुट, टाट ପ୍ରାଦେ. (ମେଦିନୀପୁର ଓ ବାଲେଶ୍ୱର) ବ—
ଝୋଟ—Jute.
ଦେ. ଅ—ଚଟ୍ (ଦେଖ)
Chaṭ (See)

ଚଟକ—ସ. ବ. ପୁଂ. (ଚଟ୍ ଧାତୁ=ଖାଇବା+କର୍ତ୍ତୃ. ଅକ)—
Chaṭaka ଘରଚଟିଆ ଚଢ଼େଇ— Sparrow.
ଚଟକା } ଦେ. ବ. (ସ. ଚଟ ଧାତୁ=ଭେଦନ)—
ଚଟୁକା } ସ୍ତ୍ରୀ. ୧ । ପୂର୍ବାନୁଭୂତ ସୁଖ ଓ ସ୍ୱାଦ ଭୋଗ କରି-
ଚଟକିକା } ବାର ଲୋଭ ବା ଆଶା—
चटक 1. Hankering after a thing once tasted;
चटक craving for a food once tasted.
୨ । ଗୁଳ୍ପଚକ୍ୟ; ବାହ୍ୟାଡ଼ମ୍ବର; ଛଟା; ଚମକ—
2. Grandeur; splendour; glamour.

ଚକଣ ଚଟକେ ଭୋଳ ହୋଇ ରହୁ ଏବେ କାଳ
କ ଦଶା ହେଲଣି ଅରେ ହେଜ ମନରେ ।
ଉତ୍କଳ. ଗୀତଳହରୀ ।

୩ । ଖାଦ୍ୟ ପ୍ରତି ରୁଚି—3. Relish.

ଚଟକଣା—ଦେ. ବ. (ଧ୍ୱନ୍ୟନୁକରଣ; ସ. ଚପଟ)—ଚାପୁଡ଼ା—
Chaṭakaṇā A slap.
चड़
चपत, चपट

ଗାଲେ ଚଟକଣା କାନେ କାନ ମୋଡ଼ା
ଖାଇବାକୁ ବଡ଼ ଖୁସି ପାଇଁ ।
ଉତ୍କଳ. ଗୀତଳହରୀ ।

ଚଟକଣି—ଦେ. ବ—ଛୋଟ ଚାପୁଡ଼ା; ଚାପୁଡ଼—
Chaṭakaṇi Slight slap.

ଚଟକଲ—ଦେ. ବ—୧ । ଯେଉଁ କଳରେ ଅଖା ବା ବସ୍ତା ତିଆରି ହୁଏ—
Chaṭakaḻa 1. Gunny making machine.
चटकल ୨ । ବସ୍ତାତିଆରି କାରଖାନା—
टाटकाकल 2. Gunny bag factory.

ଚଟକ ଲଗାଇବା—ଦେ. କ୍ରି—ଲୋଭ ଦେଖାଇ ବଶ କରିବା—
Chaṭaka lagāiba To captivate by making a
चटक लागान person taste a thing once.
चटक लगाना

ଚଟକଲାଗିବା—ଦେ. ବ—ଲୋଭ ଲାଗିବା—
Chaṭaka lāgibā Hankering after a thing once
चटकलागा tasted.
चटकलगना

ଚଟକା—ସ. ବ. ସ୍ତ୍ରୀ.—(ଚଟକ+ଆ)—୧ । ମାଈ ଘରଚଟିଆ ଚଢ଼େଇ—
Chaṭakā 1. A hen-sparrow.
୨ । ପିପ୍ପଳୀ ମୂଳ—2. Root of long pepper.
ଦେ. ବଣ. (ସ. ଚପିଟ=ଚୁଡ଼ା; ଚୁଡ଼ାପରି ପତଳା)—
୧ । ଚେପଟା—1. Flat.
চাটাল, চেটকা ୨ । ସମତଳ—
चपटा 2. Even.
ଦେ. ବ. (ନାମ)—ନୀଳଗିରିର ଦୁଇ କ୍ରୋଶ ଦୂରରେ ଅବସ୍ଥିତ
ଗୋଟିଏ ନିର୍ଝର—Name of a mountain-spring in the Nilgiri state of Orissa.

ଚଟକାଇବା—ଦେ କ୍ରି.—୧ । ଚେପଟା କରିବା—
Chaṭakāiba 1. To flatten.
୨ । ଚଟାଇବା—2. To cause to lick.

ଚଟକାମୁଖ—ଦେ. ବ.—ଅସ୍ତ୍ରବିଶେଷ—
Chaṭakā mukha A kind of weapon.

ଚଟକାମୁହାଁ—ଦେ ବଣ. ପୁଂ.—ଯାହାର ମୁହଁ ଚେପଟା—
Chaṭakāmuhān̐ Flat-faced.
(ଚଟକାମୁହାଁ—ସ୍ତ୍ରୀ)

ଚଟକାର—ସ. ବଣ.—ଚଟକା; ଚେପଟା—
Chaṭakāra Flat (Howells)

ଚଟଚଟ—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ସୁଦାହ୍ୟ ପଦାର୍ଥରେ ଚଞ୍ଚଳ
Chaṭachaṭa ଚଞ୍ଚଳ ଅଗ୍ନି ଲାଗିବାର ଶବ୍ଦ—1. Sound of
চটচট fire setting into easily combustible materials.
चटचट ୨ । ବାହୁକୁ ଭୂମିରେ ଆଘାତ କରିବା ଓ ଚପେଟାଘାତରୁ
ଜାତ ଶବ୍ଦ—2. Sound of slapping and of striking the arms on the ground.

ମାରନ୍ତେ ଭଚେ ଟେକେ ଭୂମିରେ ବାହାପଟ,
ଉଠୁଁ ଶୁଭେ ମହା ଦ୍ୱନ ଚଟ ଚଟ । କୃଷ୍ଣସିଂ. ମହାଭାରତ. ସଭା ।

চটচটে ଦେ. ବଣ.—ଅଠାଳିଆ; ଅଠାପରି ଲାଗିବା—
चिपचिपा Gummy; sticky.
ଦେ. କ୍ରି. ବିଣ.—ଅବିଳମ୍ବେ; ଅତି ଚଞ୍ଚଳ—
Without dealy; instantly.

ଚଟଚଟା—ସ. ଅ. (ଧ୍ୱନ୍ୟନୁକରଣ)—୧ । ଅଗ୍ନି ଜଳିବାର ଚଡ଼ ଚଡ଼
Chaṭachaṭā ଶବ୍ଦ—1. Cracking of burning fire.

ହାସେ ଖଡ଼ ଚାଳି ପଳାଇବେ ଶୁଣି ସେ ଅନଳ ଚଟ ଚଟା ।
ରାଧାନାଥ. ପାର୍ବତୀ

ସ ଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗୀ ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଅସ୍ତ୍ରାଦିର ସଂଘର୍ଷଣଜନିତ ଶବ୍ଦ—
2. Clashing sound of weapons.

ଚଟଚଟାୟନ—ସଂ. ବି. (ଚଟଚଟା ନାମ ଧାତୁ + ଅନ)—ଚଡ଼୍ ଚଡ଼୍ ଶବ୍ଦ—
Chaṭachaṭāyana — Cracking

ଚଟଚଟିଆ—ଦେ. ବିଣ.—ଚଟଚଟ (ଦେଖ)
Chaṭachaṭiā — Chaṭachaṭa (See)

ଚଟଚ୍ଚଟ—ଦେ. ଅ. ବିଣ ଓ କ୍ରି. ବିଣ.—ଚଟଚଟ (ଦେଖ)
Chaṭachāṭa — Chaṭachaṭa (See)

ନଗ୍ନମନ ଭୁଅନ୍ତେ ଭୂଚେଁ ବାଜାପଟ,
ଚହୁଁ ଜାତ ହେଲା ଶବଦ ଚଟଚ୍ଚଟ । କୃଷ୍ଣସିଂ ମହାଭାରତ. ବନ ।

ଚଟଣି—ଦେ. ବି.—(ସଂ. ଚଷଣୀ)—ଖଟା ଫଳ, ଲୁଣ, ଲଙ୍କା ଓ ମିଠା
Chaṭaṇi ଏକତ୍ର ବଟା ଯାଇ ପ୍ରସ୍ତୁତ ରୁଚିକର ଅମ୍ଳପ୍ରଧାନ ଲେହ୍ୟ;
চাটনী ଚଟଣି—1. Sauce; chutny; chutnee.
चटनी [ଦ୍ର—ଏ ଶବ୍ଦ ଇଂରାଜୀରେ ପ୍ରଚଳିତ ହୋଇଅଛି ।]
୨ । (ଲକ୍ଷଣାର୍ଥ) ପ୍ରୀତିପ୍ରଦ କଥା; ରସିକତାପୂର୍ଣ୍ଣ ବାକ୍ୟ—
2. (fig) Witty saying; witticism wit and humour.

ଚଟଣି କରିବା—ଦେ. କ୍ରି.—୧ । କୌଣସି ପଦାର୍ଥକୁ ବାଟି ଲେହ୍ୟରେ
Chaṭaṇi karibā ପରିଣତ କରିବା—1. To prepare sauce by bruising.
চাটনীকরা ୨ । (ଲକ୍ଷଣାର୍ଥ) ଦଳିବା; ଧ୍ୱସ୍ତବିଧ୍ୱସ୍ତ କରିବା—
चटनीबनाना 2. (figurative) To crush.

ସେଥିରେ ରାକ୍ଷସ ସୈନ୍ୟଙ୍କୁ ଏକାବେଳକେ ଚେଷ୍ଟି ଚଟଣି କରିଦେଲେ ।
ଗୋଲକଚନ୍ଦ୍ର ଦାସ—ଓଡ଼ିଆ ରାମାୟଣ ।

ଚଟଣିପତ୍ର—ପ୍ରାଦେ. (ଯାଜପୁର) ବି. (ଏ ପତ୍ରକୁ ବାଟି ଲୋକେ ଚଟଣି
Chaṭaṇipatra ତିଆରି କରୁଥିବାରୁ)—ଧନିଆ ପତ୍ର—
Coriander.

ଚଟଣିପତ୍ର ମଞ୍ଜି—ପ୍ରାଦେ. (ଯାଜପୁର) ବି—ଧନିଆ— Coriander.
Chaṭaṇipatra mañji

ଚଟତ୍କାର—ସଂ.ବିଣ. (ଚଟତ୍=ଅନୁକରଣ ଶବ୍ଦ+କୃ ଧାତୁ+କର୍ତ୍ତୃ. ଅ)—
Chaṭatkāra ଅସ୍ଫୁଟ ଶବ୍ଦକାରକ—
Making a slight slapping sound.
ସଂ. ବି. (+ ଭାବ. ଅ)—ଅସ୍ଫୁଟ ଶବ୍ଦକରଣ—
Low slapping sound.

ଚଟନ—ସଂ. ବି. (ଚଟ ଧାତୁ+ଭାବ. ଅନ)—୧ । ଫଟାଇବା;
Chaṭana ଫାଟିଯିବା—1. Splitting; cracking.
୨ । ଟୁକୁଡ଼ା ହୋଇ ଭାଙ୍ଗିଯିବା—
2. Falling to small pieces.

ଚଟପଟ—ଦେ. ଅ. (ସଂ. ଝଟିତି)—ଝଟିତି; ଅବିଳମ୍ବେ—
Chaṭapaṭa — Swiftly; instantly.
চটপট;
चटपट

ଚଟପଟି—ଦେ. ବି—୧ । (ସଂ. ଚର୍ମପଟ୍ଟ)—ଯେଉଁ ଚର୍ମପତ୍ରରେ ଭଣ୍ଡାରି
Chaṭapaṭi କ୍ଷୁରର ଧାରକୁ ମସୃଣ କରେ—
চামাতি; চামাটি 1. Barber's strop.
चमोटी; चमोटा ୨ । ତ୍ୱରା—2. Haste; swiftness.

ଚଟପଟିଆ—ଦେ. ବିଣ. ପୁଂ ଓ ସ୍ତ୍ରୀ. (ସଂ. ଚଟୁଳ=ଚଞ୍ଚଳ+ପଟୁ)—
Chaṭapaṭiā ୧ । ଅତି ଚଞ୍ଚଳ—1. Hasty.
চটপটিয়া ୨ । ତ୍ୱରିତ—2. Brisk; swift.
(ଚଟପଟେଇ—ସ୍ତ୍ରୀ)

ଚଟରପଟର—ଦେ. ଅ—ଚଟ୍‌ପଟ୍ (ଦେଖ)
Chaṭarapaṭara — Chaṭpaṭ (See)

ଚଟଲଫିରଙ୍ଗି—ପ୍ରାଦେ. (ଗଞ୍ଜାମ) ବି—ରୋଗବିଶେଷ—
Chaṭalaphiraṅgi — A kind of disease.

ଚଟା—ଦେ. ବି—୧ । (ସଂ. ଚଷଣ) ଚାଟିବା କର୍ମ—
চাটা 1. Act of licking.
चटाई ୨ । କୁମ୍ଭାରମାନେ ବାମହାତରେ ହାଣ୍ଡିକୁ ଧରି ଡାହାଣ ହାତରେ କଞ୍ଚା ହାଣ୍ଡିଅଦର ପିଠିକୁ ଯେଉଁ ଚଟକା କାଠର କୋବା ଦ୍ୱାରା ପିଟନ୍ତି—2. A flat piece of wood which the potters pat over a newly made unbaked earthen pot.
[ଦ୍ର—ହାଣ୍ଡିର ତଳପାଖରେ ବାଆଁ ହାତଦ୍ୱାରା 'ପିଣ୍ଡି' ଧରଥାନ୍ତି ଓ ପିଣ୍ଡି ଲାଗିଥିବା ସ୍ଥାନର ଉପରପାଖକୁ ଚଟାଦ୍ୱାରା ପିଟନ୍ତି ।]
চাটা ଦେ. ବିଣ—୧ । ଯେ ଚାଟେ—1. Licking.
चटोरा; चट्टू ୨ । (ଗାଳି) ଅଇଣ୍ଠାଖିଆ—2. (a term of abuse) Licking the food left by another.
ପ୍ରାଦେ. (କଟକ) ବି. (କୋଡ଼କାଙ୍କ ଅଦରେ) ଥରେ ହାଣିବା—
One stroke with the spade.
(ଯଥା—ସେ ଢିପଡ଼ରେ କୋଡ଼ରେ ଚଟାଏ ମାରିଲା ।)
ପ୍ରାଦେ. (କଟକ) ବିଣ—କୋଡ଼କାଙ୍କ ଅଦ ଥରେ ହାଣିଲେ ଯେଉଁ ମାଟି ସମ୍ଭାଳି ଯିବ—(earth) Which will withstand one stroke of a spade.
(ଯଥା—ଏ ଘଳଅରେ ଚଟାମାଟି ପକାଅ ।)
ପ୍ରାଦେ. (ମେଦିନୀପୁର; ଭୁଲ. ବ. ଚଟା) ବି.—୧ । ରାଗ, କ୍ରୋଧ—
1. Anger; rage.
୨ । ରାଗିବା—2. Being angry.
ପ୍ରାଦେ. (ସମ୍ବଲପୁର) ବି—ଚଡ଼ୁ (ଦେଖ)
Charḍu (See)
ପ୍ରାଦେ. (ସମ୍ବଲପୁର) ବିଣ—୧ । ଚେପଟା; ଚଟକା—
1 Flat.
୨ । ସମତଳ—2. Level.
୩ । ଶୁଖିଲା—3. Dry.

୧	ଇ	ଉ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ୍ଞ	ଶ,ଷ	ଙ୍କ	ଇଫ୍	ଉଅ	ଘ
୨	ଈ	ଊ	ଋ	ଌ	ଯୈ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗଁ୍ୟ	ଇଅ	ୠ	ନୃ

(ଯଥା—ବଳଟା କାଟିଦେଲେ ଯୋଗସୂତ୍ରଟା ଚଟା ପଡ଼ିଯିବ ।)

୪ । ଚଠା (ଦେଖ)

4. Chaṭhā (See).

ପ୍ରାଦେ (ଗଡ଼ଜାତ) ବଣ—ସାନ; କ୍ଷୁଦ୍ର—Small; tiny.

(ଯଥା—ଚଟା ଛୁଆଟି କାନ୍ଦ କାନ୍ଦ ହେଲାଣି ।)

ଚଟାଇ—ଦେ. ବ (ସଂ. ଚଟ୍ଟ=ବ୍ରତଧାରୀମାନଙ୍କ ଆସନ; କଟ=ତୃଣାସନ)—ତୃଣାସନ; ମସିଣା—Grass-mat; a mat made of reeds.
Chaṭāi
চাটাই; চেটাই; চেটা
चटाई

ପ୍ରାଦେ (ସମ୍ବଲପୁର; ତୁଳ. ହି. ଚଟ୍ଟା) ବ—ଗୃହ ତଳେ ପାରିବା ବାଉଁଶପାତିଆର ପଟି; ତଲେଇ—A mat woven with thin bamboo-laths.

ଚଟାଇ ପକାଇବା—ଦେ. କ୍ରି—ଭୂମିଉପରେ ମସିଣାକୁ ଲମ୍ବକରି ପକାଇବା—To spread a mat on the ground.
Chaṭāipakāibā
চটাইপাতা
चटाईबिछाना

ଚଟାଇଁ ପାଡ଼ିବା
ଚଟାଇ ପାରିବା
ଚଟାଇ ବିଛାଇବା
ଚଟାଇ ଲମ୍ବାଇବା
} ଅନ୍ୟରୂପ

ଚଟାଇବା—ପ୍ରାଦେ (ମେଦିନୀପୁର) କ୍ରି (ତୁଳ. ହି. ଚଟାନ)—(ଚଟିବା କ୍ରିୟାର ଣିଜନ୍ତରୂପ) ରଗାଇବା; ରାଗ କରାଇବା; ଉତ୍ତେଜିତ କରିବା—To tease; to make angry; to irritate.
Chāṭāibā

ଦେ. କ୍ରି. (ଚାଟିବାର ଣିଜନ୍ତରୂପ)—ଅନ୍ୟ ବ୍ୟକ୍ତିକୁ ଚାଟିବାକୁ ବାଧ୍ୟ କରାଇବା—To cause another to lick; to cause to lap.
চাটান
चटाना

ଚଟାକ୍—ଦେ. କ୍ରି. ବିଣ (ସଂ. ଝଟିତି)—ଝଟ; ତୁରନ୍ତ—Quickly.
Chaṭāk
চটকরে
चटाक्

ଚଟାଚଟ୍—ଦେ. କ୍ରି. ବିଂ (ସଂ. ଝଟିତି)—ଅତିଶୀଘ୍ର—Very quickly.
Chaṭāchaṭ
চটাপট
चटापट

ଚଟାଚଟି—ଦେ. ବ—୧ । (ପଶୁମାନଙ୍କର) ପରସ୍ପର ଦେହକୁ ଚାଟିବା କର୍ମ—1. Act of beasts licking each other's body.
Chaṭāchaṭi
চাটাচাটি
चटाचटि

୨ । ରଗାରଗି; ପରସ୍ପର ପ୍ରତି ରାଗିବା—2. Being angry with each other.
চটাচটি

ପରସ୍ପର ଚଟାଚଟ ପୁଣି ଗଡ଼ାଗଡ଼ି—ମଧୁସୂଦନ. କବିତା ।

ଦେ. ବିଣ—୧ । ପରସ୍ପରର ଦେହକୁ ଚାଟୁଥିବା—1. Licking each other.

୨ । ପରସ୍ପରପ୍ରତି କ୍ରୁଦ୍ଧ—2. Mutually angry.

ଚଟାଡାଙ୍ଗ—ପ୍ରାଦେ (ସମ୍ବଲପୁର) ବ—ଚଡ଼ୁକାଠି (ଦେଖ)
Chaṭāḍāṅga Chardukāṭhi (See)

ଚଟାଣ—ଦେ. ବ—୧ । ସମତଳ ଭୂମି—1. Level ground.
Chaṭāṇa
চটান
चट्टान

୨ । ପଥୁରିଆ ସମତଳ; ବିସ୍ତୃତ ଶିଳାପଟଳ—2. Rocky even surface.

୩ । ଗୃହତଳ—3 Floor of a house.

୪ । କୋଠା ଘରର ପକ୍କା ସମତଳ—4. The pucca floor of a building.

ଚଟାତ୍—ଦେ. ଅ (ସଂ. ଝଟିତି; ହଠାତ୍)—୧ । ହଠାତ୍—1. Unexpectedly.
Chaṭāt
চটাত্
चटाक

୨ । ତତ୍କ୍ଷଣାତ୍—2. At once.

୩ । ଶୀଘ୍ର—3. Quickly; briskly.

ଚଟାତ୍‌କରି
ଚଟାତ୍‌କିନା
ଚଟାତ୍‌କିନି
} ଅନ୍ୟରୂପ

ଚଟାଳ—ଦେ. କ୍ରି. ବଣ—ଶୀଘ୍ର—(ଗୋପୀନାଥ ନନ୍ଦ) Quickly; sharp.
Chaṭāla

ଚଟାଳିଆ—ଦେ. ବଣ—ଈଷତ୍ ଚେପଟା—Slightly flat; flattish.
Chaṭāḻia
চাটাল
चिपटासा

ଚଟି—ଦେ. ବ (ପା. ଚତ୍ୱର=ଚମ୍ବୁ, ଡେରା; କିମ୍ବା ସଂ. ଚର)—୧ । ପାନ୍ଥଶାଳା; ପଥିକମାନଙ୍କ ବିଶ୍ରାମାର୍ଥ ମାର୍ଗନିକଟରେ ନିର୍ମିତ ଗୃହ—1. Rest house along a road; traveller's rest house; serai.
Chaṭi
চটী
चटी

ଅକ୍ଷୟନ ସ୍ଥିତ ଘରଁ ଭବଚଟ—ଜଗନ୍ନାଥ. ଦରବାର ।

୨ । ଏଡ଼ାକୁ ପିନ୍ଧି (ଚାଲିବାବେଳେ ଏଥିର ତଳାରେ ଗୋଇଠି ବାରଂବାର ବାଜି ଚଟ୍ ଚଟ୍ ଶବ୍ଦ ହେଉଥିବାରୁ) ପଛ ନ ଥିବା ଯୋତା—2. Slippers.

ପ୍ରାଦେ (ବାଲେଶ୍ୱର; ମେଦିନୀପୁର) ବ—କ୍ଷୁଦ୍ର ବହି—Pamphlets; booklets.

ପ୍ରାଦେ (ବାଲେଶ୍ୱର; ମେଦିନୀପୁର) ବଣ (ତୁଳ. ବଂ. ଚଟୀ)—

୧ । କ୍ଷୁଦ୍ର; ଛୋଟ—1. Little; small.

୨ । ସାନ; କନିଷ୍ଠ—2. Younger; junior.

(ଯଥା—ଚଟିବାବୁ ।)

୩ । ପତଳା—3. Thin.

(ଯଥା—ଚଟି ବହି ।)

ଚଟିଆ—ଦେ. ବ (ସଂ. ଚଟକ)—ଘରଚଟିଆ ଚଢ଼େଇ—Sparrow; martins.
Chaṭiā

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'କୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

চড়াই ପ୍ରାଦେ. (ଯାଜପୁର) ବି—ଖଜୁରିପତ୍ରର ବୁଣା ପଟି—
चिड़ा; गौरा A mat woven with datepalm leaves.
ପ୍ରାଦେ. (ସମ୍ବଲପୁର) ବିଣ— ଚଟକା—Flat.

ଚଟିକା—ସଂ. ବି. ସ୍ତ୍ରୀ(ଚଟକ+ଆ)--ଚଟକୀ; ମାଈ ଘରଚଟିଆ ଚଢ଼େଇ—
Chaṭikā Hen sparrow.

ଚଟିବା—ପ୍ରାଦେ (ମେଦିନୀପୁର) କ୍ରି (ମୂଳ. ବ. ଚଟା)—କ୍ରୁଦ୍ଧହେବା; ରାଗିବା— To be angry.
Chaṭibā

ଚଟୁ—ସଂ. ବି (ଚଟ୍ ଧାତୁ=ଭେଦନ କରିବା+କରଣ. ଉ)—
Chaṭu ୧ । ଚାଟୁବାକ୍ୟ—1. Flattery.
୨ । ଚିତ୍କାର ଶବ୍ଦ—2. Scream.
୩ । (+କର୍ତ୍ତୃ. ଉ) ଉଦର; ପେଟ—3. Belly.
୪ । ବ୍ରତଧାରୀମାନଙ୍କ ଆସନବିଶେଷ—4. A kind of seat for persons observing fasts.

चाटू ଦେ. ବି (ସଂ. ଦର୍ବୀ; ଯୋଗେଶ୍ଚନ୍ଦ୍ର)—ବ୍ୟଞ୍ଜନ ପ୍ରଭୃତି
चलौना ଘାଣ୍ଟିବା ପାଇଁ ବ୍ୟବହୃତ ଚେପଟା ଦଣ୍ଡ; ଦର୍ବୀ—
A flat stick to stir curry etc on fire; pot stick; stick ladle.

ନାନାଜାତି ପାକ ରସେ ଚଟୁପଣେ,
କହୁଛି ତାର ସ୍ୱାଦୁ ଜାଣେ କଛ କ ଯେ । କୃଷ୍ଣସିଂହ. ମହାଭାରତ. ସଭା ।

ପ୍ରାଦେ (ସମ୍ବଲପୁର) ବି— କରଚୁଲ; କରଚୁଲ—A big metal spoon for agitating boiling food.

ଚଟୁଆ—ଦେ. ବି (ସଂ. କଟି)—୧ । ପଢ଼ିଆ; ପିଚ୍ଛ ଓ ଜଂଘ ମଧ୍ୟସ୍ଥ ଅଂଶ;
Chaṭuā କଟି ଓ ଅଣ୍ଟ ମଧ୍ୟରେ ଥିବା ଗୋଡ଼ର ପଛ ଅଂଶ—
पाछा 1. Hip; the back of the thigh.
कुल्हा पुटा ସେ ଶକତ ମୋର ହାତରୁ ଫିଟିଗଲା
ବୃକୋଦରେ ବାଜି ଚଟୁଆ ଫୁଟିଗଲା । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।
୨ । ମୃଗାଦିର ପଢ଼ିଆ—
2. The ham hip of beasts; haunch.
୩ । ଧାନ କିଆରିରେ ଜନ୍ମିବା ଏକପ୍ରକାର ଘାସ—
3. A sort of weed growing in paddy fields.
[ବି—ଏହା ଏକ ଫୁଟ ପର୍ଯ୍ୟନ୍ତ ଉଚ୍ଚ, କାଣ୍ଡ ଚେପଟା, ପତ୍ର ଖଣ୍ଡାପରି ।]
ପ୍ରାଦେ. (ସମ୍ବଲପୁର) ବି—ସାନ ଚଟୁ—Small stick-ladle.

ଚଟୁଆଫୁଲା—ଦେ. ବି—ଗୋରୁଙ୍କର ଏକପ୍ରକାର ରୋଗ—
Chaṭuāphulā Black quarter; a disease of cattle.

ଚଟୁଆମୁଣ୍ଡା—ଦେ. ବିଣ. ପୁଂ.—ପୁରୁଷଙ୍କ ପ୍ରତି ଗାଳି (ଚଟୁପରି ଯାହାର
Chaṭuāmuṇḍā ମୁଣ୍ଡ ଚେପ୍ଟା)—A term of abuse
(ଚଟୁଆମୁଣ୍ଡୀ—ସ୍ତ୍ରୀ) applied to males.

ଚଟୁଚଳାଇବା—ଦେ. କ୍ରି.—୧ । ଚଟୁଦ୍ୱାରା ପାକହାଣ୍ଡିରେ ଥିବା ବସ୍ତୁକୁ
Chaṭuchalāibā ଘାଣ୍ଟିବା—1. To stir up the contents of a pot with a ladle.
୨ । (ଲକ୍ଷଣାର୍ଥ) ବହୁବ୍ୟକ୍ତିଙ୍କ ମଧ୍ୟରେ ଆପଣା ଜାଣିବା ପଣର ବା ବାହାଦୁରି ଦେଖାଇ ଦେବା ବା ପ୍ରୌଢ଼ି କରିବା—
2. (fig.) To boast of one's knowledge.
୩ । (ଲକ୍ଷଣାର୍ଥ) କିଛି ନ ବୁଝି ନ ସୁଝି ଗୋଟିଏ ଅଖାଡ଼ୁଆ ଆଦେଶ ଜାରି କରିବା—3. (fig.) To pass an order without mature consideration.

ଚଟୁଣି—ଦେ. ବି.—ଚଟଣି (ଦେଖ)
Chaṭuṇi Chaṭaṇi (See)

ଚଟୁତ୍ରାସ—ଦେ. ବି.—ଲୁହାର ଚଟୁକୁ ରଡ଼ନିଆଁରେ ତତାଇ କୁମ୍ଭି
Chaṭutrasa ରୋଗରେ ଫୁଲିଥିବା ଗାଲ ପାଖରେ ଦେଖାଇ ଫୁଲାଯାଗାକୁ ସେକିବା—Fomentation of the smotten cheek by holding a red hot ladle near it.
ଦେ. ବି—ଭୟ ବା ଲଜ୍ଜାରେ ବିବର୍ଣ୍ଣ—Pale through fear.
(ଯଥା—ଏକଥା ଶୁଣି ତା ମୁହଁ ଚଟୁତ୍ରାସ ପଡ଼ିଗଲା—
ଉପେନ୍ଦ୍ର. ଦଶକୁମାରଚରିତ)

ଚଟୁଳ—ସଂ. ବିଣ. (ଚଟ୍ ଧାତୁ+କର୍ତ୍ତୃ. ଉଲ)—୧ । ଚଞ୍ଚଳ; ଅସ୍ଥିର—
Chaṭuḷa 1. Restless; unsteady.
(ଚଟୁଳା—ସ୍ତ୍ରୀ) ୨ । ଚପଳ—2. Fickle.
୩ । ସୁନ୍ଦର—3. Beautiful; nice.
୪ । ପ୍ରିୟବାଦୀ—4. One who speaks kindly.

ଚଟୁଳା—ସଂ. ବି. ସ୍ତ୍ରୀ—(ଚଟୁଳ+ଆ) ବିଦ୍ୟୁତ୍—Lightning.
Chaṭuḷā ସଂ. ବିଣ. ସ୍ତ୍ରୀ—ଚଟୁଳର ସ୍ତ୍ରୀଲିଙ୍ଗ—Feminine of chaṭuḷa.

ଚଟୁଲୋଳ—ସଂ. ବିଣ. (ଚଟୁ+ଲୋଲ)—୧ । ଅତିଶୟ ଚଞ୍ଚଳ; ଅତ୍ୟନ୍ତ
Chaṭuloḷa ଚପଳ—1. Very unsteady; very fickle.
(ଚଟୁଳୋଳ—ଅନ୍ୟରୂପ) ୨ । ଅତିଶୟ ସୁନ୍ଦର—
2, Very graceful or charming; lovely,
୩ । ଥରୁଥିବା—Trembling; tremulous.
୪ । ଚାଟୁକାରୀ—4. Flattering.

ଚଟେଇ (ଇତ୍ୟାଦି)—ଦେ. ବି.—ଚଟାଇ (ଇତ୍ୟାଦି) (ଦେଖ)
Chaṭei (etc) Chaṭāi (etc) (See)
ପ୍ରାଦେ.(ଯାଜପୁର) ବି.—ନଡ଼ିଆ ଛପା; ଚାଞ୍ଚ—A mat made of cocoanut leaves woven with each other.

ଚଟ୍ଟ—ସଂ. ବି.—ଛାତ୍ର; ଚାଟ—Student; pupil.
Chaṭṭa ଶିଷ୍ୟ; ଚେଲା—Desciple.

ଚଟ୍ଟଗ୍ରାମ--ସଂ.ବି. (ଆଧୁନିକ) ସଂ.ଚଟ୍ଟଳ+ଗ୍ରାମ);ସଂ.ଚାଟ୍ଟଗ୍ରାମ. M.W)-
Chaṭṭagrāma ବଙ୍ଗ ଦେଶର ଗୋଟିଏ ଜିଲ୍ଲା ଓ ତହିଁର ରାଜଧାନୀ; ଚାଟଗାଁ—Chittagong; name of a district and its capital in the province of Bengal.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଙ୍ଗ	ଞ୍ଚ	ଢ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ	ଯ	ସ	ଙ୍ଖ	ଙ୍ଗ	ଡ଼	ଢ଼

[ଦ୍ର—ଏହା ବଙ୍ଗୋପସାଗରର ଉତ୍ତରପୂର୍ବ କୋଣ ଉପକୂଳରେ ଅବସ୍ଥିତ ଓ ବ୍ରହ୍ମଦେଶର ଉତ୍ତରପଶ୍ଚିମ କୋଣକୁ ଲାଗି ଅଛି । ଚଟ୍ଟଗ୍ରାମର ଗୋଟିଏ ଅଂଶ ଗଡ଼ଜାତ ଓ ଅନ୍ୟ ଅଂଶ ବ୍ରିଟିଶ-ଶାସିତ । ଏଥିର ପୌରାଣିକ ନାମ ଚଟ୍ଟଳ ଓ ମୁସଲମାନ ରାଜତ୍ୱ ସମୟରେ ଏହାର ନାମ ଇସ୍ଲାମାବାଦ୍ ଥିଲା; ଏହାର ଇଂରାଜୀ ନାମ ଚଟ୍ଟାଗଙ୍ଗ୍ ଓ ବଙ୍ଗୀୟ ନାମ ଚାଟଗାଁ]

ଚଟଳ—ସଂ. ବ—ଚଟ୍ଟଗ୍ରାମର ପୌରାଣିକ ନାମ (ଜ୍ଞାନେନ୍ଦ୍ର)—
Chattala — The old name of Chittagong.
[ଦ୍ର—ମୁସଲମାନ ରାଜତ୍ୱ ସମୟର ନାମ ଇସ୍ଲାମାବାଦ୍ ।]

ଚଟ୍ଟି—ଦେ. ବ—ଚଟି (ଦେଖ)—
Chatti — Chati (See)

ଚଟ୍ଟୋପାଧ୍ୟାୟ—ସଂ. ବି. (ଅଧିକରଣ)--(ସଂ. ଚଟ୍ଟ=ଗୃହ, ଗ୍ରାମ+ଉପାଧ୍ୟାୟ--
Chattopadhyāya ଶିକ୍ଷକ)--ବଙ୍ଗୀୟ ବ୍ରାହ୍ମଣଙ୍କ ଉପାଧିବିଶେଷ—
A family-title of Bengalee Brahmins.

ଚଠା ପ୍ରାଦେ. (ସମ୍ବଲପୁର) ବିଣ (ଗାଳି)—୧ । ଉଦରମ୍ଭରି; ପେଟୁ—
Chathā — 1. Greedy.
(ଚଠୀ—ସ୍ତ୍ରୀ) ୨ । ବିନା ନିମନ୍ତ୍ରଣରେ ଭୋଜନ ସ୍ଥାନକୁ ଯିବା (ବ୍ୟକ୍ତି)—
2. (a person) Attending a feast without invitation.
୩ । ଅଇଁଠାଚଟା; ପରାନ୍ନଭୋଗୀ—3. Slavishly living on the leavings of other's dishes.
୪ । ଅତ୍ୟନ୍ତ ସ୍ୱାଦଲୋଲୁପ; ଡାହାଣୀ—
4. Hankering after dainties.

ଚଡ୍ (ଧାତୁ)—ସଂ--ଚଡ଼ିବା; ବିରକ୍ତ ହେବା; କ୍ରୁଦ୍ଧହେବା (ଯୋଗେଶଚନ୍ଦ୍ର)--
Chard (root) — To be enraged.

ଚଡ଼୍ଚଡ଼୍—ଦେ. ଅ (ଧ୍ୱନ୍ୟନୁକରଣ) (ସଂ. ଚଟଚଟା)—
Chardchard ୧ । ଉପର୍ଯ୍ୟୁପରି ଚାପୁଡ଼ା ବାଜିବାର ଶବ୍ଦ—
ଚଡ଼୍ ଚଡ଼୍, ଚଡ଼୍ ବଡ଼୍ — 1. Sound of constant slapping.
चड़चड़ ୨ । ଧାନ ଭାଜିବା ସମୟରେ ଖଇ ଫୁଟିବାର ଶବ୍ଦ—
2. Sound of fried paddy bursting quickly over fire.

ଚାଣ୍ଡ ବାଲିରେ ମୁଠାଏ ଧାନ ପକାଇ ଦେଲେ
ଚଡ଼୍ ଚଡ଼୍ କରି ଖଇ ଫୁଟିସିନା । ଫ କୀରମୋହନ. ଛମାଣଆଠଗୁଣ୍ଠ ।

୩ । କଞ୍ଚା ଫଳ ନିଆଁରେ ପୋଡ଼ି ଫାଟିଯିବାର ଶବ୍ଦ—
3. Crackling sound of unripe fruits in burning fire while bursting.
୪ । ଜଳନ୍ତା ନିଆଁରେ ଜଳୁଥିବା କାଠର ଶବ୍ଦ—
4. Crackling sound of wood in burning fire.
୫ । ଶୁଖିଲା କାଠ ବା ବକଳ ଫାଟିଯିବାର ଶବ୍ଦ—
5. Crackling sound of dry wood or bark breaking.

ଦେ. କ୍ରି. ବିଣ—୧ । ଚଡ଼୍ଚଡ଼୍ ଶବ୍ଦ କରି—
1. Making a crackling noise.
(ଯଥା—ନିଆଁରେ ଲୁଣ ପକାଇଲେ ତାହା ଚଡ଼୍ ଚଡ଼୍ ଫୁଟେ ।)
୨ । ଅତି ଚଞ୍ଚଳ; ଚକ୍ଷୁଁ ଚକ୍ଷୁଁ—
2. Before one's eyes; quickly; in quick succession.
[ଦ୍ର—ଘାଆ ବା ଦେହ ଫାଟିବା ଅର୍ଥରେ ବ୍ୟବହୃତ । ଯଥା—ଘାଆଟା ଚଡ଼୍ ଚଡ଼୍ ଫାଟିଗଲା; ଖୁବ୍ ଖରାରେ କାଦୁଆ ଭୂମି ଶୁଖିଯାଇଁ ଚଡ଼ଚଡ଼ ଫାଟେ ।]

ଚଡ଼ଚଡ଼ିଆ—ଦେ. ବିଣ—ଚଡ଼୍ଚଡ଼୍ଶବ୍ଦକାରୀ—
Chardchardia — Making a crackling sound.

ଚଡ଼୍ଚଡ଼ୁଆ—ଦେ. ବିଣ—ଚଡ଼୍ଚଡ଼ିଆ (ଦେଖ)
Chardcharduā — Chardchardiā (See).

ଚଡ଼୍ଗୁଡ଼୍—ଦେ. ଅ (ଧ୍ୱନ୍ୟନୁକରଣ)—ଚଡ଼୍ଚଡ଼୍ (ଦେଖ)
Chardchard — Chardchard (See)

ଚଡ଼୍ଭଡ଼୍—ଦେ. ଅ (ଧ୍ୱନ୍ୟନୁକରଣ)—ଚଡ଼୍ଚଡ଼୍ (ଦେଖ)
Chardbhard — Chardchard (See)

ଚଡ଼—ପ୍ରାଦେ (ଗଞ୍ଜାମ ଓ ମେଦିନୀପୁର) ବ (ଭୁଲ. ବ. ଚଡ଼୍)—ଚାପୁଡ଼ା—
Charda — Slap.

ଚଡ଼ଉ—ଦେ. ବ—ଚଢ଼ଉ (ଦେଖ)
Chrdau — Chardhau (See).

ଚଡ଼କ—ଦେ. ବ.—(ଚଡ଼ଚଡ଼ ଧ୍ୱନ୍ୟନୁକରଣ; ଚଡ଼ତ)—
Chardaka ୧ । ବଜ୍ର—1. Thunder.
বাজ ୨ । ବଜ୍ରପାତ—2. Thunder bolt.
बिजलीकीकड़क ଗଳ ନଉଡ଼ି ଗଲ ବକ ।
बिजलीकी तड़प ଶବଦେ ପଡ଼ିଲ ଚଡ଼କ—ଭୂପତି. ପ୍ରେମପଞ୍ଚାମୃତ ।
ପ୍ରାଦେ. (ମେଦିନୀପୁର, ବାଲେଶ୍ୱର) ବ. (ଭୁଲ. ବ. ଚଡ଼କ; ସଂ. ଚକ୍ର; ଫା. ଚର୍ଖ=ଚକ)—
ଚଡ଼କ ପୂଜା (ଦେଖ) – Chardaka pūjā (See)

ଚଡ଼କ ପକାଇବା—ଦେ. କ୍ରି.—ଲକ୍ଷଣାର୍ଥ) ନାଶ କରିବା; ବିନଷ୍ଟ
Chardaka pakāibā କରାଇବା—(fig.) To destory.

ରେ ଅଜ୍ଞାନ ମ୍ଲେଚ୍ଛ ସମ୍ପଦେ ।
ଚଡ଼କ ପକାଇ ନିର୍ଦୟ ହୃଦେ—ଜଗନ୍ନାଥ. ଜଦ୍ଭୂର୍ଯ୍ୟ ।

ଚଡ଼କ ପଡ଼ିବା—ଦେ. ବ.—୧ । ବଜ୍ରପାତ—1. The falling of
Chardaka pardibā — thunder.
বাজপড়া ୨ । (ଲକ୍ଷଣାର୍ଥ) ସର୍ବନାଶ ଘଟିବା—
बिजलीगिरना 2. (figurative) Ruination.

ଚଡ଼କ ପୂଜା—ପ୍ରାଦେ. (ମେଦିନୀପୁର, ବାଲେଶ୍ୱର) ବି.—
Chardaka pūjā (ଭୁଲ. ବ. ଚଡ଼କ ପୂଜା)—
ଓଡ଼ିଶାରେ 'ପାଟୁଆ' ଉତ୍ସବ—A swinging or whirling ceremony performed by the

ସାଧାରଣ ଲୋକେ ଅପର ପୃଷ୍ଠାରେ ବୃତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

low caste Hindus on the Chaitra Saṁkrānti day.

[ଦ୍ର—କେତେକ ଗଡ଼ଜାତ ଓ ବାଙ୍କି ଅଞ୍ଚଳରେ ବାଉରି, କଣ୍ଡରା, ପାଣ, ଖଇରା ଆଦି ଲୋକେ ଏ ଉତ୍ସବ କରନ୍ତି। ଯେଉଁମାନେ ପୂର୍ବରୁ ମାନସିକ କରି ଏ ବ୍ରତ କରନ୍ତି ତାଙ୍କୁ 'ପାଟୁଆ' ବୋଲାଯାଏ ଓ ଏ ଯାତ୍ରାକୁ 'ଦଣ୍ଡଯାତ' ବା 'ଝାମୁଯାତ' କୋଲାଯାଏ। ବ୍ରତଧାରୀର ପିଠିକୁ ପୋଡ଼ା ଝୁଣା ଫିଙ୍ଗି ପିଠିର ଚମକୁ କଷ୍ଟସହନକ୍ଷମ କରାଯାଏ। ପୋଡ଼ା ଝୁଣା ମରାଯିବା ଯୋଗୁଁ ପିଠି ଚମ ଅକାଟ୍ଟ ହେଲାରୁ ପିଠିକୁ ଫୋଡ଼ି ବେଏଁଶିରା ତଳେ ଗୋଟିଏ ବନଶୀକଣ୍ଟା ପରି ବଡ଼ ମୁନିଆଁ ହୁକ ଫୋଡ଼ାଯାଏ ଓ ସେ ହୁକର ମୂଳରେ ଦଉଡ଼ି ଲାଗେ। ଭୂମିରେ ଗୋଟିଏ ୬୦।୭୦ ହାତ ଉଚ୍ଚ ବାଉଁଶ ପୋତା ଯାଇ ସେ ବାଉଁଶର ଅଗରେ ତରାଜୁଦଣ୍ଡ ବା ନାହୁଙ୍ଗୀ ପରି ଗୋଟିଏ ନମନୀୟ ବାଉଁଶ ଲଗାଯାଏ। ସେହି ନାହୁଙ୍ଗୀର ଗୋଟିଏ ମୁଣ୍ଡରେ ଏକ ଲମ୍ବ ଦଉଡ଼ି ଲଗାଯାଏ ଓ ଅନ୍ୟ ମୁଣ୍ଡରେ ପାଟୁଆର ପିଠିରେ ଫୋଡ଼ା ହୋଇଥିବା ବନଶୀକଣ୍ଟାର ମୂଳରେ ଲାଗିଥିବା ଦଉଡ଼ିରେ ପାଟୁଆକୁ ଟାଙ୍ଗି ଦଅନ୍ତି ଓ ପାଟୁଆ ଶୂନ୍ୟରେ ଝୁଲୁଥାଏ ଏବଂ ଲୋକେ ଆର ମୁଣ୍ଡର ଦଉଡ଼ିକୁ ଟାଣି ସେ ନାହୁଙ୍ଗୀକୁ ଘୂରାନ୍ତି ଓ ପାଟୁଆ ଶୂନ୍ୟରେ ୭ ଫେରି ବା ୨୧ ଫେରି ଘାଇଁରି ଖାଇ ବୁଲୁଥାଏ। ତତ୍‌ପରେ ପାଟୁଆକୁ ସେଥିରୁ ମୁକ୍ତ କରନ୍ତି ଓ ପାଟୁଆ ମାସେ ଯାକେ ଗ୍ରାମେ ଗ୍ରାମେ ବୁଲି ବାଜା ସହିତ ନାଚେ ଓ ଗୀତ ବୋଲେ।]

ଚଡ଼କବାଜି—ଦେ. ବି. (ସଂ. ଚକ୍ର ଓ ପା. ବାଜୀ=କ୍ରୀଡ଼ା)—
Chardakabāji ଚଡ଼ ଚଡ଼ ଶବ୍ଦ କରି ଫୁଟିବା ଏକପ୍ରକାର
চড়কবাজী ବାଣ—A kind of cracking work.
चरखाबाजी, [ଦ୍ର—ଏହା ବମ୍ବାଜି ଓ ତୋପବାଜିଠାରୁ
चरकोबाजी ଅଧିକତର ଶବ୍ଦ କରେ।]
(ଚଡ଼କାବାଜି—ଅନ୍ୟରୂପ)

ଚଡ଼କ ସଂକ୍ରାନ୍ତି—ପ୍ରାଦେ. (ମେଦିନୀପୁର, ବାଲେଶ୍ୱର) ବି. (ତୁଲ. ବଂ.
Chardaka saṁkrānti ଚଡ଼କ ସଂକ୍ରାନ୍ତି)—ପଣା ସଂକ୍ରାନ୍ତି; ଚୈତ୍ର ସଂକ୍ରାନ୍ତି—The Saṁkrānti of the month of Chaitra.

ଚଡ଼କା—ଦେ. ବି—୧। (ସଂ. ଚର୍ଚ୍ଚରୀ)--ବାଦ୍ୟବିଶେଷ; ଚର୍ଚ୍ଚରୀବାଦ୍ୟ;
Chardakā ଓଡ଼ିଶାର ଡାସା ବାଜା—1. A kind of shallow drum making a crackling sound.
চিড়ফাট ୨। (ସଂ. ଚୀର୍ଣ୍ଣ) କାଠ ବା ଧାତୁ ବା କାଚରେ ଖୁବ ସରୁ
चटक; कड़क ଫଟା ଦାଗ—2. Crack in a wood or glass or metalware.

ଚଡ଼କାଇବା—ଦେ. କ୍ରି. (ଧ୍ୱନ୍ୟନୁକରଣ)—
Chardakāibā ୧। ଚଡ଼କିବାର ଣିଜନ୍ତରୂପ—
1. The causative form of Chardakibā.
চড়কান ୨। ଫଟାଇବା—2. To cause to crack; to split.

चटकाना ୩। ଭୟରେ ସ୍ତମ୍ଭିତ ବା ଚମକିତ କରିବା—
(ଚଡ଼କେଇବା—ଅନ୍ୟରୂପ) 3. To startle; to alarm.
ତାହା ସଙ୍ଗରେ ସଙ୍ଗ ହୋଇଣ ଚଡ଼କ
ଚଡ଼କାଇବ ଏ ସବୁର ହୃଦଯାକ—କୃଷ୍ଣସିଂହ, ମହାଭାରତ, ବନ।

ଚଡ଼କିବା—ଦେ. କ୍ରି. (ଧ୍ୱନ୍ୟନୁକରଣ)—
Chardakibā ୧। ଚଡ଼ ଚଡ଼ ଶବ୍ଦ କରିବା—
চড়কা 1. To make a crackling sound
चिटकना; चटकना ୨। (ଲୁଣ ନିଆଁରେ)ଚଡ଼ ଚଡ଼ ହୋଇ ଫୁଟିବା—
2. To crackle (said of particles of salt thrown into fire).
୩। (ପଟା ଆଦି) ଚଡ଼ ଚଡ଼ ହୋଇ ଫାଟିଯିବା—
3. (planks) To be cracked.
୪। (ବିଜୁଳି ଆଦି) ଘନଘନ ଝଟକିବା—
4. To flash repeatedly.
୫। (ମନ) ଘୋର ଗର୍ଜନନାଦ ଶୁଣି ଚକିତ ବା ଭୟ ହେବା—5. (mind) To be startled; to be alarmed.
୬। (କାଦୁଅ ମାଟି) ଖରାରେ ଶୁଖି ଫାଟିଯିବା—
6. To crack (said of dried up clayey soil.)

ଚଡ଼ଚଡ଼ାଇବା—ଦେ. କ୍ରି.—ଚଡ଼ ଚଡ଼ ଶବ୍ଦ କରିବା—
Chardachardāibā To make a crackling sound.

ଚଡ଼ଚଡ଼ି—ଦେ. ବି.—୧। ବଜ୍ରପାତ—
Chardachardi 1. Stroke of lightning.
୨। ଚଡ଼କ; ବଜ୍ରସୂଚି; ବଜ୍ର—2. Thunderbolt.
ଘଡ଼ଘଡ଼ି ଉପରେ ପଡ଼ଇ ଚଡ଼ଚଡ଼ି। ପ୍ରାଚୀ. ରହସ୍ୟମଞ୍ଜରୀ।
[ଦ୍ର - ଘଡ଼ଘଡ଼ି=ମେଘ ଗର୍ଜନ; ଚଡ଼ଚଡ଼ି=ବଜ୍ରସୂଚି।]
ପ୍ରାଦେ. (ମେଦିନୀପୁର) ବି.—(ତୁଲ. ବଂ. ଚଡ଼ଚଡ଼ି)—
ସନ୍ତୁଳା ତିଅଣ—A kind of curry with very little water left in it.

ଚଡ଼ ଚାପଡ଼—ଦେ. ବି.—(ଏକାର୍ଥକ ସହଚର; ଚଡ଼ ଧ୍ୱନ୍ୟନୁକରଣ+ସଂ.
Charda chāparda ଚପେଟ)—୧। ଚାପୁଡ଼ା—1. Slap.
চড়চাপড় ୨। ଚାପୁଡ଼ାରୂପ ଦଣ୍ଡ—
चपत 2. Punishment in the shape of slaps
(ଚଡ଼ଚାପୁଡ଼ା—ଅନ୍ୟରୂପ) ଅବଧାନ୍ ! ଆଗ ମାଇପକୁ ଚଡ଼ଚାପଡ଼,
ପଛ ମାଇପକୁ ସାବଧାନ୍। ଢଗ।

ଚଡ଼ତି—ପ୍ରାଦେ. (ମେଦିନୀପୁର) ବି.—(ସଂ. ଚର ଧାତୁ; ତୁଲ. ବଂ.
Chardati ଚଡ଼ତି)—୧। ଆରୋହଣ—1. Riding.
(ପଡ଼ତି—ବିପରୀତ) ୨। ଊର୍ଦ୍ଧ୍ୱଗମନ—2. Ascent; rising up.
୩। ବୃଦ୍ଧି; ବଢ଼ିବା—3. Increase.
୪। ମୂଲ୍ୟବୃଦ୍ଧି—4. Rise in price.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଙ୍ଘ	ଢ଼ଅ	ଯ
୨	ଈ	ଊ	ଋୂ	ଌୂ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ	ଯ	ସ	ଁ	ଙ୍ଖ	ଢ଼	ନ

ଚଡ଼ନ୍—ପ୍ରାଦେ. (ମେଦନୀପୁର)—ବି.—୧ । ଆରୋହଣ—
Chardan 1. Ascending.
୨ । (ପଶ୍ୱାଦିର) ପୃଷ୍ଠରେ ଆରୋହଣ—2 Riding.
୩ । ବର୍ଦ୍ଧନ—3. Increasing.
୪ । ଜଡ଼ାଉ କାମ କରିବା; ଖଚିତ କରିବା—
4. Mounting a gem on a metal.

ଚଡ଼ନ୍‌ଦାର୍—ପ୍ରାଦେ. (ମେଦନୀପୁର) ବି.—(ଭୁଲ. ଏହି ଅର୍ଥରେ ବଂ ଓ
Chardan-dār ହି)—୧ । ଆରୋହୀ—1. Riding.
୨ । ଅଳଙ୍କାରରେ ଜଡ଼ାଉ କରିବା କାରିଗର—2. An artisan who mounts gems on an ornament.
୩ । ଯେଉଁ ଅଳଙ୍କାରରେ ଜଡ଼ାଉ କାମ ହୋଇଥାଏ—
3. Mounted ornament; gem-set ornament.
୪ । ଯେଉଁ ବ୍ୟକ୍ତି ବୋଝାଇମାଲକୁ ଜଗିବା ପାଇଁ ଗାଡ଼ି, ଡଙ୍ଗା ବା ରେଳରେ ଯାଏ—4. A passenger who accompanies the merchandises laden in a cart, boat or rail.

ଚଡ଼ୟା—ପ୍ରାଦେ. (ଗଞ୍ଜାମ) ବି—କାଶତୃଣ (ଦେଖ)
Chardayā Kāsatruna (See)
ଦେ. ବି—ଚଢ଼େୟା (ଦେଖ)—Chardheyā (See)

ଚଡ଼ୟା ଅଠା—ଦେ. ବି—ପକ୍ଷୀ ଧରିବା ନିମିତ୍ତ ଅଠାକାଠିରେ ଦିଆଯାଇ-
Chardayā athā ଥିବା ଅଠା—Bird-lime.

ଗୃରୁସ ମାଧୁରିକ୍ଷା ଗୃହାଣୀ ଚଡ଼ୟା ଅଠା
ଚ୍ଛିବଳ ଲଳଚ ଠାଣି ନିଜଗ ଜାଣି ସେ । ପ୍ରାଚୀ. ରହସ୍ୟମଞ୍ଜରୀ ।

ଚଡ଼ା—ଦେ. ବି.—(ସଂ. ଚର୍)—୧ । ନଦୀ ଗର୍ଭରେ ବନ୍ୟା ବେଳେ
Chardā ସ୍ରୋତଦ୍ୱାରା ସ୍ତୂପୀକୃତ ବାଲି ବା ପଙ୍କ; ପଠା,—
ଚଡ଼ା 1. Sand-bank; alluvion or accretion formed
ପଲ୍ଲି; କଚ୍ଛାର in the bed of a river.
ଚଡ଼ା ୨ । (ସଂ. ଚର ଧାତୁ) ଆରୋହଣ—2. Ascending.
ଚଢ଼ାଇ ୩ । ଉଠାଣି—3. Ascent.
୪ । ପ୍ରଶ୍ନ—(ବିପରୀତ—ଉତ୍ତର)—4. Question
ଚଢ଼ା (ଦେଖ)— Chardha (See)

ଚଡ଼ାଇ (ଇତ୍ୟାଦି)—ଦେ. ବି—ଚଢ଼ାଇ ଇତ୍ୟାଦି (ଦେଖ)
Chardai (etc) Chardhai etc (See)

ଚଡ଼ାଇବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଚଢ଼ାଇବା (ଦେଖ)
Chardāibā 1. Chardhaibā (See)
୨ । ଧନୁରେ ଗୁଣ ଚଢ଼ାଇବା—2. To put the string (ଚଡ଼େଇବା—ଅନ୍ୟରୂପ) into the bow; to string a bow.

ଚଡ଼ାଏବା ପ୍ରାଦେ. (ସମ୍ବଲପୁର) କ୍ରି—ଚଢ଼ାଇବା (ଦେଖ)
Chardāebā Chardhāibā (See)

ଚଡ଼ା ପଡ଼ିବା—ଦେ. ବି.—(ସଂ. ଚର+ପତନ)—ନଦୀ ଗର୍ଭରେ ସ୍ରୋତ-
Chardā pardibā ଦ୍ୱାରା ଏକ ସ୍ଥାନରେ ସ୍ତୂପିତ ବାଲି ବା ମାଟି
ହି. ଚଡ଼ାପଡ଼ା ଜମା ହୋଇ ଯିବା—Formation of alluvial
ଚରପଡ଼ନା deposit or sand-bank in the bed of a river.

ଚଡ଼ୁ—ଦେ. ବି—୧ । ରୋଗ ନିବାରଣାର୍ଥ ତପ୍ତଲୌହଦ୍ୱାରା ଜୀବଶରୀରର
Chardu ଶିରରେ ଦିଆଯିବା ଦାଗ; ଚେଙ୍କା; ବାଣୀ—
ଶେଁକ; ଦାଗ 1. Cauterization; branding marking
ଦାଗ; ଛାପ; ଚରକା with a hot iron.
୨ । ଗରମ ଲୌହଦ୍ୱାରା ଦେହରେ କରାଯିବା ଚିହ୍ନ—
2. A mark with a branding iron.

ଚଡ଼ୁଆ—ପ୍ରାଦେ. (ଗଡ଼ଜାତ) ବି. (ଭୁଲ. ସଂ. ଚରୁ; ଚରୁସ୍ଥାଲୀ)—
Chardua ଧାତୁର ଥାଳିଆ—Small metal plate.

ଚଡ଼ୁକାଠି—ଦେ. ବି—ଯେଉଁ ଲୌହଶଲାକାର ଅଗ୍ରଭାଗ ଉତ୍ତପ୍ତ କରି
Chardukāthi ମନୁଷ୍ୟ ଶରୀରରେ ଚଡ଼ୁ ଦିଆଯାଏ—
ଦାଗନୀ Searing iron; an iron used for canterising.
ଚରକାଠୀ

ଚଡ଼ୁ ଘିନିବା—ଦେ. କ୍ରି—ଦଗାଇ ହେବା; ଆପଣା ଶରୀରରେ ଚଡ଼ୁ ଦାଗ
Chardu ghinibā ଗ୍ରହଣ କରିବା—To allow one's self
ଦାଗଲଓୟା to be seared.
ଦାଗଲେନା; ଦଗବାନା; ଛାପଲେନା

ଚଡ଼ୁ ଦେବା—ଦେ. କ୍ରି—ଅନ୍ୟର ଶରୀରରେ ଚେଙ୍କ ମାଡ଼ିବା; ଦାଗିବା—
Chardu debā To sear another's body.
ଦାଗା
ଦାଗନା; ଚରଦେନା; ଛାପଦେନା

ଚଡ଼େଇ—ଦେ. ବି—ଚଢ଼ାଇ (ଦେଖ)
Chardei Chardhai (See)

ଚଡ଼େୟା—ପ୍ରାଦେ. (ଗଞ୍ଜାମ) ବି—ଚଡ଼ୟା (ଦେଖ)
Chardeyā Chardayā (See)

ଚଢ଼ଇ—ପ୍ରାଦେ. (ମେଦନୀପୁର) ବି. (ଭୁଲ. ବ. ଚଢ଼ୁଇ)—
Chardhai ଚଢ଼ାଇ (ଦେଖ)—Chardhāi (See)

ଚଢ଼ଉ—ଦେ. ବି. (ସଂ. ଚର ଧାତୁ)—୧ । ଉଠାଣି—1. Ascent.
Chardhau ୨ । ଉଠିବା କର୍ମ—2. Act of ascending.
ଚଢ଼ାଇ; ଚଢ଼ାଉ ୩ । ଚଢ଼ାଉ; ଆକ୍ରମଣ—3. Attack,
ଚଢ଼ାଇ; ଚଢ଼ାଓ

ଚଢ଼ଉ ଜୋତା—ଦେ. ବି.—ଯେଉଁ ଜୋତାର ପଛ ପାଖ ବା ଏଡ଼ୀର
Chardhau jotā ଚମଡ଼ା ଗୋଇଠି ଉପରକୁ ଉଠିଥାଏ—
ଚଢ଼ୌଵା High-backed shoes.

ଚଢ଼ା—ଦେ. ବି. (ସଂ. ଚର ଧାତୁ)—ଚଡ଼ା (ଦେଖ)
Chardha Chardā (See)
ଚଢ଼ା ଭଣ—୧ । ଆରୋହୀ—1. Riding; ascending.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

चिढ़ाय, चढ़ाइ (ଯଥା—ଘୋଡ଼ା ଚଢ଼ା ଲୋକ ।)

୨ । ମହର୍ଗ; ଦୁର୍ମୂଲ୍ୟ—
2. High; dear; of high price.
ପୁଣି ଦର ଭଲ ଚଢ଼ା । ଫକୀରମୋହନ, ଗଳ୍ପସ୍ୱଳ୍ପ ।

୩ । ଯାହା ଉପରେ ଚଢ଼ାଯାଏ (ଘୋଡ଼ା; ହାତୀ)—
3. Used in riding; riding (horse or elephant).

୪ । ଉଚ୍ଚୈଃସ୍ୱରବିଶିଷ୍ଟ (କଥା)—
4 Loud; high-toned (speech).

୫ । ଉଦ୍ଧତ (ସ୍ୱଭାବ)—5. Irritable (temper).

୬ । ଉଠାଣିଆ (ରାସ୍ତା)—6. Ascending (road).

ଚଢ଼ାଇ—ଦେ. ବି, (ସଂ. ଚଟକ କମ୍ବା ଚର ଧାତୁ)—
Chardhai ୧ । କ୍ଷୁଦ୍ର ପକ୍ଷୀ—1. Small bird.
চড়ুই ୨ । ପକ୍ଷୀ—2. Bird.
चिड़िया, चिरैया

ଚଢ଼ାଇବା—ଦେ. କ୍ରି—(ସଂ. ଚରଧାତୁର ପ୍ରେରଣାର୍ଥକ)—
Chardhaiba ୧ । ଚଢ଼ିବାର ଣିଜନ୍ତରୂପ—
চড়ান 1. The causative form of 'chardhiba'
चढ़ाना, चढ़वाना ୨ । ଆରୋହଣ କରାଇବା—
2. To cause to ascend or ride.
(ଚଢ଼େଇବା—ଅନ୍ୟରୂପ) ଚଢ଼ାଇ ଭଲକ ସୁଖପାଦପେ
ଚକଅର ମୂର୍ତ୍ତି କହିଲେ କୋପେ—
କବିସୂର୍ଯ୍ୟ, କଳାବତୀ ଚାନ୍ଦ ।

୩ । ଉତ୍ତୋଳନ କରିବା; ଉପରକୁ ଉଠାଇବା—
3. To lift up.

୪ । ରେଳ, ଜାହାଜ ବା ଯାନରେ ଯାତ୍ରୀଙ୍କୁ ଆରୋହଣ କରିବାର ସୁବିଧା କରିଦେବା—4. To see a man get into a conveyance.

୫ । ନିଜର ପିଠିରେ ଅନ୍ୟଙ୍କୁ ବସିବାକୁ ସମର୍ଥ କରିବା—
5. To cause another to sit or come over one's back.
(ଯଥା—ଏ ଘୋଡ଼ା କାହାକୁ ଚଢ଼ାଇ ଦେଉନାହିଁ ।)

୬ । (ଔଷଧ) ନିଜେ ଖାଇବା—6. To eat.

୭ । (ଔଷଧ) ପରକୁ ଖୁଆଇବା—7. To feed.

୮ । (ମାଡ଼) ମାରିବା—
8. To deal (blows); to administer.
(ଯଥା—ଛଥା ଚଢ଼ାଇବା ।)

୯ । (ସ୍ୱର) ଉଚ୍ଚ କରିବା—
9 To highten; to raise (one's voice).

୧୦ । (ଯନ୍ତ୍ରର ତାର) କସିବା; ଟାଣିବା—
10. To tighten (the strings).
କ୍ଷୀଣ ଚଢ଼ାଇ ଅଛି କସେ ନିଜ କଣ୍ଠ-ଯନ୍ତ୍ରେ କୂଅଭାର—
ରାଧାନାଥ, ଉଷବଶୀ ।

୧୧ । (ଫୁଲମାଳ ଓ ପୋଷାକ) ନିଜେ ପିନ୍ଧିବା—
11. To wear; to put on.
(ଯଥା—ସେ ଆଜି ଚକଚକିଆ କୋଟ୍ ଚଢ଼ାଇ ଦରବାରକୁ ଆସିଛି ।)

୧୨ । (ବ୍ୟଙ୍ଗାର୍ଥ) (ନିଶା) ଖାଇବା—
12. To take (some intoxicant).
ସେମିତିରୂପେ ମହୁଆ ଚଢ଼ାଇ ଥାଇ ନିଶା—ପ୍ରାଚୀ, ବ୍ରହ୍ମନରୂପଣଗୀତା ।

୧୩ । ଦେବବିଗ୍ରହଙ୍କ ଉପରେ ଲାଗି କରିବା—
13. To put on the body of an image.
ସେ ଦେଶରେ ଯେତେକ ଦେବଦେଖି ଥିଲେ
ତାଙ୍କୁ ଭୋଗ ଦେଇ ମାଳ ଚଢ଼ାଇଲେ—କୃଷ୍ଣସିଂହ, ମହାଭାରତ, ବନ ।

ଚଢ଼ାଇମାରୁ—ଦେ. ବି—ବ୍ୟାଧ; ଯେ ପକ୍ଷୀ ଧରି ଜୀବିକା ନିର୍ବାହ କରେ—
Chardhaimaru Bird-catcher; bird-shooter; fowler.
চিড়িআমার
चिड़ीमार

ଚଢ଼ାଉ—ଦେ. ବି. (ସଂ. ଉଚ୍ଛଳନ; ପ୍ରା. ଉଚ୍ଛଳଣ)—୧ । ଆକ୍ରମଣ—
Chardhau 1. Attack; onset.
চড়াউ ଏକ ଏକ ହୋଇ ରାଜପୁତ୍ରଗଣ ସଦଳେ କଲେ ଚଢ଼ାଉ—
चढ़ाइ ରାଧାନାଥ, ପାର୍ବତୀ ।

୨ । ବହୁସଂଖ୍ୟାରେ ଏକ ସ୍ଥାନରେ ପ୍ରବେଶ—
2. Arriving at or entering a place with a large number of people.

୩ । ସୈନିକଙ୍କଦ୍ୱାରା ରାଜ୍ୟାଦି ଆକ୍ରମଣ—
3. Invasion of a kingdom by an army.

ପ୍ରାଦେ. (ପୁରୀ) ବି—ଜଗନ୍ନାଥଙ୍କ କର୍ମଚାରିବିଶେଷ; ଚଢ଼ଉ—
A class of record-keepers of the Puri tremple.
[ଦ୍ର—ମାଦଳାପାଞ୍ଜି ଏମାନଙ୍କ ଘରେ ଥାଏ । ଏମାନେ ରାଜବଂଶର ଇତିହାସ ଲେଖନ୍ତି—ଜଗବନ୍ଧୁ, ପ୍ରାଚୀନ ଉତ୍କଳ ।]

ଚଢ଼ାଉତୁରା କରିବା—ଦେ. କ୍ରି—ଢାଲୁଜାଗାରେ ଉପରକୁ ତଳୁ ଓ ତଳୁ
Chardhautra kariba ଉପରକୁ ଆସିବା ଓ ଯିବା—
Repeatedly to go up and come down; to walk up and down a steep incline.

ଚଢ଼ା ଉତାର—ଦେ. ବି. (ସମସ୍ୟାର୍ଥକ ସହଚର)—୧ । କୌଣସି
Chardha utara ପଦାର୍ଥକୁ ଉପରକୁ ଉଠାଇବା ଓ ତଳକୁ
চড়াউতার ଓହ୍ଲାଇ ଆଣିବା—
चढ़ाउतार; चढ़ाउतरी 1. Lifting and lowering.

୨ । ଉଠାଣି ଓ ଗଡ଼ାଣି—2. Ascent and descent; upward and downwand slopes.

୩ । ପ୍ରଶ୍ନ ଓ ତାହାର ଉତ୍ତର—
3. 3. Question and its reply.

୪ । ଉପରକୁ ଉଠିବା ଓ ତଳକୁ ଖସିବା—
4. Ascending and descending; going up and coming down.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇମ୍ପୃ	ଋଃ	ଋ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚଁ୍ୟ	ଇଅ	ଊ	ନ୍ମ

୫ । ଖୁବ କଡ଼ା ସ୍ୱର ଓ ଖୁବ ନରମା ସ୍ୱର—
5. Sounds of high and low pitch.

ଚଢ଼ାଚଢ଼ି—ଦେ. ବି—୧ । ଅନ୍ୟୋନ୍ୟ ଉପରେ ଚଢ଼ିବା—
Chardhāchardhi 1. Getting over the body of each other; mounting upon one another.
ଚଡ଼ାଚଡ଼ି
चढ़ाचढ़ि

୨ । ବନ୍ଦୁବାର ଆରୋହଣ—
2. Repeated riding or ascending.

୩ । (ଅଶ୍ଳୀଳ) ମୈଥୁନ କ୍ରିୟା—
3. Copulation (by the male and female atternately getting on each other).

ଚଢ଼ାନ୍—ପ୍ରାଦେ. (ସମ୍ବଲପୁର) ବିଣ—ଉଠାଣି (ସ୍ଥାନ)—
Chardhān Ascending (slope).
(ପଢ଼ରେନ୍—ବିପରୀତ) ବି—ଉଠାଣି ସ୍ଥାନ—
An sscending slope; an ascent.

ଚଢ଼ାଳି—ଦେ. ବିଣ. (ସଂ. ଉଚ୍ଚଲନକାରୀ)—
Chardhāḷi ୧ । ଘୋଡ଼ା ଚଢ଼ିବାରେ ଅଭ୍ୟସ୍ତ—
चढ़ैत 1. Habituated to riding.

୨ । ଘୋଡ଼ା ଚଢ଼ିବାରେ ପଟୁ—
2. Expert in horse-riding.

୩ । ଆରୋହଣକାରୀ—3. Riding; ascending.

୪ । (ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା—ଘୋଡ଼ାଚଢ଼ାଳି, ଗଛଚଢ଼ାଳି, ପର୍ବତଚଢ଼ାଳି) ଅମୁକ ଉପରେ ଚଢ଼ିବାରେ ଅଭ୍ୟସ୍ତ ବା ପଟୁ—
4. Habituated to or expert in riding (a horse or tree).

ଦେ. ବି—ଘୋଡ଼ସବାର—1. Jockey.

୨ । ଅଶ୍ୱାରୋହୀ ବ୍ୟକ୍ତି—2. A rider.

୩ । ଆରୋହଣରେ ପଟୁ ବ୍ୟକ୍ତି—
3. A skilful rider.

ଚଢ଼ିଆ ଘାସ—ପ୍ରାଦେ. (ଗଞ୍ଜାମ) ବି—ତଣ୍ଡା (ଦେଖ)
Chardhiā ghāsa Tanḍā (See)

ଚଢ଼ିବା—ଦେ. କ୍ରି. (ସଂ. ଚର ଧାତୁ; ସଂ. ଉଚ୍ଚଲନ. ପ୍ରା. ଉଚ୍ଚଡ଼ନ; ଚଡ୍ଡନ) —୧ । ଉପରକୁ ଆରୋହଣ କରିବା—
Chardhibā
ଚଡ଼ା 1. To ascend; to get on.
चढ़ना ଚଢ଼ିଲେ ଜଗତରେ ନକୁଳ ଦେଖିବାକୁ । କୃଷ୍ଣସିଂ. ମହାଭାରତ. ବନ

୨ । ଯାନ ବାହାନରେ ଆରୋହଣ କରିବା—
2. To ride on a beast or conveyance.

୩ । ବୃଦ୍ଧି ହେବା—3. To increase.

୪ । ମହର୍ଘ ହେବା; ଦୁର୍ମୂଲ୍ୟ ହେବା—
4. To become dear or high (in price).

୫ । (ସ୍ୱର) ଉଚ୍ଚତର ହେବା ବା କର୍କଶତର ହେବା—
5, (sound) To become louder or harsher.

୬ । (ପ୍ରକୃତି) କଡ଼ା ବା ରୁକ୍ଷ ହେବା—
6. (temper) To be rude or rough.

ଗ୍ରା. (ଇତର; ଅଶ୍ଳୀଳ) କ୍ରି—ସହବାସ କରିବା; ସଙ୍ଗମ କରିବା—
(slang) To cohabit; to copulate.

ଚଢ଼େଇ—ଦେ. ବି—ଚଢ଼ାଇ (ଦେଖ)
Chardhei Chardhāi (See)

ଚଢ଼େଇଆ—ଦେ. ବି—ଯେ ଚଢ଼େଇ ଧରି ବିକ୍ରୟ କରି ପେଟ ପୋଷେ—
Chardheiā Bird-catcher; fowler.
(ଚଢ଼ଇଣୀ—ସ୍ତ୍ରୀ) [ଦ୍ର—କେଉଟମାନଙ୍କର ଚଇତଘୋଡ଼ା-ଯାତରେ ଚଇତଘୋଡ଼ା ନାଚ ସଙ୍ଗେ ଚଢ଼େଇଆ-ଚଢ଼ଇଣୀଙ୍କର ମଧ୍ୟ ନାଚ ହୁଏ ।]

ଚଢ଼େଇଗୋଡ଼ି—ପ୍ରାଦେ. (ଗଡ଼ଜାତ) ବି— ପାଣି କୂଳରେ ଜନ୍ମିବା
Chardheigordi ଜଙ୍ଗଲି ବୁଦାଳିଆ ବୃକ୍ଷବିଶେଷ—
Ixora Undulata; name of a large shrub growing near water (Haines)
[ଦ୍ର—ଏ ଗଛ ଝାମ୍ପୁଡ଼ା; ୩୦ ହାତ ଉଚ୍ଚ ହୁଏ । କାଠ ଖୁବ ଟାଣ, ଘୁଣ ଚଢ଼ି ଚକ୍ଳେ ନାହିଁ । ଭଲ ଜାଳ ହୁଏ ।]

ଚଢ଼େଇନଖୀ—ଦେ. ବି.—ଏକପ୍ରକାର ଧାନ—
Chardeinakhī A species of paddy.

ଚଢ଼େଇ ମାଛିମରା ବେଳ—ପ୍ରାଦେ. (ଗଡ଼ଜାତ) ବି.—ସନ୍ଧ୍ୟା ବୁଡ଼ିବାର
Chardhei māchhimara beḷa ଠିକ୍ ପୂର୍ବକାଳ (ଏ ସମୟରେ ଚଢ଼େଇମାନେ ଉଡ଼ୁଥିବା ମଛି ଓ ମଶାଙ୍କୁ ଖାଆନ୍ତି)—
Dusk.

ଚଢ଼େଇଲେଡ଼ା—ଦେ. ବି.—୧ । ପକ୍ଷିବିଷ୍ଠା—
Chardheileḍā . The ordure of birds.

୨ । ଜଗନ୍ନାଥଙ୍କୁ ଭୋଗ ଲାଗିବାପାଇଁ ପ୍ରସ୍ତୁତ ନାନାପ୍ରକାର ପିଠାରୁ ବଳ ପଡ଼ିଥିବା ଖଣ୍ଡ ଖଣ୍ଡମାନଙ୍କୁ ମିଶାଇ ଗୁଆଭି କରାଯିବା ମିଷ୍ଟାନ୍ନ—2. The remnants of different cakes kneaded and rolled into a mass & offered to Lord Jagannath.

ଚଢ଼େନ—ପ୍ରାଦେ. (ସମ୍ବଲପୁର) ବି ଓ ବିଣ.—ଚଢ଼ାନ୍ (ଦେଖ)
Chardhen Chardhān (See)

ଚଣ (ଧାତୁ)—ସଂ.—ଦାନ କରିବା—
Chaṇ (root) To give away.

ଚଣକ—ସଂ. ବି.—(ଚଣ୍ ଧାତୁ+କର୍ମ. ଅ+କ)—୧ । ବୁଟ—
Chaṇaka 1. Gram.
(ଅନ୍ୟ ସଂ. ନାମ—ଚଣ, ହରମନ୍ଥ, କୃଷ୍ଣ ଚଞ୍ଚୁକ, ବାଲଭୋଜ୍ୟ, ସୁକ୍ଷଭକ୍ଷ୍ୟ, କଞ୍ଚୁକୀ)
୨ । ଚଣା—2. Chick pea.
୩ । ମୁନିବିଶେଷ—
3. Name of a sage.

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃଢ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଚ୍ଚା' ନ ପାଇଲେ 'ଅର୍ଚ୍ଚା' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଚଣା—ଦେ. ବି.—(ସଂ. ଚଣକ)—୧ । ବୁଟ ପରି ଏକପ୍ରକାର ଶସ୍ୟ—
Chaṇā 1. A kind of leguminous grain; Cicer
চণা Arietinum; Panicum Maliaceum
चना [ଦ୍ର—ଚଣା ଶସ୍ୟ ବୁଟ ଆକାରର; ବୁଟ ଈଷତ୍ ଚେପଟା ଓ ଶୃଙ୍ଗଯୁକ୍ତ, କିନ୍ତୁ ଚଣା ଗୋଲ । ଏ ଫସଲ ମାଘ, ଫଗୁଣ ଓ ଚୈତ୍ର ମାସରେ ଅମଦାନି କରାଯାଏ । ବୁଟ ଅପେକ୍ଷା ଚଣା ହାଲୁକା । କଞ୍ଚା ଚଣାକୁ ବଭୁରାଇ କରି, ଡାଲି କରି ଓ ଭଜା କରି ଖାଆନ୍ତି ଓ ଏଥିରେ ମିଠାଇ ମଧ୍ୟ କରା ଯାଏ । ଦୋଳଯାତ୍ରାରେ ଭଜା ଚଣା ଓ ଖଜା ଠାକୁରଙ୍କୁ ଭୋଗ ଦିଆଯାଏ । ବୈଦ୍ୟକ ମତରେ ଏହା ମଧୁର, ଦୀପକ, ରୁକ୍ଷ, ରୁଚକ ଓ ବଳ ବର୍ଦ୍ଧକ; ଏହା ମେହ କୃମି ଓ ରକ୍ତ-ପିତ୍ତନାଶକ; ବଂ ଓ ହି. ରେ ଏହାକୁ ବୁଟ ମଧ୍ୟ କହନ୍ତି; କିନ୍ତୁ ଏହା ବୁଟ ନୁହେଁ; ଆକାର ଭେଦରେ ଏ ଶସ୍ୟ ଦୁଇ ପ୍ରକାର—ସାନ ଚଣା ଓ ବଡ଼ଚଣା ।]

୨ । ଅମ୍ବବଉଳରୁ ବାହାରିବା ଚଣା ପରି କ୍ଷୁଦ୍ର କଷି—
2. The pea-like mango fruit first appearing from the bud.

୩ । ଖେସାରି (ଦେଖ)
3. Kheśāri (See)

ଚଣାଚଟା—ଦେ. ବିଣ. (ଗାଳି)—୧ । (ଲୋକ) ବେହିଆ—
Chaṇāchaṭā 1. (Term of abuse) Shameless.
୨ । (ଲୋକ) ନାଛୋଡ଼ା—2. Importunate; nagging.

ଚଣାଚୂର୍—ଦେ. ବି. (ସଂ. ଚଣକ+ଚୂର୍ଣ୍ଣ)—୧ । ଲୁଣ, ରାଗ ଓ ମସଲା-
Chaṇāchūr ଦିଆ ଚଣା ବା ବୁଟର ଭଜା—
চণাচুর 1. Gram fried with salt, pepper and spices.
चनाचुर

ଚଣା ଧରିବା—ଦେ. ବି.—ଅମ୍ବବଉଳରୁ ପ୍ରଥମେ ଚଣାପରି ଅତି ଛୋଟ କଷି
Chaṇā dharibā ବାହାରିବା—The coming out of
सरसइँ बँटना pea-like fruits from the mango blossoms.
[ଦ୍ର—ଚଣା ଅପେକ୍ଷା ବଡ଼ ହେଲେ ଅମ୍ବଫଳକୁ କଷି ବୋଲା ଯାଏ ।]

ଚଣାଫଳି—ଦେ. ବି.—ଶଗଡ଼ର ଉଧିର ଆଗ ଓ ପଛରେ ଥିବା କାଷ୍ଠ-
Chaṇāphali ଖଣ୍ଡ—The small cross-bars joining the shafts of a bullock-cart near its two ends.

ଚଣ୍ଡ୍ (ଧାତୁ)—ସଂ.—କ୍ରୋଧ କରିବା—
Chaṇḍ (root) To be angry.

ଚଣ୍ଡ—ସଂ. ବି. (ଚଣ୍ଡ୍ ଧାତୁ+ଅ)—୧ । (+ଭାବ. ଅ) କ୍ରୋଧ—
Chaṇḍa 1. Anger; rage; fit of passion; wrath.
୨ । ତେନ୍ତୁଳି ବା ତିନ୍ତୁଳୀ ଗଛ—2. Tamarind tree.
୩ । (+କର୍ତ୍ତୃ. ଅ) ଯମଦୂତ—
3. Messenger of the God of death.
୪ । ଶିବାନୁଚରବିଶେଷ—4. An attendant of Śiba.
୫ । ଚଣ୍ଡୀପୁରାଣବର୍ଣ୍ଣିତ ଦୁର୍ଗାଙ୍କଦ୍ୱାରା ନିହତ ଦୁଷ୍ଟ ଦୈତ୍ୟ-ବିଶେଷ—5. A wicked demon killed by Durgā.
[ଦ୍ର—ଏ ମୁଣ୍ଡଦୈତ୍ୟର ଭାଇ ଓ ଶୁମ୍ଭନିଶୁମ୍ଭଙ୍କ ସେନାପତି ଥିଲେ ।]
୬ । ନିଷ୍ଠୁରତା—6. Cruelty.
୭ । ଉଷ୍ଣତା—7. Warmth; heat.
୮ । ଭୀଷଣତା—Fury; ferocity.
୯ । ଉଗ୍ରତା; ତୀକ୍ଷ୍ଣତା—9. Sharpness.
୧୦ । ତୀବ୍ରତା—1. Pungency.
୧୧ । ଜଳିବା ଅଗ୍ନିର ତାପ—
11. Violent heat; burning heat.
୧୨ । ବିଷ୍ଣୁଙ୍କ ପାରିଷଦବିଶେଷ (ହି. ଶବ୍ଦସାଗର)—
12. One of the courtiers of Bishṇu.
୧୩ । ଚଣ୍ଡବଳି (ଦେଖ)
13. Chaṇḍabaḻi (See)
୧୪ । ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ କଂସାସୁରର ଭାଇ (ହି. ଶବ୍ଦସାଗର)—14 Name of a brother of Kaṁsa slain by Śrīkrushṇa.
[ଦ୍ର—ପୁରାଣ ମତରେ ଏ କୁବେରଙ୍କ ଆଠପୁଅ ମଧ୍ୟରୁ ଏକ । ଏ ଶିବପୂଜା ପାଇଁ ନେଉଥିବା ଫୁଲକୁ ବାଟରେ ଶୁଙ୍ଘିବାରୁ ପିତାଙ୍କ ଶାପରେ କଂସର ଭାଇ ହୋଇ ଜନ୍ମିଥିଲା । ହି. ଶବ୍ଦସାଗର ।]

ବିଣ, ପୁଂ—୧ । ଅତିଶୟ କ୍ରୁଦ୍ଧ—
(ଚଣ୍ଡା—ସ୍ତ୍ରୀ) 1. Passionate; very angry; wrathful.
(ଚଣ୍ଡତା—ବି) ଚଣ୍ଡ ମୂରତି ଧଇଲା ବା ବୋଲେ
ଚରଣ ପଙ୍କଜ ଧଇଲେ ହେଲେ । କବିସୂର୍ଯ୍ୟ- କବିତାକଲ୍ଲୋଳମା ।
୨ । ଉଷ୍ଣ—2. Hot; very warm.
୩ । ଜଳୁଥିବା—3. Burning.
୫ । ଭୀଷଣ, ବିକଟ—5. Furious; frightful; violent; fierce.
୬ । ପ୍ରଚଣ୍ଡ; ତୀକ୍ଷ୍ଣ; ଉଗ୍ର—6. Fiery; sharp.
ଟଙ୍କାରିକ ଶ୍ରବ ସରିକି ବାସବ କୋଦଣ୍ଡରୁ ଚଣ୍ଡ ଧନୁ ।
କବିସୂର୍ଯ୍ୟ- କଣୋସବଚମ୍ପୂ. ୫ ଗୀତ ।
୭ । କଠୋର—7. Severe; hard.
୮ । ଦୁର୍ଦ୍ଦମନୀୟ—8. Indomitable.
୯ । ନିଷ୍ଠୁର—9. Cruel.
୧୦ । ଦୁଷ୍ଟ; ଦୁର୍ବୃତ୍ତ—10 Wicked; wanton.

ଦେ. ବି—ଜଣେ ଉଗ୍ରତେଜା ରାଜସ୍ଥାନନିବାସୀ ରାଜପୁତ ରାଜକୁମାରଙ୍କ ନାମ (ଏ ପୃଥ୍ୱୀରାଜଙ୍କର ଜଣେ ସାମନ୍ତ ଥିଲେ ହି. ଶବ୍ଦସାଗର)—Name of a prince of Rajputānā.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଙ୍ଘ	ଞ୍ଚ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଔ	ନ୍ତୁ

ପିତୃ ସତ୍ୟ ପାଳି ଚଣ୍ଡତେଜା ଚଣ୍ଡ
ରାଜର୍ଷି ତ୍ୟାଗିନ କଲେ ବର୍ଜନ । ନନ୍ଦକିଶୋର- କୃଷ୍ଣକୁମାରୀ ।

ଚଣ୍ଡକର—ସଂ. ବି. (ବହୁବ୍ରୀହି; ଚଣ୍ଡ + କର; ତୀକ୍ଷ୍ଣକିରଣ ଯୁକ୍ତ)-ସୂର୍ଯ୍ୟ—
Chaṇḍakara — The sun

ଚଣ୍ଡକୌଶିକ—ସଂ. ବି—୧ । ମୁନି ବିଶେଷ—
Chaṇḍakauśika — 1. Name of a sage.
୨ । ବିଶ୍ୱାମିତ୍ର ଓ ହରିଶ୍ଚନ୍ଦ୍ରଙ୍କ ଆଖ୍ୟାୟିକାଯୁକ୍ତ ନାଟକ-ବିଶେଷ—2. Name of a Sanscrit drama.
୩ । ଜୈନପୁରାଣରେ ବର୍ଣ୍ଣିତ ବିଷଧର ସର୍ପବିଶେଷ—
3. Name of a venomous serpent mentioned in the Jaina scriptures.
[ଦ୍ର—ଏ ଜୈନଧର୍ମ ପ୍ରବର୍ତ୍ତକ ମହାବୀରସ୍ୱାମୀଙ୍କୁ ଦର୍ଶନ କରି ହିଂସାବୃତ୍ତି ତ୍ୟାଗକରି ଜୀବମାନଙ୍କୁ ଆଉ ଦଂଶନ କଲା ନାହିଁ ଓ ସବୁବେଳେ ନିଜ ଗାତରେ ପଡ଼ି ରହୁଥାଏ । ତାକୁ ଏପରି ନିଶ୍ଚଳ ଦେଖି ତା ଦେହଯାକ ପିମ୍ପୁଡ଼ି ବେଢ଼ିଲେ, ତଥାପି ସେ କଡ଼ ଲେଉଟାଇଲା ନାହିଁ—ହି. ଶବ୍ଦସାଗର ।]

ଚଣ୍ଡଚାମୁଣ୍ଡ—ସଂ. ବି—ଶିବଙ୍କର ଭୀଷଣ ଅନୁଚରଦ୍ୱୟ—
Chaṇḍachāmuṇḍa — Two of the fierce attendants of Śiba.
ଦେ. ବି—ଦୁର୍ଦ୍ଦାନ୍ତ ଅନୁଚର—
The fierce attendant of a person.

ଚଣ୍ଡତା—ସଂ. ବି (ଚଣ୍ଡ + ଭାବ. ତା)—
Chaṇḍatā — ୧ । ଭୀଷଣତା—1. Ferocity.
(ଚଣ୍ଡତ୍ୱ—ଅନ୍ୟରୂପ) — ୨ । ଦୁଷ୍ଟତା—2. Wickedness.

ଚଣ୍ଡତେଜାଃ—ସଂ. ବିଣ (ବହୁବ୍ରୀହି; ଚଣ୍ଡ + ତେଜସ୍; ୧ମା. ୧ବ)—
Chaṇḍatejāḥ — ଉଗ୍ରତେଜାଃ; ଅତ୍ୟନ୍ତ ଶକ୍ତିଶାଳୀ—
Of great prowess.

ଚଣ୍ଡଦକ୍ଷିଣା—ଦେ. ବି—ଦେବତାଙ୍କ ନିକଟରେ ଅର୍ପିତ ଭୋଗରୁ ଚଣ୍ଡଙ୍କ ପାଇଁ କଢ଼ା ହୋଇଥିବା ଅଂଶ, ଯାହା କି ପୂଜକଙ୍କୁ ଦକ୍ଷିଣାରୂପେ ଦିଆଯାଏ; ଚଣ୍ଡବଳି (୩) (ଦେଖ)-
Chaṇḍadakshiṇā — Fixed portion of offering to a Deity which is set apart as 'Chaṇḍabaḻi' and which is taken by the officiating priest as his remuneration (usually $\frac{1}{4}$ part).

ଚଣ୍ଡଦୀଧିତି—ସଂ. ବି (ବହୁବ୍ରୀହି; ଚଣ୍ଡ + ଦୀଧିତି; ଯାହାର କିରଣ ଉଗ୍ର)—
Chaṇḍadīdhiti — ସୂର୍ଯ୍ୟ · The sun.

ଚଣ୍ଡନାୟିକା—ସଂ. ବି. ସ୍ତ୍ରୀ—୧ । ଦୁର୍ଗା; ଚଣ୍ଡୀ—
Chaṇḍanāyikā — 1. Goddess Durgā.
୨ । ହିନ୍ଦୁଶାସ୍ତ୍ରବର୍ଣ୍ଣିତ କୋପନସ୍ୱଭାବା ନାୟିକାବିଶେଷ; ନାୟକ ଅନ୍ୟ ନାୟିକା ପ୍ରତି ଆସକ୍ତ ଥିବାର ସୂଚନା ବା ପ୍ରମାଣ ପାଇଲେ ଯେଉଁ ନାୟିକା ନାୟକ ପ୍ରତି ଅତି କ୍ରୁଦ୍ଧ ହୁଏ—2. One of the 8 classes of woman lovers described in the Hindu books; a lady who becomes furious on finding her lover attached to another woman.
୩ । ତାନ୍ତ୍ରିକମାନଙ୍କ ପୂଜିତା ଅଷ୍ଟନାୟିକାଙ୍କ ମଧ୍ୟରୁ ଏକ (ଏ ଦୁର୍ଗାଙ୍କର ସଖୀ—ହି. ଶବ୍ଦସାଗର)—
3. One of the 8 Goddesses worshipped by the Tāntrikas.

ଚଣ୍ଡନୈବିଦ୍ୟ—ଦେ. ବି (ସଂ. ଚଣ୍ଡନୈବେଦ୍ୟର ଅଶୁଦ୍ଧ ଉଚ୍ଚାରଣ)—
Chaṇḍanaibidya — ଚଣ୍ଡବଳି (ଦେଖ)
Chaṇḍabaḻi (See)

ଚଣ୍ଡନୈବେଦ୍ୟ—ସଂ. ବି (ମ. ପ. ଲୋ; ଚଣ୍ଡଙ୍କ ନାମରେ ଉତ୍ସୃଷ୍ଟ ନୈବେଦ୍ୟ)—ଚଣ୍ଡବଳି (ଦେଖ)
Chaṇḍanaibedya — Chaṇḍabaḻi (See)

ଚଣ୍ଡବତୀ—ସଂ. ବି. ସ୍ତ୍ରୀ (ଚଣ୍ଡ + ବତ୍ + ସ୍ତ୍ରୀ. ଈ)—
Chaṇḍabatī — ଚଣ୍ଡନାୟିକା (ଦେଖ)
Chaṇḍanāyikā (See)

ଚଣ୍ଡବଳି—ସଂ. ବି—୧ । ଚଣ୍ଡେଶ୍ୱର; ମହାଦେବଙ୍କ ଅନୁଚରବିଶେଷ—
Chaṇḍabaḻi — 1. An attendant of Śiba.
[ଦ—ମହାଦେବଙ୍କୁ ନୈବେଦ୍ୟ ଦେବା ସମୟରେ ନୈବେଦ୍ୟର ଏକାଦଶମାଂଶ ଏହାଙ୍କ ନାମରେ ଉତ୍ସର୍ଗ କରାଯାଏ ।]
୨ । ମହାଦେବଙ୍କର ଚଣ୍ଡଦେବତାଙ୍କୁ ନିବେଦିତ ଭୋଗାଂଶ ବା ବଳି; ବିଷ୍ଣୁଙ୍କର ପାର୍ଶ୍ୱଚର ଦେବତାଙ୍କୁ ନିବେଦିତ ଭୋଗାଂଶ—
2. Part of the offering set apart for being given to the principal demigod-attendant of a Deity.
୩ । ଭୋଗ ହେବା ପରେ ନିବେଦିତ ଦ୍ରବ୍ୟରୁ ପୂଜକ ନିଜର ପାରିଶ୍ରମିକ ନିମନ୍ତେ କାଢ଼ି ରଖିବା $\frac{1}{4}$, $\frac{1}{10}$ ବା $\frac{1}{16}$ ଅଂଶ (ଅର୍ଥାତ୍ ଭୋଗ କରିବା ପରେ ଯାହା ଚଣ୍ଡଦେବତାଙ୍କୁ ସ୍ୱତନ୍ତ୍ର ଉତ୍ସର୍ଗ କରାଯାଏ)—
3. A part ($\frac{1}{4}$, $\frac{1}{10}$ or $\frac{1}{16}$) of the offering set apart for Chaṇḍa and taken by the priest as his remuneration.
[ଦ୍ର—ଶିବଙ୍କର ଜଣେ ଅନୁଚରଙ୍କ ନାମ ଚଣ୍ଡ ଓ ବିଷ୍ଣୁଙ୍କର ଜଣେ ଅନୁଚରଙ୍କ ନାମ ଚଣ୍ଡ । ଶିବ ବା ବିଷ୍ଣୁଙ୍କୁ କୌଣସି ଦ୍ରବ୍ୟ ମନ୍ତ୍ରାଦି ପାଠପୂର୍ବକ ନିବେଦିତ ହୋଇ ସାରିଲା କ୍ଷଣି ନିବେଦିତ ଦ୍ରବ୍ୟର ନିର୍ଦ୍ଦିଷ୍ଟାଂଶ ଉକ୍ତ ଦ୍ରବ୍ୟରୁ ପୃଥକ୍ ହୋଇ କଢ଼ାଯାଏ ଓ ତାହା ପୁଣି ଚଣ୍ଡଙ୍କ ମନ୍ତ୍ରରେ ଉତ୍ସୃଷ୍ଟ ହୁଏ । ଏହାକୁ ଚଣ୍ଡବଳି କହନ୍ତି । ଚଣ୍ଡଙ୍କ ପାଇଁ ଏହି କଢ଼ା ହେବା ଅଂଶ ପୂଜକ ବା ପୂଜାପଣ୍ଡା ନିଜର ପାରିଶ୍ରମିକ ରୂପେ ନିଏ ।]

ଚଣ୍ଡବିକ୍ରମ—ସଂ. ବି (କର୍ମଧାରୟ; ଚଣ୍ଡ + ବିକ୍ରମ)—ପ୍ରଚଣ୍ଡ ପରାକ୍ରମ—
Chaṇḍabikrama — Great prowess.

ସାଧାରଣ ସୂଚନା: ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ୱରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ୟା' ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ବିଣ. ପୁ. (ବହୁବ୍ରୀହି) ପ୍ରବଳପ୍ରତାପଶାଳୀ—Fierce in prowess.
(ଚଣ୍ଡବିକ୍ରମା-ସ୍ତ୍ରୀ)

ଚଣ୍ଡମୟୂଖ—ସଂ. ବି (ବହୁବ୍ରୀହି; ଚଣ୍ଡ+ମୟୂଖ; ଯାହାର କିରଣ ପ୍ରଖର)—
Chaṇḍamayūkha ସୂର୍ଯ୍ୟ—The sun (having fierce rays).

ଚଣ୍ଡମୟୂଖ ମଣ୍ଡଳ ସମାନ, ଶୁଭ୍ରୁ ଶୁଭ୍ରୁ ଯହୁଁ କଲା ବଦନ ।
କବିସୂର୍ଯ୍ୟ. ବିଦଗ୍ଧଚିନ୍ତାମଣି ।

ଚଣ୍ଡମୁଣ୍ଡ—ସଂ. ବି. (ଦ୍ୱନ୍ଦ୍ୱ; ଚଣ୍ଡ+ମୁଣ୍ଡ)—ଦୁର୍ଗାଙ୍କ ଦ୍ୱାରା ନିହତ ରାକ୍ଷସ
Chaṇḍamuṇḍa ଭ୍ରାତୃଦ୍ୱୟ—Two fierce and wicked demon brothers killed by Durgā.
[ଦ୍ର—ଏହାଙ୍କ ବଧ ବିଷୟ ଚଣ୍ଡୀପୁରାଣରେ ବର୍ଣ୍ଣିତ ହୋଇଅଛି । ଏ ଦୁହେଁ ଶୁମ୍ଭ ନିଶୁମ୍ଭ ଦୈତ୍ୟଙ୍କର ସେନାପତି ଥିଲେ]
ଦେ. ବି—ଅତି ଦୁଷ୍ଟ ବ୍ୟକ୍ତି—A very wicked person

ଚଣ୍ଡମୁଣ୍ଡା—ସଂ. ବି. ସ୍ତ୍ରୀ (ଚଣ୍ଡ+ମୁଣ୍ଡ+ଆ; ଯେ ଚଣ୍ଡମୁଣ୍ଡ ରାକ୍ଷସ ଦ୍ୱୟଙ୍କୁ
Chaṇḍamuṇḍā ବଧ କରିଥିଲେ)—
ଚଣ୍ଡୀ; ଚାମୁଣ୍ଡା (ହି. ଶବ୍ଦସାଗର)—An incarnation of Durgā.

ଚଣ୍ଡରଶ୍ମି—ସଂ. ବି (ବହୁବ୍ରୀହି; ଚଣ୍ଡ+ରଶ୍ମି)—ଚଣ୍ଡମୟୂଖ (ଦେଖ)—
Chaṇḍaraśmi Chaṇḍamayūkha (See)

ଚଣ୍ଡଶକ୍ତି—ସଂ. ବି—୧ । (ବହୁବ୍ରୀହି; ଚଣ୍ଡ+ଶକ୍ତି; ପ୍ରବଳ ପରାକ୍ରମଶାଳୀ)
Chaṇḍaśakti ବଳୀଙ୍କ ସୈନ୍ୟସ୍ଥିତ ଦାନବ ବିଶେଷ—
A fierce demon in the army of the demon-king Baḷi.
୨ । (କର୍ମଧା) ପ୍ରବଳ ପରାକ୍ରମ—Great prowess.
ବିଣ. ପୁ. ଓ ସ୍ତ୍ରୀ - ପ୍ରଚଣ୍ଡ ପରାକ୍ରମଶାଳୀ—Very powerful or mighty.

ଚଣ୍ଡା—ସଂ. ବିଣ. ସ୍ତ୍ରୀ (ଚଣ୍ଡ+ଆ)—ଚଣ୍ଡର ସ୍ତ୍ରୀଲିଙ୍ଗ—
Chaṇḍā Feminine of Chaṇḍa.
ବି. ସ୍ତ୍ରୀ—୧ । କୋପନା ସ୍ତ୍ରୀ—1. A woman of fiery temper; a termagant woman.
୨ । ଅଷ୍ଟନାୟିକା ମଧ୍ୟରୁ ଏକ (ହି. ଶବ୍ଦସାଗର)—
ଚଣ୍ଡନାୟିକା ୨ ଓ ୩ (ଦେଖ)
2. Chaṇḍanāyikā 2 and 3 (See)
୩ । ଶ୍ୱେତକ ନାମକ ସୁଗନ୍ଧ (ହି. ଶବ୍ଦସାଗର)—
3. Name of a scented herb.
୪ । କପିକଚ୍ଛୁ; ବାଇଡଙ୍କ (ହି. ଶବ୍ଦସାଗର)—
4. Cowhage.
୫ । ଶ୍ୱେତଦୂବା (ହି. ଶବ୍ଦସାଗର)—5. The white variety of Duba grass.
୬ । ସଉଫ (ହି. ଶବ୍ଦସାଗର)—6. The Sowa seed.
୭ । ପାନମହୁରି (ହି. ଶବ୍ଦସାଗର)—7. Aniseed.
୮ । ଏକ ପ୍ରାଚୀନ ନଦୀର ନାମ (ହି. ଶବ୍ଦସାଗର)—
8. Name of an ancient river.
ଚ୍ରା (ପଦ୍ୟ) ବିଣ. ପୁଂ.—ଅତି କ୍ରୋଧାନ୍ୱିତ—Very much enraged; fiery with rage.

ଜାଣି ତାହା ଗଲବେ, କୋପ କରିଣ ହେବେ, ମାରୁତି ଅଗ୍ରତେ ମିଳିଲେ ସେ,
ଅତିଚଣ୍ଡ, ମାଇଲେ ତୀକ୍ଷ୍ଣ କାଣ୍ଡ ଗଣ୍ଡ । ବିଶ୍ୱନାଥ. ବିଚିତ୍ର ରାମାୟଣ ।

ଚଣ୍ଡାଂଶୁ—ସଂ. ବି (କର୍ମଧା; ଚଣ୍ଡ+ଅଂଶୁ)—୧ । ତୀକ୍ଷ୍ଣ କିରଣ—
Chaṇḍāṁśu 1. Sharp rays.
୨ । ସୂର୍ଯ୍ୟକିରଣ—2. Sun's rays.
୩ । (ବହୁବ୍ରୀହି) ସୂର୍ଯ୍ୟ—3. The sun.
ଚଣ୍ଡାଂଶୁକିରଣେ ଖର ଅତିଶୟ—ରାଧାନାଥ. ଚିଲିକା ।

ଚଣ୍ଡାତକ—ସଂ. ବି. (ଚଣ୍ଡା=କୋପନା ସ୍ତ୍ରୀ+ଅତ୍ ଧାତୁ=ଗମନ କରିବା
Chaṇḍātaka + କର୍ତ୍ତୃ, ଅକ)—୧ । ସ୍ତ୍ରୀମାନଙ୍କ ଅର୍ଦ୍ଧୋରୁ (ଜଙ୍ଘ) ପର୍ଯ୍ୟନ୍ତ ଲମ୍ବା ହୋଇ କଷ୍ଟିମାରି ପିନ୍ଧା ଯାଇଥିବା ବସ୍ତ୍ର; ଲହଙ୍ଗା—1. Cloth worn tightly round the waist of females and extending half-way to the thighs; a tight half-pant-like dress worn by ladies.
[ଦ୍ର—ଏହାକୁ ପିନ୍ଧିବାଲୋକ ଛଡ଼ା ଅନ୍ୟ କେହି ବ୍ୟକ୍ତି ସହଜରେ ଫିଟାଇ ପାରନ୍ତି ନାହିଁ ।]
୨ । ସ୍ତ୍ରୀମାନଙ୍କ କୁରୁତା; ଚୋଲି (ହି. ଶବ୍ଦସାଗର)—
2 A female jacket.

ଚଣ୍ଡାଧିକାର—ସଂ. ବି (ଷଷ୍ଠୀ ତତ୍; ଚଣ୍ଡ+ଅଧିକାର)—୧ । ଦେବତାଙ୍କୁ
Chaṇḍādhikāra ଅର୍ପିତ ହେବା ଭୋଗରୁ ନିର୍ଦ୍ଦିଷ୍ଟ ଅଂଶ (ତ୍ରି, ଚତୁ, ଷଷ୍ଠ) ଚଣ୍ଡବଳିରୂପେ କାଢ଼ା ହୋଇ ସ୍ୱତନ୍ତ୍ର ରଖା ଯିବାର ବିଧି—1. The custom or practice of a fixed portion out of the offering to a Deity being set apart as 'Chaṇḍa.'
[ଦ୍ର—ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ଭୋଗରେ ଚଣ୍ଡାଧିକାର ନାହିଁ ।]
୨ । ଦେବତାଙ୍କୁ ଅର୍ପିତ ହେବା ନୈବେଦ୍ୟ ବସ୍ତୁ ମଧ୍ୟରୁ ନିଜର ପାରିଶ୍ରମିକ ପାଇଁ ପୂଜକର କେତେକ ଅଂଶ କାଢ଼ି ରଖିବା ଅଧିକାର—2. The right of a worshipping priest taking out a fixed portion out of the offering for his remuneration.

ଚଣ୍ଡାଳ—ସଂ. ବି. ପୁଂ (ଚଣ୍ଡ=କ୍ରୁଦ୍ଧ+ଅଲ ଧାତୁ=ପାରଗ ହେବା+
Chaṇḍāla କର୍ତ୍ତୃ. ଅ)—୧ । ଶୂଦ୍ର ଔରସରେ ବ୍ରାହ୍ମଣୀ-
(ଚଣ୍ଡାଲ - ଅନ୍ୟରୂପ) ଗର୍ଭଜାତ ଜାତି ବିଶେଷ—

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଙ୍ଗ	ଋଅ	ଙ୍ଖ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ୍ଚ	ଙ୍କ

ଚଣ୍ଡାଳନୀ } ସ. ସ୍ତ୍ରୀ 1. A low caste originating from
ଚଣ୍ଡାଲୀ } the issue of a Brāhmaṇa woman
ଚଣ୍ଡାଳୁଣୀ—ଦେ. ସ୍ତ୍ରୀ by a Śūdra male.

[ଦ୍ର—ହିନ୍ଦୁମାନେ ଆବହମାନକାଳରୁ ଚଣ୍ଡାଲ ଜାତିକୁ ଅତି ଘୃଣା-ଚକ୍ଷୁରେ ଦେଖି ଆସୁଅଛନ୍ତି । ଏମାନେ ଅସ୍ପୃଶ୍ୟ, ଏମନ୍ତକି ଏମାନଙ୍କ ଛାଇ ଉଚ୍ଚଜାତୀୟ ହିନ୍ଦୁ ଉପରେ ପଡ଼ିଗଲେ ଉକ୍ତ ହିନ୍ଦୁ ସ୍ନାନ କରି ପବିତ୍ର ହୁଏ । ଏମାନଙ୍କ ବସତି ଗ୍ରାମ ବା ନଗରର ବାହାରେ; ଉଚ୍ଚ ଜାତିମାନେ ଯେଉଁ ବାଟେ ଯିବେ ଓ ଯେଉଁ ପୋଖରୀ ବା କୂଅ ବ୍ୟବହାର କରିବେ ଚଣ୍ଡାଲମାନେ ତାହାର ପାଖ ମାଡ଼ିବେ ନାହିଁ; ହିନ୍ଦୁଙ୍କ ପୂଜିତ ଦେବତାଙ୍କୁ ଏମାନେ ଦର୍ଶନ କରି ପାରିବେ ନାହିଁ ଓ ହିନ୍ଦୁମନ୍ଦିର ମଧ୍ୟରୁ ପଶିବେ ନାହିଁ । ହିନ୍ଦୁ ସ୍ମୃତି ଅନୁସାରେ ଏମାନେ ସୁନା ବା ରୂପାର ବାସନ ବା ଅଲଙ୍କାର ବ୍ୟବହାର କରିପାରିବେ ନାହିଁ, ଏମନ୍ତ କି ଏମାନେ ଉଚ୍ଚଜାତୀୟ ହିନ୍ଦୁଙ୍କୁ ସ୍ୱହସ୍ତରେ ଦାନ ମଧ୍ୟ ଦେଇ ପାରିବେ ନାହିଁ । କୁକୁର ଓ ଗଧ ପାଳିବା, ମୁର୍ଦ୍ଦାର ଓ ମଡ଼ ଉଠାଇବା, ବାଜା ବଜାଇବା, ଚଲେଇ ଓ ଝୋଟେଇ ଆଦି ବୁଣିବା, ପ୍ରାଣଦଣ୍ଡରେ ଦଣ୍ଡିତ ଅପରାଧୀଙ୍କୁ ବଧ କରିବା, ଏମାନଙ୍କ ଜୀବିକା ଥିଲା । ଏମାନେ ଗୋମାଂସଭୋଜୀ ଓ ମଦ୍ୟପାୟୀ । ଯଜ୍ଞ ଓ ଶ୍ରାଦ୍ଧାଦି ଧର୍ମାନୁଷ୍ଠାନକାରୀ ବ୍ୟକ୍ତି ଏମାନଙ୍କୁ ଦେଖିଲେ ବା ଏମାନଙ୍କ ପାଟି ଶୁଣିଲେ ଉକ୍ତ ଅନୁଷ୍ଠାନମାନ ମାଟି ହେଉଥିଲା । ହିନ୍ଦୁ ସମାଜ ଏମାନଙ୍କୁ କୁକୁର, ଚଢ଼େଇ ଓ ଗଧ ଆଦିଙ୍କ ଅପେକ୍ଷା ହୀନତର ଦୃଷ୍ଟିରେ ଦେଖୁଥିଲା । ହିନ୍ଦୁ ଗ୍ରାମରେ ରାତିରେ ରହିଯିବା ଚଣ୍ଡାଳଙ୍କୁ ଗ୍ରାମରୁ ତଡ଼ି ଦେବାର ବିଧି ଥିଲା । ବର୍ତ୍ତମାନ ମଧ୍ୟ ଦାକ୍ଷିଣାତ୍ୟରେ ଏମାନଙ୍କୁ ଏହିପରି ହୀନ ଅବସ୍ଥା ଭୋଗିବାକୁ ପଡ଼ୁଅଛି । ଅନେକ ଚଣ୍ଡାଲ ଏହି ସାମାଜିକ ନିର୍ଯ୍ୟାତନ ସହି ନ ପାରି ମୁସଲମାନ୍ ଓ ଖ୍ରୀଷ୍ଟାନ୍ ଧର୍ମ ଗ୍ରହଣ କରୁଥିଲେ । ପାଶ୍ଚାତ୍ୟ ଶିକ୍ଷାର ବିସ୍ତାର ସଙ୍ଗେ ସଙ୍ଗେ ଏମାନଙ୍କ ପ୍ରତି ଉଚ୍ଚ ଜାତୀୟ ହିନ୍ଦୁମାନଙ୍କର ବ୍ୟବହାର କ୍ରମଶଃ ବଦଳୁ ଅଛି । ଦାକ୍ଷିଣାତ୍ୟରେ ଏମାନଙ୍କୁ ପଞ୍ଚମା (ଅର୍ଥାତ୍ ହିନ୍ଦୁ ୪ ବର୍ଣ୍ଣରୁ ବାହାର ପଞ୍ଚମ ଜାତି) ବୋଲାଯାଏ । ମହାତ୍ମା ଗାନ୍ଧୀ ହିନ୍ଦୁ ସମାଜରୁ ଏ ଅସ୍ପୃଶ୍ୟତାକଳଙ୍କ ଲୋପ କରିବାକୁ ଚେଷ୍ଟା କରୁଅଛନ୍ତି । ଏଠାରେ ଉଲ୍ଲେଖ କରିବା ଉଚିତ ଯେ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥ 'ବୈଶ୍ୱଦେବ' କରିବା ସମୟରେ କୁକୁର (ଶ୍ୱ), ଚଣ୍ଡାଲ (ଶ୍ୱପଚ) ଓ କୁଆ (ବାୟସ) ମାନଙ୍କ ପାଇଁ ଗୃହର ବାହାରେ 'ଅନ୍ନବଳି' ଦେଇ ସାରି ପରେ ଭୋଜନ କରୁଥିଲେ ।]

୨ । ହିନ୍ଦୁମାନଙ୍କର ନୀଚତମ ଅସ୍ପୃଶ୍ୟ ଜାତି—
2. The lowest untouchable caste amongst the Hindus.

ଚାଁଡ଼ାଲ ୩ । ପତିତ ଓ ମହାପାପୀ ବ୍ୟକ୍ତି—3. A reprobate
चँडाल and depraved person.

୪ । ପାପୀ ବ୍ୟକ୍ତି—4. A sinner.

ବିଣ. ପୁଂ—୧ । ପାପକର୍ମୀ—Sinful.

ଚଣ୍ଡାଲତା } ବି
ଚଣ୍ଡାଲତ୍ୱ }

୨ । ନିଷ୍ଠୁର—2. Cruel.

୩ । କ୍ରୂରକର୍ମା—3. Doing evil and vile deeds.

୪ । ନୀଚମନାଃ—4. Mean-minded; vile.

ଦେ. ବି—ହାଡ଼ି; ମେହନ୍ତର ଜାତି—The sweeper-caste (an untouchable class).

[ଦ୍ର—ଏମାନେ ସାଧାରଣ ସ୍ଥାନରୁ ମଇଳା ଓ ଝିଷ୍ଟା ଆଦି କାଢ଼ନ୍ତି, ପାଇଖାନା ସଫା କରନ୍ତି, ମଢ଼ ଓ ମଡ଼ା କାଢ଼ନ୍ତି ଓ ବାଜା ବଜାନ୍ତି । ଏମାନେ ଗୋମାଂସ ଓ ମଦ ଖାଆନ୍ତି ।]

ପ୍ରାଦେ. (ଗଞ୍ଜାମ) ବି—ଗଞ୍ଜାମ ଜିଲ୍ଲାର ପାଟକବିଶେଷ—
A class of low-caste Śūdras in the district of Ganjam.

ଚଣ୍ଡାଲପକ୍ଷୀ—ସ. ବି—କାକପକ୍ଷୀ; କୁଆ (ହି. ଶବ୍ଦସାଗର)—
Chaṇḍālapakshī The crow.

ଚଣ୍ଡାଲବଲ୍ଲକୀ—ସ. ବି (ମଧ୍ୟପଦଲୋପୀ; ଚଣ୍ଡାଲ+ବଲ୍ଲକୀ —ଚଣ୍ଡାଲ-
Chaṇḍālaballakī ମାନଙ୍କର ବଜାଇବା ଏକପ୍ରକାର ତାରଯୁକ୍ତ (ଚଣ୍ଡାଲବୀଣା—ଅନ୍ୟରୂପ) ବାଦ୍ୟ ଯନ୍ତ୍ର)—କଣ୍ଡୋଲ ବୀଣା; କେନରା—
A guitar or lute used by low caste people; the beggars' lute.

ଚଣ୍ଡାଲିକା—ସ. ବି. ସ୍ତ୍ରୀ (ଚଣ୍ଡାଲ+କ+ଆ)—୧ । ଦୁର୍ଗା; ଚଣ୍ଡିକା—
Chaṇḍālikā 1. Durga.

୨ । ଚଣ୍ଡାଲବଲ୍ଲକୀ (ଦେଖ)—
2. Chaṇḍālaballakī (See)

୩ । ଔଷଧାର୍ଥ ବ୍ୟବହୃତ ବୃକ୍ଷବିଶେଷ (ହି. ଶବ୍ଦସାଗର)—
3. Name of a medicinal tree.

୪ । ଶିମ୍ବାଦି ବର୍ଗର ବର୍ଷାୟୁଃ ବନ୍ୟ ଶାକ ବା କ୍ଷୁପବିଶେଷ—
बनचाँड़ाल 4. The Telegraph plant; Desmodium Gajrans.

[ଦ୍ର—ଏ ଗଛ ୧।୨ ହାତ ବଢ଼େ; ଶିମ୍ବପରି ପତ୍ର ତ୍ରିପର୍ଣ୍ଣ; ପାଖର ଦୁଇ ପର୍ଣ୍ଣ ଗରମ ସମୟରେ ଉପରକୁ ଉଠେ ଓ ଥଣ୍ଡାବେଳେ ତଳକୁ ପଡ଼େ. ଯୋଗେଶ୍ଚନ୍ଦ୍ର ।]

ଚଣ୍ଡାଲିନୀ—ସ. ବି. ସ୍ତ୍ରୀ (ଚଣ୍ଡାଲ+ସ୍ତ୍ରୀ. ଈ)—ଚଣ୍ଡାଳୁଣୀ (ଦେଖ)—
Chaṇḍālinī Chaṇḍāluṇī (See)
(ଚଣ୍ଡାଲୀ—ଅନ୍ୟରୂପ)

ଚଣ୍ଡାଳୁଣୀ—ଦେ. ବି. ସ୍ତ୍ରୀ (ସ. ଚଣ୍ଡାଳନୀ; ଚଣ୍ଡାଲ ଶବ୍ଦରେ ଓଡ଼ିଆ
Chaṇḍāluṇī ସ୍ତ୍ରୀବାଚକ ଉଣୀ ପ୍ରତ୍ୟୟ ଯୋଗ; ତୁଲ. ଡମୁଣୀ,
চাঁড়ালিনী ଶବରୁଣୀ, କନ୍ଧୁଣୀ)—୧ । ଚଣ୍ଡାଲର ସ୍ତ୍ରୀ—
चंडालीन 1. A woman of the 'chaṇḍāla' caste.

ଗୁରୁଜାତପାଦ ହେବେଟି ଏକଜାତ
କରିବେ ଚଣ୍ଡାଳୁଣୀ ସଙ୍ଗରେ ସୁରତ—କୃଷ୍ଣସିଂ. ମହାଭାରତ, ବନ ।

୨ । ମେହନ୍ତରାଣୀ—2. A sweeper woman.

ସାଧାରଣ ଲୋକେ ଅନେକ ସ୍ଥଳରେ ମୂର୍ଦ୍ଧନ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । ପାପିନୀ—3. Sinful woman; a female sinner.

୪ । ନିଷ୍ଠୁର ସ୍ତ୍ରୀ—4. Hard-hearted or cruel woman.

୫ । ଦୁଷ୍ଟା ସ୍ତ୍ରୀ; ନଷ୍ଟା ସ୍ତ୍ରୀ; ଦୁଷ୍କର୍ମକାରିଣୀ ସ୍ତ୍ରୀ—5. A reprobate or depraved woman.

ଚଣ୍ଡିଆ—ଦେ. ବଣ. ପୁଂ (ସଂ. ଚଣ୍ଡ)—୧ । ଦୁଷ୍ଟ; କ୍ରୂରକର୍ମୀ; **Chandiā** କୁରୁଚୁଣ୍ଡିଆ—1. Wicked (person); wanton. (ଚଣ୍ଡେଇ—ସ୍ତ୍ରୀ) ୨ । ଭୁଲ—2. Vagabond.

ଚଣ୍ଡିକା—ସଂ. ବି (ଚଣ୍ଡ+କ+ଆ)—୧ । ଚଣ୍ଡୀ (ଦେଖ) **Chandikā** 1. Chandī (See).

୨ । ଗାୟତ୍ରୀଦେବୀ (ହି. ଶବ୍ଦସାଗର)—2. The Gāyatrī formula personified.

ସଂ. ବଣ. ସ୍ତ୍ରୀ—୧ । କୋପନା; ଦୁର୍ଦ୍ଧର୍ଷା—1. Shrewish; irritable (woman).

୨ । କଳହପ୍ରିୟା—2. Quarrelsome (woman).

ଚଣ୍ଡିମା—ସଂ. ବି (ଚଣ୍ଡ+ଭାବେ. ଇମନ୍ ୧ମା. ୧ବ.)— **Chandimā** ୧ । ଚଣ୍ଡତା, ପ୍ରଚଣ୍ଡତା—1. Ferocity.

୨ । ଉଗ୍ରତା—2. Violence.

୩ । କ୍ରୋଧ—3. Wrath; passion.

୪ । କୋପନସ୍ୱଭାବ—4. Wrathfulness.

ଚଣ୍ଡୀ—ସଂ. ବି. (ଚଣ୍ଡ+ଈ)—୧ । ଦୁର୍ଗା; ପାର୍ବତୀଙ୍କର ଅସୁରବିଧ୍ୱଂସୀ **Chandī** ଦଶଭୁଜବିଶିଷ୍ଟ ଅବତାର—1. Goddess Durgā (in her incarnation of demon-killer with 10 arms).

[ଦ୍ର—ଓଡ଼ିଶାର ୮ ଗୋଟି ସ୍ଥାନରେ ଚଣ୍ଡୀଙ୍କର ପ୍ରଧାନ ବିଗ୍ରହ ଅଛି । ବାଣପୁରରେ ଭଗବତୀ, ପୁରୀରେ ବିମଳା, କାକଟପୁରରେ ମଙ୍ଗଳା, ଝଙ୍କଡ଼ରେ ଶାରଳା, ଯାଜପୁରରେ ବିରଜା, କାଙ୍କିରେ ଚର୍ଚ୍ଚିକା, ସମ୍ବଲପୁରରେ ସମଲେଇ, ଓ ତାଳଚେରରେ ହିଙ୍ଗୁଳା । ଏମାନେ ପରମ ବୈଷ୍ଣବୀ ଓ ହାତରେ ଜପାମାଳା ଧରି ଅଛନ୍ତି ।]

୨ । ଅତି କୋପନା ସ୍ତ୍ରୀ—2. A wrathful or termagant woman; a shrewish woman; virago.

ବାମକର କପୋଳେ ଚଣ୍ଡୀସ୍ୱରୂପା—ଉପେ. ବୈଦେହୀଶବିଳାସ ।

୩ । କଳହପ୍ରିୟା ସ୍ତ୍ରୀ—3. A quarrelsome woman.

୪ । ତ୍ରୟୋଦଶାକ୍ଷର ଛନ୍ଦୋବିଶେଷ—4. Name of a Sanskrit metre of 13 syllables.

ଦେ. ବି.—(ଚଣ୍ଡୀପୁରାଣ) ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଦେବୀମାହାତ୍ମ୍ୟ; ଦୁର୍ଗାଙ୍କର ଶୁମ୍ଭନିଶୁମ୍ଭ, ମହିଷାସୁର, ଚଣ୍ଡମୁଣ୍ଡାଦି ଅସୁରବଧକୀର୍ତ୍ତିନାତ୍ମକ ଗ୍ରନ୍ଥ—A part of the Mārkandeya Purāna describing the prowess and doings of Durgā in killing many wicked demons.

ହେବ ଦିବସ ଏକ୍ଷଣ ଶୁଣାଦାବୁଝିକି ଚଣ୍ଡୀ ଗୁଣାଇବ—ଉପେ. ପ୍ରେମସୁଧାନିଧି ।

[ଦ୍ର—ଦୁର୍ଗା, ଚଣ୍ଡୀରୂପରେ ଶୁମ୍ଭନିଶୁମ୍ଭ, ରକ୍ତବୀଜ, ଚଣ୍ଡମୁଣ୍ଡ, ମହିଷାସୁର ପ୍ରଭୃତି ରାକ୍ଷସମାନଙ୍କୁ ବଧ କରିଥିଲେ ।]

ଚଣ୍ଡୀ ଗୁଣା—ଦେ. ବି—୧ । ଅନୁଚ୍ଚ ସ୍ୱରରେ ଚଣ୍ଡୀପାଠ— **Chandīguna** 1. Recital of 'Chandī Purāna' in a low voice.

୨ । (ଲକ୍ଷଣାର୍ଥ) ଚଣ୍ଡୀଗୁଣିବା ଭଳି କୋପରେ ଅନୁଚ୍ଚ ଗୁଣୁ ଗୁଣୁ ଶବ୍ଦ କରିବା—2. Grumbling due to rage.

ଦେ. ବଣ—ଚଣ୍ଡୀପାଠକାରୀ— Reciting the Chandī Purāna.

ଚଣ୍ଡୀ ଗୁଣିବା—ଦେ. କ୍ରି—୧ । ଅନୁଚ୍ଚ ସ୍ୱରରେ ଚଣ୍ଡୀପାଠ କରିବା— **Chandī gunibā** 1. To recite or read 'Chandīpurāna' in a low voice.

୨ । (ବ୍ୟଙ୍ଗ୍ୟ; ଲକ୍ଷଣାର୍ଥ) କ୍ରୋଧ ବା ଅଭିମାନରେ ଗୁଣୁ-ଗୁଣୁ ଶବ୍ଦ କରିବା—2. (figurative) To grumble with rage.

ଚଣ୍ଡୀଦାସ—ସଂ. ବି—ଚଣ୍ଡୀଙ୍କର ସେବକ— **Chandīdāsa** A worshipper devoted to Goddess Chandī.

ଦେ. ବି—ପଞ୍ଚଦଶ ଶତାବ୍ଦୀର ବଙ୍ଗୀୟ କବିବିଶେଷ— A Bengalee classical poet of the 15th century.

[ଦ୍ର—ଏ ଜାତିରେ ବ୍ରାହ୍ମଣ ଥିଲେ । ବୀରଭୂମି ଜିଲ୍ଲାରେ ଖ୍ରୀ.୧୪୧୭ ରେ ଜନ୍ମ ଗ୍ରହଣ କରି ଖ୍ରୀ ୧୪୭୭ ରେ ମୃତ ହୋଇଥିଲେ । ଏ ଗୀତଚନ୍ତାମଣି ନାମକ ବଙ୍ଗଳା ଗ୍ରନ୍ଥର ରଚୟିତା । ଏ ବଙ୍ଗୀୟ କବି ବିଦ୍ୟାପତିଙ୍କ ସମସାମୟିକ ଓ ଚୈତନ୍ୟଙ୍କ ପୂର୍ବବର୍ତ୍ତୀ । ଚଣ୍ଡୀଦାସଙ୍କ ସମୟ ବଙ୍ଗଳା ସାହିତ୍ୟ ରଚନାର ଆଦିକାଳ । ଏହାଙ୍କ ରଚନା ସରଳ ଓ ମଧୁର ଥିଲା । ଏହାଙ୍କ ଗୀତମାନ ପ୍ରତ୍ୟେକ ବଙ୍ଗୀୟ ସାହିତ୍ୟଭକ୍ତଙ୍କର ଆଦରର ସାମଗ୍ରୀ ।]

ଚଣ୍ଡୀପର୍ବ—ଦେ. ବି—ଦୁର୍ଗୋତ୍ସବ— **Chandīparba** The festival of Durgāpūjā.

ବଡ଼ାଇଲା ବେଗେ ଚଣ୍ଡୀପର୍ବ କାଶ ପଶୁ ଶଣ୍ଡି
ରକ୍ତଧାର ପାନବୋଲେ ଓଷ୍ଠ ରଞ୍ଜନ । ଉପେ. ବୈଦେହୀଶବିଳାସ ।

ଚଣ୍ଡୀପାଠ—ସଂ. ବି. (୬ଷ୍ଠୀ ତତ୍; ଚଣ୍ଡୀ+ପାଠ)— **Chandīpātha** ଦେବୀମାହାତ୍ମ୍ୟ ଗ୍ରନ୍ଥର ଆବୃତ୍ତି— Recital of the text of Chandī Purāna.

ଚଣ୍ଡୀପୂଜା—ସଂ. ବି. (୬ଷ୍ଠୀ ତତ୍; ଚଣ୍ଡୀ+ପୂଜା)—୧ । ଚଣ୍ଡୀ ବା **Chandīpūjā** ଦୁର୍ଗାଙ୍କର ଉପାସନା—2. Tho worship of the Goddess Chandī.

୧	ଇ	ଉ	ଋ,ଝ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇୟ	ଉଅ	ଘ୍ନ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ତ

୨ । ଦୁର୍ଗାପୂଜା; ଶାରଦୀୟ ଦୁର୍ଗୋତ୍ସବ—2. The annual autumnal ceremony of worshipping Goddess Durgā.

ଚଣ୍ଡୀପୁରାଣ—ସଂ. ବି.—(୬ଷ୍ଠୀ ତତ୍ ; ଚଣ୍ଡୀ + ପୁରାଣ) — ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଦେବୀମାହାତ୍ମ୍ୟ—
Chaṇḍipurāṇa
A part of the Mārkaṇḍeya Purāṇa describing the prowess and doings of Durgā in her incarnation of Chaṇḍī.

[ଦ୍ର—ଏହି ଆଖ୍ୟାୟିକାରେ ବର୍ଣ୍ଣିତ ହୋଇ ଅଛି ଯେ ସୁରଥ ନାମରେ ଜଣେ ପ୍ରଜାପାଳକ ରାଜା ଥିଲେ; ସେ ଶତ୍ରୁମାନଙ୍କଦ୍ୱାରା ପରାଜିତ ହୋଇ ଅମାତ୍ୟାଦିପରିତ୍ୟକ୍ତ ଓ ଭ୍ରଷ୍ଟରାଜ୍ୟ ହେଲେ । ଅମାତ୍ୟାଦିଙ୍କ ଦ୍ୱାରା ତାଙ୍କ ଧନ ଅପହୃତ ହେବାରୁ ସେ ମୃଗୟାଛଳରେ ବଣକୁ ଯାଇ କୌଣସି ମୁନିଙ୍କ ଆଶ୍ରମରେ କିଛିକାଳ ଅବସ୍ଥାନ କଲେ; ତଥାପି ନିଜ ରାଜ୍ୟର ମମତା ତାଙ୍କ ଚିତ୍ତକୁ ଆକୃଷ୍ଟ କରୁଥାଏ । ଏହି ସମୟରେ ସ୍ତ୍ରୀପୁତ୍ରମାନଙ୍କଦ୍ୱାରା ଧନଲୋଭରେ ବିତାଡ଼ିତ ସମାଧି ନାମରେ ଜଣେ ବୈଶ୍ୟ ସେଠାରେ ପହଞ୍ଚିଲେ; ସେ ମଧ୍ୟ ସର୍ବଦା ତ୍ୟକ୍ତ ଗୃହର ମମତାଦ୍ୱାରା ବ୍ୟଥିତ ହେଉଥାଆନ୍ତି । ସୁରଥ ଏହା ଦେଖି ତାଙ୍କ ଆଶ୍ରୟଦାତା ମୁନିଙ୍କୁ ପଚାରିଲେ:—ଯେଉଁ ଅମାତ୍ୟ, ସ୍ତ୍ରୀ ଓ ପୁତ୍ର ଆଦି ଆମ୍ଭମାନଙ୍କ ପ୍ରତି ଅତ୍ୟାଚାର କରିବାରୁ ଆମ୍ଭେମାନେ ଘରୁ ପଳାଇ ଆସି ଏ ଆଶ୍ରମରେ ଆଶ୍ରୟ ନେଇ ଅଛୁଁ ପୁଣି ସେହି ଦୁର୍ବୃତ୍ତମାନଙ୍କ ପ୍ରତି ଆମ୍ଭମାନଙ୍କ ମନ ଆକୃଷ୍ଟ ହେଉଅଛି କାହିଁକି ? ମୁନି ଉତ୍ତର କଲେ:—ବିଷ୍ଣୁଙ୍କର ମହାମାୟା ପ୍ରଭାବରୁ ପ୍ରାଣିଗଣ ମମତାରୂପ ଆବର୍ତ୍ତରେ ଓ ସଂସାରର ମୋହଗର୍ତ୍ତରେ ପଡ଼ିଅଛନ୍ତି; ଏହି ବିଷ୍ଣୁମାୟା ଜଗତକୁ ସୃଷ୍ଟି କରିଅଛି, ପାଳନ କରୁଅଛି ଓ ସଂହାର କରୁଅଛି; ଏହି ମାୟା ଜୀବକୁ ମୋହରେ ପକାଏ, ବିଶ୍ୱବାସୀଙ୍କୁ ମୁକ୍ତି ପ୍ରଦାନ କରେ ଓ ବିଶ୍ୱକୁ ବ୍ୟାପି ଅଛି; ରାଜା ପଚାରିଲେ:— ସେ ମହାମାୟା କିଏ ? ମୁନି ସେହି ଯୋଗମାୟାଙ୍କ ସ୍ୱରୂପ ଓ ଭିନ୍ନ ଭିନ୍ନ ଆବିର୍ଭାବ ଚଣ୍ଡୀପୁରାଣରେ ବର୍ଣ୍ଣନା କଲେ:—ମହାପ୍ରଳୟରେ ବିଷ୍ଣୁଙ୍କୁ ଅଭିଭୂତ କରିଥିବା ଯୋଗନିଦ୍ରା ସେହି ଅଟନ୍ତି ଓ ଦେବତାମାନଙ୍କ କାର୍ଯ୍ୟସିଦ୍ଧି କରିବା ପାଇଁ ଦୁଷ୍ଟ ଦାନବମାନଙ୍କୁ ବଧ କରିବାକୁ ସେ ଯୁଗେଯୁଗେ ପୃଥିବୀରେ ଅବତାର ଗ୍ରହଣ କରନ୍ତି; ସେ ବିଷ୍ଣୁଙ୍କର ଓ ଅନ୍ୟ ଦେବତାମାନଙ୍କର ଶକ୍ତିସଂଭୂତା ଓ ଦେବଶକ୍ତିର ସମଷ୍ଟି ଅଟନ୍ତି; ସେ ମହିଷାସୁର, ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀଜ, ଶୁମ୍ଭ ଓ ନିଶୁମ୍ଭ ରାକ୍ଷସଙ୍କୁ ବଧ କରିଥିଲେ ଓ ପରେ ପୁଣି ଯେତେବେଳେ ରାକ୍ଷସମାନେ ମାତିବେ ସେ ସେହି ରାକ୍ଷସମାନଙ୍କୁ ବଧ କରିବାକୁ ପୃଥିବୀରେ ଅବତୀର୍ଣ୍ଣ ହେବେ ବୋଲି ଦେବତାମାନଙ୍କୁ ବର ଦେଇ ଅଛନ୍ତି; ତାଙ୍କର ପୂଜା କଲେ ମନୁଷ୍ୟମାନେ ସର୍ବ ପାପ, ସର୍ବ ଦୁଃଖ ଓ ସର୍ବ ଦୁର୍ଦ୍ଦଶାରୁ ମୁକ୍ତ ହେବେ । ସୁରଥ ଓ ସମାଧି ମୁନିଙ୍କଠାରୁ ଏହା ଶୁଣି ସେହି ଦୁର୍ଗାଙ୍କର ମୃଣ୍ମୟୀ ପ୍ରତିମା ନିର୍ମାଣ ଓ ପ୍ରତିଷ୍ଠା କରି ପୂଜା କଲେ । ଏହି ପୂଜାର ଫଳରେ ସୁରଥ ରାଜ୍ୟ ପାଇଲେ, ବୈଶ୍ୟ ମଧ୍ୟ ଗୃହକୁ ଫେରିଯାଇ ସୁଖଭୋଗ କଲେ । ଏହି ସବୁ ବିଷୟ ୧୩ ଅଧ୍ୟାୟରେ ଚଣ୍ଡୀପୁରାଣରେ ବର୍ଣ୍ଣିତ ହୋଇଅଛି ।]

ଚଣ୍ଡୀମଣ୍ଡପ—ସଂ. ବି. (୬ଷ୍ଠୀ ତତ୍; ଚଣ୍ଡୀ + ମଣ୍ଡପ)—
Chaṇḍīmaṇḍapa ୧ । ଯେଉଁ ମଣ୍ଡପ ବା ମେଲଣରେ ଚଣ୍ଡୀପାଠ ଓ ବାର୍ଷିକ ଶାରଦୀୟ ଦୁର୍ଗାପୂଜା ହୁଏ—
1 An open thatched pavillion where Chaṇḍī Purāṇa is recited and Durga is worshipped during the month of Āświna.

୨ । ଗ୍ରାମର ସାଧାରଣ ଠାକୁରାଣୀ-ମଣ୍ଡପ—
2. The temple of the village Goddess where villagers perform their common worship and assemble for social purposes.

[ଦ୍ର—ବଙ୍ଗଦେଶରେ ଅନେକ ଗ୍ରାମରେ ଚଣ୍ଡୀମଣ୍ଡପ ଅଛି । ଓଡ଼ିଶାରେ ଅନେକ ଗ୍ରାମରେ 'ଭାଗବତଟୁଙ୍ଗୀ' ଓ ଗ୍ରାମ ଦେବତାଙ୍କ ମଣ୍ଡପ ବା ମନ୍ଦିରମାନ ଅଛି । ସାହେବମାନଙ୍କ 'କ୍ଲବ୍' ଘରେ ଯେଉଁପରି ଗ୍ରାମବାସୀ ବା ସ୍ଥାନୀୟ ସାଧାରଣ ଲୋକେ ସନ୍ଧ୍ୟା ପରେ ସମ୍ମିଳିତ ହୋଇ ବଇଠକ କରନ୍ତି ଓ ନାନାଦି ବିଷୟର ଚର୍ଚ୍ଚା କରନ୍ତି, ବଙ୍ଗଦେଶରେ ଚଣ୍ଡୀମଣ୍ଡପରେ ଓ ଓଡ଼ିଶାର ଭାଗବତଟୁଙ୍ଗୀ ଓ ଠାକୁରଘର ମାନଙ୍କରେ ସେହିପରି ହୁଏ ।]

ଚଣ୍ଡୁ—ସଂ. ବି. (ଚଣ୍ଡ ଧାତୁ + ସଂଜ୍ଞାର୍ଥେ ଉ)—ଇନ୍ଦୁର; ମୂଷା—
Chaṇḍu Rat.

ଚଣ୍ଡୂ ଦେ. ବି. (ସଂ. ଚଣ୍ଡ = ଉଗ୍ର)—ଅଫିମରେ ପ୍ରସ୍ତୁତ ଧୂମ୍ରପାନପୂର୍ବକ
चंडू ସେବିତ ଉଗ୍ର ମାଦକଦ୍ରବ୍ୟବିଶେଷ—A highly intoxicating smoking preparation of opium; chandoo.

[ଦ୍ର—ଏହା ଗୁଲି ବା ମଦତ୍ ଅପେକ୍ଷା ଉଗ୍ରତର ନିଶା ଜନ୍ମାଏ; ଗୁଲି ପରି ହୁକ୍କାନଳୀଦ୍ୱାରା ଚଣ୍ଡୁର ଧୂମ୍ରପାନ କରାଯାଏ; ଚୀନାମାନେ ବେଶି ଚଣ୍ଡୁ ପିଅନ୍ତି । ଅଫଗାନିସ୍ଥାନରୁ ଚଣ୍ଡୁ ତିଆରି ହୋଇ ହିନ୍ଦୁସ୍ଥାନକୁ ଆସେ । ଅଫିମକୁ ପାଣିଆଁ କରି ଛାଣି ନିଆଁରେ ବସାଇ ଲୋକେ ଚଣ୍ଡୁ ତିଆରି କରନ୍ତି— ହି. ଶବ୍ଦସାଗର; ଏ ଶବ୍ଦ ଇଂରେଜୀଭାଷାରେ ମଧ୍ୟ ଚଳନ୍ତି ।]

ଚଣ୍ଡୁଖୋର୍—ଦେ. ବିଣ—ଯେ ଚଣ୍ଡୁ ନାମକ ମାଦକଦ୍ରବ୍ୟର ଧୂମ୍ରପାନ
Chaṇḍukhor କରେ; ଯେ ଚଣ୍ଡୁ ପିଏ—Chaṇḍu-smoker.
ଚଣ୍ଡୁଖୋର
चंडूखोर; चंडूल
(ଚଣ୍ଡୁବାଜ୍—ଅନ୍ୟରୂପ)

ଚଣ୍ଡୁଲ—ସଂ. ବି—ଏକପ୍ରକାର ସୁନ୍ଦର ଭରତିଆ ପକ୍ଷୀ—
Chaṇḍuḷa A kind of beautiful lark; the skylark; Alonda Gulgula.
(ଚଣ୍ଡୂଳ—ଅନ୍ୟରୂପ)

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅର୍ଗ୍ୟା ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ୍ତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ଦ୍ର—ଏହାର ବର୍ଣ୍ଣ ମାଟିଆ; ଏ ଗଛଉପରେ ପୁନଇ ବସା ନିର୍ମାଣ କରେ ଓ ଏହାର ରବ ସୁମଧୁର ।]

ଚଣ୍ଡୁଶ୍—ଦେ. ବି—ଚଣ୍ଡୁ (ଦେଖ)
Chanḍuś   Chanḍu (See)

ଚଣ୍ଡେଶ୍ୱର—ସଂ. ବି. (ଚଣ୍ଡ + ଈଶ୍ୱର)—୧ । ଶିବଙ୍କର ଅନୁଚର-
Chanḍeśwara   ବିଶେଷ—1. The chief attendant of Śiba and the participator of a fixed portion of food offered to Śiba.
[ଦ୍ର—ମହାଦେବଙ୍କୁ ନିବେଦିତ ଦ୍ରବ୍ୟର ଏକଚତୁର୍ଥାଂଶ ବା ଏକାଦଶମାଂଶ ବା ଷୋଡ଼ଶାଂଶ ଏହାଙ୍କୁ ଉତ୍ସର୍ଗ କରାଯାଏ ।]
୨ । ରକ୍ତବର୍ଣ୍ଣ ଶରୀରଧାରୀ ଶିବଙ୍କର ଏକରୂପ (ହି. ଶବ୍ଦସାଗର); ଶିବମୂର୍ତ୍ତିବିଶେଷ—2. A red-tinted image or incarnation of Śiba.
୩ । ଭୁବନେଶ୍ୱର ଲିଙ୍ଗରାଜଙ୍କ ବେଢ଼ା ମଧ୍ୟରେ ଈଶାନକୋଣରେ ସ୍ୱତନ୍ତ୍ର ମନ୍ଦିରରେ ଅବସ୍ଥିତ ଶିବଲିଙ୍ଗବିଶେଷ – 3. One of the images representing God Śiba set up in a separate temple, to the north-east of the Lingarāja temple of Bhubaneswar, to whom separate offering isd aily offered.
[ଦ୍ର— ଭୁବନେଶ୍ୱରସ୍ଥ ଲିଙ୍ଗରାଜ ସାଧାରଣ ଶିବ ନ ଥାଇ ସ୍ୱୟମ୍ଭୂ ଲିଙ୍ଗ ଅଟନ୍ତି, ଅତଏବ ତାଙ୍କ ଭୋଗରୁ ନିର୍ଦ୍ଦିଷ୍ଟ ଅଂଶ ଚଣ୍ଡେଶ୍ୱରଙ୍କୁ ଉତ୍ସୃଷ୍ଟ ହୁଏ ନାହିଁ; ସେ ସ୍ୱୟମ୍ଭୂ ଲିଙ୍ଗ ଥିବାରୁ ତାଙ୍କ ଭୋଗରେ ଚଣ୍ଡାଧିକାର ନାହିଁ । ଏଥିପାଇଁ ସାଧାରଣ ଶିବଙ୍କ ପ୍ରସାଦ ଅଗ୍ରାହ୍ୟ ହେଲେ ମଧ୍ୟ ଲିଙ୍ଗରାଜଙ୍କ ପ୍ରସାଦକୁ ସମସ୍ତେ ଖାଇ ପାରନ୍ତି (ଶିବପୁରାଣ, ଲିଙ୍ଗପୁରାଣ) । ଲିଙ୍ଗରାଜଙ୍କ ଭୋଗରୁ ଚଣ୍ଡ ବାଡ଼ାଯାଉ ନ ଥିବାରୁ ଏଠାରେ ଚଣ୍ଡେଶ୍ୱରଙ୍କୁ ସ୍ୱତନ୍ତ୍ର ଭୋଗ ଦିଆ ଯାଏ ।]

ଚତ୍ (ଧାତୁ)—ସଂ—୧ । ପ୍ରାର୍ଥନା କରିବା—1. To pray.
Chat (root)   ୨ । ଗମନ କରିବା – 2. To go.
୩ । ଲୁଚିବା—3. To hide one's self (M. W.).
୪ । ମାଗିବା—4. To beg.

ଚତର—ଦେ. ବି. (ସଂ. ଚତ୍ୱର;ଚତୁଃ+ଚକ୍ର)-୧ । ଗୋଲ ସମତଳ ଭୂମି-
Chatara   1. A circular plot of level ground.
চাতাল
तलैया
୨ । ଜଳାଶୟ ମଧ୍ୟରେ ଦଳଅଦି ଦ୍ୱାରା ଆବୃତ ହୋଇ ନ ଥିବା ଜଳର ଉପରଭାଗର ବିସ୍ତୃତ ଅଂଶ—
2. A wide expanse or plot of the surface of a tank not overgrown or covered with aquatic grass or reeds.
୩ । ଜଳସଞ୍ଚୟ ନିମନ୍ତେ ଭୂମିରେ ଖୋଳା ହୋଇଥିବା ଅଗଭୀର ଚତୁଷ୍କୋଣିଆ ଗାତ—3. A square shallow pit dug in the ground for storing oozing water.
୪ । ଅଗଭୀର ବଡ଼ ଜଳାଶୟ; ଜୋଡ଼—
4. A wide expanse of shallow water.

ଦେ. ବିଣ—୧ । ବିସ୍ତୃତ—1. Extensive; wide.
୨ । ବିସ୍ତୃତ ବହୁଶାଖାଯୁକ୍ତ(ବୃକ୍ଷ); ଝାମ୍ପୁଲ—2 Bushy (tree); spreading over a large area.

ଚତରାଇବା—ଦେ. କ୍ରି. (ସଂ. ଚତ୍ୱର; ସଂ. ଛତ୍ର)—
Chataraiba   ୧ । (ଅକର୍ମକ) ଅଧିକତର ବିସ୍ତୃତ କରିବା—
ছাতলান   1. To make more extensive; to widen.
छितराना   ୨ । (ଅକର୍ମକ) ବହୁ ଶାଖା ମେଲିବା; ଛତା ପରି ବିସ୍ତୃତ (ଚତରେଇବା।—ଅନ୍ୟରୂପ) ହେବା—2. To bifurcate or shoot out or spread into numerous branches like an umbrella.
୩ । (ସକର୍ମକ) ଖେଳାଇ ଦେବା—
3. To thin out; to scatter; to spread.

ଚତରି—ପ୍ରାଦେ. (ଅଠମଲ୍ଲିକ) ବି—ଚଉପଦି; ପତରଦୋନା—
Chatari   A pot or cup made of leaves sewn together.

ଚତୁଃ—ସଂ. ବି ଓ ବିଣ (ସଂଖ୍ୟାବାଚକ)—ଚାରି—
Chatuḥ   Four.
[ଦ୍ର—ଚତୁଃର ବ୍ୟବହାର କେବଳ ସଂସ୍କୃତରେ ହୁଏ, କିନ୍ତୁ ଓଡ଼ିଆରେ ଏଥିର ସ୍ୱତନ୍ତ୍ର ବ୍ୟବହାର ନାହିଁ; ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ବା ସନ୍ଧି ହୋଇ ବ୍ୟବହୃତ ହେବା ଶବ୍ଦମାନ ଓଡ଼ିଆରେ ଚଳେ । ଯଥା—ଚତୁଃସୀମା; ଚତୁରଙ୍ଗ ।]

ଚତୁଃପଞ୍ଚାଶ—ସଂ. ବିଣ. (ଚତୁଃ+ପଞ୍ଚାଶତ୍+ପୂରଣାର୍ଥ ଅ.)—
Chatuḥpanchāśa   ୫୪ର ପୂରକ—Fiftyfourth (M.W).
(ଚତୁଷ୍ପଞ୍ଚାଶ—ଅନ୍ୟରୂପ)

ଚତୁଃପଞ୍ଚାଶତ୍—ସଂ. ବି. (ମ. ପ. ଲୋ; ଚତୁଃ ଅଧିକ ପଞ୍ଚାଶତ୍)—
Chatuḥpanchāśat   ପଚାଶରୁ ଚାରି ଅଧିକ ସଂଖ୍ୟା; ଚଉବନ;
(ଚତୁଷ୍ପଞ୍ଚାଶତ୍—ଅନ୍ୟରୂପ)   ୫୪—54; Fiftyfour.
ସଂ. ବିଣ—ଚଉବନ ସଂଖ୍ୟକ—
Numbering fiftyfour.

ଚତୁଃପଞ୍ଚାଶତ୍ତମ—ସଂ. ବିଣ—୫୪ର ପୂରକ—
Chatuḥpanchāśattama   Fiftyfourth.
(ଚତୁଷ୍ପଞ୍ଚାଶତ୍ତମ—ଅନ୍ୟରୂପ)

ଚତୁଃପାର୍ଶ୍ୱ—ସଂ. ବି—୧ । ଚାରିଦିଗ—1 .Four corners or
Chatuḥpārśwa   points of the compass.
୨ । ସବୁଆଡ଼—2. All sides.
୩ । ଚାରିପାଖ—3. Four sides e.g. north, south, east and west.
(ଚତୁଷ୍ପାର୍ଶ୍ୱ—ଅନ୍ୟରୂପ)   ୪ । ବର୍ଗକ୍ଷେତ୍ରର ୪ଟି ବାହୁ—
4. The four sides of a square (Wilson).
[ଦ୍ର—ଚତୁଷ୍ପାର୍ଶ୍ୱ ଶବ୍ଦ ଅବ୍ୟାକରଣିକ ଅଟେ ।]

୧	ଇ	ଉ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍ଂ	ଉଅ	ଐ
୨	ଈ	ଊ	ୠ	ୡ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ୍ଚ	ନ୍ତ

ଚତୁଃଶତ—ସ. ବି. (ଚତୁଃ+ଶତ)—୧ । (ଦ୍ୱିଗୁ) ଚାରିଶହ—
Chatuḥśata 1. Four hundred; 400.

୨ । (ମ. ପ. ଲୋ; ଚତୁରଧିକଶତ) ଏକଶହ ଚାରି—
2. One hundred and four; 104 (M. W.)

ଚତୁଃଶଫ – ସ. ବିଣ. ପୁଂ. (ବହୁବ୍ରୀହି; ଚତୁଃ+ଶଫ)—
Chatuḥśapha ଯେଉଁ ଜୀବର ୪ଟି ଖୁରା ଅଛି—
(ଚତୁଃଶଫା—ସ୍ତ୍ରୀ) Four-hoofed (animal).

ଚତୁଃଶାଖ—ସ. ବିଣ. (ବହୁବ୍ରୀହି)—୧ । ଚାରିଶାଖାବିଶିଷ୍ଟ—
Chatuḥśākha 1. Having four branches; pointing to the 4 sides of the compass.

୨ । ଚାରିଗୋଟି ଶାଖା ବା ଅଙ୍ଗବିଶିଷ୍ଟ (ଯଥା—ବେଦ)—
2. Having four component parts.

ସ. ବି—(ଏହାର ଦୁଇ ହାତ ଓ ଦୁଇ ଗୋଡ଼ ଏହି ୪ ଶାଖା ଥିବାରୁ) ଦେହ; ଶରୀର—Body (M. W.)

ବେ. ବି—ବେଦ—The Bedas (4 in number).

ଚତୁଃଶାଳ—ସ. ବି. (ବହୁବ୍ରୀହି; ଚତୁଃ+ଶାଳା)—
Chatuḥśāḷa ୧ । ଯେଉଁ କୋଠାରେ ୪ଟି କାମରା ଅଛି—
ଚତୁଃଶାଳକ; ଚତୁଃଶାଳା } ଅନ୍ୟରୂପ 1. A building with 4 halls (M. W.).

୨ । ଚାରି ଦିଗରେ ୪ଟି କୋଠରି ବା କାମରା ଥିବା ବଡ଼ଘର—
2. A square four roomed house.

୩ । ଚାରିପାଖେ ୪ଟି ଘରଦ୍ୱାରା ଆବଦ୍ଧ ଅଗଣା—
3. A square courtyard enclosed by 4 houses on the 4 sides facing each other.

ଚତୁଃଶୃଙ୍ଗ—ସ. ବି. (ବହୁବ୍ରୀହି; ଚତୁଃ+ଶୃଙ୍ଗ)—
Chatuḥśṛuṅga ୧ । ଯେଉଁ ଜୀବର ୪ଟି ଶିଙ୍ଗ ଥାଏ; ଚଉଶିଙ୍ଗା—
1. Four-horned (animal).

୨ । ଯେଉଁ ପର୍ବତର ୪ଟି ଶୃଙ୍ଗ ଥାଏ—
2. Four-peaked (mountain).

ଚତୁଃଷଷ୍ଟ—ସ. ବି. (ଚତୁଃଷଷ୍ଟି+ପୂରଣାର୍ଥେ. ଅ)—ଚଉଷଠି ସଂଖ୍ୟାର
Chatuḥshashṭa ପୂରଣ—Sixtyfourth (M. W.)

ଚତୁଃଷଷ୍ଟି—ସ. ବି. (ମ. ପ. ଲୋ; ଚତୁରଧିକ ଷଷ୍ଟି)—
Chatuḥshashṭi ଷାଠିଏରୁ ଚାରି ଅଧିକ ସଂଖ୍ୟା; ଚଉଷଠି; ୬୪ ସଂଖ୍ୟା—64; Sixtyfour.

ସ. ବିଣ.—ଚଉଷଠି ସଂଖ୍ୟକ—
Numbering sixtyfour.

ଚତୁଃଷଷ୍ଟିତମ—ସ. ବିଣ—୬୪ ସଂଖ୍ୟାର ପୂରଣ—
Chatuḥshashṭitama 64th; sixtyfourth.

ଚତୁଃଷ୍ଟୋମ—ସ. ବି. (ଚତୁଃ+ସ୍ତୋମ)—
Chatuḥshṭoma ୪ଟି ଅଂଶ ଥିବା ବୈଦିକ ସ୍ତବବିଶେଷ—
(ଚତୁଷ୍ଟୋମ—ଅନ୍ୟରୂପ) A vedic hymn consisting of 4 parts.

[ଦ୍ର—ଏଥିରେ ୨ୟ, ୩ୟ ଓ ୪ର୍ଥ ଅଂଶରେ ପୂର୍ବାଂଶ ଅପେକ୍ଷା ୪ଟି ଲେଖାଏଁ ଅଧିକା ଶ୍ଳୋକ ଥାଏ M. W.]

ଚତୁଃଶଙ୍କର—ସ. ବି. (ଚତୁଃ+ଶଙ୍କର)—
Chatuḥsaṅkara (ହିନ୍ଦୁ ସ୍ମୃତି) ଯେଉଁ ମକଦ୍ଦମାରେ ୪ଟି ନାଲିସର କାରଣ ଏକତ୍ର ମିଶିଅଛି (ଯାଜ୍ଞବଲ୍କ୍ୟ)—
(Hindu Law) A lawsuit in which there is multiplicity of (four) causes of action. (M. W.)

ଚତୁଃସନ—ସ. ବି. (ଚତୁଃ+ସନ; ଯେଉଁ ଚାରି ଜଣଙ୍କ ନାମର Chatuḥsana ଆଦ୍ୟରେ 'ସନ' ଅଛି)—
'ସନ' ପଦ ଆଦ୍ୟରେ ଥିବା (ସନକ, ସନନ୍ଦ, ସନତ୍କୁମାର ଓ ସନାତନ) ନାମଚତୁଷ୍ଟୟଯୁକ୍ତ ବ୍ରହ୍ମାଙ୍କ ଚାରି ପୁତ୍ର—
The four sons of Brahmā whose names begin with the 2 letters 'Sana'.

ତପର ବଳେ ଭଗବାନ
ଜାତ ହୋଇଲେ ଚତୁଃସନ । ଜଗନ୍ନାଥ. ଭାଗବତ ।

ସ. ବିଣ—ଯହିଁରେ ବ୍ରହ୍ମାଙ୍କର ଉପରୋକ୍ତ ୪ ପୁତ୍ର ଥାଆନ୍ତି—
Containing the above four sons of Brahmā (M. W.).

ଚତୁଃସପ୍ତତ—ସ. ବିଣ. (ଚତୁଃସପ୍ତତି+ପୂରଣାର୍ଥେ. ଅ)—
Chatuḥsaptata ଚଉସ୍ତରି ସଂଖ୍ୟାର ପୂରଣ—
Seventyfourth. (M. W.)

ଚତୁଃସପ୍ତତି—ସ. ବି. (ମଧ୍ୟପଦଲୋପୀ କର୍ମଧାରୟ; ଚତୁଃ+ସପ୍ତତି)—
Chatuḥsaptati ଚଉସ୍ତରି; ୭୪—74.

ବିଣ—ଚଉସ୍ତରିସଂଖ୍ୟକ—74 in number.

ଚତୁଃସପ୍ତତିତମ—ସ. ବିଣ. (ଚତୁଃସପ୍ତତି+ପୂରଣାର୍ଥେ. ତମ)—
Chatuḥsaptatitama ଚଉସ୍ତରିର ପୂରଣ—
Seventyfourth.

ଚତୁଃସମ—ସ. ବି. (ବହୁବ୍ରୀହି; ଚତୁଃ+ସମ=ସମଗୁଣବିଶିଷ୍ଟ)—
Chatuḥsama ୧ । (ବୈଦ୍ୟକ) ସମଗୁଣବିଶିଷ୍ଟ ଔଷଧ ଦ୍ରବ୍ୟ-ଚତୁଷ୍ଟୟ; ଚଉସମ (ଲବଙ୍ଗ, ହରଡ଼ା, ସୈନ୍ଧବ, ଓ ଯୁଆଣି)—1. A collection of four drugs (cloves, rocksalt, myrobalan and caraway)

୨ । ସମଗୁଣବିଶିଷ୍ଟ ଗନ୍ଧଦ୍ରବ୍ୟଚତୁଷ୍ଟୟ (ଚନ୍ଦନ, ଅଗୁରୁ, କସ୍ତୁରୀ ଓ କୁଙ୍କୁମ)—2. A collection of four scented articles (sandal, aloe-wood, musk and saffron).

୩ । ଏକତ୍ର ମିଶ୍ରିତ କର୍ପୂର, କସ୍ତୁରୀ, ଜାଫ୍ରାନ୍‌କେଶର ଓ ଚନ୍ଦନ—3. A mixture of 4 unguents, (viz camphor, musk, saffron and sandal.)

ଶ୍ରୀକରେ ବେନି ଚତୁଃସମ
ସୌରଭ ଗନ୍ଧେ ମନୋରମ । ଜଗନ୍ନାଥ. ଭାଗବତ ।

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାମା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଦୃଷ୍ଟାନ୍ତରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଡାଳ' ନ ମିଳିଲେ 'ଡାଲ' ଖୋଜିବେ; 'ଲୁଅ' ନ ମିଳିଲେ 'ଳୁଅ' ଦେଖିବେ; 'ବଟୁ' ନ ପାଇଲେ 'ବଟୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବ

ଚତୁଃସହସ୍ର—ସଂ. ବି. (ଚତୁଃ+ସହସ୍ର)—
Chatuḥsahasra ୧ । (ଦ୍ୱିଗୁ) ଚାରି ହଜାର—
1. Four thousand; 4000.
୨ । (ମ. ପ. ଲୋ; ଚତୁରଧିକ ସହସ୍ର)—
ଏକ ହଜାର ଚାରି ସଂଖ୍ୟା—
2. One thousand and four; 1004 (M. W.)

ଚତୁଃସୀମା—ସଂ. ବି—ଚାରି ପଟର ସୀମା ବା ସରହଦ; ଚୌହଦି—
Chatuḥsimā The borders or boundaries on 4 sides; the northern, southern, eastern and western boundaries of a thing or place.

ଚତୁଃସ୍ତନା—ସଂ. ବଣ. ସ୍ତ୍ରୀ. (ବହୁବ୍ରୀହି; ଚତୁଃ+ସ୍ତନ+ଆ)—
Chatuḥstanā ଚାରିଟି ଥନ ଥିବା (ଗାଈ)—
(ଚତୁସ୍ତନା—ଅନ୍ୟରୂପ) (a cow) Having four nipples.

ଚତୁର୍—ସଂ. ବି. (ଚତ୍ ଧାତୁ=ପ୍ରାର୍ଥନା କରିବା+କର୍ତ୍ତୃ ଉର୍)—
Chatur ଚାରି—Four
ସଂ. ବଣ—ଚାରି ସଂଖ୍ୟକ—Numbering four.
[ଦ୍ର—ଚତୁଃଶବ୍ଦ ପର ଏ ଶବ୍ଦର ସ୍ୱତନ୍ତ୍ର ପ୍ରୟୋଗ ଓଡ଼ିଆରେ ନାହିଁ ।]

ଚତୁର—ସଂ. ବଣ. ପୁଂ. (ଚତ୍ ଧାତୁ=ଗମନ କରିବା ଇତ୍ୟାଦି+କର୍ତ୍ତୃ. ଉର)—୧ । ବୁଦ୍ଧିମାନ; ଧୂର୍ତ୍ତ—
Chatura
(ଚତୁରା—ସ୍ତ୍ରୀ) 1, Clever; ingenuous.
ଚତୁରତା, ଚତୁରତ୍ୱ, ଚାତୁର୍ଯ୍ୟ, ଚାତୁରୀ—ବି.

ବୋଲେ ଅଗସ୍ତି ହୋଇଣ ଚତୁର ବଣା କୁଅ ଥଣ୍ଡ ଭୁଜ ଚତୁର ।
ଉପେ. ବୈଦେହୀଶ ବିଳାସ ।

୨ । ନିପୁଣ; କାର୍ଯ୍ୟଦକ୍ଷ; କର୍ମଠ—
2. Expert; dexterous.
୩ । କୌଶଳୀ—3. Crafty; shrewd.
୪ । ଧୂର୍ତ୍ତ—4. Fraudulent.
୫ । ଚଞ୍ଚଳଗତି—5. Swift; quick; brisk (M. W.)
୬ । ନେତ୍ରଗୋଚର—6. Visible (M. W.).
୭ । ସୁନ୍ଦର; ମନୋହର—7. Beautiful; charming.
ସଂ. ବି—୧ । ଚାରି (ସଂଖ୍ୟା)—1. Four.
୨ । ଚତୁରଙ୍ଗ ସେନା—2. Army consisting of 4 arms or divisions. (viz. Elephants, cars, cavalry and infantry)

ବଧଚମୂ ଚତୁର ଅଙ୍ଗମାନେ ଅତୁଳ ସ୍ୱଭାବ ପୃଷ୍ଠ ଦେଇ ସେ ।
ଉପେ. ବୈଦେହୀଶବିଳାସ ।

୩ । (ଚତ୍ ଧାତୁ+କର୍ମ. ଉର) ଗୋଲ ତକିଆ—
3. A circular pillow.
୪ । ହସ୍ତିଶାଳା—4. A stable for elephants.
୫ । ରୋହିମାଛ—5. The fish Cyprinus Rohita. (M. W.).
ଦେ. ବଣ. (ସଂ. ଚତୁର୍)—ଚାରିସଂଖ୍ୟକ—Four in number.

ବୋଲେ ଅଗସ୍ତି ହୋଇଣ ଚତୁର
କଣ୍ଠକୁଅ ଥଣ୍ଡ ଭୁଜ ଚତୁର । ଉପେ. ବୈଦେହୀଶବିଳାସ ।

ଚତୁରଂଶ—ସଂ. ବି. (ଦ୍ୱିଗୁ; ଚତୁଃ+ଅଂଶ)—ଚାରି ଭାଗ—
Chaturaṁsa Four parts.
(ଚତୁରଂଶିତ—ଅନ୍ୟରୂପ ସଂ. ବଣ. (ବହୁବ୍ରୀହି)—୧ । ଚାରିଭାଗରେ ବିଭକ୍ତ—1. Divided into 4 parts.
୨ । ଚାରିପେଜୀ; ଏକଫର୍ଦ କାଗଜ ଚାରିପୃଷ୍ଠାରେ ଭଙ୍ଗା ହୋଇଥିବା (କାଗଜ)—2. Quarto (paper).
୩ । ଚତୁଅଂଶିଆ; ଚାରିକୋଣିଆ—
3. Square; quadrangular.
୪ । ଚାରିଟି ସମତଳବିଶିଷ୍ଟ—
4. Having four equal surfaces.

ଚତୁରକ—ସଂ. ବଣ ଓ ବି. ପୁଂ. (ଚତୁର+ସ୍ୱାର୍ଥେ କ)—
Chaturaka ଚତୁର (ଦେଖ)
(ଚତୁରିକା—ସ୍ତ୍ରୀ) Chatura (See)

ଚତୁରକ୍ଷ—ସଂ. ବଣ. (ବହୁବ୍ରୀହି; ଚତୁଃ+ଅକ୍ଷି)—୧ । ଚାରିଅକ୍ଷି ବିଶିଷ୍ଟ—
Chaturaksha 1. Four-eyed.
(ଚତୁରକ୍ଷୀ—ସ୍ତ୍ରୀ) ୨ । ସାମନାସାମନି ଦେଖା ହେବା (ଦୁଇ ବ୍ୟକ୍ତି)—
2. (two persons) Meeting each other face to face; confronted with each other.

ଗୁରୁଜଣଙ୍କୁ ଏହା କ କହ, ଚତୁରକ୍ଷ କେବେ ନ ହେଉ ପର ।
ଲବଣ୍ୟବତୀ. ବଳଭାଇଙ୍କ ରଚନା ।

ଦେ. ବ—ଚତୁରାକ୍ଷ (ଦେଖ)
Chaturāksha (See)

ଚତୁରଗ—ସଂ. ବଣ. ପୁଂ. (ଚତୁର+ଗମ ଧାତୁ+କର୍ତ୍ତୃ. ଅ)—
Chaturaga ଦ୍ରୁତଗାମୀ—Going quickly. (M. W.)
(ଚତୁରଗା—ସ୍ତ୍ରୀ)

ଚତୁରଙ୍ଗ—ସଂ. ବଣ. (ବହୁବ୍ରୀହି; ଚତୁଃ+ଅଙ୍ଗ)—
Chaturaṅga ୧ । ଚାରିଗୋଟି ଅଙ୍ଗବିଶିଷ୍ଟ; ୪ଟି ଅଂଶବିଶିଷ୍ଟ—
1. Having four component parts or limbs or members; quadripartite.
୨ । ସର୍ବାଙ୍ଗସମ୍ପନ୍ନ—2. Complete; completely equipped; shipshape.
୩ । ସମସ୍ତ ଅଙ୍ଗକୁ ଘୋଟିଥିବା (ବାତ); ଚତୁରଙ୍ଗୀ (ବାତ)—
3. Attacking all the limbs of the body.
୪ । ହସ୍ତୀ, ଅଶ୍ୱ, ରଥ ଓ ପଦାତି ସେନାବିଶିଷ୍ଟ (ବଳ)
4. (army) Consisting or comprising of four distinct divisions (elephants, chariots, cavalry and infantry).

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍ଯ	ଙ୍ଅ	ଢ
୨	ଈ	ଊ	ଋ	ଌ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ

ସଂ. ବି—୧ । ସଙ୍ଗୀତର ଚଞ୍ଚଳ ସ୍ୱରବିଶେଷ—
1. A quick musical note.
୨ । ଚାରିଜଣ ଖେଳାଳିଙ୍କ ଦ୍ୱାରା ଖେଳାଯିବା ସତରଞ୍ଚ ବା ନ୍ୟାୟବଳ ଖେଳ—2. A kind of game at chess played by 4 parties (M. W.)
୩ । ପଶାଖେଳ—3. Game at dice.
୪ । ହସ୍ତୀ, ରଥ, ଅଶ୍ୱ ଓ ପଦାତି ଏହି ଚାରିଅଙ୍ଗବିଶିଷ୍ଟ ସେନା; ଚତୁରଙ୍ଗ ବଳ—4. Army consisting of 4 divisions (elephants, cars, horses and men).
୫ । ଏକପ୍ରକାର କାକୁଡ଼ି—
5. Cucumis Utilissimus (creeper and fruit). (M. W.)
୬ । ଲୋମପାଦ ରାଜାଙ୍କର ଏକ ପୁତ୍ର—6. Name of a son of king Lomapāda (M. W.)

ଚତୁରଙ୍ଗ ବଳ—ସଂ. ବି.—୧ । ହସ୍ତୀ, ରଥ, ଅଶ୍ୱ ଓ ପଦାତିଯୁକ୍ତ
Chaturanga bala ପୂର୍ଣ୍ଣାବୟବ ସେନା—1. A complete
ଚତୁରଙ୍ଗବାହିନୀ } ଅନ୍ୟରୂପ or entire army consisting
ଚତୁରଙ୍ଗ ସେନା } of 4 divisions viz, elephants, chariots, cavalry and infantry.
୨ । ୪ ଜଣ ଖେଳାଳି ଖେଳିବା ଏକପ୍ରକାର ସତରଞ୍ଚ ଖେଳ— 2. A kind of chess played by 4 parties. (M. W.)

ଚତୁରଙ୍ଗିଣୀ—ସଂ. ବି.—(ଚତୁଃ+ଅଙ୍ଗ+ଇନ୍+ସ୍ତ୍ରୀ. ଈ)—
Chaturangini ଚତୁରଙ୍ଗ ବଳ (ଦେଖ)
Chaturanga bala (See)

ଚତୁରଙ୍ଗୁଳ—ସଂ. ବି.—୧ । ବୁଢ଼ା ଅଙ୍ଗୁଠି ଛଡ଼ା ହାତର ଚାରି
Chaturangula ଅଙ୍ଗୁଠି—1. The four fingers of the hand except the thumb.
୨ । ଚାରିଅଙ୍ଗୁଳି ଅଧିକୃତ ଦୈର୍ଘ୍ୟ ବା ପ୍ରସ୍ଥ—
2. A measure of the breadth of four fingers.
୩ । ଆରଗ୍ୱଧ; ସୁନାରୀ ଗଛ—3. A kind of plant; Cassia Fistula; Cathatocarpus Fistula (M. W.)
ସଂ. ବିଣ.—ଚାରିଅଙ୍ଗୁଳି ପରିମିତ—Four fingers broad; measuring 4 fingers.

ଚତୁରତା—ସଂ. ବି.—(ଚତୁର+ଭାବ. ତା)—୧ । ଦକ୍ଷତା; ନିପୁଣତା—
Chaturatā 1. Dexterity.
(ଚତୁରତ୍ୱ—ଅନ୍ୟରୂପ) ୨ । ବୁଦ୍ଧିମତ୍ତା—2. Cleverness.
୩ । ଧୂର୍ତ୍ତତା—3. Shrewdness; carftiness.

ଚତୁରଦଶ—ଗ୍ରା. (ପଦ୍ୟ) ବି ଓ ବିଣ—ଚତୁର୍ଦ୍ଦଶ (ଦେଖ)
Chaturadaśa Chaturddaśa (See)

ଚତୁରଦଶ ଲୋକ ସ୍ଥିତି,
କେତେକେ ଅନ୍ତରେ ବସନ୍ତି । ଜଗନ୍ନାଥ. ଭାଗବତ ।

ଚତୁରନ୍ତ—ସଂ. ବି—(ଦ୍ୱିଗୁ; ଚତୁଃ+ଅନ୍ତ)—ଚାରି ସୀମା—
Chaturanta The four boundaries.
(ଚତୁରନ୍ତା—ସ୍ତ୍ରୀ) ବିଣ.(ବହୁବ୍ରୀହି)—ଚାରି ପଦାର୍ଥଦ୍ୱାରା ପରିବୃତ—
1. Consisting of 4 things.
୨ । ଚାରି ସୀମାଦ୍ୱାରା ପରିବେଷ୍ଟିତ—2. Surrounded or bordered on all four sides. (M.W.)

ଚତୁରନ୍ତା—ସଂ. ବି. ସ୍ତ୍ରୀ.—(ଚତୁରନ୍ତ+ସ୍ତ୍ରୀ. ଆ)—ପୃଥିବୀ—
Chaturantā The earth (M. W.)

ଚତୁର ପଣ—ଦେ. ବି.—୧ । ଚତୁରତା—
Chatura paṇa 1. Cleverness.
চতুরপণা ୨ । ଧୂର୍ତ୍ତତା—
चतुराई 2. Shrewdness.
(ଚତୁରପଣିଆ—ଅନ୍ୟରୂପ)

ଚତୁର ବଦନ—ଗ୍ରା. (ପଦ୍ୟ) ବି.—(ସଂ. ଚତୁର୍ବଦନ)
Chutura badana ଚତୁର୍ମୁଖ (ଦେଖ)
Chaturmukha (See)

ସୃଜନ ଅର୍ଥ ଜନେ କରନ୍ତି ଯେ ସ୍ନାନ,
ପୂଜା ତାକୁ କରନ୍ତି ଚତୁରବଦନ । କୃଷ୍ଣସିଂହ. ମହାଭାରତ. ବନ ।

ଚତୁର ବିଧ—ଗ୍ରା. (ପଦ୍ୟ) ବିଣ.—(ସଂ. ଚତୁର୍ବିଧ)—
Chaturabidha ଚତୁର୍ବିଧ (ଦେଖ)
Chaturbidha (See)

ଚତୁରମ୍ଳ—ସଂ. ବି.—(ସମାହାର ଦ୍ୱିଗୁ; ଚତୁଃ+ଅମ୍ଳ)—ବୈଦ୍ୟଶାସ୍ତ୍ରୋକ୍ତ
Chaturamla ୪ଟି ଅମ୍ଳ ବସ୍ତୁ; ଅମ୍ଳବେତସ, ବୃକ୍ଷାମ୍ଳ (ତେନ୍ତୁଳି), ବୃହଜ୍ଜମ୍ବୀର (ଡେଲି) ଓ କାଗଜିଲେମ୍ବୁ—Four sour articles presented as medicine; (common sorrel, tamarind, orange and lime).

ଚତୁରଶୀତ—ସଂ. ବିଣ. (ଚତୁରଶୀତି+ପୂରଣାର୍ଥେ. ଅ)—୮୪ର ପୂରଣ-
Chaturaśita Eightyfourth (M. W.)

ଚତୁରଶୀତି—ସଂ. ବି.—(ମୂ. ପ. ଲୋ. କ; ଚତୁଃ+ଅଶୀତି)—ଅଶୀରୁ ୪
Chaturaśiti ଅଧିକ ସଂଖ୍ୟା; ଚଉରାଅଶୀ—84; Eightyfour.
ବିଣ.—୮୪ ସଂଖ୍ୟକ—84 in number.

ଚତୁରଶୀତିତମ—ସଂ. ବିଣ.—୮୪ ସଂଖ୍ୟାର ପୂରଣ—
Chaturaśititama 84; Eightyfourth.

ଚତୁରଶ୍ୱ—ସଂ. ବି.—(ସମାହାର ଦ୍ୱିଗୁ; ଚତୁଃ+ଅଶ୍ୱ)—ଅଶ୍ୱ ଚତୁଷ୍ଟୟ;
Chaturaśwa ଚାରି ଗୋଟି ଘୋଡ଼ା—Four horses.
ବିଣ. (ବହୁବ୍ରୀହି) ଅଶ୍ୱ ଚତୁଷ୍ଟୟଯୁକ୍ତ; ଚାରି ଘୋଡ଼ା ଲାଗିଥିବା (ରଥ)—(chariot) Having or drawn by 4 horses.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚତୁରସ୍ର—ସଂ. ବି (ବହୁବ୍ରୀହି; ଚତୁଃ+ଅସ୍ର=କୋଣ)—
Chaturasra ଚାରିକୋଣିଆ କ୍ଷେତ୍ର—Four-sided figure; square.
(ଚତୁରସ୍ରକ—ଅନ୍ୟରୂପ)

ବିଣ—୧ । ଚତୁଷ୍କୋଣ; ଚାରିକୋଣିଆ—
1. Quadrangular; square; four-cornered.

୨ । ଚଉରସ; ସମତଳ —2. Wide and level.

୩ । ନିର୍ଦ୍ଦୋଷ—3. Faultless.

୪ । ସବୁ କାର୍ଯ୍ୟରେ ଦକ୍ଷ—
4. Expert; clever in every matter.

ଚତୁରା—ଦେ. ବିଣ. ପୁଂ. (ସଂ. ଚତୁର)—ଚତୁର; ଧୂର୍ତ୍ତ; ଶଠ—
Chaturā Artful; shrewd; cunning.

ସଂ. ବିଣ. ସ୍ତ୍ରୀ (ଚତୁର+ଆ; ଚତୁରର ସ୍ତ୍ରୀଲିଙ୍ଗ)—
୧ । ବୁଦ୍ଧିଶାଳିନୀ—1. Clever (woman).
୨ । ବୁଦ୍ଧିମତୀ—2. Intelligent; ingenuous.
୩ । ଧୂର୍ତ୍ତା—3. Shrewd; cunning.
୪ । ଶଠତାପୂର୍ଣ୍ଣା ସ୍ତ୍ରୀ—4. Artful; wily.

ବି. ସ୍ତ୍ରୀ—ବୁଦ୍ଧିମତୀ ସ୍ତ୍ରୀ—An intelligent woman.

ଚତୁରାଇବା—ଦେ. କ୍ରି—୧ । ଚତୁରତା ଦେଖାଇବା—
Chaturaibā 1. To show shrewdness.
୨ । ଆତ୍ମପ୍ରଶଂସା କରିବା—2. To boast; to brag.

ଚତୁରାଇ—ଦେ. ବିଣ. ସ୍ତ୍ରୀ (ସଂ. ଚତୁରା)—୧ । ଚତୁରା (ଦେଖ)
Chaturāi 1. Chaturā (See).
चतुराई ୨ । ଆତ୍ମପ୍ରଶଂସାକାରିଣୀ—
2. Boastful; braggart (woman).

ବି—ଚତୁରାଙ୍ଗୀ (ଦେଖ)
Chaturāṅgi (See).

ଚତୁରାଇପଣ—ଦେ. ବି—ଚତୁରାଙ୍ଗୀ (ଦେଖ)
Chaturāipaṇa Chaturāṅgi (See).

କହୁଥାଇ ଚତୁରାଇପଣ ତ ଆସନ୍ତୁ—ଜଗନ୍ନାଥ. ଚଉବକଟ୍ଟ ଲ ।

(ଚତୁରାଇପଣିଆ—ଅନ୍ୟରୂପ)

ଚତୁରାକ୍ଷ—ଗ୍ରା. ବିଣ. ଓ ପ୍ରାଚୀନ ପଦ୍ୟ (ସଂ. ଚତୁରକ୍ଷ)—
Chaturāksha ୧ । ସାମନାସାମନି ଭେଟହେବା (୨ଜଣ ବ୍ୟକ୍ତି)—
(two persons) Meeting each other face to face; confronted with each other.

୨ । ଦୁଇ ଜଣଙ୍କର ଭେଟ ହେବାର (ସମୟ)—
2. (time) Of interview or meeting of 2 persons.

ପଚ୍ଛନ୍ତି କେ ଉପାସୀ ସେଜଥାନ୍ତି ତାହା ଚତୁରାକ୍ଷ ବେଳ ପରି ।
ଭକ୍ତ. କୋଟିବ୍ରହ୍ମ ସୁନ୍ଦରୀ ।

ବି—ଦୁଇ ଜଣ ମନୁଷ୍ୟଙ୍କର ଭେଟାଭେଟି —
Interview between two persons; two persons being confronted with each other.

ବେନି ଚତୁରାକ୍ଷ ରାକ୍ଷସ ପ୍ରାପ୍ତେ ବପକ୍ଷ ପକ୍ଷ ଯୁଗ କୋଟି ଏଥୁ ରକ୍ଷ ରକ୍ଷ ।
ଭକ୍ତ. ପ୍ରେମସୁଧା ନିଧି ।

ଚତୁରାଙ୍ଗ—ଦେ. ବି—ଚତୁରାଙ୍ଗୀ (ଦେଖ)
Chaturāṅga Chaturāṅgi (See).

ଚତୁରାଙ୍ଗି—ଦେ. ବି (ସଂ. ଚତୁରତା)—୧ । ଚତୁରତା; ଚାତୁର୍ଯ୍ୟ—
Chaturāṅgi 1. Cleverness; shrewdness; cunning; art; wiles.
चतुराली
चतुराई ୨ । ଆତ୍ମପ୍ରଶଂସା; ଡାଉଁଫି—2. Bragging.
୩ । ଗୁମର—3. Self-aggrandisement.
୪ । ସ୍ୱଗୁଣକୀର୍ତ୍ତନ—4. Self-advertisement.

ଚତୁରାନନ—ସଂ. ବି (ବହୁବ୍ରୀହି; ଚତୁର+ଆନନ)—ଚତୁର୍ମୁଖ (ଦେଖ)
Chaturānana Chaturmukha (See).

ଚତୁରାଶ୍ରମ—ସଂ. ବି (କର୍ମଧାରୟ; ଚତୁର+ଆଶ୍ରମ)—ବ୍ରାହ୍ମଣଜୀବନରେ
Chaturāsrama ପାଳନୀୟ ୪ଟି ଅବସ୍ଥା—
Four successive stages in the lifetime of a Brāhmaṇa as enjoined in the Sastras.
[ଯଥା—ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ ।]

ଚତୁରାଶ୍ରମୀ—ସଂ. ବି. ପୁଂ (ଚତୁରାଶ୍ରମ+ଇନ୍; ୧ମା. ୧ବ) ବ୍ରାହ୍ମଣ—
Chaturāsrami A Brāhmaṇa.

ଚତୁରିକା—ସଂ. ବି (ଚତୁର+ଇକ+ଆ)—ଅଭ୍ୟାଗତମାନଙ୍କ ସମ୍ବର୍ଦ୍ଧନାର୍ଥ
Chaturikā ବ୍ୟବହୃତ ଚାରିକୋଣିଆ ଅଗଣା—A quadrangular courtyard used for receiving guests (M.W.)

ସଂ. ବିଣ. ସ୍ତ୍ରୀ (ଚତୁରକ+ଆ)—ଚତୁରକର ସ୍ତ୍ରୀଲିଙ୍ଗ—
Feminine of Chaturaka.

ଚତୁରୀ—ଦେ. ବିଣ. ଓ ବି (ସଂ. ଚତୁରା)—ଚତୁରା (ଦେଖ)—
Chaturi Chaturā (See)

ତେବେ ଚତୁରୀ ଗୃହିଣୀ ନଗିନାଗେ ପାଶେ ନାହିଁ ଭବ୍ୟ ତରୁଣ ।
ଭକ୍ତ. ଲବଣ୍ୟବତୀ ।

ଚତୁରୀ ଚମ୍ପା—ଗ୍ରା. ବି — ସ୍ତ୍ରୀଲୋକମାନଙ୍କ ପ୍ରତି ପ୍ରଯୁଜ୍ୟ ବ୍ୟଙ୍ଗୋକ୍ତି-
Chaturi champā ବିଶେଷ; ଚତୁରୀ ସ୍ତ୍ରୀ—A term applied to a female in jest; a smart woman.

ଚତୁରୁଗୁଣ—ଗ୍ରା. (ଇତର) ବି (ସଂ. ଚତୁର୍ଗୁଣ)—ଚତୁର୍ଗୁଣ (ଦେଖ)—
Chaturuguṇa Chaturguṇa (See)

ଚତୁରୁଥ—ଗ୍ରା (ଇତର) ବି ଓ ବିଣ (ସଂ. ଚତୁର୍ଥ)—ଚତୁର୍ଥ (ଦେଖ)—
Chaturutha Chaturtha (See)

ଚତୁରୁଥି—ଗ୍ରା (ଇତର) ବି (ସଂ. ଚତୁର୍ଥୀ)—ଚତୁର୍ଥୀ (ଦେଖ)—
Chaturuthi Chaturthi (See)

ଚତୁରୁଦଶି—ଗ୍ରା (ଇତର) ବି (ସଂ. ଚତୁର୍ଦ୍ଦଶୀ)—ଚତୁର୍ଦ୍ଦଶୀ (ଦେଖ)—
Chaturudasi Chaturddasi (See)

ଚତୁରୁଦଗ—ଗ୍ରା. (ଇତର) ବି (ସଂ. ଚତୁର୍ଦ୍ଦିଗ)—ଚତୁର୍ଦ୍ଦିଗ (ଦେଖ)—
Chaturudiga Chaturdiga (See)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍ତ	ଛୃଅ	ଛ୍ବ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଷ୍ଣ	ନ୍ବ

ଚତୁରୁଧା—ଗ୍ରା. (ଇତର) ବିଣ (ସଂ. ଚତୁର୍ଦ୍ଧା)—ଚତୁର୍ଦ୍ଧା (ଦେଖ)—
Chaturudhā Chaturdhā (See)

ଚତୁରୁମାସିଆ—ଗ୍ରା. (ଇତର) ବି (ସଂ. ଚାତୁର୍ମାସ୍ୟ) —
Chaturumāsiā ଚାତୁର୍ମାସ୍ୟ (ଦେଖ)—
Chaturmāsyā (See)

ଚତୁରୂଷଣ—ସଂ. ବି (ସମାହାରଦ୍ୱିଗୁ; ଚତୁଃ+ଊଷଣ) (ବୈଦ୍ୟକ)
Chaturūshaṇa ଔଷଧାର୍ଥେ ଏକତ୍ର ମିଶ୍ରିତ ଶୁଣ୍ଠି, ପିପ୍ପଳୀ, ମରିଚ ଓ ପିପ୍ପଳୀମୂଳ—A mixture of dried ginger, longpepper, blackpepper and longpepper-root used as medicine.

ଚତୁର୍ଗତି—ସଂ. ବି (ବହୁବ୍ରୀହି; ଚତୁଃ+ଗତି)—୧ । (ଚାରିଗୋଡ଼ରେ ଗତିକାରୀ) କଚ୍ଛପ—1. Tortoise.
Chaturgati

୨ । (ଆଶ୍ରମଚତୁଷ୍ଟୟର ଗତିସ୍ୱରୂପ) ପରମେଶ୍ୱର—
2. God (the ultimate aim of attainment in all the 4 stages of the life of a man.)

ସଂ. ବିଣ—ଯାହାର ୪ ପ୍ରକାର ଗତି ଅଛି—Having four kinds of motion or going (M. W.)

ଚତୁର୍ଗବ—ସଂ. ବି (ବହୁବ୍ରୀହି; ଚତୁର୍+ଗୋ)—ଚାରି ବଳଦରେ ଟଣାଯିବା ଗାଡ଼ି—A carriage drawn by four oxen.
Chaturgaba

ଚତୁର୍ଗୁଣ—ସଂ. ବିଣ (କର୍ମଧାରୟ)—୧ । ଚାରିଗୁଣ—
Chaturguṇa 1. Fourfold; quadruple.
(ଚତୁର୍ଗୁଣା—ସ୍ତ୍ରୀ) ୨ । ଅତ୍ୟନ୍ତ—2 Inordinate; excessive; manifold.

୩ । ଯେଉଁ କୁରୁତାରେ ୪ଟି ଫିତା ବା ଡୋର ଲାଗିଥାଏ—
3. (upper garment) Tied with 4 strings (M. W.)

୪ । ଚାରିସରିଆ (ହାର)—4. Four stringed

ଚତୁର୍ଜାତ—ସଂ. ବି (ଆୟୁର୍ବେଦ)—୪ ଗୋଟି ଔଷଧଦ୍ରବ୍ୟ (ଗୁଡ଼ତ୍ୱକ, ଅଳାଇଚ, ତେଜପତ୍ର ଓ ନାଗେଶ୍ୱର)—Four kinds of articles used as medicine (viz cinnamon, cardamom, Cassia leaves and Messua Ferra).
Chaturjāta
(ଚତୁର୍ଜାତକ—ଅନ୍ୟରୂପ)

ଚତୁର୍ଥ—ସଂ. ବିଣ (ଚତୁର୍+ପୂରଣାର୍ଥେ. ଥ)—ଚାରି ସଂଖ୍ୟାର ପୂରକ—
Chaturtha 4th; fourth.
(ଚତୁର୍ଥୀ—ସ୍ତ୍ରୀ) ଦେ. ବି—୧ । ମୃତ୍ୟୁର ୪ର୍ଥ ଦିନ କର୍ତ୍ତବ୍ୟ ଜ୍ଞାତିବନ୍ଧୁମାନଙ୍କୁ ଦିଆଯିବା ଜଳଯୋଗ—1. Refreshments given to guests and relatives assembled on the 4th day of a person's death.

[ଦ୍ର—ଏ ଦିନ ମୃତବ୍ୟକ୍ତିର ଉପଲକ୍ଷରେ ଶ୍ରାଦ୍ଧ ଓ ବୃଷୋତ୍ସର୍ଗ ହୁଏ । ଏହି ବୃଷୋତ୍ସର୍ଗକୁ ଶୀତଳ କୁହାଯାଏ ।]

୨ । ମୃତ୍ୟୁର ୪ର୍ଥ ଦିବସ—
2. The fourth day after death.

୩ । ବର୍ଗମାନଙ୍କର ଚତୁର୍ଥ ବର୍ଣ୍ଣ; (ଘ, ଝ, ଢ, ଧ, ଭ,)—
The fourth letter of the five classes of consonants (M. W.)

୪ । ଚତୁର୍ଥ ବର୍ଣ୍ଣ; ଶୂଦ୍ର—4. A Śūdra (M. W.)

୫ । ଏକଚତୁର୍ଥାଂଶ—
5. A quarter; one fourth (M. W.)

୬ । ଚାରିର ସମାହାର—6. A collection of four.

ଚତୁର୍ଥ ଉପାୟ—ସଂ. ବି.—୧ । ଭେଦ; ପରସ୍ପର ବିବାଦ—
Chaturtha upāya 1. Mutual discord.

[ଦ୍ର—ଶତ୍ରୁକୁ ଅଧିକାର କରିବା ପାଇଁ ନୀତିଶାସ୍ତ୍ରକଥିତ ରାଜାଙ୍କ ଆଚରିତ ସାମ, ଦାନ, ଦଣ୍ଡ, ଭେଦ ଏହି ଚାରିଗୋଟି ଉପାୟ ମଧ୍ୟରୁ ଏହା ଚତୁର୍ଥ ।]

୨ । ବିବାଦ; କଳହ —2. Dispute.

ଚିତ ଥରେ ଆଗ ପଛ ନଦାନା, ଚତୁର୍ଥ ଉପାୟ କଲନ୍ତି ସେନା ।
କବିସୂର୍ଯ୍ୟ. ଚଉତିଶଭାଗ ।

ଦେ. ବି. ଓ ବିଣ—ଚାରି—Four.

ଚତୁର୍ଥକ—ସଂ. ବି. (ଚତୁର୍ଥ+କ; ଯେଉଁ ଜ୍ୱର ପ୍ରତି ୪ର୍ଥ ଦିନ ଆକ୍ରମଣ କରେ)—୧ । ବିଷମଜ୍ୱରବିଶେଷ; ପାଳିଜର—1. A kind of remittent fever; quartan.
Chaturthaka

୨ । ସଙ୍ଗୀତର ତାଳବିଶେଷ—2. A kind of measure in music (M.W.)

ଚତୁର୍ଥକାଳିକ—ସଂ. ବିଣ. ପୁଂ (ଚତୁର୍ଥକାଳ+ଇକ)—ଯେଉଁ ବ୍ୟକ୍ତି ୪ ବେଳରେ ଥରେ ଖାଏ One who takes every fourth meal (M.W.)
Chaturthakālika

ଚତୁର୍ଥଭାକ୍—ସଂ.ବିଣ—(ଚତୁର୍ଥ+ଭଜ୍ ଧାତୁ+କର୍ତ୍ତୃ କ୍ୱିପ୍; ମା. ୧ବ)—
Chaturthabhāk ୧ । ଚତୁର୍ଥାଂଶ ନେବା ବ୍ୟକ୍ତି—
1. One who takes $\frac{1}{4}$ of a thing or one's income; entitled to a quarter share.

ବି—(ଭୂମିର ଉତ୍ପନ୍ନରୁ ଚତୁର୍ଥାଂଶ ଗ୍ରହଣ କରୁଥିବାରୁ) ରାଜା—
King (who takes $\frac{1}{4}$ of the income of the subject as revenue.)

ଚତୁର୍ଥସ୍ୱର—ସଂ. ବି.—ବୃଦ୍ଧ ବ୍ୟକ୍ତିର ସ୍ୱର— The tone of an old man.
Chaturthaswara

ବଡ ନେ ନାହିଁ ପାଞ୍ଚ ଚତୁର୍ଥସ୍ୱରେ ବଡ ପ୍ରକାଶ କଲା ଯଥା ଗୀତ ସେ ।
ଉତ୍ତ. ବୈଦେହୀଶବିଳାସ ।

ସଂ. ବିଣ.—ସଙ୍ଗୀତର ୭ ସ୍ୱର ମଧ୍ୟରୁ ୪ର୍ଥ ସ୍ୱରଯୁକ୍ତ—
Having the 4th tone or accent (M. W.)

ସାଧାରଣ ଲୋକେ ଅପଠ ପୃଷ୍ଠାରେ ୧ଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଦେଖିଲେ ଯେବେ ଏ ଚିହ୍ନାକେତରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ'ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ଚତୁର୍ଥାଂଶ—ସଂ. ବି. (କର୍ମଧାରୟ; ଚତୁର୍ଥ+ଅଂଶ)—ଚଉଠ; Chaturthāmsa ଚାରି ଭାଗରୁ ଏକ ଭାଗ—One fourth; a quarter.

ଚତୁର୍ଥାବସ୍ଥା—ସଂ. ବି. (କର୍ମଧାରୟ; ଚତୁର୍ଥ+ଅବସ୍ଥା)—ବୃଦ୍ଧାବସ୍ଥା— Chaturthābasthā Old age; last (4th) stage of human life.

[ଦ୍ର—୧ । ବାଲ ବା ବାଲ୍ୟ—Childhood.
୨ । କୁମାର ବା କୌମାର୍ଯ୍ୟ—Boyhood.
୩ । ଯୁବା ବା ଯୌବନ—Youth.
୪ । ବୃଦ୍ଧ ବା ବାର୍ଦ୍ଧକ୍ୟ—Old age.]

ଚତୁର୍ଥିକା—ସଂ. ବି—୧ । ସମବେଶନ; ବିବାହର ଚତୁର୍ଥୀ ରାତ୍ରରେ Chaturthikā ସଙ୍ଗମାର୍ଥ ଦମ୍ପତିଙ୍କର ଏକତ୍ର ଶୟନ— 2. The sleeping together of the newly married couple on the 4th night of marriage for sexual intercourse.
୨ । ୪ କରଷ ଓଜନ—2. A weight of 4 Karshas (M W.)

ଚତୁର୍ଥୀ—ସଂ. ବି. (ଚତୁର୍ଥ+ଈ)—୧ । ଶୁକ୍ଲପକ୍ଷ ଓ କୃଷ୍ଣପକ୍ଷର ଚତୁର୍ଥୀ- Chaturthī ତିଥି; ଅମାବାସ୍ୟା ଓ ପୂର୍ଣ୍ଣିମାର ପରବର୍ତ୍ତୀ ଚତୁର୍ଥ ଦିବସ—1. The 4th day of the lunar fortnight.

[ଦ୍ର—ଚତୁର୍ଥୀ ତିଥି ୨ ପ୍ରକାର । ଯଥା—ଶୁକ୍ଲପକ୍ଷ ଚତୁର୍ଥୀ ଓ କୃଷ୍ଣପକ୍ଷ ଚତୁର୍ଥୀ । ପ୍ରତ୍ୟେକ ମାସରେ ଦୁଇଟି କରି ଚତୁର୍ଥୀ ହୁଏ । ସେମାନଙ୍କ ମଧ୍ୟରୁ ଭାଦ୍ର ଶୁକ୍ଳ ଚତୁର୍ଥୀ ଗଣେଶପୂଜା ଓ ମାଘ ଶୁକ୍ଳ ଚତୁର୍ଥୀ ଗୌରୀପୂଜା ଯୋଗୁଁ ପ୍ରସିଦ୍ଧ ।]

୨ । ଚଉଠି; ବିବାହର ଚତୁର୍ଥ ଦିବସ—2. The 4th day of marriage.
୩ । ବ୍ୟାକରଣର ବିଭକ୍ତିବିଶେଷ; ସମ୍ପ୍ରଦାନକାରକର ବିଭକ୍ତି—(grammar) The fourth case.
ସଂ. ବିଣ. ସ୍ତ୍ରୀ—ଚତୁର୍ଥର ସ୍ତ୍ରୀଲିଙ୍ଗ—Feminine of Chaturtha.

ଚତୁର୍ଥୀକର୍ମ—ସଂ. ବି—ବିବାହର ୪ର୍ଥ ଦିବସରେ କରଣୀୟ କର୍ମ— Chaturthikarma The ceremonies performed by the bride and bridegroom on the 4th day of marriage.

ଚତୁର୍ଥୀକ୍ରିୟା—ସଂ. ବି—ପିତାମାତାଙ୍କ ମୃତ୍ୟୁର ୪ର୍ଥ ଦିବସରେ ବିବାହିତା Chaturthikriyā କନ୍ୟାକର୍ତ୍ତୃକ କରଣୀୟ ଶ୍ରାଦ୍ଧ— The Sraddha ceremony performed on the 4th day of a parent's death by the married daughter.

ଚତୁର୍ଦ୍ଦନ୍ତ—ସଂ. ବି. (ବହୁବ୍ରୀହି)—ଐରାବତ ହସ୍ତୀ— Chaturdanta An epithet of Indra's elephant.
(ଚତୁର୍ଦନ୍ତ—ଅନ୍ୟରୂପ)
ଚତୁର୍ଦ୍ଦତ, ଚତୁର୍ଦ୍ଦଂଷ୍ଟ୍ର } ଅନ୍ୟରୂପ ସଂ. ବିଣ—ଚତୁର୍ଦନ୍ତଯୁକ୍ତ— Having four teeth or tusks.

ଚତୁର୍ଦ୍ଦଳ—ସଂ. ବି. (ବହୁବ୍ରୀହି; ଚତୁର୍+ଦଳ)—ଚତୁଷ୍ପୁଷ୍ପୀ (ଦେଖ) Chaturdala Chatushpushpī (See)

ଚତୁର୍ଦ୍ଦଶ—ସଂ. ବି. (ମ ପ. ଲୋ କର୍ମଧାରୟ; ଚତୁଃ ଅଧିକ ଦଶ)— Chaturdasa ଚଉଦ; ୧୪—14; fourteen.
(ଚତୁର୍ଦଶ—ଅନ୍ୟରୂପ) ବିଣ—୧ । ୧୪ ସଂଖ୍ୟକ— 1. Numbering 14.
୨ । ୧୪ର ପୂରଣ—2. Fourteenth.
ଦେ. ବି—ଚଉଦ ବ୍ରହ୍ମାଣ୍ଡ—The 14 worlds.

ତୋର ଅଧୀନ ଚତୁର୍ଦଶ, ତୁ ହୋଇ ଯେଉଁ ଭାବେ ବଶ ।
ଭୂପତ. ପ୍ରେମପଞ୍ଚାମୃତ ।

ଚତୁର୍ଦ୍ଦଶକ—ସଂ. ବିଣ.(ଚତୁର୍ଦଶ+ପୂରଣାର୍ଥେ.କ)—ଚଉଦର ପୂରଣ— Chaturdasaka 'Fourteenth (M. W.).
(ଚତୁର୍ଦଶମ—ଅନ୍ୟରୂପ)

ଚତୁର୍ଦ୍ଦଶପଦୀ କବିତା—ସଂ. ବି· (ଆଧୁନିକ ପ୍ରୟୋଗ)— Chaturdasapadi kabitā ୧ । ଇଂରାଜୀ ସନେଟ ଅନୁକରଣରେ ରଚିତ ୧୪ଟି ଧାଡ଼ିବିଶିଷ୍ଟ କବିତା— 1. A poem with 14 lines; sonnet.
[ଦ୍ର—ମଧୁସୂଦନ ରାଓ ଓଡ଼ିଆ ଭାଷାରେ ଏହିପରି କେତେଗୁଡ଼ିଏ କବିତା ଲେଖିଅଛନ୍ତି ।]
୨ । ଚଉଦପୋଇ—2. Poems with fourteen lines.
[ଦ୍ର—ସ୍ୱର୍ଣ୍ଣପୁରର ସ୍ୱର୍ଗୀୟ ଯୁବରାଜ ଶ୍ରୀ ପ୍ରତାପରୁଦ୍ର ସିଂହ ଦେବଙ୍କ ରଚିତ ଗୁଡ଼ିଏ ଚତୁର୍ଦ୍ଦଶପଦୀ ବା ଚଉଦପୋଇ ପ୍ରାଚୀନ କବିତା ସୋନପୁରର ପଣ୍ଡିତ ସୁଧାଂଶୁଶେଖର ସିଂହ ଦେବଙ୍କଦ୍ୱାରା ପୁସ୍ତକାକାରରେ ପ୍ରକାଶିତ ହୋଇଅଛି ।]

ଚତୁର୍ଦ୍ଦଶବିଦ୍ୟା—ସଂ. ବି—ବ୍ରାହ୍ମଣର ପଠନୀୟ ୧୪ଟି ବିଦ୍ୟା (ଯଥା— Chaturddasabidyā ୪ ବେଦ, ୬ ବେଦାଙ୍ଗ, ଧର୍ମଶାସ୍ତ୍ର ବା ସଂହିତା, ପୁରାଣ, ମୀମାଂସା ଓ ତର୍କ ଏହି ୪ ଶାସ୍ତ୍ର)— Fourteen lores or arts to be learnt by every Brahman as enjoined in the Sastras (viz, 4 Vedas, 6 Vedangas and Law, Mythology, Logic and Philosophy).

ଚତୁର୍ଦ୍ଦଶଭୁବନ—ସଂ. ବି—ହିନ୍ଦୁଶାସ୍ତ୍ରଅନୁସାରେ ୭ ଗୋଟି ସ୍ୱର୍ଗ ଓ ୭ Chaturddasabhubana ଗୋଟି ପାତାଳ ଏହିପରି ୧୪ଟି ସଂସାର ବା ଲୋକ—The 14 worlds described in

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଓ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ୱ	ନ୍ବ

the Hindu Sastras, 7 above heaven and 7 below (Nether worlds) the Earth.
[ଦ୍ର—ଯଥା—ଭୂଃ, ଭୁବଃ, ସ୍ୱଃ, ମହଃ, ଜନ, ତପ ଓ ସତ୍ୟ ଏହି ସପ୍ତସ୍ୱର୍ଗ (ଊର୍ଦ୍ଧ୍ୱଭୁବନ) ଓ ଅତଳ, ସୁତଳ, ବିତଳ, ତଳାତଳ, ମହାତଳ, ରସାତଳ ଓ ପାତାଳ ଏହି ସପ୍ତପାତାଳ (ଅଧୋଭୁବନ) ।]

ଚତୁର୍ଦ୍ଦଶଲୋକ—ସଂ. ବି—ଚତୁର୍ଦ୍ଦଶଭୁବନ (ଦେଖ)—
Chaturddasaloka Chaturddasabhubana (See)

ଚତୁର୍ଦ୍ଦଶୀ—ସଂ.ବି.ସ୍ତ୍ରୀ (ଚତୁର୍ଦ୍ଦଶ + ଈ)—ଅମାବାସ୍ୟା ଓ ପୂର୍ଣ୍ଣିମାର ପୂର୍ବ
Chaturdasi ଦିବସ—The 14th day of the dark and
(ଚତୁର୍ଦ୍ଦଶୀ—ଅନ୍ୟରୂପ) bright fortnight of the lunar month.
[ଦ୍ର—ଏ ଦିନ ଶିବପୂଜା, ରାତ୍ରିରେ ଉପବାସ ଓ ମହାଦେବଙ୍କ ବେଢ଼ା ପରିକ୍ରମା କରାଯାଏ । ଚତୁର୍ଦ୍ଦଶୀମାନଙ୍କ ମଧ୍ୟରେ ନିମ୍ନଲିଖିତ ୧୫ଟିରେ ହିନ୍ଦୁମାନଙ୍କ ପର୍ବ ହୁଏ ।]
୧ । ବୈଶାଖ ଶୁକ୍ଳପକ୍ଷ—ନୃସିଂହଚତୁର୍ଦ୍ଦଶୀ ।
୨ । ଜ୍ୟୈଷ୍ଠ କୃଷ୍ଣ—ସାବିତ୍ରୀଚତୁର୍ଦ୍ଦଶୀ ।
୩ । ଜ୍ୟୈଷ୍ଠ ଶୁକ୍ଳ—ଚମ୍ପକଚତୁର୍ଦ୍ଦଶୀ ।
୪ । ଆଷାଢ଼ କୃଷ୍ଣ—ଜଗନ୍ନାଥ ନେତ୍ରୋତ୍ସବ ଓ ନବଯୌବନ-ଦର୍ଶନଯାତ୍ରା ।
୫ । ଆଷାଢ଼ ଶୁକ୍ଳ—ଶିବଶୟନଚତୁର୍ଦ୍ଦଶୀ (ଲିଙ୍ଗରାଜଙ୍କ ଉତ୍ସବ)
୬ । ଶ୍ରାବଣ ଶୁକ୍ଳ—ପବିତ୍ରାରୋପଣ ଚତୁର୍ଦ୍ଦଶୀ (ଲିଙ୍ଗରାଜଙ୍କ ଯାତ୍ରା)
୭ । ଭାଦ୍ର କୃଷ୍ଣ—ଅଘୋର ଚତୁର୍ଦ୍ଦଶୀ ।
୮ । ଭାଦ୍ର ଶୁକ୍ଳ—ଅନନ୍ତ ଚତୁର୍ଦ୍ଦଶୀ ।
୯ । କାର୍ତ୍ତିକ କୃଷ୍ଣ—ନରକ ବା ଭୂତ-ଚତୁର୍ଦ୍ଦଶୀ ।
୧୦ । କାର୍ତ୍ତିକ ଶୁକ୍ଳ—ଶିବୋତ୍ଥାପନ ଚତୁର୍ଦ୍ଦଶୀ (ଲିଙ୍ଗରାଜଙ୍କ ଯାତ୍ରା)
୧୧ । ମାର୍ଗଶିର ଶୁକ୍ଳ—ପାଷାଣ ଚତୁର୍ଦ୍ଦଶୀ ।
୧୨ । ମାଘ କୃଷ୍ଣ—ରଟନ୍ତୀ ଚତୁର୍ଦ୍ଦଶୀ ।
୧୩ । ଫାଲ୍ଗୁନ କୃଷ୍ଣ—ଶିବ ଚତୁର୍ଦ୍ଦଶୀ (ଲିଙ୍ଗରାଜଙ୍କ ଯାତ୍ରା)
୧୪ । ଚୈତ୍ର କୃଷ୍ଣ—ସୁପ୍ତା ଚତୁର୍ଦ୍ଦଶୀ ।
୧୫ । ଚୈତ୍ର ଶୁକ୍ଳ—ଅଙ୍ଗାରକ ବା ଦମନକ ଚତୁର୍ଦ୍ଦଶୀ ।

ଚତୁର୍ଦ୍ଦିକ୍—ସଂ. ବି (ସମାହାର ଦ୍ୱିଗୁ; ଚତୁର୍ + ଦିଶ; ୧ମା. ୧ବ)—
Chaturdik ୧ । ଚାରିଦିଗ; ପୂର୍ବପଶ୍ଚିମ ଓ ଉତ୍ତରଦକ୍ଷିଣ ଦିକ୍-
(ଚତୁର୍ଦ୍ଦିକ୍—ଅନ୍ୟରୂପ) ଚତୁଷ୍ଟୟ—1. The four quarters or points of the compass.
୨ । କୌଣସି ବସ୍ତୁର ଚାରି ଅଡ଼ ବା ପାର୍ଶ୍ୱ—
2. The four sides of a thing.
୩ । ସମସ୍ତ ବିଷୟ—3. All matters.
ଦେ. ଅ—୧ । ଚାରିଆଡ଼େ—1. On all sides.
୨ । ସବୁଆଡ଼େ—2. All round.

ଚତୁର୍ଦ୍ଦିଗ—ଦେ. ବି (ସଂ. ଚତୁର୍ଦ୍ଦିକ୍)—ଚତୁର୍ଦ୍ଦିକ୍ (ଦେଖ)
Chaturdiga Chaturdik (See)

ଚତୁର୍ଦ୍ଦିଗା—ଦେ. ବିଣ (ସଂ. ଚତୁର୍ଦ୍ଦିକ୍)—ଚତୁର୍ଦ୍ଦିଗ ବ୍ୟାପିଥିବା;
Chaturdigā ଚାରିଦିଗା—Pervading the four points of the compass; extending over the four quarters.
କ୍ରି. ବିଣ—୧ । ଚତୁର୍ଦ୍ଦିଗରେ; ଚାରିଆଡ଼େ—
1. On all sides; in every quarter.
(ଯଥା—ଏଥରକ ମେଘ ଚତୁର୍ଦ୍ଦିଗା ବର୍ଷିଛି ।)
୨ । ଯେ ସବୁଆଡ଼େ ଘେରିକରି (ଥାଏ)—
2. All round.

ଚତୁର୍ଦ୍ଦୋଳ—ସଂ. ବି (ଚତୁଃ + ଦୁଲ୍ ଧାତୁ + ଅ)—ଚଉଦୋଳ; ୪ ଜଣ
Chaturdola ବାହକଙ୍କ ବହନଯୋଗ୍ୟ ଶିବିକା—
(ଚତୁର୍ଦ୍ଦୋଳ—ଅନ୍ୟରୂପ) A sedan chair or state-litter carried on the shoulders of 4 bearers.

ଚତୁର୍ଦ୍ୱାର—ସଂ. ବିଣ (ବହୁବ୍ରୀହି; ଚତୁର୍ + ଦ୍ୱାର)—ଚାରିଦ୍ୱାରବିଶିଷ୍ଟ—
Chaturdwāra Having four doors.
(ଚତୁର୍ଦ୍ଦ୍ୱାର—ଅନ୍ୟରୂପ)
(ଚତୁର୍ଦ୍ୱାରୀ—ସ୍ତ୍ରୀ)

ଚତୁର୍ଦ୍ଧା—ସଂ. ଅ (ଚତୁର୍ + ପ୍ରକାରାର୍ଥେ ଧା; ତୁଲ. ବହୁଧା)—
Chaturdhā ୧ । ଚତୁର୍ବିଧ; ଚାରିପ୍ରକାରେ—
1. Of four kinds; in four ways.
ଚତୁର୍ଦ୍ଧାରୂପରେ ଆମ୍ଭେ ଜନମ ହୋଇବୁ—ଜଗନ୍ନାଥ. ଦଶମସ୍କନ୍ଧ ।
(ଚତୁର୍ଦ୍ଧା—ଅନ୍ୟରୂପ) ୨ । ଚାରିଗୁଣ—2. Fourfold.
୩ । ଚାରିଦିଗରେ—3. On four sides.
୪ । ଚାରିଥର—4. Four times.
୫ । ଚାରିଖଣ୍ଡ—5. In four pieces
୬ । ଚାରି ବିଷୟରେ—6. In four matters.
୭ । ଚାରି ଅଂଶରେ—7. In four parts.

ଚତୁର୍ଦ୍ଧାଟା—ଗ୍ରା. (ପଦ୍ୟ) ବିଣ—ଚାରି—
Chaturdhātā Four.
ଶୁଣ ନରକର ଭୁକୋ ଚତୁର୍ଦ୍ଧାଟା ବାହା ।
ଗ୍ରା. ବୃନ୍ଦାବନବିହାରଗୀତା ।

ଚତୁର୍ଦ୍ଧାମୂରତି—ଦେ. ବି. (ସଂ. ଚତୁର୍ଦ୍ଧା + ମୂର୍ତ୍ତି)—୧ । ଶ୍ରୀ ବିଷ୍ଣୁଙ୍କର
Chaturdhā mūrati ଶଙ୍ଖ, ଚକ୍ର, ଗଦା, ପଦ୍ମ ଧରିଥିବା ମୂର୍ତ୍ତି—
1. The image of Bishnu holding couch, discus, mace and lotus in hands.

ସାଧାରଣ ଲୋକେ ଅପଠିତ ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

(ଚତୁର୍ଦ୍ଧାମୂରତି—ଅନ୍ୟରୂପ) ୨ । ଜଗନ୍ନାଥଙ୍କ ମନ୍ଦିରରେ ଥିବା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଚକ୍ର ଏହିପରି ଚାରୋଟି ମୂର୍ତ୍ତି—2. Four images inside the temple of Jagannath.

ସୁଭଦ୍ରା ସୁଦର୍ଶନ ଶ୍ରୀପତି
ବଳଦେବ ଅଟ ଚତୁର୍ଧା ମୂରତି । ପାଚୀ. ରହସ୍ୟମଞ୍ଜରୀ ।

ଚତୁର୍ଧାମୂର୍ତ୍ତି—ଦେ. ବି.—ଚତୁର୍ଧାମୂରତି (ଦେଖ)
Chaturdhā mūrtti Chaturdhā mūrati (See)

ଚତୁର୍ଧାରୂପ—ଦେ. ବି.—ଚତୁର୍ଧାମୂରତି (ଦେଖ)
Chaturdhā rūpa Chaturdhā mūrati (See)

ଚତୁର୍ଧାମ— ସଂ. ବି. (ଚତୁର୍ + ଧାମନ୍ ୧ମା ୧ବ)—
Chaturdhāma ଭାରତରେ ହିନ୍ଦୁଙ୍କର ପ୍ରସିଦ୍ଧ ୪ ତୀର୍ଥକେନ୍ଦ୍ର— (ଚତୁର୍ଦ୍ଧାମ—ଅନ୍ୟରୂପ) (ଯଥା— ଜଗନ୍ନାଥ, ରାମନାଥ, ଦ୍ୱାରକାନାଥ ଓ ବଦ୍ରିନାଥ)—The four centres of Hindu pilgrimage in India (e. g. Puri, Rameswara, Dwārakā and Badrināthа.

ଚତୁର୍ନବତ—ସଂ. ବିଣ (ଚତୁର୍ନବତି + ପୂରଣାର୍ଥେ. ଅ)— ୯୪ର ପୂରଣ—
Chaturnabata Nintyfourth (M. W)
(ଚତୁର୍ଣବତ—ଅନ୍ୟରୂପ)

ଚତୁର୍ନବତି—ସଂ. ବି. (ମ. ପ. ଲୋ; ଚତୁର୍ ଅଧିକ ନବତି)—
Chaturnabati ଚଉରାନବେ; ୯୪—94.
ବିଣ— ୯୪ ସଂଖ୍ୟକ—94 in number.

ଚତୁର୍ନବତିତମ—ସଂ. ବିଣ— ୯୪ର ପୂରଣ—
Chaturnabatitama 94th.

ଚତୁର୍ବକ୍ତ୍ର— ସଂ. ବି. (ବହୁବ୍ରୀହି; ଚତୁଃ + ବକ୍ତ୍ର)—ଚତୁର୍ମୁଖ (ଦେଖ)
Chaturbaktra Chaturmukha (See)

ଚତୁର୍ବର୍ଗ—ସଂ. ବି. (ସମାହାର ଦ୍ୱିଗୁ; ଚତୁର୍ + ବର୍ଗ)—ଧର୍ମ, ଅର୍ଥ,
Chaturbarga କାମ ଓ ମୋକ୍ଷ ଏହି ପୁରୁଷାର୍ଥ ଚତୁଷ୍ଟୟ— The four main objects or somum bonum of human pursuit (viz. 1 Religion or virtue, 2 wealth or riches, 3 enjoyment or love, 4 final salvation or beatitude).

ଚତୁର୍ବର୍ଗକର୍ତ୍ତା—ସଂ. ବି. (୬ଷ୍ଠୀ ତତ୍; ଚତୁର୍ବର୍ଗ+କର୍ତ୍ତା)—
Chaturbarga karttā ଚତୁର୍ବର୍ଗଦାତା (ଦେଖ)
Chaturbarga dātā (See)

ଚତୁର୍ବର୍ଗଦାତା—ସଂ. ବି. (୬ଷ୍ଠୀ ତତ୍; ଚତୁର୍ବର୍ଗ + ଦାତା; ଯେ ମନୁଷ୍ୟକୁ
Chaturbrga dātā ଚତୁର୍ବର୍ଗ ଦିଅନ୍ତି)—ପରମେଶ୍ୱର; ଭଗବାନ—
God.

ଚତୁର୍ବର୍ଣ୍ଣ—ସଂ. ବି. (ସମାହାର ଦ୍ୱିଗୁ; ଚତୁର୍+ବର୍ଣ୍ଣ)—
Chaturbarṇṇa ୧ । ହିନ୍ଦୁମାନଙ୍କର ଜାତିଚତୁଷ୍ଟୟ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର)— 1. The four castes amongst the Hindus (Brāhmaṇa, Kshatriya, Baiśya and Śūdra).
୨ । ଚାରୋଟି ପ୍ରଧାନ ବର୍ଣ୍ଣ ବା ରଙ୍ଗ (ଧଳା, କଳା, ନାଲି ଓ ନେଳି)—2 The four principal colours (white, black, red and blue).

ଚତୁର୍ବାର୍ଷିକା—ସଂ. ବି. (ଚତୁର୍+ବର୍ଷ + ଇକ+ଆ)—୪ ବର୍ଷ
Chaturbārshikā ବୟସ୍କା ଗାଈ —A cow 4 years old (M. W.)

ଚତୁର୍ବାହୀ—ସଂ. ବି (ଚତୁର୍ + ବହ ଧାତୁ + ଇନ୍, ୧ମା. ୧ବ.)—
Chaturbāhi ଚାରି ଘୋଡ଼ା ବା ବଳଦଙ୍କଦ୍ୱାରା ଟଣାହେବା ରଥ—A carriage drawn by four horses or oxen (M. W.).

ଚତୁର୍ବାହୁ—ସଂ. ବିଣ. (ବହୁବ୍ରୀହି; ଚତୁର୍+ବାହୁ)—
Chaturbāhu ୧ । ଚତୁର୍ଭୁଜ; ଯାହାର ଚାରୋଟି ବାହୁ ବା ହାତ ଅଛି—1. Four-handed.
୨ । ଚତୁର୍ବାହୁବିଶିଷ୍ଟ (କ୍ଷେତ୍ର)—
2. Four sided (figure); quadrilateral.
ବି—ବିଷ୍ଣୁ—God; Bishṇu.
[ଦ୍ର— ଏହାଙ୍କର ଶଙ୍ଖ, ଚକ୍ର, ଗଦା ଓ ପଦ୍ମ-ଧାରୀ ୪ଟି ବାହୁ ଅଛି ।]

ଚତୁର୍ବିଂଶ—ସଂ. ବିଣ. (ମଧ୍ୟପଦଲୋପୀ; ଚତୁର୍ ଅଧିକ ବିଂଶ)—
Chaturbiṁśa ୨୪ ସଂଖ୍ୟାର ପୂରଣ—24th.

ଚତୁର୍ବିଂଶତତ୍ତ୍ୱ—ଦେ. ବି. (ସଂ. ଚତୁର୍ବିଂଶତି+ତତ୍ତ୍ୱ)—
Chaturbiṁśa tattwa ୨୪ ଗୋଟି ତତ୍ତ୍ୱ (ପଞ୍ଚମହାଭୂତ, ଏକାଦଶ ଇନ୍ଦ୍ରିୟ, ପଞ୍ଚ ତନ୍ମାତ୍ର, ଅହଙ୍କାର, ମହତ୍ତତ୍ତ୍ୱ ଓ ପ୍ରକୃତି)—

ଏକ ଚତୁର୍ବିଂଶତତ୍ତ୍ୱ ଜାଣ
ମୁକ୍ତିର ଅଟନ୍ତି କାରଣ । ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

ଚତୁର୍ବିଂଶତି—ସଂ. ବି. (ମଧ୍ୟପଦଲୋପୀ; କର୍ମଧାରୟ; ଚତୁଃ + ବିଂଶତି)—
Chaturbiṁśati ଚବିଶ; ୨୪—24.
ସଂ. ବିଣ—୨୪ ସଂଖ୍ୟକ—24 in number.

ଚତୁର୍ବିଂଶତିକ—ସଂ. ବିଣ. (ଚତୁର୍ବିଂଶତି + କ)—
Chaturbiṁśatika ଚତୁର୍ବିଂଶତି-ସଂଖ୍ୟା-ଯୁକ୍ତ—
Consisting of twenty four.

ଚତୁର୍ବିଂଶତିତମ—ସଂ. ବିଣ. (ଚତୁର୍ବିଂଶତି + ପୂରଣାର୍ଥେ ତମ)—
Chaturbiṁśatitama ୨୪ ର ପୂରଣ—24th.

ଚତୁର୍ବିଦ୍ୟ—ସଂ. ବିଣ. ପୁଂ. (ବହୁବ୍ରୀହି; ଚତୁର୍+ବିଦ୍ୟା)—
Chaturbidya ୧ । ଚାରିବେଦଜ୍ଞ; ଚତୁର୍ବେଦୀ—
4. Knowing the 4 Bedas; read or versed in 4 Vedas.

୧	ଇ	ଉ	ଋ,ର	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଣ,ଷ	ଙ୍କ	ଇଯ୍ୟ	ଢ଼ଅ	ଢ
୨	ଈ	ଊ	ରୁ	ଳୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଝ	ନ୍ତ

ଚତୁର୍ବିଧ—ସଂ. ବଣ.—(ବହୁବ୍ରୀହି; ଚତୁର୍ + ବିଧା = ପ୍ରକାର)—
Chaturbidha ଚାରି ପ୍ରକାର—Of four kinds.

ଚତୁର୍ବିଧାନ୍ନ—ସଂ. ବି. (ଚତୁର୍ବିଧ + ଅନ୍ନ)—ଚାରି ପ୍ରକାରର ଖାଦ୍ୟ
Chaturbidhānna ପଦାର୍ଥ (ଚର୍ବ୍ୟ, ଚୋଷ୍ୟ, ଲେହ୍ୟ ଓ ପେୟ)—
Four kinds of eatables (viz that which can be chewed; which can be sucked; which can be licked and which can be drunk)

ଚତୁର୍ବେଦ—ସଂ. ବି. (ସମାହାର ଦ୍ୱିଗୁ; ଚତୁର୍ + ବେଦ)—ଚାରିଗୋଟି
Chaturbeda ବେଦର ସମଷ୍ଟି; ବେଦଚତୁଷ୍ଟୟ (ଋକ୍, ସାମ, ଯଜୁଃ ଓ ଅଥର୍ବ)—The four Bedas (Ṛuk, Sāma, Jajur and Atharba).

ଚତୁର୍ବେଦୀ—ସଂ. ବି. (ଚତୁର୍ + ବେଦ + ଇନ୍; ୧ମା. ୧ବ.)—
Chaturbedī ଚାରିବେଦ ପଢ଼ିଥିବା ବ୍ରାହ୍ମଣ; ଚୌବେ—
One who has read 4 Bedas; one versed in the 4 Bedas.
ସଂ. ବଣ—ଚତୁର୍ବିଦ୍ୟ—Versed in the four Bedas.

ଚତୁର୍ଭଦ୍ର—ସଂ. ବି. (ଦ୍ୱିଗୁ; ଚତୁର୍+ଭଦ୍ର=ମଙ୍ଗଳକର ବସ୍ତୁ)—
Chaturbhadra ୧ । ଚତୁର୍ବର୍ଗ (ଦେଖ)
1. Chaturbarga (See)
୨ । ନାଗରମୁଥା; (ମତାନ୍ତରେ ପୁଷ୍କର ମୂଳ) ପିପ୍ପଳୀ; ଅତୁସୀ (ମତାନ୍ତରେ ଜାଇଫଳ) ଓ କକଡ଼ାଶୃଙ୍ଗୀକୁ ଚୂର୍ଣ୍ଣ କରି ପ୍ରସ୍ତୁତ କରାଯିବା ଅବଲେହ (ଏହା ଶ୍ୱାସ, କାସ, ଅତିସାର ଓ ଜ୍ୱରରେ ଉପକାରୀ)—
2. A medicinal paste consisting of 4 particular ingredients and taken as an antidote for cough, dysentery and fever.

ଚତୁର୍ଭାଗ—ସଂ. ବି. (ଚତୁର୍ + ଭାଗ)—ଚତୁର୍ଥ, ଏକଚତୁର୍ଥାଂଶ—
Chaturbhāga A quarter; the fourth part.

ଚତୁର୍ଭୁଜ—ସଂ. ବି. (ବହୁବ୍ରୀହି)—୧ । ବିଷ୍ଣୁ—
Chaturbhuja 1. Bishṇu (having 4 hands).
୨ । ଯେଉଁ କ୍ଷେତ୍ର ୪ଟି ରେଖାଦ୍ୱାରା ଆବଦ୍ଧ—
2. A quadrilateral figure.
ସଂ. ବଣ—୧ । ଚାରିହାତବିଶିଷ୍ଟ—
1. Four-armed; four-handed.
୨ । ଚାରିରେଖାବିଶିଷ୍ଟ—
2. Quadrilateral; four-sided.
ଦେ. ବି. ପୁଂ—ଲୋକଙ୍କ ନାମ—
Name given to males.

ଚତୁର୍ମସ—ସଂ. ବଣ. (ନିପାତନ; ଚତୁର୍ + ମାସ)—
Chaturmasa ଚତୁର୍ମାସ୍ୟା (ଦେଖ)
Chaturmāsyā (See)

ଚତୁର୍ମାଥ—ଦେ. ବି. (ସଂ. ଚତୁର୍+ମସ୍ତକ)—ଚତୁର୍ମୁଖ (ଦେଖ)
Chaturmātha Chaturmukha (See)

ରଣ ନବ ର ଚତୁର୍ମାଥ
ମିଳିଲେ ସୋମର ଅଗ୍ରତ—ଜଗନ୍ନାଥ. ଭାଗବତ ।

ଚତୁର୍ମାସ—ସଂ. ବି. (ଦ୍ୱିଗୁ; ଚତୁର୍+ମାସ)—
Chaturmāsa ୧ । ବର୍ଷା ଚାରିମାସ: ଆଷାଢ଼ ଶୁକ୍ଳ ଦ୍ୱାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ପର୍ଯ୍ୟନ୍ତ ସମୟ, ଦେବଶୟନ ଏକାଦଶୀଠାରୁ ଉତ୍ଥାନ ଏକାଦଶୀ ପର୍ଯ୍ୟନ୍ତ ୪ ମାସ ସମୟ; ଚତୁର୍ମାସ୍ୟା—1. The monsoon months; the time of 4 month from the 12th day of the bright fortnight of Āshārdha to the 12th day of the bright fortnight of Kārttika.

ଏରୂପେ କରି କ୍ଷେତ୍ରବାସ
ରହିଲେ ଜନ ଚତୁର୍ମାସ—ଭୂପତି. ପ୍ରେମପଞ୍ଚାମୃତ ।

୨ । ୪ ମାସ ସମୟ—2. A period of 4 months.

ଚତୁର୍ମାସିକ—ସଂ. ବଣ. (ଚତୁର୍ + ମାସ + ଇକ)—ଚତୁର୍ମାସବ୍ୟାପୀ
Chaturmāsika (ବ୍ରତ); ଚାତୁର୍ମାସ୍ୟ; ଚତୁର୍ମାସରେ ଅନୁଷ୍ଠେୟ—
(a religious observance) Extening over a period of 4 months from 12th (bright) Āshārdha to 12th (bright) Kārttika.

ଚତୁର୍ମାସ୍ୟା—ଦେ. ବି. (ସଂ. ଚାତୁର୍ମାସ୍ୟ)—ଶ୍ରାବଣ, ଭାଦ୍ର, ଆଶ୍ୱିନ ଓ
Chaturmāsyā କାର୍ତ୍ତିକ ଏହି ଚାରି ମାସ; ବର୍ଷା ସମୟ—The 4
चौमसिया monsoon months; the rainy season; the four months from Śrābaṇa to Kārttika.

ଏମନ୍ତେ ଚତୁର୍ମାସ୍ୟା ହୋଇ
ଶୟନଯାତ୍ରା ସେ ରଥର—ସଦାଶିବ. ପ୍ରେମଭକ୍ତିଗୀତା ।

ଚତୁର୍ମୁଖ—ସଂ. ବି. (ବହୁବ୍ରୀହି; ଚତୁର୍ + ମୁଖ)—ବ୍ରହ୍ମା—
Chaturmukha The four-faced God Brahmā.
ସଂ. ବଣ. ପୁଂ—ଚାରିମୁଖବିଶିଷ୍ଟ—
Having four faces.

ଚତୁର୍ଯୁଗ—ସଂ. ବି. (ଦ୍ୱିଗୁ; ଚତୁର୍+ଯୁଗ)—
Chaturjuga ହିନ୍ଦୁଶାସ୍ତ୍ରୋକ୍ତ ସତ୍ୟ, ତ୍ରେତା, ଦ୍ୱାପର ଓ କଳି ନାମକ ପୃଥିବୀର ୪ ଗୋଟି ଯୁଗ—The four ages of the world viz, Satya, Tretā, Dwāpara and Kaḷi (according to the Hindu mythology)

ଚତୁଶ୍ଚତ୍ୱାରିଂଶ—ସଂ. ବଣ. (ଚତୁଶ୍ଚତ୍ୱାରିଂଶତ୍+ପୂରଣାର୍ଥେ. ଅ)—
Chatuśchatwāriṁśa ୪୪ର ପୂରଣ—44 th.

ଚତୁଶ୍ଚତ୍ୱାରିଂଶତ୍—ସଂ. ବି. (ମଧ୍ୟପଦଲୋପୀ କର୍ମଧାରୟ; ଚତୁଃ ଅଧିକ
Chatuśchatwāriṁśat ଚତ୍ୱାରିଂଶତ୍)—ଚଉରାଳିଶି; ୪୪—
44; fortyfour.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଢ' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଙ୍ଖି ନ ପାଇଲେ 'ଆଖି' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ବିଣ—୪୪ ସଂଖ୍ୟକ—Numbering 44.

ଚତୁଶ୍ଚତ୍ୱାରିଂଶତ୍ତମ—ସଂ. ବିଣ. (ଚତୁଶ୍ଚତ୍ୱାରିଂଶତ୍+ପୂରଣାର୍ଥେ. ତମ)—
Chatuśchatwārimśattama ୪୪ର ପୂରଣ—44th.

ଚତୁଷ୍କ—ସଂ. ବି. (ଚତୁର୍ + ସଂଜ୍ଞାର୍ଥେ. କ)—
Chatushka ୧ । ଚାରିକୋଣିଆ ପ୍ରାଙ୍ଗଣ; ଚତ୍ୱର; ଚଉକ—
1. A square courtyard. (used for receiving guests (M.W.)
୨ । ଚାରିକୋଣରେ ଚାରିଗୋଟି ସ୍ତମ୍ଭଯୁକ୍ତ ମଣ୍ଡପ—
2. A hall standing or resting upon 4 pillars.
୩ । ଚାରିଟି ବସ୍ତୁର ସମାହାର—3. A collection or aggregate of four; a set of 4.
୪ । ଚଉରାସ୍ତା; ଛକ—4. A crossing where 4 roads meet or 2 roads cross; a cross-way.
୫ । ଚାରିସରିଆ ହାର—
5. A necklace of 4 strings (M. W.)
ସଂ. ବିଣ—୧ । ୪ଟି ବସ୍ତୁବିଶିଷ୍ଟ—
1. Consisting of four.
୨ । ୪ ଦ୍ୱାରା ଯୋଗକରାଯିବା—
2. Increased by four.

ଚତୁଷ୍କବେଶ୍ମ—ସଂ. ବି. (କର୍ମଧା; ଚତୁଷ୍କ + ବେଶ୍ମନ୍)—
Chatushkabeśma ଚାରିଟି ଖୁଣ୍ଟ ଉପରେ ଯେଉଁ ମଣ୍ଡପର ଛାତ ଥାଏ—A hall resting on 4 columns.

ଚତୁଷ୍କର—ସଂ. ବି. (ବହୁବ୍ରୀହି; ଚତୁଃ+କର)—
Chatushkara ଚତୁର୍ବାହୁ; ନାରାୟଣ; ବିଷ୍ଣୁ—
(four-armed) Bishṇu.

ଏକାକରେ ଦ୍ୱିକରେ ତ୍ରୀକର ଧରି ଚତୁଷ୍କର ଦର୍ଶନକୁ ପଞ୍ଚକରେ
ସତ୍ୱରେ ଯାଉଅଛନ୍ତି । ଯଦୁମଣି. ରହସ୍ୟ ।

ବିଣ—୧ । ଚାରିହସ୍ତଯୁକ୍ତ (ଜନ୍ତୁ); ଯେଉଁ ଜନ୍ତୁଙ୍କର ପାଦଦ୍ୱୟ ମଧ୍ୟ ହାତ ପରି (ଯଥା—ବାନର)—
1. Quadrumanous (e.g. apes).
୨ । (କ୍ଷେତ୍ରତତ୍ତ୍ୱ) ଚାରିଭୁଜ ବା ବାହୁବିଶିଷ୍ଟ—
2. Quadrilateral.
୩ । ଚାରିହାତବିଶିଷ୍ଟ—
3. Having 4 arms or hands.

ଚତୁଷ୍କା—ସଂ. ବି. ସ୍ତ୍ରୀ. (ଚତୁଷ୍କ+ଆ)—
Chatushkā ୧ । ଚାରିକୋଣିଆ ଛୋଟ ପୋଖରୀ; ଚଉକା—
1. Small square tank.
୨ । ଚଉକି; ବେତ୍ରାସନ—2. Chair; a square stool.
୩ । ମଶାରି; ଚାନ୍ଦୁଆ—3. A square awning; a mosquito curtain.

୪ । ଚାରିସରିଆ ହାର—
4. A necklace of 4 strings (M. W.)

ଚତୁଷ୍କୀ—ସଂ. ବି. ସ୍ତ୍ରୀ. (ଚତୁଷ୍କ+ଈ)—ଚତୁଷ୍କା (ଦେଖ)
Chatushkī Chatushkā (See)

ଚତୁଷ୍କୋଣ—ସଂ. ବିଣ (ବହୁବ୍ରୀହି; ଚତୁଃ+କୋଣ)—
Chatushkoṇa ଚାରିକୋଣଯୁକ୍ତ (କ୍ଷେତ୍ର)—
Quadrangular; having 4 angles.
ସଂ. ବି.—୧ । (ଦ୍ୱିଗୁ) ଚାରିଟି କୋଣ—1. Four angles.
୨ । (ବହୁବ୍ରୀହି)—ଚାରିକୋଣଯୁକ୍ତ କ୍ଷେତ୍ର; ଚତୁର୍ଭୁଜ କ୍ଷେତ୍ର—Tetragon; a figure with 4 sides.

ଚତୁଷ୍ଖଣ୍ଡ—ସଂ. ବିଣ.—(ବହୁବ୍ରୀହି; ଚତୁଃ+ଖଣ୍ଡ) ଚାରିଖଣ୍ଡିଆ; ଯାହାର
Chatushkhaṇḍa ୪ ଟି ଭାଗ ଥାଏ—
Consisting of four parts or volumes.

ଚତୁଷ୍ଟୟ—ସଂ. ବିଣ.—(ଚତୁର୍ +ଅବୟବାର୍ଥେ. ତୟ)—୧ । ଯାହାର
Chatushṭaya ୪ଟି ଅବୟବ ବା ଅଙ୍ଗ ଅଛି—
1. Composed of 4 parts.
୨ । ଚତୁର୍ବିଧ—2. Of four kinds.
୩ । ୪ ସଂଖ୍ୟକ—3. Numbering four.
ବି.—୧ । ଚାରିଗୋଟି ପଦାର୍ଥର ସମଷ୍ଟି—1. An aggregate of four things.
୨ । ୪ ସଂଖ୍ୟା—2. Four.

ଚତୁଷ୍ପଞ୍ଚାଶ—ସଂ. ବିଣ.—(ଚତୁଷ୍ପଞ୍ଚାଶତ୍+ପୂରଣାର୍ଥେ. ଅ) ୫୪ ର
Chatushpañchāśa ପୂରଣ—Fifty fourth.
(ଚତୁଷ୍ପଞ୍ଚାଶତ୍ତମ—ଅନ୍ୟରୂପ)

ଚତୁଷ୍ପଞ୍ଚାଶତ୍—ସଂ ବି.—(ମ. ପ. ଲୋ; ଚତୁରଧିକ ପଞ୍ଚାଶତ୍)—ପଚାଶରୁ
Chatushpañchāśat ଚାରି ଅଧିକ ସଂଖ୍ୟା; ଚଉବନ; ୫୪—
Fiftyfour.
ବିଣ.—୫୪ ସଂଖ୍ୟକ—Numbering 54.

ଚତୁଷ୍ପତ୍ରୀ—ସଂ. ବି. (ବହୁବ୍ରୀହି; ଚତୁଃ+ପତ୍ର+ଈ; ଏହାର ପତ୍ର ଚାରି-
Chatushpatrī ଚାରିଟିଆ)—ସୁନୁସୁନିଆ ଶାଗ—Marselia Quadrifolia; a potherb; Blephares Edulis.

ଚତୁଷ୍ପଥ—ସଂ. ବି.—(ଦ୍ୱିଗୁ; ଚତୁର୍+ପଥିନ୍)—୧ । ଚଉରାସ୍ତା;
Chatushpatha ଛକ—1. Meeting of 2 crossing roads; cross-way.

ଜନପଦ ଅନ୍ଧ-କଷ୍ଟରେ ଅଛି ହେବ,
ଚତୁଷ୍ପଥ ଲକ୍ଷେ ବେଶ୍ୟାରେ ପୂରିବ । କୃଷ୍ଣସିଂହ. ମହାଭାରତ ।

୨ । ଚତୁର୍ମୁହାଣିଆ ସ୍ଥାନ—
2. Place having four outlets.
୩ । (ଚତୁରାଶ୍ରମୀ ବା ଚତୁର୍ବେଦାଧ୍ୟାୟୀ) ବ୍ରାହ୍ମଣ—
3. A Brahman (treading on the path of the 4 Vedas or following the 4 āśramas)

୧	ଇ	ଉ	ୠ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ନ୍ବ

ସଂ. ବିଣ.—(ବହୁବ୍ରୀହି) ଯହିଁର ୪ଟି ବାଟ ଅଛି—
Having four outlets.

ଚତୁଷ୍ପଦ—ସଂ. ବି. ପୁଂ.—(ବହୁବ୍ରୀହି)—୧ । ଚାରିଗୋଡ଼ଥିବା ଜନ୍ତୁ;
Chatushpada ପଶୁ - 1. Quadruped.
(ଚତୁଷ୍ପଦୀ—ସ୍ତ୍ରୀ) ୨ । (ଦ୍ୱିଗୁ) ଚାରିଚରଣବିଶିଷ୍ଟ ଶ୍ଳୋକ—
1. A verse with 4 lines or parts; a quartet.
୩ । ଚଉପଦୀ; ୪ ପାଦଥିବା ଗୀତ—
3. A song with 4 stanzas.
୪ । ଚାରିଗୋଡ଼ଥିବା ଖଟ; ଚଉପାୟା—
4. A bedstead with 4 posts.
୫ । ରତିବନ୍ଧବିଶେଷ—5. A kind of coitus (M W)

ଚତୁଷ୍ପଦା, ଚତୁଷ୍ପଦିକା, ଚତୁଷ୍ପଦୀ } ସ୍ତ୍ରୀ. ସଂ. ବିଣ.—୧ । ଚାରୋଟି ଗୋଡ଼ ଥିବା (ଜନ୍ତୁ)
1. (animal) Having four feets or legs; four-legged.
୨ । ଚାରିଚରଣବିଶିଷ୍ଟ (ଶ୍ଳୋକ)—
2. Consisting of four lines.
୩ । ଚାରିଟି ଶ୍ଳୋକଯୁକ୍ତ (ଗୀତ) ବା ପଦ୍ୟ—
3. Having four stanzas.
୪ । ଚାରିଟି ପାଦ ବା ଖୁରା ଥିବା (ଆସନାଦି)—
4. Four-footed (seat).
୫ । (ବୀଜଗଣିତ)—୪ଟି ପାଦ ଥିବା ସମୀକରଣ—
5 (algebra) Tetranomial (equation)
୬ । ଚାରିଟି ପଦ ବା ଶବ୍ଦଯୁକ୍ତ (ବାକ୍ୟ)—
6. (a sentence) Having four words.

ଚତୁଷ୍ପାଠୀ—ସଂ.ବିଣ.—(ଚତୁର + ପଠ ଧାତୁ + ଈ)—୧ । ଚଉପାଢ଼ୀ;
Chatushpāṭhi ଟୋଲ—1 Sanscrit Tol or Academy.
୨ । ଯେଉଁଠାରେ ୪ ବେଦ ଶିକ୍ଷା ଦିଆ ଯାଏ; ବେଦ ବିଦ୍ୟାଳୟ—2 A college where 4 vedas are taught

ଚତୁଷ୍ପାଦ—ସଂ. ବି.—ଚତୁଷ୍ପଦ (ଦେଖ)
Chatushpāda Chatushpada (See)
ବିଣ. – ୧ । ଚାରିଗୋଡ଼ବିଶିଷ୍ଟ—1. Four-legged.
୨ । ସର୍ବାବୟବସମ୍ପନ୍ନ—2. Complete with all the component parts.

ଚତୁଷ୍ପାଦଯୋଗ—ସଂ. ବି.—ଶୁଭଯୋଗବିଶେଷ—
Chatushpādajoga An auspicious astrological conjunction.
[ଦ୍ର—ଆଷାଢ଼ ଶୁକ୍ଳପଞ୍ଚମୀ ଓ ମଘାନକ୍ଷତ୍ରରେ ଶ୍ରୀ ଭଗବାନଙ୍କର ମହାବେଦୀ ସମାଗମ ଓ ଇନ୍ଦ୍ରଦ୍ୟୁମ୍ନ ସରୋବରରେ ଏହି ଚତୁର୍ବିଧ ମିଳନରେ ଉକ୍ତ ଯୋଗ ପଡ଼େ । ମଦନମୋହନ—ତୀର୍ଥଦର୍ଶନ ।]

ଚତୁଷ୍ପାର୍ଶ୍ୱ—ଦେ. ବି—ଚତୁଃପାର୍ଶ୍ୱ (ଦେଖ)
Chatushpārśwa Chatuḥpārśwa (See)

ଚତୁସମ—ଦେ. ବି. (ସ. ଚତୁଃସମ) —ଚତୁଃସମ (ଦେଖ)
Chatusama Chatuḥsama (See)
ସୁବେଶ ହୋଇଣ ବାଳୀ, ଚତୁସମ ଅଙ୍ଗେବୋଳି
ମେଘୋହି ମାଳାକ ସଙ୍ଗେ, ବନ୍ଧ ରଙ୍ଗେ ଯେ । ପ୍ରତାପ. ଶଶିଶେଣା ।

ଚତୁସ୍ତଳ—ସ. ବିଣ (ଚତୁଃ + ତଳ; ବହୁବ୍ରୀହି)—
Chatustaḷa ୧ । ଚାରିମହାଲା, ଚଉତାଲା—
1. Four-storied (building).
୨ । ଚାରିଗୋଟି ସମତଳ ବା ପାଖଥିବା (ବସ୍ତୁ)—
2. Consisting of 4 planes or sides; cubical.
ସ. ବି. (ଦ୍ୱିଗୁ)—କୋଠାର ଚାରିଟି ମହାଲା—
Four stories of a building.

ଚତୁସ୍ତାଳ—ସ. ବି—ସଙ୍ଗୀତର ତାଳବିଶେଷ—
Chatustāḷa A kind of measure in music (M. W.).

ଚତୁସ୍ତ୍ରିଂଶ—ସ. ବିଣ. (ଚତୁସ୍ତ୍ରିଂଶତ୍ + ପୂରଣାର୍ଥେ. ଅ)—୩୪ର ପୂରଣ—
Chatustrimśa 34 th.
ସ. ବି—ପ୍ରଜାପତି—God Prajāpati (M. W.)

ଚତୁସ୍ତ୍ରିଂଶତ୍—ସ. ବି. (ମ. ପ. ଲୋ; ଚତୁଃ + ତ୍ରିଂଶତ୍; ଚତୁରଧିକ-ତ୍ରିଂଶତ୍)—ଚଉତିରିଶି; ୩୪—34.
Chatustrimśat
ବିଣ—୩୪ ସଂଖ୍ୟକ—34 in number.

ଚତୁସ୍ତ୍ରିଂଶତ୍ତମ—ସଂ. ବିଣ. (ଚତୁଃ + ତ୍ରିଂଶତ୍ + ତମ)—
Chatustrimśattama ଚତୁସ୍ତ୍ରିଂଶ (ଦେଖ)
Chatustrimśa (See)

ଚତୂରାତ୍ର — ସଂ. ବିଣ. (ଚତୁଃ + ରାତ୍ରି)—ଚାରିରାତ୍ରିବ୍ୟାପୀ—
Chatūrātra Covering a period of 4 successive nights.
ସଂ. ବି—ଉତ୍ସବବିଶେଷ—
Name of a ceremony (M. W.).

ଚତ୍ରୁ (ଇତ୍ୟାଦି)—ଗ୍ରା. (ଇତର) ବିଣ (ସଂ. ଚତୁର୍) ଚତୁରର ଅଶୁଦ୍ଧ
Chatṛu (etc) ଉଚ୍ଚାରଣ (ଚତୁର୍ ଶବ୍ଦଯୁକ୍ତ ପଦମାନ ଦେଖ)—
Incorrect pronunciation of the word chatur prefixed to words (see words beginning with Chatur).
[ଦ୍ର - ଅଶିକ୍ଷିତ ଓ ଇତରଲୋକେ ଚତୁର୍ ଶବ୍ଦଯୁକ୍ତ ଚତୁର୍ଭୁଜ, ଚତୁର୍ମାସ୍ୟା, ଚତୁର୍ଥ, ଚତୁର୍ଥୀ ଆଦିକୁ ଚତ୍ରୁଭୁଜ, ଚତ୍ରୁମାସ୍ୟା, ଚତ୍ରୁଥ, ଚତ୍ରୁର୍ଥୀ ଆଦି ରୂପେ ଉଚ୍ଚାରଣ କରନ୍ତି ।]

ଚତ୍ୱର—ସଂ. ବି. (ଚତ୍ ଧାତୁ = ଗମନ କରିବା + ବର)—
Chatwara ୧ । ପ୍ରାଙ୍ଗଣ; ଅଗଣା—1. Court-yard.
୨ । ଯଜ୍ଞାର୍ଥ ପ୍ରସ୍ତୁତ ସମତଳ ଭୂମି—
2. A levelled spot of ground prepared for a sacrifice.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । ଆବାସ —3. Ward; quarter; premises.
୪ । ରଙ୍ଗଭୂମି—4. Stage; ampitheatre; arena.
୫ । ଚଉକ; ଚାରିକୋଣିଆ ଭୂମି—5. A squar.
୬ । ଚତୁଷ୍ପଥ; ଛକ—6. Cross-way (M. W.)

ଚତ୍ୱରତରୁ— ସଂ. ବି (ମ. ପ. ଲୋ; ଚତ୍ୱର+ତରୁ)—
Chatwarataru ଛକରେ ଉଠିଥିବା ଗଛ—
A tree growing on a cross-way (M W.)

ଚତ୍ୱାର— ସଂ. ବି. (ଚତ୍+ଅର)—୧ । ୪ ସଂଖ୍ୟା—
Chatwāra 1. Four.
ସେ ଅନ୍ତଃ କରଣ ଚତ୍ୱାର
ଏ ମନ ବୁଦ୍ଧି ଅହଙ୍କାର । ଜଗନ୍ନାଥ. ଭାଗବତ ;
୨ । ଚତ୍ୱାଲ (ଦେଖ)
2. Chatwāla (See)

ଚତ୍ୱାରିଂଶ—ସଂ. ବି. (ଚତ୍ୱାରିଂଶତ୍ + ପୂରଣାର୍ଥ. ଅ)—୪୦ର ପୂରଣ–
Chatwāriṁśa 40 th.
(ଚତ୍ୱାରିଂଶତ୍ତମ—ଅନ୍ୟରୂପ)

ଚତ୍ୱାରିଂଶତ୍—ସ. ବି (ଚତୁର୍ ୧୦ଗୁଣ ଅର୍ଥରେ ନିପାତନ ସିଦ୍ଧ)—
Chatwāriṁśat ଚାଳିଶ; ୪୦—40.
(ଚତ୍ୱାରିଂଶତ—ଅନ୍ୟରୂପ) ବିଣ—୪୦ ସଂଖ୍ୟକ—40 in number

ଚତ୍ୱାଲ—ସଂ. ବି (ଚତ୍ ଧାତୁ+ବାଲ)—୧ । ହୋମାଗ୍ନି ନିମନ୍ତେ ଖୋଦିତ
Chatwala ଗର୍ତ୍ତ—1. A hole in the ground for the
(ଚତ୍ୱାଳ—ଅନ୍ୟରୂପ) sacrificial fire.
୨ । ପକ୍କା ବା ପଥରବନ୍ଧା ଚଟାଣ; ଚବୁତରା—
2. A paved floor or platform,
୩ । ଗର୍ଭ—3. Womb (M. W.)
୪ । ଦର୍ଭ; କୁଶତୃଣ—4. The Kuśa grass (M.W.)

ଚଦର (ଇତ୍ୟାଦି)—ବୈଦେ. ବି (ଅ. ଚାଦର୍)—
Chadara etc ଚାଦର ଇତ୍ୟାଦି (ଦେଖ)
(ଚଦ୍ଦର—ଅନ୍ୟରୂପ) Chādara etc. (See).

ଚଦା—ଦେ. ବି (ସଂ. ତର୍ଜ୍ ଧାତୁ)—ଧମକା; ତର୍ଜନା—
Chadā Threatening; reprimand.
তর্জা
ঘুড়কী

ଚଦାଇବା—ଦେ. କ୍ରି—ଚଦିବାର ଣିଜନ୍ତରୂପ—
Chadāiba The causative form of Chadibā.
তর্জান କାମେ ଚଦାଇଲେ ଅଣି ଛେଦାଇଲେ, ପ୍ରଳୟ ଅନଳ ରୂପେ ଲଦାଇଲେ ।
ঘুড়কনা ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଚଦାଚଦି—ଦେ. ଅ (ସଂ. ତର୍ଜ ଧାତୁ)—ଅନ୍ୟୋନ୍ୟରେ ତର୍ଜନା ବା
Chadāchadi ଧମକ—Mutual threatening or
তজ্জাতর্জ্জ reprimand.
ঘুড়কাঘুড়কী

ଚଦାମର୍କଟା—ଦେ. ବି (ସଂ. ତର୍ଜନ ଓ ମର୍କଟ)—ତର୍ଜନଗର୍ଜନ; ଧମକ
Chadāmarkaṭā ଓ ମୁଖଭଙ୍ଗୀ—Threatening and making faces.

ଚଦିବା—ଦେ. କ୍ରି (ସଂ. ତର୍ଜ୍ ଧାତୁ; ପ୍ରା. ଚକ୍କ)—୧ । ଧମକାଇବା —
Chadibā 1. To threaten.
তর্জা ହୁଙ୍କାର ବୋଇଲାରେ କର ଚଦି କେତେ—କୃଷ୍ଣସିଂ. ମହାଭାରତ. ଅଦି ।
ঘুড়কনা
୨ । ସାବଧାନ କରିବା; ତାଗିଦ କରିବା—
2. To caution; to warn.
ଚଦି ଥରେ ଅବପତ୍ରେ ନଖାଜ
ଚତୁର୍ଥ ଉପାୟ କରନ୍ତା ସିନା—କବିସୂର୍ଯ୍ୟ. କଳାକଳେବର ।

ଚଦିମର୍କଟି ହେବା—ଦେ. କ୍ରି—ଚଜିମର୍କଟି ହେବା (ଦେଖ)
Chadimarkaṭi hebā Chajimarkaṭi hebā (See).

ଚନ୍ଖା—ପ୍ରାଦେ (ସମ୍ବଲପୁର) ବି—ଚାଳଘର ଉପରେ ପକାଇବା ରୁଅ-
Chankhā ବିଶେଷ—A kind of rafter put on the roof of thatched house.

ଚନ୍‌ଚନ୍– ଦେ. ଅ—୧ । ଚନ୍‌ଚନ୍; ଚୁଇଁ ଚୁଇଁ; ଶିରା, ସ୍ନାୟୁ ପ୍ରଭୃତିର
Chanchan ସଙ୍କୋଚଜନିତ ଉପର୍ଯ୍ୟୁପରି କ୍ଷଣସ୍ଥାୟୀ ବ୍ୟଥା ବା
চিন্‌চিন, চনচন ଶାରୀରିକ କ୍ଳେଶାନୁଭୂତି—1. Smarting pain due to contraction of vens or muscle.
୨ । ଛନ୍‌ଛନ୍ (ଦେଖ)
2. Chhanchhan (See).

ଚନଚନାଇବା—ପ୍ରାଦେ (ସମ୍ବଲପୁର) କ୍ରି—୧ । କୌଣସି କାର୍ଯ୍ୟରେ
Chanchanāibā ଖୁବ୍ ଦୃଢ଼ତାସହିତ ଲାଗିଯିବା—
1. To be engaged in a work with avidity.
୨ । (ବଥ) ବଥିବା; ବଥାଇବା, କଟ୍‌କଟ୍ ହେବା—
2. To ache (said of boil).

ଚନନ୍ହାର—ଦେ. ବି—ଚନ୍ଦ୍ରହାର (ଦେଖ)
Chananhāra Chandrahāra (See).

ଚନାବ୍—ଦେ. ବି (ନାମ)—(ସଂ, ଚନ୍ଦ୍ରଭାଗା)—ପଞ୍ଜାବର ୫ ନଦୀ ମଧ୍ୟରୁ
Chanāb ଏକ, ସିନ୍ଧୁନଦର ଏକ ଉପନଦୀ—The chanab, a
চেনাব tributary of the Iudus.
চনাব [ଦ୍ର—ଏହା ହିମାଳୟର ଦକ୍ଷିଣ କାଶ୍ମୀରର ରାଜଧାନୀ ଶ୍ରୀନଗରର ପୂର୍ବ ଅଞ୍ଚଳ ପର୍ବତରୁ ବାହାରି ଝେଲମ ଓ ଶତଦ୍ରୁ ଉପନଦୀ ସଙ୍ଗେ ମିଳିତ ହୋଇ ସିନ୍ଧୁନଦୀରେ ପଡ଼ିଅଛି । ମୁଲତାନ ଚେନାବ୍ ନଦୀର ତୀରରେ ଅବସ୍ଥିତ ।]

ଚନୀ—ଗ୍ରା. ବି—ଗୋମୂତ୍ର—
Chanī Cow's wine.

ଚନ୍ଦ୍ (ଧାତୁ)—ସ—୧ । ଦୀପ୍ତିପାଇବା—
Chand (root) 1. To shine; to glitter.
୨ । ଅହ୍ଲାଦିତ କରିବା—2. To gladden.

୧	ଇ	ଉ	ର୍‌,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଅ	ଉଅ	ଢ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଞ	ଙ୍ଗ

ଚନ୍ଦ—ଦେ. ବି (ସଂ. ଚନ୍ଦ୍ର)—ଚନ୍ଦ୍ର; ଇନ୍ଦୁ—
Chanda Moon.

ଚନ୍ଦକ—ସଂ. ବି. (ଚନ୍ଦ୍‌ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅକ)—ଛୋଟ-
Chandaka ଗୁନ୍ଧମାଛ—A small white circular fresh-water fish.

ଚନ୍ଦନ—ସଂ. ବି (ଚନ୍ଦ୍‌ ଧାତୁ=ଆହ୍ଲାଦିତ କରିବା+କର୍ତ୍ତୃ. ଅନ; ଏ
Chandana ଶବ୍ଦ ଦ୍ରାବିଡ଼ ଭାଷାରୁ ସଂସ୍କୃତକୁ ଆସିଅଛି)—
୧। ସ୍ୱନାମପ୍ରସିଦ୍ଧ ସୁଗନ୍ଧ କାଠ ଓ ବୃକ୍ଷ (ଯାହା ଘୋରିଲେ ବାସେ)—1. Sandal wood; Santanum Album(Kirtikar).

ସଂ. ନାମ—ଚନ୍ଦନ, ଶ୍ରୀଖଣ୍ଡ, ଚନ୍ଦ୍ରକାନ୍ତ, ଗୋଶୀର୍ଷ, ଭୋଗୀବଲ୍ଲଭ, ଭଦ୍ରସାର, ମଳୟଜ, ଗନ୍ଧସାର, ଏକାଙ୍ଗ, ବର୍ଣ୍ଣକ, ଭଦ୍ରଶ୍ରୀ, ଗନ୍ଧରାଜ, ରୌହିଣ, ସେବ୍ୟ, ସର୍ପେଷ୍ଟ, ମଳୟୋଦ୍ଭବ, ସୁଗନ୍ଧ, ଶୀତଗନ୍ଧ, ତୈଳପର୍ଣ୍ଣିକ, ଗନ୍ଧସାର, ଚନ୍ଦ୍ରଦ୍ୟୁତି
ଚନ୍ଦନ
चंदन
ତେ· ମାଂଡଗନ୍ଧମୁ, ଚନ୍ଦନମୁ
ଗୁ. ସୁଖଡ଼
ଅ. ସନ୍ଦ୍‌ଲେ ଅବ୍ୟସ୍‌ଦ୍‌
ମ. ଚନ୍ଦନ

[ଦ୍ର—ଚନ୍ଦନ ଦକ୍ଷିଣଭାରତର କ୍ଷୁଦ୍ର ଅରଣ୍ୟରେ ଜନ୍ମିବା କାଉଛ ଚିରଶ୍ୟାମଳତରୁ। ପଥୁରିଆ ଭୂମିରେ ଓ ଘାସମୟ ଅନୁର୍ବର ସ୍ଥାନରେ ଏ ଗଛ ଉଠେ। ଏଥିପାଇଁ ଚନ୍ଦନ ଗଛ ଜନ୍ମିବା ସ୍ଥାନରେ ସାପ ରହନ୍ତି। ଏ ଗଛର ମଞ୍ଜ-କାଠ ସୁଗନ୍ଧ ଓ ତାହା ପଥରରେ ପାଣିଦେଇ ଘୋରିଲେ ତହିଁରୁ ସୁବାସିତ ଲେପ ହୁଏ। ଏ ଗଛ ଉଚ୍ଚରେ ୩୦।୪୦ ଫୁଟ ଉଚ୍ଚ ହୁଏ ଓ ପତର ଝଡ଼ା ହୁଏ ନାହିଁ। ଘୃଷ୍ଟଚନ୍ଦନକୁ ଲୋକେ ଦେହରେ ବୋଳନ୍ତି ଓ ଦେବତାଙ୍କୁ ଅର୍ପଣ କରନ୍ତି ଓ ଚନ୍ଦନକାଠର ଗୁଣ୍ଡି ଦ୍ୱାରା ଧୂପ ଦିଅନ୍ତି। ଏ କାଠରୁ ଚନ୍ଦନ ତେଲ ବାହାର କରାଯାଏ। ଏ କାଠରେ ତିଆରି ବାକ୍ସ, ପଲଙ୍କ ଓ ଚଉକାଠ ଆଦିରେ ପୋକ ଲାଗନ୍ତି ନାହିଁ। ନାନାଜାତିର ଚନ୍ଦନଗଛ ଅଛି। ସବୁଠାରୁ ଶ୍ରୀଖଣ୍ଡ ବା ଧଳା ଚନ୍ଦନ ସୁବାସ ଓ ଗୁଣରେ ଶ୍ରେଷ୍ଠ। ଏ କାଠର ସ୍ୱାଦ ତିକ୍ତ। ଏ ଗଛ ଭିତର ଗଣ୍ଠିଗଣ୍ଠିଆ ଓ କୋଟରମୟ; ଏହି କୋଟରମାନଙ୍କରେ ସାପ ରହନ୍ତି। ମଳୟ ପବନ ବାଜିଲେ ଅନ୍ୟ ଗଛର କାଠ ମଧ୍ୟ ଚନ୍ଦନ ପାଲଟିଯାଏ ବୋଲି ପ୍ରବାଦ ଅଛି। କାଠର ବର୍ଣ୍ଣ ଓ ବାସ ଅନୁସାରେ ଶ୍ରୀଖଣ୍ଡ ବା ଶ୍ୱେତଚନ୍ଦନ, ଶବରଚନ୍ଦନ, ହରିଚନ୍ଦନ ବା ପୀତଚନ୍ଦନ, ରକ୍ତଚନ୍ଦନ, ବର୍ବର-ଚନ୍ଦନ, ଅଗୁରୁଚନ୍ଦନ ଶ୍ରେଣୀ ବିଭାଗ କରାଯାଏ। ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଶାନ୍ତି, ଶୋଥ, ବିଷ, ଶ୍ଳେଷ୍ମା, ତୃଷ୍ଣା, ପିତ୍ତ, ରକ୍ତଦୋଷ ଓ ଦାହନାଶକ। ଚନ୍ଦନତେଲ ପ୍ରମେହ ରୋଗରେ ବିଶେଷ ଉପକାରୀ।]

୨। ଘୃଷ୍ଟଚନ୍ଦନ; ଘୋରାଚନ୍ଦନ—
2. Sandal-paste.

୩। ରାମାୟଣବର୍ଣ୍ଣିତ ମର୍କଟଯୂଥପତି—
3. Name of a monkey-general.

ବନରେ ତାହାକୁ ଜାଣିବ ପନସ ଚନ୍ଦନ ହୁଁ ମନୋରମ—
ଭକ୍ତ· ବୈଦେହୀଶବିଳାସ।

୪। ପସାରୁଣୀଲତା (ଦେଖ (ହ୍ର. ଶବ୍ଦସାଗର)—
4. Pasāruṇī (See)

ଦେ. ବି—ଚନ୍ଦନ ଯାତ୍ରା (ଦେଖ)—
Chandana jātrā (See)

ଚନ୍ଦନ ଅର୍ଗଳି—ଦେ. ବି (ସଂ. ଚନ୍ଦନ+ଅର୍ଗଳ; ଜଗନ୍ନାଥଙ୍କ ଦେଉଳର
Chandana-argaḷi ଅର୍ଗଳମାନ ସ୍ୱଭାବତଃ ଚନ୍ଦନକାଠରେ ଥିବାରୁ)—ଦେବତାଙ୍କ ଦର୍ଶନ କରିବା ଗମ୍ଭୀରା ବା ଦେଉଳ ମଧ୍ୟକୁ ଯିବା ପୂର୍ବରୁ ବାଟରେ ଦୁଇପାଖେ ଖୁଣ୍ଟ ପୋତା ହୋଇ ସେଥିର ଛିଦ୍ରମାନଙ୍କରେ ଯେଉଁ କାଠର ଲମ୍ବ ଗଲା ଯାଇ-ଥାଏ ଓ ଯାହା ଫିଟାଇଦେଲେ ବାଟ ମେଲା ହୁଏ ଓ ପକାଇ-ଦେଲେ ବାଟ ବନ୍ଦ ହୁଏ—Stout wooden bars put at the entrance to the main temple of a Deity.

ଦ୍ୱାରେ ଚନ୍ଦନ ଅର୍ଗଳ ଜନାଣି ଉଠନ୍ତି। ପ୍ରାଚୀ· ବ୍ରହ୍ମନିରୂପଣଗୀତା।

ଚନ୍ଦନ ଘେନିବା—ଦେ. କ୍ରି—ଶରୀରରେ ଘୃଷ୍ଟଚନ୍ଦନ ଲେପନ କରିବା—
Chandana ghenibā To besmear the body with
चन्दन माखा sandal paste.
चन्दन चढ़ाना

ଚନ୍ଦନ ଘୋରିବା—ଦେ. କ୍ରି (ସଂ. ଚନ୍ଦନ+ଘୃଷ୍‌ ଧାତୁ)—ଚନ୍ଦନକାଠକୁ
Chandana ghoribā ଚନ୍ଦନପେଡ଼ିରେ ପାଣିଦେଇ ଘଷିବା—
चन्दन घषा To rub sandal-wood on a stone
चन्दन घिषना slab with water to prepare paste.

ଚନ୍ଦନଚର୍ଚ୍ଚିତ—ସଂ. ବି (ଷଷ୍ଠୀ ତତ୍‌; ଚନ୍ଦନ+ଚର୍ଚ୍ଚିତ)—ଚନ୍ଦନ ବୋଳା-
Chandanacharchchita ହୋଇଥିବା (ଶରୀର)—
(body) Besmeared with sandal-paste.

ଚନ୍ଦନଜାତ—ଗ୍ରା. ବି (ସଂ. ଚନ୍ଦନ+ଯାତ୍ରା)—ଚନ୍ଦନଯାତ୍ରା (ଦେଖ)—
Chandanajata Chandanajātrā (See)
चन्दनयात्रा
चन्दनयात्रा

ଚନ୍ଦନ ତେଲ—ଦେ. ବି (ସଂ. ଚନ୍ଦନ+ତୈଳ)—ଚନ୍ଦନ କାଠରୁ
Chandana tela ବୈଜ୍ଞାନିକପ୍ରକ୍ରିୟାଦ୍ୱାରା ବାହାର କରାଯିବା ତେଲ—
चन्दन तेल Sandal oil.
चन्दन तेल

ଚନ୍ଦନ ଦାନ—ଦେ. ବି. (ସଂ. ଚନ୍ଦନ+ଆଧାନ)—ଘୋରା ଚନ୍ଦନକୁ
Chandana dān ରଖି ବ୍ୟବହାର କରିବା ନିମନ୍ତେ ରୂପାର ପାତ୍ର—
चन्दन दान A tray or cup for keeping sandal-paste
चन्दन दान

ଚନ୍ଦନ ଧେନୁ—ସଂ. ବି. (ମ. ପ. ଲୋ; ଚନ୍ଦନଚର୍ଚ୍ଚିତା ଧେନୁ)—
Chandana dhenu ପତିପୁତ୍ରବତୀ ମୃତା ନାରୀର ମୃତାହ ଉପଲକ୍ଷରେ ବୃଷୋତ୍ସର୍ଗ ପରବର୍ତ୍ତିରେ ସୁତହାସ ବ୍ରାହ୍ମଣକୁ ଦାନ କରାଯିବା ଚନ୍ଦନଚର୍ଚ୍ଚିତା ସବତ୍ସା ଗାଭୀ—
A cow with its calf smeared with sandal-paste and given to a Brāhmaṇa by the

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଦାଢ଼' ନ ମିଳିଲେ 'ଦାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବଢ଼' ନ ପାଇଲେ 'ଅଲବଢ' ଦେଖିବେ

son of a deceased female (who dies leaving her husband and sons behind) during her obsequies.

[ଦ୍ର—ଶାସ୍ତ୍ର ଅନୁସାରେ ଜୀବତ୍‌ପିତୃକ ପୁତ୍ରର ବୃଷୋତ୍ସର୍ଗ କରିବାର ଅଧିକାର ନ ଥିବାରୁ ମାତାଙ୍କ ଉଦ୍ଦେଶ୍ୟରେ ଚନ୍ଦନଧେନୁ ଦାନ କରନ୍ତି ।]

ଚନ୍ଦନ ନଗର—ଦେ. ବି. (ନାମ—ଫରାସୀ ଅଧିକୃତ କଲିକତା ନିକଟସ୍ଥ ନଗରବିଶେଷ—Name of a village belonging to the French near Calcutta.
Chandana nagara
चन्दननगर
चन्दननगर

ଚନ୍ଦନ ନାଇବା—ଗ୍ରା. (ଉତ୍ତର) କ୍ରି.—ଚନ୍ଦନ ଘେନିବା (ଦେଖ)
Chandana nāibā Chandana ghenibā (See)

ଚନ୍ଦନ ପଙ୍କ—ସଂ. ବି. (ଷଷ୍ଠୀ ତତ୍; ଚନ୍ଦନ+ପଙ୍କ)—ଘୃଷ୍ଟ ଚନ୍ଦନ; ଘୋରା ଚନ୍ଦନ—Sandal-paste.
Chandna paṅka

ଚନ୍ଦନ ପାଟି—ଦେ. ବି. (ସଂ. ଚନ୍ଦନ+ପଟ୍ଟ)—କପାଳର ଦୁଇ ପାଖରେ ଗାଲ ପର୍ଯ୍ୟନ୍ତ ବୋଳା ହୋଇଥିବା ଚନ୍ଦନର ପଟ୍ଟ ବା ଚିହ୍ନ—Strips of sandal-paste painted over the brow from the middle along the cheeks on both sides. (right and left).
Chandana pāti
चन्दनपाटी
चन्दनकी पट्टी

ଚନ୍ଦନପାଟିଏ ଥିବ କପୋଳେ—ଉପେ. ଲାବଣ୍ୟବତୀ ।

ଚନ୍ଦନ ପାଲି—ଦେ. ବି.—ଏକୋଇଶଦିନବ୍ୟାପୀ ଚନ୍ଦନଯାତ୍ରାର ଗୋଟିଏ ଦିନର ଉତ୍ସବ ଓ ଉକ୍ତ ଉତ୍ସବର ବ୍ୟୟାଦି ନିର୍ବାହର ଭାର—One of the 21 days of the festival of Chandanajātrā.
Chandana pāli

ଚନ୍ଦନ ପୁଷ୍ପ—ସଂ. ବି.—(ବହୁବ୍ରୀହି; ଚନ୍ଦନ ପରି ସୁବାସିତ ପୁଷ୍ପ ଯାହାର)—
Chandana pushpa ୧ । ଲବଙ୍ଗ—1. Cloves.
୨ । (ଷଷ୍ଠୀ ତତ୍) ଚନ୍ଦନ ଗଛର ଫୁଲ—2. The flowers of the Sandal tree.

ଚନ୍ଦନ ପେଡ଼ି—ଦେ. ବି. (ସଂ. ଚନ୍ଦନ+ପୀଠ)—ଚନ୍ଦନକାଠ ଘୋରିବାର ପଥରଚକି—A piece of circular plate or slab of stone on which sandal wood is rubbed for preparing sandal-paste.
Chandana perdi
चन्दनपीड़ि
चन्दन घीषनेकी पटिया

ଘୋରାଏ ଚନ୍ଦନ ପେଡ଼ି ଉପରିରେ ଲଗାଇଲି ଚନ୍ଦନ ।—ଭଗ୍ନାନାଥ. ପାକ୍ଷୀ ।

ଚନ୍ଦନ ବେଶ—ସଂ.ବି. (ମ.ପ.ଲୋ; ଚନ୍ଦନ ଲେପନ କରାଯିବା ବେଶ)—ଶରୀରରେ ବା ସର୍ବାଙ୍ଗରେ ଚନ୍ଦନ ଲେପନଦ୍ୱାରା କରାଯିବା ବେଶ—Annointing or besmearing the body with sandal-paste.
Chandana beśa

ଚନ୍ଦନବେଶ ମୁଁ କରନ୍ତି ମୋର ହେଉଛି ମନ ।
କଳାକଳେବର ଚଉତିଶା ।

ଚନ୍ଦନବୋଡ଼ା—ଦେ. ବି. (ସଂ. ଚନ୍ଦ୍+ବୋଡ଼୍)—ହଳଦିଆ ଦେହରେ ତିନି ଧାଡ଼ି ବଡ଼ ବଡ଼ କଳା ଗୋଲ ଚିହ୍ନ ଥିବା ଭୟାନକ ବିଷଧର ବୋଡ଼ା ସାପ(ଏ ଲମ୍ବରେ ୨ ହାତ ବଢ଼େ; ଲାଙ୍ଗୁଡ଼ ପତଳା ଓ ୪।୧୦ ଅଙ୍ଗୁଳ ଲମ୍ବ)—A kind of venemous viper with yellow body with 3 lines of black circular marks; Vipera Russela; Daboia Russelli; Russell's viper.
Chandanaborḍā
चन्दन बोड़ा, चन्द्रबोड़ा
चन्द्रबोड़ा

ଚନ୍ଦନ ବୋଳିବା—ଦେ. କ୍ରି.—ସର୍ବାଙ୍ଗରେ ଚନ୍ଦନ ଲେପନ କରିବା—To smear the body with sandal-paste.
Chandana boḷibā
(ଚନ୍ଦନ ଲେପିବା—ଅନ୍ୟରୂପ)

ଚନ୍ଦନ ଯାତ୍ରା—ସଂ. ବି.—ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ଠାରୁ ୨୧ ଦିନ ଅପରାହ୍ନ ଓ ସନ୍ଧ୍ୟାରେ ପୁରୀ, ଭୁବନେଶ୍ୱର, ସତ୍ୟବାଦୀ ଓ ରାଜଧାନୀ ଓ ବଡ଼ ବଡ଼ ଗ୍ରାମମାନଙ୍କରେ ପ୍ରତିଷ୍ଠିତ ଦେବବିଗ୍ରହମାନଙ୍କୁ ନିକଟବର୍ତ୍ତୀ ପୁଷ୍କରିଣୀକୁ ନେଇ ସେଠାରେ ନୌକା ଉପରେ ବସାଇ କରାଯିବା ଜଳକ୍ରୀଡ଼ାରୂପ ଉତ୍ସବ—The festival of taking out the image of a Deity to a tank and giving it a boating in the afternoon and evening for 21 days begining with the third day of the light fortnight of the month of Baiśākha.
Chandana jātrā

ଚନ୍ଦନ ଲଗାଇବା—ଦେ. କ୍ରି.—ଚନ୍ଦନ ଘେନିବା (ଦେଖ)
Chandana lagāibā Chandana ghenibā (See)

ଚନ୍ଦନଶାରିବା—ସଂ. ବି. (ମ. ପ. ଲୋ, ଚନ୍ଦନଗନ୍ଧଯୁକ୍ତା ଶାରିବା)—ସୁଗନ୍ଧ ସୁବାସଯୁକ୍ତ ଔଷଧ ଲତାବିଶେଷ—A kind of sweet smelling medicinal creeper.
Chandanaśāribā

ଚନ୍ଦନା—ସଂ. ବି—୧ । ଶୁକସଦୃଶ କିନ୍ତୁ ହ୍ରସ୍ୱପୁଚ୍ଛବିଶିଷ୍ଟ ଉଜ୍ଜ୍ୱଳ ହରିତ୍‌ବର୍ଣ୍ଣ ପକ୍ଷୀ; ପୁଂପକ୍ଷୀର ଗଳାରେ ଗୋଲାପି କଣ୍ଠରେଖା ଥାଏ; ଏ ମନୁଷ୍ୟର ବୋଲି ଶିଖି ପାରେ—Palœornis Nepalensis; a species of short and broad-tailed singing parrots which can be taught to sing; the jaco bird.
Chandanā

[ଦ୍ର—ଏମାନେ ନାହାକା ଶୁଆଠାରୁ ବଡ଼ ଓ ମୋଟା । ଏମାନଙ୍କ ପୁଚ୍ଛ ଶ୍ରେଷ୍ଠ ଓ ଚେପ୍ଟା ଏବଂ ପୁଚ୍ଛର ଅଗ ଚଉଡ଼ା । ଏମାନଙ୍କ ଉପରଓଠ ଅଙ୍କୁଶ ପରି ତଳଓଠର ଉପରକୁ ଆବରଣ କରିଥାଏ । ଏମାନେ ଲମ୍ବରେ ହାତେ ପର୍ଯ୍ୟନ୍ତ ବଢ଼ନ୍ତି ।]

୨ । ଚନ୍ଦନଶାରିବା (ଦେଖ)
2 Chandanaśāribā (See)

ଚନ୍ଦନାଚଳ—ସଂ. ବି. (ମ. ପ. ଲୋ; ଚନ୍ଦନବୃକ୍ଷବିଶିଷ୍ଟ ଅଚଳ)—ମଳୟ ପର୍ବତ—The Malaya range
Chandanāchaḷa

୧	ଇ	ଉ	ଋ,ୠ	ୡ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ଼	ଉଅ	ହ୍ମ
୨	ଈ	ଊ	ରୁ	ଲୁ	ଯ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ଁୟ	ଇଅ	ଢ଼	ହ୍ନ

(ଚନ୍ଦନାଦ୍ରି—ଅନ୍ୟରୂପ) of mountains in the Eastern Ghats in South India where sandal trees abound.

ଚନ୍ଦନାଦି ତୈଳ—ସଂ. ବି — ଆୟୁର୍ବେଦୋକ୍ତ ମସ୍ତିଷ୍କଶୀତଳକର ଔଷଧ
Chandanādi taila ତୈଳବିଶେଷ—A medicated oil
(ଚନ୍ଦନାଦ୍ୟତୈଳ—ଅନ୍ୟନାମ) prepared for keeping the brain cool.
[ଦ୍ର— ଏଥିର ପ୍ରଧାନ ଉପାଦାନ ଚନ୍ଦନ । ଏହା ଚନ୍ଦନ, ଅଗୁରୁ, ଦେବଦାରୁ, ପଦ୍ମକାଷ୍ଠ, ଅଳାଇଚ, ନାଗକେଶର, କର୍ପୂର, ଜାଇଫଳ, କସ୍ତୁରୀ, ଶିଉଳିଚମ୍ପା, ଡାଳଚିନି, ଜାଫ୍ରାନ କେଶରକୁ ବାହ୍ଲ ତୈଳରେ ସିଦ୍ଧ କରାଯିବା କବିରାଜୀତୈଳ ଅଟେ । ଏହା ମସ୍ତିଷ୍କବିକୃତିନାଶକ, କାନ୍ତିବର୍ଦ୍ଧକ ଓ ବାତନାଶକ ।]

ଚନ୍ଦନି ମାଟି— ଦେ. ବି - ଯେଉଁ ମାଟିରେ ବାଲି, ଗୋଡ଼ଆଦି ନ ଥାଏ—
Chandani māṭi Pebbly soil.

ଚନ୍ଦର (ଇତ୍ୟାଦି)—ଗ୍ରା. (ଇତର) ବି — ଚନ୍ଦ୍ର ଇତ୍ୟାଦି (ଦେଖ)
Chandara (etc) Chandra etc (See)
চাঁদ
चन्द

ଚନ୍ଦରସ୍—ବୈଦେ. ବି. (ଇଂ ସାନ୍‌ଡ୍ରାକ୍)—
Chandaras ଧୂପ ନିମନ୍ତେ ବ୍ୟବହୃତ ବୃକ୍ଷନିର୍ଯ୍ୟାସବିଶେଷ;
চান্দরস্ ଧୂନା ସନ୍ଦରସ୍; ଏକ ପ୍ରକାର ଝୁଣା—
सफेद डुमर, A white-yellow resin exuding from
सान्द्रस् Barbary tree; Indian capal; Peney;
ତା. କୁଣ୍ଡ଼ିରୁମ୍ Varnish tree; Vateria Indica;
ତେ. ଦୁପାଡୁ Sandarac.
[ଦ୍ର—ଏହା ଦକ୍ଷିଣ ଓ ପଶ୍ଚିମ ଭାରତରେ ଶାଳଜାତୀୟ ଏକ ପ୍ରକାର ଗଛର ଶୁଖାଯାଇଥିବା ନିର୍ଯ୍ୟାସ । ଏହା ଧୂପ ଓ ବାର୍ଣ୍ଣିସ ନିମନ୍ତେ ବ୍ୟବହୃତ ହୁଏ ।
ଏହାର ଗଛ ପ୍ରଥମେ କାନେଡ଼ାରୁ ବା କାହାରି କାହାରି ମତରେ ଆଫ୍ରିକାର ମରକ୍କୋ ଦେଶରୁ ଭାରତକୁ ଆଣୀତ ହୋଇଥିଲା । ଏହି ଗଛ ସୁନ୍ଦର ଓ ସର୍ବଦା ଫୁଲଫଳ ଧରେ । ଏଥିର ପଲଙ୍କା କାଠ ଧଳା; ମଞ୍ଜ ପାଉଁଶିଆ; ଏହା ଶାଳ କାଠଠାରୁ ବେଶି ଶକ୍ତ ଓ ଚିକ୍କଣ; ପତ୍ର ୩ଇଞ୍ଚ ୪ଇଞ୍ଚ । ଏହାର ଫଳର ତେଲ ବାତ ରୋଗରେ ଔଷଧ ରୂପରେ ବ୍ୟବହୃତ ହୁଏ ।]

ଚନ୍ଦା —ଦେ. ବି. (ସଂ. ଚନ୍ଦ୍ର)—୧ । ଚିହ୍ନ—1. Mark.
Chandā ୨ । ଅନାବୃତ ସ୍ଥାନ—
চাঁদা 2. Bare or open space.
चांदा ୩ । ଜମିର ସୀମାନିର୍ଦ୍ଦେଶକ ଚିହ୍ନ ବା ଖୁଣ୍ଟ—
3. A distinguishing mark on the boundary of a land.
টেকো ବିଣ—କେଶରହିତ (ମସ୍ତକ); ଟାଙ୍ଗରା—
चंदला Bald-headed.

ପ୍ରାଦେ. (ସମ୍ବଲପୁର) ବିଣ—ଚନ୍ଦିଆ (ଦେଖ)
Chandiā (See)

ଚନ୍ଦାଇ—ଦେ. ବିଣ. ଓ ବି. ସ୍ତ୍ରୀ—(ସଂ. ଚୁନ୍ନୀ=ଛିନ୍ନାଳି)—
Chandāi ୧ । ଛିନ୍ନାଳୀ; ବେଧୋଇ; ଛିଣ୍ଡାଳୀ; ନଷ୍ଟା ସ୍ତ୍ରୀ—
ছাবলা 1. An adulteress.
चौंचलहाई ୨ । ଯେ ଆପଣାର ପ୍ରଶଂସା ଆପେ କରେ—
(ଚନ୍ଦେଇ—ଅନ୍ୟରୂପ) 2 A self-advertising woman.
୩ । ଯେଉଁ ସ୍ତ୍ରୀ ହାବଭାବଦ୍ୱାରା ପୁରୁଷ ନିକଟରେ କାମେଚ୍ଛା ଦେଖାଇ ହୁଏ —A flirt.

ଚନ୍ଦାଇ ପଣ—ଦେ. ବି.—୧ । ସ୍ତ୍ରୀର ଆତ୍ମବଡ଼ିମା ପ୍ରକଟନ—
Chandāi paṇa 1. Self-adulation of a woman;
ছাবলামী self-aggrandisement.
चे.चला ୨ । ଭାବଭଙ୍ଗୀଦ୍ୱାରା ପୁରୁଷ ନିକଟରେ ସ୍ତ୍ରୀର କାମେଚ୍ଛା
(ଚନ୍ଦେଇପଣ—ଅନ୍ୟରୂପ) ପ୍ରକଟନ—Flirtation.

ଚନ୍ଦାଇ ହେବା— ଦେ. କ୍ରି.—(ସ୍ତ୍ରୀଲୋକଙ୍କପ୍ରତି ପ୍ରଯୁଜ୍ୟ)—୧ । ଆତ୍ମଶ୍ଳାଘା
Chandāi hebā କରିବା; ଆପଣାକୁ ଆପେ ଦେଖାଇ ହେବା,
ছাবলামীকরা ଜମ ଜମ ହେବା—1. To self-advertise; to aggrandise one's self.
(ଚନ୍ଦେଇ ହେବା—ଅନ୍ୟରୂପ)
୨ । ମକମକ ହେବା; ଭାବଭଙ୍ଗୀଦ୍ୱାରା କାମଚେଷ୍ଟା ପ୍ରକାଶ କରିବା—2. To show outward signs of amour; to flirt.

ଚନ୍ଦାମୁଣ୍ଡା— ଦେ. ବିଣ—ଯାହାର ମୁଣ୍ଡରେ କେଶ ନାହିଁ—
Chandāmuṇḍā Bald-headed.
টেকো
चन्दला
(ଚନ୍ଦାମୁଣ୍ଡୀ, ଚନ୍ଦାମୁଣ୍ଡେଇ—ସ୍ତ୍ରୀ)
(ଚନ୍ଦାମୁଣ୍ଡିଆ—ଅନ୍ୟରୂପ)

ଚନ୍ଦିଆ—ପ୍ରାଦେ (ସମ୍ବଲପୁର) ବିଣ (ସଂ. ଚନ୍ଦ୍ର)—ଚୁନ୍ଦିଆ; ମୁଣ୍ଡରେ ଚନ୍ଦ ବା
Chandiā ଧଳା ଦାଗ ଥିବା (ପଶୁ ଆଦି)—(a horse or cow)
Having a white patch on the face or brow.
(ଯଥା—ଚନ୍ଦିଆ ଘୋଡ଼ା ।)

ଚନ୍ଦିର—ସଂ. ବି (ଚନ୍ଦ୍ ଧାତୁ=ଦୀପ୍ତି ପାଇବା+ସଜ୍ଞାର୍ଥେ ଇର)—
Chandira ୧ । ଚନ୍ଦ୍ର—1. The moon.
୨ । ହସ୍ତୀ—2. Elephant.

ଚନ୍ଦୁଆ—ପ୍ରାଦେ (ସମ୍ବଲପୁର) ବି (ସଂ. ଚନ୍ଦ୍ରାତପ, ଭୁଲ ହି. ଚନ୍ଦୱା)—
Chanduā ଚନ୍ଦ୍ରାତପ; ସାମିଆନା—An awning.

ଚନ୍ଦୁକ—ଦେ.ବି (ବଣିଆ ଶବ୍ଦ)—ଭିନ୍ନ ଭିନ୍ନ ପ୍ରକାରର ଛାଞ୍ଚ ଥାଇ ଛିଦ୍ର
Chanduka ହୋଇଥିବା ଏକପ୍ରକାର ଠସା—
A goldsmifh's mould with several holes to suit many forms.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଜପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧି' ନ ମିଳିଲେ 'ବଢି' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲଚେ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚନ୍ଦେଇ—ଦେ. ବି. ଓ ଭଣ. ସ୍ତ୍ରୀ—ଚନ୍ଦାଈ (ଦେଖ)
Chandei — Chandāī (See)

ଚନ୍ଦେରୀ—ଦେ. ବି (ନାମ) (ସଂ. ଚେଦୀ)—ଗ୍ୱାଲିୟର ରାଜ୍ୟର ଜରବାର ଜିଲ୍ଲାରେ ଥିବା ପ୍ରାଚୀନ ନଗର—
Chanderī — Name of an ancient town in Gwaliar.
चंदेरी
(ଚନ୍ଦେଲ—ଅନ୍ୟରୂପ) [ଦ୍ର—ଏହା ପୂର୍ବେ ଶିଶୁପାଳଙ୍କ ରାଜଧାନୀ ଚେଦୀ ଥିଲା ।]

ଚନ୍ଦେଲୀ—ଦେ. ବି (ନାମ) (ସଂ. ଚେଦୀ ବା ଚନ୍ଦ୍ରାତ୍ରେୟ)—
Chandelī — କ୍ଷତ୍ରିୟ ବା ରାଜପୁତମାନଙ୍କର ଏକ ଶାଖା—
চন্দেল — Name of a branch of the Rājputs.
चंदेली
(ଚନ୍ଦେଲ—ଅନ୍ୟରୂପ) [ଦ୍ର—ଏ ବଂଶର କ୍ଷତ୍ରିୟମାନେ ମହର୍ଷିଙ୍କ ପୌତ୍ର ଚନ୍ଦ୍ରାତ୍ରେୟଙ୍କଠାରୁ ଉଦ୍ଭୂତ ବୋଲି କଥିତ ଅଛି । ଏହି ବଂଶର ରାଜାମାନେ ବୁନ୍ଦେଲଖଣ୍ଡ ଓ ମଧ୍ୟଭାରତରେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ -- ହି. ଶବ୍ଦସାଗର ।]

ଚନ୍ଦ୍ର—ସଂ. ବି (ଚନ୍ଦ୍ ଧାତୁ=ଦୀପ୍ତି ପାଇବା + କର୍ତ୍ତୃ. ର)—
Chandra
୧ । ଶଶୀ; ଜହ୍ନ—1. Moon.
୨ । ସୋମ; ଜ୍ୟୋତିଃଶାସ୍ତ୍ରୋକ୍ତ ନବଗ୍ରହ ମଧ୍ୟରୁ ଏକତମ— 2. One of the nine planets of Hindu astrology.

[ଦ୍ର—ଜ୍ୟୋତିଷ ମତରେ ମନୁଷ୍ୟର ପରମାୟୁରେ ଚନ୍ଦ୍ରଙ୍କ ଦଶାଭୋଗ କାଳ ୧୦ ବର୍ଷ । ଯେଉଁ ମାସରେ ପୃଥିବୀରେ ଚନ୍ଦ୍ର ଅଧିପତି ହୁଅନ୍ତି, ସେ ମାସରେ ଲୋକଙ୍କର ଶ୍ଳେଷ୍ମାବୃଦ୍ଧି ହୁଏ; ଦେଶରେ ସୁଭିକ୍ଷ, ଶସ୍ୟବର୍ଦ୍ଧନ ଓ ସର୍ବମଙ୍ଗଳ ହୁଏ । ରାହୁ (ପୃଥିବୀର ଛାଇ) ଚନ୍ଦ୍ରଙ୍କୁ ଗ୍ରାସ କଲେ ଚନ୍ଦ୍ରଗ୍ରହଣ ହୁଏ । ଚନ୍ଦ୍ରଯୁକ୍ତ ସୋମବାର ଜ୍ୟୋତିଷ ମତରେ ସର୍ବକର୍ମରେ ଶୁଭ । ଚନ୍ଦ୍ର ଯେଉଁ ରାଶିମାନଙ୍କ ସଙ୍ଗେ ଯୁକ୍ତ ହୋଇ ଯେଉଁ ତିଥିରେ ଥାଆନ୍ତି ତଦନୁସାରେ ମନୁଷ୍ୟ ଭିନ୍ନଭିନ୍ନ ଫଳ ଭୋଗ କରେ । ଚନ୍ଦ୍ର ଗୋଟିଏ ରାଶିରେ ୨¼ ଅର୍ଥାତ୍ ୨¼ ଦିନ ରହନ୍ତି । ଆଧୁନିକ ବିଜ୍ଞାନମତରେ ଚନ୍ଦ୍ର ଗୋଟିଏ ନିର୍ଜୀବ ବସ୍ତୁ ଓ ଏହା ପୃଥିବୀର ଚାରି ପାଖରେ ୨୮ ଦିନରେ ଥରେ ବୁଲେ; ଏହା ଗୋଟିଏ ମରୁ ଓ ପାଷାଣମୟ ପିଣ୍ଡ ଅଟେ ଓ ଏଥିରେ ଦେଖାଯିବା କଳଙ୍କ ପର୍ବତର ଗହ୍ୱର ଅଟେ । ଏହାର ବ୍ୟାସ ୨୧୬୨ ମାଇଲ ଓ ଏହା ପୃଥିବୀଠାରୁ ୨ ଲକ୍ଷ ୮ ହଜାର ୮ଶହ ମାଇଲ ଦୂରରେ ଅବସ୍ଥିତ । ଏହାର ଆକାର ପୃଥିବୀର ୪୯ ଭାଗରୁ ଭାଗେ । ପୁରାଣମତରେ ଏ ଏହାଙ୍କ ଗୁରୁ ବୃହସ୍ପତିଙ୍କ ପତ୍ନୀ ତାରାଙ୍କୁ ହରଣ କରିଥିବାରୁ ଗୁରୁଙ୍କ ଅଭିଶାପରେ ଏ କ୍ଷୟରୋଗୀ ହୋଇ ତଦନୁସାରେ ପ୍ରତି ପକ୍ଷରେ କ୍ଷୟ ଓ ବୃଦ୍ଧି ପାଆନ୍ତି । ରାତିରେ କଇଁ ଫୁଟୁଥିବାରୁ ଚନ୍ଦ୍ରଙ୍କୁ କୁମୁଦବନ୍ଧୁ ବୋଲାଯାଏ । କଥିତ ଅଛି ଯେ ଚକୋର ଚନ୍ଦ୍ରକିରଣ ପାନ କରେ । ଚନ୍ଦ୍ର ମହାଦେବଙ୍କ ମସ୍ତକରେ ଅବସ୍ଥାନ କରିବା ବିଷୟ ପୁରାଣରେ ଅଛି ।]

୩ । ମୟୂରଚନ୍ଦ୍ରିକା—3. The black round spots bordered by concentric bands of brilliant blue, green and gold on the tail-feathers of a peacock.
୪ । କର୍ପୂର—4. Campher.
୫ । ଜଳ—5. Water.
୬ । ସ୍ୱର୍ଣ୍ଣ—6. Gold.
୭ । ହୀରକ—7. Diamond.
୮ । ଦ୍ୱୀପବିଶେଷ—3. Name of an island.
୯ । (କାମଶାସ୍ତ୍ର) ସ୍ତ୍ରୀମାନଙ୍କ ଭିନ୍ନଭିନ୍ନ ଅଙ୍ଗରେ ଭିନ୍ନଭିନ୍ନ ତିଥିରେ ଥିବା କାମୋଦ୍ଦୀପକ କେନ୍ଦ୍ର— 2. The amorous centres said to be in the different limbs of a woman on different days, by titillating which a woman becomes very amorous andundergoes orgasm.

[ଦ୍ର—ତତ୍ତତ୍ ତିଥିମାନଙ୍କରେ ସ୍ତ୍ରୀମାନଙ୍କର ତତ୍ତତ୍ ଅଙ୍ଗମାନଙ୍କୁ କୁତୁକୁତୁ କଲେ ସ୍ତ୍ରୀମାନେ ରମଣକାଳରେ କାମୋନ୍ମତ୍ତା ହୁଅନ୍ତି ।]

୧୦ । (ଅନ୍ୟ ଶବ୍ଦ ପରେ ଯୋଗ କଲେ) ଶ୍ରେଷ୍ଠ ବ୍ୟକ୍ତି— 10. A superior being.
(ଯଥା—କବିଚନ୍ଦ୍ର, କୁଳଚନ୍ଦ୍ର; ପୁରୁଷଚନ୍ଦ୍ର ଇତ୍ୟାଦି ।)
୧୧ । ଚନ୍ଦ୍ରବିନ୍ଦୁ (ଦେଖ) 11. Chandrabindu (See)
୧୨ । ରକ୍ତବର୍ଣ୍ଣ ମୁକ୍ତା (ହି. ଶବ୍ଦସାଗର)—12. Red pearl.

ଦେ. ବି—୧ । ଚନ୍ଦ୍ରଶେଖରର ଡାକ ନାମ— 1. Name for calling Chandraśekhara.
୨ । ସ୍ୱର୍ଣ୍ଣ ବା ରୌପ୍ୟମୁଦ୍ରା— 2 Gold or silver coin.
ଏହା ଶୁଣି ଅତି ହରଷ ପୁରୁଷ ଲକ୍ଷେ ଚନ୍ଦ୍ର ଦେଇ ତାହାକୁ—
ଭକ୍ତ. ପ୍ରେମସୁଧାନିଧି ।
୩ । ଦୀପକଳାରେ କଇଥଅଠା ମିଶାଇ ଗଞ୍ଜପାସାରେ ରଙ୍ଗ ଦେବା ନିମନ୍ତେ ବ୍ୟବହୃତ କଳାରଙ୍ଗ—3. Black paint used for dying Gañjapā cards.
୪ । (ବଣିଆ ଶବ୍ଦ) ସ୍ତ୍ରୀ ମସ୍ତକରେ ଅର୍ଦ୍ଧଚନ୍ଦ୍ରାକୃତି ରୂପା ବା ସୁନାର ଅଳଙ୍କାରବିଶେଷ—4. A gold or silver ornament for the head, shaped like a crescent.
୫ । ବଙ୍ଗାଳ ବଣିଆଙ୍କ ବଂଶୋପାଧିବିଶେଷ— 5. A family-title of Bengalee goldsmiths.

୧	ଇ	ଙ	ଋ,ଝ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଷ	ଙ୍କ	ଇପ୍ସ	ଉଃ	ଞ
୨	ଈ	ଞ	ଋ	ଌ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟଁ	ଇଅ	ଢ଼	ନ୍ତ

୬ । ଚେନାବ୍ ନଦୀର ଉତ୍ପତ୍ତିସ୍ଥଳରୁ ବାହାରିବା ଅଂଶର ନାମ—6 Name of the part of the river Chenab near its source.

ସଂ. ବଣ—ଆହ୍ଲାଦକର—Delightful.

[ଦ୍ର—ଚନ୍ଦ୍ର ଶ୍ରେଷ୍ଠବାଚକ ଥିବାରୁ ବ୍ୟକ୍ତିମାନଙ୍କ ନାମ ପରେ ଯୁକ୍ତ ହୁଏ । ଯଥା—ରାମଚନ୍ଦ୍ର, କୃଷ୍ଣଚନ୍ଦ୍ର, ଗୌରଚନ୍ଦ୍ର, କଶୋରଚନ୍ଦ୍ର, ଶିବଚନ୍ଦ୍ର, ଶମ୍ଭୁଚନ୍ଦ୍ର, କୈଳାଶଚନ୍ଦ୍ର, ନବଦ୍ୱୀପଚନ୍ଦ୍ର ଇତ୍ୟାଦି ।]

ଚନ୍ଦ୍ରଉଦିଆ—ଦେ.ବି. (ସଂ. ଚନ୍ଦ୍ର ଓ ଉଦୟ)—ବାଣବିଶେଷ; ଯେଉଁବାଣରୁ Chandra-udiā ଜାଳିଲେ ଚନ୍ଦ୍ରୋଦୟ ହେଲା ଭଳି ଧଳା ଆଲୋକ ରଣମସାଲ ଦେଖାଯାଏ; ମହତାପ—A firework emitting **महताबी** white light; the Bengal Lights.

କୁବେଲ ଗ୍ରାମର ସହସ୍ରେ ପଡ଼େ
ଚନ୍ଦ୍ରଉଦିଆ ଦାଉ ଦାଉ ଝଡ଼େ—ପ୍ରାଚୀ. ରଘୁବଂଶ୍ଜମ୍ବ ।

ଦେ. ବଣ—ଚନ୍ଦ୍ର ପରି ସୁନ୍ଦର ଓ ଉଜ୍ଜ୍ୱଳ—Lovely and bright like the moon; moonlike.

ଚନ୍ଦ୍ରକ—ସଂ. ବି. (ଚନ୍ଦ୍ର+ତୁଲ୍ୟାର୍ଥେ. କ)—୧ । ମୟୂରଚନ୍ଦ୍ରିକା—Chandraka 1. The circular spot or eye on the tail-feather of the peacock.

୨ । ମଣ୍ଡଳ; ବଳୟ; ମୁଦିଆ—2. A circular thing; a circular ring shaped like the moon (M. W.).

୩ । ଚନ୍ଦ୍ରମଣ୍ଡଳ—3. The orb of the moon.

୪ । (+ସ୍ୱାର୍ଥେ. କ) ଚନ୍ଦ୍ର—4. The moon.

୫ । ନଖ—5. Finger-nail.

୬ । ଟଙ୍କାଗୁଣ୍ଡିମାଛ—6. A small circular freshwater-fish.

୭ । ଚନ୍ଦ୍ରକିରଣ (ହି. ଶବ୍ଦସାଗର)—7. Moon's rays.

୮ । ଧଳା ମରିଚ (ହି. ଶବ୍ଦସାଗର)—8. White pepper.

୯ । ମାଲକୋଷ ରାଗର ପୁତ୍ର ରାଗିଣୀବିଶେଷ(ହି.ଶବ୍ଦସାଗର)—9. Name of a secondary musical air.

୧୦ । ଗୋଲମରିଚ—10. Black pepper (M. W.)

ଚନ୍ଦ୍ରକ ଚୂଳ—ସଂ. ବି. (ଚନ୍ଦ୍ରକ+ଚୂଳ)—Chandraka chūḻa ମସ୍ତକ ଉପରେ ଅଳଙ୍କାର ରୂପେ ବ୍ୟବହୃତ ମୟୂରପୁଚ୍ଛର ଗୁଚ୍ଛ—Tail-feathers of the peacock tied into a bunch and put on the head as an ornament.

ଚନ୍ଦ୍ରକଚୂଳ ଶିର ବେଶେ । ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ

ଚନ୍ଦ୍ରକଳା—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+କଳା)—Chandrakaḻā ୧ । ପୂର୍ଣ୍ଣ ଚନ୍ଦ୍ରର ୧୬ ଅଂଶର ଏକାଂଶ; ଚନ୍ଦ୍ରମଣ୍ଡଳର ଷୋଡ଼ଶ ଭାଗର ଏକ ଭାଗ—1. One of the 16 parts of a full moon; a digit of the moon's orb.

ଝୁରେ ଯେସନ୍ତେ ଚନ୍ଦ୍ରକଳା ଅଦର୍ଶନେ କୁମୁଦାକର ।
ରାଧାନାଥ. ଋଷା ।

[ଦ୍ର—ଚନ୍ଦ୍ରଙ୍କର ଷୋଡ଼ଶ କଳାର ନାମ—ପୂଷା, ଯଶା, ସୁମନସା, ରତି, ପ୍ରାପ୍ତି, ଧୃତି, ଋଦ୍ଧି, ସୌମ୍ୟା, ମରୀଚି, ଅଂଶୁମାଳିନୀ, ଅଙ୍ଗିରା, ଶଶିନୀ, ଛାୟା, ସମ୍ପୂର୍ଣ୍ଣମଣ୍ଡଳା, ତୁଷ୍ଟି ଓ ଅମୃତା ।]

୨ । ଚନ୍ଦ୍ରମଣ୍ଡଳରେ ଦେଖାଯିବା କଳଙ୍କ—2. Spots on the moon's disc.

୩ । ସ୍ୱର୍ଗବେଶ୍ୟାବିଶେଷ—3. Name of a heavenly nymph.

କମଳ ବରୂଥକୁ ଚୁଇଁ, ବଳୟୀ ଚନ୍ଦ୍ରକଳା ହୋଇ ।
ଭଞ୍ଜ. ବୈଦେହୀଶବିଳାସ ।

୪ । ଚନ୍ଦ୍ରକିରଣ (ହି. ଶବ୍ଦସାଗର)—4. Moon's rays.

୫ । ଛୋଟ ଢୋଲ (ହି. ଶବ୍ଦସାଗର)—5. A small drum.

୬ । ସଙ୍ଗୀତର ତାଳବିଶେଷ—6. Name of a musical measure or cadence.

ଦେ. ବି—୧ । କବିସୂର୍ଯ୍ୟଙ୍କ ସମକାଳୀନ ଜଳନ୍ତର ରାଜାଙ୍କର ପାଳିତା କନ୍ୟା—1. Name of a girl brought up by the Raja of Jaḻantara who was the patron of the Oria poet Kabisūrjya.

୨ । କବିସୂର୍ଯ୍ୟଙ୍କ ଦ୍ୱାରା ଲାବଣ୍ୟବତୀ କାବ୍ୟର ଅନୁକରଣରେ ଲିଖିତ ଓ ଜଳନ୍ତରର ରାଜା ରାମଚନ୍ଦ୍ରଙ୍କର ନାମରେ ଭଣିତ ଅସମ୍ପୂର୍ଣ୍ଣ କାବ୍ୟବିଶେଷ—2. Title of an unfinished Oria poem by poet Kabisūrjya.

ଚନ୍ଦ୍ରକାନ୍ତ—ସଂ.ବି. (ବହୁବ୍ରୀହି; ଚନ୍ଦ୍ର ଅଟେ କାନ୍ତ ଅର୍ଥାତ୍ ପ୍ରିୟ ଯାହାର)—Chandrakānta ୧ । କାଳ୍ପନିକ ମଣିବିଶେଷ—1. A fabulous gem; the moon-stone; jasper.

ସଂ. ଚନ୍ଦ୍ରମଣି, ଚନ୍ଦ୍ରୋପଲ, ଚନ୍ଦ୍ରକାନ୍ତ

[ଦ୍ର—କଥିତ ଅଛି ଯେ ଏହା ଚନ୍ଦ୍ରକିରଣ ସ୍ପର୍ଶରେ ଦ୍ରବୀଭୂତ ହୁଏ । ବୋଧହୁଏ ଏହାକୁ ରାତିରେ ପଦାରେ ରଖିଲେ ଏହା ଉପରେ ଶିଶିରବିନ୍ଦୁ ପଡ଼ିବାରୁ ଏହା ତରଳିଯିବା ପରି ଦେଖାଯାଏ ।]

୨ । ଚନ୍ଦନ କାଠ—2. Sandal wood.

୩ । (ବହୁବ୍ରୀହି) କୁମୁଦ—3. Water lily.

ସାଧାରଣ ଲୋକେ ଅପଠ ପୃଷ୍ଠାରେ ଦ୍ୱିତ ୧ ଚକ୍ଷ୍ତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ସଂ. ବିଣ—ଚନ୍ଦ୍ର ପରି ସୁନ୍ଦର—
Beautiful or charming as the moon.

ଦେ. ବି. ପୁଂ (ନାମ)—ଲୋକଙ୍କ ନାମ—
Name given to males.

ଚନ୍ଦ୍ରକାନ୍ତା—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ବହୁବ୍ରୀହି; ଚନ୍ଦ୍ର + କାନ୍ତ + ସ୍ତ୍ରୀ. ଆ)—୧ । ଜ୍ୟୋତ୍ସ୍ନା—
Chandrakāntā
1. Rays of the moon; moon-light.
୨ । ରାତ୍ରି—2. Night.
୩ । ତାରକା—3. Star.
୪ । ଔଷଧି—4. Herbs.
୫ । ଚନ୍ଦ୍ରପତ୍ନୀ—5. The wife of the moon-god.
୬ । ଲକ୍ଷ୍ମଣଙ୍କ ପୁତ୍ର ଚନ୍ଦ୍ରକେତୁଙ୍କ ରାଜଧାନୀ—
6. Name of the capital of the ancient King Chandraketu.

ଚନ୍ଦ୍ରକାନ୍ତି—ସଂ. ବି. (ବହୁବ୍ରୀହି; ଚନ୍ଦ୍ର + କାନ୍ତି)—
Chandrakānti ୧ । ରଜତ; ରୁପା; ରୂପା—1 Silver.
୨ । ଶୁକ୍ତି; ସାମୁକା—2. Oyster.
ସୂନ୍ଦ-ଲମ୍ବିତ ଚନ୍ଦ୍ରକାନ୍ତି ଦକର । ରାଧାନାଥ. ମେଘଦୂତ ।
୩ । (୬ଷ୍ଠୀ ତତ୍) ଚନ୍ଦ୍ରଙ୍କ ଜ୍ୟୋତିଃ—
3. The brightness of the moon.

ଦେ. ବି—ମିଷ୍ଟାନ୍ନବିଶେଷ—
A kind of sweetmeat.
ଚନ୍ଦ୍ରକାନ୍ତି, ଝିଲି, ନାଡ଼ୁକା ସୁଶୋଭନ । ଅଭିମନ୍ୟୁ. ବଦଗ୍ଧଚିନ୍ତାମଣି ।

ଚନ୍ଦ୍ରକୀ—ସଂ. ବି. (ଚନ୍ଦ୍ରକ + ଇନ୍; ୧ମା. ୧ବ.)—ମୟୂର—
Chandrakī Peacock.

ଚନ୍ଦ୍ରକିତ—ସଂ. ବିଣ. (ଚନ୍ଦ୍ରକ + ଯୁକ୍ତାର୍ଥେ ଇତ; ତୁଳ. ତାରକିତ; କଣ୍ଟକିତ)—ଚନ୍ଦ୍ରପରି ଉଜ୍ଜ୍ୱଳ ଗୋଲଗୋଲ ଚିହ୍ନବିଶିଷ୍ଟ—Furnished with myriads of brilliant moonlike spots (M. W.).
Chandrakita

ଚନ୍ଦ୍ରକେତୁ—ସଂ. ବି. (ନାମ)—ଲକ୍ଷ୍ମଣଙ୍କର ଏକ ପୁତ୍ର—
Chandraketu Name of a son of Lakshmaṇa.

ଚନ୍ଦ୍ରକ୍ଷୟ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+କ୍ଷୟ)—୧ । ଅମାବାସ୍ୟା—
Chandrakshaya The newmoon day.
୨ । ଯେଉଁ ତିଥିରେ ପୂର୍ଣ୍ଣ ଅମାବାସ୍ୟା ଥାଏ, ଅର୍ଥାତ୍ ଚନ୍ଦ୍ର ଆଦୌ ଦେଖାଯାଏ ନାହିଁ—2. The night when the moon is not at all seen.

ଚନ୍ଦ୍ରଗୁପ୍ତ—ସଂ. ବି. (ନାମ)—ଚିତ୍ରଗୁପ୍ତ (ଦେଖ)
Chandragupta Chitragupta (See)
ଦେ. ବି—୧ । ଗ୍ରୀକ୍ ମହାବୀର ସିକନ୍ଦରଙ୍କ ସମସାମୟିକ ଓ ଖ୍ରୀ: ପୂ: ଚତୁର୍ଥ ଶତାବ୍ଦୀର ଭାରତସମ୍ରାଟ—An emperor of India (whose capital was Magadha), a contemporary of Alexander the Great.

[ଦ୍ର—ଏ ମଗଧ ଦେଶର ପ୍ରଥମ ମୌର୍ଯ୍ୟବଂଶୀ ରାଜା । ପାଟଳୀପୁତ୍ର ଏହାଙ୍କ ରାଜଧାନୀ ଥିଲା । ଏ ବଲ୍‌ଖ୍ ରାଜ୍ୟର ଗ୍ରୀକ୍‌ରାଜା ସେଲ୍ୟୁକସଙ୍କୁ ଜୟ କରି ତାଙ୍କ କନ୍ୟାଙ୍କୁ ବିବାହ କରିଥିଲେ । ଏ ରାଜା ମହାପଦ୍ମ ନନ୍ଦଙ୍କର ମୁରାନାମ୍ନୀ ରକ୍ଷିତା ଦାସୀର ପୁତ୍ର ଥିଲେ । ଚାଣକ୍ୟଙ୍କ କୂଟନୀତି ସାହାଯ୍ୟରେ ଏ ମହାନନ୍ଦଙ୍କୁ ମାରି ନନ୍ଦବଂଶୀୟମାନଙ୍କର ଉଚ୍ଛେଦସାଧନ କରି ମଗଧରାଜସିଂହାସନ ଅଧିକାର କଲେ । ବିଶାଖଦତ୍ତଙ୍କ ସଂସ୍କୃତ ମୁଦ୍ରାରାକ୍ଷସ ନାଟକ ଏହାଙ୍କୁ ଲକ୍ଷ୍ୟ କରି ରଚିତ; ଏ ବିଶେଷ ପ୍ରତାପୀ ଥିଲେ ଓ ପଞ୍ଜାବରୁ ଯବନମାନଙ୍କୁ ବିତାଡ଼ିତ କରିଥିଲେ । ଏ ଖ୍ରୀ: ପୂ: ୩୨୨ ରେ ସିଂହାସନ ଆରୋହଣ କରି ୨୪ ବର୍ଷ ରାଜତ୍ୱ କରିଥିଲେ । ଗ୍ରୀକ୍‌ମାନେ ଏହାଙ୍କୁ 'ସାନ୍ଦ୍ରାକୋଟସ୍' ନାମରେ ଡାକୁଥିଲେ ।]

୨ । ୪ର୍ଥ ଶତାବ୍ଦୀର ଗୁପ୍ତ ବଂଶର ଜଣେ ପ୍ରତାପୀ ରାଜା—
2. Name of a powerful king of the Gupta Dynasty.

[ଦ୍ର—ଏହାଙ୍କୁ କେହିକେହି ବିକ୍ରମ ବା ବିକ୍ରମାଦିତ୍ୟ କହନ୍ତି । ଏ ୩୧୮ ଖ୍ରୀଷ୍ଟାବ୍ଦରେ ସମସ୍ତ ଉତ୍ତରଭାରତରେ ସାମ୍ରାଜ୍ୟ ସ୍ଥାପିତ କରିଥିବାର ଶିଳାଲିପିରୁ ଜଣାଯାଉଅଛି । କେହିକେହି ଅନୁମାନ କରନ୍ତି ଯେ ଏ ଗୁପ୍ତସଂବତ୍ ଚଳାଇ ଥିଲେ । (ଏହାଙ୍କ ରାଣୀ କୁମାରୀ ଦେବୀ) ।]

୩ । ଉପରୋକ୍ତ ଚନ୍ଦ୍ରଗୁପ୍ତଙ୍କ ପୁତ୍ର ସମୁଦ୍ରଗୁପ୍ତଙ୍କ ପୁତ୍ର—
3. Name of the grandson of the above Chandragupta.

[ଦ୍ର—ଏହାଙ୍କର ଅନ୍ୟ ନାମ ବିକ୍ରମାଙ୍କ ବା ଦେବରାଜ । ଏ ନେପାଳ ରାଜକନ୍ୟା ଧ୍ରୁବଦେବୀଙ୍କୁ ବିବାହ କରିଥିଲେ । ଏ ଖ୍ରୀ: ୪୦୦ ଠାରୁ ୪୧୩ ପର୍ଯ୍ୟନ୍ତ ରାଜତ୍ୱ କରି ଦିଗ୍ବିଜୟ କରି ଅନେକ ଦେଶରେ କୀର୍ତ୍ତିସ୍ଥାପନ କରିଥିବାର ଶିଳାଲେଖରୁ ଜଣାଯାଏ । (ହି. ଶବ୍ଦସାଗର)]

ଚନ୍ଦ୍ରଗୃହ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+ଗୃହ)—(ଜ୍ୟୋତିଷ)କର୍କଟରାଶି—
Chandragṛuha The zodiacal sign of Cancer.

ଚନ୍ଦ୍ରଗ୍ରହଣ—ସଂ. ବି. (୬ଷ୍ଠୀ ତତ୍; ରାହୁଦ୍ୱାରା ଚନ୍ଦ୍ରଙ୍କର ଗ୍ରହଣ)—
Chandragrahaṇa ରାହୁ ବା ପୃଥିବୀର ଛାୟାଦ୍ୱାରା ଚନ୍ଦ୍ରଙ୍କର ଆଚ୍ଛାଦନ—Lunar eclipse.

ଚନ୍ଦ୍ରଚଞ୍ଚଳ—ସଂ. ବି—ଏକପ୍ରକାର ମାଛ; (ହି. ଖରସା) ମିରୁସାଣ ମାଛ—
Chandrachañchaḷa A kind of freshwater-fish.

ଚନ୍ଦ୍ରଚଳନ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର + ଚଳନ)—
Chandrachaḷana (ଜ୍ୟୋତିଷ) ଚନ୍ଦ୍ରଙ୍କର ଏକରାଶିରୁ ଅନ୍ୟ ରାଶିକୁ ଗତି—(Astrology) The motion of the moon from one zodiacal sign to another.

ଚନ୍ଦ୍ରଚାଳକ—ଦେ. ବି. (ସଂ. ଚନ୍ଦ୍ରଚାଳନ)—(କାମଶାସ୍ତ୍ର) ତିଥିଭିନ୍ନ ତିଥିରେ
Chandra chāḷaka ସ୍ତ୍ରୀମାନଙ୍କ ଅଙ୍ଗର ଭିନ୍ନଭିନ୍ନ ଅଂଶରେ ଥିବା

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଙ୍ଗ	ଉଅ	ଢ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସଂ	ଗ୍ୟ	ଇଅ	ଡ଼	ନ୍ତ

'ଚନ୍ଦ୍ର'ଙ୍କୁ କାମଶାସ୍ତ୍ରୋକ୍ତ ବିଧିଦ୍ୱାରା ଉତ୍ତେଜିତ କରି କାମୋପଭୋଗ କରିବା ବିଧି—Titillation of a particular limb of a woman on a particular day of the lunar fortnight by a lover, by which she becomes very excited.

ଚନ୍ଦ୍ରଚାଳନ—ସଂ. ବି—(୬ଷ୍ଠୀ ତତ୍; ଚନ୍ଦ୍ର+ଚାଳନ)—
Chandra chālana — ଚନ୍ଦ୍ରଚାଳକ (ଦେଖ) Chandra chālaka (See).

ଚନ୍ଦ୍ରଚାଳିବା—ଦେ. କ୍ରି—ସ୍ତ୍ରୀମାନଙ୍କ ଭିନ୍ନ ଭିନ୍ନ ଅଙ୍ଗରେ ଭିନ୍ନ ଭିନ୍ନ
Chandra chālibā ତିଥିରେ ଅବସ୍ଥିତ 'ଚନ୍ଦ୍ର'ଙ୍କୁ କାମଶାସ୍ତ୍ରୋକ୍ତ ବିଧିଦ୍ୱାରା ଚଳାଇବା—To titillate the different parts of the body of a woman on different days of the fortnight.

ନିତି ନିଧୁବନେ ଅନେକ ବିଧାନେ କେତେ ଚନ୍ଦ୍ର ଥାଇ ଚାଳି ।
କବିସୂର୍ଯ୍ୟ. ସଙ୍ଗୀତ ।

ଚନ୍ଦ୍ରଚୂଡ଼—ସଂ. ବି (ବହୁବ୍ରୀହି; ଚନ୍ଦ୍ର ଚୂଡ଼ାରେ ଯାହାର; ଚନ୍ଦ୍ରଙ୍କୁ ମସ୍ତକରେ
Chandrachūrda ବହିଥିବା ଯୋଗୁଁ)—୧ । ମହାଦେବ — 1. God Śiba (lit. moon-crested).
୨ । ପର୍ବତବିଶେଷ—2. Name of a mountain.

ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦେବ—ଦେ. ବି (ନାମ)—
Chandrachūrdāmaṇi harichandana jagadeba
ଗଞ୍ଜାମ ସୁରଙ୍ଗୀ ରାଜ୍ୟର ସ୍ୱର୍ଗୀୟ ରାଜା । ଏ 'ମାତୃପୂଜା' 'ସଙ୍ଗୀତସର୍ବସ୍ୱ' ଓ 'ଦଶମହାବିଦ୍ୟା' ଆଦି ପୁସ୍ତକମାନ ଲେଖିଅଛନ୍ତି (ତାରିଣୀ-ଉତ୍କଳସାହିତ୍ୟର ଇତିହାସ) । ଏ ଇଉରୋପ ଭ୍ରମଣ କରି 'ପାଶ୍ଚାତ୍ୟଭ୍ରମଣ' ଓ ଅନେକ-ଗୁଡ଼ିଏ କବିତା ରଚନା କରିଥିଲେ—
Name of the late Raja of Surangi in the district of Ganjam.

ଚନ୍ଦ୍ରଚୋର ବାହିନୀପତି—ଦେ. ବି (ନାମ)— ମୋଗଲ ବାଦଶାହା
Chandrachora bāhinipati ଅକବରଙ୍କ ରାଜତ୍ୱକାଳର ପୁରୀ
(ଚନ୍ଦ୍ରଚୋରଗୁରୁ—ଅନ୍ୟ ନାମ) ଜିଲ୍ଲା ବିରାଙ୍ଗ ପ୍ରଗଣାର ବୀର-ନରସିଂହପୁର ଶାସନର ଜଣେ ପ୍ରସିଦ୍ଧ ତାନ୍ତ୍ରିକ ବ୍ରାହ୍ମଣ—
Name of a Brahman Pandit of Puri district in the reign of Akbar, who is reputed to have acquired supernatural powers by Tantric exercises.

[ଦ୍ର—ଏ ଅକବର ବାଦଶାହାଙ୍କ ଦରବାରରେ ତନ୍ତ୍ରବଳରେ ଆଶ୍ଚର୍ଯ୍ୟଜନକ ଶକ୍ତି ଦେଖାଇଥିଲେ । କଥିତଅଛି ଦିନେ ପୂର୍ଣ୍ଣିମାଦିନ ରାଜସଭାରେ ଏ କହିପକାଇଲେ ଯେ ଆଜି ଅମାବାସ୍ୟା ଅଟେ । ଏହା ଦେଖି ସଭାପଣ୍ଡିତମାନେ ହସିଲେ । ଏଥିରେ ଏ ଲଜ୍ଜିତ ହୋଇ ବସାକୁ ଫେରିଆସି ଇଷ୍ଟଦେବୀଙ୍କ ଧ୍ୟାନ କରି ଏହି ବର ମାଗିଲେ ଯେ "ଆଜି ଚନ୍ଦ୍ର ଉଦୟ ହେବେ ନାହିଁ" । ଏଥିରେ ଦେବୀ ରାଜି ହୋଇ ଚନ୍ଦ୍ରୋଦୟ ପୂର୍ବରୁ ଚନ୍ଦ୍ରଙ୍କୁ ନେଇଆସି ଏହାଙ୍କ ବସାରେ ହାଣ୍ଡିତଳେ ଲୁଚାଇଦେଲେ । ଏଣେ ସନ୍ଧ୍ୟାବେଳେ ଚନ୍ଦ୍ର ଉଦୟ ନ ହେବାରୁ ବାଦଶାହା ଆଶ୍ଚର୍ଯ୍ୟାନ୍ୱିତ ହୋଇ ଏହାଙ୍କୁ ଡକାଇ ପଠାଇଲେ ଓ ଏହାଙ୍କର ଏହି ଅସାଧାରଣ କ୍ଷମତା ଯୋଗୁଁ ଏହାଙ୍କୁ ପୁରସ୍କୃତ ଓ ସମ୍ମାନିତ କଲେ । ଏହାଙ୍କ ଭାଇଙ୍କ ନାମ ବଣି ପାଢ଼ୀ ।]

ଚନ୍ଦ୍ରଝଲକା—ଦେ. ବି—୧ । ଚନ୍ଦ୍ରକିରଣ—
Chandrajhalakā 1. The rays of the moon.
(ଚନ୍ଦ୍ରଝଲକ—ଅନ୍ୟରୂପ) ୨ । ମୁଣ୍ଡର ଅଳଙ୍କାରବିଶେଷ— 2. An ornament for the head.

ଚଥିତ ଚନ୍ଦ୍ରଝଲକାବିନ୍ଦ୍ର କ ମାଥୁରେ—ଭକ୍ତ. ବୈଦେହୀଶବିଳାସ ।

ଚନ୍ଦ୍ରଝୁମ୍ପା—ଦେ. ବି— ସ୍ତ୍ରୀମାନଙ୍କ ମୁଣ୍ଡର ଚଇଁରଭିଣ୍ଡିରେ ଲାଗିଥିବା
Chandrajhumpā ଚନ୍ଦ୍ରାକାର ଝୁମ୍ପା—
A kind of pendant for the chignon.

କେ ବୋଲେ ଚନ୍ଦ୍ରଝୁମ୍ପା ମୁକୁତା ପ୍ରକାଶେ—କୃଷ୍ଣସିଂହ. ମହାଭାରତ. ବନ ।

ଚନ୍ଦ୍ରଝୁମ୍ପି—ଦେ. ବି—୧ । ଚନ୍ଦ୍ରଝୁମ୍ପା (ଦେଖ)
Chandrajhumpi Chandrajhumpā (See).

ବନ୍ଧ ଚନ୍ଦ୍ରଝୁମ୍ପି ଝିଲମିଲିକା—ଭକ୍ତ. ବୈଦେହୀଶବିଳାସ ।

୨ । ଉପର କାନରେ ପିନ୍ଧାଯିବା ଅର୍ଦ୍ଧଚନ୍ଦ୍ରାକାର ଫାସିଆ—
2. A kind of crescent-shaped ear-ring for the upper ear.

ଚନ୍ଦ୍ରଦୀପ—ଦେ ବି—ରାତିରେ ଚାଲିବା ବେଳେ ବାଟ ସ୍ପଷ୍ଟରୂପେ
Chandradipa ଦେଖାଯିବା ଉଦ୍ଦେଶ୍ୟରେ ବ୍ୟବହୃତ ଉଜ୍ଜ୍ୱଳ କିରଣଯୁକ୍ତ ପ୍ରଦୀପ ବା ଲଣ୍ଠନ—
A bright lamp or lantern used to show the way during the night.

ଚନ୍ଦ୍ରକାବଳିକ ଭଜିଲାକାଳେ, ଗୃହକୁ ସୋପାନ ଉଠିବାବେଳେ ।
ଚନ୍ଦ୍ରଦୀପ ତା ଆଗରେ ନ ଥିଲେ, ଚେତନା ମୋ ଦେହେ ନ ଥାଇ ଭଲେ ।
କବିସୂର୍ଯ୍ୟ. କଳାକଉତୁକ ।

ଚନ୍ଦ୍ରଦ୍ୱୀପ—ସଂ. ବି.—ହିନ୍ଦୁଶାସ୍ତ୍ରୋକ୍ତ ୧୧ ଦ୍ୱୀପ ମଧ୍ୟରୁ ଏକତମ—
Chandradwipa One of the 11 islands mentioned in Hindu mythology.
[ଦ୍ର—ଶ୍ୱେତଦ୍ୱୀପ ତଳେ ନୋଟ ଦେଖ]

ଚନ୍ଦ୍ରନେତ୍ର—ଦେ. ବି.—ରାମାୟଣୋକ୍ତ ରାକ୍ଷସବିଶେଷ—
Chandranetra Name of a demon.

ବଧିଲୁଡ ବାଳପୁଷ୍ଟ କ୍ୟୋତସ୍ମାଳ ଚନ୍ଦ୍ରନେତ୍ର ମୋତକର୍ଣ୍ଣେ ପାବନ ଶାର୍ଦ୍ଦୂଳ ।
ଭକ୍ତ. ବୈଦେହୀଶବିଳାସ ।

ଚନ୍ଦ୍ରପ୍ରଭ—ସଂ. ବିଣ. ପୁଂ.—(ବହୁବ୍ରୀହି; ଚନ୍ଦ୍ର+ପ୍ରଭା)—ଚନ୍ଦ୍ରଙ୍କ ପରି
Chadraprabha ସୁନ୍ଦର—Beautiful like the moon.
(ଚନ୍ଦ୍ରପ୍ରଭା—ସ୍ତ୍ରୀ)

ଚନ୍ଦ୍ରପ୍ରଭା—ସଂ. ବି. ସ୍ତ୍ରୀ.—(୬ଷ୍ଠୀ ତତ୍; ଚନ୍ଦ୍ର+ପ୍ରଭା)—୧ । ଜ୍ୟୋତ୍ସ୍ନା—
Chandraprabhā 1. Moon-light.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଗ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ବାକୁଚି (ଦେଖ)
2. Bākuchi (See).

ସଂ. ବିଣ. ସ୍ତ୍ରୀ.—(ବହୁବ୍ରୀହି) ସୁନ୍ଦରୀ (ସ୍ତ୍ରୀ)
Beautiful (woman).

ଚନ୍ଦ୍ରପୃଷ୍ଠ—ପ୍ରା. ବିଣ. ପୁଂ.—ଯାହାର ଜାନୁ, ଭୁଜ ଓ ହୃଦୟ ମୋଟ ଓ
Chandrapṛushṭa ପେଟ କୃଶ ଏବଂ ଯେ ଦିବସରେ ନିଦ୍ରା ଯାଏ ଓ ରସଦ୍ରବ୍ୟ ଭକ୍ଷଣ କରେ—A person who has thick thighs, arms and breast and a thin belly.

ଚନ୍ଦ୍ରପୃଷ୍ଠ ବୋଲି ତାହାକୁ କହି । ପ୍ରାଚୀ. ପରତେ ଗୀତା ।

ଚନ୍ଦ୍ରବଂଶ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର + ବଂଶ)—ଚନ୍ଦ୍ରଙ୍କଠାରୁ ଉତ୍ପନ୍ନ
Chandrabaṁśa ଭାରତର ପୁରାତନ ରାଜବଂଶବିଶେଷ; ଯଦୁ ଓ ପୁରୁ ରାଜାଙ୍କ ବଂଶ—Name of an ancient family of kings of ancient India; the Lunar royal race of India.

[ଦ୍ର—ପୁରାଣ ଅନୁସାରେ ଚନ୍ଦ୍ର ବା ସୋମ ଅତ୍ରି ମୁନିଙ୍କ ପୁତ୍ର; ଚନ୍ଦ୍ରଙ୍କ ପୁତ୍ର ବୁଧ; ସୂର୍ଯ୍ୟବଂଶୀୟ ରାଜାଙ୍କ କନ୍ୟା ଇଳାଙ୍କୁ ବୁଧ ବିବାହ କଲେ ଏବଂ ଇଳାଙ୍କ ଗର୍ଭରୁ ଐଳ ବା ପୁରୁରବା ନାମକ ପୁତ୍ର ଜନ୍ମିଲେ । ପୁରୁରବାଙ୍କ ଔରସରେ ଉର୍ବଶୀଙ୍କ ଗର୍ଭରୁ ଆୟୁଃ ନାମକ ପୁତ୍ର ଜନ୍ମିଲେ । ଆୟୁଙ୍କ ପୁତ୍ର ନହୁଷ; ନହୁଷଙ୍କ ପୁତ୍ର ଯଯାତି । ଯଯାତିଙ୍କର ଦୁଇ ପୁତ୍ର ପୁରୁ ଓ ଯଦୁ; ଏ ଦୁହିଙ୍କଠାରୁ ଚନ୍ଦ୍ରବଂଶର ଦୁଇଟି ଶାଖା ହେଲା । ଯଦୁବଂଶରେ କୃଷ୍ଣ, ବଳରାମ ଆଦି ଜନ୍ମିଥିଲେ । ପୁରୁବଂଶରେ ଦୁଷ୍ୟନ୍ତ ଜନ୍ମିଥିଲେ । ଦୁଷ୍ୟନ୍ତଙ୍କ ପୁତ୍ର ଭରତ । ଭରତଙ୍କ ନବମ ବଂଶଧର କୁରୁ ଏବଂ ଚତୁର୍ଦ୍ଦଶ ବଂଶଧର ଶାନ୍ତନୁ । ଶାନ୍ତନୁଙ୍କ ବିବାହିତା ଭାର୍ଯ୍ୟାଗର୍ଭଜାତ ପୁତ୍ର ଭୀଷ୍ମ, ଚିତ୍ରାଙ୍ଗଦ, ବିଚିତ୍ରବୀର୍ଯ୍ୟ ଓ ଦାସୀ ସତ୍ୟବତୀଙ୍କ କାନୀନ ପୁତ୍ର ବ୍ୟାସ । ଭୀଷ୍ମ ଚିରକୁମାର ଥିଲେ । ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ଅପୁତ୍ରକ ହୋଇ ମରିବାରୁ ନିୟୋଗ ବିଧିଦ୍ୱାରା ସେମାନଙ୍କ ବିଧବା ସ୍ତ୍ରୀଙ୍କ ଗର୍ଭରେ ବ୍ୟାସଦେବ ଧୃତରାଷ୍ଟ୍ର ଓ ପାଣ୍ଡୁଙ୍କୁ ଉତ୍ପାଦିତ କଲେ । ଧୃତରାଷ୍ଟ୍ର ଜ୍ୟେଷ୍ଠ କିନ୍ତୁ ଜନ୍ମାନ୍ଧ ଥିବାରୁ ପାଣ୍ଡୁ ରାଜ୍ୟ ପାଇଲେ । ପାଣ୍ଡୁଙ୍କ ଅନ୍ତେ ପାଣ୍ଡୁଙ୍କର ପାଞ୍ଚପୁତ୍ର ରାଜ୍ୟରେ ବସିବାରୁ ଧୃତରାଷ୍ଟ୍ରଙ୍କର ଦୁର୍ଯ୍ୟୋଧନାଦି ଶତ ପୁତ୍ର ରାଜ୍ୟ ଦାବି କଲେ ଓ ମହାଭାରତ ଯୁଦ୍ଧର ସୂତ୍ରପାତ ହେଲା । ଚନ୍ଦ୍ରବଂଶ ପରି ସୂର୍ଯ୍ୟବଂଶ ଭାରତର ଆଉ ଗୋଟିଏ ପ୍ରାଚୀନ ରାଜବଂଶ ରାମଚନ୍ଦ୍ର ସୂର୍ଯ୍ୟବଂଶୀୟ ।]

ଚନ୍ଦ୍ରବଦନ—ସଂ. ବି.—(ଉପମିତ ସମାସ; ଚନ୍ଦ୍ର + ବଦନ)—ଚନ୍ଦ୍ର ପରି
Chandrabadana ସୁନ୍ଦର ମୁଖ—Moon-like lovely face.
(ଚନ୍ଦ୍ରବଦନା—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି)—ଚନ୍ଦ୍ରଙ୍କ ପରି ସୁନ୍ଦର ମୁଖଯୁକ୍ତ (ପୁରୁଷ)—(a male) Having a lovely face like the moon.

ଚନ୍ଦ୍ରବଦନୀ—ସଂ. ବିଣ. ସ୍ତ୍ରୀ. (ସଂ. ଚନ୍ଦ୍ରବଦନା)—ଚନ୍ଦ୍ରମୁଖୀ—
Chandrabadanī (a woman) Having a lovely and fair face.

ଚନ୍ଦ୍ରବନ୍ଧନୀ—ଦେ. ବି. (ଗଣିତ)—ଏକପ୍ରକାର ଗାଣିତିକ ସଙ୍କେତ—
Chandrabandhanī A sign used in mathematics; simple bracket.

ବନ୍ଧନୀ ତଳେ ନୋଟ ଦେଖ—
See notes under Bandhanī.

ଚନ୍ଦ୍ରବଲ୍ଲରୀ—ସଂ. ବି. ସ୍ତ୍ରୀ. (ଉପମିତ କର୍ମଧାରୟ; ଚନ୍ଦ୍ର ସଦୃଶ ଉଜ୍ଜ୍ୱଳ
Chandraballarī ବଲ୍ଲରୀ)—୧ । ସୋମ ଲତା—
1. The Soma creeper.
୨ । ଶାକଲତାବିଶେଷ—2. Ruta Graveolens; a kind of pot-herb (M. W.).

ଚନ୍ଦ୍ରବଲ୍ଲୀ—ସଂ. ବି—୧ । ପସାରୁଣୀ ଲତା—
Chandraballī 1. Pæderia Foetida (creeper)(M.W.)
୨ । ମାଧବୀ ଲତା—2. Gærtnera Racemosa (creeper). (M. W.)

ଚନ୍ଦ୍ରବାଡ଼ି—ଦେ. ବି—ଭୟଙ୍କର ବିସୂଚିକା ରୋଗ—
Chandrabāṛḍi Asiatic cholera; a very dangerous kind of cholera.

ଚନ୍ଦ୍ରବାଣ—ସଂ. ବି—ଅର୍ଦ୍ଧଚନ୍ଦ୍ରାକୃତି ବାଣବିଶେଷ; ଯେଉଁ ବାଣର
Chandrabāṇa ଫଳକ ଅର୍ଦ୍ଧଚନ୍ଦ୍ରାକୃତି—A kind of
चंद्रबान crescent-bladed arrow.

ଚନ୍ଦ୍ରବାନ୍—ସଂ. ବିଣ (ଚନ୍ଦ୍ର + ଅସ୍ତି ଅର୍ଥରେ ବତ୍; ୧ମା. ୧ବ)—
Chandrabān ୧ । ଚନ୍ଦ୍ରକିରଣ ଦ୍ୱାରା ଆଲୋକିତ—
(ଚନ୍ଦ୍ରବତୀ—ସ୍ତ୍ରୀ) 1 Illuminated by the moon. (M W.)
୨ । (ବୈଦିକ) ଯହିଁରେ ପ୍ରଚୁର ସ୍ୱର୍ଣ୍ଣ ଅଛି—
2. Abounding in gold. (M. W.)

ଚନ୍ଦ୍ରବିନ୍ଦୁ—ସଂ. ବି—ଅନୁନାସିକ ବର୍ଣ୍ଣବିଶେଷ; ବିନ୍ଦୁଯୁକ୍ତ ଅର୍ଦ୍ଧଚନ୍ଦ୍ରା-
Chandrabindu କୃତି ଅକ୍ଷର ँ—A nasal alphabet or adjunct to a letter ँ in Sanscrit and Oria.

ଚନ୍ଦ୍ରବିମ୍ବ—ସଂ. ବି (୬ଷ୍ଠୀ ତତ୍; ଚନ୍ଦ୍ର + ବିମ୍ବ)—ଚନ୍ଦ୍ରମଣ୍ଡଳ (ଦେଖ)—
Chandrabimba Chandramaṇḍaḷa (See)

ଚନ୍ଦ୍ରବିମ୍ବା—ଦେ. ବି—ଧବଳ ପୁଷ୍ପବିଶେଷ—
Chandrabimbā A kind of white flower

ଶତବର୍ଗ କୁଇଅଁ। ରଙ୍ଗମଲ୍ଲୀ, ମୃଦୁଳା ଏ ଚନ୍ଦ୍ରବିମ୍ବା—ପ୍ରାଚୀ. ରହସ୍ୟମଞ୍ଜରୀ ।

ଚନ୍ଦ୍ରବିହଙ୍ଗମ—ସଂ. ବି (ମଧ୍ୟପଦଲୋପୀ; ଚନ୍ଦ୍ରବତ୍ ଶୁକ୍ଳ ବିହଙ୍ଗମ)—
Chandrabihaṅgama ବଗପକ୍ଷୀ—The heron; Ardea Nivea, (M. W.)

ଚନ୍ଦ୍ରବୋଡ଼ା—ଦେ. ବି—ଚନ୍ଦନବୋଡ଼ା (ଦେଖ)—
Chandraborḍā Chandanaborḍā (See)

ଚନ୍ଦ୍ରବ୍ରତ—ସଂ. ବି—ଚାନ୍ଦ୍ରାୟଣବ୍ରତ (ଦେଖ)
Chandrabrata Chāndrāyaṇa brata (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଅ	ଢ଼ଅ	ଘ
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ନ୍ତୁ

ଚନ୍ଦ୍ରଭଗା—ଗ୍ରା. ବି (ସଂ. ଚନ୍ଦ୍ରଭାଗା)—ଚନ୍ଦ୍ରଭାଗା ୨ (ଦେଖ)—
Chandrabhagā Chandrabhāgā 2 (See)

ଚନ୍ଦ୍ରଭବନ—ସଂ. ବି—ଚନ୍ଦ୍ରଶାଳା (ଦେଖ)—
Chandrabhabana Chandraśālā (See)

ବସନ୍ତେ ବନେ ଚନ୍ଦ୍ରଭବନେ ସୁଖୀ ସେବନେ ମୋର,
ପିଢକା ଘନସାରରେ ସକ ମାରେ ଜନକ ପର । ଉକ୍ତ. ପ୍ରେମ-ସୁଧାନିଧି ।

ଚନ୍ଦ୍ରଭାଗ—ସଂ. ବି— ହିମାଳୟର ଶୃଙ୍ଗବିଶେଷ—
Chandrabhāga Name of a mountain-peak in the Himalayan range.

[ଦ୍ର—ପୁରାଣରେ ଅଛି ଯେ ଏହିଠାରେ ବ୍ରହ୍ମା ଚନ୍ଦ୍ରଙ୍କର ହ୍ରାସ-ବୃଦ୍ଧିର ଭାଗ ନିରୂପଣ କରିଥିଲେ ।]

ଚନ୍ଦ୍ରଭାଗା—ସଂ. ବି. ସ୍ତ୍ରୀ (ଚନ୍ଦ୍ରଭାଗ + ଅ; ଚନ୍ଦ୍ରଭାଗ ପର୍ବତରୁ ଉତ୍ପନ୍ନ)
Chandrabhāgā ୧ । ସିନ୍ଧୁର ଉପନଦୀବିଶେଷ; ଆଧୁନିକ ଚେନାବ ନଦୀ—1. The Chenab, a tributary of the Indus.

୨ । ଉତ୍କଳର ପୁରୀଜିଲ୍ଲାର ସମୁଦ୍ର ଉପକୂଳସ୍ଥ କୋଣାର୍କ ନିକଟବର୍ତ୍ତୀ ଲୁପ୍ତ ନଦୀ—2. A vanished stream near Koṇārka in the sea-coast of the Puri district.

[ଦ୍ର—ଏହିଠାରେ ମାଘ ଶୁକ୍ଳସପ୍ତମୀରୁ ସ୍ନାନଯୋଗ ପଡ଼ିବାରୁ ବହୁ ସହସ୍ର ଯାତ୍ରୀ ଅରୁଣୋଦୟ ସମୟରେ ବୁଡ଼ ପକାଅନ୍ତି । ପୂର୍ବେ ଏହା ଗୋଟିଏ ପ୍ରଧାନ ବାଣିଜ୍ୟ କେନ୍ଦ୍ର ଓ ବନ୍ଦର ଥିଲା ।

ଖୋର୍ଦ୍ଧା ଜିଲ୍ଲା ଓ କଟକ ଜିଲ୍ଲା ଅନ୍ତର୍ଗତ ସାରଙ୍ଗଗଡ଼ ଓ ନରାଜ ମଧ୍ୟସ୍ଥିତ ପର୍ବତ ଓ ତତ୍ପାର୍ଶ୍ଵବର୍ତ୍ତୀ ଭୂମିଖଣ୍ଡର ଜଳ ମିଶି ବାରଙ୍ଗ ପୋଲ ଦେଇ ନିମ୍ନଗାମୀ ହେଉଥିଲା । ବାରଙ୍ଗ ନିକଟରେ ଏହାର ଆକାର କ୍ଷୁଦ୍ର, ଦେଖାଗଲେ ମଧ୍ୟ ପୁରୀ ଜିଲ୍ଲା ମଧ୍ୟସ୍ଥିତ ନାନାସ୍ଥାନ ଓ ଶାଖାନଦୀମାନଙ୍କରୁ ଜଳ ଆହରଣକରି ଏହା କ୍ରମେ ବୃହଦାକାର ହୋଇ ସମୁଦ୍ରାଭିମୁଖରେ ଯାଉଥିଲା । କୁଶଭଦ୍ରା ନଦୀର ଜଳ ଏଥିରେ ମିଳିତ ହେଉଥିଲା । ଏହାକୁ ପୂର୍ବେ ପ୍ରାଚୀନଦୀ ବୋଲି କହୁଥିଲେ । ଏହା ଏକ ସୁବିସ୍ତୃତ ଗଭୀର ଓ ବେଗବତୀ ନଦୀ ଥିଲା । ବାଣିଜ୍ୟ ସକାଶେ ନୌକା ସମୂହ ଏଥିରେ ଯାତାୟାତ କରୁଥିଲା । ଚନ୍ଦ୍ରଭାଗାନଦୀ ଏହାର ଏକ ଅଂଶ ଥିଲା । କାଳକ୍ରମେ ପ୍ରାଚୀ ନଦୀର ଆକାର ଓ ଗତି ପରିବର୍ତ୍ତିତ ହୋଇଅଛି । ପ୍ରାଚୀର ଏକଶାଖା (ବର୍ତ୍ତମାନ କାଦୁଆ) ବାହାରି ପ୍ରଥମେ ଭଦ୍ରା ଓ କିଯ୍ଦୂର ଯାଇ ଚନ୍ଦ୍ରୋତ୍କଳା ନାମ ଧାରଣ କରି ଅର୍କକ୍ଷେତ୍ର ଦେଇ ସମୁଦ୍ରରେ ପଡ଼ୁଥିଲା । ଏହି ଚନ୍ଦ୍ରୋତ୍କଳା ଚନ୍ଦ୍ରଭାଗାର ନାମାନ୍ତର ମାତ୍ର । ଏହା କୋଣାର୍କଠାରେ ଲୁପ୍ତ ହୋଇଅଛି ।

ମଦନ ମୋହନ ତୀର୍ଥଦର୍ଶକ ।]

୩ । କବି ରାଧାନାଥଙ୍କ ଓଡ଼ିଆ କାବ୍ୟଗ୍ରନ୍ଥବିଶେଷ—
3. Name of a poem of poet Radhanath of Orissa.

୪ । ପର୍ଶୁରାମଙ୍କ ଶିଷ୍ୟା ଓ ସୁମନ୍ୟୁଙ୍କ କନ୍ୟା—4 Name of a disciple of Pārśurāma and the daughter of Sumanyu.

ଚନ୍ଦ୍ରଭାଗାଳିକା—ଦେ.ବିଣ.ସ୍ତ୍ରୀ—ଅର୍ଦ୍ଧଚନ୍ଦ୍ର ସଦୃଶ ଲଲାଟବିଶିଷ୍ଟା (ସ୍ତ୍ରୀ)—
Chandrabhāgāḻikā (a woman) Having a crescent-shaped brow.

ବ୍ୟାକୁଳ ବନାରେ ନବାଳାମଣି, କଣ୍ଠାଜ ଚନ୍ଦ୍ରଭାଗାଳିକା ପୁଣି ।
ଉକ୍ତ. ବୈଦେହୀଶବିଳାସ ।

ଚନ୍ଦ୍ରଭାନୁ—ସଂ. ବି. (ନାମ)—ଶ୍ରୀକୃଷ୍ଣଙ୍କ ରାଣୀ ସତ୍ୟଭାମାଙ୍କର ଦଶ ପୁତ୍ର
Chandrabhānu ମଧ୍ୟରୁ ଏକ—One of the ten sons of Śrikṛushṇa by Satyabhāmā.

ଦେ. ବି.—୧ । ଶ୍ରୀକୃଷ୍ଣଙ୍କ ସହଚରୀ ଚନ୍ଦ୍ରାବଳୀଙ୍କ ପିତା—
1. The father of Chandrābaḻi.

୨ । ଉପେନ୍ଦ୍ରଭଞ୍ଜଙ୍କ କଳ୍ପିତ କାବ୍ୟର ନାୟିକା ଲାବଣ୍ୟବତୀର ସ୍ୱାମୀ—2. Name of the husband of Upendrabhañja's Lābaṇyabatī.

ଚନ୍ଦ୍ରଭାସ—ସଂ.ବି. (ଚନ୍ଦ୍ର + ଭାସ୍ ଧାତୁ = ଦୀପ୍ତି ପାଇବା + ଅ;)—
Chandrabhāsa ଚନ୍ଦ୍ରହାସ ୩ (ଦେଖ)
Chandrahāsa 3. (See)

ଚନ୍ଦ୍ରଭୂତି—ସଂ. ବି. (ବହୁବ୍ରୀହି; ଚନ୍ଦ୍ରପରି ଭୂତି ଯାହାର)—
Chandrabhūti ରୂପା—Silver.

ଚନ୍ଦ୍ରମ—ଦେ. ବି. (ସଂ. ଚନ୍ଦ୍ରିକା)—ଚନ୍ଦ୍ରକିରଣ; ଜ୍ୟୋତ୍ସ୍ନା—
Chandrama Moon-light.

ଚନ୍ଦ୍ରମଣି—ସଂ. ବି. (ମଧ୍ୟପଦଲୋପୀ କର୍ମଧାରୟ; ଚନ୍ଦ୍ର + ମଣି)—
Chandramaṇi ଚନ୍ଦ୍ରକାନ୍ତ ମଣି—The moonstone; a gem.

ଦେ ବି. (ପୁଂ ଓ ସ୍ତ୍ରୀ)—ଲୋକଙ୍କ ନାମ—
A name given to males and females.

ଚନ୍ଦ୍ରମଣି ଦାଶ—ଦେ. ବି. (ନାମ)—ପ୍ରାଚୀନ ଓଡ଼ିଆ କବିବିଶେଷ—
Chandramaṇi dāśa Name of an ancient Oṛḍiā poet.

[ଦ୍ର—ଏ ଜାତିରେ ବ୍ରାହ୍ମଣ; ବୈଷ୍ଣବଧର୍ମ ଗ୍ରହଣ କରିଥିଲେ । 'ସୁଧାସାଗର ଗୀତା' ଏହାଙ୍କ ଦ୍ୱାରା ରଚିତ ।
ତାରିଣୀ ଉତ୍କଳସାହିତ୍ୟ ଇତିହାସ ।

ଚନ୍ଦ୍ରମଣି ମହାନ୍ତି—ଦେ. ବି. (ନାମ)—ପ୍ରାଚୀନ କବିବିଶେଷ—
Chandramaṇi mahānti Name of an ancient poet.

[ଦ୍ର— ଏ କବିଙ୍କ ଲିଖିତ ଗ୍ରନ୍ଥମାନଙ୍କ ମଧ୍ୟରେ 'ହଂସଦୂତ' ପ୍ରଧାନ ।]

ଚନ୍ଦ୍ରମଣ୍ଡଳ—ସଂ.ବି (୬ଷ୍ଠୀ ତତ୍; ଚନ୍ଦ୍ର + ମଣ୍ଡଳ)—୧ । ଚନ୍ଦ୍ରଙ୍କ ଗୋଲାକାର କଳେବର—
Chandramaṇḍaḻa 1. The orb of the moon; the lunar orb.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ, ଋଥ ନ ମିଳିଲେ 'ରୁଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ସମସ୍ତ ସମୟରେ ଚନ୍ଦ୍ରଙ୍କ ଚାରିପାଖେ କିଛିଦୂର ପର୍ଯ୍ୟନ୍ତ ଯେଉଁ ମଣ୍ଡଳାକାର ପ୍ରଭା ଚନ୍ଦ୍ରଙ୍କ ବେଷ୍ଟନ କଲାପରି ଦେଖାଯାଏ—2. A halo or circle seen surrounding the moon on some cloudy nights.

ଚନ୍ଦ୍ରମଣ୍ଡଳ ଭିତରେ ବାସ, ମେଘ ବରଷିବ ମୂଷଳଧାର—ଡାକବଚନ ।

ଚନ୍ଦ୍ରମଣ୍ଡଳ ପୁର—ଦେ. ବି—ଚନ୍ଦ୍ରଶାଳାପୁର—
Chandramandala pura — A pleasure-house at the top of a building.

ଚନ୍ଦ୍ରମଣ୍ଡଳପୁର ଝଡ଼ ପଡ଼ିଲା ଦେଖିଲେ ତହିଁ ମାଡ଼ିଲ—ପ୍ରାଚୀ. ରହସ୍ୟମଞ୍ଜରୀ ।

ଚନ୍ଦ୍ରମଲ୍ଲିକା—ସଂ. ବି (ଦ୍ରୁଲ. ଫା. ଗୁଲ୍‌ଦାଉଦୀ)—ଏକଜାତୀୟ ଫୁଲଗଛ
Chandramallikā ବିଦେଶାଗତ ସୁବାସଫୁଲ—Chrysanthemum Indicum.
চন্দ্রমল্লিকা
গুল্‌দাউদী [ଦ୍ର—ଏହା ହେମନ୍ତ କାଳରେ ଫୁଟେ । ଫୁଲର ପରିଧି (ଚନ୍ଦ୍ରମଲ୍ଲୀ—ଅନ୍ୟରୂପ) ୬ ଇଞ୍ଚ ଠାରୁ ୧୨ ଫୁଟ ପର୍ଯ୍ୟନ୍ତ ହୁଏ । ଫୁଲ ଫୁଟିବା ପରେ ଏକମାସ ପର୍ଯ୍ୟନ୍ତ ସତେଜ ରହିପାରେ ।] ।

ଚନ୍ଦ୍ରମହ—ସଂ. ବି—କୁକୁର—
Chandramaha — A dog (M. W.)

ଚନ୍ଦ୍ରମହାଦଶା—ସଂ. ବି (୬ଷ୍ଠୀ ତତ୍; ଚନ୍ଦ୍ର+ମହାଦଶା)—(ଜ୍ୟୋତିଷ)
Chandra mahādasā ମନୁଷ୍ୟର ଜାତକରେ ଗ୍ରହ ଅବସ୍ଥାନ ଅନୁସାରେ ଗଣନା କରାଯିବା ମନୁଷ୍ୟର ଜୀବନରେ ଚନ୍ଦ୍ରଗ୍ରହ ଭୋଗ କରିବା କାଳ (ଏହାର ପରିମାଣ ୧୦ ବରଷ)—Ten years of the life time of a man when the moon presides over his life.

ଚନ୍ଦ୍ରମହାରାଜା—ଦେ. ବି (ନାମ)—ଗଞ୍ଜାମ ପାରଳାଖେମୁଣ୍ଡିର ସ୍ୱର୍ଗୀୟ
Chandra mahārājā ସେକେଣ୍ଡ୍ ପ୍ରିନ୍ସ (୨ୟ ରାଜକୁମାର) ଶ୍ରୀ ପଦ୍ମନାଭ ନାରାୟଣ ଦେବଙ୍କର ଗଞ୍ଜାମରେ ସୁପରିଚିତ ନାମ ବା ଡାକନାମ—The name by which the late (Second Prince) Padmanābha Nārāyan Deb of Parlakhemedi was popularly known and called.
[ଦ୍ର—ଏ ସାହିତ୍ୟ ଚର୍ଚ୍ଚା, ପଦ୍ୟ, ନାଟକ, ପ୍ରବନ୍ଧଲେଖା ଓ ନାଟ୍ୟକଳାରେ ରତ ଥିଲେ ଓ ସାହିତ୍ୟସେବକମାନଙ୍କୁ ନାନା ପ୍ରକାରେ ସାହାଯ୍ୟ କରି ଉତ୍ସାହିତ କରୁଥିଲେ । ଏହାଙ୍କର ଆଚରଣ ଅତି କରୁଣ ଥିଲା । ଏ ଅତ୍ୟନ୍ତ ଦୟାଳୁ, ମିଷ୍ଟଭାଷୀ ଓ ଶାନ୍ତ ପ୍ରକୃତିର ଥିଲେ । ସ୍ୱର୍ଗୀୟ ଶ୍ୟାମସୁନ୍ଦର ରାଜଗୁରୁ ଏହାଙ୍କର ବାଲ୍ୟକାଳର ଗୃହଶିକ୍ଷକ ଥିଲେ । ଏହାଙ୍କ ଅକାଳ ମୃତ୍ୟୁରେ ଉତ୍କଳାକାଶ ଗୋଟିଏ ଉଜ୍ଜ୍ୱଳ ଗ୍ରହ ହରାଇଲା ।]

ଚନ୍ଦ୍ରମା—ଦେ. ବି (ସଂ. ଚନ୍ଦ୍ରମସ୍ ଶବ୍ଦର ୧ମା. ୧ବ. ଚନ୍ଦ୍ରମାଃ)—
Chandramā ୧ । ଚନ୍ଦ୍ର—1. The moon.
୨ । ସ୍ତ୍ରୀମାନଙ୍କୁ ଦିଆଯିବା ନାମ—
2. A name given to females.

ଚନ୍ଦ୍ରମାଃ—ସଂ. ବି (ଚନ୍ଦ୍ର=କର୍ପୂର+ମସ୍ ଧାତୁ=ତୁଲ୍ୟକରିବା+କ୍ୱିପ୍;
Chandramāh ଯେ କର୍ପୂର ତୁଲ୍ୟ ଶୁଭ୍ର ଜ୍ୟୋତି ଦାନକରେ)—
୧ । ଚନ୍ଦ୍ର—1. The moon.
୨ । ଦେବ ବା ଦାନବରୂପେ କଳ୍ପିତ ଚନ୍ଦ୍ର—2. The moon considered as a Dānaba or Deity (M. W.)
[ଦ୍ର—ଏହା ଅଷ୍ଟବସୁଙ୍କ ମଧ୍ୟରେ ଏକ ।]
୩ । ବିଷ୍ଣୁପୁରାଣୋକ୍ତ ନଦୀବିଶେଷ—1. Name of a river mentioned in Bishnu purāna.

ଚନ୍ଦ୍ରମାଗାର—ଦେ. ବି—୧ । ଚନ୍ଦ୍ରଶାଳାପୁର—
Chandramāgāra 1. A pleasure-house on the top of a building.
୨ । ଦେହରେ ଚନ୍ଦ୍ରାକୃତି ନଖ ଚିହ୍ନ—
2 Crescent shaped scar caused by scratching the body with the finger-nails.

ଅଙ୍ଗ ଯେ ସୁରେ ନଖ ଚନ୍ଦ୍ରମାଗାର
ଦେଖୁଛି ତାହା ବସି ଚନ୍ଦ୍ରମାଗାର । ଭଞ୍ଜ. ପ୍ରେମସୁଧାନିଧି ।

ଚନ୍ଦ୍ରମାର୍ଗ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+ମାର୍ଗ)—
Chandramārga ୧ । ଚନ୍ଦ୍ର ଯେଉଁ କଳ୍ପିତ ମଣ୍ଡଳାକାର ରେଖାରେ ପୃଥିବୀ ଚାରି ପାଖେ ବୁଲେ—
1. The moon's orbit.
୨ । ବାୟୁମଣ୍ଡଳ—2. The atmosphere. (M. W.)

ଚନ୍ଦ୍ରମାସ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+ମାସ)—
Chandramāsa ଚାନ୍ଦ୍ରମାନ ମାସ; ଚନ୍ଦ୍ର ପୃଥିବୀର ଚାରି ପାଖରେ ଥରେ ଘୂରି ଆସିବାର କାଳ—Lunar month.

ଚନ୍ଦ୍ରମୁଖ—ସଂ. ବି ଓ ବିଣ—ଚନ୍ଦ୍ରବଦନ (ଦେଖ)
Chandramukha Chandrabadana (See)
(ଚନ୍ଦ୍ରମୁଖୀ—ସ୍ତ୍ରୀ)

ଚନ୍ଦ୍ରମୁଖୀ—ସଂ. ବି. ସ୍ତ୍ରୀ—୧ । ସ୍ତ୍ରୀ ଜନନେନ୍ଦ୍ରିୟର ଶିରାବିଶେଷ—
Chandramukhī 1. A particular blood-vessel of the vulva (M. W.).
୨ । ସ୍ୱର୍ଗାଙ୍ଗନାବିଶେଷ—
2. Name of a heavenly nymph
୩ । ୧୦ ଅକ୍ଷରବିଶିଷ୍ଟ ୪ ପାଦଥିବା ଛନ୍ଦୋବିଶେଷ—
3. Name of a metre of 4×10 syllables (M. W.)

ଚନ୍ଦ୍ରମୁହାଁ—ଦେ. ବିଣ. ସ୍ତ୍ରୀ. (ସଂ. ଚନ୍ଦ୍ରମୁଖୀ)—ଚନ୍ଦ୍ରପରି ସୁନ୍ଦର ମୁଖ-
Chandramuhā̃ ବିଶିଷ୍ଟା (ସ୍ତ୍ରୀ); ସୁନ୍ଦରୀ—(woman) Having a lovely face like the moon; beautiful (woman)

ଏବେ ତ ମୋଠାରୁ ଶୁଣିଲ ଚନ୍ଦ୍ରମୁହାଁ । କୃଷ୍ଣସିଂ. ମହାଭାରତ. ବନ ।

୧	ଇ	ଉ	ର୍,ଋ	ଌ	ଏ	ଦନ୍ତ୍ୟ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଣ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଙ୍ଗ୍ୟ	ଇଅ	ଊ	ନ୍ତ

ଚନ୍ଦ୍ରମୌଳ—ସଂ. ବି. (ବହୁବ୍ରୀହି; ଚନ୍ଦ୍ର+ମୌଳ)—
Chandramauli ୧ । ଚନ୍ଦ୍ରଚୂଡ଼ ୧ (ଦେଖ)
1. Chandrachūrda 1 (See)
୨ । ଚନ୍ଦ୍ରମୁଖୀ ୧ (ଦେଖ)
2. Chandramukhī 1. (See)

ଚନ୍ଦ୍ରରତ୍ନ—ସଂ. ବି—ମୁକ୍ତା; ମୋତି—Pearl (M. W.).
Chandraratna

ଚନ୍ଦ୍ରରେଖା—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ଚନ୍ଦ୍ର+ରେଖା)—
Chandrarekhā ୧ । ଶୁକ୍ଳ ପ୍ରତିପଦ ବା ଦ୍ୱିତୀୟା ତିଥିର କ୍ଷୀଣଚନ୍ଦ୍ର—1. The first digit of the moon; the slender moon of the first day of the bright fortnight.
୨ । ବାଣରାଜକନ୍ୟା ଉଷାର ସଖୀ—
1. Name of an attendant or companion of Ushā, daughter of king Bāna.
୩ । ଚନ୍ଦ୍ରକିରଣ (ହି. ଶବ୍ଦସାଗର)—3. Moonlight.
୪ । ଗୁଳ୍ମବିଶେଷ—4. Serratula Anthelminthica. (M. W.)
୫ । ଅପ୍ସରୋବିଶେଷ—
5. Name of a heavenly nymph (M. W.)

ଚନ୍ଦ୍ରରେଣୁ—ସଂ. ବି—ଗ୍ରନ୍ଥଚୌର; ଯେ ପର ଗ୍ରନ୍ଥରୁ ଚୋର କରି
Chandrarenu ଆପଣା ଲେଖା ବୋଲି ପରିଚୟ ଦିଏ—
A plagiarist.

ଚନ୍ଦ୍ରଲେଖା—ସଂ. ବି.—୧ । ଚନ୍ଦ୍ରରେଖା (ଦେଖ)
Chandralekhā Chandrarekhā (See)
୨ । ଲତାବିଶେଷ—2. A kind of creeper.
୩ । ପଞ୍ଚଦଶାକ୍ଷର ସଂସ୍କୃତ ଛନ୍ଦୋବିଶେଷ—
3. Name of Sanskrit metre.
୪ । ନଦୀବିଶେଷ—4. Name of a river.

ଚନ୍ଦ୍ରଲୋକ—ସଂ. ବି.—(୬ଷ୍ଠୀ ତତ୍; ଚନ୍ଦ୍ର+ଲୋକ)—୧ । ସୌର-
Chandraloka ଜଗତରେ ଯେଉଁ ସ୍ଥାନରେ ଚନ୍ଦ୍ର ପୃଥିବୀକୁ ପରିଭ୍ରମଣ କରେ—1. The space of the moon's orbit round the earth.
୨ । ପୁରାଣୋକ୍ତ ସ୍ୱର୍ଗଲୋକବିଶେଷ, ଯହିଁର ଅଧିଷ୍ଠାତା ଚନ୍ଦ୍ର—
2 A heaven or sphere said to be presided over by the moon-god
୩ । ଚନ୍ଦ୍ର ଗ୍ରହର ଅଭ୍ୟନ୍ତର ସ୍ଥାନ—3. The place on the face of the planet—moon.

ଚନ୍ଦ୍ରଲୋହକ—ସଂ. ବି. (ମ. ପ. ଲୋ; ଚନ୍ଦ୍ରପରି ଶୁକ୍ଳ ଲୋହ=ଧାତୁ)
Chandralohaka ରୌପ୍ୟ; ରୁପା—Silver.
ଚନ୍ଦ୍ରଲୌହ } ଅନ୍ୟରୂପ
ଚନ୍ଦ୍ରଲୌହକ

ଚନ୍ଦ୍ରଶାଳା—ସଂ. ବି.—୧ । ପ୍ରାସାଦ ଉପରସ୍ଥ ଗୃହ; ଶିରୋଗୃହ—
Chandraśālā 1 A room at the top of a house or building; a turret at the top of a house.
୨ । ଚନ୍ଦ୍ର କିରଣ (ହି. ଶବ୍ଦସାଗର)—
2. Moonlight (M. W.)

ଚନ୍ଦ୍ରଶିଖର—ସଂ. ବି.—(ବହୁବ୍ରୀହି; ଚନ୍ଦ୍ର+ଶିଖର)—
Chandraśikhara ଚନ୍ଦ୍ରଚୂଡ଼ (ଦେଖ)
(ଚନ୍ଦ୍ର ଶେଖର—ଅନ୍ୟରୂପ) Chandrachūrda (See)
ଦେ. ବି. ପୁଂ.—ଲୋକଙ୍କ ନାମ—
A name given to males.

ଚନ୍ଦ୍ରଶୂର—ସଂ. ବି—ହାଲିମ (ଦେଖ)
Chandraśūra Hālima (See).

ଚନ୍ଦ୍ରଶେଖର ରାଜଗୁରୁ—ଦେ. ବି—ଜନୈକ ଆଧୁନିକ ଉତ୍କଳୀୟ ବ୍ରାହ୍ମଣ
Chandraśekhara rājaguru ପଣ୍ଡିତ—Name of a modern Oriya Brahman author.
[ଦ୍ର—ଏ ସଂସ୍କୃତ ଭାଷାରେ ଅନେକ କାବ୍ୟ ଓ ନାଟକ ରଚନା କରିଅଛନ୍ତି ।]

ଚନ୍ଦ୍ରଶେଖର ସାମନ୍ତ—ଦେ. ବି—ଉତ୍କଳର ଖଣ୍ଡପଡ଼ାର
Chandraśekhara sāmanta ରାଜବଂଶୀୟ ପ୍ରସିଦ୍ଧ ସ୍ୱର୍ଗୀୟ ଜ୍ୟୋତିର୍ବିଦ୍—Name of the late astronomer of Khandaparda Raj family of Orissa.

[ଦ୍ର—ଏହାଙ୍କର ପୂର୍ଣ୍ଣନାମ ମହାମହୋପାଧ୍ୟାୟ ସାମନ୍ତ ଶ୍ରୀ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଏ ତଦାନୀନ୍ତନ ରାଜାଙ୍କର ପିତୃବ୍ୟ ଥିଲେ, କିନ୍ତୁ ଏହାଙ୍କର ସାଂସାରିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ଏହାଙ୍କ ପିତା ଶ୍ୟାମବନ୍ଧୁ ଜ୍ୟୋତିଷ ଶାସ୍ତ୍ରରେ ପଣ୍ଡିତ ଥିଲେ । ଚନ୍ଦ୍ରଶେଖର ପିତାଙ୍କଠାରୁ ଜ୍ୟୋତିଷ ଶିକ୍ଷାକଲେ ଓ ପରେ ସଂସ୍କୃତ ଭାଷା ଶିକ୍ଷାକରି ପୁରାତନ ଜ୍ୟୋତିଷ ଗ୍ରନ୍ଥମାନ ଅଧ୍ୟୟନ କରି, ଭାସ୍କରାଚାର୍ଯ୍ୟ ଆଦି ଜ୍ୟୋତିଷାଚାର୍ଯ୍ୟମାନଙ୍କର ପୂର୍ବକାଳର ଗଣନା ଅନୁସାରେ ଗ୍ରହ, ରାଶି ଓ ନକ୍ଷତ୍ରମାନଙ୍କର ଗତି ଓ ସ୍ଥିତି ବଦଳିଥିବାର ସିଦ୍ଧାନ୍ତ କଲେ ଓ 'ସିଦ୍ଧାନ୍ତଦର୍ପଣ' ନାମରେ ଗୋଟିଏ ଉତ୍କୃଷ୍ଟ ଜ୍ୟୋତିଷଗ୍ରନ୍ଥ ସଂସ୍କୃତ ପଦ୍ୟରେ ରଚନାକଲେ । ଦୂରବୀକ୍ଷଣ ଆଦି ବୈଜ୍ଞାନିକ ଯନ୍ତ୍ରମାନଙ୍କର ବିନା ସାହାଯ୍ୟରେ ସାମାନ୍ୟ କେତେଖଣ୍ଡ କାଠି ଓ ସୂତାଦ୍ୱାରା ମାପି ଜ୍ୟୋତିଷମାନଙ୍କ ସମ୍ବନ୍ଧେ ଏ ଯେଉଁ ତଥ୍ୟମାନଙ୍କରେ ଉପନୀତ ହୋଇଥିଲେ ତାହା ଦେଖି ପାଶ୍ଚାତ୍ୟ ପଣ୍ଡିତମାନେ ବିସ୍ମିତ ହୋଇଥିଲେ । କଟକ କଲେଜର ବିଜ୍ଞାନାଚାର୍ଯ୍ୟ ରାୟବାହାଦୁର ଯୋଗେଶଚନ୍ଦ୍ର ଚନ୍ଦ୍ରଶେଖରଙ୍କ ଅସାଧାରଣ ପ୍ରତିଭା ପ୍ରତି ପାଶ୍ଚାତ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କଲେ । ଚନ୍ଦ୍ରଶେଖରଙ୍କର ଗଣନା ଅନୁସାରେ ନୂତନ ପାଞ୍ଜି ପ୍ରସ୍ତୁତ ହୋଇ ତାହା ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପ ପଣ୍ଡିତସଭାଦ୍ୱାରା ଅନୁମୋଦିତ ହେଲା ଓ ତଦନୁସାରେ ବଡ଼ଦେଉଳର ନୀତିମାନ ଚାଲିତ ହେଲା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥରେ ତାହା ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଣିଂଶ' ନ ପାଇଲେ 'ଅଣ୍ଟା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ମୃତ୍ୟୁର ଅଳ୍ପକାଳ ପୂର୍ବରୁ ଗଭର୍ଣ୍ଣମେଣ୍ଟ ଏହାଙ୍କୁ ମହାମହୋପାଧ୍ୟାୟ ଉପାଧି ଓ ମାସିକ ଟ ୫୦୧ ବୃତ୍ତି ଦେଲେ । ଏ ଧର୍ମପ୍ରାଣ ଓ ତପସ୍ୱୀପର ହୃଦ୍ୟ ଥିଲେ । ଏହାଙ୍କ ବିଷୟ ବିଲାତର ଉଣସାଠ ଜ୍ୟୋତିଷୀ ମଣ୍ଡର ସାହେବ (E. W. Maunder) ତାଙ୍କର ଯନ୍ତ୍ର-ସାହାଯ୍ୟବିନା ଜ୍ୟୋତିଷଚର୍ଚ୍ଚା (Astronomy without a telescope) ଗ୍ରନ୍ଥରେ ଲେଖିଅଛନ୍ତି ଓ ବିଲାତର ପ୍ରଧାନ ବୈଜ୍ଞାନିକ ପତ୍ରିକା ନଲେଜ (Knowledge, Vol. 22) ରେ 'ସିଦ୍ଧାନ୍ତଦର୍ପଣ' ଗ୍ରନ୍ଥର ଗଣନା ସମ୍ବନ୍ଧେ ପ୍ରଶଂସାସୂଚକ ମନ୍ତବ୍ୟ ପ୍ରକାଶିତ ହୋଇଅଛି । ଆମେରିକା, ଜର୍ମାନୀ, ହଲାଣ୍ଡ ଓ ଇଟାଲୀ ଆଦି ଦେଶରେ ଏ ମଧ୍ୟ ପ୍ରତିପତ୍ତି ଲାଭକରିଥିଲେ ।]

ଚନ୍ଦ୍ରସଚିବ—ସଂ. ବି. (୬ଷ୍ଠୀ ତତ୍‌ପୁ ବା ବହୁବ୍ରୀହି; ଚନ୍ଦ୍ର+ସଚିବ) Chandrasachiba ୧ । କାମଦେବ—1. The God of love (M. W).

୨ । କର୍ପୂର—2. Camphor (M. W.)

ଚନ୍ଦ୍ରସଦନ—ଦେ. ବି—ଚୂନଲିପା ଘର— Chandrasadana A whitewashed house.

ସେ ବଦନେ ଚନ୍ଦ୍ର ସଦନେ ଚନ୍ଦ୍ର ଚନ୍ଦ୍ରେ ବସନ୍ତି । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଚନ୍ଦ୍ରସୂର୍ଯ୍ୟ—ଦେ. ବି—ସ୍ତ୍ରୀମାନଙ୍କ କପାଳ ଉପରେ କେଶରେ ଖଞ୍ଜାଯିବା Chandrasurjya ଖଣ୍ଡଚନ୍ଦ୍ର ଓ ସୂର୍ଯ୍ୟ ଆକୃତିବିଶିଷ୍ଟ ଅଳଙ୍କାର-ବିଶେଷ—An ornament consisting of 2 pieces like a crescent below a sun worn on the brow or skull over the hair by females.

କେ ବୋଇଲେ ଚନ୍ଦ୍ରସୂର୍ଯ୍ୟ ଚନ୍ଦ୍ରସୂର୍ଯ୍ୟ
କେଶ ସଙ୍ଗେ ବୋହୁଛ ଏ ବଡ଼ ଆଶ୍ଚର୍ଯ୍ୟ—କୃଷ୍ଣସିଂ. ମହାଭାରତ ବନ ।

ସଂ. ବି (ଦ୍ୱନ୍ଦ୍ୱ)—ଚନ୍ଦ୍ର ଓ ସୂର୍ଯ୍ୟ— The moon and the sun.

ଚନ୍ଦ୍ରସେଣା—ଦେ. ବି (ସଂ. ଚନ୍ଦ୍ରସେନା)—ରାଧିକାଙ୍କ ସ୍ୱାମୀ— Chandrasenā Name of the husband of Radhā.

ଚନ୍ଦ୍ରସେନା—ସଂ. ବି. (ନାମ)—ମହାଭାରତୋକ୍ତ ରାଜା ସମୁଦ୍ରସେନାଙ୍କ Chandrasenā ପୁତ୍ର ରାଜକୁମାରବିଶେଷ—Name of a prince, son of king Samudrasenā (M. W.)

ଚନ୍ଦ୍ରସ୍ୱର—ସଂ. ବି —(ମ. ପ. ଲୋ; ଚନ୍ଦ୍ରଯୁକ୍ତ ସ୍ୱର)—ସ୍ୱରସାଧକ ବା Chandraswara ବାୟୁସାଧକମାନଙ୍କର ସାଧନାଶ୍ୱିତର ଅନୁକୂଳ ଅବସ୍ଥାବିଶେଷ; ଯେଉଁ ସମୟରେ ନିଃଶ୍ୱାସ ବାମ ପୁଡ଼ାରେ ବହୁଥାଏ— A breath exercise consisting of doing some acts while the breath is passing through the left nostril.

ଚନ୍ଦ୍ରସ୍ୱରେ ଏମାନ ସାଧିଲେ ହୁଏ ସିଦ୍ଧି—ପ୍ରାଚୀ· ଶିବସ୍ୱରୋଦୟ ।

[ଦ୍ର—ନାକର ଡାହାଣ ପୁଡ଼ାରେ ନିଶ୍ୱାସ ଯାଉଥିବା ସମୟରେ କରାଯିବା ସାଧନାକୁ ସୂର୍ଯ୍ୟସ୍ୱର ବୋଲାଯାଏ ।]

ଚନ୍ଦ୍ରହାର—ଦେ. ବି. (ଏଥିରେ ଚନ୍ଦ୍ର ପରି ଗୋଲାକାର ଚକଚକିଆ Chandrahāra ଖଣ୍ଡ ଥିବାରୁ)—ଗୋଠ ବା କଟିଭୂଷଣବିଶେଷ-- चन्द्रहार 1. A waist-chain set with circular चन्द्रहार; चन्द्नहार bits.

୨ । ଗଳାର ହାରବିଶେଷ— 2 A kind of necklace.

ପ୍ରାଦେ. (ଅଠମଲ୍ଲିକ) ବି—ଗୋଟିଏ ଅଳଙ୍କାରେ ଲାଗିଥିବା ଶିକୁଳି; ଯାହା କାନ ଉପରେ ଝୁଲି ଆସିଥାଏ— Chain which keeps the heavy pendants of the ear suspended.

ଚନ୍ଦ୍ରହାସ—ସଂ. ବି. (ଚନ୍ଦ୍ର+ହସ୍ ଧାତୁ+ଅ; ଉଜ୍ଜ୍ୱଳତାରେ ଯେ ଚନ୍ଦ୍ରକୁ Chandrahāsa ଉପହାସ କରେ)—୧ । ରାବଣର ଖଡ୍ଗ— 1. The sword of Rābana.

ବଧିବ ଅବଧି ଚନ୍ଦ୍ରହାସ ସେନ
ଚନ୍ଦ୍ରହାସ ତୋର ଅଛି ଜାଣରେ । ଉପେ· ବୈଦେହୀଶବିଳାସ ।

୨ । ରୌପ୍ୟ—2. Silver.

୩ । ଚକଚକିଆ ତରବାରୀ—3. A dazzling sword, a glittering scimitar (M. W.)

ହିରୁଛି କେବଳ ସିନା ଚନ୍ଦ୍ରୋଜ୍ଜ୍ୱଳ ରୂପ
ଯାହାଙ୍କର ଚନ୍ଦ୍ରହାସ ଚୁମ୍ବିତ ଦେହେ । ରାଧାନାଥ· ମହାଯାତ୍ରା ।

୪ । ଚନ୍ଦ୍ରୋଦୟ ବା ଚନ୍ଦ୍ରକିରଣ ପରି ମନୋହର ହାସ୍ୟ— 4. A sweet smile (compared to the rising of the moon or the moon's ray).

ବଧିବ ଅବଧି ଚନ୍ଦ୍ରହାସ ସେନ । ଚନ୍ଦ୍ରହାସତୋର ଅଛି ଜାଣରେ ।
ଉପେ. ବୈଦେହୀଶବିଳାସ ।

ଦେ. ବି—(୬ଷ୍ଠୀ ତତ୍) ଚନ୍ଦ୍ରକିରଣ—Moon light.

ବୋଲଇବା ପଦ୍ମିନୀ ସକାଶେ । ଚକୋରିତା ହେଲୁ କିବା ଚନ୍ଦ୍ରହାସେ ।
ଉପେ· ବୈଦେହୀଶବିଳାସ ।

ଚନ୍ଦ୍ରହାସା—ସଂ. ବି. ସ୍ତ୍ରୀ (ଚନ୍ଦ୍ର+ହସ୍ ଧାତୁ+ଅ+ସ୍ତ୍ରୀ. ଆ)— Chandrahāsā ୧ । ଗୁଳୁଚ ଲତା ଓ ଫୁଲ—1. Tinaspora Cardifolia; Cocculus Cordifolius (creeper and flower).

୨ । ଯୋଗିନୀବିଶେଷ—2. Name of a Jogini (M. W.)

ଚନ୍ଦ୍ରହିରଣ୍ୟ—ସଂ. ବି. (ଚନ୍ଦ୍ର+ହିରଣ୍ୟ; ଭୁଲ. ଚନ୍ଦ୍ରଲୋହକ)— Chandrahiranya ରୌପ୍ୟ—Silver.

ଝଟକିବ ଶତଗୁଣ ଝଳ, ଫଳ ଯଥା ଚନ୍ଦ୍ରବା ପରଶେ
ଚନ୍ଦ୍ରହିରଣ୍ୟଗଞ୍ଜନା—ଚନ୍ଦ୍ରମଣି· ରାମାୟଣ ।

ଚନ୍ଦ୍ରା—ସଂ. ବି. ସ୍ତ୍ରୀ. (ଚନ୍ଦ୍ର+ଆ)—୧ । ଚନ୍ଦ୍ରାତପ; ଚାନ୍ଦୁଆ— Chandrā 1. Awning; canopy.

୨ । ଅଳାଇଚ—2. Cardamum.

୩ । ଗୁଳୁଚ ଲତା— 3. Coccutus Cardifolius (creeper).

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍	ଋଅ	ୟ
୨	ଈ	ଊ	ରୁ	ଲୁ	ଯ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ	ଟ୍ର

୪ । ଖୁଣ୍ଟିଆଡ଼ ମେଲା କେବଳ ଛାତ ବନ୍ଦ ହୋଇଥିବା ଘର—
4. A hall covered only at the top(M.W)

ଦେ. ବି—୧ । ଚନ୍ଦ୍ରାବଳୀର ଡାକନାମ—
1. A name for calling Chandrābaḻi.

ଚନ୍ଦ୍ରା ମୂରତି କରୁ କରତ ପକ୍ଷ ଛନ୍ଦ କ ମ ଛତ—
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

୨ । ଚନ୍ଦ୍ର ନାମକ ବ୍ୟକ୍ତିର ଅନାଦର ଡାକନାମ—
2. A name for calling a person named Chandra in familiarity

୩ । ବହୁପୁରୁଷ ହେଲା ଓଡ଼ିଶାରେ ଉପନିବେଶ କରି ଓଡ଼ିଆ ବ୍ୟବହାର ଓ ଚାଲିଚଳନରେ ଓଡ଼ିଆ ପାଲଟି ଯାଇଥିବା ବଙ୍ଗାଳି ବଣିଆଙ୍କ ବଂଶୋପାଧି (ବଙ୍ଗୀୟ ଚନ୍ଦ୍ର ଉପାଧିର ଅପଭ୍ରଂଶ)— 3. A family title of Bengalee goldsmiths domiciled and naturalised in Orissa for generation.

[ଦ୍ର—କଟକ ଜିଲ୍ଲାର କୋଦଣ୍ଡା ପ୍ରଗନ୍ନାରେ 'ଚନ୍ଦ୍ରା' ଉପାଧି-ଧାରୀ ବଣିଆ ଓ ଶୂଦ୍ର ଅଛନ୍ତି ।]

ଚନ୍ଦ୍ରାତପ— ସଂ. ବି—୧ । (୬ଷ୍ଠୀ ତତ୍; ଚନ୍ଦ୍ର + ଆତପ) ଜ୍ୟୋତ୍ସ୍ନା—
Chandrātapa 1. Moonlight.

୨ । (ଚନ୍ଦ୍ର + ଆତ୍ ଧାତୁ = ଗମନ କରିବା + ପା ଧାତୁ = ରକ୍ଷା କରିବା + ଅ; ଯାହା ଚନ୍ଦ୍ରକିରଣର ଗତି ନିବାରଣ କରେ) ଚାନ୍ଦୁଆ—2. Canopy; awning.

ଅଦଭଣ ଚନ୍ଦ୍ରାତପ ଥିଲ ପୁରେ କେବେହେଁ ବନ୍ଧୁ ନ ରହି—
ଭକ୍ତ- ପ୍ରେମସୁଧାନିଧି ।

୩ । ଚାରିପାଖ ମେଲା ଘର—
3. An open hall (M. W.)

ଚନ୍ଦ୍ରାନନ—ସଂ. ବିଣ. (ବହୁବ୍ରୀହି; ଚନ୍ଦ୍ର + ଆନନ)—
Chandrānana ଚନ୍ଦ୍ରବଦନ (ଦେଖ)
(ଚନ୍ଦ୍ରାନନା—ସ୍ତ୍ରୀ) Chandrabadana (See)

ସଂ. ବି—୧ । କାର୍ତ୍ତିକେୟ—
1. A name of Kārttikeya.

୨ । କାଳିକାପୁରାଣୋକ୍ତ ବୀରବିଶେଷ (ବୀରଚରିତ)—
2. Name of a hero of Kāḻikā (M. W.)

ଚନ୍ଦ୍ରାନନୀ—ଦେ. ବିଣ. ସ୍ତ୍ରୀ. (ସଂ. ଚନ୍ଦ୍ରାନନା; କ୍ଷୀରୋଦ ଏହି ଶବ୍ଦକୁ
Chandrānani ସଂ. ଚନ୍ଦ୍ରାନନାର ରୂପାନ୍ତର ବୋଲି ଲେଖି ଅଛନ୍ତି)— ଚନ୍ଦ୍ରବଦନା; ଚନ୍ଦ୍ର ପରି ମନୋହର ମୁଖ ବିଶିଷ୍ଟା (ସ୍ତ୍ରୀ)—(a woman) Having a face as lovely as the moon.

ଠିକ ଠବର୍ତ୍ତୁଳ ଚନ୍ଦ୍ରାନନୀ ଟୋ ଢଉରେ—
କବିସୂର୍ଯ୍ୟ- କଳୋଦ୍ଭବ ଠ ଗୀତର ପାଠାନ୍ତର ।

ଚନ୍ଦ୍ରାପୀଡ଼—ସଂ. ବି. (ବହୁବ୍ରୀହି; ଚନ୍ଦ୍ର + ଆପୀଡ଼ = ଶିରୋଭୂଷଣ)—
Chandrāpirḏa ୧ । ଚନ୍ଦ୍ରଚୂଡ଼; ଶିବ—1. Śiba.

୨ । କାଦମ୍ବରୀ କାବ୍ୟବର୍ଣ୍ଣିତ ନାୟକ ତାରାପୀଡ଼ଙ୍କ ପୁତ୍ର—
2. Name of the son of Tārāpirḏa, a hero of the sanscrit novel Kādambari.

୩ । ରାଜା ଜନମେଜୟଙ୍କର ଏକ ପୁତ୍ର (ହରିବଂଶ)—
3. Name of a son of king Janamejaya (M. W.)

୪ । ତାରାପୀଡ଼ଙ୍କ ଭାଇ କାଶ୍ମୀରର ଜଣେ ରାଜା (ରାଜତରଙ୍ଗିଣୀ)—4. Name of a king of Kāśmira, brother of Tārāpirḏa (M.W)

୫ । କାନ୍ୟକୁବ୍ଜର ରାଜପୁତ୍ରବିଶେଷ (କଥାସରିତ୍ସାଗର)—
5. Name of a prince of Kānyakubja(M.W)

୬ । କାଳିକାପୁରାଣୋକ୍ତ ବୀରବିଶେଷ (ବୀରଚରିତ)—
6. Name of a hero of Kāḻikā (M. W.)

ଚନ୍ଦ୍ରାବଳୀ—ସଂ. ବି. ସ୍ତ୍ରୀ—୧ । ଗୋବର୍ଦ୍ଧନମଲ୍ଲର ସ୍ତ୍ରୀ (କୃଷ୍ଣଙ୍କର ଜଣେ
Chandrābaḻi ପ୍ରଣୟିନୀ)—The wife of Gobardhhana Malla and said to be a female-companion of Srikrishna.

[ଦ୍ର—କୌଣସି କୌଣସି ବୈଷ୍ଣବ କବି ଏହାଙ୍କୁ ରାଧା ମଧ୍ୟ କହନ୍ତି କିନ୍ତୁ ଏ ରାଧାଙ୍କ ସଖୀ, ଚନ୍ଦ୍ରଭାନୁଙ୍କ କନ୍ୟା, ଏହାଙ୍କ ମାତାଙ୍କ ନାମ ବିନ୍ଦୁମତୀ ।]

୨ । ଯୋଗିନୀବିଶେଷ (ହର୍ଷଚରିତ)—
2. Name of a Jogini.

ସଂ. ବି. ପୁଂ—ଚନ୍ଦ୍ରକିରଣ—Moonlight; moon-beam.

ଚନ୍ଦ୍ରାଭାସ—ସଂ. ବି. (ବହୁବ୍ରୀହି; ଚନ୍ଦ୍ର + ଆଭାସ)—ଚନ୍ଦ୍ରପରି ଆକାଶରେ
Chandrābhāsa ବେଳେ ବେଳେ ଦେଖାଯିବା ମରୀଚିକା—
False moon; a mirage resemleling the moon appearing in the sky (M. W.).

ଚନ୍ଦ୍ରାର୍ଦ୍ଧ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର + ଅର୍ଦ୍ଧ)—୧ । ଅର୍ଦ୍ଧଚନ୍ଦ୍ର—
Chandrārddha 1. Half-moon.

୨ । (ଲକ୍ଷଣାର୍ଥ) ନାୟିକାନାୟକର ଅଙ୍ଗରେ କାମକ୍ରୀଡ଼ା ସମୟରେ ନାୟକ ବା ନାୟିକାଦ୍ୱାରା କରାଯାଇଥିବା ଅର୍ଦ୍ଧଚନ୍ଦ୍ରାକାର ନଖକ୍ଷତ—A semicircular mark made by a lover on the body of his or her sweet heart during amorous dalliance.

ଦନାଶ ଚନ୍ଦ୍ରାର୍ଦ୍ଧ ବପାକ କର୍ମରୁ କୋଷ୍ଠରୁ କପାଳି ଭ୍ରମ ।
ଭକ୍ତ- ବୈଦେହୀଶବିଳାସ ।

୩ । କପାଳରେ ଅର୍ଦ୍ଧଚନ୍ଦ୍ରାକାର ତିଳକ—
3. A semicircular or crescent shaped mark drawn on the forehead with sandal-paste.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚନ୍ଦ୍ରାଲୋକ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+ଆଲୋକ)—
Chandrāloka ୧ । ଚନ୍ଦ୍ରକିରଣ—1. Moonlight.
୨ । ପୀୟୂଷ ବର୍ଷ ନାମକ କବିଙ୍କ ପ୍ରଣୀତ ସଂସ୍କୃତ ଅଳଙ୍କାର-ଗ୍ରନ୍ଥବିଶେଷ (ପ୍ରକୃତିବାଦ)—2. Title of a work on rhetoric by Pīyūshabarsha.
୩ । ଜୟଦେବକୃତ ଅଳଙ୍କାରଗ୍ରନ୍ଥବିଶେଷ—3. Name of a work on rhetoric by Jayadeba (M. W,).

ଚନ୍ଦ୍ରାଶ୍ମା—ସଂ. ବି. (ଚନ୍ଦ୍ର+ଅଶ୍ମନ୍; ୧ମା. ୧ବ.)—ଚନ୍ଦ୍ରକାନ୍ତମଣି—
Chandrāṡmā Moon-stone; a kind of gem.
(ଚନ୍ଦ୍ରୋପଲ—ଅନ୍ୟରୂପ)

ଚନ୍ଦ୍ରିକା—ସଂ. ବି. (ଚନ୍ଦ୍ର+ଇକ+ଆ)—୧ । ଚନ୍ଦ୍ରକିରଣ—
Chandrikā 1. Moonlight.
୨ । ନୟନତାରା—2. The pupil of the eye.
୩ । ଚନ୍ଦ୍ରଭାଗା ନଦୀ—3. River Chandrabhāgā.
୪ । ମୟୂରପୁଚ୍ଛର ଗୋଲାକାର ଚିତ୍ରିତ ଚକ୍ର—
4. The circular multicoloured mark or eye on the tail-feather of a peacock.
୫ । ଚାନ୍ଦାଗୁନ୍ଧମାଛ— 5. The chanda fish; a kind of small circular white water-fish.
୬ । ଅଭ୍ର—6. Mica.
୭ । ୧୩ ଅକ୍ଷରଯୁକ୍ତ ଛନ୍ଦୋବିଶେଷ; ଉତ୍ପଳମାଳନ—
7. A metre of 13 letters.
[ଦ୍ର—ଏଥିର ୧୦, ୧୧ ଓ ୧୩ ବର୍ଣ୍ଣ ଗୁରୁ ।]
୮ । ଶ୍ୱେତ କଣ୍ଟକାରୀ ଗୁଳ୍ମ—8. A kind of thorny plant; Ranwofolia Serpentina.
୯ । ହାଲିମ (ଦେଖ)
9. Hālima (See)
୧୦ । ଆଭା; ଜ୍ୟୋତିଃ—10. Splendour (M. W.).
୧୧ । ଟାଙ୍ଗର; ଚନ୍ଦା—11. Baldness (M. W).
୧୨ । ଅଳାଇଚ—12. Cardamums (M. W.).
୧୩ । ମଲ୍ଲୀ ଫୁଲ—
13. Jasmine; Jasminum Zambac (M. W.)
୧୪ । ସଉଫ—
14. Trigonella Fenugreek (M. W.)
୧୫ । ଚନ୍ଦ୍ରଭାଗା ନଦୀ—
15. A name of the Chandrabhāgā river.
୧୬ । (ଅନ୍ୟ ଶବ୍ଦ ପରେ ଯୁକ୍ତ ହେଲେ) କୌଣସି ବିଷୟର ଆଲୋଚନା ବା ବ୍ୟାଖ୍ୟାମୂଳକ ଗ୍ରନ୍ଥ—
16. Elucidation of a particular subject. (M.W.)
[ଦ୍ର—କେତେକ ବ୍ୟାଖ୍ୟା, ଟୀକା ଓ ବ୍ୟାକରଣ ଗ୍ରନ୍ଥ ପରେ ଏ ପଦ ଯୁକ୍ତ ହୁଏ । ଯଥା—ଅଲଙ୍କାରଚନ୍ଦ୍ରିକା, ସିଦ୍ଧାନ୍ତଚନ୍ଦ୍ରିକା, କାତନ୍ତ୍ରଚନ୍ଦ୍ରିକା ।]
୧୭ । ଜଗଦ୍ବୃଦ୍ଧ ବର୍ଗର କ୍ଷୁପବିଶେଷ (ଯୋଗେଶଚନ୍ଦ୍ର)—
17. A flowering shrub.
[ଦ୍ର—ଏଥିର ଫୁଲ ଧଳା, ଫୁଲ ଭିତର ଆମିଳ ରକ୍ତ, ଫଳ କୃଷ୍ଣବର୍ଣ୍ଣ ଓ ଯୋଡ଼ା ଯୋଡ଼ା, ପ୍ରତି ଗଣ୍ଠିରେ ୩।୪ ଟା ପତ୍ର ବଳୟାକାରରେ ଥାଏ, ତେର ଔଷଧରେ ଲାଗେ ।]

ଚନ୍ଦ୍ରିକାଦ୍ରବ—ସଂ. ବି. (ଚନ୍ଦ୍ରିକା+ଦ୍ରୁ ଧାତୁ+କର୍ତ୍ତୃ. ଅ; ଯାହା ଚନ୍ଦ୍ର-
Chandrikādraba କିରଣଦ୍ୱାରା ଦ୍ରବୀଭୂତ ହୁଏ)—
ଚନ୍ଦ୍ରକାନ୍ତମଣି—Moon-stone.

ଚନ୍ଦ୍ରିକାପାୟୀ—ସଂ. ବି. (ଚନ୍ଦ୍ରିକା+ପା ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)
Chandrikāpāyī ଯେ ଚନ୍ଦ୍ରକିରଣ ପାନ କରେ)—ଚକୋର ପକ୍ଷୀ The chakora bird (M. W.)

ଚନ୍ଦ୍ରିତା—ଦେ. ବି—ରକ୍ତିମା—Redness.
Chandritā

ଚନ୍ଦ୍ରିତା ଭୁଙ୍ଗ ଭା ପ୍ରମାଣେ, ହାନ୍ତିଂଶ ଜାଣ ସେ ଲକ୍ଷଣେ ।
ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

ଚନ୍ଦ୍ରିମା—ସଂ. ବି. (ଚନ୍ଦ୍ର+ଇମନ୍; ୧ମା. ୧ବ)—
Chandrimā ଚନ୍ଦ୍ର କିରଣ; ଜ୍ୟୋତ୍ସ୍ନା—Moonlight (M. W.)

ଚନ୍ଦ୍ରିଲ—ସଂ. ବି. (ଚନ୍ଦ୍ର+ଅସ୍ତ୍ୟର୍ଥେ. ଇଲ)—
Chandriḻa ୧ । ଶିବ—1. God Ṡiba.
୨ । ନାପିତ; ଭଣ୍ଡାରି—2. Barber.
୩ । ବାସ୍ତୁକ ବା ବଥୁଆ ଶାଗ—3. A kitchen herb; Chenopodium Album.

ଚନ୍ଦ୍ରୋଦୟ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+ଉଦୟ)—
Chandrodaya ୧ । ଚନ୍ଦ୍ରଙ୍କର ଆବିର୍ଭାବ; ଜ୍ୟୋତ୍ସ୍ନାର ଆବିର୍ଭାବ-
1. The rising of the moon; moon-rise.
୨ । ଚନ୍ଦ୍ରାତପ; ଚାନ୍ଦୁଆ—2. Canopy (M. W.)
୩ । ଚନ୍ଦ୍ରୋଦୟ ମକରଧ୍ୱଜ (ଦେଖ)
3. Name of mercurial preparation
୪ । (ନାମ) ପାଣ୍ଡବପକ୍ଷୀୟ ଯୋଦ୍ଧାବିଶେଷ—
4. Name of a Pāṇḍaba warrior (M. W.)

ଚନ୍ଦ୍ରୋଦୟମକରଧ୍ୱଜ—ସଂ. ବି. (ବୈଦ୍ୟକ)—ପାରଦ, ଗନ୍ଧକ ଓ
Chandrodayamakaradhwaja ସ୍ୱର୍ଣ୍ଣଘଟିତ ରସାୟନ ଔଷଧ-ବିଶେଷ (ମକରଧ୍ୱଜ ତଳେ ନୋଟ ଦେଖ)—
Name of a mercurial preparation of mercury and sulpher burnt in a covered bottle with gold

ଚନ୍ଦ୍ରୋଦୟା—ଦେ. ବି—ଚନ୍ଦ୍ରଉଦିଆ (ଦେଖ)
Chandrodayā Chandraudiā (See)

ଗୁରୁ ଚନ୍ଦ୍ରୋଦୟା ମଶାଲ ପାଖେ
ବର୍ତ୍ତି ଜାଳିବ ଯେବେ ଦଶା ମୁଖେ । ବିଦଗ୍ଧ. ବିଦଗ୍ଧଚିନ୍ତାମଣି ।

୧	ଇ	ଉ	ର୍,ର୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ୟ	ଙ୍ଗ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚଁ୍ୟ	ଙ୍ଗ	ଢ଼	ନ୍ନ

ଚନ୍ଦ୍ରୋପରାଗ—ସ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+ଉପରାଗ) —ଚନ୍ଦ୍ରଗ୍ରହଣ
Chandroparāga Lunar Eclipse.

ଚନ୍ଦ୍ରୋପଲ—ସ. ବି. (ମ.ପ ଲୋ; ଚନ୍ଦ୍ରକିରଣଦ୍ୱାରା ଦ୍ରବୀଭୂତ ଉପଲ)—
Chandropala ଚନ୍ଦ୍ରକାନ୍ତମଣି—The moon-stone.

ଚନ୍ଧା (ଇତ୍ୟାଦି)—ଦେ. ବି—ଚନ୍ଦା ଇତ୍ୟାଦି (ଦେଖ)
Chandhā (etc) Chandā etc. (See)

ଚନ୍ଧେଇ—ଦେ. ବି. ସ୍ତ୍ରୀ—ଯେଉଁ ସ୍ତ୍ରୀ ଅଙ୍ଗଭଙ୍ଗୀ ବା ହାବଭାବ ଦ୍ୱାରା
Chandhei କାମୁକତା ପ୍ରକାଶ କରେ—Flirt.
चोंचलहाई

ଚନ୍ନ (ଇତ୍ୟାଦି)—ଗ୍ରା. ବି—ଚନ୍ଦନ ଇତ୍ୟାଦି (ଦେଖ)
Channa (etc) Chandana etc. (See)
চন্নন
चन्नन

ଚନ୍ନୀ—ଦେ. ବି.—ଚନୀ (ଦେଖ)
Channī Chanī (See)

ଚପ୍ (ଧାତୁ)—୧ । ଚୂର୍ଣ୍ଣ କରିବା; ଚୂରିବା—
Chap (root) 1. To reduce to powder; to pound.
୨ । ଗମନ କରିବା—2. To go.
୩ । ଆଉଁସିବା—3. To caress; to soothe (M.W.)
୪ । ସାନ୍ତ୍ୱନା ଦେବା—4. To console (M. W.)
୫ । ଚକଟିବା; ଦଳିବା—5. To knead.
୬ । ଠକିବା—6. To cheat.
୭ । ଥାପଡ଼େଇବା—7. To pat.
୮ । କୁଟିବା—8. To bruise; to pestle.

ଚପ୍—ବୈଦେ. ବି. (ଇଂ. ଚପ୍)—ଛେଚା ହୋଇ ପିଣ୍ଡାକାର ଭଜା
Chap ମାଂସଖଣ୍ଡ—Fried piece of minced meat;
চপ chop.
चप [ଦ୍ର—ଏହାର ସହରର ଖାଦ୍ୟ କହିଲେହିଁ ।]

ଚପ୍କନ୍—ଦେ. ବି.—(ସ. ଚୁପ ଶବ୍ଦ ଜାତ ଉର୍ଦ୍ଦୁ ଚପକନା (=ଓଟିଆ
Chapkan ଚପିବା) କ୍ରିୟାରୁ ଉତ୍ପନ୍ନ; ଯାହା ଦେହକୁ ଚୁର ଅଡ଼ି
চাপকান ଚପି ଧରେ)—ଅଜାନୁଲମ୍ବିତ ଚୁସ୍ତ କୁର୍ତ୍ତା—A long
चपकन Indian coat reaching to the knees chapkan.

ପୋଷାକ କନ୍ଧାପ୍ ଚିଲ ପାଜମା ସାହନ୍ ଚପ୍କନ୍ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

[ଦ୍ର—ଇଂରାଜରେ ଏହି ଶବ୍ଦ ଏହି ଆକାରରେ ବ୍ୟବହୃତ ହେଉଛି; ଏ ପୋଷାକ ମୁସଲମାନମାନଙ୍କ ଅମଳରେ ଓ ଇଂରାଜ ଅମଳରେ ଭାରତୀୟ ବ୍ୟକ୍ତିମାନଙ୍କ ଦରବାରୀ ପୋଷାକ ଅଟେ । ଏହା ଉପରେ ଯେଉଁ ଖୋଲା କୁର୍ତ୍ତା ପିନ୍ଧା ଯାଏ ତାକୁ ଚୋଗା କହନ୍ତି ।]

ଚପ୍ଚପ୍—ଦେ. କ୍ରି. ବିଣ.—(ସ. ଚପଲ)—ଝପାଝପ୍; ଅତି ଶୀଘ୍ର;
Chapchap ତୁରନ୍ତ—Very quickly; hastily; very
চটপট swiftly.
चपचप ଦେ. ଅ.—(ଧ୍ୱନ୍ୟର୍ଥକ)—୧ । କୁକୁର ବା ବିରାଡ଼ି ଚାଟି
চপচপ ଚାଟି କରି ପାଣି ବା ଦୁଧ ଚାଟିବାର ଶବ୍ଦ; ଚାଟି ଚାଟି—
चटचट, चपड़ चपड़ Sound of licking or lapping of some liquid by a dog or cat.
୨ । ୧।୨ ଇଞ୍ଚ ପାଣି ବା କାଦୁଅ ଥିବା ଜାଗାରେ ଚାଲିବାର ଶବ୍ଦ; ଚପର ଚପର—2. Splasting sound produced by walking on a place in which there is 1 or 2 inches of water or slime.

ଚପ୍ଚପିଆ—ପ୍ରାଦେ. (ସମ୍ବଲପୁର) ବିଣ.—(ଭୁଲ; ହି. ଚପଚପା)
Chapchapiā ଅଠାଳିଆ—Gummy; sticking.

ଚପ୍ରା—ପ୍ରାଦେ. (ସମ୍ବଲପୁର) ବି.—ଜଳାଭୂମି—
Chaprā Marsh; moor; fen.
दलदाल ଦେ. ବି. (ସ. ଚତ୍ୱର)—ଚତରା (ଦେଖ)
Chatarā (See)
ଦେ. ବିଣ.—୧ । କର୍ଦ୍ଦମାକ୍ତ (ସ୍ଥାନ)—
1. Muddy (place) (Beams).
୨ । ସନ୍ତସନ୍ତିଆ—2. Moist (place).

ଚପ୍ରାସ୍—ବୈଦେ. ବି.—୧ । (ଫା. ଚପ୍ରାସ୍;) ଚପ୍=ବାମ+ରାସ୍ତ=
Chap-rās ଡାହାଣ; ଯାହା ବାମ କାନ୍ଧରୁ ପଇତାପରି ଅଣ୍ଟାର
চাপরাস ଡାହାଣକୁ ପଡ଼ି ଥାଏ)—ପିଆଦାମାନେ ପରିଚୟ ଚିହ୍ନସ୍ୱରୂପ
चपरास ପୋଷାକ ଉପରେ ଧାରଣ କରିଥିବା ପିତଳାଦି ନିର୍ମିତ ଫଳକ—A badge of a peon; a plate containing engravings of the name of the master or department under whom a peon serves.
୨ । (ଫା. ଚପରାସି)—ଚପରାସୀ; ପିଆଦା—A peon.
୩ । (ଫା)—କରତର ଦାନ୍ତମାନଙ୍କୁ ଏକାନ୍ତରକ୍ରମେ ବାମ ଓ ଡାହାଣଆଡ଼କୁ ଝୁଙ୍କାଇବା କର୍ମ (ଏପରି ନ ହେଲେ କରତର ଦାନ୍ତ କାଠରେ ପଶି କରି ପାରେ ନାହିଁ)—
3. The act of bending the teeth of a saw alternatively a little to the right and to the left.

ଚପରାସନସ୍ତ ପେଣି କଂସଗ୍ରସ୍ତ—କବିସୂର୍ଯ୍ୟ. ସଙ୍ଗୀତ ।

ଚପ୍ରାସି—ବୈଦେ. ବି (ଫା. ଚପ୍ରାସି; ବାମ+ରାସ୍ତ=ଡାହାଣ; ଯେ
Chaprāsi ପ୍ରଭୁଙ୍କର ବାମ ଦକ୍ଷିଣ ସବୁ ବଗରେ ଉପସ୍ଥିତ ଥାଏ
চাপরাসী କିମ୍ବା ଯେ ଚପ୍ରାସ୍ ପିନ୍ଧିଥାଏ)—ଅର୍ଦ୍ଦଳୀ, ପିଆଦା; ପିଅନ—
चपरासी An orderly peon; peon (wearing a badge).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଚାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଟାଁ' ନ ପାଇଲେ 'ଅଣ୍ଟା' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ୍ଟ' ଦେଖିବେ

ଚପଟ—ସଂ. ବି (ଚପ୍ + ଭାବ ଧାତୁ. ଅଟ)—ଚାପୁଡ଼ା—
Chapaṭa — Slapping; slap.
चपेट
चपत
ଦେ. ବି (ସଂ. ଚପେଟ; ଚାପ)—୧ । ଆଘାତ— Hurt, injury.
୨ । ବିପତ୍‌ପାତର ଆଶଙ୍କା— 2. Risk; hazard; apprehension of danger.
୩ । ଚାପ; ଉତ୍ପୀଡ଼ନ—3. Pressure.
୪ । ଦାୟିତ୍ୱ—4. Responsibility.
୫ । ପୀଡ଼ା—5. Oppression.
୬ । ହାନି; କ୍ଷତି; ଲୋକ୍‌ସାନ୍—6. Loss.
୭ । ବହୁ କାର୍ଯ୍ୟର ଜଞ୍ଜାଳ— 7. Pressure of business; overwork.

ଚପଟାଘାତ—ସଂ. ବି (ତୃତୀୟା ତତ୍; ଚପଟ + ଅଘାତ)—ଚାପୁଡ଼ା ମାରିବା—
Chapaṭāghāta — Slapping; blow with the flattened palm.

ଚପର୍‌ଚପର୍—ଦେ. ଅ (ଧ୍ୱନ୍ୟନୁକରଣ)—୧ । ବର୍ଷାର ଝିପ୍‌ଝିପ୍ ଶବ୍ଦ—
Chaparchapar — 1. Pattering of rain.
चपचप
चपड़चपड़
୨ । ଦୁଇ ତିନି ଅଙ୍ଗୁଳ ପାଣି ବା କାଦୁଅ ଥିବା ସ୍ଥାନରେ ଲୋକ ଚାଲିଲେ ପଦାଘାତଜନିତ ଶବ୍ଦ—2. Splasting sound produced by a person walking on a ground in which there is one or two inches of water.

ଚପରା—ଦେ. ବିଣ—୧ । ଅଳ୍ପ ପାଣି ଥିବା (ସ୍ଥାନ)—
Chaparā — 1. Marshy (Grundy).
୨ । କର୍ଦ୍ଦମମୟ; ପଙ୍କୁଆ—Muddy (Grundy).

ଚପଳ—ସଂ. ବିଣ (ଚପ୍ ଧାତୁ + କର୍ତ୍ତୃ. ଅଲ କିମ୍ବା କମ୍ପ୍ ଧାତୁ + କର୍ତ୍ତୃ. ଅଲ ନିପାତନ)—୧ । କମ୍ପୁଥିବା—1. Shaking; trembling; wavering.
Chapaḻa
(ଚପଳା—ସ୍ତ୍ରୀ)
୨ । ଚଞ୍ଚଳ; ତରତରିଆ—2 Agile; quick.
୩ । ତରଳ; ଅସ୍ଥିର—3. Restless; unsteady.
୪ । ଚଗଲା; ଅବ୍ୟବସ୍ଥିତ; ଅନବସ୍ଥିତ— 4. Unstable; fickle; inconstant.
୫ । ଅସ୍ଥାୟୀ—5. Momentary; temporary.
ଚପଳତା, ଚପଳତ୍ୱ, ଚାପଲ୍ୟ } ବି.
୬ । ଦୁର୍ବିନୀତ, ଦୁଷ୍ଟ; ବସୁଲିଆ—6. Wicked, illmannered; wonton.
୭ । ଧୃଷ୍ଟ—7. Insubordinate; insolent.
୮ । ପ୍ରଗଲ୍‌ଭ—8. Boastful.
୯ । ବିକଳ—9. Agitated.
୧୦ । ଅବ୍ୟବସ୍ଥିତଚିତ୍ତ— 10. Of unsteady disposition; fickleminded.
୧୧ । ଅବିବେଚକ—11. Inconsiderate; thoughtless.
୧୨ । ଭୁରୁଭୁରିଆ—12. Hasty.
୧୩ । କ୍ଷଣିକ—13. Momentary; instantaneous.
୧୪ । ଦୋଦୋଲୁଥିବା—14. Moving to and fro.
ବି—୧ । ପାରଦ—1. Mercury.
୨ । ଚୋର—2. Thief.
୩ । ମତ୍ସ୍ୟ—3. Fish.
୪ । ମୂଷିକବିଶେଷ—4. A kind of mouse.
୫ । ବାୟୁ; ପବନ—5. The wind.
୬ । କଳା ସୋରିଷ—6. Black mustard (M. W)
୭ । ଚୋରକ ନାମକ ସୁଗନ୍ଧ— 7. A kind of perfume.
୮ । ପ୍ରସ୍ତରବିଶେଷ—8. A kind of stone (M. W.)
୯ । ରୋଗ ଉତ୍ପାଦନକାରୀ ରାକ୍ଷସବିଶେଷ— 9. Name of a demon causing diseases.
କ୍ରି. ବିଣ—ଶୀଘ୍ର; ଚଞ୍ଚଳ—Quickly.
ଦେ. ବି—ପ୍ରାଚୀନ ଜଳଯାନବିଶେଷ—Name of a boat of ancient India.

ଭୋଜରାଜାଙ୍କ 'ଯୁକ୍ତିକଳ୍ପତରୁ' ଦ୍ରଷ୍ଟବ୍ୟ—ଜଗବନ୍ଧୁ. ପ୍ରାଚୀନ. ଉତ୍କଳ ।

ଚପଳଗଣ—ସଂ. ବି. (୬ଷ୍ଠୀ ତତ୍; ଚପଳ + ଗଣ)—ପଞ୍ଝାଏ ବସୁଲିଆ ଟୋକା
Chapaḻagaṇa — A troop of ill-mannered boys (M. W.)

ଚପଳତା—ସଂ. ବି (ଚପଳ + ଭାବ. ତା)—କମ୍ପ; ଥରୁ—
Chapaḻatā — 1. Trembling.
ଚପଳତ୍ୱ, ଚାପଲ୍ୟ } ଅନ୍ୟରୂପ
୨ । ଅବ୍ୟବସ୍ଥିତି—2. Fickleness; inconstancy.
୩ । ଚାଞ୍ଚଲ୍ୟ—3. Hastiness.
୪ । ଧୃଷ୍ଟତା—4. Insolence.
୫ । ଦୁଷ୍ଟାମି; ଖେଚଡ଼ାମି— 5. Wickedness; wantonness.
୬ । ଅଭଦ୍ରତା—6. Rudeness; bad manners.

ଚପଳତାଶୟ—ସଂ. ବି—୧ । ପେଟଫମ୍ପା—
Chapaḻatāśaya — 1 Flatulence (M. W.).
୨ । ଅଜୀର୍ଣ୍ଣ—2. Indigestion.

ଚପଳସ୍ୱଭାବ—ସଂ. ବି (କର୍ମଧାରୟ; ଚପଳ + ସ୍ୱଭାବ)—ଅସ୍ଥିର ପ୍ରକୃତି—
Chapaḻaswabhāba — Unsteady nature.
(ଚପଳସ୍ୱଭାବା—ସ୍ତ୍ରୀ) ବିଣ. ପୁଂ. (ବହୁବ୍ରୀହି) ଅସ୍ଥିରପ୍ରକୃତିକ (ବ୍ୟକ୍ତି)— Fickle-minded (person).

ଚପଳା—ସଂ. ବିଣ. ସ୍ତ୍ରୀ (ଚପଳ + ସ୍ତ୍ରୀ. ଆ)—ଚପଳର ସ୍ତ୍ରୀ ଲିଙ୍ଗ—
Chapaḻā — Feminine of chapaḻa.

୧	ଇ	ଉ	ଋ,ଝ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଂ	ଚ୍ଛ	ଞ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଙ୍କ	ନ୍ତ

ସ. ତ. ସ୍ତ୍ରୀ (ଚପଳ + ଆ)—୧ । ସୁରା, ମଦିରା—
1. Spirit of wine; spirituous liquor.

୨ । ଲକ୍ଷ୍ମୀ—2. The Goddess of fortune.

୩ । ବିଜୁଳି; ବିଦ୍ୟୁତ—3 Lightning.

୪ । ବେଶ୍ୟା—4 Prostitute.

୫ । ଛନ୍ଦୋବିଶେଷ—5. Name of a metre.

୬ । ଜିହ୍ୱା—6. The tongue.

୭ । ପିପ୍ପଳୀ—7. The longpeper (M. W.)

୮ । ଅସତୀ ସ୍ତ୍ରୀ—3. A disloyal wife (M. W.)

୯ । ସଙ୍ଗୀତର ୫ମ ସ୍ୱର—
9. The fifth note in music (M. W.)

ଚପଳାକ୍ରୀଡ଼ା—ସ. ବି (୬ଷ୍ଠୀ ତତ୍; ଚପଳା + କ୍ରୀଡ଼ା)—
Chapalākrirdā ଚପଳାଲୀଳା (ଦେଖ)—
Chapalalīlā (See)

ଚପଳାକ୍ଷ—ସ. ବିଣ. ପୁଂ (ବହୁବ୍ରୀହି; ଚପଳ ଅକ୍ଷି)—ଯେ ଇତସ୍ତତଃ ଆଖି
Chapalāksha ବୁଲାଉଥାଏ—One whose eyes move
(ଚପଳାକ୍ଷୀ—ସ୍ତ୍ରୀ) to and fro

ଚପଳାଙ୍ଗ—ସ. ବି (ବହୁବ୍ରୀହି; ଚପଳ+ଅଙ୍ଗ)—ଶିଶୁମାର; ଜଳଜନ୍ତୁ-
Chapalānga ବିଶେଷ—Porpoise; Gangeticus Delphinus.

ଚପଳାଲୀଳା—ସ. ବି (ଚପଳା + ଲୀଳା)—୧ । (୬ଷ୍ଠୀ ତତ୍)
Chapalālīlā ମେଘରେ ବିଜୁଳି ଝଟକିବା; ବିଜୁଳି ଝଟକ—
1. The play-flash of lightning in the clouds.

ଘନେ ଚପଳାଲୀଳା, ଗୃହେଁ ସନ କୁନ୍ତଳା ଭୁ ବ ଏ ଅବକାଶ ବହୁଳରେ—
କବିସୂର୍ଯ୍ୟ, କଣୋସରଚମ୍ପୂ, ସ. ଗୀତ ।

୨ । (ଉପମିତ ସମାସ) ବିଜୁଳି ଝଟକପରି ଚଞ୍ଚଳ ଅଙ୍ଗ ସଞ୍ଚାଳନ—2. Brisk movement of the limbs like lightning flash.

ଚପଳେ—ଦେ. କ୍ରି. ବିଣ (ସ. ଚପଳମ୍)—୧ । ଶୀଘ୍ର; ଚଞ୍ଚଳ—
Chapale 1. Quickly.

ଚୂର୍ଣ୍ଣ ବାରୁଣୀକ ବନ ଦ୍ୟୁତ, ଚପଳେ ଅମ୍ବର ବରଜନ୍ତୁ ।
କବିସୂର୍ଯ୍ୟ, କଣୋସରଚମ୍ପୂ, ତ. ଗୀତ ।

୨ । (ଲକ୍ଷଣାର୍ଥ) ଚପଳତା ସହକାରେ; ଆଗ ପଛ ବିଚାର ନ କରି—2. Precipitously.

ତଇଠେ ନ ରଖିଲ ସେ ସ୍ନେହକୁ, ଚପଳେ ଛଡ଼ାଇ ଦେଇ ଦେହକୁ ।
କବିସୂର୍ଯ୍ୟ, କବିତା, କଲ୍ଲୋଳ ।

ଚପସିବା—ଦେ. କ୍ରି (ସ. ଶୁଷ ଧାତୁ)—୧ । କାଳି ଶୋଷିନେବା; ଛପା
Chapasibā କାଗଜରେ କାଳି ଟାଣି ହୋଇଯିବା—1 To soak
ଚପସାନ (said of a blotting paper).

ସୋଖନା ୨ । ପୁରୁଣା କାଗଜରେ ଲେଖିଲାବେଳେ କାଗଜରେ କାଳି ଭେଦିଯିବା—2. To soak (said of old paper when written upon.)

ଚପା—ଦେ. ବି (ସ. ଚପ ଧାତୁ = କୁଟିବା; ଦଳିବା)—୧ । ଚୁପ—
Chapā 1. Pressure.
ଚାପା ୨ । ଚୁପିବା; ଦାବିବା—2. Pressing down.
दाब; चपना

ଚପାଇବା—ଦେ. କ୍ରି—୧ । ଚପିବା କ୍ରିୟାର ଣିଜନ୍ତରୂପ—
Chapāibā 1. The causative form of chapibā.
ଚାପାନ ୨ । କାଗଜରେ ଅଠାଦ୍ୱାରା ଅନ୍ୟ ପାତଳା ବସ୍ତୁ (କୋଟିଫି,
चपाना चापना ଟିକଟ) ଲଗାଇବା—2. To stick something with gum to another thing.

(ଯଥା—ଦରଖାସ୍ତ ଉପରେ କୋର୍ଟଫି ଚପାଇବା ।)

୩ । ଦବାଇବା; ଦାବିବା—3. To press.

୪ । ଲୁଚାଇବା; ଗଡ଼ାପକରିବା—
4. To hush up a thing; to suppress.

୫ । ସମସ୍ତଙ୍କ ଉପରେ ନଇମସ୍ତକ ବା ଚୁପ୍ କରାଇବା—
5. To silence a person by frightening.

୬ । ଅନ୍ୟଦ୍ୱାରା ଚୁପିବା କର୍ମ କରାଇବା—
6 To cause to press

୭ । କାଗଜ ଉପରେ ଲେଖା ହୋଇଥିବା କାଳିକୁ ଶୋଷିବା ନିମନ୍ତେ ଚପା କାଗଜ ମାଡ଼ିବା—To blot a writting with blotting.

୮ । ଧମକାଇବା—8. To threaten.

ଚପାକାଗଜ—ଦେ. ବି.—୧ । ଯେଉଁ କାଗଜରେ ଲେଖିଲେ କାଳି
Chapākāgaja କାଗଜଦ୍ୱାରା ଶୋଷି ହୋଇ ଯାଏ ବା କାଗଜ
चापाकागज ମଧ୍ୟକୁ କାଳି ଚପି ଯାଏ—
सोखता 1. Paper into which the ink soaks.

୨ । ମସିଶୋଷକ ପତ୍ର; ଛପାକାଗଜ; ଯେଉଁ କାଗଜ ସାହାଯ୍ୟରେ ଲିଖିତ କାଗଜରୁ କାଳି ଶୋଷି ନିଆଯାଏ—
2. Blotting paper.

ଚପାଚପି—ଦେ. ବି.—ଚପା (ଦେଖ)
Chapāchapi Chapā (See)
चापाचापी

ଚପିବା—ଦେ. କ୍ରି.—(ସ. ଚପ ଧାତୁ = କୁଟିବା)—୧ । ଦବିବା—
Chapibā 1. To sink down.
ଚାପା ୨ । କାଳି ଆଦି କାଗଜରେ ଶୋଷି ହୋଇ ଯିବା—
चपना, दबना 2. To soak or sink (said of ink soaking into paper).

୩ । ଅନ୍ୟର ପ୍ରତାପରେ ଭୟ ପାଇ ଚୁପ ହେବା—
3. To be frightened to silence.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ୍ୟା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୪ । ଲଜ୍ଜିତ ହେବା—4. To be ashamed.

ଚପିଯିବା—ଦେ. କ୍ରି.—ଚପିବା (ଦେଖ)
Chapijibā Chapibā (See)
চেপেযাওয়া
चपयाना

ଚପେଟ—ସଂ. ବି.—(ଚପ ଧାତୁ + ଭାବ. ଏଟ)—୧ । ଚାପୁଡ଼ା—
Chapeṭa 1. Slap.
୨ । ଚାପୁଡ଼ାଇବା—2. Patting; slapping.

ଚପେଟାଘାତ—ସଂ. ବି.—ଚପଟାଘାତ (ଦେଖ)
Chapeṭāghāta Chapaṭāghāta (See)

ଚପେଟିକ—ସଂ. ବି.—ଚପେଟ (ଦେଖ)
Chapeṭika Chapeṭa (See)

ଚପେଟିକା—ସଂ. ବି.—ଚପେଟ (ଦେଖ)
Chapeṭikā Chapeṭa (See)

ଚବ୍‌ଚବ୍—ଦେ. ଅ.—(ଧ୍ୱନ୍ୟନୁକରଣ)—ଅଳ୍ପ ପାଣିରେ ବା କାଦୁଅରେ
Chab chab ଚାଲିବାର ବା ହାତ ପାପୁଲି ବାଡ଼େଇବାର ଶବ୍ଦ—
চপচপ Splattering or splashing sound of striking
चपड़ चपड़ or walking shallow water or mud.

ଚବ୍‌ରା—ପ୍ରାଦେ. (ସମ୍ବଲପୁର) ବିଣ.—ଚବ୍ରା (ଦେଖ)
Chabrā Chabrā (See)

ଚବ୍‌ଲାଇବା—ପ୍ରାଦେ. (ସମ୍ବଲପୁର) କ୍ରି.—(ତୁଳ. ହି. ଚବାନା)—
Chablāibā ପାଗୁଳାଇବା—To ruminate.

ଚବକା—ଦେ. ବି.—ଅତି କ୍ଷୁଦ୍ର ଅଗଭୀର ଜଳାଶୟ—
Chabakā Very small shallow tank.

ଚବତି—ପ୍ରାଦେ. (ସିଂହଭୂମ) ବି.—ପତରର ଦନା—A cup made
Chabati of leaves sewn together.

ଚ ବର୍ଗ—ସଂ. ବି.—(ଷଷ୍ଠୀ ତତ୍; ଚ + ବର୍ଗ)—ଚ, ଛ, ଜ, ଝ, ଞ ଏହି
Cha barga ୫ ବ୍ୟଞ୍ଜନ ବର୍ଣ୍ଣ—The 5 consonants allied to 'ch'.

ଚବନ—ସଂ. ବି.—ଚଇଁକାଠ (ଦେଖ)
Chabana Chaiṅkātha.

ଚବା—ପ୍ରାଦେ. (ସମ୍ବଲପୁର) ବି.—କାଇଁଶ—
Chabā The kāsa reed.

ଚବି—ସଂ. ବି.—ଚଇଁକାଠ (ଦେଖ)
Chabi Chaiṅkātha (See)
ଚବିକ
ଚବିକା } ଅନ୍ୟରୂପ
ଚଶ

ଚବିଦସ୍ତିଆମାଣ—ଗ୍ରା. ବି—ଚବିଶିଦସ୍ତିଆମାଣ (ଦେଖ)
Chabidastiāmāṇa Chabisidastiāmāṇa (See).

ଚବିଦସ୍ତିପଦିକା—ଗ୍ରା. ବି—ଚବିଶିଦସ୍ତିଆପଦିକା (ଦେଖ)
Chabidastipadikā Chabisidastiāpadikā (See).

ଚବିଲ—ଦେ. ବିଣ (ସଂ. ଛବିଲ)—୧ । ଛଇଲ (ଦେଖ)
Chabilā 1. Chhaila (See)
ছেবলা (ସଂ. ଚପଳ)—୨ । ଚଗଲା; ଚପଳସ୍ୱଭାବ—2. Fickle.

ଚବିଶ (ଇତ୍ୟାଦି)—ଦେ. ବି (ସଂ. ଚତୁର୍ବିଂଶ; ପ୍ରା. ଚଉବିସା)—
Chabisa etc ଚବିଶି ଇତ୍ୟାଦି (ଦେଖ)
Chabisi etc (See)

ଚବିଶାକୁଟା—ଦେ. ବି—୨୪ ଗୌଣୀ ଧାନ କୁଟା ଦେଲେ ତହିଁରୁ
Chabisākuṭā ୧୦ ଗଉଣୀ ଚାଉଳ ପାଇବାର ରୀତି—
The mode of supplying 10 'Gaunies' of rice for every 24 Gaunies of paddy given to a woman of husking.
[ଦ୍ର—ଆମ ଦେଶରେ ୨୨ ଗୌଣୀ ଧାନ ଦେଲେ କୁଟୁଣୀମାନେ ୧୦ ଗୌଣୀ ଚୁଡ଼ନା ଚାଉଳ ଦିଅନ୍ତି ଓ ୨୪ ଗୌଣୀ ଧାନ ଦେଲେ ୧୦ ଗୌଣୀ ଅରୁଆ ଚାଉଳ ଦିଅନ୍ତି । ୧୦ ଗୌଣୀ ଚାଉଳ ଦେଇ ଅତିରିକ୍ତ ଯାହା ବଳେ ତାହା କୁଟୁଣୀମାନେ ଆପଣାର ପାରଶ୍ରମିକରୂପେ ନିଅନ୍ତି ।]

ଚବିଶାକୁଟାପ୍ରମାଣେ—ଦେ. କ୍ରି. ବିଣ—୨୪ ଗୌଣୀ ଧାନରୁ ୧୦
Chabisākuṭāpramāṇe ଗୌଣୀ ଚାଉଳ ମିଳିବା ହିସାବରେ—
At the rate of 10 gaunies of rice for every 24 gounies of paddy given to the husked.
(ଯଥା—ଚାରି ଭରଣ ଧାନରୁ ଚବିଶା କୁଟାପ୍ରମାଣେ କେତେ ଚାଉଳ ହେବ ?)

ଚବିଶାଦୁଇଶହ—ଦେ. ବି—ଦୁଇଶହ ଚବିଶ—
Chabisāduisaha 224.

ଚବିଶାଶହେ—ଦେ. ବି. (ସଂ. ଚତୁର୍ବିଂଶୋତ୍ତରଶତ)—ଏକଶହଚବିଶ—
Chabisāsahe 124

ଚବିଶି—ଦେ. ବି. (ସଂ. ଚତୁର୍ବିଂଶ, ପ୍ରା. ଚଉବିସା)—
Chabisi କୋଡ଼ିଏରୁ ଚାରି ଅଧିକ ସଂଖ୍ୟା; ଚତୁର୍ବିଂଶ ସଂଖ୍ୟା—
চবিশ 24; Twentyfour.
चौबिस ବିଣ—୧ । ଚତୁର୍ବିଂଶ ସଂଖ୍ୟକ—
1 Numbering twentyfour.
୨ । ଚତୁର୍ବିଂଶର ପୂରଣ—2. Twentyfourth.

ଚବିଶିଘଣ୍ଟା—ଦେ. ବି—ଦିନରାତି; ଅହୋରାତ୍ର—
Chabisighaṇṭā Day and night.
চবিশঘন্টা
चौबिसघन्टा

ଚବିଶିଦସ୍ତିଆ ମାଣ—ଦେ. ବି—ଉତ୍କଳ ଦେଶପ୍ରଚଳିତ ଭୂମିପରିମାଣ
Chabisidastiāmāṇa ବିଶେଷ; ଏକ ଏକର୍—One acre; a unit of land measurement in Orissa
[ଦ୍ର—ଚବିଶିଦସ୍ତି ପଦିକାରେ ଦୀର୍ଘରେ ୨୦ ପଦିକା ଓ ପ୍ରସ୍ଥରେ ୨୦ ପଦିକା ପରମିତ ବର୍ଗକ୍ଷେତ୍ର ।]

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଶ	ଙ୍କ	ଇଶ୍ୱ	ଉଅ	ଗ୍ଧ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଞ୍ଜ	ନ୍ତ

ଚବିଶିଦସ୍ତି ପଦକା—ଦେ. ବି—ଉତ୍କଳର ଭୂମି ମାପିବାର ନଳ ବା କାଠି-
Chabiśidasti padikā ବିଶେଷ; ୧୦ ଫୁଟ ୫ ଇଞ୍ଚ ୧ ଯବ-
ପରିମିତ ଛଣି—A measing rod for land measure in Orissa.
[ଦ୍ର—ଚବିଶଦସ୍ତି ପଦକାର ପରିମାଣ ୬ ହାତ; ମାତ୍ର ପୂର୍ବ-କାଳରେ ପ୍ରଜାମାନଙ୍କୁ ଜମି ଦେବାରେ ପ୍ରଲୋଭିତ କରିବାପାଇଁ ଜମିଦାରମାନେ ଏହି ପରିମାଣକୁ ବଢ଼ାଇ ଦେଇ ପଦକାକୁ ଛଅ ହାତ ଏକକାଣୀ ବା ହା ୬।୨୨ ଅଙ୍ଗୁଳ ରଖିଥିଲେ; ଏହା ଇଂରେଜି ୧୦ ଫୁଟ ୫ ଇଞ୍ଚ ୧ ଯବ ସଙ୍ଗେ ସମାନ ।]

ଚବିଶିଦସ୍ତି ମାଣ—ଦେ. ବି—ଚବିଶିଦସ୍ତିଆ ମାଣ (ଦେଖ)
Chabiśidasti māṇa Chabiśidastiā māṇa (See)

ଚବେଣା—ଦେ. ବି. (ସଂ. ଚର୍ବଣ; ହିନ୍ଦିରୁ ଅନୁକୃତ)—
Chabeṇā ଗୁଡ଼ଳ, ମୁଗ, ବିରି, ବୁଟ ଓ ଚଣାଆଦି ଶସ୍ୟ ଭଜା
चबेना ହୋଇ ଚୋବାଇବାପାଇଁ ବ୍ୟବହୃତ ଖାଦ୍ୟ—
चबैना Fried grains of several kinds mixed together and chewed as a refreshment.

ଚବ୍ୟ—ଗ୍ରା. ବିଣ (ସଂ. ଚର୍ବ୍ୟର ଅଶୁଦ୍ଧ ଉଚ୍ଚାରଣ)—୧ । ଚୋବାଇବାର
Chabya ଯୋଗ୍ୟ—Chewable.
[ଦ୍ର—ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ, ସ୍ଥାନରେ କେହି କେହି ଲେଖକ 'ଚବ୍ୟ' ବ୍ୟବହାର କରିବାର ଦେଖାଯାଏ ।]
ସଂ. ବି—୧ । ଚଇଁକାଠ (ଦେଖ)
1. A medicinal creeper; piper chaba
୨ । କପାଗଛ—2. The cotton plant (M.W.)

ଚବ୍ୟକାଷ୍ଠ—ସଂ. ବି.—ଚଇଁକାଠ (ଦେଖ)
Chabyakāshṭha A piper chaba.

ଚବ୍ୟଜା—ସଂ. ବି—ଗଜପିପ୍ପଳୀ—
Chabyajā Scinapsus offiicinalis (fruit).
(ଚବ୍ୟଫଳ—ଅନ୍ୟରୂପ)

ଚବ୍ରା—ପ୍ରାଦେ. (ସମ୍ବଲପୁର) ବିଣ—(ଯେ ଚୋବେ)—୧ । ହିଂସ୍ର—
Chabrā 1. Destructive; malicious; injurious
୨ । କାମୁଡ଼ା—2. Currish; given to biting.

ଚମ୍ (ଧାତୁ)—ସଂ. ୧ । ଭକ୍ଷଣ କରିବା—1. To eat.
Cham (root) ୨ । ଗମନ କରିବା—2. To go
୩ । ଧ୍ୱଂସ କରିବା—3. To destroy.

ଚମ୍—ପ୍ରାଦେ. (ସମ୍ବଲପୁର) ବି—(ସଂ. ଚର୍ମ)—ଚମ—
Cham Skin.

ଚମ୍ଚଟା—ପ୍ରାଦେ. (ସମ୍ବଲପୁର) ବି. (ସଂ. ଚର୍ମଚଟକ)—
Chamchaṭā ଛୋଟି ଚମ୍ଚଟି; ଚମଚଟା—Small bat.

ଚମ୍ଚମ୍—ଦେ. ବି. (ସଂ. ଚମଧାତୁ=ଖାଇବା)—ଚିନି ରସରେ ପାକ
Chamcham ହୋଇଥିବା ଦୁଧଛେନାର ଏକପ୍ରକାର ମିଷ୍ଟାନ୍ନ—
चमचम A kind of sweetmeat.
चमचम

ଚମ୍ଡୁଲା—ପ୍ରାଦେ. (ସମ୍ବଲପୁର) ବି. (ସଂ. ଚର୍ମ ଓ ଦଲ ଧାତୁ)—
Chamḍulā ଚମଦଲା—A kind of itches.

ଚମ—ଦେ. ବି. (ସଂ. ଚର୍ମ; ପ୍ରା. ଚମ୍ମ, ଚମ)—
Chama ୧ । ଜୀବଦେହର ଚର୍ମ; ଜୀବଦେହର ମାଂସ, ଶିରା
चामड़ा, चाम ଓ ହାଡ଼କୁ ଘୋଡ଼ାଇଥିବା ପତଳା ଆବରଣ—
चाम 1. Skin.
ଚମ କେଡ଼ି ତ ଛିଳା ଚଉରଣିକ । ମନବୋଧ ଚଉତିଶା ।
୨ । ଖୋଲ; ଚମଡ଼ା—2. Hide.
ଗୋରୁ ଚମ ଢୁଣ ଯେ ଜାହାଳ କେନ କାଣ୍ଡ । ବଳରାମ. ରାମାୟଣ ।
୩ । ପରିଷ୍କୃତ ଚମଡ଼ା—3. Leather.
୪ । ମଳଚମ—4. A very thin layer of skin on the body.
୫ । ଭଣ୍ଡାରିଙ୍କ ଚଟପଟୀ—5. Barber's strop.

ଚମଉକୁଣୀ—ଦେ. ବି. (ଚର୍ମ+ଉତ୍କୁଣ)—
Chamaukuṇi ଦେହ, ଚର୍ମ ଓ ଆଖି ପତା ପ୍ରଭୃତି ସ୍ଥାନର କେଶରେ
चामउकुन् ଜାତ ଉକୁଣିଆ ପୋକବିଶେଷ—
चमोकन, चमजुइ Skin-louse; louse-mite; crab-louse; morpion; Pediculus pubies.

ଚମଉକୁଣିଆଁ—ଦେ. ବିଣ. (ଲକ୍ଷଣାର୍ଥ)—ଚମ ଉକୁଣି ଚମରେ ଲାଗିଲା
Chamaukuṇiāṅ ପରି ଯେ କୌଣସି ବିଷୟରେ ଜଗର କରି ଲାଗି
चिलहड़ि ରହେ ଓ ସହଜରେ ଛାଡ଼େ ନାହିଁ—
(figurative) Tenaciously sticking to a thing (like skin louse)
[ଦ୍ର—ବଙ୍ଗଳାରେ ଓ ହିନ୍ଦୀରେ 'ନାଛୋଡ଼ବନ୍ଦା' ଯେଉଁ ଅର୍ଥରେ ବ୍ୟବହୃତ ହୁଏ ଓଡ଼ିଆରେ 'ଚମଉକୁଣିଆ', 'ଚେମରଚଟୁ' ସେହି ଅର୍ଥରେ ବ୍ୟବହୃତ ହୁଏ । ହିନ୍ଦିରେ ମଧ୍ୟ ଚମଜଇ ବ୍ୟବହୃତ ହୁଏ ।]

ଚମକ—ଦେ. ବି. (ସଂ. ଚମତ୍କାର; ପ୍ରା. ଚମକ୍କ; ଚିଁବିଁକ)—
Chamaka ୧ । ହଠାତ୍ ଉପସ୍ଥିତ କ୍ଷଣିକ ଭୟ; ଛନିଆ; ଚମକି
चमक ପଡ଼ିବା—1. Panic; alarm; mincing
चौंक through sudden fright; alarm.
ବେଗି କରପଢ଼ି ପୁରେ ଚମକ ପଡ଼ିଲା । ଶିଶୁଶଙ୍କର. ଉଷାଅଭିଳାଷ ।
୨ । ବିସ୍ମୟ—2. Astonishment.
ଚମକ ଚକିତ ଉଦ ସୀ
ହା ୟ ଖେଦନ ମିଶାମିଶି । ଭୂପତି. ପ୍ରେମପଞ୍ଚାମୃତ ।
चमक ୩ । (ବିଦ୍ୟୁତ ଆଦିର) ହଠାତ୍ ପ୍ରକାଶିତ କ୍ଷଣିକ ଆଲୋକ;
चमत्क ଝଟକ—3. A flashing light; flash; glitter.
୪ । ହଠାତ୍ ଭୟଜନିତ ହୃଦର କମ୍ପନ ବା ସ୍ପନ୍ଦନ—
4. Palpitation of the heart (due to fright)
ଉଠେ ଗାତ୍ରରେ ଚମକ ଶତ ଶତ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୫ । ଚକଚକ୍ୟ; ଝଟକ—5. Glitter.

ବିଣ—୧ । ଅସ୍ଥିର, ଚମକା—
1. Wincing; suddenly frightened.

୨ । ଯାହା ହଠାତ୍ ଭୟ ଜନ୍ମାଏ—
2. Frightening; frightful; alarming

ବାଦ୍ୟ ଶବଦର ଗମକ ଚମକ ତାନବେନ୍ଦ୍ର ତାନ କରଣ ।
ଉପେନ୍ଦ୍ର, ବୈଦେହୀଶବିଳାସ ।

୩ । ଚକମକ କରୁଥିବା—3. Glittering; flashing.

ଚମକ ଛଡ଼ାଇବା—ଦେ. କ୍ରି—ଚମକ ଭାଙ୍ଗିବା (ଦେଖ)
Chamaka chhaṛāibā Chamaka bhāṅgibā (See)

ଚମକଛିଣ୍ଡାଳ—ଦେ. ବିଣ. ସ୍ତ୍ରୀ. (ଗାଳିବିଶେଷ)—
Chamakachhiṇḍāla
चमकचाँदनी
चुपछिनाल
(ଚମକଛିଣ୍ଡାଳୀ—ଅନ୍ୟରୂପ)
୧ । ଯେ ଜାଣି ଶୁଣି ପର ପୁରୁଷ ସଙ୍ଗେ ପାପପ୍ରଣୟ କରୁଥାଏ ଅଥଚ ମଝିରେ ମଝିରେ କେହି ମୁରବି ଲୋକ ଅସିବା ବା ଧରା ପଡ଼ିବା ଭୟର ବାହାନା କରି ଚମକି ପଡ଼ୁଥାଏ—
1. A flirt; a term of abuse applied to a cunning and loose flirt.

୨ । ଯେଉଁ ଦୁଷ୍ଟଚରିତ୍ରା ସ୍ତ୍ରୀ ଖୁବ ଆଡ଼ମ୍ବରରେ ଥାଏ—
2. A gaudy adulteress.

୩ । ଗୁପ୍ତ ବ୍ୟଭିଚାରିଣୀ ସ୍ତ୍ରୀ—3. An adulteress who plies her trade secretly.

ଚମକଡ଼ା—ଦେ. ବି—ଗୋଡ଼ ଓ ଗୋଇଠିତଳପାରୁ ମଳଚମ ଛାଞ୍ଚି ନେବାର ନଖରୁଣୀ—An instrument used by barbers to scrape off the redundant layers of skin from the heels.
Chamakaṛhā
चामकाटा
चमछिलनी

[ଦ୍ର—ଆମ ଦେଶର ସ୍ତ୍ରୀଲୋକମାନେ ବହୁତ ଚୁଲବୁଲ ନ କରିବାରୁ ସେମାନଙ୍କ ତଳପାରେ ମଳଚମ ଜମେ । ଭଣ୍ଡାରୁଣୀମାନେ ତଳପାକୁ ପାଣିରେ ବଡୁରାଇ ମଳଚମ ଫଡ଼ୁଲି ଗଲାରୁ ଚମକଡ଼ାରେ ତାକୁ ଛାଞ୍ଚି ଦେଇ ତା ଉପରେ ଅଳତା ଦିଅନ୍ତି ।]

ଚମକଦମକ—ଦେ. ବି. (ସହଚର)—ଚାକଚକ୍ୟ; ଉଜ୍ଜ୍ୱଳତା; ଦୀପ୍ତି—
Chamakadamaka Glitter; splendour.
चमकदमक
चमकदमक
(ଯଥା—ତା ଚମକଦମକ ଦେଖି ମୁଁ ତ ଆଶ୍ଚର୍ଯ୍ୟ ହୋଇଗଲି ।)

ଚମକଦାର—ଦେ. ବିଣ—ଚକଚକିଆ—
Chamakadāra Glittering; dazzling.
चमकदार
चमकदार

ଚମକଧମକ—ଦେ. ବି—ଧମକଚମକ; ଧମକାଧମକି—
Chamakadhamaka Threats; threatenings.
धमकचमक

ଚମକ ପଡ଼ିବା—ଦେ. କ୍ରି—ଶୁଣିବା ଲୋକ ମନରେ ଚମକା ବା କମ୍ପ ଉପସ୍ଥିତ ହେବା—Being frightened or startled.
Chamaka paṛibā
चमकआसा
चौंकआना

ନୋହିଲେ ଚମକ ଭ୍ରମ ନାମେ ଏଡ଼େ ପଡ଼େ
ମେରୁମନ୍ଦର ସେ ଉଞ୍ଛିବ ଚୋର ଦାଢ଼େ—ପୀତାମ୍ବର. ନୃସିଂହପୁରାଣ

ଚମକ ପଶିବା—ଦେ. କ୍ରି—ମନରେ ହଠାତ୍ ଉପସ୍ଥିତ ଭୟର ଛାୟା ରହିଯିବା—Lingering of wincing sensation in the mind.
Chamaka paśibā
चमकटुका

ଚମକ ଭଙ୍ଗାଇବା—ଦେ. କ୍ରି—ଚମକ ଭାଙ୍ଗିବା (ଦେଖ)
Chamaka bhaṅgāibā Chamaka bhāṅgibā (See)
चमकभाङ्गान
चमकतोड़ना

ଚମକ ଭାଙ୍ଗିବା—ଦେ. କ୍ରି—୧ । ଯୁଦ୍ଧସ୍ଥଳାଦିକୁ ମନୁଷ୍ୟ ବା ଘୋଡ଼ା ଆଦିକୁ ନେଇ ସେମାନଙ୍କ ମନରୁ ହଠାତ୍ ଚମକା ହେବା ଖୋଇକୁ ଛଡ଼ାଇବା; ଅଭ୍ୟାସ-ଦ୍ୱାରା ମନରୁ ହଠାତ୍ ଭୟ ଛଡ଼ାଇବା—
Chamaka bhāṅgibā
चमकभाङ्गान
चौंकतोड़ना
1. To make a man or animal invulnerable against wincing by constantly habituating him to frightening scenes.

୨ । ଭୟ ଦୂର କରାଇବା—2. To remove fear.

ଚମକରେ—ଦେ. କ୍ରି. ବିଣ—ଝଟକରେ; ଆଡ଼ମ୍ବରରେ—
By the splendour of.

କଥା ଚମକରେ ଚମକଇ ମନ୍ତ୍ରୀ ରହେ ସିନା କ୍ଷଣ ମାତର—
ଉପେନ୍ଦ୍ର. ଗୀତଲହରୀ ।

ଚମକ ଲାଗିବା—ଦେ. କ୍ରି—ଚମକ ପଶିବା (ଦେଖ)
Chamaka lāgibā Chamaka paśibā (See)

ଚମକା—ଦେ. ବି—ମନରେ ହଠାତ୍ ଭୟ ବା ଚମକା ପଶିବା—
Chamakā Wincing.
चमका
चौंका

चमकिया ଦେ. ବିଣ. ପୁଂ ଓ ସ୍ତ୍ରୀ—ଯେ ହଠାତ୍ ଚମକଉଠେ; ଚମକା—Wincing; timid.
चौंकना

(ଯଥା—ଚମକା ଘୋଡ଼ା ।)

ଚମକାଇବା—ଦେ. କ୍ରି. (ସଂ. ଚମତ୍କୃତ; ପ୍ରା. ଚଁମକ; ଚମକିବାର ଣିଜନ୍ତ ରୂପ)—୧ । ଭୟ ଦେଖାଇବା; ଡରାଇବା—
Chamakāibā
चमकान
चौंकाना
1. To frighten.

ମିଛ ନୋହେ ସତ୍ୟ ସେ ଶ୍ଳୋକ ଯୋଗେ ଯୋଗେନ୍ଦ୍ରଙ୍କୁ ଚମକାଇବ—
ଉପେନ୍ଦ୍ର. ପ୍ରେମସୁଧାନିଧି ।

(ଚମକେଇବା—ଅନ୍ୟରୂପ) ୨ । ଅସ୍ତ୍ରଆଦିର ଉଜ୍ଜ୍ୱଳଫଳାକୁ ଇତସ୍ତତଃ ସଞ୍ଚାଳିତ କରିବା ଝଟକାଇବା—
2. To cause to glitter; to flash (bright bladed weapons).

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	କ୍କ	ଇଯ୍	ଉଅ	ଘ୍ନ
୨	ଈ	ଉ	ଋୁ	ଲୁ	ପେ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ନ୍ବ

ଏଇ ଦେଶ ସୈନିକମାନେ ଅସ୍ତ୍ରଗୁଡ଼ାକ ଚମକାଇ କରନ୍ତି ଅଗ୍ନି ଉପ୍ତ
ଅନାଇଅଜନ୍ତ୍ର—ମଧୁସୂଦନ, ଉତ୍ତରରାମଚରିତ ।

चमकाना ୩ । ଚକଚକଆ ପୋଷାକ ଦେଖାଇବା—
3. To parade one's dress.

୪ । ଇତସ୍ତତଃ ସଞ୍ଚାଳିତ କରାଇବା—
4. To cause to move to and fro.

ଭାବ ଅନୁରୂପ କମ୍ପ ଚମକାଏ ଶୈଶବକଳ ମସ୍ତକେ—
ମଧୁସୂଦନ, ଉତ୍ତରରାମଚରିତ ।

ଚମକାଣ—ଦେ. ବି—୧ । ଚମକାଇବା କର୍ମ—
Chamakāṇa 1. Act of causing to flash.
চমকানি ୨ । ଚମକ (ଦେଖ)—2. Chamaka (See)

ଚମକି ଉଠିବା—ଦେ. କ୍ରି—ଚମକି ପଡ଼ିବା (ଦେଖ)
Chamaki uṭhibā Chamaki par̤ḏibā (See)
চমকেউঠা
चौंकउठना

ଚମକିତ—ଦେ. (ପଦ୍ୟ) ବିଣ. (ସଂ. ଚମତ୍କୃତ)—ହଠାତ୍ ତ୍ରସ୍ତ—
Chamakita Suddenly frightened; alarmed.

ଚମକି ପଡ଼ିବା—ଦେ. କ୍ରି. (ସଂ. ଚମତ୍; ଚମତ୍କାର)—
Chamaki par̤ḏibā ୧ । ହଠାତ୍ ଛନକା ହେବା—
চমকেউঠা 1. To wince; to be startled; to take a sudden fright.
चौंकपड़ना

୨ । ଭୟତ୍ରସ୍ତ ହେବା; (ଛାତି) ଧଡ଼ଫଡ଼ କରିବା—
2. To be alarmed.

୩ । କମ୍ପିବା — 3. To tremble.

୪ । ଭୟତ୍ରସ୍ତ ହେବାରୁ କମ୍ପିତ ହେବା—
4. To shake in fear.

ଚମକିବା—ଦେ. କ୍ରି. (ସଂ. ଚମତ୍କୃତ; ପ୍ରା. ଚମକ୍କି)—
Chamakibā ୧ । ହଠାତ୍ ଦୂରକୁ ଖରବେଗରେ ଗତି କରିବା—
চমকা 1. To shoot forth; to shoot out.
चमचमाना; चमकना ବଜ୍ରର ପରାଏ ବାଣ ଚମକେ ଗଗନେ—
ମଧୁସୂଦନ, ବର୍ଣ୍ଣବୋଧ ।

୨ । (ଶସ୍ତ୍ରାଦି) ଇତସ୍ତତ ସଞ୍ଚାଳିତ ହେବା—
2. To be marshalled or moved to and fro (weapons).

ସଗ୍ରାମସ୍ଥାନଙ୍କଣେ ଧୂଳିପଟଳ ମଧ୍ୟରେ
ସୈନିକଙ୍କ ଚନ୍ଦ୍ରହାସ ଚମକଇ ଶରେ—ମଧୁସୂଦନ, ଉତ୍ତରରାମଚରିତ ।

୩ । ଝଟକିବା — 3. To flash; to glitter.

चौंकना; चौंधना ୪ । ଭୟ ଯୋଗୁଁ (ଛାତି) ଧଡ଼ଫଡ଼ କରିବା—
4. To palpitate; to throb.

ଚମକି ତ ନାହିଁ ମୋର ଛାତି—କବିସୂର୍ଯ୍ୟ, ଲୋପାଗଚନ୍ଦ୍ର, ତ ଗୀତ ।

୫ । ଚମକି ଉଠିବା; ହଠାତ୍ ଭୟରେ ଛନକା ହେବା—
5. To be startled; to wince.

୬ । କମ୍ପିବା—6. To tremble.

କଥା ଚମକରେ ଚମକଇ ମଣ୍ଡି ଉହେ ସିନା ଷଣମାତର—
ଚକାସ୍. ଗୀତଲହରୀ ।

୭ । ଭୟରେ କମ୍ପିବା—
7. To tremble through fear.

ବୋଲିଲ ବଚନ ଶୁଣି ଚମକଇ ଦେହ—ପ୍ରାଚୀ, ଶିଶୁଶଙ୍କର ଉଷାଭିଲାଷ ।

[ଦ୍ର—ଚମକିବାର ଅସମାପିକା ରୂପ ସଙ୍ଗେ ଉଠିବା, ପଡ଼ିବା, ଯିବା କିମ୍ବା ଲାଗେ ।]

ଚମଚ—ଦେ. ବି. (ସଂ. ଚମସ; ଫା. ଚମଚ୍)—ଚାମଚ; ଧାତୁନିର୍ମିତ କ୍ଷୁଦ୍ର ଅଣକ—Spoon.
Chamacha
চামচ
चमचा

ଚମଚଟା—ଦେ. ବି. (ସଂ. ଚର୍ମଚଟିକା)—୧ । ଚେମ୍ପିଣି ଚଢ଼ାଇ—
Chamachaṭā 1. House bats; small bat.
চামচিকা ଚମିରକୁ ହେଁ ଦଳନ୍ତି ଚଳନେ ପକ୍ଷବାଦେ ଚମଚଟା—
चमचिचड़ ରାଧାନାଥ, ପାବଗା ।

ଚମଚଟିଆ, ଚମଚଟୁଆ, ଚମଚଟା, ଚମଚଟାଳ } ଅନ୍ୟରୂପ

୨ । (ଲକ୍ଷଣାର୍ଥ) ଚେମ୍ପିଣି ଭଳିଆ ସାଙ୍ଗରେ ଲାଗିବା—2. Pertinacity.

ଦେ. ବିଣ—୧ । ଯେ କୌଣସି କାର୍ଯ୍ୟରେ ଜିଦ୍ ଧରି ଲାଗି ରହୁଥାଏ—ନୋଛୋଡ଼ବନ୍ଦା; 1. Pertinacious.

୨ । ଏକଗୁଆଁ; ଏକଜିଦିଆ —
2. Stubborn; obbstinate.

୩ । ଅକ୍ଲାନ୍ତ—3. Untired.

ଚମଚୋର—ଦେ. ବିଣ. ପୁଂ (ସଂ. ଚର୍ମ+ଚୌର)—
Chamachora ୧ । ଗୁପ୍ତ ପ୍ରଣୟକାରୀ—
লোচ্চা 1. Mixing in love intrigues.
वजिनाकार, ୨ । ପର ସ୍ତ୍ରୀ ସଙ୍ଗେ ଆସକ୍ତ; ଲମ୍ପଟ—
चामचोर 2. Adulterous.

ଚମଚୋରି—ଦେ. ବି. (ସଂ. ଚର୍ମ+ଚୌର୍ଯ୍ୟ)—
Chamachori ୧ । ଲମ୍ପଟ୍ୟ; ପରସ୍ତ୍ରୀହରଣ—
লোচ্চামী 1. Adultry.
चामचोरी ୨ । ଗୁପ୍ତପ୍ରୀତି—2 Macking illicit or secret love; love intrigues.

ଚମଡ଼—ଦେ. ବିଣ—ଚେମଡ଼ (ଦେଖ)
Chamar̤ḏa Chemar̤ḏa (See)

ଚମଡ଼ଚଟା—ଦେ. ବି ଓ ବିଣ—ଚମଚଟା (ଦେଖ)
Chamar̤ḏachaṭā Chamachaṭā (See)

ଚମଡ଼ଚଟି, ଚମଡ଼ଚଟିଆ, ଚମଡ଼ଚଟୁ, ଚମଡ଼ଚଟୁଆ } ଅନ୍ୟରୂପ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତଳ୍ପର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଦ୍ଧ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚମଡ଼ା—ଦେ. ବି. (ସଂ. ଚର୍ମ)— ୧ । ଶରୀରର ଚର୍ମ—1. Skin.
Chamarḍā ୨ । ଛାଲ—2. Hide.
চামড়া ୩ । ମସଲାଦ୍ୱାରା ବିଶୁଦ୍ଧ ହୋଇ ରଙ୍ଗ ଓ ପାଲିସ
चमड़ा ହୋଇଥିବା ଚର୍ମ—2. Leather.

ଚମଡ଼ା ଉତାରିବା—ଦେ. କ୍ରି. (ସଂ. ଚର୍ମ+ଉତ୍ତରଣ)—
Chamarḍā utāribā ୧ । ଜୀବ ଦେହରୁ ଚମଡ଼ାକୁ ବାହାର
চামড়া উতরান କରିବା; ଛାଲ ଉତାରିବା—
चमड़ा उधेड़ना 1. To flay.
୨ । (ଲକ୍ଷଣାର୍ଥ) ବିଶେଷ ପ୍ରହାର କରିବା—
2. To give a sound thrashing.

ଚମଡ଼ା କଷିବା—ଦେ. କ୍ରି—ଚମଡ଼ାକୁ ମସଲାପାଣିଦ୍ୱାରା ନରମ କରିବା-
Chamarḍā kasibā To tan leather.
চমড়া কাষা
चमड़ा सिझाना

ଚମଡ଼ାଛାଆଣି—ଦେ. ବି— ଢୋଲ ଆଦିର ମୁହଁରେ ଚମ ଆବୃତ କରିବା-
Chamarḍā chhāāṇi Covering or binding a drum with leather.
ଚମଡ଼ାଛାଅଣି } ଅନ୍ୟରୂପ
ଚମଡ଼ାଛୁଅଣି
ଦେ. ବିଣ—ଉପରେ ଚମଡ଼ା ପଡ଼ିଥିବା; ଚର୍ମାବୃତ—
Hide-bound; having the mouth or surface covered with leather.

ଚମତ୍— ସଂ. ଅ. (ଚମ୍ ଧାତୁ=ଚମକି ପଡ଼ିବା+କର୍ତ୍ତୃ. ଅତ୍)—
Chamat ଚମକିବା—Wincing.
[ଦ୍ର—ଏ ଶବ୍ଦର ସ୍ୱତନ୍ତ୍ର ବ୍ୟବହାର ଓଡ଼ିଆ ଭାଷାରେ ନାହିଁ ।]

ଚମତ୍କରଣ—ସଂ. ବି. (ଚମତ୍ =ଆଶ୍ଚର୍ଯ୍ୟବୋଧ+କୃ ଧାତୁ+ଭାବ.
Chamatkaraṇa ଅନ)—୧ । ହଠାତ୍ ଆଶ୍ଚର୍ଯ୍ୟ କରିବା; ଆଶ୍ଚର୍ଯ୍ୟ ବୋଧ ଜନ୍ମାଇବା; ଛନିଆଁ କରିବା—
1. Astonishing; surprising; alarming
୨ । ଆଶ୍ଚର୍ଯ୍ୟବୋଧ—2. Astonishment.
୩ । ଉତ୍ସବ—3. Festival.
୪ । ଉଚ୍ଚ ଧରଣର ପଦ୍ୟ ରଚନା—
4. High poetical composition

ଚମତ୍କାର—ସଂ. ବି. (ଚମତ୍+କୃ ଧାତୁ+ଭାବ. ଅ)—
Chamatkāra ୧ । ଆଶ୍ଚର୍ଯ୍ୟ; ବିସ୍ମୟ—1. Astonishment; surprize; amazement.
ଗଜମୁଖଁ ଶୁଣି ଲଭିଲେ ଚମତ୍କାର । କୃଷ୍ଣସିଂହ. ମହାଭାରତ. ବନ ।
୨ । ଅନିର୍ବଚନୀୟ ଆନନ୍ଦ—2. Exquisite; pleasure.
୩ । ମଉଜ ମଜଲିସ—
3. Festive turbulance (M. W.)
୪ । ଆଡ଼ମ୍ବର—4. Show (M. W.)
୫ । ଉଚ୍ଚ ଧରଣର ପଦ୍ୟରଚନା—
5. High poetical composition (M. W.)
୬ । ବୃକ୍ଷବିଶେଷ—
6. Achyranthes Aspera tree (M. W.)
୭ । ଆଶ୍ଚର୍ଯ୍ୟଜନକ ବିଷୟ (ହି. ଶବ୍ଦସାଗର)—
7. Wonderful thing.
୮ । ଅଲୌକିକ ବା ଅସାଧାରଣ ବିଷୟ (ହି. ଶବ୍ଦସାଗର)—
8. Extraordinary thing.
ଦେ. ବିଣ — ୧ । ଆଶ୍ଚର୍ଯ୍ୟଜନକ—
1. Wonderful; surprizing; imazing.
ସେ କଥା ଚମତ୍କାର ହେଉ ଏ ଲୋକର । କୃଷ୍ଣସିଂହ. ମହାଭାରତ. ବନ ।
୨ । ଆନନ୍ଦଦାୟକ—2. Charming.
୩ । ଉତ୍କୃଷ୍ଟ—3. Excelent; capital.
୪ । ଆଶ୍ଚର୍ଯ୍ୟାନ୍ୱିତ—
4. Amazed; wondering; surprised.
ତୁମ୍ଭ କଥା ଶୁଣି ମୁଁ ଚମତ୍କାର ହୁଏଁ । କୃଷ୍ଣସିଂହ. ମହାଭାରତ ବନ ।

ଚମତ୍କାରକ—ସଂ. ବିଣ. (ଚମତ୍+କୃ ଧାତୁ+କର୍ତ୍ତୃ. ଅକ)—
Chamatkāraka ୧ । ଆଶ୍ଚର୍ଯ୍ୟ ଉତ୍ପାଦନକାରୀ; ବିସ୍ମୟକର—
(ଚମତ୍କାରିକା—ସ୍ତ୍ରୀ) 1. Astonishing; wonderful.
(ଚମତ୍କାରୀ—ଅନ୍ୟରୂପ) ୨ । ଅତ୍ୟନ୍ତ ସୁନ୍ଦର—
2. Very beautiful.
୩ । ମନୋମୋହକର—3. Captivating; charming.

ଚମତ୍କାର ପାଇବା—ଦେ. କ୍ରି—୧ । ଆଶ୍ଚର୍ଯ୍ୟ ବୋଧ ହେବା—
Chamatkāra pāibā 1. To seem wonderful
ଏ କଥା ମୋ ମନକୁ ବଡ଼ ଚମତ୍କାର
ପାଉଛି କହ ଅହେ ଉପକୂଳବର । କୃଷ୍ଣସିଂହ. ମହାଭାରତ. ବନ ।
୨ । ଆଶ୍ଚର୍ଯ୍ୟାନ୍ୱିତ ହେବା—2. To be surprised.
ତା ଶୁଣି ଅଚଳନ୍ତ ପାଇଲେ ଚମତ୍କାର । କୃଷ୍ଣସିଂହ. ମହାଭାରତ ବନ ।

ଚମତ୍କାରିତ—ସଂ. ବିଣ. ପୁଂ. (ଚମତ୍କାର+ଇତ)—ଚମତ୍କୃତ—
Chamatkārita Astonished (M. W,)
(ଚମତ୍କାରିତା—ସ୍ତ୍ରୀ)

ଚମତ୍କାରିତା—ସଂ. ବି. (ଚମତ୍କାରିନ୍+ତା)—୧ । ବିସ୍ମୟକରତ୍ୱ—
Chamatkāritā 1. Wonderfulness.
(ଚମତ୍କାରିତ୍ୱ—ଅନ୍ୟରୂପ) ୨ । ମୁଗ୍ଧକାରିତା—
2. Charm; beauty.

ଚମତ୍କାରୀ—ସଂ. ବିଣ. ପୁଂ. (ଚମତ୍କାର+ଇନ୍ ୧ମା. ୧ବ.)—
Chamatkārī ଚମତ୍କାରକ (ଦେଖ)
(ଚମତ୍କାରିଣୀ—ସ୍ତ୍ରୀ) Chamatkāraka (See)

ଚମତ୍କୃତ—ସଂ ବିଣ. ପୁଂ. (ଚମତ୍+କୃ ଧାତୁ+କର୍ମ. ତ)—
Chamatkṛuta ୧ । ଆଶ୍ଚର୍ଯ୍ୟାନ୍ୱିତ; ବିସ୍ମିତ—
(ଚମତ୍କୃତା—ସ୍ତ୍ରୀ) 1. Surprised; astonished.
(ଚମତ୍କୃତି—ବି) ୨ । ବିମୁଗ୍ଧ—2. Captivated; charmed.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍ଁ	ହ୍ୱ	ଢ
୨	ଈ	ଊ	ରୁ	ଲୁ	ପ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ୱ	କ୍ସ

ଚମଦଉଡ଼ି—ଦେ. ବି—ଚର୍ମରଜ୍ଜୁ; ଚମଡ଼ାରୁ ବାହାରଥିବା ଦଉଡ଼ି;
Chamadaurdi ଚମଡ଼ାର ଚନ୍ଦୁରେ ବଳାଯାଇଥିବା ଦଉଡ଼ି—
চামদড়ি Leathern string or strap; leathern
चमड़ाकीरस्सि thong.

ଚମଦଳା—ଦେ. ବି (ସଂ. ଚର୍ମ ଓ ଦଳ ଧାତୁ)—
Chamadaḷā କୁଣ୍ଡିଆ ରୋଗବିଶେଷ—
A kind of itching eruption.

ଚମବାଇଦ—ଦେ. ବି. (ସଂ. ଚର୍ମ ଓ ବାଦ୍ୟ)—
Chamabāida ଚମଡ଼ାଛାଉଣି ବାଦ୍ୟ; ଆନଦ୍ଧ ବାଦ୍ୟ; ଢୋଲ—
Drum covered with skin.
ଚମବାଇଦ କୋଶେ; ଭୁଣବାଇଦ ସହସ୍ର କୋଶ । ଢଗ ।

ଚମମୁଠିଆ (ଭଣ୍ଡାରୀ)—ଦେ. ବି—ଉଚ୍ଚ ଶ୍ରେଣୀର ଭଣ୍ଡାରୀ ଜାତି—
Chamamuṭhiā A high class barber.
[ଦ୍ର—ଏମାନେ ଛେଲଚମର ମୁଠିରେ କ୍ଷୁର ଅବ ବାନ୍ଧି ଖିଲ୍ଲି ମୁଠିକୁ ସାଙ୍ଗେ ସାଙ୍ଗେ ଘେନ ବୁଲନ୍ତି । ଅନ୍ୟ ଶ୍ରେଣୀର କାଠମୁଠିଆ ଭଣ୍ଡାରୀମାନେ ନିମ୍ନତର ଶ୍ରେଣୀର, ଏମାନେ କାଠର ମୁଠିରେ କ୍ଷୁର ଅବ ଲଗାନ୍ତି । ନିମ୍ନ ଶ୍ରେଣୀକୁ ହାଣ୍ଡିଆ ଭଣ୍ଡାରୀ ବୋଲାଯାଏ ।]

ଚମମୁଣା—ଦେ. ବି—ଚର୍ମନିର୍ମିତ ବଡ଼ ଥଳୀ—
Chamamuṇā Leather bag.
চামড়ার থলী
चमड़ाका थैला

ଚମର—ସଂ. ବି. (ଚମ୍ + ଧାତୁ = ଭକ୍ଷଣ କରିବା + କର୍ତ୍ତୃ. ଅର)—
Chamara ୧ । ଚାମର (ଦେଖ)
(ଚମରୀ—ସ୍ତ୍ରୀ) 1. Chāmara (See)
କହ୍ଲାର ଚମର, ପ୍ରଭଞ୍ଜ ପଟକ ତରମର । ଭକ୍ତ ପ୍ରେମସୁଧାନିଧି ।
୨ । ଚମରମୃଗ; ମୃଗବିଶେଷ—2. A kind of deer.
୩ । ଅଣ୍ଡିରା ଚମରୀ ଗୋ—3. The yak.
୪ । ଦୈତ୍ୟବିଶେଷ—4. Name of a demon.

ଚମରଚଟା—ଦେ. ବି ଓ ବିଣ—ଚମଚଟା (ଦେଖ)
Chamarachaṭā Chamachaṭā (See)
ଚମରଚଟୁ
ଚମରଚଟୁଆ
ଚମରଚଟା
ଚମରଚଟାଳ } ଅନ୍ୟରୂପ

ଚମରମୃଗ—ସଂ. ବି—ଚାମର ପରି ପୁଚ୍ଛଯୁକ୍ତ ଏକପ୍ରକାର ମୃଗ—
Chamaramṛuga A kind of deer with bushy tail.

ଚମରୀ—ସଂ. ବି.—(ଚମର + ଈ)—କପିଳା ଗାଈ—
Chamarī The female yak
सुरागाया, सुरागाय [ଦ୍ର—ଏ ଗାଈ ହିମାଳୟ ଅଞ୍ଚଳ ଓ ତିବ୍ବତରେ ମିଳନ୍ତି । ଏହାଙ୍କ ଲାଙ୍ଗୁଡ଼ରେ ଗୋଛାଏ ବାଳ ଥାଏ । ଏହି ବାଳରେ ଚାମର ହୁଏ । ଏହାଙ୍କ ଦେହରୁ ମଧ୍ୟ ଲମ୍ବ ଲୋମମାନ ଓହ୍ଲୋଇଥାଏ ।]

ଚମରୀ ଗୋ—ସଂ. ବି. ସ୍ତ୍ରୀ.—ଚମରୀ (ଦେଖ)
Chamarī go Chamarī (See)

ଚମରୁ—ଦେ. ବି.—(ସଂ. ଚମରୀ)—ଚମରୀ ମୃଗ—
Chamaru The yak.
ପଦ୍ମ ପତ୍ର ଗଜ ଗୃହେ ପଶୁରାଜ ଚମରୁ ଭ୍ରମଇ ନାହିଁ ।
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଚମସ—ସଂ. ବି.—(ଚମ ଧାତୁ = ଭକ୍ଷଣ କରିବା + କରଣ. ଅ)—
Chamasa ୧ । କାଷ୍ଠର ଯଜ୍ଞପାତ୍ରବିଶେଷ—1. A wooden spoon or bowl used in vedic sacrifice.
୨ । ଚାମଚ—2. Spoon.
୩ । କରଚୁଲି—3. Ladle.
୪ । (+କର୍ମ. ଅ) ଲଡ଼୍ଡୁ (ହି. ଶବ୍ଦସାଗର)—
4. A ball of sweetmeat.
୫ । ବରଅଟା; ବ୍ରୀହିଚୂର୍ଣ୍ଣ (ହି. ଶବ୍ଦସାଗର)—
5. The flour of phaseolus Brihi.
୬ । ପାପଡ଼ (ହି. ଶବ୍ଦସାଗର) —
6. A kind of flat cake made of corn-paste.

ଚମସୀ—ସଂ ବି. ସ୍ତ୍ରୀ.—୧ । ଶସ୍ୟଚୂର୍ଣ୍ଣନିର୍ମିତ ପିଠା—
Chamasi 1. A kind of cake made of corn flour.

ଚମାର—ଦେ. ବି. ପୁଂ.—(ସଂ. ଚର୍ମକାର ବା ଚର୍ମାର; ପ୍ରା. ଚମାର)—
Chamāra ୧ । ତାଳଗଛ ଛାଡ଼ିବା ଓ ତାଳପତ୍ରରେ ଟାଟି,
চামার କାଉଁସିଆ ଓ ଟୋକେଇ ଅବ ପ୍ରସ୍ତୁତକାରୀ ଜାତି—
चमार 1. A caste dealing with palmleaf articles.
(ଚମାରୁଣୀ—ସ୍ତ୍ରୀ) [ଦ୍ର—ବଙ୍ଗଳାରେ ହିନ୍ଦୀରେ ଚମାର ଶବ୍ଦ ମୋଚିଙ୍କୁ ବୁଝାଏ ।]
୨ । ଅତି ନୀଚକର୍ମୀ ବା ହୀନ ବ୍ୟକ୍ତି—
2. A very mean or low person.
ପ୍ରାଦେ. (ସମ୍ବଲପୁର ଓ ସିଂହଭୂମ) ବି.—ମୋଚି—
Cobbler.
ପ୍ରାଦେ. (ବାଲେଶ୍ୱର) ବି.—୧ । ଏକଜାତୀୟ ଅସ୍ପୃଶ୍ୟ ତନ୍ତୀ—
1 A class of untouchable weavers
୨ । ଏକଜାତୀୟ ବଢ଼େଇ—
2. A class of carpenters.

ଚମାରପ୍ରେତ—ଦେ. ବି.—(ଗାଳିବିଶେଷ)—ଚମାରଙ୍କ ପ୍ରେତକାର୍ଯ୍ୟରେ
Chamārapreta ପୌରୋହିତ୍ୟ କରିବା ନାହାକ ଜାତି—
A caste of astrologers who officiate as priests in the funeral ceremonies of chamāras.

ଚମାରୁଣୀ—ଦେ. ବି. ସ୍ତ୍ରୀ.—(ସଂ. ଚର୍ମକାରିଣୀ)—ଚମାରଜାତୀୟା ସ୍ତ୍ରୀ—
Chamāruṇi A female of the chamāra caste.
চামারনী
चमारनी, चमारिन, चमारी

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ, ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗିଁଆ ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚମିତ୍କାର—ଗ୍ରା. ବିଣ.—(ସଂ. ଚମତ୍କାର)—ଆଶ୍ଚର୍ଯ୍ୟଜନକ—
Chamitkāra Wonderful.

ଚମୀକର—ସଂ. ବି.—୧ । ସ୍ୱର୍ଣ୍ଣଖଣି—
Chamīkara Gold mine.
(ଯଥା—ଏଥିରୁ ଉତ୍ପନ୍ନ ହୁଏ ବୋଲି ସୁନାକୁ ଚାମୀକର କହନ୍ତି ।)

ଚମୁ—ପ୍ରାଦେ. ବି.—(ଗଞ୍ଜାମ) (ଭୁଲ. ତେ. ; ଚେମ୍ବୁ)—ଏକଜାତୀୟ ପିତଳର ଛୋଟ ପାଳ—Small brass water-jar used in the Madras Presidency.
Chamu

ଚମୂ—ସଂ. ବି.—(ଚମ୍ ଧାତୁ=ଗତ କରିବା+କର୍ତ୍ତୃ. ଊ)—
Chamū ୧ । ସେନାଦଳ—1. Army.
୨ । ୭୨୯ ହାତୀ, ୭୨୯ ରଥ, ୨୧୮୭ ଅଶ୍ୱାରୋହୀ; ୩୬୪୫ ପଦାତି, ଏମାନଙ୍କ ଦ୍ୱାରା ଗଠିତ ସେନା—2. A division of army consisting of 729; chariots; 729 elephants; 2187 cavalry and 3645 infantry.

ଚମୂଚର—ସଂ. ବି (ଚମୂ+ଚର୍ ଧାତୁ କର୍ତ୍ତୃ. ଅ)—
Chamūchara ୧ । ଯୋଦ୍ଧା; ସୈନିକ—Warrior; soldier.
୨ । ସେନାନାୟକ—2. A captain; commander of an army.

ଚମୂପତି—ସଂ. ବି (୬ଷ୍ଠୀ ତତ୍; ଚମୂ+ପତି)—ସେନାଧ୍ୟକ୍ଷ—
Chamūpati General; commander of an army.

ଚମୂପତିସିଂହ—ଦେ. ବି—ଚମ୍ପତିସିଂହ (ଦେଖ)
Chamūpatisimha Champati Simha (See).

ଚମୂରୁ—ସଂ. ବି (ଚମ୍ ଧାତୁ=ଭକ୍ଷଣକରିବା+କର୍ମ. ଉରୁ; ଯାହାକୁ ଭକ୍ଷଣ କରାଯାଏ)—ଏକପ୍ରକାର ମୃଗ (ଏହାର ମାଂସ ସୁଖାଦ୍ୟ)—A kind of deer whose venison is dainty.
Chamūru
ଚମୂରୁକ, ଚମୂରୂ } ଅନ୍ୟରୂପ—

ଚମେଲି—ଦେ.ବି (ସଂ. ଚମ୍ପକବେଲି; ଚମେଲି)—ବୈଦ୍ୟକ ନିର୍ଘଣ୍ଟରେ ଚମେଲୀ ଶବ୍ଦ ବ୍ୟବହୃତ ହୋଇଅଛି)—ଚାମେଲି (ଦେଖ)
Chameli Chāmeli (See .

ଚମ୍ପ୍ (ଧାତୁ)—୧ । ଦୀପ୍ତି ପାଇବା—
Champ (root) 1 To glitter.
୨ । ଗମନ କରିବା—2. To go; to move.

ଚମ୍ପ—ସଂ. ବି (ନାମ)—ଚମ୍ପକନଗର ସ୍ଥାପୟିତା ରାଜାବିଶେଷ—
Champa Name of a king the founder of the town Champakapura.

ଚମ୍ପଉତ—ପ୍ରାଦେ (ଗଡ଼ଜାତ) ବି—ଚମ୍ପେଇତି ଅମ୍ବୁଲ (ଦେଖ)
Champauta Champaiti āmbula (See).

ଚମ୍ପକ—ସଂ. ବି (ଚମ୍ପ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅକ)—
Champaka ୧ । ଚମ୍ପା ଫୁଲ ଓ ଗଛ—1. The Champaka flower and tree; Michelia Champaka.

[ଦ୍ର—ଏହି ଫୁଲ ହେମବର୍ଣ୍ଣ ଓ ଉଗ୍ରଗନ୍ଧବିଶିଷ୍ଟ । ନାନାବର୍ଣ୍ଣର ଚମ୍ପକ ପୁଷ୍ପ ଦେଖାଯାଏ । ଯଥା—ନାଲିମିଶା ହଳଦିଆ, ଗାଢ଼ ହଳଦିଆ, ଫିକା ହଳଦିଆ ଓ ଧଳା । ମୂର୍ଖମାନେ 'ଚମ୍ପକ'କୁ 'ଚମ୍ପେକ' ବୋଲି ଉଚ୍ଚାରଣ କରନ୍ତି । କୌଣସି କୌଣସି ଓଡ଼ିଆ ପୁସ୍ତକରେ ମଧ୍ୟ ଏପରି ଲେଖାଥିବାର ଦେଖାଯାଏ ।]
୨ । ନଗରବିଶେଷ—
2. Name of a town in ancient India.
[ଦ୍ର—ଏହା ପୂର୍ବେ ଅଙ୍ଗ ଦେଶର ରାଜଧାନୀ ଥିଲା; କର୍ଣ୍ଣ ଏଥିର ରାଜା ଥିଲେ । ଆଧୁନିକ ଭାଗଲପୁରର ପାଖଆଖରେ ଏ ନଗରୀ ଥିଲା ।]
୩ । ଚମ୍ପାକଦଳୀ—
3. A kind of banana with sweet smell.
୪ । ସାଙ୍ଖ୍ୟଦର୍ଶନୋକ୍ତ ସିଦ୍ଧିବିଶେଷ; ରମ୍ୟକସିଦ୍ଧି (ହି. ଶବ୍ଦସାଗର)—4. A kind of success in meditation.
୫ । ଦୀପକରାଗର ପୁତ୍ର; ରାଗବିଶେଷ (ହି. ଶବ୍ଦସାଗର)—
5. Name of a musical tune.
[ଦ୍ର—ଏହା ସମ୍ପୂର୍ଣ୍ଣ ଜାତିର ଏକ ରାଗ । ଏହା ଦିବସର ୩ୟ ପ୍ରହରରେ ଗେୟ ।]

ଚମ୍ପକ କଦଳୀ—ସଂ. ବି—ଚମ୍ପାକଦଳୀ (ଦେଖ)
Champaka kadalī Champākadalī (See)

ଚମ୍ପକଗୋରୀ—ଦେ. ବିଣ. ସ୍ତ୍ରୀ (ସଂ. ଚମ୍ପକ+ଗୌରୀ)—
Champakagorī ଚମ୍ପାଗୋରୀ (ଦେଖ)
Champāgorī (See)

ଚମ୍ପକଚତୁର୍ଦ୍ଦଶୀ—ସଂ. ବି. ସ୍ତ୍ରୀ (ଏ ଦିନ ଚମ୍ପାଫୁଲ ଚଢ଼ାଇ ଶିବଙ୍କୁ ପୂଜା କରିବାର ବିଧି ଥିବାରୁ)—ଜ୍ୟେଷ୍ଠ ମାସର ଶୁକ୍ଳ ଚତୁର୍ଦ୍ଦଶୀ—The 14th day of the bright fortnight of the month of 'Jyeshṭha'.
Champakachaturddaśī

ଚମ୍ପକଦ୍ୱାଦଶୀ—ସଂ. ବି. ସ୍ତ୍ରୀ (ଏ ଦିନ ଚମ୍ପାଫୁଲଦ୍ୱାରା କୃଷ୍ଣଙ୍କୁ ପୂଜା କରିବାର ବିଧି ଥିବାରୁ)—ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ—The 12th day of the bright fortnight of the month of 'Jyeshṭha.'
Champakadwādaśī

ଚମ୍ପକମାଳା—ସଂ. ବି. ସ୍ତ୍ରୀ—୧ । ଚମ୍ପକଫୁଲନିର୍ମିତ ହାର—
Champakamālā 1. A garland of champaka flowers.
୨ । ୧୦ ଅକ୍ଷରବିଶିଷ୍ଟ ଛନ୍ଦୋବିଶେଷ—
2. A sanskrit metre of 10 letters.
[ଦ୍ର—ଏଥିର ୨ୟ, ୩ୟ, ୭ମ ଓ ୮ମ ବର୍ଣ୍ଣ ଲଘୁ ।]
୩ । କଣ୍ଠାଭରଣବିଶେଷ (ଏଥିର ଦାନାଗୁଡ଼ିକ ଚମ୍ପାକଢ଼ି ପରି)—3. A kind of necklace.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍ଗ	ଇଅ	ଉଅ	ଋ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଋ	ୃ

ଚମ୍ପକଲତା—ସଂ. ବି. ସ୍ତ୍ରୀ—ରାଧିକାଙ୍କର ସଖୀବିଶେଷ—
Champakalatā Name of a companion of Rādhikā.

ଚମ୍ପକଲି—ଦେ.ବି (ଅ) (ମୁସଲମାନୀ ଅଳଙ୍କାର)~ଚମ୍ପାକଢ଼ି ୨ । (ଦେଖ)-
Champakalī Champākaṛhi 2 (See)
चम्पाकली

ଚମ୍ପକାଳୁ—ସଂ. ବି ଚମ୍ପକ + ଆଳୁ)-ଗୋଟିଫଳଗଛ (ହି. ଶବ୍ଦସାଗର)—
Champakāḻu Bread fruit tree.

ଚମ୍ପଟ୍—ଦେ. ବି (ସଂ. ଚମ୍ପ ଧ ଭୁ=ଗମନ କରିବା)—୧ । କୌଣସି
Champaṭ ସ୍ଥାନରୁ ଗୋପନରେ ପଳାୟନ—1. Escaping
চম্পত্, চম্পট্ from a place unnoticed.
चम्पत् ୨ । ହଠାତ୍ ପଳାୟନ—2. Sudden flight.
୩ । ହଠାତ୍ ଅନ୍ତର୍ଦ୍ଧାନ—
3. Sudden disappearance.

ଚମ୍ପଟ୍ କରିବା—ଦେ. କ୍ରି—କୌଣସି ସ୍ଥାନରୁ ହଠାତ୍ ଗୋପନରେ
Champaṭ karibā ପଳାଇବା—To flee away from a
চম্পটদেওয়া place unnoticed.
चम्पटहोना
ଚମ୍ପଟଦେବା } ଅନ୍ୟରୂପ
ଚମ୍ପଟମାରିବା }

ଚମ୍ପତ୍—ଦେ. ବି—ଚମ୍ପଟ୍ (ଦେଖ)—
Champat Champaṭ (See)

ଚମ୍ପତି—ଦେ. ବି (ସଂ. ଚମୂପତି)—୧ । ଛୋଟ ରାଜା ବା ଜମିଦାର ବା
Champati ସେନାପତିଙ୍କର ରାଜଦତ୍ତ ଉପାଧି—1. A title given to a small landlord or commander of a small company of a soldiers.
୨ । ଓଡ଼ିଶା ଗଡ଼ଜାତ ରାଜାମାନଙ୍କର ଉଶିଷ୍ଟ ଶୂଦ୍ର ଓ ଖଣ୍ଡାୟତ ପ୍ରଜାଙ୍କୁ ପ୍ରଦତ୍ତ ଉପାଧିବିଶେଷ—2. An honorary title given to prominent Śūdra and Khaṇḍāyet royats by the chiefs of Orissa States.
୩ । ଖଣ୍ଡାଏତ ଓ କ୍ଷତ୍ରିୟମାନଙ୍କର ବଂଶୋପାଧିବିଶେଷ—
3. A family title of Khaṇḍāyats and Kshyatriyas.

ଚମ୍ପତିରାୟ—ଦେ. ବି—ଚମ୍ପତି (ଦେଖ)—
Champatirāya Champati (See)
[ଦ୍ର—ଚମ୍ପତିରାୟ ଶବ୍ଦ ଉଚ୍ଚାରଣ କରିବା ସମୟରେ କେହି କେହି ଚମ୍ପତିରା ବୋଲି ମଧ୍ୟ କହନ୍ତି ।]

ଚମ୍ପତିସିଂହ—ଦେ. ବି—କ୍ଷତ୍ରିୟଙ୍କ ବଂଶୋପାଧିବିଶେଷ—
Champatisiṁha A family title of Kshytriyas.
[ଦ୍ର—ଢେଙ୍କାନାଳ ରାଜବଂଶର ଉପାଧି ଯଡ଼ିଯୂ ସାରବର ଚମ୍ପତିସିଂହ ମହାପାତ୍ର ।]

ଚମ୍ପା—ସଂ. ବି. ସ୍ତ୍ରୀ (ଚମ୍ପ + ଅଧି. ଅ + ସ୍ତ୍ରୀ. ଆ)—୧ । ଚମ୍ପ ନାମକ
Champā ରାଜାଙ୍କ ସ୍ଥାପିତ ଅଙ୍ଗରାଜ କର୍ଣ୍ଣଙ୍କ ରାଜଧାନୀ (ଆଧୁନିକ ଭାଗଲପୁର ନିକଟସ୍ଥ)—1. Name of the old capital of the king of Anga (near the present town of Bhagalpur).
୨ । ନଦୀବିଶେଷ—2. Name of a river.
୩ । ଅଙ୍ଗରାଜ କର୍ଣ୍ଣଙ୍କ ପତ୍ନୀ—
3. Queen of Karna, king of Anga.
ଦେ. ବି (ସଂ. ଚମ୍ପକ)—୧ । ଚମ୍ପାଫୁଲ ଓ ବୃକ୍ଷ—
1. The Champak flower and tree; Michelia champka.

ସଂ. ଚମ୍ପକ, କାଞ୍ଚନ, ରମ୍ୟକ,
ଚମ୍ପେୟ୍ୟା ସୁରଭି
চাঁপা, চাম্পা
चम्पा, कञ्चनामु
ମ. ସୋନାଚମ୍ପା, ଭୁଦ୍ଚମ୍ପା
ତେ. ଶାମ୍ପାଙ୍ଗୀ ପୁଭନ୍,, ଚମ୍ପକାମୁ,
ଚମ୍ପେୟ୍ୟାମୁ, କଚନାମ, ଗନ୍ଧଫଳ
ତା. ଶାମ୍ପାଙ୍ଗ, ଶେମ୍ବୁଗା, ଶିମ୍ବୁ
(Kirtikar)

[ଦ୍ର—ପ୍ରସିଦ୍ଧ ହେମବର୍ଣ୍ଣ ପୁଷ୍ପ, ଉଗ୍ରଗନ୍ଧ । ଶୀତକାଳରେ ଫୁଲ ଧରେ । ଗୋଟିଏ ଫୁଲରୁ ଅନେକ ଫଳ ହୁଏ । ଅସଂଖ୍ୟ ଫଳ ପ୍ରସବ କରିବା ହେତୁ ଗଛ ଦୀର୍ଘଜୀବୀ ହୁଏ ନାହିଁ । ଏ ଫୁଲ ସାଧାରଣତଃ ହଳଦିଆ, କିନ୍ତୁ ଧଳା, ଫିକା ହଳଦିଆ, ନାଲିମିଶା ହଳଦିଆ, ଓ ଗାଢ଼ ହଳଦିଆ ରଙ୍ଗର ଫୁଲ ମଧ୍ୟ ଦେଖାଯାଏ । ଧଳାଚମ୍ପା (ଶ୍ୱେତଚମ୍ପା)ର ଗନ୍ଧ କୋମଳତର; ଚମ୍ପାଗଛ ଉଚ୍ଚରେ ୨୦ ହାତ ବଢ଼େ । ମୂଳରେ ପାଣି ନ ଦେଲେ ଗଛ ଶୀଘ୍ର ମରିଯାଏ । ଏ ଫୁଲରୁ ଅନ୍ୟାନ୍ୟ ଅନେକ ଫୁଲର ନାମକରଣ ହୋଇଅଛି । ଯଥା—କାଠଚମ୍ପା, ଗୋବରଚମ୍ପା, କନ୍ଦୁର ଚମ୍ପା, ଦୋଳଚମ୍ପା, ଭୁଇଁଚମ୍ପା, ସୁଲ୍ତାନଚମ୍ପା, ଚନ୍ଦ୍ରଚମ୍ପା ଇତ୍ୟାଦି; କିନ୍ତୁ ଏ ଫୁଲମାନ ଚମ୍ପକ ଜାତୀୟ ନୁହେଁ ।

ଚମ୍ପାଫୁଲର ତୀବ୍ର ଗନ୍ଧ ଯୋଗୁଁ ସମ୍ଭବତଃ ଏ ଫୁଲରେ ଭ୍ରମର ବସନ୍ତି ନାହିଁ । ଉଦ୍ୟାନରୋପିତ ଚମ୍ପାଗଛ ଅପେକ୍ଷା ଜଙ୍ଗଲରେ ଉଠିବା ଚମ୍ପାଗଛ ବହୁତ ମୋଟ ଓ ଉଚ୍ଚ ହୁଏ । ଚମ୍ପା ଗଛର ମଞ୍ଜ କାଠ ହଳଦିଆ ଓ ଖୁବ ମଜଭୁତ ହୁଏ ଏବଂ ଏଥିରେ ଚୌକି, ମେଜ, ଆଦି ଗୃହର ଉପକରଣମାନ ତିଆରି ହୁଏ । ନେପାଳ ତରାଇ ଅଞ୍ଚଳ, ବଙ୍ଗ, ଆସାମ ଓ ଦକ୍ଷିଣଭାରତର ଜଙ୍ଗଲରେ ଏ ଗଛ ଅଧିକ ଦେଖାଯାଏ ।]

୨ । ଭଲ କାନର ଏକପ୍ରକାର ସୁନା ଅଳଙ୍କାର—
2. Name of a golden ornament of the ear.
୩ । ଘଡ଼ିବାଣ; ଯେଉଁ ବାଣରୁ ଚମ୍ପାଫୁଲ ଭଳି ଅଗ୍ନିଷ୍ଫୁଲିଙ୍ଗ ଝଡ଼େ—3. A fire work which sheds particles of fire (like champā flower) when lighted.
ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ନାମ—Name given to femals.
ପ୍ରାଦେ. (ପୁରୀ) ବି—ଏକପ୍ରକାର ଧାନ୍ୟ—A species of paddy.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ପ୍ରାଦେ (ସମ୍ବଲପୁର) ବ — ଗୋବରଚଢ଼େଇ—A kind of bird.

ଚମ୍ପାଇନଳ—ଦେ. ବ—ଚମ୍ପେଇନେଉଳ (ଦେଖ)
Champāinaḻi Champeineuḻi (See).

ଚମ୍ପାଇ—ଦେ. ବି. ସ୍ତ୍ରୀ (ସଂ. ଚମ୍ପାବତୀ)—୧ । ଗ୍ରାମଦେବୀବିଶେଷ—
Champāi 1. Name of a village Goddess.
୨ । ଚମ୍ପାର ଡାକନାମ—
2. Name for calling Champā.

ଚମ୍ପାକଢ଼—ଦେ. ବ (ସଂ. ଚମ୍ପକ+କଳୀ)—୧ । ଚମ୍ପାଫୁଲର କଳିକା—
Champākarḍha 1. The bud of champak flower.
चाँपाकली ୨ । ଚମ୍ପାକଢ଼ ପରି ଗଢ଼ା ହୋଇଥିବା
चंपाकली ଦାନାମାନ ଗୁନ୍ଥା ହୋଇଥିବା ଗଳାର ହାର—
(ଚମ୍ପାକଢ଼ି—ଅନ୍ୟରୂପ) 2. A necklace having pieces like champak buds string together.

ଚମ୍ପାକଦଳୀ—ଦେ. ବ (ସଂ. ଚମ୍ପକକଦଳୀ, କନକକଦଳୀ)—
Champākadaḻi ଏକଜାତୀୟ ସୁଗନ୍ଧ ଗୋଲ କଦଳୀ (ପାଚିଲେ
चाँपाकला ଖିଆଯାଏ)—A kind of sweet scented
चंपाकेला banana or plantain eaten when ripe.

ଚମ୍ପାକଳି— ଦେ. ବ—ଚମ୍ପାକଢ଼ି (ଦେଖ)
Champākali Champākarḍhi (See).
चाँपाकलि

ଚମ୍ପାଗୋରୀ—ଦେ. ବି. ସ୍ତ୍ରୀ (ସଂ. ଚମ୍ପକ ଓ ଗୌରୀ)—ଯେଉଁ ସ୍ତ୍ରୀର
Champāgori ଶରୀରର ବର୍ଣ୍ଣ ଚମ୍ପା ଫୁଲ ପରି ହଳଦିଆ ଗୌରବର୍ଣ୍ଣ;
ଯେ ଶେତା ଗୋରୀ ନୁହେ—(a woman) With a bright yellow fair complexion; yellow complexioned (woman)

ଚମ୍ପାଝଲକା—ଦେ. ବ —ସୁନାର ଅଳଙ୍କାରବିଶେଷ—
Champājhalakā A short of gold ornament for the hair.
[ଦ୍ର— ଏହାକୁ ମୁଣ୍ଡ ବାଳର ସୁନାର ଗୋଟିଏ ପାଖରେ ଖୋସିଲେ ଏହା କାନ ସାମନାରେ ଗାଲ ଉପରେ ଝୁଲୁଥାଏ ।]

ଚମ୍ପାଧିପ—ସଂ. ବ (୬ଷ୍ଠୀ ତତ୍; ଚମ୍ପା+ ଅଧିପ)— ଚମ୍ପା ନଗରର ରାଜା
Champādhipa କର୍ଣ୍ଣ—King Karna.

ଚମ୍ପାବତୀ—ଦେ. ବ. ସ୍ତ୍ରୀ—୧ । ଅଙ୍ଗରାଜ କର୍ଣ୍ଣଙ୍କ ରାଜଧାନୀ—
Champābaṭi 1. Name of the capital of the king of Anga.
୨ । କାହାଣୀରେ ବର୍ଣ୍ଣିତ ରାଜକନ୍ୟାବିଶେଷ—
2. Name of a princess in the folktales.
୩ । ଗ୍ରାମଠାକୁରାଣୀଙ୍କ ନାମ—
3. Name of a village Goddess.
୪ । ସ୍ତ୍ରୀଲୋକଙ୍କ ନାମ—
4. A name given to females.

[ଦ୍ର—ଚମ୍ପାବତୀ ନାମକ ସ୍ତ୍ରୀକୁ କେହି କେହି ଚମ୍ପା, ଚମ୍ପୀ ଚମ୍ପେଇ ଓ ଚମ୍ପାଇ ବୋଲି ମଧ୍ୟ ଡାକନ୍ତି ।]

ଚମ୍ପାରଣ୍ୟ—ସଂ. ବ. (ନାମ)—ଅଧୁନିକ ବିହାର ପ୍ରଦେଶର ଚମ୍ପାରନର
Champāraṇya ପ୍ରାଚୀନ ନାମ (ହି. ଶବ୍ଦସାଗର)—
The ancient name of Champaran, a district in Bihar.
[ଦ୍ର—ଚମ୍ପାରନ ବିହାରର ଐତିହାସିକ ବଡ଼ଗର ଗୋଟିଏ ଜିଲ୍ଲା; ଏହାର ରାଜଧାନୀ ମୋତିହାରୀ; ଏହା ନେପାଳର ଦକ୍ଷିଣରେ ।]

ଚମ୍ପୂ—ସଂ. ବ.—(ଚମ୍ପ ଧାତୁ=ପ୍ରାପ୍ତି ପାଇବା+କର୍ତ୍ତୃ. ଉ)—ଗଦ୍ୟ ଓ
Champū ପଦ୍ୟମିଶ୍ରିତ କାବ୍ୟଗ୍ରନ୍ଥ—An elaborate composition interspersed in prose and verse.
(ଯଥା—କବିସୂର୍ଯ୍ୟରଚିତ ଯଶୋଭଚନ୍ଦ୍ରାନନ୍ଦଚମ୍ପୂ ।)

ଚମ୍ପେଇନଳ — ଦେ. ବ.—ଚମ୍ପେଇନେଉଳ (ଦେଖ)
Champeinaḻi Champeineuḻi (See)

ଚମ୍ପେଇନେଉଳ—ଦେ. ବ.—ଚମ୍ପେଇନେଉଳ (ଦେଖ)
Champeineuḻa Champeineuḻi (See)

ଚମ୍ପେଇନେଉଳି—ଦେ. ବ.—(ସଂ. ନାମ ଅଞ୍ଜନ, ଅଞ୍ଜନିକା)—ଝିଟିପିଟି
Champeineuḻi ଶ୍ରେଣୀସ୍ଥ ଏକପ୍ରକାର ଚକ୍‌ଚକ୍‌ଦେହବିଶିଷ୍ଟ ସରୀସୃପ (ଏହାର ଲାଙ୍ଗୁଡ଼ ନାଲି ଓ ଦେହ ଚକ୍‌କଣ ପାଣ୍ଡୁର
आंजनी ଓ ଧଳା ଲମ୍ବ ଗାରବିଶିଷ୍ଟ)—A kind of lizard
छिपकलि living in the precinct of the house with a smooth skin and red tail.

[ଦ୍ର—ଏହାର ଶରୀର ମସୃଣ ଓ କାନ୍ତିଯୁକ୍ତ, ଲାଙ୍ଗୁଡ଼ ନାଲିଆ । ଆଘାତଦ୍ୱାରା ଏହାର ଲାଙ୍ଗୁଡ଼କୁ ଦେହରୁ ବିଚ୍ଛିନ୍ନ କଲେ ଝିଟିପିଟି ଲାଙ୍ଗୁଡ଼ ଭଳି ଏହା ଲାଙ୍ଗୁଡ଼ ଖଣ୍ଡି ଅନେକ ସମୟ ପର୍ଯ୍ୟନ୍ତ ଠକ୍ ଠକ୍ ହୋଇ ଡେଇଁ ଥାଏ ଓ ଲାଙ୍ଗୁଡ଼ହୀନ ଜୀବଟି ଗୁଳି ପଳାଏ । ପ୍ରବାଦ ଅଛି ଯେ ଏ ବଡ଼ ବିଷାକ୍ତ ଜୀବ । ଯାହାକୁ କାମୁଡ଼ିବ ତାହାର ମୃତ୍ୟୁ ନିଶ୍ଚୟ ହେବ ଏହା ଜାଣି ଭଗବାନ ତା ଲାଙ୍ଗୁଡ଼ରେ 'କାଲି' ଏହି ଶବ୍ଦ ଲେଖି ଦେଇ ଅଛନ୍ତି, ଏଣୁ ଏ ମନୁଷ୍ୟଙ୍କୁ ଗଲା ବେଳେ ପଛକୁ ଲାଙ୍ଗୁଡ଼ ଅଡ଼କୁ ଚାହିଁ ଦେଇ 'କାଲି କାମୁଡ଼ିବ ବୋଲି କାମୁଡ଼େ ନାହିଁ ଓ ପ୍ରତିଦିନ 'କାଲି' 'କାଲି' କରି ଆଦୌ ମନୁଷ୍ୟଙ୍କୁ କାମୁଡ଼େ ନାହିଁ ।

ଏଥିପାଇଁ "ଚମ୍ପେଇ ନେଉଳ 'କାଲି' କରିବା" ରୂଢ଼ିବଚନର ଅର୍ଥ ଯେ କୌଣସି କାର୍ଯ୍ୟ କରିବାକୁ ଯାଇଁ ପ୍ରତିଦିନ 'କାଲି' କରିବି 'କାଲି' କରିବି ବୋଲି କହେ ଓ ଆଦୌ ସେ କରି ପାରେ ନାହିଁ ।]

ଚମ୍ପେଇ—ଦେ. ବି. ସ୍ତ୍ରୀ.—(ସଂ. ଚମ୍ପାବତୀ) —ଚମ୍ପାଇ (ଦେଖ)
Champei Champāi (See)

ଚମ୍ପେକ—ଗ୍ରା. (ଇତର) ବି.—(ସଂ. ଚମ୍ପକର ଅଶୁଦ୍ଧ ଉଚ୍ଚାରଣ)—
Champeka ଚମ୍ପାଫୁଲ—Champak flower.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଋସ୍ଥ	ଜ୍ଞ	ଝ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଋଅ	ଡ଼	ନ୍ନ

ଚମ୍ପେଣୀ—ଦେ. ବି. ସ୍ତ୍ରୀ.—(ସଂ. ଚମ୍ପାବତୀ)—ଚମ୍ପାଇ (ଦେଖ)
Champeṇī Champāī (See)

ଚମ୍ପୈତିଅମ୍ବୁଲ—ପ୍ରାଦେ. (ଗଞ୍ଜାମ) ବି.—ବନ୍ୟଜାତ ଏକ ପ୍ରକାର ଅମ୍ବରୁ
Champaitiāmbula ପ୍ରସ୍ତୁତ କରାଯାଇଥିବା ଅମ୍ବୁଲ—A kind of mango-pickle prepared from wild-mango fruit.

ଚମ୍ପୌତ—ପ୍ରାଦେ. (ଗଡ଼ଜାତ) ବ—ଚମ୍ପୈତି ଅମ୍ବୁଲ (ଦେଖ)
Champauta Champaiti āmbula (See)

ଚମ୍ବଲ୍—ଦେ. ବ. (ଚର୍ମଣ୍ୱତୀ—ଚର୍ମଣ୍ୱତୀ (ଦେଖ)
Chambal Charmanbatī (See)

ଚମ୍ବା—ଦେ. ବ. (ନାମ)—ପଞ୍ଜାବର ଦେଶୀୟ ରାଜ୍ୟବିଶେଷ—
Chambā Name of a native state in Punjab.
[ଦ୍ର—ଏହି ରାଜ୍ୟ ପଞ୍ଜାବର ଉତ୍ତରରେ; କାଶ୍ମୀର ରାଜ୍ୟର ଦକ୍ଷିଣ ପୂର୍ବରେ, ଜଲନ୍ଧର ଡିଭିଜନର ପଶ୍ଚିମରେ ଓ ହିମାଳୟର ଦକ୍ଷିଣରେ ଅବସ୍ଥିତ । ଏହି ରାଜ୍ୟର ପୂର୍ବସୀମାରୁ ସିନ୍ଧୁର ଉପନଦୀ ଚେନାବ ନଦୀ ବାହାରି ପ୍ରଥମେ ଚନ୍ଦ୍ର ନଦୀ ନାମ ଗ୍ରହଣ କରିଅଛି, ସିନ୍ଧୁର ଉପନଦୀ ରାବୀ ନଦୀ ଏହି ରାଜ୍ୟରୁ ବାହାରିଅଛି । ଏ ରାଜ୍ୟର ରାଜଧାନୀ ଚମ୍ବା ରାବୀ ନଦୀକୂଳରେ ।]

ଚମ୍ବୁ—ଦେ. ବ. (ଭୁଲ. ହି. ଚେମ୍ବୁ)—କ୍ଷୁଦ୍ରମୁହାଁ ଘାଳ—
Chambu A small-mouthed water-pitcher.
चम्बु

ଚମ୍ବେଇବା—ଦେ. କ୍ରି. (ସ. ଚୁମ୍ବ ଧାତୁ)—ଏକ ପଦାର୍ଥକୁ ଅନ୍ୟ
Chambeibā କୌଣସି ପଦାର୍ଥ ଛକରେ ଲଗାଇବା—
छुंवाना To cause a thing touch another.
(ଯଥା—ଏ ଖେଣୀକୁ ଖୁଣ୍ଟ ଦେହରେ ଚମ୍ବେଇଲେ ଦେଖାଯିବ ଏହା ଖୁଣ୍ଟରେ ଖାପ ଖାଇବ କି ନାହିଁ ।)

ଚମ୍ବେଲି—ସ. ବ. (ବୈଦ୍ୟକ; ନିଘଣ୍ଟୁ)—ଚମେଲି (ଦେଖ)
Chambeli Chāmelī (See)

ଚମ୍ଭା—ଦେ. ବଣ. (ସ. ଚମତ୍କାର)—୧ । ଉଜ୍ଜ୍ୱଳ—
Chambhā 1. Bright.
चांगला ୨ । ଚକଚକିଆ—2. Glittering.
୩ । ସତେଜ—3. Energetic; brisk; vigorous
୪ । ଚତୁର—4. Clever.

ଚୟ—ସ. ବ. (ଚି ଧାତୁ=ଏକତ୍ର କରିବା; ତୋଳିବା+କର୍ମ. ଅ)—
Chaya ୧ । ସମୂହ; ରାଶି; ପୁଞ୍ଜ—
1. Collection; assemblage.
୨ । ସ୍ତୂପ—2. Mound; heap; mass.
୩ । ସକଳ; ସମୂହ; ବହୁ—3. Many, multitude.
[ଦ୍ର—ସକଳ ଓ ସମୂହାର୍ଥରେ ଏହା ବିଶେଷ ଶବ୍ଦ ପରେ ବ୍ୟବହୃତ ହୁଏ । ଯଥା—ଗ୍ରାମଚୟ=ଗ୍ରାମସମୂହ ।]
୪ । ପ୍ରାକାର; ପାଚେରି—4. High wall
୫ । (+ଭାବ. ଅ)—ତୋଳିବା; ସାଉଁଟିବା—
5. Picking up.
୬ । ସଂଗ୍ରହ; ସଞ୍ଚୟ; ଆହରଣ—
6. Act of gathering or compiling.
୭ । ହୋମାଗ୍ନି ଆହରଣ କରି ସଂସ୍କାରପୂର୍ବକ ସ୍ଥାପନ—
7. Ignition of the sacrificial fire.

ଚୟନ୍—ବୈଦେ. ବ ଓ ବଣ. (ଫା. ଚୈନ୍ ଓ ଇଂ. ଚେନ୍)—
Chayan ଚଇନ୍ (ଦେଖ)—Chain (See)
চএন ଦେ. ବ. (ଭୁଲ. ହି. ଚୟନ୍)—୧ । ମନର ସ୍ଥିରତା—
चैन 1. Mutual tranquility.
୨ । ସ୍ଥିରତା; ବିଶ୍ରାମ—2. Rest; repose.
୩ । ଫୁରସତ୍—3. Liesure.

ଚୟନ୍‌ଘଡ଼ି—ଦେ. ବ. (ଇଂ. ଚେନ୍ + ସଂ. ଘଟୀ)—ଶିକୁଳିସଂଯୁକ୍ତ
Chayanghaṛi କ୍ଷୁଦ୍ର ଘଡ଼ି; କୁର୍ତ୍ତା ପକେଟରେ ସମ୍ଭାଳିବା ଭଳି ଛୋଟ ଓ ପତଳା ଘଣ୍ଟା—
Pocket-watch (attached to a chain).

ଚୟନ୍‌ଫିଟ୍—ବୈଦେ. ବିଣ—ଚଇନ୍‌ଫିଟ୍ (ଦେଖ)
Chayanfiṭ Chainphiṭ (See)

ଚୟନ—ସ. ବି. (ଚି ଧାତୁ=ଏକତ୍ର କରିବା+ଭାବ. ଅନ)—
Chayana ୧ । ସଂଗ୍ରହ—1. Gathering; collecting.
୨ । ସଂକଳନ—2. Compiling; compilation
୩ । ଫୁଲତୋଳା—3 Picking up; of plucking of flowers.
୪ । ନିର୍ବାଚନ—4. Selection.
୫ । ଇଷ୍ଟକାଦିଦ୍ୱାରା ନିର୍ମାଣ; ଗ୍ରଥନ—
5. Setting of bricks.

ଚୟନିକା—ସ. ବ. (ଚୟନ+ସ୍ୱାର୍ଥେ କ+ସ୍ତ୍ରୀ. ଆ)—
Chayanikā କ୍ଷୁଦ୍ର ସଂଗ୍ରହ—A small collection.

ଚୟନ କରିବା—ଦେ. କ୍ରି—ତୋଳ ସଂଗ୍ରହ କରିବା—
Chayana karibā To gather; to cull; to pick up; to compile; to collect.

ଚୟନୀୟ—ସ. ବଣ. (ଚି ଧାତୁ+କର୍ମ. ଅନୀୟ)—
Chayanīya ତୋଳା ବା ସଂଗୃହୀତ ହେବାର ଯୋଗ୍ୟ—
Fit to be compiled, gathered, heaped, picked up or plucked.

ଚର୍ (ଧାତୁ)—ସ—୧ । ଗମନ କରିବା—
Char (root) 1. To go or walk.
୨ । ଆଚରଣ କରିବା—2. To practise.
୩ । ବିଚରଣ କରିବା—3. To frequent.
୪ । ବୋଧ କରିବା—4. To feel.

ଚର୍—ଦେ. ଅ. (ଧ୍ୱନ୍ୟନୁକରଣ)—ଚର୍‌ଚର୍ (ଦେଖ)
Char Charchar (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଟୁ' ନ ପାଇଲେ 'ବଟୂ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ

ପ୍ରାଦେ. (ସମ୍ବଲପୁର ଭୁଲ. ଏହି ଅର୍ଥରେ ହି. ଚର୍କା) ଚଡ଼ୁ— Cauterisation; marking with a red hot iron.

ଚର୍କାଠି—ପ୍ରାଦେ. (ସମ୍ବଲପୁର) ବି—ଚଡ଼ୁକାଠି (ଦେଖ)
Charkāṭhi — Chardukāṭhi (See)

ଚର୍କିବା—ଦେ. କ୍ରି—ଚିରିକିବା (ଦେଖ)
Charkibā — Chirikibā (See)

ଚରକଦେବା, ଚରକପକାଇବା } ଅନ୍ୟରୂପ

ଚର୍‌ଚର୍—ଦେ. ଅ. (ଧ୍ୱନ୍ୟନୁକରଣ)—
Charchar ୧ । ଲୁଗା ବା କାଗଜ ଚିରିବାର ବା କୁଣ୍ଟିରେ କାଟିବାର ଶବ୍ଦ—1. Sound of tearing or cutting through a sheet of cloth or paper.

୨ । ସରୁ ମୁହଁ ବାଟେ ଜଳସ୍ରୋତ (ପ୍ରବାହ) ବାହାରି ତଳକୁ ପଡ଼ିବାର ଶବ୍ଦ—2. Sound of water coming through a narrow hole.

ଚର୍‌ଚର୍, ସନ୍‌ସନ୍, ছরছর, चरचर — ୩ । କାଗଜ ଉପରେ ପକ୍ଷୀ କଲମଦ୍ୱାରା ଚଞ୍ଚଳ ଲେଖିବାର ଶବ୍ଦ—3. Sound of scribbling on a paper with a soft pen point.

ପଣ୍ଡ ଭକ୍ତନ୍ୟ ମହ ସ୍ତ୍ରୀ········ଚର୍‌ଚର୍ କରି ଦସ୍ତଖତ୍ କରନ୍ତି ।
ରାଧାନାଥ. ଦରବେଶ ।

୪ । ନଈବଢ଼ି ପାଣି କୂଳସ୍ଥ ସମତଳ ବାଲି ଉପରେ ମାଡ଼ି ଯିବାର ଶବ୍ଦ—4. Sound of flood-water spreading into a level piece of sand on the shore.

କ୍ରି ବଣ—ଚର୍‌ଚର୍ ଶବ୍ଦ କରି ଲେଖିବା—
(writting) Producing a 'churchur' sound.

ଚର୍‌ଚର୍—ଦେ. ବି—୧ । ନଈବଢ଼ି ସମୟରେ କୂଳସ୍ଥ ସମତଳ ବାଲି ଉପରକୁ ଚଞ୍ଚଳ ଚଞ୍ଚଳ ମାଡ଼ିଯିବା ଫେଣଯୁକ୍ତ ପାଣି—
Charchara 1. The foaming flood-water creeping up to a level sanday ground on the shore of the river.

୨ । ନଈବଢ଼ି ସମୟରେ କୂଳରେ ଲାଗିଥିବା ଫେଣ—
2. Foam of blood-water creeping to the shore.

ପ୍ରାଦେ. (ସମ୍ବଲପୁର) ବଣ. (ସଂ. ଚର୍ଚ୍ଚ ଧାତୁ)—
ଅତିରିକ୍ତ ପରିମାଣରେ ବୋଳାଯାଇଥିବା (ତୈଳାଦି)—
(oil etc.) Excessively annointed over the body.

ଚର୍‌ଚରାଇବା—ଦେ. କ୍ରି—ଚର୍‌ଚର୍ ଶବ୍ଦପୂର୍ବକ କୌଣସି କାର୍ଯ୍ୟ କରିବା-
Charcharāibā To do some work producing a 'churchur' sound.
चरचरान्, चरचराना

ଚର୍‌ଡ଼ାଂ—ପ୍ରାଦେ. (ସମ୍ବଲପୁର) ବି—ଚଡ଼ୁକାଠି (ଦେଖ)
Charrdām — Chardukāṭhi (See)

ଚର୍ପା—ଦେ. ବି—ଖଜୁରି ଗଛର ଫାଳିଆ ବା ଡାଳ ଡାଳର ମୂଳଭାଗ—The lower broad part of the branch of a date leaf which adheres to the trunk.
Charpā

ଚର୍ବା—ଦେ. (ସମ୍ବଲପୁର) କ୍ରି. (ଭୁଲ. ହି. ଚର୍‌ନା; ସଂ. ଚର୍ ଧାତୁ)—୧ । ଚରିବା—1 To graze.
Charbā
୨ । ଚୋବିବା; କାମୁଡ଼ିବା—2 To bite.

ଚର୍ର୍——ଦେ. ଅ. (ଧ୍ୱନ୍ୟନୁକରଣ)—ଚର୍‌ଚର୍ (ଦେଖ)
Charr — Charchar (See)

ଚର୍ଲା—ପ୍ରାଦେ. (ସମ୍ବଲପୁର) ବି—ବୃକ୍ଷବଲ୍କଳ—
Charlā — Bark of trees.

ଚର— ସଂ. ବି. (ଚର୍ ଧାତୁ=ଗମନ କରିବା + କର୍ତ୍ତୃ. ଅ)—
Chara ୧ । ରାଜଦୂତ—1. Ambassador; royal messenger.

୨ । ଗୁପ୍ତଦୂତ—2. Spy; secret emissary.

୩ । ନଦୀଗର୍ଭରେ ନଈବଢ଼ିଦ୍ୱାରା ଆଗତ ଓ କ୍ରମସଞ୍ଚିତ ଭୂଭାଗ; ଚଡ଼ା; ପଟୁ; ବାଲିଚର—
3. Alluvial land; chur land.

୪ । ଗୋଚାରଣ ଭୂମି—4. Pasture.

୫ । (ଜ୍ୟୋତିଷ) ମେଷ, କର୍କଟ, ତୁଳ ଓ ମକର ରାଶି—
5. (astronomy) The four signs raun (aries ; crab (cancer); balance (libra); shark(capricorn) in the zodiac.

୬ । (ଜ୍ୟୋତିଷ) ସ୍ୱାତୀ, ପୁନର୍ବସୁ ଓ ଶ୍ରବଣା ନକ୍ଷତ୍ର—
6. (astronomy) Three constellations or lunar mansions-viz; swati (15th) punerbasu (7th); srabana (23rd).

୭ । କପର୍ଦ୍ଦକ; କଉଡ଼ି—7. Cowrie; sea-shell.

୮ । ଜୀବ; ପ୍ରାଣୀ—8. Animal; living being.

୯ । ଅକ୍ଷକ୍ରୀଡ଼ାବିଶେଷ—9. Game of chess.

୧୦ । ମଙ୍ଗଳଗ୍ରହ—10. The planet mars.

୧୧ । ଖଞ୍ଜନପକ୍ଷୀ (ହି. ଶବ୍ଦସାଗର)—11. A bird.

୧୨ । ପଶାଦ୍ୱାରା ଖେଳାଯିବା ଏକପ୍ରକାର ଜୁଆ (ହି.ଶବ୍ଦସାଗର)—
12. A kind of gambling in the dice.

ଚରତା, ଚରନ୍ତ } ବି ବଣ—୧ । ଗତିବିଶିଷ୍ଟ; ଜଙ୍ଗମ—
1. Moveable, moving.
(ଯଥା—ଚର ନକ୍ଷତ୍ର ।)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଙ୍କ
୨	ଈ	ଊ	ୠ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚଁ୍ୟ	ଇଅ	ଙ୍ଗ	ନ୍ନ

୨ । ଅସ୍ଥିର—2. Unsteady; restless.

୩ । ଜୀବ ବା ପ୍ରାଣଯୁକ୍ତ—3. Living; animate.

୪ । ଯେ ବିଚରଣ କରେ; ଗମନକାରୀ—4. Moving about in; one who moves or goes about.

[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ । ଯଥା—ଗୃହିଚର ଜଳଚର, ଗୁପ୍ତଚର, ବନଚର ଇତ୍ୟାଦି ।]

ଚରଉ—ଦେ. ବି. (ସଂ. ଚରଣ)—୧ । ପଶୁଚରଣ—
Charau 1. Tending of cattle.
चराउ ୨ । ଚରଉ ଖଜଣା (ଦେଖ)
चरवाइ 2. Charau khajaṇā (See)

ଚରଉ ଖଜଣା—ଦେ, ବି— ଚରଣି; ଜମିରେ ଗୋରୁ ପ୍ରଭୃତି ଗୃହପାଳିତ
Charau khajaṇā ଜନ୍ତୁଙ୍କୁ ଚରାଇବାପାଇଁ ଦିଆଯିବା ନିର୍ଦ୍ଦିଷ୍ଟ ଖଜଣା—Grazing rent.

ଚରକ—ସଂ. ବି. ପୁଂ. (ଚର ଧାତୁ+କର୍ତ୍ତୃ. ଅକ)—
Charaka ୧ । ଚରକ ସଂହିତା ଆୟୁର୍ବେଦ ଗ୍ରନ୍ଥ; ଚରକ ମୁନି ସଂକଳିତ ଆୟୁର୍ବେଦୀୟ ଗ୍ରନ୍ଥ—1. A treatise on Hindu medicine by sage Charaka.

୨ । ଚରକ ସଂହିତା ସଂକଳୟିତା ଆୟୁର୍ବେଦ ବା ଋଷିବିଶେଷ—2. Name a sage who compiled the treatise or Hindu medicine.

[ଦ୍ର—ଚରକ ସଂହିତା ଦ୍ୱାପର ଯୁଗରେ ରଚିତ ହୋଇଥିବାର କଥିତ । କଥିତ ଅଛି ଯେ, ଚରକ ଋଷି ବ୍ରହ୍ମା, ଧନ୍ୱନ୍ତରି, ଇନ୍ଦ୍ର, ଅଶ୍ୱିନୀକୁମାରଦ୍ୱୟ, ଭରଦ୍ୱାଜ, ଆତ୍ରେୟ ଓ ଅଗ୍ନିବେଶ୍ୟ ଆଦିଙ୍କ ନିକଟରେ ବୈଦ୍ୟକ ଶାସ୍ତ୍ରମାନ ଅଧ୍ୟୟନ କରିଥିଲେ । ଇଉରୋପୀୟମାନେ ଚରକ ସଂହିତାର ଅନୁବାଦ ଦେଖି ବିସ୍ମିତ ହୋଇଅଛନ୍ତି । ଚରକ ମାଦକ ଓ ମଦ୍ୟର ଖୁବ୍ ପ୍ରଶଂସା କରିଅଛନ୍ତି । ଏହା ଚିକିତ୍ସା ପାଇଁ ପ୍ରୟୋଜନୀୟ । ପରନ୍ତୁ ଯାଗ, ଯଜ୍ଞ, ଧ୍ୟାନଧାରଣା ଆଦି ପାଇଁ ମଧ୍ୟ ଅତ୍ୟାବଶ୍ୟକ ବୋଲି ସେ ପ୍ରକାଶ କରିଅଛନ୍ତି—ସୁବଳଚନ୍ଦ୍ର. ବଙ୍ଗଳା ଅଭିଧାନ ।

ଚରକ ସଂହିତାରେ ଯଥାକ୍ରମେ ସୂତ୍ର, ଶରୀରସ୍ଥାନ, ଐନ୍ଦ୍ରିୟ, ଚିକିତ୍ସା, ନିଦାନ, ବିମାନ, କଳ୍ପ ଓ ସିଦ୍ଧି ଏହି ଆଠଗୋଟି ବିଷୟ ବା ସ୍ଥାନ ଅଛି—ଜ୍ଞାନେନ୍ଦ୍ର. ବଙ୍ଗଳା ଅଭିଧାନ ।]

୩ । ଚଟକ; ଘରଚଟିଆ ଚଢ଼େଇ (ହି. ଶବ୍ଦସାଗର)—
3. Sparrot.

୪ । ଚର; ଦୂତ—4. Messenger.

୫ । ଭିକ୍ଷୁକ—5. Beggar.

୬ । କ୍ଷେତପାପଡ଼ା ବା ଘରପୋଡ଼ିଆ ଗୁଳ୍ମ—
6. A herbarious plant; Oldenlandia Biflora.

୭ । ଭେଦୁଆ; ଗୁପ୍ତଚର—7. A spy.

୮ । ବାଟୋଇ; ପଥିକ—8. A traveller.

ଚରକା—ଦେ. ବି. (ସଂ. ଚକ୍ର; ଫା. ଚର୍ଖ୍)—
Charakā ୧ । ସୂତା କାଟିବାର ଚକ୍ରଯୁକ୍ତ ଯନ୍ତ୍ର; ଅରଟ—
चरखा; चरका 1. Spining wheel.
चर्खा; चरखा ୨ । ଚକାକାର ଅଗ୍ନିକ୍ରୀଡ଼ା ଦ୍ରବ୍ୟ; ଚର୍କିବାଣ; ଚଡ଼ଚଡ଼ିବାଣ—2. A revolving or whirling firework.

୩ । ଚଡ଼କ ଯନ୍ତ୍ର; ପଣାସଂକ୍ରାନ୍ତିରେ ପାଟୁଆମାନେ ଯେଉଁ ଯନ୍ତ୍ରରେ ଝୁଲିଲ ଘୁରନ୍ତି—
3. The contrivance on which religious dancers perform the swinging of the body as a vow on the Paṇāsaṁkrānti day.

୪ । ଟାକୁଡ଼ି—4. Distaff.

୫ । ନଟେଇ—5. Reel.

୬ । ଡଙ୍ଗା ବା ବୋଇତ ବା ଜାହାଜର ଦଉଡ଼ି ଗୁଡ଼ାଇବାର ଖୁଣ୍ଟି—6. A capstan.

୭ । କୂଅରୁ ପାଣି ଉଠାଇବା ଯନ୍ତ୍ର ଓ କପିକଲ ଆଦିରେ ଲାଗିବା ଚକଡ଼—7. Pulley.

ବୈଦେ. ବି. (ଭୁଲ. ଫା. ଚରାଖ୍)—୧ । ବତି—
1. Lamp wick.

୨ । ପ୍ରଦୀପ—2. Lamp; light.

ଚରକି—ଦେ. ବି.—୧ । ଚରକା (ଦେଖ)
Charaki 1. Charakā (See)
चरखी ୨ । ନଟେଇ—2. Distaff.
चरखी ୩ । ଚକ୍ର ପରି ଘୂରିବା ଅଙ୍ଗବିଶିଷ୍ଟ କୌଣସି ଯନ୍ତ୍ର—
3. Any machine or contrivance which has a revolving wheel attacted to it.

ପ୍ରାଦେ. (ଯାଜପୁର) ବି—ଶିକ୍ଷିତ ପାରା ଉଡ଼ିଲାବେଳେ କରିବା ଚକାକାର ଗତି—A whirling motion made by trained pigeons while flying.

ଚରକିବା—ଦେ. କ୍ରି—ଚିରିକିବା (ଦେଖ)
Charakibā Chirikibā (See)

ଚରଖା—ଦେ. ବି—୧ । ଚରକା (ଦେଖ)
Charakhā 1. Charakā (See)

୨ । କପାଖାଇ—2. A machine for separating seed from cotton pods.

ପ୍ରାଦେ. (ସମ୍ବଲପୁର, ଭୁଲ. ଏହି ଅର୍ଥରେ ହି. ଚରଖା) ବି—ଆଖୁଖାଇ—A sugarcane mill.

ଚରଖା କାଟିବା—ଦେ. କ୍ରି—ଚରଖା ଯନ୍ତ୍ରଦ୍ୱାରା ସୂତା ପ୍ରସ୍ତୁତ କରିବା—
Charakhā kāṭibā To spin thread.
चरखा चालान
चरखा काटना

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୂରତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଁା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚରଖି—ଦେ. ବି—ଚରକି (ଦେଖ)—
Charakhi Charaki (See)

ପ୍ରାଦେ. (ସମ୍ବଲପୁର) ବି—କପାଖାଇ—
A mill for pressing cotton pods.

ଚରଖିଦେବା—ପ୍ରାଦେ. (ଯାଜପୁର) କ୍ରି—ପାରା ଉଡ଼ିଲାବେଳେ ଘୁରି
Charakhidebā ଘୁରି ଉଡ଼ିବା—To make a whirling motion while flying (said of trained pigeons).

ଚରଚା—ଗ୍ରାମ୍ୟ ବି. (ଫ. ଚର୍ଯ୍ୟା)—ସମାଗତ ଅତିଥି ବା ବନ୍ଧୁ ବାନ୍ଧବଙ୍କୁ
Charachā ସମ୍ମାନ ବା ମର୍ଯ୍ୟାଦାପୂର୍ବକ ଭୋଜନାଦି ଦେବା;
मेहमनदारी ଅଭ୍ୟାଗତ ବା ଅତିଥିଚର୍ଚ୍ଚା; ଆତିଥେୟତା—
Serving or attending upon guests or comers with due respect; hospitality.

ଜଣ ଜଣକେ କରଚ୍ଚ କଲେ ଭୃତ ବୀର
ଦିବ୍ୟ ଅଶନମାନଙ୍କେ ପୂରିଲ ଉଦର । ବିଶ୍ୱନାଥ. ବଦତୃସମାଗୃଣ ।

ଚରଚାଇତ—ପ୍ରାଦେ. (ଗଡ଼ଜାତ) ବି—ରାଜଦ୍ୱାରକୁ ଆଗତ ଅତିଥିମାନଙ୍କ
Charachāita ଖବର ବୁଝିବା ନିମନ୍ତେ ନିଯୁକ୍ତ ରାଜଭୃତ୍ୟ-ବିଶେଷ—A servant whose duty is to look after the proper serving of the guests of Rajas.

ଚରଚା କରିବା—ଦେ. (ଗ୍ରାମ୍ୟ) କ୍ରି—ଅତିଥିମାନଙ୍କୁ ଭୋଜନାଦିଦ୍ୱାରା
Charachā karibā ମର୍ଯ୍ୟାଦାପୂର୍ବକ ସେବା କରିବା—
मेहमनदारी करना To serve and attend upon guests.

କେବଳ ବ୍ରାହ୍ମଣେ ଚରଚ୍ଚ କରିବାକୁ । କୃଷ୍ଣସିଂହ. ମହାଭାରତ. ସଭ ।

ଚରଚା ବେହେରା—ପ୍ରାଦେ. (ଗଡ଼ଜାତ) ବି—ଚରଚାଇତ (ଦେଖ)
Charachā beherā Charachāita (See)

ଖରଚ୍ଚ ନ ଦେଇ ଚରଚା ବେହେରା ପରଚ୍ଚ ହୋଇଣ ଗଲା । ଯଦୁମଣି ରହସ୍ୟ ।

ଚରଚିଆ—ପ୍ରାଦେ. (ଗଡ଼ଜାତ) ବି—ଚରଚାଇତ (ଦେଖ)
Charachiā Charachāita (See)

ଚରଚିବା—ଗ୍ରା. କ୍ରି. (ଫ. ଚର୍ଯ୍ୟା)—ଚରଚା କରିବା (ଦେଖ)
Charachibā Charachā karibā (See)

ଚରଚେଇତ—ପ୍ରାଦେ. (ଗଡ଼ଜାତ) ବି—ଚରଚାଇତ (ଦେଖ)
Characheita Charachāita (See)

ଚରଡ଼—ଦେ. ବି. (ସଂ. ଶବଳ ?)—ଏକଜାତୀୟ କୁଳେଚର ପକ୍ଷୀ;
Chararḍa ଜଳାଭୂମିରେ ଚରି ଗେଣ୍ଡାଆଦି ଖାଆନ୍ତି; ବଡ଼ିଅକାଙ୍କ
शराड़ ବା ଗେଣ୍ଡାଳିଆ ଜାତୀୟ; ଏମାନେ ବିଷଧର ସାପଙ୍କୁ ମଧ୍ୟ ଖାଇଯାଆନ୍ତି—Adjutant bird; gigantic Indian stork; Flamingo a kind of wading bird living upon snails etc found on marshy ground and devouring poisonous snakes; Cisonia Agrala.

[ଦ୍ର—ଏମାନଙ୍କ ପେଟରୁ ଜାହରମହୁରା ନାମକ ସର୍ପବିଷହର ପଦାର୍ଥ ମିଳେ । ଜାହରମହୁରା ଶବ୍ଦେ କୋଠ ଦେଖ ।]

ଚରଡ଼ା—ଦେ. ବି—ଚରଡ଼ (ଦେଖ)
Chararḍā Chararḍa (See)

ଚରଡ଼ି—ପ୍ରାଦେ. (ବସ୍ତର ଓ ଜୟପୁର) ବି—ମଧ୍ୟପ୍ରଦେଶର ବସ୍ତର ଓ
Chararḍi ଭିଜାଗାପାଟଣାର ଜୟପୁର ଅଞ୍ଚଳର ପାହାଡ଼ର ଜଙ୍ଗଲି ଜାତିବିଶେଷ—A wild caste of people living in hills of Bastar in C. P. and jaypur in Vizagapattam.

[ଦ୍ର—ଏମାନେ 'ରାମାୟଣବର୍ଣ୍ଣିତ ବାନରମାନଙ୍କର ବଂଶଧର' ବୋଲି ଆପଣାର ପରିଚୟ ଦିଅନ୍ତି ।]

ଚରଣ—ସଂ. ବି. (ଚର ଧାତୁ + କରଣ. ଅନ)—୧ । ପଦ; ଗୋଡ଼—
Charaṇa 1. Leg; the foot.

୨ । ଶ୍ଳୋକର ଚତୁର୍ଥାଂଶ ପଂକ୍ତି—
2. A quarter or foot of a stanza.

୩ । କବିତା ପଦକର ଅଂଶ ବା ପାଦ—
3. A part of a foot of a stanza.

ତଥାପି ଗୁଣିଗଣ ଅନୁସରଣେ
କବିତା କରି ଥାଇ ପଦେ ଚରଣେ । ବ୍ରଜନାଥ. ସମରତରଙ୍ଗ ।

୪ । ଗୋତ୍ର—4. Family; clan.

୫ । ମୂଳ—5. Root.

୬ । (+ ଭାବ. ଅନ) ଭ୍ରମଣ—
6. Wandering; walking.

୭ । ଚଳନ; ଗତି—7. Motion.

୮ । ଭକ୍ଷଣ—8. Eating; consuming.

୯ । ଆହାରାନ୍ୱେଷଣ; ଚରିବା—
9. Grazing; roaming in quest of food.

୧୦ । ଆଚରଣ—10. Conduct; behaviour.

୧୧ । ସ୍ୱଭାବ; ଶୀଳ—11. Nature.

୧୨ । ଚରିତ୍ର—12. Character.

୧୩ । ବେଦର କଠ; କୌଥୁମ; ବହ୍ୱୃଚ ଶାଖା; ଉପନିଷଦ୍—
13. Branch of the Vedas; the Upanishads.

୧୪ । (ପୂଜ୍ୟ ବ୍ୟକ୍ତିଙ୍କ ପ୍ରତି ଭକ୍ତର ଭକ୍ତିପ୍ରଣୋଦିତ ବଚନ) ଚରଣକମଳ; ସମ୍ବୋଧିତ ପୂଜ୍ୟ ବ୍ୟକ୍ତି ବା ଦେବତା ସ୍ୱୟଂ—14. (a use of the word prompted by devotion to one's elder or superior)

ସେ କଥା କହ ମୁନି ମତେ, (ସ ହୃଦ ଚରଣେ ଯେମନ୍ତେ ।
ନିଶ୍ଚଳେ ମନ କରୁ ସ୍ଥିର, ଯେମନ୍ତେ ଛାଡ଼ଇ ଶରୀର । ଜଗନ୍ନାଥ. ଭାଗବତ ।

୧୫ । (ଲକ୍ଷଣାର୍ଥ) କୌଣସି ବସ୍ତୁର ନିମ୍ନ ଭାଗ—
15. The foot or lower part of a thing.

୧୬ । ବ୍ରତାଦି ପାଳନ; ସମ୍ପାଦନ—16. Performance; observance; practising. (M. W.)
(ଯଥା—ତପଶ୍ଚରଣ ।)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଈ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଵ	ନ୍ତ

ଦେ. ବି. ପୁଂ—ପୁରୁଷବାଚକ ଗୋପାଳ, ଶ୍ୟାମ, କୃଷ୍ଣ, ରାମ, ବିଷ୍ଣୁ, ହରି, ଧ୍ରୁବ, ଇତ୍ୟାଦି ଓ ସ୍ତ୍ରୀବାଚକ ରାଧା, ଶ୍ୟାମା, ଲକ୍ଷ୍ମୀ, କାଳିନ୍ଦୀ, କାଳୀ, ପାର୍ବତୀ ଆଦି ସ୍ତ୍ରୀବାଚକ ଓ ଅଭୟ, ଧର୍ମ୍ମ, ସତ୍ୟ ଓ ମିଥ୍ୟା ଆଦି ଶବ୍ଦମାନଙ୍କ ପରେ ଲାଗି ପୁରୁଷଙ୍କ ନାମ ହୋଇଥିବା ଶବ୍ଦ—A word added to some other words constituting names of males.

ଚରଣକମଳ— ସ. ବି. (ରୂପକ କର୍ମଧାରୟ; ଚରଣ + କମଳ; ଭକ୍ତିସୂଚକ Charaṇakamaḻa ବାକ୍ୟରେ ଦେବତା ବା ପୂଜ୍ୟ ବ୍ୟକ୍ତିଙ୍କ ପ୍ରତି
ଚରଣପଦ୍ମ, ଚରଣସରୋଜ } ଅନ୍ୟରୂପ — ବ୍ୟବହୃତ)—୧ । ପାଦପଦ୍ମ, ପୂଜାର୍ହ ପାଦଦ୍ୱୟ; ପୂଜ୍ୟ ବ୍ୟକ୍ତିଙ୍କ ଗୋଡ଼ତଳ—
1. (literaly) Foot which is graceful like the lotus or lily; lotus-feet (of a revered person).
୨ । ଯେଉଁ ଗୁରୁ ସ୍ଥାନୀୟ ବ୍ୟକ୍ତି ବା ଦେବତାଙ୍କର ଚରଣକମଳ ବୋଲି କୁହାଯାଉଥାଏ ସେ ସ୍ୱୟଂ—
2. The person himself who is styled to have the Charaṇakamaḻa.

[ଦ୍ର—ଏ ପତ୍ର ପିତୃଦେବଙ୍କ ଚରଣ କମଳରେ ପହଞ୍ଚିବ, ଅର୍ଥାତ୍ ପିତୃଦେବଙ୍କ ନିକଟରେ ପହଞ୍ଚିବ । ଆପଣଙ୍କ ଚରଣକମଳ ମୋର ଆଶ୍ରୟ ସ୍ଥଳ ଅର୍ଥାତ୍ ଆପଣ ସ୍ୱୟଂ ମୋର ଆଶ୍ରୟ । ଆପଣଙ୍କ ଚରଣ କମଳରେ ଅଧୀନକୁ ସ୍ଥାନ ଦେବେ । ଆପଣଙ୍କ ନିକଟରେ ମୋତେ ରଖିବେ । କମଳାର୍ଥବାଚକ ଅନ୍ୟ ଶବ୍ଦମାନ ଚରଣାର୍ଥ ବାଚକ ଅନ୍ୟ ଶବ୍ଦମାନଙ୍କ ସଙ୍ଗେ ଯୁକ୍ତ ହୋଇ ଏହି ଅର୍ଥରେ ବ୍ୟବହୃତ ହୁଏ । ଯଥା—ପାଦପଦ୍ମ, ପଦସରୋଜ ।]

ଚରଣକମଳେଷୁ— ସ. ବି. (ସପ୍ତମୀ ବିଭକ୍ତି ବହୁବଚନ; ଗୁରୁଜନଙ୍କ Charaṇakamaḻeshu ନିକଟକୁ ଲେଖାଯିବା ପତ୍ରର ଶିରୋନାମାରେ ବ୍ୟବହୃତ, ଯଥା—ପିତୃଦେବଙ୍କ ଚରଣକମଳେଷୁ)-
ଶ୍ରୀଚରଣକମଳେଷୁ (ଦେଖ)
Śricharaṇakamaḻeshu (See)

ଚରଣକୃପା— ସ. ବି. (୬ଷ୍ଠୀ ତତ୍; ଚରଣ + କୃପା; ଗୁରୁଜନଙ୍କ ପ୍ରତି Charaṇakṛupā ବ୍ୟବହୃତ ଶବ୍ଦ)—ଚରଣର ଦୟା; (ଅର୍ଥାତ୍
(ଚରଣଦୟା—ଅନ୍ୟରୂପ) ସେ ଚରଣ ଯାହାଙ୍କର ତାଙ୍କର) ଦୟା ବା ଅନୁଗ୍ରହ; ସମ୍ବୋଧିତ ଗୁରୁଜନଙ୍କ ଦୟା—
The kindness or favour (of the elderly person addressed)
(ଯଥା—ଆପଣଙ୍କ ଚରଣକୃପାରୁ ମୁଁ ସୁଖରେ ଅଛି । ଅର୍ଥାତ୍ ଆପଣଙ୍କ କୃପାରୁ ମୁଁ ସୁଖରେ ଅଛି ।)

[ଦ୍ର—ଚରଣାନୁଗ୍ରହ ଓ ଚରଣାନୁକମ୍ପା ଇତ୍ୟାଦି କେତେକ ଶବ୍ଦ ମଧ୍ୟ ଏହି ଅର୍ଥରେ ବ୍ୟବହୃତ ହୁଅନ୍ତି ।]

ଚରଣଗତ—ସ. ବିଣ. ପୁଂ.—(୨ୟା ତତ୍ କିମ୍ବା ୭ମୀ ତତ୍)—
Charaṇagata ଗୋଡ଼ତଳେ ପଡ଼ିଥିବା—
(ଚରଣଗତା—ସ୍ତ୍ରୀ) Fallen at one's feet (Wilson).

ଚରଣଗୁପ୍ତ—ସ. ବି. (ବହୁବ୍ରୀହି; ଚରଣ ହୋଇଅଛି ଗୁପ୍ତ ଯହିଁରେ)—
Charaṇa gupta ଚିତ୍ରକାବ୍ୟ ବା ଛନ୍ଦ ରଚନାବିଶେଷ—
A kind of artistic poetical composition.
[ଦ୍ର—ଏପରି ରଚନା ଭଞ୍ଜୀୟ ଯୁଗର ସାହିତ୍ୟରେ ବହୁଳ ହୋଇଥିଲା । ଦଣ୍ଡାକ୍ଷର, ଗୁପ୍ତାକ୍ଷର ଓ ଦତ୍ତଚ୍ୟୁତାକ୍ଷର ଆଦି ନାମରେ ଏହି ଶ୍ରେଣୀର ବହୁ ରଚନା ତତ୍କାଳୀନ କବିମାନେ କରି ନିଜର ଶବ୍ଦପାଣ୍ଡିତ୍ୟ ଦେଖାଇବା ସଙ୍ଗେ ସଙ୍ଗେ ରଚନାମାନଙ୍କୁ ଦୁର୍ବୋଧ କରି ପାରୁଥିଲେ ।]

ଚରଣଗ୍ରନ୍ଥି—ସ. ବି.—(୬ଷ୍ଠୀ ତତ୍; ଚରଣ = ପାଦ + ଗ୍ରନ୍ଥି = ଗଣ୍ଠି)—
Charaṇagranthi ୧ । ଗୋଡ଼ର ଗୋଇଠି ବା ଗୋଇଠି—
1. Posterior heel of foot.
୨ । ବଳାଗଣ୍ଠି – 2. Ankle.

ଚରଣଚିହ୍ନ—ସ. ବି.—(୬ଷ୍ଠୀ ତତ୍; ଚରଣ+ଚିହ୍ନ)—୧ । ଭୂମିଆଦିରେ Charaṇa chihna ମୁଦ୍ରିତ ହୋଇ ରହି ଯିବା ତଳପାଦ ଦାଗ—
1. Foot-print.
୨ । ପଥର, ମାଟି, ବାଲୁଅ ଆଦିରେ ଅଙ୍କିତ ବିଷ୍ଣୁ ଓ ମହାତ୍ମାମାନଙ୍କ ପଦଚିହ୍ନ (ଯାହାକୁ ଭକ୍ତମାନେ ପୂଜା କରନ୍ତି)—2. Foot prints taken on stone, clay, line etc of Bishnu or great-men worshipped and devotees.

ଚରଣଘଷା—ଦେ. ବି.—(ସ. ଚରଣ + ଘର୍ଷଣ)—ଗୋଡ଼ଘଷା ପଥର—
Charaṇaghashā ଯେଉଁ କଳା ପଥରରେ ଲୋକେ ନିଜ ଗୋଡ଼ର ତଳପାଦକୁ ଘଷି ମଳଚମ ସଫା କରନ୍ତି—
A slap of sand-stone on which people rub the soles of their feet to clear away the overgrown skin.

ଚରଣଚୁଟିଆ—ଦେ. ବିଣ. ପୁଂ.—(ମନାର୍ଥ —(ସ. ଚରଣ ଓ ଓଡ଼ିଆ Charaṇachuṭiā ଚୁଟି=ଶିଖା)—ଯେଉଁ ବ୍ୟକ୍ତି ସମୟ ପଡ଼ିଲେ
(ଚରଣଚୁଟେଇ—ସ୍ତ୍ରୀ) ଚରଣ ଧରି ଖୋସାମଦ କରେ ଓ ସମୟ ପଡ଼ିଲେ ପୁଣି ଚୁଟି ଧରି ମାରେ—Time-serving; a person who acts slavishly and impudently as occasion requires; a man of no principles.

ଚରଣଚୁଟିଆ—ଦେ. ବିଣ. ପୁଂ.—ଚରଣଚୁଟିଆ (ଦେଖ)
Charaṇachuṭiā Charaṇachuṭiā (See)
(ଚରଣଚୁଟେଇ—ସ୍ତ୍ରୀ)

ଚରଣଟିକା—ସ. ବି. (ଆଧୁନିକ ବ୍ୟବହାର; ମ. ପ. ଲୋ; ଚରଣ Charaṇaṭikā ଲିଖିତ ଟୀକା)—ପଦଟୀକା; ଲିଖିତ ବିଷୟ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କିଆ' ନ ପାଇଲେ 'ଅଙ୍କା' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ବୁଝାଇବା ପାଇଁ ପୃଷ୍ଠାର ତଳଭାଗରେ ଲିପିବଦ୍ଧ ହୋଇଥିବା ଟିପ୍ପଣୀ—Foot-note.

ଚରଣତଳ—ସଂ. ବି.—(୬ଷ୍ଠୀ ତତ୍; ଚରଣ+ତଳ; ଭକ୍ତି ବା ବିନୟସୂଚକ ଶବ୍ଦ)
Charaṇatala ପ୍ରଣୋଦିତ ଅଭିବ୍ୟକ୍ତି ବଚନ)—ଗୁରୁଜନାଦି ପୂଜ୍ୟ ବ୍ୟକ୍ତିଙ୍କ ପ୍ରତି ପ୍ରଯୁଜ୍ୟ)—ଗୋଡ଼ପାଖ; ପାଦନିକଟ, ନିକଟ—
1. (at) The feet (of the person addressed to or referred).
(ଯଥା—ଏ ପତ୍ର ପିତୃଦେବଙ୍କ ଚରଣ ତଳେ ପହଞ୍ଚିବ ଅର୍ଥାତ୍ ପିତୃଦେବଙ୍କ ନିକଟରେ ପହଞ୍ଚିବ ।)
(ଯଥା—ମତେ ଆପଣଙ୍କ ଚରଣ ତଳେ ସ୍ଥାନ ଦେବେ । ଅର୍ଥାତ୍ ଆପଣଙ୍କ ନିକଟରେ ଆଶ୍ରୟ ଦେବେ ।)
ମୁଁ ଆପଣଙ୍କ ଚରଣ ତଳେ ଦୋଷୀ ଅଟେ=ମୁଁ ଆପଣଙ୍କଠାରେ ଦୋଷୀ ଅଟେ ।
୨ । ପାଦତଳ ଭୂମି; ଯାହା ଉପରେ ପାଦ ସ୍ଥାପନ କରାଯାଏ—
2. The earth which (the addressee's) foot is treading; a thing on which the addressee is putting his foot.
(ଯଥା—ମୁଁ ଆପଣଙ୍କ ଚରଣ ତଳକୁ ଯୋଗ୍ୟ ନୁହେଁ । ମୁଁ ଏଡ଼େ ହେୟ ଯେ ଆପଣଙ୍କ ପାଦ ମଧ୍ୟ ମୋ ଉପରେ ରହିବାର ଉପଯୁକ୍ତ ନୁହେଁ, ଅର୍ଥାତ୍ ଆପଣଙ୍କ ପାଦତଳ ଭୂମି ଅପେକ୍ଷା ମଧ୍ୟ ମୁଁ ହେୟ ।)
୩ । (ସମ୍ବୋଧିତବ୍ୟକ୍ତିଙ୍କ) ହୃଦୟ—
3. The mind (of the persou addressed to)
(ଯଥା—ଏ ଦାସୀକୁ ସର୍ବଦା ଚରଣତଳେ ସ୍ଥାନ ଦେବେ ଅର୍ଥାତ୍ ଏ ଦାସୀକୁ ସର୍ବଦା ମନରେ ବା ହୃଦୟରେ ରଖିଥିବେ ପାସୋରିବେ ନାହିଁ ।)
୪ । (ସମ୍ବୋଧିତବ୍ୟକ୍ତିଙ୍କ) ଆଶ୍ରୟ—
4. Patronage; protection.
(ଯଥା—ଦେବତାଙ୍କ ଚରଣତଳ ମତେ ରକ୍ଷାକରିବ ।)
୫ । ତଳପା—5. Sole of the feet.
ପଞ୍ଚପଲ୍ଲବ ର ନବକୁଞ୍ଜ ସଞ୍ଚାର ଶ୍ରମ ମୋ ଚରଣତଳ—ବ୍ରଜସୁନ୍ଦର୍ଯ୍ୟ. କଶୋରଚନ୍ଦ୍ର. ସ ଗୀତ ।

ଚରଣତଳିଆ—ଦେ. ବିଣ (ସଂ, ଚରଣତଳ+ଓଡ଼ିଆପ୍ରତ୍ୟୟ ଇଆ)—
Charaṇatalia ୧ । ପାଦତଳେ ରହିବାର ଉପଯୁକ୍ତ; ଅତି ନ୍ୟୂନ; ପାଆତଳିଆ—1. Very humble; one who is fit to stay at the foot (of the person referred to.)
୨ । ଚରଣାଶ୍ରିତ (ବ୍ୟକ୍ତି); ଆଶ୍ରିତ—
2. Living on the patronage or favour of a nother person.

ଚରଣତଳେପଡ଼ିବା—ଦେ. କ୍ରି—ଗୋଡ଼ତଳେପଡ଼ିବା—
Charaṇatalepar̤ḍibā ୧ । ଅନୁଗ୍ରହ, ଦୟା, କ୍ଷମା, ଆଶୀର୍ବାଦ ପାଇବା ଉଦ୍ଦେଶ୍ୟରେ ମାନ୍ୟ ବ୍ୟକ୍ତିର ଗୋଡ଼ତଳେ
चरनलेना ପ୍ରଣିପାତ କରିବା—1. To fall at the foot of another; to lié prostrate at the foot of a person (to gain blessing, favour, kindness or forgiveness).
୨ । ଗୋଡ଼ପାଖରେ ମୁଣ୍ଡ ଲଗାଇ ପ୍ରଣାମକରିବା—
2. To make obeisance by touching one's head to the feet of an elderly person.

ଚରଣଦାସ—ସଂ. ବି. ପୁଂ (୬ଷ୍ଠୀ ବା ୭ମୀ ତତ୍; ଚରଣ+ଦାସ)—
Charaṇadāsa ୧ । ପ୍ରଭୁଙ୍କର ଚରଣସେବା କରିବା ଭୃତ୍ୟ—
1. Servant tending the legs of a master.
(ଚରଣଦାସୀ—ସ୍ତ୍ରୀ) ୨ । ପ୍ରଭୁଙ୍କର ଅତ୍ୟନ୍ତ ଅନୁଗତ ଭୃତ୍ୟ; କିଙ୍କର—2. Most obedient and humble servant.
୩ । ଆଜ୍ଞାକାରୀ ଶିଷ୍ୟ—3. An obedient deciple.
ଦେ. ବି—୧ । (ନାମ; 'ରାଧାରମଣଚରଣଦାସ'ର ସଂକ୍ଷିପ୍ତ ଡାକନାମ; ଏହି ନାମରେ ସେ କଟକରେ ସୁପରିଚିତ ଥିଲେ)—ରାଧାରମଣଚରଣଦାସ (ଦେଖ)
Rādhāramaṇacharaṇadāsa (See).
୨ । ଦିଲ୍ଲୀରେ ବାସକରୁଥିବା ଏକ ସ୍ୱର୍ଗୀୟ ହିନ୍ଦୁଧର୍ମପ୍ରଚାରକ (ଜନ୍ମ ସମ୍ବତ୍ ୧୭୬୦ ଦେହାନ୍ତ ସମ୍ବତ୍ ୧୮୩୨; ଏ ସ୍ୱରୋଦୟ ଆଦି ଅନେକଗୁଡ଼ିଏ ଗ୍ରନ୍ଥ ରଚନା କରିଥିଲେ, ଏ ଗୋଟିଏ ନୂତନ ବୈଷ୍ଣବସମ୍ପ୍ରଦାୟର ପ୍ରବର୍ତ୍ତନ କରିଥିଲେ—ହି. ଶବ୍ଦସାଗର)—
2. Name of a deceased Hindu Saint of Délhi.

ଚରଣଦାସୀ—ସଂ. ବି. ସ୍ତ୍ରୀ (୬ଷ୍ଠୀ ବା ୭ମୀ ତତ୍; ଚରଣ+ଦାସୀ)—
Charaṇadāsi ୧ । ଚରଣଦାସର ସ୍ତ୍ରୀଲିଙ୍ଗ—
1 The feminine of Charaṇadāsa.
୨ । ପ୍ରଭୁଙ୍କର ପଦସେବାକାରିଣୀ କିଙ୍କରୀ—
2. A maidservant who massages the legs of the master.
୩ । ଆପଣାର ସ୍ତ୍ରୀ—3 One's wife.
୪ । ଅତ୍ୟନ୍ତ ଅନୁଗତା କିଙ୍କରୀ—
4. Most humble and obedient maid servant.
ଦେ. ବି. ପୁଂ—ଚରଣଦାସଙ୍କ ପ୍ରବର୍ତ୍ତିତ ବୈଷ୍ଣବ ସମ୍ପ୍ରଦାୟ-ଭକ୍ତେସ—Name of a sect following the tenants of saint Charaṇadāsa.

ଚରଣଦେଶ—ଦେ. ବି (ରୂପକ କର୍ମ୍ମ ମ. ପ. ଲୋ; ଚରଣାଧିକୃତ ଦେଶ)—
Charaṇadeśa ଚରଣତଳ; ପାଦଦେଶ; ଗୋଡ଼ତଳ; ପୂଜ୍ୟ ବ୍ୟକ୍ତିଙ୍କର ଚରଣ ଯେଉଁ ସ୍ଥାନରେ ପଡ଼ିଥାଏ—
Ground near one's foot.
ପଡ଼ିଲେ ସେ ତାହାଙ୍କ ଚରଣଦେଶରେ—କୃଷ୍ଣସିଂହ. ମହାଭାରତ. ସଭା ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇପ୍ସ	ଉଥ	ଈ
୨	ଈ	ଊ	ରୁ	ଲୁ	ଯ୍ରୈ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଥ	ଊ	ଦ୍ବ

ଚରଣଧୂଳି—ସଂ. ବି (୬ଷ୍ଠୀ ତତ୍; ଚରଣ + ଧୂଳି)—୧ । ପ୍ରଭୁ ବା
Charaṇadhūḷi ଗୁରୁଜନଙ୍କ ଚରଣରେ ଲାଗିଥିବା ଧୂଳି—
1. The dust of the feet of a master or Gurujana.
[ଦ୍ର—ଶିଷ୍ୟମାନେ ଏହାକୁ ଅତ୍ୟନ୍ତ ପବିତ୍ର ମନେ କରି ମୁଣ୍ଡରେ ଲଗାନ୍ତି ।]
୨ । (ଅତି ଭକ୍ତିପ୍ରଣୋଦିତ ବ୍ୟବହାର) ଗୁରୁଜନ ବା ପୂଜ୍ୟ ବ୍ୟକ୍ତିଙ୍କର ପାଦ—2. The feet of a revered person.
(ଯଥା—ଆମ ଘରେ ଆପଣଙ୍କ ଚରଣଧୂଳି ପଡ଼ୁଲା ନାହିଁ ।)

ଚରଣନ୍ୟାସ—ସଂ. ବି (୬ଷ୍ଠୀ ତତ୍; ଚରଣ+ନ୍ୟାସ)—୧ । ଗମନବା
Charaṇanyāsa ପାଇଁ ଗୋଡ଼ ଭୂମିରେ ପକାଇବା; ପଦନ୍ୟାସ—
Footstep (M. W.)
୨ । ପାଦଚିହ୍ନ; ଚରଣଚିହ୍ନ—2. Footmark (M. W.)

ଚରଣପଦ୍ମ—ସଂ. ବି (ରୂପକ କର୍ମଧାରୟ; ଚରଣ + ପଦ୍ମ)—
Charaṇapadma ଚରଣକମଳ (ଦେଖ)—
Charaṇakamaḷa (See)

ଚରଣପଦ୍ମ ଚିନ୍ତି ଦୟାସାଗର ସରେ କି ଏ ଦାସୀକି କରି ଅନ୍ତର—
ମଧୁସୂଦନ. ସୀତାବନବାସ ।

ଚରଣପର୍ବଣ—ସଂ. ବିଶ (୬ଷ୍ଠୀ ତତ୍; ଚରଣ+ପର୍ବନ୍)—୧ । ଗୋଇଠି;
Charaṇaparbaṇa ଏଡ଼ି (ହି. ଶବ୍ଦସାଗର)—1. The back part of the heel.
୨ । ଗୁଲ୍ଫ; ଗୋଛ (ହି. ଶବ୍ଦସାଗର)—2. The part of the ankle where the muscles of the leg combine.

ଚରଣପାଦୁକା—ସଂ. ବି (୬ଷ୍ଠୀ ତତ୍; ଚରଣ+ପାଦୁକା)—୧ । କାଠଉ;
Charaṇapādukā ଖଡ଼ମ – 1. Wooden sandals.
୨ । ଜୋତା—2. Shoes.
୩ । ଚରଣଚିହ୍ନ (ହି. ଶବ୍ଦସାଗର) (ଦେଖ)—
3. Charaṇachihna (See)

ଚରଣପୀଠ—ସଂ. ବି (ମଧ୍ୟପଦଲୋପୀ; ଚରଣାଧିକୃତ ପୀଠ)—
Charaṇapitha ୧ । ଚରଣପାଦୁକା (ହି. ଶବ୍ଦସାଗର) (ଦେଖ)—
1. Charaṇapādukā (See)
୨ । ଉଚ୍ଚ ସ୍ଥାନରେ ବସିବା ବ୍ୟକ୍ତି ଯେଉଁ ପୀଢ଼ା ବା ଚୌକି ଉପରେ ଆରାମ ପାଇଁ ଗୋଡ଼ ରଖନ୍ତି 2. Footstool.
୩ । ପାଉଁଦାନ; ଗାଡ଼ି ଆଦିରେ ଚଢ଼ିବାବେଳେ ଯେଉଁ ଚଟକା ଧାତୁଖଣ୍ଡ ଉପରେ ଗୋଡ଼ ଦିଆଯାଏ—
3. Foot-board.

ଚରଣପ୍ରସାର - ସଂ. ବି (୬ଷ୍ଠୀ ତତ୍; ଚରଣ + ପ୍ରସାର) ଗୋଡ଼ ଲମ୍ବା-
Charaṇaprasāra କରିବା—Stretching the leg (M.W.)

ଚରଣଫାଟୁଆ—ଦେ. ବିଣ—ଗୋଡ଼ଫାଟ ରୋଗଗ୍ରସ୍ତ; ଯାହାର ଗୋଡ଼ର
Charaṇaphāṭuā ତଳପା ଶୀତ ଋତୁରେ ରୋଗ ହେତୁ ଫାଟି ଯିବାରୁ ସେ ଚାଲି ପାରେ ନାହିଁ—One whose heels become cracked in winter (a disease).
ଦେ. ବି.—ଗୋଡ଼ଫାଟ ରୋଗ—A disease by which the heels becom cracked.

ଚରଣଯୋଧୀ—ସଂ. ବି (ଚରଣ + ଯୁଧ ଧାତୁ + ଇନ୍; ୧ମା. ୧ବ)—
Charaṇajodhi କୁକୁଡ଼ା—A cock (M. W.)

ଚରଣରେଣୁ—ସଂ. ବି (୬ଷ୍ଠୀ ତତ୍; ଚରଣ + ରେଣୁ)—
Charaṇareṇu ଚରଣଧୂଳି (ଦେଖ)—
Charaṇadhūḷi (See)

ଚରଣଶରଣ—ସଂ. ବିଣ. ପୁଂ. (ବହୁବ୍ରୀହି; ଚରଣ + ଶରଣ) ଚରଣା-
Charaṇaśaraṇa ଶ୍ରିତ (ଦେଖ)—Charaṇāśrita (See).
(ଚରଣଶରଣା—ସ୍ତ୍ରୀ) ଚରଣ-ଶରଣ ସେବକକୁ ନାଶି । କଥାଠ ଛଳରେ ନୋହୁ—
ଭକ୍ତ. ପ୍ରେମସୁଧାନିଧି ।

ଚରଣସରୋଜ—ସଂ. ବି (ରୂପକ କର୍ମଧା; ଚରଣ+ସରୋଜ)—
Charaṇasaroja ଚରଣକମଳ (ଦେଖ)—
Charaṇakamaḷa (See)

ଚରଣସେବକ—ସଂ. ବି. ପୁଂ (୬ଷ୍ଠୀ ତତ୍; ଚରଣ + ସେବକ)—
Charaṇasebaka ଚରଣଦାସ (ଦେଖ)—
Charaṇadāsa (See)
ଚରଣସେବକା } ସ୍ତ୍ରୀ
ଚରଣସେବିକା }

ଚରଣସେବକୀ – ଦେ. ବି. ସ୍ତ୍ରୀ (ସଂ. ଚରଣସେବିକା)—ଚରଣଦାସୀ(ଦେଖ)—
Charaṇasebaki Charaṇadāsi (See)

ଚରଣସେବା—ସଂ. ବି (୬ଷ୍ଠୀ ତତ୍; ଚରଣ+ସେବା)— ୧ । ଗୋଡ଼
Charaṇasebā ଘଷିବା; ପଦସମ୍ବାହନ—1. Caressing of the feet of another.
୨ । ଗୁରୁଜନଙ୍କ ପ୍ରତି ଶିଷ୍ୟାଦିଙ୍କର ଆନୁଗତ୍ୟ—
2. Obedience; whole hearted devotion; one's elder or superior.
୩ । ପ୍ରଭୁ ବା ଗୁରୁଜନଙ୍କର ସେବା—3. A master's service; serving at the feet of the master; devoted service to one's master.

ଚରଣା—ସଂ. ବି (ବୈଦ୍ୟକ)—ଯୋନିରୋଗବିଶେଷ—A disease of
Charaṇā the female organ.
[ଦ୍ର—ଏ ରୋଗଗ୍ରସ୍ତା ସ୍ତ୍ରୀର ମୈଥୁନ କାଳରେ ଅତିଶୀଘ୍ର ଅଧିକ ପରିମାଣରେ ରଜସ୍ରାବ ହୁଏ । (ହି. ଶବ୍ଦସାଗର)]

ଚରଣାଙ୍କିତ—ସ ବିଣ (୬ଷ୍ଠୀ ତତ୍; ଚରଣ+ଅଙ୍କିତ)—୧ । ପାଦର
Charaṇāṅkita ଛାପ—1. The print of ones foot; foot-print.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଈ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଗିଁ ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । (୭ମୀ ତତ୍) ପାଦରେ ଚିହ୍ନିତ—2. (lines and figures seen) Marked on the soles of the leg.

ଚରଣାଦ୍ରି—ସଂ. ବି (ନାମ) (ମଧ୍ୟପଦଲୋପୀ; ଚରଣାଙ୍କିତ ଅଦ୍ରି)—
Charaṇādri ଚୂନାର; କାଶୀ ଓ ମିର୍ଜାପୁର ମଧ୍ୟରେ ଥିବା ସ୍ଥାନ—Chunar, a town between Benares and Mirjapur.

[ଦ୍ର—ଏଠାରେ ଗୋଟିଏ ଛୋଟ ପାହାଡ଼ରେ ବୁଦ୍ଧଦେବଙ୍କର ଚରଣଚିହ୍ନାଙ୍କିତ ଖଣ୍ଡିଏ ପଥର ଅଛି । ଏ ପଥରକୁ ମୁସଲମାନମାନେ ନେଇ ଗୋଟିଏ ମସ୍‌ଜିଦ୍‌ରେ ରଖି କହନ୍ତି ଯେ, ଏ କଦମ୍ ରସୁଲ୍ (ମହମ୍ମଦଙ୍କ ପଦଚିହ୍ନ) ଅଟେ । ହି. ଶବ୍ଦସାଗର]

ଚରଣାନୁଗ—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; ଚରଣ+ଅନୁ+ଗମ୍+
Charaṇānuga କର୍ତ୍ତୃ. ଅ)—ଚରଣାନୁଗତ (ଦେଖ)
(ଚରଣାନୁଗା—ସ୍ତ୍ରୀ) Charaṇānugata (See)

ଚରଣାନୁଗତ—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; ଚରଣ+ଅନୁ+ଗମ୍+
Charaṇānugata କର୍ତ୍ତୃ. ତ)—୧ । ଅନ୍ୟର ପଦାଙ୍କ ଅନୁସରଣ-
(ଚରଣାନୁଗତା—ସ୍ତ୍ରୀ) କାରୀ ବା ପଶ୍ଚାଦ୍‌ଗାମୀ—
1. Following another's foot steps.

୨ । ଅତ୍ୟନ୍ତ ବିନୀତ ଓ ଆଜ୍ଞାପାଳକ—2. Most humble and cbedient subservient.

୩ । ପ୍ରଭୁଙ୍କର ଚରଣ ସେବାକାରୀ—3. Tending the feet of or serving the master.

୪ । ଶରଣାଗତ (ହି. ଶବ୍ଦସାଗର)—4. One who is under the shelter of another.

ଚରଣାବରଣ—ସଂ. ବି—(୬ଷ୍ଠୀ ତତ୍; ଚରଣ+ଆବରଣ)— ମୋଜା —
Charaṇābaraṇa Stocking; socks.

ଚରଣାଭରଣ—ସଂ. ବି—(୬ଷ୍ଠୀ ତତ୍; ଚରଣ +ଆଭରଣ)—
Charaṇābharaṇa ଗୋଡ଼ର ଅଳଙ୍କାର—Ornament for the leg.

ଚରଣାମ୍ବୁଜ—ସଂ. ବି—(ରୂପକ କର୍ମଧାରୟ; ଚରଣ+ଅମ୍ବୁଜ)—
Charaṇāmbuja ଚରଣକମଳ (ଦେଖ)
Charaṇakamaḻa (See)

ଚରଣାମୃତ—ସଂ. ବି—(୬ଷ୍ଠୀ ତତ୍ କିମ୍ବା ମ. ପ. ଲୋ; ଚରଣ+
Charaṇāmṛuta ଅମୃତ)—ଦେବତା, ବ୍ରାହ୍ମଣ ବା ଗୁରୁଜନଙ୍କର ପାଦପ୍ରକ୍ଷାଳନ ଜଳ; ଯେଉଁ ଜଳକୁ ଭକ୍ତ ପାନ କରେ; ପାଦୋଦକ; ପାହୁଡ଼; ଗୋଡ଼ଧୁଆ ପାଣି—Water with which the feet of a Diety, Brahmana or spiritual preceptor have been washed and which is taken with avidity by a devotee or disciple.

[ଦ୍ର—ଚରଣାମୃତ 'ପିଇବା'କୁ ଭକ୍ତିରେ ଚରଣାମୃତ 'ପାଇବା' ବା 'ସେବା କରିବା' ବୋଲାଯାଏ]

ଚରଣାୟୁଧ—ସଂ. ବି. (ବହୁବ୍ରୀହି; ଯାହାର ଚରଣ ଆୟୁଧସ୍ୱରୂପ; ଯାହାର
Charaṇāyudha ଚରଣ ତୀକ୍ଷ୍ଣ ନଖଯୁକ୍ତ; ଯେ ଚରଣଦ୍ୱାରା ଅନ୍ୟ କୁକ୍କୁଟ ସଙ୍ଗେ ଯୁଦ୍ଧ କରେ)—

୧ । କୁକ୍କୁଟ; କୁକୁଡ଼ା —1. Cock

ଚରଣାୟୁଧବୃନ୍ଦ ରଟନ୍ତି ରେ, ଖର କରୁଣା ବୋଲି ଯେତେ ଗୃହ ରଚିଲ-
ତୋ ମାନଙ୍କଣ୍ଠି ତ ନ ଫିଟନ୍ତି ରେ । କନ୍ଦର୍ପସୂର୍ଯ୍ୟ—ସଙ୍ଗୀତ ।

୨ । ଶିକାରୀ ପଶୁପକ୍ଷୀ ଓ ଜୀବଜନ୍ତୁ—
2. Birds and beasts of pray.

ସଂ. ବିଣ—ଯାହାର ଗୋଡ଼ ଅସ୍ତ୍ରରୂପେ ବ୍ୟବହୃତ—
Having the feet as weapon (animal) fighting with the feet.

ଚରଣାରବିନ୍ଦ—ସଂ. ବି—(ରୂପକ କର୍ମଧାରୟ, ଚରଣ+ଅରବିନ୍ଦ)—
Charaṇārabinda ଚରଣକମଳ (ଦେଖ)
Charaṇakamaḻa (See)

ଚରଣାଶ୍ରିତ—ସଂ. ବିଣ, ପୁଂ (୭ମୀ ତତ୍; ଚରଣ+ଆଶ୍ରିତ, ଅତିଭକ୍ତି-
Charaṇāśrita ପ୍ରଣୋଦିତ ବ୍ୟବହାର)—ଗୁରୁଜନ, ଦେବତା,
(ଚରଣାଶ୍ରିତା—ସ୍ତ୍ରୀ) ପ୍ରଭୁ, ଧନୀ ବା ବଡ଼ ଲୋକଙ୍କ ଆଶ୍ରୟରେ ରହୁଥିବା ବ୍ୟକ୍ତି; ଚରଣାନୁଗତ—(a person) Who is dependent on the favour or bounty of another great or rich man or diety.

ଚରଣାସ୍କନ୍ଦନ—ସଂ. ବି. (୭ମୀ ତତ୍, ଚରଣ+ଆସ୍କନ୍ଦନ)—
Charaṇāskandana ଗୋଡ଼ରେ ମଳିବା; ପାଦଦଳନ—
Treading down with the feet.

ଚରଣି—ସଂ.ବି. (ଚର ଧାତୁ+କର୍ତ୍ତୃ. ଅନି —
Charaṇi ମନୁଷ୍ୟ (ହି. ଶବ୍ଦସାଗର)—Man.

चरानी ଦେ. ବି—(ସଂ. ଚର୍ ଧାତୁ)—୧ । ଘାସ; ଗୋରୁ ଘୋଡ଼ାଙ୍କ
चरवाह ଖାଦ୍ୟ—1. Food for beasts.

୨ । (ସଂ. ଗୃରଣ) ଗୋଚାରଣ; ଗୋରୁ ଚରାଇବା—
2. Tending cattle; pasturing.

୩ । (ସଂ. ଚରଣ) ଗୋରୁ ମହିଷାଦିମାନଙ୍କର ଘାସ ଚରିବା—
3. The beasts feeding on pasture; grazing.

୪ । (ସଂ. ଚରୁ) ଗୋଚାରଣ ଭୂମି—4. Pasturage.

୫ । (ସଂ. ଚରୁ) ଜମିଦାର ବା ରାଜାଙ୍କ ଭୂମିରେ ଗୋ-ମହିଷାଦିଙ୍କ ଘାସ ଚରିବା ନିମନ୍ତେ ଗୋରୁର ସ୍ୱାମୀ ରାଜାଙ୍କୁ ଯେଉଁ କର ଦିଏ—5. Pasture tax; grazing tax; tax paid to the Raja or zamindar for ones cattle grazing on the Zamindar's land or pasture.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଳ	ଶ,ଷ	କ୍ଷ	ଇୟ	ଉଅ	ଔ
୨	ଈ	ଊ	ଋୃ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଔ	ନ୍ମ

୬ । ଗୋରୁ ମଇଁଷି ରାଜା ବା ଜମିଦାରଙ୍କ ଜମି ବା ଜଙ୍ଗଲ ବା ପଡ଼ାରେ ଚରିବାରୁ ଗଉଡ଼ମାନେ ରାଜାଙ୍କୁ କର ବଦଳରେ ଯେଉଁ ଘିଅ ଦିଅନ୍ତି—6. Ghee paid by cowherds to the Raja or Zamindar in lieu of grazing tax.

ଦେ. ବିଣ.—ଗୋରୁ ଗାଈ ଚରାଇବାପାଇଁ ଭୂସ୍ୱାମିଙ୍କୁ ଦେୟ (ଘୃତ; ରାଜସ୍ୱ) —Payable for grazing.

(ଯଥା—ଚରଣି ଘିଅ, ଚରଣି ଖଜଣା, ଚରଣି ଟିକସ ।)

ଚରଣି ଘିଅ—ଦେ. ବି.—ରାଜାଙ୍କ ଭୂମିରେ ଚରା କରିଲେ ଗୋରୁ Charaṇi ghia ଚରାଇବା ଯୋଗୁଁ ଗଉଡ଼ମାନେ ରାଜାଙ୍କୁ ମାଗଣା ଦେବା ନିର୍ଦ୍ଦିଷ୍ଟ ଘିଅ—Ghee paid to a landlord by cowherds in lieu of grazing tax.

ଚରଣିଭୂଇଁ-ଦେ. ବି. (ସଂ ଚରଣ+ଭୂମି)—୧ । ଗୋଚର ଜମି; Charaṇi bhuūiñ ଚରାଭୂଇଁ—1. Pasture land.

ଚରଣୋଦକ—ସଂ. ବି.—(୬ଷ୍ଠୀ ତତ୍, ଚରଣ+ଉଦକ — Charaṇodaka ଚରଣାମୃତ (ଦେଖ) Charaṇāmṛuta (See)

ଚରଣୋପଧାନ—ସଂ. ବି. (୬ଷ୍ଠୀ ତତ୍; ଚରଣ+ଉପଧାନ)—ଯେଉଁ Charaṇopadhāna ମାଣ୍ଡି ବା ଆସନ ଉପରେ ଗୋଡ଼ ରଖା ଯାଏ—Foot rest (M. W.)

ଚରତୀ—ସଂ. ବି—ଦୀର୍ଘଜୀବୀ ଶାକତରୁବିଶେଷ—Name of a perennial potherb; Ionidium suffruticosum; Viola Suffruticosa (Kirtikar).

Charatī
ନୁନବୋରା
रत्नपुरुष
ତେ. ସୂର୍ଯ୍ୟକେନ୍ତ, ମାଲ-କୋବାସି, ପୁରୁଷରତ୍ନମ୍
ସାନ୍ତାଲୀ. ଡାଣ୍ଡି, ସୋଲ,
ବୀରସୂର୍ଯ୍ୟମୁଖୀ

[ଦ୍ର—ଏହା ଭାରତର ଉତ୍ତର ପଶ୍ଚିମ ପ୍ରଦେଶ, ମଧ୍ୟପ୍ରଦେଶ, ବଙ୍ଗ ଓ ସିଂହଳରେ ଜାତ ହୁଏ । ଏହାର ଶାଖାଗୁଡ଼ିକ ଝୁଙ୍କି ମେଲିଯାଏ ଓ ଫୁଲ ନାଲିଆ ଦିଶେ । ଏହି ଗଛର ପତ୍ର, ଡାଙ୍ଗ ଓ ଚେର ବାତଜ୍ୱର, ଗୋଦର, ମେହ ଆଦିର ଔଷଧରେ ବ୍ୟବହୃତ ହୁଏ ।]

ଚରବଣ— ଗ୍ରା (ପଦ୍ୟ) ବି. (ସଂ. ଚର୍ବଣ)—ଚର୍ବଣ; ଚୋବାଇବା— Charabaṇa Chewing.

(ଚରବଣା—ଅନ୍ୟରୂପ)

ଚରବସ୍ତ୍—ଦେ. ବି. (ସଂ. ଚର=ପଟୁ+ବସ ଧାତୁ; ଯେଉଁ ଜମିରେ Charabast ପଟୁ ବସି ଯାଇଥାଏ)—ନଈବଢ଼ି ଦ୍ୱାରା ନଦୀଗର୍ଭରେ ପଟୁ ପଡ଼ି ଯେଉଁ କୃଷି ଉପଯୋଗୀ ଜମି ଜାତ ହୋଇଥାଏ; ପଟୁଜମି—Silted land on the bed of a river fit for cultivation.

চরবস্ত
चरबस्त

ଚରବି (ଇତ୍ୟାଦି)—ଗ୍ରା. ବୈଦେ. ବି. (ଫା)—ଚର୍ବି ଇତ୍ୟାଦି (ଦେଖ) Charabi (etc) Charbi etc (See)

ଚରବ୍ୟ—ସଂ. ବିଣ. (ଚରୁ+ଯ)—ହୋମରେ ଚରୁରୂପେ ବ୍ୟବହୃତ Charabya ହେବାର ଉପଯୁକ୍ତ (ହି. ଶବ୍ଦସାଗର)— Fit to be employed as an accompaniment to the ghee offered to fire.

ଚରମ—ସଂ. ବି. (ଚର ଧାତୁ+କର୍ତ୍ତୃ. ଅମ)—୧ । ଶେଷଭାଗ— Charama 1. Last or finishing stage.

୨ । ପଶ୍ଚିମ (ହି. ଶବ୍ଦସାଗର)—2. The west.

୩ । ଶେଷ—3. Finish; end.

୪ । ପଛଆଡ଼—4. Back side.

ଚଲେତ ନ ରହିବ ଚରମରେ, ଶାର ଶାଦୂଳ ମୁଖପଦ୍ମରେ—
ଉକ୍ତ. ବୈଦେହୀଶବିଳାସ ।

୫ । ପିଠି; ପୃଷ୍ଠ—5. Back.

ଚରମଭାଗ ମୋ ଭାର. ଲାଗି ନାହିଁ ଭ୍ରମେ ତାର
ଚମକ ତ ନାହିଁ ମେର ଛାତ ରେ—କବିସୂର୍ଯ୍ୟ. କଣୋପାଡଗୀ. ଚ-ଗୀତ

ସଂ. ବିଣ—୧ । ଅନ୍ତିମ; ଶେଷ—

1. Last; final; ultimate; extreme.

୨ । ସବୁ ଶେଷରେ ବାହାରେ ଥିବା—

2. Outermost (M. W.)

୩ । କ୍ଷୁଦ୍ରତମ—3 Lowest; least (M. W.)

୪ । ପାଶ୍ଚାତ୍ୟ—4. Western (M. W.)

୫ । ସର୍ବୋଚ୍ଚ; ଯାହାଠାରୁ ଆଉ ବଡ଼ ନାହିଁ; ବୃହତ୍ତମ—

5. Highest; largest.

(ଯଥା— ଚରମ ସଂଖ୍ୟା ।)

୬ । ପଛଆଡ଼ର—6. Of the back side; posterior.

ଗ୍ରାମ୍ୟ. (ପଦ୍ୟ) ବି. (ସଂ. ଚର୍ମ)—ଚର୍ମ—Skin.

ଚରମ ଆଦର୍ଶ—ଦେ. ବି. (ସଂ. ଚରମ+ଆଦର୍ଶ; ସଂ. ରେ ସନ୍ଧିଦ୍ୱାରା Charama ādarśa ଚରମାଦର୍ଶ ପଦ ହେବ; ଓଡ଼ିଆରେ ୨ଟି ଶବ୍ଦ ପୃଥକ ରଖାଯାଇଅଛି)—ମନୁଷ୍ୟ ଜୀବନର ସର୍ବୋତ୍କୃଷ୍ଟ ବା ଅନ୍ତିମ ଲକ୍ଷ୍ୟ—The beau-ideal; the ultimate model or aim of life; the highest aim of human existence.

ଚରମ କରିବା—ଦେ. କ୍ରି—କୌଣସି ବ୍ୟକ୍ତି ଆଡ଼କୁ ଆପଣାର ପିଠିକୁ Charama karibā ବୁଲାଇବା; କୌଣସି ବ୍ୟକ୍ତି ଆଡ଼କୁ ଆପଣାର ମୁହଁକୁ ବୁଲାଇବା—To turn back; to turn one's face away from a person.

ଭରମରମ୍ୟଦେହା ଚରମ କଲୁ ଯହିଁ ଜାଣିଲ ମୋ କରମ ଫାଟିଲା ରେ—
କବିସୂର୍ଯ୍ୟ, ସଙ୍ଗୀତ ।

ଚରମକାଳ—ସଂ. ବି (କର୍ମଧାରୟ; ଚରମ+କାଳ)— Charamakāla ୧ । ଅନ୍ତିମ ବା ଶେଷ ଅବସ୍ଥା— 1. Last stage; final stage,

୨ । ବୃଦ୍ଧାବସ୍ଥା—2. Old age.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରିସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଣା' ନ ପାଇଲେ 'ଅଙ୍ଗଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । ମୁମୂର୍ଷୁ ଅବସ୍ଥା; ମଲାବେଳ—3. Dying state; one's last moments; the hour of death.

ଚରମକୋଟି—ସଂ. ବି—ପରାକାଷ୍ଠା; ଶେଷସୀମା—
Charamakoṭi The highest pitch; the last point.

ଚରମକ୍ରିୟା—ସଂ. ବି—(କର୍ମଧା; ଚରମ+କ୍ରିୟା)—ମୃତ ବ୍ୟକ୍ତିର
Charamakriyā ଶୁଦ୍ଧିକ୍ରିୟା—Funeral ceremony (M.W)

ଚରମଗିରି—ସଂ. ବି (କର୍ମଧା; ଚରମ+ଗିରି)—ଅସ୍ତାଚଳ ପର୍ବତ—
Charamagiri The mythological mountain in the west beyond which the sun is said to set.

ଚରମଦଶା—ସଂ. ବି. (କର୍ମଧାରୟ; ଚରମ+ଦଶା)—
Charamadaśā ୧ । ଚରମକାଳ (ଦେଖ)—
1. Charama kāla (See)
୨ । (ମନୁଷ୍ୟର ଦଶ ଦଶା ମଧ୍ୟରୁ ଶେଷ ଦଶା) ମୃତ୍ୟୁ—
2. Death.

ଚରମଦେଶ—ଦେ. ବି.—୧ । ପଛଆଡ଼—1. Back side.
Charamadeśa ୨ । ପୃଷ୍ଠ; ପିଠି—2. Back.

ଚରମପତ୍ର—ସଂ ବି. (ଆଧୁନିକ ପ୍ରୟୋଗ) (କର୍ମଧାରୟ; ଚରମ+ପତ୍ର)—
Charamapatra ମୃତ୍ୟୁ ପରେ ଭୂସମ୍ପତ୍ତି ସମ୍ବନ୍ଧରେ ମୃତ୍ୟୁ ପୂର୍ବରୁ କୌଣସି ବ୍ୟକ୍ତି ସମ୍ପାଦନ କରିଯିବା ଦଲିଲ—A will; last will; testament
(ଚରମ ପତ୍ରିକା, ଚରମଲିପି, ଚରମଲେଖ — ଅନ୍ୟରୂପ)

ଚରମପନ୍ଥା—ସଂ. ବି (ଚରମ+ପଥ; ଆଧୁନିକ ପ୍ରୟୋଗ)—ରାଜା ବା
Charamapanthā ଶାସକଙ୍କ ବହିଷ୍କୃତ କରି ସ୍ୱାୟତ୍ତଶାସନ ଲାଭ କରିବାରୂପ ରାଜନୀତିକ ଉପାୟ—The way of the extrements in politics; extremist in politics.

ଚରମପନ୍ଥୀ—ସଂ. ବି (ଆଧୁନିକ ପ୍ରୟୋଗ; ଚରମପନ୍ଥା+ଇନ୍, ୧ମା.୧ବ.)—
Charamapanthī ରାଜନୀତିରେ ଯେଉଁମାନେ ଚରମପନ୍ଥା ଅବ-
(ନରମପନ୍ଥୀ—ବିପରୀତ) ଲମ୍ବନ କରନ୍ତି; ଅର୍ଥାତ୍ ମାରପିଟ ଆଦି କ୍ରିୟା-ଦ୍ୱାରା ସରକାରଙ୍କୁ ଧ୍ୱଂସ କରି ବା ତଡ଼ି ସ୍ୱାୟତ୍ତଶାସନ ବା ଅନ୍ୟ ପ୍ରକାର ସ୍ୱାତନ୍ତ୍ର୍ୟ ଲାଭ କରିବାର ଉଦ୍ୟୋଗ କରନ୍ତି—
Extremists in politics; persons who want to destroy the present form of Government.

ଚରମଫଳ—ସଂ. ବି. (୬ଷ୍ଠୀ ତତ୍; ଚରମ+ଫଳ)—ଶେଷ ଫଳ—
Charamaphaḷa Last resutl; ultimate result.

ଚରମବୟଃ—ସଂ. ବିଣ. (ବହୁବ୍ରୀହି; ଚରମ+ବୟସ୍)—
Charamabayaḥ ଅତି ବୃଦ୍ଧ; ଯେ ମରିବାକୁ ବସିଲାଣି—
Very old; being in the last stage of life (M. W).

ଚରମଭାଗ—ସଂ. ବି—ଶେଷ ଅଂଶ—
Charamabhāga Final or last position.

ଦେ. ବି—୧ । ପୃଷ୍ଠଆଡ଼; ପିଠିପଟ—1. Back side; the side towards ones back.
୨ । ପଛଆଡ଼—2. Hind part.
ଚରମଭାଗ ମୋ ଭରି ଲାଗି ନାହିଁ ଭୁମେ ତରି ଚମକ ତ ନାହିଁ
ମୋର ଛାତ ରେ । କବିସୂର୍ଯ୍ୟ, କଣୋଗାଚମ୍ପୂ ।

ଚରମଲିପି—ଦେ. ବି. (କର୍ମଧା ବା ୬ଷ୍ଠୀ ତତ୍; ଚରମ+ଲିପି)—
Charamalipi ଚରମପତ୍ର (ଦେଖ)
(ଚରମଲେଖ—ଅନ୍ୟରୂପ) Charamapatra (See)

ଚରମଲେଖା—ଦେ. ବି. (ସଂ. ଚରମଲେଖ)—ଚରମପତ୍ର (ଦେଖ)
Charamalekhā Charamapatra (See)

ଚରମସ୍ଥଳ—ଦେ. ବି—ପୃଷ୍ଠଭାଗ—The back.
Charamasthaḷa ଚରମସ୍ଥଳ ସହଜେ ଅଗମ୍ୟ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଚରମାଚଳ—ସଂ. ବି. (କର୍ମଧା ବା ୬ଷ୍ଠୀ ତତ୍; ଚରମ+ଅଚଳ)—
Charamāchaḷa ଅସ୍ତଗିରି, ଯେଉଁ ପୌରାଣିକ ପର୍ବତ ପଛରେ ସୂର୍ଯ୍ୟ ବୁଡ଼ିଯାଆନ୍ତି— The mythological or fabulous mountain to which the sun enters while setting in the west.

ଚରମାଦ୍ରି—ସଂ. ବି. (କର୍ମଧା; କିମ୍ବା ୬ଷ୍ଠୀ ତତ୍; ଚରମ+ଅଦ୍ରି)—
Charamādri ଚରମାଚଳ (ଦେଖ)
Charamāchaḷa (See)

ଚରମାବସ୍ଥା—ସଂ. ବି. (କର୍ମଧା; ଚରମ+ଅବସ୍ଥା)—
Charamābasthā ଚରମକାଳ (ଦେଖ)
Charamakāḷa (See)

ଚରଳ—ଦେ. ବି (ସଂ. ଶଲ୍ଲକ)—ଚରଡ଼ (ଦେଖ)
Charaḷa Chararḍa (See).

ଚରଳା—ଦେ. ବି (ସଂ. ଶଲ୍ଲକ)—ଚରଡ଼ (ଦେଖ)
Charaḷā Chararḍa (See).

ଚରସ୍—ଦେ. ବି (ସଂ. ଚର୍ମ)—ଗଞ୍ଜାଇ ଗଛ ବା ଫୁଲ ବା କଢ଼ିରୁ
Charas ବାହାରିବା ଅଠା; ମାଦକବିଶେଷ—An intoxicant
ଚରସ slimygum collected from the flowers stems
चरस and buds of the Indian hemp plant (Gaṇjā).

[ଦ୍ର—ଚରସ୍ ଶବ୍ଦର ହିନ୍ଦୀ ବା ଉର୍ଦ୍ଦୁରେ ଏକ ଅର୍ଥ ଗୋରୁ ବା ମଇଁଷି ଚମଡ଼ାର ଥଳି । ପୂର୍ବେ ଚରସ୍ ମଧ୍ୟଅସିଆରୁ ଚମଡ଼ା ଥଳିରେ ପଶି ଭାରତକୁ ଆସୁଥିଲା । ଏଥିଯୋଗୁଁ ଏହାର ନାମ ଚରସ୍ ହେଲା । ଏହା ଗଞ୍ଜେଇଗଛର ଫୁଲ ଓ ଡେଙ୍ଗ ଓ ମଞ୍ଜରୀରୁ ବାହାରେ । ଏହା ଦେଖିବାକୁ ମଦଣ ଭଳି, ଈଷତ୍ ହଳଦିଆ ଓ ଅଠାଳିଆ । ଏହାକୁ ଲୋକେ ଗଞ୍ଜେଇ କଳି ବା ଧୂଆଁପତ୍ର ସଙ୍ଗେ ମିଶାଇ ଧୂମ୍ରପାନ କରନ୍ତି । ଏହା ପିଇବାମାତ୍ରକେ ନିଶା ଧରେ ଓ ଆଖି ଲାଲ ହୋଇଯାଏ । ଏହାର ନିଶା ଗଞ୍ଜେଇ ନିଶାଠାରୁ କିଛି ଉଗ୍ର; ଏହି ଅଠା ଉତ୍ତର ପଶ୍ଚିମ ହିମାଳୟ, ନେପାଳ, କମାଉନ୍, କାଶ୍ମୀର, ଅଫଗାନିସ୍ତାନ,

୧	ଇ	ଉ	ର୍,ର୍ବ	ଋ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ୍ଁ	ଢ଼ଅ	ଘ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟଁ୍ୟ	ଇଅ	ଞ	ନ୍ତ

ଭୁର୍କି ସ୍ଥାନର ଗଞ୍ଜେଇ ଗଛରୁ ବେଶି ବାହାରେ ଓ ସେ ଦେଶମାନଙ୍କରୁ ଭାରତକୁ ଅଣାଯାଏ । ଗ୍ରୀଷ୍ମକାଳରେ ଗଞ୍ଜେଇ ଗଛରେ ଫୁଲ ଧରିବା ପୂର୍ବରୁ ଏହା ସଂଗ୍ରହ କରାଯାଏ । ଗଞ୍ଜେଇ ଗଛ ଉପରେ କୌଣସି ପରିର ପର ବା ପତଳା ଚମଡ଼ା ଚଲାଇଲେ ପରରେ ବା ଚମଡ଼ାରେ ଏ ଅଠା ଲାଗିଯାଏ । ଏହା ଅଧିକ ବ୍ୟବହାର କଲେ ମସ୍ତିଷ୍କର ବିକୃତି ଘଟେ—ହି· ଶବ୍ଦସାଗର ।]

ଚରସିଆ—ଦେ. ବିଣ—ଚରସ ଧୂମ୍ରପାନରେ ଅଭ୍ୟାସକ୍ତ—
Charasiā Addicted to smoking Charas.
চরসী
चरसी
(ଚରସୀ —ଅନ୍ୟରୂପ)

ଚରା—ଦେ. ବି. (ସଂ. ଚର୍ ଧାତୁ)—
Charā ୧ । ପଶୁପକ୍ଷି ପ୍ରଭୃତିଙ୍କର ପଡ଼ିଆ ଆଦିରେ ବୁଲି
চারা ଖାଦ୍ୟ ଅନ୍ଵେଷଣ ଖାଇବା—1. Grazing;
चराई,चरवा browsing of cattle and birds.

ଚରେ ସାର ପକ୍ଷୀ ଆକାଶେ ଉଡ଼େ । ମଧୁସୂଦନ· ସନ୍ଧ୍ୟା ।

୨ । ଗୋରୁମାନଙ୍କର ଖାଇବା ଘାସ ଆଦି—
2. Grass; fodder.

୩ । ମାଛମାନେ ବନଶୀ ପକାଇବା ସ୍ଥାନକୁ ଆକୃଷ୍ଟ ହୋଇ ଆସିବା ନିମନ୍ତେ ଜଳାଶୟର ନିର୍ଦ୍ଦିଷ୍ଟ ଅଂଶରେ ବୁଣାଯିବା ଖାଦ୍ୟ; ଚରେଇ—3. Food for fishes strewn on a particular spot of a tank or river to attract fishes (so that a person may successfully angle there).

୪ । ଚରାଭୂମି; ଗୋଚାରଣ ସ୍ଥାନ; ତୃଣାଦିବହୁଳ ଗୋଚାରଣୋପଯୋଗୀ ସ୍ଥାନ—4. Pasture.

୫ । (ସଂ. ଚର୍) ନଦୀର ଚର; ପଠା; ପଟୁ—
5. Sand bank; accretions; alluvial land.

ନୈରୃତ୍ୟ ଚରରେ ଲକ୍ଷି ରହିବ ସେ ବାତୁଳର ନାହିଁ ଅନ୍ତ ।
ସ୍ୱଧାଲାପ· ଯଗାତ ।

୬ । ଗବାଦି ପଶୁଙ୍କର ଗିଳିତ ବସ୍ତୁର ଉଦ୍ଗିରଣ; ପାଗୁଳି—
6. Rumination.

ଦେ. ବିଣ—୧ । ଚରୁଥିବା—1. Grazing; browsing.

୨ । ଗୋରୁ ଚରିବାର ଯୋଗ୍ୟ—
2. Fit for pasture.

୩ । ଯେଉଁଠାରେ ଗୋରୁ ଚରନ୍ତି—
3. Used as a pasture
(ଯଥା— ଚରାଭୂଇଁ ।)

୪ । ଯେଉଁ ସ୍ଥାନରେ ମାଛ ଆଦି ଖାଦ୍ୟ ଖୋଜି ବୁଲନ୍ତି—
4. (land) Used by fish to find food.
(ଯଥା— ଚରାଭୂଇଁ ।)

୫ । (ଅନ୍ୟ ଶବ୍ଦ ପରେ ପ୍ରଯୁକ୍ତ) ଯେ ଚରାଏ; ରଖୁଆଳ—
5. Tending cattle.
(ଯଥା—ଗାଈଚରା ଟୋକା ।)

ପ୍ରାଦେ. (ସମ୍ବଲପୁର) ବି—୧ । ଖାଦ୍ୟ—1. Food.

୨ । ଗ୍ରାସାଚ୍ଛାଦନ—
2. Maintenance; food and raiment.

ଚରାଇ—ଦେ. କ୍ରି—ଚରେଇ (ଦେଖ)
Charāi Charei (See)

ଚରାଇ ଦେବା—ଦେ. କ୍ରି—ଶସ୍ୟକ୍ଷେତ୍ରାଦିରେ ଗୋରୁ ପୂରାଇ ଫସଲ
Charāi debā ନଷ୍ଟ କରାଇବା; ଖିଆ କରିବା—To cause or
চরিয়েদেওয়া allow cattle to damage a crop by
चरादेना grazing.
(ଚରେଇ ଦେବା--ଅନ୍ୟରୂପ)

ଚରାଇବା—ଦେ. କ୍ରି. (ସଂ. ଚର୍ ଧାତୁ ଣିଜନ୍ତ—ଚାର୍ ଧାତୁ)—
Charāibā ୧ । ଗୋରୁ ପ୍ରଭୃତି ପଶୁଙ୍କୁ ଚରିବାବେଳେ ଜଗିବା—
চরান 1. To watch or tend cattle while
चराना; चरवाना grazing.
(ଚରେଇବା— ଅନ୍ୟରୂପ) ଗୃହ ହୃଦରେ ଯେହ୍ନ, ଚରାଉଥାନ୍ତି ବାଛୁରୀ—
କବିସୂର୍ଯ୍ୟ· କଳୋଗିରଚମ୍ପୂ· ଚ-ଗୀତ ।

୨ । ଗୋରୁ ପ୍ରଭୃତିଙ୍କର ଚରିବାର ସୁବିଧା କରିବା—
2 To allow the cattle to graze.

୩ । ଅବଲୋକ କରାଇବା; ଚଳାଇବା—
3. To look after; to take care; to attend to.

ଗଉଡ଼ ଗୋରୁ ଚରାଏ, ରଜା ମଣିଷ ଚରାନ୍ତି—ଢଗ ।

୪ । ଚରିବାର ଣିଜନ୍ତ—
4. The causative form of Charibā.

ପ୍ରାଦେ. (ସମ୍ବଲପୁର) କ୍ରି—ବଳି ହୋଇଯିବା ବୋଦାକୁ ବଳି ହୋଇଯିବା ପୂର୍ବରୁ ଦେବୀଙ୍କ ପ୍ରସାଦ ଖୁଆଇବା—
To feed a victin (goat or sheep) with the offerring of a Goddess before it is killed.

[ଦ୍ର—ଚରାଇବା କ୍ରିୟାର ଅସମାପିକା ରୂପ ସଙ୍ଗେ ଅଣିବା, ଦେବା, ନେବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଚରାଚର—ସଂ. ବିଣ. (ଦ୍ଵନ୍ଦ୍ବ; ଚର+ଅଚର)—ସ୍ଥାବର ଓ ଜଙ୍ଗମ;
Charāchara ଚଳନ୍ତି ଓ ଅଚଳନ୍ତି (ବସ୍ତୁ)—Animate and inanimate; locomotive and stationary; moveable and immoveable (things).

ସଂ. ବି - ୧ । ଜଙ୍ଗମ ଜୀବ ଓ ସ୍ଥାବର ବସ୍ତୁସମନ୍ଵିତ ଜଗତ୍; ବିଶ୍ୱସଂସାର—1.The universe; the aggregate of all things animate and inanimate (moving and stationary) creation; the world.

ଚରାଚର ଗୁରୁ ଉଦୟମନ୍ତ୍ର—କବିସୂର୍ଯ୍ୟ, କଳୋଗିରଚମ୍ପୂ· ଚ-ଗୀତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଳଙ୍କର' ନ ପାଇଲେ 'ଅଲଙ୍କର' ଦେଖିବେ

୨ । ବାୟୁ—2 Atmosphere or air.

ଦେ. ବି—ମନୁଷ୍ୟସମାଜ—The human society.

ଚରାଚରଗୁରୁ—ସଂ. ବି. (୬ଷ୍ଠୀ ତତ୍, ଚରାଚର+ଗୁରୁ=କର୍ତ୍ତା)—
Charācharaguru ପରମେଶ୍ୱର; ବିଶ୍ୱଗୁରୁ—
The creator; the Lord of the creation.

ଚରାଣି (ଇତ୍ୟାଦି)—ଦେ. ବି—ଚରଣି ଇତ୍ୟାଦି (ଦେଖ)
Charāṇi (etc) Charaṇi etc (See)

ଚରାବାତ—ଦେ. ବି—ଯେଉଁ ବାତ ବା ବାୟୁ ଶରୀରର ଅଭ୍ୟନ୍ତରରେ
Charābāta ଚରି ବୁଲୁଥାଏ, ଅର୍ଥାତ୍ ବର୍ତ୍ତମାନ ଏକ ସ୍ଥାନରେ ବ୍ୟଥା ଦେଇ ପରକ୍ଷଣରେ ଅନ୍ୟ ସ୍ଥାନରେ ମାରେ —
A wind which pangs or throbs or appears now in one part of the body now in another.

ଚରାବୁଲା—ଦେ. ବି. (ଏକାର୍ଥକ ସହଚର ଶବ୍ଦ)—ଚରାବୁଲା; ବୁଲାବୁଲି;
Charābulā ଚରିବା ଓ ବୁଲିବା ଆଦି କ୍ରିୟା—Roaming and grazing etc.
চলাফিরা
चलना घुमना

ଚରାଭୁଇଁ—ଦେ. ବି. (ସଂ. ଚରଣ+ଭୂମି)—୧ । ଚରିବାର ଭୂମି;
Charābhūiṅ ଯେଉଁଠାକୁ କୌଣସି ପଶୁ ବା ପଶୁଦଳ ବା ମାଛ
चरागह; चरोखर ଚରିବାକୁ ଆସନ୍ତି—1. A place to which
(ଚରାଭୂମି—ଅପଭ୍ରଂଶ) an animal or herd or fishes frequent for grazing or browsing or feeding; pasture-land.

୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ସର୍ବଦା ଯାତାୟତ କରିବାର ସ୍ଥାନ—2. (figurative) Resort; one's much frequented place.

ଚରାମୂଲ—ଦେ. ବି—ଗୋରୁ ବା ମେଣ୍ଢା ଚରାଇବା ସକାଶେ ଜଗୁଆଳ
Charāmūla ନେବା ବର୍ତ୍ତନ ବା ମୂଲ—Wages paid to
চরানের মজুরা the person who tends cattle and
चरवाहा sheep.

ଚରାମେଘ—ଦେ. ବି (ସଂ. ଚରର ଏକ ଅର୍ଥ ମେଘ ହି. ଶବ୍ଦସାଗର)—
Charāmegha ଯେଉଁ ମେଘ ଏକସ୍ଥାନରୁ ଅନ୍ୟସ୍ଥାନକୁ ଚରି ବୁଲୁଥାଏ; ଗତିବିଶିଷ୍ଟ ମେଘ; ଚରଣଶୀଳ ମେଘ—
Drifting cloud.

ଚରାୟ୍ବା—ପ୍ରାଦେ. (ବସ୍ତର) ବି —ଚରାଇବା (ଦେଖ)
Charāyba Charāibā (See)

ଚରାଳି—ଦେ. ବିଣ. (ସଂ. ଚରକ)—ଗୋରୁ ମେଣ୍ଢା ଚରାଉଥିବା
Charāḷi ଜଗୁଆଳ—A herdsman; a person who looks
রাখাল after grazing beasts.
चरवाहा; चरौवा

ଚରିଆ—ପ୍ରାଦେ. (ସମ୍ବଲପୁର) ବି—୧ । କାଶତୃଣବିଶେଷ —
Chariā 1. A kind of reed grass.

୨ । ଯେଉଁ ମନୁଷ୍ୟ କୃଷିକ୍ଷେତ୍ରରେ ବଳିରୂପେ ଅର୍ପିତ ହୁଏ; ମେରିଆ—2. A man who is sacrificed as a victim in a cultivated land.

ଚରିତ—ସଂ. ବି. (ଚର ଧାତୁ=ଆଚରଣ କରିବା+ଭାବ. ତ)—
Charita ୧ । ପୁରାଣାଦିରେ ବର୍ଣ୍ଣିତ ବିଷୟ ବା ଘଟଣା ବା ବୃତ୍ତାନ୍ତ—
1. Mythological event or topic; episode.
(ଯଥା—ମହାଭାରତର ପଞ୍ଚାଖ୍ୟାନଚରିତ ।)

୨ । ଐତିହାସିକ ଘଟଣା—2. Historical episode.

୩ । ଚରିତ୍ର—3. Character.

୪ । ଆଚରଣ—4. Conduct; behaviour.

ସବୁ ଅନ୍ୟାୟ ଚରିତ, ଶିକ୍ଷାକୁ ଗୁରୁ ଗୃହ ତ ।
ଦିନକୃଷ୍ଣ. କଣୋପାଖ୍ୟାନ ସ. ଗୀତ ।

୫ । ବର୍ଣ୍ଣନ—5. Delineation.

୬ । ଅନୁଷ୍ଠାନ; ପ୍ରତିଷ୍ଠାନ—
6. An institution; a fixed institute.

୭ । ପ୍ରଥା; ରୀତି—7. Usage; practice; custom; manners.

୮ । ଭ୍ରମଣ; ଚଳନ; ସଞ୍ଚାର; ଗତି—
8. Movement; walking; moving; motion.

୯ । କାର୍ଯ୍ୟ—9. Action; work; doings.

୧୦ । ବ୍ୟବହାର—10 Treatment.

୧୧ । ଚେଷ୍ଟା; ଉପାୟ—
11. Endeavour; steps taken.

୧୨ । ଜୀବନଚରିତ—12. Biography

୧୩ । କାର୍ଯ୍ୟବିଧି; କାର୍ଯ୍ୟପଦ୍ଧତି—13. Proceedure.

୧୪ । ଢଙ୍ଗ; ଚାଲିଚଳନ—14. Ways; mode of life.

ମାର ରଖିଛ ଶରଣାଗି, ତାର ଚରିତ ଅଛୁ ଜାଣି । ଦିନକୃଷ୍ଣ. ସଙ୍ଗୀତ ।

ସଂ. ବିଣ. (ଚର ଧାତୁ+କର୍ମ. ତ)—୧ । ଅନୁଷ୍ଠିତ—
1. Performed; initiated; conducted.

୨ । କୃତ—2. Done.

୩ । ସିଦ୍ଧ—3- Fulfilled; attained.

୪ । ସମ୍ପନ୍ନ—4. Finished.

୫ । ଫଳିତ—5. Resulting from.

୬ । ଭକ୍ଷିତ— 6. Eaten.

୭ । ଅନୁଷ୍ଠିତ—7. Followed.

୮ । ଅଭ୍ୟସ୍ତ—8. Practised.

୯ । ଚରଦ୍ୱାରା ନିର୍ଣ୍ଣୀତ—
9. Ascertained by a spy (M. W.)

ଦେ. ବି.—କଳାବିଦ୍ୟା—Art.

ସୁରତଚରିତେ ପଣ୍ଡିତା, ଦର୍ପଣେକେଳ କଳ୍ପିତା ।
ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଷ,ଷ	ଙ୍କ	ଇସ୍ତ	ଉଅ	ଊ
୨	ଈ	ଊ	ରୁ	ଲୁ	ଯୈ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଊ	ଢ଼

ଚରିତପୂର୍ବ—ସଂ. ବଣ. (ପରନିପାତ; ପୂର୍ବ+ଚରିତ)—
Charitapūrba ପୂର୍ବେ କରାଯାଇଥିବା—
Performed formerly (M. W.)

ଚରିତବ୍ୟ—ସଂ. ବଣ. (ଚର ଧାତୁ+କର୍ମ. ତବ୍ୟ)—
Charitabya ୧ । ଯାହା କରାଯିବ—
1. To be performed or practised.
୨ । ଯାହା କରାଯିବା ଉଚିତ—
2. Fit or proper to be performed.

ଚରିତବ୍ରତ—ସଂ. ବଣ. ପୁଂ. (ବହୁବ୍ରୀହି; ଚରିତ=ଅନୁଷ୍ଠିତ ହୋଇ
Charitabrata ଅଛି ବ୍ରତ ଯାହା ଦ୍ୱାରା)—ଯେ ବ୍ରତ ଅନୁଷ୍ଠାନ
(ଚରିତବ୍ରତା—ସ୍ତ୍ରୀ) କରିଅଛି; କୃତବ୍ରତ—
One who has observed a religious vow.

ଚରିତାଖ୍ୟାନ—ସଂ. ବି. (୬ଷ୍ଠୀ ତତ୍; ଚରିତ+ଆଖ୍ୟାନ)—
Charitākhyāna କୌଣସି ବ୍ୟକ୍ତିର ଜୀବନଚରିତ ବର୍ଣ୍ଣନ—
Biography of a person; relating the life and doings of a man.

ଚରିତାଖ୍ୟାୟକ—ସଂ. ବଣ. ପୁଂ. (୬ଷ୍ଠୀ ତତ୍; ଚରିତ+ଆଖ୍ୟାୟକ)—
Charitākhyāyaka ଚରିତର ଆଖ୍ୟାୟକ; ଜୀବନବୃତ୍ତାନ୍ତ ଲେଖକ-
(ଚରିତାଖ୍ୟାୟିକା—ସ୍ତ୍ରୀ) Biographer.

ଚରିତାବଳି—ସଂ. ବି. (୬ଷ୍ଠୀ ତତ୍; ଚରିତ+ଆବଳୀ=ସମୂହ)—
Charitābaḻi ଅନେକଗୁଡ଼ିଏ ଜୀବନଚରିତର ସଂଗ୍ରହ—
(ଚରିତାବଳୀ—ଅନ୍ୟରୂପ) A collection of biographies and lives.

ଚରିତାର୍ଥ—ସଂ. ବଣ. ପୁଂ. (ବହୁବ୍ରୀହି; ଚରିତ=ସମ୍ପାଦିତ ହୋଇଅଛି
Charitārtha ଅର୍ଥ=ଉଦ୍ଦେଶ୍ୟ ବା କାର୍ଯ୍ୟ ଯାହାର ବା ଯାହା-
(ଚରିତାର୍ଥା—ସ୍ତ୍ରୀ) ଦ୍ୱାରା)—୧ । କୃତକାର୍ଯ୍ୟ—1. Successful.
(ଚରିତାର୍ଥିତା—ବି) ୨ । ସଫଳକାମ; ଯାହାର ଅଭୀଷ୍ଟ ସିଦ୍ଧ
(ଚରିତାର୍ଥିତ—ଅନ୍ୟରୂପ) ହୋଇଅଛି; ସିଦ୍ଧକାମ—
2. One who has attained his wishes one who has his aim fulfilled or accomplished.
୩ । ଉପକୃତ; ଅପ୍ୟାୟିତ—3. Obliged.
୪ । ସନ୍ତୁଷ୍ଟ—4. Pleased; satisfied

ଚରିତାର୍ଥ କରିବା—ଦେ. କ୍ରି. (ସଂ. ଚରିତାର୍ଥୟ ନାମ ଧାତୁ)—
Charitārtha karibā ୧ । ଅନ୍ୟର ବାଞ୍ଛା ସିଦ୍ଧ କରି ତାକୁ
চরিতার্থকরা ସନ୍ତୁଷ୍ଟ ବା ସୁଖୀ କରାଇବା—
चरितार्थकरना 1. To make one happy by fulfilling one's desire.
୨ । ଅନ୍ୟକୁ ସନ୍ତୁଷ୍ଟ କରିବା—
2. To satisfy a person.
୩ । ଅନ୍ୟ ବ୍ୟକ୍ତିକୁ ଉଦ୍ଦେଶ୍ୟ ସାଧନରେ ସହାୟ ହେବା—
3. To cause any one to attain his aim.

ଚରିତାର୍ଥୀ—ସଂ. ବଣ. (ଚରିତାର୍ଥ+ଇନ୍. ୧ମା. ୧ବ)—
Charitārthī ଚରିତାର୍ଥ ବ. ସଫଳକାମ ହେବାପାଇଁ ଇଚ୍ଛୁକ—
Desirous of success (M. W.)

ଚରିତ୍ର—ସଂ. ବି. (ଚର୍ ଧାତୁ+କରଣ. ଇତ୍ର)—
Charitra ୧ । ଆଚରଣ; ଚାଲିଚଳନ; ବ୍ୟବହାର—
1. Conduct; behaviour.
୨ । ସ୍ୱଭାବ; ପ୍ରକୃତି—2. Nature; disposition.
୩ । ଆଚାର; ରୀତି—2. Practice; custom; usage.
୪ । ଚେଷ୍ଟା; ଉପାୟ—4. Endeavour.
୫ । ସଦ୍ ବା ଅସଦ୍ ଗୁଣ; ନୈତିକ ଆଚରଣ—
5 Character; morality;
୬ । ଇତିହାସ, ନାଟକ, ପୁରାଣ, କାବ୍ୟାଦିରେ ନାୟକ ଆଦିଙ୍କର ଚର୍ଚ୍ଚିତ ସ୍ୱଭାବ—6. The character of a personage as depicted in a book or history gathered from the book.
୭ । ଇତିହାସ—7. History; memoir.
୮ । ଐତିହାସିକ ବା ପୌରାଣିକ ବ୍ୟକ୍ତିଙ୍କର ଜୀବନର ଘଟଣା ବା ବିଷୟବର୍ଣ୍ଣନ, ପୌରାଣିକ ଉପାଖ୍ୟାନ—
8. Historical or mythological anecdote or narrative.

ମହାଜନ, ମଣ୍ଡଳ ଚରିତ୍ର ମୋତେ କହ । ପ୍ରାଚୀ. କୃଷ୍ଣଜନ୍ମପଣଗୀତ ।

୯ । ରୀତି ଉପରେ ପ୍ରତିଷ୍ଠିତ ଆଇନ; ଧର୍ମ—
9. Law as based on custom or usage.
୧୦ । ବୌଦ୍ଧ ସମ୍ପ୍ରଦାୟ ବା ଧର୍ମବିଶେଷ—
10 A Buddhistic religion or sect.
ଦେ. ବି.—ଚରିତ; ଜୀବନବୃତ୍ତାନ୍ତ—Biography.

ରାମ, ରାଜ ଚରିତ୍ର ବଖାଣ କଲେ ଧୀରେ ଧୀରେ ସେ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଚରିତ୍ରଚିତ୍ରଣ—ସଂ. ବି. (୬ଷ୍ଠୀ ତତ୍; ଚରିତ୍ର+ଚିତ୍ରଣ)—୧ । କୌଣସି
Charitra chitraṇa ଐତିହାସିକ ବା ପୌରାଣିକ ବ୍ୟକ୍ତିଙ୍କର ସ୍ୱଭାବ ଉପରେ ଥିବା ଚର୍ଚ୍ଚିର ବିଶଦ ବର୍ଣ୍ଣନା—
1. Depicting the character of a historical or a mythological personage.
୨ । ମନୁଷ୍ୟ ଚରିତ୍ରର ବ୍ୟାଖ୍ୟାନ—2. Depicting human nature; a study of human nature as depicted in a work of history; biography or fiction.

ଚରିତ୍ରଜୀବୀ—ଦେ. ବଣ. ପୁଂ.—(ଚରିତ୍ର+ଜୀବ ଧାତୁ+କର୍ତ୍ତୃ. ଇନ୍;
Charitrajībī ୧ମା. ୧ବ.)—ଅତି ଚରିତ୍ରବାନ୍—
(ଚରିତ୍ରଜୀବିନୀ—ସ୍ତ୍ରୀ) Of a very good character.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାରେ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଟ୍' ନ ପାଇଲେ 'ବଟୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

ଚରିତ୍ରବାନ୍—ସଂ. ବିଣ. ପୁଂ. (ଚରିତ୍ର+ଅସ୍ତ୍ୟର୍ଥରେ ବତ୍. ୧ମା. ୧ବ)
Charitrabān ୧ । ସଚ୍ଚରିତ୍ର; ସୁଗୁଣସମ୍ପନ୍ନ—1. Of good
(ଚରିତ୍ରବତୀ—ସ୍ତ୍ରୀ) character; of an excellent moral character.

୨ । ଯେ ହୋମ ବା ବ୍ରତ କରି ସାରିଅଛି—
2. One who has already performed a sacrifice (M. W)

ଚରିତ୍ରହୀନ—ସଂ. ବିଣ. ପୁଂ.—(ଚରିତ୍ର; ଚରିତ୍ରଦ୍ୱାରା ହୀନ)—
Charitrahīna ଅସଚ୍ଚରିତ୍ର; ନଷ୍ଟଚରିତ୍ର, କୁଚରିତ୍ର; ଅନୈତିକ;
(ଚରିତ୍ରହୀନା—ସ୍ତ୍ରୀ) ସଦ୍‌ଗୁଣଶୂନ୍ୟ; ଯାହାର ସଦ୍‌ଗୁଣ ନାହିଁ—
Immoral; of bad character; devoid of moral stamina.

ଚରିତ୍ରା—ସଂ. ବି.—(ମୂଳ. ବ. ଗ୍‌ଲହା=ଓଡ଼)—ତିନ୍ତିଡ଼ୀଗଛ—
Charitrā Tamarind tree.

ଚରିବା—ଦେ. କ୍ରି.—(ସଂ. ଚର୍ ଧାତୁ)—୧ । ବିଚରଣ କରିବା; ଇତସ୍ତତଃ
Charibā ବୁଲିବା—1. To wander; to rove; to run about.
চরা
चरना

> ମୃଗେନ୍ଦ୍ର ଯେସନେ ଚରନ୍ତି ଘୋର, ବଳେ ଚଳେ ମହାବଳୀ ।
> ଜଗନ୍ନାଥ. ଭାଗବତ ।

୨ । ସର୍ବତ୍ର ବ୍ୟାପ୍ତ ହେବା; ସଞ୍ଚରିତ ହେବା—2. To circulate; to be diffused, to suffuse.

> ପ୍ରାଣିଙ୍କ ଦେହେ ଚରୁ ଥିବ;
> ଅନଳ ପ୍ରାପ୍ତ ଗୋପ୍ୟ ହୋଇ । ଜଗନ୍ନାଥ. ଭାଗବତ ।

୩ । ପଶୁ ଆଦି ଚରା ଭୂମିରେ ବୁଲି ଘାସ ଇତ୍ୟାଦି ଖାଇବା—
3. To graze; to browse.

> ଗଚ୍ଛ ହଏ ଯେବେ ନାଗ ଦଳ ମତ୍ତଶାଳ ସିନ୍ଧୁ ଗୀରବାସୀ,
> ଚରିବାକୁ ବର୍ଣ୍ଣ ଶୂନ୍ୟବେଶା ପୂର୍ଣ୍ଣ ପାଟେ । ସାରଳାଦାସ. ମହାଭାରତ ।

୪ । ମାଛଆଦି ପାଣିତଳ ଭୂଇଁରେ ଖାଦ୍ୟାନ୍ୱେଷଣରେ ବୁଲିବା-
4. To feed (said of fishes); to move in quest of food

୫ । ଖାଇବା—5. To eat.

> ଅନେକ ଦୁଃଖେ ତପ କରି, ଜଳ ପବନ ପତ୍ର ଚରି । ଭାଗବତ ।

[ଦ୍ର—ଚରିବା କ୍ରିୟାର ଅସମାପିକା ରୂପ ସଙ୍ଗେ ବୁଲିବା, ଯିବା କ୍ରିୟାର ସମାପିକା ରୂପ ହୁଏ ।]

୬ । (ପୋକ, ଉଇ, ସମ୍ବାଳୁଆ) କୌଣସି ଗଛର ପତ୍ର ବା କାଠ ବା ଲୁଗା ବା ବହିକୁ ଆକ୍ରମଣ କରି ନଷ୍ଟ କରିବା—6. To damage a cloth or book or wood or leaves of a tree (said of worms, white ants and caber pillars.)
(ଯଥା—ପେଡ଼ିକଯାକ ପୋଥି ଉଇ ଚରିଲେ ।)

୭ । (ମେଘ) ପର୍ବତ ଦେହକୁ ଆବରଣ କରିବା; ଘୋଟିବା—
7. (cloud) To envelop the body of a mountain.
(ଯଥା—ମେଘ ପାହାଡ଼ ଉପରେ ଚରୁଛି ।)

[ଦ୍ର—ଇତର ଲୋକେ ବିଶ୍ୱାସ କରନ୍ତି ଯେ, ମେଘ ପର୍ବତରେ ଚରିଲା ବେଳେ ପର୍ବତ ଉପରେ ମେଘରୁ ଯେଉଁ ଲାଳ ବହେ ତାହା ଅଭ୍ରର ସ୍ତରରୂପେ ପର୍ବତରେ ପଡ଼ିଯାଏ । ଏଥିପାଇଁ ଅଭ୍ରର ଅନ୍ୟ ଦେ. ନାମ. ମେଘନାଳ ।]

ଚରିବୁଲିବା—ଦେ. କ୍ରି.—(ସଂ. ଚର୍ ଧାତୁ)—ଚରିବା (ଦେଖ)
Charibulibā Charibā (See)

ଚରିଯିବା—ଦେ. କ୍ରି.—୧ । (କୌଣସି ରୋଗ ଔଷଧ ବା ବିଷର କ୍ରିୟା) ଦେହଯାକ ବ୍ୟାପ୍ତ ହେବା—1. (any disease
Charijibā or medicine or poison) To pervade or to
চরেযাওয়া to be diffused through the whole system.
चरजाना

> ବିଷ ଗରଳ ଦେହେ ଯାଉଛି ଚରି । ମଧୁସୂଦନ, ରାମଚରିତ ।

୨ । (ଗୋରୁ ଆଦି) କୌଣସି କ୍ଷେତର ଫସଲକୁ ଖାଇ ବିଶେଷ ଭାବରେ ବା ସମୂଳେ ନଷ୍ଟ କରିବା—
2 (cattle) To completely or excessively damage the crop of a field.
(ଯଥା—ମୋ ବାଇଗଣ କିଆରିକୁ ଗୋରୁ ଚରି ଗଲେ ।)

୩ । (ଗୋରୁମାନେ) ଚରିବା ନିମନ୍ତେ ଘରୁ ବା ଗୁହାଳରୁ ଚିତ୍ତ ବାହାରିକୁ ବାହାରିବା—3 To go out for grazing.
(ଯଥା—ଆମ ଗାଈ ବଳଦ ସକାଳୁ ଚରିଯାଇଛନ୍ତି, ସନ୍ଧ୍ୟାକୁ ଘରକୁ ଫେରି ଆସିବେ ।)

[ଦ୍ର—ଏ ବର୍ଷ ଏତେ ବେଶି ଆମ୍ବ ଫସଲ ହୋଇଥିଲା ଯେ ଆମ୍ବଯାକ ଗୋରୁ ଚରିଗଲେ । ତା ପିଠିରେ ମାଡ଼ରେ ଗୋରୁ ଚରିଗଲେ । ଏପରି ସ୍ଥଳରେ 'ଗୋରୁ ଚରିଯିବା' ପ୍ରୟୋଗ ଆମ୍ବର ବା ମାଡ଼ର ଅତ୍ୟନ୍ତାଧିକ୍ୟ ଭାବ ବୁଝାଏ ।]

୪ । (ଲକ୍ଷଣାର୍ଥ) ଗୋରୁ ଘାସ ଚରିଯିବା ଭଳି ଅନ୍ନ ଧ୍ୱଂସ କରିବା—4. To feed extensively.

୫ । ଚରିବା ୬ । (ଦେଖ)—
5 Charibā 6. (See)

ଚରିଷ୍ଣୁ—ସଂ. ବିଣ (ଚର୍ ଧାତୁ+ଶୀଳାର୍ଥେ. ଇଷ୍ଣୁ; ତୁଳ. ସହିଷ୍ଣୁ,
Charishṇu ବର୍ଦ୍ଧିଷ୍ଣୁ, ଉତ୍ପତିଷ୍ଣୁ)—ଚଳନଶୀଳ; ଗତିଶୀଳ; ଜଙ୍ଗମ-
1. Moving about; moveable.

ବି (ନାମ)—କୀର୍ତ୍ତିମାନ୍ ରାଜାଙ୍କ ପୁତ୍ର—
Name of the son of the king Kirtiman.

ଚରୀ—ସଂ. ବି (ଚର୍ ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ. ଯେ ବିଚରଣ
Charī କରେ)—ପ୍ରାଣୀ—An animal (M. W.).

ଚରୁ—ସଂ. ବି (ଚର୍ ଧାତୁ+ସଂଜ୍ଞାର୍ଥେ. କର୍ମ. ଉ; ଯାହା ଦେବତାମାନେ
Charu ଭକ୍ଷଣ କରନ୍ତି)—୧ । ହୋମାଗ୍ନିରେ ଦେବତାଙ୍କ ଉଦ୍ଦେଶ୍ୟରେ ଘୃତ ଢାଳା ହେବାବେଳେ ତହିଁ ସଙ୍ଗେ

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	ଜ୍ଞ	ଇୟ	ଉଅ	ଘ
.୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଓ	ନ୍ମ

ଅଗ୍ନିରେ ଅର୍ପିତ ହେବା ପାୟସାନ୍ନ ବା ମିଷ୍ଟାନ୍ନ; ହୋମାଗ୍ନିରେ ଦଆଯିବାପାଇଁ ଦୁଗ୍ଧ, ଚିନି ଓ ଚାଉଳ ଏକତ୍ର ରନ୍ଧା ହୋଇଥିବା ଅନ୍ନ—1. Boiled sweetened rice or sweetmeat put into the 'Homa'-fire along with the ghee-offering.

୨ । ଚରୁସ୍ଥାଲୀ (ଦେଖ) (ହି. ଶବ୍ଦସାଗର)—
2. Charusthāli (See).

୩ । ପେଜୁଆ ଭାତ; ଯେଉଁ ଭାତରୁ ପେଜ ଗଲା ହୋଇ ନାହିଁ (ହି. ଶବ୍ଦସାଗର)—3. Boiled rice from which water has not been poured off.

୪ । ପଶୁଚାରଣଭୂମି (ହି. ଶବ୍ଦସାଗର)—
4. Pasture-land; pasturage.

୫ । ପଶୁଚାରଣ ପାଇଁ ପଶୁସ୍ୱାମୀ ଜମିଦାରଙ୍କୁ ଦେବା ଖଜଣା (ହି. ଶବ୍ଦସାଗର)—5. Grazing tax.

୬ । ଯଜ୍ଞ (ହି. ଶବ୍ଦସାଗର)—6. Vedic sacrifice.

୭ । ବାଦଲ; ମେଘ (ହି. ଶବ୍ଦସାଗର)—7. Cloud.

ପ୍ରାଦେ (ସମ୍ବଲପୁର) ବି—୧ । ଚଡ଼ୁ (ଦେଖ)
1. Chardu (See)

୨ । ଚରିଆ (ଦେଖ)
2. Chariā (See).

ଚରୁକାଠି—ଗ୍ରା. ବି—ଚଡ଼ୁକାଠି (ଦେଖ)
Charukāṭhi Chardukāṭhi (See).

ଚରୁସମିଧ—ସଂ. ବି (ଦ୍ୱନ୍ଦ୍ୱ; ଚରୁ ଓ ସମିଧ)—ହୋମାଗ୍ନିରେ ଘୃତ
Charusamidha ସହିତ ଅର୍ପିତ ହେବା ମିଷ୍ଟାନ୍ନ ଓ କାଠ—
Sweetmeat and fuel given into a sacrificial fire along with the offerings of ghee.

ଚରୁସ୍ଥାଲୀ—ସଂ. ବି (୬ଷ୍ଠୀ ତତ୍; ଚରୁ+ସ୍ଥାଲୀ=ପାକପାତ୍ର ବା ହାଣ୍ଡି)—
Charusthāli ଯେଉଁ ହାଣ୍ଡିରେ ଚରୁଅନ୍ନ ରନ୍ଧାଯାଏ—
The earthen pot in which 'charu' is cooked.

ଚରୁହା—ପ୍ରାଦେ (ସମ୍ବଲପୁର) ବି (ତୁଳନାକର ହି. ଚରବାହା)—
Charuhā ଗୋରୁ ଚରିବା ସମୟରେ ଜଗିବା ବ୍ୟକ୍ତି; ଗୋଚାରଣରେ ନିଯୁକ୍ତ ବ୍ୟକ୍ତି; ଯେ ଗାଈ ଜଗେ; ଗାଈଆଳ; ଚରାଳୀ—A person who looks after cattle while grazing; a cowherd.

ଚରୁହୋମ—ସଂ. ବି — ଦେବତାଙ୍କ ଉଦ୍ଦେଶ୍ୟରେ ହୋମାଗ୍ନିରେ
Charuhoma ଦିଆଯିବା ମାଂସ; ମାଂସବଳି (ଜ୍ଞାନେନ୍ଦ୍ର)—
Oblation of meat offering into the sacrificial fire (as laid down for certain occasions).

ଚରେଇ—ଦେ. ବି—୧ । ଚରାଇବା କର୍ମ—
Charei 1. Tending of cattle.
চারা ୨ । ଗୋରୁ ଆଦି ଚରିବାପାଇଁ ତୃଣପୂର୍ଣ୍ଣ ଭୂମି—
चारा 2. Rich pasturage.

୩ । ବନଶୀ ପକାଇବା ଦୂରରୁ ଜଳାଶୟରେ ବିଞ୍ଚାଯିବା ଭୁଟଖଣ୍ଡ ବା ମଇଦାର ଛୋଟ ଗୁଳା ବା ମାଛମାନଙ୍କ ଲୋଭନୀୟ ପଦାର୍ଥ, ଯାହା ପାଣିରେ ବିଞ୍ଚାଯାଏ—3. Bits of food strewn in the water to attract fishes to a place where a person intends to angle.

[ଦ୍ର—ମାଛମାନେ ଏହାର ଗନ୍ଧରେ ଆକୃଷ୍ଟ ହୋଇ ସେ ସ୍ଥାନରେ ଜମା ହୁଅନ୍ତି ଓ ପରେ ବନଶୀଆ ଥୋପ ଦେଇ ସେଠାରେ ବନ୍ସି ପକାଏ । ସୋରଷ ପିଡ଼ିଆ ଭଜା, ମେଥି ଭଜା, ଗନ୍ଧଶୁଣ୍ଠି, ପଶୁପକ୍ଷ, କାଙ୍ଗିମଞ୍ଜି, ଘୋଡ଼ାବଚ, ଲୋବାନକୁ ଚୂର ଅଟା ବା ମାଟି ସଙ୍ଗେ ଏକତ୍ର ବାଟି ଗୁଳା ବାନ୍ଧି ଏହା ପ୍ରସ୍ତୁତ କରାଯାଏ ।]

ଚରେଇଘର—ପ୍ରାଦେ. (ସମ୍ବଲପୁର) ବି—ପକ୍ଷୀବସା—
Chareigharā Bird's nest.

ଚରେନ୍‌ଗୁଡ଼ା—ପ୍ରାଦେ (ସମ୍ବଲପୁର) ବି—ଗୋଚରଭୂମି—
Charengurdā Grazing ground.

ଚର୍ଚ୍—ବୈଦେ. ବି (ଇଂ) —ଗିର୍ଜା; ଖ୍ରୀଷ୍ଟୀୟାନମାନଙ୍କ ଭଜନାଳୟ—
Charch Church.
চর্চ
चर्च

ଚର୍ଚ୍‌ବେଲ୍—ବୈଦେ. ବି (ଇଂ) —ଉପାସକମାନଙ୍କୁ ଆହ୍ୱାନ କରିବା ପାଇଁ
Charchbel ଗିର୍ଜାରେ ବାଜିବା ଘଣ୍ଟା—Church-bell.
চর্চবেল
चर्चबेल

ଚର୍ଚ—ସଂ. ବି (ଚର୍ଚ ଧାତୁ+ଭାବ. ଅ)—ବିଚାର; ବିବେଚନା—
Charcha Consideration; delebration (M. W.)
(ଚର୍ଚ୍ଚା—ଅନ୍ୟରୂପ)

ଚର୍ଚର (ଇତ୍ୟାଦି)—ଦେ. ଅ (ଧ୍ୱନ୍ୟନୁକରଣ)—
Charchar etc ଚର୍‌ଚର୍ ଇତ୍ୟାଦି (ଦେଖ)—
Charchar etc. (See)

ଚର୍ଚରା—ଦେ. ବି—ଚର୍‌ଚରା (ଦେଖ)—
Charcharā Charcharā (See)

ଚର୍ଚରାଇବା—ଦେ. କ୍ରି—ଚର୍‌ଚରାଇବା (ଦେଖ)—
Charchrāibā Charcharāibā (See)

ଚର୍ଚା—ସଂ. ବି. ସ୍ତ୍ରୀ (ଚର୍ଚ୍ଚ ଧାତୁ+ଭାବ ଅ; ସ୍ତ୍ରୀ. ଆ)—
Charchā ୧ । ଆନ୍ଦୋଳନ—1 Agitation.
(ଚର୍ଚ୍ଚା—ଅନ୍ୟରୂପ) ୨ । ଆଲୋଚନା—2. Discussion; dealing with a subject.

୩ । ବିଚାର; ବିବେଚନା—
3. Consideration; deliberation.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'ଭ୍ରଅ' ନ ମିଳିଲେ 'ଭ୍ରୂଅ' ଦେଖିବେ; 'ବଧୂଁକ ପାଇଲେ 'ବନ୍ଧୁ' ଦେଖିବେ, 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ଅନୁଶୀଳନ—4. Study of a theme.
୫ । ପୁନଃ ପୁନଃ ଆବୃତ୍ତି—5. Recitation; repetition.
୬ । ଜପ; ଚିନ୍ତା; ଅନୁଧ୍ୟାନ—6. Constant pondering over a matter; reflecting upon.
୭ । ଲେପନ; ବୋଳିବା—
7. Besmearing; anionting; laying on.
୮ । ଅନୁସନ୍ଧାନ—8. Investigation; enquiry.
୯ । ଭ୍ରମଣ—9. Walking; travelling.
୧୦ । ପରୀକ୍ଷା—10. Testing; examination.
୧୧ । ଯତ୍ନ—11. Care; attention.
୧୨ । ବର୍ଣ୍ଣନ; ବଖାଣ (ହି. ଶବ୍ଦସାଗର)—
12. Description.
୧୩ । ବେଦପାଠ ସମୟରେ 'ଇତି' ଶବ୍ଦ ପ୍ରୟୋଗପୂର୍ବକ କୌଣସି ଶବ୍ଦର ପୁନରୁଚ୍ଚାରଣ—13. Repetition of a word in reciting the Vedas, specially while adding 'iti' (M.W.)
୧୪ । କୌଣସି ବିଷୟରେ କଥୋପକଥନ—
14. Talking about; conversation (M. W.)
୧୫ । ପାଳି କରି ଦୁଇଜଣଙ୍କ ଦ୍ୱାରା ଗୋଟିଏ ପଦ୍ୟର ଆବୃତ୍ତି—
15. Alternate recitation of a poem by two persons (Wilson).
୧୬ । ତଦନ୍ତ; ଅନୁସନ୍ଧାନ—16. Inquiry (Wilson).
୧୭ । କିମ୍ବଦନ୍ତୀ; ଜନଶ୍ରୁତି (ହି. ଶବ୍ଦସାଗର)—
17. Rumour.
୧୮ । ଦୁର୍ଗା (ହି. ଶବ୍ଦସାଗର)—18. Goddess Durgā.
୧୯ । ଗାୟତ୍ରୀରୂପା ମହାଦେବୀ (ହି. ଶବ୍ଦସାଗର)—
19. Gāyatri personified.
ଦେ. ବି (ସଂ. ଚର୍ଯ୍ୟା)—ସମ୍ମାନନା ସହିତ ଗୃହାଗତ ଅତିଥି ବା ବନ୍ଧୁଙ୍କର ସେବା ବା ସତ୍କାର; ଅତିଥେୟତା—Serving or treating of a guest; a treat; hospitality.

ବଶିଷ୍ଠଙ୍କ ସ୍ୱସମାନଙ୍କୁ ଯେସନ ମୁନି ଋଷିଙ୍କ ଚର୍ଚ୍ଚାରେ ରହିଲେ—
ପାଳକବି, ପିତ୍ସଙ୍କବ୍ରମାୟଣ ।

ଚର୍ଚ୍ଚାଇତ—ଦେ. ବି—ଚରଚାଇତ (ଦେଖ)—
Charchāita Charachāita (See)

ଚର୍ଚ୍ଚାକରିବା—ଦେ. କ୍ରି—୧ । ଆଲୋଚନା କରିବା—
Charchākaribā 1. To discuss a matter.
चर्चाकरना ୨ । ଅନୁଶୀଳନ କରିବା—2. To study a subject or theme.
चर्चाकरना
୩ । ମର୍ଯ୍ୟାଦାପୂର୍ବକ ଅତିଥି ବା ଆଗନ୍ତୁକଙ୍କୁ ଖାଦ୍ୟ-ପାନାଦି ଦ୍ୱାରା ସେବା କରିବା—3. To serve a guest.

ଚର୍ଚ୍ଚା ବେହେରା—ଦେ. ବି—ଚରଚାଇତ (ଦେଖ)—
Charchā beherā Charachāita (See)

ଚର୍ଚ୍ଚିଆ—ଦେ. ବି—ଚରଚାଇତ (ଦେଖ)—
Charchiā Charachāita (See)

ଚର୍ଚ୍ଚିକା—ସଂ. ବି. ସ୍ତ୍ରୀ (ଚର୍ଚ୍ଚ ଧାତୁ + ଭାବ. ଅକ + ସ୍ତ୍ରୀ. ଆ)—
Charchikā ୧ । ଅଙ୍ଗରେ ଚନ୍ଦନାଦି ଲେପନ—1. Smearing
(ଚର୍ଚ୍ଚିକା—ଅନ୍ୟରୂପ) the body with scented pastes.
୨ । ଚର୍ଚ୍ଚା; ଆଲୋଚନା (ହି. ଶବ୍ଦସାଗର)—
2. Discussion.
୩ । ଦୁର୍ଗା (ହି. ଶବ୍ଦସାଗର)—3. Goddess Durga (M. W.)
୪ । ଏକପ୍ରକାର ଶିମ୍ବ (ହି. ଶବ୍ଦସାଗର)—
4. A kind of bean.
ଦେ. ବି.—୧ । କଟକ ଜିଲ୍ଲାର ବାଙ୍କି ରାଜ୍ୟର ପ୍ରଧାନ ଗ୍ରାମ—
1. The big village of Banki in Cuttack District.
୨ । ବାଙ୍କିରେ ପୂଜିତା ଦୁର୍ଗାମୂର୍ତ୍ତି; ଗ୍ରାମଦେବୀ—
2. Name of the goddess in Banki.
[ଦ୍ରି—ଉତ୍କଳରେ ପୂଜା ପାଉଥିବା ଅଷ୍ଟ ଚଣ୍ଡୀଙ୍କ ମଧ୍ୟରୁ ଏ ଏକତମ, ଏହାଙ୍କ ମନ୍ଦିର ଗୋଟିଏ ପାହାଡ଼ ଉପରେ ଓ ମହାନଦୀ ନିକଟରେ ଅବସ୍ଥିତ ।

ଦେବ ଅଛନ୍ତି ଚର୍ଚ୍ଚିକା ଦେବୀ ବାଙ୍କି ଭୂଖଣ୍ଡ । ସୁଧାକାଠ· ଚନ୍ଦ୍ରଭାଗା ।

ଚର୍ଚ୍ଚିତ—ସଂ. ବିଣ.(ଚର୍ଚ୍ଚ + କର୍ମ. ତ; ଚର୍ଚ୍ଚା + ସଞ୍ଜାର୍ଥେ. ଇତ)—୧ । ପୂଜିତ;
Charchita ସେବିତ—1. Served; worshipped.
(ଚର୍ଚ୍ଚିତ—ଅନ୍ୟରୂପ) ୨ । ପ୍ରଲିପ୍ତ—2. Besmered; anointed.
୩ । ଆଲୋଚିତ—3. Considered.
୪ । ଆଲୋଳିତ—4. Discussed; treated.
୫ । ଅନୁଧ୍ୟାତ; ଚିନ୍ତିତ—5. Pondered over.

ଚର୍ଚ୍ଚିବା—ଦେ. କ୍ରି.—ଚରଚି କରିବା (ଦେଖ)
Charchibā Charachā karibā (See)

ବଡ଼ିନେ ଉରବାଜାର ସବଳେ ପ୍ରବେଶ କାଦ
ତପୋବଳେ ସମସ୍ତ ଚର୍ଚ୍ଚିଲେ । ଉଣ୍ଡ· ବୈଦେହୀଶବିଳାସ ।

ଚର୍ଚ୍ଚ୍ (ଧାତୁ)—ସଂ.—୧ । ଚରଚର ଶବ୍ଦ କରିବା—
Charchch (root) To produce a crackling sound.
୨ । ଆଲୋଚନା କରିବା—2. To discuss; to deal with a subject; to study a subject.
୩ । କହିବା—3. To speak; to talk.
୪ । ସୁନ୍ଦର ହେବା—
4. To look beautiful or lovely.
୫ । ବୋଳିବା; ଲେପିବା—5. To smear over; to anoint.

୧	ଇ	ଊ	ୠ,ୢ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଥ୍ର	ଡ଼ଅ	ଲ
୬	ଈ	ଉ	ରୁ	ଲୁ	ଯ୍ୱେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ତ୍ୟ	ଇଥ	ଢ଼	ଳ

୬ । ଗାଳଦେବା—
6. To abuse; to censure (M. W.)

୭ । ତର୍ଜନା କରିବା; ଧମକାଇବା; ଡରିବା—
7. To menace (M. W.)

୮ । ବେଦ ପାଠ ସମୟରେ 'ଇତି' ଶବ୍ଦ ଲଗାଇ କୌଣସି ଶବ୍ଦକୁ ପୁନର୍ବାର ବୋଲିବା—8. To repeat a word in reciting the Vedas spesially while adding 'iti' (M. W.)

ଚର୍ଚ୍ଚକ—ସଂ. ବିଣ. ପୁଂ. (ଚର୍ଚ୍ଚ ଧାତୁ+କର୍ତ୍ତୃ. ଅକ)—
Charchchaka ୧ । ଆଲୋଚନାକାରୀ—1. Discussing.
(ଚର୍ଚ୍ଚିକା—ସ୍ତ୍ରୀ) ୨ । ଲେପନକାରୀ—2. Besmearing.
(ଚର୍ଚ୍ଚକ—ଅନ୍ୟରୂପ) ସଂ. ବି—୧ । ବେଦ ପାଠ ସମୟରେ ଗୋଟିଏ ଶବ୍ଦର ପୁନରାବୃତ୍ତି—1. Repetition of a word in reciting the Bedas (M. W.)

୨ । ବେଦଜ୍ଞ ବ୍ୟକ୍ତି (ହି. ଶବ୍ଦସାଗର)—
2. A person versed in the Bedas

ଚର୍ଚ୍ଚନ—ସଂ. ବି. (ଚର୍ଚ୍ଚ ଧାତୁ+ଭାବ. ଅନ)—
Charchchana ୧ । ଆଲୋଚନ—1. Discussion.
(ଚର୍ଚ୍ଚିତ—ବିଣ) ୨ । ଲେପନ—2. Besmearing; anointing.
(ଚର୍ଚନ—ଅନ୍ୟରୂପ)

ଚର୍ଚ୍ଚର—ସଂ. ବିଣ. ପୁଂ. (ଚର ଧାତୁ+କର୍ତ୍ତୃ. ଚର)—
Charchchara ଗମନଶୀଳ—Moving.
ଚର୍ଚ୍ଚରି, ଚର୍ଚ୍ଚରୀ } ସ୍ତ୍ରୀ.
(ଚର୍ଚର—ଅନ୍ୟରୂପ)

ଚର୍ଚ୍ଚରିକା—ସଂ. ବି. ସ୍ତ୍ରୀ.—(ଚର୍ଚ୍ଚ ଧାତୁ=ଚରଚର ଶବ୍ଦ କରିବା+ ସ୍ୱାର୍ଥେ. ଅର+କ+ସ୍ତ୍ରୀ. ଆ)—୧ । ଆନଦ୍ଧ ବାଦ୍ୟ ଯନ୍ତ୍ରବିଶେଷ; ଢାସା—1. A kind of drum producing a crackling sound.
Charchcharikā
(ଚର୍ଚରିକା—ଅନ୍ୟରୂପ)

୨ । ବହୁ ବାଦ୍ୟସମନ୍ୱିତ ଧ୍ୱନି—
2. Musical symptony.

୩ । ଗାନବିଶେଷ; ପୁନଃ ପୁନଃ ଉଚ୍ଚାରିତ ଗାନ—
3. A kind of swiftly sung song; an alternately recited song.

୪ । ବସନ୍ତୋତ୍ସବ; ଗୃତେର ଉତ୍ସବ; ହୋରି ଉତ୍ସବ—
4. Name of a religious ceremony performed in spring time.

[ଦ୍ର—ଦୋଳ ସମୟରେ ପିଚକାରି ମାରିବା, ଅବିର ପକାଇବା ଆଦି ହୁଏ ଓ ହୋରି ଗୀତ ବୋଲାଯାଏ ।]

୫ । ହୋରି ସମୟରେ ବୋଲା ଯିବା ଗୀତ—
5. A kind of song sung during the Holi festival.

୬ । କରତଳ ଧ୍ୱନି; ତାଳି ବଜାଇବାର ଶବ୍ଦ (ହି. ଶବ୍ଦସାଗର)—
6. Sound of clapping.

୭ । ନାଟକ ଅଭିନୟ ବେଳେ ଏକ ଅଭିନୟର ସମାପ୍ତି ଓ ପରବର୍ତ୍ତୀ ଅଭିନୟ ଆରମ୍ଭ ମଧ୍ୟରେ ଦର୍ଶକମାନଙ୍କ ମନୋରଞ୍ଜନାର୍ଥ ବୋଲାଯିବା ଗାନ (ହି. ଶବ୍ଦସାଗର)—
7. A song sung during intervals of acting.

[ଦ୍ର—କାଳିଦାସଙ୍କ ବିକ୍ରମୋର୍ବଶୀ ନାଟକରେ ଅନେକ ଚର୍ଚ୍ଚରିକା ଅଛି ।]

ଚର୍ଚ୍ଚରୀ—ସଂ. ବି. ସ୍ତ୍ରୀ (ଚର୍ଚ୍ଚ ଧାତୁ+ସ୍ୱାର୍ଥେ. ଅର+ସ୍ତ୍ରୀ. ଈ)—
Charchchari ୧ । ଚର୍ଚ୍ଚରିକା (ଦେଖ)
(ଚର୍ଚରୀ—ଅନ୍ୟରୂପ) 1. Charchcharikā (See).
ତା ଉପରେ ପୁଣି ଦୋଳ ଚର୍ଚରିର—ପ୍ରଥାନାଥ ପାଙ୍ଗା ।

୨ । ଆମୋଦପ୍ରମୋଦ (ହି. ଶବ୍ଦସାଗର)—
2. Amusement

୩ । ନାଚରଙ୍ଗ; ନାଚତାମସା (ହି. ଶବ୍ଦସାଗର)—
3. Songs and music.

ଚର୍ଚ୍ଚରିକ—ସଂ. ବି—୧ । ମହାକାଳ ଭୈରବ; ଶିବଙ୍କ ଅନୁଚରବିଶେଷ (ହି. ଶବ୍ଦସାଗର)—1. One of the attendants of Siba.
Charcharika

୨ । ଶାଗ; ଶାକ (ହି. ଶବ୍ଦସାଗର)—2 Pot-herb.

୩ । କେଶବିନ୍ୟାସ; ମୁଣ୍ଡ ବାଳ ସାଉଁଳିବା କର୍ମ (ହି. ଶବ୍ଦସାଗର)—3. Act of dressing up of the hair.

ଚର୍ଚ୍ଚରୀବିହାର—ସଂ. ବି—ଦୋଳଯାତ୍ରା ସମୟର ଫଗୁଖେଳ—
Charchcharibihāra The sports in the red powder during the Dolajātrā festival.

ଚର୍ଚ୍ଚସ—ସଂ. ବି—କୁବେରଙ୍କ ନବ ନିଧି ମଧ୍ୟରୁ ଏକ (ହି. ଶବ୍ଦସାଗର)—
Charchchas One of the nine treasures possessed by God Kubera (M. W.).
(ଚର୍ଚସ—ଅନ୍ୟରୂପ)

ଚର୍ଡାଙ୍ଗ—ପ୍ରାଦେ (ସମ୍ବଲପୁର) ବି—ଚଡ଼ୁକାଠି (ଦେଖ)
Chardāng Chardukāthi (See).

ଚର୍ପ (ଧାତୁ)—ସଂ.—୧ । ବିସ୍ତୃତ ହେବା—
Charpa (root) 1. To extend.

୨ । ଚେପ୍ଟା ହେବା—2. To lie flat.

ଚର୍ପଟ—ସଂ. ବି (ଚର୍ପ ଧାତୁ+କର୍ତ୍ତୃ. ଅଟ)—୧ । ଚପୁଡ଼ା; ଚପେଟ; ଚାପଡ଼ା; ଚଟକଣା; କରତଳ ଦ୍ୱାରା ଆଘାତ—
Charpata
ଓ. ଚପଡ଼ା, ଚପୁଡ଼ା 1. A slap (by the palm of the hand)
ଚାପଡ଼
चपत ୨ । କରତାଳି—2, Clapping.

୩ । ବିସ୍ତାର—3. Extention; extent; span.

ସାଧାରଣ ସ୍ଥଳେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

୪ । ପ୍ରସାରିତ କରତଳ—
4. The open palm of the hand (M. W.)

ସଂ. ବିଣ—୧ । ବିପୁଳ; ଅଧିକ (ହି. ଶବ୍ଦସାଗର)—
1. Great, excessive.
୨ । ମୁଣ୍ଡ ପର୍ଯ୍ୟନ୍ତ ଚଟକା ହୋଇ ପଡ଼ିଥିବା—
2. Lying flat to the head (M. W).

ଚର୍ପଟା—ସଂ. ବି. (ଚର୍ପଟ + ସ୍ତ୍ରୀ. ଆ)—୧ । ଚପୁଡ଼ାଧ୍ୱନି—
Charpaṭā 1. Sound produced by slapping.
୨ । ତାଳି ଶବ୍ଦ—2. Clapping sound.
୩ । ଭାଦ୍ର ଶୁକ୍ଳଷଷ୍ଠୀ; ଷଠୀଓଷା; ଷଷ୍ଠୀଦେବୀ ପୂଜା—
3. A ceremony observed on the 6th day of the bright fortnight of Bhādrab on which Shashṭhidebī is worshipped and children are patted with a bunch of small branches by elderly women.
[ଦ୍ର—ଏ ଦିନ ଶିଶୁମାନଙ୍କ ପିଠିରେ ବୟୋଧିକା ସ୍ତ୍ରୀମାନେ କେତେଗୁଡ଼ିଏ ଡାଳର ଗୋଛାକୁ କୌତୁକରେ ଚାପୁଡ଼ାନ୍ତି (ଆଘାତ କରନ୍ତି) ।]

ଚର୍ପଟିକା—ସଂ. ବି. ସ୍ତ୍ରୀ. (ଚର୍ପଟ + କ + ସ୍ତ୍ରୀ. ଆ)—
Charpaṭikā ୧ । କରତଳଦ୍ୱାରା ମଡ଼ା ହୋଇ ପ୍ରସ୍ତୁତ ହୋଇଥିବା
चापाती ପିଷ୍ଟକ; ବାଙ୍କୁକାକର ପିଠା; ହାତବେଲା ରୁଟି; ପର୍ପଟୀ;
चपाटी ପାପୁଡ଼ି—1. A thin piece of bread or cake (pressed thin by the palm).
୨ । ବିସ୍କୁଟ—2. Biscuit.

ଚର୍ପଟୀ—ସଂ. ବି. (ଚର୍ପଟ + ସ୍ତ୍ରୀ. ଈ)—୧ । ଚର୍ପଟା (ଦେଖ)
Charpaṭī 1. Charpaṭā (See)
୨ । ଚର୍ପଟିକା (ଦେଖ)
2, Charpaṭikā (See)

ଚର୍ବା—ପ୍ରାଦେ. (ସମ୍ବଲପୁର) କ୍ରି—ଚର୍ବା (ଦେଖ)
Charbā Charbā (See)

ବିଣ. (ପୁଂ)—୧ । କାମୁଡ଼ା (ପଶୁଆଦି)—
1. Biting; given to biting; currish.
(ଚର୍ବୀ—ସ୍ତ୍ରୀ) ୨ । ହିଂସ୍ର (ଜନ୍ତୁ)—
2. Ferocious (animal); malignant.

ଚର୍ବି—ବୈଦେ. ବି. (ଫା)—୧ । ମେଦ; ବସା—
Charbi 1. Animal fat.
चर्बी ୨ । ମୃତ ଜୀବର ବସା ତରଲାଯାଇ ପ୍ରସ୍ତୁତ ହେବା ଦ୍ରବ୍ୟ—
चरबी 2. Lard; grease.
[ଦ୍ର—ଏହା ସଫେଦ ବା ଈଷତ୍ ହଳଦିଆ ତୈଳାକ୍ତ ଗାଢ଼ ଦ୍ରବ; ପ୍ରାଣୀମାନଙ୍କ ଦେହରେ ଓ ଗଛ ଉଦ୍ଭିଦରେ ଓ କେତେକ ଫଳରେ ଥାଏ । ବୈଦ୍ୟକ ଅନୁସାରେ ଏହା ଶରୀରସ୍ଥ ସପ୍ତଧାତୁରୁ ଏକ; ଏହା ପାଣିରେ ଗୋଳନ୍ତିଏ ନାହିଁ; ଏଥିରେ ମଲମ, ସାବୁନ ପ୍ରଭୃତି ବନା ହୁଏ । ଏହା ଇଞ୍ଜିନର ଗଣ୍ଠିମାନଙ୍କରେ ଦିଆଯାଏ ଓ ତେଲ ପରିବର୍ତ୍ତିରେ ଏହା ବ୍ୟବହୃତ ହୁଏ ।]

ଚର୍ବିଚକ୍ତି—ଦେ. ବି—ଘୋଡ଼ା ଗାଡ଼ିର ଚକ ଓ ଅକ୍ଷ ଘର୍ଷଣ ସ୍ଥାନରେ
Charbichakti ସାମଗ୍ରିକ ଦିଆଯିବା ଗୋଲାକାର ଚର୍ମଖଣ୍ଡ ଓ ଚର୍ବୀ—
Lard and circular piece of leather given on the wheel and axle of a cirrage-wheel to grease (prevent wearing due to friction of) the wheel.

ଚର୍ବିବତି—ଦେ. ବି—ଚର୍ବିରେ ତିଆରି ବତି; ମହମବତି—
Charbibati Candle made of animal fat; tallow candle.

ଚର୍ବି ହେବା—ଦେ. କ୍ରି—୧ । ମେଦବୃଦ୍ଧି ହେବା—
Charbi hebā 1. Increase of fat in the body.
୨ । ମୋଟା ହେବା—2. Fattening.
୩ । (ଲକ୍ଷଣାର୍ଥ) ଗର୍ବୀ ହେବା—3. (figurative) To become elated with pride.

ଚର୍ବ୍ବ (ଧାତୁ)—ସଂ.—ଚୋବାଇବା—To munch; to chew.
Charbba (root)
(ଚର୍ବି—ଅନ୍ୟରୂପ)

ଚର୍ବ୍ବଣ—ସଂ. ବି (ଚର୍ବ୍ବ ଧାତୁ + ଭାବ. ଅନ)—୧ । ଚୋବାଇବା; ଦନ୍ତ-
Charbbaṇa ଦ୍ୱାରା ପେଷଣ କ୍ରିୟା—1 Chewing; mun-
(ଚର୍ବଣ-ଅନ୍ୟରୂପ) ching; mesticating.
(ଚର୍ବିତ—ବିଣ) ୨ । ଯେଉଁ ବସ୍ତୁ ଚୋବାଯାଇପାରେ—
2. A thing which can be chewd.
୩ । ଚବେଣା (ହି. ଶବ୍ଦସାଗର) (ଦେଖ)—
3. Chabeṇā (See)

ଚର୍ବ୍ବଣା—ଦେ. ବିଣ—ଯେ ଚୋବାଇ କରି ଖାଏ—
Charbbaṇā Chewing; masticating.
(ଚର୍ବଣା—ଅନ୍ୟରୂପ) ସପତ ଜନମ ପର୍ଯ୍ୟନ୍ତେ ଚର୍ବଣା ଚର୍ବଣା—ଚଉ ।

ଚର୍ବ୍ବଣୀୟ—ସଂ. ବିଣ. (ଚର୍ବ୍ବ ଧାତୁ + କର୍ମ. ଅନୀୟ)—
Charbbaṇiya ଚୋବାଇବାର ଯୋଗ୍ୟ—Fit to be chewed; masticable.
(ଚର୍ବଣୀୟ—ଅନ୍ୟରୂପ)

ଚର୍ବ୍ବିତ—ସଂ. ବିଣ. (ଚର୍ବ୍ବ ଧାତୁ କର୍ମ + ତ)—
Charbbita ୧ । ସ୍ୱାଦିତ—1. Tasted.
(ଚର୍ବିତ—ଅନ୍ୟରୂପ) ୨ । ଯାହାକୁ ଚୋବା ଯାଏ—
2. Chewed; masticated.
୩ । ଚୋବାଇ କରି ଖିଆଯିବା—
3. Eaten after mastication

ସଂ. ବି—୧ । ପାନପିକ, ଛେପ; ଥୁପ—1. Spittle.
୨ । ଗୋରୁ ଆଦିଙ୍କ ପାଗୁଳ—2. Cud.

୧	ଇ	ଊ	ଋ,ଋ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍ଗ	ଙ୍ୟ	ଉଅ	ଘ
୨	ଈ	ଉ	ଌ	ଲ୍	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂୟ	ଇଅ	ଊ	ନୃ

୩ । ଚର୍ବଣ—3. Chewing; mastication.

ଚର୍ବିତଚର୍ବଣ—ସଂ. ବି. (୬ଷ୍ଠୀ ତତ୍; ଚର୍ବିତ+ଚର୍ବଣ)—
Charbbitacharbbaṇa ୧ । ପାଗୁଳି—1. Chewing of the cud.

୨ । (ଲକ୍ଷଣାର୍ଥ) କଥିତ ବସ୍ତୁର ପୁନଃ କଥନ — 2. (figurative) Repetition of a thing already said.

୩ । (ଲକ୍ଷଣାର୍ଥ) କୃତ କାର୍ଯ୍ୟର ପୁନଃକରଣ— 3. (fig.) Redoing of a work once done.

ଚର୍ବ୍ୟ—ସଂ. ବଣ. (ଚର୍ବ୍ ଧାତୁ+କର୍ମ. ଯ)—ଚୋବାଇବାର ଯୋଗ୍ୟ;
Charbbya ଚର୍ବଣୀୟ—Masticable.

[ଦ୍ର—ଏହାକୁ କେହି କେହି ଭୁଲକ୍ରମେ 'ଚବ୍ୟ' ବୋଲି କହନ୍ତି ଓ ଲେଖନ୍ତି ।]

ଚର୍ବ୍ୟ ଚୂଷ୍ୟ ଲେହ୍ୟ ପେୟ—ସଂ. ବଣ. (ଦ୍ୱନ୍ଦ୍ୱ; କିନ୍ତୁ ବିଶେଷ୍ୟରୂପେ
Charbbya chūshya lehya peya ଭାଷାରେ ବ୍ୟବହାର)— ସବୁପ୍ରକାରର ଖାଦ୍ୟଦ୍ରବ୍ୟ; ଯାହା ଚୋବାଇ କରି, ଯାହା ଚୋଷିକରି, ଯାହା ଚାଟିକରି ଓ ଯାହା ପିଇକରି ଖିଆଯାଏ—Food of every kind; sundry eatables (consisting of articles taken by chewing, by sucking, by licking and by drinking).

[ଦ୍ର—କେହି କେହି ଲେଖକ ଚର୍ବ୍ୟ, ଚୂଷ୍ୟ, ଲେହ୍ୟ, ପେୟ ସ୍ଥଳରେ ଅଶୁଦ୍ଧରୂପେ ଚବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ବ୍ୟବହାର କରିବାର ଦେଖାଯାଏ ।]

ଚର୍ମ—ସଂ. ବି. (ଚର୍ ଧାତୁ+କରଣ ମନ୍, ୧ମା. ୧ବ. ଯାହାଦ୍ୱାରା ବୋଧ
Charma ବା ସ୍ପର୍ଶ କରାଯାଏ)—୧ । ଚମଡ଼ା; ତ୍ୱକ୍; ଚମ—
(ଚର୍ମ୍ମ—ଅନ୍ୟରୂପ) 1. Skin.

୨ । ଜୀବ ଦେହର ଛାଲ—2. Hide.

୩ । ଗଛର ଛେଲି; ବକଳ—3. Bark.

୪ । ଢାଲ—4. Shield.

୫ । ବର୍ମ—5. Armour.

୬ । ମସଲାଦ୍ୱାରା କଷା ହୋଇ ପାଲିସ ଓ ଷ୍ଥାୟୀ କରାଯାଇଥିବା ଚମଡ଼ା—6. Leather.

ଦେ. ବି—ଚରମ (ଦେଖ) Charama (See)

କର୍ମ କର କର୍ମଜାଣ କଚ ଚର୍ମ କଟାକର ଅଧମ ନୁହେ ।

ଗା. କୃଷ୍ଣ. ରସକଲ୍ଲୋଳ ।

ଚର୍ମକ—ସଂ. ବି.—ଚର୍ମକାର (ଦେଖ) (ହି. ଶବ୍ଦସାଗର)
Charmaka Charmakāra (See)

ଦେ. ବଣ.—ଚମରେ ତିଆରି (ବାଜଣା)—
Made of leather or hide.

ଚର୍ମକଚନ୍ତ୍ର-ବାଦ୍ୟ ଯେତେ, ସକଳ ଚର୍ଣାଇଛ ଗତେ ।

ଭୂପତି. ପ୍ରେମପଞ୍ଚାମୃତ

ଚର୍ମକରୀ—ସଂ ବି.—୧ । ଏକ ସୁଗନ୍ଧ ଦ୍ରବ୍ୟ—
Charmakarī 1. A kind of scent.
(ଚର୍ମ୍ମକରୀ—ଅନ୍ୟରୂପ) ୨ । ମାଂସରୋହିଣୀ ଲତା (ହି. ଶବ୍ଦସାଗର)—
2. Name of a creeper.

ଚର୍ମକଷା—ସଂ. ବି—ଛେଳିପାଗୁଳିଆ (ଦେଖ) (ହରେକୃଷ୍ଣ—ଦ୍ରବ୍ୟଗୁଣ)
Charmakashā Chhe̱lipāgu̱liā (See)

ଚର୍ମକଶା } ଅନ୍ୟରୂପ
ଚର୍ମ୍ମକଷା

ଚର୍ମକାର—ସଂ. ବି. (ଚର୍ମ+କୃ+କର୍ତ୍ତୃ. ଅ)—୧ । ମୋଚୀ—
Charmakāra 1. Shoe-maker; tanner; cobbler.
ଚର୍ମକୃତ } ଅନ୍ୟରୂପ ୨ । ଜାତି ଅସ୍ପୃଶ୍ୟ ହିନ୍ଦୁଜାତିବିଶେଷ; ଜୀବର
ଚର୍ମ୍ମକାର ସ୍ୱାମୀ ଔରସରେ ଚଣ୍ଡାଳୀ ସ୍ତ୍ରୀ ଗର୍ଭଜାତ—
(ଚର୍ମକାରୀ—ସ୍ତ୍ରୀ) 2. A low untouchable caste amongst Hindus.

[ଦ୍ର—ଏହି ଶବ୍ଦରୁ ଓଡ଼ିଆ 'ଚମାର' ଶବ୍ଦ ହୋଇଅଛି । କିନ୍ତୁ ଆମ ଦେଶରେ 'ଚମାର'ମାନେ 'ଚମ' କାମ କରନ୍ତି ନାହିଁ । ଚମାରମାନେ ତାଳଗଛ କାଟନ୍ତି, ତାଳପତ୍ରର ଜିନିଷ ତିଆରି କରନ୍ତି ଓ ତାଳପତ୍ରର ଛାତି ତିଆରି କରନ୍ତି । ଆମ ଦେଶରେ 'ମୋଚୀ' ଜାତି 'ଚମ' କାମ କରନ୍ତି ଓ ଏମାନେ ଚମାରଙ୍କଠାରୁ ସ୍ୱତନ୍ତ୍ର । ଏଥିରୁ ଜଣାଯାଏ ଯେ ପୂର୍ବେ ଚମାରମାନେ ଚମଡ଼ା କାମ କରୁଥିଲେ । ପରେ ମୋଚି ଓ ଚମାର ସ୍ୱତନ୍ତ୍ର ଜାତି ହେଲେ ।]

ଚର୍ମକୀଲ—ସଂ. ବି. (୬ଷ୍ଠୀ ତତ୍; ଚର୍ମ+କୀଲ)—୧ । ଆଞ୍ଚିଛି—
Charmakīla 1. A wart or mole on the body.
(ଚର୍ମ୍ମକୀଲ—ଅନ୍ୟରୂପ) ୨ । ଅର୍ଶରୋଗ—
2. Piles (a disease).

୩ । ବାଘୀରୋଗ (ହି. ଶବ୍ଦସାଗର)—3. Bubo.

ଚର୍ମଘଟିକା—ସଂ. ବି. (ଚର୍ମ+ଘଟ୍ ଧାତୁ=ବେଧ କରିବା+କ+ସ୍ତ୍ରୀ.
Charmaghaṭikā ଅ)—ଜୋକ—Leech.
(ଚର୍ମ୍ମଘଟିକା—ଅନ୍ୟରୂପ)

ଚର୍ମଚକ୍ଷୁଃ—ସଂ. ବି—ଜୀବର ସାଧାରଣ ଚକ୍ଷୁ (ଜ୍ଞାନଚକ୍ଷୁର ବିପରୀତ)—
Charmachakshuḥ The ordinary eye (as opposed to the eye of knowledge).

ଚର୍ମଚଟକ—ସଂ. ବି. ପୁଂ. (ଚର୍ମ+ଚଟ୍=ଆବରଣ କରିବା+ଅକ୍;
Charmachaṭaka ଯାହାର ପକ୍ଷ ଚର୍ମଦ୍ୱାରା ଆବୃତ)—ବାଦୁଡ଼ି—
(ଚର୍ମ୍ମଚଟକ—ଅନ୍ୟରୂପ) Bat; flying fox

[ଦ୍ର—ଏମାନେ ଗଛରେ ରହନ୍ତି ।]

ଚର୍ମଚଟିକା—ସଂ. ବି. ସ୍ତ୍ରୀ. (ଚର୍ମ+ଚଟ୍+ଇକ+ସ୍ତ୍ରୀ. ଅ)—
Charmachaṭikā ଚମଚିଡ଼ା; ଚମଚଟିଆ; ଚେମ୍ପିଣି—The small house bat; Cynopterus Marginatus.

ଚର୍ମ୍ମଚଟିକା }
ଚର୍ମଚଟୀ } ଅନ୍ୟରୂପ
ଚର୍ମଚଟକା }

[ଦ୍ର—ଏମାନେ ଘରେ ଓ ଦେଉଳରେ ରହନ୍ତି ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚର୍ମଚିତ୍ର—ସଂ. ବି. (ବହୁବ୍ରୀହି; ଚର୍ମ+ଚିତ୍ର; ଯାହା ଚର୍ମକୁ ଚିତ୍ରବିଚିତ୍ର କରେ)—୧ । ଶ୍ୱେତ କୁଷ୍ଠରୋଗ—
Charmachitra
ଚର୍ମ୍ମଚିତ୍ର } ଅନ୍ୟରୂପ 1. Lencoderma; the white disease.
ଚର୍ମଚିତ୍ରକ
୨ । (ଯାହାର ଚର୍ମ ଚିତ୍ରବିଚିତ୍ର) ଚିତ୍ରମୃଗ; ବାଘୁଟିଆ—
2 Spotted deer.

ଚର୍ମଜ—ସଂ. ବି. (ଚର୍ମ+ଜନ୍ ଧାତୁ+କର୍ତ୍ତୃ. ଅ)—
Charmaja ୧ । ଲୋମ; ରୋମ—1. Fur.
୨ । ରକ୍ତ—2 Blood.
ଦେ. ବି—୧ । ମୃଦଙ୍ଗ; ଢୋଲ ଆଦି ଆନଦ୍ଧ ବାଦ୍ୟ—
2 Hide-bound instruments; drums.

ଅବର ନାନା ବାଦ୍ୟ ଜାଣ,
ଚର୍ମଜ ଆଦି ଯେତେ ପୁଣ— ଯଶୋବନ୍ତ. ପ୍ରେମଭକ୍ତି ଗୀତା ।

୨ । ରୋମ; ଲୋମ (ହି. ଶବ୍ଦସାଗର)—
2. Down of the blood.
୩ । ରକ୍ତ; ଲହୁ (ହି. ଶବ୍ଦସାଗର)—3. Blood
ସଂ. ବିଣ—୧ । ଚର୍ମରୁ ଉତ୍ପନ୍ନ—
1. Born of the skin.
(ଯଥା—ଚର୍ମଜ ରୋଗ, ଚର୍ମଜ କୀଟ ।)
୨ । ଚର୍ମନିର୍ମିତ—2 Made of leather or hide.

ଚର୍ମଣ୍ୱତୀ—ସଂ. ବି. ସ୍ତ୍ରୀ. (ଚର୍ମନ୍+ବତ୍+ସ୍ତ୍ରୀ.ଈ)—୧ । ଭାରତର ଉତ୍ତର
Charmanbati ପଶ୍ଚିମସ୍ଥ ବୁନ୍ଦେଲଖଣ୍ଡ ଅନ୍ତର୍ଗତ 'ଚମ୍ବଲ' ନଦୀ;
(ଚର୍ମ୍ମଣ୍ୱତୀ—ଅନ୍ୟରୂପ) ହିନ୍ଦୁମାନଙ୍କର ତୀର୍ଥବିଶେଷ—
1. The river Chambal in Bundel-khand (N. W. provinces of India); a sacred river of the Hindus

ଚର୍ମଣ୍ୱତୀ ନଦୀରେ ଦେହ ଚର୍ମ ଧୋଇ
ଯେ ଅଛି ତାହା ପର ଭାଗ୍ୟବନ୍ତ ନାହିଁ । କୃଷ୍ଣସିଂହ. ମହାଭାରତ. ବନ ।

[ଦ୍ର—ଏହା ମଧ୍ୟଭାରତର ବିନ୍ଧ୍ୟ ପର୍ବତରୁ ବାହାରି ଉତ୍ତରପୂର୍ବ ମୁଖ ହୋଇ ଯମୁନାରେ ପଡ଼ିଅଛି । ଶିପ୍ରା ନଦୀ ଏହାର ଗୋଟିଏ ଶାଖା ।

ପୂର୍ବକାଳରେ ରାଜା ରନ୍ତିଦେବ ଅସଂଖ୍ୟ ବୃଷ ବଧ କରାଇ ବ୍ରାହ୍ମଣ ଭୋଜନ କରାଉଥିଲେ । ଏହି ନିହତ ପଶୁମାନଙ୍କ ରକ୍ତ ସ୍ରୋତରୁ ଏ ନଦୀ ଉତ୍ପନ୍ନ ହୋଇଥିବା କଥା ପୁରାଣରେ ଉକ୍ତ ଅଛି ।]
୨ । କଦଳୀ ଗଛ—2. Plantain tree.

ଚର୍ମତରଙ୍ଗ—ସଂ. ବି. (ଜରା ବା ରୋଗଗ୍ରସ୍ତ ବ୍ୟକ୍ତିର)—
Charmataranga ୧ । ଶିଥିଳ ଚର୍ମ; ବଳପଳିତ ଚର୍ମ—
(ଚର୍ମ୍ମତରଙ୍ଗ—ଅନ୍ୟରୂପ) 1. Hanging skin of an old or sick person.
୨ । ପଳିତ ଚର୍ମର ବଳି—Folds or flaps of hanging skin of an old or sick person.
୩ । ସ୍ଥୂଳକାୟ ବ୍ୟକ୍ତିଙ୍କ ପେଟର ମେରୁ ଓହୋଳିଥିବା ପୁଟି—
3. Folds of skin bulging out of the belly of a fat person

ଚର୍ମଦଣ୍ଡ—ସଂ. ବି. (୬ଷ୍ଠୀ ତତ୍; ଚର୍ମ+ଦଣ୍ଡ)—ଚମଡ଼ାର ଚାବୁକ—
Charmadanda Whip made of strings and leather; leathern whip.
ଚର୍ମନାଳିକା }
ଚର୍ମନାସିକା } ଅନ୍ୟରୂପ
ଚର୍ମ୍ମଦଣ୍ଡ }

ଚର୍ମଦଳ—ସଂ. ବି—କ୍ଷୁଦ୍ର କୁଷ୍ଠବିଶେଷ—Impetigo; a kind of skin disease.
Charmadala
(ଚର୍ମ୍ମଦଳ—ଅନ୍ୟରୂପ)

ଚର୍ମଦୂଷିକା—ସଂ. ବି. (୬ଷ୍ଠୀ ତତ୍; ଚର୍ମ+ଦୂଷିକା)—
Charmadūshikā ଦଦ୍ରୁ ରୋଗ (ହି. ଶବ୍ଦସାଗର)—
(ଚର୍ମ୍ମଦୂଷିକା—ଅନ୍ୟରୂପ) Ringworm.

ଚର୍ମଦ୍ରୁମ—ସଂ. ବି—ଭୂର୍ଜ ପତ୍ରର ଗଛ (ଯାହାର ପାତଳା ଛାଲ କାଗଜରୂପେ
Charmadruma ଲେଖିବାରେ ବ୍ୟବହୃତ ହୋଇପାରେ)—
(ଚର୍ମ୍ମଦ୍ରୁମ—ଅନ୍ୟରୂପ) A variety of the birch tree whose thin bark was used for paper; Betula Bhurja.

ଚର୍ମନୟନ—ଦେ. ବି—ସ୍ଥୂଳ ଚକ୍ଷୁ—
Charmanayana The ordinary eye.

କେତେକାଳ ବସି କେତେ ତପ କଲୁ
ଦେଖିଲୁ ଚର୍ମ ନୟନେ । ପ୍ରାଚୀ. ରହସ୍ୟମଞ୍ଜରୀ ।

ଚର୍ମପତ୍ରା—ସଂ. ବି. ସ୍ତ୍ରୀ. (ଚର୍ମ+ପତ୍ର+ଅସ୍ତ୍ୟର୍ଥେ ଅ; ଚର୍ମପରି ପତ୍ର=ପକ୍ଷ
Charmapatrā ଯାହାର)—ବାଦୁଡ଼ି; ଚେମ୍ପିଣୀ—The bat.
ଚର୍ମ୍ମପତ୍ରା } ଅନ୍ୟରୂପ
ଚର୍ମପତ୍ରୀ }

ଚର୍ମପାଦୁକା—ସଂ. ବି. ସ୍ତ୍ରୀ. (ମ. ପ. ଲୋ; ଚର୍ମ+ପାଦୁକା)
Charmapādukā ଉପାନତ୍; ଜୋତା—
(ଚର୍ମ୍ମପାଦୁକା—ଅନ୍ୟରୂପ) Shoes (made of leather).

ଚର୍ମପିଡ଼ିକା—ସଂ. ବି. ସ୍ତ୍ରୀ. (ଚର୍ମ+ପୀଡ଼ ଧାତୁ+ଇକ+ଆ)—
Charmapirdikā ୧ । ଏକପ୍ରକାର ମସୂରିକା ବା ବସନ୍ତ ରୋଗ—
(ଚର୍ମ୍ମପିଡ଼ିକା—ଅନ୍ୟରୂପ) 1. A kind of small pox.
[ଦ୍ର—ଏଥିରେ ରୋଗୀର ଗଳା ବନ୍ଦ ହୋଇଯାଏ ଓ ପ୍ରଳାପ ଓ ବ୍ୟାକୁଳତା ହୁଏ । ହି. ଶବ୍ଦସାଗର ।]
୨ । ଦେହରେ ଉଠି ଉଠି ହୋଇ ଫଳିବା ଫୁଣ୍ଡିଆ—
2 Small pimples or eruptions on the body.
୩ । ମିଳିମିଳା—3. Measles.

ଚର୍ମପୁଟ—ସଂ. ବି. (ଚର୍ମ+ପୁଟ)—ତେଲ ଘିଆଦି ରଖିବା ନିମନ୍ତେ
Charmaputa ପ୍ରସ୍ତୁତ ଚମଡ଼ାର କୁମ୍ଭା ବା କୋତ—
ଚର୍ମ୍ମପୁଟ } ଅନ୍ୟରୂପ Big leathern jars (for storing oil, ghee etc).
ଚର୍ମ୍ମପୁଟକ }

୧	ଲ	ଉ	ର,ଋ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇୟ	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଔ	ଦ୍ଧ

ଚର୍ମପୁଡ଼ା—ଦେ. ବି. (ସଂ. ଚର୍ମପୁଟକା)—ଚମମୁଣା—
Charmapurdā Leather bag.

ମାଟା ଚର୍ମପୁଡ଼ା ସ୍ୱରୂପ ମସ୍ତକିତ
ଭାଟାରେ ସ୍ୱରୂପେ ପିଡ଼ାନ୍ତୁବ ନାଡ। କୃଷ୍ଣସିଂ. ମହାଭାରତ. ଅବ।

ଚର୍ମପ୍ରଭେଦିକା—ସଂ.ବି. ସ୍ତ୍ରୀ. (ଚର୍ମ+ପ୍ର+ଭିଦ୍ ଧାତୁ+କର୍ତ୍ତୃ ଅକ+ସ୍ତ୍ରୀ. ଆ)—ମନୁଷ୍ୟର ଶରୀର ଫୁଟାଇବାର ଚିକିତ୍ସାସ୍ତ୍ରବିଶେଷ—Lancet; a surgical instrument for piercing the skin.
Charmaprabhedikā
(ଚର୍ମପ୍ରଭେଦିକା—ଅନ୍ୟରୂପ)

ଚର୍ମପ୍ରସେବକ—ସଂ. ବି. ପୁଂ. (ଚର୍ମ+ପ୍ର+ସିବ ଧାତୁ=ସେଇବା+କର୍ମ. ଅକ)—୧। ନିଆଁକୁ ବାୟୁଦ୍ୱାରା ଉତ୍ତେଜିତ କରିବା ନିମନ୍ତେ କମାର-ମାନଙ୍କ ବ୍ୟବହୃତ ଯନ୍ତ୍ର, ଭସ୍ତ୍ର, ଭସ୍ତ୍ରା—
Charmaprasebaka
(ଚର୍ମପ୍ରସେବକ—ଅନ୍ୟରୂପ)
(ଚର୍ମପ୍ରସେବିକା—ସ୍ତ୍ରୀ)
1. Leathern bellows.

୨। ଭସ୍ତ୍ର; ଜଳ ତେଲାଦି ବୋହିବା ନିମନ୍ତେ ପ୍ରସ୍ତୁତ ଚମଡ଼ାର ମୂର୍ତ୍ତି—2. Leathern bag or pouch for carrying water and oil; Vistee.

ଚର୍ମବତୀ—ସଂ. ବି. ସ୍ତ୍ରୀ. (ଚର୍ମ+ବତ୍+ସ୍ତ୍ରୀ. ଈ)—
Charmabatī ଚର୍ମଣ୍ୱତୀ (ଦେଖ)
(ଚର୍ମବତୀ—ଅନ୍ୟରୂପ) Charmanbatī (See)

ଚର୍ମବାସ—ସଂ. ବିଣ. (ବହୁବ୍ରୀହି; ଚର୍ମ+ବାସ)—
Charmabāsa ବ୍ୟାଘ୍ର ଓ ମୃଗଚର୍ମ ପିନ୍ଧିଥିବା (ବ୍ୟକ୍ତି)—
Wearing skin (of tiger and deer).

ଶ୍ଳୋକ ଶହିରେ ଅଛ ସହସ୍ର ତପଣ
ଜଟାଧରନ୍ତି ଚର୍ମବାସ ବେଦବ୍ୟା। କୃଷ୍ଣସିଂ. ମହାଭାରତ. ଅବ।

ଚର୍ମମସୂରିକା—ସଂ. ବି.—ଚର୍ମପିଡ଼ିକା (ଦେଖ)
Charma masūrikā Charmapirdikā (See)

ଚର୍ମରୁ—ସଂ. ବି. (ଚର୍ମ+ରୁ ଧାତୁ=ରବ କରିବା+କର୍ତ୍ତୃ. କ୍ୱିପ୍)—
Charmaru ଚର୍ମକାର; ମୋଚି—
(ଚର୍ମରୁ—ଅନ୍ୟରୂପ) Cobbler; shoe-maker.

ଚର୍ମରୋଗ—ସଂ. ବି. (ମ. ପ. ଲୋ; ଚର୍ମ+ରୋଗ)—ଚର୍ମକୁ ଆକ୍ରମଣ କରିବା ରୋଗ; (କାଛୁ; କୁଣ୍ଡିଆ; ଦାଦୁ ପ୍ରଭୃତି—
Charmaroga
(ଚର୍ମରୋଗ—ଅନ୍ୟରୂପ) Skin disease.

ଚର୍ମହନ୍ତ୍ରୀ—ସଂ. ବି.—(ଚର୍ମ+ହନ ଧାତୁ+କର୍ତ୍ତୃ. ତୃ+ସ୍ତ୍ରୀ. ଈ)—
Charmahantrī ହାଲିମ (ଦେଖ)
(ଚର୍ମହନ୍ତ୍ରୀ—ଅନ୍ୟରୂପ) Hālima (See).

ଚର୍ମାଖ୍ୟ—ସଂ. ବି. ସ୍ତ୍ରୀ—(ଚର୍ମ+ଆଖ୍ୟା)—କ୍ଷୁଦ୍ର କୁଷ୍ଠବିଶେଷ (ଏଥିରେ ଦେହର ଚମଡ଼ା ଟାଣୁଆ ହୋଇଯାଏ)—
Charmākhya
(ଚର୍ମାଖ୍ୟ—ଅନ୍ୟରୂପ) A kind of skin disease; Scleroderma (accompanied by rigidity and hardness of the skin.)

ଚର୍ମାତ—ସଂ. ବି.—ସୁଶ୍ରୁତୋକ୍ତ ପ୍ରାଚୀନକାଳରେ ଅସ୍ତ୍ରଚିକିତ୍ସାର୍ଥ ବ୍ୟବହୃତ ଯନ୍ତ୍ରବିଶେଷ—An ancient surgical instrument
Charmāta

ଚର୍ମାନୁରଞ୍ଜକ—ସଂ. ବିଣ. (୬ଷ୍ଠୀ ତତ୍; ଚର୍ମ+ଅନୁରଞ୍ଜକ)—ଯେ ଚମଡ଼ାକୁ ରଙ୍ଗାଏ ବା କଷେ—
Charmānurañjaka
(ଚର୍ମାନୁରଞ୍ଜକ—ଅନ୍ୟରୂପ) A tanner; a person who dyes leather.

ଚର୍ମାନୁରଞ୍ଜନ—ସଂ. ବି. (ଚର୍ମ+ଅନୁରଞ୍ଜନ)—୧। (୬ଷ୍ଠୀ ତତ୍;)
Charmānurañjana ଚମଡ଼ା କଷିବା ବା ରଙ୍ଗେଇବା—
(ଚର୍ମାନୁରଞ୍ଜନ—ଅନ୍ୟରୂପ) 1. Tanning.
୨। (ବହୁବ୍ରୀହି) ହରିତାଳ—2. Yellow orpiment.

ଚର୍ମାର—ସଂ. ବି. (ଚର୍ମ+ରୁ ଧାତୁ=ରବ କରିବା+ଅ)—ମୋଚି—
Charmāra Cobbler.
(ଚର୍ମାର—ଅନ୍ୟରୂପ)

ଚର୍ମିକ—ସଂ. ବିଣ. (ଚର୍ମ+ଇକ; ଯେ ଚର୍ମନିର୍ମିତ ଫଳକ ଧାରଣ କରି ଯୁଦ୍ଧ କରେ)—ଢାଲ ଧରିଥିବା(ଯୋଦ୍ଧା); ଢାଲଧାରୀ—
Charmika
(ଚର୍ମିକ—ଅନ୍ୟରୂପ) Fighting with or carrying a leathern shield.

ସଂ. ବି.—୧। ଢାଲ ଧରି ଯୁଦ୍ଧ କରିବା ଯୋଦ୍ଧା—
1. A warrier who fights with a shield in his hand.

୨। (ଚର୍ମ+କ) ଭୂର୍ଜପତ୍ର (ପ୍ରକୃତିବାଦ)—
2. The leaf of Birch.

୩। ପାର୍ଚ୍ଚମେଣ୍ଟ (ପ୍ରକୃତିବାଦ)—3 Parchment.

ଚର୍ମିକା—ସଂ. ବି. (ଚର୍ମକ+ସ୍ତ୍ରୀ. ଆ)—୧। ଭୂର୍ଜପତ୍ର—1. The paperlike bark of the birch tree.
Charmikā
(ଚର୍ମିକା—ଅନ୍ୟରୂପ) ୨। ଚମଡ଼ାନିର୍ମିତ କାଗଜ—
2. Parchment.

ଚର୍ମୀ—ସଂ. ବିଣ. (ଚର୍ମ=ଢାଲ+ଅସ୍ତି ଅର୍ଥରେ ଇନ୍)—
Charmī ଚର୍ମିକ (ଦେଖ)
(ଚର୍ମୀ—ଅନ୍ୟରୂପ) Charmika (See)
ସଂ. ବି.—ଚର୍ମିକ ୧ (ଦେଖ)
Charmaka 1. (See)

ଚର୍ଯ୍ୟ—ସଂ. ବିଣ. ପୁଂ. (ଚର ଧାତୁ+କର୍ମ. ଯ)—ଆଚରିତ ହେବାର ଯୋଗ୍ୟ; ଆଚରଣୀୟ; କରଣୀୟ; କର୍ତ୍ତବ୍ୟ—
Charjya
(ଚର୍ଯ୍ୟା—ସ୍ତ୍ରୀ) Proper or fit to be practised; incumbent.

ଚର୍ଯ୍ୟା—ସଂ. ବି. (ଚର ଧାତୁ+ଭାବ. ଯ+ସ୍ତ୍ରୀ. ଆ)—୧। ଆଚରଣ—
Charjyā 1. Conduct; rules of conduct.
(ଯଥା—ଦିନଚର୍ଯ୍ୟା; ଋତୁଚର୍ଯ୍ୟା।)
୨। ଗତି—2. Movement; motion.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗିଆ ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ପାଳନ—3. Bringing up; practising; observance.
(ଯଥା—ବ୍ରହ୍ମଚର୍ଯ୍ୟା ।)
୪ । ରକ୍ଷା—4. Protecting.
୫ । ସେବା—5. Serving; tending; looking after.
(ଯଥା—ଅତିଥିଚର୍ଯ୍ୟା ।)
୬ । ଆହାର; ଭୋଜନ—6. Eating.
୭ । ଚରିତ୍ର—7. Character.
୮ । ବିଧି ବା ଆଚାର ପାଳନ—
8. Observance of rules and customs.
୯ । ବ୍ରତ ବା ଧର୍ମକାର୍ଯ୍ୟ କରଣ—
9. Parctice of religious austerities.
୧୦ । ବୃତ୍ତି; ଜୀବିକା (ହି. ଶବ୍ଦସାଗର)—
10 Profession.

ଚର୍ଷଣି—ସଂ. ବି. (ଚର ଧାତୁ+କର୍ତ୍ତୃ. ଅଣି)—୧ । (ପୁଂ) ମନୁଷ୍ୟ
Charshani (ହି. ଶବ୍ଦସାଗର)—1. Man.
୨ । (ସ୍ତ୍ରୀ) କୁଳଟା ସ୍ତ୍ରୀ (ହି. ଶବ୍ଦସାଗର)—
2. An adulteress.

ଚର୍ଷଣୀ—ସଂ. ବି—ମନୁଷ୍ୟଜାତି; ମାନବଜାତି (ହି. ଶବ୍ଦସାଗର)—
Charshani The human kind.

ଚଲ୍ (ଧାତୁ)—ସ.—ଗତି କରିବା—
Chal (root) To move.

ଚଲ୍—ଦେ. ବିଣ. (ସଂ. ଚଳିତ, ହିନ୍ଦୀରୁ ଅନୁକୃତ)—୧ । ଗତ; ଚାଲି
Chal ଯାଇଥିବା—1. Gone; departed.
ଚଲ ୨ । ପଳାୟିତ—2. Run away.
(ଯଥା—ସେ ଏଠା କହି ଚଲ୍ ।)
ଦେ. ବି—ପଳାୟନ—Running away.
(ଯଥା—ସେ ଯା କହି ଚଲ୍ ଦେଲା ।)
ଦେ. ଅ. (ଭୁଲ. (ହି) କ୍ରି. ଚଲ୍=ଚାଲି ଯାଅ)—
୧ । ଚାଲ୍; ଚାଲିଯା—
1. (Interjection) Get off; be gone !
୨ । ଅଗ୍ରସର ହୁଅ—2. Proceed; go on.

ଚଲକରିବା—ଦେ, କ୍ରି. (ଭୁଲ. ହି. ଚଲ୍‌ଦେନା)—ଦୂର କରିବା, ଚାଲିଯିବା—
Chalkariba To go away; to depart.
ଚଲ୍‌ଦେବା } ଅନ୍ୟରୂପ
ଚଲ୍‌ବନେଇବା }

ଚଲ୍‌ତି—ଦେ. ବିଣ ଓ ବି—ଚଳତି (ଦେଖ)
Chalti Chalati (See)

ଚଲ୍‌ଧା—ପ୍ରାଦେ. (ସମ୍ବଲପୁର) ବି—ଚଙ୍ଗୁଡ଼ି—
Chaldha A wicker work-tray.

ଚଲ୍‌ଫେରୁ—ପ୍ରାଦେ, (ବାଲେଶ୍ୱର) ବି—ଚଲାବୁଲା; ଚାଲବୁଲ—
Chalpher Walking.

ଚଲ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ଚଲ ଧାତୁ. ହି. ଚଲ୍‌ନା)—
Chalba ୧ । ଚଳିବା; ଗତି କରିବା—1. To move.
୨ । ଭ୍ରମଣ କରିବା—2. To walk.

ଚଲ୍‌ଭାଇଛୁଟି—ଦେ. ଅ. (ହିନ୍ଦୀରୁ ଅନୁକୃତ ଭୁଲ. ହି. ଚଲଭାଇଛୁଟ୍ଟୀ,
Chalbhaichhutti ଅର୍ଥାତ୍ ଚାଲରେ ଭାଇ ! ଆମର କାର୍ଯ୍ୟ ଶେଷ ହେଲା, ଆମେ ଖଲାସ ପାଇଲୁଁ)—
୧ । କୃତକର୍ମା; ଆପଣାଠାରେ ନିର୍ଦ୍ଦିଷ୍ଟ କୌଣସି କାର୍ଯ୍ୟ ସମାପ୍ତ ହେଲେ ମନୁଷ୍ୟର ଯେଉଁ ଅବସ୍ଥା ହୁଏ—
1. Set free after one's work is finished.
୨ । ଦାୟିତ୍ୱରୁ ମୁକ୍ତ—2. Freed from a liability.
(ଯଥା—ମୋ ଉପରେ ଭାର ଥିବା କାର୍ଯ୍ୟ ଶେଷ ହେଲା, ଏଥରକ ମୁଁ 'ଚଲ୍‌ଭାଇଛୁଟି' ।)

ଚଳ—ସଂ. ବିଣ. ପୁଂ. (ଚଲ୍ ଧାତୁ+କର୍ତ୍ତୃ. ଅ)—
Chala ୧ । ଗମନଶୀଳ; ଗତିବିଶିଷ୍ଟ; ଜଙ୍ଗମ—
(ଚଳା—ସ୍ତ୍ରୀ) 1. Moving.
ଚଳତା } ବି. ୨ । ଜୀବିତ; ପ୍ରାଣୀ—
ଚଳତ୍ୱ } 2. Living; animate.
୩ । ଆଚରିତ—3. Observed; practised.
୪ । ଅସ୍ଥିର; ଚଞ୍ଚଳ—
4. Unsteady; fickle; wavering.
୫ । କମ୍ପିତ—5. Trembling; tremulous.
୬ । ଦୋହଲୁଥିବା; ହଲୁଥିବା—
6. Moving to and fro; shaking
୭ । ପଳାୟିତ; ପଳାତକ—7. Fugitive.
୮ । ବ୍ୟବହୃତ—8. In use.
ସଂ. ବି—୧ । (+ଭାବ. ଅ) ଚାଞ୍ଚଲ୍ୟ; ଅସ୍ଥିରତା—
1. Unsteadiness; fickleness.
୨ । (+କର୍ତ୍ତୃ. ଅ) ବାୟୁରୋଗ; ବାୟୁଜନିତ ରୋଗ—
2. Wind disease; disorder or disorganisation of the system due to wind
[ଦ୍ର—ରକ୍ତ, ପେଟଫମ୍ପା ଓ ବାୟୁ ଅଥବା ଇତ୍ୟାଦି ବାୟୁ ରୋଗ ।]
୩ । (ଅସ୍ଥି ବିଜ୍ଞାନ) ଶରୀରର ଯେଉଁ ଅସ୍ଥିସନ୍ଧି ସ୍ଥିର ନୁହେ ଅର୍ଥାତ୍ ଇତସ୍ତତଃ ହଲେ (ଯଥା—ଅଣ୍ଟାର ଚକିଡ଼ି)—3. Moveable bone joints of the body; a complete joint in the human body.
୪ । ପାରଦ (ହି. ଶବ୍ଦସାଗର)—4. Mercury.
୫ । ଶିବ; ମହାଦେବ (ହି. ଶବ୍ଦସାଗର)—5. Siba.

୧	ଇ	ଉ	ର୍,ର୍ର	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଶ	ଙ୍କ	ଇଯ଼	ଭୃଅ	ୱ
୨	ଈ	ଊ	ରୁ	ଲୁ	ଯ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଵ	ଢ୍ୱ

୬ । ବିଷ୍ଣୁ (ହି. ଶବ୍ଦସାଗର)—6. Bishṇu.
୭ । (+ଭାବ. ଅ) କମ୍ପନ (ହି. ଶବ୍ଦସାଗର)—
7. Shaking; tremour; vibration.
୮ । ଦୋଷ; ତ୍ରୁଟି (ହି. ଶବ୍ଦସାଗର)— 8. Defect; flaw.
୯ । ଭୁଲ; ଭ୍ରାନ୍ତି (ହି. ଶବ୍ଦସାଗର)— 9. Mistake.
୧୦ । ଛଳ; କପଟ (ହି. ଶବ୍ଦ ସାଗର)—1. Deception.
୧୧ । ନୃତ୍ୟର ଚେଷ୍ଟାବିଶେଷ, ଯହିଁରେ ହାତ ଠାରି କାହାକୁ ପାଖକୁ ଆସିବାକୁ ଇସାରା ଦିଆଯାଏ (ହି. ଶବ୍ଦସାଗର)-
11. Beckoning with the hand during dancing.
୧୨ । ନୃତ୍ୟକାଳରେ ଶୋକ, ଉତ୍କଣ୍ଠା, ଚିନ୍ତା ଓ ପରିଶ୍ରମସୂଚକ ଗମ୍ଭୀର ନିଶ୍ୱାସ ମାରିବା (ହି. ଶବ୍ଦସାଗର)—
12. Deep sighing indicating grief; anxiety and exertion during dancing.

ଦେ. ବିଣ—୧ । ସୁପରିଚାଳିତ—1. Well conducted.
(ଯଥା—ତାହାଙ୍କର ଚଳପଣ ।)
୨ । ସଚଳ; ସାଂସାରିକ ସମ୍ପଦଯୁକ୍ତ—2. Prosperous.

ଦେ. ବି—୧ । ରାଗ; କ୍ରୋଧ; ବିରକ୍ତି—
1. Anger; displeasure.
୨ । ଆଳସ୍ୟ ଯୋଗୁଁ ବିରକ୍ତିବୋଧ—
2. Feeling of ennui.
(ଯଥା—ବସି ବସି ମୋତେ ଚଳ ମାଡ଼ିଲାଣି ।)
୩ । (ସଂ. ଚୁଲୁ) ଗୋଟିଏ ହାତର ସଙ୍କୁଚିତ କରତଳ ବା ପୁଟ ମଧ୍ୟରେ ଯେତେ ପାଣି ସମ୍ଭାଇ ପାରେ; ପୋଷ—
3. Quantity of water which can be contained in the hollowed palm of one hand; handful.

ବ୍ରାହ୍ମଣ ଦେହିଲ ଚଳୁ ମୃତ୍ୟୁସଞ୍ଜୀବନୀ
ପାଉଁଶରେ ସିଞ୍ଚିଦେଲା ଚଳେ ପାଣି ଘେନି—ବୈଦ୍ୟ ନୃପଶ୍ରୀବଂଶତ ।

[ଦ୍ର—ଏକ ହାତର ସମ୍ପୁଟୀକୃତ କରତଳରେ ଯେତେ ବସ୍ତୁ ସମ୍ଭାଏ ତାକୁ ବା ତହିଁର ପରିମାଣକୁ ପୋଷ ବୋଲାଯାଏ । ଯଥା— ପୋଷେ ପାଣି, ପୋଷେ ଚାଉଳ । ତରଳ ଓ ଘନ ବସ୍ତୁ ସମ୍ବନ୍ଧରେ 'ପୋଷ' ବ୍ୟବହୃତ ହୁଏ । କିନ୍ତୁ 'ଚଳ' କେବଳ ତରଳ ବସ୍ତୁ ପ୍ରତି ପ୍ରଯୁଜ୍ୟ । ଯଥା—ଚଳେ ପାଣି । ପୋଷେ ପାଣି ଅପେକ୍ଷା ଚଳେ ପାଣି ପରିମାଣରେ ଅଳ୍ପ । ସମ୍ପୁଟୀକୃତ କରତଳଦ୍ୱୟରେ ସମ୍ଭାଇବା ବସ୍ତୁକୁ ବା ତହିଁର ପରିମାଣକୁ ଅଞ୍ଜୁଳା (ସଂ. ଅଞ୍ଜଳି) ବୋଲାଯାଏ । ଅଞ୍ଜୁଳାଏ ପାଣି ଅପେକ୍ଷା ପୋଷେ ପାଣି ଅଳ୍ପ ଓ ପୋଷେ ପାଣି ଅପେକ୍ଷା ଚଳେ ପାଣି ଅଳ୍ପ ।]

୪ । ସାଂସାରିକ ସ୍ୱାଚ୍ଛନ୍ଦ୍ୟତା; ସଚଳ ଅବସ୍ଥା; ଗୃହସ୍ଥର ବୈଷୟିକ ଅବସ୍ଥା—4. A householder's worldly prosperity or plenty; the state of being well-to-do.

ଚଳନ୍ତି—ଦେ. ବି (ସଂ. ଚଳନ)—୧ । ଯାନଆଦିର ଗତିର ବେଗ—
Chalau 1. Velocity of a conveyance.
(ଯଥା—ଏ ରେଳଗାଡ଼ିର ଚଳନ୍ତି ଘଣ୍ଟାକେ ୩୦ ମାଇଲ ।)
চলন ୨ । ଗତିର କ୍ରମ ବା ପ୍ରକାର; ଚାଲି—
चाल 2. Mode or manner of motion.
୩ । ଗତି—3. Motion.
(ଯଥା—ଏ ହାଲୁକା ସବାରୀ ଖଣ୍ଡିକର ଚଳନ୍ତି ଭଲ ଅଛି ।)

ଚଳକର୍ଣ୍ଣ—ସଂ. ବିଣ. ପୁଂ (ବହୁବ୍ରୀହି; ଚଳ+କର୍ଣ୍ଣ)—ଯେ ସର୍ବଦା କାନ ହଲାଉଥାଏ—Moving the ears.
Chalakarṇṇa
ସଂ. ବି—୧ । ପୃଥିବୀଠାରୁ ଗ୍ରହର ସ୍ୱାଭାବିକ ଅନ୍ତର (ହି. ଶବ୍ଦ-ସାଗର)—1. The natural distance between the earth and planet.
୨ । ହାତୀ (ହି. ଶବ୍ଦସାଗର)—2. Elephant.

ଚଳକା—ଦେ. ବି—ହସ୍ତକୋଷ; ପାତ୍ରୀକୃତ ଗୋଟିଏ କରତଳ
Chalakā (ଗୋପୀନାଥ ନନ୍ଦ)—Cuplike position of the palm of one hand.

ଚଳକାଚଳ—ଦେ. ଅ—ଏକଚଳ (ଜଳୀୟ ପଦାର୍ଥ) ପରେ ଅନ୍ୟ ଏକ
Chalakāchala ଚଳ; ଅନେକ ପୋଷ; ପୋଷକୁପୋଷ (ଜଳୀୟ
(ଚଳକୁଚଳ—ଅନ୍ୟରୂପ) ପଦାର୍ଥ)—Many or successive handfuls (of liquid).
(ଯଥା—ଚଳକାଚଳ ପାଣି ତା ମୁହଁକୁ ମାରିବାରୁ ତାର ସଂଜ୍ଞାଲାଭ ହେଲା ।)

ଚଳକେତୁ—ସଂ. ବି (କର୍ମଧା; ଚଳ+କେତୁ) ଧୂମକେତୁବିଶେଷ—
Chalaketu Name of a comet.
[ଦ୍ର—ଏହା ପଶ୍ଚିମ ଆକାଶରେ ଉଦିତ ହୁଏ । ଏହାର ମୁଣ୍ଡ ଦକ୍ଷିଣକୁ ଓ ପୁଚ୍ଛ ଉତ୍ତରକୁ ଥାଏ । ଏହା ଉଦିତ ହୋଇ କ୍ରମଶଃ ଉତ୍ତର ଆଡ଼କୁ ଗତି କରି ସପ୍ତର୍ଷିମଣ୍ଡଳ ବା ଅଭିଜିତ୍ ନକ୍ଷତ୍ର ପର୍ଯ୍ୟନ୍ତ ଅଗ୍ରସର ହୁଏ ଓ ହଠାତ୍ ଆକାଶ ମଧ୍ୟରେ ଅଦୃଶ୍ୟ ହୋଇଯାଏ । ଫଳିତ ଜ୍ୟୋତିଷ ମତରେ ଏହାର ଉଦିତ ହେବାର ୧୦ମାସଠାରୁ ୧୮ମାସ ମଧ୍ୟରେ ଦେଶରେ ଦୁର୍ଭିକ୍ଷାଦି ଉପଦ୍ରବ ହୁଏ— (ହି. ଶବ୍ଦସାଗର) ।]

ଚଳଚଞ୍ଚୁ—ସଂ. ବି (ବହୁବ୍ରୀହି; ଚଳ+ଚଞ୍ଚୁ)—ଚକୋରପକ୍ଷୀ—
Chalachañchu The red legged Himalayan Partridge (which always moves its beak).

ଚଳଚିତ୍ତ—ସଂ. ବିଣ. ପୁଂ (ବହୁବ୍ରୀହି; ଚଳ+ଚିତ୍ତ)—
Chalachitta ୧ । ଯାହାର ମନର ସ୍ଥିରତା ନାହିଁ; ଚଞ୍ଚଳସ୍ୱଭାବ;
(ଚଳଚିତ୍ତା—ସ୍ତ୍ରୀ) ଚପଳଚିତ୍ତ—1. Fickle-minded.
ଚଳଚିତ୍ତତା } ବି.
ଚଳଚିତ୍ତତ୍ୱ }
୨ । ଅବ୍ୟବସ୍ଥିତଚିତ୍ତ— 2. Of unsteady mind; of movable temper.
୩ । ଉଦ୍‌ବିଗ୍ନ; ବ୍ୟାକୁଳ —
3. Anxious; agitated; perturbed.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚଳଚ୍ଛକ୍ତି—ସଂ. ବି (ଚଳତ୍ = ଚଳୁଥିବା + ଶକ୍ତି)—ଚଳିବାର କ୍ଷମତା;
Chaḷachchhakti ଗତିଶକ୍ତି; ଚାଲି ବୁଲି ପାରିବାର କ୍ଷମତା—
Power of motion; power of walking; walking strength.
(ଯଥା—ସେ ଚାରିମାସ ହେଲା ରୋଗ ଭୋଗି ବର୍ତ୍ତମାନ ଚଳଚ୍ଛକ୍ତିରହିତ ହେଲେଣି ।)

ଚଳଜାତି—ଦେ. ବି—ପାଣିଛୁଆଁ ହିନ୍ଦୁଜାତି, ଯେଉଁ ଜାତୀୟ ଲୋକଙ୍କ
Chaḷajāti ସ୍ପୃଷ୍ଟ ଜଳକୁ ବ୍ରାହ୍ମଣ ଆଦି ଉଚ୍ଚଜାତୀୟ ହିନ୍ଦୁମାନେ ପିଇ ପାରିବେ—Touchable caste; a caste from whose hands Hindus of high caste can drink water.

ଚଳଣ—ଦେ. ବି (ସଂ. ଚଳନ)—୧ । ଚଳିବାର ରୀତି—
Chaḷaṇa 1. Usage; custom.
চলন ୨ । ଆଚରଣ—2. Conduct.
चलन ୩ । ବ୍ୟବହାର—3. The state of being vogue or use.
୪ । ସାମାଜିକ ଆଦାନପ୍ରଦାନ ବା ସମ୍ପର୍କ—
4. Social connection; social intercourse.
[ଦ୍ର—ଚାଲି ଶବ୍ଦ ପରେ ଏ ଶବ୍ଦ ସହଚରରୂପେ ବ୍ୟବହୃତ ହୁଏ । ଯଥା—ଚାଲିଚଳଣ ।]

ଚଲଣ—ଗ୍ରା. ବି (ସଂ. ଚଳନ)—ଚଳଣ (ଦେଖ)—
Chalaṇa Chaḷaṇa (See)

ଚଳଣା—ଦେ. ବି—୧ । (ସଂ. ଚଳନ)—ଚଳଣ (ଦେଖ)—
Chaḷaṇā 1. Chaḷaṇa (See)
୨ । (ସଂ. ଦୋଳାର୍ଦ୍ଧ—ହରେକୃଷ୍ଣ ଦ୍ରବ୍ୟଗୁଣ) ଏକ ପ୍ରକାର ନିକୃଷ୍ଟ ଲାଉ ଜାତୀୟ ଫଳ; ତରୁଭୁଜବିଶେଷ—
2. A kind of inferior gourd.
ଚଳଣା ପ୍ରେତକୁ ମୁଣ୍ଡ କାଟି ଶାସ୍ତି—ତଗ ।
চালতা ୩ । ଏକପ୍ରକାର ଖଟା ଫଳ; ଚଳିତା—
चलता 3. A kind of acid fruit (Howells.)
୪ । ଏକପ୍ରକାର ବସ୍ତ୍ର; ଏକପ୍ରକାର କାଛ ବା ଲେଙ୍ଗୁଟି—
(ଗୋପୀନାଥ ନନ୍ଦ)—
4. A kind of under wear or strip of cloth worn under the dress round the private parts.
ଗ୍ରାମ ଚଳଣାହିଁ ଠିକ ହୋଇଲେ କାଛକୁଛ—କୃଷ୍ଣସିଂହ. ମହାଭାରତ. ବନ ।

ଚଳଣି—ଗ୍ରା· ବି (ସଂ. ଚଳନ)—୧ । ବ୍ୟବହାର—
Chaḷaṇi 1. Practice.
চলন ୨ । ଦେଶାଚାର—2. Usage of a country; custom.
चलन ୩ । ଦେଶରେ ମୁଦ୍ରାରୂପେ ବ୍ୟବହାର—3. Currency.
୪ । ଅଭ୍ୟାସ—4. Habit.
୫ । ଆଚରଣ; ବ୍ୟବହାର—5. Behaviour; conduct.
୬ । ଚଳିବାର ରୀତି—6. Mode of life.
ଦେ. ବିଣ—୧ । ପ୍ରଚଳିତ—1. In use; customary.
୨ । ମୁଦ୍ରାରୂପେ ପ୍ରଚଳିତ—2. Current (coin).

ଚଲଣି—ଗ୍ରା. ବି—ଚଳଣି (ଦେଖ)—
Chalaṇi Chaḷaṇi (See)

ଚଳତ—ସଂ. ବିଣ (ଚଳତ୍ = ଚଳୁଥିବା, ଚଳ + କର୍ତ୍ତୃ. ଅତ୍ (ଶତୃ
Chaḷat ପ୍ରତ୍ୟୟ)—୧ । ଚଞ୍ଚଳ; ଚପଳ—1. Unsteady.
୨ । ଜଙ୍ଗମ; ଗମନଶୀଳ; ଚଳୁଥିବା; ଚଳିତ—
2. Moving; movable.
୩ । ଦେଶରେ ବ୍ୟବହୃତ; ପ୍ରଚଳିତ; ଚଳନ୍ତି—
3. Current; in use; in vogue.
(ଯଥା—ଅମୁକ ଶବ୍ଦକୁ ତୁମଆଡ଼େ ଚଳତ କଥାରେ କି ନାମରେ ଡାକନ୍ତି ?)
୪ । ଧାବମାନ—4. Running.
୫ । କମ୍ପମାନ—5. Trembling.
୬ । କାର୍ଯ୍ୟ ଚଳିସିବା ଉପଯୋଗୀ (ଅବସ୍ଥା)—
6. (condition) Fit or proper for the doing of a work; passable; tolerable.
୭ । ସଚଳ; ସଂସାର ଚଳିବା ଭଳି ସକ୍ଷମ (ବୈଷୟିକ ଅବସ୍ଥା)—
7. Well-to-do worldly circumstance).

ଚଳତା—ଦେ. ବି (ସଂ. ଚରଣ, ଗୁରଣ = ଉଜ୍ଜ୍ୱଳ)—ଅମ୍ଳକଷାୟବିଶିଷ୍ଟ
Chaḷatā ଫଳ; ଔଉ (ଦେଖ)—
চালতা A kind of sour fruit; Ou (See)
चालता
(ଚଳିତା—ଅନ୍ୟରୂପ)

ଚଳତି—ଦେ. ବିଣ. (ସଂ ଚଳତ୍; ସ୍ତ୍ରୀ ଚଳନ୍ତୀ)—
Chaḷati ୧ । ପ୍ରଚଳିତ; ଚଳନ୍ତି—1. Current; in vogue.
চলতি ୨ । ବ୍ୟବହୃତ—2. In use.
चलता, चलती ୩ । ଗତିବିଶିଷ୍ଟ—3. Moving.
(ଚଳନ୍ତି—ଅନ୍ୟରୂପ) ବି—୧ । ସାମାଜିକ କାର୍ଯ୍ୟରେ ପରସ୍ପର ମଧ୍ୟରେ ବିବାହ, ଶବବହନ ଓ ଖାଦ୍ୟଭୋଜନାଦି ସମ୍ପର୍କ—
1. Social intercommunication (in the matter of dining, marriage, carrying dead-body etc.).
୨ । ବ୍ୟବହାର; ପ୍ରଚଳନ—2 Use.

ଚଳଦଙ୍ଗ—ସଂ. ବି. (ବହୁବ୍ରୀହି; ଚଳତ୍ + ଅଙ୍ଗ)—
Chaḷadaṅga ଯାହାର ଅଙ୍ଗ ଚଞ୍ଚଳ ବା ଅସ୍ଥିର; ଏକ ପ୍ରକାର ମାଛ
(ହି. ହିଙ୍ଗା) (ହି. ଶକସାଗର) ଚେଙ୍ଗ ମାଛ—
A kind of fresh-water-fish.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଋଗ୍	ଋଥ	ଃଛ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଥ	୫	କ୍ଷ

ଚଳଦଳ—ସଂ. ବି. (ବହୁବ୍ରୀହି; ଚଳ+ଦଳ; ଯାହାର ପତ୍ର ସର୍ବଦା
Chaḻadaḻa ପବନରେ ଥରୁଥାଏ)—ଅଶ୍ୱତ୍ଥଗଛ; ଓସ୍ତଗଛ—
The Peepal tree; the holy fig; Ficus Religiosa.

ଚଳନ—ସଂ. ବି. (ଚଲ୍ ଧାତୁ+ଭାବ. ଅନ)—
Chaḻana ୧ । ଚାଲି; ଭ୍ରମଣ; ଗମନ—1. Walking;
চলন্ going; roaming; wandering.
चलन् ୨ । ଗତି—2. Motion; movement.
୩ । ଦୋହଲିବା—3. Waving.
୪ । ହଲିବା; କମ୍ପନ—4. Trembling; shaking.
୫ । ଚାଲିବାର ଶୈଳୀ—5. Gait.
୬ । ରୀତି; ଆଚାର; ବ୍ୟବହାର—
6. Usage, custom; practice.
୭ । ଅଭ୍ୟାସ; ଚାଲି; ଧରଣ—
7. Habit; manner; mode; ways; style.
୮ । ଅନୁଷ୍ଠାନ—8. Institution.
୯ । (+କରଣ. ଅନ) ଚରଣ; ପାଦ; ଗୋଡ଼—
9. Leg; foot.
୧୦ । (+କର୍ତ୍ତୃ. ଅନ) ହରିଣ—11. Deer.
୧୧ । (ଗଣିତ ଜ୍ୟୋତିଷ) ଗ୍ରହାଦିର ସଞ୍ଚାର; ଏକ ରାଶିରୁ ଅନ୍ୟ ରାଶିକୁ ଗମନ—11. (astronomy) The movement of a planet from one sign to another.
(ଯଥା—ଶନିଚଳନ ।)
୧୨ । ଦେଶରେ ବା ସମାଜରେ ବ୍ୟବହାର—
12. Currency; vogue.
୧୩ । ବ୍ୟବହାର—13. Use.
୧୪ । (ଗଣିତ ଜ୍ୟୋତିଷ) ଦିନ ଓ ରାତ୍ରି ସମାନ ଥିବା ସମୟରେ କ୍ରାନ୍ତିପାତ ବା ବିଷୁବବୃତ୍ତର ଗତି (ହି. ଶବ୍ଦସାଗର)—
14. (Astronomy) Equinoxial motion; the apparent motion of the sun during the vernal and autumnal Equinox.
୧୫ । ହାତି ବନ୍ଧାଯିବା ଦଉଡ଼ି—
15. The rope for tying an elephant (M.W)
୧୬ । (ସମାସରେ) କୌଣସି ମାର୍ଗରୁ ଭିନ୍ନ; ବିଚଳନ—
16. (in compound) Turning off from.
ବିଣ. ପୁଂ—୧ । ଗତିଶୀଳ—1. Moving.
୨ । କମ୍ପଯୁକ୍ତ—2. Trembling; shivering.
ଦେ. ବି—୧ । ପରସ୍ପର ସଙ୍ଗେ ଥିବା ସାମାଜିକ ସମ୍ପର୍କ—
1. Mutual social connection or intermixture or intercourse.
୨ । କୌଣସି ବ୍ୟକ୍ତି ସମାଜରେ ଚଳିବା ଅବସ୍ଥା—
2. The state of a person being a member of the society.

ଚଳନକ—ସଂ. ବି (ଚଳ ଧାତୁ+ଅନ+କ)—ନର୍ତ୍ତକୀମାନେ ପିନ୍ଧିବା
Chaḻanaka ଫତେଇ; କାଞ୍ଚୁଳା—A short petty coat worn by dancing girls (M. W.)

ଚଳନକଳନ—ସଂ. ବି (୬ଷ୍ଠୀ ତତ୍; ଚଳନ+କଳନ)—ଜ୍ୟୋତିଷରେ
Chaḻanakaḻana ଯେଉଁ ଗଣନାଦ୍ୱାରା ପୃଥିବୀର ଗତିର ତାରତମ୍ୟ ଅନୁସାରେ ଦିନ ରାତ୍ରି ବଢ଼ିବା ଓ କମିବାର ହିସାବ କରାଯାଏ (ହି. ଶବ୍ଦସାଗର)—
Astronomical calculation by which the gradual lengthening and shortening of the day and night are calculated according to difference in the motion of the Earth.

ଚଳନକ୍ଷମ—ସଂ. ବିଣ. ପୁଂ.—(ଚଳନ+କ୍ଷମ୍+କର୍ତ୍ତୃ. ଅ)—୧ । ଚାଲି
Chaḻanakshama ବୁଲିବାକୁ ସମର୍ଥ—
(ଚଳନକ୍ଷମା—ସ୍ତ୍ରୀ) 1. Able to walk or move about.
୨ । ଚଳନସହି (ଦେଖ)
2. Chaḻanasahi (See)

ଚଳନକ୍ଷମତା—(୬ଷ୍ଠୀ ତତ୍; ଚଳନ+କ୍ଷମତା)—ଚାଲିବାର ଶକ୍ତି ବା
Chaḻanakshamatā ସାମର୍ଥ୍ୟ; ଚଳଶକ୍ତି—
Strength or ability to move about.

ଚଳନଶୀଳ—ସଂ. ବିଣ.—ଗତିବିଶିଷ୍ଟ; ଗତିଶୀଳ—
Chaḻanaśiḻa Having motion; moving.

ଚଳନସହି—ଦେ. ବିଣ.—(ସଂ. ଚଳନ ଓ ସହ ଧାତୁ)—
Chaḻanasahi ୧ । କାର୍ଯ୍ୟ ଚଳିବାର ଉପଯୁକ୍ତ; ଯାହା
(ଚଳନସଇ—ଅନ୍ୟରୂପ) ଦ୍ୱାରା କାମ ଚଳି ପାରିପାରେ—
চলনসই 1. Passable; tolerable.
चलनसार ୨ । ସାଧାରଣରେ ପ୍ରଚଳିତ—
2. In current or ordinary use.

ଚଳନା—ସଂ. ବିଣ. ସ୍ତ୍ରୀ.—(ଚଳନ+ଆ)—୧ । ଚଳନର ସ୍ତ୍ରୀଲିଙ୍ଗ—
Chaḻanā 1. Feminine of chaḻana.
୨ । ଦୁଷ୍ଟା; ଅସଚ୍ଚରିତ୍ରା (ସ୍ତ୍ରୀ)—
2. Wanton (woman) (M. W.)

ଚଳନାକାଛ—ଦେ. ବି.—(ସଂ. ଚଳନ୍ ଓ. କଚ୍ଛ)—ଫେର ଲମ୍ବି ଥିବା
Chaḻanākāchha କାଛ ବା କାଛୁଆ; ଯେଉଁ କାଛର ଅଗ ପାଖ ଫେର ତଳକୁ ଲମ୍ବି ଥିବାରୁ ହଲୁଥାଏ—A tight loin-strip of cloth of which one end hangs down from the navel in front.

ଚଳନି—ଦେ. ବି.—ଚଳଣି (ଦେଖ)
Chaḻani Chaḻaṇi (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଟୁ' ନ ପାଇଲେ 'ବଟୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗୀ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚଳନିକା—ସଂ. ବି. ସ୍ତ୍ରୀ. (ଚଳନକ + ଆ)—ରେଶମୀ ଝାଲର—
Chaḻanikā Silken fringes (M. W.).

ଚଳନୀ—ସଂ. ବି. ସ୍ତ୍ରୀ. (ଚଳନ + ଈ)—୧ । ଚଳନକ (ଦେଖ)
Chaḻanī 1. Chaḻanaka (See)
୨ । ଘାଗରା (କ୍ଷୀରେନ୍ଦ୍ର)—2. Gown.

ଚଳନୀୟ—ସଂ. ବିଣ. (ଚଳ୍ ଧାତୁ + କର୍ମ. ଅନୀୟ)—
Chaḻanīya ୧ । ବ୍ୟବହାର୍ଯ୍ୟ; ଚଳିବାର ଯୋଗ୍ୟ—
1. Fit to be used.
୨ । ପ୍ରଚଳିତ; ଚଳୁଥିବା—2. In use; in vogue.
୩ । ଚାଳିତ ହେବାର ଯୋଗ୍ୟ—
3. Fit to be moved or shaken (M.W.); current.

ଚଳନ୍ତା—ଦେ. ବିଣ—ଚଳନ୍ତି (ଦେଖ)
Chaḻantā Chaḻanti (See)

ଚଳନ୍ତି—ଦେ ବିଣ. (ସଂ. ଚଳତ୍)—୧ । ପ୍ରଚଳିତ; ଚଳୁଥିବା—
Chaḻanti 1. In use; current; in vogue.
চলতি; চলন্ত ୨ । ଗତି କରୁଥିବା; ଗତିଶୀଳ; ଜଙ୍ଗମ—
चलता 2. Having motion; moving; movable.
(ଅଚଳନ୍ତି; ଅଚଳନ୍ତା—ବିପରୀତ) (ଯଥା—ଚଳନ୍ତି ଘଗଡ଼ରେ ହାତ ପୁରାଇବା—ନ୍ୟାୟ ।)
୩ । ଅଧୁନା ବ୍ୟବହୃତ; ଉପସ୍ଥିତ; ବର୍ତ୍ତମାନ ଘଟୁଥିବା; ଅଧୁନା ଲକ୍ଷିତ—3. Present; happening now.
୪ । ବ୍ୟବହାରରେ ଯାହାର ନେବା ଦେବା ହେଉଅଛି—
4. Now in circulation (e. g. coin)
(ଯଥା—ଚଳନ୍ତି ମୁଦ୍ରା ।)
୫ । ଅସ୍ଥାବର ସମ୍ପତ୍ତି—5. Movable (property).
୬ । ଯେଉଁ ମୁଦ୍ରାାଦିରେ କୌଣସି ଦୋଷ (ଯଥା—ଘଷରା ହୋଇଥିବା, ଭେଲ, କୌଣସି ଅଂଶରେ ଦାଗ ବା କଟା ଚିହ୍ନ ନ ଥିବା) ନ ଥିବାରୁ ତାହା ଚଳିବାରେ ବାଧା ନ ଥାଏ; ଚଳନୀୟ—6. Circulable (coin) which is not defective.
ଦେ. ବି—ଚଳନ୍ତି ମାଲ (ଦେଖ)—
Chaḻantimāla (See)

ଚଳନ୍ତି କୋରଖ—ଦେ. ବି (ସଂ. ଚଳତ୍ + ଫା. କୁର୍କ୍)—ଡିକ୍ରିଦାରର
Chaḻanti korakha ଦେୟ ପରିଶୋଧାର୍ଥ ଦେଣଦାରର ଅସ୍ଥାବର
চলতিমালক্রোখ্ সମ୍ପତ୍ତି ବିକ୍ରି ହେବାପାଇଁ ଅଦାଲତଦ୍ୱାରା ଅଟକା
चलतामालकी कुर्की ହେବା—Confiscation or attachment of the movables of a judgment debtor.

ଚଳନ୍ତି ତହବିଲ—ଦେ. ବି (ସଂ. ଚଳତ୍ + ଫା. ତହଭିଲ) ବାହାରର
Chaḻanti tahabila ତହବିଲ; ଯେଉଁ ତହବିଲରୁ ଦୈନନ୍ଦିନ
চলতি তবিল ବ୍ୟୟାଦି ଚଳେ—Current cash (as
चलता तहबील opposed to hoarded cash).
(ଗଚ୍ଛିତ—ବିପରୀତ ତହବିଲ)

ଚଳନ୍ତି ପ୍ରତିମା—ଦେ. ବି (ସଂ. ଚଳତ୍ ଓ ପ୍ରତିମା)—୧ । ବିଜେ
Chaḻanti pratimā ପ୍ରତିମା; ପ୍ରତିନିଧିରୂପେ ସ୍ଥାପିତ ଦେବମୂର୍ତ୍ତି—
চলতি প্রতিমা 1. Removable images of irremov-
चलती मूर्त्ति able idols (which are taken out to different places.)
[ଦ୍ର—ଯେଉଁ ଦେବମୂର୍ତ୍ତିମାନ ଅଚଳ ଅର୍ଥାତ୍ ସ୍ଥାନାନ୍ତରିତ ହେବା ଅସମ୍ଭବ (ଯଥା—ଶିବଲିଙ୍ଗ, ବଡ଼ ବଡ଼ ପାଷାଣବିଗ୍ରହ) ଦେବାଳୟମାନଙ୍କରେ ସେହି ମୂର୍ତ୍ତିମାନଙ୍କର ପ୍ରତିନିଧିରୂପେ କ୍ଷୁଦ୍ରତର ଅବୟବବିଶିଷ୍ଟ ଓ ସ୍ଥାନାନ୍ତରକୁ ଚାଳିତ ହେବା ଯୋଗ୍ୟ ମୂର୍ତ୍ତିମାନ ରଖାଯାଇ ପୂଜା କରାଯାଉଥାଆନ୍ତି । ଯାନଯାତ୍ରା ସମୟରେ ପ୍ରକୃତ ଦେବବିଗ୍ରହମାନଙ୍କୁ ବାହାରକୁ ନିଆ ନ ଯାଇ ଉକ୍ତ ଚଳନ୍ତି ପ୍ରତିମାମାନଙ୍କୁ ବିମାନାଦିରେ ଉତ୍ସବସ୍ଥଳକୁ ନିଆଯାଏ ।]
୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିଙ୍କର ପ୍ରତିନିଧି—
2. (figurative) A representative of a person.
(ଯଥା—ମେନେଜର ବାବୁ ରାଜା ସାହେବଙ୍କର ଚଳନ୍ତି ପ୍ରତିମା ।)

ଚଳନ୍ତି ମାଲ—ଦେ. ବି (ସଂ. ଚଳତ୍ ଓ ଫା. ମାଲ୍)—
Chaḻanti māla ଚଳନ୍ତି ସମ୍ପତ୍ତି (ଦେଖ)—
Chaḻanti sampatti (See)

ଚଳନ୍ତି ମୁଦ୍ରା—ଦେ. ବି. (ସଂ. ଚଳତ୍ + ଓ. ମୁଦ୍ରା)—
Chaḻanti mudrā ୧ । ପ୍ରଚଳିତ ମୁଦ୍ରା; ଯେଉଁ ମୁଦ୍ରା ଧନାଦିର
চলতিমুদ্রা ବିନିମୟରେ ବ୍ୟବହୃତ ହୁଏ—
चलति सिक्का 1. Current coin.
୨ । ଯେଉଁ ମୁଦ୍ରାର ରାଜକୀୟ ଛାପ ଆଦି ଘଷରା ହୋଇ ନ ଥାଏ ଓ ଯହିଁରେ ଦାଗ ଆଦି ନ ଥାଏ—
2. A coin in which the marks have not been worn out.

ଚଳନ୍ତି ସମ୍ପତ୍ତି—ଦେ. ବି. (ସଂ. ଚଳତ୍ + ସମ୍ପତ୍ତି)—ଅସ୍ଥାବର ଧନ;
Chaḻanti sampatti ଯେଉଁ ସମ୍ପତ୍ତିକୁ ସ୍ଥାନାନ୍ତରିତ କରାଯାଇ
চলতি সম্পত্তি ପାରେ—Movable property; the
चलती चीज movables; personal property.
(ଅଚଳନ୍ତି ସମ୍ପତ୍ତି—ବିପରୀତ)

ଚଳପକ୍ଷ—ଦେ. ବି. (ସଂ. ଚଳତ୍ + ଓ. ପକ୍ଷ)—
Chaḻapaksha ୧ । ସଚଳ ଅବସ୍ଥା; ଉତ୍ତମ ସାଂସାରିକ ଅବସ୍ଥା—
চলৎপক্ষ 1. Well-to-do condition; worldly
खुसहाल prosperity; easy worldly circumstance.
୨ । କୌଣସି କାର୍ଯ୍ୟ ଅଟକି ନ ଯାଇ ଚଳିଯିବା ଅବସ୍ଥା—
2. State of being passable or tolerable.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଶ	ଙ୍କ	ଇସ୍ପ	ଲ୍ଥ	ଦ୍ଧ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଥ	ଞ୍ଝ	ନ୍ତ

ଚଳପଟ—ଦେ. ବି—ଚଳପକ୍ଷ (ଦେଖ)
Chalapata Chalapaksha (See)

ଚଳପତ୍ର—ସଂ. ବି (ବହୁବ୍ରୀହି; ଚଳ=ଚଞ୍ଚଳ+ପତ୍ର)—
Chalapatra ଅଶ୍ୱତ୍ଥବୃକ୍ଷ; ଓସ୍ତଗଛ—
The Peepal tree; Ficus Religiosa.

ଚଳପ୍ରଚଳ—ଦେ. ବି (ଏକାର୍ଥକ ସହଚର)—୧ । ଗମନାଗମନ—
Chalaprachala 1. Coming and going; frequenting.
চলপ্রচল ୨ । ପରସ୍ପର ମଧ୍ୟରେ ସମ୍ପର୍କ—2. Intercourse.
ଚୋଟ୍ଟର ବନ୍ଧ ମୁକ୍ତି ନାହିଁ,
ଚଳପ୍ରଚଳ ଅବା କାହିଁ—ଭୂପତି. ପ୍ରେମପଞ୍ଚାମୃତ ।
୩ । ଗତିବିଧି—3. Movements.
ଦେ. ବଣ—୧ । ନିର୍ଦ୍ଧାରିତ ମାତ୍ରାରୁ ସାମାନ୍ୟ ମାତ୍ରାରେ କମ ବେଶୀ; ନିର୍ଦ୍ଦିଷ୍ଟ ମାତ୍ରାରୁ ସାମାନ୍ୟ ଅତିକ୍ରମ କରୁଥିବା—
1. A little more or less than the given quantity.
୨ । ଯାତାୟାତ—2. Frequenting; coming and going.
(ଯଥା—କଟକରେ ମୁଁ ପଇଁଚାଳିଶି ବର୍ଷ ହେଲା ଚଳପ୍ରଚଳ ହେଉଅଛି ।)
୩ । ପରସ୍ପର ମଧ୍ୟରେ ସମ୍ପର୍କଯୁକ୍ତ—3. Having mutual intercourse or connection.

ଚଳବିଚଳ—ଦେ. ବି—ଚଳପ୍ରଚଳ (ଦେଖ)
Chalabichala Chalaprachala (See).
[ଦ୍ର—ହିନ୍ଦୀରେ 'ଚଲବିଚଲ' ଶବ୍ଦର ବିଶେଷଣ ଅର୍ଥ ଦେଖିବଣା, ଅବ୍ୟବସ୍ଥିତ ଓ ସ୍ୱସ୍ଥାନଚ୍ୟୁତ ଓ ବିଶେଷ୍ୟ ଅର୍ଥ ବ୍ୟତିକ୍ରମ ।]

ଚଳମାଡ଼ିବା—ଦେ. କ୍ରି—୧ । ବିରକ୍ତି ବୋଧ ହେବା—
Chalamardiba 1. Feeling of displeasure
দিকদারীলাগা dissatisfaction.
दिकमालुमहोना ୨ । କାର୍ଯ୍ୟରେ ଦୁରାଗ୍ରହ ବା ଅଳସ୍ୟ ବା ବ୍ୟାପାରହୀନତା ଯୋଗୁଁ ବିରକ୍ତି ବୋଧ ହେବା; ଚଟା ଲାଗିବା—2. A feeling of ennui or disgust.

ଚଳମୁକୁଟିଆ—ଦେ. ବଣ (ସଂ. ଚଳ ଓ ମୁକୁଟ)—ମସ୍ତକଚାଳନ ହେତୁରୁ
Chalamukutia ଯେଉଁମାନଙ୍କ ମୁକୁଟ ଇତସ୍ତତଃ ସଞ୍ଚାଳିତ ହେଉଥାଏ—With the crowns moving to and fro (due to the movement of the head).
ଗୁରୁ ହରଷରେ ଯେଉ, ଚରୁଥାନ୍ତି ମୁକୁଟ ଚଳମୁକୁଟିଆ ସଖାମାନେ ।
କବିସୂର୍ଯ୍ୟ. କଳୋଲଚଉତିଶା ।

ଚଳସି—ଦେ (ପ୍ରାଚୀନ ପଦ୍ୟ) କ୍ରି (ସଂ. ଚଳ ଧାତୁ ବର୍ତ୍ତମାନ କାଳ
Chalasi ମଧ୍ୟମପୁରୁଷ ୧ ବଚନର ରୂପ)—(ତୁମ୍ଭେ) ଯାଅ; ଚାଲ—
(you) Go.
ଚକ୍ରବିନ୍ଦୁମୁଖେ ଚଳସି ସଖା,
ଶ୍ରୀକୃଷ୍ଣ ହୃଦରେ ମଦନବାଧା—ପ୍ରାଚୀ. ରସବାରିଧି ।

ଚଳା—ସଂ. ବଣ. ସ୍ତ୍ରୀ (ଚଳ+ସ୍ତ୍ରୀ. ଆ)—ଚଳର ସ୍ତ୍ରୀଲିଙ୍ଗ—
Chala Feminine of Chala.
୧ । ଚଞ୍ଚଳା (ସ୍ତ୍ରୀ)—1. Moving (female).
୨ । ଅସ୍ଥିରା—2. Roving.
ସଂ. ବି. ସ୍ତ୍ରୀ—୧ । ଲକ୍ଷ୍ମୀ—1. Lakshmi; Goddess of fortune.
୨ । ବିଦ୍ୟୁତ୍—2. Lightning.
ଦେ. ବି—୧ । ଚଳଚଳ ହେବା—1. Moving.
୨ । ଟିପ୍ପଣୀ; ଚିଠା; ସଂକ୍ଷିପ୍ତ ହିସାବ—
2. Short note; memo.
୩ । (ସଂ. ଚଲ୍ଲ) ଚଳ; ପୋଷ—3. Handful.
୪ । ପ୍ରେରିତ ଟଙ୍କା ବା ଜିନଷର ତାଲିକା; ଚାଲାଣ—
4. Invoice; memo of consigned or transmitted articles or cash.

ଚଲ୍ଲା—ଦେ. ବି—୧ । ଚାଲୁଣୀଦ୍ୱାରା ଚଲ୍ଲାଇବା କାର୍ଯ୍ୟ—
Challa 1. Act of sifting through a sieve.
চলা ୨ । ଚାଲିବା—2 Walking.
୩ । ଥଳ; ନଦୀର ପାଣି କମିଯିବା ଯୋଗୁଁ ଲୋକେ ନଈରେ ପଶି ନଈ ପାର ହେବା ଅବସ୍ଥା—
3. Fordable condition of a river.
୪ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ; ଯଥା—ଖଇଚଲ୍ଲା, ବିରିଚଲ୍ଲା, ଚାଉଳଚଲ୍ଲା) ଚାଲୁଣୀ—4. Sieve.
ଦେ. ବଣ—୧ । ଯେଉଁ ପଥରେ କେବଳ ପାଦରେ ଚାଲି ଯିବାକୁ ହୁଏ—
1. (road or path) Passable by foot.
(ଯଥା—ଚଲ୍ଲା ବାଟ ।)
(ଗଞ୍ଜାମ; ଖଣ୍ଡ—ବିପରୀତ) ୨ । ନଦୀର ଯେଉଁ ଅଂଶରେ ମନୁଷ୍ୟ ପଶି ଚାଲିଯାଇ ପାରେ—
2. Fordable part of a river.
ପ୍ରାଦେ. (ଗଞ୍ଜାମ) ବି—ଜଳମିଶ୍ରିତ ଘୋଳଦହି; ତକ୍ର—
Churned curd.

ଚଳାଇବା—ଦେ. କ୍ରି. (ସଂ. ଚଲ୍ ଧାତୁ ଣିଚ୍=ଚାଳ ଧାତୁ; ଚଳିବାର
Chalaiba ଣିଜନ୍ତରୂପ; Causative form of Chalba)—
চালান ୧ । ଚାଳିତ କରିବା; ଚାଲିବା; ଗତି କରାଇବା—
चलान; चलावाना 1. To set a going; to cause to
(ଚଳେଇବା—ଅନ୍ୟରୂପ) move; to set in motion.
ଚକ୍ରପାଣିରେ ଚକ୍ରପତି ବା, ଚଳାଇବାକୁ ହେବାକୁ ମୋଦବା—
କବିସୂର୍ଯ୍ୟ. କବିତାକଲ୍ଲୋଳନୀ ।
୨ । ଅନ୍ୟ ଲୋକଙ୍କୁ କାର୍ଯ୍ୟ କରାଇବା—2. To cause another to work; to have a work done by another.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ପଙ୍କ୍ତି ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତି ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'ବୃଥା' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧେ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । କାମ ଅଞ୍ଜାମ କରିବା; କାର୍ଯ୍ୟ ସମାଧା କରିବା; କାର୍ଯ୍ୟ ଭୁଲାଇବା; ନିର୍ବାହ କରିବା—3. To accomplish a work any how; to carry on a work.

(ଯଥା—ଏ ବିଭାଘରକୁ ଟଙ୍କା ପଚାଶଟି ମଧ୍ୟରେ ଚଲାଇନିଅ) ।

୪ । ନେତାରୂପେ ପରିଚାଳନ କରିବା—
4. To guide; to conduct; to lead.

ଆସିଲେ ସେହିଠାକୁ ସଇନ ଚଲାଇ—କୃଷ୍ଣସିଂହ. ମହାଭାରତ. ବନ ।

୫ । ବିରକ୍ତ କରିବା; ହଦ୍ କରିବା —
5. To tease; to displease.

୬ । ରଗାଇବା; କ୍ରୁଦ୍ଧ କରିବା; ଚଡ଼ାଇବା —
6. To enrage; to irritate.

୭ । କୌଣସି ନୂତନ ରୀତି ବା ନିୟମର ପ୍ରବର୍ତ୍ତନ କରିବା—
7. To introduce a new rule or system; to promulgate.

୮ । କୌଣସି ଜାତିଚ୍ୟୁତ ବା ନବାଗତ ବ୍ୟକ୍ତିକୁ ସମାଜଭୁକ୍ତ କରି ସାମାଜିକ କାର୍ଯ୍ୟରେ ତାହାର ଯୋଗ ଦେବାର ସୁବିଧା କରିବା—8. To enable a person to have social intercourse in a particular society; to introduce a person into a society.

୯ । ଅପ୍ରଚଳିତ ବସ୍ତୁକୁ ଲୋକସାଧାରଣଙ୍କ ମଧ୍ୟରେ ପ୍ରଚଳିତ କରାଇବା—9. To utter (a coin); to make a thing current; to pass a counterfiet coin.

(ଯଥା—ଇଂରେଜ ଗଭର୍ଣ୍ଣମେଣ୍ଟ ଏବେ ଏ ଦେଶରେ ଟଙ୍କା ଯଉପରେ ନୋଟ ଚଲାଇଲେଣି ।)

୧୦ । ଯାନାଦି ଚାଳିତ କରିବାପାଇଁ ବଳଦ ବା ଘୋଡ଼ା ଆଦିଙ୍କୁ ନିଯୁକ୍ତ କରିବା— 10. To drive a conveyance (e. g. carriage, cart, motor or rail.

୧୧ । କୌଣସି ନୂତନ ବସ୍ତୁ କୌଣସି ଅଞ୍ଚଳରେ ଚଳିବାର ବା ବ୍ୟବହୃତ ହେବାର ଉପାୟ କରିବା— 11. To introduce the use of a new thing; to cause a thing to be used.

(ଯଥା— ବ୍ରହ୍ମଚାରୀ ସାକ୍ଷୀଗୋପାଳଙ୍କ ଭୋଗରେ କଦଳୀ, ଅମ୍ବ, ପଣସ ମଞ୍ଜି ଓ କାଙ୍କୁଡ଼ିଭଜା ଚଲାଇଲେ କିନ୍ତୁ ଅନ୍ନ, ଡାଲି ଚଲାଇ ପାରିଲେ ନାହିଁ ।)

୧୨ । ପ୍ରଚାରିତ କରିବା—
12. To circulate; to promulgate.

୧୩ । କୌଣସି ବିଷୟ ବା ବସ୍ତୁକୁ ବ୍ୟବହାର କରିବାପାଇଁ ସମାଜରେ ଗ୍ରହଣ କରିବା—13. To admit or accept a thing into social use.

[ଦ୍ର— ଆଜିକାଲି ନବ୍ୟଶିକ୍ଷିତ ଯୁବକମାନେ ବ୍ରାହ୍ମଣକୁଳରେ ବିଧବାବିବାହ ଚଲାଇଲେଣି ।]

୧୪ । ଆଭରଣସ୍ୱରୂପ ଗ୍ରହଣ କରିବା; ଭରିବା—
14. To put on.

ବରଣ୍ଣ ମୃଗ ପଛରେ ପୃଷ୍ଠକୁ ଲୁଚାଇ,
ବସୁଧାପତି ନେଇ ତା ମସ୍ତକେ ଚଲାଇ । ଭଞ୍ଜ. ବୈଦେହୀଶବିଳାସ ।

୧୫ । ସ୍ଥାନାନ୍ତରକୁ ପଠାଯିବାର ଉପାୟ କରିବା —
15. To cause a thing to be sent from one place to another.

(ଯଥା— ବିଭାଘର ପାଇଁ ଗୃହକର୍ତ୍ତା ନିମନ୍ତ୍ରଣପତ୍ର ଓ ଗୁଆ ଚଲାଇ ଦେଲେ ।)

୧୬ । କୌଣସି ଦ୍ରବ୍ୟ ବ୍ୟବହାର କରିବାକୁ ନିଜକୁ ଅଭ୍ୟସ୍ତ କରିବା—16. To habituate one'sself to the use of something.

(ଯଥା—ଆଗେ ମୋ ଦେହରେ ଅଫିମ ଚଳୁ ନ ଥିଲା; କିନ୍ତୁ ଫୁରୁସତ କରି ଦିନାକେତେ ଖାଇବାଦ୍ୱାରା ମୁଁ ମୋ ଦେହରେ ଏବେ ଅଫିମକୁ ଚଲାଇଲିଣି ।)

୧୭ । କୌଣସି ବ୍ୟକ୍ତିର ଅଭାବ ଅଦି ପୂରଣ କରିବା—
17. To administer to the wants of a person.

(ଯଥା— ଆପଣ ମୋତେ ୧୦ ବର୍ଷ ହେଲା ଚଲାଇ ଆସିଲେ, ବର୍ତ୍ତମାନ ବୃଦ୍ଧ ବୟସରେ ଦରମା କାଟି ଦେଲେ ମୁଁ କେଉଁ ଆଡ଼େ ଯିବି ।)

ଚଲାଇବା—ଦେ. କ୍ରି.—୧ । ଚାଲିବାର ଣିଜନ୍ତ ରୂପ—1. Causative form of chāliba.
Chalāibā
চালান
चलवाना

୨ । କୌଣସି ବ୍ୟକ୍ତି ପାଦଚାରଣଦ୍ୱାରା ଗତି କରିବାର ଘଟନା କରିବା— 2. To cause a person to walk.

(ଯଥା— ବାପା ଖଣ୍ଡେ ଗାଡ଼ି ଭଡ଼ା ନ କରି ୫ ବର୍ଷର ପିଲାଟାକୁ ତିନି କୋଶ ବାଟ ଚଲାଇଲେ ।)

୩ । ଚାଲୁଣୀଦ୍ୱାରା କୌଣସି ବସ୍ତୁରୁ ସୂକ୍ଷ୍ମାଂଶ ବା ଚୋପା ବାହାର କରିବା—3. To sift with a sieve.

୪ । ପ୍ରଚାରିତ କରିବା; ଜାରି କରିବା—
4. To promulgate.

(ଯଥା—ମେନେଜର ବାବୁ ଚଉକିରେ ବସି ହୁକୁମ ହୁକୁମ ଚଲାଉ ଅଛନ୍ତି ।)

୫ । ଅଙ୍ଗରେ ଅସ୍ତ୍ରାଦି ପ୍ରୟୋଗ କରିବା— 5. To apply a knife or other insrument to the body.

(ଯଥା—ଡାକ୍ତର ବ୍ରଣରେ ଛୁରୀ ଚଲାଇଲେ; ସେ ନିଜ ଦାଢ଼ିରେ ଖୁର ଚଲାଇଦେଲା ।)

୯	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଣ୍ଟ	ଡ଼ଅ	ଙ୍ଗ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଙ୍କ	ନ୍ତ

୬ । ଅସ୍ତ୍ରଶସ୍ତ୍ର ଓ ଯନ୍ତ୍ରାଦିଦ୍ୱାରା ଅଭିପ୍ରେତ କର୍ମ କରିବା— 6. To wield a weapon or instrument.
(ଯଥା – ବନ୍ଧୁକ ଚଲାଇବା, ଖଣ୍ଡା ଚଲାଇବା, ଠେଙ୍ଗା ଚଲାଇବା) ।
୭ । ଚଳାଇବା; ସୁପରିଚାଳିତ କରିବା—7. To manage.
(ଯଥା—ସ୍କୁଲ ଚଲାଇବା; ଜମିଦାରୀ ଚଲାଇବା ।)
চলেযাওয়া ୮ । ପାଦଦ୍ୱାରା ଗମନ କରିବା; ଚାଲିଯିବା—
চলযানা 8. To walk.
(ଚଲେଇବା—ଅନ୍ୟରୂପ)
(ଯଥା—ବାବାଜୀ ରଜାଙ୍କଠାରୁ ବିଦାୟ ପାଇ ବନ୍ଧୁଦ୍ୱାରୁ ଚଲାଇଲେ ।)
୯ । କୌଣସି ସ୍ଥାନ ତ୍ୟାଗ କରିବା—9. To go away from or leave a place.
୧୦ । ମୃତ ହେବା; ପରଲୋକ ଗମନ କରିବା—10 To die.
(ଯଥା—ଗୁରୁଦେବ ଶିଷ୍ୟମାନଙ୍କୁ ଛାଡ଼ିଦେଇ ଚଲାଇଲେ ।)

ଚଲାକ୍—ବୈଦେ. ବିଣ. (ଫା. ଚାଲାକ୍;) ତୁଲ. ସଂ. ଚାଳକ)—
Chalāk ୧ । ବୁଦ୍ଧିଜୀବୀ—
চালাক, চালাখ 1. Intelligent.
চালাক ୨ । ଚତୁର—2. Clever.
ଚଲାକ ଲୋକ କହିଲା......ସେଥିର ଠିକର ମୋତେ ଜଣା ।
ଫକୀରମୋହନ. ଛମାଣଆଠଗୁଣ୍ଠ ।
(ଚଲାଖ—ଅନ୍ୟରୂପ) ୩ । ଧୂର୍ତ୍ତ; ଚାଲ୍‌ବାଜ୍—
3. Sly; cunning; artful; shrewd; crafty.

ଚଲାକ୍‌ଚତୁର—ଦେ. ବିଣ. (ସହଚର)—୧ । ଚତୁର—1. Clever.
Chalākchatura ୨ । ଧୂର୍ତ୍ତ ଓ ଚତୁର—
চালাখচতুর 2 Sly and active.
(ଚଲାଖଚତୁର—ଅନ୍ୟରୂପ)

ଚଲାକି—ଦେ. ବି. (ସଂ. ଚଳ ଧାତୁ)—ପାଦରେ ଚାଲିବା; ପଦବ୍ରଜ;
Chalāki ପାଦଚାରଣ—Walking on foot.
(ଯଥା—ମୁଁ ପୁରୀଠାରୁ ଚଲାକିରେ କଟକ ଅସିଲି ।)
ଦେ. ବିଣ—୧ । ଯେଉଁ ବାଟରେ ଗାଡ଼ି ଘୋଡ଼ାର ବ୍ୟବହାର କରାଯାଇ ପାରେ ନାହିଁ—କେବଳ ଗୋଡ଼ରେ ଚାଲିବାକୁ ହୁଏ—(a road) Passable by foot only (i. e. not passable by any conveyance).
୨ । ଯେଉଁ ପଥରେ କାଦୁଅ ଅଦି ନ ଥିବାରୁ କମ୍ବା ସମତଳ ହୋଇଥିବାରୁ ସେଥିରେ ଚାଲିବାକୁ ସୁଖ ହୁଏ—
2. (a road) Which is comfortable to walk upon.

ବୈଦେ. ବି. (ଫା. ଚାଲାକୀ)—୧ । ତୀକ୍ଷ୍ଣବୁଦ୍ଧି—
চালাকী; চলাখী 1. Sharp intelligence.
চালাকী ୨ । ଚତୁରତା—2. Cleverness
(ଚଲାଖି—ଅନ୍ୟରୂପ) ୩ । ଫନ୍ଦି; ଧୂର୍ତ୍ତତା—
3. Trick; fraud; artifice.

ଚଲାକିଆ—ଦେ. ବିଣ—ଚଲାକ (ଦେଖ)
Chalākiā Chalāka (See)
(ଚଲାଖିଆ—ଅନ୍ୟରୂପ)

ଚଲାକି କାଢ଼ିବା—ଦେ. କ୍ରି—କାର୍ଯ୍ୟରେ ବା ବାକ୍ୟରେ ଫନ୍ଦି ବା
Chalāki kā**ṛh**ibā ଧୂର୍ତ୍ତପଣ ପ୍ରକାଶ କରିବା—
চালাকীমারা To show any trick.
চালাকীখেলনা
ଚଲାକି ଖେଳିବା
ଚଲାକି ଦେଖାଇବା
ଚଲାକି ବତାଇବା
ଚଲାକି ବାହାର କରିବା } ଅନ୍ୟରୂପ

ଚଲାଖ୍ (ଇତ୍ୟାଦି)—ବୈଦେ. ବିଣ. (ଫା)—ଚଲାକ୍ ଇତ୍ୟାଦି (ଦେଖ)
Chalākh (etc) Chalāk etc (See)

ଚଲାଖି (ଇତ୍ୟାଦି)—ବୈଦେ. ବି. (ଫା)—ଚଲାକି ଇତ୍ୟାଦି (ଦେଖ)
Chalākhi (etc) Chalāki etc (See)

ଚଲାଖିଆ—ଦେ. ବିଣ—ଚଲାକିଆ (ଦେଖ)
Chalākhiā Chalākiā (See)

ଚଳାଚଳ—ସଂ. ବିଣ. ପୁଂ. (ଚଳ+ଚଳ; ନିପାତନ)—୧ । ତ୍ୱରିତ—
Cha<u>l</u>ācha<u>l</u>a 1. Quick; speedy.
୨ । ଲୋଲ; ଅତ୍ୟନ୍ତ ଚଞ୍ଚଳ—
2. Very fickle; unstable wavering.
୩ । ସର୍ବଦା ଗତିବିଶିଷ୍ଟ (ସଂସାରଚକ୍ର)—
3. Evermoving (M. W.)
୪ । ଇତସ୍ତତଃ ଗତିଶୀଳ—4. Moving to and fro.
କି ଦଶେ ଚଳାଚଳ ଗୁରୁ ଚକ୍ରକାଢ଼ିଲ । କବିସୂର୍ଯ୍ୟ. କଣୋଦ୍ଧାରକମ୍ବୁ ।
୫ । ପରିବର୍ତ୍ତନଶୀଳ—5. Changeable (M. W.)
୬ । (ଚଳ+ଅଚଳ)—ପ୍ରଚଳିତ ଓ ଅପ୍ରଚଳିତ; ବ୍ୟବହୃତ ଓ ଅବ୍ୟବହୃତ—6. Current and obsolete; used and unused.
୭ । ଚଳନ୍ତ ଓ ଅଚଳନ୍ତ (ପଦାର୍ଥ)—7. Movable and immovable; locomotive and stationary (things).
୮ । (ଅସ୍ଥିବିଜ୍ଞାନ) ଅଂଶତ ଚଳୁଥିବା ପୁଣି ଅଚଳ ହେବା (ଅସ୍ଥିସନ୍ଧି) (ଜ୍ଞାନେନ୍ଦ୍ର)—8. (osteology) Appearthrodial (bone-joints).
ସଂ. ବି—୧ । କାକ—1. Crow; raven.
୨ । ବାକ୍ୟ (ଜ୍ଞାନେନ୍ଦ୍ର)—2. Word; speech.
୩ । (ଆଧୁନିକ ଅସ୍ଥିବିଜ୍ଞାନପରିଭାଷା)—ଯେଉଁ ସବୁ ଅସ୍ଥିସନ୍ଧି ଅଂଶିକ ଚଳେ ଓ ପୁଣି ଅଚଳ ହୁଏ (ଜ୍ଞାନେନ୍ଦ୍ର)—(osteology) Amphiarthrodial joints; mixed joints.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଲେଖା କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଅନ୍ୟର ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଥ' ନ ମିଳିଲେ 'କୃଷ' ଦେଖିବେ; 'ବଥୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ୍ୟା'ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

୪ । (ଅସ୍ଥିବିଜ୍ଞାନ) ଚଳାଚଳ ଅସ୍ଥିସନ୍ଧିର ଆଂଶିକ ଚଳନ ଓ ସ୍ଥିରତା (କ୍ଲୀବେନ୍ଦ୍ର)—4. (Osteology) Amphiarthrosis; symphysis.

ଦେ. ବି—୧ । ପରସ୍ପର ମଧ୍ୟରେ ସାମାଜିକ ସମ୍ପର୍କତା ବା ସଂଶ୍ରବ;
चलाचला ଚଳାଚଳ—1. Social intercourse; mutual social connection.

୨ । କାର୍ଯ୍ୟ ଚଳିବା; କାର୍ଯ୍ୟନିର୍ବାହ; କାର୍ଯ୍ୟ ପରିଚାଳନ—
2. Administration; conduct of business; management.

୩ । ଗମନାଗମନ; ଚଳପ୍ରଚଳ—
3. Coming and going.

୪ । ସାଂସାରିକ ସ୍ୱାଚ୍ଛନ୍ଦ୍ୟ—4. Making both ends meet; state of a person being well-to-do.

୫ । ଚଳାଚଳି (ଦେଖ)
5. Chalāchali (See)

ଦେ. ବିଣ— ଚଳପ୍ରଚଳ (ଦେଖ)
Chalaprachala (See)

ଚଳାଚଳସୀବନୀ—ସଂ. ବି. (ଆଧୁନିକ ଅସ୍ଥି ବିଜ୍ଞାନପରିଭାଷା)—
Chalāchalasibani ସିଁଅ ହୋଇଥିବା ଚଳାଚଳ ଅସ୍ଥିସନ୍ଧି (କ୍ଲୀବେନ୍ଦ୍ର)—(osteology) Sacrum Coccyx.

ଚଳାଚଳି—ଦେ. ବି. (ସଂ. ଚଳନ)—
Chalāchali ୧ । ପରସ୍ପର ମଧ୍ୟରେ ସଂଶ୍ରବ—
चलाचलि 1. Mutual connection; intercourse.
चलाचली ୨ । କାର୍ଯ୍ୟଚାଳନ; ପରିଚାଳନ; ଶାସନ—
2 Management; administration.

୩ । ସମ୍ପାଦନ—
3. Accomplishment; carrying on.

୪ । ସାମାଜିକ ସଂଶ୍ରବ—4. Social intercourse.

୫ । ଯିବା ଆସିବା; ଗମନାଗମନ —
5. Frequenting; coming and going.

ଚଲାଚଲି—ଦେ. ବି—୧ । ପାଦଦ୍ୱାରା ଗମନ; ପାଦରେ ଯିବା—
Chalāchali 1. Walking on foot.

୨ । ବୁଲାବୁଲି; ଏଣେ ତେଣେ ଯିବା; ଇତସ୍ତତଃ ଗତି—
2. Moving to and fro.

୩ । ଚାଲୁଣୀରେ ଛାଣିବା—
3. Sifting by a sieve.

ଚଳାଣ—ଦେ. ବିଣ. (ସଂ. ଚାଳକ)—ଯେ ରାଜାଙ୍କର କାର୍ଯ୍ୟ ଚଳାନ୍ତି;
Chalāna ରାଜକାର୍ଯ୍ୟ ପରିଚାଳନକାରୀ—
Conducting royal business.

ରାଜବଧ୍ୟ ଯେତେ ବେଭାର
ଚଳାଣ ପରୀକ୍ଷା ବଳ ତେଜ ସଙ୍ଗର । ପ୍ରାଚୀ. ଲବଚରିତ ।

ଦେ. ବି—ଚଲାଣ (ଦେଖ)
Chalāna (See)

ଚଲାଣ—ଦେ. ବି. (ସଂ. ଚଲ ଧାତୁରୁ ଚାଳନ)—
Chalāna ୧ । ପଣ୍ୟ ଦ୍ରବ୍ୟାଦିର ପ୍ରେରଣ; ରପ୍ତାନି—
चालान् 1. Exporting commodities.
चलान, चालान ୨ । ଧନାଦିର ପ୍ରେରଣ— 2. Remittance of
(ଚଲାନ୍—ଅନ୍ୟରୂପ) money or things; transmittance.

୩ । ପୁଲିସଦ୍ୱାରା ଧୃତ ଅପରାଧୀ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟଙ୍କ ନିକଟକୁ ବିଚାରାର୍ଥ ପ୍ରେରଣ କରିବା—3. Sending up of an accused arrested by the police in custody for trial to a magistrate.

୪ । ପ୍ରେରିତ ପଣ୍ୟ ଦ୍ରବ୍ୟ ସଙ୍ଗେ ପଠାଯିବା ତାଲିକା—
4 Memo or invoice of articles sent.

୫ । ରାଜକୋଷରେ ଟଙ୍କା ଦାଖଲ କରିବାର ଚୁମ୍ବକ ବିବରଣ ପତ୍ର ବା ଟୀପା—5. A memo of remittances sent to the treasury.

[ଦ୍ର—ପ୍ରେରକ ଟଙ୍କା ସଙ୍ଗେ ଚଲାଣକୁ ପଠାଏ ଏବଂ ଟଙ୍କା ପାଇବା ବ୍ୟକ୍ତି ପ୍ରାପ୍ତିସ୍ୱୀକାରପୂର୍ବକ ଏଥିରେ ସ୍ୱାକ୍ଷର କରି ପ୍ରେରକଙ୍କ ନିକଟକୁ ଏହାକୁ ଫେରାଇ ଦିଏ । ମାଦକ ଦ୍ରବ୍ୟ ଅବକାରୀ ଜିନିଷ ସଙ୍ଗେ ଯେଉଁ ଚଲାଣ (ପତ୍ର) ଯାଏ, ମାଲ ନେଉଥିବା ବ୍ୟକ୍ତି ପକ୍ଷରେ ତାହା ଛାଡ଼ ଚିଠି (Pass-port) ର ମଧ୍ୟ କାମ କରେ । ଏ ଶବ୍ଦ ଇଂରାଜୀ ଭାଷାରେ ମଧ୍ୟ ଚଳନ୍ତି—Chalān.]

ଚଲାଣ କରିବା—ଦେ. କ୍ରି—୧ । ଅପରାଧୀଙ୍କୁ ଗିରଫଦାର କରି ବିଚାରାର୍ଥ
Chalāna kariba ପ୍ରେରଣ କରିବା—1. To send up an
चालानकरा accused for trial; to chalān.
चलानदेना ୨ । ଧନାଦି ପ୍ରେରଣ କରିବା—2. To send
(ଚଲାଣଦେବା—ଅନ୍ୟରୂପ) articles; to remit money.

୩ । ପଣ୍ୟ ଦ୍ରବ୍ୟ ରପ୍ତାନି କରିବା—3. To export commodities; to send commodities abroad.

୪ । କୁଲିମାନଙ୍କୁ ଦୂର ଦେଶକୁ ପଠାଇବା—
4. To send up batches of coolies or hired labourers abroad.

ଚଲାଣଦାର—ଦେ. ବି. (ସଂ. ଚାଳନ + ପା. ପ୍ରତ୍ୟୟ ଦାର୍)—
Chalānadār ଚଲାଣି ମାଲ ବା ଆସାମୀ ସଙ୍ଗେ ଯେଉଁ ବ୍ୟକ୍ତି ଯାଏ-
चालानदार The person who accompanies a remittance export or sent up person.
चलानदार

ଚଲାଣି—ଦେ· ବି— ଟଙ୍କା ବା ଜିନିଷ ପଠାଇବା—
Chalāni Remittance of articles or money.
चालानि ଦେ. ବିଣ—୧ । ପଠାଯାଉଥିବା (ଦ୍ରବ୍ୟ)—
चलानी 1. Remitted (articles).

୨ । ରପ୍ତାନିର ଉପଯୋଗୀ—
2. Fit for being exported.

୧	ଇ	ଙ୍	ରୁ,ରୂ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	କ୍ଷ	ଇସ୍ତୃ	ଡଅ	ଭ
୨	ଈ	ଊ	ରୁ	ଲୁ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ନ୍ଥ

୩ । ବିଚାରାର୍ଥ ପ୍ରେରିତ (ଅପରାଧୀ)—
3. (accused) Sent up for trial.

ଚଳାତଙ୍କ—ଦେ. ବି. ପୁଂ. (ଚଳ+ଅତଙ୍କ)—
Chalātanka ୧ । ବାତରୋଗ (କ୍ଲାରେନ୍ସ)—
1. Rheumatism (M.W.)
୨ । ଥରି ବାତ (ହି. ଶବ୍ଦସାଗର)—2. A disease resulting in fits of violent trembling.

ଚଳାନ୍ (ଇତ୍ୟାଦି)—ଗ୍ରା. ବି—ଚଳାଣ ଇତ୍ୟାଦି (ଦେଖ)
Chalān (etc) Chalāṇa etc. (See)

ଚଳାପାଙ୍ଗ—ସଂ. ବି. (କର୍ମଧା; ଚଳ+ଅପାଙ୍ଗ)—
Chalāpānga ୧ । ଚଞ୍ଚଳଚକ୍ଷୁକୋଣ—
1. Restless eyes.
୨ । ଇତସ୍ତତଃ ସଞ୍ଚାଳିତ ଚକ୍ଷୁର କୌଣିକ ଦୃଷ୍ଟି—
2. Wandering side-glance.
(ଚଳାପାଙ୍ଗୀ—ସ୍ତ୍ରୀ) ସଂ. ବିଶ. (ବହୁବ୍ରୀହି)—
ଚଞ୍ଚଳ ଅପାଙ୍ଗଯୁକ୍ତ (ବ୍ୟକ୍ତି)—With wandering side-glances; casting quick furtive glances.

ଗୁରୁ ଚକ୍ଷୁ ନିଶାଇଲୁ ଅସିରେ ଚଳାପାଙ୍ଗି ।
କବିସୂର୍ଯ୍ୟ, କଶୋସରଚନ୍ଦ୍ର. ନ ଗୀତ ।

ଚଳାଫେରା (ଇତ୍ୟାଦି)—ଦେ. ବି—ଚଳାବୁଲା ଇତ୍ୟାଦି (ଦେଖ)
Chalāpherā etc Chalābulā etc (See).
(ଚଳାଫେରି—ଅନ୍ୟରୂପ)

ଚଳାବଇ—ଦେ. ପ୍ରାଚୀନ ପଦ୍ୟ. କ୍ରି (ସଂ. ଚଳ ଧାତୁ ଣିଜନ୍ତ=ଚାଳ ଧାତୁ
Chalābai ଚଳାଇବା କ୍ରିୟାର ବର୍ତ୍ତମାନକାଳ ନାମ ପୁରୁଷ ଏକ ବଚନ)—ଚଳାଏ—Guides; conducts.

ଏ ଭାବ ପ୍ରକାଶ କରଇ,
ଭୃଙ୍ଗ ସର୍ବଙ୍କ ଚଳାବଇ—ଜଗନ୍ନାଥ. ଭାଗବତ ।

[ଦ୍ର—ଭୁଲନାକର—କରନ୍ତି ସ୍ଥାନରେ ପ୍ରାଚୀନ ପ୍ରୟୋଗ କରବନ୍ତି, ଗାଏ ସ୍ଥାନରେ ଗାବଇ; ଗାଆନ୍ତି ସ୍ଥାନରେ ଗାବନ୍ତି; ଶୁଣାନ୍ତି ସ୍ଥାନରେ ଶୁଣାବନ୍ତି; ଦେଖାନ୍ତି ସ୍ଥାନରେ ଦେଖାବନ୍ତି । ଭୁଲନାକର—ହିନ୍ଦୀ ଚଲ୍‌ନା (ଚଳବା) ର ଣିଜନ୍ତରୂପ ଚଲ୍‌ବାନା; କର୍‌ନା (କରିବା) ର ଣିଜନ୍ତରୂପ କର୍‌ବାନା ।]

ଚଳାବୁଲା—ଦେ. ବି (ଏକାର୍ଥକ ସହଚର; ସଂ. ଚଳନ+ଭ୍ରମଣ)—
Chalābulā ୧ । ଇତସ୍ତତଃ ଗମନ—
ଚଲାଫିରା; ଚଲାବୁଲା; ଚଲାବୋଲା 1. Moving to and fro.
चलतफिरता, डोलडाल ୨ । ଇତସ୍ତତଃ ଭ୍ରମଣ—
2. Walking about.
୩ । ଯାତାୟାତ କରିବା—3. Frequenting.
୪ । ପାଦଗୁରୁଣ—4. Walking.
ଦେ. ବିଶ—ଇତସ୍ତତଃ ଭ୍ରମଣ କରୁଥିବା—
Moving about.

ଚଳାମଣି—ପ୍ରାଦେ (ଗଞ୍ଜାମ) ବି—ଦେଶରେ କୌଣସି ଧାତୁ ବା ମୁଦ୍ରାର
Chalāmaṇi ଅଦାନପ୍ରଦାନ ଓ କାରବାରରେ ପ୍ରଚଳନ; ଚଳଣି—Currency.

ଚୀନଦେଶ କ୍ରମେ ରୂପା ଚଳାମଣି ବନ୍ଦ କରିବାପାଇଁ ନାନା ଉପାୟ କରୁଛି ।
ଦୈନିକ ଆଶା ୧୯୩୨୮୧ ।

ଚଳାୟିବା—ଦେ. କ୍ରି (ପ୍ରାଚୀନ ପଦ୍ୟ) (ସଂ. ଚଳ୍ ଧାତୁ)—
Chalāyibā ଚଳିବା; ଗତି କରିବା—To go.

ଦ୍ରବ୍ୟବେଶ ସର୍ବ ଘେଣି ଯାଉ ଯେତେ ପରିଜନ
ସେବାସୁଧ ସଙ୍ଗେ ଯେନ ସର୍ବେ ଚଳା ସ୍ୱ—ପ୍ରାଚୀ. ଉତ୍ତରରାମଚରିତ ।

ଚଳିଉଠିବା—ଦେ. କ୍ରି—ହଠାତ୍ ରାଗିଯିବା; ସ୍ୱଗାନ୍ଧିତ ହେବା—
Chaliuthibā To be easily irritated.

ରକ୍ଷସ ବୋଇଲେ ଉଗ୍ନୀଙ୍କ ଚଳିଉଠି
ତାହାଙ୍କୁ ନ କହୁଛୁ ମୋତେ କର ପିଠି—କୃଷ୍ଣସିଂହ. ମହାଭାରତ. ବନ ।

ଚଳିଚାଳିଯିବା—ଗ୍ରା. କ୍ରି—୧ । (କାର୍ଯ୍ୟ) ସମାଧା ହେବା—
Chalichālijibā 1. (work) To be accomplished;
চলেচেলেযাওয়া accomplishment (of a work).

ଚଳିତ—ସଂ. ବିଶ (ଚଳ ଧାତୁ+କର୍ତ୍ତୃ. ତ)—
Chalita ୧ । ପ୍ରସ୍ଥିତ; ଗତ—
1. Gone; departed; preceded.
୨ । ଅସ୍ଥିର—2. Fickle.
୩ । କମ୍ପିତ—3. Trembling.
୪ । ନିଯୁକ୍ତ—4. Employed.
ସଂ. ବି (+ଭାବ. ତ) ଚଳନ; ଗତି—
Motion; movement.
ଦେ ବିଶ—ଯାହା ଚଳୁଅଛି; ବ୍ୟବହୃତ; ପ୍ରଚଳିତ (କଥା)—
Current; in vogue; in use.

ଚଳିବା—ଦେ. କ୍ରି (ସଂ. ଚଳ ଧାତୁ)—
Chalibā ୧ । ସ୍ଥାନାନ୍ତରକୁ ଯିବା; ଗମନ କରିବା—
চলা 1. To go; to pass on from one place to
चलना another.
(ଚୋଇବା, ଚାଲବା—ଣିଜନ୍ତରୂପ)

ସର୍ବ ସମ୍ପଦ ପରିହରେ
ତା ସଙ୍ଗେ ଚଳେ ଦେଶାନ୍ତରେ—ଭୂପତି. ପ୍ରେମପଞ୍ଚାମୃତ ।

୨ । ଅଗ୍ରସର ହେବା—2. To advance.
(ଯଥା—ସେନା ନଗର ଅଭିମୁଖରେ ଚଳିଲେ ।)
୩ । ପଦବ୍ରଜରେ ଗମନ କରିବା; ଚାଲିବା—3. To walk.
(ଯଥା—ସେ ବୃଦ୍ଧ ହେବାରୁ ଆଉ ଚଳି ପାରୁ ନାହାନ୍ତି ।)
୪ । ନିର୍ବାହିତ ହେବା—4. To be accomplished.
(ଯଥା—ଏଥିରେ ତାଙ୍କ କାମ ଚଳିବ ନାହିଁ ।)
୫ । ହଲିବା; ଦୋହୋଲିବା; ଇତସ୍ତତଃ ଚାଳିତ ହେବା—
5. To move to and fro.
(ଯଥା—ପବନ ବନ୍ଦ ହେବାରୁ ଗଛର ପତରଟିଏ ସୁଦ୍ଧା ଚଳୁ ନାହିଁ ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଖି ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ।

୬। ପ୍ରଚଳିତ ହେବା; ସାଧାରଣରେ ବ୍ୟବହୃତ ହେବା; ବ୍ୟବହାରରେ ଲାଗିବା—6. To be in vogue; to pass current; to be current.

(ଯଥା—ଏ ଟଙ୍କା ବଜାରରେ ଚଳିବ।)

୭। ସମାଜରେ ଅନ୍ୟ ବ୍ୟକ୍ତିମାନଙ୍କ ପଂକ୍ତିରେ ଭୋଜନାଦ କରିବାକୁ ଅନୁମତି ପାଇବା ବା ଯୋଗ୍ୟ ହେବା—7. To be admitted to social intercourse or communion.

(ଯଥା—ସେ ଏବେ ଆମ ଗ୍ରାମ ସମାଜରେ ଚଳିଲେଣି।)

୮। ଗତି କରିବା; ଗତିଯୁକ୍ତ ହେବା—
8. To move; to have motion.

ଦେଖିଲେ ନାକ ପେଟ ଭିତର ନ ଚଳଇ,
ପଥର ପରି ଅଣ୍ଡ ହୋଇଣ ରହିଲା। କୃଷ୍ଣସିଂହ. ମହାଭାରତ. ଅଦ।

୯। ସଙ୍ଗତ ହେବା—9. To be fitting; to fit in.

(ଯଥା—ଗୁରୁଜନଙ୍କ ପାଖରେ ଧୃଷ୍ଟତା ଚଳିବ ନାହିଁ।)

୧୦। ବହିବା; ପ୍ରବାହିତ ହେବା— 10. To flow.

(ଯଥା—ଖାଦ୍ୟ ରକ୍ତରେ ପରିଣତ ହୋଇ ଶରୀରର ପ୍ରତ୍ୟେକ ଅଂଶକୁ ଚଳେ; ବାୟୁ ଚଳିବା।)

୧୧। କ୍ରମାଗତ ଘଟିବା ବା ହେବା—11. To happen or take place continually; to continue.

ବନଦେବୀଙ୍କର ଅଭିସାରଲୀଳା ଚଳୁଥାଇ ଅବିରତେ—ରାଧାନାଥ. ଯଯାତି।

୧୨। ଇହଲୋକରୁ ପ୍ରସ୍ଥାନ କରିବା; ମହାଯାତ୍ରା କରିବା; ମରିବା—12. To die.

ସର୍ବେ ଚଳିବେ କାଳବଳେ, ଯଶ ରହିବ ମହୀତଳେ—ଜଗନ୍ନାଥ. ଭାଗବତ।

୧୩। ଘଟିକାଯନ୍ତ୍ରାଦ ଠିକ ମତେ କାର୍ଯ୍ୟ କରିବା; କାର୍ଯ୍ୟକ୍ଷମ ହେବା—13. To be in a working order; to work; to go on; to get on.

(ଯଥା—ଏ ଘଣ୍ଟାଟି ଦଶ ବର୍ଷ ହେଲା ଚଳୁଛି।)

୧୪। ସଂସାରରେ ସୁଖରେ ଜୀବନ ଯାପନ କରିବା—
14. To be well off; to get on the world.

(ଯଥା—ସେ ଏବେ (ସୁଖରେ) ଚଳୁଛନ୍ତି।)

୧୫। ଶରୀରରେ ସହ୍ୟ ହେବା; ଦେହରେ ଯିବା—
15. To agree with one's system.

(ଯଥା—ତାଙ୍କ ଦେହରେ ଘିଅ ଚଳେ ନାହିଁ।)

୧୬। ଅସନ୍ତୁଷ୍ଟ ବା ବିରକ୍ତ ହେବା; ଚିଡ଼ିବା; ରାଗିବା—
16. To be angry or displeased.

ଚରଣେ ପୁଣି ଚଳି ପକାଇଦେଲୁ ତହିଁ ରୁ ସୁନ୍ଦର କୁସୁମଭୂଷାକୁ ରେ—
ବନମାଳୀ. ସଙ୍ଗୀତ।

୧୭। ସୁଶୃଙ୍ଖଳରୂପେ ନିର୍ବାହିତ ହେବା—
17. To go on well; to be conducted.

(ଯଥା—କେବଳ ଛାତ୍ରଙ୍କ ବେତନରେ ସ୍କୁଲଟି ଚଳେ।)

୧୮। (କୌଣସି ବସ୍ତୁ ବା ବିଷୟ) ସମାଜରେ ଗୃହୀତ ହେବା ବା ପ୍ରକାଶ୍ୟଭାବରେ ବ୍ୟବହୃତ ହେବା—
18. (anything) To be recognised by or be in a vogue in a society.

(ଯଥା—ଆଜିକାଲି ବ୍ରାହ୍ମଣଜାତିରେ କେଶ ରଖିବା ଚଳିଲାଣି ପରା ?)

୧୯। ପ୍ରଚାରିତ ହେବା—
19 To be circulated or published.

(ଯଥା—ଅନେକ ପତ୍ରିକା ଟାଁ ଗାଁ ଚଳିଲାଣି।)

୨୦। ଅଭିପ୍ରେତ କର୍ମରେ ନିଯୁକ୍ତ ହେବା—
20. To be engaged in its proper function.

(ଯଥା—ହାତ ଚଳିବା; ପାଟି ଚଳିବା; ଠେଙ୍ଗା ଚଳିବା।)

୨୧। ସ୍ଥାନାନ୍ତରକୁ ପ୍ରେରିତ ହେବା—21. To be sent to another place; to be transmitted.

(ଯଥା—ନିମନ୍ତ୍ରଣ ଚଳିବା, ଗୁଆ ଚଳିବା, ଖବର ଚଳିବା।)

୨୨। କୌଣସି ଗ୍ରହ ଏକ ରାଶିର ସୀମା ଟପି ଅନ୍ୟ ରାଶିର ସୀମାରେ ପହଞ୍ଚିବା—22 (a planet) To pass from one zodiacal sign to another.

(ଯଥା—ଶନି କୁମ୍ଭରାଶିରୁ ମୀନରାଶିକୁ ଚଳିଲେ।)

୨୩। ଆରବ୍ଧ ହେବା (ପ୍ରସ୍ତାବ ଚଳିବା)—
23 To be begun.

୨୪। ପ୍ରବର୍ତ୍ତିତ ହେବା; କାର୍ଯ୍ୟରେ ପରିଣତ ହେବା—
24. To be carried out.

(ଯଥା—ହୁକୁମ ଚଳିବା, ଆଇନ ଚଳିବା।)

୨୫। ପରଷାଯିବା; ଖାଦ୍ୟଦ୍ରବ୍ୟ ଖାଇବା ପତ୍ରରେ ପରଷା ଯିବା—25. (food) To be served on plate.

(ଯଥା—ସଙ୍ଗୁଡ଼ି ସଭାରେ ବର୍ତ୍ତମାନ କ୍ଷିର ଚଳୁଛି।)

୨୬। ଫଳପ୍ରଦ ହେବା—26 To be effective

(ଯଥା—ମୋଠାରେ ତୋର ଚାଲାକି ଚଳିବ ନାହିଁ।)

୨୭। ବାସ କରିବା; ବଞ୍ଚି ରହିବା—27. To live.

(ଯଥା—ଦୁନିଆରେ ଚଳିବାକୁ ହେଲେ କେତେ ଦୁଃଖ ସହିବାକୁ ହୁଏ।)

ଚଳି ମରିବା—ଦେ. କ୍ରି—ଅତ୍ୟନ୍ତ ବିରକ୍ତି ହେବାରୁ ବିଷମ ମାନସିକ କଷ୍ଟ ବୋଧ କରିବା—To be mortified.
Chali maribā

ଟେକ ତଥ ମୃଗ ଏ ଶୀତମୟୂଖତତ ହୋଇ ମରୁ ଚଳି—ବନମାଳୀ. ସଙ୍ଗୀତ।

ଚଳିଷ୍ଣୁ—ସଂ. ବିଣ (ଚଲ୍ ଧାତୁ + ଶୀଳାର୍ଥରେ. ଇଷ୍ଣୁ)—୧। ଗମନଶୀଳ; ଗତିଶୀଳ—1. Moving.
Chalishṇu

୨। ଗମନୋଦ୍ୟତ; ଗମନୋନ୍ମୁଖ—2. About to go.

ଚଳି ହେବା—ଦେ. କ୍ରି—୧। କୌଣସି ବ୍ୟକ୍ତି ପ୍ରତି ବିରକ୍ତ ହୋଇ ଗାଳିଦେବା ବା ବିରକ୍ତି ପ୍ରକାଶ କରିବା—
Chali hebā
1. To give vent to one's displeasure

ସେଡ଼ ମୋତେ ଗୁରୁଜନେ ଚଳି ହେଉଥିବେ ପର ଭାବ—ବନମାଳୀ. ସଙ୍ଗୀତ।

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ତ	ଡ଼ଅ	ଘ
୨	ଈ	ଊ	ରୁ	ଲୁ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଇଅ	ଔ	ନୃ

ଦେ. ବି—ସୁବିଧାଜନକଭାବରେ ଚଳପ୍ରଚଳ ହେବା; ସୁବିଧା—
Convenience; being convenient for one's movements.

(ଯଥା—ଏଠାରେ ବିଶେଷ ଗୋଳମାଳ ଲାଗିବାରୁ ଏଣିକି ଚଳ ହେବା କଥା ବିଶୁ ନାହିଁ ।)

ଚଳୁ—ସ. ବି. (ଚଲ ଧାତୁ + ଉ)—୧ । ଗଣ୍ଡୂଷ—
Cha**l**u 1. The hollow of an open palm.

ଚଲୁ; ଚଲୂକ ୨ । ଗଣ୍ଡୂଷରେ ଧରିବା ଜଳ—2. Water contained in the hollow of an open palm.

୩ । (ପାଣି ଆଦିର) ଏକ ଚଳ—
3. A handful (of water etc).

୪ । ଭୋଜନାଦ୍ୟରେ ଓ ଭୋଜନାନ୍ତରେ ବ୍ରାହ୍ମଣାଦିଙ୍କର କରିବା ଆଚମନ—4 The sipping of a little water done by Brāhmaṇas just before and after meals.

ଦେ. ବି—୧ । ବ୍ରାହ୍ମଣମାନେ ଭୋଜନ ପୂର୍ବରୁ ଓ ପରେ କରିବା ଆଚମନର ବୈଦିକ ମନ୍ତ୍ର—1. The formulae recited by Brāhmaṇs just before and after meals.

[ଦ୍ର—ଯଜୁର୍ବେଦୀୟ ଚଳୁବିଧି, ଯଥା—'ଓଁ ବ୍ରହ୍ମଣେ ନମଃ', କହି ଚଳେ ଗଣ୍ଡୂଷେ ଜଳ ଛିଞ୍ଚିବା; 'ଓଁ ଧର୍ମରାଜାୟ ନମଃ' 'ଓଁ ଚିତ୍ରଗୁପ୍ତାୟ ନମଃ' କହି ଜଳ ଛିଞ୍ଚା ହୋଇଥିବା ସ୍ଥାନରେ ଦୁଇ ଜାଗାରେ କିଛି କିଛି ଅନ୍ନ ରଖିବା, 'ଓଁ ଧର୍ମରାଜାୟ ସ୍ୱାହା', 'ଓଁ ଚିତ୍ରଗୁପ୍ତାୟ ସ୍ୱାହା' କହି ରଖାଯାଇଥିବା ଅନ୍ନ ଉପରେ ଜଳ ଛିଞ୍ଚିବା; 'ଓଁ ଅମୃତୋପସ୍ତରଣମସି ସ୍ୱାହା' (ଅମୃତର ଆସନ ହେଲ) କହି ଗଣ୍ଡୂଷେ ଜଳ ପାନ କଲା ପରେ ପଞ୍ଚପ୍ରାଣ ବାୟୁଙ୍କୁ (ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ) ପାଞ୍ଚଗୁଣ୍ଡା ଅନ୍ନ (ପଞ୍ଚଗ୍ରାସ) ଦେବା; ତଦୁପରେ ଇଚ୍ଛା ଅନୁସାରେ ଭୋଜନ କରି ଶେଷରେ 'ଓଁ ଅମୃତାପିଧାନମସି ସ୍ୱାହା' (=ଅମୃତର ଅପିଧାନ ବା ଘୋଡ଼ଣୀ ହେଲ) କହି ଗଣ୍ଡୂଷେ ଜଳ ପାନ କରି ଭୋଜନ ଶେଷ କରିବା, ଅର୍ଥାତ୍ ମୁଁ ଯାହା ଭୋଜନ କଲି ତହିଁର ତଳେ ଓ ଉପରେ ଅମୃତ ରହିଲା ।]

୨ । (ଲକ୍ଷଣାର୍ଥ) ଭୋଜନ—
2. (fig) Eating.

ଚଳୁଆ—ଦେ. ବିଣ. ପୁଂ—୧ । ରାଗାନ୍ୱିତ—
Cha**l**uā 1. Angry.

(ଚଳୋଇ—ସ୍ତ୍ରୀ) ୨ । କୋପନସ୍ୱଭାବ; ଚିଡ଼ିଲା—
2. Of irritable disposition; passionate.

ଚଳୁଆ ମୁରଶାଦ ଲକ୍ଷ ଯେବେ
ଚରଣ କର ବୋଲି ଦେଇ ଏବେ—ବଇଦେହୀ. ବଇଚା ।

ଚଳୁକ—ସ. ବି. (ଚଲ୍ ଧାତୁ + ପରିମାଣ ଅର୍ଥରେ. ଉକ)—
Cha**l**uka ୧ । ମେଲା ହାତ ପାପୁଲି; ଗଣ୍ଡୂଷ—
1. Space in the hollow of the open palm.

୨ । ଚୁଳୁକ; ଗଣ୍ଡୂଷ ପରିମିତ ଜଳ—
2. That much water which can be contained in the hollow of the open palm; a handful of water.

୩ । କ୍ଷୁଦ୍ର ପାତ୍ର—3. A tiny water-pot.

ଚଳୁକରିଦେବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ଏକା ଥରକେ ଭୋଜନ କରି ଦେବା; ଖାଇଦେବା—
Cha**l**ukaridebā

চলুকরেদেওয়া 1. (figurative) To eat at one gulp.

चुलुककरदेना

୨ । (ଲକ୍ଷଣାର୍ଥ) ଆତ୍ମସାତ୍ କରିବା—
2. (figurative) To misappropriate.

ଚଳୁ କରିବା—ଦେ. କ୍ରି—୧ । ଗଣ୍ଡୂଷ ପରିମିତ ଜଳ ପାନ କରିବା—
Cha**l**u karibā 1. To sip a handful of water.

চলুকরা ଏ ନାମ ଅଗସ୍ତି ହେଲେ, ସାତ ସମୁଦ୍ର ଚଳୁ କଲେ ।

चुलुककरना ସଗୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

୨ । ବ୍ରାହ୍ମଣର ଖାଇବା ପୂର୍ବରୁ ଓ ପରେ ଚଳୁବିଧି ପାଳନ କରିବା—2. To perform the rites of cha**l**u before and after meals.

୩ । (ଲକ୍ଷଣାର୍ଥ) ଭୋଜନ କରିବା—
3. (fig) To eat.

୪ । ଭୋଜନରେ ବସିବା—4. To sit at meal.

୫ । (ଲକ୍ଷଣାର୍ଥ) ଆତ୍ମସାତ୍ କରିବା—
5. (figurative) To appropriate.

ଚଳୁ ଧରିବା—ଦେ କ୍ରି—୧ । ବ୍ରାହ୍ମଣମାନଙ୍କର ଭୋଜନ କରିବା ପୂର୍ବରୁ ଚଳୁ କରିବାକୁ ଗଣ୍ଡୂଷ ପରିମିତ ଜଳ ହାତରେ ଧରିବା—1. (Brāhmaṇas) To hold a handful of water in order to sip it before taking meal.
Cha**l**u dharibā

୨ । (ଲକ୍ଷଣାର୍ଥ) ଭୋଜନ ଆରମ୍ଭ କରିବା—
2. (fig.) To begin eating.

ଚଳୁ ଲାଗିବା—ଦେ. ବି—ବ୍ରାହ୍ମଣମାନଙ୍କର ପଂକ୍ତିଭୋଜନ ସଭାରେ ଭୋଜନ ପୂର୍ବରୁ ଆଚମନ ବା ଚଳୁର ବିଧି ପାଳନ କରିବା; ଆଚମନବିଧି ପାଳନ—The act of performing the rites of 'Cha**l**u' as observed by Brahmans in a caste-dinner before taking meals.
Cha**l**u lāgibā

ଚଳେନ୍ଦ୍ରିୟ—ସ. ବିଣ. ପୁଂ. (ବହୁବ୍ରୀହି; ଚଳ=ଚଞ୍ଚଳ; ଚଳଇନ୍ଦ୍ରିୟ+ଇନ୍ଦ୍ରିୟ)—୧ । ଅଜିତେନ୍ଦ୍ରିୟ—
Cha**l**endriya

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ

(ଚଳେନ୍ଦ୍ରିୟା—ସ୍ତ୍ରୀ) 1. Lustful; one who has not his
(ଚଳେନ୍ଦ୍ରିୟତା—ବି) passions under control.

୨ । ସାମାନ୍ୟ କାରଣରୁ ଯାହାର ଚିତ୍ତଚାଞ୍ଚଲ୍ୟ ଘଟେ— 2. One who loses his balance of mind at a little provocation.

୩ । ସାମାନ୍ୟ କାରଣରୁ ଯେ ରାଗିଯାଏ—3. Irritable.

୪ । ଅସ୍ଥିରଚିତ୍ତ—4. Fickle-minded.

ଚଳୋର୍ମି—ସଂ. ବି. (କର୍ମଧା; ଚଳ=ଚଞ୍ଚଳ+ଊର୍ମି)—ନର୍ତ୍ତନଶୀଳ ତରଙ୍ଗ—Dancing wave; billow.
Chaḻormi

ଚଲ୍ହା—ପ୍ରାଦେ. (ଗଞ୍ଜାମ) ବି.—ଘୋଳଦହି— Churned cud.
Chalhā

ଚଲ୍ହା ପୋକ—ପ୍ରାଦେ. (ସମ୍ବଲପୁର) ବି.—ଗଉଡ଼ୁଣୀ ପୋକ (ଦେଖ) Gaurḏuṇi poka (See)
Chalhā poka

ଚଷ୍ (ଧାତୁ)—ସଂ. ଭୋଜନ କରିବା— To eat.
Chash (root)

ଚଷକ—ସଂ. ବି. (ଚଷ୍ ଧାତୁ+କରଣ. ଅକ)—୧ । ମଦ୍ୟପାନପାତ୍ର— 1. Wine glass; goblet; wine cup.
Chashaka

ସୁରାରୁ ଚଷକ ଝଟତି ଅଲଗା ହୋଇଗଲେ ଯଥା ବଦେ—
ରାଧାନାଥ. ପାର୍ବତୀ—

୨ । (+କର୍ମ. ଅକ)—ସୁରା; ମଦ୍ୟ—2. Wine.

୩ । ମଧୁ—3. Honey.

ଚଷଡ଼୍—ଦେ. ବି. (ଗାଳି; ସଂ. କୃଷକ)—ମୂର୍ଖ ଓ ଜର୍ବ୍ବିଅ ବା ଅଖାଡୁଆ ବ୍ୟକ୍ତି; ଚଷାଭୂଷା ଲୋକ—A boor; a churl.
Chashaṟḏ

ଚଷା—ଦେ. ବି. (ସଂ. କୃଷ୍ ଧାତୁ=କର୍ଷଣ କରିବା)—୧ । କର୍ଷଣ କାର୍ଯ୍ୟ; ଚଷିବା; କର୍ଷଣ—1. Ploughing
Chashā
चाषा

୨ । କୃଷକ; ଯେ ଚାଷ କରେ— 2. Cultivator; peasant.
किसान ; चाषा

୩ । ଓଡ଼ିଶାର କୃଷକଜାତି (ଶୂଦ୍ର)— 3. The peasant class of Orissa.

[ଦ୍ର—ଓଡ଼ିଶାରେ ନାନା ଶ୍ରେଣୀର ଚଷା ଅଛନ୍ତି । ତହିଁ ମଧ୍ୟରୁ ଓଡ଼ଚଷା, ଓଡ଼ପଧାନ, ଶୁଦ୍ଧଚଷା, ବେଣାତିଆ, କଲୁଭୁଆ ଏବଂ ଗୁଆଟିଆ ପ୍ରଧାନ ।

୧୯୦୧ ମସିହା ସେନ୍‌ସସ୍ ରିପୋର୍ଟରେ ଓଡ଼ିଶାର ଚଷା ସଂଖ୍ୟା ୮୯ ଲକ୍ଷ ଥିଲା; ମାତ୍ର ୧୯୨୧ ମସିହାର ରିପୋର୍ଟରେ ୭୯ ଲକ୍ଷ ହୋଇଅଛି ।]

୪ । (ଲକ୍ଷଣାର୍ଥ) ଇତର ଜନ—4. (fig) One of the common people.

୫ । ଅସଭ୍ୟ ବ୍ୟକ୍ତି—5. An uncivilized person.

ଦେ. ବିଣ—କୃଷ୍ଟ; ଯାହା ଚଷାଯାଇଅଛି—Ploughed.

ଚଷାଇବା—ଦେ. କ୍ରି—୧ । ଚଷିବାର ଣିଜନ୍ତ ରୂପ— 1. Causative form of chashibā.
Chashāibā

चाषान ୨ । ଅନ୍ୟଦ୍ୱାରା ଚାଷ କରାଇବା—To have ploughing done by another.
जुतवाना

ହଳ ଲଙ୍ଗଳ ଯାଅ ଅଣି ।
ଚଷାଅ ଆଗେ ଯଜ୍ଞଭୂମି—ରଘୁନାଥ. ବଡ଼ଦଣ୍ଡରାମାୟଣ ।

ଚଷାଚଷି—ଦେ. ବି—(ସଂ. କୃଷ ଧାତୁ)—୧ । କୃଷିକର୍ମ— 1. Ploughing operations. agriculture.
Chashāchashi
चाषाचाषि

जोताजोति ୨ । ଭୂମିକର୍ଷଣ—2. Ploughing of a field.

ଚଷାଚପେଣ୍ଡିଆ—ଦେ. ବିଣ—ଚଷାଣ୍ଡିଆ (ଦେଖ)
Chashāchāpeṇḍiā Chashāṇḍiā (See)

ଚଷାଟିଆ—ଦେ. ବିଣ—ଚଷାଣ୍ଡିଆ (ଦେଖ)
Chashāṭiā Chashāṇḍiā (See)

ଚଷାଣ୍ଡିଆ—ଦେ. ବିଣ—୧ । ଚଷାପରି ନିର୍ବୋଧ— 1. Foolish; stupid.
Chashāṇḍiā

चाषाड़िआ ୨ । ଅଖାଡୁଆ—2. Rash.

उजड्ड ୩ । ଭଦ୍ରତାହୀନ—3. Churlish; boorish.

୪ । ମଫସଲିଆ; ଓଲ୍ଲ—Rustic.

ଚଷାପକ୍ଷୀ—ଦେ. ବି (ସଂ. ନାମ ଚାଷପକ୍ଷୀ)—ଭରଦ୍ୱାଜ; ଭରଦ୍ୱାଜପକ୍ଷୀ; ଭଦଭଦଳିଆ ପକ୍ଷୀ; ସ୍ୱର୍ଣ୍ଣଚାତକ; ଚଷାପୁଅ—The lark; the jay; the Indian roller; Coracias Indica.
Chashāpakshī
चाषपाखी;नीलकंठ
भरतपक्षी

[ଦ୍ର—ଏହା ଶାଖାଶ୍ରୟୀ ବର୍ଗର ଦେଢ଼ ଚାରିଅଙ୍ଗୁଳ ଲମ୍ବ ପକ୍ଷୀ । ସଂ. ନାମ ଚାଷ ପକ୍ଷୀ, ଭରଦ୍ୱାଜ । ଏହାର ପକ୍ଷ ନୀଳ ବର୍ଣ୍ଣ, କଣ୍ଠ ନୀଳରଙ୍ଗ, ଥଣ୍ଟ କୁଆ ଥଣ୍ଟ ପରି କିନ୍ତୁ ଚେପଟା । ଏହା ଶସ୍ୟ ଓ ପୋକ ଜୋକ ଖାଏ । ବ. ରେ ଏହାକୁ ନୀଳକଣ୍ଠ କହନ୍ତି । କିନ୍ତୁ ସଂ. ନୀଳକଣ୍ଠର ଅର୍ଥ ନୀଳ ମୟୂର, ଡାହୁକ ଓ ଖଞ୍ଜନ—ଯୋଗେଶ୍ଚନ୍ଦ୍ର । ଏହା ଭୂମିରେ ଘାସ ମଧ୍ୟରେ ବସା ବାନ୍ଧେ, ଖୁବ୍ ଉଚ୍ଚକୁ ଉଡ଼ି ପାରେ, ଏହାର ସ୍ୱର ମଧୁର । ହି. ଶବ୍ଦସାଗର ।]

ଚଷାପୁଅ—ଦେ. ବି.—୧ । ଚଷାପକ୍ଷୀ (ଦେଖ)
Chashāpua 1. Chashā pakshī (See)

କହିଲେ କାନ୍ତାରେ କୁକୁଟ କୌଶିକ
ଚଷାପୁଏ ମିଳି ଲଷା-ତୌର୍ଯ୍ୟତ୍ରିକ । ରାଧାନାଥ ନନ୍ଦକେଶରୀ ।

୨ । ଚଷାଘରର ସନ୍ତାନ; କୃଷକପୁତ୍ର—2. A man belonging to a chashā family.

ଚଷାଭାଗ—ଦେ. ବି—ଜମିଦାରଠାରୁ ପ୍ରଜା ଭାଗରେ ନେଇ ଚାଷ କରିଥିବା ଜମିର ଉତ୍ପନ୍ନରୁ ରାଜଭାଗ ବା ଜମିଦାରଙ୍କ ପ୍ରାପ୍ୟ ଅଧିକ ଗଲା ପରେ ପ୍ରଜାର ପାରିଶ୍ରମିକ ସ୍ୱରୂପ ପ୍ରାପ୍ୟ ଅପର ଅର୍ଦ୍ଧ—Half of the produce of a field cultivated by a farmer on produce-rent which is retained by himself after making over the landlords moity to the landlord.
Chashābhāga
चाषीर भाग

୧	ଇ	ଉ	ଋ,ଋ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଲ୍ଯ	ତ୍ଥ	ଞ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଲ୍ଥ	ଢ଼	ନ୍

ଚଷାଭୂଷା—ଦେ. ବଣ—୧ । ଗ୍ରାମ୍ୟ; ଅଶିକ୍ଷିତ—1. Rustic.
Chashābhūshā ୨ । ଅଖାଡ଼ୁଆ—2. Churlish; boorish.
চাষাভুষো ୩ । ଅସଭ୍ୟ; ଅଭଦ୍ର—3. Rude; uncivilized.
गँवार

ଚଷାଲ—ସଂ. ବି. (ଚଷ୍ ଧାତୁ+କର୍ମ. ଅଲ; ସ୍ବାର୍ଥେ)—
Chashāla ୧ । ଯଜ୍ଞୀୟ ପଶୁବନ୍ଧନାର୍ଥ କାଷ୍ଠ; ଯୂପକଟକ—
1. The peg to tie the beast to be sacrificed.
୨ । ଯୂପୋପରସ୍ଥ ଲୌହ ବା କାଷ୍ଠନିର୍ମିତ ବଳୟ—
2. Wooden or iron ring at the top of the peg for tying a sacrificial beast.
୩ । ମଧୁଚକ୍ର—3. Hive.

ଚଷିବା—ଦେ. କି (ସଂ. କୃଷ୍ ଧାତୁ)—ଭୂମିକର୍ଷଣ କରିବା—
Chashibā To plough.
চাষা ବୃଷାଳ ମଣଣାଳକୁଚେ ଲଙ୍କେ ଚଷୁଁ ଅବଣ—ଭକ୍ତ, ବୈଦେହୀଶବିଳାସ ।
जोतना, चासना

ଚଷୁ—ଦେ ବି (ସଂ. ତୁଷ)—ଚଷୁ; ଧାନର ଚୋପା—
Chashu Husks of paddy; chaff.
তুষ্
भूसा, चोकर, भूसा

ଚଷୁକୁଟା—ଦେ. ବି (ସଂ. ତୁଷ+କୁଟ୍ଟନ)—୧ । (ଲକ୍ଷଣାର୍ଥ)—ଚଷୁ
Chashukuṭā କୁଟିବା ପରି ନିଷ୍ଫଳ ବା ବୃଥା ପରିଶ୍ରମ; ପଣ୍ଡଶ୍ରମ;
ନିଷ୍ଫଳ ପରିଶ୍ରମ—1. Fruitless labour.
୨ । ନିଷ୍ଫଳ ଆଲୋଚନା—
2. Fruitless discussion.
୩ । ବହ୍ୱାରମ୍ଭ ଲଘୁକ୍ରିୟା—
3. Much ado about nothing.

ଚଷୁ କୁଟିବା—ଦେ. କି.—(ଧାନ ପରିବର୍ତ୍ତେ ଚଷୁ ଅର୍ଥାତ୍ ଧାନର
Chashu kuṭibā ଚୋପାକୁ କୁଟିବା ଯେପରି ନିଷ୍ପ୍ରୟୋଜନ)—
୧ । (ଲକ୍ଷଣାର୍ଥ) ବୃଥା ପରିଶ୍ରମ କରିବା—
1. To perform a fruitless task
ବହୁ ବ୍ୟୟେ ଏକ୍କ ବହୁଶୀର୍ଷ ପଣ୍ଡ,
ଗୋଷ୍ଠି ସିନା ଖାଇ କୁଟୁଅଛ ଚଷୁ—ରାଧାନାଥ. ଦରବାର ।
୨ । ଅପ୍ରୟୋଜନୀୟ ବିଷୟର ଆଲୋଚନା ବା ଆନ୍ଦୋଳନ
କରିବା—2. To discuss unnecessary matters.
୩ । ନିଷ୍ଫଳ କାର୍ଯ୍ୟ ବା ଆଲୋଚନାରେ ସମୟ ନଷ୍ଟ କରିବା—
3. To waste time in a wild goose chase.

ଚସମ୍‌ଖୋର୍—ବୈଦେ. ବଣ. (ଫା. ଚଶ୍ମ=ଚକ୍ଷୁ+ଖୋର୍=ଖାଦକ)—
Chasamkhor ଯାହାର ଚକ୍ଷୁଲଜ୍ଜା ନାହିଁ; ବେମୌରବତିଆ—
চশমখোর Regardless of the feelings of others;
चशमखोर one who has no respect for the feelings of others.

ଚସମଇ—ପ୍ରାଦେ. ବି. (ପୁରୀ)—ଖିରି; ପାୟସ; ଚସମଇ; ଚସମେି—
Chasamai Gruel; frumenty.
ଚସମେଇ }
ଚସଇ } ଅନ୍ୟରୂପ
ଚସେଇ }

ଚସମା—ବୈଦେ. ବି. (ଫା. ଚଶ୍ମ=ଆଖିରୁ)—ଉପନେତ୍ର;
Chasamā ପ୍ରଚକ୍ଷୁ—Spectacles; eyeglasses.
চশমা ନାସିକା-ଶୋଭନ ସୁବର୍ଣ୍ଣ ଚସମା—ରାଧାନାଥ. ଦରବାର ।
चशमा
(ଚସ୍ମା—ଅନ୍ୟରୂପ)

ଚହଁକ—ଦେ. ବି—ଚମକ (ଦେଖ)
Chahañka Chamaka (See)

ଚହଁକା—ଦେ. ବି. ଓ ବଣ—ଚମକା (ଦେଖ)
Chahañkā Chamakā (See)

ଚହଁକାଇବା—ଦେ. କି. (ଚହଁକିବାର ଣିଜନ୍ତ ରୂପ)—
Chahañkāibā ଚମକାଇବା (ଦେଖ)
Chamakāibā (See)

ଚହଁକିବା—ଦେ. କି.—ଚମକିବା (ଦେଖ)
Chahañkibā Chamakibā (See)
(ଚହଁକାଇବା—ଣିଜନ୍ତରୂପ)

ଚହଁଫଳା—ପ୍ରାଦେ. (ଗଡ଼ଜାତ) ବଣ. ପୁଂ. ଓ ସ୍ତ୍ରୀ. (ସଂ. ଚପଳ)—
Chahañphaḷā ଚଗଲିଆ; ଚଳଚିତ୍ତ; ଚପଳପ୍ରକୃତିକ (ବ୍ୟକ୍ତି)—
(ଚହଁଫଳୀ—ସ୍ତ୍ରୀ) Fickle minded.

ଚହକ—ଦେ. ବି—୧ । ଚମକ (ଦେଖ)
Chahaka 1. Chamaka (See)

ଚହକଚକଣ—ଦେ. ବଣ. (ସଂ. ଚମତ୍କାର+ଚିକ୍କଣ)—
Chahakachikaṇa ୧ । ଜାକଜମକଯୁକ୍ତ; ଜାହ୍ନିଚକଣ—
চমকদার; চটকিয়া 1. Splendid; gorgeous.
चमकदार; चटकीला ୨ । ବେଶଭୂଷାରେ ସୁସଜ୍ଜିତ—
2. Dressed gorgeously.
୩ । ବିଳାସପ୍ରିୟ—3. Luxurious; fond of luxury.

ଚହକମହକ—ଦେ. ବି. (ସହରର)—ଜାକଜମକ—
Chahakamahaka Splendour; lustre; glare.
চমক দমক
चमक दमक

ଚହକା—ଦେ. ବି. ଓ ବଣ—ଚମକା (ଦେଖ)
Chahakā Chamakā (See)

ଚହକାଇବା—ଦେ. କି—୧ । ଚହକିବାର ଣିଜନ୍ତ ରୂପ—
Chahakāibā 1. Causative form of Chahakibā.

ସାଧାରଣ ଲୋକେ ଅପର ପୃଷ୍ଠାରେ ସ୍ଵତନ୍ତ୍ର ୧ ଚଷ୍ଟିହ୍ନ ଅକ୍ଷର ଓ ମାନା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଢ଼ୁଅ' ନ ମିଳିଲେ 'ଢୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଜ୍ଜା' ନ ପାଇଲେ 'ଅର୍ଜ୍ଜା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

(ଚହକେଇବା—ଅନ୍ୟରୂପ) ୨ । ଚମକାଇବା (ଦେଖ) 2. Chamakāibā (See)
ଶ୍ୟାମଚନ୍ଦ୍ରଙ୍କ ମନେ ଚହକାଇ ପଶ୍ଚିମକୁ କହ— କବିସୂର୍ଯ୍ୟ, କଳୋପାଖ୍ୟାନମ୍ ।

ଚହକିବା—ଦେ. କ୍ରି.—ଚମକିବା (ଦେଖ) Chahakibā Chamakibā (See)
ଚନ୍ଦ୍ରକୁ ଚନ୍ଦ୍ରିକା ପିଇବା ଆଶେ
ଚକୋର ପଡ଼ ଅକସ୍ମର ପାଶେ
ଚଳୁଥାଇ ଅସାଧାରଣ ଫଳ
ଚହକଇକାଳେ ଦୃଷ୍ଟି ମଳ—କବିସୂର୍ଯ୍ୟ, କଦଳୀକନ୍ଥୋଳନା ।

ଚହଚହ—ଦେ. ଅ. (ଧ୍ଵନ୍ୟନୁକରଣ)— Chahachaha **गहगह; चहचह** ୧ । ଲୋକଗହଳ ବା ଗୋଳମାଳର ଅବ୍ୟକ୍ତ ଶବ୍ଦ; ଗହଗହ—1. Indistinct noise arising from a crowd of people.
୨ । ଚମକ; ଉଜ୍ଜ୍ୱଳତ୍ୱ—2. Splendour.
୩ । ଅତ୍ୟନ୍ତ; ଠେହଠେହ— 3. Very; too much.
(ଯଥା—ନାଲଚହଚହ ।)

ଚହଚହ ମହମହ—ପ୍ରାଦେ. ଣ. (କଟକ)—ଆଡ଼ମ୍ବରପୂର୍ଣ୍ଣ— Chahachaha mahamaha With much splendour; grand; in a grand style.
(ଯଥା—ସେ ଚହଚହ ମହମହ ଭୋଗସର କଲେ ।)

ଚହଟ—ଦେ. ବି—୧ । ଉଜ୍ଜ୍ୱଳତ୍ୱ— Chahata 1. Brightness.
चटक ୨ । ଶୋଭା; କାନ୍ତି—2. Beauty; sheen.
चटक ଜାଣିଣ ଭୋଳା ଶୁକ୍ତିକର ଚହଟ
ବନ୍ଦୀ କଲେ ଅଞ୍ଚଳ ଅଠାରେ କରୁ ହଠ—କୃଷ୍ଣସିଂହ. ମହାଭାରତ, ଆଦ ।
୩ । ଆଡ଼ମ୍ବର; ବ୍ୟାପିବା— 3. Splendour; gaudiness; grandeur.
ବାଙ୍ଗା ଝପଟକୁ ଗଜ ଚହଟକୁ ସ୍ଥାନ ନୋହୁ ସନ୍ତାପନ୍ତୁ । ଭଞ୍ଜ. ବୈଦେହୀଶବିଳାସ ।
୪ । ପ୍ରକାଶ—4 Diffusion; exibition.
୫ । ପ୍ରଚାର; ପ୍ରକଟନ— 5. Disclosure; publication.
ଦେ. ଣ—୧ । ପ୍ରକାଶିତ—1. Exibited.
୨ । ପ୍ରଚାରିତ; ପ୍ରକଟ—2. Published.
କ୍ରମେ ତା ହେଲା ଚହଟ । ରାଧାନାଥ. ଯଯାତି ।
୩ । ଚକଚକିଆ; ଉଜ୍ଜ୍ୱଳ—3. Bright; dazzling.

ଚହଟଚମ୍ପା—ଦେ. ଣ. ସ୍ତ୍ରୀ—ଫୁଟିଥିବା ଚମ୍ପା ଫୁଲ ପରି ସୁନ୍ଦରୀ ଓ ଗୋରୀ (ସ୍ତ୍ରୀ)—(female) Chahaṭachampā Beautiful and fair coloured like a full-blown Champaka flower.

ଚହଟଚିକଣ—ଦେ. ଣ—୧ । ସର୍ବଗୁଣରେ ସୁନ୍ଦର— Chahatachikaṇa 1. Full of all good qualities.
चटकिया ୨ । ଶୋଭାମୟ—2. Splendid;
चटकमटक gaudy; grand.
୩ । ବାହ୍ୟାଡ଼ମ୍ବରପୂର୍ଣ୍ଣ—3. Foppish; gaudy.
ଚହଟ ଚିକଣ ଗଣ୍ଡ ଛଡ଼ ସବୁରେ । ଭୂକାଠ. ଗୀତଲହରୀ ।
ଦେ. ବି—୧ । କୃତ୍ରିମ ସୌନ୍ଦର୍ଯ୍ୟ; ପ୍ରସାଧନଦ୍ୱାରା ପ୍ରସ୍ତୁତ ସୌନ୍ଦର୍ଯ୍ୟ—1. Beauty due to dressing and toilet artificial or made up grace.
୨ । ଆଡ଼ମ୍ବର—2. Gaudiness.

ଚହଟନାଗର—ଦେ. ଣ. ପୁଂ—ସୁବେଶ ସଜ୍ଜିତ ରସିକ ନାଗର; ଛଇଲ; Chahaṭanāgara ବେଶଭୂଷାପ୍ରିୟ ରସିକ ପୁରୁଷ— फूलबाबू A fop; a beau.
छैला

ଚହଟା—ଦେ. ବି—୧ । ବିସ୍ତୃତ ସମତଳ ଭୂଖଣ୍ଡ— Chahaṭā 1. A wide plot of level land.
ସେ ଚହଟା ଭିତରେ ଅଛି ଯେଉଁ ମନ୍ଦର
ଯହିଁରେ ଶବଦ ଶୁଭେ ଦ୍ୱାଦଶ ପ୍ରକାର । ପୀତାମ୍ବର. ନୃସିଂହପୁରାଣ ।
୨ । ବିଷ ଆଦି ମନୁଷ୍ୟର ମଗଜରେ ବା ଶରୀରସାକ ବ୍ୟାପିଯିବା— 2. Diffusion through the system (as poison).
୩ । ସୁଗନ୍ଧ ବିସ୍ତାର; ସୁଗନ୍ଧ ସବୁଆଡ଼େ ବ୍ୟାପିଯିବା— 3. Diffusion of smell.
ପ୍ରାଦେ. (ଗଡ଼ଜାତ) ବି—ଗ୍ରାମପାଖେ ଜଙ୍ଗଲ ଥିବା ବିସ୍ତୃତ ଭୂଖଣ୍ଡ— A wide plot of land having jungles on all sides.
ଦେ. ଣ—ଚପଳସ୍ୱଭାବ; ଚଞ୍ଚଳମତି—Fickle-minded.
ଅରେ ଚହଟା, ଏଥା ଲଥା ଭଲେ ନ କର ହଠା । ଯଦୁମଣି, ରହସ୍ୟ ଚଉତ ।

ଚହଟାଇବା—ଦେ. କ୍ରି. (ଚହଟିବାର ଣିଜନ୍ତ ରୂପ)— Chahaṭāibā ୧ । ଆମୋଦରେ ଦିଗଦିଗନ୍ତ ପୂର୍ଣ୍ଣ କରିବା— **छाओयान** 1. To fill the air with smell.
फैलाना ସୁରଭି କୁସୁମ ଚହଟାଇ ବାସ ମହକାଏ ତା ମାଧୁରୀ । ନନ୍ଦକିଶୋର. ଶର୍ମିଷ୍ଠା ।
୨ । ପ୍ରକାଶିତ କରାଇବା— 2 To cause to come out.
୩ । ପ୍ରଚାରିତ କରିବା— 3. To publish; to reveal; to disclose
୪ । ଶୋଭିତ କରାଇବା; ଶୋଭାଯୁକ୍ତ କରିବା— 4. To make beautiful; to cause to be charming.
କାହା ଶିର ମୁକୁଟ ତଳେ ପଡ଼ଯାଏ
ରତନ ଜ୍ୟୋତିରେ ସେ ମହୀ ଚହଟାଏ । କୃଷ୍ଣସିଂହ. ମହାଭାରତ, ଆଦ ।

୧	ଇ	ଉ	ର୍‌,ରି	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇଯ଼	ଉଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ୍ଜ	ନ୍ତ

ଚହଟିଆ—ଦେ. ବଣ—ଶୋଭାମଯ଼; କାନ୍ତିବିଶିଷ୍ଟ—
Chahaṭiā — Charming; beautiful.
চটকীলা
चटकीला

ଚହଟିବା—ଦେ. କ୍ରି—୧ । (ସୁଗନ୍ଧ) ପ୍ରକାଶିତ ହେବା; ମହକିବା—
Chahaṭibā — 1. To diffuse; to fill the air (as a smell).
ছাওয়া
फैलना

ଚନ୍ଦନେ ସେ ପଦ୍ମ ବାସନା ଚହଟ ।
କୃଷ୍ଣସିଂହ. ମହାଭାରତ. ଉଦ୍‌ଯୋଗ ।

୨ । (ବିଷ) ମନୁଷ୍ୟ ଶରୀରରେ ବ୍ୟାପିବା—2. To diffuse through the system (as a poison).

୩ । (ବିଦ୍ୟୁତ୍ ଆଦି) ଉଜ୍ଜ୍ୱଳରୂପେ ପ୍ରକାଶିତ ହେବା—3. To flash.

ସେ କରୁ ଉପୁଜ ଚହଟ ବିଦ୍ୟୁତଟ,
କରଇ ନଯ଼ନକୁ ଦେଉଥାନ୍ତି ଭୁଜ । କୃଷ୍ଣସିଂହ. ମହାଭାରତ ବନ ।

୪ । (ବିଗନ୍ଦିଗନ୍ତ) ସୁବାସରେ ପୂର୍ଣ୍ଣ ହେବା—4. To be filled with (e. g. the air with a smell.)

୫ । ପ୍ରକାଶିତ ହେବା; ପ୍ରକଟିତ ହେବା—5. To be opened to view; to be disclosed or revealed.

ବକ ପାଶରେ ଜଳଯାଚେ କଂଶାର ଜୁଳହିଁ ଚହଟେ ।
ଉପେନ୍ଦ୍ର. ବୈଦେହୀଶବିଳାସ ।

୬ । (ମାଛ ଆଦି) ଉପରକୁ ଉଠିବା; ଉପୁଡି ଉଠିବା—6. To rise up to the surface; (e. g. as a fish in water).

ମାଛର ଦେହ ଯୋଗୁ ପ୍ରବଳେ ବଢ଼ିଲା.
ଚହଟ ଖେଳିବାକୁ କାଲ ନ ମିଳଲା । କୃଷ୍ଣସିଂହ. ମହାଭାରତ. ବନ ।

ଚହଟି ହେବା—ଦେ. କ୍ରି.—ଦଣ୍ଡକର ମାଛ ପରି ଉପରକୁ ଉଠି ଫର ଫର ହେବା; ପ୍ରକାଶିତ ହେବା—
Chahaṭi hebā — To flutter or become prominent.

ବ୍ରାହ୍ମଣକୁଳେ କଲି ବସ୍ତୁ ବଞ୍ଚିଭ ପୁଏ ।
ଚହଟ ହେଉଛନ୍ତି ସଫରୀ ମୀନ ପ୍ରାଯ଼େ । ପୀତାମ୍ବର. କୃଷ୍ଣ ହରିପୁରାଣ ।

ଚହରାଇବା—ପ୍ରାଦେ. (ସମ୍ବଲପୁର; ଭୁଲ. ହି. ଚହରନା=ଅନନ୍ଦିତ ହେବା) କ୍ରି.—ପ୍ରଲୋଭନ ଦେଖାଇବା—
Chaharāibā — To hold out temptation; to allure.

ଚହଳ—ଦେ. ବି. (ସଂ. ଚଳ୍ ଧାତୁ)—୧ । ଆନ୍ଦୋଳନ—
Chahaḻa — 1. Agitation; disturbance.
হৈচৈ
चहल

୨ । ଗୋଳମାଳ; ବହୁଲୋକଙ୍କ ମୁଖରବ; ହୁଲବ; ଯୋଯା—2. Noise; ado; hue and cry; out cry bustle.

ଚୌଦିଗେ ଉଠିଲା ମହାଶୋକର ଚହଳ । ରଘୁନାଥ. ମହାଯାତ୍ରା ।

୨ । ବହୁ ମନୁଷ୍ୟଙ୍କର ଏକତ୍ର ଯିବା ଆସିବା ହେତୁରୁ ଭିଡ଼; ଗହଳ— 2. Pressure of a crowd.

୩ । ପ୍ରଘଟ; ପ୍ରକାଶ—
3. Disclosing; publication; revealing.

[ଦ୍ର—ଏ ଶବ୍ଦ ଗହଳ ଶବ୍ଦ ପରେ ସହଚରରୂପେ ବ୍ୟବହୃତ ହୁଏ । ଯଥା—ଗହଳ ଚହଳ ।]

ଚହଲ—ଦେ. ବି.—୧ । (ସଂ. ଚଲ ଧାତୁ) ସ୍ପନ୍ଦନ; କମ୍ପନ—
Chahala — 1. Throbbing; vibration.
ছলকন

୨ । (ସଂ. ଚିକ୍କଲ=ପଙ୍କ)—କାଦୁଅ; ପଙ୍କ—
চহল — Clay; mire.
चहला

ଦେ. ବଣ.—କର୍ଦ୍ଦମମଯ଼; ପଙ୍କିଲ—Clayey; miry

ଚହଳା—ଦେ. ବଣ.— ଚହଳିଆ (ଦେଖ)
Chahaḻā — Chahaḻiā (See)

କୁଟେ କାଠ ଯେବେ କାଠରେ ଅଗ୍ନି ଥିଲା;
ପର ଉହ ଥାନ୍ତି କୋହଣ ଚହଳା । କୃଷ୍ଣସିଂହ. ମହାଭାରତ. ଉଦ୍‌ଯୋଗ ।

ଚହଲି—ଦେ. ବି. (ସଂ. ଚିକ୍କଲ; ପଙ୍କ)—୧ । ମଳ; ମଇଳା—
Chahalā — 1. Dirt.
চহল, চহলা

୨ । ପଙ୍କ—
चहला; छलकन — 2. Mire; soft mud.

ଦେ. ବଣ.—ପଙ୍କୁଆ; କର୍ଦ୍ଦମମଯ଼—Clayey; miry.

ପ୍ରାଦେ. (ସମ୍ବଲପୁର; ଭୁଲ. ହି. ଚହଲା କୁଅରୁ ପାଣି କାଢିବା ପାଇଁ କୁଅ ଉପରେ ଲାଗିଥିବା ଶଗଡ଼) ବି—

୧ । ବଡ଼କୁଅ, ବାମ୍ପୀ—1. A wide well.

୨ । ଜଳକୁଣ୍ଡ—2. Reservoir of water.

୩ । ନଈବାଲି ବା ଖାଲ ଭୂମିରେ ପାଣି ପାଇଁ ଖୋଳାଯାଇଥିବା ଚଉଡ଼ା ବା ଓସାରିଆ ଗାତ; ଚୁଆ—
3. A small pool or hole dug in the ground to get water.

ପ୍ରାଦେ. (ବସ୍ତର) ବି—ବଯ଼ସ ଛଉ (ଦେଖ)
Bayasa chhau (See)

ଚହଲାଇବା—ଦେ. କ୍ରି—'ଚହଲିବା'ର ଣିଜନ୍ତ ରୂପ—
Chahalāibā — Causative form of Chahalibā.
চলকান

ଆନ୍ଦୋଳିତ କରିବା; ହଲାଇବା—
छलकाना — To agitate; to shake.

ଚହଳି—ଦେ. ବି—ଚହଳ; ଗୋଳମାଳ—
Chahaḻi — Tumult; noise.

[ଦ୍ର—ଏ ଶବ୍ଦ ଗହଳି ଶବ୍ଦ ପରେ ସହଚରରୂପେ ବ୍ୟବହୃତ ହୁଏ :—ଗହଳି ଚହଳି ।]

ଚହଳିଆ—ଦେ. ବଣ. (ସଂ. ଚଲ)—୧ । ଅସ୍ଥିର; ଚଞ୍ଚଳ—
Chahaḻiā — 1. Moving here and there; restless.

୨ । ଚପଳ—2. Fickle; unsteady.

୩ । ଯେ ହଲ୍ଲା କରେ—3. Noisy.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚହଲିବା—ଦେ. କ୍ରି. (ସଂ. ଚଲ୍ ଧାତୁ)—୧ । (ପାତ୍ରର ଚଳନ ଯୋଗୁଁ ତରଳ ପଦାର୍ଥ) ହଲିବା ବା ହଲଚଲ ହେବା—
Chahalibā
চলকা
छलकाना
(ଚହଳିବା—ଅନ୍ୟରୂପ)
1. To be agitated; to vibrate (said of a liquid being agitated).
୨ । ଚଳିବା; ଗତିଯୁକ୍ତ ହେବା—2. To be in motion; to move.

ଚଳୁଅଛି ପଡ଼ ଟେକି ଚଞ୍ଚୀ
ତେଣୁ କର୍ଣ୍ଣପାଶ ନ ଚହଲି । କବିସୂର୍ଯ୍ୟ. କବିତା ।

୩ । ଅସ୍ଥିର ହେବା— 3. To be restless.
୪ । କମ୍ପିବା—4. To shake.

ସେ ପୃଥ୍ୱୀ ଟଳଟଳ ହୋଇ ଚହଲିଲା
ଚହଲନ୍ତେ ପୃଥ୍ୱୀଙ୍କ ପିଡ଼ା ପଡ଼ିଲା । ପୀତାମ୍ବର, ନୃସିଂହପୁରାଣ ।

ଚହାଁଚହିଁ—ସ୍ତ୍ରୀ. ବି. (ଓ. ଚହିଁବା କ୍ରିୟା)—ଚାହାଁଚାହିଁ (ଦେଖ)
Chahāñchahiñ — Chāhāñchāhiñ (See)
(ଚହାଁଚହିଁ—ଅନ୍ୟରୂପ)

ଚହ୍ଲା—ପ୍ରାଦେ. (ଗଞ୍ଜାମ) ବି—ଚଲ୍ଲାଦହି; ଘୋଳଦହି—
Chahlā — Churned curd.

ଯେ ବାସି ହେଲା ଚହ୍ଲାପାଣି,
ତହିଁ ଚାଖିଲି ସ୍ୱେଦେ ଅଣି । ଭୂପତି, ପ୍ରେମପଞ୍ଚାମୃତ ।

ଚହ୍ଲାପୋକ—ପ୍ରାଦେ. (ସମ୍ବଲପୁର) ବି—ଗଉଡୁଣୀପୋକ (ଦେଖ)
Chahlāpoka — Gaurḏuṇipoka (See)

ଚା—ବୈଦେ. ବି. (ଚୀନ୍ ଭାଷା ଚା; ଭୁଲ. ଏହି ଅର୍ଥରେ ଫା. ଚାୟ)—
Chā
চা
चा; चाय
ତେ. ଚେୟାକୁ
୧ । ଏକଜାତୀୟ ଗୁଳ୍ମ ଏବଂ ତାହାର ଶୁଷ୍କ ପତ୍ରବିଶେଷ; ଚାହା ଗଛ ଓ ପତ୍ର—1. Tea; tea-plant and its leaves

[ଦ୍ର—ଏ ଗୁଳ୍ମ ପ୍ରଥମେ ଚୀନ ଦେଶରୁ ଭାରତକୁ ଆସିଥିଲା । ଆସାମ ଜଙ୍ଗଲରେ 'ଚା' ଗୁଳ୍ମ ଦେଖାଯିବାରୁ ପରୀକ୍ଷାସ୍ୱରୂପ ଆସାମରେ ଏହାର କୃଷି କରାଗଲା ଓ କ୍ରମେ କ୍ରମେ ଆସାମରେ ଓ ଲଙ୍କାରେ ଏହାର ବିସ୍ତୃତ କୃଷି ହେଲା । ବର୍ତ୍ତମାନ ଏହା ଭାରତରୁ ଓ ଲଙ୍କାରୁ ବିଦେଶକୁ ପଠାଯିବା ଗୋଟିଏ ଲାଭଜନକ ପଣ୍ୟଦ୍ରବ୍ୟ ହୋଇଅଛି । 'ଚା' ଗଛ ଉଚ୍ଚରେ ୨ ହାତଠାରୁ ୪ ହାତ ବଢ଼େ । ଏହାର ପତ୍ର ୧୦।୧୨ ଅଙ୍ଗୁଳ ଲମ୍ବ ଓ ୩।୪ ଅଙ୍ଗୁଳ ଚଉଡ଼ା ଓ ପତ୍ରର ଦୁଇ ମୁଣ୍ଡ ମୁନିଆଁ; ଏଥିର ଫୁଲ ୪।୫ ପାଖୁଡ଼ିଆ ଓ ଧଳା । ଫୁଲ ଝଡ଼ିଗଲା ପରେ ଗଛରେ ଫଳ ଧରେ । ଫଳ ମଧ୍ୟରେ ଏକଠାରୁ ୩ ପର୍ଯ୍ୟନ୍ତ ମଞ୍ଜି ଥାଏ । ଏହାର ପତ୍ରକୁ କଅଁଳ ସମୟରେ ତୋଳି ତାକୁ ଶୁଖାଇ ଟିକିଟିକି କରି ରଖାଯାଏ । ଶୁଖିଲା ପତ୍ରର ବର୍ଣ୍ଣ ଫିକା କଳା । ଫୁଟିଲା ପାଣିରେ ଏହି ଶୁଖିଲା ପତ୍ରକୁ ପକାଇ ଚୁଲିରୁ ଓହ୍ଲାଇଅଣି ସେ ପାଣିରୁ ବଳୁଥିବା 'ଚା' ପତ୍ରଗୁଡ଼ିକ ଛାଣି ଫିଙ୍ଗିଦିଆଯାଏ । ସେ ପାଣି ଈଷତ୍ ନାଲି ଓ କଷା ଲାଗେ । ଉକ୍ତ ପାଣିରେ ଦୁଧ ଓ ଚିନି ମିଶାଇ ତାହା ଗରମ ଥାଉଁ ଥାଉଁ ପିଆଯାଏ । କେହି କେହି ଦୁଧ ଓ ଚିନି ନ ଦେଇ ଖାଲି ଚା ସିଝା ପାଣି ପିଅନ୍ତି ଓ କେହି କେହି ଲୁଣ ମିଶାଇ ଖାଆନ୍ତି । ସଭ୍ୟସମାଜରେ ଓ ସଭ୍ୟସମାଜ ସଂସ୍ରବରେ ଆସିଥିବା ବନ୍ୟ ଓ ଅସଭ୍ୟ ଜାତିମାନଙ୍କ ମଧ୍ୟରେ 'ଚା' ପିଇବା ଗୋଟିଏ ଅପରିହାର୍ଯ୍ୟ ଅଭ୍ୟାସରେ ପରିଣତ ହୋଇଅଛି । ଚୀନ ଦେଶରେ ଲୋକେ ଅତି ପ୍ରାଚୀନକାଳରେ ଔଷଧରୂପେ ଚା ପତ୍ର ବ୍ୟବହାର କରୁଥିଲେ । କିନ୍ତୁ ଆଜିକାଲି ପରି ଚା ପତ୍ର ବଳୁରା ଗରମ ପାଣିକୁ ପିଇବାର ରୀତି ଖ୍ରୀଷ୍ଟ ୭ମ ବା ଅଷ୍ଟମ ଶତାବ୍ଦୀରୁ ଚଳିଲା । ଏ ପାଣି ପିଇଲେ ଦେହରୁ ଆଳସ୍ୟ ଦୂର ହୋଇ ସ୍ଫୂର୍ତ୍ତି ଜନ୍ମେ ଓ ଅନିଦ୍ରା ଏବଂ ପରିଶ୍ରମଜନିତ କ୍ଳାନ୍ତି ଦୂର ହୁଏ । ଇଷ୍ଟଇଣ୍ଡିଆ କୋମ୍ପାନି ଭାରତକୁ ପ୍ରଥମେ ବ୍ୟବସାୟ ପାଇଁ ଆସିଲାବେଳେ ଚୀନ ଦେଶରୁ 'ଚା' କିଣି ବିଲାତକୁ ପଠାଉଥିଲେ । ପରେ ଆସାମରେ 'ଚା' ଗଛ ବଣରେ ଉଠୁଥିବାର ଦେଖାଯିବାରୁ ଭାରତରେ ଏହାର ଚାଷ ହେଲା । 'ଚା' ଗଛ ଅନେକ ପ୍ରକାର ଓ ତହିଁର ପତ୍ର ମଧ୍ୟ ଅନେକ ପ୍ରକାରର । ଶୁଖିଲା ପତ୍ରର ବର୍ଣ୍ଣ ମଧ୍ୟ ନାନାପ୍ରକାରର—
ହି. ଶବ୍ଦସାଗର ।]

୨ । ଫୁଟିବା ପାଣିରେ ଶୁଖିଲା 'ଚା'ର ପତ୍ର ପକାଇ ଉକ୍ତ ଜଳକୁ ଛାଣି ସେ ଆରକ୍ତ ଜଳ ସଙ୍ଗେ ଦୁଧ ଓ ଚିନି ମିଶାଇ ପ୍ରସ୍ତୁତ କରାଯିବା ପାନୀୟ—2. Tea (drink); concoction of dry tea leaves mixed with milk and sugar and used as a drink.

ଚାଅଲତା—ଦେ. ବି—ମେଜେଣ୍ଟର; ମାଜେଣ୍ଟା; ବୈଜ୍ଞାନିକ ପ୍ରକ୍ରିୟାରେ ଆଲକାତରାରୁ ପ୍ରସ୍ତୁତ ଈଷତ୍ ନୀଳଦାନାଦାର ରଙ୍ଗବିଶେଷ—Magenta; a red pigment.
Chāalatā

[ଦ୍ର—ଏହି ମେଜେଣ୍ଟରଦାନାମାନ 'ଚା' ପତ୍ର ପରି କଳା ଦିଶେ ଓ ପାଣିରେ ପକାଇଲେ ପାଣି ଅଲତା ପରି ନାଲିଆ ହୁଏ । ଏଥିଯୋଗୁଁ ଏଥିର ନାମ ଚା-ଅଲତା ହୋଇଅଛି ।]

ଚାଆ (ଇତ୍ୟାଦି)—ବୈଦେ. ବି (ଚୀନ ଭାଷା ଚା)—ଚା (ଇତ୍ୟାଦି) (ଦେଖ)
Chāā (etc) — Chā (etc) (See).

ଚାଆଁରା—ଦେ. ବି—ଏକପ୍ରକାର ଘାସ—
Chāāñrā — A kind of grass.

চাঙ্গা
चाङ्गला
ଦେ. ବିଣ (ସଂ. ଚଙ୍ଗ = ସୁସ୍ଥ, ଦକ୍ଷ, ନୀରୋଗ)—
୧ । ଚାଙ୍ଗଳା; ସତେଜ (ବୃକ୍ଷାଦି)—1. Vigorous (trees).
୨ । ହୃଷ୍ଟପୁଷ୍ଟ—2. Strong and well developed.

ଚାଇ—ଦେ. ବି—୧ । ଗୋଲମରିଚ (ଦେଖ)—
Chāi — 1. Golamaricha (See) (Haines).
୨ । ଚଇକାଠ (ଦେଖ)—
Chaikaṭha (See)

ଽ	ଇ	ଉ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଖ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଢ଼	କ୍ଟ

ଚଇଁ—ଦେ. ବିଣ—୧ । (ସଂ. ଚପଳ)—ଚଞ୍ଚଳମତି; ଚପଳ—
Chāiṅ 1. Unsteady; fickle.
চাঞ্চ ୨ । ସ୍ଫୂର୍ତ୍ତିଯୁକ୍ତ; ଚଞ୍ଚଳ—2. Brisk.
ਚਾਂਹ ୩ । ଠକ; ପ୍ରତାରକ—3. Cheating; fraudulent.
(ଚଁଇଁ—ଅନ୍ୟରୂପ) ୪ । ଧୂର୍ତ୍ତ—4. Sly.
୫ । ଚତୁର—5. Clever.
୬ । ଦକ୍ଷ; କର୍ମଠ—6. Active; skilful.
୭ । (ସଂ. ତପ୍ତ) ତାତିଲା; ଉତ୍ତପ୍ତ—7. Hot; heated.
ଦେ. ବି—୧ । ଯେଉଁ ଲୋକ ଆଖି ଆଗରୁ ଜିନିଷ ଚୋରାଇନିଏ—1. A sly thief who steals things before one's eyes.
୨ । ଧପାବାଜ୍ ବା ଠକ ବ୍ୟକ୍ତି—2. A cheat.
୩ । ଠକାମି—3. Cheating.

ଚଇଁଆ—ଦେ. ବିଣ—ଚଇଁ (ଦେଖ)—
Chāiṅā Chāiṅ (See)

ଚଇଁକରିବା—ଦେ. କ୍ରି—୧ । ତାତିବା; ଉତ୍ତପ୍ତ ହେବା—
Chāiṅkaribā 1. To become heated.
୨ । ଚଇଁ ଶବ୍ଦ କରିବା—2. To produce the sound of a drop of water falling on a very hot metal.

ଚଇଁକାଠ—ଦେ. ବି. (ସଂ. ଚବକା; ଚବ୍ୟ)—ଚଇକାଠ (ଦେଖ)
Chāiṅkātha Chaikātha (See)

ଚଇଁକିନା—ଦେ. ଅ—ଚଇଁ ଚଇଁ (ଦେଖ)
Chāiṅkinā Chāiṅchāiṅ (See)

ଚଇଁ କରି
ଚଇଁ କର } ଅନ୍ୟରୂପ
ଚଇଁ ଦେଇ

ଚଇଁଖରା—ଦେ. ବି—ମଧ୍ୟାହ୍ନ ପୂର୍ବେ ବା ପରେ ହେବା ପ୍ରବଳ ଖରା; ଚଇଁ ଚଇଁଆ ରୌଦ୍ର—Very hot rays of the sun.
Chāiṅkharā

ଚଇଁଖସିବା—ଦେ. ବି—ଭୟରେ ଛାତିଆ ପଶିବା; ହୃଦୟରେ ଡରିବା; ଭୟଜାତ ହେବା—Becoming terrified.
Chāiṅkhasibā
চমকেখাওয়া (ଯଥା—ସେଠାରେ ହାଣକାଟ ହେଉଥିବା ଖବର
ਚੌਂਕਣਾ ଶୁଣି ତାର ବା ତାଠଉଁ ଚଇଁ ଖସିଲା ।)
ଚଇଁ ଖସିପଡ଼ିବା } ଅନ୍ୟରୂପ
ଚଇଁ ଖସିଯିବା

ଚଇଁଚଇଁ—ଦେ. ଅ—୧ । ତୀକ୍ଷ୍ଣ-ସ୍ପର୍ଶ-ଅନୁଭୂତ ସହିତ—
Chāiṅchāiṅ 1. A sharp biting sensation.
୨ । ତଅଁ ବା ନିଆଁ ଉଷ୍ଣା ଦେହରେ ମାଡ଼ ହେଲେ ଯେଉଁ ଅନୁଭୂତି ହୁଏ ସେହିପରି—2. A burning sensation in the body (when touched with a searing rod).
୩ । ଦେହରେ ଛୁଞ୍ଚି ଫୋଡ଼ ହୋଇ ଗଲେ ଯେଉଁ କଷ୍ଟ ଅନୁଭୂତ ହୁଏ—3. The pang of a pin pricking the body.
୪ । ଶୀଘ୍ର ଶୀଘ୍ର—
4. Repeatedly; in quick succession.
୫ । ଘନ ଘନ ଦେହ ଭୋଳ ବନ୍ଦ ହେବାର ଅନୁଭୂତି ସହିତ—5. With a feeling of repeated momentary pangs in the system (as by pin-prick or pricking with a fire brand.)
୬ । ତାତିଲା ଲୁହା ଉପରେ ବା ତାତିଲା ହାଣ୍ଡିରେ ଟୋପା ଟୋପା ପାଣି ପଡ଼ିବାର ଶବ୍ଦ; ଚେଁଚେଁ ଶବ୍ଦ—6. Sound produced by drops of water falling on a red-hot metal or earthen pot.

ଚଇଁପଖାଳ—ଦେ. ବି—ଭାତ ଗରମ ଥାଉଁ ଥାଉଁ ସେଥିରେ ପାଣି
Chāiṅpakhāla ଢଳାଯାଇଥିବା ପଖାଳ; ଯେଉଁ ପଖାଳ
(ବାସୀ ପଖାଳ—ବିପରୀତ) ଭାତରୁ ଉଷ୍ମ ଛାଡ଼ି ନ ଥାଏ—
1. Boiled rice mixed with water while still hot and served while still hot.
୨ । ସଜ ପଖାଳ—2. Freshly watered boiled rice.

ଚଇଁମାରିବା—ଦେ. କ୍ରି—୧ । ଧପ୍ପାମାରିବା—
Chāiṅmāribā 1 To practise cheating.
୨ । ଆଖି ଆଗରୁ କୌଣସି ପଦାର୍ଥ ଚୋର କରି ନେବା—
2. To steal a thing before one's eyes; to pilfer.

ଚଇଁ ମୁଗ—ଦେ. ବି—ଝାଞ୍ଜିମୁଗ; ଖରାଦିନେ ପାଚିବା ଏକଜାତୀୟ କଳୁଷ୍ଣ
Chāiṅ muga ମୁଗ—A leguminous seed harvested in summer.
[ଦ୍ର—ଏହା ମାଘ ମାସରେ ବୁଣା ହୋଇ ଗ୍ରୀଷ୍ମ ଋତୁରେ ଅମଳ ହୁଏ । ଏହାର ବର୍ଣ୍ଣ ସବୁଜ ।]

ଚଇକଚିକା—ଦେ. ବି. (ସଂ. ଚକଚକ୍ୟ)—
Chāikichikā ୧ ।.ବେଶଭୂଷାର ଆଡ଼ମ୍ବର—
1. Foppishness; gaudiness in dress.
୨ । ଉଜ୍ଜ୍ୱଳତା—2. Glitter; dazzle
ଦେ. ବିଣ—୧ । ଚକଚକ୍ୟ ବା ଆଡ଼ମ୍ବରପୂର୍ଣ୍ଣ—
1. Foppish; gaudy.
୨ । ଉଜ୍ଜ୍ୱଳ—2. Bright; glittering; dazzling.

ଚାଇନାପାମ୍—ବୈଦେ. ବି. (ଇଂ. ଚାଇନା=ଚୀନ୍‌ଦେଶ+ପାମ୍=
Chāinapām ତାଳଗଛ)—ବିଦେଶାଗତ ତାଳ ଓ ଖଜୁରୀଜାତୀୟ ବୃକ୍ଷବିଶେଷ—China palm; Phoenix Rotundipotea.

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କ୍ରୁଥ' ନ ମିଳିଲେ 'କୃଥ' ଦେଖିବେ; 'ବଧୂନି' ନ ପାଇଲେ 'ବଧୁନି' ଦେଖିବେ; 'ଅର୍ଘ୍ୟ' କୁ ପାଇଲେ 'ଅର୍ଘ' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଚଉଁ—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ହଠାତ୍ ତାତିଲା ଧାତୁଖଣ୍ଡ
Chāuñ ଦେହରେ ମାଡ଼ିବାର ଅନୁଭୂତି—1. Sensation felt when the body is touched with a piece of hot metal.
୨ । ହଠାତ୍—2. Suddenly.
୩ । ହଠାତ୍ ଭୟ ପାଇ ଚମକିବା—3. Being startled suddenly.
୪ । ହଠାତ୍ ଭୟ; ଛନକା—4. Sudden fear or fright.

ଚଉଁକିନା—ଦେ. ଅ—ଚଇଁଚଇଁ (ଦେଖ)
Chāuñkinā Chāiñchāiñ (See)
ଚଉଁକରି, ଚଉଁକରେ, ଚଉଁଦେଇ } ଅନ୍ୟରୂପ

ଚଉଁଚଉଁ—ଦେ. ଅ—୧ । ଚଇଁଚଇଁ (ଦେଖ)
Chāuñchāuñ 1. Chāiñchāiñ (See)
୨ । ଚଉଁଚଉଁଆ (ଦେଖ) 2. Chāuñchāuñā (See).

ଚଉଁଚଉଁଆଁ—ଦେ. ଅ—୧ । ନିଶୂନ୍ଶୂଆ ହେବାଯୋଗୁଁ ଡର ବା ଭୟ—
Chāuñchāuñāñ 1. Fear on being lonely.
୨ । ନିର୍ଜନତା ଯୋଗୁଁ ଭୟପ୍ରଦ (ସ୍ଥାନ)—2. (a place) Fearful on account of being lonely.
୩ । ନିଶୂନ୍ଶୂଆ; ନିର୍ଜନ—3. Lonely; lonesome.
୪ । କୌଣସି ବସ୍ତୁ ହଠାତ୍ ଉପସ୍ଥିତ ହେବା ଦେଖି ତ୍ରସ୍ତ—4. Startled or frightened on account of sudden appearance of a thing.

ଚଉଁରି—ପ୍ରାଦେ (ସମ୍ବଲପୁର) ବି—ଚଉଁରି (ଦେଖ)—
Chāuñri Chauñri (See)

ଚଉଁରିମୁଠି—ପ୍ରାଦେ (ମେଦିନୀପୁର) ବି—ଚଉଁରିଭୁଣ୍ଡି (ଦେଖ)—
Chāuñrimuṭhi Chauñribhuṇḍi (See)

ଚଉଁରିମୁଣ୍ଡି—ପ୍ରାଦେ (ସମ୍ବଲପୁର) ବି—ଚଉଁରିଭୁଣ୍ଡି (ଦେଖ)—
Chāuñrimuṇḍi Chauñribhuṇḍi (See)

ଚଉର୍‌ପିସାନ୍—ପ୍ରାଦେ (ବସ୍ତର) ବି—ଚାଉଳଚୂନା—
Chāurpisān The powder of rice.

ଚଉର—ଗ୍ରା. ବି (ଅଶୁଦ୍ଧ ଉଚ୍ଚାରଣ)—ଚାଉଳ (ଦେଖ)—
Chāura Chāuḷa (See)
[ଦ୍ର—ବାଉରି, କଣ୍ଡରା, ପାଣ ଆଦି ନୀଚଜାତିର ଲୋକେ 'ଚାଉଳ' ସ୍ଥଳରେ 'ଚଉର' ଉଚ୍ଚାରଣ କରନ୍ତି; ଏହିପରି 'କେଉର', 'ଖେଉର' ଇତ୍ୟାଦି ମଧ୍ୟ କହନ୍ତି ।]

ଚଉଲ୍—ପ୍ରାଦେ (ସମ୍ବଲପୁର, ମେଦିନୀପୁର; ଭୁଲ. ହି. ଚାଉଲ୍; ବ. ଚାଲ୍)—
Chāul ବି—ଚାଉଳ; ତଣ୍ଡୁଳ—Rice.

ଚାଉଳଚୀ—ପ୍ରାଦେ. (ପୁରୀ) ବି. ସ୍ତ୍ରୀ—ଚାଉଳ୍‌ତି (ଦେଖ)—
Chāuḷchi Chāuḷti (See)

ଚାଉଳ୍‌ତି—ପ୍ରାଦେ (ପୁରୀ) ବି. ସ୍ତ୍ରୀ—ଯେଉଁ ସ୍ତ୍ରୀ ଧାନ କିଣି ଆଣି ଚାଉଳ
Chāuḷti କୁଟି ବେପାର କରେ—The woman whose profession is to purchase paddy, husk it and sell the rice so produced on profit.

ଚାଉଳ୍‌ପୋକ୍—ପ୍ରାଦେ (ସମ୍ବଲପୁର) ବି—ଚାଉଳିଆ ପୋକ (ଦେଖ)—
Chāulpok Chāuḷiā poka (See)

ଚାଉଳ—ଦେ. ବି (ସଂ. ତଣ୍ଡୁଳ; ତୃଣଜାତିର ପରିଷ୍କୃତ ହେବାରୁ କି ?)
Chāuḷa ୧ । ତଣ୍ଡୁଳ—1. Rice; Oryza Sativa.
চাউল, চাল [ଦ୍ର—ଧାନର ପ୍ରକାରଭେଦରେ ଚାଉଳ
প্রাচীন চালু ବିଭିନ୍ନ ଜାତୀୟ ହୁଏ । ଧାନରୁ ଚାଉଳ ପ୍ରସ୍ତୁତ
चांवल, चावल କରିବା ପ୍ରଣାଳୀଭେଦରେ ଏହା ପ୍ରଧାନତଃ ଅରୁଆ ଓ ଉଷୁନା ଏହିପରି ଦୁଇପ୍ରକାର ।]
୨ । ଭୁଷ ବା ଚୋପା କଢ଼ା ହୋଇଥିବା କେତେକ ଶସ୍ୟ-ଖାଦ୍ୟ—2. Husked seed of certain corns.
(ଯଥା—ବାଉଁଶ ଚାଉଳ, ଗୁଆ ଚାଉଳ, କୋଦୁଅ ଚାଉଳ ।)
୩ । ଏକ ରତିର ଅଷ୍ଟମାଂଶ (ଓଜନ)—3. A standard of weight; $\frac{1}{8}$ of a grain.

ଚାଉଳ ଧରିବା—ଦେ. କ୍ରି—ଚାଉଳ ମହାଜନ କୃଷକ ଓ ଛୋଟ ବେପା-
Chāuḷa dharibā ରିଙ୍କଠାରୁ ବାଣିଜ୍ୟାର୍ଥ ବହୁପରିମାଣରେ
চালধরা ଚାଉଳ କ୍ରୟ କରିବା—To purchase rice from producers or petty traders in large quantities for commerce.

ଚାଉଳଧୁଆ—ଦେ. ବି—୧ । ଯେଉଁ ପାଚିଆ ବା ଝାଉଁଶିଆରେ ଚାଉଳ
Chāuḷadhuā ରଖି ଧୌତ କରାଯାଏ—1. A basket used
ধুচনী for washing rice.
୨ । ଗୁଳ୍ମବିଶେଷ—2. A kind of bush; Glycosmis Arborea; Uveria.
[ଦ୍ର—ଏହା ନଇମୁହାଣର ପଟୁମାଟିରେ ଉଦ୍ଭିଦରୂପେ ବଢ଼େ; ଭୃଙ୍ଗାରେ ୩୬ ପୃଷ୍ଠ ହୁଏ । ଲୋକେ ଏହାର କୋଳି ଖାଆନ୍ତି ।]

ଚାଉଳଧୁଆପାଣି—ଦେ. ବି—ତଣ୍ଡୁଳୋଦକ; ଯେଉଁ ଜଳରେ ଚାଉଳ
Chāuḷadhuāpāṇi ମକଚା ହୋଇ ଧୁଆ ହେବାରୁ ତାହାର
চাল ধোয়ান জল, ଅଂଶ ବିଦ୍ୟମାନ ଥାଏ—Water left
চেলুনি; চোঁয়ানি after washing rice in it.

ଚାଉଳ ପକାଇବା—ଦେ. କ୍ରି—୧ । ଅନ୍ନ ପ୍ରସ୍ତୁତ କରିବା ସକାଶେ
Chāuḷa pakāibā ଚୁଲିରେ ବସିଥିବା ପାଣି ହାଣ୍ଡିରେ ଧୁଆ
চালফেলা ଚାଉଳକୁ ଛାଡ଼ିଦେବା—1. To put washed
चावलडालना rice into the water of a pot boiling over fire in order to prepare boiled rice for meal.

୧	ଋ	ଡ଼	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇୟ	ଉଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଡ଼	ନ୍

୨ । (ଲକ୍ଷଣାର୍ଥ) କୌଣସି କନ୍ୟା କୌଣସି ନିର୍ଦ୍ଦିଷ୍ଟ ପୁରୁଷକୁ ବା ନିର୍ଦ୍ଦିଷ୍ଟ ପରିବାରସ୍ଥ ସନ୍ତାନକୁ ବିବାହ କରିବ ବୋଲି ପୂର୍ବରୁ ପ୍ରଜାପତିଙ୍କଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା—
2. (figurative) (a bride) To have been ordained by Prajapati to be the bride of (so and so male).
(ଯଥା— ଅମୁକ (କନ୍ୟା) ଅମୁକ (ବର) ଙ୍କ ଘରେ ତ ଚାଉଳ ପକାଇଥିଲା, ସେଠେଇଁ ବିଭା ନ ହୋଇ ଆଉ କାହାକୁ ବିଭା ହୋଇ ଥାଆନ୍ତି ।)

ଚାଉଳ ବାଛିବା—ଦେ. କ୍ରି.—ଅନ୍ନ ପାକାର୍ଥ ଚାଉଳରୁ ଧାନ, ଗୋଡ଼ି ଆଦି
Chāuḷa bāchhibā କାଢ଼ି ପରିଷ୍କାର କରିବା—To pick
চালবাছা out foreign matters or particles from
चावलछाटना a quantity of rice before boiling it for food.

ଚାଉଳଭଜା—ଦେ. ବି.—(ସଂ. ତଣ୍ଡୁଳ+ଭର୍ଜନ)—୧ । ଭଜା ହୋଇ-
Chāuḷabhajā ଥିବା ଚାଉଳ; ଭୃଷ୍ଟ ତଣ୍ଡୁଳ; ମୁଢ଼ି—
চালভাজা 1. Fried rice.
चावल भुनना ୨ । ହାଣ୍ଡି ମଧ୍ୟରେ ବାଲି ବସାଇ ସେହି ବାଲିସ୍ତର ଉପରେ ଚାଉଳକୁ ଖଡ଼ିକାମୁଠାରେ ଖରଡ଼ ଖରଡ଼ ଅଗ୍ନି-ତ ପରେ ଭାଜିବା ପ୍ରକ୍ରିୟା—2. The operation of frying rice on sand in a pot over fire.

ଚାଉଳଭାଜିଲି ଝାଇଁ—ଦେ. ପ୍ରବଚନ—ଚାଉଳଭଜା ପ୍ରସ୍ତୁତ କରିବା
Chāuḷa bhājili jhāin̐ ଉଦ୍ଦେଶ୍ୟରେ ଚାଉଳ ଓ ବାଲି ଖଡ଼ିକାମୁଠାରେ ଖରଡ଼ିବା ବେଳେ ଖଡ଼ିକାମୁଠାର ମୂଳ, ଚାଉଳ, ବାଲି ଓ ହାଣ୍ଡିର ପରସ୍ପର ଘର୍ଷଣରୁ ଜାତ ଝାଇଁ ଝାଇଁ ଶବ୍ଦ ।

ଚାଉଳ ମୁଗୁରା—ଦେ. ବି.—(ଏହାର ମଞ୍ଜି ଚାଉଳ ପରି ଥିବାରୁ) ବନ୍ୟ
Chāuḷa mugurā ତରୁବିଶେଷ—A tree growing in
চালমুগুরা the forest; Tarak Togenus Kurzii.
[ଦ୍ର—ଶ୍ରୀହଟ୍ଟ, ଚଟ୍ଟଗ୍ରାମ ଓ ବ୍ରହ୍ମଦେଶର ଜଙ୍ଗଲମାନଙ୍କରେ ଏ ଗଛ ଜନ୍ମେ । ଏହାର ପତ୍ର ମସୃଣ ଓ ଫଳ ଗୋଲ । ଏହାର ମଞ୍ଜିରୁ ଚର୍ମରୋଗନାଶକ ଏକପ୍ରକାର ତୈଳ ପ୍ରସ୍ତୁତ ହୁଏ ।]

ଚାଉଳି—ଦେ. ବିଣ—ଚାଉଳରୁ ପ୍ରସ୍ତୁତ (ମଦ)—
Chāuḷi (wine) Made from rice.

ଚାଉଳିଆ—ଦେ. ବି—୧ । ପିଜୁଳି—
Chāuḷiā 1. Guava.
পিআরা ୨ । (ସଂ. ଚଳଚମ=ଶ୍ୱେତ ପରି ମାଛ) ଚିଲିକାରେ
अमृद; अमृत ମିଳିବା ଏକପ୍ରକାର ମାଛ—
2. A kind of fish (in Chilka).
୩ । ବଡ଼ ବଡ଼ ଜାମୁକୋଳି (ନଦେ)—
3. Large black-berries.

୪ । ଚାଉଳବ୍ୟବସାୟୀ ମହାଜନ—
4. A rice merchant.
ଦେ. ବିଣ—୧ । ଚାଉଳବ୍ୟବସାୟୀ—
1 Trading in rice.
(ଯଥା—ଚାଉଳିଆ ମହାଜନ ।)
୨ । ଚାଉଳ ପରି ଟାଣୁଆ (ବସ୍ତୁ)—
2. Hard as grains of rice.
୩ । ପାଟିରେ ଚାଉଳ ଚୋବାଉଥିବା ଅବସ୍ଥାରେ ଉଚ୍ଚାରିତ ହେବା ଭଳି—3. Uttered as if the speaker is chewing a mouthful of rice.
୪ । ଚାଉଳସମ୍ବନ୍ଧୀୟ—
4. Relating to rice.

ଚାଉଳିଆ କେଳା—ଦେ.ବି—ଏକଜାତୀୟ କେଳା—
Chāuḷiā keḷā A wandering tribe.
[ଦ୍ର—ଏ କେଳାଙ୍କ ସ୍ତ୍ରୀମାନେ ଅଳଙ୍କାର ମାଡ଼ିବାରେ ବ୍ୟବହୃତ ହେଉଥିବା ବେଣାଚେରର ମୁଠା ଓ ତାଳପତ୍ର ଝୁମୁକା ପ୍ରସ୍ତୁତ କରି ବିକ୍ରୟ କରନ୍ତି ।]

ଚାଉଳିଆଗଞ୍ଜ—ଦେ. ବି—୧ । ଚାଉଳ ବେପାରର ଅଡ୍ଡା—
Chāuḷiāganja 1. A mart of rice trade.
(ଚାଉଳିଆଗଣ୍ଡ—ଅନ୍ୟରୂପ) ୨ । (ନାମ) କଟକ ରେଲଷ୍ଟେସନ ନିକଟବର୍ତ୍ତୀ ବଡ଼ିଆ ଗ୍ରାମବିଶେଷ—2. A large village near the Cuttack station B. N. Ry.
[ଦ୍ର—ଏହି ଗ୍ରାମରେ ବର୍ତ୍ତମାନ ବହୁତ ପାଠାଣ ବାସ କରନ୍ତି । ଏହି ମହଲାରେ ମରହଟ୍ଟା ଅମଳର ସୈନିକ ଘୋଡ଼ା ଅସ୍ତବଲ ଅଦ୍ୟାପି ଅଛି; ଏହି ଘୋଡ଼ା ଅସ୍ତବଲ ବର୍ତ୍ତମାନ ସରକାରୀ ଅଧସ୍ତନ ପୁଲିସଙ୍କ ବସାଘର ଓ ଥାନାରୂପେ ବ୍ୟବହୃତ ହେଉଅଛି । ପୂର୍ବେ ଏ ଗ୍ରାମସଲଗ୍ନ ପଡ଼ିଆରେ ଘୋଡ଼ଦଉଡ଼ ହେଉଥିଲା, କିନ୍ତୁ ବର୍ତ୍ତମାନ ସେଠାରେ କଟକ ଷ୍ଟେସନ ଓ ରେଭେନ୍ସା କଲେଜ ଭବନ ନିର୍ମିତ ହୋଇଅଛି ।]

ଚାଉଳିଆ ଗୁଣା—ଦେ. ବି (କର୍ଣ୍ଣଭୂଷଣ)—ଦୁଇ ଧାଡ଼ି ରୁଆ ବସା
Chāuḷiā guṇā ହୋଇଥିବା, ମଝିରେ ପଥର ପଟା ଥିବା ଏକପ୍ରକାର ଗୋଲ ଗୁଣା; ଯାଉଁଳି ଗୁଣା—
A kind of nose ring.

ଚାଉଳିଆ ପୋକ—ଦେ.ବି—ପୁରୁଣା ଚାଉଳରେ ହେବା ଧଳା ଲମ୍ବ କୀଟ-
Chāuḷiā poka ବିଶେଷ—A kind of white in-
চেলেপোকা sects infesting rice kept for some time; Calandra.

ଚାଉଳି କୋକଲି—ଦେ. ବି—ଏକ ପ୍ରକାର କୋକଲି ମାଛ;
Chāuḷi kokali (କୋକଲି ତଳେ ନୋଟ ଦେଖ)—
A kind of fish (see notes under 'Kokali')

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ଲୁଥ' ନ ମିଳିଲେ 'କୁଥ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଙ୍ଘ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚାଉଳେଇ ଚାଉଳେଇ କଥା କହିବା—ଦେ. କ୍ରି— Chāulei chāulei kathā kahibā ଦନ୍ତୋଷ୍ଠ କଥା କହିବା; ଅସ୍ପଷ୍ଟ ଭାବରେ କଥା କହିବା (ପାଟିରେ ଚାଉଳ ଚୋବାଉ ଚୋବାଉ କଥା କହିଲେ କଥା ଯେପରି ଅସ୍ପଷ୍ଟ ହୁଏ, ସେହି ପରି କହିବା—To speak indistinctly and confusedly (as if speaking while chewing rice).

ଚାଁବର—ପ୍ରାଦେ. (ବସ୍ତର; ଭୁଲ. ହି. ଚଁବର)— Chāñbara ଚଅଁର (ଦେଖ) Chaañra (See)

ଚାକ୍—ପ୍ରାଦେ. (ମେଦିନୀପୁର) ବି. (ସଂ. ଚକ୍ର; ଭୁଲ. ଏହି ଅର୍ଥରେ ବ. ଚାକ୍)—୧ । ମଧୁଚକ୍ର; ମହୁଫେଣା; ମଧୁମକ୍ଷିକାର ଚକାକାର ବସା—1 Bee hive.
Chāk
୨ । (ସିଂହଭୂମ) ବି—ଶଗଡ଼ର ଚକ— 2. The wheel of a cart.

ଚାକଚକ୍ୟ—ସଂ. ବି. (ଚକ୍ ଧାତୁ=ତୃପ୍ତ ହେବା; ଦ୍ୱିତ୍ୱ; ଚକଚକ ଧାତୁ +ଭାବ. ଅ)—ବର୍ଣ୍ଣର ଉଜ୍ଜ୍ୱଳତା; ଦୀପ୍ତି; ଚକଚକି—Brightness; glitter; brilliance.
Chākachakya

ଚାକଚକ୍ୟବନ୍ତ—ଦେ. ବିଣ—ଚକଚକିଆ; ଦୀପ୍ତିଶାଳୀ— Chākachakyabanta Bright; dazzling.

ଚାକଚକ୍ୟବନ୍ତ ସୁନ୍ଦର ଗାଲେ
ଚୁମ୍ବିବ ଯେବେ ମୁଁ କାମ ଅନଳେ । କନ୍ଦର୍ପ. କବିତା ।

ଚାକଚିକ୍ୟ—ସଂ. ବି—୧ । ଚାକଚକ୍ୟ (ଦେଖ) Chākachikya 1. Chākachakya (See)
୨ । ମାୟା—2. Illusion.

ଚା କପ୍—ବୈଦେ. ବି. (ଚୀନ ଭାଷା. ଚା ଓ ଇଂ. କପ୍)— Chā kap ଚାହା ପାନ କରିବା ନିମନ୍ତେ ସାଧାରଣତଃ ବ୍ୟବହୃତ ଚିନା ମାଟିର ଗିନା ବା ପିଆଲ—Tea cup.
चा कप्
चा कप्

ଚାକର—ବୈଦେ. ବି (ଫା. ଚାକର)—ଦାସ; ଭୃତ୍ୟ; ସେବକ— Chākara Servant; attendant.
চাকর ଚାକର ନୁହେଁ କୁକୁର—ପ୍ରବାଦ ।
चाकर [ଦ୍ର—ଚାକରର ମୌଳିକ ଅର୍ଥ ପ୍ରଭୁଙ୍କର ସେବାକାରୀ (ଚାକରିଆ—ଅନ୍ୟରୂପ) ଦରମାଖିଆ ଭୃତ୍ୟ କିନ୍ତୁ ବର୍ତ୍ତମାନ ଏହା
ଚାକରାଣୀ } ସ୍ତ୍ରୀ.
ଚାକରିଆଣୀ }
କୌଣସି ବେତନଭୋଗୀ ବ୍ୟକ୍ତି ପ୍ରତି ଖଟାଯାଉଅଛି । ପ୍ରଧାନ ମନ୍ତ୍ରିଙ୍କଠାରୁ ଆରମ୍ଭ କରି ଚପରାଶୀ ପର୍ଯ୍ୟନ୍ତ ଓ ଦରମାଖିଆ ନୀଚ ସେବକ ଭୃତ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ଚାକର ବୋଲି ଯାଉଅଛି ।]

ଚା-କର—ଦେ.ବି. (ଚୀନ୍.ଚା+ସଂ ପ୍ରତ୍ୟୟ.କର)—ଚା ବଗିଚାର ମାଲିକ· Chā-kara A tea planter.
চাকর

ଚାକରନୌକର—ବୈଦେ. (ଫା)—ବି. (ଏକାର୍ଥକ ସହଚର;) Chākaranaukara ଫା. ଚାକର+ନୌକର)—
चाकरनौकर ଚାକରବାକର (ଦେଖ)
(ଚାକରନଫର—ଅନ୍ୟରୂପ) Chākarabākara (See)

ଚାକରବାକର—ଦେ. ବି. (ଧ୍ୱନ୍ୟନୁକାରୀ ନିରର୍ଥକ ଦ୍ୱିତ୍ୱଯୁକ୍ତ ସହଚର)— Chākarabākara ଭୃତ୍ୟାଦି; ଅନୁଚରବର୍ଗ—
চাকরবাকর Servants; attendants; followers.
चाकरनौकर ଲୁଚା ଚାକରବାକର ସମସ୍ତଙ୍କୁ ହାତ କରି × ପୋଷ୍ୟ ପୁତ୍ର ବୋଲି ସରକାରରେ ବାହାଲ ହୋଇ ଅଛି—ଫକୀରମୋହନ—ଗଳ୍ପସ୍ୱଳ୍ପ ।

ଚାକରାଣୀ—ଦେ.ବି. ସ୍ତ୍ରୀ (ଫା ଚାକର+ଓଡ଼ିଆ ସ୍ତ୍ରୀ ପ୍ରତ୍ୟୟ ଆଣୀ=ଦାସୀ)— Chākarāni Maid servant.
চাকরানী
चाकरानी

ଚାକରାନ୍—ବୈଦେ. ବି. (ଫା.)—ଭୃତ୍ୟବର୍ଗ— Chākarān A body of attendants.
চাকরান বିଣ.—ଚାକରମାନଙ୍କୁ ଦରମା ପରିବର୍ତ୍ତେ ପ୍ରଦତ୍ତ;
चाकरान् (ଜାଗିର)—(grants of land) Given to servants in lieu of pay.

ଚାକରାନ୍‌ଜାଗିର—ବୈଦେ. ବି (ଫା. ଚାକରାନ୍+ଜାଗୀର)— Chākarānjāgiri ଭୃତ୍ୟମାନଙ୍କୁ ଦରମା ପରିବର୍ତ୍ତେ ଦିଆଯାଇଥିବା ଭୂମି; ଚାକରଙ୍କ ଖଞ୍ଜାବାଡ଼ି—
চাকরানজায়গীর Service grants.
चाकरानयागीर

ଚାକରି (ଇତ୍ୟାଦି)—ଦେ. ବି—ଚାକିରି ଇତ୍ୟାଦି (ଦେଖ) Chākari (etc) Chākiri (ete) (See).
ରହିଲେ ଲଙ୍କା ସ୍ୱରୂପ ଙ୍କ ଚାକରି—କୃଷ୍ଣସିଂହ. ମହାଭାରତ. ବନ ।

ଚା କରିବା—ଦେ. କ୍ରି—ଗରମ ଜଳରେ ଚାହା ସିଦ୍ଧ କରି ପାନୀୟ ପ୍ରସ୍ତୁତ କରିବା—To make or prepare tea.
Chā karibā

ଚାକଲେଇବା—ଦେ. କ୍ରି—ଚାକୁଲେଇବା (ଦେଖ) Chākaleibā Chākuleibā (See).

ଚାକି (ଇତ୍ୟାଦି)—ଦେ. ବି—ଚାଖି ଇତ୍ୟାଦି (ଦେଖ) Chāki etc) Chākhi (etc) (See).
(ଚାଉ ପୀରତିରେ ଏ କି ଚାକି—କନ୍ଦର୍ପ. ସଙ୍ଗୀତ ।

ଚାକିରି—ବୈଦେ. ବି (ଫା. ଚାକ୍‌ରୀ)—୧ । ଭୃତ୍ୟର କର୍ମ— Chākiri 1. Post of a servant.
চাকুরী, চাকরী ୨ । ଦାସତ୍ୱ; ଭୃତ୍ୟପଣିଆ—
चाकरी 2. Service under a master.
୩ । ନିର୍ଦ୍ଦିଷ୍ଟ ବେତନ ପାଇଁ କରାଯିବା କର୍ମ— 3. Any service for pay salaried job.

ଚାକିରିଆ—ଦେ. ବି. ପୁଂ (ଫା. ଚାକର)—ଭୃତ୍ୟ; ଦାସ; ଚାକର— Chākiriā Servant.
চাকরে
चाकर
(ଚାକିରିଆଣୀ—ସ୍ତ୍ରୀ)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇସ୍ତ	ଉଥ	ଢ
୧	ଇ	ଉ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଥ	ଢ଼	ଜ୍ଞ

ଚାକିରି ଉଠାଇବା—ଦେ. କ୍ରି । ୧ । ଚାକିରି ତୁଲାଇବା (ଦେଖ)
Chākiriuṭhāibā 1. Chākiri tulāibā (See).
୨ । ଚାକିରିରୁ ବରଖାସ୍ତ କରାଇବା—
2. To cause to dismiss a servant.

ଚାକିରି କରିବା—ଦେ. କ୍ରି—୧ । ପ୍ରଭୁର ସେବା କରିବା—
Chākiri karibā 1. To serve or attend on a master
চাকুরিকরা ୨ । ଦାସତ୍ୱ ଗ୍ରହଣ କରିବା—
चाकरीकरना 2. To take or accept service under a person.

ଚାକିରି ଛଡ଼ାଇବା—ଦେ. କ୍ରି—ଭୃତ୍ୟକୁ ବରଖାସ୍ତ ବା ଅନ୍ତର କରିବା—
Chākiri chhaṛdāibā To dismiss a servant.
চাকুরি ছাড়ান
चाकरीछुड़ाना

ଚାକିରି ଛାଡ଼ିବା—ଦେ. କ୍ରି—ଦାସତ୍ୱରୁ ନିଜେ ଅନ୍ତର ହେବା—
Chākiri chhāṛdibā To give up or resign a service.
চাকুরিছাড়া
चाकरीछोड़ना

ଚାକିରି ଜୁଟିବା—ଦେ. ବି—କର୍ମପ୍ରାପ୍ତି; ଚାକିରି ମିଳିବା—Employment; engagement in service;
Chākiri juṭibā getting a job.
চাকুরীজুটা
चाकरीजुटना

ଚାକିରି ତୁଲାଇବା—ଦେ. କ୍ରି—ଦାସରୂପେ ଆପଣା ଉପରେ ନ୍ୟସ୍ତ
Chākiri tulāibā କାର୍ଯ୍ୟ ସମ୍ପାଦନ କରିବା—To discharge
চাকারী বাজান one's responsibility as a servant;
चाकरी बजाना to discharge the routine duties of an office.

ଚାକିରି ଦେଖିବା—ଦେ. କ୍ରି—୧ । ଆପଣା ପାଇଁ କିମ୍ବା ଅନ୍ୟ ନିମନ୍ତେ
Chākiri dekhibā ଉପଯୁକ୍ତ ଚାକିରି ବା କର୍ମର ଅନ୍ୱେଷଣ
চাকুরিদেখা କରିବା—1. To be on the lookout
चाकरी देखना for a suitable job or post or service for one's self or another.
୨ । ଶୀଘ୍ର ଉପଯୁକ୍ତ ଚାକିରି ଠିକଣା କରିବା—
2. To find out a suitable job or post.
୩ । ଚାକିରିର ସୁଖ ଦୁଃଖ ଅନୁଭବ କରିବା—
3 To have or gain experience of actual service under another.

ଚାକିରି ଦେବା—ଦେ. କ୍ରି—୧ । ଚାକରରୂପେ ନିଯୁକ୍ତ କରିବା—
Chākiri debā 1. To engage a man as servant.
চাকুরিদেওয়া ୨ । କୌଣସି ସେବାରେ ନିଯୁକ୍ତ ବା ମୁକରର
चाकरी देना କରିବା—2. To appoint a person in a post.

ଚାକିରି ନେବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ତାହାର ଚାକିରିରୁ
Chākiri nebā ଛଡ଼ାଇ ଆପେ ଉକ୍ତ ଚାକିରିରେ ନିଯୁକ୍ତ ହେବା—
চাকুরি লেওআ To take from one his post and get
चाकरी लेना one's self appointed in his place.

ଚାକିରି ପାଇବା—ଦେ. କ୍ରି—କୌଣସି ଚାକିରିରେ ମୁକରର ହେବା—
Chākiri pāibā To get a service; to be appointed
চাকুরি পাওয়া in a post.
चाकरी पाना

ଚାକିରି ବଜାଇବା—ଦେ. କ୍ରି—ଚାକିରି ତୁଲାଇବା (ଦେଖ)
Chākiri bajāibā Chākiri tulāibā (See)

ଚାକିରି ବାକିରି—ଦେ. ବି. (ଧ୍ୱନ୍ୟନୁକାରୀ ନିରର୍ଥକ ୨ୟ ସହିତର)—
Chākiri bākiri ଚାକିରି ଆଦି; ଚାକିରି ବା ସେହିପରି ଆଉ
চাকরী বাকরী କିଛି ଅବଲମ୍ବନ—Services etc; service
चाकरी नौकरी or some such occupation.

ଚାକିରି ରହିବା—ଦେ. ବି—୧ । କୌଣସି ଚାକିରି ସ୍ଥାୟୀ ହେବା—
Chākiri rahibā 1. The state of a post being permanent.
(ଯଥା—ଭଲ କରି କାମ ନ କଲେ ମୋର ଚାକିରି ରହିବ ନାହିଁ ।)
୨ । କିଛିକାଳ ପାଇଁ ଚାକିରି ସ୍ଥିର ହେବା—
2. The continuance of a service.
ଦେ. କ୍ରି—(କୌଣସି ବ୍ୟକ୍ତି) ବେତନ ସକାଶେ ଅନ୍ୟର କାର୍ଯ୍ୟ କରିବା; ଚାକିରି କରିବା—To serve; to work for remuneration.
(ଯଥା—ମୁଁ ଆଜିକି ଚାରି ମାସ ହେଲା କଟକରେ ଚାକିରି ରହିଛି ।)

ଚାକୁ—ବୈଦେ. ବି. (ତୁର୍କୀ. ଚାକୁ)—
Chāku ୧ । ଛୋଟ ଛୁରୀ; କଲମତରାସ; ଚକୁ; କଲମକଟା ଛୁରୀ—
চাকু 1. Small knife; pen knife.
चाकू;चक्कू ଚାକୁରେ କରକ କରୁଣୀ ପରି
ହେ ସଜଡ଼ାଇ ଆଶାସି କରି—କବିସୂର୍ଯ୍ୟ, କଳଭା ।
୨ । ଯେଉଁ ଛୁରୀର ଦାଢ଼ ବେଣ୍ଟ ଭିତରର ଘରରେ ଲୁଚି ହୋଇଯାଏ—2. Clasp knife.

ଚାକୁଚାକୁ—ଦେ. ଅ. (ଧନ୍ୟନୁକରଣ) — ପାଣିଆ ଜିନିଷକୁ ବିରାଡ଼ି କୁକୁର
Chākuchāku ଆଦି ଜିଭରେ ଚାଟିଲେ ଯେଉଁ ଶବ୍ଦ ହୁଏ—
চাক্‌চাক্, চুক্‌চুক্ Sound of cats and dogs eating
चपड़चपड़ any watery substance by licking.

ଚାକୁ ଛୁରୀ—ଦେ. ବି. (ଏକାର୍ଥକ ଦୁଇ ଭାଷାର ସହିତର ଫା. ଚକୁ ଓ ସ.
Chāku chhuri ଛୁରୀ)—ଚାକୁ (ଦେଖ)
Chāku (See)

ସାଧାରଣ ଲୋକେ ଅପର ଦୃଷ୍ଟାନ୍ତରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅର୍ଗ୍ଘ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଳି' ନ ପାଇଲେ 'ଅଲ୍‌ବଳି' ଦେଖିବେ।

ଚାକୁଣ୍ଡା—ଦେ. ବି. (ସଂ. ଚକ୍ରମର୍ଦ୍ଦ)—୧। କାଞ୍ଚନାଦି ବର୍ଗର ବନ୍ୟ କ୍ଷୁପ Chākuṇḍā ବିଶେଷ; ଯାଦୁଖାଉ ଗଛ—1. Cassia Tora.
(ସଂ. ପର୍ଯ୍ୟାୟ—ଦଦ୍ରୁଘ୍ନ, ଚକ୍ରୀ, ଦଦ୍ରୁମର୍ଦ୍ଦନ, ପ୍ରପୁନାଡ଼, ପ୍ରପୁନ୍ନାଟ, ଏଡ଼ଗଜ, ଏଳଗଜ, ଚକ୍ରମର୍ଦ୍ଦ, ମେଷଲୋଚନ, ପଦ୍ମାଟ, ପୁନ୍ନାଟ। ହି. ଦାଦମାରି, চাকুন্দে; ମ. पवाँर, फावार, चकवड़; ଫା. ସଞ୍ଜିସବୋୟା; ମ. ତରବଟା; ତେ. ତଗିରଷ; ତା. ଟାମୁ; ଗୁ. କୁବାଧ୍ୟୋ)
[ଦ୍ର—ଏହାର ଫୁଲ ପେଣ୍ଡା ପେଣ୍ଡା ହୋଇ ଫୁଟେ, ଫୁଲର ବର୍ଣ୍ଣ ହଳଦିଆ, ମଞ୍ଜି ଚକ୍ରାକାର ଯାଦୁ ମାରିବାରେ ବ୍ୟବହୃତ ହୁଏ। ବୈଦ୍ୟକ ଅନୁସାରେ ଏହା ପିତ୍ତ, ବାୟୁ, କଫ, ଶ୍ୱାସ, ଦଦ୍ରୁ ଓ କୃମିନାଶକ।]
୨। କାସମର୍ଦ୍ଦ (ଦେଖ) 2. Kāsamardda (See)
୩। ଚଳନ୍ତି ଚାକୁଣ୍ଡା— 3. Delbergia Lanceolaria.
[ଦ୍ର—ଏହା ନଈ ବା ଝରଣା କୂଳରେ ବା ପାହାଡ଼ରେ ଜନ୍ମେ। ଏ ଗଛ ଅଳ୍ପକାଳ ମଧ୍ୟରେ ମହାଦ୍ରୁମ ଆକାର ଧାରଣ କରେ। ଏହାର ପତ୍ର ଚାକୁଣ୍ଡା ଗଛର ପତ୍ର ପରି। ଏହାର ଫୁଲ ନାଲି ଏବଂ କେଶରଯୁକ୍ତ। କାଠ ଧଳା ମାତ୍ର ମଞ୍ଜ କଳା। ଏ କାଠ କଞ୍ଚା ଥିଲେ ମଧ୍ୟ ଜଳେ।]
ଦେ. ବିଣ.—ଦାରା, ସୁତ, ଧନ ଆଦି ସାଂସାରିକ ବିଷୟରେ ଏକାନ୍ତ ଆସକ୍ତ—Tied down or addicted to worldly affairs.

> ତାର ଚରଣ ଟାଣରେ ଯେ ନୁହନ୍ତି ମୋହି,
> ଚାକୁଣ୍ଡା ବୋଲି ତାହାଙ୍କୁ ସଂସାରରେ କହି। ପୀତାମ୍ବର ନୃସିଂହପୁରାଣ।

ଚାକୁଣ୍ଡି—ଗ୍ରା. ବି.—(ସଂ. ଚକ୍ରୁଳକ)—ଛାଡ଼ୁଣ୍ଡି; ମଳ ବା ବାନ୍ତି ସଙ୍ଗେ Chākuṇḍi ପଡ଼ିବା ବୃହତ୍ କୃମି—Long and large (½ କେଁଚୁଳ foot) intestinal worms; large and round tape worms coming out with the faecus and vomiting.

ଚାକୁଣ୍ଡା—ଦେ. ବି.—ଚାକୁଣ୍ଡା (ଦେଖ) Chākundā Chākuṇḍā (See)

ଚା-କୁଲି—ଦେ. ବି.—ଯେଉଁ ମୂଲିଆମାନେ କର୍ଦ୍ଦିଷ୍ଟ କାଳ ପାଇଁ ଏଗ୍ରିମେଣ୍ଟ Chā-kuli ସମ୍ପାଦନ କରି ଚାହା କ୍ଷେତରେ କାର୍ଯ୍ୟ କରିବା ସକାଶେ ନିଯୁକ୍ତ ହୁଅନ୍ତି—Tea garden coolies.

ଚାକୁଳିଆ—ଦେ. ବି. (ସଂ. ଚକ୍ରକୁଲ୍ୟା)—ପୃଷ୍ଠପର୍ଣ୍ଣୀ; ଶିମ୍ବାଦି ବର୍ଗର Chākuliā ବନ୍ୟ ଦ୍ରୁମାକାର କ୍ଷୁପବିଶେଷ—Uraria Lagopoides; Hemionites Cordifolia
(ସଂ. ପର୍ଯ୍ୟାୟ—ଚକ୍ରପର୍ଣ୍ଣୀ, ଚକ୍ରକୁଲ୍ୟା, ଅର୍ଦ୍ଧଚନ୍ଦ୍ରିକା; ପୃଥକ୍‌ପର୍ଣ୍ଣୀ, ପୃଶ୍ନିପର୍ଣ୍ଣୀ, ଚିତ୍ରପର୍ଣ୍ଣୀ, କୋଷ୍ଟୁବିନ୍ନା, ସିଂହପୁଚ୍ଛୀ, କଳଶୀ; ଧାବନୀଗୁହା। ହି. চাকুল্যা, চাকুলে; ମ. पिठवन; पेठवान; पीठौनी; ମ. ସେବଗ୍ରୀ; ପୀଠବଣ; ତେ. କୋଲାଭୁପନ୍ନା)
[ଦ୍ର—ଏହାର ପତ୍ର ପ୍ରାୟ ଗୋଲ ଓ ଶ୍ଲେଷ୍ମସ; ଫୁଲ ଅଇକୁନ୍ତ ଓ ବହୁ ପରମାଣରେ ଫୁଟେ; ଚୁଳିରେ ୨ଟି ଗଣ୍ଠି ଦଦରୁଦଦ ଲାଗିଥାଏ। ଗଛ ଲଟାଇଲାବେଳେ ପ୍ରତି ଗଣ୍ଠିରୁ ଚେର ବାହାରେ। ଏହା ତ୍ରିଦୋଷନାଶକ, ଶୁକ୍ରବର୍ଦ୍ଧକ, ଉଷ୍ଣବୀର୍ଯ୍ୟ, ମଧୁରରସ ଓ ସାରକ। ଏହା ଦାହ, ଜ୍ୱର, ଶ୍ୱାସ, ରକ୍ତାତିସାର, ତୃଷ୍ଣା ଓ ବମନ ନିବାରକ।]

ଚାକୁଲଆ—ପ୍ରା. ଦେ.—(ମେଦିନୀପୁର) ବି.—ଚାକୁଳିଆ (ଦେଖ) Chākulia Chākuliā (See)

ଚାକୁଲ୍ୟା—ପ୍ରାଦେ. (ମେଦିନୀପୁର) ବି.—ଚାକୁଳିଆ (ଦେଖ) Chākulyā Chākuliā (See)

ଚାକେରି (ଇତ୍ୟାଦି)—ଗ୍ରା. ବୈଦେ. ବି. (ଫା. ଚାକର)— Chākeri (etc) ଚାକିରି ଇତ୍ୟାଦି (ଦେଖ) Chākiri (etc) (See)

ଚାକୁଳେଇବା—ଦେ. କ୍ରି. (ଚକ୍ ଚକ୍ ଧ୍ୱନି ହେବାରୁ)— Chākuleibā ୧। କୌଣସି ଖାଦ୍ୟକୁ ଧୀରେ ଧୀରେ ପାଟିରେ চিবিয়ে চিবিয়ে খাওয়া ଚୋବାଇ ଭଳି ସାହାଯ୍ୟରେ ଏକଲ ସେକଲ चपरचपर खाना କରିବା—1. To slowly munch a food in the mouth.
୨। ପାଗୁଳେଇବା—2. To ruminate.

ଚାକ୍ରିକ—ସଂ. ବି. (ଚକ୍ର=ସମୂହ+ଅର୍ଥରେ. ଇକ)— Chākrika ୧। ଚକ୍ରାକାର ଦଳବଦ୍ଧ ସ୍ତୁତିପାଠକ—1. A circular gathering of choristers or hymn-singers.
୨। ତେଲି—2. Oilman.
୩। ଗାଡ଼ିଆଳ—3. Cartman; coachman.

ଚାକ୍ଷୁଷ—ସଂ. ବିଣ. (ଚକ୍ଷୁସ୍+ସମ୍ବନ୍ଧ ଅର୍ଥରେ. ଅ)— Chākshusha ୧। ଚକ୍ଷୁର୍ଗୋଚର; ପ୍ରତ୍ୟକ୍ଷ—1. Directly perceived by the eyes; ocular.
୨। ଦୃଷ୍ଟିଦ୍ୱାରା ଲବ୍ଧ (ଜ୍ଞାନ)—2. (knowledge) Acquired by sight.
ସଂ. ବି—୧। ଚକ୍ଷୁର୍ଜନ୍ୟ ଜ୍ଞାନ—1. Direct perception by the eye.
୨। ୬ଷ୍ଠ ମନୁ; ମନୁଙ୍କର ୬ଷ୍ଠ ବଂଶଧର—2. Name of the 6th Manu or progenitor of mankind.

> ଷଷ୍ଠରେ ଚକ୍ଷୁଷଙ୍କ ସୁତ, ଚାକ୍ଷୁଷ ନାମେ ସେ ବଦିତ।
> ଜଗନ୍ନାଥ—ଭାଗବତ।

ଚାକ୍ଷୁଷ ପ୍ରମାଣ—ସଂ. ବି. (କର୍ମଧା; ଚାକ୍ଷୁଷ+ପ୍ରମାଣ)— Chākshusha pramāṇa ୧। ପ୍ରତ୍ୟକ୍ଷ ପ୍ରମାଣ—1. Direct evidence; evidence of a person who himself saw an occurrence.
୨। ଯେଉଁ ପ୍ରମାଣ ସ୍ପଷ୍ଟରୂପରେ ଦେଖାଯାଏ—2. Ocular demonstration.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ଼	ଡଅ	ଞ
୨	ଈ	ଊ	ରୁ	ଲୁ	ଯ଼େ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଡ଼	ନ୍ନ

ଚା-ଖଡ଼ି—ଦେ. ବି. (ଇଂ. ଚକ୍ + ଖଡ଼ି)—ଚକ୍ (ଦେଖ)
Chā-khardi Chak (See)

ଚାଖଣା—ଦେ. ବି. (ସଂ. ଚଷଣ)—୧ । ସ୍ୱାଦଗ୍ରହଣ; ଚାଖିବା—
Chākhanā 1. Tasting; trying the taste of a food.
চাকন; চাখন
चखना
୨ । କୌଣସି ବସ୍ତୁର ସ୍ୱାଦ ପରୀକ୍ଷା କରିବା—
2. Examining the taste of a thing.
୩ । ଆଚାର ପ୍ରଭୃତି ମୁଖରୋଚକ ଦ୍ରବ୍ୟ—
3. Pickles; things which palliate one's sense of taste.
୪ । ଚାଟ; ମଦ୍ୟପାନ କାଳରେ ଖିଆଯିବା ବା ଚଟାଯିବା ମୁଖରୋଚକ ଖାଦ୍ୟ—4. Something licked or eaten after swallowing some strong intoxicating liquor.

ଚାଖଣିଆ—ଦେ. ବି—ଚାଖୁଣିଆ (ଦେଖ)
Chākhaniā Chākhuniā (See)

ଚାଖଣ୍ଡ—ଦେ. ବି—ବିତସ୍ତି; ବିସ୍ତାରିତ କରତଳର କାଣିଅଙ୍ଗୁଠି
Chākhanda ଅଗଠାରୁ ବୁଢ଼ାଅଙ୍ଗୁଠିର ଅଗ ପର୍ଯ୍ୟନ୍ତ ପରିମାଣ;
চাঁকর; চাঁখর; বিঘত্ ୧୨ ଅଙ୍ଗୁଳ—A span; a measure
बिलाद; बित्ता of length by the span of the extended palm from the tip of the little finger to that of the thumb; a length of about 9 inches.

ତ୍ରିସପ୍ତ ଭୁବନ ଯେ ମଣିଲେ ଅଳ୍ପ
ଅଣ୍ଡିଲେ ସେ ସପ୍ତ ଚାଖଣ୍ଡର ତଳ୍ପ । ରାଧାନାଥ—ଚନ୍ଦ୍ରଭାଗା ।

ଚାଖଣ୍ଡିକିଆ—ଦେ. ବିଣ—ଏକ ଚାଖଣ୍ଡ ପରିମିତ—
Chākhandikiā Measuring one span only.
(ଚାଖଣ୍ଡକିଆ—ଅନ୍ୟରୂପ)

ଚାଖି—ଦେ. ବି. (ଚକ୍ଷ୍ ଧାତୁ = କହିବା)—
Chākhi ୧ । ବଡ଼କ; ବାଲଙ୍ଗି ବା ଚାଖାଣ—
ফুটানী 1. Boasting; bragging.
शेखी
ଅର୍ଜୁନ କାଣ୍ଡେ ମଣ୍ଡି ହେବ ଯେବେ ଗଣ୍ଡି
ତତ୍ତଦେବ ତେବେ କହିବା ଚାଖିଣ୍ଡେ । କୃଷ୍ଣସିଂହ. ମହାଭାରତ କର୍ଣ୍ଣ ।
୨ । ଆତ୍ମପ୍ରଶଂସା—2. Self adulation.
ପର୍ଶୁରାମ ବୋଇଲେ ଚାଖି କଥା ଛଡ଼
ମୋହ ଧନୁରେ ଗୁଣ ଦେଇ ଏବେ ଛଡ଼ । କୃଷ୍ଣସିଂହ. ମହାଭାରତ ବନ ।
୩ । ଦାମ୍ଭିକତା; କଥାର ଡାରଫି; ଚାତର—
3. Vanity; ostentation.
୪ । ନମୁନା—4. Sample (Howells).
ଦେ. ବିଣ—୧ । ଆତ୍ମଶ୍ଳାଘୀ—1. Self adulating.
୨ । ଯେ ବାଲଙ୍ଗି ଦେଖାଏ—
2. Boastful; bragging.
୩ । ଗର୍ବୀ—3. Vain.

ଚାଖିଖୁଣ୍ଟିଆ—ଦେ. ବି (ନାମ)—ପୁରୀର ଜଣେକ ବଳଶାଳୀ ସ୍ୱାଧୀନଚେତା
Chākhikhuntiā ବ୍ରାହ୍ମଣସେବକ—Name of a Brahman Panda of Puri who was of very strong constitution and indipendent spirit.
[ଦ୍ର—ଏ ନେପାଳୀମାନଙ୍କ ପଣ୍ଡା ଥିଲେ । ୧୮୫୭ ସାଲରେ ଭାରତର ସିପାହୀବିଦ୍ରୋହବେଳେ ଏ ଉତ୍ତରପଶ୍ଚିମାଞ୍ଚଳର ହିନ୍ଦୁ ନେପାଳୀ ସୈନ୍ୟଙ୍କୁ ଇଂରେଜମାନଙ୍କ ବିପକ୍ଷରେ ଉତ୍ତେଜିତ କରିଥିଲେ । ଏ ଶେଷକୁ ଧରାପଡ଼ି ଦଣ୍ଡ ପାଇଥିଲେ । ଏହାଙ୍କର ଶାରୀରିକ ବଳ ଅସାଧାରଣ ଥିଲା ।]

ଚାଖିବା—ଦେ. କ୍ରି (ସଂ. ଚଷଣ)—୧ । ସ୍ୱାଦ ଗ୍ରହଣ କରିବା; ଆସ୍ୱାଦନ
Chākhibā କରିବା—1. To taste a thing.
চাকা, চাখা
चखना
(ଚଖାଇବା—ଣିଜନ୍ତ)
ଦମୟନ୍ତୀ ଯେ ସେହି ମାଂସରୁ ଖଣ୍ଡିଏ
ଚାଖିଦେଲେ ନଳଙ୍କୁ ଜାଣିବା ଉପାୟେ । କୃଷ୍ଣସିଂହ. ମହାଭାରତ ବନ ।
୨ । ସ୍ୱାଦ ପରୀକ୍ଷା କରିବା—
2. To try the taste of a thing.
ସୁସ୍ୱାଦୁ ଫଳ ଯେତେ ପାଇ
ଚାଖି ଗୋବିନ୍ଦଙ୍କୁ ଦେଇ—ଭୂପତି. ପ୍ରେମପଞ୍ଚାମୃତ ।
୩ । (ଲକ୍ଷଣାର୍ଥ) ଇନ୍ଦ୍ରିୟଦ୍ୱାରା ଉପଲବ୍ଧି କରିବା—
3. (fig) To enjoy with any organ of sense.

ଚୁମ୍ବିକଳ ଚାରୁଶିରମଣି ସେ କେଉଁ ଅମୃତ ଚାଖି ନାହିଁ କବେ ମୋ ନୟନ ।
କବିସୂର୍ଯ୍ୟ କଳୋଦ୍ଭବନ୍ଦ୍ର ।

ଚାଖୁ—ବୈଦେ. ବି (ଫା.)—ଚାକୁ (ଦେଖ)
Chākhu Chāku (See).

ଚାଖୁଆ ଦେ. ବିଣ. ପୁଂ (ଗ୍ରାମ୍ୟ)—ଚଖା (ଦେଖ)
Chākhuā Chakhā (See).

ଚାଖୁଣିଆ—ଦେ. ବି (ସଂ. ଚଷଣ)—ରାଜଭୋଜ୍ୟ ଖାଦ୍ୟକୁ ଆସ୍ୱାଦନ କରି
Chākhuniā ପରୀକ୍ଷା କରିବା ନିମନ୍ତେ ନିଯୁକ୍ତ ଭୃତ୍ୟ—
চাকুনিয়া, চাকুনী A servant whose duty is to taste
(ଚାଖୁଣୀ—ସ୍ତ୍ରୀ) the food prepared for the king before it is taken by the king.
[ଦ୍ର—ରାଜାମାନଙ୍କ ଖାଦ୍ୟରେ ବିଷପ୍ରୟୋଗର ଆଶଙ୍କା ଥିବାରୁ ପ୍ରଥମେ ଜଣେ ଲୋକଦ୍ୱାରା ଖାଦ୍ୟ ପରୀକ୍ଷା କରିବାର ବିଧି ଥିଲା । ବର୍ତ୍ତମାନ ମଧ୍ୟ ଏ ବିଧି ସ୍ଥାନେ ସ୍ଥାନେ ଚଳୁଅଛି ।]
ଦେ. ବିଣ—ଚାଖୁଣିଆ; ଯେ ଚାଖେ—One who tries or examines the taste of a food.

ଚାଗଡ଼ା (ଇତ୍ୟାଦି)—ଦେ. ବି—ଚାଙ୍ଗଡ଼ା ଇତ୍ୟାଦି (ଦେଖ)
Chāgardā etc Chāngardā etc (See).

ଚାଙ୍କିବା—ପ୍ରାଦେ (ଗଡ଼ଜାତ) କ୍ରି—ଅଳ୍ପ ଘୁଞ୍ଚାଇଦେବା; ସ୍ଥାନଚ୍ୟୁତ
Chānkibā କରିବା—To dislodge.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଅବସ୍ଥାନ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ।

ଚଙ୍ଗ୍ରି—ପ୍ରାଦେ (ସମ୍ବଲପୁର; ଭୁଲ. ହୁ. ଚଂଗେଶ୍ରି) ବି—
Chāṅgri — ଚଙ୍ଗୁଡ଼ି (ଦେଖ) Chāṅgurdi (See).

ଚଙ୍ଗଡ଼ା—ଦେ. ବି—୧ । ଡାଲା; ଚଙ୍ଗୁଡ଼ି—
Chāṅgarda — 1. A tray of wicker-work of wood; a shallow; wicker basket.
চাঁগড়া, চাঁঙ্গারী
चाङ्गेरी

ଭୃଷ୍ଣ ଚଙ୍ଗଡ଼ା ପଦ୍ମହସ୍ତେ ଧରି
ଠାବେ ଠାବେ ଠୁଳ ପ୍ରାଙ୍ଗଣେ ନାଗରୀ—ଜଗନ୍ନାଥ. ନନ୍ଦୋତ୍ସବ ।

୨ । କୌଣସି ବଡ଼ ଗଛକୁ ମୂଳରୁ କାଟିଦେଲା ପରେ ଗଛ ମୂଳ ଖୋଳ ଯେଉଁ ଗଡ଼ଖଣ୍ଡି ବାହାର କରାଯାଏ—
2. The part of the trunk of a tree which is just abone the root.

ଚଙ୍ଗଡ଼ା ଘର—ଦେ. ବି—ଯେଉଁ ଘରେ ବସ୍ତ୍ର ଅଳଙ୍କାରାଦି ରଖା ହୋଇ ଥାଏ; ଗନ୍ତାଘର—War drobe; a room for storing dress and ornaments etc.
Chāṅgrdā ghara

ଚଙ୍ଗଡ଼ା ଘର ଜୁରେ ଘରମାସେ । କବିସୂର୍ଯ୍ୟ. କହିବା ।

ଚଙ୍ଗଡ଼ା ଚେର—ଦେ. ବି—କୌଣସି ଗଛର ଚଙ୍ଗଡ଼ାରୁ ବାହାର ମାଟି ଉପରକୁ ଦିଶୁଥିବା ଚେର—
Chāṅgarda chera — The root of a tree which is seen above the ground.

ଚଙ୍ଗଡ଼ା ତୁମ୍ବ—ଦେ. ବି—ଗଛର ଚଙ୍ଗଡ଼ାର ମଝିରେ ଠିଆ ଗାତ କରି ତହିଁରେ ବାରୁଦ ଭରି ଯେଉଁ ତୁମ୍ବ ବାଣ କରାଯାଏ—A fire work made by putting gun-powder in a hole made in the Chāṅgardā of a tree.
Chāṅgardā tumba

ଚଙ୍ଗଡ଼ା ମେକାପ—ଦେ.ବି—ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସେବକବିଶେଷ-
Chāṅgardā mekāpa — A class of Sebaka of Lord Jagannath.

[ଦ୍ର—ଶ୍ରୀ ଠାକୁରଙ୍କର ଭିନ୍ନ ଭିନ୍ନ ବେଶ କରିବାକୁ ପ୍ରୟୋଜନୀୟ ସାଜସଜ୍ଜା (ବସ୍ତ୍ର, ଅଳଙ୍କାରାଦି) ଏମାନଙ୍କ ଜିମା ଥାଏ । ଏମାନେ ପ୍ରତ୍ୟେକ ବେଶ ପୂର୍ବରୁ ପ୍ରୟୋଜନୀୟ ସଜମାନ ଚଙ୍ଗଡ଼ା ବା ଡାଲାରେ ସହିତ କରି ବେଶକାରୀ ସେବକଙ୍କୁ ଦିଅନ୍ତି ଏବଂ ବେଶ ଫିଟିବା ସମୟରେ ଫେରାଇ ଆଣି ନିଜ ତତ୍ତ୍ୱାବଧାନରେ ରଖନ୍ତି ।]

ଚଙ୍ଗଡ଼ି—ଦେ. ବି—ଚଙ୍ଗୁଡ଼ି (ଦେଖ)
Chāṅgardi — Chāṅgurdi (See)

ଚଙ୍ଗଲ—ଦେ. ବଣ—ଚେଙ୍ଗା (ଦେଖ)
Chāṅgalā — Cheṅgā (See)

ଚଙ୍ଗା—ଦେ. ବଣ—ଚେଙ୍ଗା (ଦେଖ)
Chāṅgā — Cheṅgā (See)

ଚଙ୍ଗାରି—ବୈଦେ. ବି—ଚଙ୍ଗାରି (ଦେଖ)
Chaṅgāri — Chaṅgāri (See)

ଚଙ୍ଗୁ—ପ୍ରାଦେ. (ଗଡ଼ଜାତ) ବି—୧ । ଓଡ଼ିଶା ଗଡ଼ଜାତର ଜଙ୍ଗଲି ଅଧିବାସୀଙ୍କର ଚଙ୍ଗୁ ବାଦ୍ୟ ସହ ନାଚ—
Chāṅgu — 1. A dance prevalent among the wild tribes of the Oriya agency tracts.
୨ । ଚଙ୍ଗୁବାଦ୍ୟ (ଦେଖ)
2. Chāṅgubādya (See)

ଚଙ୍ଗୁଡ଼ା—ବୈଦେ. ବି—୧ । ଚଙ୍ଗଡ଼ା (ଦେଖ)
Chāṅgurdā — 1. Chāṅgardā (See)
୨ । ପୁଷ୍ପାଧାର—2 A flower-tray.

ଚଙ୍ଗୁଡ଼ି—ଦେ. ବି—୧ । ଛୋଟ ଡାଲା; ଚଙ୍ଗଡ଼ି—
Chāṅgurdi — 1. A small tray.
চাঙ্গড়ী
चाङ्गेरी

ବାଳକ ବାଳିକା ଧରିଣ ଚଙ୍ଗୁଡ଼ି
ଫୁଲ ତୋଳୁଛନ୍ତି ଦଉଡ଼ି ଦଉଡ଼ି । ମଧୁସୂଦନ. ପ୍ରଭାତ ।

୨ । ବାକ୍ସ ବା ପେଡ଼ିର ମୁହଁ ବା ଢାଙ୍କୁଣୀ—
2. The cover for a box.

ଚଙ୍ଗୁନାଟ—ପ୍ରାଦେ. (ଗଡ଼ଜାତ) ବି—ଚଙ୍ଗୁ ବାଦ୍ୟସହ ଅନାର୍ଯ୍ୟମାନଙ୍କର ନୃତ୍ୟବିଶେଷ—A dancing accompanied with the music of Chāṅgu.
Chāṅgunāta

ଗୁଡ଼ବାଜ ବସି ଶିବରେ ନିଅଙ୍ଗେ କରୁଥିବେ ଚଙ୍ଗୁ ନାଟ ।
ଜଗନ୍ନାଥ. ଯାତ୍ରା ।

ଚଙ୍ଗୁନିଡ଼ା—ପ୍ରାଦେ. (ଗଡ଼ଜାତ) ବି—ଆନକ ବାଦ୍ୟବିଶେଷ—
Chāṅgunirdā — A kind of drum.

ଚଙ୍ଗୁବାଦ୍ୟ—ପ୍ରାଦେ. (ଗଡ଼ଜାତ) ବି—୧ । ଆନକ ବାଦ୍ୟବିଶେଷ—
Chāṅgubādya — 1. A kind of drum.

[ଦ୍ର—ଏହା କାଠର ଗୋଟିଏ ଦୁଇ ମୁହଁ ମେଲା ଡାଲା । ଏହାର ବ୍ୟାସ ୧ ବା ୧½ ହାତ । ଏହାର ଗୋଟିଏ ମୁହଁରେ ଚମଡ଼ା ଛୁଆଣି ହୋଇଥାଏ । ଏଥିରେ ଡୋରି ବାନ୍ଧି କାନ୍ଧରେ ପକାଇ ଡେଭିରି ହାତରେ ଧରିବାକୁ ହୁଏ । ଡେଭିରି ହାତରେ ଖଣ୍ଡେ ସରୁ କାଠି ଓ ଡାହାଣ ହାତରେ ଅଧିକ ଖଣ୍ଡେ ମୋଟା କାଠି ଧରି ଏହାକୁ ବାଡ଼ଅଯାଏ । ଏହା ଓଡ଼ିଶାର ଚେଙ୍ଗ ବାଦ୍ୟ ଭଳି । ଏହାକୁ ବଡ଼ ଚଙ୍ଗୁ କୋହାଯାଏ ।

ଗଡ଼ଜାତରେ ଛୋଟ ଜାତିମାନେ ଏବଂ ଜୟପୁର ଅଞ୍ଚଳରେ ଭଦ୍ର ଲୋକେ ଏ ବାଦ୍ୟ ବଜାନ୍ତି ।]

୨ । ମାଦଳ ଚଙ୍ଗୁ ବା ସାନ ଚଙ୍ଗୁ—2. A kind of drum smaller than Chāṅgu.

[ଦ୍ର—ଏହା ଢାଙ୍କୁ ଭଳି, କିନ୍ତୁ ଏହାର ଗୋଟିଏ ମୁହଁ କାଠ ଓ ଅନ୍ୟ ମୁହଁରେ ବଡ଼ ଢାଙ୍କୁ ଭଳି ଚମଡ଼ା ଛୁଆଣି ହୋଇଥାଏ । ଏହାର ବ୍ୟାସ ୧ ହାତ ବା ତହିଁରୁ କମ୍ । ବଜେଇବା ଲୋକ ଉଭୟ ହାତରେ ୨ ଖଣ୍ଡି ଲେଖାଏଁ ସରୁ କାଠି ଧରି ଏହାକୁ ବଜାଏ ।]

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇଯ୍	ଡ଼ଅ	ଢ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଡ଼	ନ

ଚାଚକ—ଗ୍ରା. ବି (ସଂ. ଚାତକ)—ଚାତକ (ଦେଖ)—
Chāchaka Chātaka (See)

ଚାଚକା—ଗ୍ରା. ବି. ସ୍ତ୍ରୀ (ସଂ. ଚର୍ଚ୍ଚିକା)—୧ । କଟକ ଜିଲ୍ଲାର ବାଙ୍କି ବା
Chāchakā ଚର୍ଚ୍ଚିକା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ—1. The Deity worshipped at Banki in Cuttack district.
୨ । ଗ୍ରାମଦେବତାବିଶେଷ —
2. Name of a village Goddess.

ଚାଚକାଈ—ଦେ. ବି. ସ୍ତ୍ରୀ—ଚାଚକା (ଦେଖ)—
Chāchakāi Chāchakā (See)
(ଚାଚକେଇ—ଅନ୍ୟରୂପ)

ଚା-ଚଢ଼େଇ—ଦେ. ବି—କାଦୁଅଖୁମ୍ପୀ (ଦେଖ)—
Cha-chardhei Kāduakhumpī (See)

ଚାଚପୁଟ—ସଂ. ବି- ସଙ୍ଗୀତରେ ତାଳର ୬୦ ପ୍ରକାର ମୁଖ୍ୟ ଭେଦ ମଧ୍ୟରୁ
Chāchaputa ଏକ (ହି. ଶବ୍ଦସାଗର)—One of the 60 musical measures in Hindu music.
[ଦ୍ର—ଏଥିରେ ଏକ ଲଘୁ, ଏକ ଗୁରୁ, ଏକ ପ୍ଲୁତ ସ୍ୱର ଥାଏ ।]

ଦେ. ବି (ସଂ. ଚଞ୍ଚୁପୁଟ; ପକ୍ଷୀର ଥଣ୍ଟ ସଦୃଶ ଏକତ୍ର ସଂଯୁକ୍ତ ହେବାରୁ; କିମ୍ବା ସଂ. ଚାଚପୁଟ=ତାଳଭେଦ)— ଦୁଇଖଣ୍ଡ କାଠରେ ବଜାଯିବା ବାଦ୍ୟବିଶେଷ; କରତାଳକା ବାଦ୍ୟ—A kind of musical instrument; the castanets consisting of 2 concave and flat pieces of wood sounded by clapping together.

ଚାଚର—ଦେ. ବିଣ—କୁଞ୍ଚିତ ବା କୁଟିଳ (କେଶ)—
Chāchara Curled; curling (hair).
চাঁচর

ଚା ଚାମଚ—ବୈଦେ. ବି. (ଚୀନ୍ ଭାଷା ଚା ଓ ଫା. ଚମ୍‌ଚହ୍)—ଚା ପାନ କରିବାରେ ବ୍ୟବହୃତ ଚାମଚ—
Cha chāmachā Tea-spoon.
চা চামচ

ଚାଚିକା—ଦେ. ବି—ଭିକ୍ଷାପାତ୍ର—
Chāchikā Beggar's bowl.
[ଯଥା—ସୀତା ପର୍ଣ୍ଣକୁଟୀରରୁ ଫଳମୂଳ ଆଣି ରାବଣର ଚାଚିକାରେ ଦେଲେ ।]

ଚାଚେର—ଦେ. ବି—ଚାଚର (ଦେଖ)
Chāchera Chāchara (See)

ଚାଚେରି ମୁଦ୍ରା—ଦେ. ବି—ମୁଦ୍ରାବିଶେଷ (ମୁଦ୍ରା ତଳେ ନୋଟ ଦେଖ)—
Chācheri mudrā A kind of ritualistic pose of the hands (See notes under Mudrā).

ଚାଚେରି ମୁଦ୍ରା ଯେ ସକଳ ମୂଳ
ଚକ୍ଷୁକୁ ସେତୁ ଅଟେ ଶୀତଳ—ପ୍ରାଚୀ. ପରତେଗୀତା ।

ଚାଚେରି—ଦେ. ବି. (ସଂ. ଚର୍ଚ୍ଚରୀ)—
Chācheri ୧ । ଦୋଳପୂର୍ଣ୍ଣିମାର ପୂର୍ବ ଦିନ ଅବିର ପିଚକାରୀ ଆଦି
চাঁচর ମାରି କରତାଳି ଧ୍ୱନି କରି ଯେଉଁ ଦୋଳ ଉତ୍ସବ
चाचर କରାଯାଏ; ବସନ୍ତୋତ୍ସବବିଶେଷ—1. A festival accompanied with syringing and singing on the eve of Dolapūrnnami.
ଚାଚେରି ଖେଳନ୍ତି ସଖୀ ଗୋବିନ୍ଦଙ୍କ ଦୋଳ—ପ୍ରାଚୀ. ରହସ୍ୟମଞ୍ଜରୀ ।
୨ । ଗ୍ରାମଦେବତାବିଶେଷ —
2. Name of a village Goddess.

ଚାଚ୍ଛେଣି—ଦେ. ବି—ଚାହାକୁ ଛାଣିବା ସକାଶେ ବ୍ୟବହୃତ ଛିଦ୍ରଯୁକ୍ତ
Chāchchheni ପାତ୍ରବିଶେଷ—Tea-sieve for sifting
চাচ্ছনী tea from the boiled leaves.
चाच्छनी

ଚାଛଣି—ଦେ. ବି—ଚାଚ୍ଛେଣି (ଦେଖ)
Chāchhani Chāchcheni (See)

ଚାଞ୍ଚ—ଦେ. ବି. (ସଂ. ଚଞ୍ଚା) ନଡ଼ିଆ ବରଡ଼ା, ତାଳପତ୍ର ବା ବାଉଁଶ-
Chāñcha ପାତିଆରେ ବୁଣା ହୋଇଥିବା ଆସ୍ତରଣବିଶେଷ;
চাঁচ ଚଟେଇ—A mat made of cocoanut
चटाइ leaves or palm leaves or thin strips of bamboo woven together.

ଚାଞ୍ଚଖାଇ—ପ୍ରାଦେ. (ଗଡ଼ଜାତ) ବି. ସ୍ତ୍ରୀ—
Chāñchakhāi ପିଲାଙ୍କର ରକ୍ତ ଶୋଷି ନେବା ଡାହାଣୀ—
A witch believsd to suck blood out of children.

ଚାଞ୍ଚଡ଼ା—ଦେ. ବି.—ଚାଞ୍ଚ (ଦେଖ)
Chāñcharda Chāñcha (See)

ଚାଞ୍ଚଡ଼ା ପଥର—ପ୍ରାଦେ. (ଗଡ଼ଜାତ ଓ ଗଞ୍ଜାମ)—ବି.—ସମତଳ ଭାବରେ
Chāñcharda pathara ବିସ୍ତୃତ ପଥରଖଣ୍ଡ—A big level or plain slab of stone.

ଚାଞ୍ଚର—ଦେ. ବିଣ.—ଚାଚର (ଦେଖ)
Chāñchara Chāchara (See)

ଚାଞ୍ଚରା—ଗ୍ରା. ବି.—ଚାଞ୍ଚ (ଦେଖ)
Chāñcharā Chāñcha (See)

ଚାଞ୍ଚଲ୍ୟ—ସଂ. ବି.—(ଚଞ୍ଚଳ+ଭାବ. ଯ)—୧ । ଚଞ୍ଚଳତା—
Chāñchalya 1. Speed; quickness.
୨ । ଅସ୍ଥିରତା—2. Restlessness; fickleness; inconstancy.
୩ । ବ୍ୟଗ୍ରତା; ଉତ୍କଣ୍ଠା—3. Anxiety.

ଚାଞ୍ଚି—ଦେ. ବି.—(ସଂ. ଶ୍ୱେତ=ନଡ଼ିଆ ଜାତ)—୧ । ନଡ଼ିଆ ବାହୁଙ୍ଗାର
Chāñchi ମୂଳରେ ନଡ଼ିଆ ଗଛର ଗଣ୍ଡିକୁ ବେଢ଼ିଥିବା ଜାଲି
চাঁচাড়ি ଆକୃତିର ବଲ୍କଳ; ଚାଞ୍ଚ—1. A netlike bark
जालि entwining the trunk of a cocoanut tree at the place whence branches come out.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଂା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍ବତ୍' ଦେଖିବେ

୨ । ପାକଳ ଆମ୍ବର ନୂତନ ଟାଙ୍କୁଆର ଦୃଢ଼ ଆବରଣ—
2. The hard rind formed on the stone of a fully developed mango fruit.

୩ । ଚାଞ୍ଛି (ଦେଖ)
3. Chāñchhi (See).

ଚାଞ୍ଚିବା—ଦେ. କ୍ରି—ଚାଞ୍ଛିବା (ଦେଖ)
Chāñchibā Chāñchhibā (See)

ଚାଞ୍ଚୁ—ଦେ. ବି—ଚାଞ୍ଚି (ଦେଖ)
Chāñchu Chāñchi (See)

ଚାଞ୍ଛି—ଦେ. ବି—(ସଂ. ତକ୍ଷ ଧାତୁ; ସଂ. ତ୍ୱେଚ=ବଲ୍କଲ)—
Chāñchhi ୧ । ଫଳ ବା କାଠରୁ ତଞ୍ଛା ହୋଇଥିବା ଚୋପା ବା
চাচুঁনি ବଲ୍କଲ—Thin scrapings (of bark or rind).
छिलका ୨ । ଚାଞ୍ଚି (ଦେଖ)—2. Chāñchi (See)

ଚାଞ୍ଛିବା—ଦେ. କ୍ରି. (ସଂ ତକ୍ଷ ଧାତୁ)—୧ । କାଠ ବା ଫଳର ଚୋପା
Chāñchhibā ଛଡ଼ାଇବା; ତାଞ୍ଛିବା; ଛେଲିବା—
চাঁছা, চাঁচা 1. To scrape off the bark or rind
छीलना; खुरचना from a wood, branch or fruit.
(ଚଞ୍ଛାଇବା—ଣିଜନ୍ତ)

୨ । ଭୂମି ଉପରୁ ଘାସ ସହିତ ମାଟିର ପତଳା ସ୍ତର ଉଠାଇବା—
2. To scrape off grass from the ground

ବାମ ଦକ୍ଷିଣେ ଜିହ୍ୱା ଚାଳି, ଚାଞ୍ଛିଲ ବାଟ ପ୍ରାୟ ହେଳି—ଜଗନ୍ନାଥ, ଭାଗବତ ।

୩ । ଉପରୁ ପତଳା ପ୍ରସ୍ତ ଉଠାଇବା—3. To pare; to clip; to prune; to trim.

ଚାଟ୍—ଦେ. ବି (ଜିଭରେ ଚାଟି ଖାଇବା ହେତୁ; ସଂ. ଚଷଣ)—
Chāṭ ୧ । ମଦ୍ୟାଦି ମାଦକ ସେବନ ପରେ ଖାଇବା ମୁଖରୋଚକ
চাট ଖାଦ୍ୟ—1. A relishing food eaten after drink-
चाट ing in order to palliate the sharpness left in the mouth after drinking spirits or wine.

ଅଜ ମାଲ ସାଙ୍ଗରେ ସେଟେ ଚାଟ୍ ପକେଇଛୁ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । ଲାଳସା; ଛୁଙ୍କ—2. Hankering.

ଚାଟ୍ ଧରିବା—ଦେ. ବି—୧ । (ଖରାପ) ଅଭ୍ୟାସ ହେବା—
Chāṭ dharibā 1. Formation of a habit (bad sense).
চাট ধরা ୨ । କୌଣସି ଦ୍ରବ୍ୟ ପ୍ରତି ଛୁଙ୍କ ଲାଗିବା ବା ଲାଳସା ଜନ୍ମିବା—
चाट लगना 2. Growth of a hankering after something once tasted.

ଚାଟ୍ନି—ଦେ. ବି.—ଚାଟ୍ (ଦେଖ)
Chāṭni Chāṭ (See)

ଚାଟ୍ ଲାଗିବା—ଦେ. ବି—ଚାଟ୍ ଧରିବା (ଦେଖ)
Chāṭ lāgibā Chāṭ dharibā (See)

ଚାଟ—ସଂ.ବି. (ଚଟ୍ ଧାତୁ=ବଧ କରିବା+କର୍ତ୍ତୃ ଅ; ମୂଳ ଇଂ.ଚୀଟ୍)—
Chāṭa ୧ । ବିଶ୍ୱାସ ଘାତକ—1. A perfidious person.

୨ । ଚୋର—2. Thief.

୩ । ଠକ—3. A cheat.

ছাত্র ଦେ. ବି. (ସଂ. ଛାତ୍ର; ନବ୍ୟ ସଂ. ଚଟ୍ଟ; ସଂ. ଚେଟକ=
चट्टा ସେବକ, ଦାସ)—

୧ । ପାଠଶାଳାରେ ପଢ଼ୁଥିବା ଛାତ୍ର; ଶିଷ୍ୟ—
1. Student reading in a school.

କାହିଁ ବା ଚାଟେ ଚାହାଳରେ
ପଢ଼ନ୍ତି ପୋଥି ଧୀରେ ଧୀରେ—ମଧୁସୂଦନ. ଛନ୍ଦମାଳା ।

୨ । ବତ୍ସ; କୁମାର; ପୁଅ—2. Son.

ସେ ଦେଶେ ଯାଇଣ ହେଲେ ପବନଙ୍କ ଚାଟ—କୃଷ୍ଣସିଂହ. ମହାଭାରତ. ସଭା ।

୩ । (ସଂ. ଚଙ୍ଗୁ; ପାଲି. ଚାଟି=ପାତ୍ର) ବଡ଼ ଡାଲା; ଭାଟ—
3. A large shallow tray.

୪ । (ସଂ. ଚଷଣ) ଚାଟ୍ (୧) (ଦେଖ)
4. Chāṭ (1) (See)

ଦେ. ବିଣ—୧ । ବିଦ୍ୱାନ୍—1. Learned

(ଚାଟପୁଅ ଚାଟ, ଭାଟପୁଅ ଭାଟ—ଢଗ)

୨ । ବିଦ୍ୟାର୍ଥୀ—2. Bent on studying.

ଚାଟକେର—ସଂ. ବି (ସଂ. ଚଟକା=ମାଈ ଘରଚଟିଆ+ଅପତ୍ୟାର୍ଥେ ଏର;
Chāṭakera ଚଟକାର ସନ୍ତାନ)—ଛୁଆ ଘରଚଟିଆ ଚଢ଼େଇ—
The young ones of the sparrow.

ଚାଟକୈର—ସଂ. ବି (ଚଟକା+ଅପତ୍ୟାର୍ଥରେ ଐର)—ଚାଟକେର (ଦେଖ)—
Chāṭakaira Chāṭakera (See)

ଚାଟଗାଁ—ଦେ. ବି (ନାମ) (ସଂ. ଚଟ୍ଟଗ୍ରାମ)—ଚଟ୍ଟଗ୍ରାମ (ଦେଖ)—
Chāṭgāñ Chaṭṭagrāma (See)
চাটগাঁ

ଚାଟଶାଳ—ଦେ, ବି—ଚାଟଶାଳା (ଦେଖ)—
Chāṭaśāla Chāṭaśālā (See)

ଚାଟଶାଳା—ଦେ. ବି (ସଂ. ଛାତ୍ରଶାଳା; ନବ୍ୟ ସଂ. ଚଟ୍ଟଶାଳା)—ଚାହାଳ;
Chāṭaśālā ପାଠଶାଳା; ଦେଶୀୟ ପ୍ରାଥମିକ ବିଦ୍ୟାଳୟ—
পাঠশালা Village-school; a primary school
चटशाला where the vernacular is taught.

ଚାଟଶାଳିଆ—ଦେ. ବିଣ—୧ । ପାଠଶାଳାରେ ଶିକ୍ଷା ଦିଆଯିବା (ପାଠ)—
Chāṭaśāliā 1. Learnt in the village-school.

୨ । ପାଠଶାଳାରେ ପଢ଼ୁଥିବା (ଛାତ୍ର)—
2. Studying in the village-school.

୩ । ପାଠଶାଳାରେ ବ୍ୟବହୃତ (ଦଣ୍ଡ)—
3. (punishment) In vogue in village-schools.

୪ । ଚାହାଳୀ ସମ୍ବନ୍ଧୀୟ—
4. Relating to a village-school.

ଚାଟଶାଳୀ—ଦେ. ବି—ଚାଟଶାଳା (ଦେଖ)—
Chāṭaśālī Chāṭaśālā (See)

ମାତ୍ର ମାତ୍ରକେ ଚାଟଶାଳୀ—ଭୂପତି. ପ୍ରେମପଞ୍ଚାମୃତ ।

ଚାଟି—ଦେ. ବି—୧ । ବଡ଼ ଟୋକେଇ; ବେତା—
Chāṭi 1. A big basket.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍	ଡ଼ଅ	ଢ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଡ଼	ଢ଼

ପେଟୁଟମାନଙ୍କୁ ଯେ ଢେଚାଗୁଟ ପଢ଼ି,
ବଢ଼ାଇଲେ ସମସ୍ତେ ଚକ୍ଷୁଣ୍ଟ କରି । କୃଷ୍ଣସିଂହ. ମହାଭାରତ. ବନ ।

୨ । ଲୁଣ ପୋକ୍ତାନ ହେବାର ସ୍ଥାନ—2. A place where sea-salt is manufactured.

ଗୁଲଅ ଚାଉଳ ଯେନ ଚାଟର ଗଲଯାଏ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ପ୍ରାଦେ (ବସ୍ତର) ବି (ଭୁଲ. ଏହି ଅର୍ଥରେ ହି. ଚାଁଟୀ)—
୧ । କଳା—1. Big ants.
୨ । ପିମ୍ପୁଡ଼ି—2. Small ants

ପ୍ରାଦେ (ମେଦନାପୁର) ବି (ଭୁଲ. ଏହି ଅର୍ଥରେ ବ. ଚାଟା, ଚାଟାଇ)—ଖଜୁରିପଟ—Mat made of date-palm leaves woven together.

ଚାଟିଗ୍ରାମ—ସଂ. ବି (ନାମ)—ଚଟ୍ଟଗ୍ରାମ (ଦେଖ)—
Chāṭigrāma Name of a place (M. W.); Chaṭṭagrāma (See)

ଚାଟିଚୁଟି—ଦେ. କ୍ରି. ବିଣ—ପୋଛିପାଛି; ନିଃଶେଷ କରି (ଖାଦ୍ୟ ପଦାର୍ଥକୁ
Chāṭichuṭi ଖାଇବା)—(to eat a food given to one)
চেঁচেপুঁছে; চেটেচুটে To the dregs; without leaving
चाटपोंछकर any particle of food in the plate; by licking the plate.

ଚାଟିବା—ଦେ. କ୍ରି (ଧ୍ୱନ୍ୟନୁକରଣ; ଚାଟିବାବେଳେ ଶୁଣାଯିବା ଚଟଚଟ
Chāṭibā ଶବ୍ଦରୁ; ସଂ. ଚକ୍ଷଣ; ଲେହନ)—୧ । ଜିହ୍ୱାଦ୍ୱାରା ଲେହନ
চাটা କରିବା—1. To lick.
चाटना ଅଷ୍ଟବର୍ଗ ଭୂପତି, ମିଳନ୍ତି ଯେ ଦମ୍ପତି
(ଚଟାଇବା—ଣିଜନ୍ତ ରୂପ) ପଦାମ୍ବୁଜକରନ୍ତ ଚାଟନ୍ତି ରେ ।
କବିସୂର୍ଯ୍ୟ. ସଙ୍ଗୀତକଳ୍ପଲତା ।

୨ । ଜିଭଦ୍ୱାରା ସ୍ୱାଦ ଗ୍ରହଣ କରିବା;—
2. To taste with the tongue.
୩ । (ଲକ୍ଷଣାର୍ଥ) ବ୍ୟଗ୍ରତା ସହିତ ଖାଇବା—
3. (figurative) To eat with gusto.
୪ । (ଲକ୍ଷଣାର୍ଥ) ଧ୍ୱଂସ କରିବା—
4. (figurative) To destroy; to ruin.
(ଯଥା - କ୍ଷଣକ ମଧ୍ୟରେ ନିଆଁ ରାଜପ୍ରାସାଦକୁ ଚାଟି ଦେଇଗଲା ।)
[ଦ୍ର—ଚାଟିବା କ୍ରିୟାର ଅସମାପିକାରୂପ ସଙ୍ଗେ ଖାଇବା, ଦେବା, ପକାଇବା, ଯିବା କ୍ରିୟାମାନଙ୍କର ସମାପିକାରୂପ ଯୁକ୍ତ ହୁଏ ।]

ଚାଟୁ—ସଂ. ବି (ଚଟ୍ ଧାତୁ=(କୋଧକୁ) ଭେଦ କରିବା+କରଣ. ଉ)—
Chāṭu ୧ । ସ୍ତୁତିବାକ୍ୟ; ପ୍ରିୟବଚନ—1. Encomium; eulogy; praise.
୨ । ତୋଷାମୋଦ; ମିଥ୍ୟା ପ୍ରିୟବାକ୍ୟ; ମିଥ୍ୟା ପ୍ରଶଂସା—2. Flattery.
୩ । ବିନୟବଚନ—3. Supplicating words; humble prayer.
୪ । ପାକଲାପାକଲ କରିବା; କଥଁ ଲେଇ ସଥଁ ଲେଇ କରି ଭୁଲାଯିବା କଥା—4. Coaxing; blandishment; cajolery.
ପ୍ରାଦେ (ବସ୍ତର) ବି—୧ । ଚଟୁ (ଦେଖ)
1. Chaṭu (See).
୨ । କରଚୁଲି (ଦେଖ)
2. Karachuli (See).

ଚାଟୁଆ—ଦେ. ବିଣ. ପୁଂ (ସଂ. ଚାଟୁକାର)—୧ । ଚାଟୁକାରୀ; ଯେ
Chaṭuā ଖୋସାମଦ୍ କରେ—1. Flattering.
(ଚାଟୋଇ—ସ୍ତ୍ରୀ) ୨ । ଚାଟୁପ୍ରିୟ; ଯେ ଚାଟୁକଥା ଶୁଣିବାକୁ ସୁଖ ପାଏ—
2. Loving to be flattered; liking flattery.
ଦେ. ବି—ଚାଟି (ଦେଖ)
Chāṭi (See).

ଚାଟୁଆଇବା—ଦେ. କ୍ରି (ସଂ. ଚାଟୁ)—୧ । ଖୋସାମଦ କରିବା—
Chāṭuāibā 1. To flatter.
୨ । ପାକଲାପାକଲ କରିବା; ମନଯୋଗା କଥା କହିବା—
2 To coax; to cajole.
କାର୍ତ୍ତିକେ କୋଳରେ ବସାଇ
କହନ୍ତି ବାକ୍ୟ ଚାଟୁଆଇ—ଭୂପତି. ପ୍ରେମପଞ୍ଚାମୃତ ।
୩ । ବିନୟପୂର୍ଣ୍ଣ କଥା କହିବା—
3. To speak with humility;
ଦିବ୍ୟ ଭୋଜନ ଦପ୍ରେ ଦେଇ,
ବାକ୍ୟ କହିବ ଚାଟୁଆଇ—ଜଗନ୍ନାଥ. ଭାଗବତ ।

ଚାଟୁକଟୁ—ଦେ. ବି (ଉପହାସାର୍ଥକ ସହଚର)—
Chāṭu kaṭu ଚାଟୁବାକ୍ୟ ଓ କଟୁବାକ୍ୟ—
Flattery and pungent speech.

ଚାଟୁକାର—ସଂ. ବିଣ. ପୁଂ (ଚାଟୁ+କୃ ଧାତୁ+କର୍ତ୍ତୃ. ଅ)—
Chāṭukāra ୧ । ଯେ ମନ ରଖାଇ କଥା କହେ—
1. Humouring; complaisant.
(ଚାଟୁକାରୀ—ଅନ୍ୟରୂପ) ୨ । ଖୋସାମଦ କରିବା (ବ୍ୟକ୍ତି);
ଚାଟୁକାରୀ—2. Flattering; sycophant.
ସଂ. ବି—ଖୋସାମଦିଆ ବ୍ୟକ୍ତି—Flatterer; a sycophant.

ଚାଟୁପଟୁ—ସଂ. ବି. (୭ମୀ ତତ୍; ଚାଟୁ+ପଟୁ)—
Chāṭupaṭu ଖୋସାମଦିଆ; ଯେ ଖୁବ୍ ଖୋସାମଦ କରି ପାରେ—
Flattering; expert in flattering.
ତୁଚ୍ଛର ଅଳୀକ ଯଶ ରଚନେ କେ ରତ, ଚାଟୁପଟୁ × ×
ରାଧାନାଥ. ମହାଯାତ୍ରା ।
ସଂ. ବି—ଭଣ୍ଡ; ବିଦୂଷକ—A jester or fool in a king's; court or in a drama.

ଚାଟୁପ୍ରିୟ—ସଂ. ବିଣ. ପୁଂ. (ବହୁବ୍ରୀହି; ଚାଟୁ+ପ୍ରିୟ)—
Chāṭupriya ଯେ ଖୋସାମଦିଆ କଥା ଶୁଣିବାକୁ ସୁଖ ପାଏ—
(ଚାଟୁପ୍ରିୟା—ସ୍ତ୍ରୀ) Fond of flattery; fond of being flattered.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚାଟୁବଚନ— ସଂ. ବି. (ମ. ପ. ଲୋ; ଚାଟୁ + ବଚନ)—
Chāṭu bachana ୧ । ଖୋସାମଦିଆ କଥା; ଚାଟୁପୂର୍ଣ୍ଣ ବଚନ—
1. Flattering words.
୨ । ଅତିରକ୍ତ ପ୍ରଶଂସା—
2. Undue praise; adulation.
୩ । ପ୍ରାର୍ଥନା—3. Entreaty.

ଚାଟୁବଟୁ—ସଂ. ବଣ. (୬ଷ୍ଠୀ ତତ୍; ଚାଟୁ + ବଟୁ)—
Chāṭubaṭu ଚାଟୁପଟୁ (ଦେଖ)
Chāṭupaṭu (See)
ସଂ. ବି—ବିଦୂଷକ—Jester.

ଚାଟୁବଟୁକୁ ସୁଜାଣ ବୋଲି ଜାଣ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଚାଟୁବାକ୍ୟ— ସଂ. ବି. (ମ. ପ. ଲୋ; ଚାଟୁ + ବାକ୍ୟ)—
Chāṭu bākya ଚାଟୁବଚନ (ଦେଖ)
Chāṭubachana (See)

ଚାଟୁବାଦ— ସଂ. ବି.—(ଚାଟୁ + ବଦ୍ ଧାତୁ + ଭାବ. ଅ)—
Chāṭu bāda ଚାଟୁବଚନ (ଦେଖ)
Chāṭu bachana (See)

ଚାଟୁବାଦୀ— ସଂ. ବିଣ. ପୁଂ—(ଚାଟୁ + ବଦ୍ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ)
Chāṭu bādī ଚାଟୁକାର (ଦେଖ)
(ଚାଟୁବାଦିନୀ—ସ୍ତ୍ରୀ) Chāṭukāra (See)

ଚାଟୁଭାଷୀ—ସଂ. ବିଣ. (ଚାଟୁ + ଭାଷ୍ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ)
Chāṭubhāshī ଚାଟୁକାର (ଦେଖ)
(ଚାଟୁଭାଷିଣୀ—ସ୍ତ୍ରୀ) Chāṭukāra (See)

ଚାଟୁର୍ଯ୍ୟା— ଦେ. ବି.—(ସଂ. ଚଟ୍ଟୋପାଧ୍ୟାୟ)—ଚାଟୁର୍ଯ୍ୟା; ଚଟ୍ଟୋପାଧ୍ୟାୟ;
Chāṭurjyā ବଙ୍ଗାଳି ବ୍ରାହ୍ମଣଙ୍କ ଉପାଧିବିଶେଷ—Chatterjee,
চাটুর্য্যা a title of Bengale Brāhmaṇas.

ଚାଟୂକ୍ତି—ସଂ. ବି. (ମ. ପ. ଲୋ କର୍ମଧା; ଚାଟୁ + ଉକ୍ତି)—
Chāṭūkti ଚାଟୁବଚନ (ଦେଖ)
Chāṭubachaṇa (See)

ଚାଟୋଳ—ଦେ. ବଣ. (ସଂ. ଚଟୁଳ=ଅସ୍ଥିର)—
Chāṭoḷa ୧ । ରୋଗାଦି ଯୋଗୁଁ ବ୍ୟାକୁଳତା ଅନୁଭବ କରୁଥିବା—
बेचैन 1. (a person) Feeling restless on account of disease.
୨ । ଡହଳ ବିକଳ (ଦେଖ)
2. Dahaḷa bikaḷa (See)
(ଦ୍ର—ଯେଉଁ ରୋଗୀ ଚାଟୋଳ ହୁଏ, ସେ ଥୟ ହୁଏ ନାହିଁ, ଥଣ୍ଡା ସ୍ଥାନ ଓ ପବନ ଲୋଡ଼େ, ଦେହରୁ ଲୁଗାପଟା କାଢ଼ି ପକାଏ ଓ ହାତଗୋଡ଼ ବାଡ଼େଇ ହୁଏ ।)

ଚାଡ୍ରା—ପ୍ରାଦେ. (ମେଦିନାପୁର) ବଣ—ଟାଙ୍ଗରମୁଣ୍ଡିଆ—
Chāḍrā Bald-headed.

ଚାଣକ୍ୟ—ସଂ. ବି. (ଚଣକ=ମୁନିବିଶେଷ + ଅପତ୍ୟାର୍ଥେ ଯ)—
Chāṇakya ୧ । ରାଜା ଚନ୍ଦ୍ରଗୁପ୍ତଙ୍କର ତୀକ୍ଷ୍ଣବୁଦ୍ଧି ମନ୍ତ୍ରୀ ବିଷ୍ଣୁଗୁପ୍ତ —
1. The name of a minister of Raja Chandragupta noted for his political acumen.
[ଦ୍ର—ଏ ଜାତିରେ ବ୍ରାହ୍ମଣ ଥିଲେ । ମଗଧ ବା ପାଟଳିପୁତ୍ରର ନନ୍ଦବଂଶର ରାଜା ମହାନନ୍ଦଙ୍କଠାରୁ ଏ ଅପମାନ ପାଇ ତହିଁର ପ୍ରତିଶୋଧ ନେବା ପାଇଁ ମହାନନ୍ଦଙ୍କ ଦାସୀପୁତ୍ର ଚନ୍ଦ୍ରଗୁପ୍ତଙ୍କୁ ସହାୟତା ଦେଇ ଏ ନନ୍ଦବଂଶର ଉଚ୍ଛେଦ ସାଧନ କଲେ, ଓ ଚନ୍ଦ୍ରଗୁପ୍ତଙ୍କୁ ମଗଧ ସିଂହାସନରେ ବସାଇଲେ । ଏହାଙ୍କ ଜନ୍ମସ୍ଥାନ ତକ୍ଷଶିଳା (ଆଧୁନିକ ରାଓଲପିଣ୍ଡିର ପାଖ) ରେ ଥିଲା । ଚାଣକ୍ୟଙ୍କ ରଚିତ 'ଅର୍ଥଶାସ୍ତ୍ର' ରାଜନୀତି ସମ୍ବନ୍ଧରେ ପ୍ରମାଣିକ ଗ୍ରନ୍ଥ ଅଟେ । ଏହାଙ୍କ ରଚିତ ଶ୍ଲୋକ-ମାନଙ୍କ ମଧ୍ୟରୁ ବାଛି ବାଛି ପରବର୍ତ୍ତୀ ସଂକଳୟିତାମାନେ 'ବୃଦ୍ଧ-ଚାଣକ୍ୟ', 'ଲଘୁଚାଣକ୍ୟ' 'ବୋଧଚାଣକ୍ୟ' 'ଚାଣକ୍ୟସାରସଂଗ୍ରହ' ନାମକ ଗ୍ରନ୍ଥମାନ ସଙ୍କଳନ କରିଅଛନ୍ତି । ଚାଣକ୍ୟଙ୍କ ରଚିତ 'ବିଷ୍ଣୁଗୁପ୍ତସିଦ୍ଧାନ୍ତ' ରେ ଜ୍ୟୋତିଷ ବିଷୟର ଚର୍ଚ୍ଚା ହୋଇଅଛି । ସେ 'ବୈଦ୍ୟଜୀବନ' ନାମକ ଖଣ୍ଡିଏ ଆୟୁର୍ବେଦିକ ଚିକିତ୍ସାଗ୍ରନ୍ଥ ମଧ୍ୟ ଲେଖିଥିଲେ; ବିଷ୍ଣୁପୁରାଣ, ଭାଗବତ ଓ କଥାସରିତ୍‌ସାଗର ଆଦି ସଂସ୍କୃତ ଗ୍ରନ୍ଥରେ ଏହାଙ୍କର ନାମ ଉଲ୍ଲେଖ ଅଛି । ଏହାଙ୍କର ଅନ୍ୟ ନାମ ବାତ୍ସ୍ୟାୟନ, ମଲ୍ଲନାଗ, କୌଟିଲ୍ୟ, ଚଣକାତ୍ମଜ, ଦ୍ରାମିଳସ୍ୱାମୀ, ବିଷ୍ଣୁଗୁପ୍ତ ଓ ଅଙ୍ଗୁଳ ଥିବାର ଅଭିଧାନକାର ହେମଚନ୍ଦ୍ର ଲେଖିଅଛନ୍ତି—
ହି. ଶବ୍ଦସାଗର ।]
୨ । ଚାଣକ୍ୟଙ୍କ ରଚିତ ନୀତିଗ୍ରନ୍ଥ—2. A work of political and moral aphorisms compiled by Chāṇakya.

ଚାଣକ୍ୟନୀତି—ସଂ. ବି. (୬ଷ୍ଠୀ ତତ୍; ଚାଣକ୍ୟ + ନୀତି)—ଚାଣକ୍ୟଙ୍କ
Chāṇakya nīti ସଂକଳିତ ଅର୍ଥନୀତି ଓ ରାଜନୀତି—Principles of Ethics and Politics compiled or enunciated by Chāṇakya.

ଚାଣିକ୍ୟ—ଗ୍ରା ବି (ସଂ. ଚାଣକ୍ୟ)—ଚାଣକ୍ୟ (ଦେଖ)
Chāṇikya Chāṇakya (See).

ଚାଣୂର—ସଂ. ବି (ନାମ) (ଚଣ୍ ଧାତୁ=ଶବ୍ଦ କରିବା + କର୍ତ୍ତୃ. ଊର)—
Chāṇūra ଦୈତ୍ୟବିଶେଷ—Name of a demon.
[ଦ୍ର—ଏ କଂସପାଖରେ ମଲ୍ଲ ବା ମାଲରୂପେ ଥାଇ ବଡ଼ ସମ୍ମାନ ପାଉଥିଲେ । ଶ୍ରୀକୃଷ୍ଣ ଏହାଙ୍କୁ ନିହତ କରିଥିଲେ ।]

ଚାଣୂରମର୍ଦ୍ଦନ—ସଂ. ବି (୬ଷ୍ଠୀତତ୍; ଚାଣୂର + ମର୍ଦ୍ଦନ)—ଶ୍ରୀକୃଷ୍ଣ—
Chāṇura marddana Srikṛushṇa.
(ଚାଣୂରନିସୂଦନ—ଅନ୍ୟରୂପ)

ଚାଣ୍ଟ—ଦେ. ବି (ବଣିଆ ଶବ୍ଦ)—ସୁନାରୁପାରେ ନିର୍ମିତ ଗୋଲାପଫୁଲ ପ୍ରଭୃତି ସୁନ୍ଦର ଦିଶିବାପାଇଁ ତହିଁ ତଳେ ଝୁଲୁଥିବା ଚେପ୍‌ଟା
Chāṇṭa ଚେପ୍‌ଟା ରୂଆ—Flat pendants hanging from the fringe of gold and silver flowerlike ornaments.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଶ	ଙ୍କ	ଇଅ	ଉଅ	ଉ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଔ	ନ୍ତ

ଚାଣ୍ଟି — ପ୍ରାଦେ (ସମ୍ବଲପୁର) ବି (ଭୁଲ. ଏହି ଅର୍ଥରେ ହି. ଚିଁଟୀ) —
Chāṇṭi — ୧ । ପିମ୍ପୁଡ଼ି—1. Ant.
(ଯଥା—ଚାଣ୍ଟି ଚାବିବା = ପିମ୍ପୁଡ଼ି କାମୁଡ଼ିବା)

୨ । ଚାଣ୍ଟିଶାଗ୍; ଅମ୍ଳିତିପତ୍ର— 2. A kind of wild kitchen-herb which tastes sour.

ଚାଣ୍ଟିଶାଗ୍ — ପ୍ରାଦେ. (ସମ୍ବଲପୁର) ବି. (ସଂ. ଚାଙ୍ଗେରୀ) —
Chāṇṭiśāg — ଅମ୍ଳିତିପତ୍ର (ଦେଖ)
Āmḻitipatra (See).

ଚାଣ୍ଡ — ଦେ. ବି. (ସଂ. ଚଣ୍ଡତା ବା ଚାଣ୍ଡ୍ୟ) — ତୀବ୍ରତା —
Chāṇḍa — Acuteness.

ରାମଙ୍କ କାଣ୍ଡ ଚାଣ୍ଡ ରାବଣ ନ ସହି—କୃଷ୍ଣସିଂହ. ମହାଭାରତ. ବନ ।

ଦେ. କ୍ରି. ବିଣ— ଚାଣ୍ଡେ (ଦେଖ)
Chāṇḍe (See)

ଚାଣ୍ଡରସ — ଦେ. ବି. (ସଂ. ଚଣ୍ଡ + ରସ) — ଭୂମିବାଣ ଆଦିରେ ନିଆଁ
Chāṇḍarasa — ଲଗାଇବା ପୂର୍ବରୁ ହଠାତ୍ ନିଆଁ ଧରିବାପାଇଁ ବାଣ ମୁହଁରେ ଯେଉଁ ବାରୁଦ ବ୍ୟବହୃତ ହୁଏ; ରଞ୍ଜକ — Gunpowder which is put inside the wick at the mouth of a firework to ignite it very quickly.

ଚାଣ୍ଡାଳ — ସଂ. ବି. ପୁଂ. (ଚଣ୍ଡାଳ + ସ୍ୱାର୍ଥରେ. ଅ) —
Chāṇḍāḻa — ୧ । ନିଷାଦ; ଚଣ୍ଡାଳ; ହାଡ଼ି —
(ଚାଣ୍ଡାଳୀ— ସ୍ତ୍ରୀ) 1. A man belonging to a very low caste amongst the Hindus.

୨ । ନୀଚତମ ଅସ୍ପୃଶ୍ୟଜାତି —2. A pariah.

চাঁড়াল — ଦେ. ବି—୧ । ନୀଚ ବ୍ୟକ୍ତି; ଅସ୍ପୃଶ୍ୟଜାତୀୟ ବ୍ୟକ୍ତି —
चाण्डाल 1. A low mean fellow; a pariah; an
(ଚାଣ୍ଡାଳୁଣୀ — ସ୍ତ୍ରୀ) outcaste

୨ । କ୍ରୂରକର୍ମା ବ୍ୟକ୍ତି —2. A cruel person.

ମୋହର କନିଷ୍ଠ ଭାଇ ଜଟାସୁରୁ ଚାଣ୍ଡାଳ ମାରିଗଲା—
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଚାଣ୍ଡେ — ଦେ. କ୍ରି. ବିଣ. (ସଂ. ଚଣ୍ଡ) —
Chāṇḍe — ୧ । କ୍ଷଣମାତ୍ରକେ; ଅତିଶୀଘ୍ର —
তুরিতে 1. Quickly; very soon; instantaneously; in a moment.
फौरन
(ଚାଣ୍ଡେକେ — ଅନ୍ୟରୂପ) ବଦ୍ଧବ୍ୟାଧ ଚାରଣି ଚାଣ୍ଡେ ଯାଆନ୍ତେ ଭାସି—
ମଧୁସୂଦନ. ଛନ୍ଦମାଳା ।

୨ । ପ୍ରତ୍ୟକ୍ଷଭାବରେ —2. Directly.

× × ଚାଣ୍ଡେ ଦେଇବାର ବାଧାମଣିକ
ଚପୁଡ଼ି ଦେଲ ସେ ଭାବ ଏଣିକି—କବିସୂର୍ଯ୍ୟ. କବିତା ।

ଚାଣ୍ଡେ ଚାଣ୍ଡେ — ଦେ. କ୍ରି. ବିଣ— ଅତି ଶୀଘ୍ର; କ୍ଷଣମାତ୍ରକେ —
Chāṇḍe chāṇḍe — Instantaneously; in a moment.

ବିଶ୍ୱାମିତ୍ର ସଙ୍ଗେ ଶ୍ରୀରାମ ଲକ୍ଷ୍ମଣ ସାଜ ହୋଇ ଚାଣ୍ଡେ ଚାଣ୍ଡେ—
ନନ୍ଦକିଶୋର. ନିର୍ଝରିଣୀ ।

ଚାତକ — ସଂ. ବି. ପୁଂ. (ଚତ୍ ଧାତୁ = ମାଗିବା + କର୍ତ୍ତୃ. ଅକ; ଯେ
Chātaka — ଚତ୍କାର କରି ମେଘକୁ ଜଳ ମାଗେ) —
ଚାତକୀ } ସ୍ତ୍ରୀ
ଚାତକିନୀ }
୧ । ସ୍ୱନାମଖ୍ୟାତ କୃଷ୍ଣବର୍ଣ୍ଣ ପକ୍ଷୀବିଶେଷ —
1. Pied-crested cuckoo; Coccyster, genus Coculus.

[ଦ୍ର — ଏହାର ଥଣ୍ଟ ଖୁବ୍ ଛୋଟ । ପୁଚ୍ଛ କୋଡ଼ି ପର ଏବଂ ଗୋଡ଼ ଛୋଟଥିଆ; ଡେଣାର ଶେଷ ପର ଦୁଇଟି ସନ୍ନ୍ୟାସୀଙ୍କ ଚିମୁଟା ପରି ଦୁଇ ପାଖକୁ ବାହାରିଥାଏ । ପକ୍ଷର ବର୍ଣ୍ଣ କଳା, ବାଇଗଣୀ ଓ ଧୂସର । କଣ୍ଠ ଓ ପେଟ ଇଷତ୍ ଶୁକ୍ଳ — ଜ୍ଞାନେନ୍ଦ୍ର ।

ଚାତକ କୋଇଲି ପରି ପରଭୃତ୍ ଅର୍ଥାତ୍ ଅନ୍ୟ ଚଢ଼େଇ ଏହାର ଡିମ୍ବକୁ ଫୁଟାଏ — ଯୋଗେଶଚନ୍ଦ୍ର ।

କିନ୍ତୁ ବର୍ଷାଦିନେ ମେଘ ଉଠାଇଲାବେଳେ ଯେଉଁ ଛୋଟ ଚଢ଼େଇମାନେ ଦୀର୍ଘ ଚେଁ ଚେଁ ଶବ୍ଦ କରି ଆକାଶରେ ଅତିଶୀଘ୍ର ଚକ୍ରାକାର ଗତିରେ ଉଡ଼ି ବୁଲନ୍ତି ଓ ଯେ ଉଡ଼ିଲାବେଳେ ଗୁଆଖାଇ ଆକାର ଦେଖାଯାଆନ୍ତି ସେମାନେ କୋଇଲିଜାତୀୟ ନୁହନ୍ତି । ସେମାନେ ଘରଚଟିଆଙ୍କ ପରି ଘରର ଚାଳ ଓ କାନ୍ଥ ସନ୍ଧିରେ, କୋଠାର କଡ଼ସନ୍ଧିରେ କୋମଳ ପର ଓ କାଠିକୁଟାରେ ବସା ନିର୍ମାଣ କରି ଜ୍ୟେଷ୍ଠ ମାସରେ ଡିମ୍ବ ଦିଅନ୍ତି ଓ ଆପଣା ଡିମ୍ବକୁ ଆପେ ଫୁଟାଇ ଛୁଆଙ୍କୁ ପାଳନ୍ତି । ଏମାନେ ଲମ୍ବରେ ୮।୧୦ ଅଙ୍ଗୁଳି ବଢ଼ନ୍ତି । ଜେର୍‌ଡନ୍‌ଙ୍କ ଇଂରାଜୀ ଅଭିଧାନରେ ସ୍ୱିଫ୍ଟ (Swift) ପକ୍ଷୀର ବସିବାର ଓ ଉଡ଼ିବାର ଯେଉଁ ଚିତ୍ର ଦିଆଯାଇଅଛି, ଏ ପକ୍ଷୀର ରୂପ ସେହିପରି । ଏ ପକ୍ଷୀ କୋଠା ଛାତ ତଳେ ବସା କରିବାର ଓ ଖୁବ୍ ଦ୍ରୁତବେଗରେ ଉଡ଼ିବାର ଓ ଚେଁ ଚେଁ ଶବ୍ଦ କରିବାର ଯାହା ଲେଖା ଅଛି, ତାହା ଏ ପକ୍ଷୀ ପ୍ରତି ପ୍ରଯୁଜ୍ୟ ଅଟେ ।
ପ୍ରବାଦ ଅଛି, ଚାତକ ବୃଷ୍ଟି ଜଳ ଭିନ୍ନ ଅନ୍ୟ ଜଳ କେବେହେଁ ପାନ କରେ ନାହିଁ । ଏ ବୃଷ୍ଟି ଜଳ ଆଶାରେ ମେଘକୁ ବ୍ୟାକୁଳକଣ୍ଠରେ ପ୍ରାର୍ଥନା କରେ, ଅଥଚ କେବେ ହେଲେ ଭୂପୃଷ୍ଠର ଜଳ ପିଏ ନାହିଁ ।

ପୁରାଣ ମତରେ ବୃଦ୍ଧଶ୍ରବା ଗନ୍ଧର୍ବଙ୍କୁ ଇନ୍ଦ୍ର ଅଭିଶାପ ଦେବାରୁ ସେ ଚାତକ ପକ୍ଷୀର ରୂପ ଧାରଣ କଲା । ତେଣୁ ସେ 'କଷ୍ଟ ଫେଡ଼' 'କଷ୍ଟ ଫେଡ଼' ବୋଲି ଇନ୍ଦ୍ରଙ୍କୁ ପ୍ରାର୍ଥନା କରୁଥାଏ । କବି ଲେଖିଅଛନ୍ତି :—

ବୃଦ୍ଧଶ୍ରବା ଗନ୍ଧର୍ବ ଯେ କଷ୍ଟରେ ଭେଦଇ
କଷ୍ଟ ଫେଡ଼ କଷ୍ଟ ଫେଡ଼ ଇନ୍ଦ୍ରକୁ ଡାକଇ—ସାରଳା. ମହାଭାରତ, ମଧ୍ୟ ।

୨ । ଘରଚଟିଆଜାତୀୟ କ୍ଷୁଦ୍ର ପକ୍ଷୀବିଶେଷ —
2. The common Indian Swift; Cypselus Affinis.

ସାଧାରଣ ସୂଚନା:—ଏହି ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଉ' ନ ମିଳିଲେ 'ଗାଉଁ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଳ' ନ ପାଇଲେ 'ଅଲ୍‌ବଲ୍' ଦେଖିବେ

ଚାତକାନନ୍ଦନ—ସଂ. ବି. (ଚାତକ+ଆନନ୍ଦନ=ଆନନ୍ଦଦାୟକ)—
Chātakānandana ୧। ବର୍ଷାକାଳ—1. Rainy season.
୨। ମେଘ—2. Cloud.

ଚାତନ—ସଂ. ବି. (ଚତ୍ ଧାତୁ ଣିଜନ୍ତ=ଚାତି ଧାତୁ=ପୀଡ଼ା ଦେବା+ଭାବ. ଅନ)—ପୀଡ଼ନ; କ୍ଲେଶ ଦେବା—
Chātana Troubling; oppressing; teasing.

ଚାତର—ଦେ. ବି. (ସଂ. ଚାତୁରୀ)—୧। ଚାତୁରୀ; କୌଶଳ—
Chātara 1. Deceit; fraud.
सेखी ୨। ଢିଙ୍ଗି; କଥାର ବଡ଼ାଇ; ବାଲଙ୍ଗି—
2. Boasting; bragging.

ଚାକର ମାତର କାହାର ଚାତର ଏଥିକି କର ଏ ଅଶେ।
ଅଭିମନ୍ୟୁ. ବଧଗ୍ର ଉଲ୍ଲାମଣି।

୩। ଅହଙ୍କାର; ଗର୍ବ—3. Pride; arrogance.

ଗିରିବର ଘର କେତେ ମାତର,
କୋଟି ବ୍ରହ୍ମାଣ୍ଡେ ଗୋ କେ କହୁଁ ଭଯ ଚାତର। ପ୍ରାଚୀ. ରହସ୍ୟମଞ୍ଜରୀ।

ଦେ. ବିଶ.—ଗର୍ବୀ; ଗର୍ବୋତ୍ଫୁଲ୍ଲିତ—Elated with pride.

ବିପଦବେଳେ ନ ହୁଅ କାତର,
ସମ୍ପଦବେଳେ ନ ହୁଅ ଚାତର। ପ୍ରବଚନ।

ଚାତରା—ଦେ. ବି. ଓ ବିଶ.—ଚାତର (ଦେଖ)
Chātarā Chātara (See)

ଚାତରିଆ—ଦେ. ବିଶ.—୧। ଆତ୍ମଗର୍ବୀ—
Chātariā 1. Vainglorious.
୨। ଯେ ମୁହଁବାଲଙ୍ଗି କରେ—
2. Bragging; boastful.

ଚାତୁର—ସଂ. ବି.—(ଚତୁର+ସମ୍ବନ୍ଧାର୍ଥେ. ଅ)—୧। ଗୋଲ ତକିଆ;
Chātura ମାଣ୍ଡି—1. Circular leaning cushion.
୨। ଚାରିଜଣ ବସିବା ଭଳି ଗାଡ଼ି—
2. A four-seated carriage.
୩। (ଚତୁର+ଭାବାର୍ଥେ. ଅ)—ଚାତୁରୀ—
3. Cunning; fraud.
(ଚାତୁରୀ—ସ୍ତ୍ରୀ) ସଂ. ବିଶ. ପୁଂ. (ଚତୁର+ସ୍ୱାର୍ଥେ. ଅ)—
୧। ପ୍ରିୟଭାଷୀ—1 Flattering; sweet-speaking.
୨। ଚକ୍ଷୁଗୋଚର—2 Within the ken of one's eyes.

ଚାତୁରିକ—ସଂ. ବି. ପୁଂ (ଚତୁର=ରଥ+ଚଳାଇବା ଅର୍ଥରେ. ଇକ)—
Chāturika ସାରଥି—Coachman; driver of a car

ଚାତୁରୀ—ସଂ. ବି. ସ୍ତ୍ରୀ. (ଚତୁର+ଭାବ. ଅ+ସ୍ତ୍ରୀ. ଈ)—୧। ଚାତୁର୍ଯ୍ୟ;
Chaturī ଚତୁରତା—1. Cleverness; dexterity.
ଦେ. ବି.—ପ୍ରବଞ୍ଚନା; ଶଠତା; ଛଳ—
1. Fraud; deceit; craft.
୨। ଚାତର (ଦେଖ)
2. Chātara (See)

ଚାତୁର୍ଜାତକ—ସଂ. ବି. (ଚତୁର୍ଜାତକ+ସ୍ୱାର୍ଥେ. ଅ)—ଔଷଧାର୍ଥ ଡାଲଚିନି,
Chāturjātaka ତେଜପତ୍ର, ଅଳାଇଚ ଓ ନାଗେଶ୍ୱର ଏହି ଚାରି-
(ଚାତୁର୍ଜାତ—ଅନ୍ୟରୂପ) ଗୋଟି ପଦାର୍ଥର ମିଳନ—A mixture of cinnamon, cassia-leaves, cardamum and the filaments of the flowers of Mesua Fera for medicinal purposes.

ଚାତୁର୍ଥିକ—ସଂ. ବିଶ. (ଚତୁର୍ଥ+ଇକ)—ଚତୁର୍ଥ ଦିନରେ ଦେଖାଯିବା—
Chāturthika Appearing at an interval of 4 days.
(ଚାତୁର୍ଥକ—ଅନ୍ୟରୂପ)
ସଂ. ବି.—୪ ଦିନ ଛଡ଼ା ହେବା ପାଳି ଜ୍ୱର—
Quartan; quotidian fever.

ଚାତୁର୍ଦ୍ଦଶ—ସଂ. ବିଶ. (ଚତୁର୍ଦ୍ଦଶ+ଭବାର୍ଥେ. ଅ)—ଚତୁର୍ଦ୍ଦଶୀ ତିଥିରେ
Chāturddaśa ଜାତ ବା ଘଟିତ—Happening on the 14th day of the lunar fortnight.
ସଂ. ବି.—ରାକ୍ଷସ (ହି. ଶବ୍ଦସାଗର)—Demon.

ଚାତୁର୍ବର୍ଣ୍ଣ୍ୟ—ସଂ. ବିଶ.—(ଚତୁର୍ବର୍ଣ୍ଣ+ସମ୍ବନ୍ଧାର୍ଥେ. ଯ)—ଚତୁର୍ବର୍ଣ୍ଣ
Chāturbarṇṇya ସମ୍ବନ୍ଧୀୟ—Relating to the 4 chief castes amongst the Hindus.
ସଂ. ବି.—(+ସ୍ୱାର୍ଥେ. ଯ) ୧। ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର-ଏହି ଚାରି ଜାତି—1. The 4 principal caste-divisions amongst the Hindus, viz Brāhmaṇa, Kshatriya, Baiśya and Śūdra.
୨। ବ୍ରାହ୍ମଣାଦି ୪ ଜାତିଙ୍କ ଅନୁଷ୍ଠେୟ କର୍ମ ବା ଧର୍ମ—
2. The duties and religious observances enjoined for the 4 castes of the Hindus.
(ଯଥା—ବ୍ରାହ୍ମଣର ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ଓ ପ୍ରତିଗ୍ରହ; କ୍ଷତ୍ରିୟର ବାହୁବଳରେ ପ୍ରଜାପାଳନ; ବୈଶ୍ୟର କୃଷି, ଗୋରକ୍ଷା ଓ ବାଣିଜ୍ୟ ଏବଂ ଶୂଦ୍ରର ଦ୍ୱିଜାତିସେବା-କର୍ମ।)

ଚାତୁର୍ଭଦ୍ର—ସଂ. ବି. (ଚତୁର୍ଭଦ୍ର+ସ୍ୱାର୍ଥେ. ଅ)—ଚତୁର୍ଭଦ୍ର (ଦେଖ)
Chāturbhadra Chaturbhadra (See)
(ଚାତୁର୍ଭଦ୍ରକ—ଅନ୍ୟରୂପ)

ଚାତୁର୍ଭୌତିକ—ସଂ. ବିଶ. (ଚତୁର୍ଭୂତ+ଜାତାର୍ଥରେ ଇକ)—
Chāturbhautika ମୃତ୍ତିକା, ଜଳ, ଅଗ୍ନି ଓ ବାୟୁରୁ ଉତ୍ପନ୍ନ (ଶରୀରାଦି)—(matter) Evolved from the 4 elements viz. water, earth, fire and air.
[ଦ୍ର—ନ୍ୟାୟଦର୍ଶନରେ ଆକାଶ-ଉପାଦାନ ସ୍ୱୀକୃତ ହୋଇ ନାହିଁ।]

ଚାତୁର୍ମହାରାଜିକ—ସଂ. ବି—୧। ବିଷ୍ଣୁ; ଭଗବାନ୍ (ହି. ଶବ୍ଦସାଗର)—
Chāturmahārājika 1. Bishṇu.

୧	ଇ	ଉ	ର୍, ର୍	ଞ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଯ, ସ	ଙ୍କ	ଇୟ	ଉଅ	ଘ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ଷ	ଙ୍ଗ୍ୟ	ଇଅ	ଊ	ନ୍ତ

୨ । ବୁଦ୍ଧଦେବ (ହି. ଶବ୍ଦସାଗର)—2. The Buddha

ଚାତୁର୍ମାସ —ସ. ବିଣ. (ଚତୁର୍ମାସ + ଭାବାର୍ଥେ. ଅ)—୪ ମାସରେ ସମ୍ପାଦ୍ୟ
Chāturmāsa　(ବ୍ରତ)—(rites) To be performed during 4 months.

ଚାତୁର୍ମାସିକ—ସ. ବିଣ. (ଚତୁର୍ମାସ+ଇକ)— ଚାତୁର୍ମାସ (ଦେଖ)
Chāturmāsika　Chāturmāsa (See)

ସ. ବି—ଚାରିମାସବ୍ୟାପୀ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରିବା (ପ୍ରବୃଦ୍ଧବାଦ)—Observance of the vow of continence for a period of 4 months.

ଚାତୁର୍ମାସ୍ୟ—ସ. ବି. ପୁଂ. (ଚତୁର୍ମାସ+ଯ)—୧ । ଆଷାଢ଼ ଶୁକ୍ଳ ଦ୍ୱାଦଶୀ
Chāturmāsya　ବା ପୂର୍ଣ୍ଣିମାଠାରୁ କାର୍ତ୍ତିକ ଶୁକ୍ଳଦ୍ୱାଦଶୀ ବା ପୂର୍ଣ୍ଣିମା ପର୍ଯ୍ୟନ୍ତ ୪ ମାସ କାଳ ପାଳନ କରାଯିବା ବ୍ରତବିଶେଷ—
1. A vow observed during the 4 rainy months (viz. Śrābaṇa, Bhādraba, Āświna and Kārttika)

[ଦ୍ର—ବରାହପୁରାଣ ଓ ମତ୍ସ୍ୟପୁରାଣରେ ଏ ବ୍ରତର ବିଧି ବର୍ଣ୍ଣିତ ହୋଇଅଛି । ଏହା ବିଷ୍ଣୁପୂଜନ ବ୍ରତ ଅଟେ ଓ ଏହା ଗୃହସ୍ଥମାନେ ପାଳନ କଲେ ମଧୁରସ୍ୱର, ଯୋଗସିଦ୍ଧି ଓ ସନ୍ତାନବୃଦ୍ଧି ହୁଏ । ଏଥିରେ ଗୁଡ଼, ମଦ୍ୟ, ଧାତୁପାତ୍ରରେ ପକ୍ୱ ଅନ୍ନ ଖାଇବା ନିଷିଦ୍ଧ ଓ 'ଓଁ ନମୋନାରାୟଣାୟ' ମନ୍ତ୍ର ଜପ କରିବା ବିଧେୟ । ଏ ବ୍ରତ ଯତିମାନେ ମଧ୍ୟ କରିବାର ବିଧି ଅଛି । ବ୍ରତପାଳନକାଳରେ ଯତିମାନଙ୍କର ଏକ ସ୍ଥାନରେ ଏ ଚାରି ମାସ ବାସ କରିବା ବିଧେୟ । ବୌଦ୍ଧଭିକ୍ଷୁ (ଯତି) ମାନେ ଏ ନିୟମ ପାଳନ କରନ୍ତି—ହି. ଶବ୍ଦସାଗର ।]

୨ । ଫାଲ୍‌ଗୁନ, ଚୈତ୍ର ବା ବୈଶାଖ ପୂର୍ଣ୍ଣିମାଠାରୁ ଆରମ୍ଭ କରାଯାଇ ୪ ମାସ କାଳ ଅନୁଷ୍ଠିତ ହେବା ଯଜ୍ଞବିଶେଷ (ଏହି ଯଜ୍ଞର ୪ଟି ପର୍ବ—ବୈଶ୍ୱଦେବ, ବରୁଣପ୍ରଘାସ, ଶାକମେଧ ଓ ଶୁନାଶୀରୀୟ—ହି. ଶବ୍ଦସାଗର)—
2. A vedic sacrifice perfomed in the course of 4 months.

ସ. ବିଣ—ଚାରି ମାସରେ ସମ୍ପାଦନୀୟ—
Performable in 4 months.

ସବୁ କଥା ମିଳିବା ସ୍ଥାନେ ବୋଲି ଗଲେ
ତହିଁ ଉତ୍ତମ ଚାତୁର୍ମାସ୍ୟ ଯାଗ କଲେ । କୃଷ୍ଣସିଂ. ମହାଭାରତ ବନ ।

ଚାତୁର୍ମାସ୍ୟା—ସ. ବି. ସ୍ତ୍ରୀ. (ଚତୁର୍ମାସ+ଯ+ସ୍ତ୍ରୀ. ଆ)—
Chāturmāsyā　ଚାତୁର୍ମାସ୍ୟ (ଦେଖ)
Chāturmāsya (See)

ଦେ. ବି. (ସ. ଚାତୁର୍ମାସ)—୧ । ବର୍ଷା ଋତୁର ଚାରି ମାସ—
1. The 4 rainy months of Śrābaṇa, Bhādraba, Āświna and Kārttika.

୨ । ବର୍ଷାଋତୁ—2. The rainy season.

ବର୍ଷେ ଚାତୁର୍ମାସ୍ୟା ଗୀତ ଶୁଣିଥିଲି
ମନେ ପଡ଼େ ତାହା ଏବେ । ନନ୍ଦକିଶୋର—ନିର୍ଝରିଣୀ ।

ଚାତୁର୍ହୋତ୍ର —ସ. ବି. (ଚତୁର୍+ହୋତୃ+ଅ)—ଚାରିଜଣ ହୋତାଙ୍କ
Chāturhotra　ଦ୍ୱାରା ସମ୍ପାଦ୍ୟ ଯଜ୍ଞ—A vedic sacrifice (ଚାତୁର୍ହୋତ୍ରିୟ—ବିଣ) performed by 4 priests together.

ଚାତୁର୍ଯ୍ୟ —ସ. ବି. (ଚତୁର+ଭାବାର୍ଥରେ ଯ)—୧ । ଚତୁରତା—
Chāturjya　1. Cleverness; cunning.

୨ । ନିପୁଣତା, ନୈପୁଣ୍ୟ—2. Skill; dexterity.

ଦେ. ବି—ପ୍ରବଞ୍ଚନା, ଶଠତା —Fraud; deceit; craft.

ଚାଦର —ବୈଦେ ବି. (ଫା. ଚାଦର୍‌=ଶରୀରର ଆଚ୍ଛାଦକ ବସ୍ତ୍ର)—
Chādara　୧ । ଦୋପଟ୍ଟା; ଉତ୍ତରୀୟ ବସ୍ତ୍ର—1. A sheet of cloth used as a scarf.
চাদর
चद्दर; चादरा　୨ । ବିଛଣାର ଆସ୍ତରଣ; ବିଛଣା ଉପରେ ପଡ଼ିବା ବସ୍ତ୍ର—2. Bed-sheet.

୩ । ଲମ୍ବା ଓ ଚଉଡ଼ା ଲୁଗା—
3. A piece of cloth long and wide.

୪ । ଧାତୁଆଦିର ପତଳା ଓ ଦୀର୍ଘ ଏବଂ ପ୍ରଶସ୍ତ ଖଣ୍ଡ—
4. A thin long and broad sheet of a metal

[ଦ୍ର—ହିନ୍ଦୀରେ ପୁରୁଷଙ୍କ ଉର୍ଦ୍ଧ୍ୱାଙ୍ଗ ଆବରକ ବସ୍ତ୍ରକୁ ଚାଦର ଓ ସ୍ତ୍ରୀମାନଙ୍କ ଓଢ଼ଣୀକୁ ଚାଦର ବୋଲାଯାଏ ।]

ଚାଦରଧରା—ଦେ. ବି—ରାଜା ବା ବରକନ୍ୟା ଦୁଆର ମୁହଁ ବାଟେ
Chādaradharā　ଗଲାଯିବା ବେଳେ ଯେଉଁ ଚାକର ସେମାନଙ୍କ ମୁଣ୍ଡ ଉପରେ ଖଣ୍ଡିଏ ଚାଦର ଟେକି ଧରେ—The servant or a person who holds a cloth as canopy over the head of a king or a resently married couple while passing through a door-way.

ଚାଦରଧରାକୁ ଏହା କ କର, ଚତୁରଙ୍ଗ କେବେ କ ହେଲା ପର—
କବିସୂର୍ଯ୍ୟ, ଚଉତା ।

ଚାଦର ଧରିବା—ଦେ. କି—ରାଜା ବା ବରକନ୍ୟା କୌଣସି ଦୁଆର
Chādara dharibā　ମୁହଁ ବାଟେ ଗଲାବେଳେ (ଅଗପଛ
চাদরধরা　ହୋଇ ଛିଡ଼ା ହୋଇଥିବା ଦୁଇ ଜଣ ବ୍ୟକ୍ତି)
चादर पकड़ना　ତାଙ୍କ ମୁଣ୍ଡ ଉପରେ ଖଣ୍ଡିଏ ଚାଦର ଟେକି ଧରିବା—To hold a sheet as a canopy over the head of a king or a newly married couple while passing through a door-way.

ଚାଦର ବିଜୁଳି—ଦେ. ବି—ଯେଉଁ ବିଜୁଳି ମାରିବା ସମୟରେ ମେଘବ୍ୟାପୀ ଆଲୋକ ଦେଖାଯାଏ—
Chādara bijuḷi　Sheet lightning.
চাদর বিজলি
चद्दर बिजली

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କ୍ଷଥ' ନ ମିଳିଲେ 'କ୍ଷୟ' ଦେଖିବେ; 'ବଧୂଁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲ୍‌ଙ୍କାର' ଦେଖିବେ ।

ଚା ଦାନ୍—ଦେ. ବି. (ଚୀନ. ଚା + ଫା. ଦାନ୍ = ସଂ. ଆଧାର)—
Chā-dān — ଯେଉଁ ପାତ୍ରରେ ଫୁଟା ହୋଇଥିବା ଗରମ ପାଣି
चा-दान — ରଖାଯାଇଥାଏ ଏବଂ ଯହିଁରୁ ଉକ୍ତ ଜଳକୁ ଚା-
चा-दान — ପିଅଲାରେ ଚାଳ ତହିଁରେ ଆବଶ୍ୟକ ପରିମାଣରେ
(ଚା-ଦାନୀ-ଅନ୍ୟରୂପ) ଦୁଧ ଓ ଚିନି ମିଶାଇ ପାନୀୟ ଚା ପ୍ରସ୍ତୁତ କରାଯାଏ; ଚାହାପୋଡ—Tea pot.

ଚାନ୍‌ସ୍— ବୈଦେ. ବି. (ଇଂ)—୧ ।ସୁବିଧା—
Chān-s — 1. Opportunity.
୨ । କପାଳବାଚ୍ଚ ଲାଭ ବା ଅବସ୍ଥା—2 Chance.

ଚାନ୍‌ସରୀ— ବୈଦେ. ବି. (ଇଂ. ଚାନ୍‌ସେରୀ)—
Chān-sari — ସ୍ୱତ୍ୱାସ୍ୱତ୍ୱ ବସ୍ତୁସ୍ୱାର୍ଥ ବିଷୟରେ ଥିବା ସର୍ବୋଚ୍ଚ ଅଦାଲତ—
चानसेरी — Court of Chancery.
चैंसरी

ଚାନ୍‌ସୀ— ଦେ. ବି.—ଯେଉଁ ଦେଶୀ ଡାକ୍ତର ଅସ୍ତ୍ରଚିକିତ୍ସା ନ କରି
Chān-si — କେବଳ ତୈଳ ଓ ଲେପ ଆଦିରେ ବ୍ରଣ ଓ ନାଳୀ ଘାଆ ଇତ୍ୟାଦି ଆରୋଗ୍ୟ କରନ୍ତି—A class of Indian medical practitioners who cure surgecal-cases without operation by the application of oils and ointments.

ଚାନ୍‌ସେଲର୍—ବୈଦେ. ବି. (ଇଂ)—ବିଶ୍ୱବିଦ୍ୟାଳୟର ଶାସନ ଓ ପରିଚାଳନ
Chān-selar — ଭାର ପ୍ରାପ୍ତ ସର୍ବୋଚ୍ଚ କର୍ମଚାରୀ—Chanceller of
चानसेलर — an university.
चैंसलर; चैंसेलर

ଚାନକା—ଦେ. ବି ଓ ବିଣ—ଛାନକା (ଦେଖ)
Chānakā — Chhanakā (See)
(ଚାନକା—ଅନ୍ୟରୂପ)

ଚାନ୍ଦସୀ—ଦେ. ବି—ଚାନ୍‌ସୀ (ଦେଖ)
Chānd–si — Chān–si (See)

ଚାନ୍ଦ—ଦେ. ବି. (ସଂ. ଚନ୍ଦ୍ର)—
Chānda — ୧ । ଚନ୍ଦ୍ର—1. The moon.
चान्द — ବଦନବଦନାରବିନ୍ଦେ; ନନ୍ଦର ପୂର୍ଣ୍ଣିମାର ଚାନ୍ଦ ।
चांद — ଜଗନ୍ନାଥ. ଭାଗବତ ।

୨ । ବିବାହର ପରବର୍ତ୍ତୀ ଶୁକ୍ଳ ତୃତୀୟା ଦିନ ବରକନ୍ୟାଙ୍କ ଦ୍ୱାରା କରାଯିବା ଚନ୍ଦ୍ରବନ୍ଦାପନା ବିଧି; ଚନ୍ଦ୍ରବନ୍ଦାପନା—
2. The ceremony of worshipping the moon on the third day of the bright lunar fortnight succeeding the marriage.

୩ । କୁମାରପୂର୍ଣ୍ଣିମା ଦିନ ସନ୍ଧ୍ୟାବେଳେ ଚନ୍ଦ୍ରଙ୍କୁ ଭୋଗ ଦିଆଯିବା ନୈବେଦ୍ୟ (ଛେନା ଗୁଡ଼ ଚକଟା ବା ଖଇ ପାଚିଲା କଦଳୀ ଚକଟା)—3. The sweet offerings offered to the Moon-god in the evening of Kumārapūrnnimā.

୪ । କୁମାରପୂର୍ଣ୍ଣିମାର ନୈବେଦ୍ୟ ପରସ୍ପର ପାଟିରେ ଦିଆଦେଇ ହୋଇ ଦୁଇ ଜଣ ସ୍ତ୍ରୀଲୋକ ବା ବାଳକଙ୍କ ମଧ୍ୟରେ ସ୍ଥାପିତ ବନ୍ଧୁତା ଓ ପରସ୍ପରକୁ ଡାକିବା ସମ୍ବୋଧନ—
4. Name by which two females or children friends address each other after feeding each other with the offerings of Kumāra Pūrṇnimā evening; the mutual friendship springing up from such mutual feeding.

୫ । ଗାଈ, ବଳଦ ଓ ଘୋଡ଼ାଙ୍କର ମୁହଁ ସମ୍ମୁଖରେ କପାଳଭଲକୁ ଥିବା ଶୁକ୍ଳ ବର୍ଣ୍ଣ ଗୋଲ ବା ଲମ୍ବ ରୋମରେଖା—
5. White mark or star on the forehead of a coloured beast (e. g. horse, cattle).

୬ । ଦ୍ୱିତୀୟା ଚନ୍ଦ୍ର, ଅର୍ଦ୍ଧଚନ୍ଦ୍ର ବା ପୂର୍ଣ୍ଣଚନ୍ଦ୍ର ଆକୃତିର ଧାତୁନିର୍ମିତ ଅଳଙ୍କାରବିଶେଷ—6. Crescent-shaped or moon-shaped orhament.

୭ । (ଲକ୍ଷଣାର୍ଥ) ଚନ୍ଦ୍ର ପରି ପ୍ରୀତିଦାୟକ ବ୍ୟକ୍ତି ବା ବସ୍ତୁ—
7. (figurative) A pleasing person or thing.

ହେ ଚଉଦଭୁବନ-ଲୋକଙ୍କର ଚାନ୍ଦ
ତୁମ୍ଭଙ୍କୁ ଦେଖି ସୁଖୀ ହୁଅନ୍ତି ନନ୍ଦ—କୃଷ୍ଣସିଂହ. ମହାଭାରତ. ବିରାଟ ।

୮ । ବନ୍ଧୁକ ମାରିବାକୁ ଶିକ୍ଷା କରିବା ବ୍ୟକ୍ତିର ଲକ୍ଷ୍ୟ ରୂପେ ଦୂରରେ ସ୍ଥାପିତ କୌଣସି ଚିହ୍ନ—8. Target.

୯ । ଧଳା ଓ ଗୋଲ ଦାଗମାନ—9. Round white spots.

ଚାନ୍ଦଉଦିଆ—ଦେ. ବି—ଚନ୍ଦ୍ରଉଦିଆ (ଦେଖ)
Chānda-udiā — Chandra-udiā (See).

ଚାନ୍ଦକଳା - ଦେ. ବି (ସଂ. ଚନ୍ଦ୍ର + କାଳ)—କୃଷ୍ଣବର୍ଣ୍ଣ ରଙ୍ଗବିଶେଷ—
Chāndakaḷā — A black pigment or dye used by females to put on the middle of the forehead as a tip.
[ଦ୍ର—ସ୍ତ୍ରୀଲୋକେ କପାଳରେ ଚାନ୍ଦକଳାର ଟୋପି ଦିଅନ୍ତି ।]

ଚାନ୍ଦକା—ଦେ. ବି (ସଂ. ଚନ୍ଦ୍ର; ଚନ୍ଦ୍ରକ)—ଅର୍ଦ୍ଧଚନ୍ଦ୍ରାକାର ଖିଲାଣ—
Chāndakā — A semicircular arch.
चान्दका

ଚାନ୍ଦନା—ବୈଦେ. ବି (ଫା. ଚାନ୍ଦନା)—ରଇତ ସରବାଡ଼ି ରୂପେ ଭୋଗ
Chāndanā — କରୁଥିବା ଭୂମି ବା ଯୋତ; ଘରବାଡ଼ି; ରଇତର ଘରଡିହ
চাংদনা — ଜମି—Homestead holding of a tenant.

ଚାନ୍ଦନାଦାର୍—ଦେ. ବି - ଚାନ୍ଦନା ପ୍ରଜା (ଦେଖ)
Chāndanādār — Chāndanā prajā (See).

ଚାନ୍ଦନା ପ୍ରଜା—ଦେ. ବି—ଯେଉଁ ରଇତ ଆପଣା ଯୋତରେ ଘର
Chāndanā prajā — କରିଥାଏ—A royat who has residence on his own holding.

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଷ	କ୍ଷ	ଙ୍ଘ	ଓଅ	ଘ
୨	ଈ	ଉ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍ତ

ଚାନ୍ଦଣୀ—ଦେ. ଣ (ସଂ. ଚନ୍ଦ୍ରିଣୀ; ଚାନ୍ଦ୍ରୀ—ଜ୍ୟୋତ୍ସ୍ନାମୟୀ (ରାତ୍ରି); Chāndani ଚନ୍ଦ୍ରିକାଯୁକ୍ତ; ଚନ୍ଦ୍ରକିରଣ ଥିବା— Moon-lit (night)
चान्दनिया; चान्दनी
चान्दनी

ସବୁଦିନେ କାହିଁ ଚାନ୍ଦଣୀ ରାତି ?
ସବୁଦିନେ ନାହିଁ ଶୀତପାହାନ୍ତ—ଢଗ ?

ଦେ. ବି—୧ । ଚନ୍ଦ୍ରକିରଣ—1. Moon light.

କି ମଧୁରେ ଖେଳେ ମନ୍ଦହାସର ଚାନ୍ଦଣୀ
ବଧୂବଦନର ଚାରୁ-ବନ୍ଧୁଳି-ଅଧରେ—ରାଧାନାଥ, ମହାଯାତ୍ରା ।

୨ । ଚନ୍ଦ୍ରଶାଳା (ଦେଖ)
2. Chandraśālā (See).

ଚନ୍ଦ୍ରିକାବସ୍ଥାନ ରଜନୀକାଳେ
ଚାନ୍ଦଣୀ ସୋପାନ ଉଠିବାକୁ ଲେ—କବିସୂର୍ଯ୍ୟ, କବିତା

୩ । ପଥର, ଇଟା, ଚୂନ ଆଦିରେ ନିର୍ମିତ ଖୋଲା ପକ୍କା ମଣ୍ଡପ— 3. A pucca platform with no roof.

[ଦ୍ର—ମଣ୍ଡପର ଛାତ ଥାଏ, ମାତ୍ର ସାଧାରଣତଃ ଚାନ୍ଦଣୀର ଛାତ ନ ଥାଏ ।]

ଚାନ୍ଦବଦନ—ଦେ. ବି. ଓ ଣ—ଚନ୍ଦ୍ରବଦନ (ଦେଖ)
Chāndabadana Chandrabadana (See).

ଚାନ୍ଦବଦନା } ସ୍ତ୍ରୀ—
ଚାନ୍ଦବଦନୀ }

चान्दमुख
चाँदकामुखड़ा

ଚାନ୍ଦବନ୍ଦା—ଦେ. ବି—ଚାନ୍ଦବନ୍ଦାପନା (ଦେଖ)
Chānda bandā Chānda bandāpanā (See).

ଚାନ୍ଦ ବନ୍ଦାଇବା—ଦେ. କ୍ରି—୧ । (କୁମାର କୁମାରୀମାନେ) କୁମାରପୂର୍ଣ୍ଣିମା Chānda bandāibā ସନ୍ଧ୍ୟାବେଳେ ନବୋଦିତ ଚନ୍ଦ୍ରଙ୍କୁ ବନ୍ଦାପନା (ଚାନ୍ଦ ବନ୍ଦେଇବା—ଅନ୍ୟରୂପ) କରିବା—(boys and girls) To worship the moon in the evening of Kumārapūrṇṇimā.

୨ । ବିବାହର ପରବର୍ତ୍ତୀ ଶୁକ୍ଳ ତୃତୀୟାର ସନ୍ଧ୍ୟାରେ ଚନ୍ଦ୍ରଙ୍କୁ ବରକନ୍ୟା ବନ୍ଦାପନା କରିବା - 2. (a newly married couple) To worship the moon on the third day of the bright fortnight following the marriage

ଚାନ୍ଦ ବନ୍ଦାପନା—ଦେ. ବି (ସଂ. ଚନ୍ଦ୍ରବନ୍ଦନ)—
Chānda bandāpanā ୧ । ବିବାହର ପରବର୍ତ୍ତୀ ଶୁକ୍ଳ ତୃତୀୟା ଦିନ (ଚାନ୍ଦବନ୍ଦାଣ—ଅନ୍ୟରୂପ) ବରକନ୍ୟା ଚନ୍ଦ୍ରଙ୍କୁ ପୂଜା କରିବା ବିଧି; ଚନ୍ଦ୍ରବନ୍ଦାପନା--The ceremoney of the newly married couple worshipping the moon on the evening of the third day of the bright fortnight which succeeds the marriage.

୨ । କୁମାରପୂର୍ଣ୍ଣିମା ସନ୍ଧ୍ୟାବେଳେ ବାଳକବାଳିକାମାନଙ୍କ ଦ୍ୱାରା ଚନ୍ଦ୍ରଙ୍କ ପୂଜା—2. Worship of the moon on the evening of the Kumārapūrṇnamī by boys and girls.

ଚାନ୍ଦ ବସିବା—ଦେ. କ୍ରି—(ଦୁଇ ଜଣ ସ୍ତ୍ରୀ ବା ବାଳକ ବା ବାଳିକା) Chānda basibā କୁମାରପୂର୍ଣ୍ଣିମା ସନ୍ଧ୍ୟାବେଳେ ନବୋଦିତ ଚନ୍ଦ୍ରଙ୍କୁ ନୈବେଦ୍ୟସ୍ୱରୂପ ଦିଆଯାଇଥିବା 'ଚାନ୍ଦ' ଖିଆଖେଇ ହୋଇ ପରସ୍ପର ମଧ୍ୟରେ 'ଚାନ୍ଦ' ସମ୍ବନ୍ଧ ସ୍ଥାପନ କରିବା—(two women or boys or girls) To set up the god-relationship of Chānda between them on the evening of the Kumārapūrṇṇamī.

ଚାନ୍ଦ ବାଢ଼ିବା—ଦେ. କ୍ରି—କୁମାରପୂର୍ଣ୍ଣିମା ସନ୍ଧ୍ୟାବେଳେ ଚନ୍ଦ୍ରଙ୍କୁ ପୂଜା Chānda bāṛhibā କରିବାପାଇଁ ଛେନାଗୁଡ଼ ବା ଖଇଚକଟା ତୁଳସୀଚଉରା ମୂଳେ ଥୋଇବା—To put some sweets as offering to the moon-god on the Kumārapūrṇṇimā evening near the Holy Basil plant.

ଚାନ୍ଦବାଲି—ଦେ. ବି (ନାମ)—ବାଲେଶ୍ୱର ଜିଲ୍ଲାର ଗ୍ରାମବିଶେଷ—
Chāndabāli Name of a village in the district of Balasore.

[ଦ୍ର—ଏହା କଟକ ଓ ବାଲେଶ୍ୱର ଜିଲ୍ଲାର ସୀମାରେ ବ୍ରାହ୍ମଣୀ ଓ ବୈତରଣୀ ନଦୀର ସଙ୍ଗମସ୍ଥଳ ଧାମରା ମୁହାଁଣଠାରୁ କିଛି ଦୂରରେ ଅବସ୍ଥିତ । ଏହା ଆଜିକାଲି ଓଡ଼ିଶାର ଏକମାତ୍ର ବାଣିଜ୍ୟପ୍ରଧାନ ବନ୍ଦର । ଏହି ସ୍ଥାନ ପର୍ଯ୍ୟନ୍ତ ଛୋଟଛୋଟ ଜାହାଜ କଲିକତାରୁ ଆସେ ଏବଂ ଏଠାରୁ କେନାଲ ବାଟେ କଟକକୁ ଷ୍ଟିମର ଯାତାୟାତ କରେ । ରେଲ ହେବା ପୂର୍ବରୁ କଟକରୁ କଲିକତା ଯିବା ଯାତ୍ରିମାନେ କଟକରୁ ଚାନ୍ଦବାଲି ପର୍ଯ୍ୟନ୍ତ ଷ୍ଟିମରରେ ଯାଇ ସେଠାରେ କଲିକତାକୁ ସମୁଦ୍ର ବାଟେ ଜାହାଜରେ ଯାଉଥିଲେ । ବର୍ତ୍ତମାନ କେବଳ ପଣ୍ୟଦ୍ରବ୍ୟମାନ ଏହିବାଟେ ଯାଉଅଛି ।]

ଚାନ୍ଦ ବୁଢ଼ା ହୋଇଯିବା—ଦେ. କ୍ରି—କୁମାରପୂର୍ଣ୍ଣିମା ସନ୍ଧ୍ୟାବେଳେ ଚାନ୍ଦ Chānda burḍhā hoijibā ବନ୍ଦାଇବାର ସମୟ ଅତିକ୍ରାନ୍ତ ହେବା—The proper time for worshipping the moon on the Kumārapūrṇṇimā evening being over.

ଚାନ୍ଦମଣି—ଦେ. ବି—ଚନ୍ଦ୍ରମଣି (ଦେଖ)—
Chāndamaṇi Chandramaṇi (See)

ଚାନ୍ଦମାରି—ଦେ. ବି (ସଂ. ଚନ୍ଦ୍ର+ମୃ ଧାତୁ ଣିଜନ୍ତ=ମାରି ଧାତୁ)-ବନ୍ଧୁକ Chāndamāri ଦ୍ୱାରା ଲକ୍ଷ୍ୟ ଭେଦ ଶିକ୍ଷା କରିବା ନିମନ୍ତେ ନିର୍ଦ୍ଦିଷ୍ଟ दूरରେ ରଖାଯାଇଥିବା ଚନ୍ଦ୍ରାକାର ଚକ୍ର-
चाँदमारी
चाँदमारी ବିଶେଷ—Target .

ସାଧାରଣ ଲୋକେ ଅପର ଦୃଷ୍ଟାରେ ମୂଳେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଅପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଙ୍କ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ

ଚାନ୍ଦମୁଖ—ଦେ. ବି ଓ ବିଣ. (ସଂ. ଚନ୍ଦ୍ରମୁଖ)—ଚନ୍ଦ୍ରବଦନ (ଦେଖ)
Chāndamukha Chandrabadana (See)
চাঁদমুখ
चाँदसामुखड़ा
(ଚାନ୍ଦମୁଖୀ—ସ୍ତ୍ରୀ)

ଚାନ୍ଦମୁହିଁ—ଦେ. ବିଣ. ସ୍ତ୍ରୀ (ସଂ. ଚନ୍ଦ୍ରମୁଖୀ)—ଚନ୍ଦ୍ରମୁଖୀ; ଚନ୍ଦ୍ରବଦନା—
Chāndamuhĩ (a lady) Having the face as beautiful and charming as the moon.
ଦରଶନ୍ତେ ଉଷେ ଦେଲ ପରଚୟ ପୁଚ୍ଛିଲରୁ ଚାନ୍ଦମୁହିଁ—ରଥାନାଥ. ଯଯାତି ।

ଚାନ୍ଦ ରାୟଗୁରୁ—ଦେ. ବି (ନାମ) ପୁରୀ ଜିଲ୍ଲାର ଜଣେ ସଂସ୍କୃତଜ୍ଞ ପଣ୍ଡିତ—A great Sanskrit Pandit of Puri district.
Chānda rāyaguru

[ଦ୍ର—ପୁରୀଜିଲ୍ଲା ବୀରନରସିଂହପୁର ଶାସନରେ ଏହାଙ୍କର ଜନ୍ମ । ଏ ସଂସ୍କୃତ ଭାଷାରେ 'ଉଷାପରିଣୟ' ନାଟକ ରଚନା କରିଥିଲେ ଏବଂ 'ନୈଷଧ'କାବ୍ୟର ଗୋଟିଏ ଉତ୍କୃଷ୍ଟ ଟୀକା ଲେଖି ଥିଲେ । ପୁରୀର ତଦାନୀନ୍ତନ ଗଜପତି ରାଜା ବୀରକିଶୋରଦେବଙ୍କ ରାଜସଭାରେ ଏହାଙ୍କର ଅଖଣ୍ଡ ପ୍ରତିପତ୍ତି ଥିଲା ।

କିମ୍ବଦନ୍ତୀ ଅଛି ଯେ ଦିନେ ପୂର୍ଣ୍ଣିମାରେ ରାୟଗୁରୁ ସେଦିନ ଅମାବାସ୍ୟା ଅଟେ ବୋଲି ଭ୍ରମରେ କହି ପକାଇଲେ ଏବଂ ତନ୍ତ୍ରସାଧନ ବଳରେ ପୂର୍ଣ୍ଣିମା ରାତିରେ ଚନ୍ଦ୍ରଙ୍କୁ ଆଣି ନିଜଘରର ଧାନକୁଣ୍ଡ ଆଁ ତାଳିତଳେ ଘୋଡ଼ାଇ ରଖିଦେବାରୁ ସେ ରାତିରେ ଚନ୍ଦ୍ର ଆଉ ଆକାଶରେ ଉଇଁଲେ ନାହିଁ; ଫଳତଃ ପୂର୍ଣ୍ଣିମାରାତି ଅମାବାସ୍ୟା ରାତିପରି ଅନ୍ଧକାରମୟ ହୋଇ ଉଠିଲା । ତାଙ୍କର ଏହି ଅସାଧାରଣ ଶକ୍ତିମତ୍ତାରେ ରାଜା ଓ ରାଜପାରିଷଦମାନେ ଏକାନ୍ତ ବିସ୍ମିତ ହୋଇ ଯାଇଥିଲେ । ଚନ୍ଦ୍ରଶେଖର ବାହାନପତି ଓ ଚାନ୍ଦରାୟଗୁରୁ ଉଭୟ ଭିନ୍ନ ବ୍ୟକ୍ତି ଥିବାର କେହି କେହି କହନ୍ତି ।]

ଚାନ୍ଦସୁରା—ଦେ. ବି (ସଂ. ଚନ୍ଦ୍ରଶୂର)—ଚନ୍ଦ୍ରଶୂର (ଦେଖ)—
Chāndasurā Chandraśūra (See)
চাঁদসুর
चंसुर

ଚାନ୍ଦ ସୁରଜ—ଦେ. ବି (ସଂ. ଚନ୍ଦ୍ର+ସୂର୍ଯ୍ୟ)—ସ୍ତ୍ରୀଲୋକମାନେ କାପାଳର କେଶ ଉପରେ ଗୁନ୍ଥି ପିନ୍ଧିବା ସୁନା ବା ରୁପାର ଦ୍ୱିତୀୟାଚନ୍ଦ୍ରପରି ବୃତ୍ତଖଣ୍ଡାକାର ଫଳକ ଓ ତହିଁ ଉପରେ ସୂର୍ଯ୍ୟପରି ବୃତ୍ତାକାର ଅଳଙ୍କାରବିଶେଷ—
Chānda suraja
চাঁদসুরুচী
चांदसुरज
(ଚାନ୍ଦସୁରୁଜ—ଅନ୍ୟରୂପ) An ornament consisting of 2 preces of gold or silver in the shape of a crescent below the sun and worn on the hair over the brow.

ଚାନ୍ଦସୁରୁଜ ଚୁଟୁକି—ଦେ. ବି—ପାଆପଦ୍ମ (ଦେଖ)—
Chāndasuruja chuṭuki Pā-ā padma (See)

ଚାନ୍ଦା—ବୈଦେ. ବି (ଫା. ଚନ୍ଦେ=ଅଳ୍ପ, କେତେକ; କେତେ ଜଣଙ୍କ ନିକଟରୁ ଏହା ଅଳ୍ପ ଅଳ୍ପ ଆଦାୟ କରାଯିବାରୁ)—
Chāndā
চাঁদা
चँदा
୧ । ଭେଦା; ଅନେକ ବ୍ୟକ୍ତିଙ୍କ ଠାରୁ କୌଣସି ବିଶିଷ୍ଟ କାର୍ଯ୍ୟପାଇଁ ସଂଗୃହୀତ ଅର୍ଥ—1. Subscription.
୨ । ସମ୍ବାଦପତ୍ର ପାଇଁ ଗ୍ରାହକ ଦେବା ମୂଲ୍ୟ—
2. Subscription for a newspaper.
চাঁদা
चांदा
୩ । ଭୂମିମାପ ବେଳେ ବିଶିଷ୍ଟ ସ୍ଥାନର ନିଦର୍ଶନ ସ୍ୱରୂପ ଭୂମିରେ ପୋତାଯିବା ଖିଲାଆଦି ଚିହ୍ନ—3. A distinctive peg put on the ground during a survey.

ଚାନ୍ଦା ଉଠା(ଠେ)ଇବା—ଦେ. କ୍ରି—ବହୁବ୍ୟକ୍ତିଙ୍କ ଠାରୁ ଚାନ୍ଦା ଅସୁଲ କରିବା—To raise subscription from many persons.
Chāndā uṭhā(e)ibā
চাঁদাউঠান
चँदाउठाना

ଚାନ୍ଦା ଉଠିବା—ଦେ. ବି—ବହୁ ବ୍ୟକ୍ତିଙ୍କଠାରୁ ଚାନ୍ଦା ଆଦାୟ କରାଯିବା—
Chāndā uṭhibā Raising of subscription.
চাঁদাউঠা
चँदाउठना

ଚାନ୍ଦା ସ୍ୱାକ୍ଷର କରିବା—ଦେ. କ୍ରି.—ନିଜର ଦେୟ ଚାନ୍ଦାର ପରିମାଣ ଅଙ୍ଗୀକାର କରି ଦସ୍ତଖତ୍ କରିବା—
Chāndā swākshara karibā
চাঁদাসাখর করা To subscribe or sign promising payment of subscription for a certain purpose.

ଚାନ୍ଦି—ଦେ. ବି. (ସଂ. ଚନ୍ଦ୍ର)—୧ । ବିଶୁଦ୍ଧ ରୌପ୍ୟ—
Chāndi 1 Pure silver.
চাঁদী
चाँदी
୨ । (ସଂ. ଚନ୍ଦ୍ରକ, ଚନ୍ଦ୍ରଗୋଳିକା) ମତ୍ସ୍ୟ ବିଶେଷ—
2 Ambassia Ranga; a kind of fish.
চাঁদগুড়া, চান্দামাচ
चांदा
[ଦ୍ର—ଏମାନେ ଚେପଟା ଓ ଦେଖିବାକୁ ଧଳା; ପିଠିରେ କଣ୍ଟାଳିଆ ଡେଣା ଥାଏ । ଏମାନଙ୍କୁ 'ଟଙ୍କାଚାନ୍ଦି' ମଧ୍ୟ କୁହାଯାଏ । ଏ ମାଛର ବ୍ୟାସ ୧ ଠାରୁ ୨ ଇଞ୍ଚ ।]
୩ । ଗୋଡ଼ର ତଳପା—3. The sole or heel of the foot.
[ଯଥା—ବହୁତ ବାଟ ଚାଲିବାରୁ ତା ଚାନ୍ଦି ଫାଟିଗଲା ।]
ପ୍ରାଦେ. (ପୁରୀ) ବି.—ଘୋଡ଼ା ଓ ଗୋରୁଙ୍କ ଖୁରରେ ମରାଯିବା ନାଲ ବା ଲୁହାପାତିଆ—Horse-shoe; shoes for the hoofs of bullocks.

ଚାନ୍ଦିଆ—ଦେ. ବିଣ.—ଯେଉଁ ରଙ୍ଗିନ୍ ଘୋଡ଼ା ଓ ଗୋରୁ ପ୍ରଭୃତିଙ୍କ କପାଳରେ ଚନ୍ଦ୍ରାକୃତି ଧଳା ରୋମରେଖା ଥାଏ—
Chāndiā
(a coloured beast) Having a white mark or star on the forehead.
ଦେ. ବି.—କପାଳରେ ଚାନ୍ଦଥିବା ପଶୁ—A beast having a white mark or star on the forehead.

୧	ଇ	ଉ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଘ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	●	କ୍ଷ

ଚାନ୍ଦିନା (ଇତ୍ୟାଦି) — ବୈଦେ. ବି. (ଫା.)—ଚାନ୍ଦନା ଇତ୍ୟାଦି (ଦେଖ)
Chāndinā (etc). Chāndanā etc. (See)

ଚାନ୍ଦି ଫୁଟିବା—ଦେ. କ୍ରି—ଅନେକ ବାଟ ଗରମ ବାଲି ବା କଙ୍କରମୟ
Chāndi phuṭibā ରାସ୍ତାରେ ପଦଗତି କରିବା ହେତୁ ଗୋଡ଼ର ତଳପା ଫାଟି ଯିବା ବା କ୍ଷତଯୁକ୍ତ ହେବା—The state of having foot-sores.

ଚାନ୍ଦିବୁଡ଼ା—ପ୍ରାଦେ. (ସମ୍ବଲପୁର) ବି (ଭୁଲ. ହି. ଚାଁଦୀ=ବ୍ରହ୍ମତାଳୁ)
Chāndiburḍā ବିଶ—୧। ସର୍ବସ୍ୱାନ୍ତ (ବ୍ୟକ୍ତି)—
1. (a person) Destitute of all his belongings; ruined.
୨। ଅକ୍ରାନ୍ତ—2. Overpowered.

ଚାନ୍ଦୀ—ଦେ. ବିଶ. ସ୍ତ୍ରୀ—ଚାନ୍ଦିଆ (ଦେଖ)
Chāndi Chāndiā (See)

କାଳୀ କସୁରୀ ଧଳୀ ରଙ୍ଗୀ
ଚାନ୍ଦୀ ଚାମରୀ ଚକ୍ର ଅଙ୍ଗୀ। ଭୂପତି. ପ୍ରେମପଞ୍ଚାମୃତ।

ଚାନ୍ଦୁଆ—ଦେ. ବି. (ସଂ. ଚନ୍ଦ୍ରା; ଚନ୍ଦ୍ରାତପ)—
Chānduā ବିତାନ; ନାନାବର୍ଣ୍ଣରେ ଚିତ୍ରିତ ସାମିୟାନା—
চাঁদোয়া An awning.
चँदवा ଚାନ୍ଦୁଆ ଅବନା ମଣ୍ଡପେ ତଳେ
ତାଳର ଯେବେ କେବେ ଲୁଚୁଥିଲେ। କବିସୂର୍ଯ୍ୟ. କବିତା।

ଚାନ୍ଦୁୟା—ପ୍ରାଦେ. (ଗଞ୍ଜାମ) ବି—ଚାନ୍ଦୁଆ (ଦେଖ)
Chānduyā Chānduā (See)

ଚାନ୍ଦ୍ର—ସଂ. ବିଶ. ପୁ. (ଚନ୍ଦ୍ର+ସମ୍ବନ୍ଧାର୍ଥେ. ଅ.)—୧। ଚନ୍ଦ୍ର ସମ୍ବନ୍ଧୀୟ—
Chāndra 1. Pertaining to the moon; lunar.
(ଚାନ୍ଦ୍ରୀ—ସ୍ତ୍ରୀ) ୨। ଚନ୍ଦ୍ରଙ୍କ ଗତିଦ୍ୱାରା ନିୟମିତ—2 Regulated by the motion of the moon.
୩। ଚାନ୍ଦ୍ର ବ୍ୟାକରଣ ଅଧ୍ୟୟନକାରୀ—3. Studying the Sanscrit grammar named Chāndra.
ସଂ. ବି.—୧। ଚନ୍ଦ୍ରଲୋକ (ଦେଖ)
Chandraloka (See)
୨। ଚନ୍ଦ୍ରକାନ୍ତ ମଣି—2. Moonstone.
୩। ତ୍ରିଂଶତ୍ ତିଥି ଘଟିତ ମାସ; ଚାନ୍ଦ୍ର ମାସ—
3. Lunar month.
୪। ଚାନ୍ଦ୍ରାୟଣ (ବ୍ରତ) (ଦେଖ)
4. Chāndrāyaṇa (See)
୫। ସଂସ୍କୃତ ବ୍ୟାକରଣବିଶେଷ—
5. Name of a Sanscrit grammar.

ଚାନ୍ଦ୍ରମଳ—ସଂ. ବି (କର୍ମଧା; ଚାନ୍ଦ୍ର+ମଳ=ମଳମାସ)—
Chāndramaḷa ଅଧିକା ଚାନ୍ଦ୍ରମାସ; ମଳମାସ—
An additional lunar month added to the lunar calculation of months at intervals of 3 years to make the lunar year approximate the solar year.
[ଦ୍ର—ଚାନ୍ଦ୍ର ବର୍ଷ ପ୍ରାୟ ୩୫୪ ଦିନ ଓ ସୌରବର୍ଷ ପ୍ରାୟ ୩୬୫ ଦିନ। ଏହି ଉଭୟବିଧ ବର୍ଷରେ ସାମଞ୍ଜସ୍ୟ ରକ୍ଷା କରିବା ପାଇଁ ପ୍ରତି ୩ ବର୍ଷରେ ହିନ୍ଦୁ ଜ୍ୟୋତିଷମତେ ଚାନ୍ଦ୍ରମାନ ବର୍ଷର ଗୋଟିଏ ଅଧିକା ମାସ ଗଣନା କରାଯାଏ ଏବଂ ତଦ୍ୱାରା ଚାନ୍ଦ୍ରମାନ ବର୍ଷ ଓ ସୌରମାନ ବର୍ଷ ମଧ୍ୟରେ ଋତୁଗତ ମିଳନ ପ୍ରାୟ ରକ୍ଷିତ ହୁଏ। ଏହି ଅଧିକା ମାସର ନାମ ମଳମାସ ବା ଚାନ୍ଦ୍ରମଳ। ମଳମାସରେ ହିନ୍ଦୁଶାସ୍ତ୍ରମତେ ଶୁଭକର୍ମାଦି ନିଷିଦ୍ଧ।]

ଚାନ୍ଦ୍ରମାସ—ସଂ. ବିଶ. ପୁଂ (ଚନ୍ଦ୍ରମସ୍+ସମ୍ବନ୍ଧାର୍ଥେ ଅ)—
Chāndramāsa ୧। ଚନ୍ଦ୍ରମା ସମ୍ବନ୍ଧୀୟ—1. Relating to
(ଚାନ୍ଦ୍ରମାସୀ—ସ୍ତ୍ରୀ) the moon; lunar.
୨। ମୃଗଶିରାନକ୍ଷତ୍ର—The fifth asterism of the Hindu Astronomy.

ଚାନ୍ଦ୍ରମାନ ବତ୍ସର—ସଂ. ବି—ଚନ୍ଦ୍ରଙ୍କ ଗତି ଦ୍ୱାରା ନିୟମିତ ଦ୍ୱାଦଶ ମାସ-
Chāndramāna batsara ବିଶିଷ୍ଟ ବର୍ଷ ବା ୩୫୪. ୧୯୨ ଦିନ—
Lunar year of 354. 192 days.

ଚାନ୍ଦ୍ରମାନ ମାସ—ସଂ. ବି—ଚନ୍ଦ୍ରଙ୍କ ଗତି ଦ୍ୱାରା ନିୟମିତ ମାସ (ଶୁକ୍ଳପକ୍ଷ
Chāndramāna māsa ୧୫ ଦିନ ଓ କୃଷ୍ଣପକ୍ଷ ୧୫ଦିନ; ୨୯. ୫୧୬ ସାବନ ଦିନ)—Lunar month; 29.516 days.

ଚାନ୍ଦ୍ରାୟଣ—ସ. ବି (ଚାନ୍ଦ୍ର=ଚନ୍ଦ୍ରଲୋକ+ଅୟ ଧାତୁ=ପାଇବା+
Chāndrāyaṇa କରଣ. ଅନ; ଯେଉଁ ବ୍ରତ କଲେ ମୃତ୍ୟୁ ପରେ ମନୁଷ୍ୟ ଚନ୍ଦ୍ରଲୋକକୁ ଯାଏ)—ଚାନ୍ଦ୍ର ତିଥି ଦ୍ୱାରା ନିୟମିତ ବ୍ରତବିଶେଷ—A religious vow and penance consisting of regulating one's daily diet by gradual diminution for the first 15 days of the lunar month and gradual increment for the next lunar fortnight and observing continence and self-control.
[ଦ୍ର—ଏ ବ୍ରତରେ ଶୁକ୍ଳ ପ୍ରତିପଦଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପ୍ରତିଦିନ ଆପଣାର ସାଧାରଣ ଭୋଜନର ପରିମାଣରୁ ପନ୍ଦର ଭାଗରୁ ଏକଭାଗ ଲେଖାଏଁ କମାଇବାକୁ ହୁଏ ଏବଂ କୃଷ୍ଣ ପ୍ରତିପଦଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ସେହିପରି ଭାଗେ ଲେଖାଏଁ ଭୋଜନର ମାତ୍ରା ବଢ଼ାଇ ଶେଷରେ ପୂର୍ଣ୍ଣିମା ଦିନ ପୂର୍ଣ୍ଣ ଭୋଜନ କରିବାକୁ ହୁଏ। ଏହିପରି ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରିବା ବ୍ରତ ଓ ପ୍ରାୟଶ୍ଚିତ୍ତର ବିଧାନ ଶାସ୍ତ୍ରସମ୍ମତ।]

ଚାନ୍ଦ୍ରାୟଣ ବାର—ଦେ. ବି—ସୋମବାର—
Chāndrāyaṇa bāra Monday.

ଚାନ୍ଦ୍ରାୟଣ ବାରରେ ଗୋ ଚନ୍ଦ୍ରଙ୍କ ପ୍ରଧାନ
କଳତନ୍ତ୍ରେ ଚନ୍ଦ୍ରସ୍ୱାମୀ ବୁଧେ ପୃଥ୍ୱୀ ଜାଣ। ପ୍ରାଚୀ. ଶିବସ୍ୱରୋଦୟ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗିଆ ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଚାନ୍ଦ୍ରାୟଣିକ—ସଂ. ତଣ. ପୁଂ (ଚାନ୍ଦ୍ରାୟଣ + କରିବା ଅର୍ଥରେ. ଇକ)—
Chāndrāyaṇika ଚାନ୍ଦ୍ରାୟଣ ବ୍ରତର ଅନୁଷ୍ଠାତା— Observing the vow or penance of Chāndrāyaṇa.
(ଚାନ୍ଦ୍ରାୟଣିକା—ସ୍ତ୍ରୀ)

ଚାନ୍ଦ୍ରୀ—ସଂ. ବି. ସ୍ତ୍ରୀ. (ଚନ୍ଦ୍ର + ଅ + ସ୍ତ୍ରୀ. ଈ)—
Chāndrī ୧ । ଚନ୍ଦ୍ର ପତ୍ନୀ— 1. The wife of the Moon-god.
୨ । ଜ୍ୟୋତ୍ସ୍ନା—2. Moon-light.
୩ । ଶ୍ୱେତ କଣ୍ଟକାରୀ—3. Solanium Nigrum.
ସଂ. ତଣ. ସ୍ତ୍ରୀ—'ଚାନ୍ଦ୍ର'ର ସ୍ତ୍ରୀ ଲିଙ୍ଗ— Feminine of Chāndra.

ଚାନ୍ସ—ବୈଦେ. ବି. (ଇଂ)—ଚାନ୍‌ସ୍ (ଦେଖ)
Chāns Chān-s (See)

ଚାନ୍ସୀ—ଦେ. ବି—ଚାନ୍‌ସୀ (ଦେଖ)
Chānsi Chān-si (See)

ଚାନ୍ସେରୀ—ବୈଦେ. ବି. (ଇଂ. ଚାନ୍‌ସେରୀ)—ଇଂଲଣ୍ଡର ଦେୱାନୀ ମକଦ୍ଦମା
Chānserī ବିଚାର ପାଇଁ ନିଯୁକ୍ତ ସର୍ବୋଚ୍ଚ ଅଦାଲତ—
চানসেরী Court of Chancery in England.
चैंसरी

ଚାନ୍ସେଲର୍—ବୈଦେ. ବି. (ଇଂ. ଚାନ୍‌ସେଲାର୍)—୧ । ଇଂଲଣ୍ଡର
Chānselar ଚାନ୍ସେରୀ ଅଦାଲତର ସର୍ବପ୍ରଧାନ ବିଚାରକ—
চানসেলার 1. The President of the Court of Chancery.
चैंसलर
୨ । ବିଶ୍ୱବିଦ୍ୟାଳୟର ପ୍ରଧାନ ଅଧିକାରୀ— 2. Chancellor of a University.
[ଦ୍ର—ଏହାଙ୍କ ସହକାରୀଙ୍କୁ ଭାଇସ୍ ଚାନ୍ସେଲର୍ ବୋଲାଯାଏ ।] ଚାନ୍ସେଲର୍ ବିଶ୍ୱବିଦ୍ୟାଳୟର ଶାସନ ଓ ଚାଳନସଂକ୍ରାନ୍ତ ସଭାସମିତିରେ ସଭାପତି ରୂପେ କାର୍ଯ୍ୟ କରନ୍ତି । ଭାରତର ପ୍ରାୟ ସବୁ ପ୍ରାଦେଶିକ ବିଶ୍ୱବିଦ୍ୟାଳୟର ଚାନ୍ସେଲର୍ ତତ୍ତତ୍ ପ୍ରଦେଶର ଲାଟ ଅଟନ୍ତି । ସାଧାରଣତଃ ତାଙ୍କର ଅଧିକାଂଶ କାର୍ଯ୍ୟ ଭାଇସ୍‌ଚାନ୍ସେଲର୍ ଚଳାନ୍ତି । ଉତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ଉପାଧି ଓ ସନନ୍ଦ ବିତରଣ କରାଯିବା ସଭାରେ ଚାନ୍ସେଲର୍ ସଭାପତି ହୁଅନ୍ତି । ପାଶ୍ କରିବା ଛାତ୍ରମାନଙ୍କ ସନନ୍ଦରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାନ୍ସେଲର୍ ଦସ୍ତଖତ୍ କରନ୍ତି ।]

ଚାପ—ସଂ. ବି. (ଚପ୍ ଧାତୁ = ନିକ୍ଷେପ କରିବା, ପେଷଣ କରିବା + କର୍ତ୍ତୃ. ଅ.)—୧ । କୋଦଣ୍ଡ; ଧନୁ—1. Bow.
Chāpa
୨ । ବୃତ୍ତଖଣ୍ଡ; ବୃତ୍ତର କୌଣସି ଅଂଶ— 2. Arc of a circle.
ଦେ. ବି—୧ । ଓଜନ; ଭାର—1. Weight; burden
চাপা ୨ । ପୀଡ଼ନ; ଦାବିବା—2. Pressure.
चाप ୩ । ଚାପସରି; କଣ୍ଠର ଅଳଙ୍କାର ବିଶେଷ; ଚକ୍— 3. A collar (ornament) for the neck.
୪ । ରାଜା ବା ଦେବତାମାନଙ୍କର ଯାତ୍ରା ଉପଲକ୍ଷେ ସଜ୍ଜିତ ନୌକା—4. A pleasure-boat fitted up for special occasions.

ବଇଠି ଚନ୍ଦ୍ର ପଲଙ୍କ ଉପରେ ପ୍ରଭୁ କରନ୍ତି ଚାପେ ଗମନ ।
ମଦନମୋହନ. ଚନ୍ଦନଯାତ୍ରା ସଙ୍ଗୀତ ।

୫ । ଗାଡ଼ି ପ୍ରଭୃତି ପାର କରାଇବା ପାଇଁ ଯେଉଁ ବଡ଼ ନୌକାର ଉପରେ ପ୍ରଶସ୍ତ କାଠ ପଟାମାନ ଆଚ୍ଛାଦିତ ହୋଇଥାଏ—5. A big boat overspread with wooden planks and used in ferrying over carts and carriages.
ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି—ଦୁଇଟି ନୌକା ଏକତ୍ର ଯୋଡ଼ା ହୋଇ ତା ଉପରେ ପଟା ପଡ଼ି ଅପେକ୍ଷାକୃତ ପ୍ରଶସ୍ତ କରାଯାଇଥିବା ନୌକା—Two boats joined and planked together so as to make the deck more spacious.

ଚାପ ଖେଳିବା—ଦେ. କ୍ରି—ନୌକାବିହାର କରିବା—
Chāpa kheḻibā To sport in a pleasure-boat.

ଚାପଡ଼ (ଇତ୍ୟାଦି)—ଦେ. ବି—ଚାପଡ଼ା ଇତ୍ୟାଦି (ଦେଖ)
Chāparḍa (etc) Chāparḍā etc (See).

ଚପଡ଼ପଡ଼ ଦାସୀଙ୍କ ଉପରେ,
ଚାପଡ଼ ଫରମାସର କୋପରେ—କବିସୂର୍ଯ୍ୟ. କବିତା ।

ଚାପଡ଼ା—ଦେ. ବି. (ସଂ. ଚପେଟ; ଚପଟ)—ଚାପୁଡ଼ା; ମୁକ୍ତ କରତଳଦ୍ୱାରା
Chāparḍā ଆଘାତ; ଚାପୋଡ଼ି; ଜାବଡ଼ା—Slap.
চড়; চাপট
चपेत; चपेटा; चपेट; चटकन

ଚାପଡ଼ାଇବା—ଦେ. କ୍ରି—୧ । ମୁକ୍ତ କରତଳଦ୍ୱାରା ଆସ୍ତେ ଆସ୍ତେ ଆଘାତ
Chāparḍāibā କରିବା; ଥାପଡ଼େଇବା—1. To pat; to tap.
চাপড়ান ୨ । ଚାପଡ଼ା ମାରିବା (ଦେଖ)
थपथपाना; थपकना 2. Chāparḍā māribā (See)
(ଚାପଡ଼େଇବା—ଅନ୍ୟରୂପ) ୩ । କରତଳ ଦ୍ୱାରା ଗୁଡ଼ି ଗୋବରକୁ ଚକାକାର କରି ଭୂମିରେ ବା କାନ୍ଥରେ ଘସି ପାରିବା—
3. To lay flat circular cakes of cowdung on the ground or wall.

ଚାପଡ଼ା ଖାଇବା—ଦେ. କ୍ରି—ଅନ୍ୟର ଚପେଟାଘାତ ସହିବା—
Chāparḍā khāibā To be slapped by another.

ଚାପଡ଼ାଖିଆ—ଦେ. ବଣ. ପୁଂ—ଯେ ବହୁବାର ଅନ୍ୟଠାରୁ ଚାପଡ଼ାମାଡ଼
Chāparḍākhiā ଖାଏ—One who is used to get slapped.

ଚାପଡ଼ା ଛାଡ଼ିବା—ଦେ. କ୍ରି—ଜୋରରେ ଚାପଡ଼ା ମାରିବା (ଦେଖ)
Chāparḍā chhārḍibā To slap with force.

ଚାପଡ଼ାପକା(କେ)ଇବା—ଦେ. କ୍ରି—ଚପେଟାଘାତ କରିବା—
Chāparḍā pakā(e)ibā To give a slap.
(ଚାପଡ଼ା ବକା(କେ)ଇବା—ଅନ୍ୟରୂପ)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଶ	ଙ୍କ	ଇଯ୍	ଋଅ	ଲ
୨	ଈ	ଊ	ରୁ	ଲୁ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ଢ଼

ଚାପଡ଼ା ମାରିବା—ଦେ. କ୍ରି—ଚପେଟାଘାତ କରିବା; ଚାପଡ଼ ଦେବା; ଥାପଡ଼ ମାରିବା—
Chāparḍā māribā
চাপড়ান To slap; to administer slaps.
थपकाना; थपना

ଚାପଦଣ୍ଡ—ସଂ. ବି—ପିଚକାରୀର ଦଣ୍ଡ ଯହିଁ ଯାହାଦ୍ୱାରା ଜଳାଦି ଊର୍ଦ୍ଧ୍ୱଗତ ଓ ଅଧୋଗତ ହୁଏ—Piston.
Chāpadaṇḍa

ଚାପଦାର୍—ଦେ. ବି—ଜାହାଜ ଉପରେ ଯାତ୍ରୀମାନେ ରହିବା ଘର—
Chāpadār A cabin in a ship.
চাপদার
चापदार; झोपड़ी

ଚାପର୍—ପ୍ରାଦେ. (ସମ୍ବଲପୁର) ବି—ଚାପଡ଼ା (ଦେଖ)
Chāpar Chāparḍā (See)

ଚାପର୍ କୁଟିବା—ପ୍ରାଦେ. (ସମ୍ବଲପୁର) କ୍ରି—ଚାପଡ଼ା ମାରିବା—
Chāpar kuṭibā To slap; to give slaps.

ଚାପରାସ୍—ବୈଦେ. ବି. (ଫା. ଚପ୍‌ରାସ୍)—ଭୃତ୍ୟର ପରିଚୟସୂଚକ ଧାତୁପଟ୍ଟ—A servant's or a peon's badge.
Chāparās

ଚାପରାସୀ—ବୈଦେ. ବି. (ଫା. ଚପ୍‌ରାସୀ)—
Chāparāsi ୧ । କୌଣସି ହାକିମଙ୍କ ଆଜ୍ଞାକାରୀ ଭୃତ୍ୟ—
1. An orderly.
୨ । ପିଅଦା – 2 A peon.

ଚାପଲ—ସଂ. ବି. (ଚପଳ+ଭାବ. ଅ)—ଚାପଲ୍ୟ (ଦେଖ)
Chāpaḷa Chāpalya (See)

ଚାପଲ୍ୟ—ସଂ. ବି. (ଚପଳ+ଭାବ. ଯ)—
Chāpalya ୧ । ଚପଳତା; ଅସ୍ଥିରତା—
1. Fickleness; unsteadiness.
୨ । ଧୃଷ୍ଟତା—
2. Insolence; impertinence.
୩ । ପ୍ରଗଲ୍‌ଭତା—3. Bragging; boasting.
୪ । ଅବିମୃଶ୍ୟକାରିତା—
4. Shortsightedness; rashness.

ଚାପସରି—ଦେ. ବି. (ସଂ. ଚଲମାଳିକା)—
Chāpasari ୧ । ବେକରେ ପିନ୍ଧା ଯିବା ଅଳଙ୍କାରବିଶେଷ—
চীক 1. A collar (ornament) worn round the neck.
୨ । ମୁଦିଆ ଲାଗିଥିବା ଏକପ୍ରକାର ଅଣ୍ଟାସୂତା—
2. A kind of waist-chain consisting of more than one string and kept attached by rings.
ତତ୍ତ୍ୱ ତଦନ ବୋଲାଇ ମୋଦରେ
ଚାପସରି କାଢ଼ି ଦିଏ ଅଦରେ—କବିସୂର୍ଯ୍ୟ. କବିତା ।

ଚାପସୋରି—ଗ୍ରା. ବି—ଚାପସରି (ଦେଖ)
Chāpasori Chāpasari (See)

ଚାପା—ଦେ. ବି—ଉପରୁ ଦବିଯିବା ଭାର—
Chāpā 1. Downward pressure.
চাপা
चाप
চাপা ୨ । ପୀଡ଼ନ—2. Pressure.
चापा ୩ । ଅତିରିକ୍ତ ଭୋଜନ—3. Overeating.

ଚାପାଇବା—ଦେ. କ୍ରି. ('ଚାପିବା' ଓ 'ଚପିବା'ର ଣିଜନ୍ତରୂପ)—
Chāpāibā ଚପାଇବା (୨ ଓ ୭) (ଦେଖ)
চাপান Chapāibā (2 and 7) (See)
चापाना

ଚାପା କାଗଜ—ଦେ. ବି—ଚପାକାଗଜ (ଦେଖ)
Chāpā kāgaja Chapākāgaja (See)

ଚା-ପିଆଲା—ବୈଦେ. ବି. (ଚୀନଭାଷା ଚା ଓ ଫା. ପିଆଲ୍ଲ)—ଯେଉଁ ଚୀନା ବା କଲେଇ ହୋଇଥିବା ବାସନରେ ପ୍ରସ୍ତୁତ ଚାହା ପାନ କରାଯାଏ—Tea-cup.
Chā-piālā
চাপিয়ালা
चापिआला

ଚାପି ଚାପି କଥା କହିବା—ଦେ. କ୍ରି. (ଲକ୍ଷଣାର୍ଥ)—ସତର୍କତା ସହିତ କଥା କହିବା—To speak (some thing) very carefully.
Chāpi chāpi kathā kahibā
চেপেচেপে কথাবলা
चपचपकर बात बोलना

ଚାପିବା—ଦେ. କ୍ରି.—୧ । ଭାର ଦେଇ ତଳକୁ ଦାବିବା—
Chāpibā 1. To press downwards by weight.
চাপা ବଳିଷ୍ଠ ବଦନ ଚାପି ଅଧୋଭୁବନରେ,
चपेकना, चापना, दबाना ଉକ୍ତ. ବୈଦେହୀଶବିଳାସ ।
୨ । ଚପିବା—2. To squeeze.
୩ । (କୌଣସି ବ୍ୟକ୍ତିର ଅଙ୍ଗପ୍ରତ୍ୟଙ୍ଗ) ଘଷିବା ବା ଚପିବା—
3. To massage.
ପାଦ ଚାପନ୍ତି ନିଜ ସୁତେ । ଭୂପତି. ପ୍ରେମପଞ୍ଚାମୃତ ।
୪ । ଗଣ୍ଡିବା—4. To press tightly.

ଚାପୁଅଣି—ଦେ. ବି.—୧ । ଘରର ଚାଳ କାମଡ଼ା ଦିଆ ହୋଇ ବେତରି ହେବା ପରେ ବତାଗୁଡ଼ିକୁ ଚାପି ରଖିବା ପାଇଁ ଭୁଲଥିରୁ ପାରିଆ ଆଡ଼କୁ ଯେଉଁ ବତା ଖୁବ୍ କସ୍ କରି ବାନ୍ଧି ଦିଆ ଯାଏ—1. A split bamboo which is laid over the bamboo-frame of a thatch to keep the bamboos tight.
Chāpuāṇi
୨ । ଚାଳର ପାଣିପାଟିଆକୁ ରୁଅ ସଙ୍ଗେ ଗଣ୍ଡି ରଖିବା ପାଇଁ କଣ୍ଟା ମାରିବା ପୂର୍ବରୁ ବ୍ୟବହୃତ ବତାର ବନ୍ଧନୀ—
2. A tie-band of split bamboo in a thatch.
୩ । ଜାଲ୍‌ଟୀ ବାଡ଼ରୁ ଜାଲ ଫିଟାଇବାକୁ ଯେଉଁ ଯନ୍ତ୍ରର ଚାପା ଦିଆ ଯାଏ—3. An instrument for pressing the net while untying it.

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲଙ୍କତ' ନ ପାଇଲେ 'ଅଲଙ୍କୃତ ଦେଖିବେ

୪ । ଦୁଇ ବା ତତୋଽଧିକ ସେରିଯୁକ୍ତ ଅଣ୍ଟାସୂତା ବା ଗୋଟପର ସରମାନଙ୍କୁ ଏକାଠେଇଁ ଧରି ରଖିବା ପାଇଁ ବ୍ୟବହୃତ ମୁଦଅ—4 A ring set in a waist-chain, having two or more strings, to hold them together.

ଚାପୁଡ଼ା (ଇତ୍ୟାଦି)—ଦେ. ବି.—ଚାପଡ଼ା ଇତ୍ୟାଦି (ଦେଖ)
Chāpurdā (etc.) — Chāpardā etc. (See)

ଚାପୁଡ଼ାଇବା—ଦେ. କ୍ରି.—ଚାପଡ଼ାଇବା; ସ୍ନେହରେ ଧୀରେ ଧୀରେ କରତଳଦ୍ୱାରା ଆଘାତ କରିବା—
Chāpurdāibā
(ଚାପୁଡ଼େଇବା—ଅନ୍ୟରୂପ) — To pat; to tap.

ଚା-ପୋଚି— ଦେ. ବି.—ଚା-ଦାନ୍—
Chā-pochi — Tea-pot. (Howells)

ଚାପୋଡ଼ (ଇତ୍ୟାଦି)—ଦେ. ବି.—ଚାପଡ଼ା ଇତ୍ୟାଦି (ଦେଖ)
Chāporda (etc.) — Chāpardā etc. (See)

ଚାପୋଡ଼ା (ଇତ୍ୟାଦି)—ଦେ. ବି.—ଚାପଡ଼ା ଇତ୍ୟାଦି (ଦେଖ)
Chāpordā (etc.) — Chāpardā etc. (See)

> ବଡ଼ ବଡ଼ ଚାପୋଡ଼ାମାନଙ୍କୁ ପ୍ରହାର,
> ଯୁଦ୍ଧ କରିଲେ କେହି କାହାକୁ ନ ଡର । କୃଷ୍ଣସିଂହ. ମହାଭାରତ ବନ ।

ଚାବ୍‌ରା—ପ୍ରାଦେ. (ସମ୍ବଲପୁର, ଗଞ୍ଜାମ, ଗଡ଼ଜାତ) ବିଣ.— (ଭୁଲ. ଚାବିବା=କାମୁଡ଼ିବା)— କାମୁଡ଼ା—
Chābrā — Currish; biting snappish.

ଚାବ୍‌ରି ଚାଁଟି—ପ୍ରାଦେ. (ସମ୍ବଲପୁର) ବି.— କାମୁଡ଼ା ପିମ୍ପୁଡ଼ି—
Chābri chañti — Biting ant.

ଚା ବଗିଚା— ଦେ. ବି.— ଚାହାର କୃଷି କରାଯିବା କ୍ଷେତ୍ର—
Chā bagichā — Tea-garden; tea-plantation.

ଚାବରା—ପ୍ରାଦେ. (ଗଞ୍ଜାମ; ଗଡ଼ଜାତ)— ବିଣ.— (ସଂ. ଚର୍ବ ଧାତୁ; ଯେ ଚାବେ ବା କାମୁଡ଼େ)—କାମୁଡ଼ା—
Chābarā — Currish; snappish.

ଚାବି— ବୈଦେ. ବି. (ପର୍ତ୍ତୁ. ଚାବେ)— ୧ । କୁଞ୍ଚି; କୋଲପର କାଠି; ଯେଉଁ ଧାତୁମୟ କୀଳକ ସାହାଯ୍ୟରେ କୋଲପ ଫିଟା ଯାଏ ଓ ବନ୍ଦ କରାଯାଏ—
Chābi
চাবি
चाबी — Key of a padlock.
୨ । କୌଣସି କଳର ଚାଳନ ଓ ସ୍ଥଗିତକରଣର ଯନ୍ତ୍ର— 2. Key to move or stop a machine;
୩ । ଘଣ୍ଟାରେ ଦମ୍ ଦେବା କାଠି—3. The key of clock or watch.

ଚାବି ଆନ୍‌ବା— ପ୍ରାଦେ. (ସମ୍ବଲପୁର) କ୍ରି.—ଚାବିବା (ଦେଖ)
Chābi ānbā — Chābibā (See)

ଚାବି କାଠି—ଦେ. ବି.—ଚାବି. ୧ (ଦେଖ)
Chābi kāthi — Chābi. 1 (See)

ଚାବିଦାର—ଦେ. ବିଣ.—ଯେଉଁ ଯନ୍ତ୍ର (ଯଥା. ଘଡ଼ି) ସ୍ୱତନ୍ତ୍ର ଚାବିଦ୍ୱାରା ଚାଳିତ ହୁଏ— Key-winding (watch.)
Chābidār
চাবিদার
चाबीदार

ଚାବି ଦେବା— ଦେ. କ୍ରି.— ୧ । ଚାବି ପକାଇବା (ଦେଖ)
Chābi debā — 1. Chābi pakāibā (See)
চাবিদেওয়া
चाबीदेना
୨ । ଘଣ୍ଟା ଭିତରର ସ୍ପ୍ରିଂଗ୍ ଖୋଲି ଯାଇଥିଲେ ତାକୁ ଚାବି ଦ୍ୱାରା ଗୁଡ଼ାଇବା; ଘଣ୍ଟାରେ ଦମ୍ ଦେବା— 2 To wind up the spring of a clock or watch by a key.
ପ୍ରାଦେ. (ସମ୍ବଲପୁର) କ୍ରି— କାମୁଡ଼ିବା— To bite.

ଚାବି ପକା(କେ)ଇବା— ଦେ. କ୍ରି— ୧ । କୋଲପକୁ ବନ୍ଦ କରିବା—
Chābi pakā(e)ibā — 1 To close a lock.
চাবিফেলা
तालादेना
୨ । ଘର କବାଟରେ ତାଲା ଦେବା— 2. To lock up a door.

ଚାବି ଫିଟା(ଟେ)ଇବା— ଦେ. କ୍ରି— ୧ । କୋଲପକୁ ମେଲା କରିବା—
Chābi phitā(e)ibā — 1 To open a lock.
চাবিখোলা
चाबीखुलना
୨ । ଘର କବାଟରୁ କୋଲପ ଫିଟାଇବା— 2. To unlock the door of a room.

ଚାବିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ଚର୍ବଣ, ଭୁଲ. ହି. ଚାବ୍‌ନା)— କାମୁଡ଼ିବା— To bite.
Chābibā

ଚାବୁକ— ବୈଦେ. ବି. (ଫା. ଚାବୁକ୍)— ୧ । ଅଶ୍ୱତାଡ଼ନ ଦଣ୍ଡ; କୋରଡ଼ା—
Chābuka — 1. A horse-whip; scourge.
চাবুক
चाबुक

> ଚାବୁକ ବାଜିଲା ପରି ମୁଁ ଡରେ
> ତହିଁକି ପଡ଼ିଲ ପହିଲୁଁ ଥରେ । କବିସୂର୍ଯ୍ୟ. କବିତା ।

୨ । ଚାବୁକ ମାଡ଼; ଚାବୁକଦ୍ୱାରା ପ୍ରହାର— 2. Whipping; a cut by the whip.
ପ୍ରାଦେ. (ଗଞ୍ଜାମ) ବି— ଗଛ — Tree.

ଚାବୁକ ଖାଇବା—ଦେ. କ୍ରି— କଶାଘାତ ସହିବା; କୋରଡ଼ାଦ୍ୱାରା ପ୍ରହାର ଖାଇବା – To be whipped.
Chābuka khāibā

ଚାବୁକ ଦେବା—ଦେ. କ୍ରି— ଚାବୁକ ମାରିବା (ଦେଖ)
Chābuka debā — Chābuka māribā (See)
চাবুকদেওআ
चाबुकदेना

ଚାବୁକ ମାରିବା— ଦେ. କ୍ରି — କଶାଘାତ କରିବା—
Chābuka māribā — To whip.
চাবুকমারা
चाबुकमारना

ଚାବୁକ ଲଗା(ଗେ)ଇବା— ଦେ. କ୍ରି— ଚାବୁକ ମାରିବା (ଦେଖ)
Chābuka lagā(e)ibā — Chābukamāribā (See)

ଚାବୁକସବାର—ବୈଦେ. ବି. (ଫା. ଚାବୁକ୍‌ସବାର୍)—
Chābukasabāra — ଯେଉଁ ଅଶ୍ୱାରୋହୀ ଘୋଡ଼ାକୁ ମଣ କରେ— Horse-trainer; jockey.
চাবুকসোয়ার
चाबुकसवार

> ଗଣ୍ଡିଲେ ହେଲେ ଚାବୁକସବାର । କବିସୂର୍ଯ୍ୟ. କବିତା ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଉଷ୍ମ	ଢ଼ଅ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ	ଉଅ	ୱ	ନ୍

ଚାବୁକାଇବା—ଦେ. କ୍ରି· (ଫା. ଚାବୁକ୍)—ଚାବୁକଦ୍ୱାରା ପ୍ରହାର କରିବା—
Chābukāibā To whip.
চাবুকা, চাবকা
चाबुकमारना
(ଚାବୁକେଇବା—ଅନ୍ୟରୂପ)

ଚାବୁଚାବୁ— ଦେ. ଅ. (ଧ୍ୱନ୍ୟନୁକରଣ)—ଅଳ୍ପ ପାଣିରେ ଅଙ୍ଗୁଠି ବା
Chābuchābu କ୍ଷୁଦ୍ର ବସ୍ତୁ ବାଡ଼େଇବା ଶବ୍ଦ; ଚବଚବ ଶବ୍ଦ—
Sound produced by striking the fingers or small articles on shallow water.

ଚାମ— ପ୍ରାଦେ. (କଟ୍ଟକ) ବି—ଚେମଣୀ—
Chāma House-bat.

ଚାମଚ —ବୈଦେ. ବି. (ଫା. ଚମ୍‌ଚହ୍)—ଚାମଚ (ଦେଖ)
Chāmacha Chāmachā (See)

ଚାମଚା—ବୈଦେ. ବି. (ଫା. ଚମ୍‌ଚହ୍; ତୁଳ. ସଂ. ଚମସ)—
Chāmachā ଧାତୁନିର୍ମିତ ଡାଙ୍କି ବା ସାନ ଅଣକ—
চামচ A spoon.
चमचा [ଦ୍ର— କଣ୍ଟାଚାମଚ, ଚାହାଚାମଚ ଓ ଖାନାଚାମଚ ଆଦି ବିଭିନ୍ନ ପ୍ରକାରର ଚାମଚ ଦେଖାଯାଏ । ଆମ୍ଭେମାନେ ଥାଳରୁ ଖାଦ୍ୟ ଦ୍ରବ୍ୟକୁ ହାତଦ୍ୱାରା ଉଠାଇ ପାଟିକୁ ନେଉଁ, ମାତ୍ର ସାହେବମାନେ ପାଣିଆ ଓ କାଦୁଅ ଖାଦ୍ୟ ପଦାର୍ଥ ଏବଂ ମାଛଆଦିକୁ ଚାମଚ ସାହାଯ୍ୟରେ ପାଟିକୁ ନିଅନ୍ତି ।]

ଚାମଚି— ବୈଦେ. ବି. (ଫା)—ଚାମଚ (ଦେଖ)
Chāmachi Chāmachā (See)
চামচি
चमची

ଚାମଚିକା—ଦେ. ବି. ସ୍ତ୍ରୀ. (ସଂ. ଚର୍ମଚଟିକା)—
Chāmachikā ଚର୍ମଚଟୀ; ଚମ୍ପିଣିଆ; ଚେମଣୀ; ଚର୍ମପକ୍ଷୀ—
House-bat; Cynopterous Margina.
[ଦ୍ର—ଏହା ଆକାରରେ ୫।୬ ଅଙ୍ଗୁଳ; ଏହାର କାନ ବଡ଼ ବଡ଼ । ବୃକ୍ଷର ଫଳ ଓ ମଶା ଏହାର ଖାଦ୍ୟ । ଜୀର୍ଣ୍ଣମନ୍ଦିର ଓ ପୁରାତନ ଗୃହରେ ଏ ବାସ କରେ ।]

ଚାମଠା—ପ୍ରାଦେ. (ସିଂହଭୂମ) ବି—ଶଗଡ଼ର ଯୁଆଳି ଓ ଦଣ୍ଡା ଅଗକୁ
Chāmaṭhā ଯୋଡ଼ି ରଖିବାରେ ବ୍ୟବହୃତ ରଜ୍ଜୁ—
The rope with which the yoke is tied to the fore ends of the shafts of a cart.

ଚାମଡ଼ା —ଦେ. ବି —୧ । ଚମଡ଼ା (ଦେଖ)
Chāmaṛdā 1. Chamaṛda (See)
(ଚାମଡ଼େଇ—ଅନ୍ୟରୂପ) ୨ । ଚାମୁଣ୍ଡା (ଦେଖ)
2. Chāmuṇḍā (See)

ଚାମଡ଼ା ବସନ୍ତ—ଦେ ବି. (ସଂ.ଚାମୁଣ୍ଡା ଓ ବସନ୍ତ; ଏଥିର ସଂ. ନାମ ଚର୍ମ-
Chāmaṛdā basanta ମସୂରିକା)—ଏକପ୍ରକାର ମାରାତ୍ମକ ବସନ୍ତ ରୋଗ—A sort of fatal smallpox which is marked by discoloration of the body and very tiny eruptions; confluent pox.
[ଦ୍ର—ଏହା ମାରାତ୍ମକ । ଏଥିରେ ଅନ୍ୟଜାତୀୟ ବସନ୍ତ ପରି ଚର୍ମ ଉପରେ ବିସ୍ଫୋଟକ ବାହାରେ ନାହିଁ, ମାତ୍ର ମିଳିମିଳା ବା ଘିମିରିପରି ଦେହଯାକ ଫାଟିଯାଏ; ତିନିଦିନ ପରେ ଦାଗଗୁଡ଼ିକ ମଉଳି ଯାଏ ଓ ଦେହର ଚର୍ମ ବିବର୍ଣ୍ଣ ହୋଇଯାଏ; ଚାରିପାଞ୍ଚ ଦିନରେ ରୋଗୀର ମୃତ୍ୟୁ ଘଟେ । ଏ ବସନ୍ତ ଶରୀରର ଅଭ୍ୟନ୍ତରରେ ଜାତ ହୁଏ; କଣ୍ଠ ଫୁଲି ଦରଜ ହୋଇଯାଏ ଏବଂ ରୋଗୀ ପାଣି ସୁଦ୍ଧା ପିଇପାରେ ନାହିଁ ।]

ଚାମଣ୍ଡା—ଦେ. ବି. ସ୍ତ୍ରୀ—ଚାମୁଣ୍ଡା (ଦେଖ)
Chāmaṇḍā Chāmuṇḍā (See)
(ଚାମଣ୍ଡେଇ—ଅନ୍ୟରୂପ) ଦେବୀମାନଙ୍କୁ ଜଗିଛ ଚଣ୍ଡୀ ଯେ ଚାମଣ୍ଡା ।
ପ୍ରାଚୀ, ବୃନ୍ଦାବନଚମ୍ପୂପଣଗୀତା ।

ଚାମର — ସଂ. ବି. (ଚମର=ମୃଗ ବିଶେଷ+ସମ୍ବନ୍ଧାର୍ଥେ. ଅ)—
Chāmara ୧ । କେଶଗୁଚ୍ଛନିର୍ମିତ ବ୍ୟଜନ; ଚଅଁର; ବାଳବ୍ୟଜନ—
1. Chowrie; a fan consisting of a bunch of tail-hair; a fly-flap or fan made from the bushy tail of the yak.
[ଦ୍ର—ଏହା ଦେବତା ଓ ରାଜାମହାରାଜାଙ୍କ ନିକଟରେ ଚାଳିତ ହୋଇ ବ୍ୟଜନ ରୂପେ ବ୍ୟବହୃତ ହୁଏ ।]
୨ । କେଶଗୁଚ୍ଛ—2. A bunch of hair.

ଚାମରଚିକୁରା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଚାମର+ଚିକୁର+ସ୍ତ୍ରୀ. ଆ)-
Chāmara chikurā ଘନକେଶୀ; ଯେଉଁ ସ୍ତ୍ରୀର ମୁଣ୍ଡର ବାଳ ଚାମର ପରି ଘନ ଓ ଲମ୍ବ—
Thick or dense haired (woman).
ଚାମରଚିକୁରା ମତେ ଚହଟାଇ ପଣ୍ଡିତଙ୍କୁ କହି ।
କବିସୂର୍ଯ୍ୟ, କଳୋଗ୍ରାଚମ୍ପୂ ।

ଚାମର ଢାଳିବା—ଦେ. କ୍ରି. (ସଂ. ଚାମର+ଢୁଲ ଧାତୁ)—
Chāmara ḍhā̱libā ଚଅଁର ପକାଇବା; ଚଅଁର ଚାଳିବା—
चँवर डोलना To fan with a chowrie.

ଚାମର ପକା(କେ)ଇବା—ଦେ. କ୍ରି—ଚାମର ଢାଳିବା (ଦେଖ)
Chāmara pakā(e)ibā Chāmara ḍhā̱libā (See)

ଚାମର ପୁଷ୍ପ—ସଂ. ବି. (ବହୁବ୍ରୀହି; ଚାମର+ପୁଷ୍ପ; ଯେଉଁ ବୃକ୍ଷର ପୁଷ୍ପ-
Chāmara pushpa ଗୁଚ୍ଛମାନ ଚାମର ପରି)—ନଡ଼ିଆ, ଗୁଆ, ଆମ୍ବ, କେତକୀ, କାଶ ଆଦି ବୃକ୍ଷମାନ—
Trees bearing bunches of flowers resembling a chowrie e. g. cocoanut, betelnut, mango,

ଚାମରା—ଦେ. ବି— ଚାମର (ଦେଖ)
Chāmarā Chāmara (See)

ଚାମରୀ—ସଂ. ବି. (ଚାମର+ଅଛି ଯାହାର ଏହି ଅର୍ଥରେ ଇନ୍; ୧ମା. ୧ବ)—
Chāmarī ୧ । ଘୋଡ଼ା—1. The horse.
୨ । ଚମର ମୃଗ—2. Bushy-tailed deer.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭଣାକ୍ରାନ୍ତରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଟୁ' ନ ପାଇଲେ 'ବଟୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ

୩ । ଚମରୀ ଗୋ—3. The yak.
୪ । (ଚମର+ଅ+ସ୍ତ୍ରୀ. ଈ) ଚାମର; ଚଅଁର—
4. A fan made of a bunch of tail-hair.
ସଂ. ଣ. ପୁଂ—୧ । ଚାମରବିଶିଷ୍ଟ; ଚଅଁର ଥିବା (ପଶୁ)—
(ଚାମରିଣୀ—ସ୍ତ୍ରୀ) 1. Bushy-haired (beast).
୨ । ଚଅଁର ଧରିଥିବା (ବ୍ୟକ୍ତି)—2. (a person) Holding a chowrie or tail-fan.

ଚାମୀକର—ସଂ. ବି. (ଚମୀକର=ଖଣି+ଭବାର୍ଥେ. ଅ)—ସୁନା—
Chāmikara Gold.
ସଂ. ବଣ—ସ୍ୱର୍ଣ୍ଣମୟ—Golden; made of gold.

ଚାମୀକରଗୌର—ସଂ. ବଣ. ପୁଂ. (ଉପମିତ କର୍ମଧାରୟ; ଚାମୀକର
Chāmikara gaura ପରି ଗୌର)—ଯାହାର ଦେହର ବର୍ଣ୍ଣ
(ଚାମୀକର ଗୌରୀ—ସ୍ତ୍ରୀ) ସୁନାପରି—Fair-skinned; (yellowish) gold-complexioned.

ଚାମୁଣ୍ଡା—ସଂ. ବି. ସ୍ତ୍ରୀ. (ଚଣ୍ଡ+ମୁଣ୍ଡ; ନିପାତନ=ଚାମୁଣ୍ଡ+ସ୍ତ୍ରୀ.ଆ)—
Chāmundā ଚଣ୍ଡମୁଣ୍ଡବିନାଶକାରିଣୀ ଦୁର୍ଗା—
An incarnation of Goddess Durgā.
[ଦ୍ର—ଚଣ୍ଡ ଓ ମୁଣ୍ଡ ନାମକ ଦୁଇଟି ଅସୁରଙ୍କୁ ବିନାଶ କରି ଥିବାରୁ ଦୁର୍ଗାଙ୍କର ଏହି ନାମ ହୋଇଅଛି—ଚଣ୍ଡୀ. ୭ମ ଅ. ।]

ଚାମେଲି—ଦେ. ବି. (ସଂ. ଚମ୍ପକବେଲୀ—ହି. ଶବ୍ଦସାଗର; ସଂ. ଚମ୍ପ-
Chāmeli ବେଲି, ଚମ୍ପେଲୀ—ଯୋଗେଶଚନ୍ଦ୍ର; ବୈଦ୍ୟକ
चामेली ନିର୍ଘଣ୍ଟରେ ଚମ୍ପେଲୀ ଶବ୍ଦର ଉଲ୍ଲେଖ ଅଛି; ପ୍ରକୃତ
चंबेली, चमेली ସଂ. ନାମ ଜାତି)—ଜାଇ ଫୁଲ—
ସଂ. ନାମ—ଜାତି, ଚମ୍ପକେଳି, Catalian or Spanish
ଚମ୍ପକବେଲି, ଚମ୍ପେଲୀ Jasmine; Jasminum Grandiflorium.
[ଦ୍ର—ଏହା ମଲ୍ଲିକାଦି ବର୍ଗର ପୁଷ୍ପକ୍ଷୁପ; ପୁଷ୍ପଭେଦରେ ଏହା ୨ ପ୍ରକାର, ଯଥା—ଧଳା ଓ ହଳଦିଆ । ଏ ଫୁଲର ମହକ ଅତି ମୃଦୁ ଓ ମଧୁର । ରାସିତେଲକୁ ଏ ଫୁଲର ପାଖୁଡ଼ା ଦ୍ୱାରା ସୁଗନ୍ଧିତ କରି ସୁବାସିତ ତେଲ ପ୍ରସ୍ତୁତ କରାଯାଏ । ଏ ଗଛର ପତ୍ର ପକ୍ଷାକାର । ଗ୍ରୀଷ୍ମ ଓ ବର୍ଷା ଦିନେ ଏଥିର ଫୁଲ ଫୁଟେ; ପଥୁରିଆ ମାଟିରେ ଏ ଗଛ ଉଧାଏ; ଏ ଗଛ ଜଙ୍ଗଲରେ ସ୍ଥାନେ ସ୍ଥାନେ ମନକୁ ଉଠେ ।]

ଚାମ୍ପ—ଦେ. ବି. (ସଂ. ଚାମର)—ନଡ଼ିଆ ଓ ଗୁଆ ଗଛର ଚଅଁରର ବୃନ୍ତ-
Chāmpa ସଦୃଶ ବୃନ୍ତ (ଯହିଁରେ ଫଳ ଓହୋଳ ଥାଏ)—
The stem from which the cocoanut and areca-nut fruits hang down from the bunch.
ଲମ୍ବାକ୍ଷି ଗୁଆ ଗଛରେ ବାନ୍ଧ ନାରକେଳ
ବୃକ୍ଷରେ ବୃନ୍ଧିକ କଥ ? ଚାମ୍ପ ବୃକ୍ଷି ଖେଳ । ବୃ. ଯୁ. (ନଟେ)

ଚାମ୍ପିବା—ପ୍ରାଦେ. (ଯାଜପୁର) କ୍ରି—(ନଡ଼ିଆଗଛ) ନୂଆ ଚଅଁର ବାହାରିବା-
Chāmpibā (a cocoanut tree) To bring forth a new bunch of flowers.

ଚାମ୍ପେୟ—ସଂ. ବି. (ଚମ୍ପା=ଦେଶବିଶେଷ+ଭବାର୍ଥେ. ଏୟ)—
Chāmpeya ୧ । ଚମ୍ପାଫୁଲ—
1. The Champaka flower.
୨ । ନାଗେଶ୍ୱର ଫୁଲ—
2. The Nāgeśwara flower.
୩ । ସ୍ୱର୍ଣ୍ଣ—3. Gold.
୪ । କିଞ୍ଜଲ୍କ; କେଶର—
4 Pollen or slender filaments of flowers.

ଚାୟାଁ—ଦେ. ବି—ପଖୋଜର ଡାହାଣ ମୁଣ୍ଡରେ ଥିବା ଚମଡ଼ା ଏବଂ ଉକ୍ତ
Chayān ପାଶକୁ ବାଡ଼ ହେବା ଧ୍ୱନି—The right-hand-side of a two-sided drum and the sound produced by striking it.
[ଦ୍ର—ପଖୋଜର ବାମପାଖ ଚମଡ଼ା ଓ ତନ୍ନିର୍ଗତ ଧ୍ୱନିକୁ ଧେୟା କହନ୍ତି ।]

ଚାର୍ ଡବଲ୍—ଦେ. ବିଣ. (ସଂ. ଚତୁର୍ ଓ ଇଂ. ଡବ୍‌ଲ୍)—ଚାରଗୁଣ;
Chār dabal ଚାରଡବଲ୍—Four times as much.

ଚାରସମା—ବୈଦେ. ବି. (ଅ. ଚହାର୍ ସମ୍ବାହ୍=ଚତୁର୍ଥ ଦିବସ)—
Chārsamā ବୁଧବାର—Wednesday.
चारशम्बा [ଦ୍ର—ମୁସଲ୍‌ମାନ୍‌ମାନେ ଶନିବାରଠାରୁ ସପ୍ତାହ
चाहारसम्बाह ଗଣନ୍ତି । ଶୁକ୍ରବାର ସପ୍ତାହର ଶେଷ ଦିବସ
(ଚାରସମ୍ମା—ଅନ୍ୟରୂପ) ଅଟେ ।]

ଚାର—ସଂ. ବି. (ଚର ଧାତୁ=ଗମନ କରିବା+ଭାବ. ଅ)—
Chāra ୧ । ଗତି; ସଞ୍ଚାର—1. Motion; course
୨ । ବନ୍ଧନ—2. Binding.
୩ । (+ଅଧି; ଅ) କାରାଗାର—3. Prison.
୪ । (+କର୍ମ ଅ) ଶୃଙ୍ଖଳ—
4. Chain; fetters; bond.
୫ । (+କର୍ତ୍ତୃ. ଅ) କୃତ୍ରିମ ବିଷ—
5. Prepared poison; artificial poison.
୬ । ସମ୍ବାଦବାହକ—6. Messenger.
ବନରପତର ଚାର ହେବେ ଏ କପାଇଁ—ଉତ୍କ. ବୈଦେହୀଶବିଳାସ ।
୭ । (ଚର+ସ୍ୱାର୍ଥେ ଅ) ଗୁପ୍ତଚର—
7. A spy; a secret emissary.
୮ । ଚାରକୋଳି (ଦେଖ)—
8. Chārakoli (See)
ତାରକ କେଉଂ ତାଳ ଶକୁସ, ଇଙ୍ଗିତ ଚାର ଖଇର ସ୍ୱୋକାର—
ପ୍ରାଚୀ ପ୍ରତାପ. ଶଶିସେଣା ।
ଦେ. ବି (ସଂ. ଚର ଧାତୁ)—୧ । ଉଚ୍ଚ କୋଠାଆଦିରେ କାମ କରିବା ରାଜମିସ୍ତ୍ରୀମାନଙ୍କ ସୁବିଧା ନିମନ୍ତେ ବନ୍ଧା ହୋଇଥିବା ମଞ୍ଚା ବା ଭାଡ଼ି; ଭାରା—
1. Scaffolding raised for masons and labourers working in high buildings.

୧	ଇ	ଉ	ଋ,ଋୃ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇଯ୍ର	ଉଅ	ଛ
୨	ଈ	ଊ	ଋ	ଌ	ଯ୍ୱେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଊ	ନ୍ତ

୨ । ଦେଉଳ ବା କୋଠାର ଛାତ ଓ ରଥଆଦି ଉଚ୍ଚସ୍ଥାନକୁ କାଠ ପଥର ଇତ୍ୟାଦି ଉଠାଇବା ପାଇଁ ପ୍ରସ୍ତୁତ ପାହାଚଅଁ ସିଡ଼ି—2. Temporary inclined plane for lifting building materials to the roof of a high building during its construction.

୩ । ଉଚ୍ଚଭୂମି ଉପରଦେଇ ଦୂରସ୍ଥ ଜମିକୁ ଜଳ ଯିବା ସକାଶେ କରାଯାଇଥିବା ପାଣିନାଳ ବା ବାଟ—3. Water-channel constructed on a high ground to convey water for irrigation to distant fields.

୪ । ଜୋଡ଼ ବା ନାଳ ପାର ହେବାପାଇଁ ଏକ ପାଖରୁ ଅନ୍ୟ ପାଖକୁ ପଡ଼ିଥିବା କାଠ ବା ବାଉଁଶ ଏବଂ ତା ଉପରେ ଗଲାବେଳେ ହାତଭରା ଦେବାପାଇଁ ଅଡ଼ବାଗରେ ବନ୍ଧା ହୋଇଥିବା ବାଡ଼ା—4. A temporary contrivance consisting of long bamboos or planks laid across a deep channel and a side-railing.

୫ । ମାଛଙ୍କ ପାଇଁ ଜଳରେ ପକାଯିବା ଖାଦ୍ୟ; ଚାର—5. Bait strewn in water to attract fishes (for angling).

ପ୍ରାଦେ. (ଉତ୍ତରଖଣ୍ଡ; ଭୁଲ ହି. ଚାର୍=ଚାର) ବି—ଚାର; '୪'—The number 4.

ଚାରକ—ସଂ. ବି. ପୁଂ (ଚର ଧାତୁ ଣିଚ୍=ଚାର ଧାତୁ=ଚରାଇବା + କର୍ତ୍ତୃ. ଅକ; ଯେ ଚରାଏ)—୧ । ଗୋରୁଚରାଳିଆ; ଗୋପାଳକ—1. A keeper or tender of cattle; a cowherd or shephered.
Chāraka

(ଯଥା—ଗୋଚାରକ; ପଶୁଚାରକ ।)

୨ । (ଚାର+ସ୍ୱାର୍ଥେ. କ) ପିଆଳଗଛ (ଦେଖ)—2 Piyāla tree (See)

୩ । ବନ୍ଧ—3. Embankment, dam.

୪ । ଗତି—4. Motion

୫ । କାରାଗାର—5. Jail; prison.

ଚାର କୋଳି—ଦେ. ବି (ସଂ. ଚାର ଓ କୋଳି) ପିଆଳ—(ଦେଖ)—Piyāla (See)
Chāra koḷi

ଚାରଚକ୍ଷୁଃ—ସଂ. ବି (ବହୁବ୍ରୀହି; ଚାର=ଗୁପ୍ତଚର+ଚକ୍ଷୁଃ)—ରାଜା—A king (whose spies are his eyes, i, e, who sees every thing through his spies.)
Chārachakshuh

ଚାରଜ (ଇତ୍ୟାଦି)—ବୈଦେ. ଗ୍ରା. ବି—(ଇଂ. ଚାର୍ଜ)—ଚାର୍ଜ ଇତ୍ୟାଦି (ଦେଖ)—Charj etc (See)
Chāraj (etc)
चारज
চারজ

ଚାରଣ—ସଂ. ବି (ଚର୍ ଧାତୁ. ଣିଚ୍=ଚାର ଧାତୁ+କର୍ତ୍ତୃ. ଅନ)—
Chāraṇa ୧ । ଭାଟ; ସ୍ତୁତିପାଠକ—1. A herald; a bard.

୨ । ନଟ—2. A dancer; actor.

୩ । ଦେବଯୋନିବିଶେଷ; ଦେବଗାୟକ—3. A class of aereal beings or divine singers.

ସିଦ୍ଧ ଚାରଣେ ଚାହିଁ ଯୁଦ୍ଧ ଦେଖୁଥିଲେ,
ଅଦ୍ଭୁତ ଅତି ଶ୍ରମ ବୋଲି ପ୍ରଶଂସିଲେ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

୪ । ଧର୍ମଶାସ୍ତ୍ରପାଠକ—4. A reader or reciter (of religious works).

୪ । ରାଜପୁତମାନଙ୍କ ଶ୍ରେଣୀବିଶେଷ—4. A class of Rajputs who used to incite warriors to action in the battle-field by reciting stories of illustrious warriors.

[ଦ୍ର—ଏମାନେ ଯୁଦ୍ଧଭୂମିରେ ବୀରମାନଙ୍କ କାହାଣୀ ଗାଇ ଯୋଦ୍ଧାମାନଙ୍କୁ ଉତ୍ତେଜିତ କରୁଥିଲେ ।]

୫ । (+ଚାର. ଅନ) ଗୋରୁ ଆଦିଙ୍କୁ ଚରାଇବା—5. Tending cattle.

୬ । ଗୋଚର ଭୂମି—6. Pasture; grazing ground.

୭ । କାରାଗାର (ପ୍ରକୃତିବାଦ)—7. Prison.

ଚାରଣା - ଗ୍ରା. ବି—ଚାର ଅଣା—Four annas.
Chāraṇā
चार'ना
চারআনা

ଚାରଣି—ଦେ. ବି—ସିକି; ଚାର ଅଣା ମୂଲ୍ୟର ମୁଦ୍ରା; ସୁକି—Four anna-piece.
Chāraṇi
चारानि
চওআনী

ଚାରଣିଆ—ଦେ. ବଣ—ଯାହାର ପ୍ରତ୍ୟେକର ମୂଲ୍ୟ ଚାର ଅଣା—Worth four annas each.
Chāraṇiā
चारानिआ
চাওআনী

ଚାରଦୃଷ୍ଟି—ସଂ, ବି—(ରୂପକ କର୍ମଧା; ଚାର+ଦୃଷ୍ଟି)—ଚାର ବା ଦୂତଙ୍କ ଦ୍ୱାରା ଦେଶବିଦେଶର ସମ୍ବାଦ ଜାଣିବା—Getting information of the kingdom and of the outside world through messengers and spies.
Charadṛushti

[ଦ୍ର—ରାଜାମାନେ ଚାର ପଠାଇ ଦେଶ ବିଦେଶର ସମ୍ବାଦ ସଂଗ୍ରହ କରନ୍ତି; ଏ ବିଧାନ ପ୍ରାଚୀନକାଳରୁ ଚଳି ଆସୁଅଛି ।]

ଚାରପାଇ—ଦେ. ବି—ଚାରିପାହିଆ (ଦେଖ) Chāripāhiā (See).
Chārapāi

ସାଧାରଣ ଲେଖକେ ଅପଢ ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'ବୃଅ' ନ ମିଳିଲେ 'ବୃଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚାରମାଚାଣ୍ଡୁ—ପ୍ରାଦେ (ସମ୍ବଲପୁର) ବି—ବାଟିଖେଳ ବା ଗୁଲିଖେଳରେ
Chāramāchāṇḍu ଗାତରେ ପକାଇ ଖେଳିବା ବାଟିର ଚତୁର୍ଥ ଆଘାତ—The 4th stroke in a game of marble.

ଚାରମାର—ଗ୍ରା. ବି— ଚାର (୧ ଓ ୨) (ଦେଖ)
Chāramāra Chāra (1 and 2) (See).
(ଚାରମାଲ—ଅନ୍ୟରୂପ)

ଚାରା—ବୈଦେ. ବି (ପା. ଚାର୍‌ହା=ଔଷଧ, ଉପାୟ, ସହାୟ)—
Chārā ୧ । ଶକ୍ତି; କ୍ଷମତା—1. Power.
চারা ଏଥିରେ ଡାର ଚାରା ନାହିଁ—ରାଧାନାଥ. ଚନ୍ଦ୍ରଭାଗା ।
चारा ୨ । ଉପାୟ—2. Means; expedient; alternative; help; resource; resort.
ଅପ୍ରକଟ ହୋଇ ରହିବାପାଇଁ କାହିଁ ତା ଚାରା—ରାଧାନାଥ. ଚନ୍ଦ୍ରଭାଗା ।
୩ । ପ୍ରତିବିଧାନ—3. Remedy; redress.
୪ । ସାହାଯ୍ୟ—4. Help.
[ଦ୍ର—ଏହି ପାର୍ସୀ ଶବ୍ଦରୁ 'ବେଚାରା', 'ନାଚାର' ପ୍ରଭୃତି ଓଡ଼ିଆ ଶବ୍ଦର ଉତ୍ପତ୍ତି ହୋଇଅଛି ।]
ଦେ. ବି (ସଂ. ଚର୍ ଧାତୁ)—୧ । ଖାଦ୍ୟସାମଗ୍ରୀ; ଖାଦ୍ୟସମ୍ଭାର— 1. Provisions; victuals.
୨ । ବନିସିର ଥୋପ—2. Bait for fishes.
୩ । ଚରେଇ; ବନିସି ପଡ଼ିବା ସ୍ଥାନକୁ ମାଛଙ୍କୁ ଲୋଭନୀୟ ଗନ୍ଧ ଦ୍ୱାରା ପ୍ରଲୋଭିତ କରି ଅଣାଇବା ନିମନ୍ତେ ପାଣିରେ ପକାଯିବା ମଇଦା ବା ମସଲାର ଗୁଳା—3. Small balls prepared of various powders strewn on water to attract fishes to a place where an angler wishes to angle.
[ଦ୍ର—ଭଜା ମେଥି, ମଥାଘସା ଆଦି ଚୂର୍ଣ୍ଣ କରି ସାନ ସାନ ଗୋଟାଳ ବାନ୍ଧି ବା ଅଟାର ଗୋଟିକା ପ୍ରସ୍ତୁତ କରି ପାଣିରେ ପକାଇଲେ ମାଛମାନେ ଲୋଭରେ ପଡ଼ି ତାହା ପଡ଼ିଥିବା ସ୍ଥାନକୁ ଆସନ୍ତି ।]
চারা ୪ । ମଞ୍ଜିରୁ ବାହାରିବା ଛୋଟ ଗଜା; ତଳି—4. Seedlings
अङ्कुर ପୋତିଲି ଅଙ୍ଗୁ ବୃକ୍ଷ ବଢ଼ି ହୋଇଲା ଚାର—ଉପେନ୍ଦ୍ର, ଶୀତଳହସ୍ତ ।
চারাগাছ ୫ । ଛୋଟ ଗଛ—5. Plant; young tree.
पाधा

ଚାରା ଗଛ—ଦେ. ବି—୧ । ଛୋଟ ଗଛ—
Chārā gachha 1. A young tree.
চারাগছ ୨ । ଯେଉଁ ଗଛ ବେଶି ଡେଙ୍ଗା ହୁଏ ନାହିଁ—
पौधा 2. Plant.

ଚାରାମାଛ—ଦେ. ବି—ଶିଶୁ ମତ୍ସ୍ୟ; ମାଛ ଛୁଆଁଳ—
Chārā māchha Fry of fishes.

ଚାରି—ଦେ. ବି. (ସଂ. ଚତୁର୍)—
Chāri ଚତୁଃ ସଂଖ୍ୟା—The number 4.
চার, চারি ଦେ. ବିଣ—୪ ସଂଖ୍ୟକ—Numbering 4
चार, चारों

ଚାରିଆଖି—ଦେ. ବି. (ସଂ. ଚତୁରକ୍ଷ)—୧ । ଦୁଇ ଜଣଙ୍କର ପରସ୍ପର
Chāriākhi ସାକ୍ଷାତ୍କାର ବା ଭେଟାଭେଟି—
চারচোখ 1. A face-to-face meeting; meeting of
आँखेचार two persons (i. e. 4 eyes).
ଅଗତ ହୋଇ ଚାରିଆଖି, ଦେଖିବୁ କି କରିଣ ସଖୀ—
ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।
୨ । ବ୍ରହ୍ମା—2. God Brahmā.
୩ । ଅଗପଛ ଦୃଷ୍ଟି; ଦୂରଦୃଷ୍ଟି; ଅତିଶୟ ସାବଧାନତା—
3. Insight (looking in front and behind); utmost carefulness.
ଦେ. ବିଣ—ଚାରିଆଖିଆ (ଦେଖ)
Chāriākhiā (See)

ଚାରିଆଖିଆ—ଦେ. ବିଣ—୧ । ଚାରି ଗୋଟି ଆଖି ବିଶିଷ୍ଟ—
Chāriākhiā 1. Four-eyed; having 4 eyes.
চারচোখ ୨ । ଦୂରଦର୍ଶୀ—2. Very careful and con-
आँखेचार siderate; having a deep insight into things.
୩ । ପରସ୍ପରକୁ ଭେଟିଥିବା (ଦୁଇ ଜଣ)—3. (two persons) Having met face to face.
ଦେ. ବି—୧ । ଚାରିଆଖିଆ ମାଛ (ଦେଖ)
1. Chāriākhiā māchha (See)
୨ । ବ୍ରହ୍ମା—2. God Brahmā.
୩ । ପିଲାମାନଙ୍କ ମଧ୍ୟରେ ଏକପ୍ରକାର ଖେଳ—
3. A kind of game amongst boys.
[ଦ୍ର—ଏ ଖେଳରେ ଗୋଟିଏ ପିଲା ଏକସ୍ଥାନରେ ବସେ, ତା ଅଜ୍ଞାତରେ ଚାରିଆଡ଼େ ଅନ୍ୟ ପିଲାମାନେ ଘେରି ତା ଚୁଟି ଟାଣନ୍ତି ଓ ତା ମୁଣ୍ଡରେ ଥୋପି ଦେଇ ତାକୁ ବ୍ୟତିବ୍ୟସ୍ତ କରନ୍ତି ।]

ଚାରିଆଖିଆ ମାଛ—ଦେ. ବି—ମତ୍ସ୍ୟ ବିଶେଷ; ମଣ୍ଡୁକାଷ୍ଠି ଜାତୀୟ ମାଛ—
Chāriākhiā māchha A kind of fish having
চোখপনীমাছ, চক্ষুদানী মাছ 2 projecting eyes (mistaken for 2 additional eyes) Aspidoparia marar.
[ଦ୍ର—ଏହା ୧୨ ବା ୨ ଇଞ୍ଚ ଲମ୍ବା; ମୁଣ୍ଡର ମଝି ଆଖିପରି ଜଳଜଳ ଦିଶୁଥାଏ ।]

ଚାରିଆଖି ମିଳା(ଳେ)ଇବା—ଦେ. କ୍ରି—ଚତୁରକ୍ଷ ହେବା; (ଦୁଇ ଜଣ)
Chāriākhi miḷā(e)ibā ପରସ୍ପରକୁ ମୁହାଁମୁହିଁ ଭେଟିବା—
চারচোখ মেলান (2 persons) To meet face to face.
चुचार होना, आँखेचार होना

ଚାରିଆଖି ମିଶା(ଶେ)ଇବା—ଦେ. କ୍ରି—ଚାରିଆଖି ମିଳାଇବା (ଦେଖ)
Chāriākhi miśā(e)ibā Chāriākhi miḷāibā (See)
চারচোখমেশান

'	ଇ	ଉ	ର୍‌,ର୍ବ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଷ	ଙ୍କ	ଇସ୍ୱ	ଉଅ	ଘ
୨	ଈ	ଊ	ଋ	ଌ	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଇଅ	ୱ	ନ୍‌

ଚାରିଅଡ଼—ଦେ. ବ—୧ । ଚତୁର୍ଦିଗ; ସବୁଦିଗ—
চারধার, চারদিগ 1. Every side; all sides; all quarters.
चारओर; चार तरफ ଚାରିଅଡ଼ରେ ଭୁଲ ଅହାର ତା ପାଇଁ ।
ଅଣଭ୍ର ପକ୍ଷୀମାନେ ଅତ ଚୋଷ ବହୁ—କୃଷ୍ଣସିଂ ହ. ମହାଭାରତ. ସଭା ।

୨ । ସବୁ ବିଷୟ—2. All matters; everything.

ଚାରି ଉତ୍ତର ଶହେ—ଦେ. ବି. (ସଂ. ଚତୁରଧିକଶତ)—ଏକଶତ ଚାରି—
Chāri uttara śahe One hundred four.

ଚାରିକଣ୍ଟା—ଦେ. ବିଣ—ଓଜନରେ ଠିକ୍ (କମ୍ ବା ବେଶୀ ନୁହେଁ)—
Chārikanṭā Accurately weighed (not more
চারকাঁটা nor less) in the scale.
(ଯଥା—ଏ ସବୁ ଜିନିଷ ଚାରିକଣ୍ଟା ଓଜନ ହୋଇଅଛି ।)

ଚାରିକାତ—ଦେ. ବି (ଚାରିଗୋଟା କାତପରି ଶରୀରରୁ ଲମ୍ବିଥିବାରୁ)—
Chārikāta ୨ ହାତ ଓ ୨ ଗୋଡ଼; ହାତଗୋଡ଼—
The extended arms and legs.
(ଯଥା—ସେ ଚାରିକାତ ଲମ୍ବେଇ ଶୋଇଛି ।)
ଦେ. ବିଣ—ଦୁଇ ହାତ ଦୁଇ ଗୋଡ଼ ଲମ୍ବାଇଥିବା ବା ବିସ୍ତାର କରିଥିବା (ବ୍ୟକ୍ତି)—(a person) With the arms and legs extended on the ground.

ଚାରିକାନ—ଦେ. ବିଣ—୧ । ଦୁଇ ଜଣ ବ୍ୟକ୍ତି ଶୁଣିଥିବା (ବିଷୟ)—
Chārikāna 1. Heard by 4 ears (i.e. only by
চারকান 2 persons).
୨ । ପ୍ରକଟ ହୋଇଥିବା (ଗୁପ୍ତ କଥା)—
2. Divulged (secret).
(ଯଥା—କଥାଟା ଚାରିକାନ ହୋଇଥିଲା ।)

ଚାରିକୋଣ—ଦେ. ବି (ସଂ. ଚତୁଷ୍କୋଣ)—(କ୍ଷେତ୍ର ବା ଗୃହର) ୪ ଗୋଟି
Chārikoṇa କୋଣ—The four corners (of a house
চারকোনা or field.)
चारकोन

ଚାରିକୋଣିଆଁ—ଦେ. ବିଣ (ସଂ. ଚତୁଷ୍କୋଣ) ଚାରିକୋଣ ବିଶିଷ୍ଟ—
Chārikoṇiā̃ Quadrangular; square.
চারকোণা
चौकोना

ଚାରିଖାନା—ଦେ. ବି—ଦେଢ଼ସାକ ଛକ ପଡ଼ି ବୁଣା ହୋଇଥିବା ବସ୍ତ୍ର;
Chārikhānā ଚେକ୍‌ଲୁଗା—Checkered cloth; check.
চারখানা
चारखाना

ଚାରିଖାନି—ଦେ. ବି. (ସଂ. ଚତୁଃ+ଖଣ୍ଡ)—୧ । ଚତୁର୍ବିଧ ସୃଷ୍ଟ ଜୀବ
Chārikhāni (ଯଥା—ଜରାୟୁଜ, ଅଣ୍ଡଜ, ସ୍ୱେଦଜ ଓ ଉଦ୍ଭିଜ୍ଜ)—
চারখানি 1. The created beings consisting of 4
चौखानि classes e. g. born of womb (man, beast), born of eggs (reptiles and birds), born of sweat (insects and maggots) and born of the earth (trees etc.)
ଏହାରୁ କାଟ ବୋଲି କହୁ, ଭୂତରେ ଚାରିଖାନ ଏହୁ ।
ଦାଢୀ. ନିର୍ଗୁଣମାହାତ୍ମ୍ୟ ।

୨ । (ସଂ. ଚତୁଷ୍କୋଣ) ଚାରିଦିଗ; ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ—2. The four quarters of the globe.
କେଉଁବା ଅର୍ଥେ ଧନମଣି,
କର୍କି ଭରିଲି ଚାରିଖାନ । ଦାଢୀ. ନିର୍ଗୁଣମାହାତ୍ମ୍ୟ ।

୩ । (ସଂ. ଚତୁଃ+ସ୍ଥାନ) ଭାରତର ୪ ଦିଗରେ ଥିବା ଚାରି ଗୋଟି ପ୍ରସିଦ୍ଧ ତୀର୍ଥ—3. The 4 sacred places of the Hindus in the 4 quarters of India.

[ଦ୍ର—ପୂର୍ବରେ ପୁରୀ, ପଶ୍ଚିମରେ ଦ୍ୱାରକା, ଉତ୍ତରରେ ବଦ୍ରିନାଥ ଏବଂ ଦକ୍ଷିଣରେ ରାମେଶ୍ୱର ଭାରତର ପ୍ରଧାନ ଚାରି ତୀର୍ଥ ।]
୫ । ଚାରିଭାଷା (ଓଡ଼ିଆ, ବଙ୍ଗଳା, ଫାରସୀ ଓ ନାଗରୀ)—
5. Four languages.
(ଯଥା—ସେ ଚାରିଖାନି ପଢ଼ିଛି ।)
ଦେ. ବିଣ—ଚତୁର୍ବିଧ—Of 4 kinds; consisting of 4 elements.

ଚାରି ଖୁଣି ମାଫ୍—ଦେ. ବି. (ସଂ. ଚତୁର୍+ଫା. ଖୁନ୍=ହତ୍ୟା+
Chāri khuṇi māph ଫା. ମୁଆଫ୍=କ୍ଷମା, ଦୋଷ ମାଜିବା)—
চারখুন মাফ ୧ । ମୁସଲ୍‌ମାନ୍ ରାଜତ୍ୱରେ ସମ୍ରାଟଙ୍କର
चारखून मुआफ ବିଶେଷ ଅନୁଗୃହୀତ ବ୍ୟକ୍ତିଙ୍କୁ ସମ୍ମାନ ରୂପେ ଦିଆ ଯାଉଥିବା ବିଶିଷ୍ଟ ଅଧିକାର (ଏପରି କି, ସେ ୪ଟି ପର୍ଯ୍ୟନ୍ତ ନରହତ୍ୟା କଲେ ମଧ୍ୟ ତାଙ୍କୁ ରାଜଦଣ୍ଡ ଦିଆଯାଉ ନ ଥିଲା)—1. A privilage granted to a favourite of the Mahomedan emperors in ancient India (viz. he would not be punished for committing murder to the maximum of four.
୨ । (ଲକ୍ଷଣାର୍ଥ) କୌଣସି କ୍ଷମତାପନ୍ନ ବ୍ୟକ୍ତି ତାଙ୍କର ଅନୁଗ୍ରହପାତ୍ରକୁ ଦେବା ବିଶିଷ୍ଟ ଅଧିକାର—2. Any special privilage granted to the favourite of a powerful person.

ଚାରିଖୁଣ୍ଟ—ଦେ. ବି—୧ । ପୃଥିବୀର ୪ ଦିଗ (ଉତ୍ତର, ପଶ୍ଚିମ, ଦକ୍ଷିଣ
Chārikhuṇṭa ଓ ପୂର୍ବ)—1. The four quarters of
চারখুঁট the globe.
चौखुंट

ଚାରିଗଣ୍ଡା—ପ୍ରାଦେ. (ଗଞ୍ଜାମ) ବି—ଏକପ୍ରକାର କଉଡ଼ି ଖେଳ; ଗୁଟେଇ
Chārigaṇḍā ଖେଳ—A kind of in-door game
চারগণ্ডা played with 16 cowries.

ସାଧାରଣ ଲୋକେ ଅନେକ ସ୍ଥଳରେ ମୂଳର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତଳର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ'ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ'ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

[ଦ୍ର—ଏ ଖେଳରେ ୧୬ଟି କଉଡ଼ି ଲୋଡ଼ା ହୁଏ ।]
ଦେ. ବି ଓ ବିଣ (ସଂଖ୍ୟାବାଚକ)—ଷୋଳ ସଂଖ୍ୟା—Sixteen.

ଚାରିଗୁଣ—ଦେ. ବ (ସଂ. ଚତୁର୍ଗୁଣ)—ଚତୁର୍ଗୁଣ; ଚାରିଗୁଣ—
Chāriguṅa Four times.
চারগুণ ଦେ. ବିଣ—୧ । ଚତୁର୍ଗୁଣିତ—1. Fourfold;
चारगुन; चौगुना multiplied by four.
୨ । ଅତ୍ୟଧିକ—2. Excessive.
ଦେ. କ୍ରି. ବିଣ—୧ । ଚତୁର୍ଗୁଣରେ—1. Four times.
୨ । ଅତ୍ୟଧିକ ପରିମାଣରେ—2. Excessively.

ଚାରିଗୁଣା—ଦେ. ବିଣ (ସଂ. ଚତୁର୍ଗୁଣ)—ଚତୁର୍ଗୁଣ—
Chāriguṇā Four times as much of; fourfold.
চারগুণা
चौगुना

ଚାରିଗୋଡ଼ିଆ—ଦେ. ବିଣ—୧ । ଚତୁଷ୍ପଦ—
Chāri gor̤diā 1. Having four legs.
চারপায়া ୨ । ଦୁଇ ହାତ ଓ ଦୁଇ ଅଣ୍ଟୁ ଭୂମିରେ
चौगोड़या,चोपाया ଲଗାଇ ଗୁରୁଣ୍ଡିବା (ବ୍ୟକ୍ତି)—
2. (a persos) Crawling with the 2 hands and 2 knees.
ଦେ. ବି—୧ । ଚତୁଷ୍ପଦ ଜନ୍ତୁ—1. Quadruped.
୨ । ପୂର୍ବେ ଚାଟଶାଳୀରେ ଛାତ୍ରମାନଙ୍କୁ ଦୁଇ ହାତ ଓ ଦୁଇ ଅଣ୍ଟୁ ଭୂମିରେ ଲଗାଇ କେତେ ସମୟ ଅବସ୍ଥାନ କରିବାକୁ ଦିଆ ଯାଉଥିବା ଦଣ୍ଡ—2 A punishment formerly given in village-schools consisting of an offender remaining in a crawling posture for a long time.
୩ । ଘୋଡ଼ା, ଗୋରୁ ଆଦି ଚାରି ଖୁରା ଉଠାଇ ଦଉଡ଼ିବା—
3. (beasts) Running on all fours.

ଚାରିଘଣ୍ଟିଆ—ଦେ. ବିଣ—ଦୁଇ ଓଳି କାମ ନ କରି ମୂଲିଆମାନଙ୍କର
Chāri ghanṭiā ବେଳ ୯ଟା ବା ୧୦ଟା ଠାରୁ ୪ଟା ପର୍ଯ୍ୟନ୍ତ କାମ କରିବା (ରୀତି)—(the system) Of working for wages from 10 A. M. till 4 P. M instead of working morning and evening.

ଚାରିଙ୍କି ଚାରିହେଁ—ଦେ. ସର୍ବ—ଚାରିଜଣଯାକ ସମସ୍ତେ—
Chāriṅki chārihen̐ All the four persons.
চারকেচার (ଯଥା—ସାଆନ୍ତ ସାଆନ୍ତାଣୀ, ଚାକର ଚାକରାଣୀ, ଚାରିଙ୍କି
चारकोचार ଚାରିହେଁ ଘରକରଣା ବିଷୟରେ ଚାରିଚଉକସ ।)

ଚାରିଚଉକ—ଦେ. ବିଣ, (ସଂ. ଚତୁଃ+ଚତୁଷ୍କ)—ସମଚତୁଷ୍କୋଣ—
Chārichauka Square.
चारकोने ଦେ. ବି—ପଶା ଓ କଉଡ଼ିରେ ପକାଯିବା ୪ ସଂଖ୍ୟକ ଦାନ—A turn of the dice or cowries resulting in the turning np of the number 4.

ଚାରିଚଉକସ—ଦେ. ବିଣ—୧ । ସମ୍ପୂର୍ଣ୍ଣରୂପେ ସଜ୍ଜିତ—
Chārichaukasa 1 Fully equipped or dressed.
চৌকস ୨ । ଖୁବ୍ ସାବଧାନ (ବ୍ୟକ୍ତି)—
चौकस 2. Very cautious (person).
୩ । ଖୁବ୍ ଦୃଢ଼ ରୂପେ ଭିଡ଼ା ହୋଇ ବନ୍ଧା ହୋଇଥିବା—
3. Very tightly tied or bound.
୪ । ଖୁବ୍ ବଳିଷ୍ଠ (ବ୍ୟକ୍ତି)—
4. Very strong (person).
୫ । ତୁରନ୍ତର; ପାରଙ୍ଗମ;—5 Able; capable.
୬ । ବହୁ ବିଦ୍ୟାରେ ପାରଙ୍ଗମ—
6. Versed in many arts.
୭ । ପରସ୍ପର ସଙ୍ଗେ ସମ୍ପୂର୍ଣ୍ଣ ରୂପେ ମେଳ ଖାଉଥିବା (ବସ୍ତୁଦ୍ୱୟ)—7. (two things) Completely tallying or coinciding with each other.
୮ । ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ—
8. Fully ready or prepared.

ଚାରିଚଉକା—ଦେ. ବି—ଏକପ୍ରକାର କଉଡ଼ି ଖେଳ—A kind of
Chārichaukā game played with 4 cowries.
[ଦ୍ର—୪ଟି କଉଡ଼ିରେ ଏ ଖେଳ ଖେଳାଯାଏ ।]

ଚାରିଚଉରସ—ଦେ. ବିଣ. (ସଂ. ଚତୁର୍ ଓ ଚତୁରସ୍ର)—
Chārichaurasa ୧ । ଯେଉଁ କ୍ଷେତ୍ରର ଚାରିଆଡ଼ ସମତଳ;
চারচউরস ସମତଳ—1. (a plot) Which is level on
चौरस all sides.
୨ । ବର୍ଗ (କ୍ଷେତ୍ର)—2. Square.

ଚାରିଚକ୍ଷୁ (ଇତ୍ୟାଦି)—ଦେ. ବି. ଓ ବିଣ—ଚାରିଆଖି ଇତ୍ୟାଦି (ଦେଖ)
Chārichakshu (etc) Chāriākhi etc (See)
ଚାରିଚକ୍ଷୁ ମିଳାଇଲୁ ଆସି—କବିସୂର୍ଯ୍ୟ. କଳୋଗବତ୍ ।

ଚାରିଚବକା—ଦେ. ବି—ଚାରିଚଉକା (ଦେଖ)
Chārichabakā Chārichāukā (See)

ଚାରିଚେମା—ପ୍ରାଦେ. (ଗଞ୍ଜାମ) ବି—ଚାରିକଡ଼ା କଉଡ଼ିରେ ଖେଳାଯିବା
Chārichemā ଏକ ପ୍ରକାର ଖେଳ—An indoor game played by the players alternately throwing 4 cowries on the ground.

ଚାରି ଜଣ—ଦେ. ବି—୧ । ଚାରି ସଂଖ୍ୟକ ବ୍ୟକ୍ତି—1. Four men.
Chāri jaṇa ୨ । ଏକତ୍ର ଉପବିଷ୍ଟ କେତେ ଜଣ ବ୍ୟକ୍ତି—
চারজন 2. Some men sitting together.
चारआदमी ୩ । ଅନିର୍ଦ୍ଦିଷ୍ଟ ସଂଖ୍ୟକ ଅଳ୍ପ ବ୍ୟକ୍ତି—
3. A few men.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଙ୍କ	ଞ୍ଚ	ଙ୍ଗ
୨	ଈ	ଊ	ରୁ	ଲୁ	ଏ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଙ୍ଖ	ଞ୍ଜ	ଙ୍ଘ

ଚାରିଜଣିଆଁ—ଦେ. ଵଣ—୧ । ଚାରିଜଣ ବ୍ୟକ୍ତିଙ୍କଦ୍ୱାରା କର୍ତ୍ତବ୍ୟ—
Chārijaṇiān̐ 1. Capable of being done by 4 men.
चारजना
चारआदमीयोंका (ଯଥା—ଚାରିଜଣିଆଁ କାମ ।)
୨ । ଚାରିବ୍ୟକ୍ତିଙ୍କ ବ୍ୟବହାରାର୍ଥ ଅଭିପ୍ରେତ—
2 Intended for the use of 4 persons.
(ଯଥା—ଚାରିଜଣିଆଁ ରୁଷେଇ)
୩ । ଚାରି ବ୍ୟକ୍ତିଙ୍କଦ୍ୱାରା ବାହ୍ୟ (ଯାନାଦି)—
3. (a conveyance) Drawn or carried by 4 persons.

ଚାରିଜମା—ପ୍ରାଦେ. (ଗଡ଼ଜାତ) ଵଣ—ଖୁବ୍ ମଜବୁତ୍—
Chāri jamā Very strong.

ଚାରିଜାମା—ବୈଦେ. ଵ.(ଫା. ଚାରଜାମା)—ଘୋଡ଼ାର ପିଠିରେ ପକାବା ତୁଳାରେ ପୂର୍ଣ୍ଣ ବସ୍ତ୍ରନିର୍ମିତ କୋମଳ ଚତୁଷ୍କୋଣ ଆସ୍ତରଣବିଶେଷ—Quilted saddle; padded saddle.
Chārijāmā
चारजामा
चारजामा
[ଦ୍ର—ଚମଡ଼ାନିର୍ମିତ ଆଧୁନିକ ଜିନ୍‌ର ବ୍ୟବହାର ହେବା ପୂର୍ବରୁ ଘୋଡ଼ାଙ୍କ ପିଠିରେ ଚାରିଜାମା ପକାଯାଇ ସବାର ଘୋଡ଼ା ଚଢ଼ୁଥିଲେ; ଏହା ସମଚତୁଷ୍କୋଣ ଓ କୋମଳ ଏବଂ ଏଥି ଉପରେ ଅନେକ ପ୍ରକାରର ଜରି ଓ ସୂତାର ଚୁମୁକିକାମ କରାଯାଉଥିଲା ।]
ଦେ. ଵଣ—ଚାରି ଚଉକସ (ଦେଖ)
Chāri chaukasa (See)

ଚାରିଟା—ଦେ. ଵ. (ଅନାଦରାର୍ଥ)—୧ । ସଂଖ୍ୟାରେ ଚାରି—
Chāriṭā 1. Four in number.
चारटे ୨ । ଅପରାହ୍ନ ଓ ଭୋର୍ ୪ ଘଣ୍ଟା ବେଳ—
चारठो 2. Four o'clock (A. M. or P. M.)
(ଚାରିଟି; ଚାରୋଟି—ଆଦରାର୍ଥକ)
ଦେ. ଵଣ—୧ । ଚାରି ସଂଖ୍ୟକ—1. Numbering four
୨ । ଅଳ୍ପସଂଖ୍ୟକ; ସାମାନ୍ୟ—2. A little; a few.
[ଯଥା—ବେଳ ହୋଇଯିବାରୁ ସେ ଚାରିଟା ଭାତ ଖାଇଦେଇ ପଳାଇଗଲା ।]

ଚାରିତୁଲା—ଦେ. ଵଣ—୧ । ଚତୁର୍ବର୍ଗଯୁକ୍ତ; ପୂର୍ଣ୍ଣସୁଖୀ—
Chāritulā 1. Happy in every respect.
୨ । ପୂର୍ଣ୍ଣ (ଭୋଜନ)—2. Full (meal).

ଚାରିତ୍ର—ସଂ. ଵି (ଚରିତ୍ର+ସ୍ୱାର୍ଥରେ ଅ)—୧ । ଚରିତ୍ର; ସ୍ୱଭାବ—
Chāritra 1. Character; nature.
୨ । କୁଳକ୍ରମାଗତ ଆଚାର (ହି. ଶବ୍ଦସାଗର)—
2. Family-custom
୩ । ଚାଲିଚଳନ; ଢଙ୍ଗ (ହି. ଶବ୍ଦସାଗର)—
Movements; mode of life
୪ । ଜୈନମାନଙ୍କ ସନ୍ନ୍ୟାସ (ହି. ଶବ୍ଦସାଗର)—
4. Relinquishment of the world by the Jainas.

ଚାରିତ୍ରବିନୟ—ସଂ. ଵ—୧ । ଚରିତ୍ରଦ୍ୱାରା ବିନୀତଭାବ ପ୍ରଦର୍ଶନ; ନମ୍ରତା
Chāritrabinaya (ହି. ଶବ୍ଦସାଗର)—1. Humility; humbleness of character.
୨ । ଶିଷ୍ଟାଚାର; ସୌଜନ୍ୟ (ହି. ଶବ୍ଦସାଗର)—
2. Civility; etiquette.

ଚାରିତ୍ରା—ସଂ. ଵ. ସ୍ତ୍ରୀ—ତେନ୍ତୁଳିଗଛ—
Chāritrā Tamarind tree.

ଚାରିତ୍ର୍ୟ—ସଂ. ଵ. (ଚରିତ୍ର+ସ୍ୱାର୍ଥରେ ଯ)—ଚରିତ୍ର (ଦେଖ)
Chāritrya Charitra (See)

ଚାରି ଦଉଡ଼ି କଟା—ଦେ. ଵଣ—ଯାହାର ସଂସାରରେ କୌଣସି ମାୟା-ବନ୍ଧନ ନାହିଁ; ଯାହାର ଆତ୍ମୀୟସ୍ୱଜନ ସମସ୍ତେ ମରିଅଛନ୍ତି ବା ଯେ ସଂସାର ଛାଡ଼ି ବୈରାଗୀ ହୋଇଅଛି—One who has no worldly ties to tie him down to the world; freed from worldly ties.
Chāri daurḍi kaṭā

ଚାରିଦାମ—ବୈଦେ. ଗ୍ରା. ଵ. (ଫା. ଚାରଜାମା)—
Chāridamā ଚାରିଜାମା (ଦେଖ)—Chārijāmā (See)
ସାଜିଲେ ସବୁ ସଓ୍ୱାର, ଜିନ ଜିଦର ଭଲମେଣ ଚଉଗିରୁ
ଚାରିଦମା ବକ୍ରଅଳ—ତୁଳନୀୟ. ସମରତରଙ୍ଗ ।

ଚାରିଦଶ—ଦେ. ଵ. (ସଂ. ଚତୁର୍ଦ୍ଦଶ)—ଦଶରୁ ଚାରି ଅଧିକ ସଂଖ୍ୟା—
Chāridaśa The number 14.
ଦେ. ଵଣ—ଚତୁର୍ଦ୍ଦଶ ସଂଖ୍ୟକ—14 in number.
ଭୁମ୍ବ ମହିମାର ସୀମା ଏ ଚାରିଦଶ
ଲୋକମାନଙ୍କୁ ତ ହୋଇଅଛ ଅଦୃଶ୍ୟ—କୃଷ୍ଣସିଂହ. ମହାଭାରତ. ବନ ।

ଚାରି ପଇସା—ଦେ. ଵ—୧ । ଚାରିଗୋଟି ପଇସା ବା ତାମ୍ରମୁଦ୍ରା—
Chāri paisā 1. Four pice.
चारपयसा ୨ । (ଲକ୍ଷଣାର୍ଥ) କିଛି ଧନ; କିଛି ଅର୍ଥ—
चारपैसा 2. Some money.
(ଯଥା—ତା ହାତରେ ଚାରିପଇସା ହେଲଣି, ସେ କଥା ତାହାକୁ ଡରିବ ?)

ଚାରି ପହର—ଦେ. କ୍ରି. ଵଣ. (ସଂ. ଚତୁଃ+ପ୍ରହର)—ଦିନତମାମ୍; ସାରାଦିନ—Throughout the whole day; the whole day long.
Chāri pahara
चारप्रहर
चौपहर ଚଉଦିଗ ବାରୁ ନିଃସରିବ ଚାରିପହର ନୟନସୂର୍ଯ୍ୟ—
କରସୂର୍ଯ୍ୟ, କଗୋପବନ୍ଧୁ. ଭ-ଗୀତ ।

ଚାରି ପା—ଦେ. ଵ—ଏକସେର ପରିମାଣ—
Chāri pā One seer (weight).
(ଚାରି ପାଓ—ଅନ୍ୟରୂପ) ଦେ. ଵଣ—ସମ୍ପୂର୍ଣ୍ଣ; ଷୋଳଅଣା; ପୂରା—Full; complete.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜୁନ' ନ ପାଇଲେ 'ଅର୍ଜ୍ଜୁନ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବ

ଚାରି ପାଇ—ଦେ. ବି. (ସଂ ଚତୁଃ ଓ ପାଦ)—
Chāri pāi — ଚାରି ପାହିଆ (ଦେଖ)
(ଚାରିପାହି—ଅନ୍ୟରୂପ) — Chāri pāhiā (See)

ଚାରି ପାଇଆ—ଦେ. ବି—ଚାରିପାହିଆ (ଦେଖ)
Chāri pāiā — Chāripāhiā (See)

ଚାରି ପାଠ—ଦେ. ବି—ଓଡ଼ିଆ, ବଙ୍ଗଳା, ନାଗରୀ ଓ ଫାରସୀ ଏହି ଚାରି ଭାଷା ଶିକ୍ଷା—Learning of the 4 languages (formerly prevalent in Orissa, e. g. Oria, Bengali, Persian and Debanagari).
Chāri pāṭha
চারপাঠ
चारविद्या

ଉକାପୁଅ ଚାରି ଦିନରେ ଚାରିପାଠ ହାସଲ କଲା—କାହାଣୀ ।

[ଦ୍ର—ଇଂରାଜୀ ପାଠ ଆମ ଦେଶରେ ଚଳିବା ପୂର୍ବରୁ ଓଡ଼ିଆ, ବଙ୍ଗଳା, ଫାରସୀ ଓ ନାଗରୀ ଭାଷାର ପ୍ରଚଳନ ଥିଲା । ଏହାକୁ ଚାରିଖାନି ବା ଚାରିପାଠ କହୁଥିଲେ । ଯେ ଚାରିପାଠ ଜାଣୁଥିଲେ ସେ ମହାପଣ୍ଡିତରୂପେ ଗଣ୍ୟ ହେଉଥିଲେ ।]

ଚାରି ପାହାଡ଼ିଆ—ଦେ· ବିଣ—ସକଳ କାର୍ଯ୍ୟରେ ସମର୍ଥ—Able to do anything and every thing.
Chāri pāhāṛiā

ଚାରି ପାହିଆ—ଦେ. ବି. (ସଂ. ଚତୁଃ ଓ ପାଦ)—
Chāri pāhiā — ୧ । କାଷ୍ଠନିର୍ମିତ କ୍ଷୁଦ୍ର ଖଟ ବା ଖଟିଆ—
চারপায়া, চারপাএ — 1. Charpoy; a movable bedstead.
चारपाया; चारपाइ — ୨ । ଚଉକି—2. Chair.
(ଚାରିପାହ୍ୟା—ଅନ୍ୟରୂପ) — ୩ । ଛୋଟ ଟେବୁଲ ବା ମେଜ; ଟୁଲ୍—3. Small table; stool.

ଚାରି ଫଳା—ଦେ. ବିଣ. (ସଂ. ଚତୁଃ+ଫଳ, ଫଳକ)—ଯେଉଁ ଖିଲକାତି ବା ଛୁରିରେ ୪ଟି ଫଳା ବା ଫଳକ ଥାଏ—(a clasp knife) Having four blades; four-bladed.
Chāri phalā
চারফলা
चौफला
(ଚାରିଫଳିଆ—ଅନ୍ୟରୂପ)

ଚାରିଫୁଲିଆ—ଦେ. ବିଣ.—ଧଡ଼ିରେ ଚାରି ଧାଡ଼ି ଫୁଲ ଥିବା (ବସ୍ତ୍ର)—
Chāri phuliā — (cloth) Having hems with floral designs in 4 lines.

ମାଣିଆବନ୍ଧୀ ଚାରିଫୁଲିଆ ଯୋଡ଼ା ପିନ୍ଧି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ଚାରିଫୁଲି ଆଗ—ଦେ. ବି.—୧ । ପୂରା ଏକ ବିଶା ଓଜନ—1. Full one Bisā in weight.
Chāriphuli āga

[ଦ୍ର—ବିଶାକାଠିରେ ପ୍ରତି ୫ ପଲ ଓଜନ ଦେଖାଇବା ପାଇଁ ଗୋଟିଏ ଲେଖାଏଁ ଫୁଲ ବା ତାରା(✻) ଯୁକ୍ତ ଦାଗ ଥାଏ । ଚାରି-ଫୁଲରେ ସୁତୁଲି ବସିଲେ ବିଶାର ପଲଡ଼ାରେ ଥିବା ଦ୍ରବ୍ୟ ୨୦ ପଲ ଓଜନର ବୋଲି ଜଣାଯାଏ ଏବଂ ଚାରିଫୁଲି ଆଗରେ ସୁତୁଲି ବସିଲେ ୨୫ ପଲ ଅର୍ଥାତ୍ ପୂର୍ଣ୍ଣ ୧ ବିଶା ହୁଏ ।]

କ୍ରି. ବିଣ.—ପୂର୍ଣ୍ଣ ପରିମାଣରେ; ପୂରା ମାତ୍ରାରେ—
In full measure.
(ଯଥା—ସେ ତା ପାଉଣା ନେବାକୁ ଚାରିଫୁଲି ଆଗ ଧରି ବସିଛି ।)

ଚାରିଭାଇଙ୍କ କାନ୍ଧରେ ଯିବା—ଦେ. କ୍ରି.—୧ । (ଲକ୍ଷଣାର୍ଥ)—
Chāribhāiṅka kāndhare jibā — ମୃତ ହେବା—
1. (figurative) To die.
୨ । ମଲା ପରେ ଆପଣା ଶବ ୪ ଜଣ ଜ୍ଞାତି ବା ମଡ଼ାସାଙ୍ଗିଆ ଭାଇଙ୍କ କାନ୍ଧରେ କୋକେଇରେ ଶ୍ମଶାନକୁ ନିଆଯିବା—
2. To be carried on the shoulders of one's four kinsmen to the cremation-ground after one's death.

[ଦ୍ର—ହିନ୍ଦୁ ସମାଜରେ ମୃତ ବ୍ୟକ୍ତିର ଶବକୁ କୋକେଇରେ ଥୋଇ କୋକେଇର ଆଗ ପାଖର ଦୁଇ ବାଉଁଶକୁ ଦୁଇ ଜଣ ଓ ପଛପାଖର ଦୁଇ ବାଉଁଶକୁ ଦୁଇ ଜଣ, ଏପରି ୪ ଜଣ କାନ୍ଧେଇ କରି ଶ୍ମଶାନକୁ ନିଅନ୍ତି । ମୃତ ବ୍ୟକ୍ତିର ଜ୍ଞାତି, କୁଟୁମ୍ବ ଓ ଯେଉଁମାନେ ମଡ଼ାସାଙ୍ଗିଆ ଭାଇ ବୋଲି ଗୃହୀତ, ସେହିମାନେ ଏହା ଶବ ବହନ କରନ୍ତି ।]

ଚାରି ଭିତ୍—ପ୍ରାଦେ. (ମେଦିନୀପୁର) ଅ (ତୁଳ. ବଂ. চারিভিতে)—
Chāri bhit — ଚୌଦିଗରେ; ଚାରିଆଡ଼େ—All around; on all sides; in every direction.

ଚାରିମା—ସଂ. ବି. (ଚାରୁ+ଭାବାର୍ଥରେ ଇମନ୍; ତୁଳ. ଲଘିମା, ଗରିମା)—
Chārimā — ୧ । ଚାରୁତା; ସୌନ୍ଦର୍ଯ୍ୟ—1. Beauty.
୨ । ଲାଳିତ୍ୟ—2. Charm; sweetness.

ଚାରିମାଥ—ଦେ. ପଦ୍ୟ. ବି. (ସଂ. ଚତୁର୍+ମସ୍ତକ)—ଚତୁର୍ମୁଖ; ବ୍ରହ୍ମା—Brahmā.
Chāri mātha

କେତେକାଳ କରିବ ଚାରିମାଥ,
ଲେଖିଥିଲା ମୋର କର୍ମେ ଏ ଦୁଃଖ ପଥ । କୃଷ୍ଣସିଂହ. ମହାଭାରତ. ଭ.

ଚାରିମୁଖ—ଦେ. ବି. (ସଂ· ଚତୁର୍ମୁଖ)—ବ୍ରହ୍ମା—
Chārimukha — God Brahmā.

ଚାରି ହରିତ—ଦେ. ବି. (ସଂ. ଚତୁଃ ଓ ହରିତ୍)—ଚତୁର୍ଦ୍ଦିଗ—
Chāri harita — Four sides; all sides.

ଚାରି ହରିତରେ ବେଢ଼ି, ଚଳିଥାନ୍ତି ବାହୁଙ୍କ ବଳ ମୁକୁଟିଆ ସଖାମାନେ ।
କବିସୂର୍ଯ୍ୟ. କଳୋଗଭଞ୍ଜ, ତ ଗୀତ ।

ଚାରୀ—ସଂ. ବିଣ. ତ୍ରି°. (ଚର୍ ଧାତୁ+ଇନ୍; ୧ମା. ୧ବ.)—ବିଚରଣକାରୀ Wandering; walking.
Chārī
(ଚାରିଣୀ—ସ୍ତ୍ରୀ) [ଦ୍ର—ଏହା ଅନ୍ୟ ସଙ୍ଗେ ଯୁକ୍ତ ହୋଇ ବ୍ୟବହୃତ ହୁଏ; ଯଥା—ବନଚାରୀ, ବ୍ୟୋମଚାରୀ ।]

ସଂ. ବି. ପୁଂ—୧ । ପଦାତି ସୈନ୍ୟ (ହି. ଶବ୍ଦସାଗର)—
1 Infantryman; foot soldier.
୨ । ସଞ୍ଚାରୀ ଭାବ (ହି. ଶବ୍ଦସାଗର)—
2. The pervading element in a sentiment in literature.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଙ୍ଗ	ଉଅ	ଣ୍ଣ
୨	ଈ	ଊ	ରୁ	ଲୁ	ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଈ	ନ୍ତ୍ର

୩ । (ସ୍ତ୍ରୀ; ଚାର+ଈ) ନୃତ୍ୟର ଅଙ୍ଗବିଶେଷ (ହି. ଶବ୍ଦସାଗର)—
3. A particular part of dancing.
[ଶୃଙ୍ଗାର ଆଦି ରସର ଉଦ୍ଦୀପନକାରୀ ମଧୁର ଗତିକୁ ଚାରୀ ବୋଲାଯାଏ; କାହାକାହା ମତରେ ଏକ ବା ଦୁଇ ଗୋଡ଼ରେ ନାଚିବାର ନାମ ଚାରୀ ଅଟେ । ଚାରୀ ଦୁଇ ପ୍ରକାର—୧ । ଭୂଚାରୀ, ୨ । ଆକାଶଚାରୀ; ଭୂଚାରୀ ୧୬ ଓ ମତାନ୍ତରରେ ୨୬ ପ୍ରକାର । ଆକାଶଚାରୀ ୧୬ ପ୍ରକାର । ହି. ଶବ୍ଦସାଗର ।]

ଚାରୁ—ସଂ. ବିଣ. (ଚର୍ ଧାତୁ+କର୍ତ୍ତୃ. ଉ)—
Chāru ୧ । ମନୋହର; ସୁନ୍ଦର—1. Agreeable; beautiful;
(ଚାର୍ବୀ—ସ୍ତ୍ରୀ) pleasing; lovely; handsome; elegant.
୨ । ସୁସ୍ୱାଦ; ସୁମିଷ୍ଟ—
2. Sweet.
୩ । ସମ୍ୟକ୍—3. Peculiar; particular.
୪ । ଅସାଧାରଣ—4. Extraordinary.
ସଂ. ବି—୧ । ବୃହସ୍ପତି—1. Bṛuhaspati; the preceptor of the Gods.
୨ । ରୁକ୍ମିଣୀତନୟ—
2. The son of Śrīkṛushṇa by Rukminī.
[ଦ୍ର—ହରିବଂଶ ଓ ମହାଭାରତରେ ଚାରୁ ଶବ୍ଦଯୁକ୍ତ ଚାରୁଗର୍ଭ, ଚାରୁଗୁପ୍ତ, ଚାରୁଦେଷ୍ଣ, ଚାରୁବାହୁ, ଚାରୁଭଦ୍ର, ଚାରୁଯଶ, ଚାରୁଚନ୍ଦ୍ର, ଚାରୁବେଶ, ଚାରୁଶ୍ରବା ନାମରେ ରୁକ୍ମିଣୀଙ୍କ ଗର୍ଭରୁ ଶ୍ରୀକୃଷ୍ଣଙ୍କର ପୁତ୍ରମାନେ ଓ ଚାରୁମତୀ ନାମରେ କନ୍ୟା ଜନ୍ମିଥିଲେ—
ହି. ଶବ୍ଦସାଗର ।]
୩ । ଜାଫ୍ରାନ୍—3. Saffron. (Apte).
ଦେ. ବି—୧ । ଚାରୁପାଣି (ଦେଖ)
1. Charupāṇi (See)
୨ । (ପୁଂ) ପୁରୁଷଙ୍କୁ ଦିଆଯିବା ନାମ—
2. A name given to males.

ଚାରୁକାନ୍ତି—ସଂ. ବି. (କର୍ମଧା; ଚାରୁ+କାନ୍ତି)—ଲାବଣ୍ୟ—
Chārukānti Beauty; grace.
ସଂ. ବିଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି)—ସୁନ୍ଦର; ଲାବଣ୍ୟମୟ—
Graceful; beautiful.

ମୁଁ ଯେ ସଞ୍ଜବରୁ ଧରୁ ପଦ୍ମ କି ବଦନୁ ଚାରୁ-
କାନ୍ତି ଗଲା ମୋ କୋଡ଼ରୁ ଡରୁ । ଉପେ. ପ୍ରେମସୁଧାନିଧି ।

ଚାରୁକେଶରୀ—ସଂ. ବି—ନାଗରମୁଥା (ଦେଖ)
Chārukeśarī 1. Nāgaramuthā (See)
୨ । ସେବତୀଫୁଲ (ଦେଖ)
2. Śebatī flower (See)

ଚାରୁତା—ସଂ. ବି. (ଚାରୁ+ଭାବାର୍ଥରେ ତା)—୧ । ସୌନ୍ଦର୍ଯ୍ୟ—
Chārutā 1. Beauty; elegance,
(ଚାରୁତ୍ୱ—ଅନ୍ୟରୂପ) ୨ । ମାଧୁରୀ— 2. Sweetness.

ଚାରୁଦର୍ଶନ—ସଂ, ବିଣ. ପୁଂ. (ବହୁବ୍ରୀହି; ଚାରୁ+ଦର୍ଶନ)—
Chārudarśana ଦେଖିବାକୁ ସୁନ୍ଦର—
(ଚାରୁଦର୍ଶନା—ସ୍ତ୍ରୀ) Good-looking; graceful; lovely.

ଚାରୁଧାମା—ସଂ. ବି. ସ୍ତ୍ରୀ. (ଚାରୁ+ଧାମନ୍=ସ୍ଥାନ; ଆଧାର)—
Chārudhāmā ଶଚୀ; ଇନ୍ଦ୍ରପତ୍ନୀ—Wife of God Indra.

ଚାରୁଧାରା—ସଂ. ବି. ସ୍ତ୍ରୀ. ୧ । (ଚାରୁ+ଧୃ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ.
Chārudhārā ଆ)—ଶଚୀ; ଇନ୍ଦ୍ରପତ୍ନୀ—
1. Wife of God Indra.
୨ । (କର୍ମଧା; ଚାରୁ+ଧାରା) ସୁମନୋହର ପ୍ରବାହ—
2. Charming current.
ସଂ. ବିଣ. (ସ୍ତ୍ରୀ)—ମନୋହର ପ୍ରବାହଯୁକ୍ତ (ନଦୀ)—
(river) Having a charming current.

ବଢଲକୁ ଅଲଙ୍ଘନ କରି ଜାହ୍ନବୀ ଶୋଭନ
ହରେ ସୁଭଟର ତାପ ଚାରୁଧାରା ସେ । ଉପେ. ବୈଦେହୀଶବିଳାସ ।

ଚାରୁନୟନ—ସଂ ବିଣ. ପୁଂ. (ବହୁବ୍ରୀହି; ଚାରୁ+ନୟନ)—
Chārunayana ଯାହାର ଆଖି ସୁନ୍ଦର; ଚାରୁନେତ୍ର—
ଚାରୁନୟନା } ସ୍ତ୍ରୀ Having beautiful eyes.
ଚାରୁନୟନୀ } ସଂ. ବି—ମୃଗ—Deer.

ଚାରୁନେତ୍ର—ସଂ. ବି ଓ ବିଣ—୧ । ଚାରୁନୟନ (ଦେଖ)
Chārunetra 1. Chārunayana (See)
ଚାରୁନେତ୍ରା } ସ୍ତ୍ରୀ ୨ । ଅପ୍ସରାବିଶେଷ—
ଚାରୁନେତ୍ରୀ } 2. Name of a heavenly nymph.

ଚାରୁପର୍ଣ୍ଣୀ—ସଂ. ବି. ସ୍ତ୍ରୀ—(ବହୁବ୍ରୀହି; ଚାରୁ+ପର୍ଣ୍ଣ+ଈ; ଏହାର
Chāruparṇṇī ପତ୍ରମାନ ଦେଖିବାକୁ ସୁନ୍ଦର)—
ପସାରୁଣୀ ଲତା (ଦେଖ)
Pasāruṇī creeper (See)

ଚାରୁପାଣି—ପ୍ରାଦେ (ଗଞ୍ଜାମ) ବି—ମାନ୍ଦ୍ରାଜ ଅଞ୍ଚଳରେ ବ୍ୟବହୃତ ରୋଚକ,
Chārupāṇi ସୁପକ୍ୱ, ଅମ୍ଳ ଓ ରାଗ ରସଯୁକ୍ତ ପାନୀୟ ବିଶେଷ (ଏହାକୁ ଭାତ ସଙ୍ଗେ ଗୋଳାଇ ଖାଆନ୍ତି)—A tasteful acid drink prepared for being taken with boiled rice in Madras presidency.

ଚାରୁଫଳା—ସଂ. ବି. (ବହୁବ୍ରୀହି; ଚାରୁ+ଫଳ+ସ୍ତ୍ରୀ. ଆ)—
Chāruphaḷā ଦ୍ରାକ୍ଷାଲତା; ଅଙ୍ଗୁର ଗଛ—Vine.

ଚାରୁବର୍ଦ୍ଧନା—ସଂ. ବି. ସ୍ତ୍ରୀ(ବହୁବ୍ରୀହି; ଚାରୁ+ବର୍ଦ୍ଧନ+ସ୍ତ୍ରୀ. ଆ)—
Chārubardhanā ସ୍ତ୍ରୀଲୋକ—Woman.

ଚାରୁବ୍ରତା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଚାରୁ+ବ୍ରତ+ସ୍ତ୍ରୀ. ଆ)—
Chārubratā ପୂର୍ଣ୍ଣ ଏକମାସ ପର୍ଯ୍ୟନ୍ତ ଉପବାସ ବ୍ରତ ଆଚରଣ କରିବା (ସ୍ତ୍ରୀ)—(a woman) Observing fast for a whole month.

ଚାରୁରବା—ସଂ. ବି. ସ୍ତ୍ରୀ (ଚାରୁ+ରବ+ସ୍ତ୍ରୀ. ଆ)—ଚାରୁଧାମା (ଦେଖ)
Chārurābā Chārudhāmā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ, ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଦୂଅ' ନ ମିଳିଲେ 'ଦୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' କି ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚାରୁଶିଳା—ସଂ. ବି. (କର୍ମଧା; ଚାରୁ+ଶିଳା)—୧ । ସୁଦୃଶ୍ୟ ପ୍ରସ୍ତର
Chārusilā ଖଣ୍ଡ—1. A beautiful piece of stone.
୨ । ମଣି; ରତ୍ନ—2. Gem.

ଚାରୁଶୀଳ—ସଂ. ବିଣ. ପୁଂ. (ବହୁବ୍ରୀହି; ଚାରୁ+ଶୀଳ=ସ୍ୱଭାବ)—
Chārusīla ୧ । ସତ୍‌ସ୍ୱଭାବବିଶିଷ୍ଟ—1. Of lovely disposition; good-natured.
(ଚାରୁଶୀଳା—ସ୍ତ୍ରୀ)
୨ । ସଚ୍ଚରିତ୍ର; ସୁଶୀଳ—2. Of good conduct; of good morals.
୩ । ନମ୍ରସ୍ୱଭାବ; ମର୍ଯ୍ୟାଦାବନ୍ତ—3. Amiable; modest; good-mannered, of gentle manners.

ଚାରୁଶୀଳତା—ସଂ. ବି (ଚାରୁଶୀଳ+ଭାବ. ତା)—ସୁଶୀଳତା—
Chārusīltā Modesty; elegance of manners; good manners.

ଚାରୁହାସୀ—ସଂ. ବିଣ. ପୁଂ (ଚାରୁ+ହସ୍ ଧାତୁ+ଇନ୍; ୧ମା. ୧ବ)—
Chāruhāsi ଯାହାର ମୁଖ ସର୍ବଦା ହାସ୍ୟଯୁକ୍ତ; ଯେ ମୃଦୁମଧୁର ହସ ହସେ; ହର୍ଷମୁଖ—Having a smiling face or countenance; smiling modestly; with enchanting or enrapturing smiles on the face.
(ଚାରୁହାସିନୀ—ସ୍ତ୍ରୀ)

ଚାରୋଟା—ଗ୍ରା. ବି ଓ ବିଣ (ଅନାଦରାର୍ଥକ)—ଚାରିଟା (ଦେଖ)—
Chārotā Chāritā (See)
(ଚାରୁଟା—ଅନ୍ୟରୂପ)
(ଚାରୁଟି; ଚାରୋଟି—ଆଦରାର୍ଥକ)

ଚାର୍ଚ୍ଚକ—ସଂ. ବିଣ. ପୁଂ (ଚର୍ଚ୍ଚ ଧାତୁ+କର୍ତ୍ତୃ. ଅକ)—ବେଦପାରାୟଣରେ ନିପୁଣ—Proficient in the recital of the Vedas.
Chārchchaka
(ଚାର୍ଚ୍ଚିକା—ସ୍ତ୍ରୀ)

ଚାର୍ଚ୍ଚିକ୍ୟ—ସଂ. ବି (ଚର୍ଚ୍ଚିକା=ଚନ୍ଦନାଦି ଦ୍ୱାରା ବିଲେପନ+ଭାବ. ଯ)—
Chārchchikya ୧ । ଚର୍ଚ୍ଚିକା; ଅଙ୍ଗରେ ଚନ୍ଦନାଦି ଲେପନ—1. Besmearing the body with scented pastes or ointments.
୨ । ଲେପ—2. Liniment; plaster.

ଚାର୍ଜ୍—ବୈଦେ. ବି (ଇଂ)—୧ । ଅପରାଧୀ ବ୍ୟକ୍ତି ଉପରେ ବିଚାରପତି ଧାର୍ଯ୍ୟ କରିବା ଅଭିଯୋଗ—1. Charge framed against an accused.
Chārj
চার্জ
चारज
୨ । କୌଣସି ଅଫିସ୍ ବା କାର୍ଯ୍ୟର ଦାୟିତ୍ୱ; କାର୍ଯ୍ୟଭାର—2. Charge of an office.
୩ । ଜିମ୍ମାଦାରୀ; କୌଣସି ବସ୍ତୁର ସଂରକ୍ଷଣର ଭାର—3. Custody.

ଚାର୍ଜ୍ କରିବା—ଦେ. କ୍ରି —(ବିଚାରପତି) ମୁଦେଇର ସାକ୍ଷୀମାନଙ୍କଠାରୁ ଆସାମୀ ବିପକ୍ଷରେ ଅପରାଧର ପ୍ରମାଣ ଗ୍ରହଣ କରି ଅପରାଧୀ ନାମରେ ଅଭିଯୋଗ ଲିପିବଦ୍ଧ କରିବା—(a Court) To frame a charge against an accused.
Chārj karibā
চার্জকরা
चारजकरना

ଚାର୍ଜ୍ ଦେବା—ଦେ. କ୍ରି—ନୂତନ ନିଯୁକ୍ତ କର୍ମଚାରୀକୁ ପୂର୍ବବର୍ତ୍ତୀ କର୍ମଚାରୀ ଆପଣା ଉପରେ ନ୍ୟସ୍ତ କର୍ମର ଭାର ଅର୍ପଣ କରିବା—To make over charge.
Chārj debā
চার্জদেওয়া
चारजदेना

ଚାର୍ଜ୍ ନେବା—ଦେ. କ୍ରି — ପୁରାତନ ଭାରପ୍ରାପ୍ତ କର୍ମଚାରୀଙ୍କଠାରୁ ନବନିଯୁକ୍ତ ବ୍ୟକ୍ତି ଅଫିସ୍‌ର ଭାର ଗ୍ରହଣ କରିବା—To take over charge from the former incumbent.
Chārj nebā
চার্জলওয়া
चारजलना

ଚାର୍ଜ ଫରଦ—ବୈଦେ. ବି (ଇଂ. ଚାର୍ଜ୍ ଓ ଫା. ଫରଦ୍=କାଗଜଖଣ୍ଡ)—
Chārj pharada ୧ । ଆସାମୀ ବିପକ୍ଷରେ ନିର୍ଦ୍ଧାରିତ ଅଭିଯୋଗ ଲିପିବଦ୍ଧ ହୋଇଥିବା କାଗଜ—1. Charge-sheet.
চার্জফর্দ
चारजकाफरद
୨ । ନବନିଯୁକ୍ତ କର୍ମଚାରୀ ପୁରାତନ କର୍ମଚାରୀଙ୍କଠାରୁ ଚାର୍ଜ୍ ବୁଝିନେବା ସମୟରେ ପ୍ରସ୍ତୁତ ତାଲିକା—2. List of items taken charge of.

ଚାର୍ଜ୍ ବୁଝା(ଝେ)ଇବା—ଦେ. କ୍ରି—ଚାର୍ଜ୍ ଦେବା (ଦେଖ)
Chārj bujhā(e)ibā Chārj debā (See).
চার্জবুঝান
चारजबुझाना

ଚାର୍ଜାମା—ବୈଦେ. ବି—ଚାରଜାମା (ଦେଖ)
Chārjāmā Chārijāmā (See).

ଚାର୍ବଙ୍ଗ—ସଂ. ବିଣ. ପୁଂ (ବହୁବ୍ରୀହି; ଚାରୁ+ଅଙ୍ଗ; ସନ୍ଧିରେ ଉ+ଅ=ବ)—ଯାହାର ଅଙ୍ଗ ବା ଶରୀର ସୁନ୍ଦର ଓ କୋମଳ—Having a soft, graceful and well-proportioned body and limbs.
Chārbaṅga
(ଚାର୍ବଙ୍ଗୀ—ସ୍ତ୍ରୀ)

ଚାର୍ବାକ—ସଂ. ବି (ବହୁବ୍ରୀହି; ଚାରୁ+ବାକ୍; ଯାହାଙ୍କର ବାକ୍ୟ ଆପାତମଧୁର)—୧ । ନାସ୍ତିକତା ବା ଅନୀଶ୍ୱରବାଦପ୍ରତିପାଦକ ଦର୍ଶନଶାସ୍ତ୍ରପ୍ରଣେତା ଋଷିବିଶେଷ—1. Name of a sage; the propounder of the materialistic or atheistic system of Hindu Philosophy; name of a sophistical philosopher of ancient India.
Chārbāka

[ଦ୍ର—ଚାର୍ବାକ କେବେ ଜନ୍ମିଥିଲେ ଓ ସେ କେଉଁ କାଳର ଲୋକ ତହିଁର କିଛି ଦୃଢ଼ ପ୍ରମାଣ ମିଳି ନାହିଁ । ସେ ବୃହସ୍ପତିଙ୍କ ଶିଷ୍ୟ ଥିଲେ ଓ ତାଙ୍କ ପ୍ରଚାରିତ ମତ ବିଷୟ ଚାଣକ୍ୟଙ୍କ ଅର୍ଥଶାସ୍ତ୍ର, ନୈଷଧର ସପ୍ତଦଶ ସର୍ଗ, ପଦ୍ମପୁରାଣ, ବିଷ୍ଣୁପୁରାଣ ଓ ଲିଙ୍ଗପୁରାଣରେ ଉଲ୍ଲେଖ ଅଛି । ଚାର୍ବାକ ଈଶ୍ୱର, ପୁନର୍ଜନ୍ମ ଓ ପରଲୋକ ସ୍ୱୀକାର କରୁ ନ ଥିଲେ, ସେ କେବଳ ଆତ୍ମାକୁ ମାନୁ ଥିଲେ । ଅନୁଭବ ଉପରେ ନିର୍ଭରକରିବା ଏବଂ ଅନୁମାନ ଉପରେ ନିର୍ଭର ନ କରିବା ପାଇଁ ସେ ଉପଦେଶ ଦେଇ ଅଛନ୍ତି । ତାଙ୍କ ମତ ସର୍ବଦର୍ଶନସଂଗ୍ରହ, ସର୍ବଦର୍ଶନ-

୧	ଇ	ଉ	ର୍ୟ,ର୍ଯ୍ୟ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇୟ	ଓଅ	ଢ
୨	ଈ	ଊ	ଋ	ଌ	ଯୈ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ତ

ଶିରୋମଣି ଓ ବୃହସ୍ପତିସୂତ୍ରରେ ଅଛି । ରାମାୟଣରେ ଜାବାଳ ଋଷି ରାମଚନ୍ଦ୍ରଙ୍କୁ ବନକୁ ନ ଯାଇ ଘରକୁ ଲେଉଟି ଯିବାକୁ ଯେଉଁ ଉପଦେଶ ଦେଇ ଅଛନ୍ତି ଚାର୍ବାକଙ୍କ ମତ ସଙ୍ଗେ ତାହା ମିଳୁଅଛି । ଚାର୍ବାକଙ୍କ ମତରେ ସୁଖହିଁ ଜୀବନର ଏକ ମାତ୍ର ଲକ୍ଷ୍ୟ ଅଟେ । ତାଙ୍କର ଗୋଟିଏ ପଦ ସାଧାରଣଙ୍କ ମୁଖରୁ ଶୁଣାଯାଏ 'ଯାବତ୍ ଜୀବେତ୍ ସୁଖଂ ଜୀବେତ୍, ଋଣଂ କୃତ୍ୱା ଘୃତଂ ପିବେତ୍'— ଦ୍ର. ଶବ୍ଦସାଗର ।]

୨ । ରାକ୍ଷସବିଶେଷ — 2. Name of a demon who was engaged by Durjodhana to assassinate Judhishṭhira.

[ଦ୍ର—ଯୁଧିଷ୍ଠିରଙ୍କୁ ହତ୍ୟା କରିବା ସକାଶେ ଦୁର୍ଯ୍ୟୋଧନ ଏହି ରାକ୍ଷସକୁ ନିଯୁକ୍ତ କରି ଥିଲେ । ଯୁଧିଷ୍ଠିରଙ୍କର ହସ୍ତିନାପୁରରେ ପ୍ରବେଶ କାଳରେ ଏ ବ୍ରାହ୍ମଣରୂପ ଧରି ତାହାଙ୍କୁ ଗାଳି ଦେଲା । ପରେ ବ୍ରାହ୍ମଣମାନେ ଏହାକୁ ଚିହ୍ନି ପାରି ହତ୍ୟା କଲେ ।]

ଚାର୍ବାକ ଦର୍ଶନ—ସଂ. ବି. (ନାମ)—ଚାର୍ବାକ ମୁନିଙ୍କ ପ୍ରବର୍ତ୍ତିତ ନାସ୍ତିକତା-ପ୍ରତିପାଦକ ଦର୍ଶନଶାସ୍ତ୍ରବିଶେଷ—
Chārbāka darśana
The system of atheistic or materialistic Philosophy propounded by sage Chārbāka.

ଚାର୍ବା—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—କାମୁଡ଼ା—
Chārba Currish.

ଚାର୍ବୀ—ସଂ. ବିଣ. ସ୍ତ୍ରୀ. (ଚାରୁ+ସ୍ତ୍ରୀ. ଈ)—ସୁନ୍ଦରୀ—
Chārbi Beautiful; of charming appearance; handsome (female).
ଚାରୁ—ପୁଂ

ସଂ. ବି—୧ । ସୁନ୍ଦରୀ ସ୍ତ୍ରୀ—
1. A handsome damsel.

୨ । କୁବେରଙ୍କ ପତ୍ନୀ—
2. The wife of the Hindu God of wealth.

୩ । ଶୋଭା; ଦୀପ୍ତି; ଆଭା—
3. Beauty; charm; lustre.

୪ । ଜ୍ୟୋତ୍ସ୍ନା—4. Moon-light.

୫ । ବୁଦ୍ଧି—5. Intelligence

୬ । ଦାରୁ ହଳଦୀ (ଦ୍ର. ଶବ୍ଦସାଗର)—
6. A kind of wild turmeric.

ପ୍ରାଦେ. (ସମ୍ବଲପୁର) ବିଣ. ସ୍ତ୍ରୀ—କାମୁଡ଼ା—
Currish; snappish.

ଚାର୍ମ—ସଂ. ବିଣ. (ଚର୍ମ+ସମ୍ବନ୍ଧାର୍ଥେ. ଅ)—
Chārma ୧ । ଚର୍ମ ସମ୍ବନ୍ଧୀୟ—
1. Relating to the skin.

୨ । ଚର୍ମ ନିର୍ମିତ—
2. Made of skin; leathern.

ସଂ. ବି—ଚର୍ମାବୃତ ଯାନ—A conveyance covered over with leather.

ଚାର୍ମଣ—ସଂ. ବିଣ. (ଚର୍ମନ୍+ଅ)—
Chārmaṇa ଚର୍ମାବୃତ; ଚମଡ଼ାଘୋଡ଼ାଣି—
(ଚାର୍ମଣୀ—ସ୍ତ୍ରୀ) Covered with skin.

ସଂ. ବି—ଚର୍ମସମୂହ—A multitude or number of hides.

ଚାର୍ମିକ—ସଂ. ବିଣ. (ଚର୍ମ+ନିର୍ବୃତ୍ତ ଓ ବ୍ୟବସାୟ ଅର୍ଥେ. ଇକ)—
Chārmika ୧ । ଚର୍ମନିର୍ମିତ—
1. Leathern; made of skin.

୨ । ଚର୍ମ ବ୍ୟବସାୟୀ—
2. Dealing in hide or leather.

ଚାର୍ମିଣ—ସଂ. ବି. (ଚର୍ମିନ୍+ସମୂହାର୍ଥରେ. ଅ)—
Chārmiṇa ଢାଲ-ସଜ୍ଜିତ ବହୁଲୋକ—A number of warriors armed with leathern shields.

ଚାଲ୍—ଦେ. ବି. (ସଂ. ଚଲ୍ ଓ ଚର ଧାତୁ; ଫା. ଚାଲ)—
Chāl ୧ । ଦେଶାଚାର; ରୀତି; ପ୍ରଥା—
চাল 1. Custom; usage.
चाल ୨ । ଅଭ୍ୟାସ—2. Habit.

୩ । ପ୍ରଣାଳୀ; କାର୍ଯ୍ୟର ଧାରା—
3. Method; manner; course of action.

୪ । ବ୍ୟବହାର; ଆଚରଣ—
4. Conduct; treatment; behaviour.

୫ । ସ୍ୱଭାବ; ଚରିତ୍ର—5. Character.

୬ । କୌଶଳ—6. Skill; dexterity.

୭ । ଫନ୍ଦି; ଫିକର—
7. Tactics; tactful movement.

୮ । ଚଳନ; ଗତି; ଚାଲି—
8. Movement; motion; course.

୯ । ଧରଣ; ଢପ; ଢଙ୍ଗ—9. Mode; manner.

୧୦ । ପଶା ଓ ସତରଞ୍ଚ ଆଦି ଖେଳରେ ଗୋଟିକୁ ଏକ ଘରୁ ଅନ୍ୟ ଘରକୁ ଚାଳନ—10. A move of the play-balls in a game of chess or dice.

୧୧ । ସଂସାରରେ ଚଳିବା ରୀତି ବା ପ୍ରଣାଳୀ—
11. Mode of living.

୧୨ । ପ୍ରଚଳନ—12. Currency; use.
(ଯଥା—ଏ ଦେଶରେ ପାଉଣ୍ଡ୍, ଶିଲିଙ୍ଗ୍ ଆଦିର ଚାଲ୍ ନାହିଁ)

୧୩ । କପଟ; କୂଟ 13. Fraud; trick.

୧୪ । ଚାଲାକି—14 Cleverness; trickery.

ଚାଲ୍ ଚଲଣ—ଦେ. ବି—ଚାଲ୍‌ଚଲଣି (ଦେଖ)
Chāl chalaṇa Chālchalaṇi (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଗ୍ଘ ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

ଚାଲ୍ ଚଳଣି—ଦେ. ବି. (ସଂ. ଚଳ ଧାତୁ)—୧ । ଆଚରଣ—
Chāl chalaṇi — 1. Conduct; deportment.
चालचलन — ୨ । ବ୍ୟବହାର—2. Behaviour.
চালচলন — ୩ । ସ୍ୱଭାବ; ଚରିତ୍ର—3. Character.
ଚାଲ୍‌ଚଲନ୍, ଚାଲ୍‌ଚଳନ୍, ଚାଲଚଳନ, ଚାଲଚଳଣି } ଅନ୍ୟରୂପ
୪ । ରୀତିନୀତି—4. Custom; usage
୫ । ପରସ୍ପର ମିଶାମିଶି; ଯାତାୟାତ—5. Intercourse; communion.
୬ । ସମ୍ପର୍କ—6. Connection.
୭ । ସମାଜରେ ଚଳିବା—7. Social intercourse.

ଚାଲ୍ ଚାଲିବା—ଦେ. କ୍ରି—୧ । ଫନ୍ଦି ବା କୌଶଳରେ କାର୍ଯ୍ୟ କରିବା—1. To move tactfully.
Chāl chāliba
चालचला (ଯଥା—ସେ ମୋ ସଙ୍ଗେ ଚାଲ୍ ଚାଲିଛି ।)
চালচলনা ୨ । ବଶିଷ୍ଟ ଧରଣରେ ଚଳିବା—
2. To go on with a particular mode of life.

ଚାଲ୍‌ନି—ପ୍ରାଦେ (ସମ୍ବଲପୁର) ବି (ସଂ. ଚାଳନୀ; ଭୁଲ. ହି. ଚଲ୍‌ନୀ; ଛଲ୍‌ନୀ)—ଚାଲୁଣୀ—Sieve.
Chālni

ଚାଲ୍‌ବାଜ୍—ବୈଦେ. ବିଣ (ହି. ଚାଲ୍+ଫା. ବାଜ୍)—
Chālbāj — ୧ । କୌଶଳୀ; ଫନ୍ଦିବାଜ୍—
चालबाज 1. Crafty; artful; plotting; machinating; tactician.
চালবাজ
(ଚାଲ୍‌ବାଜୀ—ବି) ୨ । ପ୍ରବଞ୍ଚକ—2. Fraudulent.

ଚାଳ—ସଂ. ବି (ଚଳ୍ ଧାତୁ=କମ୍ପିତ କରିବା, ଗମନ କରିବା+କର୍ତ୍ତୃ. ଅ)
Chāḷa ୧ । ଘରର କ୍ରମନିମ୍ନ ଛପର; ଗୃହପଟଳ—
चाल 1. The sloping thatch of a house.
চালা; ছপর

ବସେ ନିଜ ସ୍ଥାନରେ ଗଉଡ଼ଙ୍କ ଉର୍ଦ୍ଧ୍ୱରେ
ମନ୍ଦର ଚାଳ ନିକଟରେ ସେ—ଭଞ୍ଜ. ବୈଦେହୀଶବିଳାସ ।

୨ । କଡ଼ାଘରର ତୃଣାଚ୍ଛାଦନ—
2. Reed-covering of a thatched house.
୩ । ଖଞ୍ଜନପକ୍ଷୀ; ସ୍ୱର୍ଣ୍ଣଚୂଡ଼ ପକ୍ଷୀ (ହି. ଶବ୍ଦସାଗର)—
3. The blue jay.
୪ । (+ଭାବ. ଅ) ଚଳନଶୀଳତା—
4. The state of being movable.

ଚାଳ ଅଟୁ—ପ୍ରାଦେ (ଗଡ଼ଜାତ) ବି—ଯେଉଁ ଅଟୁ ଚାଳପର ଦୁଇଆଡ଼କୁ ପାହାଡ଼ିଆ ହୋଇଥାଏ; ଦକ୍ଷିଣୀ ଅଟୁ—A double-thatched house of which the mud-thatch is sloping towards both sides.
Chāḷa-āṭu

ଚାଳକ—ସଂ. ବି. ପୁଂ (ଚଳ୍ ଧାତୁ ଣିଚ=ଚାଳ ଧାତୁ+କର୍ତ୍ତୃ. ଅକ)—
Chāḷaka ୧ । ଗାଡ଼ି ଚଳାଇବା ବ୍ୟକ୍ତି—
(ଚାଳକା—ସ୍ତ୍ରୀ) 1. The driver of a vehicle.
୨ । ପରିଚାଳକ; ତତ୍ତ୍ୱାବଧାରକ—
2. Superintendent; guide.
୩ । କୌଣସି ଯନ୍ତ୍ରକୁ ଚଳାଇବା ବ୍ୟକ୍ତି—
3. Conductor of a machine.
୪ । ନେତା—4. Leader.
୫ । ମତ୍ତ ହସ୍ତୀ—5. A mad or infuriated elephant.
୬ । ଯେଉଁ ହାତୀ ଅଙ୍କୁଶକୁ ମାନେ ନାହିଁ (ହି. ଶବ୍ଦସାଗର)—
6. An elephant which does not mind the goad.
୭ । ନୃତ୍ୟରେ ଭାବପ୍ରକାଶ ବା ଗୃହୀତଭାବକାଶ କରିବାପାଇଁ ନର୍ତ୍ତକର ହସ୍ତଚାଳନ କ୍ରିୟା (ହି. ଶବ୍ଦସାଗର); ପାଉଜା—
7. A significant movement of the hands of a dancer to gracefully express the sentiment of the song.
ସଂ. ବିଣ. ପୁଂ—ଚାଳନକାରୀ; ଯେ ଚଳାଏ—Conducting; driving; guiding; causing to move.
ଦେ. ବି—୧ । କୌଣସି ବ୍ୟକ୍ତି ପ୍ରତି ମନ୍ତ୍ରଯନ୍ତ୍ରାଦିର ପ୍ରୟୋଗ—
1. Employing charm or black art against a person.
(ଯଥା—ସେ ଅମୁକଙ୍କୁ ଚାଳକ କରିଛି ।)
୨ । ଉଚ୍ଚାଟନ; ଉତ୍ତେଜନ—
2. Irritating; exciting; inciting.

ଚାଳକ କରିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ଉଚ୍ଚାଟନ କରିବା ବା ବଶ କରିବା ସକାଶେ ତାହା ପ୍ରତି ମନ୍ତ୍ରଯନ୍ତ୍ର ପ୍ରୟୋଗ କରିବା—1. To employ charms against a person to bring him under control or to madden him.
Chāḷaka karibā
୨ । କଥାରେ ଚଳାଇବା; ଚିଡ଼ାଇବା—
2. To tease or provoke by words.

କୃଷ୍ଣ କହିଲେ ହସ୍ତିପାଳକ, କଥା କହୁଛ କରି ଚାଳକ—
ଗୋପାଳକୃଷ୍ଣ· ରସକଲ୍ଲୋଳ ।

ଚାଳକ ଲଗା(ଗେ)ଇବା—ଦେ. କ୍ରି—ଚାଳକ କରିବା ୧ (ଦେଖ)—
Chāḷaka lagā(e)ibā Chāḷaka karibā 1 (See)

ଚାଳକୁଡ଼ି—ପ୍ରାଦେ (ଗଡ଼ଜାତ) ବି—ଚାଳିତାଟି (ଦେଖ)—
Chāḷakurḍi Chāḷitāṭi (See)

ଚାଳକୁଣ୍ଡ—ସଂ. ବି (ନାମ)—ଓଡ଼ିଶାର ପୁରୀଜିଲ୍ଲା ଓ ଗଞ୍ଜାମର ପୂର୍ବ-ପ୍ରାନ୍ତସ୍ଥ ସାମୁଦ୍ରିକ ହ୍ରଦ; ଚିଲିକାହ୍ରଦ (ହି. ଶବ୍ଦସାଗର)—The Chilka lake lying in the districts of Puri and Ganjam.
Chāḷakuṇḍa

ଚାଳଧୁଆ—ପ୍ରାଦେ (ମେଦିନୀପୁର) ବି—କଣ୍ଟାଳିଆ ଶ୍ୱେତ ବୃକ୍ଷବିଶେଷ—Erythrena Suberosa; a thorny shrub.
Chāḷadhuā

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ୱ
୨	ଈ	ଊ	ରୁ	'ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ୱ	ନ୍ତ

ଚାଳନ—ସଂ. ବି (ଚଲ୍ ଧାତୁ ଣିଚ=ଚାଳି ଧାତୁ+ଭାବ. 'ଅନ)—
Chāḻana ୧ । ସ୍ଥାନାନ୍ତର କରିବା; ଚଳାଇବା କର୍ମ—
1. Causing motion; moving a thing.
୨ । (ଅବୟବ ଆଦି) ଇତସ୍ତତଃ ଘୂରାଇବା—2. Brisk exercise; moving to and fro; brandishing.
୩ । ପରିଚାଳନ—3. Management.
୪ । ଖେଳାଇବା; ସଞ୍ଚାଳନ—
4. Movement; ventilation.
୫ । କାର୍ଯ୍ୟରେ ଲଗାଇବା; ପ୍ରୟୋଗ କରିବା—
5. Application.
୬ । ହୁଗୁଳାଇବା—6. Loosening.
୭ । ହଲାଇବା—7. Shaking; wagging.
୮ । ଚାଲୁଣି—8. A sieve; a strainer.
୯ । (+କରଣ ଅନ) ଚାଲୁଣିରେ ଚଲାଇ କରି ଛାଣିବା—
9. Sifting or straining through a sieve.
୧୦ । ଗତି; ଗମନ (ହି. ଶବ୍ଦସାଗର)—
10. Movement; motion.

ଚାଳନା—ସଂ. ବି (ଚଲ୍ ଧାତୁ ଣିଚ=ଚାଳିଧାତୁ+ଭାବ. ଅନ+ଆ)—
Chāḻanā ୧ । ଆନ୍ଦୋଳନ—1. Agitation.
୨ । ଅନୁଶୀଳନ—2. Exercise.
୩ । ଚର୍ଚ୍ଚା—3. Practice; discussion.
୪ । ଗତି—4. Movement; moving
୫ । ଗତି କରାଇବା—5. Causing anything to move.
୬ । ନିୟନ୍ତ୍ରିତ କରିବା; ନିୟମନ; ପରିଚାଳନ—
6. Guidance; regulation.
୭ । ସୂଚନା; ପ୍ରସ୍ତାବ—7 Hint; proposal.

ଚାଳନୀ—ସଂ. ବି. ସ୍ତ୍ରୀ (ଚାଳିଧାତୁ+କରଣ. ଅନ+ସ୍ତ୍ରୀ ଈ)—ଚାଲୁଣୀ—
Chāḻanī Sieve; a strainer.

ଚାଳନୀୟ—ସଂ. ବିଣ (ଚଲ୍ ଧାତୁ. ଣିଚ=ଚାଳିଧାତୁ+କର୍ମ. ଅନୀୟ)—
Chāḻanīya ୧ । ଚାଳିତ ହେବା ଯୋଗ୍ୟ—1. Capable of being moved.
୨ । ଚାଲୁଣୀରେ ଚଲା ହେବା ଯୋଗ୍ୟ—
2. Fit to be sifted or strained.
୩ । ହୁଗୁଳା ଯିବା ଯୋଗ୍ୟ; ଯାହା ହୁଗୁଳା କରିବା ଉଚିତ—
3. Fit to be loosened.

ଚାଲ ବୁଲ—ଦେ. ବି—୧ । ଚଲାବୁଲା; ଯିବା ଆସିବା; ଗମନାଗମନ—
Chāla bula 1. Coming and going.
चलाफिरा ୨ । ଭ୍ରମଣ—2. Walking; walk.
चलाफिरता, डोलडाल

ଚାଳ—ଦେ. ବି (ସଂ. ଛାଦ)—ଘରର ଚାଳ ବା ଛପର—
Chāḻa Thatch of a house.

ଚାଲା—ପ୍ରାଦେ. (ଗଡ଼ଜାତ) ଓ. ଗ୍ରାମ୍ୟ. (ଇତର) ବି (ସଂ. ଚେଟକ; ପ୍ରା. ଚେଡ଼ା)—ଚେଲା; ଶିଷ୍ୟ—Disciple.
Chālā
ଦେ. ବି (ସଂ. ଚଳନ)—ଚାଲି (ଦେଖ)
Chāli (See)

ଚାଲାକ (ଇତ୍ୟାଦି)--ବୈଦେ.ବିଣ (ଫା. ଚାଲାକ୍)—ଚଲାକ ଇତ୍ୟାଦି(ଦେଖ)
Chālāka (etc) Chalāka etc (See)
(ଚାଲାଖ—ଅନ୍ୟରୂପ)

ଚାଲାକି (ଇତ୍ୟାଦି)---ବୈଦେ.ବି (ଫା. ଚାଲାକୀ)--ଚଲାକି ଇତ୍ୟାଦି (ଦେଖ)
Chālāki etc) Chalāki etc. (See)
(ଚାଲାଖି —ଅନ୍ୟରୂପ) ସେଠାରୁ ଚାଲାକି କରି କୈକେୟୀ ନକେ କହିଲେ—
ଗୀତକଣ୍ଠ ଦାଶ· ପଦ୍ମଙ୍କ ରାମାୟଣ ।

ଚାଲାକିଆ—ଦେ. ବିଣ—ଚଲାକିଆ (ଦେଖ)
Chālākiā Chalākiā (See)
(ଚାଲାଖିଆ—ଅନ୍ୟରୂପ)

ଚାଲାଖି (ଇତ୍ୟାଦି)—ବୈଦେ. ବି (ଫା.)—ଚଲାକି ଇତ୍ୟାଦି (ଦେଖ)
Chālākhi (etc) Chalāki etc (See)

ଚାଲାଣ—(ଇତ୍ୟାଦି) ଦେ. ବି—ଚଲାଣ ଇତ୍ୟାଦି (ଦେଖ)
Chālāṇa (etc) Chalāṇa etc (See)

ଚାଲାଣି—ଦେ. ବି ଓ ବିଣ—ଚଲାଣି (ଦେଖ)
Chālāṇi Chālāṇi (See)

ଚାଳି—ଦେ. ବି (ସଂ. ଛାଦି)—୧ । ଛୋଟ ଚାଳ—
Chāḻi 1. A small thatch.
একচালা ୨ । ଏକପାଖକୁ ଛାଲୁ ଚାଳ ଥିବା ଘର; ଏକଚାଳିଆ ଘର -
एकचाला A house having one sloping thatch only; a thatched lean-to.

ଚାଲି—ଦେ. ବି. (ସଂ. ଚଲ୍ ଧାତୁ)—୧ । ଗମନ; ଭ୍ରମଣ; ପାଦଚାରଣ—
Chāli 1. Walking.
চলন ହେଲେ ଯେ ମନ୍ଦରସ୍ତନୀ ତୋ ସୁନ୍ଦର ଚାଲିରେ କରିବ ଦୃଷ୍ଟିଦାନ ।
चाल କବିସୂର୍ଯ୍ୟ, ସଙ୍ଗୀତ ।
୨ । ଗମନ କରିବାର ରୀତି—2. Gait; mode of walking; deportment.
୩ । ଗତିର ବେଗ—3. Velocity.
୪ । ଆଚରଣ—4. Conduct.
ତରୁତଳ ଚାଲି ଉପ୍ସମ୍ବୁ । କବିସୂର୍ଯ୍ୟ· କଶୋଗୀତନ୍ଧ, ବ ଗୀତ ।

ଚାଳିଆ—ଦେ. ବି—ଚାଳି (ଦେଖ)
Chāḻiā Chāḻi (See)
ଦେ. ବିଣ.—(ଅନ୍ୟ ଶବ୍ଦ ପରେ ଯୁକ୍ତ ହୋଇ)—ଚାଳ ବା ଛପରଯୁକ୍ତ—(used in compound) Thatched; having such or such a thatch.
(ଯଥା—ଏକଚାଳିଆ, ଦୋଚାଳିଆ, ନାହାଚାଳିଆ ।)

ଚାଳିତ—ସଂ. ବିଣ.—(ଚଲ୍ ଧାତୁ, ଣିଚ+କର୍ମ. ତ)—୧ । ସଞ୍ଚାଳିତ -
Chāḻita 1. Caused to move; made to move.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ସ୍ଥାନାନ୍ତରିତ—2. Moved away; transferred.
୩ । ଆନ୍ଦୋଳିତ—3 Agitated, stirred.
୪ । ପ୍ରସ୍ତାବିତ—4. Proposed.
୫ । ଅନୁଶୀଳିତ—5. Exercised.

ଚାଲି ତାଟି—ପ୍ରାଦେ. (ଗଡ଼ଜାତ) ବି.—ଦୁଇ ପାଖରେ ବାଉଁଶବତା
Chāli tāti ଦ୍ୱାରା ବୁଣା ଯାଇ ତିଆର କରି ଯାଇଥିବା ଏକ ପ୍ରକାର ସ୍ଥାନାନ୍ତରଯୋଗ୍ୟ ଚାଳ ବା ଛପର—
A movable frame of thatch which is bound by split bamboos on both sides.
[ଦ୍ର—ଏହି ଚାଳିର ମଝି ବାଉଁଶକୁ ଟେକି ଦେଲେ ଦୁଇ ପାଖକୁ ଚାଳର ଦୁଇଟି ପଞ୍ଜରା ଓହୋଳି ପଡ଼େ । ଲୋକେ ଏ ପ୍ରକାର ଚାଳକୁ ସହଜରେ ଉଠାଇ ନେଇ ଖୁଣ୍ଟ ଉପରେ ଉଚ୍ଚ ଭିଡ଼ କରି ଭିଡ଼ଉପରେ କୁଡ଼ିଆ ମାରି ଜଙ୍ଗଲ ଭିତରେ କ୍ଷେତ ଜଗନ୍ତି ଓ ଫସଲ ଉଠିଯାଇ ଜଗିବା କାର୍ଯ୍ୟ ଶେଷ ହେଲେ ଚାଳତାଟିକୁ ପୁଣି ଉଠାଇ ଆଣନ୍ତି ।]

ଚାଲିବା—ଦେ. କ୍ରି. (ସଂ. ଚଲ୍ ଧାତୁ. ଣିଚ=ଚାଳ ଧାତୁ; 'ଚଳବା'ର
Chāliba ଣିଜନ୍ତରୂପ)—୧ । ଚାଳନ କରିବା; ଗତି କରାଇବା—
ଚାଲାନ 1. To move; to set in motion.
ଚଲାନା ହେ ଜଳଧର, ବରଷି ପାଦ ମଞ୍ଜୀର ଚାଳ ।
(ଚଳାଇବା—ଅନ୍ୟରୂପ) ଭକ୍ତ. ପ୍ରେମସୁଧାନିଧି ।
୨ । ଉତ୍ତେଜିତ କରିବା; ଟେହିବା; ମତାଇବା—
2. To excite; to incite; to instigate.
ଅଳୀକ ଅଳାପି ତାକୁ ଦେଉଥିଲା ପ୍ରତିପଦରେ କେଳିତପଦତ—
କବିସୂର୍ଯ୍ୟ. ସଙ୍ଗୀତ ।
୩ । ଆନ୍ଦୋଳିତ କରିବା—3. To stir up; to agitate.
୪ । ରଗାଇବା; ଚଡ଼ାଇବା—
4. To make angry; to irritate.
ଏତେ ଅଶାନ୍ତ ଆଚରିଲେ । ନିର୍ଗୁଣ ମୁନିଙ୍କି ଚାଳିଲେ—
ଜଗନ୍ନାଥ. ଭାଗବତ ।
୫ । (ବିବାହାଦି କାର୍ଯ୍ୟ) ସମ୍ପନ୍ନ ହେବା ବିଷୟରେ ସାହାଯ୍ୟ କରିବା—5. To help some one in accomplishing a work.
୬ । (ମୁଣ୍ଡ, ହାତ, ଯଷ୍ଟି) ହଲାଇବା—6. To shake from one side to another; to brandish.
୭ । ଅଭାବ ବା ଗରଜ ପୂରଣ କରିବା; ଆବଶ୍ୟକ ପଡ଼ିବା ବେଳେ ସାହାଯ୍ୟ କରିବା—7. To help a person in need.
୮ । ସ୍ଥାନାନ୍ତରିତ କରିବା; ଘୁଞ୍ଚାଇବା—
8. To remove; to shuffle.
ଉଦ୍ଧବ ବୃଦ୍ଧତ ବଦନ । ଚେଲେଣ ଚାଳଲ ଅସନ—
ଜଗନ୍ନାଥ. ଭାଗବତ ।

୯ । (ପଶାଖେଳ ଆଦିରେ ସାରିକୁ) ଦାନ ପକାଇ ଦାନ ଅନୁସାରେ ଏକ ଘରୁ ଅନ୍ୟ ଘରକୁ ନେବା—
9. To move the chessmen on a chess-board or dice-board from one room to another according to the throw.
୧୦ । (ଗାଡ଼ି, ଘୋଡ଼ା ଓ ଯନ୍ତ୍ରାଦି) ଚାଳିତ କରିବା—
10. To conduct or drive (a conveyance or animal).
୧୧ । (କୌଣସି ସମ୍ବାଦ) ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପଠାଇବା—11. To circulate (some news).
ଚାଳିଲ ଯେବେ ମୁଁ ଶୁଭ ସନ୍ଦେଶ—କବିସୂର୍ଯ୍ୟ. କବିତା ।
୧୨ । ମନ୍ତ୍ରଯନ୍ତ୍ର ଦ୍ୱାରା କୌଣସି ବ୍ୟକ୍ତିକୁ ଉନ୍ମତ୍ତ କରିବା—
12. To madden or excite a person by the use of charms.
୧୩ । (ସାପକୁ) ଖେଳାଇବା; ସାପର ଦେହରେ ହାତ ମାରି ଓ ପଦ୍ମତୋଳା ବୋଲି ତାକୁ ଗତିବିଶିଷ୍ଟ କରିବା—
13. To cause a snake to move by exciting it
ଶବ୍ଦକାର କୋହ କଳା ନାଗକୁ ଚାଳିଲୁ ରେ—
କବିସୂର୍ଯ୍ୟ. ଚଉପଦୀଭୂଷଣ ଗୀତ ।

ଚାଲିବା—ଦେ. କ୍ରି (ସଂ. ଚଲ୍ ଧାତୁ)—୧ । ଗତି କରିବା—
Chāliba 1. To move.
ଚଲୋ ଚାଲିଲେ ମହେନ୍ଦ୍ର ତେଣେ ଅନଳ ସହିତେ—ରାଧାନାଥ. ମହାଯାତ୍ରା ।
ଚଲନା ୨ । ଭ୍ରମଣ କରିବା; ପାଦଚାରଣ କରିବା—
[ଚଲା(ଲେ)ଇବା—ଣିଜନ୍ତରୂପ] 2 To walk.
୩ । ପୂର୍ବପରି ଗତି କରିବା—
3. To continue; to go on as before.
୪ । ଘଟିବା—4. To happen.
୫ । (କାର୍ଯ୍ୟ) ଚଳିବା; ପରିଚାଳିତ ହେବା—
5. To be conducted or moved.
୬ । ବ୍ୟବହାରରେ ଲାଗିଥିବା—
6. To be used or utilised.
୭ । ଗମନାଗମନ କରିବା—7. To come and go.
୮ । ଲମ୍ବଭାବରେ ପାଇତ ହେବା—
8. To be laid along.
(ଯଥା—କାନ୍ଥ ଉପରେ ଉପରେ ଶ୍ରେଣୀ ଚାଲିଛି ।)
[ଦ୍ର—ଚାଲିବା କ୍ରିୟାର ଅସମାପିକାରୂପ ସଙ୍ଗେ ଆସିବା, ଯିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଚାଲି ବେଲି—ଦେ. ବି—ଚାଲ୍‌ଚଳଣି (ଦେଖ)
Chāli beli Chāl chalani (See)
ଅର୍ଜୁନଙ୍କର ଚାଲିବେଲିଟି ଯେତେକଟି
ଦେଖ ଏହା ଦେହରେ ଅଛି ତ ତେତେକ—କୃଷ୍ଣସିଂହ. ମହାଭାରତ. ବନପର୍ବ ।

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଡ଼ଅ	ଋ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ନ୍ଥ

ଚାଲି ଯିବା—ଦେ. କ୍ରି—୧ । ପାଦରେ ଗତି କରି କୌଣସି ସ୍ଥାନକୁ ଯିବା—
Chāli jibā 1. To go by walking on foot; to walk.
চলেযাওয়া
चला जाना

୨ । କୌଣସି ସ୍ଥାନ ପରିତ୍ୟାଗ କରିବା; ପ୍ରସ୍ଥାନ କରିବା—To leave; to depart; to to go away.

୩ । (ଶୁଭବାଦନ) ମରିଯିବା—3. (Euphemism) To die; to pass away.

୪ । ସଂସାର ତ୍ୟାଗ କରିବା; ବୈରାଗ୍ୟ ବା ବାନପ୍ରସ୍ଥ ଅବଲମ୍ବନ କରିବା—4. To retire from worldly concerns; to renounce the world.

୫ । (କାର୍ଯ୍ୟ) ଚାଲିବା; ସମ୍ପାଦିତ ହେବା—5. (a work) To go on; to be accomplished.

୬ । ଲୋପ ପାଇବା; ଲୁପ୍ତ ହେବା—6. To disappear; to vanish.

ସେ ପ୍ରବୃତ୍ତି ଚାଲିଗଲେ କାହିଁ କୌଶଳ
ବଳେ ଯିବ ସ୍ୱାଧୀନତା × × × ରାଧାନାଥ. ମହାଯାତ୍ରା ।

୭ । (ଏତେ କାଳ ପାଇଁ) ସ୍ଥାୟୀ ହେବା—
7. To last for (some time).
[ଯଥା—ଏ ଲୁଗା ଖଣ୍ଡି ୩ ବର୍ଷ ଚାଲିଯିବ ।]

୮ । (ସମୟ) ଅତିବାହିତ ହେବା; ଅତିକ୍ରାନ୍ତ ହେବା—
8. (time) To pass away.
[ଯଥା—ଏ ସୁଖର ଦିନ ଶୀଘ୍ର ଚାଲିଯିବ]

ଚାଲିଲି ଚାଲିଲି ହୋଇ ଯିବା—ଦେ. କ୍ରି—ଧୀରେ ଧୀରେ ଚାଲୁ ଚାଲୁ
Chālilā chālilā hoi jibā କୌଣସି ସ୍ଥାନକୁ ଯିବା—
To go to a place by slow walking.

ଚାଳିଶ—ଦେ. ବି. (ସଂ. ଚତ୍ୱାରିଂଶତ୍; ପ୍ରା. ଚତ୍ତାଲୀସ)—୪୦ ସଂଖ୍ୟା—
Chālisa The number 40.
চাল্লিস
चालीस

ଦେ. ବିଣ.—୧ । ୪୦ ସଂଖ୍ୟକ—
1. Numbering forty.

୨ । ଚାଳିଶ ସଂଖ୍ୟାର ପୂରଣ—2 Fortieth.

ଚାଳିଶା—ଦେ. ବିଣ. (ସଂ. ଚତ୍ୱାରିଂଶ; ପ୍ରା. ଚତ୍ତାଲୀସା)—
Chālisā ୪୦ ସଂଖ୍ୟା ସମ୍ବନ୍ଧୀୟ—Relating to 40.
চল্লিশা; চালসা
चालीसा

ଦେ. ବି—୧ । ପ୍ରାୟ ୪୦ ବର୍ଷ ବୟସ ପରେ ମନୁଷ୍ୟର ଦୃଷ୍ଟିଶକ୍ତିର କ୍ଷୀଣତା—1. Dimness of eyesight which overtakes a man generally after the age of 40.

୨ । ଚାଳିଶ ନମ୍ବରଅ ଜାଲ ସୂତା—
2. Twist of 40 counts.

୩ । ୪୦ ବସ୍ତୁର ପୁଞ୍ଜ ବା ସମାହାର—
3. A group or aggregate of 40 things.

ଚାଳିଶାଦୁଇଶ—ଦେ. ବି. (ସଂ. ଚତ୍ୱାରିଂଶତ୍ + ଦ୍ୱିଶତ)—ଦୁଇ ଶତ ଚାଳିଶ ସଂଖ୍ୟା—240.
Chālisā duisa

ଚବିଶି ଦଣ୍ଡାଁ ଚାଳିଶାଦୁଇଶ ପଣ ପଦର କାହାଣ—ପଣିକିଆ ।

ବିଣ—ଦୁଇଶହ ଚାଳିଶ ସଂଖ୍ୟକ—Numbering 240.

ଚାଳିଶାଶହେ—ଦେ. ବି—୧୪୦ ସଂଖ୍ୟା—
Chālisā sahe The number 140.

ଦେ. ବିଣ—୧୪୦ ସଂଖ୍ୟକ—140 in number.

ଚଉଦ ଦଣ୍ଡାଁ ଚାଳିଶାଶହେ ପଣ ଆଠ କାହାଣ ବାର ପଣ—ପଣିକିଆ ।

ଚାଳିଶି—ଦେ. ବି. ଓ ବିଣ—ଚାଳିଶ (ଦେଖ)
Chālisi Chālisa (See)

ଚାଳିଶି ଘରିଆ—ପ୍ରାଦେ. (ବାଲେଶ୍ୱର) ବି—ଏକ ଶ୍ରେଣୀର ଗଉଡ଼;
Chālisi gharia ଗୋପପୁରଅ ଗଉଡ଼—
A sect of cowherds

[ଦ୍ର—ଏମାନେ ପାଲିଙ୍କି, ସବାରି ଆଦି ବୁହନ୍ତି ନାହିଁ; କେବଳ ଗୋରୁ ଜଗନ୍ତି ।]

ଚାଲୁ—ଦେ. ବି. (ସଂ. ଚଳନ)—ଯାନାଦିର ଗତି; ଚାଲି—
Chālu Motion of a conveyance.

(ଯଥା—ଏ ପାଲିଙ୍କିର ଭଲ ଚାଲୁ ଅଛି ।)

ଚାଳୁଆ—ଦେ. ବିଣ—୧ । ଚାଳ ସମ୍ବନ୍ଧୀୟ -
Chālua 1. Relating to the thatch.

୨ । ଯେଉଁ ମୂଷାମାନେ ଚାଳରେ ବସା କରି ରହନ୍ତି—
2. (mice) Living in the thatches.

ଚାଲୁକ୍ୟ—ଦେ. ବି. (ନାମ)—ଦାକ୍ଷିଣାତ୍ୟର ଏକ ପ୍ରାଚୀନ ପ୍ରସିଦ୍ଧ ପରାକ୍ରମୀ
Chālukya ରାଜବଂଶ—Name of a historic line of powerful kings of the Deccan.

[ଦ୍ର—ବିହ୍ଳଣଙ୍କ ବିକ୍ରମାଙ୍କଚରିତରେ ଲେଖା ଅଛି ଯେ ବ୍ରହ୍ମାଙ୍କ ଚୁଲୁକ (ଚୁଳୁ)ରୁ ଏ ବଂଶର ଆଦିପୁରୁଷ ଜନ୍ମିଥିବାରୁ ଏ ବଂଶର ଏହି ନାମ । କିନ୍ତୁ ତାମ୍ରପତ୍ର ଶାସନମାନଙ୍କରୁ ଦେଖାଯାଏ ଯେ ଏମାନେ ଚନ୍ଦ୍ରବଂଶୀୟ । ବିଷ୍ଣୁବର୍ଦ୍ଧନ, ୧ମ ପୁଲକେଶୀ, କୀର୍ତ୍ତିବର୍ମ୍ମା, ମଙ୍ଗଳୀଶ, ସତ୍ୟାଶ୍ରୟ ବା ୨ୟ ପୁଲକେଶୀ, ଚନ୍ଦ୍ରାଦିତ୍ୟ, ଆଦିତ୍ୟବର୍ମ୍ମା, ବିକ୍ରମାଦିତ୍ୟ, ବିନୟାଦିତ୍ୟ, ତ୍ରିଭୁବନମଲ୍ଲ, ତୈଲ ଆଦି ଏହି ବଂଶୀୟ ରାଜା ଥିଲେ । ବିଷ୍ଣୁବର୍ଦ୍ଧନ, ଗଙ୍ଗ ଓ କାଦମ୍ବବଂଶକୁ ପରାସ୍ତ କରି ଦକ୍ଷିଣରେ ରାଜତ୍ୱ ସ୍ଥାପନ କରିଥିଲେ । ୨ୟ ପୁଲକେଶୀ ମାଳବା, ଗୁଜରାଟ, ମହାରାଷ୍ଟ୍ର, କୋଙ୍କଣ ଓ କାଞ୍ଚି ଆଦି ଜୟ କରି ଆପଣା ରାଜ୍ୟଭୁକ୍ତ କରିଥିଲେ । ଚୀନ ପରିବ୍ରାଜକ ୨ୟ ପୁଲକେଶୀଙ୍କ ବର୍ଣ୍ଣନା କରିଅଛନ୍ତି । ଏ ରାଜବଂଶରେ ବିକ୍ରମାଦିତ୍ୟ ଓ ତୈଳ ନାମଧାରୀ ଏକାଧିକ ରାଜା ଥିଲେ । ଏ ବଂଶ ଶକାବ୍ଦ ୪୧୧ ଠାରୁ ୧୧୧୧ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ମହୀଶୂରର ହୟଶାଳ ବଂଶର ରାଜାମାନେ ଏ ବଂଶର ରାଜାଙ୍କୁ ପରାସ୍ତ କରି ରାଜ୍ୟ ବିସ୍ତାର କରିଥିଲେ—
ହି. ଶବ୍ଦସାଗର ।]

ସାଧାରଣ ଲୋକେ ଅପଚ ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କ୍ଷଅ' ନ ମିଳିଲେ 'କୃଅ' ଦେଖିବେ; 'ବଧୂଁ'ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଚ୍ଚା' ନ ପାଇଲେ 'ଅର୍ଚ୍ଚା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚାଲୁଣିଆଁ—ଦେ. ବି. (ଚାଲୁଣୀ ପରି ବହୁ ଛିଦ୍ରବିଶିଷ୍ଟ ଥିବାରୁ)—
Chāluṇiāñ ୧ । ବହୁ ମୁଖବିଶିଷ୍ଟ ବ୍ରଣ; ପଠାବ୍ରଣ—
বোলতারবাসা 1. Carbuncle or boil bursting out into
तलवासना many holes like a sieve.
୨ । ଗୋଡ଼ ତଳପାରେ ହେବା ବହୁଛିଦ୍ରଯୁକ୍ତ ରୋଗବିଶେଷ—
2. A disease causing numerous pores in the sole or heel.

ଚାଲୁଣିଆଁ କରି ମାଟି ପକା(କେ)ଇବା—ଦେ. କ୍ରି.—ଟୋକେଇରେ
Chāluṇiāñ kari māṭi pakā(e)ibā ବୋହିବା ମାଟିକୁ ଏକ ସ୍ଥାନରେ ଗଦା ନ କରି ଚାରିଆଡ଼େ ଚତରେଇ ବା ଖେଳେଇ କରି ଢାଳି ଦେବା—To scatter a basketful of earth in a large area (instead of pouring it down to a heap.)

ଚାଲୁଣି ଜଳା—ଦେ. ବି—ନଖ ଦର୍ପଣ (ଦେଖ)
Chāluṇi jaḻā Nakha darpaṇa (See)

ଚାଲୁଣି ପାଣି—ଦେ. ବି.—ପ୍ରଥମ ରଜସ୍ୱଳା ବାଳିକାର ପ୍ରଥମ ରଜୋ-
Chāluṇi pāṇi ଦର୍ଶନ ହେବା ମାତ୍ରକେ ତାକୁ ନେଇ ବାଡ଼ିଆଡ଼େ କଦଳୀ ବା ଅନ୍ୟ ଗଛ ମୂଳେ ବସାଇ ତା ମୁଣ୍ଡ ଉପରେ ଗୋଟିଏ ଚାଲୁଣୀ ଧରି ତହିଁରେ ସାତ ଜଣ ଅହ୍ୟ ସ୍ତ୍ରୀ ହଳଦିପାଣି ଢାଳିବା ରୂପ ସ୍ତ୍ରୀଆଚାର—
A rite consisting of seven housewives holding a sieve over the head of a girl and giving her a shower bath by pouring water on the sieve just after her first menses.

ଚାଲୁଣୀ—ଦେ. ବି.—(ସଂ. ଚାଲନୀ)—ଚୂର୍ଣ୍ଣାଦିର ସୂକ୍ଷ୍ମ ଅଂଶ ଛାଣିବା
Chāluṇi ନିମନ୍ତେ ବ୍ୟବହୃତ ବହୁଛିଦ୍ରଯୁକ୍ତ ପାତ୍ରବିଶେଷ—
চালুনী A sieve; a strainer.
चलनी, छलनी

> ଚାଲୁଣୀ ଜଳାର ପ୍ରାୟ ଅସଙ୍ଖ୍ୟ ଗର୍ତ୍ତ,
> ଭୂଲଣି ପକାଇ ସେ ଅଙ୍ଗେ ରଖେ ସର୍ବ ।
> ପ୍ରାଚୀ. ରହସ୍ୟମଞ୍ଜରୀ ।

ଚାଲ୍ୟ—ସଂ. ବିଣ. (ଚଲ୍ ଧାତୁ. ଣିଚ + କର୍ମ. ଯ)—ଚାଳନୀୟ (ଦେଖ)
Chālya Chāḻaniya (See)

ଚାଶାଳି—ଗ୍ରା. (ଉତ୍ତର) ବି.—(ସଂ. ଛାତ୍ରଶାଳୀ; ନବ୍ୟ ସଂ. ଚଟ୍ଟଶାଳା)—
Chāśāḻi ଚାହାଳି; ପାଠଶାଳା; ଚାଟଶାଳି—Village-school.

> ଚାଶାଳି ତ ଗଲା କରଜ ବଢ଼ିଲା ସାହୁ ବସିଛନ୍ତି ଚାହିଁ ।
> ଭିକାରି. ସାଆନ୍ତିଆ ବାହୁ ।

ଚାଷ—ସଂ. ବି. (ଚଷ୍ ଧାତୁ=ଭକ୍ଷଣ କରିବା + କର୍ତ୍ତୃ. ଅ)—୧ । ସ୍ୱର୍ଣ୍ଣ-
Chāsha ଚାତକ; ଚଷାପୁଅ ପକ୍ଷୀ; ଭଦଭଦଳିଆ ପକ୍ଷୀ—
1. Fairy blue bird (a kind of swallow).
୨ । ଇକ୍ଷୁ; ଆଖୁ—2. Sugarcane.
ଦେ. ବି. (ସଂ. କୃଷ୍ ଧାତୁ)—୧ । କୃଷି କର୍ମ—
চাষ 1. Agriculture; agricultural operations;
चास farming husbandry.
୨ । ଭୂମି କର୍ଷଣ—
2. Ploughing; cultivating; tillage.
୩ । କୃଷି ବୃତ୍ତି; ହଳବାଡ଼ି; କ୍ଷେତ—
3. Plough-land; holding; tenure.

ଚାଷ କରିବା—ଦେ. କ୍ରି. (ସଂ. କୃଷ୍ ଧାତୁ)—୧ । କୃଷି କରିବା—
Chāsha karibā 1. To perform agricultural
চাষকরা operations.
चासना ୨ । ହଳ ଚଲାଇବା—2. To plough a field.

ଚାଷବାସ—ଦେ. ବି. (ନିରର୍ଥକ ଦ୍ୱିତୀୟ ସହଚର ଶବ୍ଦ)—୧ । ହଳବାଡ଼ି;
Chāsha bāsa ହଳ ଓ ଘର ବାଡ଼ି—
চাষবাস 1. Plough-land and homestead.
खेतीबारी ୨ । କୃଷିକର୍ମମାନ—2. Agricultural operations.
୩ । କୃଷିବୃତ୍ତି—3. Agriculture as a profession.

ଚାଷମୁଣ୍ଡ—ଦେ. ବି.—(ଲକ୍ଷଣାର୍ଥ) କୃଷିର ଶେଷ ବା ଫସଲ ଅଦାୟ
Chāsha muṇḍa ହେବା ସମୟ—Harvest-season.

> ମଝିରେ ଆଉ କାହାରିକୁ ଲଗା ନ ରଖି ଚାଷ ମୁଣ୍ଡରେ ଚାଷିମାନଙ୍କଠାରୁ ସହତା କଲେ ।
> ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଚାଷୀ—ଦେ. ବି. (ସଂ. କର୍ଷକ)—କୃଷିଜୀବୀ; କୃଷକ; ଚଷା—
চাষী Cultivator; peasant; farmer.
किसान
(ଚାଷୁଣୀ—ସ୍ତ୍ରୀ) ଦେ. ବିଣ.—ଜମି ଚାଷ କରୁଥିବା (ବ୍ୟକ୍ତି)—
(a person) Cultivating a plot of land.

ଚାସ୍—ବୈଦେ. ବି. (ଅ. ତାସ୍)—ତାସ୍ (ଦେଖ)
Chās Tās (See)

ଚାସ—ସଂ. ବି.—ଚାଷ (ଦେଖ)
Chāsa Chāsha (See)

ଚାହା (ଇତ୍ୟାଦି)—୧ । ବୈଦେ. ବି. (ଚୀନ୍‌ଭାଷା. ଚା)—
Chāhā (etc) ଚା ଇତ୍ୟାଦି (ଦେଖ)
1. Chā etc (See)
୨ । ଚାହିତା (ଦେଖ)
2. Chāhitā (See)

ଚାହାଁ—ଦେ. ବି. (ସଂ. ଚାୟ୍ ଧାତୁ)—ଦେଖିବା; ଅନାଇବା; ଚାହାଣି—
Chāhāñ Look; glance.
ଦେ. ଅ. (ବିସ୍ମୟସୂଚକ)—(ତୁ) ଦେଖ୍—
Look; (you) see.
ଦେ. କ୍ରି. (ଦେଖିବା କ୍ରିୟାର ଅନୁଜ୍ଞା)—(ତୁ) ଦେଖ୍—
(you) See.

> ଚାହାଁରେ ନନ୍ଦକିଶୋରକୁ
> ଜୀବନର ବନ୍ଧୁ ରାଧାଗୋବିନ୍ଦ ସଜନୁ । ପ୍ରାଚୀନ ସଙ୍ଗୀତ ।

ଚାହାଁଇବା—ଦେ. କ୍ରି. ('ଚାହିଁବାର' ଣିଜନ୍ତରୂପ)—
Chāhāñibā ଚହାଁଇବା; ଚୂହାଁଇବା; ଦେଖାଇବା—
1. To show.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଅ	ଉଅ	ଞ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟଁ	ଇଅ	ୱ	ନ୍ମ

୨ । ଚାହିଁବା; ଦେଖିବା—2. To look at; to see.
ଭବଦନେ ଚାହିଁଲ ସେ ପଙ୍କଜ ଲୋଚନା । ପ୍ରାଚୀ. ରସବାରିଧି ।

ଚାହାଁଚହିଁ—ଦେ. ବି—ଚାହାଁଚାହିଁ (ଦେଖ)
Chahañ chahiñ Chahañ chāhiñ (See)

ଚାହାଁଚାହାଁ—ଦେ. କ୍ରି. ବିଣ—ଚାହିଁ ଚାହିଁ କା; ଦୃଷ୍ଟିନିକ୍ଷେପ କରି କରି—
Chāhañ chahañ Looking on or glancing for some time.

ଦେ. ବି—ବାରଂବାର ଇତସ୍ତତଃ ଦୃଷ୍ଟିନିକ୍ଷେପ—
Repeated glancing

ଦେ. ବିଣ—ବାରଂବାର ଇତସ୍ତତଃ ଦୃଷ୍ଟିନିକ୍ଷେପ କରୁଥିବା—
Repeatedly glancing about

ଚାହାଁଚାହାଁ କରିବା—ଦେ. କ୍ରି—୧ । ସାବଧାନତା ସହିତ ଇତସ୍ତତଃ
Chāhañchāhañ karibā ବାରମ୍ବାର ଦୃଷ୍ଟି ବୁଲାଇବା—
1. To cast repeated glances on all sides with caution.

୨ । କୌଣସି ବ୍ୟକ୍ତିଙ୍କୁ ଅପେକ୍ଷା କରି ବିଳମ୍ବ କରିବା—
2. To loiter waiting for some one.

ଚାହାଁଚାହାଁ ହେବା—ଦେ. କ୍ରି—ଚାହାଁଚାହାଁ କରିବା (ଦେଖ)
Chāhañchāhañ hebā Chāhañchāhañ karibā (See)

ଚାହାଁଚାହିଁ—ଦେ. ବି—ପରସ୍ପର ପ୍ରତି ଦୃଷ୍ଟିନିକ୍ଷେପ—
Chāhañchāhiñ Looking at each other; mutual glance.
चाहाचाहि

ଚାହାଁଚୁହିଁ—ଦେ. ବି—ଚାହାଁଚାହିଁ (ଦେଖ)
Chāhañchuhiñ Chāhañchāhiñ (See)

ଚାହାଡ଼ା—ଦେ. ବି. ସ୍ତ୍ରୀ—ରାଣୀଙ୍କ ଦାସୀ ବିଶେଷ—
Chāhārdā A class of maid servants of the ranees.

ଚାହାଁଣି—ଦେ. ବି—ଚାହାଣି (ଦେଖ)
Chāhāñṇi Chāhāṇi (See)

ଚାହାଣି—ଦେ. ବି (ସଂ. ଚାୟୃ ଧାତୁ=ଚାକ୍ଷୁଷ ଜ୍ଞାନ ଲଭିବା)—
Chāhāṇi ୧ । ଦୃଷ୍ଟି—1. Look.
चाहनि; चाउनि ଏହା ଶୁଣିଣ ଧୃତରାଷ୍ଟ୍ର ନରମଣି
चितवन;चितवनी ଫୁଟଗଲା ଆଖିରେ କରିଣ ଚାହାଣି ।
କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

୨ । ଦୃଷ୍ଟିଭଙ୍ଗୀ—2. Glance.

୩ । ଦେଖିବା—3. Seeing.

୪ । ଅପାଙ୍ଗ ଦୃଷ୍ଟି—4. Sidelong glance.
ଚୁମ୍ବ ଦେଇ ଗଣି ଗଣି ଅଧର୍ଦ୍ଧ ଚାହାଣି ହାଣି
ଭଣେ ପ୍ରେମେ ପିକବାଣୀ ବାଣୀ । ଭଞ୍ଜ. ପ୍ରେମସୁଧାନିଧି ।

ଚାହାଣି ଛଟକ—ଦେ. ବି—ଚାହିଁବାର ଢଙ୍ଗ; ଅପାଙ୍ଗଦୃଷ୍ଟି—
Chāhāṇi chhaṭaka Sidelong glance.

ଚାହାଣି ମଣ୍ଡପ—ଦେ. ବି—ରଥଯାତ୍ରାରୁ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମହାପ୍ରଭୁ
Chāhāṇi maṇḍapa ଫେରିବା ସମୟରେ ଦେଉଳରେ ପଶିଥିବା ପୂର୍ବରୁ ବାହାରେ ଅଟକିଥିବା ଅବସ୍ଥାରେ ଦେଉଳର ବେଢ଼ା ମଧ୍ୟରେ ଥିବା ଯେଉଁ ମଣ୍ଡପରେ ଠାକୁରାଣୀଙ୍କ ପ୍ରତିମାକୁ ନେଇ ବିଜେ କରାଯାଏ ଓ ଯେଉଁଠାରୁ ଠାକୁରାଣୀ ବାହୁଡ଼ାବିଜେ କରୁଥିବା ଦେଉଙ୍କୁ ଚାହିଁବେ ବୋଲି ଅନୁମାନ କରାଯାଏ—A platform where the Goddess of a Deity is taken to have a look at the Deity in the car in his return-journey to the temple

ଚାହାନି—ପ୍ରାଦେ. (ସମ୍ବଲପୁର) ବି—ଚାହାଣି (ଦେଖ)
Chāhāni Chāhāṇi (See)

ଚାହାର୍‌ସମ୍ବା—ବୈଦେ. ବି. (ଆ. ଚାହାର୍‌ସମ୍ବାହ୍)—
Chāhār sambā ଚାର୍‌ସମା (ଦେଖ)
(ଚାହାର୍ ସମ୍ବା—ଅନ୍ୟରୂପ) Chārsamā (See)

ଚାହାରମ୍—ବୈଦେ. ବିଣ. (ଫା. ଚାହାର୍‌ରମ୍)—୧ । ଚତୁର୍ଥ—
Chāhāram 1. Fourth.
চৌথা ୨ । ଚତୁର୍ଥ ବା ନିକୃଷ୍ଟ ଶ୍ରେଣୀର—
चाहारम 2. Of the 4th or inferior class.

ଚାହାରମ୍ ଜମି—ବୈଦେ. ବି. (ଫା. ଚାହାରମ୍+ଜମୀନ୍)—
Chāhāram jami ମୁସଲମାନ୍ ରାଜାଙ୍କ ଅମଳରେ ଜମିର ଶ୍ରେଣୀ-ବିଭାଗ ବିଶେଷ; ଚତୁର୍ଥ ଶ୍ରେଣୀର ନିକୃଷ୍ଟ ଜମି—
A classification of lands made during the Mahomedan rule in India; land of the 4th or inferior class.

ଚାହାରମ୍ ଫାତିଆ—ବୈଦେ. ବି. (ଫା) ବି—ମୁସଲମାନ୍‌ମାନଙ୍କର
Chāhāram phātiā ମୃତ୍ୟୁ ପରେ ଚତୁର୍ଥ ଦିବସରେ ହେବା
চাহারম ফাতিআ ଅନୁଷ୍ଠାନ ବା ଉତ୍ସବ—
चाहारम फातिआ The religious rites performed on the 4th day after the death of a Mahomedan.

ଚାହାଳି—ଦେ. ବି. (ସଂ. ଚଟ୍ଟଶାଳା)—ଚାଟଶାଳୀ (ଦେଖ)
Chāhāḻi Chāṭaśāḻi (See)

ଚାହାଳିଆ—ଦେ. ବିଣ—ଚାଟଶାଳିଆ (ଦେଖ)
Chāhāḻiā Chāṭaśāḻiā (See)

ଚାହାଳି କରିବା—ଦେ. କ୍ରି—ପିଲାଏ ଛାତ୍ର ସଂଗ୍ରହ କରି ଗୋଟିଏ ପାଠଶାଳା
Chāhāḻi karibā ଖୋଲିବା—To open an elementary school by gathering some pupils.

ଚାହାଳିରେ ବସିବା—ଦେ. କ୍ରି—(ବାଳକ ବା ବାଳିକା) ପାଠଶାଳାରେ
Chāhāḻire basibā ପ୍ରବେଶ କରି ପାଠ ଆରମ୍ଭ କରିବା—
(a boy or girl) To be admitted into a village-school to begin education.

ସାଧାରଣ ଜ୍ଞାତବ୍ୟ: ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ୱରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚାହାଲ୍ଲମ୍—ବୈଦେ. ବି. (ଅ)—ମୁସଲମାନ୍‌ମାନଙ୍କର ସଫର୍ ମାସର ବିଂଶ ଦିନ—The 20th day of the Mahomedan month of Safar.
Chāhāllam
चाहाल्लम

ଚାହି—ଦେ. ବିଣ—୧ । ଆବଶ୍ୟକ; ଦର୍କାର—1. Necessary; required.
Chāhi
চাই
दरकार

ପୁଣେହିତ ବୋଇଲେ ଅହେ ନରସାଇଁ
ଉପାୟ ଅଛି କରି ପାରିବାର ଚାହି । କୃଷ୍ଣସିଂହ. ମହାଭାରତ. ବନ ।

୨ । ଉଚିତ—2. Proper.
(ଯଥା—ପିଲାମାନେ ଗୁରୁଙ୍କୁ ମାନିବା ଚାହି ।)

ছে ଦେ. ଅ—ଅପେକ୍ଷା; ଠାରୁ—Than.
चाहि (ଯଥା—ତା ଚାହି ମୋର ସଂସାରରେ ଆଉ କେହି ପ୍ରିୟ ବ୍ୟକ୍ତି ନାହିଁ ।)

ଚାହିଁ—ଦେ. ବିଣ—ଚାଇଁ (ଦେଖ) Chāin (See)
Chāhin

ଦେ. ଅ—ଅନୁରୂପେ; ଅନୁଯାୟୀ—According to; suiting.

ତାହାଙ୍କ ଚାହିଁ ଦଣ୍ଡ ଦ୍ୟନ୍ତି ଅମ୍ଭ ନୃପ । କୃଷ୍ଣସିଂହ. ମହାଭାରତ. ବନ ।

ଚାହିଁ ଅନ୍ଧ—ଦେ. ବିଣ. ପୁଂ—ଚକ୍ଷୁ ବିଦ୍ୟମାନ ଥାଇ ସୁଦ୍ଧା ଯେଉଁ ବ୍ୟକ୍ତିକୁ ଆଦୌ ଦେଖାଯାଏ ନାହିଁ—Purblind; (a person) who has his eyes intact to all appearances but who has completely lost his eyesight
Chāhin andha
(ଚାହିଁଅନ୍ଧୁଣୀ—ସ୍ତ୍ରୀ)

ଚାହିଁଣା—ଦେ. ବିଣ—ଚାଇଁ (ଦେଖ) Chāin (See)
Chāhinā

ଚାହିଁ ଜଳକା—ଦେ. ବିଣ. ପୁଂ—ଯେଉଁ ଲୋକର ଆଖି ବିଦ୍ୟମାନ ଥାଏ ଅଥଚ ସେ ସ୍ପଷ୍ଟ ଦେଖି ପାରେ ନାହିଁ—A person suffering from Retinitis.
Chāhin jaḻakā
ଚାହିଁ ଜଳକୀ—ସ୍ତ୍ରୀ
चुँधा

ଚାହିଁଜଳକୀ ବଂଶୀ ନାଗ୍ରୀ, ସଖି ଗୋ ! ମନ୍ଦଏ । ଦୀନକୃଷ୍ଣଦାସଙ୍କ ପଦ୍ୟାଳି ।

ଦେ. ବି—ରୋଗ ବିଶେଷ; ଆଖିର ମୁଅ ଉପରେ ଗୋଟିଏ ପତଳା ଆବରଣ ମାଡ଼ି ଯିବା ହେତୁ ଆଖି ଥାଉଁ ଥାଉଁ ସୁଦ୍ଧା ସ୍ପଷ୍ଟ ଦେଖି ନ ପାରିବା ରୋଗ—A disease of the eye; Retinitis.

ଚାହିଁ ଜଳକା ବନା(ନେ)ଇବା—ଦେ. କ୍ରି—(କୌଣସି ବ୍ୟକ୍ତିକୁ) ଆଖି ଆଗରେ ଠକାଇବା—To cheat a person before his own eyes
Chāhin jaḻakā banā(e)ibā

ଚାହିଁ ବସିବା—ଦେ. କ୍ରି—୧ । ବହୁକ୍ଷଣ ଅପେକ୍ଷା କରିବା—1. To wait long.
Chāhin basibā
চেয়েবসা
ताकाकर बैठना

୨ । ଉତ୍କଣ୍ଠା ଓ ଆଶା ସହକାରେ କୌଣସି ବିଷୟକୁ ଅପେକ୍ଷା କରିବା; ଚାହିଁ ରହିବା—2. To eagerly expect or long for a thing; to wish for.

୨ । ଚେଇଁ କରି ବସିବା—2. To sit up.

ଚାହିଁବା—ଦେ. କ୍ରି. (ସଂ. ଚାକ୍ଷ୍ ଧାତୁ = ଚାକ୍ଷୁଷ ଜ୍ଞାନ ଲଭିବା)—୧ । ଅନାଇବା; ଦୃଷ୍ଟି ପକାଇବା—1. To look at; to glance at
Chāhinbā
চাহা
दिखना, ताकाना, चितवना

ଚାହିଁ ଦେଲେ ଅଉ କାହିଁ ନ ଦିଶଇ ଅଖି ଥାଉଁ ଥାଉଁ ପଥ ।
କବିସୂର୍ଯ୍ୟ. ସଙ୍ଗୀତ ।

୨ । ଦେଖିବା—2. To see.

୩ । ଆଖି ମେଲା କରିବା—3. To open the eyes.

୪ । ଅପେକ୍ଷା କରିବା; ଚାହିଁ ରହିବା—4. To wait in expectation

ତାହାଙ୍କୁ ଶୀଘ୍ରେ ଚାଲି ଯାଇ, ରହିଲା ମୃତ୍ୟୁ ବାଟ ଚାହିଁ ।
ଜଗନ୍ନାଥ. ଭାଗବତ ।

୫ । ଚେଇଁବା—5. To keep awake.

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ପକାଇବା, ରହିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଚାହିଁ ଯୋଗା(ଗେ)ଇବା—ଦେ. କ୍ରି—ଦୃଷ୍ଟି ପକାଇବାର ଉପଯୋଗୀ ହେବା—Te be fit for being looked at; to deserve a look.
Chāhin jogā(e)ibā

ଚାହିଁ ରହିବା—ଦେ. କ୍ରି—ଚାହିଁବସିବା (ଦେଖ) Chāhinbasibā (See).
Chāhin rahibā

ଚାହିଁଲେ—ଦେ. ଅ—(ଅମୁକକୁ ଅମୁକ ସଙ୍ଗେ) ତୁଳନାକଲେ ଦେଖାଯିବ ଯେ—It will be found on comparison that.
Chāhinle

(ଯଥା—ଆଠଗଡ଼କୁ ଚାହିଁଲେ ମୟୂରଭଞ୍ଜ ବଡ଼ ।)

ଚାହିକି—ଦେ. ବିଣ—ଚାହିକିଚିକଣ (ଦେଖ) Chāhikichikaṇa (See).
Chāhiki

ଚାହିକିଚିକଣ—ଦେ. ବିଣ (ସଂ. ଚାକଚକ୍ୟ)—ଚକଚକ କରୁଥିବା; ବାହ୍ୟାଡ଼ମ୍ବରଯୁକ୍ତ—Glittering; grandiose.
Chāhiki chikaṇa

ଚାହିକିଚିକା—ଦେ. ବି—ଚାକଚକ୍ୟ—Glitter; grandeur.
Chāhikichikā

ଦେ. ବିଣ—ଚାହିକିଚିକଣ (ଦେଖ)—Chāhikichikaṇa (See).

ଚାହିତା—ଦେ. ବି (ସଂ, ଉତ୍ସାହ; ପ୍ରା. ଉଚ୍ଛାହ)—୧ । ଯତ୍ନ; ଆଦର—1. Care.
Chāhitā
চাহিদা
चाहता, चाहा, चाह

୨ । ସ୍ନେହ; ଲୋଭ—2. Affection; fondness.

୩ । (କୌଣସି ଦ୍ରବ୍ୟର) ଆବଶ୍ୟକତା—3. Necessity; demand for a thing.

୪ । ଅଭିଳାଷ; ଇଚ୍ଛା—4. Desire.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇୟ	ଉଅ	ଋ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଓ	ନ୍ନ

ଚାହିଦା—ପ୍ରାଦେ (ଗଞ୍ଜାମ) ବି—ଚାହିତା (ଦେଖ)
Chāhidā Chāhitā (See).

ଚାହିବା—ଦେ. କ୍ରି (ସଂ. ଇଚ୍ଛା; କମ୍ବା ଉତ୍ସାହ)—୧ । ଇଚ୍ଛାକରିବା—
Chāhibā 1. To wish; to desire.
চাওয়া, চাহা ନଦୀକାଶରେ ବହୁ ଜଣଙ୍କେ ଚହିଲି ଚାହାନ୍ତି ନାହିଁ
चाहना ବଳ ହଂସଗଲି ପଛେଁ ଗୋଡ଼କାଢ଼ି ଯିବାକୁ ଚାହିଁ—ଜଗନ୍ନାଥ.ଭଗା ।
୨ । ମାଗିବା—2. To ask for.
୩ । ଲୋଡ଼ିବା; ଦରକାର କରିବା—3 To want.
୪ । ସ୍ନେହ କରିବା—4. To like; to be attached to.
୫ । ଆଦର କରିବା; ଯତ୍ନ କରିବା—
5. To take much care of.

ଚାହୁ—ପ୍ରାଦେ (ଜାଜପୁର) ବିଣ—ଉଚିତ—
Chāhu Proper.
ଦେ. ବି.—ଚାହିତା (ଦେଖ)—
Chāhitā (See).
(ଯଥା—ସେ କୁକୁରକୁ ଘର ଚାହୁରେ ରଖିଛି ।)

ଚାହୁଁ ଚାହୁଁ—ଦେ. ଅ—୧ । ହଠାତ୍; ତତ୍‌କ୍ଷଣାତ୍—
Chāhuñchāhuñ 1. All on a sudden.
দেখতেদেখতে ଦେହ ଲୁଚିଗଲା ହକେ ଚାହୁଁ ଚାହୁଁ—ଦାଶରଥି. ବ୍ରଜବିହାର ।
୨ । କେତେକ ସମୟ ଅନ୍ତେ—2. After a time.

ଚାହୁକମ—ଦେ. ବି—ଯୁଦ୍ଧବାଦ୍ୟବିଶେଷ—
Chāhu kama A kind of battle-drum.

ଚି (ଧାତୁ)—ସଂ—ସଂଗ୍ରହ କରିବା—
Chi (root) To collect; to gather; to pick up.

ଚିଆଇଁବା—ଦେ. କ୍ରି (ସଂ. ଚିତ୍ ଧାତୁ=ଜାଗରଣ)—
Chiāiṅbā ୧ । ଚେଇଁବା; ସଚେତ ହେବା—
চিয়া, চিয়ান 1 To be awake; to watch up.
जागना କୁମ୍ଭକର୍ଣ୍ଣ ବୋଇଲ ନ ପାରେ ଚିଆଇଁ
ଶୋଇବ ଏକୁ ବର ଦିଅ ହେ ଗୋସାଇଁ—କୃଷ୍ଣସିଂହ. ମହାଭାରତ. ବନ ।
୨ । (ଚେଇଁବାର ଣିଜନ୍ତରୂପ) ଚେତା କରାଇବା; ନିଦରୁ ଉଠାଇବା To awaken from sleep.
୩ । ନିର୍ଜୀବ ବା ମୃତ ଜୀବକୁ ପୁନରୁଜ୍ଜୀବିତ କରିବା; ଜିଆଇଁବା-3. To enliven; to revive; to bring to life.
୪ । ଶସ୍ତ୍ରାଦି ଆସ୍ଫାଳନ କରିବା; କମ୍ପାଇବା—
4 To brandish
ଗଣ୍ଡା ଗଣ୍ଡା ହୋଇଣ ଶସ୍ତ୍ରକୁ ଚିଆଇଁ—କୃଷ୍ଣସିଂହ ମହାଭାରତ. ସଭ ।

ଚିଆଇବା—ପ୍ରାଦେ (ସମ୍ବଲପୁର) କ୍ରି—ବିଆଇବା—
Chiāibā To ache

ଚିଅାଁ—ଦେ. ବି (ସଂ. ଚିତ୍ ଧାତୁ=ଜାଗରଣ; ଚେତନ)
Chiāñ ୧ । ତପ୍ତଲୌହଦ୍ୱାରା ମନୁଷ୍ୟ ବା ପଶୁର ଦେହରେ ଦିଆଯିବା
শেক ଦାଗ; ଚିହ୍ନ—1. Mark made on the body with
चरका, दाग hot iron; searing mark; brand.
୨ । ତପ୍ତ ଲୌହରେ ଦାଗ ଦେଲେ ଯେପରି କଷ୍ଟ ହୁଏ ସେହିପରି ତୀବ୍ର ବେଦନା—2. Acute pang like that due to searing or branding.
୩ । ଦେହରେ ନିଆଁ ଖୁଣ୍ଟା ମାଡ଼ିଲେ ଯେଉଁ ତୀବ୍ର ଅନୁଭୂତି ହୁଏ—3. Acute pain due to a fire-brand being suddenly applied to the body.
୪ । ଚେଇଁବା; ଚେତା—
4 Wakefulness from sleep.
ଦେ. ବିଣ—୧ । ଚେଇଁଥିବା; ଶୋଇ ନ ଥିବା—
সজাগ 1. Wakeful; not asleep.
जागता (ଯଥା—ଚିଅାଁ ପହଡ଼)
୨ । ଚେତନାଯୁକ୍ତ; ସଚେତନ—2. Conscious.
ମନକୁ ଦିଶିଲେ ରହିବ ଚିଅାଁ ଚୈତନ୍ୟ କରାଇବ—ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।
চটী ୩ । ଅତି କ୍ଷୁଦ୍ର—3. Very small; tiny.
चिआंसा

ଚିଅାଁ ଇଁ ଉଠିବା—ଦେ. କ୍ରି—୧ । ଚେଇଁ ଉଠିବା; ନିଦରୁ ଉଠିବା—
Chiāñiñ uṭhibā 1. To wake up from sleep; to awake.
জেগেউঠা
जगउठना ଚେତ ଚାହିଁଲ ନନ୍ଦଘରଣୀ, ଚିଅାଁଇଁ ଉଠି ସୁଲକ୍ଷଣୀ—ଜଗନ୍ନାଥ. ଭାଗବତ
୨ । ସଚେତ ହେବା—2. To gain consciousness.
୩ । ସତେଜ ହେବା—3. To become enlivened.

ଚିଅାଁ ଚଇତନ—ଦେ. ବି (ସଂ. ଚେତନା)—ଜୀବାତ୍ମା—
Chiāñ chaitana The living soul.

ଚିଅାଁ ଦେବା—ଦେ. କ୍ରି—ଲୁହା ତତାଇ ଦେହ ଦାଗିବା ବା ପୋଡ଼ିବା—
Chiāñ debā To brand with a hot iron.
শেঁকদেওয়া, শেঁকা
चरकादेना
ଚିଅାଁ ମାଡ଼ିବା
ଚିଅାଁ ଲଗା(ଗେ)ଇବା } ଅନ୍ୟରୂପ

ଚିଅାଁ ପହଡ଼—ଦେ. ବି—୧ । ବିଛଣାରେ ପଡ଼ିଥିବା ଅଥଚ ନିଦ ହୋଇ ନ ଥିବା ଅବସ୍ଥା—1. Lying awake in bed; wakeful sleep.
Chiāñ paharḍa
୨ । ରାଜାଙ୍କ ନିଦ୍ରାହୀନ ଅବସ୍ଥାରେ ବିଶ୍ରାମ—2. Taking rest in bed without sleep (a term applied to Rajas).

ଚିଅର—ଦେ. ବିଣ—ତୀକ୍ଷ୍ଣ—
Chiāra Sharp.
ରୁଦ୍ର ଚିକ୍ର ପରି କ୍ଷେମ କର୍ଣ୍ଣ କଲେ
ଚିଅର କାଣ୍ଡେ ଘଟୋତ୍କଚେ ଗଳି ଦେଲେ—କୃଷ୍ଣସିଂହ. ମହାଭାରତ. ଦ୍ରୋଣ
চিয়াড়; চিআরী ଦେ. ବି—ଶର; ବାଣ—Arrow.
ବୈଦେ. ପ୍ରାଦେ. (ମେଦିନୀପୁର) ବି. (ଇଂ. ଚେଅର)—
ଚଉକି—Chair.

ସାଧାରଣ ଲୋକେ ଅଟର ସ୍ୱଷ୍ଟରେ ୧,ଉଚ ୧ ଚକ୍ଷିତ ଅହର ଓ ମାତ୍ରା ଏବ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ

ଚିଆଳ—ଦେ. ବିଣ—ଚିଆର (ଦେଖ)
Chiāḷa — Chiāra (See)

ଚିଇଁ—ଦେ. ଅ. (ଧ୍ୱନ୍ୟନୁକରଣ)—
Chi-iñ — ୧ । ଚଢ଼େଇ ଛୁଆଙ୍କର ଅସ୍ଫୁଟ ଶବ୍ଦ; ଚେମେଣି ଚଢ଼େଇଙ୍କ ଶବ୍ଦ—1. Indistinct sound of unfledged young birds or house-bats; chirping sound.
চিঁ
चीँ
(ଚିଁ—ଅନ୍ୟରୂପ)
୨ । ରୁଗ୍ଣ ଦୁର୍ବଳ ବ୍ୟକ୍ତିର କ୍ଷୀଣ କଣ୍ଠ ସ୍ୱର—
2. The feeble sound of a weak and sick man.

ଚିଇଁକା—ଦେ. ବି. (ସଂ. ଚମତ୍କୃତ; ପ୍ରା. ଚମକ୍କ; ଚିଙ୍କ୍)—
Chi-iñkā — ହଠାତ୍ ଚମକି ଉଠିବା—Startling up
চমক
चौंक

ଚିଇଁକିବା—ଦେ. କ୍ରି. (ସଂ. ଚମତ୍କୃତ)—ହଠାତ୍ ଚମକି ଉଠିବା—
Chiiñkibā — To be startled; to shy.
চমকেউঠা
चौंकना

ଚିଇଁଚିଇଁ—ଦେ. ଅ—ଚିଇଁ (ଦେଖ)
Chi-iñ chi-iñ — Chi-iñ (See)
চিঁচিঁ
चीँचीँ
(ଚିଁଚିଁ—ଅନ୍ୟରୂପ)

ଚିଇଁଚିଇଁଆ—ଦେ. ବିଣ—୧ । ଚିଇଁ ଚିଇଁ ଶବ୍ଦକାରୀ—
Chi-iñ chi-iñā — 1. Making a chirping sound.
(ଚିଇଁଚିଆଁ—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) ଅତି କ୍ଷୀଣ (ବ୍ୟକ୍ତି)—
2. (figurative) Slender; of delicate health.

ଚିଇଁବା—ଦେ. କ୍ରି. (ସଂ. ଚ୍ୟୁ ଧାତୁ=କ୍ଷରଣ)—ଭୂମିରେ ଭେଦିଯିବା—
Chi-iñbā — To be absorbed or soaked in the ground.
ପ୍ରାଦେ. (ଗଞ୍ଜାମ) କ୍ରି.—ଶୋଷିବା; ଚୁଚୁମିବା—To suck.

ଚିଉଡ଼ି ଦଳ—ଦେ ବି.—ଏକଜାତୀୟ ଦଳ—
Chiuṛdi daḷa Villisnaria (a kind of aquatic weed).

ଚିଉଟାଣି—ଦେ. ବି. (ସଂ. ଚିତ୍ ଧାତୁ)—୧ । ଚିନ୍ତନ—
Chiutāṇi — 1. Resolving in one's mind; thinking.
চেতানি
चेत ୨ । ସ୍ମରଣ—2. Recollection.
୩ । ଜାଗରଣ—3. Waking up.

ଚିଉଟିବା—ଦେ. କ୍ରି. (ସଂ. ଚିତ୍ ଧାତୁ)—ସ୍ମରଣ କରିବା—
Chiutibā — To recollect.
চেতা
चेतना

ଚିଉର—ପ୍ରାଦେ. (ସମ୍ବଲପୁର) ବି.—ଶାକବିଶେଷ—
Chiura — A species of pot-herb.

ଚିଏଲ୍ କାଣ୍ଡ୍—ପ୍ରାଦେ. (ସମ୍ବଲପୁର) ବି—ଶରବିଶେଷ—
Chiel kāṇḍ — A kind of arrow.

ଚିକ୍ (ଧାତୁ)—ସଂ.—ବ୍ୟାଘାତ କରିବା—To mar; to obstruct.
Chik (root)

ଚିକ୍ ଚିକ୍—ଦେ. ବି (ସଂ. ଚାକଚକ୍ୟ; ସଂ. ଚକାସ୍ ଧାତୁ=ଦୀପ୍ତି ପାଇବା)—
Chik chik — ୧ । ବର୍ଣ୍ଣୋଜ୍ଜ୍ୱଳତା; ଝକଝକ—
চকচক,চিকচিক 1. Sparkling; glitter; gloss; lustre.
जगमग ୨ । ଚାକଚକ୍ୟ—2. Splendour; glimmer.
(ଚିକ ଚିକ—ଅନ୍ୟରୂପ)
ଦେ. ବିଣ—୧ । ଝକ ଝକ—1. Glittering.
୨ । ଚକଚକିଆ; ଚିକ୍କଣିଆ—2. Glimmering; glossy.

ଚିକ ଚିକ୍ ଚାହିକିଚିକା—ଗ୍ରା. ବି—୧ । ଚାକଚକ୍ୟ—1. Glitter.
Chik chik chāhikichikā ୨ । ଆଡ଼ମ୍ବର—2. Grandeur.
ଦେ. ବିଣ—୧ । ଚକଚକିଆ—1. Glittering;
୨ । ଆଡ଼ମ୍ବରମୟ—2. Grandiose.

ଚିକ୍ନା—ପ୍ରାଦେ. (ସମ୍ବଲପୁର) ବି (ସଂ. ଚିକ୍କଣ)—ଲହୁଣୀ; ମାଖନ—
Chiknā — Butter.

ଚିକ—ଦେ. ବି (ସଂ. ଚଳମାଳିକା; କମ୍ବା ସଂ. ଚାକଚକ୍ୟ; ଏହା ଖୁବ୍ ଉଜ୍ଜ୍ୱଳ ଦେଖାଯିବାରୁ)—ଗ୍ରୀବାର ପରି କଣ୍ଠାଭରଣବିଶେଷ—
Chika — A collar (ornament) for the neck.
চিক
चिक
ବୈଦେ. ବି (ତୁର୍କୀ-ଚିକ୍)—ବାରଣ୍ଡାରେ ଟଙ୍ଗା ଯିବା ବାଉଁଶ କାଠି-ନିର୍ମିତ ପରଦା—A screen-mat made of thin narrow strips of bamboo.
চিক
चिक, चिलमन
୩ । ତୁଚ୍ଛ ବା ହେୟ ବ୍ୟକ୍ତି—3. A mean detestable person.

ଚିକଟ—ଦେ. ବିଣ—ଚିକଟା (ଦେଖ)
Chikaṭa — Chikaṭā (See)

ଚିକଟା—ଦେ. ବିଣ (ସଂ. ଚିକ୍କିଲ=ପଙ୍କ ବା ଚିକ୍କଣ=ମସୃଣ)—
Chikaṭā — ୧ । ଅଠାଳିଆ (ମାଟି)—1. Sticky; gummy; glutinous (soil).
চিক্‌টা, চিকিট্টা, চিকটিয়া
चिकट, चिकनाहट ୨ । ତେଲାକ୍ତ; ତେଲକାଳି ଯୋଗୁଁ ମଇଳା—
2. Soiled with oil; oily and dirty.
୩ । (ଲକ୍ଷଣାର୍ଥ) କୃପଣ; ବ୍ୟୟକୁଣ୍ଠ—3. (figurative) Miserly; close-fisted.
ଦେ. ବି—ଚିକଟାମାଟି (ଦେଖ)—1. Chikaṭā māṭi (See)
୨ । ତେଲ ଯୋଗୁଁ ଲୁଗା ବା ବାଳରେ ଲାଗିବା ଅଠାଳିଆ ମଇଳା—Gummy dirt on cloth or hair due to oil

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ୍	ଡ଼ଅ	ଞ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ନ

ଚକଟା ଦୋରସା ମାଟି—ଦେ. ବି—ବାଲି ଓ କାଦୁଅ ମିଶା ମାଟି; ଯେଉଁ
Chikaṭā dorasā māṭi ମାଟିରେ ବାଲିର ଦୁଇଗୁଣ କାଦୁଅ ଥାଏ—Loamy soil; soil consisting of one part of sand to 2 parts of clay.

ଚକଟା ମଟାଳ—ଦେ. ବି—ଯେଉଁ ଠାଣୁଆ ମାଟି ବରଷା ହେଲେ ଖୁବ୍
Chikaṭā maṭāḷa ଅଠାଳିଆ ହୋଇଯାଏ—Sticky hard soil.

ଚକଟା ମାଟି—ଦେ ବ—ଅଠାଳିଆ ମାଟି; ଯେଉଁ ମାଟିରେ ବାଲିର
Chikaṭā māṭi ୯ ଗୁଣ କାଦୁଅ ଥାଏ—Sticky soil;
এঁটেলমাটি clayey soil.
चिकनीमिट्टी

ଚକଣ—ଦେ. ବ (ସଂ. ଚିକ୍କଣ; ତୁଳ. ତେ. ଚିକ୍କଣୀ=ସୁନ୍ଦର)—
Chikaṇa ୧ । ତେଲ—1. Oil.

ବାଳକ ହାନରୁ ସେ କଲନ୍ତି ତପସ୍ୟା,
ଚକଣ ନ ଘେନନ୍ତି ସନ୍ଧାରୁ ଅମାବାସ୍ୟା । ଗୀତାମ୍ବର, ନୃସିଂହପୁରାଣ ।

୨ । ତୈଳବତ୍ ସ୍ନିଗ୍ଧ ପଦାର୍ଥ—2. Any oily substance.
ଦେ. ବଣ—୧ । ମସୃଣ ଓ ଉଜ୍ଜ୍ୱଳ—1. Bright and
চিকণ, চিক্কণ polished; smooth.
चिकना ୨ । ଖସଡ଼ା—2. Slippery.
୩ । ସୁନ୍ଦର—3. Beautiful; fine; nice.
୪ । ତେଲ ଲଗାଇଲାପର ଜକଜକ—4. Glossy.
୫ । ସ୍ନିଗ୍ଧ ବା ତୈଳାକ୍ତ—5. Oily.
ଚକଣ ତ ଦଶୁଛୁ ମୋ ଦେହ—କବିସୂର୍ଯ୍ୟ. କଣୋଇବଧୂ. ବ ଗୀତ ।
୬ । ଉତ୍ତମରୂପେ ବଟା ହୋଇଥିବା—
6. Reduced to a fine paste.

ଚକଣ କୁହା—ଦେ. ବଣ. ପୁଂ.—୧ । ଯେଉଁ ବ୍ୟକ୍ତି ମଧୁର କଥା କହେ
Chikaṇa kuhā ମାତ୍ର ଅଯୋଗ୍ୟ ବା ଅକର୍ମଣ୍ୟ ଅଟେ—
চিকনা 1. Oily-tongued.
୨ । ଖୋସାମଦିଆ; ଚାଟୁଭାଷୀ—2. Flattering.

ଚକଣ କୋହି
ଚକଣ କହି } ସ୍ତ୍ରୀ
ଚକଣ କୁହି

ଚକଣ ଚାକଣ—ଦେ. ବଣ (ସଂ. ଚିକ୍କଣ+ଧ୍ୱନ୍ୟନୁକାରୀ ଦ୍ୱିତୀୟ ସହଚର
Chikaṇa chākaṇa ଶବ୍ଦ)—୧ । ସୁନ୍ଦର ଓ ମସୃଣ—
চিকণচাকণ 1. Fine and smooth.
चिकनाचुपड़ा ୨ । ସୁନ୍ଦରରୂପେ ସଜ୍ଜିତ (ବ୍ୟକ୍ତି); ଫିଟ୍‌ଫାଟ୍; ଛଇଳା—2. Foppishly dressed.

ଚକଣପଟୁ—ଦେ. ବଣ—(ବ୍ୟଙ୍ଗ) ହୃଷ୍ଟପୁଷ୍ଟ, ବିଳାସୀ ଓ ଅଳସ୍ୟ-
Chikaṇapaṭu ପରାୟଣ (ବ୍ୟକ୍ତି)—(ironical) Stout and
चिकनाचुपड़ा strong but idle and foppish.

ଚକଣ ହାତ—ଦେ. ବ—ତେଲ ଘିଅ ଆଦି ଚିକ୍କଣ ପଦାର୍ଥ ଲାଗିଥିବା ହାତ;
Chikaṇa hāta ତୈଳାକ୍ତ ହସ୍ତ—Hand besmeared with oil or ghee.

ଚକଣା—ଦେ. ବ ଓ ବଣ—ଚକଣ (ଦେଖ)—
Chikaṇā Chikaṇa (See)
চিকনাই ବ (ସଂ. ଚିକ୍କଣତା).—ଚିକ୍କଣ ହେବାର ଅବସ୍ଥା—
चिकनाई Smoothness; oiliness.

ଚକଣା(ଣେ)ଇବା—ଦେ. କି (ସଂ. ଚିକ୍କଣରୁ ଓଡ଼ିଆ ନାମଧାତୁ)—
Chikaṇā(e)ibā ୧ । ତୈଳାକ୍ତ କରିବା—
চিকণান 1. To besmear with oil.
चिकनाना ୨ । ମସୃଣ କରିବା; ପାଲିସ୍ କରିବା—
2. To make smooth; to polish; to burnish.
ଚକଣେଇବା
ଚକଣାଇବା } ଅନ୍ୟରୂପ
ଚକଣେଇବା
୩ । ସୁନ୍ଦର କରିବା—
3. To beautify.
୪ । ହଳଦୀ ଇତ୍ୟାଦି ଚିକ୍କଣ କରି ବାଟିବା—
4. To reduce turmeric etc. into a fine paste.
୫ । ଖୋସାମଦ୍ କରିବା; ଚାଟୁ କରିବା—5. To flatter.
୬ । ଶ୍ରୋତାର ମନୋରଞ୍ଜନ ପୂର୍ବକ କଥା କହିବା—
6. To use pleasing and oily words.

ଚକଣା ଚକଣି—ଦେ. ବଣ—ସୁନ୍ଦର ଓ ମସୃଣ—
Chikaṇā chikaṇi Fine and smooth.
ଦେ. ବ.—ହଳଦି ଆଦି ବାଟି ଚିକ୍କଣ କରିବା କର୍ମ—The act of reducing turmeric etc. into a fine paste.

ଚକଣା ମାଟି—ଦେ. ବ.—କୁମ୍ଭାର ହାଣ୍ଡି ଆଦି ଗଢ଼ିବା କାମରେ ଚିକ୍କଣ
Chikaṇā māṭi କରି ଚକଟିଥିବା ମାଟି—
চিকনামাটি Prepared potter's soil.
चिकनिमट्टि

ଚକଣା ହାତ—ଦେ. ବ.—ଚକଣ ହାତ; ତୈଳାକ୍ତ ହସ୍ତ—Hand
Chikaṇā hāta besmeared with ghee or oil.

ଚକଣିଆ—ଦେ. ବଣ.—ଚିକ୍କଣ (ଦେଖ)
Chikaṇiā Chikkaṇa (See)

ଚକନ୍—ବୈଦେ. ବି. (ଫା.)—ଛୁଞ୍ଚିଦ୍ୱାରା ଲୁଗାରେ ଫୁଲ ଲତା ଆଦି ବୁଣା
Chikan ହୋଇଥିବା କାମ—1. Embroidery work.
চিকন ୨ । ଛୁଞ୍ଚି ସାହାଯ୍ୟରେ କଷା ଓ ସୂତାରେ ଫୁଲ ଓ ଲତା ଆଦି
चिकन ବୁଣା ହୋଇଥିବା ଖୁବ୍ ସରୁ ଲୁଗା—A kind of fine cloth of embroidery work
ପ୍ରାଦେ. (ସମ୍ବଲପୁର) ବଣ—ଚିକ୍କଣ—Smooth.

ଚକା—ପ୍ରାଦେ. (ଗଞ୍ଜାମର ଦକ୍ଷିଣାଞ୍ଚଳ) ବ—
Chikā ୧ । ଆଶା—1. Hope.

ସାଧାରଣ ଲୋକେ ଅପର ପୃଷ୍ଠାରେ ସ୍ୱରର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

୨ । ପ୍ରଲୋଭନ—2. Temptation; allurement.
୩ । କୌଣସି ମଧୁର ବସ୍ତୁର ଆସ୍ୱାଦନଜନିତ ଲାଳସା— 3. Hankering after a sweet thing due to having taken it once.

ଚିକା ଦେଖା(ଖେ)ଇବା—ପ୍ରାଦେ. (ଗଞ୍ଜାମ) କ୍ରି—ପ୍ରଲୋଭନ ଦେଖାଇବା—
Chikā dekhā(e)ibā To tempt; to allure.

ଚିକାରି—ଦେ. ବି—ସିତାରର ଦଣ୍ଡରେ ସଂଲଗ୍ନ ପ୍ରଧାନ ୫ଟି ତାର ଛଡ଼ା ଅତିରିକ୍ତ ୩।୪ ଟି କ୍ଷୁଦ୍ର କ୍ଷୁଦ୍ର ତାର—
Chikāri
चिकारी
चिकारी
The 3 or 4 minor strings of a guitar.

ଚିକି—ଦେ. ବି (ସଂ. ଚିକ୍କଣ)—ଚେକଚେକ ହୋଇ କଟା ହୋଇ ଦୁଧରେ ସିଝାଯାଇ ଶୁଖା ଯାଇଥିବା ଏକ ପ୍ରକାର ଗୁଆ—
Chiki
चिकि
चिकनीसुपारी
A kind of areca nut which is cut into slides and boiled in milk.
[ଦ୍ର—ଦକ୍ଷିଣ ଭାରତ କର୍ଣ୍ଣାଟକ ଅଞ୍ଚଳରୁ ଏ ଗୁଆ ଚେକଚେକ ହୋଇ କଟା ଓ ସିଝା ହୋଇ ଅନ୍ୟାନ୍ୟ ଦେଶକୁ ପଠାଯାଏ ।]

ଚିକଟା (ଇତ୍ୟାଦି)—ଦେ. ବିଣ—ଚିକଟା ଇତ୍ୟାଦି (ଦେଖ)
Chikitā etc Chikatā etc (See)
(ଚିକଟିଆ—ଅନ୍ୟରୂପ)

ଚିକିତ୍ସକ—ସଂ. ବି. [କିତ୍ ଧାତୁ=ରୋଗନାଶ କରିବା+ସ୍ୱାର୍ଥେ ସନ୍(ଦ୍ୱିତ୍ୱ) =ଚିକିତ୍ସ ଧାତୁ+କର୍ତ୍ତୃ. ଅକ]—
Chikitsaka
ବୈଦ୍ୟ; ଡାକ୍ତର—Physician; doctor.

ଚିକିତ୍ସନ—ସଂ. ତ. [କିତ୍ ଧାତୁ ସ୍ୱାର୍ଥେ ସନ୍ (ଦ୍ୱିତ୍ୱ)=ଚିକିତ୍ସ ଧାତୁ+ ଭାବ ଅନ]—କୌଣସି ରୋଗରୁ ଆରୋଗ୍ୟକରଣ—
Chikitsana
Curing or treatment of a disease.

ଚିକିତ୍ସା—ସଂ. ବି. (ଚିକିତ୍ସ ଧାତୁ+ଭାବ ଅ+ଆ)—
Chikitsā ୧ । ରୋଗର ପ୍ରତିକାରାର୍ଥ ବୈଦ୍ୟଙ୍କ କ୍ରିୟାସମୂହ—
1. Medical treatment of a disease.
୨ । ରୋଗର ଆରୋଗ୍ୟ ପାଇଁ ଚିକିତ୍ସକଙ୍କ କୃତ କର୍ମମାନଙ୍କ ବ୍ୟବସ୍ଥା—2. Therapeutics (M. W.).
[ଦ୍ର— ଆୟୁର୍ବେଦର ୨ଟି ବିଭାଗ—୧ । ନିଦାନ, ୨ । ଚିକିତ୍ସା; ନିଦାନରେ ଭିନ୍ନଭିନ୍ନ ରୋଗର ଲକ୍ଷଣମାନ ବର୍ଣ୍ଣିତ ହୋଇଅଛି । ଚିକିତ୍ସାରେ ଭିନ୍ନଭିନ୍ନ ରୋଗ ପାଇଁ ଭିନ୍ନଭିନ୍ନ ଔଷଧାଦିର ବ୍ୟବସ୍ଥା ବର୍ଣ୍ଣିତ ହୋଇଅଛି । ଚିକିତ୍ସା ତ୍ରିବିଧ;—୧ । ଦୈବୀ, ୨ । ମାନୁଷୀ ଓ ୩ । ଆସୁରୀ; ଦେବପୂଜନ, ଗ୍ରହଯଜ୍ଞ ଆଦି ଦ୍ୱାରା ରୋଗୋପଶମନଚେଷ୍ଟା ଦୈବୀ; ଔଷଧ ଓ ପଥ୍ୟାଦି ଦ୍ୱାରା ରୋଗୋପଶମନଚେଷ୍ଟା ମାନୁଷୀ ଓ ଅସ୍ତ୍ରପ୍ରୟୋଗ (ଅପରେସନ୍) ଦ୍ୱାରା ରୋଗୋପଶମନଚେଷ୍ଟା ଆସୁରୀ—ହି. ଶବ୍ଦସାଗର]

ଚିକିତ୍ସାଳୟ—ସଂ. ବି. (୬ଷ୍ଠୀ ତତ୍; ଚିକିତ୍ସା+ଆଲୟ); ଡାକ୍ତରଖାନା—
Chikitsālaya ହାସପାତାଳ—Hospital.

ଚିକିତ୍ସିତ—ସଂ. ବିଣ. ପୁଂ (କିତ୍ ଧାତୁ+ସ୍ୱାର୍ଥେ ସନ୍+କର୍ମ. ତ)—
Chikitsita ୧ । ଯାହାର ରୋଗର ଚିକିତ୍ସା କରାଯାଇଅଛି—
ଚିକିତ୍ସିତା—ସ୍ତ୍ରୀ 1. Treated for a disease; under medical treatment.
୨ । ଯେ ରୋଗରୁ ଆରୋଗ୍ୟ ଲାଭ କରିଅଛି—
2. Cured (Wilson).

ଚିକିତ୍ସ୍ୟ—ସଂ. ବିଣ (ଚିକିତ୍ସ ଧାତୁ+କର୍ମ. ଯ)—୧ । ପ୍ରତିକାର ପାଇବା
Chikitsya ଯୋଗ୍ୟ—1. Deserving treatment.
(ଚିକିତ୍ସନୀୟ-ଅନ୍ୟରୂପ) ୨ । ଚିକିତ୍ସିତ ହେବାର ଉପଯୋଗୀ—
2. Fit to be medically treated.
୩ । ଯେଉଁ ଚିକିତ୍ସାଦ୍ୱାରା ପ୍ରଶମିତ ହୁଏ—3. Curable.
୪ । ପ୍ରତିବିଧେୟ; ସଂଶୋଧ୍ୟ—4. Remediable.

ଚିକିଲ—ସଂ. ବି (ଚିକ୍ ଧାତୁ=ବ୍ୟାଘାତ କରିବା+କର୍ତ୍ତୃ. ଇଲ)—
Chikila ୧ । ପଙ୍କ—1. Mud; mire.
(ଚିକ୍ଖଲ—ଅନ୍ୟରୂପ) ୨ । କାଦୁଅ—2. Clay.

ଚିକୀର୍ଷା—ସଂ. ବି. (କୃ ଧାତୁ+ଇଚ୍ଛାର୍ଥରେ ସନ୍=ଚିକୀର୍ଷ ଧାତୁ+
Chikirshā ଭାବ ଅ+ଆ)—କରିବାର ଇଚ୍ଛା—A wish to do (a work).

ଚିକୀର୍ଷିତ—ସଂ. ବିଣ (କୃ ଧାତୁ+ଇଚ୍ଛାର୍ଥରେ ସନ୍=ଚିକୀର୍ଷ ଧାତୁ+
Chikirshita କର୍ମ ତ)—ଅଭିଲଷିତ; ବାଞ୍ଛିତ; ଅଭିପ୍ରେତ—
Intended to be done; designed, wished for; longed for.
ସଂ. ବି—(+ଭାବ. ତ) କରିବାର ଇଚ୍ଛା—A wish to do,

ଚିକୀର୍ଷୁ—ସଂ. ବିଣ (ଚିକୀର୍ଷ ଧାତୁ+କର୍ତ୍ତୃ ଉ) କରିବାକୁ ଇଚ୍ଛୁକ—
Chikirshu Wishing to act; desirous of doing.

ଚିକୁର—ସଂ. ବି (ଚି ଧାତୁ=ବର୍ଦ୍ଧିତ ହେବା+ସଂଜ୍ଞାର୍ଥେ କୁର)—
Chikura ୧ । କେଶ—1. Hair.
(ଚିକୂର—ଅନ୍ୟରୂପ) ୨ । ପର୍ବତ—2 Mountain.
୩ । ସରୀସୃପ—3. Reptile. ୪ । ସର୍ପ—4. Serpent.
୫ । ପକ୍ଷିବିଶେଷ—5. A kind of bird.
୬ । ଛୁଞ୍ଚୁଦରୀ—6. Musk-rat (M. W).
ସଂ. ବିଣ—୧ । ଚପଳ—1. Hasty.
୨ । ବିଚାରଶୂନ୍ୟ—2. Rash; inconsiderate.
୩ । ଅପରାଧୀ—3. Sinning; offending.

ଚିକୁରପକ୍ଷ—ସଂ. ବି (୬ଷ୍ଠୀତତ୍; ଚିକୁର+ପକ୍ଷ)—କେଶସମୂହ; କେଶଗୁଚ୍ଛ;
Chikurapaksha ମୁଣ୍ଡର ଗୋଛାଏ ବାଳ—A tuft of hair (on the head).
ଚିକୁରକଳାପ
ଚିକୁରପାଶ
ଚିକୁରନିକର
ଚିକୁରଭାର
ଚିକୁରରଚନା
ଚିକୁରହସ୍ତ
} ଅନ୍ୟରୂପ—(M. W).

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍ଯ	ଉଅ	ଭ
୨	ଈ	ଊ	ରୁ	ଲ୍ରୁ	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ଦ

ଚିକ୍କ—ସଂ. ବିଣ ପୁଂ (ଚିକ୍=ଅନୁକରଣଶବ୍ଦ+କୈ ଧାତୁ=ଶବ୍ଦକରିବା+
Chikka କର୍ତ୍ତୃ. ଅ)—ଚେପଟାନାକା—Flat-nosed (M.W.)
(ଚିକ୍କା—ସ୍ତ୍ରୀ)
ବି—୧ । ଛୁଚୁନ୍ଦରୀ; ଛୁଚୁନ୍ଦା—1. Mole; musk rat; Sorex Coerulens.
୨ । ଗୁଆ—2. Betel nut (M. W.)
୩ । ନାକ ଚେପଟା ହେବା ଅବସ୍ଥା—
3. Flat-nosedness (M. W.)

ଚିକ୍କଣ—ସଂ. ବିଣ (ଚିକ୍ ଧାତୁ=ବୋଧକରିବା+କର୍ମ. କନ)—
Chikkaṇa ୧ । ସ୍ନିଗ୍ଧ; ଚିକଣ—1. Smooth; glossy.
୨ । ତେଲିଆ; ତୈଳାକ୍ତ—2. Unctuous; oily.
୩ । ଖସଡ଼ା—3. Slippery.
ସଂ. ବି—୧ । ଗୁଆଗଛ ଓ ଫଳ—1. Betel-nut and its tree.
୨ । ନାଳନାଳୁଆ ବସ୍ତୁ; ଅଠା—
2. Any smooth liquid; gum (M. W.)

ଚିକ୍କଣା—ସଂ. ବି. ସ୍ତ୍ରୀ (ଚିକ୍କଣ+ସ୍ତ୍ରୀ. ଆ)—୧ । ଯେଉଁ ଗାଈର ଗାତ୍ରଚର୍ମ
Chikkaṇā ମସୃଣ ଏବଂ ଉଜ୍ଜ୍ୱଳ—1. A cow with a
(ଚିକ୍କଣା—ଅନ୍ୟରୂପ) smooth and shining skin.
୨ । ଉତ୍କୃଷ୍ଟ ଗାଈ— 2. An excellent cow (M. W.)
୩ । ଗୁଆ—3. Betel nut (M. W.)
ଦେ. ବି ଓ ବିଣ—ଚିକଣ (ଦେଖ)—
Chikaṇa (See)

ଚିକ୍କଣୀ—ସଂ. ବି.—ଗୁବାକ; ଗୁଆ (ଗଛ ଓ ଫଳ)—
Chikkaṇī The betel nut (tree and fruit).

ଚିକ୍କସ—ସଂ. ବି—୧ । ଯବଚୂର୍ଣ୍ଣ—
Chikkasa 1. Barley-meal.
୨ । ବିବାହାଦି ଉତ୍ସବରେ ଦେହରେ ବୋଳାଯିବା ବଟା ହଳଦୀ ଓ ତେଲ ମିଶା ଯବଚୂର୍ଣ୍ଣ (ହି. ଶବ୍ଦସାଗର)—
2. Barley-meal mixed with turmeric-paste and oil, anointed on the body on festive occasions.

ଚିକ୍କା—ସଂ. ବି (ଚିକ୍କ+ଆ)—ଗୁଆଗଛ ଓ ତାହାର ଫଳ—
Chikkā The betelnut (tree and fruit).

ଚିକ୍କୁର—ସଂ. ବି. (ଚିକ୍ ଧାତୁ=ବ୍ୟାଘାତ କରିବା+କର୍ତ୍ତୃ. ଉର)—
Chikkura ଘଡ଼ଘଡ଼ି—Thunderbolt.

ଚିଖଲ୍ଲ—ସଂ. ବି. (ଚିକ୍ ଧାତୁ=ବ୍ୟାଘାତ କରିବା+କର୍ତ୍ତୃ. ଅଲ୍ଲ;
Chikhalla ନିପାତନ)—
୧ । କାଦୁଅ—1. Clay; mud.
୨ । ପଙ୍କ—2 Mire.

ଚିଙ୍ଗଡ଼ା—ପ୍ରାଦେ. (ସମ୍ବଲପୁର ଓ ସିଂହଭୂମ) ବି—
Chingrdā ଚିଙ୍ଗୁଡ଼ି (ଦେଖ)
(ଚିଙ୍ଗଡ଼ି—ଅନ୍ୟରୂପ) Chingurdi (See)
ଚିଙ୍ଗଡ଼ା ଝୁରର ଝୋଲ୍—ଡଗ ।

ଚିଙ୍ଗ୍ରା—ପ୍ରାଦେ. (ସମ୍ବଲପୁର) ବି—ଚିଙ୍ଗୁଡ଼ି (ଦେଖ)
Chingrā Chingurdi (See)

ଚିଙ୍ଗ୍ରି—ପ୍ରାଦେ. (ସମ୍ବଲପୁର) ବି—ଚିଙ୍ଗୁଡ଼ି (ଦେଖ)
Chingri Chingurdi (See)

ଚିଙ୍ଗଟ—ସଂ. ବି. (ଚିଙ୍ଗ=ସୁନ୍ଦର+ଅଟ୍ ଧାତୁ=ଗମନ କରିବା+
Chingata କର୍ତ୍ତୃ. ଅ)—ଚିଙ୍ଗୁଡ଼ିମାଛ—
(ଚିଙ୍ଗଡ଼—ଅନ୍ୟରୂପ) Shrimp; prawn.

ଚିଙ୍ଗଟୀ—ସଂ. ବି. (ଚିଙ୍ଗଟ+କ୍ଷୁଦ୍ର ଅର୍ଥରେ ଈ)—ଛୋଟ ଚିଙ୍ଗୁଡ଼ି
Chingatī ମାଛ—Small shrimp.

ଚିଙ୍ଗିଡ଼ି—ପ୍ରାଦେ. (ସିଂହଭୂମ) ବି—ଏକଜାତୀୟ ଧାନ—
Chingirdi A species of paddy.
ପ୍ରାଦେ. (ସମ୍ବଲପୁର) ବି—ଚିଙ୍ଗୁଡ଼ି (ଦେଖ)
Chingurdi (See)

ଚିଙ୍ଗିରି ପ୍ରାଦେ. (ସମ୍ବଲପୁର) ବି—ଚିଙ୍ଗୁଡ଼ି (ଦେଖ)
Chingiri Chingurdi (See)

ଚିଙ୍ଗୁଡ଼ି—ଦେ. ବି. (ସଂ. ଚିଙ୍ଗଟ; ଚିଙ୍ଗଡ଼)—ମତ୍ସ୍ୟବିଶେଷ—
Chingurdi A kind of fish; shrimp; prawn.
चिंगड़ि [ଦ୍ର—ଏମାନଙ୍କ ଦେହରେ ହାଡ଼ ବା କଣ୍ଟା
झींगा; चिंगड़ा ନାହିଁ; ମୁହଁରେ ବଡ଼ବଡ଼ ଜଙ୍ଘ ଥାଏ । ଖଣ୍ଡି-
(ଚୁଙ୍ଗୁଡ଼ି—ଅନ୍ୟରୂପ) ବାଳିଆ, ଗଣ୍ଡିଆ, କାଦୁଆ ଓ ଘୁଷି ଚୁଙ୍ଗୁଡ଼ି ଭେଦରେ ବଡ଼ ଓ ସାନ ଚିଙ୍ଗୁଡ଼ି ନାନାଜାତୀୟ ।]

ଚିଙ୍ଗୁଡ଼ିଆ ଦଳ—ଦେ. ବି—ଚିଙ୍ଗୁଡ଼ି ମାଛର ଜଙ୍ଘ ପରି ଲମ୍ବଲମ୍ବ
Chingurdiā dala କେଶଯୁକ୍ତ ପାଣିରେ ଜନ୍ମିବା ଅପୁଷ୍ପକ
चिंगड़िदल ଜଳଜ ଉଦ୍ଭିଦବିଶେଷ—A kind of
(ଚୁଙ୍ଗୁଡ଼ିଆଦଳ—ଅନ୍ୟରୂପ) hairy moss growing in water; Hydrilla Verticillata; Chara.
[ଦ୍ର—ଏହା ସାମାନ୍ୟ ସୁଅ ଥିବା ପାଣିରେ ଜନ୍ମେ ଏବଂ ପାଣିତଳର ମାଟିକୁ ଛୁଇଁ ନ ଥାଏ । ଏହାର ପତ୍ର ନାହିଁ, ଡାଙ୍ଗଗୁଡ଼ିକ ସବୁ ଓ ହରିଦ୍ବର୍ଣ୍ଣ ।]

ଚିଙ୍ଗୁଡ଼ିଚିପା—ପ୍ରାଦେ. (ଅଠମଲ୍ଲିକ) ବି ବିଛା (ଦେଖ)
Chingurdi chipā Bichhā (See)

ଚିଙ୍ଗୁଡ଼ିଚୋପା—ପ୍ରାଦେ. (ଗଞ୍ଜାମ) ବି—ଚିଙ୍ଗୁଡ଼ି ମାଛର ଚୋପା ବା
Chingurdi chopā ଖୋଳ ପରି ଦିଶୁଥିବା ଅଙ୍ଗୁଠିରେ ପିନ୍ଧାଯିବା ଅଳଙ୍କାରବିଶେଷ—An ornament for the finger resembling the broad ring-like shell of the shrimp.

ସାଧାରଣ ଲେଖକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ କିମ୍ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କୋ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚଚଙ୍ଗା— ପ୍ରାଦେ. (ମେଦିନୀପୁର) ବି (ମୂଳ. ବ. ଚିଚିଙ୍ଗା; ସଂ. ଚିଚଣ୍ଡ)— ଛଚିନ୍ଦ୍ରା— Snake-gourd.
Chichingā

ଚଚଣ୍ଡ— ସଂ. ବି— ଛଚିନ୍ଦ୍ରା ନାମକ ସର୍ପାକୃତି ଖାଦ୍ୟ ଲତାଫଳ—
Chichinda The snake gourd; Tricosanthes Anguina.
चिचिंगा
चचींडा; चचिंडा
(ଚିଚିଣ୍ଡ— ଅନ୍ୟରୂପ)

ଚଚ୍ଛକ୍ତି— ସଂ. ବି. (ରୂପକ; ଚିତ୍+ଶକ୍ତି; ସନ୍ଧିଦ୍ୱାରା ତ୍+ଶ= ଚ୍ଛ)— ୧ । ଚୈତନ୍ୟ; ଚେତନା— 1. Sense; consciousness.
Chichchhakti
୨ । ତତ୍ତ୍ୱଜ୍ଞାନ; ବିବେଚନା—
2. Intellect; intelligence.

ଚିଜ— ବୈଦେ. ବି. (ଫା. ଚୀଜ୍)—
Chija ୧ । ବସ୍ତୁ; ପଦାର୍ଥ; ଦ୍ରବ୍ୟ— 1. Thing; article.
चीज ୨ । ଚଳନ୍ତି ସମ୍ପତ୍ତି—
चीज 2. Goods; movable property.
କେ ନାନା କୌତୁକ ଚିଜ ଦେଇ ଲୋକ ପେଷି ମାନସ ତୋଷିଲେ ।
ବ୍ରଜନାଥ- ସମରତରଙ୍ଗ ।
୩ । ମୂଲ୍ୟବାନ୍ ପଦାର୍ଥ— 3. Valuable thing
୪ । ସମ୍ପତ୍ତି— 4. Property.
୫ । ସ୍ପୃହଣୀୟ ପଦାର୍ଥ— 5 Desirable thing.
୬ । ସୁଖାଦ୍ୟ ପଦାର୍ଥ—
6. Daintly article of food.
୭ । ଗହଣା— 7. Ornament.

ଚିଜପତ୍ର— ଦେ. ବି— ଚିଜବସ୍ତୁ (ଦେଖ)
Chijapatra Chijabasta (See)

ଚିଜବସ୍ତୁ— ଦେ. ବି. (ଫା. ଚୀଜ୍ ଓ ସଂ. ବସ୍ତୁ; ସହଚର)—
Chijabasta ୧ । ନାନାବିଧ ପଦାର୍ଥ— 1. Many things.
चीजवस्तु ମା ପୁଏ ଯୋଡ଼ାକରାକ ସ୍ୱାମୀଙ୍କୁ କଥା, ତାଙ୍କ କଥା, ଘରୁ ଚିଜବସ୍ତୁ
चीजवस्त ବାଣ୍ଟରେ ଲଗିଥିବେ । ଫକୀରମୋହନ. ଗଳ୍ପସ୍ୱଳ୍ପ ।
୨ । ଭ୍ରମଣକାରୀ ବ୍ୟକ୍ତି ସଙ୍ଗରେ ଥିବା ବ୍ୟବହାର୍ଯ୍ୟ ଦ୍ରବ୍ୟସମୂହ-
2. Luggage; equipage.
୩ । ଅସବାବ୍ ପତ୍ର— 3 Furnitures.

ଚିଞ୍ଚା— ସଂ. ବି. (ଚମ୍=ଭୋଜନ କାଳୀନ ଶବ୍ଦ+ଚର୍ ଧାତୁ=ଗମନ କରିବା+କର୍ତ୍ତୃ. ଅ+ଆ; ଅତ୍ୟମ୍ଳ ହେତୁରୁ ଯାହା ମୁଖ ମଧ୍ୟରେ 'ଚିଂ' ଶବ୍ଦ ଜାତ କରେ— ପ୍ରକୃତିବାଦ)— ତିନ୍ତୁଳି (ଫଳ ଓ ଗଛ)—
Chiñchā
Tamarind (tree and fruit).
ଲକ୍ଷ ଚିଞ୍ଚାଲସେ ପଲ୍ଲବିତ ଦଳସଙ୍ଗ । ଉପେ. ଲାବଣ୍ୟବତୀ ।

ଚିଞ୍ଚାମ୍ଳ— ସଂ. ବି. (ଆଧୁନିକ ରାସାୟନିକ ବ୍ୟବହାର)—
Chiñchāmla ୧ । ତିନ୍ତୁଳିରୁ ପ୍ରସ୍ତୁତ ରାସାୟନିକ ଦ୍ରବବିଶେଷ--
1. Tartaric acid.
୨ । ଶିଠାପାଳଙ୍ଗ ଶାଗ (ହି. ଶବ୍ଦସାଗର)—
2. A kind of sour pot-herb.

ଚିଞ୍ଚୀ— ସଂ. ବି. ସ୍ତ୍ରୀ— ଗୁଞ୍ଜା; କାଇଞ୍ଚ—
Chiñchī The seed of a papilionaceous creeper (red or white with a black cap-like spot at its head) used as a weight by goldsmiths.

ଚିଞ୍ଚୋଟକ— ସଂ. ବି. (ବୈଦ୍ୟକ)— ଶାକଗୁଳ୍ମବିଶେଷ—
Chiñchoṭaka A herbaceous plant.
চেঁচকো, চিঞ্চোড় [ଗୁଣ— ଏହା ଗୁରୁ, ଅଜୀର୍ଣ୍ଣକାରକ ଓ ଶୀତଳ ।
चेंच (ଶବ୍ଦ କଳ୍ପଦ୍ରୁମ) ଏହା ବର୍ଷା ଦିନେ ବାହାରେ ।
ଅନ୍ୟ ସଂ. ନାମ— କୌଶାଦନ (M.W) } ଏଥିର ଫୁଲ ଓ ଚୁଇଁ ହୋଇଥାଏ ।
ହି. ଶବ୍ଦସାଗର]
ଚିଞ୍ଚାଟକ, ଚିଞ୍ଚୋଡ଼ } ଅନ୍ୟରୂପ.

ଚିଟ୍ (ଧାତୁ)— ସଂ— ଦୂରକୁ ପ୍ରେରଣ କରିବା—
Chiṭ (root) To send out (M. W.).

ଚିଟ୍— ଦେ. ବି. (ସଂ. ଚୀର=କନ୍ଥା, ଚିରା କନା; ହି. ଚିଟ୍)—
Chiṭ କାଗଜର ଟୁକୁରା; ଚିରକୁଟ୍—
চিট A bit of paper.
चिट

ଚିଟ୍‌ଚିଟ୍— ଦେ. ବିଣ. (ଧ୍ୱନ୍ୟନୁକରଣ ବା ଅନୁଭୂତ୍ୟନୁକରଣ)—
Chiṭchiṭ ଅଠାଳିଆ— Viscous; clammy; sticky.
চটচটে
चिपचिपा
(ଚିଟ୍‌ଚିଟା— ଅନ୍ୟରୂପ)

ଚିଟ— ଦେ. ବି. (ସଂ. କିଟ୍ଟ=ତେଲକାଣ୍ଟି)—
Chiṭa ୧ । ଅଠା— 1. Gum.
চিটা ୨ । ବିରକ୍ତି— 2. Vexation.
चीठ ଦେ. ବିଣ— ୧ । ଅଠାଳିଆ—
1. Gummy; sticky; clammy.
୨ । ବିରକ୍ତିକର— 2. Vexatious.
୩ । ନିର୍ଲଜ୍ଜ ଭାବରେ କୌଣସି କାର୍ଯ୍ୟ ନିମନ୍ତେ ଜିଦ କରି ସାଙ୍ଗରେ ଲାଗିଥିବା (ବ୍ୟକ୍ତି)— 3. Pertinacious.

ଚିଟଉ (ଇତ୍ୟାଦି)— ଦେ. ବି— ଚିଟାଉ ଇତ୍ୟାଦି (ଦେଖ)
Chiṭau (etc) Chiṭāu etc. (See)

ଚିଟ କପୂର— ଦେ. ବି— ଚିଟା କପୂର (ଦେଖ)
Chiṭa kapūra Chiṭā kapūra (See)

ଚିଟରା— ଦେ. ବି. (ସଂ. ଚିତ୍ରକ)— ଚିତାବାଘ—
Chiṭarā Panther; leopard.

ଚିଟଲ— ପ୍ରାଦେ. (ସିଂହଭୂମ) ବିଣ. (ମୂଳ. ଇଂ. ଚୀଟ୍)—
Chiṭala ଠକ; ପ୍ରତାରକ— Cheating; fraudulent.

୧	ଇ	ଊ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଈଷ୍ଟ	ଊଅ	ଭ
୨	ଈ	ଉ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଔ	ନ୍ତ

ଚିଟା—ଦେ. ବଣ. (ସଂ. କିଟ୍ଟ=ତେଲକାଣ୍ଡି)—
Chiṭā ୧ । ଅତ୍ୟନ୍ତ ବିରକ୍ତ—
चिटा 2. Vexed; displeased.

ଚକୁଣ କୁହର ବୋଲି ନ ଜାଣି
ଚିଟା ହେଲ ମୋରେ କାହିଁ କି ଶୁଣି । କବିସୂର୍ଯ୍ୟ. କବିତା ।

୨ । କାର୍ଯ୍ୟ ନ କରି ବହୁକାଳ ବସିରହିବାଯୋଗୁଁ ବିରକ୍ତ—
2. Ennui; disgusted for sitting idle for a long time.

୩ । ଅଠାଳିଆ—3. Clammy; glutinous.

୪ । ଅତି କୃପଣ—4. Close-fisted; higgling and haggling.

୫ । ବିରକ୍ତିକର—5. Vexatious.

୬ । ଧୀଟ—6. Pertinacious.

୭ । ତେଲାକ୍ତ ଓ ମଳିଆ—7. Dirty and besmeared with oil; soiled with oil.

ଦେ. ବି—୧ । ମୋଟାମୋଟି ଲେଖା ହୋଇଥିବା ହିସାବ; ଚିଠା—1. A rough account.

୨ । ହାତଚିଠା ବହି—
2. Memorandum; note-book.

୩ । ତେଲ ଯୋଗୁଁ କେଶ ଓ ବସ୍ତ୍ରାଦିରେ ଜମିଥିବା ମଳ ବା ଅଠା—3. Clamminess or dirt due to deposit of oil (said of a dirty cloth or a tuft of hair).

୪ । କିଛି କାର୍ଯ୍ୟ ନ କରି ବହୁକାଳ କଟାଇବା ଯୋଗୁ ଅନୁଭୂତ ବିରକ୍ତି—4. Ennui; annoyance or disgust due to spending a long time doing nothing.

ଚିଟା(ଟେ)ଇବା—ଦେ. କ୍ରି—ଧୀଟପଣରେ ଅନ୍ୟକୁ ବିରକ୍ତ କରିବା—
Chiṭā(e)ibā To tire or vex a persen by pertinacity or obstinate demands.
चटान
चौढ़ाना

ଚିଟାଉ—ଦେ. ବି. (ସଂ. ଚିଟ୍ ଧାତୁ=ଦୂରକୁ ପଠାଇବା;)—୧ । ପତ୍ର;
Chiṭāu ଚିଠି—1. Letter.
चिटि, चिठि
चिट्ठी

ବଧାନ କରଇ କରୁଣାନଧାନ ସ୍ୱଶେଷେ ଚିଟାଉ ଦେଲେ ।
ଭଞ୍ଜ. ବୈଦେହୀଶବିଳାସ ।

୨ । ପ୍ରେମପତ୍ର—2. Love-letter.

ଗୁଲଇ ଯେବେ ମୁଁ ଶୁଭ ସନ୍ଦେଶ,
ଚିଟାଉରେ ଲେଖି ଉତ୍ତ ବଦେଶ । କବିସୂର୍ଯ୍ୟ. କବିତା ।

୩ । ବନ୍ଧୁ ବା ଜ୍ଞାତିର ମୃତ୍ୟୁସମ୍ବାଦଜ୍ଞାପକ ପତ୍ର—
3. Letter conveying the news of the death of a relation.

ଚିଟାଉ କରିବା—ଦେ. କ୍ରି.—୧ । ମୃତବ୍ୟକ୍ତିଙ୍କ ଦୂରସ୍ଥ ବନ୍ଧୁବାନ୍ଧବଙ୍କ
Chiṭāu karibā ନିକଟକୁ ମୃତ୍ୟୁସମ୍ବାଦ ପଠାଇବା—1. To senp the news of the death of a person to his absent relations.

୨ । (ଗ୍ରାମର ଭଣ୍ଡାରୀ) ଗ୍ରାମର କୌଣସି ବ୍ୟକ୍ତିଙ୍କ ମୃତ୍ୟୁଖବର ବା ମୃତ୍ୟୁଜ୍ଞାପକ ପତ୍ର ଦୂରସ୍ଥ ବନ୍ଧୁମାନଙ୍କୁ ଦେବା—
2. (the village-barber) To convey the message of the death of a person to his absent friends and relatives.

ଚିଟା କପୂର—ଦେ. ବି.—ଏକପ୍ରକାର ନିକୃଷ୍ଟ ଓ କୃତ୍ରିମ କର୍ପୂର—
Chiṭā kapūra A kind of artificial inferior camphor.

ଚିଟା ଗୁଡ଼—ଦେ. ବି.—୧ । କାଳିଆ ଅଠାଳିଆ ଗୁଡ଼; କୋଟରା ଗୁଡ଼—
Chiṭā gurḍa 1. Treacle.
चिटेगुड़ ଏ ସ୍ଥାନର ମିଠା କଥା ଚିଟାଗୁଡ଼ ଭଳି,
चितियागुड़ ପାଚଲା ସାଲମା ବାସ୍ନା ଶକ୍ତର କଦଳୀ । ଫକୀରମୋହନ. ଉତ୍କଳଭ୍ରମଣ

୨ । ପାଣିଆ ଗୁଡ଼—2. Liquid molasses.

ଚିଟି—ଦେ. ବି. (ସଂ. ଚିଟ୍ ଧାତୁ=ପଠାଇବା; ସଂ. ଚଟିକା=କାଗଜର
Chiṭi କ୍ଷୁଦ୍ର ଖଣ୍ଡ)—୧ । ପତ୍ର—
चिटि, चिठि 1. Letter; a written message; a note.
चिट, चिट्ठी, चिट्ठी ୨ । କ୍ଷୁଦ୍ର ଆଦେଶପତ୍ର—2. A slip or chit
(ଚିଠି—ଅନ୍ୟରୂପ) bearing a message or orders.

୩ । ଭଗବାନଙ୍କ ବିଧାନ—
3. God's dispensation.
(ଯଥା—ଏ ସମ୍ପତ୍ତି ଭୋଗ କରିବାକୁ ତ ତାଙ୍କ ଚିଟି ଅଛି ।)

୪ । ଖାତକ ନିକଟକୁ ମହାଜନର ବା ପ୍ରଜା ନିକଟକୁ ଜମିଦାରର ଟଙ୍କାତଲବ ପତ୍ର—4. A business-letter of demand sent by a creditor to a debtor, or by a Zamindar to a tenant.

୫ । (ସଂ. ଚିତ୍ର ସର୍ପ)—ଚିତି ସାପ—5. A kind of snake.

ଚିଟି କରିବା—ଦେ. କ୍ରି.—୧ । (ମହାଜନ) ଖାତକ ନିକଟକୁ ପତ୍ରଦେବା—
Chiṭi karibā 1. (a creditor) To send a letter of demand to a debtor.

୨ । କୌଣସି ବ୍ୟକ୍ତି ନିକଟକୁ ଲିଖିତ ଆଦେଶ ପଠାଇବା—
2. To send a written order.

ଚିଟି ଚପଟ—ଦେ. ବି. (ଅନର୍ଥକ ଦ୍ୱିରୁକ୍ତ ସହଚର)—୧ । ଚିଠିପତ୍ର;
Chiṭi chapaṭa ପତ୍ରାଦି; ଆଦେଶଲିପି ଆଦି—1. Letters
चिठिचापाटि generally; notes and letters.
चिठ्ठीचपाटी ୨ । ଡାକଦ୍ୱାରା ଯିବା ଆସିବା ପତ୍ରାଦି—
(ଚିଟିଚପଟା, ଚିଟିଚପଟୀ) ଅନ୍ୟରୂପ 2. Postal articles (e g. letters, packets and covers.)

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅଗିଆ ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚିଟିଚପଟ କରିବା—ଦେ. କ୍ରି.—କୌଣସି ବ୍ୟକ୍ତିର ଅଦେଶଲିପି ଓ ବ୍ୟବସାୟସମ୍ପର୍କୀୟ ପତ୍ର ବା ସମ୍ବାଦ ଅନ୍ୟ ବ୍ୟକ୍ତି ନିକଟକୁ ନେବା ଓ ଆଣିବା—To carry letters and written messages of a master or a trader to his subordinates, debtors or constituents.
Chiṭi chapaṭa karibā
चिठि

ଚିଟି ଦେବା—ଦେ. କ୍ରି.—୧ । କୌଣସି ବ୍ୟକ୍ତିଙ୍କ ନିକଟକୁ ପତ୍ର ଲେଖି ପଠାଇବା; ଡାକରେ ବା ଲୋକଦ୍ୱାରା ପତ୍ର ପ୍ରେରଣ କରିବା 1. To write letters; to send a letter to the addressee through post or through a messenger.
Chiṭi debā
चिठि देना
चिट्ठि देना

୨ । ପତ୍ରକୁ ଉଦ୍ଦିଷ୍ଟ ବ୍ୟକ୍ତିଙ୍କ ହାତରେ ଅର୍ପଣ କରିବା— 2. To hand over a letter to the addressee.

ଚିଟି ପତ୍ର—ଦେ. ବି.—ଚିଟି ଚପଟ (ଦେଖ) Chiṭi chapaṭa (See)
Chiṭi patra
चिठिपत्र
चिट्ठीपत्र

ଚିଟି ପେଡ଼ି—ପ୍ରାଦେ. (ଗଞ୍ଜାମ) ବି.—ଚିଠିବାକ୍‌ସ; ଯେଉଁ ବାକ୍‌ସରେ ଡାକଚିଠି ପକାଯାଏ—Letter-box; postal letter-box.
Chiṭi perḍi

ଚିଟି ବାକ୍‌ସ—ଦେ. ବି.—୧ । ଯେଉଁ ବାକ୍‌ସରେ ଡାକରେ ପଠାଯିବା ଚିଠି ପକାଇ ଦିଆଯାଏ— 1. Letter-box; post-box.
Chiṭi bāksa
चिठिर बाक्स
चिट्ठिका बाकस

୨ । ଗୃହର ବାହାରେ ଥିବା ଯେଉଁ ବାକ୍ସରେ ଡାକବାଲା (ଚିଠି ବାକ୍‌ସ—ଅନ୍ୟରୂପ) ଗୃହସ୍ୱାମୀଙ୍କ ନିମନ୍ତେ ଆଣିଥିବା ଚିଠି ଗଳାଇ ପକାଏ—2. Letter-box kept outisde one's house.

ଚିଟି ମାରିବା—ଦେ. କ୍ରି—ଚିଟି ପଠାଇବା; ପତ୍ର ଲେଖିବା—
Chiṭi māribā To write letters; to send letters.

[ଦ୍ର—ଚିଟି ଦେବା ବା ଚିଟି ପଠାଇବାଠାରୁ ଚିଟି ମାରିବା ଦ୍ୱାରା କଥାରେ ବେଶି ଜୋର୍ (emphasis) ବୁଝାଯାଏ ।]

ଚିଟୁଆ—ଦେ. ବିଣ—୧ । ଅଠାଳିଆ—1. Clammy; viscid.
Chituā ୨ । ଧିଟୁଆ—2. Pertinacious; causing vexation by pertinacity.

ଚିଟୁକୁଣି—ଦେ. ବି—୧ । ଚଟକଣି (ଦେଖ) 1 Chaṭakaṇi (See)
Chiṭukuṇi

୨ । ତିର୍ଯ୍ୟକ୍‌ଭାବରେ ମୁଷ୍ଟିପ୍ରହାର (କନେ)— 2. A horizontal stroke with the fist.

ଚିଠ—ଦେ. ବି—ଚିଠା (ଦେଖ)
Chitha Chithā (See)

ଚିଠା—ଦେ. ବି. (ହି. ଚିଠ୍ଠା)—୧ । କୌଣସି ଦଲିଲର ମୌଳିକ ପାଣ୍ଡୁଲିପି ବା ଖସଡ଼ା—1. A rough draft of a document.
Chithā
चिठा
चिट्ठा

ବୁଝ ସନ୍ଧ୍ୟା ମଧ୍ୟରେ ହିସାବ କଣା
କଲଚ ଚିଠା ଓ ସାଙ୍ଗେ । ଫକୀରମୋହନ ଭ୍ରମଣଅଠଗଡ଼

୨ । ବଣିକର ଦୈନିକ ଆୟବ୍ୟୟର ମୋଟାମୋଟି ଖାତା— 2. Rough daily ledger or account-book of a trader.

୩ । ଜମିର ଉଦ୍ଧରିଆ—3. A field-book.

୪ । ଜମିଦାରୀସମ୍ବନ୍ଧୀୟ ଜମିଜମା ଲେଖାଥିବା କାଗଜ ବା ତାଲିକା; ଖସଡ଼ା—4. An account or tally of plots of land in an estate; a schedule or rough history (record of rights) of the lands of a village.

୫ । ପଣ୍ୟଦ୍ରବ୍ୟ ବା ଟଙ୍କା ଦେଣନେଣର ସ୍ମାରକଲିପି; ହାତଚିଠା—5. Memorandum or note of money paid or received or commodities advanced or taken.

ଚିଠା କରିବା—ଦେ. କ୍ରି—କୌଣସି ପ୍ରସ୍ତାବର ବିଷୟକୁ ପ୍ରଥମେ ମୋଟାମୋଟି ଲେଖିବା—To make a rough draft; to draft out.
Chithā karibā
चिठाकरा
चिट्ठाकरना

ଚିଠା ଖାତା—ଦେ. ବି—୧ । ବ୍ୟବସାୟୀର ଦୈନିକ ଆୟବ୍ୟୟର ହିସାବପୁସ୍ତକ—1 Daily account-book or ledger of a trader.
Chithā khātā
चिठाखाता
चिट्ठाबही

୨ । ଦୈନିକ ନେଣଦେଣ ବା କାରବାରର ସ୍ମାରକପୁସ୍ତକ— (ଚିଠାବହି—ଅନ୍ୟରୂପ) 2. A note-book of daily transactions.

ଚିଠା ସିହା—ଦେ. ବି—ଚିଠା ଖାତା (ଦେଖ)
Chithā sihā Chithā khātā (See)

ଚିଠି (ଇତ୍ୟାଦି)—ଦେ. ବି—ଚିଟି ଇତ୍ୟାଦି (ଦେଖ)
Chithi etc) Chiṭi etc (See)

ଚିଡ଼ଚିଡ଼୍—ଦେ. ବି. (ଧ୍ୱନ୍ୟନୁକରଣ, ସମ୍ଭବ ସଂ. ଚିଡ଼୍ ଧାତୁ = କ୍ରୁଦ୍ଧ ହେବା + ଯୋଗେଶ୍ୱର))—ବିରକ୍ତି—Vexation; annoyance; irritation.
Chirḍchirḍ
चिड़चिड़
चिड़चिड़

चिड़चिड़े ଦେ. ବିଣ. ପୁଂ—୧ । ବିରକ୍ତ— 1. Vexed; bothered.
चिड़चड़ा

(ଚିଡ଼ଚିଡ଼ା—ଅନ୍ୟରୂପ) ୨ । ଯେ ସାମାନ୍ୟ କଥାରେ ବିରକ୍ତ ହୁଏ— 2. Surly; growling; sulky; peevish; irritable; irascible fretful.

ଚିଡ଼ଚିଡ଼େଇ } ସ୍ତ୍ରୀ
ଚିଡ଼ଚିଡ଼ୋଇ }

୧	ଇ	ଉ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଫ୍ସ	ଉଅ	ଖ
୨	ଈ	ଊ	ଋୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଞ	ନ୍ର

୩ । ସ୍ୱଭାବତଃ କ୍ରୋଧୀ—3. Angry by nature,

ଚିଡ଼୍ ଚିଡ଼୍ ହେବା—ଦେ. କ୍ରି—ସାମାନ୍ୟ କଥାରେ ବିରକ୍ତ ହେବା; ଗାଉଁ-ଗାଉଁ ହେବା—To grumble or growl; to be in sulks.
Chirdchird hebā
চিড়চিড় হওয়া
चिड़चिड़ाना; चटकना

ଚିଡ଼୍ଚିଡ଼ା—ଦେ. ବଣ. ପୁଂ—ଚିଡ଼୍ଚିଡ଼୍ (ଦେଖ)
Chirdchirdā — Chirdchird (See).
(ଚିଡ଼୍ଚିଡ଼ିଆ—ଅନ୍ୟରୂପ) ଦେ. ବି—ଶୀର୍ଣ୍ଣ ଗୁଳ୍ମାକାର ଘାସବିଶେଷ—Digitaria Pedicillaris (a kind of grass).
চিড়চিড়া

ଚିଡ଼ (ଇତ୍ୟାଦି)—ଦେ. ବି—ଚିଡ଼ା ଇତ୍ୟାଦି (ଦେଖ)
Chirda (etc) — Chirdā etc (See).

ଚିଡ଼ଲ—ଦେ. ବଣ. ପୁଂ ଓ ସ୍ତ୍ରୀ—ଉଗ୍ରସ୍ୱଭାବ; ଚିଡ଼୍ଚିଡ଼୍; ସାମାନ୍ୟ କଥାରେ ଯେ ଚିଡ଼େ—Irascible; peevish; irritable; fretful.
Chirdala
চিড়চিড়ে; চিচ্চিড়া
चिड़चिड़ा
(ଚିଡ଼ଲିଆ—ଅନ୍ୟରୂପ)

ଚିଡ଼ା—ଦେ. ବି (ସଂ. ଚିଡ଼ ଧାତୁ=ବିରକ୍ତ ହେବା, ଯୋଗେଶଚନ୍ଦ୍ର; ତୁଲ. ସଂ. ଚୀର୍ଣ୍ଣ=ବିଦୀର୍ଣ୍ଣ)—ବିରକ୍ତି—Vexation.
Chirdā
চটা; চিড়ন
चिढ़; चिढ़ ଦେ. ବଣ—କ୍ରୋଧୀ; ରାଗୀ; ଚିଡ଼୍ଚିଡ଼୍; ଉଗ୍ରସ୍ୱଭାବ—Of an irascible temper; peevish; irritable.
চিচ্চিড়া
चिड़चिड़ा

ଚିଡ଼ା(ଡ଼େ)ଇବା—ଦେ. କ୍ରି (ଚିଡ଼ିବାର ଣିଜନ୍ତରୂପ) ୧ । ବିରକ୍ତ କରାଇବା—1. To irritate; to annoy; to exasperate; to provoke.
Chirdāibā
চটান, চিড়ান
चिड़ाना; चिढ़ाना ୨ । କଥା ବା କାର୍ଯ୍ୟ ଦ୍ୱାରା ଅନ୍ୟ ବ୍ୟକ୍ତିର ମନରେ ରାଗ ଜନ୍ମାଇବା; ଚଲାଇବା—2 To excite a person to anger (by words or conduct).

ଚିଡ଼ାଚିଡ଼ି—ଦେ. ବି—୧ । ଅତ୍ୟନ୍ତ ବିରକ୍ତି—1. Exasperation.
Chirdāchirdi
চটাচটি, চিড়াচিড়ি
चिढ़ाचिढ़ी ୨ । ଅନ୍ୟୋନ୍ୟରେ ବିରକ୍ତି କରିବା—2. Mutual provocation or exasperation.

ଚିଡ଼ା ମାଡ଼ିବା—ଦେ. ବି—ଚିଡ଼ ଲାଗିବା; ବିରକ୍ତି ବୋଧହେବା—The state of feeling irritated or exasperated.
Chirdā mārdibā
(ଚିଡ଼ା ଲାଗିବା—ଅନ୍ୟରୂପ)

ଚିଡ଼ି—ପ୍ରାଦେ (ସମ୍ବଲପୁର) ବି—ବଡ଼ ଟୋକେଇ—A big basket.
Chirdi

ପ୍ରାଦେ (ଗଞ୍ଜାମ) ବି—୧ । ଚିଙ୍ଗୁଡ଼ିମାଛ—1. Shrimp; prawn.
୨ । ଛୋଟ ଡାଲା; ଗୁଙ୍ଗୁଡ଼ି—2. Small tray.

ଚିଡ଼ିଆ—ଦେ. ବି (ସଂ. ଚଟକ=ଘରଚଟିଆ ପକ୍ଷୀ)—
Chirdiā — ୧ । ପକ୍ଷୀ; ଚଢ଼େଇ—1. Bird.
চিড়িয়া — ୨ । ଚିଡ଼ିତନ (ଦେଖ)
चिड़िया, चिड़ी — 2. Chirditana (See).

ଚିଡ଼ିଆ ଖାନା—ଦେ. ବି (ହି. ଚିଡ଼ିୟା=ପକ୍ଷୀ+ପା. ପ୍ରତ୍ୟୟ ଖାନା= ୧ । ପକ୍ଷିଶାଳା; ପକ୍ଷୀମାନଙ୍କୁ ପାଳି ରଖିବା ସ୍ଥାନ—1. An aviary; a bird-house.
Chirdiā khānā
চিড়িয়াখানা
चिड़ियाखाना ୨ । ଯେଉଁଠାରେ ନାନାଜାତିର ଜୀବଜନ୍ତୁଙ୍କୁ ପାଳି କରି ରଖାଯାଏ—2. The Zoo; a zoological house; a place where various animals are kept.

ଚିଡ଼ିଆମାରୁ—ଦେ. ବି—ଚଢ଼େଇମାରୁ; ବ୍ୟାଧ; ଯେ ପକ୍ଷୀଙ୍କୁ ମାରି ଜୀବିକା ନିର୍ବାହ କରେ—One who kills birds for a living; fowler.
Chirdiāmār
চিড়িমার
चिड़ीमार
(ଚିଡ଼ିଅମାରୁ—ଅନ୍ୟରୂପ)

ଚିଡ଼ିଚିଡ଼ା—ଦେ. ବଣ. ପୁଂ ଓ ସ୍ତ୍ରୀ—ଚିଡ଼୍ଚିଡ଼୍ (ଦେଖ)—Chirdchird (See)
Chirdichirdā

ଚିଡ଼ିଚିଡ଼ି—ଦେ. ବଣ. ପୁଂ ଓ ସ୍ତ୍ରୀ—ଚିଡ଼୍ଚିଡ଼୍ (ଦେଖ)—Chirdchird (See)
Chirdichirdi
(ଚିଡ଼ିଚିଡ଼ିଆ—ଅନ୍ୟରୂପ)
(ଚିଡ଼ିଚିଡ଼େଇ, ଚିଡ଼ିଚିଡ଼ୋଇ—ଅନ୍ୟରୂପ)

ଚିଡ଼ିତନ୍—ବୈଦେ. ବି (ହି; ଏହା ଉଡ଼ୁଥିବା ପକ୍ଷୀର ଆକାରବିଶିଷ୍ଟ) ୧ । ତାସ୍ ଖେଳରେ ତ୍ରିଗୋଲକ ଓ ପୁଚ୍ଛବିଶିଷ୍ଟ କଳାରଙ୍ଗ; ଚିଡ଼ିଆରଙ୍ଗ—1. The club in playing cards
Chirditan
চিড়িতন
चिड़ितन
[ଦ୍ର—ତାସ୍ ଖେଳ ତଳେ ନୋଟ୍ ଦେଖ ।]
୨ । ନାକପୁଡ଼ାରେ ପିନ୍ଧିବା ସୁନାର ଅଳଙ୍କାରବିଶେଷ; ଚିଡ଼ିଆ ଆକାରର ନାକଫୁଲ—2. A gold ornament for the nose.

ଚିଡ଼ିବା—ଦେ. କ୍ରି (ସଂ. ଚିଡ଼୍ ଧାତୁ)—୧ । କ୍ରୁଦ୍ଧ ହେବା; ରାଗ କରିବା—1. To be angry; to become irritated.
Chirdibā
চটা, চিড়া
चिढ़ना, चिढ़ना ୨ । ବିରକ୍ତହେବା—2. To be displeased.
[ଚିଡ଼ା(ଡ଼େ)ଇବା—ଣିଜନ୍ତରୂପ] ୩ । ବିରକ୍ତି ପ୍ରକାଶ କରିବା—3. To give vent to anger or displeasure.

ଚିଡ଼ିଭିଡ଼ି ହେବା—ଦେ. କ୍ରି—ଚିଡ଼୍ଚିଡ଼୍ହେବା—To be teased or irritated.
Chirdibhirdi hebā
(ଚିଡ଼ିମିଡ଼ିହେବା—ଅନ୍ୟରୂପ)

ଚିଡ଼େଇ—ଦେ. ବି—ମାଛ ଧୋଇବା ଓ ରଖିବାପାଇଁ ବ୍ୟବହୃତ ବାଉଁଶପାତିଆରେ ବୁଣା ଛୋଟ ବାଉଁଶିଆ—A small
Chirdei

ସାଧାରଣ ଲୋକେ ଅନେକ ପୁସ୍ତକରେ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ଘ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ ଦେଖିବେ

basket made of thin strips of bamboo to put in and wash the fish for cooking.

ଚଡ଼ୋଲ—ଦେ. ବଣ.— ଚଡ଼ଲ (ଦେଖ)
Chirdola Chirdala (See)

ଚିଣି—ଦେ. ବଣ.— କ୍ଷୁଦ୍ର; ଶ୍ରେଷ୍ଠ—
Chini Small.

ଶ୍ରୀହରିଙ୍କ ସମକକ୍ଷ ଚିଣିପିଣିମାନ । ବ୍ର. ସୁ. (ଜଦେ) ।

ସ୍ତ୍ରୀ. ବି.—ଚିନି (ଦେଖ)
Chini (See)

ସାଜି ଚିଣି ଗଙ୍ଗାବାଣ ପଢ଼ନ୍ତି ମିଶାଇ । ପ୍ରାଚୀ. ରତ୍ନସୀମନ୍ତିନୀ ।

ଦେ. ଅ.— ଚିଣି ଚିଣି (ଦେଖ)
Chini chini (See)

ଚିଣି ଚମ୍ପା—ଦେ. ବି.— ଚିନି ଚମ୍ପା (ଦେଖ)
Chini champā Chini champā (See)

ଚିଣିଚିଣି—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଝିଇଁଝିଇଁ ମାରିଦେବା; Chinichini ଛୁଞ୍ଚ ମାଇଲା ପରି ହେବା; ଦେହର ସ୍ଥାନେ ସ୍ଥାନେ ଚିଡ଼ଚିଡ ଚିଡ଼ବିବିଡ଼. ଚିଡିକ୍ ଛୁଞ୍ଚ ମାରିବା ପରି ଶବ୍ଦ ବେଦନା **खटक** ଅନୁଭବ କରିବା—1. Acute twitching or twinging sensation resembling that of pricking the body with needle-points; pin-prick sensation.

୨ । କଂସାଆଦି ଧାତୁନିର୍ମିତ ବାଦ୍ୟାଦିର ଶବ୍ଦ—
2. Tinkling sound of slightly broken metal drums, bells etc.

ଚିଣିଚିଣି ଝିଣିଝିଣି ଶଙ୍ଖ ଭେରୀ ନାଦ,
ତାଳ କଂସାଳ ମୃଦଙ୍ଗ ବଇଂଶୀ ଶବଦ । ପୀତାମ୍ବର. ନୃସିଂହପୁରାଣ ।

୩ । ନଡ଼ିଆ ଭିତରେ ଥିବା ପାଣି ଶୁଖି ଶୁଖି ଅଳ୍ପ ପାଣି ଥିବା-ବେଳେ ନଡ଼ିଆକୁ ହଲାଇଲେ ଯେଉଁ ଶବ୍ଦ ହୁଏ; ଚୁରୁଡ଼ାରେ ପରିଣତ ହେବା ପୂର୍ବରୁ ନଡ଼ିଆର ଶବ୍ଦ—3. The sound when a cocoanut fruit is shaken about at a stage when the water inside it is almost dried up.

ଚିଣିସିନ୍ଦୂର—ଦେ. ବ— ଚିନିସିନ୍ଦୂର (ଦେଖ)
Chinisindūra Chinisindūra (See)

ଚିତ୍ (ଧାତୁ)—ସଂ — ୧ । ବୋଧ କରିବା—
Chit (root) 1. To feel.

୨ । ଜାଣିବା—2. To know.

ଚିତ୍—ସଂ. ବ (ଚିତ୍ ଧାତୁ + ଭାବ. କ୍ୱିପ୍)—୧ । ଜ୍ଞାନ; ଚିତ୍ତବୃତ୍ତି—
Chit 1. Intellect.

୨ । ଚୈତନ୍ୟ—2. Spirit.

୩ । ଚେତନା—3. Consciousness.

୪ । ଆତ୍ମା—4. Soul.

୫ । (+କର୍ମ. କ୍ୱିପ୍) ଅଗ୍ନି (ହ୍ର. ଶବ୍ଦସାଗର)—5. Fire.

ସଂ. ଅ (ପ୍ରତ୍ୟୟବିଶେଷ) ଅସାକଲ୍ୟ,ଯଥା— କିଂଚିତ୍, କଦାଚିତ୍—
A sanskrit suffix indicating any.

ଚିତ୍—ଦେ. ବ (ସଂ. ଚିତ୍ତ = ହୃଦୟ; ହୃଦୟ ଉପରଆଡ଼କୁ ରହିବାରୁ;
चित କିମ୍ବା ସଂ. ଚିତ = ଗଦାକରି ଯାଇଥିବା)— ୧ । (ମୁଦ୍ରାବିଷୟରେ) ଉପରପାଖ; ମୁହଁପାଖ—1. Upper side; front side (e. g of a coin).

[ଦ୍ର—ମୁଦ୍ରାର ଯେଉଁ ପାଖରେ ରାଜାଙ୍କ ମୁଣ୍ଡ ଥାଏ ତାକୁ 'ଚିତ୍' ଓ ପଛଆଡ଼କୁ ପଟ୍ ବା ପାଟ୍ ବୋଲାଯାଏ ।]

୨ । ଉତ୍ତାନ ଶୟନ; ମୁହଁ ଉପରକୁ କରି ଶୋଇବା—
2. Lying flat on the back.

୩ । ମଲ୍ଲଯୁଦ୍ଧରେ ବିପକ୍ଷଦ୍ୱାରା ପରାଜିତ ହୋଇ ଉତ୍ତାନଶାୟୀ ହେବା—3. The condition of being laid flat on the ground by the adversary in contest.

୪ । କଉଡ଼ି ଖେଳରେ କଉଡ଼ିର ମେଲା ପାଖ ଉପରକୁ ହୋଇ ପଡ଼ିବା ଅବସ୍ଥା—4. The state of a cowrie falling flat when thrown on the ground.

ଦେ. ବଣ— ଉତ୍ତାନଶାୟୀ; ଊର୍ଦ୍ଧ୍ୱମୁଖ ହୋଇ ଶାୟିତ—
Supine; lying flat on the back.

ବଳେ ଉପରଓଳି ଅଶୁନ୍ଦର ସାହେବ ଖାନା ଖାଇ ଚିତ୍ ହୋଇ ଶୋଇଥିଲେ—
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ଚିତ୍ କରିବା—ଦେ. କ୍ରି—ମଲ୍ଲଯୁଦ୍ଧରେ ଜେତା ବିଜେତାକୁ ଭୂମିରେ
Chit karibā ଉପରମୁହାଁ କରି ପକାଇ ତା ଛାତି ଉପରେ ମାଡ଼ି
चित करना ବସିବା—To throw the adversary on his back in an athletic contest.

ଚିତ୍‌କାତ୍ ହେବା—ଦେ. କ୍ରି—ଅବଶ ହେବାରୁ ଗୋଡ଼ହାତ ଲମ୍ବାଇ
Chit kāt hebā ଚିତ୍ ହୋଇ ଭୂମିରେ ଶୋଇ ପଡ଼ିବା—To lie
चित्‌ कातहओना flat on the ground stretching out one's hands and legs

ଚିତ୍‌ପଟ୍—ଦେ. ବ (ବିପରୀତାର୍ଥକ ସହଚର)—ମୁହଁପାଖ ଓ ପିଠିପାଖ;
Chitpat କୌଣସି ଦୋମୁହାଁ ପଦାର୍ଥର ଉପରମୁହଁ ଓ
चितउपुट, चितपात्र ତଳମୁହଁ (ଯଥା—ମୁଦ୍ରା, କଉଡ଼ି)—
चितपट, चितआंधा Head and tail; cross and pile, front and back (e. g. of a coin).

ଦେ. ବଣ— ଚିତ୍‌ପଟାଙ୍ଗ୍ (ଦେଖ)—
Chitpatāng (See)

ଚିତ୍‌ପଟାଙ୍ଗ୍—ଦେ. ବଣ— ଉପରକୁ ମୁହଁ କରି ପତିତ—
Chit patāng Fallen with the face upwards.
चितपटांग ଦେ. ବ.— ଉପରକୁ ମୁହଁ କରି ପତନ—
चितपट A fall with the face upwards.
(ଚିତ୍‌ପଟାଙ୍ଗ୍—ଅନ୍ୟରୂପ)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଙ୍ଗ	ଞ୍ଚ	ଞ୍ଜ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଙଅ	ଞ	ନ୍ଜ

ଚିତ୍ପବନ—ଦେ. ବି.—ମରହଟ୍ଟା ବ୍ରାହ୍ମଣମାନଙ୍କ ଶାଖାବିଶେଷ—
Chit pabana A sub class amongst the Marahattā Brahmans.
चित्तपवन
चितपवन [ଦ୍ର—ପୁନାର ଅଧିକାଂଶ ବ୍ରାହ୍ମଣ ଏହି ଶାଖାଭୁକ୍ତ ।]

ଚିତ୍ପାଟ୍—ଦେ. ବି.—ଚିତ୍ପଟ୍ (ଦେଖ)
Chitpāt Chitpat (See)
ଦେ. ବିଣ.—ଚିତ୍ପଟାଙ୍ଗ୍ (ଦେଖ)
Chit patāng (See)

ଚିତ୍ପାତ—ଦେ. ବି—ଚିତ୍ପଟ୍ (ଦେଖ)
Chit pāt Chitpat (See)
ଦେ. ବିଣ.—ଚିତ୍ପଟାଙ୍ଗ୍ (ଦେଖ)
Chit patāng (See)
ପଡ଼ିଲା ଦୁର୍ଜନ ଦୂରେ କଣ୍ଠରୁ ଚିତ୍ପାତେ । ଚନ୍ଦ୍ରମଣି. ବନ୍ଧମାଦୋଦ୍ୟ ।

ଚିତ—ସଂ. ବିଣ—(ଚି ଧାତୁ = ସଂଗ୍ରହ କରିବା + କର୍ମ. ତ)—
Chita ୧ । ଗୋଟିଅଗୋଟି ହୋଇ ଗଦା କରି ଯାଇଥିବା—
1. Heaped up.
୨ । ସଂଗୃହୀତ—2. Gathered; collected; compiled.
୩ । ସଞ୍ଚିତ—3. Stored.
୪ । ରଚିତ—4. Composed.
୫ । ସମ୍ପାଦିତ—5 Performed; edited.
୬ । ଗୁମ୍ଫିତ—6. Strung together.
୭ । ଆଚ୍ଛାଦିତ—7. Covered up.
୮ । ବ୍ୟାପ୍ତ—8. Diffused; spread.
୯ । (ଫଳ ଫୁଲ ଆଦି ଗଛରୁ) ତୋଳା ଯାଇଥିବା—
9 Picked.
ସଂ. ବି.—(ଚି ଧାତୁ + ଭାବ. ତ)—୧ । ଚୟନ; ସଂଗ୍ରହ-କରଣ—1. Collection; gathering.
୨ । ସଂକଳନ—2. Compilation.
୩ । ଫଳଫୁଲ ଆଦି ତୋଳିବା କର୍ମ—3. Picking (fruits and flowers.)
୪ । ଗଦା କରିବା—4. Heaping up; amassing.
ଗ୍ରା. ବି. (ସଂ. ଚିତ୍ତ)—ଚିତ୍ତ (ଦେଖ)
Chitta (See)
ଶୁଣିଲେ ଶୁଣ ନୃପବର । ଭୂପତି. ପ୍ରେମପଞ୍ଚାମୃତ ।
ପ୍ରାଦେ. (ଗଞ୍ଜାମ) ଅ—ହେଉ; ଆପଣଙ୍କ ଇଚ୍ଛା; ଆପଣଙ୍କ ମର୍ଜି—
As you wish; so be it; yes.
[ଦ୍ର—ଗୁରୁଜନ ବା ହାକିମ କୌଣସି ଆଦେଶ ଦେଲେ ଓଡ଼ିଶାରେ ଯେପରି "ଅବଧାନ୍, ହଉ, ଆଜ୍ଞା" ଇତ୍ୟାଦି ସମ୍ମତି-ସୂଚକ ବାକ୍ୟ କୁହାଯାଏ ଗଞ୍ଜାମୀ ଓଡ଼ିଆମାନେ ସେହିପରି "ଚିତ, ଚିତ୍ତ" କହନ୍ତି ।]

ଚିତଉ—ଦେ. ବି. (ସଂ. ଚକ୍ରକ; ଏଥିର ଦେହସାକ ଫୋଡ଼ାଫୋଡ଼ା
Chitau ଦାଗ ହୋଇଥିବାରୁ)—ବାଷ୍ପସିଦ୍ଧ ପିଷ୍ଟକବିଶେଷ—
चितई; आशुका; आस्के A sort of perforated steam-boiled pancake swollen on one side.
ଚିତଉ ଖାଇବା ଲୋକର ଚନ୍ଦ୍ର ଗର୍ଭବାରେ ଅଛି କେଉଁ ପ୍ରୟୋଜନ ।
ଚନ୍ଦ୍ରମଣି. ବନ୍ଧମାଦୋଦ୍ୟ .
[ଦ୍ର—ଚାଉଳକୁ ବାଟି ପିଠଉ କରି ସେହି ପିଠଉକୁ କଣ୍ଢା ଉପରେ ତେଲଲଗାଣିରେ ଢାଳି ତା ଉପରେ ଗୋଟିଏ ସରା ଘୋଡ଼ାଇ ଦିଆଯାଏ ଏବଂ ସରାଉପରେ ପାଣିଛିଞ୍ଚାଯାଏ । ଏ ପିଠା ବାଷ୍ପଦ୍ୱାରା ସିଦ୍ଧ ହୁଏ । ଏଦ୍ୱାରା ଦେହସାକ ଛିଦ୍ର ହୋଇଥାଏ ଓ ଉପର ପାଖ ଫୁଲିଥାଏ ।]

ଚିତଉ ଅମାବାସ୍ୟା—ଦେ· ବି. (ସଂ. ଚକ୍ରକ ଓ ଅମାବାସ୍ୟ)—
Chitau-amābāsyā ଶ୍ରାବଣମାସର ଅମାବାସ୍ୟା—
The Amābāsyā or newmoon of the month of Śrābaṇa in which chitau cakes are offered to the Deities.
[ଦ୍ର—ଏ ଦିନ ଶ୍ରୀ ଜଗନ୍ନାଥଙ୍କର ଚିତାଲାଗି ହୁଏ ଓ ଚିତଉ ପିଠା ଭୋଗ ହୁଏ; ଏ ଦେଶର ହିନ୍ଦୁ ଗୃହସ୍ଥମାନେ ମଧ୍ୟ ଚିତଉ ପିଠା କରି ଦେବଦେବୀଙ୍କୁ ଭୋଗ ଦେଇ ଏ ଉତ୍ସବ ପାଳନ କରନ୍ତି ।]

ଚିତଉ ଖିଆ—ଦେ. ବି—ଗର୍ଭବତୀଙ୍କୁ ସପ୍ତମ ମାସରେ ଦିଆଯିବା ସାଧ;
Chitau khiā ଗର୍ଭବତୀର ସାଧଖିଆ ପାଇଁ ପିତ୍ରାଳୟରୁ ଓ ବନ୍ଧୁମାନଙ୍କ
साध, साद ଘରୁ ପଠାଯିବା ଚିତଉ ପିଠାର ସାମଗ୍ରୀ ଓ ମିଷ୍ଟାନ୍ନାଦି—
साध Sweetmeats and victnals sent on the occasion of the 7th month of pregnancy of a relative.

ଚିତଉ ଚିଙ୍ଗୁଡ଼ି—ଦେ. ବି—ଏକପ୍ରକାର ଅତି କ୍ଷୁଦ୍ର ଚିଙ୍ଗୁଡ଼ି ମାଛ;
Chitau chiṅgurḍi ଗିଳେଇ ଚିଙ୍ଗୁଡ଼ି—A very minute shrimp.
छोटी झिंगड़ी
[ଦ୍ର—କଣିକା ଓ ଭୁଜଙ୍ଗର ସମୁଦ୍ରକୂଳରେ ନଦୀ ଓ ବିଲରେ ଏମାନେ ମିଳନ୍ତି । ଲୋକେ ଏମାନଙ୍କୁ ପାଣିରୁ ଛାଣିଆଣି ଏକତ୍ରକରି ଅଧାରରେ ବସାଇ ପିଠା ପରି ସିଝାଇ ଖାଆନ୍ତି ।]

ଚିତଉମୁହାଁ—ଦେ. ବିଣ. ପୁଂ—(ପୁରୁଷଙ୍କୁ ଦିଆଯିବା ଗାଳି) ଯେଉଁ ବ୍ୟକ୍ତି
Chitau-muhāṅ ସବୁବେଳେ ମୁହଁ ଫୁଲାଇ ବିରସମୁହାଁ ହୋଇଥାଏ—
(ଚିତଉମୁହାଁ—ସ୍ତ୍ରୀ) (term of abuse applicable to males)
A person always assuming a scowling face.

ଚିତକୁ ଆଣିବା—ପ୍ରାଦେ (ଗଞ୍ଜାମ) କ୍ରି—ମନରେ ବିବେଚନା କରିବା—
Chitaku āṇibā To take into consideration.

ଚିତଚୋର—ଦେ. ବି—ଚିତ୍ତଚୋର (ଦେଖ)
Chita chorā Chitta chorā (See).

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୂ' ନ ପାଇଲେ 'ବନ୍ଧୁ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

ଚିତର—ଗ୍ରା (ଇତର) ବି ଓ ବିଣ—ଚିତ୍ର (ଦେଖ)
Chitara Chitra (See).

ଚିତରା—ଗ୍ରା (ଇତର) ବିଣ (ସଂ. ଚିତ୍ରିତ)—୧ । ଚିତ୍ରିତ—
Chitarā 1. Painted.
୨ । ନାନାବର୍ଣ୍ଣରଞ୍ଜିତ—2. Multi-coloured.

ଚିତରା(ରେ)ଇବା—ଗ୍ରା (ଇତର) କ୍ରି—ଚିତ୍ରଣ କରିବା—
Chitarā(e)ibā To paint.

ଚିତରା ମାତରା—ପ୍ରାଦେ. (ସମ୍ବଲପୁର) ବି—ଅନନ୍ତମୂଳ (ଦେଖ)
Chitarā mātarā Anantamūla (See)

ଚିତଳ—ଦେ. ବି. (ସଂ. ଚିତ୍ରଫଳ)—ଫଳଜାତୀୟ ବୃହଦାକାର ମତ୍ସ୍ୟ-
Chitaḷa ବିଶେଷ—A large sweet-water-fish;
চিতল Notopteris Chitala.
चितला [ଦ୍ର—ଏମାନଙ୍କ ମୁଣ୍ଡ କୁମ୍ଭିମୁହଁ ପରି ଗୋଜିଆ; ଦେହ ଚେପଟା; ଏମାନେ ଫଳଠାରୁ ବଡ଼; ଓସାରରେ ୩ ହାତ ଓ ଲମ୍ବରେ ୧୪ ହାତ ପର୍ଯ୍ୟନ୍ତ ବଢନ୍ତି; ଦେହରେ କାତି ଅଛି । ଏମାନେ ଗଭୀର ଜଳାଶୟ ମଧ୍ୟରେ ବାଲି ଭିତରେ ଗର୍ତ୍ତ କରି ତହିଁରେ ରହନ୍ତି ଓ ଡିମ୍ବ ଦିଅନ୍ତି । ଏମାନଙ୍କ ଡିମ୍ବ ଭାତ ପରି ବଡ଼ ବଡ଼ ଦାନାବିଶିଷ୍ଟ । ବଡ଼-ବଡ଼ ଚିତଳ ମାଛ ପଟେ ଲେଖାଏଁ କବାଟ ପରି ଲମ୍ବା ଓ ଚଉଡ଼ା ଥିବାର ଦେଖାଯାଇ ଅଛି ।

ଚିତା—ସଂ. ବି. (ଚି ଧାତୁ=ସଂଗ୍ରହ କରିବା+କର୍ମ ତ+ସ୍ତ୍ରୀ. ଆ)—
Chitā ୧ । ଚୁଲ୍ଲି (ମେଦିନୀ)—1. Oven.
୨ । ଶବଦାହ-ଚୁଲ୍ଲୀ; ଜୁଇ; ଚିଇ—2. Funeral pyre.
୩ । ଶବଦାହାର୍ଥ ରଚିତ କାଷ୍ଠରାଶି—3. A pile of wood for cremation.
୪ । ମଶାଣି; ଶ୍ମଶାନ—4. Cremation-ground
ফোঁটা;ছিটা ଦେ. ବି. (ସଂ. ଚିତ୍ର)—୧ । କପାଳ ଓ ଶରୀରର
छाप ଅନ୍ୟାନ୍ୟ ଅଙ୍ଗରେ ଅଙ୍କିତ ତିଳକ ବା ଚନ୍ଦନର ନାନାପ୍ରକାର ଚିହ୍ନ—1. Signs made with sandal and other pastes on the forehead and other parts of the bodys.

କାହା ଲଲାଟରେ ଦେବ ଚିତା । ଭକ୍ତିଚରଣ. ମଥୁରାମଙ୍ଗଳ ।

୨ । ସ୍ତ୍ରୀଲୋକଙ୍କ କପାଳରେ ଦିଆଯିବା ଟିକିଲି ବା ଟୋପି—
2. Tips (circular points) put by females on the forehead.

ନାହିଁ ସିନ୍ଦୁରରେଖା ସୁବର୍ଣ୍ଣ ଚିତା । ଗୋପୀକୃଷ୍ଣ. ଜଗମୋହନ ।

୩ । ବଟା ଚନ୍ଦନ—3. Sandal-paste.
উল্কি ୪ । ସ୍ତ୍ରୀଲୋକମାନେ ଛୁଞ୍ଚି ଓ କାଳି ଦ୍ୱାରା ଦେହର ଭିନ୍ନ ଭିନ୍ନ
उल्का ପ୍ରକାଶ୍ୟ ସ୍ଥାନରେ ଯେଉଁ ସ୍ଥାୟୀ ଚିତ୍ର ଲେଖନ୍ତି—
4. Various designs permanently engraved on the body of females with needle and black paint.
୫ । ମନୁଷ୍ୟର କପାଳ ବା ଭ୍ରୂମଧ୍ୟସ୍ଥଳ (ଯେଉଁଠାରେ ଚନ୍ଦନ ଟୋପା ମରାଯାଏ)—5 The middle of the forehead; the space between the two eyebrows.
(ଯଥା—ତା ଠେଙ୍ଗାଟି ଚିତାଏ ଉଚ୍ଚ ।)
୬ । ସୁପିଷ୍ଟ ଚନ୍ଦନାଦିର ଲେପ—
6. Finely pasted sandal or other ointment.
(ଯଥା—ହଳଦୀକୁ ଚିତା ପରି ବାଟିବୁ ।)
୭ । ସ୍ତ୍ରୀଲୋକଙ୍କ କର୍ତ୍ତୃକ ଘରର କାନ୍ଥ ଓ କବାଟରେ ପିଠଉ ଓ ଚୂନ ଦ୍ୱାରା ଲେଖାଯିବା ଚିତ୍ର—
7. Drawings and paintings made on walls and doors with rice-paste or lime.
୮ । ଚିତାପାରୁ (ଗଛ) (ଦେଖ)
8. Chitāpāru (tree) (See)
୯ । ଏକଜାତୀୟ ଶ୍ୱେତ ବାଘ; ଚିତ୍ରବ୍ୟାଘ୍ର; ଚିତାବାଘ—
9. A spotted tiger; leopard.
୧୦ । ହ୍ରସ୍ୱ 'ଇ' କାର; 'ଇ' ମାତ୍ରା—
10. The sign of the vowel 'i' in Orḍiā (viz. '⌒') put on the top of a consonant.
(ଯଥା—'କ' ରେ ଚିତା ଦେଲେ 'କି' ।)
[ଦ୍ର—ଦେଶୀୟ ଅବଧାନମାନେ ଚାଟଶାଳୀରେ ପିଲାଙ୍କୁ ପଢାଇବା ବେଳେ 'ଇ' କାରକୁ ଚିତା ବୋଲି କହନ୍ତି ।]

ଚିତା ଅମାବାସ୍ୟା—ଦେ. ବି—ଚିତଉ ଅମାବାସ୍ୟା (ଦେଖ),
Chitā amābāsyā Chitau amābāsyā (See)

ଚିତାଇବା—ଦେ. କ୍ରି—୧ । ଚିତୋଇବା (ଦେଖ)
Chitāibā 1. Chitoibā (See)
୨ । ଚିତେଇବା (ଦେଖ)
2. Chiteibā (See)

ଚିତାଉ—ଗ୍ରା. ବି—ଚିତଉ (ଦେଖ)
Chitāu Chitau (See)

ଚିତା କରିବା—ଦେ.କ୍ରି—ସ୍ନାନ ପରେ କପାଳାଦିରେ ଚନ୍ଦନ ଓ ତିଳକାଦି ଲଗାଇବା—To put sandal-paste or other mark on the fore head and body after bathing.
Chitā karibā
ଚିତା କାଟିବା, ଚିତାଦେଇବା, ଚିତାଦେଲେଇବା, ଚିତାଦେବା, ଚିତାଲଗାଇବା } ଅନ୍ୟରୂପ

ଚିତା କାଟିବା—ଦେ କ୍ରି—୧ । କପାଳରେ ଲମ୍ବ ବା ଠିଆ ଦାଗରେ ତିଳକ ବା ଚନ୍ଦନର ଚିହ୍ନ ଅଙ୍କନ କରିବା—
Chitā kāṭibā
ফোঁটাকাটা 1. To draw lines on the
तिलककाटना forehead with sandal paste etc.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ଼	ଋଅ	ଝ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଇଅ	ଞ	ନ୍ତୁ

କଳିଯୁଗର ଦ୍ୱିଜ ନ ପଢ଼ିଣ ବେଦ
ଚିତା କାଟି ଗୁଲନ୍ତେ କହୁଣ ପ୍ରମାଦ—କୃଷ୍ଣସିଂହ· ମହାଭାରତ· ଶାନ୍ତି ।

୨ । ଠକିବା; ଧପ୍ପା ମାରିବା—
2. To cheat; to hoodwink.
(ଯଥା—ସେ ମୋତେ ଜିନିଷର ଦାମ୍ ନ ଦେଇ ଦବ ଦବ ବୋଲି କହି ଚିତା କାଟି ଗ୍ଲଲି ଗଲା ।)

ଚିତା କୁଟା(ଟେ)ଇବା—ଦେ. କ୍ରି—'ଚିତାକୁଟିବା'ର ଣିଜନ୍ତରୂପ—
Chitā kuṭā(e)ibā — Causative form of 'Chitā kuṭibā'.

ଚିତା କୁଟିବା—ଦେ. କ୍ରି—କୌଣସି ବ୍ୟକ୍ତିର ଦେହରେ ଛୁଞ୍ଚ ଓ କଳା ଦ୍ୱାରା ନାନାବିଧ ସ୍ଥାୟୀ ଚିତ୍ର ଅଙ୍କନ କରିବା—
Chitā kuṭibā — To tattoo the body of a person.
উল্কিবেঁধা
उल्किगोदना [ଦ୍ର—ଆମ ଦେଶରେ ସ୍ତ୍ରୀଲୋକେ ଓ ଅନ୍ୟ ଦେଶରେ କେତେକ ସ୍ତ୍ରୀ ଓ ପୁରୁଷ ଉଭୟେ ଶରୀରର ବିଭିନ୍ନ ଅଙ୍ଗରେ ନାନା ଚିତ୍ର (ବୃକ୍ଷ, ଲତା, ଦେବତା, ଅଳଙ୍କାର, ଜୀବ, ପକ୍ଷୀ ଇତ୍ୟାଦି) ସ୍ଥାୟୀଭାବରେ ଅଙ୍କିତ କରନ୍ତି । ସାଧାରଣତଃ କେଳୁଣୀମାନେ ଚିତା କୁଟନ୍ତି; ପ୍ରଥମେ ପାଣିଅଁ କଳା ବା କାଳୀରେ ଗୋଟିଏ ଚିତ୍ର ଅଙ୍କି ଦେଇ ସେହି ଅଙ୍କିତ ରେଖାମାନଙ୍କରେ ଛୁଞ୍ଚମୁନ ଫୁଟାଇ ଫୁଟାଇ ଘାଆ କରନ୍ତି । ଉକ୍ତ ଘାଆ ଶୁଖି ଗଲାପରେ ଛାଡ଼ିଗଲେ ସେ ଚିହ୍ନଟି ଆଜୀବନ ଶରୀରରେ ରହିଯାଏ । ଅସଭ୍ୟ ଜାତିମାନେ ଚିତା କୁଟାଇ ଶରୀରକୁ ଅତ୍ୟନ୍ତ କଦାକାର କରି ପକାନ୍ତି । ଏବେ ପାଶ୍ଚାତ୍ୟମାନଙ୍କର ଦେଖାଦେଖି ଏ ଦେଶରେ କେହି କେହି ସଉକରେ ନିଜନିଜର ପ୍ରେମିକପ୍ରେମିକାଙ୍କ ନାମକୁ ଦେହରେ ଚିତା ଆକାରରେ କୁଟାଇଥିବା ଦେଖାଯାଏ ।]

ଚିତା ଗଛ—ପ୍ରାଦେ. (ଗଞ୍ଜାମ) ବି—
Chitā gachha — ଚିତାପାରୁ (ଗଛ) (ଦେଖ)
Chitāpāru (tree) (See)

ଚିତାଗ୍ନି—ସଂ. ବି. (ଚିତା + ଅଗ୍ନି)—
Chitāgni — ଶବଦାହାର୍ଥ ଅଗ୍ନି; ଜୁଇ—
(ଚିତାନଳ—ଅନ୍ୟରୂପ) — Funeral fire.

ଚିତା ଚଇତନ—ଦେ. ବି—ହିନ୍ଦୁର ଚିତା କରିବା ଆଦି ନିତ୍ୟକ୍ରିୟା—
Chitā chaitana — The daily devotional acts of a Hindu

ଚିତା ଦେବା—ଦେ. କ୍ରି—୧ । ଘରର କବାଟ, କାନ୍ଥ ଓ ତଳରେ ଚୂନ ଓ ଚାଉଳ ପିଠଉ ଦ୍ୱାରା ଚିତ୍ର ଅଙ୍କନ କରିବା—
Chitā debā — 1. To draw figures on the wall, door and floor with rice-paste or lime.
୨ । ଧପ୍ପା ମାରିବା; ଠକିବା—
2. To hoodwink; to cheat.

ଗୋଟାଏ ଲୁହାକିଆରିରେ ସିନ୍ଧୁକ ଥିଆ କରାଇ ପକାଇ
ଅଚ୍ଛା କରି ଚିତା ଦେବ—ଫକୀରମୋହନ· ଗଳ୍ପସ୍ୱଳ୍ପ ।

ଚିତା ପାଟି—ଦେ. ବି—ଚନ୍ଦନାଦିରେ କପାଳର ଦୁଇ ପାଖରେ କାଟିବା ପତ୍ରାକାର ଚିତ୍ର—
Chitā pāṭi — Leaf-like painting of sandal-paste on both sides of the forehead.

ଚିତାପାରି—ଦେ. ବି—ଚିତାପାରୁ (ଦେଖ)
Chitāpāri — Chitāpāru (See)

ଚିତାପାରୁ—ଦେ. ବି. (ସଂ. ଚିତ୍ରକ)—ଗୁଳ୍ମବିଶେଷ—A kind of bush; Plumbago Zeylanica.
Chitāpāru

ସଂ· ନାମ—ଚିତ୍ରକ, ପୀଠ, ଅନଳ, ବହ୍ନି, ହିମ୍ରକର, ଶିଖାବାନ୍, ପାବକ, ଶୁଣ୍ଡା, ଦାରୁଣ, ଶଂବର, ଶିଖୀ, ହୁତଭୁକ୍, ବ୍ୟାଳ, ଉଷଣ, ପାଠୀ
চিতা
चिता
ତେ. ଚିତ୍ରମୂଲମୁ.
ଫା. ରେଶବରଂଦା,
ଅଂଶିତରଜ
ମ. ଚିତ୍ରକୁ
ଗୁ. ଚିତ୍ରୋ

[ଦ୍ର—ଏହାର ପତ୍ର ଜାମୁପତ୍ର ପରି ଓ ପତ୍ରରେ କୋଣ ନାହିଁ; ଫଳ ପୁଷ୍ପଦଳବର୍ଦ୍ଧିଷ୍ଣୁ । ଏହାର ମୂଳ ବିଷାକ୍ତ, ଏହି ମୂଳକୁ ବାଟି ଦେହରେ ଲଗାଇ ଦେଲେ ଘାଆ ହୋଇଯାଏ । ଏହାର ଛାଲି ଓ ମୂଳ ଔଷଧରେ ଲାଗେ । ଏହା କଟୁବିପାକ, ଅଗ୍ନିକାରକ, ପାଚକ, ଲଘୁ, ରୁକ୍ଷ, ଉଷ୍ଣବୀର୍ଯ୍ୟ ଓ ମଳସଂଗ୍ରାହକ । ଏହା ଗ୍ରହଣୀ, କୁଷ୍ଠ, ଶୋଥ, ଅର୍ଶ, କ୍ରିମି, କାସ, ବାତଶ୍ଳେଷ୍ମା ଓ ପିତ୍ତପ୍ରଶମକ, କ୍ଷୁଧାବର୍ଦ୍ଧକ, ଚର୍ମରୋଗନାଶକ ଓ ତ୍ରିଦୋଷନାଶକ । ଏ ଗଛ ଫୁଲର ଭେଦରେ ତିନିପ୍ରକାର—
୧ । ଧଳାଚିତା ବା ଶ୍ୱେତଚିତ୍ରକ—1. Zeylanica.
୨ । ନାଲିଚିତା ବା ରକ୍ତଚିତ୍ରକ—
2. Plumbago Rosea or the Lead-wort.
୩ । କଳାଚିତା ବା କୃଷ୍ଣଚିତ୍ରକ—3. Plumbago.
ଧଳାଚିତା ଓ ନାଲିଚିତାଗଛ ବେଶି ଦେଖାଯାଏ । ଏହାର ଫୁଲ ସୁନ୍ଦର ଓ ଦେଖିବାକୁ ଯୂଇ ଫୁଲ ଆକାରର । କେହି କେହି କହନ୍ତି ଯେ ନାଲିଚିତାମୂଳ ସେବନ କଲେ ଶରୀର ସ୍ଥୂଳ ହୁଏ ଓ କଳାଚିତାମୂଳ ସେବନ କଲେ ବାଳ କଳା ହୋଇଯାଏ—ହି. ଶବ୍ଦସାଗର ।]

ଚିତା ପେଡ଼ି—ଦେ. ବି. (ସଂ. ଚିତ୍ର + ପୀଠ)—
Chitā peṛi — ୧ । ଚନ୍ଦନପେଡ଼ି; ତିଳକପେଡ଼ି; ଯେଉଁ ପଥରଖଣ୍ଡ ଉପରେ ଚନ୍ଦନ ବା ତିଳକ ଘୋରି ଯାଏ—
চন্দনপীড়ি
4. A slab of stone on which sandal wood is reduced to paste by rubbing

ଚିତାପେଡ଼ି ନନ୍ଦନ ଛତର କଣାଳ—କୃଷ୍ଣସିଂହ, ମହାଭାରତ· ବିରାଟ ।

୨ । ପୂଜାପେଡ଼ି; ଯେଉଁ ବାକ୍ସ ବା ପେଡ଼ିରେ ଚିତା ଦେବା ସରଞ୍ଜାମ (ଚନ୍ଦନକାଠ, ଚନ୍ଦନପେଡ଼ି, ଦର୍ପଣ ଇତ୍ୟାଦି) ରଖାଯାଏ—2. A box in which the requisites for painting Tiḷaka or sandal-paste are kept.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଋଥ' ନ ମିଳିଲେ 'ରୂଥ' ଦେଖିବେ; 'ବଟୁ' ନ ପାଇଲେ 'ବଟୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚିତାବାଘ—ଦେ. ବି. (ସଂ. ଚିତ୍ରବ୍ୟାଘ୍ର)—ଏକପ୍ରକାର ଛୋଟବାଘ—
Chitābāgha Leopard; spotted tiger; Cynaelurus Jaleatus.
চিতাবাঘ
चीता [ଦ୍ର—ଏହାର ଦେହର ଲୋମ ହଳଦିଆ ଓ ଦେହସାରା ଛିପିଛିପି କଳା ଦାଗମାନ ଥାଏ । ଏ ଉଚ୍ଚରେ ୧୪ ହାତ ଓ ଲାଞ୍ଜ ସହିତ ଲମ୍ବରେ ୩ ହାତ ପର୍ଯ୍ୟନ୍ତ ହୁଏ ।]

ଚିତା ଭସ୍ମ—ସଂ. ବି. (୬ଷ୍ଠୀ ତତ୍; ଚିତା+ଭସ୍ମ)—ମଶାଣିପାଉଁଶ; ଚିତାଗ୍ନିର ପାଉଁଶ—
Chitā bhasma The ashes of a funeral pyre.

ଚିତା ରନ୍ଦା—ଦେ. ବି. (ସଂ. ଚିତ୍ର+ରଦନ)—କାଠକୁ ପାଲିସ୍ କରିବା ନିମନ୍ତେ ବ୍ୟବହୃତ ଅସ୍ତ୍ରବିଶେଷ; ଛୋଟରନ୍ଦା—
Chitā randā A carpenter's small plane which leaves minute furrows on the wood.
চিন্না
छोटारन्दा
[ଦ୍ର—ଏ ରନ୍ଦାର ଫଳକରେ ପାନିଆ ପରି ଅତି କ୍ଷୁଦ୍ର କ୍ଷୁଦ୍ର ଦାନ୍ତ ଥାଏ ।]

ଚିତାରୋହଣ—ଦେ. ବି. (୭ମୀ ତତ୍; ଚିତା+ଆରୋହଣ)—ମୃତସ୍ୱାମୀଙ୍କ ଶବ ସଙ୍ଗେ ପୋଡ଼ି ହୋଇ ପ୍ରାଣତ୍ୟାଗ କରିବା ସକାଶେ ସତୀମାନଙ୍କର ମୃତ ସ୍ୱାମୀର ଜଳନ୍ତା ଚିତାଗ୍ନି ଉପରେ ଚଢ଼ିବା; ସହମରଣ ପ୍ରଥା—
Chitārohaṇa The obesolete custom of women ascending the funeral pyre of their late husbands and thus being burnt to ashes with their husbands' corpse.

ଚିତାଲାଗି ଅମାବାସ୍ୟା—ଦେ. ବି.—ଚିତଉ ଅମାବାସ୍ୟା (ଦେଖ)
Chitālāgi amābāsyā Chitau amābāsyā (See)

ଚିତାଲାଗି ହେବା—ଦେ. କ୍ରି—ଦେହରେ ଚନ୍ଦନ ବୋଳି ହେବା—
Chitālāgi hebā To paint the body with marks of sandal-paste.

ଚିତା ଶାଗ—ଦେ. ବି.—ଔଷଧ ଗୁଳ୍ମବିଶେଷ—
Chitā śāga A species of medicinal herb.

ଚିତାସାଧନ—ସଂ. ବି. (୭ମୀ ତତ୍; ଚିତା+ସାଧନ)—ଚତୁର୍ଦ୍ଦଶୀ ବା ଅଷ୍ଟମୀ ରାତ୍ରି ଦେଢ଼ପ୍ରହର ଅତୀତ ହେବା ପରେ ଶ୍ମଶାନରେ ଚିତାଭସ୍ମ ଉପରେ ବସି ଇଷ୍ଟମନ୍ତ୍ର ଜପପୂର୍ବକ ତାନ୍ତ୍ରିକ ସାଧନାବିଶେଷ (ହି. ଶବ୍ଦସାଗର)—
Chitā sādhana A tantric rite consisting of counting one's particular formula in the cremation-ground at dead of night on certain days of the lunar fortnight.

ଚିତି—ସଂ. ବି. (ଚି ଧାତୁ+କର୍ମ. ତି)—୧ । ଚିତାଗ୍ନି—
Chiti 1. Funeral pyre.
୨ । ସମୂହ; ରାଶି—2. A heap; collection.
୩ । ରାଶୀକୃତ ଇଷ୍ଟକ, ତୃଣ, କାଷ୍ଠାଦିର ପରିମାଣଦ୍ୱାରା ଘନଫଳଗଣନ—3. Finding out the solid contents of a stock of brick, fuel, hay etc. of uniform dimensions.
୪ । ଇଷ୍ଟକାଦିର ପୁଞ୍ଜ—4. A heap of bricks etc.
୫ । (+ଭାବ. ତି) ନିର୍ବିଷୟ ଜ୍ଞାନ—
5. Knowledge about immaterial things.
୬ । ଚୟନ; ରାଶୀକରଣ (ହି. ଶବ୍ଦସାଗର)—
6. Heaping up; gathering.
୭ । ଅଗ୍ନିର ସଂସ୍କାର ବିଶେଷ (ହି. ଶବ୍ଦସାଗର)
7. Consecration of the sacrificial fire.
୮ । ଇଟା ଗାନ୍ଥିବା; ଚାନ୍ଥ ଅବରେ ଇଟା ବସାଇବା (ହି. ଶବ୍ଦସାଗର)—
8 Brick masonry.
୯ । ଚୈତନ୍ୟ (ହି. ଶବ୍ଦସାଗର)—9. Consciousness.
୧୦ । ଯଜ୍ଞବେଦୀ ପାଇଁ ଇଷ୍ଟକର ସଂସ୍କାରବିଶେଷ(ହି.ଶବ୍ଦସାଗର)-
10. Consecration of the bricks for building a sacrificial platform.
୧୧ । (+କର୍ତ୍ତୃ. ତି)—ଦୁର୍ଗା (ହି. ଶବ୍ଦସାଗର)—
11. Goddess Durgā.

ଦେ. ବି.—(ସଂ. ଚିତ୍ର)—ଅଧିକ ସମୟ ଓଦା ରହିବାରୁ ଲୁଗାରେ ପଡ଼ିଯିବା କଳା ଓ ଧଳା ଦାଗମାନ—1. Black and white spots appearing on a cloth on its being kept wet for a long time; mildew; mould.
চিতা
चिती
(ଯଥା—ଧଳାଚିତି; କଳାଚିତି ।)
୨ । ଚିତିସାପ (ଦେଖ)
2. Chiti sāpa (See)

ଦେ. ବିଣ.—ଚିତ୍ (ଦେଖ)
Chit (See)

କେତେବେଳେ ପୁଣି ପଡ଼ନ୍ତି ହୋଇ ଚିତି ।
କୃଷ୍ଣସିଂ ହ. ମହାଭାରତ. ସଭା ।

ଚିତିକା—ସଂ. ବି.—୧ । ଅଣ୍ଟାସୂତା; କରଧନି; ମେଖଳା (ହି.ଶବ୍ଦସାଗର)
Chitikā 1. Belt; waist-chain.
୨ । ଚିତି (ଦେଖ)
2. Chiti (See)

ଚିତିପଟା—ଦେ. ବିଣ.—ଚିତ୍‌ପଟାଙ୍ଗ୍ (ଦେଖ)
Chitipaṭā Chitpaṭāṅg (See)

ଚିତିପଟାଙ୍ଗ୍—ଦେ. ବିଣ.—ଚିତ୍‌ପଟାଙ୍ଗ୍ (ଦେଖ)
Chitipaṭāṅg Chitpaṭāṅg (See)
ଏଣିକି ଓଡ଼ିଶାଟା ଚିତିପଟାଙ୍ଗ୍ ହୋଇ ବାଳାପଟା ଖେଳିବ—ଦୁନିଅରହାଲଚାଲ ।

ଚିତିପାଟ୍—ଦେ. ବିଣ—ଚିତ୍‌ପଟାଙ୍ଗ୍ (ଦେଖ)
Chitipāṭ Chitpaṭāṅg (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ନ୍ଚ

ଚିତିପାଟି—ଦେ. ବି—ଉପର ସୁନ୍ଦର ଦିଶିବା ପାଇଁ ଉପରଚାଲେ ଲଗାଯିବା
Chitipāṭi କାରୁକାର୍ଯ୍ୟବିଶିଷ୍ଟ କାଠପଟା—A plank worked with various designs and put on the lower face of a cross-beam in a thatched house

ଚିତି ବ୍ୟବହାର—ସଂ. ବି. (ମ. ପ. ଲୋ; ଚିତିକ୍ଷାପକ ବ୍ୟବହାର)—
Chiti byabahāra ୧ । କାନ୍ଥରେ କେତେ ଇଟା ବା ପଥର ଲାଗିବ ଏହା ସ୍ଥିର କରିବା ପାଇଁ ଗଣନା ବିଶେଷ (ହି. ଶବ୍ଦସାଗର)—
1. The mathematical calculation for finding out the number of bucks or stones for a wall or house.

[ଦ୍ର— ଲୀଳାବତୀର ସୂତ୍ର ଅନୁସାରେ କାନ୍ଥର ଘନଫଳକୁ ପ୍ରତ୍ୟେକ ଇଟା ବା ପଥରର ଘନଫଳ ସଙ୍ଗେ ହରଣ କଲେ ଇଟା ବା ପଥରର ସଂଖ୍ୟା ଧରା ପଡ଼େ ।]

୨ । ଇଷ୍ଟକରାଶି ବା ତୃଣସ୍ତୁପର ଘନଫଳ ବାହାର କରିବାର ନିୟମ (କ୍ଷୀତେନ୍ଦ୍ର)—2. The rule for finding out the cubical contents of a heap of bricks of hay mass.

୩ । ଗୋଟିଏ ସ୍ତୁପର ଘନଫଳ ନିରୂପଣ—3. Calculation of the cubic measure of a pile (M. W.).

ଚିତିମାତ୍—ଦେ. ବିଣ—ଚିତ୍‌ପଟାଙ୍ଗ୍ (ଦେଖ)
Chitimāt Chitpaṭāṅg (See)

ଚିତି ମାରିବା—ଦେ. କ୍ରି—୧ । ଦରମରା ବା ବଉଳ ଯାଇଥିବା ମାଛ-
Chiti māribā ମାନେ ପେଟପାଖ ଉପରକୁ ଦେଖାଇ ଜଳରେ ଭାସିବା; (ମାଛ) ଚିତେଇବା—
1. (fishes exhausted or dying) To float or swim on water with bellies turned upside or by displaying the flat sides.

মইসাধরা;চিতাপড়া ୨ । ଗାମୁଛା ବା ଲୁଗା ଅଧିକରୁ ସମୟ ଓଦା
चित्तीपड़ना ରହିବାରୁ ତହିଁରେ ଧଳାକଳା ଛିଟ ଛିଟ ଦାଗ ହୋଇଯିବା—2. (cloth) To be soiled with black or white spots (due to being kept wet for a long time).

୩ । ମଲ୍ଲମାନେ ଶୂନ୍ୟକୁ ଲମ୍ଫ ଦେଇ ଚିତ୍ ମାରି ଚିତ ହେବା; ମାକଡ଼ଚିତ୍ ମାରିବା—3. (athlets) To come down with the back to the ground after making a dexterous jump into the air

ଚିତିର—ଗ୍ରା. (ଇତର) ବି. (ସଂ. ଚିତ୍ର)—ଛବି—Picture.
Chitira ଗ୍ରା. ବିଣ—ଚିତ୍ରିତ; ଚିତ୍ରର—Painted.

ଚିତିରା—ଗ୍ରା. (ଇତର) ବିଣ. (ସଂ. ଚିତ୍ରିତ)—୧ । ଚିତ୍ରିତ—
Chitirā 1. Painted.
୨ । ନାନା ବର୍ଣ୍ଣରେ ଚିତ୍ରିତ—
2. Multicoloured; mottled.
ଦେ. ବି—ଚିତ୍ରାନନ୍ଦର ଡାକନାମ—
Name for calling Chitrānanda.

ଚିତିରାଇବା—ଗ୍ରା. (ଇତର) କ୍ରି. (ସଂ. ଚିତ୍ରରୁ ଓଡ଼ିଆ ନାମ ଧାତୁ)—
Chitirāibā ଚିତ୍ରିତ କରିବା—To paint.
চিতরান
चितराना

ଚିତି ସାପ—ଦେ. ବି. (ସଂ. ଚିତ୍ରସର୍ପ; ଚିତ୍ରାଙ୍ଗ)—ବୋଡ଼ାଜାତୀୟ
Chiti sāpa ଏକପ୍ରକାର ସାପ—A kind of hoodless snake
চিতী with circular marks on the body.
चित्ती; चितल [ଦ୍ର—ଏମାନେ ହାତେ ପର୍ଯ୍ୟନ୍ତ ଲମ୍ବ ହୁଅନ୍ତି । ଏମାନଙ୍କ ଦେହ ଖଇରିରଙ୍ଗ; ଦେହରେ ସାଧା ଦାଗମାନ ଥାଏ । ଏମାନେ ଘରର ଚାଳରେ ଓ କାନ୍ଥ ଉପରେ ଥାଆନ୍ତି; ଏମାନଙ୍କର ଫଣା ନାହିଁ ।]

ଚିତୁ—ପ୍ରାଦେ. (ଗଞ୍ଜାମ) ବୈଦେ. (ତେ) ବି—କଉଡ଼ିଖେଳରେ କଉଡ଼ି
Chitu କଉଡ଼ିର ପେଟ ଉପରକୁ ହୋଇ ପଡ଼ିବା ଅବସ୍ଥା—
The state of a cowrie (shell) falling with its ventral side upwards in a game with cowries.
ପ୍ରାଦେ. (ଗଞ୍ଜାମ) ବିଣ—ରଦ୍ଦି (କାଗଜ ଆଦି)—
Waste (paper etc).
(ଯଥା—ଚିତୁ କାଗଜ ।)

ଚିତୁଆଇବା—ଦେ. କ୍ରି. (ସଂ. ଚିତ୍)—ଚିତୋଇବା (ଦେଖ)
Chituāibā Chitoibā (See)
(ଚିତୁଆଇବା—ଅନ୍ୟରୂପ)

ଚିତୁଆଣ—ଦେ. ବି. (ସଂ. ଚିନ୍ତନ)—ଚିନ୍ତନ; ସ୍ମରଣ—
Chituāṇa Remenbrance; recollection.

ଦିନ ଦିନକର ପୀରତି ସାଥ
ଚିତୁଆଣକୁ ଏ ବିରସା ହୁଡା । ଭଞ୍ଜ. ଲାବଣ୍ୟବତୀ ।

ଚିତୁକୂଟ—ଗ୍ରା. ବି. (ସଂ. ଚିତ୍ରକୂଟ)—ଚିତ୍ରକୂଟ (ଦେଖ)
Chitukūṭa Chitrakūṭa (See)
(ଚିତୁକୋଟ—ଅନ୍ୟରୂପ)

ଚିତୁଲୁ—ପ୍ରାଦେ. (ଗଞ୍ଜାମ) ବି—କଉଡ଼ିଖେଳରେ ସବୁ କଉଡ଼ିଯାକ
Chitulu ପେଟ ଉପରକୁ ହୋଇ ପଡ଼ିବା—
The state of all the cowries being thrown on the ground with the ventral side upwards in a game with cowries.

ଚିତେଇବା—ଦେ. କ୍ରି—୧ । ଚିତୋଇବା (ଦେଖ)
Chiteibā 1. Chitoibā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ୨ ଚିହ୍ନ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ସେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଖୋଜିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

୨ । ଚିତ୍ ହୋଇ ପଡ଼ିବା ବା ଶୋଇବା—
2. To lie with the face upwards.

ଚିତୋଇବା—ଦେ. କ୍ରି. (ସଂ. ଚିତ୍ତ; ସଂ. ଚିତ୍ ଧାତୁ=ଚେଇଁବା)—
Chitoibā ୧ । ଅନ୍ୟ ବ୍ୟକ୍ତିକୁ କୌଣସି ବିଷୟ ସ୍ମରଣ କରାଇବା; ମନେ କରାଇବା—
চিতান, চেতান
चिताना, चेताना 1. To remind a person of some matter.
(ଚିତ୍ତେଇବା—ଅନ୍ୟରୂପ)

୨ । ମନେ ପକାଇବା; ସ୍ମରଣ କରିବା; ହେଜିବା—
2. To remember; to recollect.

ଏହା ଦେଖିଣ ଦଶରଥଙ୍କ କୁମର
ଦୁଃଖ ଚିତୋଇଣ ହସିଲେ ନୃପବର । କୃଷ୍ଣସିଂହ. ମହାଭାରତ. ବନ ।

୩ । (ଚେଇଁବାର ଣିଜନ୍ତ ରୂପ) ସଚେତ କରିବା; ଜାଗ୍ରତ କରିବା; ନିଦରୁ ଉଠାଇବା; ଚେତାଇବା—
3 To cause to rise from sleep; to rouse from sleep; to awaken.

ବିବେକୀ ଶୁଆର ସଦା ନିଦ୍ରା ଚିତୋଇ । ଭଞ୍ଜ. ବୈଦେହୀଶବିଳାସ ।

୪ । କୌଣସି ବ୍ୟକ୍ତିକୁ ସାବଧାନ ବା ସତର୍କ କରିବା—
4. To caution or warn a person.

ଚିତୋଉ (ଇତ୍ୟାଦି)—ଗ୍ରା ବି—ଚିତଉ ଇତ୍ୟାଦି (ଦେଖ)
Chitou (etc) Chitau etc. (See)

ଚିତୋର—ଦେ. ବି. (ନାମ) (ସଂ. ଚିତ୍ରକୂଟ; ପ୍ରା. ଚିତ୍ତଉଡ଼, ହି. ଶବ୍ଦସାଗର)—ରାଜପୁତାନାର ଇତିହାସପ୍ରସିଦ୍ଧ ନଗର-ବିଶେଷ—Name of a historically famous town in Rajputana; Chitor.
Chitora
চিতোর
चित्तौर

[ଦ୍ର—ଏହା ମେବାରର ଉଦୟପୁର ମହାରାଣାଙ୍କ ପ୍ରାଚୀନ ରାଜଧାନୀ ଥିଲା । ମୁସଲମାନ୍ ରାଜା ଅଲ୍ଲାଉଦ୍ଦିନ୍ ଚିତୋରର ମହିଷୀ ପଦ୍ମାବତୀଙ୍କ ରୂପର ଖ୍ୟାତି ଶୁଣି ମୁଗ୍ଧ ହୋଇ ତାଙ୍କୁ ପାଇବା ଆଶାରେ ଚିତୋର ଦୁର୍ଗକୁ ଆକ୍ରମଣ କଲେ । ଯବନ ହାତରେ ପଡ଼ିବା ପୂର୍ବରୁ ରାଣୀ ବହୁଶତ କ୍ଷତ୍ରିୟ ରମଣୀଙ୍କସହ ଅଗ୍ନିରେ ଝାସ ଦେଲେ । ଏହା ଖ୍ରୀ: ଷୋଡ଼ଶ ଶତାବ୍ଦି ପର୍ଯ୍ୟନ୍ତ ମେବାରର ରାଣାମାନଙ୍କ ରାଜଧାନୀ ଥିଲା । ଆକବର ଏ ଦୁର୍ଗକୁ ଅଧିକାର କରିବାରୁ ମହାରାଣା ଉଦୟପୁର ନାମକ ନୂଆ ରାଜଧାନୀ ବସାଇଲେ । ଚିତୋର ଦୁର୍ଗ ଗୋଟିଏ ଉଚ୍ଚ ପାହାଡ଼ ଉପରେ ଅବସ୍ଥିତ । ଏ ଗଡ଼ ମଧ୍ୟରେ ଅନେକ ଦେବମନ୍ଦିର, କୀର୍ତ୍ତିସ୍ତମ୍ଭ, ପ୍ରାସାଦ, ବିହାରଭବନର ଭଗ୍ନାବଶେଷ ଅଛି ।]

ଚିତ୍କାର—ସଂ. ବି. (ଚିତ୍=ଧ୍ୱନି ବିଶେଷ+କୃ ଧାତୁ+ଭାବ. ଅ)—
Chitkāra ୧ । ଉଚ୍ଚ ସ୍ୱର; ବଡ଼ ପାଟି—
(ଚୀତ୍କାର—ଅନ୍ୟରୂପ) 1. Shout; loud sound.

୨ । ହଠାତ୍ କରାଯିବା ଉଚ୍ଚ ସ୍ୱର; ହୁଲ୍ଲା—
2. Scream; hue and cry.

ଚିତ୍ତ—ସଂ. ବି. (ଚିତ୍ ଧାତୁ=ବୋଧ କରିବା+କରଣ. ତ; ଯାହା ଦ୍ୱାରା ଜ୍ଞାନଲାଭ ହୁଏ)—
Chitta

୧ । ମନଃ—1. Mind; mental faculty.

୨ । ହୃଦୟ; ଅନ୍ତଃକରଣ—2. Heart.

୩ । ସ୍ମରଣଶକ୍ତି—3. Memory.

୪ । ଇଚ୍ଛା; ମରଜି—4. Wish; liking; will.

[ଦ୍ର—ବେଦାନ୍ତସାର ଅନୁସାରେ ଅନ୍ତଃକରଣର ୪ଟି ବୃତ୍ତି—ମନ, ବୁଦ୍ଧି, ଚିତ୍ତ ଓ ଅହଙ୍କାର । ସଂକଳ୍ପବିକଳ୍ପାତ୍ମକ ବୃତ୍ତିର ନାମ ମନଃ, ନିଶ୍ଚୟାତ୍ମକ ବୃତ୍ତିର ନାମ ବୁଦ୍ଧି, ଉପରୋକ୍ତ ଦୁଇ ବୃତ୍ତିର ଅନ୍ତର୍ଗତ ଅନୁସନ୍ଧାନାତ୍ମକ ବୃତ୍ତିକୁ ଚିତ୍ତ ଓ ଅଭିମାନାତ୍ମକ ବୃତ୍ତିକୁ ଅହଙ୍କାର ବୋଲାଯାଏ । ପଞ୍ଚଦଶୀରେ ଇନ୍ଦ୍ରିୟମାନଙ୍କ ନିୟନ୍ତା ମନଃକୁ ଅନ୍ତଃକରଣ ବୋଲି ଯାଇଅଛି । ବୌଦ୍ଧମାନେ ଚିତ୍ତକୁହିଁ ଆତ୍ମା ବୋଲି ମାନିଅଛନ୍ତି । ବୌଦ୍ଧମତାନୁସାରେ ଚିତ୍ତର ଭେଦ :— କାମାବଚର, ରୂପାବଚର, ଅରୂପାବଚର ଓ ଲୋକୋତ୍ତର । ଚାର୍ବାକଙ୍କ ମତରେ ମନହିଁ ଆତ୍ମା ଅଟେ । ପତଞ୍ଜଳି ଚିତ୍ତକୁ ସ୍ୱପ୍ରକାଶ ବୋଲି ସ୍ୱୀକାର ନ କରି ଏହାକୁ ଦୃଶ୍ୟ ଓ ଜଡ଼ପଦାର୍ଥ ବୋଲି କହି ଆତ୍ମାକୁ ଚିତ୍ତର ପ୍ରକାଶକ ବୋଲି କହିଅଛନ୍ତି । ଯୋଗସୂତ୍ର ଅନୁସାରେ ଚିତ୍ତବୃତ୍ତି ୫ ପ୍ରକାର :—ପ୍ରମାଣ, ବିପର୍ଯ୍ୟୟ, ବିକଳ୍ପ, ନିଦ୍ରା ଓ ସ୍ମୃତି । ହିନ୍ଦୁଦର୍ଶନ ଅନୁସାରେ ମନଃ ବା ଚିତ୍ତର ସ୍ଥାନ ହୃଦୟ ବା ହୃତ୍‌ପଦ୍ମ ଅଟେ, କିନ୍ତୁ ଆଧୁନିକ ପାଶ୍ଚାତ୍ୟ ବିଜ୍ଞାନ ଅନୁସାରେ ଅନ୍ତଃକରଣର ସମସ୍ତ ବ୍ୟାପାରର ସ୍ଥାନ ମୁଣ୍ଡର ଖପୁରି ତଳେ ଥିବା ମସ୍ତିଷ୍କ ଅଟେ । ଏହାହିଁ ସବୁ ଜ୍ଞାନତନ୍ତୁମାନଙ୍କର କେନ୍ଦ୍ର । ମୁଣ୍ଡର ଖପୁରି ତଳେ ଥିବା ସୂକ୍ଷ୍ମ ଚଳଚଳିଆ କ୍ଷୁଦ୍ର କ୍ଷୁଦ୍ର ତନ୍ତୁ ବା କୋଷ-ସମୂହହିଁ ଅନ୍ତଃକରଣ । ଭୂତବାଦୀ ବୈଜ୍ଞାନିକମାନଙ୍କ ମତରେ ଚିତ୍ତ, ମନ ଓ ଆତ୍ମା ପୃଥକ୍ ନୁହନ୍ତି । ଏହା କେବଳ ମସ୍ତିଷ୍କଗୁଳିକାର ବ୍ୟାପାରବିଶେଷ । ଏହା କ୍ଷୁଦ୍ର ଓ ନୀଚ ଜୀବମାନଙ୍କଠାରେ ଅଳ୍ପ ପରିମାଣରେ ଥାଏ ଓ ଉଚ୍ଚତର ଜୀବମାନଙ୍କଠାରେ ବେଶି ଥାଏ । ଏହି ବ୍ୟାପାର ସଙ୍ଗେ ପ୍ରାଣରସ (ପ୍ରୋଟୋପ୍ଲାସ୍ମ୍) ର କେତେକ ବିକାର ସଙ୍ଗେ କିଛି ସମ୍ପର୍କ ଅଛି । ଏହି ପ୍ରାଣରସରୁ ଇନ୍ଦ୍ରିୟ ଓ ମସ୍ତିଷ୍କର ସୃଷ୍ଟି—ହି. ଶବ୍ଦସାଗର ।]

ଦେ. ବି—ଧୈର୍ଯ୍ୟ—Patience.

କିଛି କୁଣ୍ଠିତ ଶୋକେ ପୂରି, ପ୍ରାଣକୁ ନ ପାରନ୍ତି ଧରି—ଜଗନ୍ନାଥ. ଭାଗବତ ।

ଦେ. ଅ—ଚିତ୍ତ (ଦେଖ)
Chita (See)

ପ୍ରାଦେ (ଗଞ୍ଜାମ)—ଅ— ଚିତ (ଦେଖ)
Chita (See).

ଚିତ୍ତକୁ ଆଣିବା—ଦେ. କ୍ରି—୧ । ମନରେ ଧରିବା; କୌଣସି କଥା ପାଇଁ ଦୁଃଖିତ ହେବା—1. To grieve for.
Chittaku āṇibā
মনেধরা

ଶଙ୍କିତ ଚିତ୍ତକୁ ସରସ ଚିତ୍ତକୁ ଅଣିରୁ ନାହିଁ କିବାନା—ବିକସୂର୍ଯ୍ୟ. ସଙ୍ଗୀତ ।

दिलकोलेना ୨ । ବିଚାର କରିବା; ବିବେଚନା କରିବା—
2. To take into consideration.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇସ୍ପ	ଉଃ	ଊ
୨	ଈ	ଊ	ଋୁ	ଳୁ	ସ୍ପେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟଁ	ଇଅ	ଢ଼	ନ୍

ଚିତ୍ତକୁ ପାଇବା—ଦେ. କ୍ରି—୧ । (କୌଣସି ବିଷୟ) ସମ୍ଭବପର ବା ଅବଶ୍ୟଂଭାବୀ ବୋଧହେବା—
Chittaku pāibā
1. To seem to be likely.
मनउठना
दिलकुआना; दिलकुपाना
ସେ କଥା ହେବା ପରି ଚିତ୍ତକୁ ପାଉନାହିଁ ।
କୃଷ୍ଣସିଂହ. ମହାଭାରତ ବନ ।

୨ । ଘଟିବ ବୋଲି ମନରେ ବିଶ୍ୱାସ ଜନ୍ମିବା; ଜଣାଯିବା—
2. To appear.
ମହତ କାର୍ଯ୍ୟ ମୋର ହେଲେ ଉପଗତ
କୃଷ୍ଣ ଭୁଲେ ତୁମ୍ଭେ କରିବ ପାଏ ଚିତ୍ତ—କୃଷ୍ଣସିଂହ, ମହାଭାରତ. ଦ୍ରୋଣ ।

୩ । ଚିତ୍ତରେ ଗୋଟିଏ ସ୍ଥାୟୀଭାବ ଜନ୍ମାଇବା—
3. To make a deep impression on one's mind.
(ଯଥା—ପଣ୍ଡିତଙ୍କ ଉପଦେଶ ମୋ ଚିତ୍ତକୁ ଭାରି ପାଇଛି ।)

୪ । ମନୋମତ ହେବା—
4. To meet with one's approval.
[ଯଥା—ଏ ଲୁଗା ଏଣ୍ଡିକ ପିଲାର ଚିତ୍ତକୁ ପାଉ ନାହିଁ ।]

ଚିତ୍ତଗର୍ଭ—ସଂ. ବିଣ—ମନୋହର; ସୁନ୍ଦର (ହି. ଶବ୍ଦସାଗର)—
Chitta garbha
Lovely; beautiful, graceful.
(ଚିତ୍ତଗର୍ଭା—ସ୍ତ୍ରୀ)

ଚିତ୍ତଗର୍ଭା—ସଂ. ବିଶଂ ସ୍ତ୍ରୀ—୧ । ଚିତ୍ତଗର୍ଭର ସ୍ତ୍ରୀଲିଙ୍ଗ—
Chitta garbhā
1. Feminine of Chittagarbha.
୨ । (ବୈଦିକ) ଗର୍ଭଧାରଣ କରିଥିବାର ଦେଖାଯାଉଥିବା(ସ୍ତ୍ରୀ)—
2. (vedic) Visibly pregnant (women).

ଚିତ୍ତଚାଞ୍ଚଲ୍ୟ—ସଂ. ବି (୬ଷ୍ଠୀତତ୍; ଚିତ୍ତ+ଚାଞ୍ଚଲ୍ୟ)—
Chitta chānchalya
୧ । ମାନସିକ ଉଦ୍ବେଗ—
1. Anxiety; mental disturbance.
୨ । ମତିଭ୍ରମ; ଉନ୍ମାଦ; ପାଗଳାମି—2. Derangement of mind; loss of mental faculty; madness.
୩ । ମନୋଭାବର ଅସ୍ଥିରତା; ଅବ୍ୟବସ୍ଥିତଚିତ୍ତତା—
3. Fickleness of mind.
୪ । କିଂକର୍ତ୍ତବ୍ୟବିମୂଢ଼ତା—4. Bewilderment.
୫ । ସ୍ମୃତିଶକ୍ତିର ଲୋପ—5. Loss of memory.
୬ । ଏକ ବିଷୟର ଆଲୋଚନା ସମୟରେ ବିଷୟାନ୍ତର ପ୍ରତି ମନରଗତି—6. Absence of mind; inattention.

ଚିତ୍ତଚାଳନ—ସଂ. ବି (୬ଷ୍ଠୀ ତତ୍; ଚିତ୍ତ+ଚାଳନ)—ମାନସିକ ବୃତ୍ତିର ପରିଚାଳନା—Exercise of the mental faculties.
Chitta chālana

ଚିତ୍ତଚୋର—ଦେ. ବି (ସଂ. ଚିତ୍ତ+ଚୌର)—ଚିତ୍ତଚୌର (ଦେଖ)
Chittachora
Chittachaura (See)
चितचोर
(ଚିତ୍ତଚୋର୍—ଅନ୍ୟରୂପ)

ଚିତ୍ତଚୌର—ସଂ. ବି (୬ଷ୍ଠୀ ତତ୍; ଚିତ୍ତ+ଚୌର)—ପ୍ରଣୟୀ—
Chittachaura
A lover (literally—a stealer of one's heart) (M. W.)

ଚିତ୍ତଜ—ସଂ. ବି (ଚିତ୍ତ+ଜନ୍ ଧାତୁ+କର୍ତ୍ତୃ. ଅ)—ଚିତ୍ତଜନ୍ମା (ଦେଖ)
Chittaja
Chittajanmā (See)
ନ ଦେଇ ଚିତ୍ତ ଯେ ଦେଇ ଚିତ୍ତଜେ କାହିଁକି—ଭଞ୍ଜ. ପ୍ରେମସୁଧାନିଧି ।

ଚିତ୍ତଜନ୍ମା—ସଂ. ବି (ବହୁବ୍ରୀହି; ଚିତ୍ତ+ଜନ୍ମନ୍; ୧ମା. ୧ବ)—ମନସିଜ; କନ୍ଦର୍ପ; କାମ—Cupid; the God of love.
Chittajanmā

ଚିତ୍ତଜାତ—ସଂ. ବି. (ବହୁବ୍ରୀହି; ଚିତ୍ତ+ଜାତ)—ଚିତ୍ତଜନ୍ମା; କନ୍ଦର୍ପ—
Chittajāta
Cupid.

ଏଥୁ ଅନନ୍ତରେ ସୁଧା ଚିତ୍ତଜାତେ ଶିକ୍ଷ ।
ପ୍ରାଚୀ, ରସବାରିଧି ।

ଚିତ୍ତଜ୍ଞ—ସଂ. ବିଣ. (ଚିତ୍ତ+ଜ୍ଞା ଧାତୁ+କର୍ତ୍ତୃ. ଅ)—ଯେ ଅନ୍ୟର ମନୋଗତ ଭାବକୁ ବୁଝି ପାରେ; ଭାବଜ୍ଞ; ଅଭିପ୍ରାୟବିତ୍—One who understands another's mind or sentiment.
Chittajña

ଚିତ୍ତଦୋଷ—ସଂ. ବି. (୬ଷ୍ଠୀ ତତ୍; ଚିତ୍ତ+ଦୋଷ)—ମନରେ ବିଷୟାତ୍ମକ ଜ୍ଞାନରାହିତ୍ୟରୂପ ଦୋଷ—The mental defect of want of mental knowledge.
Chittadosha

ଚିତ୍ତଦ୍ରାବକ—ସଂ. ବିଣ. (ଚିତ୍ତ+ଦ୍ରୁ ଧାତୁ+କର୍ତ୍ତୃ. ଅକ)—ଯେ ମନକୁ ତରଳାଇ ଦିଏ—
Chittadrābaka
That which melts the heart with pity.

ଚିତ୍ତପ୍ରମାଥୀ—ସଂ. ବିଣ. ପୁଂ. (ଚିତ୍ତ+ପ୍ର+ମଥ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—
Chittapramāthi
(ଚିତ୍ତପ୍ରମାଥିନୀ—ସ୍ତ୍ରୀ)
୧ । ଯେ ମନକୁ ଗୋଳାଇଦିଏ—
1. Confusing ones mind.
୨ । ଅନ୍ୟର ମନରେ ପ୍ରଣୟ ବା ଅନୁରାଗ ଉଦ୍ରେକକାରୀ—
2. Exciting any one's passion or lore.

ଚିତ୍ତପ୍ରସନ୍ନତା—ସଂ. ବି. (୬ଷ୍ଠୀ ତତ୍; ଚିତ୍ତ+ପ୍ରସନ୍ନତା)—
Chittaprasannatā
୧ । ମାନସିକ ପ୍ରଫୁଲ୍ଲତା; ମନର ତୃପ୍ତି—
(ଚିତ୍ତପ୍ରସାଦ—ଅନ୍ୟରୂପ) 1. Satisfaction; contentment.
୨ । ମନର ଶାନ୍ତି—
2. Tranquility of mind.

ଚିତ୍ତପ୍ରସାଦ—ସଂ. ବି. (୬ଷ୍ଠୀ ତତ୍; ଚିତ୍ତ+ପ୍ରସାଦ)—
Chittaprasāda
ଚିତ୍ତପ୍ରସନ୍ନତା (ଦେଖ)
Chittaprasannatā (See)

ଚିତ୍ତପ୍ରସାଦକ—ସଂ. ବି. (୬ଷ୍ଠୀ ତତ୍; ଚିତ୍ତ+ପ୍ରସାଦକ)—
Chittaprasādana
୧ । ଅନ୍ୟର ମନକୁ ପ୍ରସନ୍ନ କରିବା କର୍ମ—
1. Gladness of anothers mind.

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଯୋଗଶାସ୍ତ୍ର ଅନୁସାରେ ମୈତ୍ରୀ, କରୁଣା, ହର୍ଷ, ଉପେକ୍ଷା ଆଦିର ଉପଯୁକ୍ତ ବ୍ୟବହାରଦ୍ୱାରା ଚିତ୍ତର ସଂସ୍କାରବିଶେଷ—Reformation of the mental faculties by practising friendship, kindness, gladness, regard etc.

[ଦ୍ର—ଏଥିରେ ସୁଖୀ ପ୍ରତି ମିତ୍ରଭାବ ରଖିବା, ଦୁଃଖୀ ପ୍ରତି କରୁଣା କରିବା, ପୁଣ୍ୟବାନ୍ ପ୍ରତି ପ୍ରସନ୍ନ ହେବା, ପାପୀକୁ ଉପେକ୍ଷା କରିବା ଏହିପରି ସାଧନାଦ୍ୱାରା ଚିତ୍ତରୁ ରାଜସ ଓ ତାମସଭାବମାନ ତିରୋହିତ ହୋଇ କେବଳ ସାତ୍ତ୍ୱିକ ଧର୍ମର ପ୍ରାଦୁର୍ଭାବ ହୁଏ—ହି. ଶବ୍ଦସାଗର ।]

ଚିତ୍ତବିକାର—ସଂ. ବି. (୬ଷ୍ଠୀ ତତ୍; ଚିତ୍ତ+ବିକାର)—
Chittabikāra ଚିତ୍ତଚାଞ୍ଚଲ୍ୟ (ଦେଖ)
Chittachānchalya (See)

ଚିତ୍ତବିକ୍ଷେପ
ଚିତ୍ତବିପ୍ଲବ
ଚିତ୍ତବିଭ୍ରମ
ଚିତ୍ତବୈକଲ୍ୟ
ଚିତ୍ତବୈକ୍ଲବ୍ୟ } ଅନ୍ୟରୂପ
ଚିତ୍ତଭଂଗ
ଚିତ୍ତଭ୍ରାନ୍ତି
ଚିତ୍ତଭ୍ରମ

ଚିତ୍ତବିଶ୍ଳେଷ—ସଂ. ବି (୬ଷ୍ଠୀ ତତ୍; ଚିତ୍ତ+ବିଶ୍ଳେଷ)—ବନ୍ଧୁଭାବ ଛେଦନ;
Chittabiślesha ବନ୍ଧୁ ମଧ୍ୟରେ ବିବାଦ ଜନ୍ମିବା—Breach of friendship (M. W.)

ଚିତ୍ତବୃତ୍ତି—ସଂ. ବି (ଚିତ୍ତ+ବୃତ୍ତି)—ମନୋବୃତ୍ତି; (ମନର ଧର୍ମ); ଚିନ୍ତା-
Chittabrutti ଶକ୍ତି—Mental faculties; emotion; feeling.

[ଦ୍ର—ଯୋଗଶାସ୍ତ୍ରରେ ଚିତ୍ତବୃତ୍ତି ୫ ପ୍ରକାରର :—ପ୍ରମାଣ, ବିପର୍ଯ୍ୟୟ, ବିକଳ୍ପ, ନିଦ୍ରା ଓ ସ୍ମୃତି । ଏ ପ୍ରତି ପ୍ରକାରରେ କ୍ଳିଷ୍ଟ ଓ ଅକ୍ଳିଷ୍ଟ ଏପରି ଦୁଇ ଭେଦ ଅଛି । ଅବିଦ୍ୟା ଆଦି କ୍ଳେଶହେତୁକ ବୃତ୍ତି କ୍ଳିଷ୍ଟ ଓ ଏହା ଛଡ଼ା ଅନ୍ୟ ବୃତ୍ତି ଅକ୍ଳିଷ୍ଟ (ହି. ଶବ୍ଦସାଗର) ମତାନ୍ତରରେ କରୁଣା, ମୁଦିତା, ମୈତ୍ରୀ ଓ ଉପେକ୍ଷା ଏହି ୪ ଟି ଚିତ୍ତବୃତ୍ତି ଅଟେ—ପ୍ରବୁଦ୍ଧବାଦ ।] .

ଚିତ୍ତଭୂ—ସଂ. ବି. (ଚିତ୍ତ+ଭୂ ଧାତୁ+କର୍ତ୍ତୃ. କ୍ୱିପ୍)—
Chittabhū ଚିତ୍ତଜନ୍ମା (ଦେଖ)
Chittajanmā (See)

ଚିତ୍ତଭେଦ—ସଂ. ବି. (୬ଷ୍ଠୀ ତତ୍; ଚିତ୍ତ+ଭେଦ)—
Chittabheda ଏକାଧିକ ବ୍ୟକ୍ତିଙ୍କ ମନର ବା ଉଦ୍ଦେଶ୍ୟର ଅମେଳ—
Contrariety of purpose or will

ଚିତ୍ତଯୋନି—ସଂ. ବି. (ବହୁବ୍ରୀହି; ଚିତ୍ତ+ଯୋନି)—
Chittajoni ଚିତ୍ତଜନ୍ମା; କନ୍ଦର୍ପ; ମଦନ—
Cupid; God of Love.

ଚିତ୍ତରଞ୍ଜନ—ସଂ. ବି. (୬ଷ୍ଠୀ ତତ୍; ଚିତ୍ତ+ରଞ୍ଜନ)—
Chittarañjana ଅନ୍ୟର ମନକୁ ତୃପ୍ତ କରିବା—
Satisfying or giving satisfaction to another; pleasing a person; enchantment.

ଦେ. ବି. ପୁଂ—ଲୋକଙ୍କ ନାମ—
Name given to males.

ସଂ. ବିଣ—ଯେ ମନକୁ ହରଣ କରେ ବା ମନରେ ପ୍ରୀତି
(ଚିତ୍ତରଞ୍ଜନୀ—ସ୍ତ୍ରୀ) ଉତ୍ପାଦନ କରେ; ମନୋମୋହନ—
enrapturing; enchanting; charming.

ଚିତ୍ତରଞ୍ଜନ ଦାସ—ଦେ. ବି. (ନାମ)—ବଙ୍ଗର ଅସହଯୋଗ
Chittarañjana dāsa ଆନ୍ଦୋଳନର ନେତା—
The late C. R. Das of Bengal.

[ଦ୍ର—ଏ ମହାପୁରୁଷ ୧୮୭୦ ମସିହା ନଭେମ୍ବର ମାସରେ ଜନ୍ମଗ୍ରହଣ କରି ୧୯୨୫ ମସିହା ଜୁନ ମାସ ୧୬ ତାରିଖରେ ଇହଧାମ ତ୍ୟାଗ କଲେ । ଏ ବାରିଷ୍ଟର ଥିଲେ, କିନ୍ତୁ ପରେ ବ୍ୟବସାୟ ତ୍ୟାଗ କରି ସମସ୍ତ ସମ୍ପତ୍ତି ଦେଶର ସେବାପାଇଁ ଦାନ କଲେ ।]

ଚିତ୍ତରସ—ଦେ. ବି—ହୃଦୟର ପ୍ରଗାଢ଼ ଅନୁରାଗ—
Chittarasa Deep love of the heart.

ଏ ସ୍ନେହରେ ନ ରସଇ, ଚିତ୍ତରସ ବରଷଇ
ମୁକୁନ୍ଦ କୋଳେ ବସଇ, ଲକ୍ଷ୍ମୀତୋଷଇ । ଉତ୍କ. ପ୍ରେମସୁଧାନିଧି ।

ଚିତ୍ତଶୁଦ୍ଧି—ସଂ. ବି (୬ଷ୍ଠୀ ତତ୍; ଚିତ୍ତ+ଶୁଦ୍ଧି)—
Chittaśuddhi ମନର ନିର୍ମଳତା; ମନର ପବିତ୍ରତା—
Purity of mind.

ଚିତ୍ତସଂଖ୍ୟ—ସଂ. ବିଣ. ପୁଂ. (ଚିତ୍ତ+ସମ୍+ଖ୍ୟା ଧାତୁ+କର୍ତ୍ତୃ. ଅ)—
Chittasaṁkhya ଯେ ଅନ୍ୟର ମନୋଭାବ ଜାଣି ପାରେ—
(ଚିତ୍ତସଂଖ୍ୟା—ସ୍ତ୍ରୀ) Knowing the thoughts of others (M. W.).

ଚିତ୍ତସମୁନ୍ନତି—ସଂ.ବି.(୬ଷ୍ଠୀ ତତ୍; ଚିତ୍ତ+ସମୁନ୍ନତି)—ଗର୍ବ; ଅହଙ୍କାର—
Chittasamunnati Pride; haughtiness (M. W.)

ଚିତ୍ତସ୍ଥିରତା—ସଂ. ବି. (୬ଷ୍ଠୀ ତତ୍; ଚିତ୍ତ+ସ୍ଥିରତା)—
Chittasthiratā ଉଦ୍ବେଗହୀନତା—Mental serenity or
(ଚିତ୍ତସ୍ଥୈର୍ଯ୍ୟ—ଅନ୍ୟରୂପ) settledness.

ଚିତ୍ତହାରକ—ସଂ. ବିଣ. ପୁଂ. (ଚିତ୍ତ+ହୃ ଧାତୁ+କର୍ତ୍ତୃ. ଅକ)—
Chittahāraka ଚିତ୍ତହାରୀ; ଯାହା ମନକୁ ଲୋଭାଏ—
(ଚିତ୍ତହାରିକା—ସ୍ତ୍ରୀ) Fascinating; enchanting; charming.

ଚିତ୍ତହାରୀ—ସଂ. ବିଣ. ପୁଂ. (ଚିତ୍ତ+ହୃ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ)
Chittahārī ଚିତ୍ତହାରକ (ଦେଖ)
(ଚିତ୍ତହାରିଣୀ—ସ୍ତ୍ରୀ) Chittahāraka (See)
(ଚିତ୍ତହୃତ୍—ଅନ୍ୟରୂପ)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇସ୍ଥ	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ୠ	ନୃ

ଚିତ୍ତାକର୍ଷକ—ସଂ. ବିଣ. ପୁ. (ଉପପଦ ତତ୍ପୁରୁଷ; ଚିତ୍ତକୁ ଆକର୍ଷଣ
Chittākarshaka କରେ ଯେ; ଚିତ୍ତ+ଆକର୍ଷକ)—ହୃଦୟ-
(ଚିତ୍ତାକର୍ଷିକା—ସ୍ତ୍ରୀ) ମୋହକର—Enchanting; charming; fascinating; attractive.

ଚିତ୍ତାକର୍ଷଣ—ସଂ. ବି. (୬ଷ୍ଠୀ ତତ୍, ଚିତ୍ତ+ଆକର୍ଷଣ)—ହୃଦୟକୁ ମୁଗ୍ଧ
Chittākarshaṇa କରିବା—
Fascination; enchantment.

ଚିତ୍ତାପହରଣ—ସଂ. ବି. (୬ଷ୍ଠୀ ତତ୍; ଚିତ୍ତ+ଅପହରଣ)—
Chittāpaharaṇa ଚିତ୍ତାକର୍ଷଣ (ଦେଖ)
Chittākarshaṇa (See)

ଚିତ୍ତାପହାରକ—ସଂ. ବିଣ. ପୁଂ.—ଚିତ୍ତାକର୍ଷକ (ଦେଖ)
Chittāpahāraka Chittākarshaka (See)
(ଚିତ୍ତାପହାରିକା—ସ୍ତ୍ରୀ)
(ଚିତ୍ତାପହାରୀ—ଅନ୍ୟରୂପ)

ଚିତ୍ତାଭୋଗ—ସଂ. ବି. (୬ଷ୍ଠୀ ତତ୍; ଚିତ୍ତ+ଆଭୋଗ)—
Chittābhoga ୧ । ମନସ୍କାମନା—
1. Desire; wish.
୨ । ମନୋବୃତ୍ତି—2. Mental faculty.

ଚିତ୍ତାସଙ୍ଗ—ସଂ. ବି. (୬ଷ୍ଠୀ ତତ୍; ଚିତ୍ତ+ଆସଙ୍ଗ=ଆସକ୍ତି)—
Chittāsanga ୧ । ପ୍ରଣୟ—1. Love.
୨ । ସ୍ନେହ—2 Affection.
୩ । ଅନୁରାଗ—3. Attachment.

ଚିତ୍ତେ ଆସିବା—ଦେ. (ପଦ୍ୟ) କ୍ରି.—ମନକୁ ଆସିବା; ବୋଧ ହେବା;
Chitte āsibā ଜଣାଯିବା—To seem; to appear.

ଗଣ୍ଡ ଦେଖି ଚିତ୍ତେ ଆସଇ, ସାଗର-ଲହରୀ ପରେ,
ଦରଭଙ୍ଗିଲେ ବେନି, କ ଲଭେ ପ ଣି ମୁକ୍ତି ପତ୍ରରେ—ବ୍ରଜନାଥ, ଛଷା ।

ଚିତ୍ତେ ଘେନିବା—ଦେ. କ୍ରି—ମାନିବା—
Chitte ghenibā To agree to.

ତୁମ୍ଭ କହିବାର କହିଲ ମୁହିଁ କେତେ
ଦମୟନ୍ତୀ ତାହାକୁ ନ ଘେନଲ ଚିତ୍ତେ—କୃଷ୍ଣସିଂହ. ମହାଭାରତ. ବନ ।

ଚିତ୍ତୋଇବା—ଦେ, କ୍ରି (ସଂ. ଚିତ୍ତ)—୧ । ସ୍ମରଣ କରିବା—
Chittoibā 1. To remember.
चितान ନଳଦମୟନ୍ତୀ ଏବେ ଚିତ୍ତୋଇଲ ପଣ୍ଡସ୍ତୁ ମନକୁ ଆସେ ।
चिताना କୃଷ୍ଣସିଂହ. ମହାଭାରତ ବନ ।
୨ । ମନେକରାଇଦେବା; ଅନ୍ୟର ମନରେ ସ୍ମୃତିର ଉଦ୍ରେକ କରିବା; ଚେତାଇବା—2. To remind
୩ । ସାବଧାନ କରିବା—3. To caution,

ଚିତ୍ତୋତ୍କର୍ଷ—ସଂ. ବି (୬ଷ୍ଠୀତତ୍; ଚିତ୍ତ+ଉତ୍କର୍ଷ)—ମନର ଉନ୍ନତି—
Chittotkarsha Mental excellence.

ଚିତ୍ତୋଦ୍ବେଗ—ସଂ. ବି (୬ଷ୍ଠୀତତ୍; ଚିତ୍ତ+ଉଦ୍‌ବେଗ)—
Chittodbega ମାନସିକ ଅଶାନ୍ତି ବା ଚିନ୍ତା—
Anxiety; distress of mind.

ଚିତ୍ତୋନ୍ନତି—ସଂ. ବି (୬ଷ୍ଠୀ ତତ୍; ଚିତ୍ତ+ଉନ୍ନତି)—
Chittonnati ୧ । ହୃଦୟର ଉନ୍ନତ ଅବସ୍ଥା—
1. Mental improvement.
୨ । ଗର୍ବ—2. Pride.
୩ । ଆତ୍ମଗର୍ବ—3. Self esteem.

ଚିତ୍ର (ଧାତୁ)—ସଂ.—ଚିତ୍ର କରିବା—
Chitra (root) To paint.

ଚିତ୍ର—ସଂ. ବି (ଚିତ୍+ର୍ଣ୍ଣୈ ଧାତୁ=ପ୍ରକାଶକରିବା+କର୍ତ୍ତୃ. ଅ)—
Chitra ୧ । ଆଶ୍ଚର୍ଯ୍ୟ—1. Wonder; miracle.

ଶୁଣ ଭକତ ଚିତ୍ର କଥା
ରାମ ଗୋବିନ୍ଦଙ୍କ ବ୍ୟବସ୍ଥା—ଜଗନ୍ନାଥ. ଭାଗବତ ।

୨ । ଚିହ୍ନ; ଦାଗ—2. Spot; mark.
तसवीर ୩ । (ଚିତ୍ର ଧାତୁ+କର୍ମ. ଅ) ଆଲେଖ୍ୟ; ଛବି—
3. Picture; drawing.

ଚିତ୍ରପିତୁଳୀର ସଦୃଶ.
ନୟନ କଲେ ଅନିମିଷ—ଭୂପତି. ପ୍ରେମପଞ୍ଚାମୃତ ।

୪ । ଅର୍ଥବୋଧକ ଲିପି—4. Illustration.
୫ । ଚିତ୍ରଫଳକ; ମାନଚିତ୍ର—
5. Map; painter's tablet.
୬ । ଆକାଶ—6. The sky.
୭ । ତିଳକ; ଚନ୍ଦନାଦିଦ୍ୱାରା ଅଙ୍ଗରେ ଅଙ୍କିତ ଚିହ୍ନ—
7. A circlet or mark painted on the body or forehead with sandal paste etc.
୮ । (+କରଣ. ଅ)—ନାନା ବର୍ଣ୍ଣ—
8 Variegated colour.
୯ । (+ଭାବ. ଅ)—ରଞ୍ଜନ; ରଙ୍ଗଦେବା—
9. Painting.
୧୦ । (ଚି+କର୍ତ୍ତୃ. ତ୍ର)—ଯମ—
10 Jama; the God of death.
୧୧ । ଗବ ବା ଏରଣ୍ଡଗଛ—
11. The Castor oil plant.
୧୨ । ଅଶୋକଗଛ—
12. The Jonesia Asoka tree.
୧୩ । ଚିତାପାରୁଗଛ; ଧଳା ଚିତା ଗୁଳ୍ମ—
13. The Leadwart plant.
୧୪ । ଲିପି; ଲିଖନ—14. Writing.
୧୫ । (ଚି ଧାତୁ+କର୍ମ. ତ୍ର) କାବ୍ୟ ବା ଅଳଙ୍କାରବିଶେଷ; ଆଦ୍ୟଲିପି ଓ ବହୁଲିପି ଆଦି ଯୁକ୍ତ କାବ୍ୟ—15. An acrostic; a composition in verse in which the first or last letters of the lines form a motto or word.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଥ' ନ ମିଳିଲେ 'କୁଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

୧୬ । ବର୍ଣ୍ଣିତ ଅବସ୍ଥାର ବର୍ଣ୍ଣିତ ବିଷୟକୁ ଶ୍ରୋତା ବା ଦର୍ଶକର ସମ୍ମୁଖରେ ଉପସ୍ଥାପିତ କରିବା (ହି. ଶବ୍ଦସାଗର)— 16. Delineation; vesual representation of a described matter.

୧୭ । କାବ୍ୟର ଅଳଙ୍କାର; କାବ୍ୟର ୩ ଅଙ୍ଗରେ ଏକ, ଯହିଁରେ ବ୍ୟଙ୍ଗର ପ୍ରଧାନତା ରହେ ନାହିଁ (ହି. ଶବ୍ଦସାଗର)—17. Rhetorical figure

୧୮ । ରଥ, ପଦ୍ମ, ଚକ୍ର, ଖଡ୍ଗ ଆଦିର ଆକାରରେ ଅକ୍ଷର ସନ୍ନିବେଶିତ କରିବା ରୂପ କାବ୍ୟରଚନାବିଶେଷ— 18. Picturial composition in which the letters can be arranged into certain shapes.

୧୯ । ଚିତ୍ରଗୁପ୍ତ (ଦେଖ)— 19. Chitragupta (See)

ବିଣ—୧ । ଆଶ୍ଚର୍ଯ୍ୟଜନକ; ବିଚିତ୍ର—1. Wonderful; astonishing.

ଚିତ୍ର ମଣିଲୁ ମୁଁ ଚିତେ, ଗୃହେଁ ଯା ଅବତରିତେ, ଗୁରୁଚନ୍ଦ୍ର ମିଶାଇଲୁ ଅସି—
କବିସୂର୍ଯ୍ୟ- ବଳୋଃଅଭିମନ୍ୟୁ ଚ. ଗୀତ ।

୨ । ଚିତ୍ରିତ—2. Painted.

୩ । ବିବିଧ ବର୍ଣ୍ଣରେ ରଞ୍ଜିତ— 3. Multicoloured; veriegated.

୪ । ଛିପିଛିପିଆ— 4. Speckled; motted; dapple.

୫ । ଅସାଧାରଣ—5. Extraordinary; distinguished

୬ । ନାନାପ୍ରକାରର—6 Of various kinds.

ଚିତ୍ରଂ ଦେବାନାଂ ଦେବା—ଦେ. କ୍ରି—ଠକିବା — Chitraṁ debānāṁ deba To cheat.

(ଯଥା—ସେ ମୋତେ ଚିତ୍ରଂ ଦେବାନାଂ ଦେଇ ଚାଲିଗଲା ।)

[ଦ୍ର—ଚିତ୍ରଂ ଦେବାନାଂ ଉଦଗାଦନୀକଂ ଗୋଟିଏ ବୈଦିକ ମନ୍ତ୍ରର ଆଦ୍ୟ ଅଂଶ; ବ୍ରାହ୍ମଣମାନେ ଦୈନିକ ସନ୍ଧ୍ୟା ବନ୍ଦନା କଲା-ବେଳେ ଗାୟତ୍ରୀ ଜପିବା ପୂର୍ବରୁ ଏ ମନ୍ତ୍ର ଉଚ୍ଚାରଣ କରନ୍ତି । ଏହିପରି ଭିନ୍ନ ଭିନ୍ନ ମନ୍ତ୍ରର ଅଂଶକୁ ଲୋକେ ନାନା ଅର୍ଥରେ କଥା-ବାର୍ତ୍ତା ଉପଲକ୍ଷରେ ଲଗାନ୍ତି, ଯଥା ଗୋଟାକେତେ 'ଉର୍ଦ୍ଧ୍ବଂ ବଦନ୍ତି' ଦେବା; 'ଅଘର ପିଘର' କରିବା ।]

ଚିତ୍ରକ ସଂ. ବି (ଚିତ୍ର+ସ୍ୱାର୍ଥେ. କ)—୧ । ଛବି; ଆଲେଖ୍ୟ— Chitraka 1. Picture.

୨ । ତିଳକ—2. Painted mark on the body or forehead.

ବଚନ ଚିତ୍ରକ ଗଭୀରକେ ପତ୍ର ଲେଖିଥିଲେ ଭବ ଭାଲେ—
ଉପେ. ବୈଦେହୀଶବିଳାସ ।

୩ । (ଚିତ୍ର+କୈ ଧାତୁ. ଅ) ଚିତାବାଘ— 3. Leopard.

୪ । ଧଳାଚିତା ଗୁଳ୍ମ; ଚିତାପାରୁ—4. The leadwort.

୫ । ଚିରେଇତା (ହି. ଶବ୍ଦସାଗର) (ଦେଖ)— 5. Chireitā (See)

୬ । ଗବଗଛ (ହି. ଶବ୍ଦସାଗର)— 6. Castor seed plant.

୭ । ମୁଚୁକୁନ୍ଦଗଛ (ହି. ଶବ୍ଦସାଗର) (ଦେଖ) 7. Muchukunda tree (See)

୮ । ଚିତ୍ରକାର—8. A painter.

୯ । ଶୂର; ବୀର (ହି. ଶବ୍ଦସାଗର)—9. Hero

(ଚିତ୍ରିକା—ସ୍ତ୍ରୀ) ସଂ. ବିଣ (ଚିତ୍ର+କର୍ତ୍ତୃ. ଅକ) ଯେ ଚିତ୍ର କରେ; ଚିତ୍ରକାରୀ; ଅଙ୍କନକାରୀ—Painting.

ଚିତ୍ରକଣ୍ଠ—ସଂ. ବି. (ବହୁବ୍ରୀହି; ଚିତ୍ର+କଣ୍ଠ)—୧ । ପାରା— Chitrakaṇṭha 1. Pegeon.

୨ । କପୋତ – 2. Turtle-dove.

ଚିତ୍ରକମ୍ବଳ—ସଂ. ବି.—ନାନା ବର୍ଣ୍ଣବିଶିଷ୍ଟ ଗାଲିଚା; ଖରଡ଼ି— Chitrakambaḷa A variegated carpet.

ଚିତ୍ରକର—ସଂ. ବିଣ—(ଚିତ୍ର+କୃ ଧାତୁ+କର୍ତ୍ତୃ. ଅ)—୧ । ଯେ ରଙ୍ଗ Chitrakara ଦ୍ୱାରା କୌଣସି ପଦାର୍ଥକୁ ରଙ୍ଗାଏ— 1. Painter; artist.

୨ । ବର୍ଣ୍ଣସଙ୍କର ଜାତିବିଶେଷ—2. A low mixed caste amongst the Hindus who are painters.

[ଦ୍ର—ଶୂଦ୍ରାଣୀ ଗର୍ଭରେ ବିଶ୍ୱକର୍ମାଙ୍କ ଔରସରେ ଏହି ଜାତିର ଉତ୍ପତ୍ତି ହୋଇଥିବାର ବ୍ରହ୍ମବୈବର୍ତ୍ତ ପୁରାଣରେ ଅଛି]

୩ । ତିନିଶ ବୃକ୍ଷ (ଦେଖ) —3. Tiniśa tree (See)

ଚିତ୍ରକର୍ମ—ସଂ. ବି—୧ । ରଙ୍ଗାଇବା କାର୍ଯ୍ୟ—1. Painting. Chitrakarma ୨ । ଅଳଙ୍କରଣ—2. Adornment; ornament; decorating.

୩ । ଚିତ୍ର ଅଙ୍କନ—3. Drawing; pictures.

ଚିତ୍ରକର୍ମା—ସଂ. ବି (ଚିତ୍ର+କର୍ମନ୍; ୧ମା ୧ବ)—୧ । ଚିତ୍ରକର— Chitrakarmā 1. Painter.

୨ । ତିନିଶ ବୃକ୍ଷ (ହି. ଶବ୍ଦସାଗର) ଦେଖ—2. Tiniśa tree (See).

୩ । ବିଚିତ୍ର କର୍ମ କରିବା ବ୍ୟକ୍ତି—3. A performer of wonderful works.

ଚିତ୍ରକଳା—ବି. ସ୍ତ୍ରୀ—ଚିତ୍ର ଆଙ୍କିବା ବିଦ୍ୟା— The art of painting. Chitrakaḷā

[ଦ୍ର—ଚିତ୍ରକଳା ଚୀନ, ମିଶର ଓ ଭାରତ ଆଦି ଦେଶରେ ବହୁ ପ୍ରାଚୀନ କାଳରେ ଥିଲା । ମିଶରର ଚିତ୍ରକଳାକୁ ଗ୍ରୀକ୍‌ମାନେ ଶିକ୍ଷାକରି ଚିତ୍ରବିଦ୍ୟାର ବହୁତ ଉନ୍ନତି କରିଥିଲେ । ଲଣ୍ଡନର ବ୍ରିଟିଶ୍ ମିଉଜିୟମ୍‌ରେ ୩୦୦୦ ବର୍ଷ ପୂର୍ବର ମିଶରଦେଶର ଚିତ୍ର ଅଛି । ରାମାୟଣରେ ଚିତ୍ର, ଚିତ୍ରକର ଓ ଚିତ୍ରଶାଳାର ଉଲ୍ଲେଖ ଅଛି । ଅଜନ୍ତା ଗୁମ୍ଫାରେ ଯେଉଁ ଚିତ୍ରମାନ ଅଛି ତାହା ପାଶ୍ଚାତ୍ୟ

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଘ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ୱ	ନ୍

ପଣ୍ଡିତମାନେ ଦେଖି ମୁଗ୍ଧ ହୋଇଅଛନ୍ତି । ଏ ଗୁମ୍ଫାର ଚିତ୍ରମାନ ଖ୍ରୀ. ପୂର୍ବ ୨୦୦ ଠାରୁ ଖ୍ରୀଷ୍ଟାବ୍ଦ ୮୦୦ ପର୍ଯ୍ୟନ୍ତ ଅଙ୍କିତ ହୋଇଥିବାର ଅନୁମିତ ହୁଏ । ପଞ୍ଜାବର ସିନ୍ଧୁପ୍ରଦେଶର ହରପ୍ପା ଓ ମହେଞ୍ଜଦାରୁ ଆଦି ସ୍ଥାନରେ ଭୂଗର୍ଭରୁ ଯେଉଁ ଚିତ୍ରମାନ ମିଳୁଅଛି ତାହା ଆଜକୁ ୪।୫ ହଜାର ବର୍ଷ ପୂର୍ବେ ଅଙ୍କିତ ହୋଇଥିବାର ପଣ୍ଡିତମାନେ ଅନୁମାନ କରନ୍ତି ।]

ଚିତ୍ରକାଠି—ଦେ. ବି—ତୁଳିକା; ଚିତ୍ରଶଲାକା; ଯେଉଁ କାଠିକୁ ରଙ୍ଗରେ
Chitrakāthi ବୁଡ଼ାଇ ଚିତ୍ର ଅଙ୍କନ କରନ୍ତି—Painter's brush or pen.

ଚିତ୍ରକାବ୍ୟ—ସଂ. ବି—ଶବ୍ଦାଳଙ୍କାର ପୂର୍ଣ୍ଣକାବ୍ୟବିଶେଷ; ପଦ୍ମବନ୍ଧାଦି ଘଟିତ
Chitrakābya କାବ୍ୟ—A composition in which the letters can be arranged in particular shapes.

ଚିତ୍ରକାୟ—ସଂ. ବିଣ. ପୁଂ (ବହୁବ୍ରୀହି; ଚିତ୍ର+କାୟ)—ଯାହାର ଦେହ
Chitrakāya ଚିତ୍ରିତ—With spotted body.
(ଚିତ୍ରକାୟା-ସ୍ତ୍ରୀ) ସଂ. ବି—ଚିତାବାଘ—Spotted leopard.

ଚିତ୍ରକାର—ସଂ. ବି—ଚିତ୍ରକର (ଦେଖ)
Chitrakāra Chitrakara (See)

ଚିତ୍ରକାରି—ସଂ. ବି. (ଚିତ୍ରକାର+ଇ)—୧ । ଚିତ୍ରକଳା—
Chitrakāri 1. The art of painting.
୨ । ଚିତ୍ର ତିଆରି କରିବା ବ୍ୟବସାୟ (ହି. ଶବ୍ଦସାଗର)—
2. The profession of a painter.

ଚିତ୍ରକୂଟ—ସଂ. ବି (ନାମ) ବହୁବ୍ରୀହି; ଚିତ୍ର=ଆଶ୍ଚର୍ଯ୍ୟଜନକ+
Chitrakūṭa କୂଟ=ଶୃଙ୍ଗ)—୧ । ରାମଗିରି ପର୍ବତ, ରାମଚନ୍ଦ୍ର ବନବାସ ସମୟରେ ଏହି ପର୍ବତରେ କିଛି ଦିନ ବାସକରି ରହିଥିଲେ । ବୁନ୍ଦେଲଖଣ୍ଡ ପ୍ରଦେଶସ୍ଥ ପ୍ରସିଦ୍ଧ କାମ୍‌ତା ପାହାଡ଼; ଏହା ବାନ୍ଦା ନଗରଠାରୁ ୧୫ କୋଶ ଦକ୍ଷିଣ ପୂର୍ବରେ ଅବସ୍ଥିତ ।—A mountain in Bundelkhaṇḍa now called Comptch, about 15 miles from the town of Bāndā.
୨ । ଚିତୋର (ଦେଖ)—2. Chitora (See)
(ଶିଳାଲେଖରେ ଚିତୋରର ଏହି ନାମ ମିଳେ ।
୩ । ହିମାଳୟର ଶୃଙ୍ଗବିଶେଷ (ହି. ଶବ୍ଦସାଗର)—
3. Name of a peak of the Himālayas.
ଦେ. ବି—ଆଶ୍ଚର୍ଯ୍ୟ; କପଟ—Wonderful; hypocricy.

ଚରିତ୍ର ଚିତ୍ରକୂଟରେ ବହିରେ ଚିତ୍ର କୂଟରେ କଟକକୁ ଚେଳ କଟକ କରେ ସେ ।
ଉପେ. ବୈଦେହୀଶବିଳାସ ।

ଚିତ୍ରକୃତ—ସଂ. ବି. (ଚିତ୍ର+କୃ ଧାତୁ+କର୍ତ୍ତୃ. କ୍ୱିପ୍)—
Chitrakṛut ଚିତ୍ରକର (ଦେଖ)—Chitrakara (See)

ଚିତ୍ରକେତୁ—ସଂ. ବି. (ନାମ)—୧ । ଲକ୍ଷ୍ମଣଙ୍କ ଦୁଇ ପୁତ୍ର ମଧ୍ୟରୁ ଏକ
Chitraketu ପୁତ୍ର—1. The name of a son of Lakshmaṇa.

ଅଙ୍ଗଦ ଚିତ୍ରକେତୁ ଦୁଇ
ଲକ୍ଷ୍ମଣ ବାର୍ଯ୍ୟେ ଜାତ ହୋଇ—ଜଗନ୍ନାଥ. ଭାଗବତ ।

୨ । ଗରୁଡ଼ର ଏକ ପୁତ୍ର—
2. Name of a son of Garurḍa.
୩ । ଶୂରସେନ ଦେଶର ଏକ ରାଜା (ଭାଗବତ)
3. Name of a king of Śūrasena country.

ଚିତ୍ରଗୁପ୍ତ—ସଂ. (ନାମ) (ଚିତ୍ର=ଲେଖନ+ଗୁପ୍ତ=ଯେ ରକ୍ଷା କରେ)—
Chitragupta ୧ । ଚତୁର୍ଦ୍ଦଶ ଯମଙ୍କ ମଧ୍ୟରୁ ଏକତମ—
1. One of the 14 Jamas of the Hindus; said to be the notary public or recorder of the acts of every human being.
୨ । ଯମଙ୍କ ପାଞ୍ଜିଆ—
2. Record keeper of the Hindus God of death.

[ଦ୍ର—ଯମଙ୍କ ପାଞ୍ଜି ଏହାଙ୍କ ଜିମାରେ ଥାଏ । ପ୍ରତ୍ୟେକ ଜୀବିତ ମନୁଷ୍ୟର ପାପପୁଣ୍ୟର ତାଲିକା ଏ ଲେଖି ରଖୁଥାଆନ୍ତି ଓ ମନୁଷ୍ୟ ମଲା ପରେ ଯେତେବେଳେ ଯମଦୂତମାନେ ମନୁଷ୍ୟଙ୍କୁ ନେଇ ଯମଙ୍କ ପାଖରେ ଦଣ୍ଡ ବା ପୁରସ୍କାରର ଶେଷ ବିଚାର ନିମନ୍ତେ ହାଜର କରନ୍ତି ସେତେବେଳେ ଚିତ୍ରଗୁପ୍ତ ପାଞ୍ଜି ଫିଟାଇ ମନୁଷ୍ୟର ପାପ ପୁଣ୍ୟର ତାଲିକା ଯମରାଜାଙ୍କୁ ଜଣାନ୍ତି । ଭବିଷ୍ୟପୁରାଣ ଓ ଗରୁଡ଼ପୁରାଣରେ ଲେଖାଅଛି ଯେ, ହାତରେ କଲମ ଦୁଆତ ଧରି ଏକ ବିଚିତ୍ରବର୍ଣ୍ଣ ପୁରୁଷ ବ୍ରହ୍ମାଙ୍କଠାରୁ ଜାତ ହେଲେ । ଭଟ୍ଟ, ନାଗର, ସେନକ, ଗୌଡ଼, ଶ୍ରୀବାସ୍ତବ, ମାଥୁର, ଅହିଷ୍ଠାନ, ଶୈକସେନ ଓ ଅମ୍ବଷ୍ଠ ନାମରେ ଏହାଙ୍କ ୯ ପୁତ୍ର ହେଲେ । ଚିତ୍ରଗୁପ୍ତହିଁ କାୟସ୍ଥମାନଙ୍କ ଆଦିପୁରୁଷ ଅଟନ୍ତି—ହି. ଶବ୍ଦସାଗର ।]

ଚିତ୍ରଣ—ସଂ. ବି. (ଚିତ୍ର ଧାତୁ+ଭାବ. ଅନ)—୧ । ଚିତ୍ର ଲେଖନ—
Chitraṇa 1. Painting.
୨ । ଛବି ଆଙ୍କିବା—2. Drawing a picture.

ଚିତ୍ରତଣ୍ଡୁଳ—ସଂ. ବି—ବାଇବିଡ଼ଙ୍ଗ (ଦେଖ)
Chitrataṇḍuḷa Bāibirḍaṅga (See)

ଚିତ୍ରତ୍ୱକ୍—ସଂ. ବି. (ବହୁବ୍ରୀହି; ଚିତ୍ର+ତ୍ୱକ୍)—ଭୂର୍ଜପତ୍ର ବୃକ୍ଷ—
Chitratwak The birch tree.

ଚିତ୍ରଦଣ୍ଡକ—ସଂ. ବି. (ବହୁବ୍ରୀହି, ଚିତ୍ର+ଦଣ୍ଡ+କ)—ସୂରଣ; ଓଲୁଅ—
Chitradaṇḍaka Wild-arum.

ଚିତ୍ରନେତ୍ରା—ସଂ. ବି. ସ୍ତ୍ରୀ—ସାରିକା ପକ୍ଷୀ—The myna bird;
Chitranetrā Turdus salika.

ଚିତ୍ରପକ୍ଷ—ସଂ. ବି. (ବହୁବ୍ରୀହି; ଚିତ୍ର+ପକ୍ଷ)—ତିତ୍ତିରପକ୍ଷୀ—
Chitrapaksha Patridge.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଚିତ୍ରପଟ—ସଂ. ବି. (୬ଷ୍ଠୀ ତତ୍ ; ଚିତ୍ର+ପଟ)—
Chitrapata ୧ । ଯେଉଁ ବସ୍ତ୍ର ବା କାଷ୍ଠଖଣ୍ଡ ଉପରେ ଛବି ଅଙ୍କା ଯାଏ; ଆଲେଖ୍ୟ ପଟ—
1. Canvas; painting tablet.
୨ । ଛବି ଅଙ୍କା ହୋଇଥିବା ବସ୍ତ୍ର ବା କାଗଜଖଣ୍ଡ; ଛିଟ—
2. Piece of paper or cloth on which a painting is executed.

ଚିତ୍ରପାଟି—ଦେ. ବି—ଘରର ଦୈର୍ଘ୍ୟରୁ ଗର୍ଭ କଟିଗଲେ ଅବଶିଷ୍ଟ
Chitrapāṭi ଯେଉଁ ଅଂଶ ରହେ—The difference between the whole length and the inside measurement of a house.
[ଯଥା—ଘରର ଦୈର୍ଘ୍ୟ ୧୨—୨ ଗର୍ଭ=୧୦ ଚିତ୍ରପାଟି ଲମ୍ବ—ଜଗବନ୍ଧୁ: ପ୍ରାଚୀନ ଉତ୍କଳ ।]

ଚିତ୍ରପାଦା—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ଚିତ୍ର+ପାଦ+ସ୍ତ୍ରୀ. ଆ)—
Chitrapādā ସାରିକା ପକ୍ଷିଣୀ—The myna bird.

ଚିତ୍ରପାଲୁ—ପ୍ରାଦେ. (ଗଞ୍ଜାମ) ବି—କାଠକୁ ଚିକ୍କଣ କରିବା ଅସ୍ତ୍ର;
Chitrapālu ଚିରାରନ୍ଦା—Carpenter's small plane

ଚିତ୍ରପିଚ୍ଛକ—ସଂ. ବି. (ବହୁବ୍ରୀହି; ଚିତ୍ର+ପିଚ୍ଛ+କ)—ମୟୂର—
Chitrapichchhaka Peacock.

ଚିତ୍ରପିତୁଳା—ଦେ. ବି—ଚିତ୍ରପିତୁଳି (ଦେଖ)
Chitrapituḷā Chitrapituḷi (See)

ଚିତ୍ରପିତୁଳି—ଦେ. ବି. (ସଂ. ଚିତ୍ର+ପୁତ୍ତଳିକା)—କୁଣ୍ଢେଇ—
Chitrapituḷi Idol.

ଅନେକ ବଧୂ ଯେ ସଙ୍ଗରେ
ଚିତ୍ରପିତୁଳି ନାଟ କରେ । ସ୍ୱାମୀ. ନିର୍ଗୁଣମାହାତ୍ମ୍ୟ ।

ଚିତ୍ରପୁଙ୍ଖ—ସଂ. ବି. (ଚିତ୍ର+ପୁଙ୍ଖ=ବାଣର ପକ୍ଷଯୁକ୍ତ ସ୍ଥାନ)—
Chitrapuṅkha ଶର, ବାଣ—Arrow.

ଚିତ୍ରପୁଂସ—ଦେ. ବି—ଅଦ୍ଭୁତ ପୁରୁଷ—
Chitrapuṁsa A strange man.

ଚିତ୍ରପୁଂସ ବୋଲୁଁ ବୀର ବର ବେ ଭାଷ । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଚିତ୍ରପୁରୁଷ—ଦେ. ବି. (କର୍ମଧାରୟ; ଚିତ୍ର=ଚିତ୍ରିତ+ପୁରୁଷ)—
Chitrapurusha ପଟଲିଖିତ ପୁରୁଷର ଛବି—
The likeliness of a man painted on a canvas.

ଚାରୁ ଚିତ୍ରପୁରୁଷଙ୍କୁ ସେ ସଖୀ ଗହି
ସୁଷମା ସୁଷମାକରେ ଭଳିଲ ଏହି । ଉପେ. ପ୍ରେମସୁଧାନିଧି ।

ଚିତ୍ରପୃଷ୍ଠ—ସଂ. ବି. (ବହୁବ୍ରୀହି; ଚିତ୍ର+ପୃଷ୍ଠ)—
Chitrapṛushṭha କଳବିଙ୍କ ପକ୍ଷୀ; ଘର ଚଟିଆ—
Sparrow.

ଚିତ୍ରପେଡ଼ି—ଦେ. ବି. (ସଂ. ଚିତ୍ର ଓ ପେଟିକା)—
Chitraperḍi ଉପର ଚିତ୍ରିତ ହୋଇଥିବା ପେଡ଼ି—
A painted box.

ଚିତ୍ରଫଳ—ସଂ. ବି—୧ । ଚିତ୍ରଫଳକ ୨ (ଦେଖ)
Chitraphaḷa 1. Chitraphaḷaka 2 (See)
୨ । ତରଭୁଜ—2. Melon
ଦେ. ବି—ଗହମ କାକୁଡ଼ି (ଦେଖ)
Gahama kākurḍi (See)

ଚିତ୍ରଫଳକ—ସଂ. ବି. (୬ଷ୍ଠୀ ତତ୍ ; ଚିତ୍ର+ଫଳକ)—
Chitraphaḷaka ୧ । ଚିତ୍ରପଟ—1. Canvas; a tablet for painting.
୨ । ଚିତଳ ମାଛ—2. A species of flat; large sweet water fish.

ଚିତ୍ରଫଳା—ସଂ. ବି. (ବହୁବ୍ରୀହି; ଚିତ୍ର+ଫଳ+ଆ)—
Chitraphaḷā ୧ । କାକୁଡ଼ି—1. Cucumber.
୨ । ବାଇଗଣ—2. Egg plant.
୩ । କଣ୍ଟକାରୀ (ଦେଖ)
3. Kanṭakārī (See)
୪ । ଲିଙ୍ଗିନୀ ଲତା—4. A kind of kreeper.
୫ । ଫଳି ମାଛ—5. A kind of fish.

ଚିତ୍ରବଦଳ—ସଂ. ବି—ପାଠୀନ ମତ୍ସ୍ୟ; ବାଲିଆ ମାଛ (ହି. ଶବ୍ଦସାଗର)—
Chitrabadaḷa The boal fish.

ଚିତ୍ରବର୍ହ—ସଂ. ବି. (ବହୁବ୍ରୀହି; ଚିତ୍ର+ବର୍ହ)—
Chitrabarha ୧ । ମୟୂର—1. Pea-cock.
୨ । (ନାମ) ଗରୁଡ଼ର ଏକ ପୁତ୍ର—
2 Name of a son of Garurḍa.

ଚିତ୍ରବଲ୍ଲିକ—ସଂ. ବି—ବାଲିଆ ମାଛ—
Chitraballika The boal fish; the sheat fish.

ଚିତ୍ରବଲ୍ଲୀ—ସଂ. ବି. (ଚିତ୍ର+ବଲ୍ଲୀ)—
Chitraballī ୧ । ବିଚିତ୍ର ଲତା—
1. A wonderful creeper.
୨ । ମହେନ୍ଦ୍ରବାରୁଣୀ ଲତା—
2. Name of a creeper.

ଚିତ୍ରବାଡ଼ି—ଦେ. ବି—ପିଲାମାନଙ୍କ ଖେଳବାରେ ବ୍ୟବହୃତ ଚିତ୍ର କରାଯାଇ
Chitrabārḍi ଥିବା ଯଷ୍ଟି—A painted stick used by children.

କ.ଳ ବରଡ଼ି ଖଡ଼ଗଡ଼ି, ପକାଇବ ଚିତ୍ରବାଡ଼ି, ପଳାଇବୁ ଘରକୁ ଗଡ଼ି ।
ଶିଶୁ ଗୀତ ।

ଚିତ୍ରବାହନ—ସଂ. ବି. (ନାମ)—ଚିତ୍ରଭାନୁ ୬ (ଦେଖ)
Chitrabāhana Chitrabhānu 6 (See)

ଚିତ୍ରବିଚିତ୍ର—ସଂ. ବିଣ. (କର୍ମ୍ମ ତତ୍ ; ଚିତ୍ର+ବିଚିତ୍ର)—
Chitrabichitra ୧ । ବିବିଧ ବର୍ଣ୍ଣ ବା ଚିତ୍ରରେ ଚିତ୍ରିତ—
1. Multicoloured.
୨ । ଛିପିଛିପିକିଆ—2. Mottled; variegated.
୩ । ନାନାବର୍ଣ୍ଣର—3. Of various colours.

୧	ଇ	ଉ	ର୍,ଋ	ୡ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ତ	ଉଥ	ଞ୍ଚ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଥ	ଈ	ନ୍ତ

ଚିତ୍ରବିଦ୍ୟା—ସଂ. ବି—ଚିତ୍ରକଳା; ଚିତ୍ରଅଙ୍କନ ବିଦ୍ୟା—
Chitrabidyā — The art of painting.

ଚିତ୍ରବୃତ୍ତି—ସଂ. ବିଣ (ବହୁବ୍ରୀହି; ଚିତ୍ର+ବୃତ୍ତି=ବ୍ୟାପାର) ଅଦ୍ଭୁତ
Chitrabṛutti ବ୍ୟାପାରଶାଳୀ— Of wonderful action.

ଚିତ୍ରଭାନୁ—ସଂ. ବି. (ବହୁବ୍ରୀହି; ଚିତ୍ର=ବିଚିତ୍ର+ଭାନୁ=କିରଣ)—
Chitrabhānu ୧ । ଅଗ୍ନି—1. Fire.
୨ । ସୂର୍ଯ୍ୟ—2. The sun.
୩ । ଅଶ୍ୱିନୀକୁମାର ଦ୍ୱୟ—3. The twin sons of Aswini; the Heavenly physicians.
୪ । ଚିତାପାରୁ ଗଛ—4. The Leadwort shrub.
୫ । ଭୈରବ; ଶିବ—5 The god Siba.
୬ । ଅର୍ଜୁନପତ୍ନୀ ଚିତ୍ରାଙ୍ଗଦାଙ୍କ ପିତା; ମଣିପୁରର ରାଜା; ବଭ୍ରୁବାହନଙ୍କ ମାତାମହ—6. The father of Arjuna's wife Chitrāṅgadā.
୭ । ଅର୍କବୃକ୍ଷ (ହି· ଶବ୍ଦସାଗର)—
7. The swallow wort plant.

ଚିତ୍ର ମଣିବା—ଦେ. କ୍ରି—ଆଶ୍ଚର୍ଯ୍ୟ ବୋଧ କରିବା—
Chitra maṇibā — To be ashtonished.

ପୁଣି ଶ୍ରୀ ଠାକୁରାଣୀ ଚିତ୍ର ମଣିଲେ ଜାଣି ନ ଥିଲା ପର ହୃଦଗ୍ରାହକ ରେ ।
କବିସୂର୍ଯ୍ୟ—ସଙ୍ଗୀତ ।

ଚିତ୍ରମଦ—ସଂ. ବି. ପୁଂ—ନାଟକ ଓ ଉପନ୍ୟାସରେ କୌଣସି ସ୍ତ୍ରୀର ଆପଣାର
Chitramada ଅନୁପସ୍ଥିତ ପତି ବା ପ୍ରେମିକର ଚିତ୍ର ଦେଖି ବିରହୋତ୍କଣ୍ଠା ପ୍ରକାଶ କରିବା (ହି. ଶବ୍ଦସାଗର)—
The manifestation of pathatic feeling by a woman on seeing the picture of her absent husband or lover.

ଚିତ୍ରମତ୍ସ୍ୟ—ସଂ. ବି—ଚିତ୍ରଫଳକ ୨ (ଦେଖ)
Chitramatsya Chitraphaḷaka 2 (See)

ଚିତ୍ରମାଛି—ଦେ. ବି—କସ୍ତୁରୀ ପ୍ରଭୃତିଦ୍ୱାରା ସ୍ତ୍ରୀମାନଙ୍କ ଗଣ୍ଡସ୍ଥଳରେ ଅଙ୍କିତ
Chitramāchhi ହୋଇଥିବା ମାଛିର ଚିତ୍ର—
A representation of a flea painted on the cheek of women.

ବସ୍ତ୍ର ହୋଇ ଚିତ୍ରମାଛିରେ ବାଳା ବୃନ୍ଦଗଣ ତ ବସୁଛ ।
କବିସୂର୍ଯ୍ୟ· କଳୋପାଚଣ୍ଡୁ ବ· ଗୀତ ।

ଚିତ୍ରମୃଗ—ସଂ. ବି—କଳା ବାଦୁଡ଼ିଆ—
Chitramṛuga — Spotted deer.

ଚିତ୍ରମେଖଳ—ସଂ. ବି. (ବହୁବ୍ରୀହି; ଚିତ୍ର+ମେଖଳ)—
Chitramekhaḷa ଚିତ୍ରପିଚ୍ଛକ (ଦେଖ)
Chitrapichchhaka (See)

ଚିତ୍ରଯୋଗ—ସଂ. ବି—୬୪ କଳା ମଧ୍ୟରୁ ଏକ; ବୃଦ୍ଧାଙ୍କୁ ଯୁବକ ବା
Chitrajoga ଯୁବକଙ୍କୁ ବୃଦ୍ଧ ଓ ନପୁଂସକ କରିଦେବା ବିଦ୍ୟା—(ହି. ଶବ୍ଦସାଗର)
The art of turning an old man into a young man and viceversa.

ଚିତ୍ରଯୋଧୀ—ସଂ. ବି. (ଚିତ୍ର+ଯୁଧ୍+କର୍ତ୍ତୃ. ଇନ୍)—୧ । ଅର୍ଜୁନ—
Chitrajodhī — 1. A name of Arjuna.
୨ । ଅର୍ଜୁନବୃକ୍ଷ (ଦେଖ)
2. Arjuna tree (See)
ସଂ. ବିଣ—ଯେ ଅଦ୍ଭୁତରୂପେ ଯୁଦ୍ଧ କରେ—
Fighting wonderfully.

ଚିତ୍ରରଥ—ସଂ. ବି. (ନାମ) (ବହୁବ୍ରୀହି; ଚିତ୍ର+ରଥ)—୧ । କଶ୍ୟପଙ୍କ
Chitraratha ଔରସରେ ଦକ୍ଷକନ୍ୟାଙ୍କ ଗର୍ଭରୁ ଜାତ ଗନ୍ଧର୍ବ-ବିଶେଷ—1. Name of a Gandharba.

[ଦ୍ର—ଏ ଇନ୍ଦ୍ରଙ୍କର ରଥବାହକ ଓ କୁବେରଙ୍କ ସଖା ଅଟନ୍ତି । ଏହାଙ୍କ ଅନ୍ୟ ନାମ ଗନ୍ଧର୍ବରାଜ, ଅଙ୍ଗାରପର୍ଣ୍ଣ ଦଗ୍ଧରଥ, କୁବେର ସଖ ।]

୨ । ସୂର୍ଯ୍ୟ—2. The sun.
୩ । ଶ୍ରୀକୃଷ୍ଣଙ୍କ ନାତି; ଗଦଙ୍କ ପୁତ୍ର—
3. Name of a grandson of Śrikṛushṇa.
୪ । ଅଙ୍ଗଦେଶର ଜଣେ ରାଜା (ମହାଭାରତ)—
4. Name of a king of Aṅga.
୫ । ଯଦୁବଂଶୀୟ ଜଣେ ରାଜା (ଭାଗବତ ଓ ବିଷ୍ଣୁପୁରାଣ)—
5. A king of the Jadu dynasty.

ଚିତ୍ରରେଖା—ଦେ. ବି—୧ । ଅଲତା—1. Lac-dye.
Chitrarekhā ୨ । ସ୍ୱର୍ଗବେଶ୍ୟାବିଶେଷ—
2. Name of a heavenly nymph.

କନକ ପାଦେ ଦେଇ ଦେଖା
କନତ ଧର ଚିତ୍ରରେଖା । ଭଞ୍ଜ—ବୈଦେହୀଶବିଳାସ ।

୩ । ବାଣାସୁରର କନ୍ୟା ଉଷାର ଏକ ସହଚରୀ—
3. Name of a female companion of Ushā, the daughter of demon Bāṇa.

ଚିତ୍ରଳ—ସଂ. ବିଣ. (ଚିତ୍ର+ଲ)—ବିବିଧ ବର୍ଣ୍ଣଯୁକ୍ତ—
Chitraḷa — Variegated.

ଚିତ୍ରଲତା—ସଂ. ବି.—ମଞ୍ଜିଷ୍ଠା—The Indian madder (Rubia
Chitralatā Muñjisthā).

ଚିତ୍ରଲେଖା—ସଂ. ବି ସ୍ତ୍ରୀ—୧ । ବାଣରାଜଙ୍କ ମନ୍ତ୍ରୀ କୁମ୍ଭାଣ୍ଡର କନ୍ୟା;
Chitralekhā ଉଷାର ସଖୀ—1. A companion of Ushā, the daughter of king Bāṇa.
୨ । ଅପ୍ସରାବିଶେଷ—
2. Name of a heavenly nymph.
୩ । ଚତୁର୍ଦ୍ଦଶ ଛନ୍ଦୋବିଶେଷ (୧୮ ଅକ୍ଷର ୨।୩।୫।୬ ବର୍ଣ୍ଣ ଲଘୁ)—3. A metre with 18 letters having its 2nd. 3rd, 5th and 6th letters short.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୪ । ଚିତ୍ର ଅଙ୍କିବାର ତୂଳିକା—4. Painter's brush.

ଦେ. ବି.—୧ । ଚିତ୍ର ଅଙ୍କନ—1. Drawing of pictures.

୨ । ସାରୀ—2. The myna bird

୩ । ମୟୂର—3. Pea-cock.

ବଳେଇଥାଇଁ ଚିତ୍ରଲେଖା କଲେଇ ଥାଇଁ ଚିତ୍ରଲେଖାପୂର୍ଣ୍ଣ ।
ଉପେନ୍ଦ୍ର. ବୈଦେହୀଶବିଳାସ ।

ଚିତ୍ରଲେଖନୀ—ସଂ. ବି.—ରଙ୍ଗ କରିବାର ତୂଳି—
Chitralekhanī Painter's brush.

ଚିତ୍ରାଲୋଚନା—ସଂ. ବି.—ଚିତ୍ରନେତ୍ରା (ଦେଖ)
Chitralochanā Chitranetrā (See)

ଚିତ୍ରଶାର୍ଦ୍ଦୂଳ—ସଂ. ବି—ଚିତାବାଘ—
Chitraśārddūḻa Leopard; panther.

ଚିତ୍ରଶାଳା—ଦେ. ବି.—୧ । ଚିତ୍ରସମ୍ବନ୍ଧ ଗୃହ, ଯେଉଁ ଘରେ ନାନା
Chitraśāḻā ସ୍ଥାନରୁ ସଂଗୃହୀତ ଚିତ୍ରମାନ ରଖାଯାଇଥାଏ—
1. Picture-gallery; art-gallery.

୨ । ଯେଉଁ ସ୍ଥାନରେ ପ୍ରକୃତ ସାହିତ୍ୟ, ଇତିବୃତ୍ତ ସମ୍ବନ୍ଧୀୟ ବସ୍ତୁ ଓ ଶିଳ୍ପସାଧିତ ବସ୍ତୁସବୁ ପ୍ରଦର୍ଶନାର୍ଥ ସଞ୍ଚିତ ହୋଇ ଥାଏ—2. Art-museum.

୩ । ଯେଉଁଠାରେ ଚିତ୍ରକର ଛବି ଅଙ୍କେ—
3. Painter's studio.

ଚିତ୍ରଶାଳିକା—ଦେ. ବି.—ଚିତ୍ରଶାଳା—
Chitraśāḻikā Chitraśāḻā (See)

ଚିତ୍ରଶିଖଣ୍ଡିଜ—ସଂ. ବି. (ଚିତ୍ରଶିଖଣ୍ଡି =ସପ୍ତର୍ଷି ମଧ୍ୟରେ ଏକତମ; ଅଙ୍ଗିରାଃ
Chitraśikhaṇḍija +ଜନ୍ ଧାତୁ+କର୍ତ୍ତୃ. ଅ)—ଦେବଗୁରୁ
ବୃହସ୍ପତି—Bṛuhaspati, the preceptor of the Gods.

ଚିତ୍ରଶିଖଣ୍ଡୀ—ସଂ. ବି. (ଚିତ୍ର+ଶିଖଣ୍ଡ+ଇନ୍; ୧ମା. ୧ବ.)—
Chitraśikhaṇḍī ୧ । ମରୀଚି ପ୍ରମୁଖ ସପ୍ତ ଋଷି—1. The collective name of 7 sages—Marīchi and six others.

୨ । ସପ୍ତର୍ଷି ନକ୍ଷତ୍ରମଣ୍ଡଳ—
2. The constellation of Ursa major.

[ଦ୍ର—ମରୀଚି, ଅଙ୍ଗିରା, ଅତ୍ରି, ପୁଲସ୍ତ୍ୟ, ପୁଲହ, କ୍ରତୁ ଓ ବଶିଷ୍ଠ ଏମାନଙ୍କ ନାମରେ ଚିହ୍ନିତ ନକ୍ଷତ୍ରପୁଞ୍ଜକୁ ସପ୍ତର୍ଷିମଣ୍ଡଳ କୁହାଯାଏ; ଏହି ଋଷିମାନେ ଚିତ୍ରଶିଖଣ୍ଡୀ ନାମରେ ପରିଚିତ । ନକ୍ଷତ୍ର ତଳେ ନୋଟ ଦେଖ ।]

ଚିତ୍ରସର୍ପ—ସଂ. ବି.—ଚିତ୍ରି ସାପ—
Chitrasarpa A species of spotted snake.

ଚିତ୍ରସେନ—ସଂ. ବି. (ନାମ)—୧ । ଧୃତରାଷ୍ଟ୍ରଙ୍କ ପୁତ୍ରବିଶେଷ—
Chitrasena 1. Name of a son of Dhṛutarāshṭra.

୨ । ଗନ୍ଧର୍ବବିଶେଷ; ଗନ୍ଧର୍ବରାଜ ବିଶ୍ୱାବସୁଙ୍କ ପୁତ୍ର ଓ ଅର୍ଜୁନଙ୍କର ସଙ୍ଗୀତଶିକ୍ଷକ—2. Name of a Gandharba, the music precepter of Arjuna.

୩ । ପାଣ୍ଡବପକ୍ଷୀୟ ବୀରବିଶେଷ—
3. Name of a warrior who fought for the Pāṇḍabas.

୪ । ପୁରୁବଂଶୀୟ ରାଜାବିଶେଷ—4. Name of a king of the Puru dynasty.

୫ । ଶମ୍ବରାସୁରର ଏକ ପୁତ୍ର (ହରିବଂଶ)—
5. Name of a son of demon Śambara

ଚିତ୍ରହସ୍ତ—ସଂ. ବି—୧ । ସମରକୌଶଳରେ ହସ୍ତକ୍ରିୟାବିଶେଷ—
Chitrahasta 1. A slight of hand in fighting.

୨ । ପ୍ରସାରିତ କରତଳ (କ୍ଷୀରେନ୍ଦ୍ର)—
2. The extended palm.

ସଂ. ବିଣ. ପୁଂ—ଯୁଦ୍ଧରେ କ୍ଷିପ୍ରହସ୍ତ—Deft handed in war.

ଚିତ୍ରା—ସଂ. ବି. ସ୍ତ୍ରୀ (ଚିତ୍ର+ଆ)—୧ । ଚତୁର୍ଦ୍ଦଶ ନକ୍ଷତ୍ର; ନକ୍ଷତ୍ରବିଶେଷ;
Chitrā (ନକ୍ଷତ୍ର ତଳେ ନୋଟ ଦେଖ)—1. The 14th of the 27 lunar mansions.

[ଦ୍ର—ଏହା ନିକଟରେ ଚନ୍ଦ୍ର ଥିବା ସମୟରେ ସୁନ୍ଦର ଦେଖା ଯାଆନ୍ତି ।]

ଚିତ୍ରା ସଙ୍ଗେ ଏବେ ମିଳିଲେ ଚନ୍ଦ୍ରମା—ରାଧାନାଥ. ଚିଲିକା ।

୨ । ଅପ୍ସରାବିଶେଷ—
2. Name of a heavenly nymph.

୩ । ଚିତ୍ରିସାପ—3. The spotted snake.

୪ । ୧୫ ଅକ୍ଷରର ସଂସ୍କୃତ ଛନ୍ଦୋବିଶେଷ—
4. Name of a Sanskrit metre of 15 syllables.

୫ । ନଦୀବିଶେଷ—5. Name of a river.

୬ । ରାଧିକାଙ୍କ ସଖୀବିଶେଷ—6. Name of one of the companions of Rādhikā.

୭ । ମଞ୍ଜିଷ୍ଠା—7. The Indian madder.

୮ । ମାୟା—8. Delusion.

୯ । ମୂଷିକପର୍ଣ୍ଣୀ (ହି. ଶବ୍ଦସାଗର) (ଦେଖ)
9. Mūshikaparṇṇī (See).

୧୦ । କାକୁଡ଼ି(ହି. ଶବ୍ଦସାଗର)—10. Cucumber.

୧୧ । ଗଣ୍ଡଦୂର୍ବା (ହି. ଶବ୍ଦସାଗର)—
11. A kind of knotted grass.

୧୨ । ଦନ୍ତୀବୃକ୍ଷ (ହି. ଶବ୍ଦସାଗର) (ଦେଖ)
12. Dantī (tree) (See).

୧୩ । ବାଇବିଡ଼ଙ୍ଗ (ହି. ଶବ୍ଦସାଗର) (ଦେଖ)
13. Bāibirḍaṅga (See).

୧୪ । ଆଖୁକର୍ଣ୍ଣୀ (ହି. ଶବ୍ଦସାଗର) (ଦେଖ)
14. Ākhukarṇṇī (See).

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇପ୍ସ	ଡ଼ଥ	ଢ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ଁ୍ୟ	ଇଅ	ଞ୍ଜ	ନୃ

୧୫ । ଜୁଆଣି (ହି. ଶବ୍ଦସାଗର) (ଦେଖ)
15. Juāṇi (See).

୧୬ । ଭୈରବ ରାଗର ସ୍ତ୍ରୀ ରାଗିଣୀ (ହି. ଶବ୍ଦସାଗର)—
16. Name of a secondary musical note.

୧୭ । ଚିତ୍ରିତଦେହା ଗାଈ (ହି. ଶବ୍ଦସାଗର)—
17. A mottled cow.

୧୮ । ପ୍ରାଚୀନ ତନ୍ତ୍ରୀବାଦ୍ୟବିଶେଷ (ହି. ଶବ୍ଦସାଗର)—
18. A stringed musical instrument of ancient India.

ଦେ. ବି (ସଂ. ଚିତ୍ରିତ)—ଚିତ୍ରିତ—Painted.

ଚିତ୍ରାଇବା—ଦେ. କ୍ରି (ସଂ. ଚିତ୍ର)—୧ । କୌଣସି ବସ୍ତୁ ଉପରେ ଚିତ୍ର ଅଙ୍କନ କରିବା—1. To draw pictures on a thing.
Chitrāibā
চিত্রকরা
রঞ্জনা ୨ । ଚିତ୍ରିତ କରିବା; ରଙ୍ଗାଇବା—2. To paint.

ଚିତ୍ରାଗୁଣ୍ଡୁରି—ଦେ. ବି—ଏକପ୍ରକାର ଗୁଣ୍ଡୁରି ପୋକ—
Chitrā gundụri A kind of spotted sand borer.
[ଦ୍ର—ଗୁଣ୍ଡୁରି ତଳେ ନୋଟ ଦେଖ ।]

ଚିତ୍ରାଙ୍ଗ—ସଂ. ବିଣ (ବହୁବ୍ରୀହି; ଚିତ୍ର+ଅଙ୍ଗ)—
Chitrāṅga ୧ । ଯାହା ଦେହ ଚିତ୍ରିତ—1. Multicoloured; having a dappled body.

ବି—୧ । ଚିତ୍ର ସାପ—1. A kind of spotted snake.
୨ । ଚିତ୍ରମୃଗ—2. Spotted deer.
୩ । ରକ୍ତଚିତା ଗୁଳ୍ମ—The red Leadwort.
୪ । ହିଙ୍ଗୁଳ—4 Vermillion.
୫ । ଚିତଳମାଛ (ହରେକୃଷ୍ଣ. ଦ୍ରବ୍ୟଗୁଣ)—
5. A large flat sweet-water-fish; Notopheris Chitala
୬ । ହରିତାଳ—6 Yellow orpiment.

ଚିତ୍ରାଙ୍ଗଦ—ସଂ. ବି. ପୁଂ (ନାମ)—(ବହୁବ୍ରୀହି; ଚିତ୍ର=ଅଦ୍ଭୁତ+ଅଙ୍ଗଦ =ବାହୁଭୂଷଣ)—୧ । ଚନ୍ଦ୍ରବଂଶୀୟ ଶାନ୍ତନୁ ରାଜାଙ୍କ ଏକ ପୁତ୍ର—1. A son of king Śāntanu.
Chitrāṅgada
[ଦ୍ର—ଏ ସତ୍ୟବତୀଙ୍କ ଗର୍ଭରୁ ଜନ୍ମିଥିଲେ ଓ ବିଚିତ୍ରବୀର୍ଯ୍ୟଙ୍କ ଜ୍ୟେଷ୍ଠ ଭାଇ ।]

(ଚିତ୍ରାଙ୍ଗଦା—ସ୍ତ୍ରୀ) ୨ । ଗନ୍ଧର୍ବବିଶେଷ—
2. Name of a Gandharba.
୩ । କଳିଙ୍ଗ ବା ଦଶାର୍ଣ୍ଣ ଦେଶର ଜନୈକ ନରପତି (ମହାଭାରତ)—3. Name of a king of ancient Kaliṅga.

ଚିତ୍ରାଙ୍ଗଦା—ସଂ. ବି. ସ୍ତ୍ରୀ (ଚିତ୍ରାଙ୍ଗଦ+ସ୍ତ୍ରୀ. ଆ)—୧ । ଅର୍ଜୁନପତ୍ନୀ—
Chitrāṅgadā 1. The wife of Arjuna.

ପୁଣି ସେ ଚିତ୍ରାଙ୍ଗଦା କନ୍ୟାଠାକୁ ଗଲେ,
ବଭ୍ରୁବାହନଙ୍କ ଜନ୍ମରୁ ଉପୁଜିଲେ । କୃଷ୍ଣସିଂହ. ମହାଭାରତ, ଆଦି ।

[ଦ୍ର—ଅର୍ଜୁନ ଦ୍ୱାଦଶ ବର୍ଷ ବନବାସକାଳରେ ମଣିପୁରରେ ଉପସ୍ଥିତ ହୋଇ ମଣିପୁର ରାଜା ଚିତ୍ରଭାନୁ ବା ଚିତ୍ରବାହନଙ୍କର କନ୍ୟା ଚିତ୍ରାଙ୍ଗଦାକୁ ବିବାହ କରିଥିଲେ; କିନ୍ତୁ ଚିତ୍ରଭାନୁଙ୍କର ଏହି ସର୍ତ୍ତ ଥିଲା ଯେ ଚିତ୍ରାଙ୍ଗଦାଙ୍କର ପୁତ୍ର ହେଲେ, ସେ ମଣିପୁରର ରାଜା ହେବେ । ଏହି ପ୍ରସ୍ତାବରେ ଅର୍ଜୁନ ସମ୍ମତ ହୋଇଥିଲେ । ଅର୍ଜୁନଙ୍କ ଔରସରେ ଚିତ୍ରାଙ୍ଗଦାଙ୍କର ବଭ୍ରୁବାହନ ନାମରେ ଗୋଟିଏ ପୁତ୍ର ଜାତ ହୋଇଥିଲା । ଯୁଧିଷ୍ଠିରଙ୍କ ଅଶ୍ୱମେଧଯଜ୍ଞ ସମୟରେ ଯଜ୍ଞାଶ୍ୱ ଯୋଗୁଁ ଅର୍ଜୁନଙ୍କ ସହିତ ବଭ୍ରୁବାହନଙ୍କର ଯୁଦ୍ଧ ହୋଇଥିଲା । ସେହି ଯୁଦ୍ଧରେ ଅର୍ଜୁନ ପରାସ୍ତ ହୋଇଥିଲେ ।]

୨ । କଳିଙ୍ଗ ରାଜକନ୍ୟା; କୁରୁରାଜ ଦୁର୍ଯ୍ୟୋଧନଙ୍କ ପତ୍ନୀ— (କୃପାସିନ୍ଧୁ. ଇତିହାସ)—
2. Name of a wife of Durjyodhana.
୩ । ରାବଣର ଏକ ପତ୍ନୀ—
3. Name of a wife of Rābaṇa.

ଚିତ୍ରାଙ୍ଗି ଦେବା—ଦେ.କ୍ରି—୧ । ଚିତା କାଟିବା; ଧପା ମାରିବା; ପ୍ରତାରଣା କରିବା—1. To cheat.
Chitrāṅgi debā
(ଚିତ୍ରାଙ୍ଗି କାଟିବା) } ଅନ୍ୟରୂପ
(ଚିତ୍ରାଙ୍ଗି ବତାଇବା) }
୨ । ଲୁଚିକରି ପଳାଇବା—
2. To fly away stealthily.

ଚିତ୍ରାଫଳ—ସଂ. ବି—ଗହମକାକୁଡ଼ି (ହରେକୃଷ୍ଣ ଦ୍ରବ୍ୟଗୁଣ) (ଦେଖ)
Chitrāphaḷa Gahamakākurḍi (See)

ଚିତ୍ରାବସୁ—ସଂ. ବି—ନକ୍ଷତ୍ରମାନଙ୍କରେ ମଣ୍ଡିତ ରାତ୍ରି (ହିନ୍ଦି ଶବ୍ଦସାଗର)
Chitrābasu A clear night with stars shining in the sky.

ଚିତ୍ରାର୍ପିତ—ସଂ. ବିଣ. ପୁଂ (୭ମୀ ତତ୍; ଚିତ୍ର+ଅର୍ପିତ)—୧ । ଚିତ୍ରପଟରେ ଅଙ୍କିତ—1. Painted in a picture.
Chitrārpita
(ଚିତ୍ରାର୍ପିତା—ସ୍ତ୍ରୀ) ୨ । ଚିତ୍ରପଟରେ ଅଙ୍କିତ ଛବି ବା ଚିତ୍ର ପରି ନିଶ୍ଚଳ—2. Still or quiet as a painting.

ରହିଁ ରହିଁ ତୋ ସରଣୀ, କଳୁଭଳୁ ରେ ତରୁଣି, ଚିତ୍ରାର୍ପିତ ପରି ଥିଲି ବସି—
କବିସୂର୍ଯ୍ୟ. ବଶୋରାତମ୍ବୁ ତ ଗୀତ ।

ଚିତ୍ରାଶ୍ୱ—ସଂ. ବି—ସତ୍ୟବାନ୍; ସାବିତ୍ରୀଙ୍କ ସ୍ୱାମୀ—
Chitrāśwa Satyabān, the husband of Sābitrī.

ସତ୍ୟବାନ ଚିତ୍ରରେ ଅଶ୍ୱ ତ ଲେଖନ୍ତି,
ଏହି ସକାଶରୁ ଚିତ୍ରାଶ୍ୱ ସେ ବୋଲନ୍ତି । କୃଷ୍ଣସିଂହ. ମହାଭାରତ ବନପର୍ବ ।

ଚିତ୍ରିକ—ସଂ. ବି. (ଚିତ୍ର+ମାସାର୍ଥେ. ଇକ) ଚିତ୍ରାନକ୍ଷତ୍ରଯୁକ୍ତ ପୂର୍ଣ୍ଣିମାର ମାସ; ଚୈତ୍ର ମାସ—The month of Chaitra.
Chitrika

ଚିତ୍ରିଣୀ—ସଂ. ବି. ସ୍ତ୍ରୀ—କାମଶାସ୍ତ୍ରୋକ୍ତ ଚାରିଜାତି ସ୍ତ୍ରୀ ମଧ୍ୟରୁ ଏକତମା (୨ୟ ଶ୍ରେଣୀ)—One of the 4 classes of females as classified in the Hindu Śāstras.
Chitriṇī

ସାଧାରଣ ଲୋକେ ଅପର ଦୃଷ୍ଟାରେ ବୃତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—
'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

[ଦ୍ର—ଛନ୍ଦଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ସ୍ତ୍ରୀମାନଙ୍କର ୪ ଶ୍ରେଣୀ (ପଦ୍ମିନୀ, ଚିତ୍ରିଣୀ, ଶଙ୍ଖିନୀ, ହସ୍ତିନୀ) ମଧ୍ୟରୁ ଚିତ୍ରିଣୀ ୨ୟ ଶ୍ରେଣୀର । ଏହାର ଆକାର ନାତିଦୀର୍ଘ ନାତିକ୍ଷୁଦ୍ର, ନାକ ତିଳଫୁଲ ପରି, ନେତ୍ର ପଦ୍ମଦଳ ପରି, ମୃଗ ଭଳି ଚଞ୍ଚଳ । ଏ ବିବିଧ କଳା ଓ ଶୃଙ୍ଗାରଚେଷ୍ଟାରେ ନିପୁଣା; ଏ ଜାତୀୟା ସ୍ତ୍ରୀର ମୃଗଜାତୀୟ ପୁରୁଷ ସ୍ୱାମୀ ହେବା ଉପଯୁକ୍ତ—ହି. ଶବ୍ଦସାଗର ।]

ଚିତ୍ରିତ—ସଂ. ବଣ· (ଚିତ୍ର ଧାତୁ=ଚିତ୍ରିତ କରିବା+କର୍ମ. ତ)—
Chitrita ୧ । ରଞ୍ଜିତ; ଚିତ୍ରାର୍ପିତ—1. Painted.
୨ । ଅଙ୍କିତ—2. Drawn; delineated.
୩ । ବିଚିତ୍ର—3 Variegated; chequered.
୪ । ନାନା ବର୍ଣ୍ଣବିଶିଷ୍ଟ—
4. Of various colours.
୫ । ଚିହ୍ନଯୁକ୍ତ; ଛିଟିଛିଟିକିଆ—
5. Spotted; mottled.

ଚିତ୍ରିବା—ଦେ. କ୍ରି—୧ । ଚିତ୍ରିତ କରିବା—
Chitriba 1. To paint.
চিত্রিতকরা ଚିତ୍ରଇ ଚରଣ ଅଳତାବୋଳେ—
চিত্রনা କବିସୂର୍ଯ୍ୟ. କବିତା ।
୨ । (ଲକ୍ଷଣାର୍ଥ) ଉଜ୍ଜ୍ୱଳ ଚିତ୍ରଣ କରିବା; ବର୍ଣ୍ଣନା କରିବା—
2. (figurative) To paint; to describe vividly.
ଚିତ୍ରୁଛନ୍ତି ମହା-ଅଭ-ଚିତ୍ରକର—ମଧୁସୂଦନ. କୁସୁମାଞ୍ଜଳି ।

ଚିତ୍ରେଶ—ସଂ. ବି. (୬ଷ୍ଠୀ ତତ; ଚିତ୍ରା+ଈଶ; ଚିତ୍ରାନକ୍ଷତ୍ରର ସ୍ୱାମୀ)—
Chitreśa ଚନ୍ଦ୍ର—The moon

ଚିତ୍ରେଶ୍ୱର—ସଂ. ବି—ପ୍ରଭାସ ତୀର୍ଥରେ ଚିତ୍ରଗୁପ୍ତଙ୍କ ପ୍ରତିଷ୍ଠିତ ଶିବଲିଙ୍ଗ—
Chitreśwara Name of a Śibalinga said to have been established by Chitragupta.

ଚିତ୍ରୋକ୍ତି—ସଂ. ବି. (କର୍ମଧା; ଚିତ୍ର+ଉକ୍ତି)—୧ । ଆକାଶବାଣୀ—
Chitrokti 1. A voice from the sky.
୨ । ଅଦ୍ଭୁତ ବାକ୍ୟ—2. Wonderful words.
୩ । ଅଳଙ୍କାରଯୁକ୍ତ ଭାଷାରେ କଥନ—
3. Speech full of rhetorical excellence.

ଚିତ୍ରୋତ୍ତର—ସଂ. ବି—କାବ୍ୟାଲଙ୍କାରବିଶେଷ; ଯହିଁରେ ପ୍ରଶ୍ନ ଓ ଉତ୍ତର
Chitrottara ଏକ ସଙ୍ଗେ ଏକ ରଚନାରେ ଥାଏ—
An artistic camposition which is the question and the answer at the same time.
(ଯଥା— କା କାଳୀ, କା ମଧୁରା, କା ଶୀତଳବାହିନୀ ଗଙ୍ଗା, କେ ଦାରପୋଷଣରତା, କଂ ବଳବନ୍ତଂ ନ ବାଧତେ ଶୀତଃ । ଏଥିରେ ୫ଟି ବାକ୍ୟ ପ୍ରଶ୍ନରୂପେ ଓ ସେହି ୫ଟି ବାକ୍ୟ ଉକ୍ତ ପ୍ରଶ୍ନର ଉତ୍ତର ରୂପେ ରଚିତ ।)

ଚିତ୍ରୋତ୍ପଳ—ସଂ. ବି. (ବହୁବ୍ରୀହି; ଚିତ୍ର+ଉତ୍ପଳ)—ନାନା ବର୍ଣ୍ଣବିଶିଷ୍ଟ
Chitrotpala କଇଁଫୁଲ—Waterlily of variegated colour.

ଚିତ୍ରୋତ୍ପଳା—ସଂ. ବି. ସ୍ତ୍ରୀ—୧ । ମହାନଦୀର ପ୍ରାଚୀନ ନାମ—
Chitrotpalā 1. The ancient name of the Mahānadī river.
[ଦ୍ର—ଚିତ୍ରୋତ୍ପଳାକୁ ସୁକାନ୍ତିନନ୍ଦା ବୋଲିଯାଏ ।]
୨ । କଟକ ଜିଲ୍ଲାର ଆଇତିପୁରଠାରୁ ବାହାରିଥିବା ମହାନଦୀର ଶାଖାନଦୀବିଶେଷ—2. A branch of the Mahānadī rising at Āitipur in Cuttack District.
ଶାଳିପୁର ଯହିଁ ଚିତ୍ରୋତ୍ପଳା ତୀର, ପୂତ ଅଭିଷେକ ଶ୍ରୀଭଗବତୀର—
ରାଧାନାଥ. ନନ୍ଦିକେଶ୍ୱରୀ ।
୩ । ମତ୍ସ୍ୟପୁରାଣ, ବାମନପୁରାଣ ଓ ମାର୍କଣ୍ଡେୟପୁରାଣ ମତରେ ଅକ୍ଷପାଦ ପର୍ବତରୁ ବାହାରିଥିବା ନଦୀବିଶେଷ (ହି. ଶବ୍ଦ· ସାଗର)—3. Name of a mythological river of India.

ଚିତ୍ରୋପଳା—ସଂ. ବି. (ଚିତ୍ର=ବିଚିତ୍ର+ଉପଳ=ପ୍ରସ୍ତରଖଣ୍ଡ ଅଛି
Chitropalā ଯହିଁରେ)— ମହାଭାରତୋକ୍ତ ନଦୀବିଶେଷ (ହି. ଶବ୍ଦ-ସାଗର)—Name of a river of ancient India.

ଚିଥଲ—ଦେ. ବି. (ସଂ. ଚିତ୍ରମୃଗ)—ଖୁରାଣ୍ଟି; କୁରୁଙ୍ଗ; ଏକପ୍ରକାର
Chithala ମୃଗ—A species of deer.

ଚିଦାକାଶ—ସଂ. ବି. (ଚିତ୍+ଆକାଶ; ଆକାଶ ପରି ନିର୍ଲିପ୍ତ ଓ ସମସ୍ତଙ୍କର
Chidākāśa ଆଧାରଭୂତ)—ପରବ୍ରହ୍ମ—
The Universal Soul.

ଚିଦାତ୍ମା—ସଂ. ବି. (ଚିତ୍+ଆତ୍ମା)—୧ । ଚେତନା—1. The in-
Chidātmā tellect; the thinking soul.
୨ । ଜ୍ଞାନମୟ ଆତ୍ମା—2. The soul of man.
୩ । ଚୈତନ୍ୟ; ଜୀବାତ୍ମା—
3. The divine essence in man.
୪ । ଜ୍ଞାନର ପ୍ରକାଶ—
4. The semblance of intellect.
୫ । ଜ୍ଞାନସ୍ୱରୂପ ପରମାତ୍ମା—5 The Divine Soul which is the embodiment of intelligence.

ଚିଦାନନ୍ଦ—ସଂ. ବି. (ବହୁବ୍ରୀହି; ଚିତ୍+ଆନନ୍ଦ; ଚିତ୍=ଜ୍ଞାନ ଓ
Chidānanda ଆନନ୍ଦ ଅଛି ଯାହାର)—୧ । ଚୈତନ୍ୟମୟ ଓ ଜ୍ଞାନମୟ ବ୍ରହ୍ମ; ପରମାତ୍ମା—
1. The Universal Soul.
୨ । ପରମଜ୍ଞାନୀ ସଦାନନ୍ଦ ଶିବ—2. God Śiba.

ଚିଦାଭାସ—ସଂ. ବି. (ଷଷ୍ଠୀ ତତ୍; ଚିତ୍+ଆଭାସ)—୧ । ଜ୍ଞାନର ଆଭାସ;
Chidābhāsa ଜ୍ଞାନର ପ୍ରକାଶ—
1. The manifestation of intelligence.

୯	ଇ	ଊ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଘ
୨	ଈ	ଉ	ଋୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଢ଼	ନ୍

୨ । ଜ୍ଞାନ—**2.** Knowledge.
୩ । ଜୀବାତ୍ମା—3. The Living Soul.

ଚିଦ୍ରୂପ—ସଂ. ବି. (ଚିତ୍+ରୂପ)—୧ । ଚୈତନ୍ୟସ୍ୱରୂପ ବା ଜ୍ଞାନମୟ ଆତ୍ମା—1. Pure intelligence.
Chidrūpa
ବିଣ.—୧ । ଚୈତନ୍ୟମୟ—Intelligent; intellectual.
୨ । ପ୍ରିୟ—2. Dear; beloved.
୩ । ମୂର୍ତ୍ତିମାନ୍—3. Manifest.
୪ । ଜ୍ଞାନମୟ—4. Full of wisdom.

ଚିନ୍‌ଚିନ୍—ଦେ. ବି.—(ଧ୍ୱନି ଓ ଅନୁଭୂତ୍ୟନୁକରଣ)—୧ । ଛୁଞ୍ଚ ମାଇଲା ପରି ସାମାନ୍ୟ ତୀବ୍ର ଯନ୍ତ୍ରଣାର ଅନୁଭୂତି—
Chinchin 1. A twinging sensation resembling that
চিনচিন produced by slight pin-pricks.
चुनचुनाहट
୨ । ଝିମ୍‌ଝିମ୍ (ଦେଖ)
2. Jhimjhim (See)

ଚିନ—ଦେ. ବି.—୧ । ଚିହ୍ନ; ଦାଗ—
China 1. Mark.
চিন ୨ । ଚୀନ ଦେଶ—
चिन्ह 2. China (country).
চীন ବିଣ.—ଚୀନ୍ ଦେଶୀୟ—
चिनिया Of or pertaining to China.

ଚିନ୍‌ବାସନ—ଦେ. ବି.—ଚିନା ବାସନ (ଦେଖ)
Chin bāsana China bāsana (See)

ଚିନ୍‌ମାଟି—ଦେ. ବି.—ଚିନା ମାଟି (ଦେଖ)
Chinmāṭi China māṭi (See)

ଚିନର—ଦେ. ବିଣ.—ଚିହ୍ନର (ଦେଖ)
Chinarā Chihnarā (See)

ଚିନା—ଦେ. ବି.—୧ । (ସଂ. ଚୀନକ)—ଏକଜାତୀୟ ଗୋଲାକୃତିବିଶିଷ୍ଟ କ୍ଷୁଦ୍ର ଶସ୍ୟ—1. A kind of small grain; millet.
Chinā
চীনেধান ୨ । ସୁନା କାଇଁଚ ପରିମାଣ କ୍ଷୁଦ୍ର ଓଜନ; ସୁନା, ରୁପା ଓଜନ
चेना କରିବାର ପରିମାଣବିଶେଷ—2. A small weight
ଦ୍ର. ଚେନ୍ନା equal to 4 kāinchas; one grain.
ତେ. ଚିନ୍ନ କ୍ୟୋତ କେତେ ଚିନା କେତେକ ଥାନ । ପ୍ରାଚୀ. ପରଚେଗୀତା ।
ତା. ସିନ୍ନା ୩ । (ସଂ. ଚିହ୍ନ ଧାତୁ)—ଚିହ୍ନା; ପରିଚୟ—
3. Acquaintance.
୪ । (ସଂ. ଚୀନ)—ଚୀନଦେଶବାସୀ ମନୁଷ୍ୟ—
4. A Chinaman
ଗ୍ରା. ବି. (ସଂ. ଚହ୍ନିତ)—ଚିହ୍ନା; ପରିଚିତ—
Acquainted; well known.
চিনা ବିଣ—୧ । ଚିନଦେଶୀୟ—
चिनिया 1. Pertaining to China.
(ଯଥା—ଚିନା ଘାସ, ଚିନା କପୁର, ଚିନା ମାଟି, ଚିନା ବାସନ ଇତ୍ୟାଦ ।)
୨ । ପ୍ରଥମରେ ଚୀନ ଦେଶରୁ ଆନୀତ—
2. Originally imported from China.
୩ । ଚୀନଦେଶୋତ୍ପନ୍ନ—3. Produced in China.
୪ । ଚୀନ ଦେଶବାସୀ—
4. Belonging to or residing in China; Chinese.

ଚିନାଇବା—ଗ୍ରା କ୍ରି—ଚିହ୍ନାଇବା (ଦେଖ)
Chināiba Chihnāiba (See)

ଚିନାଏ—ଦେ. ବି—ଏକ ଚିନା ପରିମାଣ—One grain only.
Chināe ବିଣ—୧ । ଏକଚିନା ପରିମିତ—
1. A grain of.
୨ । (ଲକ୍ଷଣାର୍ଥ) ଟିକିଏ ମାତ୍ର—2. (Figurative) A little of; a grain or particle of; a bit of.
କୋଉଁ ଚ ଖେଦ ନାହିଁ ମୋର । କବିସୂର୍ଯ୍ୟ. ବଳୋଗିବଳ୍ଲ୍ ଚ. ଗୀତ ।
[ଦ୍ର—ତୁଳନା କର; ଏହିପରି ଲକ୍ଷଣାର୍ଥଯୁକ୍ତ ରହିଏ, ଧାନେ ।]

ଚିନାକପୂର—ଦେ. ବି. (ସଂ. ଚୀନକକର୍ପୂର)—କର୍ପୂର ଗଛର କାଠରୁ
Chinākapūra ଜଳୀରେ ସିଝାଇ ଯେଉଁ କପୂର ବାହାର କରାଯାଏ
চিনাকপূর (କପୂର ଦେଖ)—Camphor extracted
चीनियाकपूर from the wood of a tree; Cinnamonum Camphora.

ଚିନାଘାସ—ବୈଦେ. ବି. (ଇଂ. ଚାଇନା ଗ୍ରାସ)—
Chinaghāsa ଏକପ୍ରକାର ସୁଦୃଶ୍ୟ ବିଦେଶାଗତ ତୃଣବିଶେଷ—
চিনাঘাস China grass.
चिनियाघास

ଚିନାଘୋଡ଼ା—ସଂ. ବି. (ସଂ. ଚୀନକ+ଘୋଟକ)—
Chinaghorḍā ଯେଉଁ ଘୋଡ଼ାର ୪ ଗୋଡ଼ ଧଳା ଓ ଦେହସାକ
চিনিয়াঘোড়া ଲାଲ ଓ ଧଳା ରଙ୍ଗମିଶା ଲୋମ ଥାଏ—
चिनियाघोड़ा A horse with white legs and body covered with white and red hairs.

ଚିନାପାଟଣା—ପ୍ରାଦେ. (ଗଞ୍ଜାମ) ବି—ମାନ୍ଦ୍ରାଜ ସହର ଓ ମାନ୍ଦ୍ରାଜ ଉପକୂଳ-
Chinapāṭaṇā The city and the coast of Madras.

ଚିନାବ୍—ଦେ. ବି. (ନାମ) (ସଂ. ଚନ୍ଦ୍ରଭାଗା)—ଚନାବ (ଦେଖ)
Chināb Chanāb (See)

ଚିନା ବାଦାମ୍—ଦେ. ବି—ଭୁଇଁଚଣା; ଚୈରଚଣା; ମୁଗଫଳୀ—
Chinā bādām Groundnut; pea-nut; earth-nut.
চিনাবাদাম [ଦ୍ର—ଏହା ଶିମ୍ବାଦିବର୍ଗର ଛୋଟ ଲତାଗୁଳ୍ମ । ଏଥିର
चिनियाबदाम ଚେରରେ ପତଳା ଚୋପାବିଶିଷ୍ଟ ଛୁଇଁ ଧରେ ଓ ଏ ଛୁଇଁ ଭିତରେ ମଟର ପରି ଶସ୍ୟ ଥାଏ ଓ ଏହାକୁ ଖାଆନ୍ତି । ଏ ମଞ୍ଜିରୁ ତେଲ ବାହାରେ । ଏହା ପ୍ରଥମେ ଆମେରିକାର ବ୍ରାଜିଲ ଦେଶରୁ ଆସିଥିଲା । ବିଦେଶରୁ ଆସିଅଛି ବୋଲି ଏହାର ନାମ ଚିନାବାଦାମ୍ ହୋଇଅଛି ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଁଖା' ନ ପାଇଲେ 'ଅଙ୍ଖା' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଚିନା ବାସନ—ଦେ. ବି—ଏକପ୍ରକାର ଧଳାମାଟିରେ ତିଆରି ହୋଇଥିବା
Chinā bāsana ବାସନ—China ware; crockery.
চিনাবাসন
चिनीमिट्टिकाबासन

ଚିନା ମାଟି—ଦେ. ବି. (ସଂ. ଚୀନକ + ମୃତ୍ତିକା)—ବାସନ ଇତ୍ୟାଦି ତିଆରି
Chinā māṭi କରିବା ନିମନ୍ତେ ବ୍ୟବହୃତ ଏକପ୍ରକାର ଧଳା ମାଟି—
চিনামাটি Keolin; a kind of white clay.
चिनीमिट्टी

ଚିନାମାଳ—ଦେ. ବି—ମେଣ୍ଢା ଓ ଛେଳିର କୋଷ—
Chināmāḻa The testicle of a sheep or goat.

ଚିନାମାଳି—ଦେ. ବି—୧ । କଣ୍ଠର ମାଳ ବିଶେଷ—
Chināmāḻi 1. A kind of necklace.
୨ । ଏକପ୍ରକାର ସରୁ ଧାନ—
2. A kind of fine paddy.
୩ । ଚିନାମାଳ (ଦେଖ)
3. Chināmāḻa (See)
ସବୁ ବୃଥା ହେଲା ଦଶହର ଗଲା ନ ପାଇଲି ଚିନାମାଳି । (କ. ମ. ନଭେ)

ଚିନାର୍—ପ୍ରାଦେ (ସମ୍ବଲପୁର) ବଣ (ଭୁଲ. ଏହି ଅର୍ଥରେ ହି. ଚିହ୍ନାର୍)--
Chinār ଚିହ୍ନା; ପରିଚିତ—Acquainted; familiar.

ଚିନି—ଦେ. ବ (ଭୁଲ. ଫା, ଶୀନୀ=ମିଷ୍ଟାନ୍ନ)—
Chini ୧ । ପରିଷ୍କୃତ ଗୁଣ୍ଡା ଆକାରର ଗୁଡ଼—
চিনি 1. Refined powdered sugar.
चीनी ପଇଡ଼ ପାଣି ଖଜା ଖଜୁରିଖଣ୍ଡ ଚିନି—ପୀତାମ୍ବର. କୃଷ୍ଣ ହସ୍ତବର୍ଣ ।
୨ । ଚିନାମାଟି—2. Keolin.
ପ୍ରାଦେ (ସମ୍ବଲପୁର) ବଣ—ଛୋଟ; କ୍ଷୁଦ୍ର—Small..

ଚିନି ଅଙ୍ଗୁଳି—ପ୍ରାଦେ (ସମ୍ବଲପୁର) ବ—କନିଷ୍ଠାଙ୍ଗୁଳି (ହାତର ଓ ଗୋଡ଼ର)
Chini aṅguli The little finger.

ଚିନି ଆଳୁ—ଦେ. ବ—ଶଙ୍ଖଆଳୁ; ଏକପ୍ରକାର ମିଠା ଆଳୁ; ଗସ୍ପା ଆଳୁ—
Chini āḻu Pachyrhizus Angulātus.
[ଦ୍ର—ଶଙ୍ଖସାରୁ ୨ ତଳେ କୋଠ ଦେଖ ।]

ଚିନିକପୁର—ଦେ. ବ—ଚିନାକପୂର (ଦେଖ)
Chinikapura Chinākapūra (See).

ଚିନିଚମ୍ପା—ଦେ. ବ (ଚୀନ ଦେଶରୁ ପ୍ରଥମେ ଆନୀତ ହୋଇଥିବାରୁ)—
Chinichampā ୧ । ଏକପ୍ରକାର ଉଗ୍ରଗନ୍ଧ ଚମ୍ପକଜାତୀୟ ଫୁଲ—
কাঁঠালীচাঁপা Artabotrys Odoratissimus (a kind of
कटहलियाचंपा Magnolia flowering in a creeper).
[ଦ୍ର—ଏହା ଲତାରୁ ହୁଏ । ଫୁଲର ଗନ୍ଧରେ ଦଗଦଗ ମହକୁଥାଏ । ଏହାର ପତ୍ର ସୁନ୍ଦର, ଫୁଲ ଆପୀତ । ପାଚିଲା ପଣସ ବା କଦଳୀ ପରି ଏଥିର ଗନ୍ଧ । ଏହାର ୬ଗୋଟି ମୋଟ ପାଖୁଡ଼ା ଥାଏ; ଅତିଫୁଲ ପରି । ଫୁଲର ନାଡ଼ ମୂଳ ଅଙ୍କୁଶୀ ପରି ବଙ୍କା । ଏକ ଫୁଲରୁ ଅନେକ ଫଳ ହୁଏ ।]
চাঁপকেলা ୨ । ଏକପ୍ରକାର ଚମ୍ପା କଦଳୀଠାରୁ ସାନ ଓ ଉତ୍କୃଷ୍ଟ
चिनीचम्पा କଦଳୀ—2. A kind of excellent banana.
ପ୍ରାଦେ (ଅଠମଲ୍ଲିକ) ବ—କାନର ଗହଣାବିଶେଷ—
A kind of ornament for the ear.

ଚିନିବା—ଗ୍ରା. କ୍ରି. (ସଂ. ଚିହ୍ନ ଧାତୁ)—ଚିହ୍ନିବା (ଦେଖ)
Chinibā Chihnibā (See).

ଚିନିବାସନ—ଦେ. ବ—ଚିନାବାସନ (ଦେଖ)
Chinibāsana Chinābāsana (See).

ଚିନିମାଟି—ଦେ. ବ—ଚିନାମାଟି (ଦେଖ)
Chinimāṭi Chiaāmāṭi (See).

ଚିନିରା—ଦେ. ବଣ (ସଂ. ଚିହ୍ନ ଧାତୁ)—ଚିହ୍ନରା (ଦେଖ)
Chinirā Chihnarā (See).
କାଣିଲ ପରା ମୁଁ ସେହି ଚିନିରା,
ଚିହ୍ନନ୍ତି କେ କାହିଁ କେଉଁଠା ଘରା—ଉତ୍କଳ-ସାହିତ୍ୟ (ନଭେ)

ଚିନିସିନ୍ଦୁର—ଦେ. ବ (ଚୀନ ଦେଶରୁ ଏ ଦେଶକୁ ଆସୁଥିବାରୁ)—
Chinisindura ଏକପ୍ରକାର ଉତ୍କୃଷ୍ଟ ଉଜ୍ଜ୍ୱଳବର୍ଣ୍ଣ ସିନ୍ଦୂର—
চিনাসিন্দূর A kind of bright red vermillion.
चिनिआसिंदूर [ଦ୍ର—ପାରଦ ଓ ଗନ୍ଧକଘଟିତ ସିନ୍ଦୂରର ରଙ୍ଗ ଖୁବ୍ ଉଜ୍ଜ୍ୱଳ; ଏହାକୁ ଚିନିସିନ୍ଦୂର କହନ୍ତି । ସୀସକଘଟିତ ସିନ୍ଦୂର ଫିକା; ଏହାକୁ ମାଟିଆ ବା ଫିକା ସିନ୍ଦୂର କହନ୍ତି । ସଂସ୍କୃତ ଗ୍ରନ୍ଥରେ ଉଲ୍ଲିଖିତ ସିନ୍ଦୂର ସୀସକଘଟିତ ବା ନାଗସମ୍ଭବ ।]

ଚିନ୍ତ (ଧାତୁ)—ସଂ—ଚିନ୍ତା କରିବା—
Chinta (root) To think.

ଚିନ୍ତକ—ସଂ. ବଣ. ପୁଂ (ଚିନ୍ତ ଧାତୁ + କର୍ତ୍ତୃ. ଅକ)—
Chintaka ୧ । ଯେ ଚିନ୍ତା ବା ଧ୍ୟାନ କରୁଥାଏ—
1. Caring for.
୨ । ଚିନ୍ତାକରିବା (ବ୍ୟକ୍ତି)—
2. Thoughtful; thinking of.

ଚିନ୍ତନ—ସଂ. ବ (ଚିନ୍ତ ଧାତୁ + ଭାବ. ଅନ)—୧ । ଚିନ୍ତା (ଦେଖ)
Chintana 1. Chintā (See).
(ଚିନ୍ତନା—ସ୍ତ୍ରୀ) ୨ । ବାରମ୍ବାର ସ୍ମରଣ—
3. Repeated remembrance.

ଚିନ୍ତନୀୟ—ସଂ ବଣ. (ଚିନ୍ତ ଧାତୁ + କର୍ମ. ଅନୀୟ)—
Chintaniya ଚିନ୍ତାକରିବାଯୋଗ୍ୟ—Thinkable; deserving thought or consideration.
(ଚିନ୍ତ୍ୟ—ଅନ୍ୟରୂପ)

ଚିନ୍ତା—ସଂ. ବ (ଚିନ୍ତ ଧାତୁ + ଭାବ. ଅ + ଆ)—୧ । ଧ୍ୟାନ; ଉପାସନା—
Chintā 1. Reflection; meditation.
୨ । ଭାବନା—2. Thought; thinking.
୩ । ଉଦ୍‌ବେଗ—3. Anxiety; care.
୪ । ସ୍ମରଣ—4 Recollection.
୫ । ଶଙ୍କା ବା ଭୟ—5. Fear.

୧	ଇ	ଊ	ର୍,ର୍ହ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ୍ୟ	ଉଥ	ଘ
୨	ଈ	ଊ	ରୁ	ଲୁ	ପ୍ତେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ତ୍ୟ	ଇଥ	ଞ୍ଜ	ନ୍

୬ । ମନରେ ଆନ୍ଦୋଳନ—
6. Revolving in the mind.
୭ । ବିଚାର; ବିବେଚନା—7. Consideration.

ଚିନ୍ତାକାମୋଦୀ—ଦେ. ବି—ରାଗବିଶେଷ—
Chintākāmodi — Name of a tune of music.
[ଦ୍ର—ରାଗ ତଳେ କୋଠ ଦେଖ ।]

ଚିନ୍ତାକୁଳ—ସଂ. ବିଣ. ପୁଂ (୩ୟା ତତ୍; ଚିନ୍ତା+ଆକୁଳ)—
Chintākula — ୧ । ଚିନ୍ତାଯୁକ୍ତ—1. Thoughtful.
(ଚିନ୍ତାକୁଳା—ସ୍ତ୍ରୀ) ୨ । ଉଦ୍ବିଗ୍ନ—2. Distracted; disturbed in mind; agitated; anxious.

ଚିନ୍ତାକୁଳିତ—ସଂ. ବି. ପୁଂ (୩ୟା ତତ୍; ଚିନ୍ତା+ଆକୁଳିତ)—
Chintākulita — ଚିନ୍ତାକୁଳ (ଦେଖ)
(ଚିନ୍ତାକୁଳିତା—ସ୍ତ୍ରୀ) — Chintākula (See)

ଚିନ୍ତା ଖାଇବା—ଦେ. କ୍ରି—(ଲକ୍ଷଣାର୍ଥ) ଅତିଶୟ ଭାବନା ଗ୍ରାସ କରି
Chintā khāibā — ଶରୀର ଓ ମନକୁ କ୍ଷୀଣ ଓ ଦୁର୍ବଳ କରି ପକାଇବା—(figurative) Too much serious thought (to rendering a person lean and lank both in the mind and the body).
(ଯଥା—ମୋତେ ଜନରାଡ଼ ବଢ଼ିଲା ଝିଅକୁ ବିଭା କରାଇବା ଚିନ୍ତା ଖାଇଲାଣି ।)

ଚିନ୍ତାଦେଶାକ୍ଷ—ଦେ. ବି—ରାଗବିଶେଷ—
Chintādeśāksha — Name of a tune of music
[ଦ୍ର—ରାଗ ତଳେ କୋଠ ଦେଖ ।]

ଚିନ୍ତାନ୍ୱିତ—ସଂ. ବିଣ. ପୁଂ – ଚିନ୍ତାକୁଳ (ଦେଖ)
Chintānwita — Chintākula (See)
(ଚିନ୍ତାନ୍ୱିତା—ସ୍ତ୍ରୀ)

ଚିନ୍ତାପତ୍ରି—ଦେ. ବି—ଢେଙ୍କାନାଳଆଦି ଗଡ଼ଜାତରେ ଠାକୁର
Chintāpatri — ଠାକୁରାଣୀଙ୍କ ମାଳି ସେବକ—The Māli Sebaks of village-deities in the Orissa Garjats.

ଚିନ୍ତାପାଣ୍ଡୁ—ପ୍ରାଦେ (ଗଞ୍ଜାମ) ବି (ତୁଳ. ତେ. ଚିଂତାପାଣ୍ଡୁ)—ତେନ୍ତୁଳି—
Chintāpāṇḍu — Tamarind.

ଚିନ୍ତାବେଶ୍ମ—ସଂ. ବି—ଯେଉଁ ଘରେ ବସି ଗୁରୁତର ବିଷୟମାନ ଚିନ୍ତା
Chintābeśma — ବା ପରାମର୍ଶ କରାଯାଏ; ମନ୍ତ୍ରଣାଗୃହ—Council-room

ଚିନ୍ତାଭର—ଦେ. ବିଣ—ଚିନ୍ତାଗ୍ରସ୍ତ; ଚିନ୍ତିତ; ଉଦ୍ବିଗ୍ନ—
Chintābhara — Anxious
ଲଭିବା ଆଶେ ବୁଦ୍ଧି ନ ଆସେ ଚିନ୍ତାଭର ମତି ଅତି । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଚିନ୍ତାମଣି—ସଂ ବି. (ମଧ୍ୟପଦଲୋପୀ; ଚିନ୍ତାପ୍ରଦ ମଣି)—୧ । ବାଞ୍ଛାପ୍ରଦ
Chintāmaṇi — ରତ୍ନବିଶେଷ—1. A fabulous gem said to give the wearer his wished for results.
୨ । ପରଶୁପଥର; ସ୍ୱର୍ଣ୍ଣମଣି—
2 The philosopher's stone.
ଚିନ୍ତାମଣି ଆଣି ଆଣି କେ ଲଗେ ରୂପାରେ । କବିସୂର୍ଯ୍ୟ. ସଙ୍ଗୀତ ।
୩ । ବ୍ରହ୍ମା—3. Brahmā.
୪ । ବୁଦ୍ଧବିଶେଷ—4. One of the incarnations of Buddha.
ଦେ. ବି. ପୁଂ ଓ ସ୍ତ୍ରୀ—ପୁରୁଷ ଓ ସ୍ତ୍ରୀଙ୍କୁ ଦିଆଯିବା ନାମ—
A name given to males and females.

ଚିନ୍ତାମଣି ଦୀକ୍ଷିତ—ଦେ. ବି (ନାମ)—୧୮ଶ ଶତାବ୍ଦୀର 'ସାରଣୀ'ନାମକ
Chintāmaṇi dikshita — ଜ୍ୟୋତିଷ ଗ୍ରନ୍ଥର ରଚୟିତା—An astrologer; the author of Sāraṇi, a treatise on astrology.

ଚିନ୍ତାମଣି ରଘୁନାଥ ଆଚାର୍ଯ୍ୟ—ସଂ. ବି. (ନାମ)—ମାନ୍ଦ୍ରାଜ ବେଧଶାଳାର
Chintāmaṇi raghunātha āchārjya — ସହକାରୀ—
A co-worker of the observatory in Madras.
[ଦ୍ର—ଏ ପାଶ୍ଚାତ୍ୟ ନାକ୍ଷତ୍ରପଞ୍ଜିକା ଅନୁସାରେ ୧୯ଶ ଶତାବ୍ଦୀରେ ଦୃଗ୍‌ଗଣିତ ପଞ୍ଚାଙ୍ଗ ନାମରେ ଖଣ୍ଡିଏ ପଞ୍ଜିକା ତେଲୁଗୁ ଭାଷାରେ ପ୍ରକାଶ କରିଥିଲେ ।]

ଚିନ୍ତାର୍ଥୀ—ସଂ. ବିଣ. ପୁଂ. (ଚିନ୍ତା+ଅର୍ଥ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—ଚିନ୍ତିତ (ଦେଖ)
Chitārthi — Chintita (See)
(ଚିନ୍ତାର୍ଥିନୀ—ସ୍ତ୍ରୀ)

ଚିନ୍ତିତ—ସଂ. ବିଣ. (ଚିନ୍ତ ଧାତୁ+କର୍ମ. ତ)—୧ । ସ୍ମୃତ—
Chintita — 1. Remembered.
୨ । ଆଲୋଚିତ—2. Considered.
୩ । ଭାବିତ; ଯାହା ଚିନ୍ତା କରାଯାଇଅଛି—
3. Thought of.
୪ । (+କର୍ତ୍ତୃ. ତ) ଯେ ଚିନ୍ତା କରେ; ଚିନ୍ତାକାରକ—
4. Thinking.
୫ । ଚିନ୍ତାଯୁକ୍ତ; ଉଦ୍ବିଗ୍ନ—5. Anxious.
ସଂ. ବି. (+ଭାବ. ତ)—ଚିନ୍ତା—Thought.

ଚିନ୍ତିତପୂର୍ବ—ସଂ. ବିଣ—ଯାହା ପୂର୍ବରୁ ଚିନ୍ତା କରାଯାଇଅଛି—
Chintitapūrba — Premeditated.
(ଅଚିନ୍ତିତପୂର୍ବ—ବିପରୀତ)

ଚିନ୍ତିତବ୍ୟ—ସଂ. ବିଣ. (ଚିନ୍ତ ଧାତୁ+କର୍ମ. ତବ୍ୟ)—
Chintitabya — ଚିନ୍ତନୀୟ (ଦେଖ)—Chintaniya (See)

ଚିନ୍ତିବା—ଦେ. (ପଦ୍ୟ) କ୍ରି. (ସଂ. ଚିନ୍ତ ଧାତୁ)—୧ । ଚିନ୍ତା କରିବା—
Chintibā — 1. To think.
ଚିନ୍ତା — ୨ । ସ୍ମରଣ କରିବା—
चंतना — 2. To recollect; to remember.

ଚିନ୍ତ୍ୟ—ସଂ. ବିଣ. (ଚିନ୍ତ ଧାତୁ+କର୍ମ. ଯ)—ଚିନ୍ତନୀୟ (ଦେଖ)
Chintya — Chintaniya (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗୋ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚିନ୍ତ୍ୟମାନ—ସଂ. ବିଣ. (ଚିନ୍ତ୍ ଧାତୁ + କର୍ମ. ଶାନ)—ଅନୁଧ୍ୟାୟମାନ;
Chintyamāna ଯାହା ଚିନ୍ତା କରା ହେଉଅଛି - Which is being thought of.

ଚିନ୍ନ—ସଂ. ବି. (ଚି ଧାତୁ + କର୍ମ. ତ)—ଚିନା ଶସ୍ୟ—
Chinna Millet (M. W.).

ଚିନ୍ମୟ—ସଂ. ବିଣ. ପୁଂ (ଚିତ୍ + ସ୍ୱରୂପାର୍ଥେ. ମୟ)—
Chinmaya ୧ । ଜ୍ଞାନମୟ; ଚୈତନ୍ୟମୟ—
(ଚିନ୍ମୟୀ—ସ୍ତ୍ରୀ) 1. Full of animation or conscieousness.
୨ । ଆଧ୍ୟାତ୍ମିକ—2. Spiritual.
ବି—୧ । ପରମେଶ୍ୱର—1. God.
୨ । ପରମାତ୍ମା—2. The Supreme Soul.

ଚିନ୍ହିବା—ଦେ. କ୍ରି—ଚିହ୍ନିବା (ଦେଖ)
Chinhibā Chihnibā (See)
ଚିନ୍ହିଲେ ମରିବ ପ୍ରମାଣ
ଆନନ୍ଦେ ଅକ୍ରୁର ଗମନ—ଭୂପତି. ପ୍ରେମପଞ୍ଚାମୃତ ।

ଚିପ—ଦେ. ବି—୧ । କୁରାଢ଼ି ପ୍ରଭୃତି ଅସ୍ତ୍ରର ଫଳକ ବେଣ୍ଟରେ ଦୃଢ଼-
Chipa ବଦ୍ଧ ହୋଇ ରହିବାପାଇଁ ବେଣ୍ଟ ଓ କୁରାଢ଼ିର ଆଖି
গোঁজ, চিপ ମଧ୍ୟସ୍ଥ ଫାଙ୍କରେ ଦିଆଯିବା କ୍ଷୁଦ୍ର କାଷ୍ଠଖଣ୍ଡ; ଚିପୁଆ;
पच्चड़ ପତଳା ଖିଲ; ପଚରା—1. A wedge or chip of wood driven alongside the handle into the hole of an axe to tighten its hold with the blade.
୨ । ଢିଲା ମୁଦି ଖସି ନ ପଡ଼ିବା ନିମନ୍ତେ ତହିଁ ଆଗରେ ବ୍ୟବହୃତ ମୁଦିଆ; ଆଗୁଆ—
2. A small ring worn after a slack ring to keep it in position on the finger.

ଚିପା—ଦେ. ବି—୧ । ଉଭୟ ଦିଗରୁ ଚାପ ଦେବା—
Chipā 1. Pressing a thing on both sides.
চিপা, টেপা ୨ । ଚିପ (ଦେଖ)
चिपक, दाब 2. Chipa (See)
୩ । (ଲଙ୍ଗଳର) ପିଚିକିଲା (ଦେଖ)
3. Pichikiḻā (See)
চিপা ବିଣ—୧ । କୃପଣ—
कंजूस 1. Close fisted; miserly; niggardly.
୨ । ଚାପଦ୍ୱାରା ସଙ୍କୁଚିତ—
2. Pressed; squeezed.
ପ୍ରାଦେ. (ଗଡ଼ଜାତ) ବି—ଛୋଟ କଂସା ବା ଗିନା—
Small bell-metal pot.

ଚିପାଇବା—ଦେ. କ୍ରି—ଚିପିବା କ୍ରିୟାର ଣିଜନ୍ତ ରୂପ—
Chipāibā The causative form of Chipibā.
চেপান, চিপান
चिपकाना, दबाना
(ଚିପେଇବା—ଅନ୍ୟରୂପ)

ଚିପାଚିପି—ଦେ. ବି—୧ । ବହୁବାର ଚିପିବା କର୍ମ—
Chipāchipi 1. Acts of squeezing.
টেপাটেপী ୨ । ଅନ୍ୟୋନ୍ୟଙ୍କରେ ଚିପିବା—
चिपकाचिपकि 1. Pressing each other.

ଚିପିଚାପି ହେବା—ଦେ. କ୍ରି—ସମ୍ପୂର୍ଣ୍ଣ ରୂପେ ସଙ୍କୁଚିତ ହେବା—
Chipichāpi hebā To be contracted or tightened.

ଚିପିଟ—ସଂ. ବି. (ଚି + ପିଟ୍ ଧାତୁ = ଚେପଟା କରିବା + କର୍ମ. ଅ; ନିପାତନ)—୧ । ଚୂଡ଼ା—
Chipiṭa 1. Parched flattened rice.
୨ । ଆଖି ପତା ଉପରେ ଅଙ୍ଗୁଠି ଚାପିଲେ ଦୃଷ୍ଟ ବସ୍ତୁ ଏକାଧିକ ବୋଲି ଦେଖାଯିବା (ହି. ଶବ୍ଦସାଗର)—
2 Aberration of the eyesight due to pressing a finger on the eyelid.
ଦେ. ବିଣ—୧ । ଚେପ୍ଟା—1. Flattened.
୨ । ଚେପ୍ଟାନାକ—2. Flat-nosed.
୩ । ବିସ୍ତୃତ—3 Extended.

ଚିପିଟକ—ସଂ. ବି. (ଚିପିଟ + ସ୍ୱାର୍ଥେ. କ)—ଚିପିଟ ୧ (ଦେଖ)
Chipiṭaka Chipiṭa. (See)
(ଚିପୀଟକ—ଅନ୍ୟରୂପ)

ଚିପିଟ ନାସିକ—ସଂ. ବିଣ. ପୁଂ. (ବହୁବ୍ରୀହି; ଚିପିଟ + ନାସିକା)—
Chipiṭa nāsika ଚେପଟାନାକ—Flat-nosed.
(ଚିପିଟ ନାସିକା—ସ୍ତ୍ରୀ) ସଂ. ବି—୧ । ବୃହତ୍‌ସଂହିତା ଅନୁସାରେ କୈଳାସର ଉତ୍ତରରେ ଅବସ୍ଥିତ ଦେଶବିଶେଷ; ତାତାର ବା ମଙ୍ଗୋଲିଆ ଅଞ୍ଚଳ (ଏଠାର ଲୋକଙ୍କ ନାକ ଚେପଟା (ହି. ଶବ୍ଦସାଗର)—
1. Tartary; Mongolia.
୨ । ତାତାର ବା ମଙ୍ଗୋଲସ୍ଥ ବ୍ୟକ୍ତି (ହି. ଶବ୍ଦସାଗର)—
2. A Tartar or Mongolian.

ଚିପିବା—ଦେ. କ୍ରି. (ସଂ. ଚାପ)—
Chipibā ୧ । ଚାରିଆଡ଼ୁ ଚାପ ଦେବା—1. To compress; to press on all sides.
টিপা, চিপা
चिपटाना, चाँपना ୨ । ସଙ୍କୋଚନ କରିବା—
2. To tighten; to contract by pressure.
୩ । ମୁଠାଇ ଧରିବା—3. To squeeze.
୪ । ହାତ ଅଙ୍ଗୁଠି ଦ୍ୱାରା ଚାପିବା; ମଳିବା—
4. To press with the hand or fingers.
୫ । ଗୋଡ଼ ହାତ ଆଦିକୁ ହାତ ଦ୍ୱାରା ଚାପିବା—
5. To perform massage.
ପ୍ରାଦେ. (ସିଂହଭୂମ) କ୍ରି. (ଜୋତା, ଗହଣା, କୁର୍ତ୍ତା)—
ଦେହକୁ କସି ହେବା—
(shoes or ornament or dress) To sit tight over the body.
(ଯଥା—ଏ ଜୋତା ମତେ ଚିପୁଛି ।)

୧	ଇ	ଉ	ର୍,ର୍ର	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଅ	ଉଅ	ଖ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟିଁ୍ୟ	ଇଅ	ଢ଼	ନ୍କ

ଚପୁଆ—ଦେ. ବ. (ସଂ. ଗ୍ରୁପ)—୧ । ଶଗଡ଼ର ଚକକୁ ଦୃଢ଼ କରିବା ନିମନ୍ତେ ଚକର ପରିଧିରେ ମରାଯିବା ପତଳା ଛିଲ୍‌କା— 1. A chip or peg driven into the rim of a wheel to make it tight.
Chipua
चिप
कसनी, चुटकी

୨ । କୁରାଢ଼ିର ବେଣ୍ଟକୁ ଦୃଢ଼ ଭାବେ ରଖିବା ନିମନ୍ତେ ଦିଆଯିବା କାଠର ଖିଲ—2. A chip of wood driven into the eye of an axe to make the handle fit tightly into it.

୩ । ଢିଲା ମୁଦି ଉପରେ ପିନ୍ଧା ଯିବା ଅଗୁଆ— 3. Tight ring worn after a slack ring.

ଚପୁଆଣି—ଦେ. ଉ. (ସଂ. ଗ୍ରୁପ)—ଯେଉଁ ଧାତୁମୟ ବନ୍ଧନ ଦ୍ୱାରା କୌଣସି ଢିଲା ବସ୍ତୁକୁ ଦୃଢ଼ୀଭୂତ କରାଯାଏ— A clamp; a fastener; clasp.
Chipuāṇi
चिप
चुटकी

ଚପୁଟ—ସଂ. ବ—ଚିପିଟ (ଦେଖ) Chipita (See)
Chipuṭa

ଚପୁଡ଼ା—ଦେ. ବ—କୌଣସି ବସ୍ତୁକୁ ହସ୍ତଦ୍ୱାରା ସଂପୀଡ଼ିତ କରି ତହିଁରୁ ରସ ବା ଜଳ ବାହାର କରିବା— Wringing out water or juice of a thing by pressure; extracting juice or water by pressing.
Chipurḍā
निचोड़ा; निँडड़ा
निचोड़न

ବିଣ—ଚପୁଡ଼ା ହୋଇଥିବା—From which water has been pressed out; squeezed.

ଚପୁଡ଼ାଇବା—ଦେ. କି—ଚପୁଡ଼ିବା କ୍ରିୟାର ଣିଜନ୍ତ ରୂପ— The causative form of Chipurḍibā.
Chipurḍāibā
निँड़ान
निचोड़वाना
(ଚପୁଡ଼େଇବା—ଅନ୍ୟରୂପ)

ଚପୁଡ଼ା ଚପୁଡ଼ି—ଦେ. ବ—ସମ୍ପୂର୍ଣ୍ଣରୂପେ ଚପୁଡ଼ିବା— Fully wringing out.
Chipurḍā chipurḍi

ଚପୁଡ଼ିବା—ଦେ. କି. (ସଂ. ଗ୍ରୁପ)—କୌଣସି ବସ୍ତୁକୁ ହାତରେ ଚପି ତହିଁରୁ ରସ ବା ଜଳ ବାହାର କରିବା— 1. To wring out water or juice by pressing; to squeeze out or press out juice.
Chipurḍibā
निचोड़ा; निँड़ान
निचोड़ना; चहेटना

ଲେମ୍ବୁ ଚପୁଡ଼ି ସୁଆଦର । କବିସୂର୍ଯ୍ୟ, କଳୋଗରତ୍ନ. ଚ. ଗୀତ ।

୨ । (ଲକ୍ଷଣାର୍ଥ) କୌଣସି ବିଷୟ ସମ୍ୟକ୍ ଆଲୋଚନା କରିବା— 2. (figurative) To consider a matter very minutely.

ଘନକୃଷ୍ଣ ଦ.ସ ରସକଲ୍ଲୋଳ ଚପୁଡ଼ିଲରୁ ଅନେକ ରସ ବାହାର ଥିଲ ।
ସଂଗ୍ରାହକ. ବଦେବସା ।

୩ । (ଲକ୍ଷଣାର୍ଥ) ନିଃଶେଷିତ କରିବା— 3. (figurative) To exhaust.

ଚପୁଡ଼ି ଦେଲେ ସେ ଭାବ ଏଣିକି । କବିସୂର୍ଯ୍ୟ. କବିତା ।

ଦେ. ବ—ଚପୁଡ଼ିବା କର୍ମ— The act of wringing out or pressing out.

ଚପୁଲି—ଦେ. ବ. (ସଂ. ନାମ-ଶ୍ଳେଷ୍ଟିକା)—୧ । ଚଟିଜୋତା; ଚମର ଗୋଟିଏ ପଟରେ ଅଙ୍ଗୁଠି ଗଳାଇବା ପାଇଁ ଲାଗିଥିବା ଚମ ଦଉଡ଼ିଯୁକ୍ତ ଯୋତା; ଉପର ଅଂଶ ନ ଥିବା ଚଟି ଜୋତା—1. Slippers; sandals.
Chipuli
चुंकी
चुटकी

୨ । ସ୍ତ୍ରୀଲୋକମାନେ ଗୋଡ଼ର ବୁଢ଼ା ଅଙ୍ଗୁଠିରେ ଯେଉଁ ମୁଦିଆଯୁକ୍ତ ଅଳଙ୍କାର ପିନ୍ଧନ୍ତି; ଚୁଟ୍‌କି— 2. An ornamental ring worn by females on the toes.

୩ । ବବ୍ରି ବାଳ; ବେଣି—3. Bobbed hair; hair cut into overhanging ringlets.

ଚପ୍ଟା—ଦେ. ବଣ. (ସଂ ଚିପିଟ)—ଚେପଟା— Flattened.
Chipṭā
चिपटा
चपटा

ଚପ୍ପ—ସଂ. ବ—କଣିନଖା ରୋଗ (ଏଥିରେ ନଖର ତଳ ମାଂସ ସଢ଼ିଯାଏ ଓ ନଖ ତଳ ଦରଜ ହୁଏ ଓ ଫାଟେ)—(ହ. ଶବ୍ଦସାଗର) A disease of the nails; whitlow.
Chippa

ଚପ୍ରା—ପ୍ରାଦେ. (ସମ୍ବଲପୁର) ବ. (ତୁଳ. ହ. ଚିପଡ଼ୀ; ଚିପଟା)— ଆଖିର ଲେଞ୍ଚଡ଼—The rheum of the eyes.
Chiprā

ଚିଫ୍—ବୈଦେ. ବ. (ଇଂ. ଚୀଫ୍)—ସ୍ୱାଧୀନ ରାଜା ବା ସମ୍ରାଟଙ୍କୁ କରଦାୟୀ ଦେଶୀୟ ରାଜା— A chief; a feudatory chief.
Chiph
चीफ्
चीफ

ବୈଦେ. ବଣ—ପ୍ରଧାନ (ଏହି ଶବ୍ଦ ଅନ୍ୟ ଇଂରେଜୀ ଶବ୍ଦ ପୂର୍ବରେ ବସି ଶ୍ରେଷ୍ଠ ବା ପ୍ରଧାନ ଅର୍ଥ ପ୍ରକାଶ କରେ; ଯଥା—ଚିଫ୍‌ଇଞ୍ଜିନିୟର, ଚିଫ୍ ଏଜେଣ୍ଟ, ଚିଫ୍‌କମିସନର, ଚିଫ୍‌କୋଟ ଇତ୍ୟାଦି)—Chief (prefixed to other words denoting officer or office).

ଚିଫ୍ ଇଞ୍ଜିନିୟର୍—ବୈଦେ. ବି. (ଇଂ)—ପ୍ରାଦେଶିକ ପ୍ରଧାନ ଇଞ୍ଜିନିୟର୍— The Chief Engineer of a province.
Chiph iñjiniyar

ଚିଫ୍ ଏଜେଣ୍ଟ୍—ବୈଦେ. ବ. (ଇଂ)—ଇନସିଓରାନ୍ସ୍ କୋମ୍ପାନି ଆଦିର ପ୍ରଧାନ କ୍ଷମତା ପ୍ରାପ୍ତ କର୍ମଚାରୀ— The Chief agent of a Company.
Chiph ejeṇṭ

ଚିଫ୍ କମିସନର୍—ବୈଦେ. ବ. (ଇଂ. ଚୀଫ୍‌କମିସ୍ନର୍)—ନନ୍-ରେଗୁଲେଶନ୍ ପ୍ରଦେଶରେ ଉଚ୍ଚତମ ଶାସନକର୍ତ୍ତା—Chief Commissioner.
Chiph kamisanar

[ଦ୍ର—ନନ୍‌ରେଗୁଲେସନ ପ୍ରଦେଶରେ ଜିଲ୍ଲାମାନଙ୍କ ଶାସନକର୍ତ୍ତାମାନଙ୍କୁ ଡେପୁଟୀ କମିସନର୍ ବୋଲାଯାଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂଁ' କି ପାଇଲେ 'ବନ୍ଧୁ' ଦେଖିବେ, 'ଅଂଧା' ନ ପାଇଲେ 'ଅନ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚିଫ୍ କୋର୍ଟ—ବୈଦେ. ବି. (ଇଂ. ଚୀଫ୍ + କୋର୍ଟ୍)—ହାଇକୋର୍ଟ
Chiph kot̤ ଅପେକ୍ଷା ନିମ୍ନଶ୍ରେଣୀସ୍ଥ ପ୍ରାଦେଶିକ ପ୍ରଧାନ ବିଚାରାଳୟ—
Chief Court of a Province; (of a lower status than the High Court).
[ଦ୍ର—ଏହିପରି କୋର୍ଟ୍ ପଞ୍ଜାବ ଓ ବ୍ରହ୍ମଦେଶରେ ଅଛି ।]

ଚିଫ୍ ଜଷ୍ଟିସ୍—ବୈଦେ. ବି. (ଇଂ)—ହାଇକୋର୍ଟ୍ ଓ ଚିଫ୍‌କୋର୍ଟ୍‌ର
Chiph jasht̤is ପ୍ରଧାନ ବିଚାରପତି—The Chief Justice of a High Court or of a Chief Court.

ଚିବ୍ (ଧାତୁ)—ସଂ—ଆଚ୍ଛାଦନ କରିବା—
Chib (root) To cover.

ଚିବି—ସଂ. ବି. (ଚିବ୍ ଧାତୁ + କର୍ତ୍ତୃ. ଇ)—ଚିବୁକ (ଦେଖ)
Chibi Chibuka (See)

ଚିବିଟ—ସଂ. ବି— ଚିପିଟ (ଦେଖ)
Chibit̤a Chipit̤a (See)

ଚିବୁ—ସଂ. ବି. (ଚିବ୍ ଧାତୁ + କର୍ତ୍ତୃ. ଉ)—ଚିବୁକ (ଦେଖ)
Chibu Chibuka (See)

ଚିବୁକ—ସଂ. ବି. (ଚିବୁ + ସ୍ୱାର୍ଥେ. କ)—ଓଠ; ଥୋଡ଼ି—
Chibuka The chin

ଚିମ୍ଟା—ପ୍ରାଦେ. (ସମ୍ବଲପୁର) ବି (ଭୁଲ. ହି. ଚିମଟା) – ଚିମୁଟା—
Chimt̤ā Pincers.

ଚିମର୍ଡ଼ିଲଇ—ଦେ. ବି—ଚେମର୍ଡ଼ିଲଇ (ଦେଖ)
Chim-r̤dilai Chemar̤dilai (See)

ଚିମ୍ଣି—ଦେ. ବି— ଚିମିଣି (ଦେଖ)
Chimn̤i Chimin̤i (See)

ଚିମ୍ନି—ବୈଦେ. ବି. (ଇଂ. ଚିମ୍ନୀ)—
Chimni ୧ । କିରାସିନ୍ ଲାମ୍ପରୁ ଧୂଆଁ ବାହାରିବା ନିମନ୍ତେ ଅଲୁଅ
चिमनी ଗୃହପାଖେ ବେଢ଼ା ଯିବା କାଚର ନଳ—
चमनी The chimney or glass tube of a kerosine-lamp.
୨ । ଘରୁ ଓ କାରଖାନା ଘରରୁ ଧୂଆଁ ଆକାଶକୁ ବାହାରି ଯିବା ପାଇଁ ଛାତ ଉପରେ ନିର୍ମିତ ଲୁହା ବା ଇଟାର ନଳ ବଡ଼ ନଳ—2. Chimney of a house or factory.
" ପ୍ରାଦେ. (ବସ୍ତର) ବି —କିରାସିନ୍ ଜଳିବା ଡିବି—
An open lamp for burning kerosine oil.

ଚିମଟା ବାଉଲି—ଦେ. ବି. (ବଣିଆଶବ୍ଦ)—କାନର ଉପରଭାଗରେ ପିନ୍ଧାଯିବା
Chimt̤ābāul̤i ସୁନାର ଅଳଙ୍କାରବିଶେଷ—A kind of earring worn on the upper part of the ear.

ଚିମଣ—ଦେ, ବି. (ସଂ. ଚର୍ମଚଟକ)—ଚମଚଟା (ଦେଖ)
Chiman̤a Chamachat̤ā (See)
ଚା ଶିଖା ଚେଷ୍ଟେ ବଧନ୍ତି ଲଇଲ
ତେଣୀ ବଶ ଚରଚମଃ ସଙ୍ଗରେ ଚିମଣ—ସ୍ୱଧାନାଥ. ମହାଯାତ୍ରା ।

ଚିମିଣି—ଦେ. ବି. (ସଂ. ଚର୍ମଚଟକ)—
Chimin̤i ଚମଚଟା (ଦେଖ)
चामचिका Chamachat̤ā (See)
चमगादड़
(ଚିମିଣିଆଁ—ଅନ୍ୟରୂପ)

ଚିମିଣିଆଁ—ଦେ. ବି —ଚମଚଟା (ଦେଖ)
Chimin̤iān̤ Chamachat̤ā (See)
ଦେ. ବିଣ—୧ । (ଲକ୍ଷଣାର୍ଥ)—ଯେ ଚେମିଣି ଚଢ଼େଇ ପରି ଚେଁ ଚେଁ ଶବ୍ଦ କରୁଥାଏ—
1. (figurative) Making a chirping or squeaking noise like the house-bat.
୨ । (ଲକ୍ଷଣାର୍ଥ) ଚେମିଣିଙ୍କ ପରି ଶୀର୍ଣ୍ଣ—
2. (figurative) Very weak or lean.

ଚିମୁଟା—ଦେ. ବି. (ସଂ. ଚପିଟ = ଚେପଟା)—
Chimut̤ā ୧ । ଦୁଇ ଟିପ ଦ୍ୱାରା ଚପି ଆଘାତ କରିବା—
चिमटी 2. Pinching.
चुटकी; चिहुँटी ୨ । ବଣିଆ, ସନ୍ନ୍ୟାସୀ ଓ କମାରମାନଙ୍କ ଯନ୍ତ୍ର-
चिमटा ବିଶେଷ (ସଂ. ନାମ ସୁଚ୍ଛିକା; ସଂଦଂଶ)—
चिमटा; चिमोटी 2. A pair of tongs; forceps; nippers pincers.
चिमट [ଦ୍ର—ଏଥିର ଦୁଇଟି ଲମ୍ବ ଓ ପତଳା ବାହୁ ଥାଏ;
चुटका; चुंगल ନିଆଁ ବା ଉଷ୍ଣ ବସ୍ତୁ ଆଦି ଯାହା ହାତରେ ଧରି ହେବ ନାହିଁ ଏପରି ବସ୍ତୁସବୁକୁ ଚିମୁଟାର ଦୁଇ ବାହୁ ଦ୍ୱାରା ଚପି ଧରି ଉଠାଇବାକୁ ହୁଏ ।]
୩ । ବୁଢ଼ା ଆଙ୍ଗୁଠି ଓ ତର୍ଜ୍ଜନୀ ଆଙ୍ଗୁଠି ଟିପରେ ଧରାଯିବା ପରିମାଣ—3. As much as can be taken in a pinch; a pinch.
୪ । ଯେଉଁ ପରିମିତ ବସ୍ତୁ ସଙ୍କୁଚିତ କରତଳର ୪ ବା ୫ ଆଙ୍ଗୁଠିର ଟିପ ଦ୍ୱାରା ଧରା ଯାଇ ପାରେ—
4. A quantity of thing which can be taken up by holding it with 4 or 5 fingers.
ଦେ. ବିଣ—ଦୁଇ ଟିପରେ ସମ୍ଭାଇବା ପରିମିତ—
A pinch of.
(ଯଥା—ଚିମୁଟାଏ ଲୁଣ, ଚିମୁଟାଏ ନାସ ।)

ଚିମୁଟା ଚିମୁଟି—ଦେ. ବି—୧ । ଏକାଧିକ ଥର ଚିମୁଟିବା କର୍ମ—
Chimut̤ā chimut̤i 1. Various acts of pinching.
• चिमटा चिमटि ୨ । ଅନ୍ୟୋନ୍ୟରେ ଚିମୁଟିବା—
चुटका चुटकि 2 Pinching each other.

ଚିମୁଟିବା—ଦେ. କ୍ରି —୧ । ବୁଢ଼ା ଓ ତର୍ଜ୍ଜନୀ ଆଙ୍ଗୁଠିର ଟିପ ଦ୍ୱାରା ଅନ୍ୟ-
Chimut̤ibā ବ୍ୟକ୍ତିର ଅଙ୍ଗର କୌଣସି ସ୍ଥାନକୁ ଦୃଢ଼
चिमटा, चिमटिकाटा ଭାବରେ ଚପିବା—1. To pinch.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଙ୍ଘ	ଞଅ	ଣ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଝ	ଦ୍ଧ

चुटकिलगाना, ୨ । ଦୃଢ଼ କରି ଚିପି ଧରିବା—
चिहुँटना 2. To gripe hard; to clutch.
(ଚିମୁଟାଇବା, ଚିମୁଟେଇବା—ଣିଜନ୍ତରୂପ)

ଚମୁଣି—ଗ୍ରା. ବି. (ସଂ. ଚର୍ମଚଟକ)—ଚମଚଟା (ଦେଖ)
Chimuṇi Chamachaṭā (See)
(ଚିମୁଣିଆଁ—ଅନ୍ୟରୂପ) ଚମଣି ଚଷାଗୃହ ମହୁଲା ନାମେ ପକ୍ଷୀ । ପାଠାନ୍ତର. ନୃସିଂହପୁରାଣ ।

ଚମୁଣିଆଁ—ଦେ. ବି ଓ ବିଣ—ଚମିଣିଆଁ (ଦେଖ)
Chimuniāñ Chiminiāñ (See)

ଚମୁଲା—ଗ୍ରା. (ଇତର)—ମୁଚୁଲା (ଦେଖ)
Chimulā Muchulā (See)
(ଚିମୁରା—ଅନ୍ୟରୂପ)

ଚୟ—ପ୍ରାଦେ. (ସିଂହଭୂମ) ବିଣ—ଛୋଟ; ସାନ—
Chiya Insignificant.

ଚୟାର—ପ୍ରାଦେ. (ମେଦନୀପୁର) ବୈଦେ. ବି. (ଇଂ. ଚେୟାର)—
Chiyār ଚେୟାର; ଚଉକି—Chair.

ଚରକବା—ଦେ. କ୍ରି—ଚିରିକବା (ଦେଖ)
Chir-kibā Chirikibā (See)
(ଚିରିକି ପକେଇବା—ଅନ୍ୟରୂପ)

ଚିରକୁଟ୍—ଦେ. ବି. (ସଂ. ଚୀରକ, ଚିଟିକା=କାଗଜର କ୍ଷୁଦ୍ର ଖଣ୍ଡ)—
Chir-kuṭ ୧ । କାଗଜର କ୍ଷୁଦ୍ର ଖଣ୍ଡ—
চিরকুট 1. A torne bit of paper.
चिरकुट ୨ । ଟୁକି କାଗଜ—2. A slip of paper.
(ଚିରିକୁଟି—ଅନ୍ୟରୂପ) ୩ । ଛିଣ୍ଡା ଲୁଗା; ଜେନ୍ଦୁଡ଼ି—
3. Rag; torne cloth.
ମଇଳା ଚିରକୁଟ ଲୁଗା, ଦେହରେ ଅଧଅଙ୍ଗ ନୁହେଁ ବହଳ ମଇଳା । ଫକୀରମୋହନ. ଗଳ୍ପସ୍ୱଳ୍ପ ।

୪ । ଭୂମିଜସ୍ୱ ବନ୍ଦୋବସ୍ତରେ ଖସଡ଼ା ଓ ଅଟେଷ୍ଟେସନ୍ ପରେ ଓ ଭୂସ୍ୱତ୍ୱଲିପିର ଅନ୍ତିମ କାଗଜ ବା ପଟ୍ଟା ପ୍ରଜାଙ୍କୁ ମିଳିବା ପୂର୍ବରୁ ପ୍ରଜାର ଜମିର ବିବରଣ ଛପାଥିବା କାଗଜ ଯାହା ପ୍ରଜାକୁ ମିଳେ; ପାରଚା—4. A slip of paper given to a tenant before a copy of the final Record of Rights is granted during a Revenue Settlement.

ପ୍ରାଦେ. (ସମ୍ବଲପୁର) ବି.—ଚିରିକନା—Rag.
ବିଣ.—ଛିନ୍ନଭିନ୍ନ; ଟିକି ଟିକି ହୋଇ ଛିନ୍ନ—
Torne to shreds; shreded.

ଚରକୁଣୀ—ଦେ. ବି.—ଚିରଗୁଣୀ (ଦେଖ)
Chir-kuṇi Chiriguṇi (See)
(ଚିରୁଗୁଣୀ—ଅନ୍ୟରୂପ)

ଚରଗୁଡ଼ିଆ—ପ୍ରାଦେ. (ଗଡ଼ଜାତ) ବି.—ଚିରଗୁଡ଼ିଆ (ଦେଖ)
Chir-gurdiā Chirigurdiā (See)

ଚରଗେନ୍—ପ୍ରାଦେ. (ସମ୍ବଲପୁର) ବି. ସ୍ତ୍ରୀ—ଚିରଗୁଣୀ (ଦେଖ)
Chirgen Chiriguṇi (See)

ଚରଚିରା (ଇତ୍ୟାଦି)—ଦେ. ବି. ଓ ବିଣ—ଚିରଚିରା ଇତ୍ୟାଦି (ଦେଖ)
Chir-chirā (etc) Chirichirā etc. (See).

ଚରଣୀ—ଦେ. ବି.—ଚିରୁଣୀ (ଦେଖ)
Chir-ṇi Chiruṇi (See)
ଚିରୁଣୀ } ଅନ୍ୟରୂପ
ଚିରଣୀ }

ଚରଫାଡ଼—ଦେ. ବି—(ସଂ. ଚୀର୍ଣ୍ଣ+ସ୍ଫୋଟନ)—୧ । କୌଣସି ବସ୍ତୁକୁ
Chir-phārd ଚିରିବା ଓ ଫାଡ଼ିବା କର୍ମ—
চিরফাড় 1. Act of tearing.
चरफाड़ ୨ । ଚିକିତ୍ସାର୍ଥ ଅସ୍ତ୍ରଚାଳନ; ଅପରେସନ୍—
2. Surgical operation.

ଚରମୁଦ୍ରି—ପ୍ରାଦେ. (ସମ୍ବଲପୁର) ବି.—ବିବାହ ପୂର୍ବେ ବରପକ୍ଷର
Chir-mudri ଲୋକଙ୍କ ଦ୍ୱାରା କନ୍ୟାପାଇଁ ଅଭିପ୍ରେତ ଓ ଅଭିମନ୍ତ୍ରିତ ବସ୍ତ୍ର ଓ ଆଭରଣାଦିର କନ୍ୟାଘରକୁ ପ୍ରେରଣ ପ୍ରଥା—
The custom of the bridegroom's party sending the bridal cloth and ornaments after consecration to the bride's house before marriage.

[ଦ୍ର—ବିବାହ ଦିନ ବିବାହ ବା ହାତଗଣ୍ଠି ପଡ଼ିବା ପୂର୍ବରୁ ବରପକ୍ଷର ଲୋକେ କନ୍ୟାଘରକୁ ଯାଆନ୍ତି । ସେଠାରେ ବରର ପିନ୍ଧିବା ପାଇଁ ଅଭିପ୍ରେତ ପାଟ ଓ କନ୍ୟାର ବଉଳବାଟ ଓ ଅଳଙ୍କାରମାନ ପୁରୋହିତଙ୍କଦ୍ୱାରା ଅଭିମନ୍ତ୍ରିତ କରାଇ କନ୍ୟାର ଲୁଗା ଓ ଅଳଙ୍କାର କନ୍ୟାପାଇଁ ପଠାନ୍ତି ଓ ବରର ଲୁଗା ବର ପିନ୍ଧିବାପାଇଁ ଆପଣା ସଙ୍ଗେ ନେଇ ଆସନ୍ତି । ସେହି ଅଭିମନ୍ତ୍ରିତ ଲୁଗାକୁ ବିବାହ ବେଦୀରେ ବର ଓ କନ୍ୟା ପିନ୍ଧନ୍ତି ।]

ଚର—ସଂ. ବିଣ.—(ଚି ଧାତୁ+ଅବଚ୍ଛେଦାର୍ଥେ କର୍ତ୍ତୃ. ର)—୧ । ବହୁ-
Chira କାଳବ୍ୟାପୀ; ଦୀର୍ଘକାଳବ୍ୟାପୀ—
1. Long (in point of time)
୨ । ଅନନ୍ତକାଳ ସ୍ଥାୟୀ—Eternal.
୩ । ବହୁଦିନ ସ୍ଥାୟୀ—3. Permanent.
୪ । ଅପରିବର୍ତ୍ତନଶୀଳ—4. Constant; immutable; unchangeable.
ବି—୧ । ଅନନ୍ତକାଳ—1. Eternity.
୨ । ଦୀର୍ଘକାଳ—2. Time immemorial.
୩ । ବହୁକାଳ—3. Long time.
କ୍ରି. ବିଣ.—୧ । ବହୁକାଳ ପର୍ଯ୍ୟନ୍ତ—1. For a long time.
୨ । ବହୁକାଳରୁ—2. Since a long time.
୩ । ଅନନ୍ତକାଳ ପାଇଁ—3. For eternity.
୪ । ବାରମ୍ବାର—4. Continuously; repeatedly; constantly.

ସାଧାରଣ ଲୋକେ ଅପର ଦୃଷ୍ଟାରେ ମୂର୍ଦ୍ଧନ୍ୟ ୧ ଓ ଦନ୍ତ୍ୟ ୨ ... ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରୁନାହାନ୍ତି । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କୀ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

স্তনেরবোঁটা ଦେ. ବି.—(ସଂ. ଚୂଚୁକ) ଗୋରୁ ଆଦି ପଶୁଙ୍କ
चुचि ढ़िपनी ସ୍ତନାଗ୍ର ବା ଚୂଚୁକ—The top or nipple of the udder of a cow or sheep; teat of a beast.

ବଉଳ ଅଶଣଳ ଧେନୁକୁ ଛଗଗଳଚମକୁ ଚିର ବୋଲି ଦୁହିଁଲି ଗୋ ।
କବିସୂର୍ଯ୍ୟ. ସଙ୍ଗୀତ ।

୨ । ଏକାଥରକେ ଗାଈର ଚିର ବା ଗୋଟିଏ ଚୂଚୁକରୁ ଯେତେ ଦୁଧ ଦୁହାଁ ହୁଏ—2. That much milk as can be drawn from one teat of a cow's udder.

ଦୁହାଁଇ ଦଇ ପତ୍ରକୁ ଗୋପାଳ ବୃନ୍ଦନ୍ତ
ପ୍ରଥମରୁ ଚିରେ ଚିରେ ଭୂମିରେ ପକାନ୍ତି । ସାରଳା. ମହାଭାରତ ଆଦି ।

ପ୍ରାଦେ. (ସମ୍ବଲପୁର, ଗଡ଼ଜାତ)—ନଦୀକୂଳରେ ବନ୍ଧା ହେବା ପଥରର ବନ୍ଧ—Stone-embankment built on the bank of a river.

ଚିରଆୟୁ—ଗ୍ରା. ବିଣ. (ସଂ. ଚିରାୟୁଃ)—ଚିରାୟୁଃ; ଦୀର୍ଘଜୀବୀ—
Chira-āyu Of a long life; living for long time.

ମାର୍କଣ୍ଡେୟ ଋଷି ବହୁତ ଧର୍ମ କଲେ
ଚିରଆୟୁ ହୋଇଣ ଜଗତେ ରହିଲେ । କୃଷ୍ଣସିଂହ. ମହାଭାରତ ବନ ।

ଚିରଇ—ପ୍ରାଦେ. (ବସ୍ତର) ବି. (ସଂ. ଚଟକ; ଭୁଲ. ଏହି ଅର୍ଥରେ ହି.
Chirai ଚିରଇ)—ଚଢ଼େଇ—Bird.

ଚିରଂଜୀବ—ସଂ. (ବାକ୍ୟ)—(ଗୁରୁଜନଙ୍କର ଆଶୀର୍ବାଦ ଅଶୀର୍ବାଦ
Chiram-jiba ବଚନ)—ତୁ ବହୁକାଳ ବଞ୍ଚିରହ ବା, ଦୀର୍ଘଜୀବୀ ହୋ—
(A phrase of blessing) Live long.

ସଂ. ବିଣ ଓ ବି—ଚିରଜୀବକ (ଦେଖ)
Chirajibaka (See)

ଚିରଂଜୀବିତା—ସଂ. ବି— ଚିରଜୀବିତା (ଦେଖ)
Chiramjibitā Chirajibitā (See)

ଚିରଂଜୀବୀ—ସଂ. ବିଣ ଓ ବି—ଚିରଜୀବକ (ଦେଖ)
Chiramjibi Chirajibaka (See)

ଚିରକର୍ମା—ସଂ. ବିଣ. ପୁଂ. (ବହୁବ୍ରୀହି; ଚିର+କର୍ମନ୍; ୧ମା. ୧ବ.)—
Chirakarmā ଦୀର୍ଘସୂତ୍ରୀ; ଯେ କୌଣସି କାର୍ଯ୍ୟକୁ ବହୁକାଳରେ କରେ—Procrastinating; dilatory; sluggish; tardy.

ଚିରକଷ୍ଟୀ—ସଂ. ବିଣ. ପୁଂ. (ଚିର+କଷ୍ଟ+ଇନ୍; ୧ମା. ୧ବ.)—
Chirakashti ଆଜୀବନ ଦୁଃଖଭୋଗୀ; ଚିରଦୁଃଖୀ—
(ଚିରକଷ୍ଟିନୀ—ସ୍ତ୍ରୀ) Miserable throughout life.

ଚିରକାଙ୍କ୍ଷିତ—ସଂ. ବିଣ. (ସୁପ୍‌ସୁପ୍ ସମାସ; ଚିର+କାଙ୍କ୍ଷିତ)—
Chirakānkshita ବହୁକାଳର ବାଞ୍ଛିତ; ବହୁଦିନରୁ ଅଭିଳଷିତ—
Long wished for.

ଚିରକାରୀ—ସଂ. ବିଣ. ପୁଂ. (ଚିର+କୃ+ଇନ୍ ୧ମା. ୧ବ.)—
Chirakāri ଚିରକର୍ମା (ଦେଖ)
(ଚିରକାରିଣୀ—ସ୍ତ୍ରୀ) Chirakarmā (See)
(ଚିରକାରିତା—ବି) ସଂ. ବି—ଗୌତମମୁନିଙ୍କର ପୁତ୍ର—
The son of the sage Goutama.

ଚିରକାଳ—ସଂ. କ୍ରି. ବିଣ —୧ । ବହୁକାଳ ପର୍ଯ୍ୟନ୍ତ—
Chirakāla 1. For a long time.

୨ । ବହୁକାଳ ହେଲା —2, Since a lang time.
୩ । ଅନନ୍ତକାଳ— ପର୍ଯ୍ୟନ୍ତ—3. For ever.

ସଂ. ବି—୧ । ବହୁକାଳ—1. Time immemorial.
୨ । ଅନନ୍ତକାଳ—2. Eternity.

ଦେ. ବି—କେନାଲ ଓ ନଦୀବନ୍ଧ ନିମନ୍ତେ ସରକାର ଯେଉଁ ଭୂମିମାନ ଭୂସ୍ୱାମୀମାନଙ୍କଠାରୁ ଖରିଦ କରି ନେଇଅଛନ୍ତି ଓ ଯହିଁରେ ସରକାରଙ୍କର ଚିରସ୍ଥାୟିସ୍ୱତ୍ତ୍ୱ କଦାପି ଲୋପ ହେବ ନାହିଁ—Lands acquired by the Government(Public works Department) for the canal and river embankments, in which the Government has a permanent right and in which no lessee can acquire any right of occupancy;, be his possession however long.

ଚିରକାଳିଆ—ଦେ. ବିଣ. (ସଂ. ଚିରକାଳିକ)—ଚିରକାଳସ୍ଥାୟୀ—
Chirakāliā Permanent.
চিরকালিয়া; চিরকেলে
चिरकालका

ଚିରକାଳିକ—ସଂ. ବିଣ. (ଚିରକାଳ+ଇକ)—
Chirakālika ଚିରକାଳସ୍ଥାୟୀ; ଚିରନ୍ତନ—
(ଚିରକାଳୀନ—ଅନ୍ୟରୂପ) Existing from time immemorial; immemorial.

ଚିରକୁଟି—ଦେ. ବି—ଚିରକୁଟ (ଦେଖ)
Chirakuti Chirkut (See)

ଚିରକୁଟ ଦେଖେକ କଷ୍ଟରେ ଅଛି ପିନ୍ଧ । ସାରଳା. ମହାଭାରତ ଆଦ୍ୟ ।

ଚିରକୁମାର—ସଂ. ବିଣ. ପୁଂ—୧ । ଯେ ଆଜୀବନ ଅବିବାହିତ—
Chirakumāra 1. Living unmarried through life;
(ଚିରକୁମାରୀ—ସ୍ତ୍ରୀ) lifelong celebate.
(ଚିରକୌମାର୍ଯ୍ୟ—ବି) ୨ । ଯେ ଆଜୀବନ ଅବିବାହିତ ରହିବାର ବ୍ରତ କରିଅଛି—2. A person who has taken the vow of celebacy.

ସଂ. ବି—ଯାବଜ୍ଜୀବନ ଅବିବାହିତରହିବାରୂପ ବ୍ରତବିଶେଷ—
A vow of lifelong celebacy.

ଚିରକ୍ରିୟ— ସଂ. ବିଣ. ପୁଂ (ବହୁବ୍ରୀହି; ଚିର+କ୍ରିୟା)— ଚିରକର୍ମା (ଦେଖ)
Chirakriya Chirakarmā (See).
(ଚିରକ୍ରିୟା—ସ୍ତ୍ରୀ)
(ଚିରକ୍ରିୟତା—ବି)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ୍ୟ	ଉଅ	ଘ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଈ	ନ୍ତୁ

ଚିରକ୍ରୀତ—ସ. ବିଣ. ପୁଂ (ସୁପ୍‌ସୁପ୍ ସମାସ; ଚିର + କ୍ରୀତ)—
Chirakrita ୧ । ବହୁକାଳ ହେଲା ଯାହା କିଣା ଯାଇଅଛି—
1. Purchased since a long time.
(ଚିରକ୍ରୀତା—ସ୍ତ୍ରୀ) ୨ । ଯାବଜ୍ଜୀବନ ନିମନ୍ତେ କିଣା ଯାଇଥିବା—
2. Acquired for life.
୩ । ଯାବଜ୍ଜୀବନ ପ୍ରତ୍ୟୁପକାର ଦ୍ୱାରା ପରିଶୋଧ ହୋଇ ନ ପାରିବା ଉପକାର ଦ୍ୱାରା ଉପକୃତ—
3. Benifitted beyond the hope of being ever able to repay the benifit.

ଚିରଗୁଣୀ—ଦେ. ବି—ଚିରିଗୁଣୀ (ଦେଖ)
Chiraguṇī Chiriguṇī (See).

ଚିରଚିରା—ଦେ. ବିଣ—ଯେଉଁ ଛାତ୍ର କୌଣସି ପାଠକୁ ବହୁକାଳ ଲାଗି
Chirachirā ଆବୃତ୍ତି କରେ ଓ ଥରେ ଅଭ୍ୟାସ କଲେ ତାହା ଚିରକାଳ ଭୁଲେ ନାହିଁ—A student who takes long to study a matter and does not forget it soon.

[ଦ୍ର—ଶିଷ୍ୟ ବା ଛାତ୍ର ୪ ପ୍ରକାର—୧ । ଚିରଚିରା—ଯେ ପାଠକୁ ବିଳମ୍ବରେ ଆବୃତ୍ତି କରେ ଓ ବିଳମ୍ବରେ ପାସୋରେ । ୨ । ଚିରବେଗା—ଯେ ପାଠକୁ ବିଳମ୍ବରେ ଆବୃତ୍ତି କରେ କିନ୍ତୁ ଚଞ୍ଚଳ ପାସୋରି ପକାଏ । ୩—ବେଗବେଗା—ଯେ ପାଠକୁ ଚଞ୍ଚଳ ଆବୃତ୍ତି କରେ ଓ ଚଞ୍ଚଳ ପାସୋରିପକାଏ । ୪—ବେଗଚିରା—ଯେ ପାଠକୁ ଚଞ୍ଚଳ ଆବୃତ୍ତି କରେ କିନ୍ତୁ ବିଳମ୍ବରେ ପାସୋରେ । ଏଥି ମଧ୍ୟରୁ ୪ର୍ଥ ଶ୍ରେଣୀର ଛାତ୍ର ବୁଦ୍ଧିମାନ୍ ଓ ପ୍ରଶଂସାର୍ହ ।]
ଦେ. ବି (ସ. ଚିତ୍କାର)—ଚିରିଚିରି (ଦେଖ)
Chirichirā (See).

ଚିରଚିରାଇବା—ପଦ. କ୍ରି (ସଂ. ଚିତ୍କାର)—ଚିରିଚିରାଇବା (ଦେଖ)
Chirachirāibā Chirichirāibā (See)
(ଚିରଚିରେଇବା—ଅନ୍ୟରୂପ).

ଚିରଜୀବକ—ସ. ବିଣ. ପୁଂ (ଚିର + ଜୀବ୍ ଧାତୁ = ବଞ୍ଚିରହିବା + କର୍ତ୍ତୃ.
Chirajībaka ଅକ)—୧ । ଦୀର୍ଘାୟୁଃ; ଦୀର୍ଘଜୀବୀ; ଯେ ଅନେକ
(ଚିରଜୀବକା—ସ୍ତ୍ରୀ) ଦିନ ବଞ୍ଚେ—1. Long-lived.
୨ । ଅମର—2. Undying; immortal.
ବି—୧ । ବିଷ୍ଣୁ—1. Bishṇu.
୨ । କାକ—2. The crow.
୩ । ମାର୍କଣ୍ଡେୟ ଋଷି—3 Sage Mārkaṇḍeya (said to be still alive).
୪ । ଶାଳ୍ମଳୀ ଗଛ; ଶିମିଳିଗଛ—4. The silk-cotton tree; Bambax Heptaphyllia.
୫ । ଅଶ୍ୱତ୍ଥାମା—5. Aśwatthāmā, the son of Droṇāchārjya.
୬ । ବଳିରାଜା—6. Baḻi, the king who was pressed down into the nether regions by Bishṇu in his incarnation of Bāmana.
୭ । ବ୍ୟାସଦେବ—7. Byāsa, the author of the Mahābhārata.
୮ । ପରଶୁରାମ—8. Paraśurām.
୯ । ହନୁମାନ୍—9. Hanumān, the devoted follower of Rāmchandra.
୧୦ । ବିଭୀଷଣ—10. Bibhīshaṇa, the brother of Rābaṇa.
୧୧ । କୃପ—11. Kṛupa, the preceptor of the Pandu and Kuru princes in archery.

[ଦ୍ର—ପୁରାଣ ମତରେ ଅଶ୍ୱତ୍ଥାମା, ବଳି, ବ୍ୟାସ, ହନୁମାନ୍, ବିଭୀଷଣ, କୃପ ଓ ପରଶୁରାମ ଏ ୮ ଜଣ ଅମର ଓ ପ୍ରତିଦିନ ସକାଳେ ଏମାନଙ୍କ ନାମ ସ୍ମରଣ କରିବା ଲୋକ ଦୀର୍ଘାୟୁ ହୁଏ ।]
୧୨ । (ବୈଦିକ) ଜୀବକ ନାମକ ବୃକ୍ଷ—
12. Name of a very rare medicinal plant.

ଚିରଜୀବନ—ସ. ବି.—ମନୁଷ୍ୟର ଜୀବିତ କାଳ—
Chirajībana The lifetime of a person.
କ୍ରି. ବିଣ.—ଆଜୀବନ; ଜୀଇଁବା ପର୍ଯ୍ୟନ୍ତ—
Till death; for life.

ଚିରଜୀବିତା—ସ. ବି. (ଚିରଜୀବିନ୍ + ଭାବ. ତା)—
Chirajībitā ୧ । ବହୁକାଳ ବଞ୍ଚିବା—1. Longevity.
୨ । ଅମରତ୍ୱ—2. Immortality.

ଚିରଜୀବୀ—ସ. ବିଣ ଓ ବି. ପୁଂ—(ଚିର + ଜୀବ୍ ଧାତୁ + କର୍ତ୍ତୃ. ଇନ୍)—
Chirajībi ଚିରଜୀବକ (ଦେଖ)
(ଚିରଜୀବିନୀ—ସ୍ତ୍ରୀ) Chirajībaka (See)
(ଚିରଞ୍ଜୀବୀ—ଅନ୍ୟରୂପ)

ଚିରଞ୍ଜି—ଦେ. ବି.—(ହି., ଚିର + ଞ୍ଜି)—୧ । ପିଆଳ ବୃକ୍ଷ—
Chirañji 1. Buchanonia Latifolia (a wild timber-tree.
চিরোঞ্জি
पियार, चिरोंजी ୨ । ପିଆଳଫଳ; ଏକପ୍ରକାର ବାଦାମ—
2. Seed of the Chironjia Sapida.

[ଦ୍ର—ଏହି ମଞ୍ଜିର ଶସ ବାଦାମ ପରି ସୁସ୍ୱାଦୁ ଓ ଏଥିରୁ ଏକପ୍ରକାର ତେଲ ବାହାରେ । ପଶ୍ଚିମ ଅଞ୍ଚଳରେ ଏହି ତେଲ (ଆମ ଦେଶରେ ରାଶିତେଲ, ସୋରିଷତେଲ ପରି) ଭଅଣକୁ ସୁସ୍ୱାଦୁ କରିବାରେ ବ୍ୟବହୃତ ହୁଏ ଓ ଏ ମଞ୍ଜିର ଶସ ପିଠା ଓ ମିଠାଇରେ ପଡ଼େ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସବଚ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଦପରିତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗିଁ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଣ' ନ ପାଇଲେ 'ଅଲ୍ବଣ' ଦେଖିବେ ।

ଚିରଣ୍ଟୀ—ସଂ. ବି. ସ୍ତ୍ରୀ—(ଚିର+ଅଟ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ +ସ୍ତ୍ରୀ. ଈ; ନିପାତନ)—୧ । ଯେଉଁ କନ୍ୟା ପିତୃଗୃହରେ ଆଜୀବନ ବାସ କରେ (ବିବାହିତା କିମ୍ବା ଅବିବାହିତା ଅବସ୍ଥାରେ); ଅଭିଗେଲ୍ହାଝିଅ; ପିତୃଗୃହବାସିନୀ କନ୍ୟା; ବିବାହିତା ହୋଇ ମଧ୍ୟ ପିତୃଗୃହବାସିନୀ କନ୍ୟା—A daughter who (instead of living in her husband's house) lives in her father's house through life; a woman (married or unmarried) who on account of fondness or affection of the parnets passes her whole life in her father's house.
Chiraṭi
ଚିରଣ୍ଟୀ, ଚିରଣ୍ଡୀ, ଚିରଣ୍ଟିକା, ଚିରଣ୍ଟୀ, ଚିରଣ୍ଡୀ, ଚିରଣ୍ଟୀ } ଅନ୍ୟରୂପ

୨ । ଯୁବତୀ (ହି. ଶବ୍ଦସାଗର)—2. A young woman.

ଚିରତିକ୍ତ—ସଂ. ବି.—ଚିରେଇତା; କିରାତତିକ୍ତ; ଭୂନିମ୍ବ; କିରାତକ—A bitter medicinal plant used as vermifuge; Gentiana Chersyta.
Chiratikta

ଚିରତୁଷାର—ଦେ. ବି.—ଯେଉଁ ବରଫ ଆଦୌ ତରଳେ ନାହିଁ—Perpetual snow.
Chiratushāra

ଚିରତୁଷାରବଳୟ—ସଂ. ବି. (ଆଧୁନିକ ବ୍ୟବହାର)—ପର୍ବତ ବା ଦେଶର ଯେଉଁ ଭାଗ ସବୁଦିନେ ବରଫରେ ଆଚ୍ଛାଦିତ ହୋଇ ରହି ଥାଏ (ଅର୍ଥାତ ଯେଉଁ ସ୍ଥାନରେ ବରଫ ଖରାରେ ମଧ୍ୟ ତରଳେ ନାହିଁ) ତାହାର ସର୍ବନିମ୍ନ ସୀମା—Snowline; the line of perpetual snow.
Chiratushārabalaya
ଚିରତୁଷାର ରେଖା, ଚିରତୁଷାର ସୀମା } ଅନ୍ୟରୂପ

ଚିରତୁଷାରବାହୁ—ସଂ. ବି. (ଆଧୁନିକ ପ୍ରୟୋଗ)—ଯେଉଁ ବୃହଦାକାର ବରଫ ଖଣ୍ଡ ତରଳେ ନାହିଁ—A glacier.
Chiratushārabāhu
(ଚିରତୁଷାରସ୍ତୂପ—ଅନ୍ୟରୂପ)

ଚିରତୃଷିତ—ସଂ. ବିଣ (ସୁପ୍ ସୁପ୍ ସମାସ)—ଦୀର୍ଘକାଳ ହେଲା ପାଣି ପିଇ ନ ଥିବାରୁ ଅତ୍ୟନ୍ତ ତୃଷାତୁର (ବ୍ୟକ୍ତି)—(person) Very thirsty, not having drunk for a long time.
Chiratrushita
(ଚିରତୃଷିତା—ସ୍ତ୍ରୀ)

ଚନ୍ଦ୍ରକୁ ଚପୃତ ସୁଧା ଝର
ଚିରତୃଷିତର ମୁଖେ ଭର—କବିସୂର୍ଯ୍ୟ, ବଳୋଗଦାକାବ୍ୟ, ତ ଗୀତ ।

ଚିରତ୍ନ—ସଂ. ବିଣ (ଚିର+ଘଟିବା ଅର୍ଥରେ. ତ୍ନ)—ଚିରନ୍ତନ (ଦେଖ)
Chiratna Chirantana (See).

ଚିରଦାସ—ସଂ. ବିଣ. ପୁଂ—୧ । ଚିରାନୁଗତ; ଯାବଜ୍ଜୀବନ କୌଣସି ବ୍ୟକ୍ତିଠାରେ ଅନୁଗତ—1. Ever devoted; devoted for life to a master.
Chiradāsa
(ଚିରଦାସୀ—ସ୍ତ୍ରୀ)
(ଚିରଦାସତ୍ୱ—ବି)

୨ । ଆଜୀବନ ପ୍ରଭୁଙ୍କଠାରେ ଭୃତ୍ୟରୂପେ ଆବଦ୍ଧ—2. Tied to a master as a slave for life.

ବି—୧ । ଆଜୀବନ ଦାସ—1. A slave for life.

୨ । ଆଜୀବନ ଭକ୍ତ—2. A life-long devotee.

ଚିରଦିନ—ସଂ. ବି—ଚିରକାଳ (ଦେଖ)
Chiradina Chirakāla (See)

ଚିରଦିନିଆଁ—ଦେ. ବିଣ—ଚିରକାଳିଆ (ଦେଖ)
Chiradiniañ Chirakālia (See)

ଚିରନିଦ୍ରା—ସଂ. ବି. (କର୍ମଧା; ଚିର+ନିଦ୍ରା)—ଯେଉଁ ନିଦ କେବେହେଁ ଭାଙ୍ଗେ ନାହିଁ ଅର୍ଥାତ୍ ମୃତ୍ୟୁ—Everlasting sleep; death.
Chiranidrā
(ଚିରନିଦ୍ରିତ—ବିଣ)

ଚିରନିବାସ—ସଂ. ବି. (କର୍ମଧା; ଚିର+ନିବାସ)—
Chiranibāsa

୧ । ପୁରୁଷାନୁକ୍ରମେ ଏକସ୍ଥାନରେ ବାସ କରିବା—1. Residence at one place for generations.
ଚିରନିବାସୀ, ଚିରନିବିଷ୍ଟ } ବିଣ.

୨ । ଆଜୀବନ କୌଣସି ସ୍ଥାନରେ ବାସ—2. Permanent or lifelong residence at a place.

ଚିରନିର୍ଦ୍ଦିଷ୍ଟ—ସଂ. ବିଣ (ସୁପ୍ ସୁପ୍ ସମାସ)—ଚିରକାଳ ସକାଶେ ସ୍ଥିରୀକୃତ; ଯହିଁରେ କେବେଁ ବ୍ୟତିକ୍ରମ ଘଟିବ ନାହିଁ; ଅପରିବର୍ତ୍ତନୀୟ—Ever constant, immutable.
Chiranirddishṭa

ଚିରନିର୍ବାସନ—ସଂ. ବି. (ଚିର+ନିର୍+ବସ୍ ଧାତୁ ଣିଚ୍=ବାସି ଧାତୁ +ଭାବ. ଅନ)—ଅପରାଧୀକୁ ପ୍ରଦତ୍ତ ଯାବଜ୍ଜୀବନ ଦେଶାନ୍ତରରେ ବାସ କରିବା ରୂପ ଦଣ୍ଡ—Transportation for life; lifelong exile.
Chiranirbāsana
(ଚିରନିର୍ବାସିତ—ବିଣ. ପୁଂ)
(ଚିରନିର୍ବାସିତା—ବିଣ. ସ୍ତ୍ରୀ)

ଚିରନିହାର (ଇତ୍ୟାଦ)—ଚିରତୁଷାର ଇତ୍ୟାଦ (ଦେଖ)
Chiranihāra (etc) Chiratushāra etc (See)

ଚିରନ୍ତନ—ସଂ. ବିଣ. (ଚିରଂ+ଭବାର୍ଥେ. ତନ)—୧ । ଚିରକାଳୀନ; ଯାହା ଆବହମାନ କାଳରୁ ଚଳି ଆସୁଅଛି—1. Existing from time immemorial.
Chirantana
(ଚିରନ୍ତନୀ—ସ୍ତ୍ରୀ)

୨ । ଅତି ପୁରାତନ 2. Very old; ancient.

ଚିରପରିଚିତ—ସଂ. ବିଣ. ପୁଂ. (ସୁପ୍ ସୁପ୍ ସମାସ; ଚିର+ପରିଚିତ)—
Chiraparichita

୧ । ଦୀର୍ଘକାଳ ଯେଉଁ ବ୍ୟକ୍ତିଙ୍କ ସଙ୍ଗେ ପରିଚୟ ବା ଜଣାଶୁଣା ଅଛି—1. Long acquainted or familiar; known for a pretty long time.
(ଚିରପରିଚିତା—ସ୍ତ୍ରୀ)
(ଚିରପରିଚୟ—ବି)

୨ । ବହୁକାଳ ହେଲା ଯେଉଁ କାର୍ଯ୍ୟ ଅଭ୍ୟାସ କରାଯାଇଅଛି; ଚିରାଭ୍ୟସ୍ତ—2. Long practised.

ଚିରପାକୀ—ସଂ. ବି. (ଚିର+ପଚ ଧାତୁ=ପକ୍ୱ ହେବା+କର୍ତ୍ତୃ. ଇନ୍; ଏ ଫଳ ପାଚିବାକୁ ଅନେକ ସମୟ ଲାଗେ ବୋଲି) କଇଥ ଗଛ ଓ ଫଳ—Wood-apple (tree and fruit) Feronia Elephantum.
Chirapāki

୧	ଇ	ଉ	ଋ,ର୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଯ୍	ଉଅ	ଙ୍ଘ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଞ	ଙ୍

ଚିରପାଳିତ—ସଂ. ବିଣ. ପୁଂ—ଚିରପୋଷିତ (ଦେଖ)
Chirapālita Chiraposhita (See)
(ଚିରପାଳିତା—ସ୍ତ୍ରୀ)

ଚିରପୁଷ୍ପ—ସଂ. ବି. (ବହୁବ୍ରୀହି; ଚିର+ପୁଷ୍ପ; ଏଥିର ଫୁଲ ସବୁ ଋତୁରେ ଫୁଟେ)—ବକୁଳ ଗଛ—Bakula tree
Chirapushpa
Mimusops Elengi.

ଚିରପୋଷିତ—ସଂ. ବିଣ. ପୁଂ. (ସୁପ୍ ସୁପ୍ ସମାସ; ଚିର+ପୋଷିତ)—
Chiraposhita ୧। ଯେଉଁ ବ୍ୟକ୍ତି ଦୀର୍ଘକାଳ ହେଲା ପାଳନ କରାଯାଉଅଛି—1. Long maintained.
(ଚିରପୋଷିତା—ସ୍ତ୍ରୀ)
୨। ବହୁକାଳ ହେଲା ଯେଉଁ ଆଶା ବା ଇଚ୍ଛା ମନରେ ପୋଷଣ କରାଯାଇଅଛି 2 Long cherished hope or desire.

ଚିରପ୍ରଚଳିତ—ସଂ. ବିଣ (ସୁପ୍‌ସୁପ୍ ସମାସ; ଚିର+ପ୍ରଚଳିତ)—
Chirapracha lita ଆବହମାନକାଳରୁ ଚଳୁଥିବା—
Immemorial; obtaining for a long time past.

ଚିରପ୍ରବାସ—ସଂ. ବି (କର୍ମଧା; ଚିର+ପ୍ରବାସ)—
Chiraprabāsa ୧। ବହୁକାଳ ବିଦେଶରେ ବାସ—
1. Long sojourn; staying abroad for a very long time.
ଚିରପ୍ରବାସୀ } ବିଣ ୨। ଆଜୀବନ ବିଦେଶରେ ବାସ—
ଚିରପ୍ରୋଷିତ } 2. Lifelong sojourn.

ଚିରପ୍ରବାସୀ—ସଂ. ବିଣ ପୁଂ (ଚିରପ୍ରବାସ+ଇନ୍ ୧ମା. ୧ବ.)—
Chiraprabāsi ୧। ବହୁକାଳ ହେଲା ଯେ ବିଦେଶରେ ରହୁଅଛି—
1. A person who has been staying abroad for a very long time.
(ଚିରପ୍ରବାସିନୀ—ସ୍ତ୍ରୀ) ୨। ଯେ ଆଜୀବନ ବିଦେଶରେ କଟାଇଅଛି—
2. A sojourner for life.

ଚିରପ୍ରବାହ—ସଂ. ବି (କର୍ମଧା; ଚିର+ପ୍ରବାହ)—ଅନନ୍ତ ବା ଅବିରତ ସ୍ରୋତୋଧାର—Eternal or continuous current; perennial spring.
Chiraprabāha
ଚିରପ୍ରବାହିତ } ବିଣ
ଚିରପ୍ରବାହୀ }

ଚିରପ୍ରବାହିତ—ସଂ. ବିଣ. ପୁଂ (ସୁପ୍ ସୁପ୍ ସମାସ; ଚିର+ପ୍ରବାହିତ)—
Chiraprabāhita ୧। ଯାହା ଅବହମାନକାଳରୁ ବହି ଆସୁଅଛି—1. Ever flowing; ever running.
(ଚିରପ୍ରବାହିତା—ସ୍ତ୍ରୀ) ୨। ବାର ମାସ ଯହିଁରେ ସୁଅ ଥାଏ; ଯେଉଁ ନଈର ସୁଅ ଖରାଦିନେ ସୁଦ୍ଧା ଶୁଖିଯାଏ ନାହିଁ—
2. Having a current flowing throughout the year; perennial.
ଚିରପ୍ରବାହୀ—ବିଣ. ପୁଂ } ଅନ୍ୟରୂପ— ୩। ଯେଉଁ ନଦୀ ଅବିର
ଚିରପ୍ରବାହିଣୀ—ବିଣ. ସ୍ତ୍ରୀ } ସ୍ରୋତ ବା ପ୍ରବାହ
ଅଦୌ ବନ୍ଦ ହୁଏ ନାହିଁ—3. Never drying; never ceasing to flow.

ଚିରପ୍ରାପ୍ତ—ସଂ. ବିଣ. ପୁଂ (ସୁପ୍ ସୁପ୍ ସମାସ; ଚିର+ପ୍ରାପ୍ତ)—
Chiraprāpta ୧। ଯାହା ବହୁଦିନପୂର୍ବେ ମିଳିଥିଲା—
1. Acquired long long ago.
(ଚିରପ୍ରାପ୍ତା—ସ୍ତ୍ରୀ) ୨। ଯାହା ଆଜନ୍ମ ତପସ୍ୟା ବା ସାଧନାରେ ମିଳିଅଛି—2. Acquired after lifelong labour or penance.
୩। ଯାହା ବହୁ ବିଳମ୍ବରେ ମିଳିଅଛି—
3. Got after a long delay.
୪। ଯାହା ଯାବଜ୍ଜୀବନ ଭୋଗକରିବା ସକାଶେ ମିଳିଛି—
4 Acquired for lifelong enjoyment.

ଚିରପ୍ରାର୍ଥିତ—ସଂ. ବିଣ. ପୁଂ (ସୁପ୍ ସୁପ୍ ସମାସ; ଚିର+ପ୍ରାର୍ଥିତ)—
Chiraprārthita ୧। ଯେଉଁ ବସ୍ତୁକୁ ପାଇବା ପାଇଁ ବହୁକାଳ ହେଲା ଅଭିଳାଷ କରା ଯାଇଅଛି; ଚିରବାଞ୍ଛିତ—1. Ever prayed for.
(ଚିରପ୍ରାର୍ଥିତା—ସ୍ତ୍ରୀ)
୨। ଯାହା ପାଇବାପାଇଁ ଆଜୀବନ ପ୍ରାର୍ଥନା କରା ଯାଇଅଛି—
2. That for whom prayers are offered since a long time.
୩। ଯାହାଙ୍କୁ ବହୁକାଳ ଅନୁସରଣ ବା ପ୍ରାର୍ଥନା କରା ଯାଇଅଛି—
3 One who has been approached or solicited for a long time.

ଚିରପ୍ରୋଷିତ—ସଂ. ବିଣ. ପୁଂ (ସୁପ୍‌ସୁପ୍ ସମାସ; ଚିର+ପ୍ରୋଷିତ=ପ୍ରବାସୀ)—ଚିରପ୍ରବାସୀ ଦେଖ)
Chiraproshita Chiraprabāsi (See).
(ଚିରପ୍ରୋଷିତା—ସ୍ତ୍ରୀ)

ଚିରବଚ୍ଚା—ଦେ. ବି (ଓ. ଚିର=ସ୍ତନାଗ୍ର+ହି. ବଚ୍ଚା=ଶିଶୁ)—
Chirabachā ସ୍ତନନ୍ଧୟ ଶିଶୁ; ଦୁଧଖିଆ ପିଲା—
A suckling; sucking baby.

ଚିରବଚ୍ଚାରୁ ପେଟ ହେବାକାଳେ ଶକଟ ହେଲାଣି ଯାହା ସେ କହେଲ ମୃଦୁ।
କବିସୂର୍ଯ୍ୟ. ସଙ୍ଗୀତ।

ଚିରବନ୍ଧୁ—ସଂ. ବି. ପୁଂ. (କର୍ମଧା; ଚିର+ବନ୍ଧୁ)—
Chirabandhu ୧। ଅନେକ ଦିନର ପୁରୁଣା ବନ୍ଧୁ—
(ଚିରବନ୍ଧୁତା—ବି) 1. Very old friend.
୨। ସ୍ଥାୟୀ ବନ୍ଧୁ; ଯେଉଁ ବନ୍ଧୁର ମିତ୍ରତା ନଷ୍ଟ ହେବାର ନୁହେ—2. Constant friend.

ଚିରବାଞ୍ଛିତ—ସଂ. ବିଣ. ପୁଂ. (ସୁପ୍ ସୁପ୍ ସମାସ; ଚିର+ବାଞ୍ଛିତ)—
Chirabānchhita ୧। ଯାହାକୁ ପାଇବା ସକାଶେ ବହୁକାଳରୁ ବଳବତୀ ଇଚ୍ଛା ରହିଅଛି—1. Ever longed for; desired for since a long time.
(ଚିରବାଞ୍ଛିତା—ସ୍ତ୍ରୀ)
୨। ଚିରପ୍ରାର୍ଥିତ—2. Ever prayed for.

ଚିରବାହୀ—ସଂ. ବିଣ. ପୁଂ. (ଚିର+ବହ୍ ଧାତୁ+ଇନ୍. ୧ମା. ୧ବ)—
Chirabāhi ଚିରପ୍ରବାହିତ (ଦେଖ)
(ଚିରବାହିନୀ—ସ୍ତ୍ରୀ) Chiraprabāhita (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ତାହା ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍ତା' ଦେଖିବେ ।

ଚିରବିଚ୍ଛିନ୍ନ—ସଂ. ବିଣ. ପୁଂ. (ଚିର + ବିଚ୍ଛିନ୍ନ)—
Chirabichchhinna ୧ । ଯାହାଠାରୁ ବହୁଦିନ ହେଲା ଅନ୍ତରିତ ହେବାକୁ ହୋଇଅଛି— 1. Long separated.
(ଚିରବିଚ୍ଛିନ୍ନା—ସ୍ତ୍ରୀ)
୨ । ଚିରକାଳ ପାଇଁ ଅନ୍ତରିତ— 2. Separated for ever; separated never to meet.

ଚିରବିଚ୍ଛେଦ—ସଂ. ବି. (କର୍ମଧା; ଚିର+ବିଚ୍ଛେଦ)—
Chirabichchheda ୧ । ବନ୍ଧୁ ବା ଦମ୍ପତିଙ୍କର ଦୀର୍ଘକାଳ ପାଖ ଛଡ଼ାଛଡ଼ି—Long separation from each other (of friends or husband and wife).
୨ । ଯାବଜ୍ଜୀବନ ପାଖ ଛଡ଼ାଛଡ଼ି ହେବା— 2. Separation for ever.
୩ । ମୃତ୍ୟୁ—3. Death.

ଚିରବିଦାୟ—ସଂ. ବି—୧ । ଚିରଦିନ ସକାଶେ ପ୍ରସ୍ଥାନ—
Chirabidāya 1. Separation not to meet again; eternal adiew.
୨ । ମୃତ୍ୟୁ—2. Death.

ଚିରବିରହ—ସଂ. ବି. (ଚିର+ବିରହ)—ଚିରବିଚ୍ଛେଦ (ଦେଖ)
Chirabiraha Chirabichchheda (See)

ଚିରବିରହୀ—ସଂ. ବିଣ. ପୁଂ. (ଚିରବିରହ+ଇନ୍; ୧ମା. ୧ବ.)—
Chirabirahī ୧ । ବହୁକାଳ ପାଖ ଛଡ଼ାଛଡ଼ି ହୋଇ ରହିଥିବା (ସ୍ୱାମୀ ବା ସ୍ତ୍ରୀ)— 1. Long separated (couple).
(ଚିରବିରହିଣୀ—ସ୍ତ୍ରୀ)
୨ । ଆଜୀବନ ସ୍ୱାମୀ ବା ସ୍ତ୍ରୀସଙ୍ଗରୁ ବଞ୍ଚିତ— 2. Deprived of the association of one's wife or husband for life.

ଚିରବିରୁଦ୍ଧ—ସଂ. ବିଣ. ପୁଂ. (ସୁପ୍ ସୁପ୍ ସମାସ; ଚିର+ବିରୁଦ୍ଧ)—
Chirabiruddha ୧ । ଯେ ଆଜୀବନ ପ୍ରତିକୂଳ ବା ବିପକ୍ଷ; ଯାହା ସଙ୍ଗେ ଆଜୀବନ ଶତ୍ରୁତା ଲାଗିଅଛି; ବହୁକାଳ ହେଲା ଶତ୍ରୁ— 1. Inimical for a long time; having lifelong enmity with each other.
(ଚିରବିରୋଧୀ—ଅନ୍ୟରୂପ)
(ଚିରବିରୁଦ୍ଧା—ସ୍ତ୍ରୀ)
ଚିରବିରୁଦ୍ଧତା, ଚିରବିରୋଧ } ବି.
୨ । ଯେଉଁ ଦ୍ରବ୍ୟଦ୍ୱୟ (ଯଥା—କ୍ଷୀର କ୍ଷାର ଏକତ୍ର ସେବନ କଲେ ଅନିଷ୍ଟ ଘଟେ)—2. (two things) Which do not agree with each other.

ଚିରବିଲ୍ୱ—ସଂ. ବି—୧ । କରଞ୍ଜବୃକ୍ଷ—
Chirabilwa 1. Pongamia Glabra (M. W).
୨ । ସୁରୁବୁଲି (ଦେଖ) 2. Surubuli (See)

ଚିରବିସ୍ମୟ—ସଂ. ବିଣ. ପୁଂ. (ବହୁବ୍ରୀହି; ଚିର+ବିସ୍ମୟ)—
Chirabismaya ଯେଉଁ ବ୍ୟକ୍ତି ବା ବସ୍ତୁ ଚିରଦିନ ବିସ୍ମୟ ଉତ୍ପାଦନ କରେ—Ever wonderful; ever enrapturing.
(ଚିରବିସ୍ମୟା—ସ୍ତ୍ରୀ)

ଚିରବିସ୍ମୃତ—ସଂ. ବିଣ. ପୁଂ. (ସୁପ୍ ସୁପ୍ ସମାସ; ଚିର+ବିସ୍ମୃତ)—
Chirabismṛuta ୧ । ଯେ ବହୁଦିନ ହେଲା କୌଣସି କଥା ଭୁଲି ଯାଇଅଛି —1. Long forgetting; long oblivious.
(ଚିରବିସ୍ମୃତା—ସ୍ତ୍ରୀ)
(ଚିରବିସ୍ମୃତି—ବି)
୨ । ଯାହାକୁ ବହୁଦିନ ହେଲା ଭୁଲାଯାଇଅଛି— 2. Long forgotton.

ଚିରବୀର୍ଯ୍ୟ—ସଂ ବି—ନାଲି ଗବଗଛ (ହି. ଶବ୍ଦସାଗର)—
Chirabīrjya The redvariety of the castor-seed-plant.

ଚିରବେଗା—ଦେ. ବିଣ—ଯେଉଁ ଛାତ୍ର କୌଣସି ପାଠକୁ ଅଭ୍ୟସ୍ତ କରିବାକୁ ବହୁସମୟ ନିଏ କିନ୍ତୁ ଶୀଘ୍ର ପାସୋରି ପକାଏ—
Chirabegā
(ବେଗଚିରା—ବିପରୀତ) Acquiring a lesson very slowly but forgetting it very fast; long to acquire but quick to forget (said of memory or students).
[ଦ୍ର— ଚିରଚିରା ତଳେ ନୋଟ ଦେଖ ।]

ଚିରବୈର—ସଂ. ବି. (କର୍ମଧା; ଚିର+ବୈର)—
Chirabaira ବହୁକାଳ ବ୍ୟାପୀ ଶତ୍ରୁତା— Long standing enmity; life long antipathy.
ସଂ. ବିଣ (ବହୁବ୍ରୀହି)— ଚିରବିରୁଦ୍ଧ (ଦେଖ) Chirabiruddha (See).

ଚିରବୈରାଗୀ—ସଂ. ବିଣ. (ସଂ. ଚିର+ବୈରାଗୀ)—
Chirabairāgi ୧ । ଯେ ବାଲକାଳରୁ ସଂସାର ତ୍ୟାଗ କରିଅଛି—
(ଚିରବୈରାଗ୍ୟ—ବି) 1. One who has renounced the world for life; since boyhood.
୨ । ଯେ ବଞ୍ଚିଥିବା ପର୍ଯ୍ୟନ୍ତ ସଂସାର ତ୍ୟାଗ କରେ— 2. Renouncing the world for life.

ଚିରବୈରୀ—ସଂ. ବିଣ. ପୁଂ. (କର୍ମଧା; ଚିର+ବୈରୀ)—
Chirabairi ୧ । ଆଜୀବନ ବା ବହୁକାଳ ହେଲା ପ୍ରତିକୂଳ—
(ଚିରବୈରିଣୀ—ସ୍ତ୍ରୀ) 1. Enmical for life or for a long time.
୨ । ଜନ୍ମତଃ ବା ପ୍ରକୃତିତଃ ପରସ୍ପର ଶତ୍ରୁ— (ଯଥା—ଘୋଡ଼ା, ମଇଁଷି, କାଉ, ପେଚା ।) 2. Enmical to each other by nature.

ଚିରମଳିନ—ସଂ. ବିଣ. ପୁଂ. (କର୍ମଧା; ଚିର+ମଳିନ)—
Chiramalina ୧ । ଯେଉଁ ପଦାର୍ଥ ବା ବ୍ୟକ୍ତିଠାରୁ ମଳିନତା କଦାପି ଦୂର ହେବ ନାହିଁ—
(ଚିରମଳିନା—ସ୍ତ୍ରୀ)
ଚିରମଳିନତା, ଚିରମାଳିନ୍ୟ } ବି.
1. Ever dirty; ever soiled; that which can never be purified or chastened.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଚ୍ଛ	ଢ଼	ଞ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସଂ	ଙ୍ଗ	ଛଅ	ଝ	ନ୍ନ

୨ । ଯେଉଁ ବ୍ୟକ୍ତିଠାରେ ଲାଗିବା କଳଙ୍କ ଦୂରପନେୟ—
1. Having a stain which will never be effaced.

ଚିରମେହୀ—ସଂ. ବି. (ଚିର+ମିହ ଧାତୁ=ପ୍ରସ୍ରାବ କରିବା+କର୍ତ୍ତୃ. ଇନ୍; ଯେ ବହୁବାର ଓ ଅନେକ ସମୟ ପର୍ଯ୍ୟନ୍ତ ପ୍ରସ୍ରାବ କରେ)—ଗଧ—The ass.
Chiramehī

ଚିରମ୍ଭ—ସଂ. ବି. (ଚି=ଚିହ୍ଲାର ଧ୍ୱନି+ରମ୍ଭ ଧାତୁ=ଆରମ୍ଭ କରିବା +କର୍ତ୍ତୃ. ଅ)—ଚିଲ—
Chirambha
(ଚିରମ୍ଭଣ—ଅନ୍ୟରୂପ) The common Indian kite.

ଚିରଯଶଃ—ସଂ. ବି.—(କର୍ମଧାରୟ, ଚିର+ଯଶଃ)—ଯେଉଁ ଯଶ ଚିରକାଳ ରହିଥିବ; ଅନନ୍ତକୀର୍ତ୍ତି—
Chirajaśah
ଚିରଯଶାଃ } ବିଣ
ଚିରଯଶସ୍ୱୀ
Everlasting or undying fame.

ଚିରଯୁବା—ସଂ. ବିଣ.—(ଚିର+ଯୁବନ୍)—୧ । ଯାହାର ଯୌବନ କେବେ ହେଲେ ମଉଳେ ନାହିଁ (ଯଥା—ଦେବତା)—
Chirajubā
ଚିରଯୁବକ—ପୁଂ } ଅନ୍ୟରୂପ
ଚିରଯୁବତୀ—ସ୍ତ୍ରୀ
ଚିରଯୌବନ—ବି
1. Of never fading youth.
୨ । ଯାହାର ଯୌବନ ବହୁକାଳ ରହେ—2. Of lasting youth; one who maintains his or her youth for an extraordinarily long time.
୩ । ବାର୍ଦ୍ଧକ୍ୟରେ ମଧ୍ୟ ଯେ ଯୁବକ ପରି ସତେଜ ଥାଏ—
3. Sprightly and energetic even in old age.
୪ । ଯେଉଁ ବ୍ୟକ୍ତିର ଯୌବନଜନିତ ଅଙ୍ଗସୌଷ୍ଠବ ବୃଦ୍ଧକାଳରେ ମଧ୍ୟ ରହେ—Maintaining youthful plumpress and grace even in advanced age.

ଚିରରହସ୍ୟ—ସଂ. ବି. (କର୍ମଧା; ଚିର+ରହସ୍ୟ)—ଯେଉଁ ରହସ୍ୟ କେବେହେଁ ସମାଧାନ ହୋଇ ପାରିବ ନାହିଁ—
Chirarahasya
Insoluble problem or riddle.

ଚିରରାତ୍ର—ସଂ. କ୍ରି. ବିଣ. (ଚିର+ରାତ୍ରି+ଅ)—ଚିରକାଳ—
Chirarātra For ever

ଚିରରୁଗ୍ଣ—ସଂ. ବିଣ. ପୁଂ—(ସୁପ୍ ସୁପ୍ ସମାସ; ଚିର+ରୁଗ୍ଣ)—
Chirarugṇa ୧ । ଯେ ବହୁକାଳ ହେଲା ରୋଗ ଭୋଗ କରୁ ଅଛି—
(ଚିରରୁଗ୍ଣା—ସ୍ତ୍ରୀ) 1. Suffering from a chronic disease;
ଚିରରୋଗୀ—ପୁଂ. } ଅନ୍ୟରୂପ
ଚିରରୋଗିଣୀ—ସ୍ତ୍ରୀ.
Valetudinarian; invalid.
୨ । ଆଜନ୍ମ ରୋଗୀ—2. Delicately constituted or sickly from birth.

ଚିରରୋଗ—ସଂ. ବି.—ବହୁଦିନ ବ୍ୟାପୀ ଅସୁସ୍ଥତା—
Chiraroga Chronic disease.

ଚିରରୋଗଣା—ଦେ. ବିଣ. ପୁଂ (ସଂ. ଚିର+ରୁଗ୍ଣ)—ଚିରରୋଗୀ—
Chirarogaṇā Suffering from a chronic disease;
(ଚିରରୋଗଣୀ—ସ୍ତ୍ରୀ) constantly ailing.
ଚିରରୋଗା; ଚିରରୋଗିଣା—ପୁଂ } ଅନ୍ୟରୂପ
ଚିରରୋଗେଇ, ଚିରରୋଗଣୀ—ସ୍ତ୍ରୀ
चिरकर्तास

ଚିରଲୁବ୍ଧ—ସଂ. ବିଣ. ପୁଂ.—ଚିରବାଞ୍ଛିତ (ଦେଖ)
Chiralubdha Chirabāñchhita (See)
(ଚିରଲୁବ୍ଧା—ସ୍ତ୍ରୀ)

ଚିରଶୟନ—ସଂ. ବି. (ଚିର+ଶୟନ)—ମୃତ୍ୟୁ—
Chiraśayana Death.
ଚିରଶୟିତ; ଚିରସୁପ୍ତ—ପୁଂ } ବିଣ
ଚିରଶୟିତା; ଚିରସୁପ୍ତା—ସ୍ତ୍ରୀ
ହଳାହଳ ପାନେ ଦାରୁଣ ଶୁଣାନେ କୋଳେ କଲେ ଆହା ଚିରଶୟନ ।
ନନ୍ଦକିଶୋର. କୃଷ୍ଣକୁମାରୀ ।

ଚିରଶାନ୍ତ—ସଂ. ବିଣ. ପୁଂ (ସୁପ୍ ସୁପ୍ ସମାସ; ଚିର+ଶାନ୍ତ)—
Chiraśānta ୧ । ଯେ ଆଜୀବନ ସଂଯତ—1. Observing
(ଚିରଶାନ୍ତା—ସ୍ତ୍ରୀ) lifelong self control.
୨ । ଆଜୀବନ ଧୀର—2. Calm and quiet by nature.
୩ । ଦୀର୍ଘକାଳ ହେଲା ନିରୁପଦ୍ରବ ଓ ସ୍ଥିର—
3. Pacified for a long time.
୪ । ଯେଉଁଠାରେ କେବେ ହେଲେ ଅଶାନ୍ତି ଘଟେ ନାହିଁ—
4. Ever peaceful and quiet (place).

ଚିରଶାନ୍ତି—ସଂ. ବି. ପୁଂ (କର୍ମଧାରୟ; ଚିର+ଶାନ୍ତି)—୧ । ଦୀର୍ଘକାଳ ବ୍ୟାପୀ ଶାନ୍ତି; ଅନବଚ୍ଛିନ୍ନ ଶାନ୍ତି—1. Everlasting peace or contentment.
Chiraśānti
୨ । ମୃତ୍ୟୁ—2 Death.

ଚିରଶ୍ୟାମଳ—ସଂ. ବିଣ. ପୁଂ. (ସୁପ୍ ସୁପ୍ ସମାସ; ଚିର+ଶ୍ୟାମଳ)—
Chiraśyāmaḷa ଯାହା ବଞ୍ଚିଥିବା ପର୍ଯ୍ୟନ୍ତ (ବୃକ୍ଷ ବା ପତ୍ର)
(ଚିରଶ୍ୟାମଳା—ସ୍ତ୍ରୀ) ସବୁଦିନେ ସବୁଜ ବର୍ଣ୍ଣ ଥାଏ; ଯେଉଁ ଗଛ ପତ୍ରଝଡ଼ା ହୁଏ ନାହିଁ—Ever green (tree).
(ଯଥା—ନଡ଼ିଆ, ତାଳ, ଖଜୁରି, ପୋଲାଙ୍ଗ ଆଦି ଗଛ ।)

ଚିରସଙ୍ଗୀ—ସଂ. ବି. ପୁଂ—୧ । ନିତ୍ୟସଙ୍ଗୀ; ଆଜନ୍ମସଙ୍ଗୀ ବା ଅନ୍ତରଙ୍ଗ—
Chirasaṅgī 1. Friends constantly attached to
(ଚିରସଙ୍ଗିନୀ—ସ୍ତ୍ରୀ) each other; companion for life.
୨ । ବହୁକାଳ ହେଲା ଯେଉଁ ସଙ୍ଗୀର ସଙ୍ଗଲାଭ ହୋଇଅଛି—
2 Long established friends; very old friend
୩ । ଯାହାକୁ ଜୀବନରେ କେବେ ହେଲେ ଛାଡ଼ି ହେବ ନାହିଁ—
3. Unavoidable companion.
(ଯଥା—ଦାରିଦ୍ର୍ୟ ସରସ୍ୱତୀପୁତ୍ରମାନଙ୍କର ଚିରସଙ୍ଗୀ)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ମିଳିଲେ 'ବଢ଼' ଦେଖିବେ; 'ଅର୍ଗ୍ଘ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚିରସହାୟ—ସଂ. ବି. ପୁଂ. (ଚିର+ସହାୟ)—
Chirasahāya ୧ । ବହୁକାଳର ଆଶ୍ରୟଦାତା ବା ଉପକାରୀ
(ଚିରସହାୟା—ସ୍ତ୍ରୀ) 1. An old benefactor.
୨ । ଯେ ସର୍ବଦା ଆପଦ ବା ଅଭାବବେଳେ ସାହାଯ୍ୟ କରେ—
2. A person who invariably renders help when required
୩ । ସର୍ବଦା ସହକାରୀ—3. A constant assistant.

ଚିରସୁଖ—ସଂ. ବି. (କର୍ମଧାରୟ; ଚିର+ସୁଖ)—
Chirasukha ୧ । ଚିରସ୍ଥାୟୀ ଆନନ୍ଦ—
ଚିରସୁଖୀ—ପୁଂ, ଚିରସୁଖିନୀ—ସ୍ତ୍ରୀ
1. Constant or lasting happiness.
୨ । ଯାବଜ୍ଜୀବନ ଭୋଗ କରାଯିବା ଆନନ୍ଦ—
2. Lifelong bliss.
୩ । ଅନନ୍ତକାଳ ପାଇଁ ସୁଖ—
3. Eternal happiness; beatitude.

ଚିରସୁନ୍ଦର—ସଂ. ବିଣ. (ସୁପ୍ ସୁପ୍ ସମାସ; ଚିର+ସୁନ୍ଦର; ଯେ ଚକ୍ଷୁର
Chirasundara ଚକ୍ଷୁରେ ସର୍ବଦା ସୁନ୍ଦର)—
ଯାହା ସବୁଦିନେ ସୁନ୍ଦର ଦେଖାଯାଏ—Ever beautiful.
ଯୌ. ବି—ପରମେଶ୍ୱର—A name of God.

ଚିରସୂତା—ସଂ. ବିଣ. ସ୍ତ୍ରୀ. (ଚିର+ସୂତା=ପ୍ରସୂତା)—
Chirasūtā ୧ । (ଗାଈ ବା ସ୍ତ୍ରୀ) ଯେ ଅନେକ ଦିନ ପୂର୍ବେ ସନ୍ତାନ ଜନ୍ମ କରିଥିଲା; କାକବନ୍ଧ୍ୟା; କାକବାଞ୍ଝୀ—
1. (woman or cow) Which lore a child long ago.
୨ । ଯେଉଁ ଗାଈ ଅନେକ ଥର ପ୍ରସବ କରେ—
2 (cow)Bearing calves in quick succession.
୩ । ଯେଉଁ ଗାଈ ଅନେକ ଦିନ ପରେ ପ୍ରସବ କରେ—
3. Bearing calves at long intervals.

ଚିରସେବିତ—ସଂ. ବିଣ. ପୁଂ. (ଚିର+ସେବିତ)—
Chirasebita ୧ । ଯାହାଙ୍କୁ କୌଣସି ବ୍ୟକ୍ତି ବହୁକାଳ ହେଲା
(ଚିରସେବିତା—ସ୍ତ୍ରୀ) ସେବା କରି ଆସୁଥାଏ—
1. Long served; long enjoyed; long attended.
୨ । ଯେଉଁ କାର୍ଯ୍ୟ ବହୁ ଦିନ ହେଲା ଅନୁଷ୍ଠିତ ବା ଆଚରିତ ହେଉଅଛି—2. Being done for a long time.
୩ । ଲୋକେ ଯାହା ବହୁକାଳ ହେଲା ମାନି ଚଳି ଆସୁ ଅଛନ୍ତି—
3. Long followed or obeyed.

ଚିରସ୍ଥାୟୀ—ସଂ. ବିଣ. ପୁଂ. (ଚିର+ସ୍ଥା ଧାତୁ+କର୍ତ୍ତି. ଇନ୍)—
Chirasthāyi ୧ । ଅବିନାଶୀ—1. Indestructible;
(ଚିରସ୍ଥାୟିନୀ—ସ୍ତ୍ରୀ) permanent; ever lasting.
(ଚିରସ୍ଥାୟୀ—ବିପରୀତ) ୨ । ଦୀର୍ଘକାଳସ୍ଥାୟୀ—
ଚିରସ୍ଥାୟିତା, ଚିରସ୍ଥାୟିତ୍ୱ } ବି.
2. Long standing; durable; lasting.
୩ । ଚିରନ୍ତନ—3. Perpetual.

ଚିରସ୍ଥାୟୀ ପଟ୍ଟା—ଦେ. ବି—ଯେଉଁ ପଟ୍ଟାଦ୍ୱାରା ଭୂମି ଚିରକାଳ
Chirasthāyi paṭā ସକାଶେ ରଇତକୁ ନିର୍ଦ୍ଦିଷ୍ଟ ଜମାରେ ଭୋଗ
চিরস্থায়ী পাট্টা କରିବାକୁ ଦିଆଯାଏ; ଚିରନ୍ତନ ପଟ୍ଟା—
चिरस्थायी पट्टा Permanent lease granted by a Zamindar; a lease in perpetuity.

ଚିରସ୍ଥାୟୀ ବନ୍ଦୋବସ୍ତ—ଦେ. ବି—୧ । ଚିରଦିନ ସକାଶେ ଭୂମିର
Chirasthāyi bandobasta ସରକାରୀ ରାଜସ୍ୱ ନିରୂପଣ—
চিরস্থায়ী বন্দোবস্ত 1. Permanent revenue Settlement
चिरस्थायी बन्दोबस्त in which the revenue payable to Government is fixed in perpetuity.

[ଦ୍ର—ବଙ୍ଗ, ବିହାର ଓ ଓଡ଼ିଶା ଦେଶରେ ଲର୍ଡ଼ କର୍ଣ୍ଣୱାଲିସ୍ ୧୭୯୩ ସାଲରେ ପ୍ରଥମେ ଜମିଦାରମାନଙ୍କ ଉପରେ ୧୦ ବର୍ଷ ସକାଶେ ବସାଇଥିବା ନିର୍ଦ୍ଦିଷ୍ଟ ଜମା ପରେ ଚିରକାଳ ସକାଶେ ସ୍ଥାୟୀ ରହିବ ବୋଲି ଆଦେଶ କଲେ । ଏ ଜମା ଆଉ ବଦଳିବ ନାହିଁ । ଓଡ଼ିଶାର କେତେଗୁଡ଼ିଏ ରାଜ୍ୟର ରାଜସ୍ୱ ମଧ୍ୟ ଚିରକାଳ ସକାଶେ ସ୍ଥିରୀକୃତ ହୋଇଥିଲା । ଇଂରାଜୀରେ ଏହାକୁ The Permanent Settlement of Bengal, Bihar & Orissa ବୋଲି କହନ୍ତି ।]
୨ । ଯେଉଁ ବ୍ୟବସ୍ଥାର ପରିବର୍ତ୍ତନ ଘଟେ ନାହିଁ—
2. A permanent arrangement.

ଚିରସ୍ମରଣୀୟ—ସଂ. ବିଣ (ଚିର+ସ୍ମରଣୀୟ)—୧ । ଯାହା ଚିରକାଳ
Chirasmaraṇiya ସକାଶେ ଲୋକଙ୍କ ମନରେ ରହିବ—
Ever memorable.
ଚିରସ୍ମରଣୀୟତା, ଚିରସ୍ମୃତି } ବି
୨ । ଅବହମାନକାଳରୁ ଲୋକେ ଯାହାକୁ ମନେ ରଖିଅଛନ୍ତି—
2 Ever-remembered.

ଚିରସ୍ରୋତ—ଦେ. ବି (ଚିର+ସ୍ରୋତସ୍)—ଚିରପ୍ରବାହ (ଦେଖ)
Chirasrota Chiraprabāha (See)-
ଦେ. ବିଣ. ପୁଂ (ସଂ. ଚିରସ୍ରୋତା)—ଚିରପ୍ରବାହିତ (ଦେଖ)
Chiraprabāhita (See).

ଚିରସ୍ରୋତାଃ—ସଂ. ବିଣ. (ବହୁବ୍ରୀହି; ଚିର+ସ୍ରୋତସ୍; ୧ମା. ୧ବ)—
Chirasrotāḥ ଚିରପ୍ରବାହିତ (ଦେଖ)—
Chiraprabāhita (See)

ଚିରା—ଦେ. ବି (ସଂ.ଚୀର=ଜନ୍ତୁ;ଜୀର୍ଣ୍ଣ ବସ୍ତ୍ରଖଣ୍ଡ, କନା); ସଂ ଚୀର୍ଣ୍ଣ)—
Chirā ୧ । ଫାଡ଼ିବା; ଚିରିବା—1. Tearing; tear.
চিরা, চেরা ୨ । ରାମ୍ପୁଡ଼ିବା—2. Scratching, lacerating.
चिराव, चिर, चीरा ୩ । କନା—3. Rags.
୪ । ଦୁଇଫାଳ କରିବା—4. Splitting up into two
୫ । ଅସ୍ତ୍ରଦ୍ୱାରା କାଟିବା ବା କ୍ଷତବିକ୍ଷତ କରିବା—
5. To cut through or wound by an instrument.

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଙ୍ଖ	ଙ୍ଗ	ଙ୍ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଞ୍ଚ	ଞ୍ଛ	ଞ୍ଜ

୬ । ଫାଳ—6. Rent.

ଚୁଦା ୭ । (ସଂ. ଚର ଧାତୁ=ଗତି) ଲମ୍ଫ, ଡିଆଁ—
फलाङ्ग, चौकड़ी 7. A high jump; a running jump; leap.

ଚିରମାରି ଶୁଙ୍ଗ ବେଣୁ, ବାଦ୍ୟନାଦ ଶୁଣୁ ଶୁଣୁ—କବିସୂର୍ଯ୍ୟ. କ. ଚ ।

ଚିରା—୧ । (ସଂ. ଚିର୍=କନା; ନେକୁଡ଼ି) ଚିରି; ଛିଣ୍ଡା ଯାଇଥିବା
চিরা (କନା)—1. Torne to pieces; tattered (cloth).
चीरा ଚିରାକନାରେ ମଣି ବାନ୍ଧି ଥିଲେ ନ ତୁଟେ ମୂଲ୍ୟ ତାର ।
ଭୂପତି, ପ୍ରେମପଞ୍ଚାମୃତ ।

୨ । (ସଂ. ଚୁର ଧାତୁ) ନଖଦ୍ୱାରା କ୍ଷତବିକ୍ଷତ; ଖମ୍ଚୁଡ଼ା ହୋଇଥିବା—2. Scratched (with finger nails); lacerated.

୩ । ଫାଳ ଫାଳ କରାଯାଇଥିବା—(ଯଥା—ଚିରାକାଠ)—
3. Split up into two.

୪ । କ୍ଷତବିକ୍ଷତ—4 Scarred at many places

ସହସ୍ରେ କାଣ୍ଡ ଚିରା ସାତ୍ୟକି ମହାବୀର, କଲେ ଅଶ୍ୱତ୍ଥାମାଙ୍କ ଦେହକୁ ଚିରା—
କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ପ୍ରାଦେ (ଗଞ୍ଜାମ) ବି—ପଟ୍ଟା; ଏକାଧିକ ଅଂଶୀଦାର ଗୋଟିଏ କିଆରକୁ ବାଣ୍ଟିନେଲେ ପ୍ରତି ଭାଗରେ ପଡ଼ିବା ଲମ୍ବ ଓ ସରୁ ଅଂଶମାନ—A land partitioned amongst many co-sharers.

ଚିରାଇ—ଦେ. ବି—ଚିରେଇ (ଦେଖ)—
Chirāi Chirei (See)

ଚିରାଇତା—ଦେ. ବି—ଚିରେଇତା (ଦେଖ)—
Chirāitā Chireitā (See)

ଚିରାଇବା—ଦେ. କ୍ରି--(ଚିରିବାର ଣିଜନ୍ତ ରୂପ) ଅନ୍ୟଦ୍ୱାରା ଫଡ଼ାଇବା—
Chirāibā To cause a thing to be split up
চেরান or torne up by another.
चिरवाना, चिराना
(ଚିରେଇବା—ଅନ୍ୟରୂପ)

ଚିରାଇସ—ଦେ. ବିଣ (ସଂ. ଚିରାୟୁଃ)—ଚିରାୟୁଃ (ଦେଖ)—
Chirāisa Chirāyuḥ (See)

ଚିରାକ୍ (ଇତ୍ୟାଦି)—ଚିରାଗ୍ ଇତ୍ୟାଦି (ଦେଖ)—
Chirāk (etc) Chirāg etc (See)

ଚିରା କନା—ଦେ. ବି (ସଂ. ଚୀର୍ଣ୍ଣ+କର୍ଣ୍ଣ=ବସ୍ତ୍ରର କୋଣ) ଛିଣ୍ଡା
Chirā kanā ବସ୍ତ୍ରାଂଶ—Rag; tattered piece of cloth.
চিরা কাপড়, ছেঁড়া কানি ଏଣିବେଳେ ଚିରାକନା ହଜିଗଲେ ମାଠ । ଚିରା ।
चिथड़ा

ଚିରାକୁଟି—ଦେ. ବି—ଚିରକୁଟ୍ (ଦେଖ)
Chirākuti Chirkuṭ (See)

ବାହୁରେ ବାହୁଟି ତାଙ୍କ କଣ୍ଠେ ଚିରାକୁଟି—ସାରଳା, ମହାଭାରତ, ସଭା ।

ଚିରାଖ୍ (ଇତ୍ୟାଦି)—ଚିରାଗ୍ ଇତ୍ୟାଦି (ଦେଖ)—
Chirākh (etc) Chirāg etc (See)

ଚିରାଗ୍—ବୈଦେ. ବି. (ଫା. ଚିରାଗ୍; ଚିରାକ୍)—୧ । ପ୍ରଦୀପ—
Chirāg 1. Lamp.
চিরাগ; চেরাগ ୨ । ଆଲୁଅ—2. Light.
चिराग ୩ । ସନ୍ଧ୍ୟାବେଳେ ମୁସଲମାନଙ୍କ ମସଜିଦ ଓ ପୀରଙ୍କ ଅସ୍ଥାନ ଆଦିରେ ଜଳାଯିବା ବତି—3 Wick lighted in mosques and shrined in the evening by Mahomedans.

ଚିରାଗ୍‌ଦାନ—ବୈଦେ. ବି. (ଫା. ଚିରାଗ୍‌ଦାନ୍)—ପ୍ରଦୀପସ୍ତମ୍ଭ;
Chirāgdān ଦୀପରୁଖା—Lamp stand.
চেরাগদান
चिरागदान

ଚିରାଗତ—ସଂ. ବିଣ. (ଚିର+ଆଗତ)—୧ । ବହୁକାଳ ହେଲା
Chirāgata ପ୍ରଚଳିତ ବା ଅନୁଷ୍ଠିତ—1. Long prevalent.
୨ । ପୁରୁଷାନୁକ୍ରମେ ବା ଅବହମାନକାଳରୁ ଚଳି ଆସୁଥିବା—
2. Continuing from time immemorial; transmitted from generation to generation.

ଚିରାଚରିତ—ସଂ. ବି. (ସନ୍ଧି; ଚିର+ଆଚରିତ)—ଚିରାଗତ (ଦେଖ)
Chirācharita Chirāgata (See)

ଚିରାଚିରି ଦେ. ବି—ଅନେକ ବସ୍ତ୍ର ବା କାଗଜକୁ ଚିରିବା କର୍ମ—
Chirāchiri Various acts of tearing or rending.
ছেঁড়াছেঁড়ি ବିଣ—ଛିଣ୍ଡା (କାଗଜ କନା ଆଦି)—
चिराचिरि Tattered; torne.

ଚିରାଚିରି କରିବା—ଦେ. କ୍ରି—ଅନେକ କାଗଜ ବା ବସ୍ତ୍ରଆଦି ଚିରିବା
Chirāchiri karibā ବା ଟିକି ଟିକି କରିବା—
To tear cloths or papers to pieces.

ଚିରାତିକ୍ତ—ସଂ. ବି—ଚିରେଇତା (ଦେଖ)
Chirātikta Chireitā (See)

ଚିରା ଦରବା—ଦେ. ବି—ଚିରା କନା (ଦେଖ)
Chirā darabā Chirā kanā (See)

ଚିରା ଦରବାରେ ନ ଲୁଚେ ଅଣ୍ଡ—ଚିରା ।

ଚିରାନୁଷ୍ଠିତ—ସଂ. ବିଣ—ବହୁକାଳ ହେଲା ଚଳି ଆସୁଥିବା—
Chirānushṭhita Continuing since time immemorial; long practised.

ଚିରାନ୍ଧ—ସଂ. ବିଣ. ପୁଂ. (ଚିର+ଅନ୍ଧ)—୧ । ଜନ୍ମାନ୍ଧ—
Chirāndha 1. Blind from birth.
(ଚିରାନ୍ଧା—ସ୍ତ୍ରୀ) ୨ । (ଲକ୍ଷଣାର୍ଥ) ଯେ କେବେହେଁ ସତ୍ୟ ତତ୍ତ୍ୱ ଦେଖେ ନାହିଁ (ଜ୍ଞାନେନ୍ଦ୍ର)—2. A person who does never see the truth.

ଚିରାଭ୍ୟସ୍ତ—ସଂ. ବିଣ—୧ । ଚିରାନୁଷ୍ଠିତ (ଦେଖ)
Chirabbyasta 1. Chirānushṭhita (See)
୨ । ବହୁଦିନ ହେଲା ଯେଉଁ ବ୍ୟକ୍ତିର କୌଣସି କଥା

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବ୍ୟତ୍ୟୟ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଗଳ ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଅଭ୍ୟାସ କରାଯାଇଅଛି—2. Habituated to a certain thing for a very long time.

ଚିରାମରା—ଦେ. ବିଣ—ଜୀର୍ଣ୍ଣ—
Chirāmarā — Torne; worn out
କୁদାমারা
ବି—ଡିଆଁ ଡେଇଁ—
फलांगमारना — Leaping; frisking; jumping.

ଚିରାମରା ଶୃଙ୍ଗ ବେଣୁ
ବାଦ୍ୟନାଦ ଶୁଣୁ ଶୁଣୁ—କବିସୂର୍ଯ୍ୟ. ଜଣୋପାଚମ୍ପୂ. ଚ-ଗୀତ ।

ଚିରାମାରିବା—ଦେ. କ୍ରି. (ସଂ. ଚିର ଧାତୁ)—
Chirāmāribā ୧ । ଊର୍ଦ୍ଧ୍ୱକୁ ଲମ୍ଫ ଦେବା; ଡେଇଁବା; ଡିଆଁ
কুদামারা ମାରିବା—1. To spring or jump up;
फलांगमारना to make a high jump.

ନାଚିଲେ ରଣଦାଣ୍ଡେ ଚିରାମାରି କରି—କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।

୨ । ଡିଆଁ ମାରି ଦଉଡ଼ି ପଳାଇବା—
2. To run away with bounds.

ଚିରାଯିବା—ଦେ. କ୍ରି. (ସଂ. ଚୃ ଧାତୁ=ଚୀର୍ଣ୍ଣ)—
Chirājibā ଚିରିବା କ୍ରିୟାର କର୍ମବାଚ୍ୟରେ ରୂପ—
(ଚିରା ହେବା—ଅନ୍ୟରୂପ) Passive voice of the verb
চেরান হওয়া to tear.
चिरना

ଚିରାୟୁ—ଦେ. ବିଣ. (ସଂ. ଚିରାୟୁଃ)—ଚିରାୟୁଃ (ଦେଖ)
Chirāyu Chirāyuḥ (See)
চিরাই ଚିରାୟୁ ରଖିଲ କରୁଣରେ । କବିସୂର୍ଯ୍ୟ. ଜଣୋପାଚମ୍ପୂ. କ ଗୀତ ।
चिरायु

ଚିରାୟୁଃ—ସଂ. ବିଣ. (ବହୁବ୍ରୀହି; ଚିର+ଆୟୁସ୍)—
Chirāyuḥ ଦୀର୍ଘଜୀବୀ; ଦୀର୍ଘାୟୁଃ—
Long lived; living to a good old age.
ସଂ. ବି—ଦେବତା—God; Deity.

ଚିରାୟୁଷ—ଦେ. ବିଣ. (ସଂ. ଚିରାୟୁସ୍)—ଦୀର୍ଘଜୀବୀ—
Chirāyusha Long lived.

ବାଞ୍ଛିଲେ ପାବନ ହେବ ଚିରାୟୁଷ ହୁବେ । ଉପେ. ବୈଦେହୀଶବିଳାସ ।

ଚିରାଳ—ଦେ. ବି. (ସଂ. ଚୀର=ବସ୍ତ୍ର; କନା)—ପତାକା—
Chirāḷa Flag; banner.
নিশান ଶଲ୍ୟବଧ ଦେଖି ପାଣ୍ଡବ ରଥ କୁଳ
फरेरा ଲୋକଙ୍କୁ ବୋଇଲେ ରେ ଉଡ଼ାଅ ଚିରାଳ ।
କୃଷ୍ଣସିଂହ. ମହାଭାରତ. ଶଲ୍ୟ

ଚିରାଶ୍ରିତ—ସଂ. ବିଣ. (ଚିର+ଆଶ୍ରିତ)—
Chirāśrita ୧ । ବହୁକାଳରୁ ଅନୁଗତ—
1. Following or depending upon a person for a long time; an old dependant
୨ । ଚିରପାଳିତ—
2. Maintained for a long time.

ଚିରିକା—ଦେ. ବି. (ଧ୍ୱନ୍ୟନୁକରଣ)—କୌଣସି ତରଳ ବସ୍ତୁକୁ
Chirikā ସାମାନ୍ୟ ପରିମାଣରେ ଜୋରରେ ଛାଡ଼ି ଦେବା—
চিরকা To emit forcibly any liquid substance
चिरकना in small quantities.
(ଯଥା—ପକ୍ଷୀମାନେ ପାଣିଆ ମଳ ଚିରିକି ପକାନ୍ତି ।)

ଚିରିକାଇବା—ଦେ. କ୍ରି—ଚିରିକିବା (ଦେଖ)
Chirikāibā Chirikibā (See)
(ଚିରିକେଇବା—ଅନ୍ୟରୂପ)

ଚିରିକାଏ—ଦେ. ବି—ଅତ୍ୟଳ୍ପ ପରିମାଣ—
Chirikāe A little in quantity.

ଚିରିକା ଚିରିକି—ଦେ. ବି—ଚିରିକା (ଦେଖ)
Chirikā chiriki Chirikā (See)

ଚିରିକିବା—ଦେ. କ୍ରି. (ସଂ. ଉତ୍ସର୍ଗ; କମ୍ବା ଧ୍ୱନ୍ୟନୁକରଣ; ଈଷତ୍
Chirikibā ପରିମାଣରେ ମଳ ଗୁହ୍ୟଦ୍ୱାରରୁ ବାହାରି ପଡ଼ିବା
চিরকা ସମୟରେ ଶୁଣାଯିବା 'ଚିରି' ଧ୍ୱନି)—
चिरकना ୧ । ଅତି ଅଳ୍ପ ମାତ୍ରାରେ ତରଳ ମଳ ବିସର୍ଜନ କରିବା-
1 To pass a scanty quantity of loose stool at a time.
[ଦ୍ର—କୁଆ ଓ ବଗ ଆଦି ପକ୍ଷୀ ଚିରିକନ୍ତି ।]
୨ । କୌଣସି ତରଳ ବସ୍ତୁକୁ କ୍ଷୁଦ୍ର ରନ୍ଧ୍ର ବାଟେ ଅଳ୍ପ ପରିମାଣରେ ଜୋରରେ ଛାଡ଼ି ଦେବା—
2. To emit a liquid through a small hole forcibly and in small quantities.
[ଦ୍ର—ନାଳିଭିତ୍ତି ଝାଡ଼ା ହେଲେ ରୋଗୀ ଏହିପରି ଚିରିକେ ।]
୩ । ଟୋପା ଟୋପା ହୋଇ ସାମାନ୍ୟ ମାତ୍ରାରେ ପଡ଼ିବା—
3. To drizzle; to dribble.
(ଯଥା—ଆଜି ସକାଳୁ ମେଘ ଚିରିକୁଛି ।)
୪ । ଦନ୍ତୁରି ବା ଜିଭ ଅସମାନ ଥିବା କଲମରେ ଲେଖିବା ସମୟରେ ଲେଖୁଥିବା କାଗଜରେ କାଳି ଇତସ୍ତତଃ ଛିଞ୍ଚିଡ଼ିବା—4. To sprinkle ink on a piece of paper while writing slovenly with a blunt or irregularly pointed pen.
(ଯଥା—ବାଳକ ଖାତାଯାକ ଚିରିକି ପକାଇଛି ।)
[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା ଓ ପକାଇବା କ୍ରିୟାର ସମାପିକା ରୂପ ଯୁକ୍ତ ହୋଇ ବ୍ୟବହୃତ ହୁଏ ।]

ଚିରିଗୁଡ଼ିଆ—ପ୍ରାଦେ. (ଗଡ଼ଜାତ) ବି—ଲଇ ହେବା ଭଳି ଜଙ୍ଗଲି ଲତା-
Chirigurḍiā ବିଶେଷ—A kind of wild fibrous creeper.

ଚିରିଗୁଣି—ଦେ. ବି. (ସଂ. ଚୀରଗୁଣୀ-ଜନେ; ସଂ. ନାମ ପିଶାଚପିପିକା;
Chiriguṇi ସଂ. ଅଚିର+ଅଗ୍ନି)—ଅନ୍ଧାର ଓ ମେଘୁଆ ରାତିରେ
(ଚିରୁଗୁଣି—ଅନ୍ୟରୂପ) ନିର୍ଜନ ସ୍ଥାନ ଓ ଶ୍ମଶାନାଦିରେ ଯେଉଁ

୧	ଇ	ଉ	ଋ, ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ, ଷ	ଙ୍କ	ଈସ୍	ଢଅ	ଊ
୨	ଈ	ଊ	ଋ	ଌ	ଏ୍	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସଁ	ଗଁ୍ୟ	ଇଅ	ଢ଼	ନ୍ତ

আলেয়া; আলায়া অସ୍ଥିର (କ୍ଷଣେ ଲିଭେ କ୍ଷଣେ ଜଳି ଉଠେ ବା)
छलावा; अजयाबत्ताल ଅଲୋକ ଦେଖାଯାଏ—
Ignis-fatuus; will-o'-the-wisp.

[ଦ୍ର—ବର୍ଷାଦିନେ ଭୂଗର୍ଭରୁ ଏକପ୍ରକାର ବାଷ୍ପ ଉଠେ, ଏହା ବେଳେ ବେଳେ ଜଳି ଉଠେ ଓ ବେଳେ ବେଳେ ଲିଭିଯାଏ ଓ ଘୂରି ବୁଲେ, ଲୋକେ ଏହାକୁ ମୃତ ନବପ୍ରସୂତର ପ୍ରେତ ବୋଲି ବିଶ୍ୱାସ କରନ୍ତି । ଅନ୍ୟ କେହି କେହି କହନ୍ତି ଯେ, ଉଲ୍କାମୁଖୀ ନାମକ ଏକ ଜନ୍ତୁର ପାଟି ମେଲା କଲେ ତା ପାଟିରୁ ଏ ଅଲୁଅ ବାହାରେ । କିନ୍ତୁ ବିଜ୍ଞାନ ମତରେ ଏହା ସଢ଼ା ସବାଦିରୁ ଜାତ ଭୂପୃଷ୍ଠରୁ ଉତ୍ଥିତ ଏକପ୍ରକାର ବାଷ୍ପ ଓ ଏହା ବାୟୁଦ୍ୱାରା ଇତସ୍ତତଃ ସଞ୍ଚାଳିତ ହୁଏ ଏବଂ ବାୟୁରେ ଥିବା ଅମ୍ଳଜାନ ବାଷ୍ପଦ୍ୱାରା ଏହା ଜଳି ଉଠେ । ସ୍ତ୍ରୀମାନଙ୍କର ବିଶ୍ୱାସ ଯେ ଅନ୍ତୁଡ଼ିଘରୁ ନ ବାହାରୁଣୁ ଯେଉଁ ପ୍ରସୂତି ମରିଯାଏ, ସେ ପ୍ରେତ ହୋଇ ଅନ୍ତୁଡ଼ି ଜଳାଉଥାଏ ଓ ସେହି ନିଆଁହିଁ ଚିରଗୁଣୀ ଅଲୁଅ ।]

ଚିରଚିର—ଦେ. ବି. (ସଂ. ଚିତ୍କାର)—ହଠାତ୍ ଭୟଜନିତ ବିକଟ ଚିତ୍କାର—
Chirichirā A cry of horror; a loud cry of a
চিচকার person when beset with sudden fright;
चिंघार; चीख scream; shrick.

ଚିରଚିରାଇବା—ଦେ. କ୍ରି. (ସଂ. ଚିତ୍କାର)—ହଠାତ୍ ଉପସ୍ଥିତ ଭୟରେ
Chirichirāibā ବିକଟ ଚିତ୍କାର କରିବା—To raising a
চেঁচান; চিচকারকরা loud cry of horror at a sudden
चिंघारना; चिंघाड़ना danger; to scream; to shrick.

ଚିରିଟୀ—ସଂ. ବି. ସ୍ତ୍ରୀ—ଚିରଟୀ (ଦେଖ)
Chiriṭī Chiraṭī (See)

ଚିରିଣୀ—ଦେ. ବି. (ସଂ. ଚୀର୍ଣ୍ଣ=ବିଦୀର୍ଣ୍ଣ)—୧ । ଚିରୁଣୀ (ଦେଖ)
Chiriṇī 1. Chiruṇī (See)
চিরনী ୨ । ବଣିଆଙ୍କର ଏକ ଶସ୍ତ୍ର ଯନ୍ତ୍ରରେ ସେମାନେ ଧାତୁମୟ
चिरना ତାର ବା ପାତିଆକୁ କାଟନ୍ତି—
2. Goldsmith's cutting instrument.
୩ । ଥାଳିଆଦିରେ ଗାର ଖୋଳିବା ପାଇଁ ବ୍ୟବହୃତ ଥଟାରୀଙ୍କ ଯନ୍ତ୍ର—3. A brazier's tool for cutting lines on utensils
୪ । କୁମ୍ଭାର ଯେଉଁଥିରେ କଞ୍ଚା ମାଟିପାତ୍ର କାଟନ୍ତି—
4. Potter's knife

ଚିରିଣ୍ଟୀ—ସଂ. ବି. ସ୍ତ୍ରୀ—ଚିରଟୀ (ଦେଖ)
Chiriṇṭī Chiraṭī (See)
(ଚିରିଣ୍ଟିକା—ଅନ୍ୟରୂପ)

ଚିରିଣୀ—ପ୍ରାଦେ. (ବାଲେଶ୍ୱର; ମେଦିନୀପୁର) ବି. (ଭୁଲ. ବି. ଚିରୁଣୀ)—
Chirini ଚିରୁଣୀ (ଦେଖ)
Chiruṇī (See)

ଚିରିବା—ଦେ. କ୍ରି. (ସଂ. ଚୃ ଧାତୁରୁ ଚୀର୍ଣ୍ଣ)—୧ । ଫାଡ଼ିବା—
Chiribā 1. To split up; to rend.
চিরা; চেরা ନୃସିଂହରୂପ ଅସମ୍ଭବ । ଚିରିଲୁ ଦୁର୍ଜୟ ଦାନବ ।
चिरना; चिरना; चिथाड़ना ଭୂପତି, ପ୍ରେମପଞ୍ଚାମୃତ ।
ଚିରାଇବା } ଣିଜନ୍ତରୂପ ୨ । (ବସ୍ତ୍ର; କାଗଜ) ଛିଣ୍ଡାଇବା—
ଚିରେଇବା } 2. To tear up.
ଚିରାଯିବା } କର୍ମବାଚ୍ୟରୂପ ୩ । କୁରାଢ଼ିଆଦି ଅସ୍ତ୍ରଦ୍ୱାରା କାଠକୁ ଲମ୍ବ
ଚିରାହେବା } ଲମ୍ବ ଖଣ୍ଡ ଖଣ୍ଡ କରି କାଟିବା—
3. To cut wood into long pieces with axe; to split up wood.
୪ । କରତରେ ଫାଳ ଫାଳ କାଟିବା—
4. To cleave or saw into pieces.
୫ । ରାମ୍ପୁଡ଼ିବା—5 To scratch.
୬ । କ୍ଷତବିକ୍ଷତ କରିବା—6. To lacerate.
୭ । କେଶକୁ କେରି କେରି କରି ବିଭକ୍ତ କରିବା—
7. To part (the hair).

ଗୃହରେ କରିକି ଚିରୁଣୀ ପରି,
ରେ ସଜାଡ଼ିଲ ଅଳକାଳି କରି । କବିସୂର୍ଯ୍ୟ. ସଙ୍ଗୀତ ।

୮ । ଦ୍ୱିଫାଳ କରିବା—8. To split into two.
୯ । (ଅପମାନରେ କମ୍ପା କଷ୍ଟମି ହୋଇ ଠିଆ ହେବା ବା ବସିବାବେଳେ) ହାତ ବା ଗୋଡ଼ ନଖରେ ଭୂମିରେ ଗାର କାଟିବା—9. To scratch lines on the ground with the finger nails.

ଅଶ୍ରୁ ପ୍ରସରିବାର ନଖାଙ୍କ ଚିରିବାର । କବିସୂର୍ଯ୍ୟ. ସଙ୍ଗୀତ ।

[ଦ୍ର—ପ୍ରବାଦ ଅଛି ଯେ, ନଖରେ ଭୂମି ଚିରିଲେ ଲକ୍ଷ୍ମୀ ଛାଡ଼ନ୍ତି । ଏହି ଧାତୁର ଅସମାପିକା ରୂପ ସଙ୍ଗେ ଦେବା, ପକାଇବା କ୍ରିୟାର ସମାପିକା ରୂପ ଲାଗେ—ଚିରିଦେବା, ଚିରି ପକାଇବା ଓ କର୍ମବାଚ୍ୟରେ ଚିରା ହେବା, ଚିରିଯିବା ରୂପ ହୁଏ ।]

ଚିରିଯିବା—ଦେ. କ୍ରି.—ଲୁଗା ଆଦି ଜୀର୍ଣ୍ଣ ହେବାରୁ ବା କଣ୍ଟା ଲାଗିବାରୁ
Chirijibā ଛିଣ୍ଡିଯିବା; ଫାଟି ହୋଇଯିବା—
ছিঁড়ে যাওয়া To become torne to pieces.
चरना, चिरजाना

ଚିରିହେବା—ଦେ. କ୍ରି.—ଫାଡ଼ି ହେବା; ଚିରାଯିବାର ଉପଯୁକ୍ତ ହେବା—
Chirihebā To be capable of being torne to pieces

ଚିରୁଗୁଣୀ—ଦେ. ବି.—ଚିରଗୁଣୀ (ଦେଖ)
Chiruguṇī Chiriguṇī (See)

ଚିରୁଡ଼ା—ଦେ. ବି.—(ସଂ. ଚତୁର ବା ଚତୁର୍ଥାଂଶ)—ଆମ୍ବ ଆଦି ଫଳର
Chirurdā ଏକ ଫାଳ ବା ଏକ ଚତୁର୍ଥାଂଶ ବା ଚଉଠ; କୋଳି—
চোকলা A strip out of a ripe fruit (mango or lemon etc.)
कोया

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତିନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚିରୁଣୀ—ଦେ. ବି.—(ଯାହାଦ୍ୱାରା ବାଳ ଚିରାଯାଏ; ସଂ. ଚୃ ଧାତୁରୁ ଚୀର୍ଣ୍ଣ)
Chiruni ପାନିଆ; କଙ୍କତିକା—
ଚିରଣୀ, ଚିରୁଣୀ A hair comb.
कंघा ମୁକୁରେ କରିକ ଚିରୁଣୀ ପର,
ଚିହ୍ନ ସଜାଡ଼ିଲ ଅଶ୍ୱାସି କର । କବିସୂର୍ଯ୍ୟ. ସଙ୍ଗୀତ ।

ଚିରୁଣି—ଦେ. ବି.—ଚିରୁଣୀ (ଦେଖ)
Chiruni Chiruni (See)

ଚିରୁଲା—ଦେ. ବି.—ଚିରୁଡ଼ା (ଦେଖ)
Chirulā Chirurdā (See)

ଚିରୁଲି—ପ୍ରାଦେ. (ଗଡ଼ଜାତ) ବି.—ବୃକ୍ଷ ଲାଗିଥିବା କଞ୍ଚା ଅମ୍ବକୁ ଅଣି
Chiruli ଗୁର ଚିକୁଡ଼ା କରି ଲୁଣ ମସଲା ଆଦି ଦେଇ କରାଯିବା ଆଚାର ।

ଚିରେ—ଦେ. କ୍ରି. ବି. (ପଦ୍ୟ) (ସଂ. ଚିର)—ଚିର (ଦେଖ)
Chire Chira (See)
ବାସୁକୀ ବଳୀ ଧରୁ ଥିବ ଧାରଣ ଅଳ ସୋଦରେ ବ ଚିରେ ହେ ।
ଉପେନ୍ଦ୍ର. ବୈଦେହୀଶବିଳାସ ।

ଚିରେଇ—ଦେ. ବି.—(ସଂ. ଚୀର୍ଣ୍ଣ)—୧ । ଚିରିବା କର୍ମ—
Chirei 1. Act of tearing or splitting up.
চেরাই ୨ । କାଠ ଆଦି ଚିରିବା ମଜୁରି—
चिराइ 2. Wages for splitting up wood etc.

ଚିରେଇତା—ଦେ. ବି. (ସଂ. ଚିରତିକ୍ତ)—ହିମାଳୟଜାତ କ୍ଷୁଦ୍ର ଶାକ-
Chireitā ବିଶେଷ; ଭୂନିମ୍ବ; ଅତ୍ୟନ୍ତ ତିକ୍ତ କୃମିନାଶକ ଔଷଧ-
চিরাতা, চিরেতা ଗୁଳ୍ମବିଶେଷ—A medicinal bitter
चिरायता, चिरेता, महतिक्ता plant used as a febri-
ସଂ. ଭୂନିମ୍ବ, ଅନାର୍ଯ୍ୟତିକ୍ତ fuge and vermifuge; swertia
କିରାତକ, ଚିରତିକ୍ତ, କିରାତତିକ୍ତ chirata; Gentiana chirayta
ତିକ୍ତକ, ସୁତିକ୍ତକ, ଚିରାଟିକା, Agathotis chirayata; Andro
ରାମସେନକ, କିରାତ, graphis paniculata
କୈରାତଦେଶମ, କାଣ୍ଡତିକ୍ତ, (Kirtikar).
କିରାତତିକ୍ତକ, ଜ୍ୱରାନ୍ତକ,
ସନ୍ନିପାତହା, ନଦ୍ରାର
ତେ. ନେଲ ବେମୁ
ଓ. ଭୂଇଁନିମ୍ବ

[ଦ୍ର—ଏହାର ସିଦ୍ଧ ଜଳ ଜ୍ୱରଘ୍ନ ଓ କୃମିନାଶକ । ଏହା ପାଶ୍ଚାତ୍ୟ ଉଦ୍ଭିଦଶାସ୍ତ୍ର ଅନୁସାରେ ତ୍ରିବିଧ । ଯଥା—(a) Wallichiana. (b) Pyramidals. (c) Pulchella. (Haines)]

ଚିରେତା—ଦେ. ବି—ଚିରେଇତା (ଦେଖ)
Chiretā Chireitā (See).

ଚିରୋଞ୍ଜି—ପ୍ରାଦେ (ସମ୍ବଲପୁର ଓ ଛତିଶଗଡ଼) ବି—ପିୟାଲ (ଦେଖ)
Chironji Piyāla (See).

ଚିରୋପକୃତ—ସଂ. ବିଣ. ପୁଂ—୧ । ଚିରକୀତ ୩ (ଦେଖ)
Chiropakruta 1. Chirakrita 3 (See).
(ଚିରୋପକୃତା—ସ୍ତ୍ରୀ) ୨ । ଏପରି ଉପକାରପ୍ରାପ୍ତ ଯେ ସେହି ଉପକାରକୁ ଉପକୃତ ବ୍ୟକ୍ତି ଯାବଜ୍ଜୀବନ ଭୋଗ କରିବ—
2. Benefited in such a way as to enjoy the benefit for ever.

ଚିରୋମାରେ—ପ୍ରାଦେ (ସମ୍ବଲପୁର) ବି (ଭୁଲ. ଗଞ୍ଜାମରେ ଚେରମାରୁ)—
Chiromāre ଅନନ୍ତମୂଳ; ଚେମଡ଼ିଲଇ ବା ଗୁଆପାନ ଲତାର ମୂଳ—The root of 'Chemardilai creeper.

ଚିର୍ଭଟା—ସଂ. ବି. ସ୍ତ୍ରୀ—ଚିର୍ଭଟୀ (ଦେଖ)
Chirbhatā Chirbhati (See).

ଚିର୍ଭଟୀ—ସଂ. ବି. ସ୍ତ୍ରୀ—୧ । କାକୁଡ଼ି—
Chirbhati 1. Cucumber.
୨ । ଫୁଟି କାକୁଡ଼ି—2. Melon.

ଚିଲ୍ (ଧାତୁ)—ସଂ.—ପିନ୍ଧିବା—
Chil (root) To wear.

ଚିଲ୍‌ରା—ପ୍ରାଦେ (ଗଞ୍ଜାମ) ବି—ଟଙ୍କା ଭଙ୍ଗାଇ ତତ୍‌ପରିବର୍ତ୍ତିରେ ନେବା
Chilrā କ୍ଷୁଦ୍ର ମୁଦ୍ରା; ଖୁଚୁରା ପଇସା ଆଦି; ରେଜା; ରେଜକି—
Small change for a larger coin.
ବିଣ—୧ । ରେଜା; ଖୁଚୁରା—
1. Consisting of coins of small value.
୨ । ହିସାବବେଳେ ଟଙ୍କାରୁ ବଳିପଡ଼ିବା (ଅର୍ଥ)—
2. (small coins) In excess of a whole rupee found after counting.
୩ । ସାମାନ୍ୟ—3. Insignificant; of small value.
ସଂ. ବି—ଚିଲଚିମ (ଦେଖ)
Chilichima (See).

ଚିଲ—ଦେ. ବି (ସଂ. ଚିଲ୍ଲ)—(ପ୍ରସହବର୍ଗର ତୀକ୍ଷ୍ଣ ନଖରଯୁକ୍ତ ଦିବାଚର
Chila ପକ୍ଷୀ)—୧ । ଶଙ୍ଖଚିଲ—1. The Brahmini kite;
চিল Haliastus Indicus.
चिल
୨ । ମାଛୁଆ ଚିଲ—2. Common kite; Milvus govinda.

[ଦ୍ର—ଦୁଇପ୍ରକାରର ଚିଲ ଦେଖାଯାନ୍ତି । ଯଥା—ମାଛୁଆ ଓ ଶଙ୍ଖଚିଲ । ମାଛୁଆ ଚିଲର ରଙ୍ଗ ଖଇରବର୍ଣ୍ଣ ଓ ଶଙ୍ଖଚିଲର ଦେହ ନାଲି ଏବଂ ମୁଣ୍ଡ, ଗଳା ଓ ପେଟ ଧଳା । ଏମାନେ ହାଡ଼କଙ୍କଠୁ ବେଶି ଲମ୍ବ ହୁଅନ୍ତି । ଏମାନଙ୍କ ପକ୍ଷ ଦୀର୍ଘ; ଚଞ୍ଚୁ ଅଗ୍ର ବକ୍ର; ଏମାନେ ମାଛ ଇତ୍ୟାଦି ଝାମ୍ପମାରି ନେଇ ଖାଆନ୍ତି ଓ ମାଛପାଇଁ ଗଡ଼ିଆ ପୋଖରୀ ଗୋଳ ହେଲେ ଏମାନେ ବହୁତ ଉଡ଼ନ୍ତି । ଆଉ ଜାତିଏ ଖଇରା ରଙ୍ଗର ଚିଲଙ୍କଠାରୁ ବଡ଼ ଦେହହାଡ଼ ଲମ୍ବର ପକ୍ଷୀ ଚିଲ ପରି ଦେଖାଯାନ୍ତି । ଏମାନେ ସହରମାନଙ୍କରେ ଉଡ଼ି ଲୋକଙ୍କ ହାତରୁ ମାଛ, ଜଳଖିଆ ଆଦି ଝାମ୍ପି ନେଇଯାନ୍ତି, ଚିଲମାନେ ବହୁ

୧	ଇ	ଉ	ଋ, ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଘ	ଜ	ଶ, ଷ	ଜ୍ଞ	ଇଯ୍	ଉଅ	ଈ
୨	ଈ	ଊ	ଋୂ	ଌୂ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଓ	ନ୍

ଦୀର୍ଘକାଳବ୍ୟାପୀ ଚୀଇଁ ରବ କରନ୍ତି ଓ ଏହା ଶୁଣିଲେ ମନୁଷ୍ୟ କାନ୍ଦିଲା ପରି ଶୁଣାଯାଏ । ମାଈ ଚିଲ ଅଣ୍ଡିରା ଚିଲ ଅପେକ୍ଷା ବଡ଼ । ସଂ. ନାମ—ଲୁବର୍ଦ୍ଦ; ଏ ଉଚ୍ଚ ଗଛରେ ବସା କରେ ।]

ଚିଲଅଖି ଇତ୍ୟାଦି—ଚିଲ୍ଲଅକ୍ଷି ଇତ୍ୟାଦି (ଦେଖ)—
Chila-ākhi etc — Chilā-akhi etc (See)

ଚିଲବିଲ୍ୱ—ସଂ. ବି—ସୋଲ୍ହ (ଦେଖ)—
Chilabilwa — Solha (See)

ଚିଲମ୍ଚି—ବୈଦେ. ବି (ତୁର୍କୀ)—୧ । ପିତଳଆଦି ଧାତୁ ନିର୍ମିତ ହାତଧୁଆ କୁଣ୍ଡ—1. A metal washing basin or tub.
Chilamchi
চিলমচি
चिलमची, चिलमगर्दा
୨ । (ଫା. ଚିଲମ୍ଗର୍ଦା) ହୁକାର ଯେଉଁ ନଳ ଉପରେ ଚିଲମ ବସାଯାଏ—2. The main tube of a hubble-bubble on which the fire-bowl is set.

ଚିଲମ—ଦେ. ବି (ଫା. ଚିଲମ୍) ଗଞ୍ଜେଇ, ଗୁଡ଼ାଖୁ ଆଦିର ଧୂମପାନର ଉପକରଣବିଶେଷ—The bowl or firepot of a hookah for smoking tobacco or gunja.
Chilama
চিলম্, ছিলম্
चिलम्
[ଦ୍ର—ଏଥିରେ ଗଞ୍ଜେଇ ବା ଗୁଡ଼ାଖୁ ଉପରେ ନିଆଁ ରଖି ଏହାର ତଳେ ଥିବା କଣା ବାଟେ ଧୂଆଁ ଟାଣି ନେବାକୁ ହୁଏ; ଏହାକୁ ହୁକା ଉପରେ ରଖି ଗୁଡ଼ାଖୁଧୂଆଁ ଖିଆଯାଏ ଓ ହାତରେ ଧରି ଗଞ୍ଜେଇଧୂଆଁ ଖିଆଯାଏ । ଗଞ୍ଜାଇ, ଗୁଡ଼ାଖୁ ଓ ମଦକ ପିଇବାର ଚିଲମମାନଙ୍କ ଆକାର ପୃଥକ୍ ।]

ଚିଲମପୋସ୍—ବୈଦେ. ବି. (ଫା)—ଚିଲମ ଉପରେ ଦିଆଯିବା ଛିଦ୍ରଯୁକ୍ତ ଧାତୁର ଢାଙ୍କୁଣି—A perforated metal covering for the fire-bowl.
Chilamapos
চিলমপোস
चिलमपोस

ଚିଲମବର୍ଦାର—ବୈଦେ. ବି (ଫା) ରଜା ଓ ନବାବଆଦିଙ୍କ ପାଖରେ ଚିଲମରେ ଗୁଡ଼ାଖୁଆଦି ସଜାଇବା ଓ ତାଙ୍କ ଗହଣରେ ଚିଲମ ଧରି ଯିବା ଭୃତ୍ୟ—A servant of Rajas and Nababs who is in charge of the chilam and makes it ready for smoking.
Chilamabardār
চিলমবরদার
चिलमबरदार

ଚିଲମବାଜ୍—ବୈଦେ. ବିଣ (ଫା)—ଚିଲମି (ଦେଖ)—
Chilamabāj — Chilami (See)

ଚିଲମା—ଦେ. ବିଣ—ଚିଲମି (ଦେଖ)
Chilamā — Chilami (See)

ଚିଲମି—ଦେ. ବିଣ—ଚିଲମଦ୍ୱାରା ଗଞ୍ଜାଧୂମ ପାନ କରିବାରେ ଅତ୍ୟନ୍ତ ଅଭ୍ୟସ୍ତ—Addicted to smoking Ganja.
Chilami
ছিলিমী
चिलमचट

ଚିଲମିଲିକା—ସଂ. ବି. ସ୍ତ୍ରୀ. (ଚିର+ମିଲ ଧାତୁ=ଚକ୍ଚକ୍ କରିବା +ଇକ; ସ୍ତ୍ରୀ. ଆ)—୧ । ଖଦ୍ୟୋତ—1. Firefly.
Chilamilikā
ଚିଲିମିଲିକା } ଅନ୍ୟରୂପ
ଚିଲମିଲିକା }
୨ । ବିଦ୍ୟୁତ୍—2. Lightning.
୩ । କଣ୍ଠାଭରଣବିଶେଷ; ଚିକ୍; ଝିଲିମିଲି ମାଳ—3. A collar (ornament) of the neck.

ଚିଲା—ଦେ. ବି—୧ । ଚିଲ ଆଦି ହିଂସ୍ର ପକ୍ଷୀମାନଙ୍କର ନଖଦ୍ୱାରା କୌଣସି ବସ୍ତୁକୁ ଝାମ୍ପିବା—1. A swooping by a bird of prey.
Chilā
ছোঁ
चपट्टा, झपट्टा
୨ । କୁଦା; ଡେଙ୍ଗା—2. Jump; leap.
ଦୁଇ ଚିଲାରେ ଘର ଭିତରକୁ ଯାଇ ମାଁଆକୁ ଅଭି କେଳାକୁ ଖବର ଦେଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ବିଣ—୧ । ଫିକା; ମାଟିଆ—1. Light-coloured.
୨ । ପାଣ୍ଡୁର ବର୍ଣ୍ଣ—2. Grey.

ଚିଲାଅଖି—ଦେ. ବି. (ସଂ. ଚିଲ୍ଲ+ଅକ୍ଷି)—ମାଟିଆ ବା ପାଣ୍ଡୁର ଡୋଳାଯୁକ୍ତ ଆଖି—Eye with grey pupils.
Chilāakhi
বিরাল্ আখি, কুটাচোখ

ଚିଲାଅଖିଆ—ଦେ. ବିଣ. (ସଂ. ଚିଲ୍ଲ=କ୍ଲିନ୍ନଚକ୍ଷୁ ବ୍ୟକ୍ତି)—ଚିଲର ଆଖି ପରି ଯାହାର ଆଖିର କଳା ଡୋଳା ମାଟିଆ ବା ପାଣ୍ଡୁର ବା ଈଷତ୍ ସବୁଜ ବର୍ଣ୍ଣ—Grey-eyed; having pupils of the eye grey or greenish.
Chilā-akhiā
কটাচোখ,
বিরালচোখ
(ଚିଲ୍ଲ ଅଖେଇ—ସ୍ତ୍ରୀ)
ଚିଲଅଖିଆ ବଇଦାମା, ଗୋଡ଼େଇ ଗୋଡ଼େଇ ଘରଭା ଖା—ଢଗ ।

ଚିଲାଇବା—ଦେ. କ୍ରି. (ଚିଲ ପରି ତୀବ୍ର ଚେଁ ଚେଁ ଶବ୍ଦ)—ଉଚ୍ଚ ସ୍ୱରରେ ଡାକିବା; ରଡ଼ି ଦେବା; କଣ୍ଠିକଣ୍ଠି ରଡ଼ି ଦେବା; ଚିତ୍କାର କରିବା—To utter a loud cry; to halloo; to make a shrill sound; to scream.
Chilāiba
চেঁচান
चिल्लाना
ପଡଶୋଇଲା ଠାବରେ କାହି ଭୁ ଚଲାଇ । ବେତାଳ ପଞ୍ଚବିଂଶତି ନନ୍ଦେ ।

ଚିଲା ମାରିବା—ଦେ. କ୍ରି—୧ । (ହିଂସ୍ର ପକ୍ଷୀ) ଝାମ୍ପ ମାରିବା—1. To swoop down or pounce upon a thing (said of a bird of prey).
Chilāmāribā
ছোঁমারা
झपट्टामारना
ଚଳ ମଣ୍ଡେ ଚିଲା ମାରେ ଗାଗୋଇ । ରାଧାନାଥ. ଚିଲିକା ।
୨ । (ଲକ୍ଷଣାର୍ଥ) ହଠାତ୍ ଆକ୍ରମଣ କରି ନେଇଯିବା—2. To take away by a sudden attack.
ମନେ କହୁଁ ଦିନେ କାଳ ପକ୍ଷିରାଜ ଝଟକେ ମାରିବ ଚିଲା ।
ରାଧା.ନ.ଥ. ପାବନ ।
୩ । (ଲକ୍ଷଣାର୍ଥ) ଠକି ନେଇଯିବା—3. To take away by deceitful means.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ମ ଓ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷି' ନ ମିଳିଲେ 'କୃଷୀ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୪ । ଡେଇଁବା; ନାଚିବା—
4. Jump up; leap up; dance.

ମୋ ଶାଗୁଆ, ମୋ ଛମାଣ ଆଠଗୁଣ୍ଠ କହୁ ନାଚେ ଚିଲ୍ଲ ମାରେ, ଉଡ଼ା ପାଡ଼େ, ହସେ । — ଫକୀରମୋହନ· ଛମାଣ, ଆଠଗୁଣ୍ଠ ।

ଚିଲି—ଦେ. ବି. (ସଂ. ଚିଲ୍ଲୀ; ଚିଲ୍ଲିକା)—
Chili ୧ । ଚିଲ୍ଲୀ (ଦେଖ)
চিল্লী 1. Chilli (See)

୨ । ଠାଙ୍ଗିବଥୁଆ; ଝଙ୍କବଥୁଆ—
ହିନ୍ଦିରକୃଷ୍ଣ ଦ୍ରବ୍ୟଗୁଣ ।)
2. A kind of pot-herb.

୩ । ଭ୍ରୂଲତା—3. Eyebrow.

ରସି କମାଣ ସେ କରେ କମ୍ପାଇଲେ କଣ୍ଠରକୁ ଭ୍ରୂ ଏବେ ତୋ ଚିଲି— ବିଶ୍ୱନାଥ. ବିଚିତ୍ର ରାମାୟଣ ।

୪ । (ଦକ୍ଷିଣ ଆମେରିକାର ମିକ୍ସିକୋ ଦେଶ ପ୍ରଚଳିତ ଭାଷା । ଏହା ମଧ୍ୟ ଇଂରାଜୀ ଭାଷାରେ ଗୃହୀତ)—ଲଙ୍କାମରିଚ—
4. Red pepper; cayenne pepper.

ଚିଲିକା—ଦେ. ବି—୧ । ଓଡ଼ିଶାର ଦକ୍ଷିଣପୂର୍ବସ୍ଥ ପୁରୀ ଜିଲ୍ଲା ଓ ଗଞ୍ଜାମ
Chilikā ଜିଲ୍ଲାରେ ସ୍ଥିତ ପ୍ରସିଦ୍ଧ ଲବଣାକ୍ତ ହ୍ରଦ—
A salt-lake in the southeast corner of Orissa; the Chilka lake.

[ଦ୍ର—ପୂର୍ବେ ଚିଲିକାହ୍ରଦ ନୌବାଣିଜ୍ୟର ଗୋଟିଏ ପ୍ରଧାନ କେନ୍ଦ୍ର ଥିଲା । ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ ଗ୍ରୀକ୍ ଐତିହାସିକ ଟଲେମୀ ପ୍ରାଚୀନ ଓଡ଼ିଶାର ୩ ଗୋଟି ବନ୍ଦର ମଧ୍ୟରେ ଚିଲିକା ଗୋଟିଏ ପ୍ରଧାନ ବନ୍ଦର ଥିବାର ଉଲ୍ଲେଖ କରିଅଛନ୍ତି । ଚିଲିକାର ଅଧୁନାତନ ଉତ୍ତର ଦକ୍ଷିଣରେ ୮୪ ଓ ପୂର୍ବ ପଶ୍ଚିମରେ ୨୦ ମାଇଲ । ପୂର୍ବେ ଏହାର ଆକୃତି ଆହୁରି ବଡ଼ ଓ ଏହା ସୁଗଭୀର ଥିଲା । କିନ୍ତୁ କାଳକ୍ରମେ ନଦୀ ପଙ୍କ ଓ ସମୁଦ୍ର ବାଲିଦ୍ୱାରା ଏହା ପୋତି ହୋଇ ଯାଉଅଛି । ଏହା ମଧ୍ୟରେ କେତେଗୁଡ଼ିଏ ବଡ଼ ଓ ସାନ ଦ୍ୱୀପ ଅଛି । ପାରିକୁଦ, ମାଲୁଦ, ବଜ୍ରକୋଟ, ଗୁରୁବାଇ ଗୋଟିଏ ଗୋଟିଏ ଦ୍ୱୀପ । ଏଥିମଧ୍ୟରୁ ଅନେକଗୁଡ଼ିଏ ପୋତି ହୋଇ ଉପଦ୍ୱୀପ ହୋଇଗଲାଣି । ଏହା ବଙ୍ଗୋପସାଗର ସଙ୍ଗେ ଗୋଟିଏ ସରୁ ମୁହାଣ ଦ୍ୱାରା ଯୁକ୍ତ । କିନ୍ତୁ କ୍ରମେ କ୍ରମେ ସେ ମୁହାଣ ପୋତିହୋଇ ଯାଉଅଛି । ଚିଲିକାର ପାଣି ଲୁଣି । ଏଥିରୁ ଅନେକ ବଡ଼ ମାଛ, କଙ୍କଡ଼ା ଓ ଚିଙ୍ଗୁଡ଼ି ଇତ୍ୟାଦି ଜଳଚର ଜନ୍ତୁ ମରନ୍ତି । ସ୍ଥାନେ ସ୍ଥାନେ ଚିଲିକା ଗର୍ଭରୁ ସିପ ଆମଦାନୀ ହୋଇ ସେ ସିପରୁ କଳିଚୂନ ହୁଏ । ଶୀତଦିନେ ଅନେକ ଜଳଚର ପକ୍ଷୀ ଚିଲିକାକୁ ଆସନ୍ତି ଓ ଦଳଦଳ ହୋଇ ପହଁରନ୍ତି । ଏ ପକ୍ଷୀମାନଙ୍କୁ ଲୋକେ ଯାଇ ଶିକାର କରନ୍ତି । ପୂର୍ବେ ଚିଲିକାକୂଳରେ ଲୁଣ ମରାଯାଉଥିଲା । ଇଂରାଜଙ୍କ ଅମଳରେ ତାହା ବନ୍ଦ ହୋଇଅଛି ।]

୨ । କବିବର ରାଧାନାଥଙ୍କ କୃତ ଚିଲିକାହ୍ରଦର ଦୃଶ୍ୟବର୍ଣ୍ଣନାତ୍ମକ ପଦ୍ୟଗ୍ରନ୍ଥ—2. Name of a poem by Radhanath, describing the sceneries of the Chilkā lake.

ଚିଲିଚିମ—ସଂ. ବି—ମିଠା ପାଣିରେ ରହୁଥିବା ଏକ ପ୍ରକାର ଛୋଟ ମାଛ;
Chilichima ଖଙ୍କାରଖାଇ ମାଛ—A kind of small
(ଅନ୍ୟ ସଂ. ନାମ ଚିଲ, fresh-water-fish; the
ଚିଲିମିଳିକା, ଚିଲିମୀଳକ Chela fish.
চেলা [ଦ୍ର—ଏହା ଦୁଇ ଜାତିର; ବଡ଼ ମାଛ (ବଂ.
चेलहवा; चिलहुल; ଘୋଡ଼ା ଚେଲା; Chelaghora) ଲମ୍ବରେ
चिलिया; ୧୦।୧୨ ଅଙ୍ଗୁଳ ବଢ଼େ; ସାନ ମାଛ (ବଂ.
ଫୁଲଚେଲା; Chelaphula) ୬।୭ ଅଙ୍ଗୁଳ ଲମ୍ବ ହୁଏ । ଏହାର ଦେହ ଲମ୍ବ ଓ ଚେପ୍‌ଟା, ଦାନ୍ତ ଛୋଟ । ମୁହଁର ଥୋମଣି ଉପର-ଆଡ଼କୁ ଉଠିଥାଏ; ଉଦରର ଧାର ଦନ୍ତୁର—ଯୋଗେଶଚନ୍ଦ୍ର ।]

ଚିଲିମ—ଦେ. ବି—ଚିଲମ (ଦେଖ)
Chilima Chilama (See).

ଚିଲିମିଲି ପୋକ—ଦେ. ବି (ସଂ. ଚିଲିମୀଲିକା)—ଜୁଳୁଜୁଳିଆପୋକ—
Chilimili poka Firefly.

ଚିଲିମିଲି ମାଳି—ଦେ. ବି (ସଂ. ଚିଲିମୀଲିକା)—ଏକପ୍ରକାର କଣ୍ଠାଭରଣ;
Chilimili māli ଝିଲିମିଲି ମାଳି; ଚିକ—A kind of collor (ornament) for the neck.

ଚିଲ୍କା—ଦେ. ବି—ଚିଲିକା (ଦେଖ)
Chilkā Chilikā (See).

ଚିଲ୍ଲ (ଧାତୁ)—ସଂ—୧ । ବିଳାସ କରିବା—
Chilla (root) 1. To play; to sport.

୨ । ଢିଲା ହେବା; ଶ୍ଳଥ ହେବା—
2. To become loose (M. W.).

୩ । ହାବଭାବ ଦେଖାଇବା—3. To exhibit amorous glance or movements (M. W.).

ଚିଲ୍ଲ—ସଂ. ବି (ଚିଲ୍ଲ ଧାତୁ + କର୍ତ୍ତୃ. ଅ)—୧ । ଚିଲପକ୍ଷୀ—
Chilla 1. The Indian Kite.

୨ । ଲେଦେରାପୂର୍ଣ୍ଣ ଅକ୍ଷି—
2. A bleared or sore eye (M. W.).

ବିଣ—କ୍ଳିନ୍ନାକ୍ଷ; ଯାହାର ଆଖି ଲେଦେରାପୂର୍ଣ୍ଣ—
Having eyes full of dirt and execrecessence; with exuding eyes; blear-eyed.

ଚିଲ୍ଲକ—ସଂ. ବି. (ଚିଲ୍ଲ + ସ୍ୱାର୍ଥେ. କ)—୧ । ଚିଲପକ୍ଷୀ—
Chillaka 1. Kite.

୨ । ଝିଙ୍ଗିକା; ଝିଙ୍କାରିପୋକ—2. A cricket (insect).

୩ । ଚିତ୍ରକ (ଦେଖ)
3. Chitraka (See) (M. W).

ଚିଲ୍ଲାଭ—ସଂ. ବି. ପୁଂ. (ବହୁବ୍ରୀହି; ଚିଲ୍ଲ + ଆଭା; ଯେ ଚିଲ୍ଲ ପରି
Chillābha ଝାମ୍ପ ମାରେ)—ଠାଉକା ଚୋର—
A petty thief; a pickpocket (M. W.).

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ପ	ଉଥ	ଷ୍ଣ
୨	ଈ	ଊ	ଋ	ଌ	ଯ୍ୱେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ˚	ଙ୍ଗ	ଇଅ	ବ	ନ୍ଦ

ଚିଲ୍ଲି—ସ. ବ—୧ । ଚିଲ୍ଲ ପକ୍ଷୀ—
Chilli 1. The Bengal kite (M. W.).

ଚିଲ୍ଲିକା—ସ. ବ. (ଚିଲ୍ଲିକ+ସ୍ତ୍ରୀ. ଆ)—୧ । ଝିଲ୍ଲିକା; ଝିଙ୍କାରପୋକ—
Chillikā 1. An insect emitting a very shrill sound in the night; a cricket (insect).
[ପ୍ର—ଏମାନେ ଝିଲ୍ଲିକା ପର ଦେଖାଯାନ୍ତି ।]
୨ । ଭ୍ରୂଲତା; ଭୁଲତା—2 Eyebrow.
୩ । ଭୁରୁଭୁରୁ ମଧ୍ୟବର୍ତ୍ତୀ ସ୍ଥାନ (ଦ୍ର. ଶବ୍ଦସାଗର)—
3. The middle of both the eyebrows.
୪ । ଶାଗବିଶେଷ; କ୍ଷୁଦ୍ର ପତ୍ର ବିଶିଷ୍ଟ ଶାଗ (ଦ୍ର. ଶବ୍ଦସାଗର)—
4. A kind of pot-herb.
ଦେ. ବ—ଚିଲିକା (ଦେଖ)
Chilikā (See)

ଚିଲ୍ଲିକାଲତା—ସ. ବ—ଭ୍ରୂଲତା—
Chllikālata Eyebrow (M. W.).

ଚିଲ୍ଲୀ—ସ. ବ. (ଚିଲ୍ଲ ଧାତୁ+ଅ+ଈ)—୧ । ଭ୍ରୂଲତା—
Chillī 1. Eye brow.
ଭରୁଅଛି ପଦ୍ମ ଟେକେ ଚିଲ୍ଲୀ
ଭେଦ କର୍ଣ୍ଣପାଶ କ ଚହଲ । କବିସୂର୍ଯ୍ୟ. ସଙ୍ଗୀତ ।
୨ । ଝିଲ୍ଲୀ; ଝିଙ୍କାରି—2. Cricket (ensect).
ଦେ. ବ—ଚିଲି (ଦେଖ)
Chili (See)

ଚିଲ୍ଲୀକା—ସ. ବ—ଚିଲ୍ଲିକା ୧ (ଦେଖ)
Chillīkā Chillikā 1 (See)

ଚିହିଁକା—ଦେ. ବ—ହଠାତ୍ ଚମକ ଉଠିବା; ଚିଁଇକା—
Chihiṅkā Wincing; being startled with a sudden fright,
ଚମକାନି
• चौंक, चिलक; चमक

ଚିହିଁକାଇବା—ଦେ. କ୍ରି. (ସ. ଚମତ୍କାର; ଚକିତ)—ହଠାତ୍ ଭୟ ଦେଖାଇ
Chihiṅkāibā. ଚମକାଇବା; ଭୟଚକିତ କରିବା—
চমকান To frighten and cause a person to wince; to startle; to alarm.
चिलकाना
(ଚିହିଁକେଇବା—ଅନ୍ୟରୂପ)
ଚିହିଁକ ଭଞ୍ଜକ ସଙ୍ଗେ, ଗ୍ରମରଚିହୁଣ ମୋତେ
ଚିହିଁକ ଇ ପଚାରିଲୁ କହ । କବିସୂର୍ଯ୍ୟ. କିଶୋରଚନ୍ଦ୍ରାନନ୍ଦ ଗୀତ ।

ଚିହିଁକିବା—ଦେ. କ୍ରି. (ସ. ଚମତ୍କୃତ; ଚକିତ)—
Chihiṅkibā ହଠାତ୍ ଭୟରେ ଚମକିବା—
চমকা; চমকপড়া To wince; to take fright; to be alarmed; to be startled.
चिलकना; चौंकना; चिहुँकना
ଗୁରୁଙ୍କ ବାଳସ ପର ମୁଁ ଡରେ
ଚିହିଁକ ଚଢ଼ଇ ପଡ଼ିଲୁ ଅରେ । କବିସୂର୍ଯ୍ୟ—ସଙ୍ଗୀତ ।
[ପ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଉଠିବା, ପଡ଼ିବା, ଯିବା କ୍ରିୟାର ସମାପିକାରୂପ ଯୁକ୍ତ ହୋଇ ବ୍ୟବହୃତ ହୁଏ ।]

ଚିହିରିବା—ପ୍ରାଦେ. (ସ ହୁଙ୍କୃ) କ୍ରି—ଚିତ୍କାର କରିବା; ଡାକିବା—
Chihirdibā To halloo.

ଚିହୁର—ସ. ବ—ଚିକୁର; ମୁଣ୍ଡର କେଶ—
Chihura The hair of the head (M. W.).

ଚିହ୍ନ (ଧାତୁ)—ସଂ—୧ । ଲକ୍ଷ୍ୟ କରିବା—
Chihna (root) 1. To mark; to observe.
୨ । ଦାଗ ଦେବା—2. To put a mark; to stamp.
୩ । ପରିଚିତ ବ୍ୟକ୍ତି ବା ବସ୍ତୁକୁ ଠାବ କରିବା—
3. To recognise a thing or person.

ଚିହ୍ନ—ସ. ବ. (ଚିହ୍ନ ଧାତୁ+ଭାବ. ଅ)—୧ । ଛାପ; ଦାଗ—
Chihna 1. Mark; stamp; spot.
୨ । କଳଙ୍କ—2. Stain.
୩ । (+କରଣ. ଅ) ଲକ୍ଷଣ—3. Sign; vestige; symptom; characteristic.
୪ । ନିଦର୍ଶନ; ସଙ୍କେତ—5. Signal; token; symbol; indication; insignia.
୫ । ଧ୍ୱଜା; ପତାକା—5. Flag; banner.
୬ । ସମ୍ମାନ ଦାୟିତ୍ୱ ବା ପଦ ଜ୍ଞାପକ ବସ୍ତୁ; ପଦକ; ତକମା—
6. Badge.
୭ । କ୍ଷତଚିହ୍ନ—7. Cicatrice; scar.
୮ । ସ୍ମାରକ ବସ୍ତୁ—8. Memento; souvenir.
୯ । ଜ୍ୟୋତିଷିକ ରାଶି—9. A zodiacal sign (M.W.)

ଚିହ୍ନକ—ସ. ବ.—୧ । ଏକ ରତି ବା ୪ ଧାନ ଓଜନ—
Chihnaka 1 A small weight; 4 grains.
୨ । କ୍ଷୁଦ୍ର ଚିହ୍ନ ବା ଦାଗ—2. A small mark (M.W.)

ଚିହ୍ନକାରୀ—ସ. ବି. ପୁଂ (ଚିହ୍ନ+କୃ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—
Chihnakārī ଯେ ଚିହ୍ନ ଦିଏ—A marker; a mark-man.
(ଚିହ୍ନକାରିଣୀ—ସ୍ତ୍ରୀ) ବିଣ. ପୁଂ.—୧ । ଚିହ୍ନ ଦେଉଥିବା—
1. Marking; stamping.
୨ । କ୍ଷତ କରୁଥିବା—2. Wounding (M.W.)
୩ । ଭୟଙ୍କର—3. Frightful (M. W.)

ଚିହ୍ନଟ—ଦେ. ବ. (ସ. ଚିହ୍ନ)—ଯେଉଁ ବିଶିଷ୍ଟ ଚିହ୍ନରୁ କୌଣସି ବ୍ୟକ୍ତି
Chihnaṭa ବା ବସ୍ତୁ ଚିହ୍ନି ହୁଏ—1 Identifying mark.
চিহ্নত; চেনত ଚିହ୍ନଟ କର କହିବା ବ୍ରହ୍ମର ଶରୀର.
चिह्नानी, चिह्नट ପ୍ରାଚୀ, ବ୍ରହ୍ମନିରୂପଣ ଗୀତା ।
୨ । କୌଣସି ବ୍ୟକ୍ତି ବା ବସ୍ତୁ ପ୍ରକୃତରେ ସେହି ଅଟେ ବୋଲି ଚିହ୍ନାଇବା—2 Identification.
୩ । ଯେ ଅନ୍ୟ ବ୍ୟକ୍ତିର ପରିଚୟ ଜଣାଇଦିଏ—
3. Identifier.
ବିଣ.—(ସ. ଚିହ୍ନିତ)—୧ । ଅନ୍ୟର ପରିଚୟଜ୍ଞାପକ—
1. Identifying.
୨ । ସୁପରିଚିତ—2. Well known.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ତାହା ମିଳିବ ନାହିଁ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବର୍ଣ୍ଣସ୍ଥଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ, 'ଅର୍ଦ୍ଧା' କି ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

୩ । ସ୍ମାରକ—3. Memorial; aiding the memory.

ଚିହ୍ନଟ କରିବା—ଦେ. କ୍ରି.—୧ । କୌଣସି ଦଲିଲ ସମ୍ପାଦନ କରି Chihnaṭa karibā ରେଜିଷ୍ଟ୍ରାର କରିବାକୁ କଚେରୀକୁ ଯିବା ଚିହ୍ନତକର୍ନା ବ୍ୟକ୍ତି କମ୍ବା ହାକିମଙ୍କ ନିକଟରେ ଉପସ୍ଥିତ ହେବା ବ୍ୟକ୍ତି **चिह्नवाना चिह्नाना** ପ୍ରକୃତ ବ୍ୟକ୍ତି କି ନାଁ ଏହା ହାକିମଙ୍କୁ ଚିହ୍ନାଇ ଦେବା—1. To identify an executant of a document or a party (to be the true person he represents to be) before a public servant (e. g. Registrar, Judge.)

ଚିହ୍ନଟ ଦେବା, ଚିହ୍ନଟ ହେବା } ଅନ୍ୟରୂପ

[ଦ୍ର—ଦଲିଲ ରେଜିଷ୍ଟ୍ରୀ କରିବା ହାକିମ ଯେବେ ସ୍ୱୟଂ ଦଲିଲ ସମ୍ପାଦନକାରୀ ବ୍ୟକ୍ତିଙ୍କୁ ଚିହ୍ନିଥାଆନ୍ତି ତେବେ ଉକ୍ତ ବ୍ୟକ୍ତିକୁ ହାକିମଙ୍କ ଆଗରେ ଚିହ୍ନଟ କରିବା ଦରକାର ହୁଏ ନାହିଁ, ଅନ୍ୟଥା କେହି ଜଣେ ଉକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ ନ ଦେଲେ ହାକିମ ଦଲିଲ ରେଜିଷ୍ଟ୍ରୀ କରନ୍ତି ନାହିଁ । ଯେ ଉକ୍ତ ବ୍ୟକ୍ତିକୁ ଚିହ୍ନଟ କରେ ସେ ମଧ୍ୟ ହାକିମଙ୍କ ଆଗରେ ଚିହ୍ନଟ-ସାକ୍ଷୀରୂପେ ଦଲିଲପୃଷ୍ଠରେ ସ୍ୱାକ୍ଷର କରେ ।]

୨ । କୌଣସି ଜମି ବା ବସ୍ତୁକୁ ରାଜକୀୟ କର୍ମଚାରୀଙ୍କୁ ଚିହ୍ନାଇ ଦେବା—2. To identify a thing or land to a public servant.

[ଦ୍ର—ରାଜକୀୟ କର୍ମଚାରୀ କୌଣସି ଜମିକୁ କୋରକ କରିବାକୁ ବା କ୍ରୋକ ହୋଇଥିବା ସମ୍ପତ୍ତିକୁ ଡିକ୍ରୀଦାରଙ୍କୁ ଦଖଲ ଦେବାକୁ ବା ସମନ ଆଦି ଜାରି କରିବାକୁ ସରଜମିନକୁ ଗଲେ ଡିକ୍ରୀଦାରଙ୍କ ପକ୍ଷରୁ ଜଣେ ଲୋକ ଉକ୍ତ ବସ୍ତୁ ବା ବ୍ୟକ୍ତି ପ୍ରକୃତ ଥିବା ବିଷୟ ଉକ୍ତ କର୍ମଚାରୀଙ୍କୁ ଚିହ୍ନାଇଦିଏ ।]

ଚିହ୍ନଟଦାର—ଦେ. ବି—ଯେଉଁ ବ୍ୟକ୍ତି କୌଣସି ବସ୍ତୁ ବା ବ୍ୟକ୍ତିକୁ Chihnaṭadār ରାଜକର୍ମଚାରୀଙ୍କ ଆଗରେ ଚିହ୍ନଟ କରେ— चिह्नतदार **चिह्नटदार** An identifier of a person or thing before a public servant.

ଚିହ୍ନଟ ପଡ଼ିବା—ଦେ. କ୍ରି—କୌଣସି ପକ୍ଷ ବା ବସ୍ତୁ ବା ଜମିକୁ ରାଜ-Chihnaṭa paḍibā କର୍ମଚାରୀଙ୍କ ଆଗରେ ଚିହ୍ନାଇ ଦେଇ ତତ୍-ଚେହ୍ନତପଡ଼ା ସମ୍ବନ୍ଧୀୟ ଦଲିଲରେ ଚିହ୍ନଟ-ସାକ୍ଷୀରୂପେ ଦସ୍ତଖତ କରିବା—To sign in a public document as the identifier of a certain person or property before a public servant (e.g. a registering officer; a searching or attaching officer).

ଚିହ୍ନଟ ସାକ୍ଷୀ—ଦେ. ବି—ଯେଉଁ ସାକ୍ଷୀ କୌଣସି ଦଲିଲର ସମ୍ପାଦନକାରୀ Chihnaṭa sākshī ବ୍ୟକ୍ତିକୁ ବା ମକଦ୍ଦମାର ପକ୍ଷକୁ ବା ଚେହ୍ନୁତ ସାକ୍ଷୀ ବସ୍ତୁକୁ ବା ସମ୍ପତ୍ତିକୁ ଜାଣେ ବୋଲି **चिह्नानी साक्षी** ଚିହ୍ନଟ-ସାକ୍ଷୀରୂପେ ଅପଣାର ନାମ ଦସ୍ତଖତ କରେ—An identifying witness of a document.

ଚିହ୍ନତ (ଇତ୍ୟାଦି)—ଚିହ୍ନଟ ଇତ୍ୟାଦି (ଦେଖ) Chihnata (etc) Chihnaṭa etc (See)

ଚିହ୍ନଧାରୀ—ସଂ. ବିଣ. ପୁଂ—୧ । ଚିହ୍ନଯୁକ୍ତ; ଯେ ଚିହ୍ନ ଧାରଣ କରେ— Chihnadhārī 1. Bearing marks.
(ଚିହ୍ନଧାରଣୀ—ସ୍ତ୍ରୀ) ୨ । ପତାକାଧାରୀ—
(ଚିହ୍ନଧର—ଅନ୍ୟରୂପ) 2. Bearing a standard.
୩ । ରାଜକୀୟ ଉଚ୍ଚପଦସୂଚକ ଯେ ବହନ କରେ— 3. Bearing the insignia of office (M. W.).

ଚିହ୍ନନ—ସଂ. ବି. (ଚିହ୍ନ ଧାତୁ+କରଣ. ଅନ; ଯାହାଦ୍ୱାରା କୌଣସି Chihnana ବସ୍ତୁ ଚିହ୍ନାଯାଏ)—ଲକ୍ଷଣ— Characteristic (M. W.).

ଚିହ୍ନବର୍ଣ୍ଣ—ଦେ. ବି. (ଏକତ୍ୱବାଚକ ସନ୍ଧିକର)—ଅସ୍ତିତ୍ୱ; ପତ୍ତା; ଚିହ୍ନମାତ୍ର; Chihnabarṇṇa କୌଣସି ବସ୍ତୁର ଅସ୍ତିତ୍ୱର କୌଣସି ନିଦର୍ଶନ— चिह्नवर्ण Trace or sign of any thing; slightest **चिह्नबरन** indication of the existence of a thing.
ଚିହ୍ନବର୍ଣ୍ଣ ଯେ କାହା ନ ଦେଖିଲୁ—ପ୍ରାଚୀ, ଜଳତରଙ୍ଗ ।

ଚିହ୍ନୟିତବ୍ୟ—ସଂ. ବିଣ. (ଚିହ୍ନ ଧାତୁ+କର୍ମ. ତବ୍ୟ)—ଯହିଁରେ ଚିହ୍ନ Chihnayitabya ଦିଆଯିବ—To be marked (M.W).

ଚିହ୍ନର—ଦେ. ବିଣ. (ସଂ. ଚିହ୍ନ)— Chihnarā ୧ । ଯେ ଭଲ ମନ୍ଦ ଚିହ୍ନି ପାରେ— ଚେନା 1. One who can distinguish a good thing **चिह्नार** from bad.
(ଚିହ୍ନିରୀ—ଅନ୍ୟରୂପ) ଶ୍ରୀରାଧା ବାତୁଲୀ ପ୍ରେମରସାତୁଲୀ ଯେଣୁ ଚିହ୍ନର ଗ୍ରାହକମାନେ—ଅଭିମନ୍ୟୁ- ବିଦଗ୍ଧଚିନ୍ତାମଣି ।
୨ । ଯେ ଭଲ ମନ୍ଦ ପରୀକ୍ଷା କରି ବାଛି ପାରେ; ସୁପରୀକ୍ଷକ— 2. One who can taste and find out what is good and what is bad.
୩ । ଯେ ସୁନା ରୂପା ଆଦିର ଉତ୍କୃଷ୍ଟତା ବାଛି ପାରେ— 3. One who can taste gold, silver etc.
ପ୍ରେମକନୌରେ ଚିହ୍ନର ଗ୍ରାହକ ଛାର ବିନା ପ୍ରେମିକଜନ— ରାଧାନାଥ- ଉଷଶୀ ।

ଦେ. ବି—ବଣିଆମାନଙ୍କ ଉପାଧିବିଶେଷ; ଚିନରା— A family-title among gold-smiths.

ଚିହ୍ନା—ଦେ. ବି. (ସଂ. ଚିହ୍ନ)—୧ । ପରିଚୟ; କୌଣସି ବ୍ୟକ୍ତି ବା ବସ୍ତୁକୁ Chihnā ପୂର୍ବରୁ ଜାଣିଥିବା; ଜଣାଶୁଣା—1. Acquintance.
ଚେନା ୨ । ଏକ ଚିନା ବା ଚାରି ଚାଉଳ ପରିମାଣ ଓଜନ— **पहचान** 2. A small weight; about 4 grains.
ବିଣ—୧ । ସୁପରିଚିତ; ଜଣାଶୁଣା—1. Well known; ଚେନା; ଚିନା well acquainted.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇୟ	ଉଅ	ଊ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ୱ	ଦ୍ନ

चिह्नार ୨ । ଯେ ଚିହ୍ନିପାରେ—2. One who can distinguish good from bad.

ବ୍ରହ୍ମଚିହ୍ନା ଲୋକଙ୍କୁ ବୋଲନ୍ତି ବ୍ରହ୍ମଜ୍ଞାନୀ—ପୀତାମ୍ବର. ନୃସିଂହପୁରାଣ ।

୩ । ଚିହ୍ନିତ—3. Marked.

ଚିହ୍ନାଇବା—ଦେ. କ୍ରି—(ସ. ଚିହ୍ନ ଧାତୁ ଣିଜନ୍ତ; ଚିହ୍ନିବାର ଣିଜନ୍ତ ରୂପ)—୧ । କୌଣସି ବ୍ୟକ୍ତିଙ୍କୁ ଅନ୍ୟ ବ୍ୟକ୍ତିଙ୍କ ନିକଟରେ ପରିଚିତ କରାଇବା—1. To introduce a person to another.
Chihnāibā
চেনান
चिह्नाना; पहचानवाना

କହି ଜ୍ୟେଷ୍ଠ କ୍ରମରେ ପୁତ୍ରଙ୍କୁ ଚିହ୍ନାଇ—କୃଷ୍ଣସିଂହ. ମହାଭାରତ. ଆଦି ।

୨ । କୌଣସି ବିଶିଷ୍ଟ ଚିହ୍ନଦ୍ୱାରା ଚିହ୍ନିତ କରାଇବା—2. To mark; to indicate by a particular mark.

୩ । କୌଣସି ବସ୍ତୁ ବା ବ୍ୟକ୍ତିଙ୍କୁ ଅନ୍ୟ ଲୋକଙ୍କୁ ଦେଖାଇ-ଦେବା—3. To point out.

୪ । କୌଣସି ବ୍ୟକ୍ତି ବା ବସ୍ତୁ ବା ସମ୍ପତ୍ତି ଲୋଡ଼ା ହେବା ବ୍ୟକ୍ତି, ବସ୍ତୁ ବା ସମ୍ପତ୍ତି ଅଟେ ବୋଲି ରାଜକୀୟ କର୍ମଚାରୀଙ୍କୁ ଦେଖାଇଦେବା—4. To identify a person, thing or property to a public servant.
(ଚିହ୍ନେଇବା—ଅନ୍ୟରୂପ)

ଚିହ୍ନାକ—ଦେ. ବି (ସ. ଚିହ୍ନକ)—ଏକଚିନା ପରିମିତ—Weight of one 'chinā'.
Chihnāka

ଦେ. ବିଣ—ଚିହ୍ନି ପାରିବା ବ୍ୟକ୍ତି—One who can recognise or distinguish a thing.

ଚିହ୍ନାଚିହ୍ନି—ଦେ. ବି—ଅନ୍ୟୋନ୍ୟ ପରିଚୟ—Mutual recognition.
Chihnāchihi
চেনাচিনি

ସେ ଯୁଦ୍ଧେ ପିତା ପୁତ୍ରେ ନୋହି ଚିହ୍ନାଚିହ୍ନି,
ହଣାହଣି ହୋଇ ଯେ ପଡ଼ିଲେ ଅବନୀ ।
କୃଷ୍ଣସିଂହ, ମହାଭାରତ. କର୍ଣ୍ଣ ।

ବିଣ—ଅନ୍ୟୋନ୍ୟରେ ପରିଚିତ ହେବା—Mutually recognising.

ସାକ୍ରାମେଣ୍ଟରେ ଚିହ୍ନାଚିହ୍ନି ନୋହି ପୁରୁଷ ବନସ୍ତ କହି—ଭଞ୍ଜ. ରସପଞ୍ଚକ ।

ଚିହ୍ନା ଦେବା—ଦେ. କ୍ରି—ଆପେ ଆପଣାର ପରିଚୟ ପ୍ରକାଶ କରିବା—To give out one's identity; to make one's self known; to announce one's self.
Chihnā debā
চেনাদেওয়া
चिह्नादेना

ଚିହ୍ନା ନେବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କର ପରିଚୟ ଆଦି ଜିଜ୍ଞାସା କରିବା ବା ସ୍ଥିର କରିବା—To ascertain or enquire about a person's whereabouts or identity.
Chihnā nebā
চেনানেওয়া
चिह्नालेना

ଚିହ୍ନା ପଡ଼ିବା—ଦେ. କ୍ରି—୧ । ଜଣା ପଡ଼ିବା; ଚିହ୍ନିତ ହେବା; ପ୍ରକାଶ ପାଇବା—1. To be detected or marked.
Chihnā pardibā
চেনাপড়া
मालूम पड़ना

ଗିରୁ ଗୃହାଶିଙ୍କୁ ଚିହ୍ନା ପଡ଼ୁଥାଇ—କବିସୂର୍ଯ୍ୟ. ସଙ୍ଗୀତ ।

୨ । କୌଣସି କାର୍ଯ୍ୟରେ ନିଜର ଗୁପ୍ତ ସହାନୁଭୂତି ବା ସାହଚର୍ଯ୍ୟ ଥିବା ବିଷୟ ସାଧାରଣରେ ପ୍ରକାଶିତ ହେବା—2. To be publicly known as an accessary to or sympathiser with any matter.

୩ । ଉତ୍ତମରୂପେ ଜ୍ଞାତ ହେବା—3 To be well known.

୪ । ଲକ୍ଷଣାଦିଦ୍ୱାରା ସୁନିଶ୍ଚିତରୂପେ ସ୍ଥିରୀକୃତ ହେବା—4. To be ascertained by symptoms.

ଚିହ୍ନା ପରିଚୟ—ଦେ ବି. (ଦେ. ଚିହ୍ନା+ସ. ପରିଚୟ; ଏକାର୍ଥକ ସହଚର)—ସୁପରିଚୟ; ଘନିଷ୍ଠ ପରିଚୟ; ଜଣାଶୁଣା; ପରସ୍ପର ପରସ୍ପରଙ୍କୁ ଉତ୍ତମରୂପେ ଜାଣିବା—Intimacy; close acquaintance.
Chihnā parichaya
চেনাপরিচয়
जानपहचान

[ଦ୍ର—କୌଣସି ବ୍ୟକ୍ତିଙ୍କୁ ମୁଁ ଅନେକବାର ଦେଖିଥିଲେ ବା ତାଙ୍କ ଛବି ଦେଖିଥିଲେ ତାଙ୍କ ସଙ୍ଗେ ମୋର ଚିହ୍ନା ଅଛି ବୋଲି ବୁଝାଯିବ; କିନ୍ତୁ ଯେବେ ସେ ମଧ୍ୟ ମୋତେ ଜାଣନ୍ତି ତେବେ ତାଙ୍କ ସଙ୍ଗେ ମୋର ପରିଚୟ ବୋଲି ବୋଲାଯିବ ।]

ଚିହ୍ନାରୁ—ପ୍ରାଦେ. (ସମ୍ବଲପୁର) ବିଣ. (ଭୁଲ. ଏହି ଅର୍ଥରେ ହି. ଚିହ୍ନାରୁ)—ସୁପରିଚିତ—Well known.
Chihnār

ଚିହ୍ନାରୁ ବାମନଙ୍କେ କାହିଁ ପିଟେଠା—ଗୀତ ।

ଚିହ୍ନାଲି—ଦେ. ବିଣ. (ସ. ଚିହ୍ନ ଧାତୁ)—ଯେ ଚିହ୍ନି ପାରେ; ଚିହ୍ନାରୀ—One who can test or distinguish good from bad; expert in testing things.
Chihnāli
চেনালি
चिह्नेवाला

ଚିହ୍ନିତ—ସ. ବିଣ. (ଚିହ୍ନ ଧାତୁ+କର୍ମ. ତ)—୧ । ସୁପରିଚିତ—1. Well acquainted.
Chihnita

୨ । ଚିହ୍ନଯୁକ୍ତ—2. Having marks.

୩ । ସଙ୍କେତଦ୍ୱାରା ପରିଚିତ—3. Indicated; symbolised.

୪ । ଅଙ୍କିତ—4 Drawn; delineated.

୫ । ବିଶିଷ୍ଟ ଲକ୍ଷଣ ଯୋଗୁଁ ଅନ୍ୟମାନଙ୍କଠାରୁ ପ୍ରଧାନ—5. Conspicious by piculiar signs.

୬ । ଦାଗ ଦିଆଯାଇଥିବା—6. Branded; marked.

୭ । ପ୍ରସିଦ୍ଧ—7. Famous; noted.

୮ । (ଆଧୁନିକ ବ୍ୟବହାର) ଉଚ୍ଚଶ୍ରେଣୀର ରାଜକାର୍ଯ୍ୟରେ ନିଯୁକ୍ତ ହୋଇ ଆପଣା ଉପରେ ନ୍ୟସ୍ତ କାର୍ଯ୍ୟଭାର ଚଳାଇବାପାଇଁ ସରକାରଙ୍କ ସଙ୍ଗେ ଯେ ଚୁକ୍ତି କରି କାର୍ଯ୍ୟରେ ନିଯୁକ୍ତ ହୋଇଥାଆନ୍ତି—8. Covenanted (high Government-official).

୯ । ଉତ୍ତମରୂପେ ଯାହାକୁ ଲୋକେ ଜାଣିଥାଆନ୍ତି—9. Well known.

୧୦ । ଯାହା ଅନ୍ୟ ବ୍ୟକ୍ତି ବା ବସ୍ତୁଠାରୁ ବାରି ହୁଏ—10. Distinguished (M. W.).

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ମିଳିଲେ 'ବଧୂ' ଦେଖିବେ; 'ଅଁଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଟ୍ଟ' ଦେଖିବେ

୧୧ । ଲକ୍ଷଣଦ୍ୱାରା ସ୍ଥିରୀକୃତ—11. Diagnosed; ascertained by means of symptoms.

ଚିହ୍ନିଦେବା—ଦେ. କ୍ରି—୧ । ଭଲ ମନ୍ଦ ବାଛିଦେବା—
Chihnidebā 1. To distinguish the good from bad.
ଚେନେଦେଓୟା ୨ । ପରିଚୟ କରିବା; ପୂର୍ବ ପରିଚିତ ବ୍ୟକ୍ତିକୁ ଜାଣି
चिह्नदेना ନେବା—2. To recognise.

ଚିହ୍ନିନେବା—ଦେ. କ୍ରି—ସୁପରିଚିତ ବ୍ୟକ୍ତିକୁ ବା ବାଞ୍ଛିତ ପଦାର୍ଥକୁ
Chihninebā ଅନେକ ମଧ୍ୟରୁ ବାଛି ନେବା—To select
ଚେନେନେଓୟା what is wanted from amongst many.
चिह्नलेना

ଚିହ୍ନିପକାଇବା—ଦେ. କ୍ରି—ଚିହ୍ନିଦେବା (ଦେଖ)
Chihnipakāibā Chihnidebā (See)

ଚିହ୍ନିବା—ଦେ. କ୍ରି. (ସଂ. ଚିହ୍ନ ଧାତୁ)—୧ । ପୂର୍ବପରିଚିତ ବା ଜ୍ଞାତ
Chihnibā ବ୍ୟକ୍ତିକୁ ବା ବସ୍ତୁକୁ ଜାଣିବା; ଠଉରାଇବା; ପରିଚୟ
ଚେନା କରିବା—1. To recognise.
चिह्नाना; पहचानना ମଧ୍ୟମ ପାଣ୍ଡବେ ଚିହ୍ନି ସେ ଦିବ୍ୟ ପୁରୁଷ
(ଚିହ୍ନାଇବା—ଣିଜନ୍ତ) ବୋଇଲେ "ହେ ବୀର" ଚିହ୍ନି ପାରିଲନ୍ତି ମୋତେ ।
ଚିହ୍ନାହେବା } କର୍ମବାଚ୍ୟ ଦଧି ନ ଥ. ମହାଯାତ୍ରା ।
ଚିହ୍ନାଯିବା } ୨ । ପରୀକ୍ଷା କରି ଭଲ ମନ୍ଦ ବସ୍ତୁ ଜାଣିବା—
2. To distinguish the good from bad; to discriminate; to ascertain after testing.
ମୂଲ୍ୟ ଚିହ୍ନି ମୂଲ୍ୟ ଦେବାକୁ କେହି ନାହିଁ ସାରେ । ରାଧାନାଥ. ଉଷା ।
୩ । ଉତ୍ତମରୂପେ ଜାଣିବା—
3. To know well or intimately.
(ଯଥା—ଅକ୍ଷର ଚିହ୍ନିବା ।)
୪ । ଲକ୍ଷଣ ଦେଖି ରୋଗ ନିର୍ଣ୍ଣୟ କର
4. To diagnose a disease by symptoms.
୫ । ନିରେଖି ଦେଖିବା—
5. To mark; to observe; to perceive.

ଚିହ୍ନି କି ଲକ୍ଷ୍ମିନ ସତେ, ଭ୍ରମରଚକ୍ରଙ୍କ ମତେ
ଚନ୍ଦ୍ରକାନ୍ତ ପଡ଼ିଲୁ କିପା । ... କଣୋପକଣ୍ଠ ଚ. ଗୀତ ।

[ଦ୍ର—ଚିହ୍ନିବା କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା, ନେବା, ପକାଇବା କ୍ରିୟାର ସମାପିକା ରୂପମାନ ବ୍ୟବହୃତ ହୁଏ ।]

ଚିହ୍ନୀକୃତ—ସଂ. ବଣ. (ଚିହ୍ନ+ଅଭୂତତଦ୍ଭାବେ ଚ୍ୱି+କୃତ)—
Chihnikṛuta ଯହିଁରେ ମାର୍କା ବା ଚିହ୍ନ ମରାଯାଇଅଛି—
(ଚିହ୍ନୀକରଣ—ବି) Marked; branded.

ଚୀକ୍ (ଧାତୁ)—ସଂ—ସହ୍ୟ କରିବା—
Chīk (root) To endure.

ଚୀଚୀକୂଚୀ—ସଂ. ବି. (ଧ୍ୱନ୍ୟନୁକରଣ)—ଚଢ଼େଇମାନଙ୍କ ଚେଁ ଚୁଁ ଆଁ
Chīchīkūchī ଧ୍ୱନି—Warbling of birds (M. W.).

ଚୀଠିକା—ସଂ. ବି. (ଚିଟ୍ ଧାତୁ=ପ୍ରେରଣ କରିବା+କର୍ମ. ଇକ+ଆ)—
Chīṭhikā କାଗଜର କ୍ଷୁଦ୍ର ଖଣ୍ଡ—
A small slip of paper (M. W).

ଚୀଣ—ସଂ. ବି—ଚୀନ (ଦେଖ)
Chīṇa China (See) (M. W.).
(ଚୀଣକ—ଅନ୍ୟରୂପ)

ଚୀତ୍କାର—ସଂ. ବି. (ଚୀତ୍=ଅନୁକରଣ ଧ୍ୱନିବିଶେଷ+କୃ ଧାତୁ+
Chītkāra ଭାବ. ଅ)—୧ । ଚିତ୍କାର; ଉଚ୍ଚୈଃସ୍ୱର; ହଲ୍ଲା—
(ଚିତ୍କାର—ଅନ୍ୟରୂପ) 1. Loud cry; shout; exclamation.
୨ । ଘୋଉଘାଉ; ଗୋଳମାଳ—
2. Noise; hubbub; uproar (M. W.).

ଚୀତ୍କୃତ—ସଂ. ବି. (ଚୀତ୍+କୃ ଧାତୁ+ଭାବ. ତ)—
Chītkṛuta ଚିତ୍କାର (ଦେଖ)
Chītkāra (See)

ଚୀତ୍କୃତି—ସଂ. ବି. (ଚୀତ୍+କୃ ଧାତୁ+ଭାବ. ତି)—ଗଡ଼ଗଡ଼ ଶବ୍ଦ—
Chītkṛuti Rattling (M. W.).

ଚୀନ—ସଂ. ବି. (ଚି. ଧାତୁ=ଉପୂନ କରିବା+କର୍ମ. ନ)—
Chīna ୧ । ଚମରୀ ମୃଗ—1. A deer with bushy tail.
୨ । ଚୀନ ଦେଶ 2. The country of China.

[ଦ୍ର—ଏ ଦେଶ ଆସିଆ ମହାଦେଶର ପୂର୍ବରେ । ଏଥିର ଉତ୍ତରରେ ରୁଷିଆ, ପଶ୍ଚିମରେ ମଧ୍ୟ-ଆସିଆ, ଦକ୍ଷିଣରେ ବ୍ରହ୍ମଦେଶ, ଶ୍ୟାମ ଓ ଚୀନ ସାଗର ଓ ପୂର୍ବରେ ଚୀନ ସାଗର । ଏ ଦେଶରେ ୧୮ଟି ପ୍ରଦେଶ, ଏଥିର ରାଜଧାନୀ ପିକିଙ୍ଗ ; ଚୀନ ସାମ୍ରାଜ୍ୟ ପୂର୍ବେ ରାଜତନ୍ତ୍ର ଥିଲା, ବର୍ତ୍ତମାନ ସାଧାରଣତନ୍ତ୍ର ହୋଇଅଛି; ଅଧିବାସୀମାନେ ବୌଦ୍ଧ-ଧର୍ମାବଲମ୍ବୀ; ଚୀନାମାନେ ଆପଣା ଦେଶକୁ 'ଚଙ୍ଗକ୍ୟୁଃ' ନାମରେ ଡାକନ୍ତି । ଚୀନ ଦେଶ ବହୁ ପ୍ରାଚୀନକାଳର ସଭ୍ୟ ଥିଲା । ଭାରତ ସଙ୍ଗେ ବହୁ ପ୍ରାଚୀନକାଳରୁ ଚୀନର ସମ୍ପର୍କ ରହିଅଛି ଓ ଏ ଦେଶର ଅନେକ ପରିବ୍ରାଜକ ଭାରତ ପରିଭ୍ରମଣ କରି ଆମ ଦେଶର ଅନେକ ତଦାନୀନ୍ତନ ବିଷୟ ଲେଖି ଯାଇଅଛନ୍ତି । ମହାଭାରତ, ମନୁସଂହିତା ଆଦିରେ ଚୀନ ଦେଶର ଉଲ୍ଲେଖ ଅଛି । ଚୀନ ଦେଶରେ ବୁଣା ଅତି ବାରିକ୍ ରେସମ ଲୁଗାର ନାମରୁ ସୂକ୍ଷ୍ମ ରେସମୀ ଲୁଗାର ନାମ 'ଚୀନାଂଶୁକ' ହୋଇଅଛି । ତିବ୍ବତ, ମାଞ୍ଚୁରିଆ, ମଙ୍ଗୋଲିଆ, ତୁର୍କିସ୍ଥାନ ଏହି ଦେଶର ଅଧୀନ ରାଜ୍ୟ । ଗ୍ରନ୍ଥମୁଦ୍ରଣ ଓ ବାରୁଦକୁ ଇଉରୋପ ଚୀନଦେଶରୁ ଗ୍ରହଣ କରିଅଛି । ଖ୍ରୀଷ୍ଟପୂର୍ବ ୨୦୦୦ ବର୍ଷଠାରୁ ଚୀନଦେଶର ଧାରାବାହିକ ଇତିହାସ ମିଳେ । ଭାରତବର୍ଷରୁ ଖ୍ରୀଷ୍ଟପୂର୍ବ ୨୧୭ ଅବ୍ଦରେ ବୌଦ୍ଧଧର୍ମ ଯାଇ ଚୀନରେ ପ୍ରଚରିତ ହେଲା । ଚୀନ ଦେଶରେ କେତେକ ସ୍ତୂପ ଅଶୋକ ନିର୍ମାଣ କରିଥିବାର କଥିତ । ଏ ଦେଶର ପଶ୍ଚିମ ଓ ଉତ୍ତର ସୀମାରେ ୧୫୦୦ ମାଇଲ ଲମ୍ବର ଗୋଟିଏ ପକ୍କା ପାଚୀର ଅଛି । ଏ

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍ଯ	ଉଅ	ଢ଼
୨	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	କୃ

ସ୍ତ୍ରାଚୀର ସଂସାରର ୭ ଆଶ୍ଚର୍ଯ୍ୟ ବସ୍ତୁ ମଧ୍ୟରେ ଏକ । ଚୀନା ପୁରୁଷମାନେ ମୁଣ୍ଡରୁ ଗୋଟିଏ ଲମ୍ବ ବେଣୀ ଲମ୍ବାଉଥିଲେ ଓ ସ୍ତ୍ରୀମାନଙ୍କ ଗୋଡ଼ ପିଲାଦିନୁ ଲୁହାଜୋତାରେ ପଶି ରହୁଥିଲା । ଚୀନାମାନଙ୍କ ଲେଖା ଆମ ପରି ଧାଡ଼ି ଧାଡ଼ି ନ ହୋଇ ଖମ୍ବ ପରି ଉପରୁ ତଳକୁ ଲେଖାଯାଏ । ବୁଦ୍ଧଦେବଙ୍କ ଜନ୍ମସ୍ଥାନ ବୋଲି ଭାରତକୁ ଚୀନାମାନେ ତୀର୍ଥରୂପେ ଗଣନା କରନ୍ତି ।]

୩ । ଚିନା; କ୍ଷୁଦ୍ର ଧାନ୍ୟବିଶେଷ—3. A kind of globular small grain; millet; Panicum Miliaceum.

୪ । ଚୀନ ଦେଶବାସୀ ଲୋକ—4. A Chinese.

୫ । ଚୀନଦେଶୀୟ ପତଳା ରେଶମ ଲୁଗା—5. A thin silk stuff made in China.

ଜୃମ୍ଭୀକରସାରଦେହା ଦେହରେ,
ଚୀନ ବାସ ପରି ଭଳ ଯେ ହୁରେ । କବିସୂର୍ଯ୍ୟ. ସଙ୍ଗୀତ ।

୬ । ସୂତ୍ର; ସୂତା—6. Thread (M. W.)

୭ । ସୀସକ; ସୀସା ଧାତୁ—7. Lead (M. W.)

୮ । ପତାକା—8. Flag; banner.

୯ । ଆଖିର କୋଣ ଉପରେ ବନ୍ଧାଯିବା ପଟ୍ଟୀ (ଶୁଶ୍ରୁତ)—9. A bandage for the corners of the eyes (M. W.)

ବିଣ. —ଚୀନ୍ ଦେଶୀୟ—Of or pertaining to China.

ଚୀନକ—ସଂ. ବି. (ଚୀନ+କ)—୧ । ଚୀନ ଦେଶବାସୀ ଲୋକ—
Chinaka 1. A Chinese.

୨ । ଚୀନା ଶସ୍ୟ—2. A small grain; Panicum Miliaceum.

୩ । ଚୀନକର୍ପୂର—3. Camphor.

୪ । ସଉଁପ (ମସଲା)—4. Fennel (M. W.).

ଚୀନକର୍ପୂର—ସଂ. ବି. (କର୍ମଧା; ଚୀନ+କର୍ପୂର)—
Chinakarpūra ଏକପ୍ରକାରର କପୂର (କପୂର ଚଲେ ନୋଟ ଦେଖ)—A kind of camphor.

ଚୀନଜ—ସଂ. ବି. (ଚୀନ+ଜନ୍ ଧାତୁ+କର୍ତ୍ତୃ. ଅ)—ଇସ୍ପାତ୍
Chinaja Steel.

ଚୀନାଂଶୁକ—ସଂ. ବି. (୬ଷ୍ଠୀ ତତ୍; ଚୀନ+ଅଂଶୁକ)—ଚୀନଦେଶାଗତ
Chināmsuka ସରୁ ପଟ୍ଟବସ୍ତ୍ର—A thin silk stuff orginally imported from China.

ଚୀନାକ—ସଂ. ବି.—୧ । ଚିନା କାକୁଡ଼ି; ଏକପ୍ରକାର ଧଳା କାକୁଡ଼ି
Chināka 1. White cucumber.

୨ । ସଉଁପ; ଶତପୁଷ୍ପା—2. Fennel (M. W.)

ଚୀବର—ସଂ. ବି.—(ଚି ଧାତୁ=ସଂଗ୍ରହ କରିବା+କର୍ମ. ବର)—
Chibara ୧ । ସନ୍ନ୍ୟାସୀ (ବିଶେଷତଃ ବୌଦ୍ଧ ଓ ଜୈନ ସନ୍ନ୍ୟାସୀ) ମାନଙ୍କ ପରିଧେୟ ଜୀର୍ଣ୍ଣ ବସ୍ତ୍ର; ଚୀର; କନ୍ଥା—1. A mendicant's rags or garment.

୨ । କନା—2. A torn piece of cloth.

[ଦ୍ର—ସାହେବମାନେ ବେକରେ ଯେଉଁ କନା ଖଣ୍ଡକୁ (Necktie=ଗଳା ବନ୍ଧ ରୂପେ) ବାନ୍ଧନ୍ତି ତାକୁ "ଶେଷବନ୍ଧୀ ଭାରତୀ"ରେ ଅଜ୍ଞସୂତନ୍ତ୍ର 'ଚୀବର' ନାମ ଦେଇଅଛନ୍ତି । ଯଥା—
କୌଶେୟ ଚୀବର ଉର୍ମ୍ମିକା ଗ୍ରନ୍ଥିତ]

୩ । ଭିକ୍ଷାପାତ୍ର—3. Beggar's bowl.

୪ । ଲୁହାର ଗୁଣ୍ଡ—4. Iron filings (M. W.)

ଚୀବରୀ—ସଂ. ବି. ପୁଂ (ଚୀବର+ଅସ୍ତ୍ୟର୍ଥରେ. ଇନ୍; ୧ମା. ୧ବ)—
Chibari ବୌଦ୍ଧ ବା ଜୈନ ସନ୍ନ୍ୟାସୀ—A Buddhist or Jaina monk.

ବିଣ—ଚୀବରଧାରୀ—Wearing rags.

ଚୀଭଟ—ସଂ. ବି.- ଗମ୍ଭା କଲରା (ହରେକୃଷ୍ଣ ଦ୍ରବ୍ୟଗୁଣ)—
Chibhata A kind of Memordica.

ଚୀର—ସଂ. ବି—୧ । କନ୍ଥା; ଚିରାକନା; ଛିନ୍ନ ବସ୍ତ୍ରଖଣ୍ଡ—
Chira 1. Rag; tatter.
(ଚେଲି—ଅନ୍ୟରୂପ) ୨ । କୌପୀନ—
2. A strip or long and narrow piece of bark or cloth for wearing along the privities (M. W.)

୩ । ବୌଦ୍ଧ ସନ୍ନ୍ୟାସୀଙ୍କ ପରିଧେୟ ବସ୍ତ୍ର; ଚୀବର—3. The dress of a Buddhist monk.

୪ । ଚାରିସରିଆ ମୋତି ହାର—d. A necklace of 4 pearl-strings (M. W.)

୫ । ଚୂଡ଼ା—5. A crest (M. W.)

୬ । ବେଢ଼ ଆଦିଦ୍ୱାରା ପ୍ରହାର—6. A stripe; stroke (M. W.)

୭ । ରେଖା—7. Line. (M. W.)

୮ । ଗଛର ଛାଲ—8. Bark of a tree.

୯ । କଦର୍ଯ୍ୟ ରେଖା ଓ ଲେଖାବିଶେଷ; ଗାରସାଗାରି—9. Slovenly writing.

ଦେ. ବି - ନାଭିବନ୍ଧ; ପିନ୍ଧା ଲୁଗାର ଖୋସଣି—The knot of the wearing cloth by which it is fastened to the waist.

ଯେତେବେଳେ ଚୀର କଲେ ପ୍ରରର କ ରଖି
ବୃନ୍ଦ ସରିତକୁ ବାଳି କଣ ନକ ସଖି ଟୋ । ଉପେ. ଲାବଣ୍ୟବତୀ

ଚୀରକ—ସଂ. ବି—୧ । ଖଣ୍ଡିଏ ଛୋଟ କାଗଜରେ କୌଣସି ରାଜକୀୟ
Cheraka ଆଦେଶର ପ୍ରଚାର—1. Public announcement
(ଚୀରକା—ଅନ୍ୟରୂପ) on a slip of paper (M. W.)

୨ । କାଗଜର ଟୁକଖଣ୍ଡ; ଚିରକୁଟ—2. A small slip of paper.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଅକ୍ଷି' ଦେଖିବେ, 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ଚୀରଧାରୀ—ସଂ. ବିଣ (ଉପପଦ ତତ୍‌ପୁରୁଷ; ଚୀର+ଧୃ. ଧାତୁ+ଇନ୍)—
Chiradhārī ଯେ ଛିଣ୍ଡା କନା ପିନ୍ଧେ; କୌପୀନଧାରୀ—Wearing rags.

ଚୀରଭବନ୍ତୀ—ସଂ. ବି. ସ୍ତ୍ରୀ—ସ୍ତ୍ରୀଙ୍କ ବଡ଼ ଭଉଣୀ; ବେଢ଼ଶାଶୁ—
Chirabhabanti The elder sister of one's wife (M. W.)

ଚୀରା—ସଂ. ବି (ଚୀର+ଅ)—୧ । କନା—
Chira 1. A piece of cloth (M. W.)
୨ । ଚିରା କନା; ଲେଙ୍ଗୁଟି—2. Rag (M. W.).

ଚୀରା (ଇତ୍ୟାଦି)—ଦେ. ତଣ—ଚିରା ଇତ୍ୟାଦି (ଦେଖ)
Chirā (etc) Chirā etc (See).

ଚୀରାଣି—ଦେ. ବିଣ—ଛିଣ୍ଡା—Torne.
Chirāṇi ଚୀରାଣି ବସ୍ତ୍ର ପଥେ ଦେଖି
ତାର ଗ୍ରହଣେ ହୋଇଲି ସୁଖୀ—ଜଗନ୍ନାଥ. ଭାଗବତ ।

ଚୀରି—ସଂ. ବି— ଅଖିକୁ ଘୋଡ଼ାଇବାପାଇଁ ବ୍ୟବହୃତ ଓଢ଼ଣା—
Chiri A veil for the eyes (M.W.)

ଚୀର୍ଣ୍ଣ—ସଂ. ବିଣ (ଚର୍ ଧାତୁ=ବିଭାଗ କରିବା+କର୍ମ. କ୍ତ)—
Chirṇna ୧ । ବିଦୀର୍ଣ୍ଣ—1. Pierced; split up.
୨ । ଖଣ୍ଡିତ; ବିଭକ୍ତ—2. Divided; cut into
୩ । କୃତ; ସମ୍ପାଦିତ—3. Done; accomplished.
୪ । ଅନୁଶୀଳିତ—4. Studied; persued.
୫ । ସଞ୍ଚିତ—5. Stored; collected.
୬ । ଚିରା ହୋଇଥିବା—6. Torne.
୭ । ଅଭ୍ୟସ୍ତ—7. Practised.
୮ । ଆଚରିତ (ବ୍ରତ)—8. Observed (vow).

ଚୀର୍ଣ୍ଣପର୍ଣ୍ଣ—ସଂ. ବି (ବହୁବ୍ରୀହି; ଚୀର୍ଣ୍ଣ+ପର୍ଣ୍ଣ; ଯେଉଁ ଗଛର ପତ୍ର ଖଣ୍ଡିତ)—
Chirṇnaparṇṇa ୧ । ନିମ୍ବ ଗଛ—1 The Neem tree; Margosa; Melia Azadirachta.
୨ ଖଜୁରି ଗଛ—2. The date-palm; Phoenix Sylvestris.

ଚୀଲି—ଦେ. ବି—ଚିଲିକାର ଏକପ୍ରକାର ମାଛ—
Chili A class of fish found in the Chilka lake

ଚୀଲ୍ଲକ—ସଂ. ବି—ଚିଙ୍ଗୁଡ଼ିମାଛ (; ହି. ଶବ୍ଦସାଗର)—
Chillaka Shrimp.

ଚୁ— ଦେ. ବି—ଚୁଚୁକାର (ଦେଖ)
Chu Chuchukāra (See)

ଚୁଆ— ଦେ. ବି. (ସଂ. ଚ୍ୟୁ ଧାତୁ=କ୍ଷରିତ ହେବା)—
Chuā ୧ । ସୁଗନ୍ଧ ତୈଳବିଶେଷ—
ଚୁଆ 1. A kind of fragrant oil extracted by
चोआ destructive distillation of resin and some other fragrant articles; a strong oil-like perfume.

[ଦ୍ର— ଝୁଣା ସଙ୍ଗେ ବେଣାମୂଳ, ଚନ୍ଦନକାଠଗୁଣ୍ଡି, ମୁଥା, କସ୍ତୁରି ମିଶାଇ ତାକୁ ମୁହଁ ନଳୁଆ ହୋଇ ବନ୍ଦ ଥିବା ହାଣ୍ଡିରେ ପୁରାଇ ନିଆଁରେ ବସାଇବାକୁ ହୁଏ । ହାଣ୍ଡିର ଉପର ଧାଡ଼ି ପଲମରେ ଗୋଟିଏ ଛିଦ୍ର ଥାଏ । ସେହି ଛିଦ୍ରବାଟେ ବାହାରିବା ଧୂଆଁକୁ ବକଯନ୍ତ୍ର ଦ୍ୱାରା ଥଣ୍ଡା କଲେ ସେଥିରୁ ଯେଉଁ ରସ ନିଗିଡ଼େ ତାହାହିଁ ସୁବାସିତ ତୈଳବତ୍ ଚୁଆ ଅଟେ । ପୂର୍ବକାଳରେ ସ୍ତ୍ରୀମାନେ ଓ ଏବେ ମଧ୍ୟ ପ୍ରାଚୀନାମାନେ ଚନ୍ଦନ ଓ ହଳଦୀ ସଙ୍ଗେ ଚୁଆ ମିଶାଇ ଦେହରେ ଲଗାଉଥିଲେ । ଓଡ଼ିଶାର ଲୋକେ ଏହାକୁ ଗୁଣ୍ଡିରେ ମିଶାନ୍ତି । କଟକରେ ବହୁ ପରିମାଣରେ ହାଣ୍ଡି ସାହାଯ୍ୟରେ ଚୁଆ ତିଆରି ହୁଏ ।

ଆଇନ୍-ଇ-ଆକବରୀରେ ଲେଖାଅଛି ଯେ, ଏକପ୍ରକାର ଗଛର ଚେରକୁ କାଟି ଅଣି ମାଟି ତଳରେ କିଛି ଦିନ ପୋତି ରଖିବା ପରେ ଚେରର ଯେଉଁ ଅଂଶ ସଢ଼ି ଯିବାର ତାହା ସଢ଼ିଯାଏ । ଯେଉଁ ଅଂଶ ବାକି ରହେ ତାକୁ ୧ ସପ୍ତାହ ପାଣିରେ ବୁଡ଼ାଇ ରଖାଯାଏ । ପରେ ସେହି ଜଳକୁ ଗୋଟିଏ ସରୁ ମୁହାଁ ବୋତଲରେ ପୁରାଇ ବୋତଲର ମୁହଁ ଅଚ୍ଛା କରି ମୁଦ ଦିଆଯାଏ ଓ ଉକ୍ତ ବୋତଲକୁ ଓଲଟାଇ କରି ତଳେ ଛିଦ୍ର ଥିବା ଅନ୍ୟ ଗୋଟିଏ ବୋତଲ ଉପରେ ବସାଇବାକୁ ହୁଏ ଓ ସବୁ ତଳେ ଗୋଟିଏ ଜଳପୂର୍ଣ୍ଣ ପାତ୍ର ରଖି ଏହି ପାତ୍ରର ଚାରି ପାଖେ ଘସିକିଆଁ ଦ୍ୱାରା ସାମାନ୍ୟ ତାପ ପ୍ରୟୋଗ କରାଯାଏ । ଏପରି କଲାରୁ ତାପ ଲାଗି ଯାହା ଚୁଆଇ ହୋଇ ତଳବୋତଲରେ ଜମା ହୁଏ ତାହାହିଁ 'ଚୁଆ' । ଏହି ଚୁଆକୁ ପୁଣି ଗୋଲାପପାଣିରେ ଧୂଆଯାଏ । ଜ୍ଞାନେନ୍ଦ୍ରଙ୍କ ଉଦ୍ଧୃତ ପାଞ୍ଚକଡ଼ି ବନ୍ଦୋପାଧ୍ୟାୟ]

୨ । (ସଂ. କୂପ) ଝର ଜଳ ନିମନ୍ତେ ଖୋଳାଯାଇଥିବା
पातकुया, कुआँ କ୍ଷୁଦ୍ର ତଡ଼ାଗ ବା ଗର୍ତ୍ତ—2. Small hole or
गढ़ा pit made for collecting underground water which filteres into it.

ପ୍ରାଦେ. (ସମ୍ବଲପୁର) ବି—କୂଅ; କୂପ—Well.

ଚୁଆଇବା—ଦେ. କ୍ରି. (ସଂ. ଚ୍ୟୁ ଧାତୁ)—
Chuāibā ଚୁଆଁଇବା (ଦେଖ)
Chuāniba (See)

ଚୁଆଁ—ଦେ. ବି. (ଧ୍ୱନ୍ୟନୁକରଣ)—୧ । ଚୁଁଚୁଁ (ଦେଖ)
Chuān 1. Chunchun (See)
୨ । ଚୁଆ ୨ (ଦେଖ)
2. Chuā 2 (See)

ପକ୍ଷିମାନଙ୍କ ଶାବକଘାଟେ ଅର୍ଦ୍ଧ
ଚୁଆଁ ବଳପାଗେ ଗଳପତ୍ର ବର୍ଦ୍ଧି । ଉ. ଦ୍ବୀ. ଋଷିକୁଲ୍ୟା ।

ପ୍ରାଦେ. (ବସ୍ତର) ବି—କୁଅ—Well.

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଂ	ଉଅ	ଘ
୨.	ଈ	ଉ	ରୁ	ଲୃ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସଂ	ଗଂ୍ୟ	ଇଅ	ଙ୍ଘ	ନ୍ଦ

ଚୁଆଁଇବା—ଦେ. କ୍ରି. (ସଂ. ଚ୍ୟୁ ଧାତୁ = କ୍ଷରିତ ହେବାର ଣିଜନ୍ତ)—
Chuāñibā — ୧ । ବକଯନ୍ତ୍ରଦ୍ୱାରା କୌଣସି ବସ୍ତୁରୁ ଅଗ୍ନି
ଚୁୟାନ, ଚୁଁୟାନ — ଉତ୍ତାପରେ ବାଷ୍ପ ବାହାର କରି ସେହି ବାଷ୍ପକୁ
ଚୁଆନା — ଶୀତଳପାତ୍ରସ୍ପର୍ଶରେ ଥଣ୍ଡା କରି ଅର୍କ ବାହାର କରିବା—1. To distil; to cause to ooze.

୨ । ଚୁଇଁବା (ଦେଖ)
2. Chuiñbā (See)

୩ । (ସଂ. ଚଡ୍ ଧାତୁ) ନିଦ ଭଙ୍ଗାଇବା—
3. To awaken a person from sleep; to rouse.

ଚୁଆଁଚୁଇଁ—ଦେ. ବି. (ଧ୍ୱନ୍ୟନୁକରଣ)—ଚୁଁଚୁଁ (ଦେଖ)
Chuāñchuiñ — Chuñchuñ (See)

ଚୁଆଁଚୁହୁଁ, ଚୁହାଁଚୁହୁଁ } ଅନ୍ୟରୂପ — ଦେ. ବି ଓ ବିଣ—ପରସ୍ପରକୁ ଚାହିଁବା—
Looking at each other.

ମା ଶୋକକର ଏସନ ବଚନ ଶୁଣି
ୟୁହିଁ ଚୁଆଁଚୁହୁଁ ହେଲେ ବିବେକ କୃମଣି । ସାରଳା. ମହାଭାରତ. ଅଦି

ଚୁଆଡ଼—ଦେ. ବି ଓ ବିଣ— ଚୁହାଡ଼ (ଦେଖ)
Chuārdā — Chuhārdā (See)

ଚୁଇଁ—ଦେ. ବିଣ. (ଅନ୍ୟ ଶବ୍ଦର ପୂର୍ବରେ ବ୍ୟବହୃତ ହୁଏ; ସଂ. ଶିଶୁ)—
Chuiñ — ଅତି ଛୋଟ—Very small; tiny.
କଚି — (ଯଥା—ଚୁଇଁ କଇଡ଼, ଚୁଇଁ ମାଙ୍କଡ଼, ଚୁଇଁ ମୂଷା ।)
ଟେନୀ

ଚୁଇଁବା—ଦେ. କ୍ରି—ଚୁଇବା (ଦେଖ)
Chuiñbā — Chuibā (See)

ଚୁଇ ପଡ଼ିବା—ଦେ. କ୍ରି. (ସଂ. ଚ୍ୟୁ ଧାତୁ)—ଠୋପା ଠୋପା ହୋଇ
Chui pardibā — ପଡ଼ିବା—To flow down; to fall in drops; to ooze.

ଚୁଇ ପଡ଼ୁଥାଇ ଅଧରୁ ରଙ୍ଗ । ଅଭିମନ୍ୟ. ବଦଗ୍ଧଚନ୍ତାମଣି ।

ଚୁଇବା—ଦେ. କ୍ରି. (ସଂ. ଚ୍ୟୁ ଧାତୁ = କ୍ଷରିତ ହେବା—
Chuibā — କ୍ଷରିବା; ଝରିବା—To ooze; to fall down
ଚୁଁୟା — in drops; to be distilled.
ଚୁନା
(ଚୁଇଁବା—ଅନ୍ୟରୂପ)

ଚୁଇଲି—ପ୍ରାଦେ. (ସମ୍ବଲପୁର) ବି. (ତୁଳ. ହି. ଚୁପଲୁଶୀ; ସଂ. ଚୃଟୁ)—
Chuili — ଖୋସାମଦ; ଚାଟୁବାକ୍ୟ—Flattery.

ଚୁଉଁ ଚୁଉଁ—ଦେ. ବି. (ଧ୍ୱନ୍ୟନୁକରଣ)—ଚୁଁଚୁଁ (ଦେଖ)
Chu-uñ chu-uñ — Chuñ chuñ (See)

ଚୁଉଁ ଚୁଉଁ କରି ତାକୁ ମୋହେ
ହାଟୋର ଶିଶି ଠାଉରୁ ସେତେ । ଧୋଭେ ବାଘ୍ରା ଝୋ ।

ଚୁଁ—ଦେ. ବି (ଧ୍ୱନ୍ୟନୁକରଣ)—୧ । ଚୁଁଚୁଁ (ଦେଖ)
Chuñ — 1. Chuñchuñ (See)
ଚୁଁ — ୨ । ଚୁମ୍ବନଜନିତ ଶବ୍ଦ—
ଚୀଁ, ଚୁଁ — 2. Sound of loud kissing.

୩ । ଅତି ସାମାନ୍ୟ ମାତ୍ର ଶବ୍ଦ—
3. Very slight sound.

ଚୁଁ କରିବା—ଦେ. କ୍ରି—ଜିଭ ଓ ଦନ୍ତମୂଳ ସାହାଯ୍ୟରେ ପାଟି ଦ୍ୱାରା
Chuñ karibā — ଚୁଁ ଚୁଁ ଶବ୍ଦ କରିବା—To make a
ଚୁଁକରା — squeaking sound with the tongue and teeth.

ଚୁଁକାର—ସଂ. ବି—ଚୁଁ ଚୁଁ ଶବ୍ଦ—The sound of making
Chuñkāra — slight squeaking sound with the mouth.

ଗୃହଦ୍ୱାରରେ ଦେଖି ସତୀ ସଲକ୍ଷ
ଚୁଁକାରେ ଡାକୁ କରି ଅଧିର ଚୋଳ—ଭକ୍ତ. ରସପଞ୍ଚକ ।

ଚୁଁକୃତି—ସଂ.ବି (ଚୁଁ + କୃତି)—ଚୁମ୍ବନ ଦେଲାବେଳେ ଜାତ ହେବା ଚୁଁ ଚୁଁ
Chuñkṛuti — ଶବ୍ଦ—The sound produced by kissing.

ମଧୁ ମଧୁର ବଧୂ ଅଧର କଶୋର ବରି ବଦନାମ୍ବୁଜ
ବନ୍ଦ ଚୁମ୍ବନ ଚୁଁକୃତସ୍ଥଳ ମେଳା ।—କବିସୂର୍ଯ୍ୟ ବଳଦେବ ରଥ । ମ. ଗୀତ ।

ଚୁଁଚାଁ—ଦେ. ବି. (ଧ୍ୱନ୍ୟନୁକରଣ)—ସବଳ ବ୍ୟକ୍ତିର କୃତ କର୍ମରେ ଦୁର୍ବଳ-
Chuñchāñ — ବ୍ୟକ୍ତିର ବିରୋଧ ବା ଅସମ୍ମତିସୂଚକ ଶବ୍ଦ—
ଚୁଁଚାଁ — Any sound indicating protest of a weak
ଚାଁ ଚପଡ଼ — person against the doings of a strong person.

ଚୁଁ ଚୁଁ—ଦେ. ବି. (ଧ୍ୱନ୍ୟନୁକରଣ)—୧ । ବୋହୂଝିଅଶୁଣୀମାନେ
Chuñchuñ — ଗୁରୁଜନ ମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇ
ଚୁଁ; — କଥା କହି ନ ଜାଣି ଦାନ୍ତ ଓ ଜିଭ ସାହାଯ୍ୟରେ ଉଚ୍ଚାରଣ
ଚୁଁଚୁଁ; ଚାଁଚାଁ — କରିବା ଚୁଁ ଚୁଁ ମଧୁର ଶବ୍ଦ—(ଏ ଶବ୍ଦ ଜିଭ ଓ
ଛୁଛୁ — ଉପର ଦାନ୍ତମୂଳଦ୍ୱାରା ଦୁଇ ଓଠର ମଝିଦେଇ ପବନକୁ ଭିତରକୁ ଟାଣିନେବାର ଈଷତ୍ ଚେଷ୍ଟାଦ୍ୱାରା ଉତ୍ପନ୍ନ ହୁଏ; ଚୁଁ ଚୁଁ କରିବା ପ୍ରଥା ବଙ୍ଗଦେଶରେ ନାହିଁ)—1. A squeaking sound made by newly come daughters-in-law with the tongue and teeth, to draw the attention of the elderly females.

[ଦ୍ର—ହିନ୍ଦୁ ସମାଜରେ ବଧୂ, ଶାଶୁ ଓ ଗୁରୁଜନମାନଙ୍କ ସଙ୍ଗେ ପାଟିକରି କଥା କହିବା ନଷିଦ୍ଧ ଅଟେ । ଏଣୁ ଉତ୍କଳରେ ଚୁଁ ଚୁଁ ଧ୍ୱନିଦ୍ୱାରା ଗୁରୁଜନମାନଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ହାତର 'ଠାର' ଦ୍ୱାରା ବଧୂମାନେ ଗୁରୁଜନଙ୍କ ନିକଟରେ ନିଜର ମନୋଗତ ଭାବ ପ୍ରକାଶ କରନ୍ତି । ଅତି କୋମଳ ଓ ମଧୁର ଚୁଁ ଶବ୍ଦ ଉଚ୍ଚାରଣପୂର୍ବକ ହାତର ଠାରଦ୍ୱାରା ବଧୂମାନଙ୍କର ଗୁରୁଜନଙ୍କ ଆଗେ ଭାବ ପ୍ରକାଶ କରିବା କ୍ରମଶଃ ଶିକ୍ଷିତ ସମାଜରୁ ଲୁପ୍ତ ହେଉଅଛି ଓ ଏତଦ୍ୱାରା ସ୍ତ୍ରୀମାନଙ୍କର ଗୋଟିଏ 'କଳା' ଲୁପ୍ତ ହେଉଅଛି ।

୨ । ଚୁଚୁନ୍ଦ୍ରର ଶବ୍ଦ—2. Squeaking of a mole.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଏଣୁ ସେମାନେ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍ବଡ଼' ଦେଖିବେ

ଚୁଁଚୁଁଆଁ—ଦେ. ବି.—୧ । ଚୁଚୁମ୍ବା (ଦେଖ)
Chuñchuñāñ 1. Chuchumā (See)
୨ । ଚୁଁ ଚୁଁ ଶବ୍ଦ—2. Squeaking sound.

ଚୁଁଟ୍ରା—ପ୍ରାଦେ. (ସମ୍ବଲପୁର) ବିଣ.—ଚୁଗୁଲିଆ—
Chuñt-rā Tell-tale; backbiting.

ଚୁଁଟି—ପ୍ରାଦେ. (ସମ୍ବଲପୁର) ବି.—ଚୁଟି—
Chuñti A tuft.

ଚୁଁଟିଆ—ପ୍ରାଦେ. (ସମ୍ବଲପୁର) ବି.—(ସଂ. ଚଟକ)—ଘରଚଟିଆ ଚଢ଼େଇ
Chuñtiā — Sparrow.

ଚୁଁ ମାରିବା—ଦେ. କ୍ରି.—ଚୁଁ କରିବା (ଦେଖ)
Chuñ māribā Chuñ karibā (See)

ଚୁକ୍ (ଧାତୁ)—ସଂ.—ତୃପ୍ତ ହେବା—
Chuk (root) To be satisfied

ଚୁକ୍—ଦେ. ବି.—(ଭୁଲ୍ ଚୁକ୍ ଶବ୍ଦରେ ଭୁଲ୍ ଶବ୍ଦର ସହଚରରୂପେ,
Chuk ଚୁକ୍=ଭୁଲ୍; ସଂ. ଚ୍ୟୁତ)—୧ । ଭୁଲ୍; ଭ୍ରମ—
ចুক 1. Mistake; error; blunder; oversight.
ভুক ୨ । ବିସ୍ମୃତି—2. Forgetting.
୩ । ଅଭାବ—3. Defect; omission.

ଚୁକ୍‌ଚୁକ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଚୁକୁ ଚୁକୁ (ଦେଖ)
Chukchuk Chuku chuku (See)

ଚୁକ୍‌ଚୁକିଆ—ପ୍ରାଦେ. (ସମ୍ବଲପୁର) ବି.—ଅଗବୋଲା; କଦର୍ଥକ କଥା, ବା
Chukchukiā ପଚରା ନ ହେଉଣୁ କଥା କହିବା (ବ୍ୟକ୍ତି)—
(a person) Who speaks unasked.

ଚୁକି—ଗ୍ରା. ବିଣ. ପୁଂ (ଅଶ୍ଳୀଳ)—ଚୁକା (ଦେଖ)
Chuka Chukā (See)
(ଚୁକୀ—ସ୍ତ୍ରୀ)

ଚୁକଣା—ଗ୍ରା. ବିଣ. ପୁଂ (ଅଶ୍ଳୀଳ)—ଚୁକା (ଦେଖ)
Chukaṇā Chukā (See)
(ଚୁକଣୀ—ସ୍ତ୍ରୀ)

ଚୁକଣୀ (ଇତ୍ୟାଦି)—ଚୁକୁଣୀ ଇତ୍ୟାଦି (ଦେଖ)
Chukaṇi (etc) Chukuṇi etc. (See)

ଚୁକା—ଗ୍ରା. ବିଣ. ପୁଂ. (ଅଶ୍ଳୀଳ)—(ସଂ. ଚୁକ୍ ଧାତୁ=ତୃପ୍ତ ହେବା)—
Chukā ଯେ ଅନ୍ୟ ବ୍ୟକ୍ତିର କାମବୃତ୍ତିକୁ ଅସ୍ୱାଭାବିକ ପ୍ରକ୍ରିୟା,
(ଚୁକୀ—ସ୍ତ୍ରୀ) ଅର୍ଥାତ୍ ମୁଖଦ୍ୱାରା ଶାନ୍ତ କରାଏ—One who pacifies another's lust by repeatedly sucking his male organ; sodomite; bugger.

ଗ୍ରା. ବି. (ଅଶ୍ଳୀଳ)—ମୁଖରତି—
Sodomy by means of the mouth; buggery.

ପ୍ରାଦେ. (ସମ୍ବଲପୁର) ବିଣ.—ଟଟ୍କା—Fresh.
ବି.—ନିଷ୍ପତ୍ତି—Decision.

ଚୁକାଇବା—ଦେ. କ୍ରି.—(ବଙ୍ଗଳା ଓ ହିନ୍ଦୀରୁ ଅନୁକୃତ)—୧ । ନିଷ୍ପତ୍ତି
Chukāibā କରିବା; ଶେଷ ହିସାବ ନିକାଶ କରିବା—
चुकाना 1. To settle accounts finally.
चुकाना ୨ । ଋଣ ଅର୍ଥ ଦେଇସାରି ବାକୀ ପରିଶୋଧ କରିବା—
(ଚୁକେଇବା—ଅନ୍ୟରୂପ) To liquidate a loan.

ଗ୍ରା. କ୍ରି. (ଅଶ୍ଳୀଳ) ଅନ୍ୟ ବ୍ୟକ୍ତିର ମୁଖଦ୍ୱାରା ଆପଣାର କାମବୃତ୍ତି ଚରିତାର୍ଥ କରାଇବା—To pacify lust through another's mouth; to have one's male organ sucked by another.

ଚୁକାଣ୍ଡିଆ—ଗ୍ରା. ବିଣ. ପୁଂ. (ପୁରୁଷଙ୍କ ପ୍ରତି ଗାଳି)—
Chukāṇḍiā ୧ । ବେହିଆ; ଲଣ୍ଡ—1. Shameless.
୨ । ଚୁକା (ଦେଖ)
2. Chukā (See)

ଚୁକା ମାରିବା—ପ୍ରାଦେ. (ଜୟପୁର) କ୍ରି—ଗାଣ୍ଡି ମାରିବା (ଦେଖ)
Chukā māribā Gāṇḍi māribā (See)

ଚୁକିବା—ପ୍ରାଦେ. (ଗଡ଼ଜାତ) କ୍ରି. (ସଂ. ଚୁକ୍ ଧାତୁ=ତୃପ୍ତ ହେବା-
Chukibā ତୁଳ. ଇଂ. ସକ୍=ଶୋଷିବା; ଚୁଚୁମ୍ବିବା)—
୧ । ସ୍ତନ୍ୟପାନ କରିବା—1. To suck milk.
୨ । ଭ୍ରମରେ ପଡ଼ିବା (ନବେ)—
2 To commit a mistake.

ଗ୍ରା. କ୍ରି. (ଅଶ୍ଳୀଳ)—ଅନ୍ୟ ବ୍ୟକ୍ତିର କାମପ୍ରବୃତ୍ତି ଚରିତାର୍ଥ କରିବା ନିମନ୍ତେ ତାହାର ଉପସ୍ଥକୁ ଚୁଚୁମ୍ବିବା
To pacify a male person's lust by sucking his male organ.

ଚୁକୀ—ଗ୍ରା. ବିଣ ସ୍ତ୍ରୀ. (ଗାଳି)—ଚୁକୁଣୀ (ଦେଖ)
Chuki Chukuṇi (See)
ପ୍ରାଦେ. (ଜୟପୁର) ବିଣ—ସ୍ତ୍ରୀମାନଙ୍କ ପ୍ରତି ସାଧାରଣ ପ୍ରଚଳିତ ଗାଳିବିଶେଷ A term of abuse used generally to women.

ଚୁକୀପୁଅ—ଗ୍ରା. ବି ପୁଂ. (ଗାଳି)—ଚୁକୁଣୀପୁଅ (ଦେଖ)
Chukipua Chukuṇipua (See)
(ଚୁକୀପୋ—ଅନ୍ୟରୂପ)

ଚୁକୁଚୁକିଆ—ପ୍ରାଦେ. (ସମ୍ବଲପୁର) ବି—ଚୁକ୍‌ଚୁକିଆ (ଦେଖ)
Chukuchukiā Chukchukiā (See)

ଚୁକୁଚୁକୁ—ଦେ. ଅ (ଧ୍ୱନ୍ୟନୁକରଣ)—ଚୁକୁଚୁକୁ ଶବ୍ଦ; ଦୁଗ୍ଧାଦି ଜିହ୍ୱାଦ୍ୱାରା
Chukuchuku ପିଇବାର ଶବ୍ଦ; ବାଳକର ମାଆଦୁଧ ଚୁଚୁମ୍ବି
चुकचुक; चुकचुकानि ଖାଇବାର ଶବ୍ଦ—The sound produced by
चपड़ चपड़ licking milk or of a child sucking milk; the sound of lapping gently.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଣ,ଷ	ଙ୍କ	ଇସ୍	ତ୍ଥ	ହ୍ମ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଙ୍ଗ୍ୟ	ଇଥ	୭	ହ୍ମ

ଚୁକୁଣା — ଗ୍ରା. ବଣ. ପୁଂ. (ଅଶ୍ଳୀଳ) — ଚୁକା (ଦେଖ)
Chukuṇā — Chukā (See)
(ଚୁକୁଣୀ — ସ୍ତ୍ରୀ)

ଚୁକୁଣିଆଁ — ଗ୍ରା. ବଣ. ପୁଂ. (ଅଶ୍ଳୀଳ) — ଚୁକା (ଦେଖ)
Chukuṇiā̃ — Chukā (See)
(ଚୁକେଇ; ଚୁକୁଣୀ — ସ୍ତ୍ରୀ)

ଚୁକୁଣୀ — ଗ୍ରା. ବଣ. ସ୍ତ୍ରୀ. (ଗାଳି) — ଯେଉଁ ସ୍ତ୍ରୀ ଅସ୍ୱାଭାବିକ ଭାବରେ ଅର୍ଥାତ୍ ମୁଖଦ୍ୱାରା ପୁରୁଷର କାମ ପ୍ରବୃତ୍ତି ଶାନ୍ତ କରେ —
Chukuṇi — A woman who satisfies a man's lust through her mouth.

ଚୁକୁଣୀପୁଅ — ଗ୍ରା. ବି. ପୁଂ. (ଗାଳି — ଅସ୍ୱାଭାବିକ କ୍ରିୟାନୁରକ୍ତା ମାତାର ପୁତ୍ର)
Chukuṇipua — A term of abuse; (reflecting on the mother's unnatural propensities or sodomy).
(ଚୁକୁଣୀପୋ — ଅନ୍ୟରୂପ)

ଚୁକୁତି — ଗ୍ରା. ବି — ଚୁକ୍ତି (ଦେଖ)
Chukuti — Chukti (See)

ଚୁକୁରାଇବା — ଗ୍ରା. କ୍ରି. (ଅଶ୍ଳୀଳ) — ଦୁଇଟି ସ୍ତ୍ରୀଲୋକ ପରସ୍ପରକୁ ଆଲିଙ୍ଗନ କରି ପରସ୍ପର ଯୋନି-ମଣି ଘର୍ଷଣପୂର୍ବକ ଉଭୟଙ୍କର ଇନ୍ଦ୍ରିୟବୃତ୍ତି ଚରିତାର୍ଥ କରିବାର ଚେଷ୍ଟା କରିବା —
Chukurāibā — (two women) To hug each other and satiate lust.
চপটিলড়াইকরা
चपटिलढ़ाना; चपटि खेलना
(ଚୁକୁରାଚୁକୁରି ହେବା; ଚୁକୁରେଇବା — ଅନ୍ୟରୂପ)

ଚୁକୁରି — ଗ୍ରା. ବି. ସ୍ତ୍ରୀ. (ଅଶ୍ଳୀଳ) — ଯେଉଁ ସ୍ତ୍ରୀ ଅନ୍ୟସ୍ତ୍ରୀକୁ ପୁନଃପୁନଃ ଆଲିଙ୍ଗନ ଓ ଚୁମ୍ବନାଦିଦ୍ୱାରା ନିଜର ଇନ୍ଦ୍ରିୟବୃତ୍ତି ଚରିତାର୍ଥ କରେ — A woman addicted to embracing and hugging another woman to satiate lust.
Chukuri
चपटबाज; चपठाई

ଚୁକେଇ (ଇତ୍ୟାଦି) — ଚୁକୁଣୀ ଇତ୍ୟାଦି (ଦେଖ)
Chukei (etc) — Chukuṇi etc (See)

ଚୁକ୍କାର — ଦେ. ବି — ହିଁ ହିଁ ନାଦ —
Chukkāra — Roaring sound.

ଚୁକ୍ତି — ଦେ. ବି. (ସ ଚ୍ୟୁତକୃତି; ପ୍ରା. ଚୁକ୍କି ହି. ଶବ୍ଦସାଗର) —
Chukti — ୧ । ଶେଷ ନିଷ୍ପତ୍ତି — 1. Final decision.
চুকতি; চুক্তি
चुकता; चुकती; चुक्ति
୨ । ବିବାଦର ମୀମାଂସା ବା ସମାଧାନ — 2. Settlement of a dispute.
୩ । ହିସାବର ବା ଦେୟ୍ୟଟଙ୍କାର ବିବାକ ପରିଶୋଧ; ଋଣାଦିର ଶେଷ ନିଷ୍ପତ୍ତି — 3. Final settlement of accounts or payment; liquidation of a loan.
୪ । ଅଙ୍ଗୀକାର; କୌଣସି କାର୍ଯ୍ୟ କରିବା ପାଇଁ ଜବାବ୍ — 4. Agreement; promise.
୫ । ଉଭୟପକ୍ଷଦ୍ୱାରା ସ୍ୱୀକୃତ ଜବାବ — 5. Contract.
୬ । ଶେଷ; ଅନ୍ତ — 6. End; finish.

ଚୁକ୍ତି ଆଇନ — ଯେଉଁ ଆଇନରେ ଚୁକ୍ତି ବା ଦୁଇଜଣଙ୍କ ମଧ୍ୟରେ କରାଯିବା ଜବାବର ବିଧିମାନ ଲିପିବଦ୍ଧ ହୋଇଅଛି —
Chukti āin — The Law of Contract.
চুক্তিআইন
चुकतिआईन

ଚୁକ୍ତିପତ୍ର — ଦେ. ବି — ଅଙ୍ଗୀକାର ପତ୍ର —
Chuktipatra — Deed of agreement; deed of contract.

ଚୁକ୍ତିଭଙ୍ଗ — ଦେ. ବି — ଅଙ୍ଗୀକାରର ଲଙ୍ଘନ —
Chuktibhaṅga — Breach of contract or agreement.

ଚୁକ୍ର — ସ. ବି (ଚୁକ୍ ଧାତୁ = ବ୍ୟଥିତହେବା + କରଣ.ର) — ଚୁକ୍ରକ (ଦେଖ)
Chukra — Chukraka (See)

ଚୁକ୍ରକ — ସ. ବି (ଚୁକ୍ର + ସ୍ୱାର୍ଥେ. କ) — ୧ । ଖଟାପାଳଙ୍ଗ ଶାଗ; ଅମ୍ଳବେତସ ଶାଗ — 1. A kind of sour sorrel (pot-herb).
Chukraka
୨ । ଏକପ୍ରକାର କାଞ୍ଜି — 2. A kind of sour gruel.

ଚୁଗୁଡ଼ା — ପ୍ରାଦେ (ସମ୍ବଲପୁର) ବି — ଏକପ୍ରକାର ଛତୁ —
Chugurḍā — A kind of mushroom.

ଚୁଗଲ (ଇତ୍ୟାଦି) — ଚୁଗୁଲି ଇତ୍ୟାଦି (ଦେଖ) —
Chugala (etc) — Chuguli etc (See)

ଚୁଗୁଲ (ଇତ୍ୟାଦି) — ଚୁଗୁଲି ଇତ୍ୟାଦି (ଦେଖ) —
Chugula (etc) — Chuguli etc (See)

ଚୁଗୁଲି — ବୈଦେ. ବି (ଅ. ଚୁଗଲ୍) — ଖଳ; ପଶ୍ଚାତରେ କୌଣସି ବ୍ୟକ୍ତିର ନିନ୍ଦା — Slander; calumny; backbiting tale-bearing.
Chuguli
চুক্‌লি; চুগ্‌লি
चुगलि; चाड़ि
ଯେଣୁ ଚଗୁଲି ନାନାମତେ କଲେ,
ଅପେ ଚେମଣା ବାବୁ ବାହାରଲେ । ବ୍ରଜନାଥ. ସମରତରଙ୍ଗ ।

ଚୁଗୁଲିଆ — ଦେ. ବଣ — ଖଳୁଆ; ଯେ ପରୋକ୍ଷରେ ଅନ୍ୟର ନିନ୍ଦାକରେ —
Chuguliā — Slanderer.
চুগলে
चुगल; चुगलखोर

ଚୁଗୁଲି କରିବା — ଦେ. କ୍ରି — ପରୋକ୍ଷରେ ପରର ବଦନାମ କରିବା —
Chuguli karibā — To backbite; to calumniate or slander a person behind his back.
চুকলিখাওয়া
चुगलिकहना, चाड़िखाना
(ଚୁଗୁଲିଖାଇବା — ଅନ୍ୟରୂପ)

ଚୁଗୁଲିଖୋର୍ — ବୈଦେ. ବି (ଅ. ଚୁଗଲ୍ + ଫା. ପ୍ରତ୍ୟୟ ଖୋର୍) —
Chugulikhor — ୧ । ଖଳୁଆ; ଯେ ଖଳ କରେ — 1. A backbiter; slanderer.
चुगलखोर ୨ । ଯେ ଖଳ କଥା ଶୁଣେ — 2. One who gives ear to slanders behind another's back.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗିଆ ନ ପାଇଲେ 'ଆଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚୁଙ୍ଗଚୁଙ୍ଗ — ଦେ. ବଣ—ଅସ୍ଥିର—
Chungchung — Restive; restless.
চংবং

ଚୁଙ୍ଗଚୁଙ୍ଗ ହେବା—ଦେ. କ୍ରି —ଅସ୍ଥିର ହେବା—
Chungchung heba — To be restive or restless
চংবংকরা

ଚୁଙ୍ଗଚୁଙ୍ଗା—ଦେ. ବଣ. ପୁଂ— ଚୁଙ୍ଗଚୁଙ୍ଗିଆ (ଦେଖ)
Chungchunga — Chungchungia (See).
(ଚୁଙ୍ଗଚୁଙ୍ଗୀ—ସ୍ତ୍ରୀ)
(ଚୁଙ୍ଗଚୁଙ୍ଗା—ଅନ୍ୟରୂପ)

ଚୁଙ୍ଗଚୁଙ୍ଗା ବୟସ— ଦେ. ବି—ପୂର୍ଣ୍ଣ ଯୌବନ—
Chungchunga bayasa — The full bloom of youth.

ଚୁଙ୍ଗଚୁଙ୍ଗିଆ—ଦେ. ବଣ. ପୁଂ (ସଂ. ଚଙ୍ଗ=ଦକ୍ଷ)—୧ । ଅସ୍ଥିର, ଚପଳ;
Chungchungia — ଚଇଁଚଇଁଆ—1. Restless; unsettled; fickle.
(ଚୁଙ୍ଗଚୁଙ୍ଗେଇ—ସ୍ତ୍ରୀ)
(ଚୁଙ୍ଗଚୁଙ୍ଗିଆ—ଅନ୍ୟରୂପ) ଚୁଙ୍ଗଚୁଙ୍ଗିଆ ମାଗୁରଜଣିଆ ହୁଅରେ ନ ଥାଏ ବାଳ
চেঙ্গড়া — ଏତେନକି ପରେତେ ନ ସିବ୍ ବାଇଁଥିବ ଯେତେବାଳ
চাঁগলা — ଚଗ—
୨ । ଅଧୀର—2. Impatient.
୩ । ଯୁବା ଓ ସୁନ୍ଦର—3. Youthful and handsome.
୩ । ବିଳାସଲୋଲ—3. Frolicsome; buxom.
୪ । ସୁସ୍ଥ ଓ ସବଳ—4. Healthy and spirited.
୫ । ନବଯୌବନଯୁକ୍ତ (ବୟସ)—
5. Youthful (age).
୬ । ନବଯୁବକ (ବ୍ୟକ୍ତି)—7. A person who is in the full bloom of youth.

ଚୁଙ୍ଗ—ଦେ. ବି. (ହି. ଚୋଙ୍ଗା)—ଚୁଙ୍ଗା (ଦେଖ)
Chunga — Chunga (See)

ଚୁଙ୍ଗା—ଦେ. ବି. (ସଂ. ଭୂଙ୍ଗୀ=ନଳ)—୧ । ନଳ; ନଳୀ—
Chunga — 1. A long tube.
চোঁগা — ୨ । ବାଉଁଶ ନଳ—2. A bamboo tube.
চোঁগা . ୩ । ବୋତଲରେ ତୈଳାଦି ପୂରାଇବା ପାଇଁ କ୍ରମଶଃ ସରୁ
(ଚୁଙ୍ଗୀ—କ୍ଷୁଦ୍ରାର୍ଥକ) — ହୋଇ ଯାଇଥିବା ନଳୀ; କାହାଳୀ—
3. Cone-shaped funnel for pouring liquids into a bottle
ଦେ. ବଣ—ଚୁଙ୍ଗଚୁଙ୍ଗିଆ (ଦେଖ)
Chungchungia (See)

ଚୁଙ୍ଗା ବୟସ— ଦେ. ବି—ନବଯୌବନ—
Chunga bayasa — Full bloom of youth.

ଚୁଙ୍ଗି—ଦେ. ବି—ଚୁଙ୍ଗା (.ଦେଖ)
Chungi — Chunga (See)

ପ୍ରାଦେ. (କାନ୍ଥି) ବି—ଡିବି; ଡିବିରି —A funnel-shaped kerosene lamp without chimney.

ଦେ. ବି—୧ । ଅଗ୍ରଭାଗ ମଞ୍ଜିର ଦାଢରେ ବାରୁଦ ଭର୍ତ୍ତି କରି ସେଥିରେ ଗୋଟିଏ କାଠି ବାନ୍ଧି ହାତରେ ଧରି ମରାଯିବା ବାଣ—1. A kind of small rocket.
୨ । ନଳୀ; ସାନ ନଳ—2. Small tube.
୩ । ସାନ ଚିଲମ—3. A small fire-bowl used for smoking gurdakhu, ganja etc.

চুংগী — ୪ । (ସଂ. ଚତୁରଙ୍ଗୁଳ; ଫା. ଚଂଗାଲ୍; ଯେତିକି ବସ୍ତୁ ଚାରିଟି
चुंगी — ଅଙ୍ଗୁଳିର ଚାପ ସାହାଯ୍ୟରେ ଉଠାଇ ନିଆ ଯାଇପାରେ; ପୂର୍ବେ ହାଟକୁ ପଣ୍ୟ ବିକ୍ରି କରିବାକୁ ଆସୁଥିବା ପ୍ରତ୍ୟେକ ପସାରୀମାନଙ୍କଠାରୁ ଜମିଦାର ଚୁଙ୍ଗିଏ ଲେଖାଏଁ ଦ୍ରବ୍ୟ ହାଟତୋଳା ସ୍ୱରୂପ ନେଉଥିବାରୁ)—ସହର ଭିତରକୁ ସହରର ବାହାରୁ ପଣ୍ୟଦ୍ରବ୍ୟ ବିକିବାକୁ ଆଣିବା ବ୍ୟକ୍ତିଠାରୁ ରାଜା ବା ମିଉନିସିପାଲିଟି ଯେଉଁ ଶୁଳ୍କ ନିଅନ୍ତି—
4. A tax on commodities brougut into a town for sale; octroi.

ଚୁଙ୍ଗିବା—ପ୍ରାଦେ. (ଗଡ଼ଜାତ) କ୍ରି—କୋଡ଼ି, କୁରାଢ଼ି ଓ ବାଡ଼ି ଆଦିର
Chungiba — ବେଣ୍ଟର ଦୁଇ ମୁଣ୍ଡକୁ ଗୋଲ ଓ ସମତୁଲ କରି କାଟିବା—To cut the both ends nicely and evenly of any stick or handle intended for a spade, axe, stick etc.

ଚୁଙ୍ଗି ଭଡ଼କା— ଦେ. ବି. (ବ୍ୟଙ୍ଗ୍ୟାର୍ଥ)—ଗୁଡ଼ାଖୁ ଖାଇବାର ହୁକା;
Chungi bhardaka (ଯହିଁରେ ଚୁଙ୍ଗି=ନଳୀ,ଓ ଭଡ଼କା=ଭଡ଼ଭଡ଼ ଶବ୍ଦ ଜାତ ହେଉଥିବା ନଡ଼ିଆ ଖୋଳା ଥାଏ)—
A hooka; a hubble-bubble.

ଚୁଙ୍ଗୁଡ଼ି—ଦେ. ବି—ଚିଙ୍ଗୁଡ଼ି (ଦେଖ)
Chungurdi — Chingurdi (See)

ଚୁଙ୍ଗୁଡ଼ିଆ ଦଳ—ଦେ. ବି—ଚିଙ୍ଗୁଡ଼ିଆ ଦଳ (ଦେଖ)
Chungurdia dala — Chingurdia dala (See)

ଚୁଙ୍ଗୁଡ଼ି ବାଛୁରି କୁଟୁମ୍ବ—ଦେ. ବି—ଯେଉଁ କୁଟୁମ୍ବରେ ଅନେକଗୁଡ଼ିଏ
Chungurdi bachhuri kutumba — ଛୋଟ ପିଲା ଥାଆନ୍ତି—
A family consisting of a bevy of children.
(ଯଥା—ମୋ ଗୃହକର୍ତ୍ତ୍ରୀ ଗଲେ ମୋ ଚୁଙ୍ଗୁଡ଼ି ବାଛୁରି କୁଟୁମ୍ବ ଛଟପଟ ମରିଯିବେ ।)

ଚୁଚ୍‌କାର—ଦେ. ବି—ଚୁଚୁକାର (ଦେଖ)
Chuchkara — Chuchukara (See)

ଚୁଚି—ଦେ. ବି. (ସଂ. ଚୁଚୁକ)—୧ । ଦୁଧଭଣ୍ଡି; ସ୍ତନାଗ୍ର—
Chuchi — 1. Nipple; teat.
চুঁচি — ୨ । ଯୁବତୀସ୍ତନ—2. The developed
ढिपनी; ढेपनी — breasts of a youthful woman

୧	ଇ	ଉ	ଋ,ଋ୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଷ	ଙ୍କ	ଇସ୍ପ	ଙ୍ଗ	ଘ
୨	ଈ	ଊ	ରୁ	ଳୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଞ୍ଜ	ନ୍ଦ

ଚୁଚୁ—ଦେ. ବି. (ଧ୍ୱନ୍ୟନୁକରଣ)—୧ । ଚୁଚୁକାର (ଦେଖ)
Chuchu — 1. Chuchukāra (See)
চুমকুড়ি; চুকচুক — ୨ । ବିରାଡ଼ିକୁ ନିକଟକୁ ଡାକିବାର ଶବ୍ଦ—
चुचु; चुचुकारी — 2. The sound for calling cats.
ଦେ. ଅ—୧ । (କୌଣସି ବସ୍ତୁ ବା ଉଦ୍ଦେଶ୍ୟ ନଷ୍ଟ ହେଲେ ବା କୌଣସି ବ୍ୟକ୍ତି ମଲେ ବା ବିପନ୍ନ ହେଲେ ତଜ୍ଜନିତ ଦୁଃଖରେ ଅନ୍ୟ ବ୍ୟକ୍ତିଦ୍ୱାରା ଉଚ୍ଚାରିତ ଶବ୍ଦ) ହାୟ—
1. (word uttered expressing regret) Alas !
୨ । (ବିରାଡ଼ି କୁକୁର ଆଦିକୁ ପାଖକୁ ଡାକିବା ବେଳେ ବା ପାଳିତ ଜୀବକୁ ଗେଲ କଲା ବେଳେ ଉଚ୍ଚାରିତ ଶବ୍ଦ) ଆସ !—2. Come ! (a word uttered while caressing or calling a pet animal.

ଚୁଚୁକ—ସଂ. ବି. (ଚୁଚୁ=ଶିଶୁ ସ୍ତନ୍ୟପାନ କରିବାର ଅନୁକରଣ ଶବ୍ଦ + କୈ ଧାତୁ=ଶବ୍ଦ କରିବା+କର୍ତ୍ତି. ଅ)—
Chuchuka
୧ । ସ୍ତ୍ରୀ ସ୍ତନାଗ୍ର; ଚୁଚୁମୁଣ୍ଡି—
1. Nipple of female breast.
୨ । ଦାକ୍ଷିଣାତ୍ୟର ଦେଶବିଶେଷ (ହି. ଶବ୍ଦସାଗର)—
2. Name of a country of South India.
୩ । ଚୁଚୁକ ଦେଶବାସୀ ବ୍ୟକ୍ତି (ହି. ଶବ୍ଦସାଗର)—
3 An inhabitant of the Chuchuka country.

ଚୁଚୁ କରିବା – ଦେ. କ୍ରି—୧ । ପାଳିତ ପଶୁପକ୍ଷୀ ଆଦିକୁ ଗେଲ କରିବା ବା ପାଖକୁ ଡାକିବାପାଇଁ ଜିଭ ଓ ଦାନ୍ତଦ୍ୱାରା ଚୁ ଚୁ ଶବ୍ଦ କରିବା—
Chuchu karibā
চুমকুড়ি দেওয়া; চুক্ চুক্ করা
पुचकारना, चुचकारना, चुमकारना
1. To make a chirping or coaxing sound with the tongue and lips.
୨ । ଅନୁତାପ ବା ଆକ୍ଷେପ ପ୍ରକାଶାର୍ଥ ଜିଭ ଓ ଦାନ୍ତଦ୍ୱାରା ଏକାଧିକ ଥର ଚୁ ଚୁ ଶବ୍ଦ କରିବା—2. To make a chirping sound in expression of regret or grief

ଚୁଚୁକାର—ଦେ. ବି—(ସଂ. ଚୁଚୁକୃତ)-ଜିଭ ଓ ଦାନ୍ତଦ୍ୱାରା ପବନକୁ ଭିତରକୁ ପାଟି ଭିତରକୁ ଟାଣିନେବାଦ୍ୱାରା ଉତ୍ପନ୍ନ ଚୁ ଚୁ ଶବ୍ଦ—Chirping or coaxing or sucking sound with the tongue and the teeth.
Chuchukāra
চুমকুড়ি, চুচুকার
पुचपुच, चुचकारी

ବିନ୍ଧୁ ଘୋଡ଼ାଙ୍କର ଏ ସାଡ଼ ଦେଖିଲେ
ଚୁଚୁକାର କରିବା ବାଟେ ଛଟାଇଲେ—କୃଷ୍ଣସିଂ. ମହାଭାରତ. ବନ ।

ଚୁଚୁକାଲ }
ଚୁଚୁକାଳ } ଅନ୍ୟରୂପ

[ଦ୍ର—କୁକୁର ବିରାଡ଼ି ଆଦି ପଶୁଙ୍କୁ କଅଁଳେଇ କରି ପାଖକୁ ଡାକିବାବେଳେ ବା ଗେଲ କରିବା ବେଳେ ଓ ଅନୁତାପ ବା ଆକ୍ଷେପ ପ୍ରକାଶ ସମୟରେ ମନୁଷ୍ୟ ଏହି ଶବ୍ଦ କରେ । ପୋଷା ଜୀବ (ଯଥା— ଘୋଡ଼ା, ପକ୍ଷୀ) ଆଦିଙ୍କୁ ଆଦର ବା ଗେଲ କଲାବେଳେ ମଧ୍ୟ ଏ ଶବ୍ଦ କରାଯାଏ । ଏ ଶବ୍ଦ ଉପରପାଟିର ଦାନ୍ତମୂଳ ଓ ଜିଭ ସାହାଯ୍ୟରେ ଉଚ୍ଚାରିତ ହୁଏ । ଏ ଧ୍ୱନି କଲାବେଳେ ଓଠ ଖୋଲା ଥାଏ ଓ ଜିଭ ଏବଂ ଦାନ୍ତର ବ୍ୟବଧାନ ବାଟେ ପବନ ପାଟି ଭିତରକୁ ଭିଷିଦ୍ ଟଣାଯାଏ । ଏ ଧ୍ୱନି ଓ ବଧୂମାନେ କରିବା ଚୁଁ ଚୁଁ ମଧ୍ୟରେ ପ୍ରଭେଦ ଏହି କି ବଧୂମାନଙ୍କ ଧ୍ୱନି କୋମଳତର ଓ ଦୀର୍ଘକାଳସ୍ଥାୟୀ ।]

ଚୁଚୁକାରିବା—ଦେ. କ୍ରି. (ଧ୍ୱନ୍ୟନୁକରଣ; ଚୁଚୁ+କୃ ଧାତୁ)—
Chuchukāribā — ୧ । ଜିଭ ଓ ଦନ୍ତମୂଳଦ୍ୱାରା ଚୁଚୁ ଶବ୍ଦ କରି ବିରାଡ଼ି, ଘୋଡ଼ା, ଶୁଆ ଆଦିଙ୍କୁ ଗେଲ ବା ଆଦର କରିବା—1. To fondle or coax a cat, horse or parrot by uttering a chirping sound of chu chu.
চুমরা; চুমকুড়িদেওয়া
चुचकारना; चुमकारना
(ଚୁଚୁକାଳିବା—ଅନ୍ୟରୂପ)
୨ । (ଲକ୍ଷଣାର୍ଥ) ଫୁସୁଲାଇବା; କଅଁଳେଇ ସଅଁଳେଇବା; ବହଲେଇବା—2. To coax; to cajole.

ଚୁଚୁକୃତ—ସଂ. ବି.(ଚୁଚୁ=ଅନୁକରଣ ଧ୍ୱନି + କୃ ଧାତୁ + ଭାବ. ତ)—
Chuchukruti — ୧ । ଚୁଚୁକାର ଶବ୍ଦ —1. Chirping sound.
୨ । ଚୁମ୍ବନଶବ୍ଦ—2. Kissing sound.
୩ । ସ୍ତ୍ରୀ କୁଚାଗ୍ର—3. Nipple or teat of female breast.

ଚୁଚୁନ୍ଦରା—ଗ୍ରା. ବି. ସ୍ତ୍ରୀ. (ସଂ. ଛୁଚୁନ୍ଦରୀ)—ଚୁଚୁନ୍ଦ୍ରା (ଦେଖ)
Chuchundarā — Chuchundrā (See)
ছুচা
छुछुन्दर
ଚୁଚୁନ୍ଦରାକୁ ମାରିଲେ ହାତ ଗନ୍ଧାଏ—ଢଗ ।
(ଚୁଚୁନ୍ଦରୀ—ସ୍ତ୍ରୀ)
(ଚୁଚୁନ୍ଦୁରା—ଅନ୍ୟରୂପ)

ଚୁଚୁନ୍ଦରି—ଗ୍ରା. ବି —ଚୁଚୁନ୍ଦ୍ରି (ଦେଖ)
Chuchundari — Chuchundri (See)
(ଚୁଚୁନ୍ଦୁରି—ଅନ୍ୟରୂପ)

ଚୁଚୁନ୍ଦ୍ରା—ଦେ. ବି. (ସଂ. ଛୁଚୁନ୍ଦରୀ; ଚୁଞ୍ଚ)—ଗନ୍ଧମୂଷିକ—
Chuchundrā — A mole; the musk-rat; musk-shrew; Sorex Ceoruleses; Crocedura Caerulea.
ସଂ. ଗନ୍ଧନକୁଳ, ରାଜପୁତ୍ରୀ, ଗନ୍ଧମୂଷିକ
(ଚୁଚୁନ୍ଦ୍ରୀ—ସ୍ତ୍ରୀ)
ଜାଗାଯାଚ ଚୁଚୁନ୍ଦ୍ରାକୁ ଧରିବା ନ୍ୟାୟ—ଢଗ ।
ছুচা;ছুঁচো
छुछुन्दर

[ଦ୍ର—ଚୁଚୁନ୍ଦ୍ରାର ଦେହର ଗଢ଼ଣ ମୂଷା ପରି, କିନ୍ତୁ ଗୋଡ଼ ଛୋଟ ଏବଂ ଥୋମଣି ଲମ୍ବ ଓ ମୁନିଆଁ । ଏହାର ଦେହର ରଙ୍ଗ ମୂଷାର ଦେହର ରଙ୍ଗ ଅପେକ୍ଷା ଫିକା । ଏହା ଦେହ ସର୍ବଦା ଗନ୍ଧାଉଥାଏ । ଏମାନେ ମାଟିରେ ଗାତ ଖୋଳି ରହନ୍ତି ଓ ଗୃହର ଏବଂ ଉଦ୍ୟାନ ବୃକ୍ଷର ଶତ୍ରୁ ନାନାପ୍ରକାର କୀଟ, ଝିଙ୍କ, ଜିଆ, ଝିଣ୍ଟିକା, ସମ୍ବାଳୁଆ ପୋକ ଆଦିକୁ ଖାଆନ୍ତି । ଏମାନେ ଚଁ ଚଁ ବା ଚେଁ ଚେଁ ଶବ୍ଦ କରନ୍ତି ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ, 'ଜଥ' ନ ମିଳିଲେ 'କଥ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

କଥିତ ଅଛି ଯେ, ଏମାନଙ୍କ ଦେହର ଦୁର୍ଗନ୍ଧରେ ଏମାନେ ବିଚରଣ କରିବା ସ୍ଥାନରେ ସାପ ରହନ୍ତି ନାହିଁ । ମଧ୍ୟ କଥିତ ଅଛି ଯେ, ଯେବେ କଦାଚିତ୍ ନାଗସାପ ଚୁଚୁନ୍ଦ୍ରାକୁ ଆକ୍ରମଣ କରି ଧରେ ତେବେ ସାପ ଅତି ବିବ୍ରତ ହୁଏ, କାରଣ ଚୁଚୁନ୍ଦ୍ରାକୁ ଖାଇଲେ ସାପ ମରିଯିବ ଓ ତାକୁ ଛାଡ଼ିଦେଲେ ସାପ ଅନ୍ଧ ହୋଇଯିବ । ଏଥିପାଇଁ ଲୋକ ଉଭୟ ସଙ୍କଟରେ ପଡ଼ିଲେ 'ନାଗସାପ ଚୁଚୁନ୍ଦ୍ରାକୁ ଧରିବା ନ୍ୟାୟ' ଉଦାହରଣ ଦିଆଯାଏ । ଚୁଚୁନ୍ଦ୍ରା ରାତ୍ରିଚର ଓ କୀଟଭୋଜୀ । ଏମାନେ ନରମ ଭୂଇଁରେ ଗାତ କରି ରହନ୍ତି ଓ କେବେ କେବେ ଘର ଓ ଅଗଣା କୋଣରେ ଜମା ହୋଇଥିବା ଅଳିଆ, ଖପରା, ଇଟା, ଚିରାକନା, ଚିରାକାଗଜ ମଧ୍ୟରେ ବସା କରି ରହନ୍ତି । ଚୁଚୁନ୍ଦ୍ରା କୌଣସି ଖାଦ୍ୟଦ୍ରବ୍ୟରେ ମୁହଁ ମାରିଲେ ବା କେତେକ ଅଂଶ ଖାଇଲେ ଉକ୍ତ ଦ୍ରବ୍ୟରେ ଚୁଚୁନ୍ଦ୍ରାର ଦେହର ତୀବ୍ର ଗନ୍ଧ ରହିଯାଏ । କଥିତ ଅଛି ଯେ, ଦାଢ଼ୁଆ ଖଣ୍ଡାରେ ଚୁଚୁନ୍ଦ୍ରାର ମୁହଁ ବାଜିଲେ ସେ ଖଣ୍ଡା ଆଉ କାଟେ କରେ ନାହିଁ । ଚୁଚୁନ୍ଦ୍ରା ଭୀତ ହେଲେ ଚେଁଚେଁ ଶବ୍ଦ କରେ । ଏହାର ଆଖି ଛୋଟ ଓ ସମ୍ଭବତଃ ଦୃଷ୍ଟିଶକ୍ତି ମଧ୍ୟ କମ୍, କାରଣ ପାଖରେ ମନୁଷ୍ୟ ଚଳପ୍ରଚଳ ହେଉଥିଲେ ମଧ୍ୟ ଏ ଯିବା ଆସିବା କରୁଥାଏ; କିନ୍ତୁ ହୁରୁଡ଼ାଇ ଦେଲେ ଚେଁଚେଁ ଶବ୍ଦ କରି ପଳାଏ । ଗର୍ଭିଣୀ ଚୁଚୁନ୍ଦ୍ରାର ଦଂଶନ ମାରାତ୍ମକ ।]

ଚୁଚୁନ୍ଦ୍ରି—ଦେ. ବି—୧ । ଏକ ଜାତୀୟ ବାଣ; [ଚମକଲାରେ ବାରୁଦ
Chuchundri — ଭର୍ତ୍ତି କରି ଏହା ପ୍ରସ୍ତୁତ ହୁଏ; ନିଆଁ ଲଗାଇ
ଛୁଁଚା,ଛୁଚୋ — ଛାଡ଼ି ଦେଲେ ଏହା ଚୁଚୁନ୍ଦ୍ରା ପରି ଭୂଇଁରେ
छुछुन्दर — ଏଣେ ତେଣେ ପଳାଇ ବୁଲେ]—

1. A kind of small ground-rocket or fire-work made by enclosing some gunpowder in a cartridge.

୨ । ଲିଙ୍ଗର ରୋଗବିଶେଷ—

2. A disease of the penis; Phimosis.

[ଦ୍ର—ଏହି ରୋଗଦ୍ୱାରା ଲିଙ୍ଗର ଅଗ୍ରଭାଗ ବା ସୁପାରିକୁ ଆବରଣ କରିଥିବା ଚମଡ଼ାର ମୁହଁ ସଙ୍କୀର୍ଣ୍ଣ ହୋଇଯିବାରୁ ଚମଡ଼ା ତଳେ ଲିଙ୍ଗର ସୁପାରି ତଳ ଗଣ୍ଠିର ଗୁହ ପାଖେ ମଇଳା ଜମି ଘାଆ ହୋଇଯାଏ; ମୁସଲମାନମାନଙ୍କ 'ସୁନ୍ନତ୍' ନାମକ ସଂସ୍କାରଦ୍ୱାର ବାଲ୍ୟ-କାଳରେ ଲିଙ୍ଗର ଅଗ୍ର ଭାଗକୁ ଘୋଡ଼ାଇଥିବା ଚମଡ଼ା (foreskin) କଟା ହୋଇ ଯିବାରୁ ସେମାନଙ୍କ ଲିଙ୍ଗାଗ୍ର ବା ସୁପାରି ଖୋଲା ଥାଏ ଏବଂ ସେମାନଙ୍କୁ ଚୁଚୁନ୍ଦ୍ରି ରୋଗ ଧରେ ନାହିଁ ।]

ଚୁଚୁମା—ଦେ. ବି. (ଧ୍ୱନ୍ୟନୁକରଣ କିମ୍ବା ସଂ. ଚୁମ୍ବ୍ ଧାତୁ)—
Chuchumā — ୧ । ଜିଭ ଓ ଓଠଦ୍ୱାରା ଶୋଷିବା କର୍ମ—
चूषा — 1. Sucking by the tongue and lips.
चचोड़ना, — ୨ । ଶିଶୁମାନଙ୍କର ଚୁଚୁମିବା ନିମନ୍ତେ ଏକ ପ୍ରକାର କ୍ରୀଡ଼ନକ—2. A play-thing in the
चूषी — shape of nipple which the infants suck.

୩ । ଚୁକା (ଦେଖ)

3. Chukā (See)

ଦେ. ବିଣ—୧ । ଯେ ଚୁଚୁମେ—1. Sucking.

୨ । (ଗାଳିରେ ବ୍ୟବହୃତ) ଚୁକା (ଦେଖ)

2. Chukā (See)

ଚୁଚୁମାଇବା—ଦେ. କ୍ରି. (ସଂ. ଚୁମ୍ବ୍ ଧାତୁ କିମ୍ବା ଧ୍ୱନ୍ୟନୁକରଣ;
Chuchumāibā — ଚୁଚୁମିବାର ଣିଜନ୍ତ ରୂପ)—
चुसान — ଅନ୍ୟକୁ (ଯଥା—ଶିଶୁକୁ) କୌଣସି ବସ୍ତୁ
चचोड़वाना,चुँघाना — (ଯଥା—ସ୍ତନାଗ୍ର) ଚୁଚୁମିବାକୁ ଦେବା—

2. To suckle (e.g. a child); to cause another to suck

(ଚୁଚୁମେଇବା—ଅନ୍ୟରୂପ)

ଚୁଚୁମା ଚୁଚୁମି—ଦେ. ବି. (ବହୁବାର ସୂଚକ ଦୁଇଥର ପ୍ରୟୋଗ)—
Chuchumā chuchumi — ବହୁବାର ଚୁଚୁମିବା କର୍ମ—
Repeated sucking.

ଚୁଚୁମିବା—ଦେ. କ୍ରି. (ସଂ. ଚୁମ୍ବ୍ ଧାତୁର ଯଙନ୍ତ ଚୁଚୁମ୍ବ୍ ଧାତୁ = ଅତିଶୟ
Chuchumibā — ବା ବାରମ୍ବାର ଚୁମ୍ବନ କରିବା)—
चूषा — ଜିଭ ଓ ଓଠଦ୍ୱାରା ବାରମ୍ବାର ଶୋଷିବା—
चचोड़ना, चोखना, चुसना — To suck (e.g. mother's milk).
(ଚୁଚୁମାଇବା—ଣିଜନ୍ତ)
(ଚୁଚୁମା ଯିବା, ଚୁଚୁମା ହେବା—କର୍ମବାଚ୍ୟ)

[ଦ୍ର—ଚୁମ୍ବନ କରିବା ବସ୍ତୁ ଓଠର ବାହାରେ ଥାଏ, କିନ୍ତୁ ଚୁଚୁମା ଯିବା ବସ୍ତୁକୁ ପାଟିରେ ପୂରାଇ ଦାନ୍ତ ଓ ଜିଭ ସାହାଯ୍ୟରେ ତହିଁରୁ ରସ ଶୋଷଣ କରାଯାଏ । ଚୁଚୁମିବା ଓ ଶୋଷିବା ବା ଚୁଷିବା ମଧ୍ୟରେ ପ୍ରଭେଦ ଏହି କି ଶୋଷିବାବେଳେ କୌଣସି ବସ୍ତୁର ଆଗପାଖ ଅଂଶକୁ ପାଟିରେ ପୂରାଇ ତହିଁରୁ ରସ ଶୋଷଣ କରାଯାଏ, ଯଥା—ଶିଶୁ ମାତୃସ୍ତନକୁ ଶୋଷେ; କିନ୍ତୁ ଚୁଚୁମିବା ବେଳେ ଚୁଚୁମା ଯିବା ବସ୍ତୁର ଅଧିକ ଅଂଶ ପାଟିଭିତରକୁ ପୂରାଇବାକୁ ହୁଏ । ଯଥା—ଆମ୍ବ ଟାକୁଆ ଚୁଚୁମିବା ।]

ଚୁଚ୍ଛା—ଗ୍ରା. ବିଣ ଓ କ୍ରି. ବିଣ ଓ ବିଂରେ ବିଣ—ତୁଚ୍ଛା (ଦେଖ)
Chuchhā — Tuchchhā (See)

ଚୁଞ୍ଚି—ଦେ. ବି. (ସଂ. ଚୁଚୁକ)—ଚୁଚି (ଦେଖ)
Chuñchi — Chuchi (See)

ଚୁଞ୍ଚୁ—ସଂ. ବି. (ଅନ୍ୟ ଶବ୍ଦ ସଙ୍ଗେ ଲାଗିଲେ, ଯଥା—ବିଦ୍ୟାଚୁଞ୍ଚୁ,
Chuñchu — ଅକ୍ଷରଚୁଞ୍ଚୁ, ନ୍ୟାୟଚୁଞ୍ଚୁ)—୧ । (ଅମୁକ କର୍ମପାଇଁ) ବିଖ୍ୟାତ—1. Famous for a certain thing.

୨ । (ଅମୁକ ବିଷୟରେ) ପାରଙ୍ଗମ—2. Expert.

ସଂ. ବି—୧ । ଚୁଚୁନ୍ଦ୍ରା (ହ୍ର. ଶବ୍ଦସାଗର)—

1. Mole; shrew.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇସ୍ଥ	ଉଅ	ଷ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଢ଼	ନ୍

୨ । ବୈଦେହକ ସ୍ତ୍ରୀ ଓ ବ୍ରାହ୍ମଣ ପିତାଠାରୁ ଉତ୍ପନ୍ନ ସଙ୍କର ଜାତିବିଶେଷ (ହି. ଶବ୍ଦସାଗର)—
2. Name of a mixed caste.

ପ୍ରାଦେ. (ଯାଜପୁର) ବି—ନଡ଼ିଆ ତେଲ ରନ୍ଧା ହେବା ପରେ ତଳ ପଡ଼ିବା କୋରୁଅ—The dregs left in the pan after cocoanut-juice is boiled and turned into oil.

ଚୁଞ୍ଚୁରି—ସଂ. ବି.—ତେନ୍ତୁଳ ମଞ୍ଜିରେ ଖେଳାଯିବା ଜୁଆ ଖେଳ
Chuñchuri (ହି. ଶବ୍ଦସାଗର)—A kind of game at hazards played with tamarind-seeds.

ଚୁଟ୍‌କା—ପ୍ରାଦେ. (ସମ୍ବଲପୁର) ବି.—୧ । ଗୋଡ଼ର ବୁଢ଼ା ଅଙ୍ଗୁଠିରେ
Chuṭkā ପିନ୍ଧାଯିବା ଅଳଙ୍କାର; ଝୁଣ୍ଟିଆ; ଚୁଟ୍‌କି—1. An ornament worn on the big toe
(ଚୁଟୁକା—ଅନ୍ୟରୂପ)
୨ । ଗୋଡ଼ର ଦ୍ୱିତୀୟ ଅଙ୍ଗୁଠିରେ ପିନ୍ଧାଯିବା ମୁଦି ବା ପିତଳର ମୁଦିଆ; ଝୁଣ୍ଟିଆ—2. A ring worn on the second finger of the leg.

ଚୁଟ୍‌କି—ଦେ. ବି.—୧ । ସ୍ତ୍ରୀଲୋକମାନେ ବୁଢ଼ା ଅଙ୍ଗୁଠିରେ ଯେଉଁ
Chuṭki ଘୁଙ୍ଗୁର ଲାଗିଥିବା ଏକପ୍ରକାର ମୁଦି ପିନ୍ଧନ୍ତି; ଝୁଣ୍ଟିଆ—
चुटकि 1. A kind of tinkling ring worn on the toe by females.
चुटकि
(ଚୁଟୁକି—ଅନ୍ୟରୂପ) ୨ । ମୁଷ୍ଟି ବନ୍ଦ କରି ଅଙ୍ଗୁଠିର ଗଣ୍ଠି ଦ୍ୱାରା
ঠোনা ଦିଆଯିବା ଆଘାତ; ଠଣା—2. Stroke with the knob of a fisted finger.
ग
चुटकी ୩ । କ୍ଷୁଦ୍ର ଅଂଶ
3. Small particle.
୪ । ଅତି ସାମାନ୍ୟ ଅଂଶ—4 A pinch.
୫ । ବୁଢ଼ା ଅଙ୍ଗୁଠିର ଟିପକୁ ମଧ୍ୟମା ଅଙ୍ଗୁଠିର ଟିପ ଉପରେ
चुटकी, তুড়ী ରଖି ଜୋରରେ ଘଷାଇ ନେଲେ ଯେଉଁ ଶବ୍ଦ ହୁଏ—
5. Snapping of the finger-tips; fillip.
ପ୍ରାଦେ. (ମେଦିନୀପୁର) (ଭୁଲ. ବ. ଚୁଟକୀ)—ଚୁରକୀ; ମସ୍ତକର ଶିଖା—Pigtail.

ଦେ. ବିଣ.—ଚୁଟ୍‌କିଆ (ଦେଖ)
Chuṭkiā (See)

ଚୁଟ୍‌କିଆ—ଦେ. ବିଣ.—୧ । କ୍ଷୁଦ୍ର—
Chuṭkiā 1. Small.
चुटकी ୨ । ଖର୍ବାକାର—2 Diminutive.
चुटफुट ୩ । ସାମାନ୍ୟ; ଅଳ୍ପ; ବାଜେ (ଯଥା—ଚୁଟ୍‌କିଆ ଖର୍ଚ୍ଚ)—
(ଚୁଟୁକିଆ—ଅନ୍ୟରୂପ) 3. Sundry or miscellaneous (expenses.)
୪ । ଅନାୟାସଗେୟ (ସ୍ୱର)—4. Light (musical air).

ଚୁଟ୍‌କିନି—ଦେ. କ୍ରି. ବିଣ. (ସଂ. ଝଟିତି)—୧ । ଶୀଘ୍ର; ଅତିଶୀଘ୍ର—
Chuṭ kini Very soon.
চটকরে ୨ । ହଠାତ୍—2. Suddenly.
झटसे, झटपट (ଯଥା—ସେ ଚୁଟ୍‌କିନି ଆସି ପହଞ୍ଚିଗଲା ।)
(ଚୁଟୁକିନା—ଅନ୍ୟରୂପ)

ଚୁଟ୍‌କୁରିଆ—ଦେ. ବିଣ.—ଚୁଟ୍‌କିଆ (ଦେଖ)
Chuṭkuriā Chuṭkiā (See)
(ଚୁଟୁକୁରିଆ—ଅନ୍ୟରୂପ)

ଚୁଟ୍‌ଚୁଟ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଜଳମିଶ୍ରିତ କୌଣସି କ୍ଷୁଦ୍ର
Chuṭchuṭ ବସ୍ତୁକୁ ନିଆଁରେ ଭାଜିଲେ ତାହା ଯେପରି ଅନୁଚ୍ଚ
চুটচুট ଶବ୍ଦ କରେ—1. Crackling sound of a small
चटचट thing (containing water) while roasted over fire.
୨ । ମୁହୂର୍ତ୍ତିକୁ ମୁହୂର୍ତ୍ତି—2. Every moment.
୩ । ଉପର୍ଯ୍ୟୁପରି—3. In quick succession; at very short intervals; momentarily; repeatedly.
(ଯଥା—ସେ ଚୁଟ୍‌ଚୁଟ୍ ଝାଡ଼ାଫେର ଦଉଡ଼ୁଛି ।).

ଚୁଟ୍‌ଚୁଟି—ପ୍ରାଦେ. (ସମ୍ବଲପୁର) ବି.—(ବାଇଗଣ ଆଦି) ଫଳର
Chuṭchuṭi ଭରତା—Sauce prepared with burnt brinjals and other fruits.

ଚୁଟି—ଦେ. ବି. (ସଂ. ଚୂଡ଼ା)—୧ । ମସ୍ତକରେ ରଖାଯିବା ଲମ୍ବ କେଶ
Chuṭi ବା ଶିଖା; ଚୂଡ଼ା—1. Tuft of long hair left on
ঝুঁটি চুটক the head; pigtail.
चोटि, चुटिआ, चुटैया ନଖ କେଶ ରଖି କେଶିର ଚୁଟି । ଥ୍ରାଚୀ ପରଦେଶୀତା
୨ । କେଶଗୁଚ୍ଛ—2. A tuft of hair.
ପ୍ରାଦେ. (ସମ୍ବଲପୁର) ବି—ଚୁଟିଆମୂଷା; ସାନମୂଷା; ଭୁଙ୍ଗେଇମୂଷା-
A small rat.

ଚୁଟିଆ—ଦେ. ବିଣ—ଯାହା ମୁଣ୍ଡରେ ଶିଖା ଥାଏ—
Chuṭiā Having a tuft of hair on the head.
ঝুঁটীওয়ালা ବି—୧ । ଚୁଟିଧରି ଟିଙ୍କା—1. Pulling a person
चुटियावाला; चुंडित by the tuft of his hair.
चोटिवाला ୨ । ଏକପ୍ରକାର କ୍ଷୁଦ୍ର ମୂଷା—
2. A kind of small rat.

ପୁଣି ସେ ଘରେ ମୂଷା ଥିଲେ, ଚୁଚୁନ୍ଦ୍ରା ଥିଲେ, ଚୁଟିଆ ଥିଲେ ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ଚୁଟିଆ ମୂଷା—ଦେ. ବି—ଭୁଙ୍ଗେଇ ମୂଷା; ଏକପ୍ରକାର କ୍ଷୁଦ୍ର ମୂଷା—
Chuṭiā mūshā A kind of small mouse; the
নেংটীইঁদুর common house-mouse; Mus Musculus
चुहियो ଗୋଷାକ ଚୁଟିଆ ମୂଷାର ଅହାରୁ । ରାଧାନାଥ. ଦରବାର ।
ପ୍ରାଦେ (ବସ୍ତର) ବି—ଗୁଣ୍ଡୁଚିମୂଷା—Squirrel.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଶ୍ରେଣିର ଅକ୍ଷର ଓ ମାତ୍ରା ଏବଂ ୨ ଶ୍ରେଣିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଶ୍ରେଣିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ଯେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଅନ୍ୟର ବଦଳରେ ୨ ବା ୧ ଶ୍ରେଣିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଣ' ନ ମିଳିଲେ 'ଗାଣ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗିକ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଚୁଟି ଓହଲାଇବା—ଦେ. କ୍ରି—କୌଣସି ବ୍ୟକ୍ତିର ମୁଣ୍ଡକୁ ଓହଲାଇ
Chuṭi ohaḷāibā ଅର୍ଥାତ୍ ତା ଦେହକୁ ଲୁଆଇଁ ପିଠିରେ ବିଧା ମାରିବା ପାଇଁ ବାଆଁ ହାତରେ ତା ଚୁଟିକୁ ତଳ ଆଡ଼କୁ ଝିଙ୍କିବା—To pull down a person's head by catching hold of his tuft (to give blows on the back).
ଚୁଟିଓହଲେଇବା, ଚୁଟିଓହୋଲାଇବା, ଚୁଟିଓହୋଲେଇବା } ଅନ୍ୟରୂପ

ଚୁଟିକଟା—ଦେ. ବଣ. (ବ୍ୟଙ୍ଗ୍ୟ)—ଲଣ୍ଡା; ଲୁନଶିଖ; ଯାହାର ବାଳ
Chuṭikaṭā କଟୁରା ହୋଇଥାଏ—(ironical) Having the hairs cropped off.
ନେଡ଼ା; ନେଡ଼େ

ବଣ—ମୁସଲମାନ୍—A Mohamedan.

ପରତେ ନ ଯିବ ଚୋଟିକଟାକୁ
ପରତେ ନ ଯିବ ଚୁଟିକଟାକୁ—ଭଗ।

ଚୁଟି ଝିଙ୍କିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଦଣ୍ଡଦେବା ନିମନ୍ତେ ତାକୁ
Chuṭi jhiṅkibā କେଶ ଧରି ଘୋଷାରିବା; କେଶାକର୍ଷଣ କରିବା—
चोटियाना To catch or drag a man by holding the tuft of his hair.

ସେଗ ବ୍ୟାଳେ କାଳ ଅଗେଁ ଅରେ ଚୁଟି
ଝିଙ୍କି ଦେଲେ, ଏହୁ ଦର୍ପଗଣ ଛୁଟି । ରଘୁନାଥ. ହରିବାଇ ।

[ଦ୍ର—ଅଗେ ଆମ ଦେଶରେ ଅଧିକାଂଶ ପୁରୁଷ ଗୋଟିଏ ଲେଖାଏଁ ବାଳ (ଚୁଟି) ମୁଣ୍ଡରେ ରଖୁଥିଲେ । ତଦ୍ଵାରା ଗୋଟିଏ ହାତରେ ଚୁଟିଧରି ଚୁଟିଆ ଲୋକକୁ ଅକ୍ତିଆରରେ ରଖି ଅନ୍ୟ ହାତରେ ତାକୁ ମାରିବାର ବିଶେଷ ସୁବିଧା ହେଉଥିଲା । ଏବକୁ ଅଧିକାଂଶ ଲୋକେ ସଭ୍ୟ ହୋଇ ଲଣ୍ଡା ହେବାରୁ ଲୋକଙ୍କ ଚୁଟି ଧରିବାର ଆଉ ସୁବିଧା ନାହିଁ । କେବଳ ମରହଟ୍ଟୀ ଓ ଅସଭ୍ୟମାନେ ଅବଧି ଚୁଟିରଖା ଛାଡ଼ି ନାହାନ୍ତି ।]

ଚୁଟିପିଠି—ଦେ. ବି. (ସହଚର ଶବ୍ଦ)—ଚୁଟି ଓ ପିଠି (ମନୁଷ୍ୟକୁ ମାରିବାର
Chuṭipiṭhi ଦୁଇଟି ସ୍ଥାନ, ଯଥା—୧ ଚୁଟି ଧରିବା, ୨ ପିଠିରେ ବିଧା ଦେବା)—The tuft of hair on the head and the back.

(ଯଥା—ମୋ ଚୁଟି ପିଠି ରହିବ ନାହିଁ, ଅର୍ଥାତ୍ ମତେ ଭାରି ମାଡ଼ ହେବ, ମୋ ମୁଣ୍ଡର କେଶ ଝିଙ୍କା ହେବ ଓ ପୃଷ୍ଠଦେଶରେ ମାଡ଼ ହେବ ।)

ଚୁଟି ରଖିବା—ଦେ. କ୍ରି—ମୁଣ୍ଡରେ କେଶଗୁଚ୍ଛ ଛାଡ଼ିବା—
Chuṭi rakhibā To allow a tuft of hair to grow on the head.
ଝୁଁଟିରଖା
चोटीरखना

ଚୁଟି ହାତରେ ପଡ଼ିବା—ଦେ. କ୍ରି—୧। କୌଣସି ଲମ୍ବ କେଶ ଥିବା
Chuṭi hātare paṛibā ବ୍ୟକ୍ତିର ଶିଖା ଅନ୍ୟ ଲୋକର ମୁଠାରେ ଧୃତ ହେବା—1. The tuft of a person's long hair being caught by another person.

ଭଣ୍ଡାର ହାତରେ ପଡ଼ିଛି ଚୁଟି
ପେଟେ ନଉଛି ଶେଣିକ ଉଠି । ଭଗ ।

[ଦ୍ର—ଚୁଟିଆ ଲୋକଙ୍କୁ ଖିଅର କଲାବେଳେ ତାଙ୍କ ଚୁଟିକୁ ଭଣ୍ଡାରି ବାମ ହାତରେ ମୁଠାଇ ଧରି ଡାହାଣ ହାତରେ ଖିଅର କରେ ।]

चोटी हाथमे होना ୨। (ଲକ୍ଷଣାର୍ଥ) ଅନ୍ୟର କାବୁରେ ଅସିବା—2. (figurative) Being under the complete sway of another.

(ଯଥା—ତାଙ୍କଦ୍ଵାରା ମୋର କେତେକ କାର୍ଯ୍ୟୋଦ୍ଧାର ହେବାର ଆଶା ଥିବାରୁ ମୋ ଚୁଟି ତାଙ୍କ ହାତରେ ପଡ଼ିଛି, ସେ ବର୍ତ୍ତମାନ ଯାହା କରିବାକୁ କହିବେ ମୁଁ ତାହା ଭାଙ୍ଗି ପାରିବି ନାହିଁ ।)

ଚୁଡ଼୍‌ଚୁଡ଼୍—ଦେ. ଅ (ଧ୍ଵନ୍ୟନୁକରଣ)—ଚୁଙ୍ଗୁଡ଼ି ଆଦି ଜଳୀୟାଂଶ ଯୁକ୍ତ
Chur̲dchur̲d ପଦାର୍ଥକୁ ନିଆଁରେ ପକାଇଲେ ଯେଉଁ ଶବ୍ଦ ହୁଏ—Crackling sound of a watery thing being roasted in a naked fire.
(ଚୁଡ଼ୁଚୁଡ଼ୁ—ଅନ୍ୟରୂପ)
চুরচুর
चड़चड़

ଚୁଡ଼ୁମୁଡ଼ୁ—ଦେ. ଅ (ଧ୍ଵନ୍ୟନୁକରଣ)—ଛଟକା ଚୁଡ଼ାଭଜା ବା ମୁଢ଼ି
Chur̲dmur̲d ଚୋବାଇବା ସମୟରେ ଯେଉଁ ଶବ୍ଦ ହୁଏ—Crackling sound produced while chewing small and crisp things.
(ଚଡ଼ୁମୁଡ଼ୁ—ଅନ୍ୟରୂପ)
চুড়মুড়
चुरमुर

ଚୁଡ଼ଙ୍ଗ ଗଡ଼—ଦେ. ବି (ଚୋରଗଙ୍ଗ)—କଟକ ସହରର ୪ ମାଇଲ ଉତ୍ତର
Chur̲daṅga gar̲da ବାରଙ୍ଗ ନିକଟରେ ଥିବା ଗୋଟିଏ ପ୍ରାଚୀନ ଗଡ଼—Name of an ancient fort to the north of Cuttack town.

ଚୁଡ଼ଙ୍ଗ ଦହ—ଦେ. ବି—କଟକର ଉତ୍ତରରେ ୨ କୋଶ ଦୂରବର୍ତ୍ତୀ
Chur̲daṅga daha ସାରଙ୍ଗଗଡ଼ ନିକଟରେ ଅବସ୍ଥିତ ଜଳପୂର୍ଣ୍ଣ ଘାଟବିଶେଷ—Name of a fen or marsh to the north of Cuttack town.

[ଦ୍ର—ଏଥିରୁ କଟକ ସହରକୁ ବହୁପରିମାଣରେ ପଦ୍ମ ଫୁଲ, ପଦ୍ମ ପତ୍ର, କଇଁ, ମାଗୁର ଓ ରଙ୍ଗା ମାଛ ଓ ଶିଂଘଡ଼ା ବିକ୍ରି ହେବାକୁ ଗରିବ ଲୋକେ ଅଣନ୍ତି ।]

ଚୁଡ଼ଙ୍ଗ ଦେବ—ଦେ. ବି (ନାମ)—ଚୋରଗଙ୍ଗଦେବ (ଦେଖ)
Chur̲daṅga deba Choragaṅgadeba (See).

ଚୁଡ଼ଙ୍ଗ ବନ୍ଧ—ଦେ. ବି—ଚୁଡ଼ଙ୍ଗଗଡ଼ଠାରୁ ଭୁବନେଶ୍ଵର ପର୍ଯ୍ୟନ୍ତ ରାଜା
Chur̲daṅga bandha ଚୋରଗଙ୍ଗଦେବଙ୍କ ଦ୍ଵାରା କୃତ ଉଚ୍ଚ ଓ ପ୍ରଶସ୍ତ ପଥ (ବର୍ତ୍ତମାନ ଏହାର ଭଗ୍ନାବଶେଷ ମାତ୍ର ଅଛି)—Name of an embankment (now in ruins) laid by king Choragaṅga Deba from Chur̲daṅga fort to Bhubaneśwara.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଣ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଞ	ନ୍

ଚୂଡ଼ା—ଦେ. ବି (ସଂ. ଚିପିଟ; ଚିପିଟକ; ପ୍ରା. ଚିବଡ଼ା)—ବତୁରା ଧାନକୁ
Churdā ସାମାନ୍ୟରେ ଭାଜି, କୁଟି ଚିହିଁକୁ ପ୍ରସ୍ତୁତ କରିବା ପତଳା
ଚିଡ଼େ ଖାଦ୍ୟ—Flattened and parched
ଚିଉଡ଼ା; ଚିଉଆ rice.

[ଦ୍ର— ଧାନକୁ ବତୁରାଇ ସେହି ବତୁରା ଧାନକୁ ଟିକିଏ ଉଷାଇ ସଙ୍ଗେସଙ୍ଗେ ଢିଙ୍କିରେ କୁଟିଲେ ଧାନମଧ୍ୟସ୍ଥ ବତୁରା ଚାଉଳ ଚେପଟା ହୋଇଯାଏ; ତତ୍ପରେ ଉକ୍ତ କୁଟା ଧାନକୁ ପାଛୁଡ଼ିଦେଲେ ସେଥିରୁ ଧାନ ଚୋପା (ତୁଷ) ବାହାରିଯାଇ ଚେପଟା ଚାଉଳ ରହେ; ଏହାକୁ ଚୂଡ଼ା କହନ୍ତି । ଏହାକୁ ପାଣିରେ ବତୁରାଇଲେ ଏହା ନରମ ହୋଇଯାଏ ଓ ଏହାକୁ ନ ସିଝାଇ ବା ନ ରାନ୍ଧି ଖିଆଯାଏ । ସରୁ ଧାନରୁ ସରୁ ଚୂଡ଼ା ହୁଏ, ବଗଡ଼ା ବା ମୋଟା ଧାନରୁ ବଗଡ଼ା ବା ମୋଟ ଚୂଡ଼ା ହୁଏ । ଚୂଡ଼ା କୁଟିବା କେଉଟୁଣୀମାନଙ୍କ ଜାତୀୟ ବ୍ୟବସାୟ । ଯେଉଁମାନେ ଉପବାସ ଓ ବ୍ରତାଦି କରନ୍ତି ସେମାନେ କେଉଟୁଣୀଙ୍କଦ୍ୱାରା ଉଷୁଆଁ ଧାନର ଚୂଡ଼ା (ଉଷୁନା ଚୂଡ଼ା) ନ ଖାଇ ଉଷୁଆ ନ ହୋଇ କେବଳ ବତୁରା ଧାନରୁ ପ୍ରସ୍ତୁତ ଚୂଡ଼ା (ଅରୁଆ ଚୂଡ଼ା) ଖାଆନ୍ତି । କିନ୍ତୁ ଉଷୁନା ଓ ଅରୁଆ ଚୂଡ଼ାର କିଛି ପ୍ରଭେଦ ଆଖିକୁ ଦେଖା ନ ଯିବାରୁ ଚୂଡ଼ା ଉଷୁନା କି ଅରୁଆ ଏ ତଥ୍ୟ ପାଇଁ କେଉଟୁଣୀଙ୍କ ମୁହଁକଥା ଉପରେ ନିର୍ଭର କରାଯାଏ । ଚୂଡ଼ାକୁ ଗୁଡ଼ ଓ ଦହି ସଙ୍ଗେ ଚକଟି କିମ୍ବା ଚୂଡ଼ାଘସା କରି, କିମ୍ବା ଚୂଡ଼ାଭଜା କରି କିମ୍ବା ଖିରି କରି ଖିଆଯାଏ ।]

ପ୍ରାଦେ. (ମେଦିନୀପୁର) ବି (ସଂ. ଚୂଡ଼ା) ସ୍ତ୍ରୀଲୋକମାନେ ମୁଣ୍ଡରେ ପିନ୍ଧିବା ରୂପା ଚିରୁଣୀ—Silver comblike ornament for the chignon.

ଚୂଡ଼ାକୁଟି—ଦେ. ବି—ଏକପ୍ରକାର ବୁଦାଳିଆ ଘାସ (ଏହା ଧାନ ବିଲରେ
Churdākuti ଜନ୍ମେ)—A kind of bushy weed growing in paddy-fields.

[ଦ୍ର—ଏହାର ଚେର ଏଡ଼େ ଶକ୍ତ ଯେ ଦାଆର ମୂନରେ ଏହାକୁ ନ ଉଖାରିଲେ ଏ ଉପୁଡ଼େ ନାହିଁ ।]

ଚୂଡ଼ା କୁଟିବା—ଦେ. କ୍ରି—ଧାନକୁ ଓଦା କରି ଓଦା ଅବସ୍ଥାରେ ଉଷାଇଁ,
Churdā kuṭibā କୁଟି ଚିହିଁରୁ ଚୂଡ଼ା ବାହାର କରିବା—
To flatten paddy into 'churdā' by pounding or beating.

ଚୂଡ଼ା ଚାଉଳ—ଦେ. ବି (ଯୌଗିକ ଶବ୍ଦ)—ଜଳଖିଆ ପାଇଁ ଚୂଡ଼ା ଓ
Churdā chāula ରୋଷାଇ ପାଇଁ ଚାଉଳ (ଯାହାକୁ ଲୋକେ
ବିଦେଶ ଗଲାବେଳେ ସଙ୍ଗରେ ବାନ୍ଧି ନିଅନ୍ତି) ଚୂଡ଼ା
ଚିଡ଼େଚାଲ ଓ ଚାଉଳ—Parched rice and rice carried by a person going abroad.

ମୁଁ ଘରୁ ଚୂଡ଼ା ଚାଉଳ ବାନ୍ଧି ଆଣିଅଛି—ଫକୀରମୋହନ. ଛମାଣଆଠଗୁଣ୍ଠ ।

ଚୂଡ଼ାଦହି— ଦେ. ବି (ଓ. ଦ୍ୱନ୍ଦ୍ୱ ସମାସ, ଚୂଡ଼ା+ଦହି)—୧ । ଖାଦ୍ୟାର୍ଥ
Churdādahi ବ୍ୟବହୃତ ଚୂଡ଼ାମିଶ୍ରିତ ଦହି—1. Parched
ଚିଡ଼େଦହି rice and curd (and molasses) mixed together.

୨ । ସାମାଜିକ ବା ଧର୍ମାନୁଷ୍ଠାନ ଉପଲକ୍ଷରେ ବ୍ରାହ୍ମଣଭୋଜନ
ଫଳାହାର; ଫଳାର (ଚୂଡ଼ା ଓ ଦହି ଯହିଁର ପ୍ରଧାନ ଉପାଦାନ)—
2. Feeding the Brahmans on occasions of social and religious ceremonies (the chief ingredients of which are churdā and dahi).

ଚୂଡ଼ାଦହିଆ—ଦେ. ବିଣ (ବ୍ୟଙ୍ଗ୍ୟାର୍ଥ)—୧ । ଯେଉଁ ବ୍ରାହ୍ମଣମାନେ ଅନ୍ୟର
Churdādahiā ଘରକୁ ଆମନ୍ତ୍ରିତ ହୋଇ ଚୂଡ଼ା ଓ ଦହି
ଫଳାରେ ଖାଇବାକୁ ଯାଆନ୍ତି—1. (Brahmans) attending a feast for feeding Brahmans with churdā and dahi.

୨ । ଚୂଡ଼ାଦହି ପ୍ରିୟ—2. Fond of taking 'churdā and dahi at a feast.

ଚୂଡ଼ାଭଜା—ଦେ. ବି—ଚୂଡ଼ାକୁ ଭାଜି ତିଆରି କରିବା ଖାଦ୍ୟ; ହୁଡ଼ୁମ୍
Churdābhajā (ଏହା ଲଘୁ ଖାଦ୍ୟ)—Fried parched
ଚିଡ଼େଭାଜା rice (this is light food.)

[ଦ୍ର—ଦରକୁଟା ଚୂଡ଼ା ଓଦା ଥାଉଁଥାଉଁ କେଉଟୁଣୀମାନେ ତାକୁ ଭାଜିଲେ ତାହା ହୁଡ଼ୁମ୍ ହୁଏ । କିନ୍ତୁ ଚୂଡ଼ା ଶୁଖିଯିବା ପରେ ଆମ୍ଭେମାନେ ତାକୁ ଘରେ ଭାଜିଲେ ତାହା ଚୂଡ଼ାଭଜା ହୁଏ । ହୁଡ଼ୁମ୍ ଚୂଡ଼ାଭଜା ଅପେକ୍ଷା ଫୁଲୁକା ଓ ଫମ୍ପା ଏବଂ ଏହା ଚୂଡ଼ା-ଅପେକ୍ଷା ଲଘୁତର ଖାଦ୍ୟ ।]

ଚୁଡ଼ି—ଦେ. ବି (ସଂ. ଚୂଡ଼ା=ବାହୁଭୂଷଣ—ଯୋଗେଶଚନ୍ଦ୍ର)—
Churdi ୧ । ସ୍ତ୍ରୀଲୋକମାନଙ୍କର ହାତରେ ପିନ୍ଧିବା ଚଟକା ଓ
ଚୁଡ଼ୀ ପତଳା ଅଳଙ୍କାରବିଶେଷ—1. Choorie; a kind
ଚୂଡ଼ୀ of flat and broad bracelet used by females.

ରଙ୍ଗ ସିନ୍ଦୂର ରଙ୍ଗଚୁଡ଼ି, ଦେବୁ ଗୋ ରଙ୍ଗ ପାଟଶାଢ଼ୀ—ଭୂପତି. ପ୍ରେମପଞ୍ଚାମୃତ ।

[ଦ୍ର—ବଙ୍ଗଦେଶରେ ଓ ହିନ୍ଦୁସ୍ଥାନରେ ଯାହାକୁ ଚୁଡ଼ି ବୋଲି ବୋଲାଯାଏ ତାହା ଓଡ଼ିଶାର 'କାଚ' ଅଟେ ଏବଂ ତାହା ସୁନା ବା ରୁପାର ସରୁ ଓ ପତଳା ବଳୟ ଅଟେ । ପ୍ରତି ହାତରେ ଏକାଧିକ ପଟି ଉକ୍ତ ଚୁଡ଼ି ପିନ୍ଧାଯାଏ । କିନ୍ତୁ ଓଡ଼ିଶାରେ ଆମେ ଯାହାକୁ ଚୁଡ଼ି କହୁଁ ତାହା ପ୍ରତି ହାତରେ ପଟେ ଲେଖାଏଁ ପିନ୍ଧାଯାଏ ଓ ତାହା କଚଟିଠାରୁ କହୁଣୀ ଆଡ଼କୁ ୩।୪।୫।୬।୭।୮।୯।୧୦।୧୧।୧୨ ଅଙ୍ଗୁଳି ପର୍ଯ୍ୟନ୍ତ ସ୍ଥାନ ଅଧିକାର କରି ଥାଏ ।]

୨ । କମିଜର ହସ୍ତପ୍ରାନ୍ତର ପଟି; କଫ୍—2. Cuff of the sleeve of a shirt; the fold at the end of a sleeve.

୩ । ସ୍ତ୍ରୀଲୋକମାନଙ୍କ ହାତରେ ପିନ୍ଧାଯିବା ପତଳା ପତଳା କାଚ ବା ଧାତୁର ଖଡ଼ୁ—3. Small bangles worn by females on the hand.

୪ । (ଦେଶୀ ଗୁଆ ବ୍ୟବସାୟରେ ଗୁଆ ସୁମାର କରାଯିବା ସଂଖ୍ୟା ବିଶେଷ) ୯ ପଣ ବା ୭୨୦ ଗୋଟା (ଗୁଆ)—
4. A unit of 720 areca-nuts

୫ । ଗ୍ରାମୋଫୋନ୍ ଯନ୍ତ୍ରରେ ଖଞ୍ଜାଯିବା ରେକର୍ଡ଼—
5. Gramophone record.

[ଦ୍ର—ପୂର୍ବେ ଫନୋଗ୍ରାଫ୍ ଯନ୍ତ୍ରରେ ଚୁଡ଼ି ଆକାରର ରେକର୍ଡ଼ ଲଗାଯାଇ ବଜା ଯାଉଥିଲା । ବର୍ତ୍ତମାନ ଗ୍ରାମୋଫୋନ୍ ରେକର୍ଡ଼ ଆବିଷ୍କାର ହେବା ପରେ ଗ୍ରାମୋଫନ୍ ରେକର୍ଡ଼ ଚୁଡ଼ି ଆକାରର ନ ହେଲେ ମଧ୍ୟ ଫନୋଗ୍ରାଫ୍ ରେକର୍ଡ଼ର ଚୁଡ଼ି ବ୍ୟବହାର ଅନୁସାରେ ଏହାକୁ ମଧ୍ୟ କେହି କେହି ଚୁଡ଼ି କହନ୍ତି ।]

ଚୁଡ଼ିଆ—ଦେ. ବି—୧ । (ସଂ. ଚୂଡ଼ା) ମୁଣ୍ଡରେ ଚୂଳଥିବା ଏକପ୍ରକାର ଯୁଦ୍ଧପ୍ରିୟ ପକ୍ଷୀ; ଗୋବର ଚଢ଼େଇ; ଚୁଳିଆ—
Churdiā
1. A kind of tufted bird which loves fighting with another of its kind.

୨ । (ସଂ. ଚେଡ଼ା) ଏକପ୍ରକାର ଓଢ଼ଣୀ—
2. A kind of veil or wrapper.

୩ । (ସଂ. ଚେଡ଼କ) ଏକପ୍ରକାର ଚୁଡ଼ିପରି ଚିତ୍ରିତ ଧଡ଼ି ଥିବା (ଲମ୍ବ ଓ ଓସାର) ଲୁଗାଯୋଡ଼ା—3. A pair of cloths, (very broad and long.

ଚୁଡ଼ିଆ ଫେଟା—ଦେ. ବି.—(ଏହା ରଣପୁର ଓ ଢେଙ୍କାନାଳର ମାଣିଆବନ୍ଧ ଆଦି ସ୍ଥାନରେ ବୁଣାଯାଏ) ଖୁବ୍ ଲମ୍ବ ଓ ଚଉଡ଼ା ଧଡ଼ିଦାର ଲୁଗା—Long and broad bordered wearing cloth.
Churdiā pheṭā

ଚୁଡ଼ିତିଆ—ପ୍ରାଦେ. (ଗଞ୍ଜାମ) ବି. ପୁଂ.—(ଏମାନେ ଚୁଡ଼ା କୁଟୁଥିବାରୁ) କେଉଟ ବା ଲିଆରି ଜାତି-(ଗୋପୀନାଥ ନନ୍ଦ)—
Churditiā
(ଚୁଡ଼େଇତିଆଣୀ—ସ୍ତ୍ରୀ) A caste of Hindus who prepare parched rice.

ଚୁଡ଼ିଦାର୍ କମିଜ—ଦେ. ବି.—ଯେଉଁ କମିଜର ହାତରେ କଫ୍ ଥାଏ—
Churdidār kamija — Cuffed shirt; shirt with sleeves having cuffs.
চুড়িদার
चूड़िदार

ଚୁଡ଼ିପାଡ଼—ଦେ. ବି.—ଯେଉଁ ଲୁଗାର ଧଡ଼ି ଚୁଡ଼ିପରି ଚିତ୍ରିତ ହୋଇ ଥାଏ—(cloth) Having its borders pictured like the churdi.
Churdipārd
চুড়িপার
(ଚୁଡ଼ିପାରି—ଅନ୍ୟରୂପ)

ଚୁଡ଼ି ଶୀତଳେଇବା—ଦେ. କ୍ରି. (ଶୁଭବାଚକ)—ହାତରୁ ଚୁଡ଼ି ଓହ୍ଲାଇବା ବା କାଢ଼ିଦେବା—(euphemism) To put off the chooree from the hand.
Churdi Śitaḷeibā
চুড়িশীতলান
चूड़ियाँ बढ़ाना [ଦ୍ର—ଖଡ଼ୁ ଓ ଚୁଡ଼ି ସ୍ତ୍ରୀଲୋକମାନଙ୍କର ସଧବା ଥିବାର ଚିହ୍ନ ଥିବାରୁ, ଏହାକୁ କାଢ଼ିବା କଥା ନ କହି ଶୀତଳେଇବା ଶବ୍ଦ ସ୍ତ୍ରୀଲୋକମାନେ କହନ୍ତି ।]

ଚୁଡ଼ୁଚୁଡ଼ା—ଦେ. ବି.—କୌଣସି ଜଳୀୟାଂଶ ଥିବା ପଦାର୍ଥ ଖରା ବା ନିଆଁରେ ପଡ଼ି ଧଡ଼ଧଡ଼ ହୋଇ ଶୁଖି ଯିବା—
Churduchurdā
चिड़चिड़ा Drying up in the sun or fire (said of a thing containing water

ଚୁଡ଼ୁଚୁଡ଼ା କେନ୍ଦୁ—ପ୍ରାଦେ. (ଗଞ୍ଜାମ) ବି.—ସାନ କେନ୍ଦୁ—A small variety of Kendu tree.
Churduchurdā kendu

ଚୁଡ଼େଇତିଆଣୀ—ପ୍ରାଦେ. (ଗଞ୍ଜାମ)—ବି.—(ଚୁଡ଼ା କୁଟିବା ଓ ବିକିବାରୁ) ଚୁଡ଼ିତିଆ ଜାତିର ସ୍ତ୍ରୀଲୋକ; କେଉଟୁଣୀ—A woman of the Churditiā caste.
Churdeitiāṇi

ଚୁଣ୍ଟା—ଦେ. ବି.—ବୋତଲ ମୁହଁ ବା ଅନ୍ୟ ଛିଦ୍ର ମୁଦିବାପାଇଁ ଦିଆଯିବା (ପାଳ ବା ଚିରିକନାର) ବିଣ୍ଡା—A rolled bundle (of straw or rags) used as a gag or cork to stop the mouth of a jar or a hole.
Chunṭā
গোঁজ

ଚୁଣ୍ଟା ଦେବା—ଦେ. କ୍ରି.—ବିଣ୍ଡାରେ ମୁହଁ ବନ୍ଦ କରି ଦେବା—
Chunṭā debā — To gag.
গোঁজদেওয়া
(ଚୁଣ୍ଟା ମାରିବା—ଅନ୍ୟରୂପ)

ଚୁଣ୍ଟି—ପ୍ରାଦେ. (ସମ୍ବଲପୁର) ବି.—ଚୁଟି (ଦେଖ)
Chunṭi — Chuṭi (See)

ଚୁଣ୍ଟିବା—ପ୍ରାଦେ. (ସମ୍ବଲପୁର ଓ ଗଞ୍ଜାମ) କ୍ରି—ଖାଇବା; ଖାଦ୍ୟକୁ ଟିକିପକାଇବା—To eat voraciously..
Chunṭibā

ପଡ଼ିଥିବା ଅଇଁଠା ଭାତ ଅଧେ ଖୁଣ୍ଟି,
ପେଟକୁ ତୋଷ କଲେ ତାହା ଦେଇ ଚୁଣ୍ଟି । କୃଷ୍ଣସିଂ. ମହାଭାରତ. ବନ୫ ।

ପ୍ରାଦେ. (ଗଡ଼ଜାତ) କ୍ରି.—ଗେଞ୍ଜିଦେବା; ପୂରାଇ ଦେବା—
To put in; to thrust in.

ଚୁତଲ୍—ପ୍ରାଦେ. (ସମ୍ବଲପୁର) ବି.—(ତୁଳ. ହି. ଚୂତଡ଼; ସଂ. ଚ୍ୟୁତ=ଭଗ; ଚୂତ=ଗୁହ୍ୟଦ୍ୱାର)—୧ । ଗାଣ୍ଡି; ପିଚ୍ଛ—
Chutal
1. Buttocks.

୨ । ଗୁହ୍ୟଦ୍ୱାର—2. Anus.

ଚୁଟିଆ—ଦେ. ବି.—୧ । କମାରଙ୍କ ସଣ୍ଡୁଆସି—
Chutiā — 1. Pincers; forceps.

୨ । ଛୋଟ ହାତୁଡ଼ି—2. A small hammer.

ଦେ. ବିଣ. (ଗାଳି); (ହି. ଚୁତିୟା=ମୂର୍ଖ; ସଂ. ଚୂତ=ଗୁହ୍ୟଦ୍ୱାର)—୧ । ପାଜି—1. Rascal.
লোচ্চা
चूतिया

୨ । କୁଳାଙ୍ଗାର—2. Unworthy or evil (person).

୩ । ଧୀଟ—3. Pertinacious; stubborn.

୪ । ମୂର୍ଖ—4. Illiterate.

ଚୁଦ୍ (ଧାତୁ)—ସଂ - ୧ । ପ୍ରବର୍ତ୍ତାଇବା—
Chud (rood) — 1. To impel; to incita; to urge.

୨ । ଉତ୍ତେଜିତ କରିବା; ମତାଇବା—
2. To inspire; to excite.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଞ
୨	ଈ	ଊ	ରୁ	ଲୁ	ଯ୍ରେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଙ	ନୃ

୩ । ଅନୁରୋଧ ବା ପ୍ରାର୍ଥନା କରିବା—
3. To request; to solicit; to pray.
୪ । ଆଦେଶ କରିବା—4. To enjoin; to direct.
୫ । ଅଳି କରିବା; ଜିଦ୍ କରିବା—
5. To importune; to press with a request.
୬ । ଘଷାଇବା; ଧାର୍ଆ କରିବା—
6. To whet; to sharpen (M. W.)
୭ । ଅଡ଼ାଇବା—7. To goad; to drive (M. W.)
୮ । ନିମନ୍ତ୍ରଣ କରିବା—8. To invite (M. W.)
୯ । ଅନ୍ୱେଷଣ କରିବା—9 To seek after.

ଚୁନ୍‌ଚୁନ୍ କରିବା—ଦେ. କ୍ରି—ଚୂନାଇବା (ଦେଖ)
Chunchun kariba — Chūnaibā (See)

ଚୁନ୍‌ଚୁନିଆ—ଦେ. ବି ଓ ବିଣ—ଚୂନାଚୂନା (ଦେଖ)
Chunchuniā — Chūnāchūnā (See)

ଚୁନ (ଇତ୍ୟାଦି)—ଦେ. ବି—ଚୂନ ଇତ୍ୟାଦି (ଦେଖ)
Chuna (etc) — Chūna etc. (See)

ଚୁନଟ୍—ଦେ. ବି. (ସଂ. ଚୟନ)—୧ । ବସ୍ତ୍ରାଦିର କୁଞ୍ଚା; କୁଞ୍ଚ—
Chunaṭ — 1. Curling of cloth into artistic
ଚୁନାଟ — folds; making wrinkles in a cloth.
ଚୁନ୍ନଟ୍ } ଚୁନାଟ୍ } ଅନ୍ୟରୂପ — ୨ । କୁରୁତା ଇତ୍ୟାଦିରେ ଯେଉଁ କୁଞ୍ଚା କରାଯାଇ ସିଲାଇ କାମ କରାଯାଏ—
2. Frills; ruffle.

ଚୁନପତର—ଗ୍ରା. ବି. (ସଂ. ଚୂର୍ଣ୍ଣ+ପତ୍ର)—ଚୂନପତ୍ର (ଦେଖ)
Chunapatara — Chūnapatra (See)

ଚୁନା (ଇତ୍ୟାଦି)—ଗ୍ରା. ବି. (ସଂ. ଚୂର୍ଣ୍ଣ)—ଚୂନା ଇତ୍ୟାଦି (ଦେଖ)
Chunā (etc) — Chūnā etc. (See)

ଚୁନି—ଦେ. ବି. (ସଂ. ଚୂର୍ଣ୍ଣ)—ମାଣିକ; ପଦ୍ମରାଗ ମଣି—
Chuni — Ruby.
चुनी — ଦେ. ବି ଓ ବିଣ—ଚୂନି (ଦେଖ)
चुन्नी — Chūni (See)

ଚୁନି ଚୁନି—ଦେ. ବି ଓ ବିଣ—ଚୂନାଚୂନା (ଦେଖ)
Chuni chuni — Chūnāchūnā (See)

ଚୁନିଦା—ଦେ. ବିଣ. (ସଂ. ଚୟନ; ହି. ଚୁନ୍‌ନା=ବାଛିବା; ତୁଳ. ଫା. ଚଂଦାହ୍=ବଛା)—
Chunidā
ବାଛା — ୧ । ବହୁ ବସ୍ତୁ ବା ବ୍ୟକ୍ତି ମଧ୍ୟରୁ ବଛା ହୋଇଥିବା—
चुनिन्दा — 1. Chosen; selected.
(ଚୁନ୍ଦା—ଅନ୍ୟରୂପ) ୨ । ଉତ୍କୃଷ୍ଟ—2. Excellent.
୩ । ପ୍ରଧାନ; ମୁଖ୍ୟ—3. Chief; principal.

ଚୁନକୋଳି—ଗ୍ରା. ବି—ଚୂନକୋଳି (ଦେଖ)
Chunakoḻi — Chūnakoḻi (See)

[ଦ୍ର—ଚୂନ ଶବ୍ଦର ପ୍ରଥମ ଅକ୍ଷର ଊକାରାନ୍ତ ଥିବାରୁ ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେଲେ ଉଚ୍ଚାରଣ ବେଳେ ଚୂନ ସ୍ଥାନରେ 'ଚୁନ' ଉଚ୍ଚାରଣ ସ୍ୱଭାବତଃ ହୋଇଯାଏ । ତୁଳ. ଚୁନଖାଇ, ଚୁନଦାନି, ଚୁନପତର ।]

ଚୁନଖାଇ—ଗ୍ରା. ବି—ଚୂନଦାନି (ଦେଖ)
Chunukhāi — Chūnadāni (See)

ଚୁନୁଚୁନିଆ—ଦେ. ବି ଓ ବିଣ—ଚୂନାଚୂନା (ଦେଖ)
Chunuchuniā — Chūnāchūnā (See)

ଚୁନୁଦାନି—ଗ୍ରା. ବି—ଚୂନଦାନି (ଦେଖ)
Chunudāni — Chūnadāni (See)

ଚୁନୁପତର—ଗ୍ରା. ବି—ଚୂନପତ୍ର (ଦେଖ)
Chunupatara — Chūnapatra (See)

ଚୁନୁରା—ଗ୍ରା. ବି—ଚୂନରା (ଦେଖ)
Chunurā — Chūnarā (See)

ଚୁନ୍ଦ (ଧାତୁ)—ସଂ—ବିଜ୍ଞାପନ ଦେବା—
Chunda (root) — To advertise.

ଚୁନ୍ଦି—ପ୍ରାଦେ. (ଲଇଥ) ବି—କେଶ; ବାଳ—
Chundi — Hair.
ପ୍ରାଦେ. (ସମ୍ବଲପୁର) ବି. (ତୁଳ. ହି. ଏହି ଅର୍ଥରେ ଚୁନ୍ଦୀ)—ଚୁଟି; ଶିଖା—Chignon; pigtail; a tuft of long hair left on the middle of the head.

ଚୁନ୍ଦିବା—ପ୍ରାଦେ. (ଗଡ଼ଜାତ) କ୍ରି—କାଠରେ କିଛି ପଦାର୍ଥ ଗଢ଼ିବା—
Chundibā — To do some wood-work.

ଚୁନ୍ଦୀ—ସଂ. ବି. ସ୍ତ୍ରୀ. (ଚୁଦ୍ ଧାତୁ=ଅନ୍ୱେଷଣ କରିବା, ପ୍ରବର୍ତ୍ତାଇବା, ମତାଇବା+କର୍ତ୍ତୃ. ଅ+ସ୍ତ୍ରୀ. ଈ; ନ ଆଗମ)—ଦୂତୀ; କୁଟ୍ଟିନୀ—A procuress.
Chundī

ଚୁପ୍—ଦେ. ଅ. (ଅନାଦରାର୍ଥ)—(ସଂ. ଚୁପ ଧାତୁ=ମୌନ ହେବା-
Chup — ହି. ଶବ୍ଦସାଗର; ହି. ଚୁପ୍=ନୀରବ; ଗୋପନ; ଗାଳିରେ
चुप — ବ୍ୟବହୃତ)—ପାଟି ବନ୍ଦକର; ତୁନି ହୋ—
चूप — Shut up your mouth ! hush !
[ଦ୍ର—ଏହା ନିମ୍ନତର ବ୍ୟକ୍ତିଙ୍କ ପ୍ରତି ବ୍ୟବହୃତ ହୁଏ ଓ ତାଚ୍ଛିଲ୍ୟାର୍ଥେ ବ୍ୟବହୃତ ହୁଏ ।]
ବି—ମୌନ—Silence,
ବିଣ—ନୀରବ—Silent.

ଚୁପ୍ କରି—ଦେ. କ୍ରି. ବିଣ—୧ । ନୀରବରେ—1. Silently.
Chup kari — ୨ । ଅନ୍ୟଦ୍ୱାରା ଅଜାଣିତ ଭାବରେ; ଗୁପ୍ତରେ—
चुपकरे — 2 Without the knowledge of
चुपकरके; चुपकेसे — another; secretly.

ଚୁପ୍ କରିବା—ଦେ. କ୍ରି—୧ । (ଅକର୍ମକ) ମୌନାବଲମ୍ବନ କରିବା; ନୀରବ ହେବା—1. To keep silent
Chup karibā
चुपकरना — ୨ । କଥା ବନ୍ଦ କରିବା—2. To stop talking.
चुपकरना — ୩ । ନିଶ୍ଚଳ ହେବା—3. To keep quiet

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । (ସକର୍ମକ) କୌଣସି ବ୍ୟକ୍ତିଙ୍କୁ କଥା କହିବାକୁ ନ ଦେବା— 4. Not to let a person speak; to silence a person; to stop the mouth of a person.

ଚୁପ୍‌ଚାପ୍— ଦେ. ବି— ମୌନ—Silence.
Chupchāp ବିଣ—୧ । ନୀରବ; ନିଃଶବ୍ଦ—1. Silent.
चुपचाप, चुपिचापि ୨ । ନିଶ୍ଚଳ—2. Quiet; motionless.
চুপচাপ ୩ । ଗୋପନୀୟ; ଗୁପ୍ତ—3. Secret.
୪ । ଅସ୍ତେ ଅସ୍ତେ କୋହ୍ଲ ଯାଉଥିବା; ଫୁସଫୁସ— 5. Whispered; uttered in a suppressed tone.
୫ । ଗୋଳମାଳଶୂନ୍ୟ— 5. Noiseless.
କ୍ରି· ବିଣ—୧ । ନୀରବରେ—1. Silently; quietly.
୨ । ଗୋପନରେ—2. Secretly; stealthily.
୩ । ଅସ୍ତେ ଅସ୍ତେ (କଥା କହିବା); ଫୁସ୍ ଫୁସ୍ ହୋଇ— 3. In whispers; softly.
୪ । ଅନୁଚ୍ଚ ସ୍ୱରରେ— 4. In low tones; in low voice
୫ । ଗୋଳମାଳ ନ କରି— 5. Without making a noise.

ଚୁପ୍‌ଚୁପ୍— ଦେ. ଅ—ଚୁପ୍ (ଦେଖ)
Chupchup Chup (See)
चुपचुप ବିଣ ଓ କ୍ରି° ବିଣ—ଚୁପ୍‌ଚାପ୍ (ଦେଖ)
চুপচুপ Chupchāp (See)

ଚୁପ୍‌ତେ—ଦେ. କ୍ରି. ବିଣ. (ବଙ୍ଗଳାରୁ ଅନୁକୃତ)—
Chupte ଚୁପ୍‌ଚାପ୍ (ଦେଖ)
चुपते Chupchāp (See)

ଚୁପ୍‌ବେ— ଗ୍ରା. ଅ. (ଅନାଦରାର୍ଥକ ଓ ଦୃଢ଼ାର୍ଥକ)— ଚୁପ୍ (ଦେଖ)
Chup-be Chup (See)

ଚୁପ୍ ମାରିବା—ଦେ. କ୍ରି—ଚୁପ୍ କରିବା ୧. ୨. ୩ (ଦେଖ)
Chup māribā Chup karibā 1. 2. 3 (See)
चपमारा
চুপমারনা
(ଚୁପ୍‌ରହିବା— ଅନ୍ୟରୂପ)

ଚୁପ୍‌ରହ— ଦେ. ଅ. (ଅନାଦର ଓ ଦୃଢ଼ାର୍ଥକ)—ଚୁପ୍ (ଦେଖ)
Chupraha Chup (See)
चपकर
চুপরহো

ଚୁପ୍‌ସଇତାନ୍—ଦେ. ବିଣ—(ହି. ଚୁପ୍ + ପା. ସୈତାନ୍)—
Chupsaitān ୧ । ଯେ ବାହାରେ ନମ୍ର ଦେଖାଯାଏ କିନ୍ତୁ ଭିତରେ
चुप् सयतान् ଭିତରେ ଦୁଷ୍ଟାମି ବା ପାଜିପଣିଆ କରେ—
চুপ সৈতান, চুপ ছিনাল 1. Seemingly or outwordly
(ଚୁପ୍‌ସଏତାନ୍—ଅନ୍ୟରୂପ) quiet but really wicked.
(ଚୁପ୍‌ସଇତାନ—ବି) ୨ । ଷଡ଼ଯନ୍ତ୍ରକାରୀ; ଯେ ଗୋପନରେ ପରର ଅନିଷ୍ଟ କାମନା ପୂର୍ବକ ଅନ୍ୟମାନଙ୍କୁ ମନ୍ତାଏ— 2. Intriguing; scheming.

ଚୁପ୍‌ସି—ଦେ. କ୍ରି. ବିଣ—ଚୁପ ହୋଇ—
Chupsi Silently.
ଦେ. ବିଣ.—ଚୁପ୍‌ସଇତାନ୍ (ଦେଖ) —Chupsaitān (See)
ଦେ. ବିଣ. ସ୍ତ୍ରୀ—ଚୁପୁସୀ—Chupusī (See)

ଚୁପ୍ ସେ—ଦେ. କ୍ରି. ବିଣ (ହିନ୍ଦିରୁ ଅନୁକୃତ)—ଚୁପ୍‌ଚାପ୍ (ଦେଖ)
Chupse Chupchāp (See)
চুপ্ সে

ଚୁପ୍ ହେବା—ଦେ. କ୍ରି.—ଚୁପ୍ କରିବା (ଦେଖ)
Chup hebā Chup karibā (See)

ଚୁପା—ପ୍ରାଦେ (ସମ୍ବଲପୁର; ବାଲେଶ୍ୱର) ବି—ଚୋପା—
Chupā Peel.

ଚୁପୁଡ଼ା (ଇତ୍ୟାଦି) — ଚିପୁଡ଼ା ଇତ୍ୟାଦି (ଦେଖ)
Chupurdā (etc). Chipurdā etc. (See)

ଚୁପୁଡ଼ିବା— ଦେ କ୍ରି.—ଚିପୁଡ଼ିବା (ଦେଖ)
Chupurdibā Chipurdibā (See)

ଚୁପୁଲି—ଦେ. ବି.—ଚିପୁଲି (ଦେଖ)
Chupuli Chipuli (See)

ଚୁପୁସୀ—ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀ ବାହାରେ ସୁଶୀଳା ଦେଖାଯାଏ,
Chupusī କିନ୍ତୁ ଭିତରେ ଭିତରେ ଗୋପନରେ ପରର ଚୁଗୁଲି କରୁଥାଏ—A slandering woman (though seemingly innocent); seemingly innocent gossiping woman.

ଚୁବ୍‌ଡ଼ି—ଦେ. ବି.—ବାଉଁଶ ଟୋକାଇ; ପାଛିଆ—
Chub-rdi Bamboo-basket.
झुडी
টোকরী
(ଚୁବୁଡ଼ୀ—ଅନ୍ୟରୂପ)

ଚୁବ୍‌ଲା ହତ୍‌ଲା— ପ୍ରାଦେ. (ସମ୍ବଲପୁର) ବିଣ— ଘଣ୍ଟାଚକଟା ହୋଇଥିବା
Chub-lā hat-lā (ଖାଦ୍ୟ, ଜଳାଦି)—(food) Which has been spoiled by much handling.

ଚୁବ୍‌ଲିବା—ପ୍ରାଦେ. (ସମ୍ବଲପୁର) କ୍ରି.— ତାଳ ଗିଲାସ ପ୍ରଭୃତି ଜଳ-
Chub-libā ପାତ୍ରରେ ହାତକୁ ବୁଡ଼ାଇ ଦେଇ ପାଣିକୁ ମାଇ କରିଦେବା—To spoil the water of a pot by dipping the hand into it.

ଚୁବନ୍ୟ—ଗ୍ରା. ବି. (ସଂ. ଚୁମ୍ବନ)—ଚୁମ୍ବନ—
Chubanya Kiss.

ଚୁବାଇବା – ପ୍ରାଦେ. (ବାଲେଶ୍ୱର) କ୍ରି—ଚୋବାଇବା—
Chubāibā To chew.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଙ୍ଗ	ଜ୍ଞ	ଶ,ଷ	ଙ୍କ	ଇସ୍ପ	ଓଅ	ଙ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଙ୍ଗ୍ୟ	ଯ	ସ	ଗଁ୍ୟ	ଇଅ	ଊ	ନ୍

ଚବୁକ—ସଂ. ବ—ଚିବୁକ (ଦେଖ)
Chubnka   Chibuka (See)

ବ—ସଂ. ବ. (ଚୁମ୍ବ୍ ଧାତୁ=ଚୁମ୍ବନ କରିବା+କର୍ମ. ର)—
Chubra   ୧ । ମୁଖ; ମୁହଁ—1. The face.
୨ । ପାଟି—2. Mouth

ଚୁମ୍—ଦେ. ବ. (ସଂ. ଚୁମ୍ବ୍ ଧାତୁ; ବଙ୍ଗଳାରୁ ଅନୁକୃତ)—
Chum   ଚୁମା; ଚୁମ୍ବନ—Kiss.
চুম্, চমো, চুমা
चूमा, चुम्मा

ଚୁମ୍କି—ଦେ. ବ. (ସଂ. ଚମତ୍କାର; ଯାହା ଚକ୍‌ଚକ୍ କରେ)—
Chumki   ଧାତୁର କ୍ଷୁଦ୍ରକ୍ଷୁଦ୍ର ପତଳା ଖଣ୍ଡ; ଚେପଟା ଓ ଚକ୍‌-
চুমকী   ଚକିଆ କ୍ଷୁଦ୍ର ଧାତୁଖଣ୍ଡ—Minute metal-
चमकी   foils; spangles (set on cloth etc.).
[ଦ୍ର—ଏହା ଲୁଗା ଅଢରେ ଓ ପ୍ରତିମାର ମେଢ଼ରେ ଜଡ଼ାଯାଏ ।]

ଚୁମ୍କି ବସା—ଦେ. ବଣ—ଯହିଁରେ ଧାତୁର କ୍ଷୁଦ୍ରକ୍ଷୁଦ୍ର ପତଳା ଖଣ୍ଡ
Chumki basā   ଲଗାଯାଇ ଯାଏ—Spangled; overlaid
চুমকীদার   with minute metal-foils.
चमकीदार
ଚୁମ୍କିଲଗା }
ଚୁମ୍କିଦାର } ଅନ୍ୟରୂପ

ଚୁମ୍ ଖାଇବା—ଦେ. କ୍ରି—ଚୁମ୍ବନ ଦେବା—
Chum khāibā   To imprint a kiss; to kiss.
চুম্‌খাওয়া
चुम्मादेना
(ଚୁମ୍ଦେବା—ଅନ୍ୟରୂପ)

ଚୁମ—ପ୍ରାଦେ. (ସିଂହଭୂମ) ବ. (ସଂ. ଚୁମ୍ବ; ଚୁମ୍ବନ)—
Chuma   ଚୁମ୍ବନ—Kiss.

ଚୁମା—ପ୍ରାଦେ. (ସମ୍ବଲପୁର) ବ. (ତୁଳ. ହି. ଚୁମ୍ମା)—ଚୁମ୍ବନ—
Chumā   Kiss.

ଚୁମାଇବା—ଦେ. କ୍ରି—ଚୁମିବାର ଣିଜନ୍ତ ରୂପ—
Chumāibā   Causative form of Chumibā.
(ଚୁମେଇବା—ଅନ୍ୟରୂପ)

ଚୁମା ଖାଇବା—ପ୍ରାଦେ. କ୍ରି. (ସମ୍ବଲପୁର)—ଚୁମ୍ ଖାଇବା (ଦେଖ)
Chumā khāibā   Chum khāibā (See)
ଚୁମାଦେବା }
ଚୁମାନେବା } ଅନ୍ୟରୂପ

ଚୁମାଚୁମି ହେବା—ଦେ. କ୍ରି. (ସଂ. ଚୁମ୍ବନ)—ପରସ୍ପର ପରସ୍ପରକୁ
Chumāchumi hebā   ଚୁମ୍ବନ କରିବା; ଚୁମା ଦିଅଦେଇ
চুমাচুমি হওয়া   ହେବା—To kiss each other.
चुम्माचुम्मी होना

ଚୁମିବା—ଦେ. କ୍ରି. (ସଂ. ଚୁମ୍ବ୍ ଧାତୁ)—ଚୁମ୍ବିବା; ଚୁମ୍ବନ କରିବା—
Chumibā   To kiss.
চুমা
चुमना

ଚୁମୁ—ଦେ. ବ. (ସଂ. ଚୁମ୍ବକ)—ପାଣି ପିଇବାର ଛୋଟ ପାତ୍ରବିଶେଷ—
Chumu   A small water-pot to sip wate form

ଚୁମୁଟା—ଦେ. ବ—ଚିମୁଟା (ଦେଖ)
Chumuṭā   Chimuṭā (See)

ଚୁମୁଟିବା—ଦେ. କ୍ରି—ଚିମୁଟିବା (ଦେଖ)
Chumutibā   Chimuṭibā (See)

ଚୁମୁତ୍କାର—ସଂ. ବ. (ଧ୍ୱନ୍ୟନୁକରଣ)—ଚୁମ୍ବନଜନିତ ଚୁଁଚୁଁ ଶବ୍ଦ—
Chumutkāra   Sound of kissing.
ଚୁମୁତ୍କାର ରବ ନ କରେଁ ଥରେ । କବିସୂର୍ଯ୍ୟ, ସଙ୍ଗୀତ ।

ଚୁମୁଲା—ଦେ. ବ—ମୁଚୁଲା (ଦେଖ)
Chumuḻā   Muchuḻā (See)

ଚୁମ୍ବ୍ (ଧାତୁ)—ସଂ—୧ । ଓଠ ଦ୍ୱାରା ଗଣ୍ଡାଦି ସ୍ପର୍ଶ କରିବା—
Chumb (root)   1 To kiss; to touch with the lips.
୨ । ଈଷତ୍ ସ୍ପର୍ଶ କରିବା—
2. To touch slightly or softly.
୩ । ଆଘାତ କରିବା—3. To hurt. (M. W.)
୪ । ଆକର୍ଷଣ କରିବା—4. To attract.

ଚୁମ୍ବ—ସଂ. ବ. (ଚମ୍ବ୍ ଧାତୁ+ଭାବ, ଅ)—ଚୁମ୍ବନ (ଦେଖ)
Chumba   Chumbana (See)

ଚୁମ୍ବକ—ସଂ. ବ. (ଚୁମ୍ବ୍ ଧାତୁ+କର୍ତ୍ତୃ. ଅକ; ଯାହା ଲୌହକୁ ଚୁମ୍ବନ ବା ଆକର୍ଷଣ କରେ)—
Chumbaka
୧ । ଅୟସ୍କାନ୍ତ ମଣି; ଲୋହକୁ ନିକଟକୁ ଟାଣିବା ପଥର—
1. Load-stone.
ମନ ଲୋହ ହୋଇଥିଲା, ତୋ ଚୁମ୍ବ ଚୁମ୍ବକ ବଳେ ହରି କାଢ଼ି ନେଲୁ—
ଅଭି. ପ୍ରେମସୁଧାନିଧି ।
୨ । ଚୁମ୍ବକ ଲୌହ (ଦେଖ)—
2. Chumbaka lauha (See)
୩ । ବହୁ ବସ୍ତୁ ବିଷୟର ସାରସଂଗ୍ରହ; ସଂକ୍ଷିପ୍ତ ବିବରଣ—
3. Epitome; summary; abstract.
୪ । ନିକିତିର ଉପରଭାଗ—
4. The upper part of a balance. (M. W.)
୫ । ଗ୍ରନ୍ଥାନ୍ତରରୁ ସମଶ୍ରେଣୀର ବା ସମଭାବଗର୍ଭକ ଉଦ୍ଧୃତ ଅଂଶ—5. A parallel passage. (M. W.)

ବଣ—୧ । ଚୁମ୍ବନକାରୀ—1. Kissing.
୨ । ଲମ୍ପଟ—2. Lecherous.
୩ । ଧୂର୍ତ୍ତ—3. Cunning.
୪ । ଗ୍ରନ୍ଥାଦିର ସାର ସଂଗ୍ରାହକ—4. Compiling.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଏଣୁ ୧ ଟା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କ୍ଷୁଅ' ନ ମିଳିଲେ 'ଖୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲକ୍ତ' ନ ପାଇଲେ 'ଅଳକ୍ତ' ଦେଖିବେ

୫ । ଯେଉଁ ଗ୍ରନ୍ଥର ସାର ସଂଗୃହୀତ ହୋଇଥାଏ—
5. Abridged; summarised.

୬ । ଯେ ବହୁତ ପଢିଛି କିନ୍ତୁ ଗଭୀର ଜ୍ଞାନଲାଭ କରିନାହିଁ—
6. Superficial (M. W.)

୭ । ଠକ; ଧୂର୍ତ୍ତ—7. Knavish; roguish. (M. W.)

ଚୁମ୍ବକ ଲୌହ—ଦେ. ବି—ଯେଉଁ ଲୁହାରେ ଚୁମ୍ବକ ପଥରର ଗୁଣ Chumbaka lauha (ଅନ୍ୟ ଲୁହାକୁ ଟାଣିବାର ଗୁଣ) ଜାତ କରା ଯାଇଥାଏ—Magnetic iron.

[ଦ୍ର—ନାନାସ୍ଥାନରେ ଭୂଗର୍ଭରୁ ଚୁମ୍ବକ ଲୌହ ଓ ଚୁମ୍ବକ-ପଥର ମିଳେ । ଏହା ଲୌହକୁ ଆପଣା ଆଡ଼କୁ ଆକର୍ଷଣ କରେ । ଏହି ଆକର୍ଷଣ-ଶକ୍ତି ବୈଦ୍ୟୁତିକ ଶକ୍ତି ଅଟେ । ସାଧାରଣ ଲୁହାକୁ ଚୁମ୍ବକପଥର ବା ଚୁମ୍ବକଲୁହାରେ ଘଷିଲେ ତାହା ଚୁମ୍ବକର ଗୁଣଯୁକ୍ତ ହୁଏ । ଚୁମ୍ବକ ଲୌହର ଦୁଇ ପ୍ରାନ୍ତ ଲୁହାକୁ ଆକର୍ଷଣ କରେ । ଏ ଦୁଇ ପ୍ରାନ୍ତକୁ ଆକର୍ଷଣପ୍ରାନ୍ତ କହନ୍ତି । ଚୁମ୍ବକ ଲୌହର ମଧ୍ୟଭାଗରେ ଉକ୍ତ ଶକ୍ତି ନ ଥାଏ, ଏହାକୁ ଶୂନ୍ୟପ୍ରାନ୍ତ କହନ୍ତି । ଗୋଟିଏ ଚୁମ୍ବକ ଶଳାକାକୁ ତାହାର କେନ୍ଦ୍ରବିନ୍ଦୁ ଉପରେ ରଖିଲେ ବା ଝୁଲାଇଲେ ବା ପାଣିରେ ଭସାଇଲେ ତାହାର ଗୋଟିଏ ପ୍ରାନ୍ତ ଉତ୍ତରଦିଗକୁ ଓ ଗୋଟିଏ ପ୍ରାନ୍ତ ଦକ୍ଷିଣ ଦିଗକୁ ବୁଲିଯାଏ । ଚୁମ୍ବକ-ଶଳାକାର ଏହି ଗୁଣ ଯୋଗୁଁ ଏହାଦ୍ୱାରା ଦିଗ୍‌ନିର୍ଣ୍ଣୟଯନ୍ତ୍ର (କମ୍ପାସ୍) ନିର୍ମିତ ହୁଏ । କମ୍ପାସ୍ ମଧ୍ୟରେ ଥିବା ଚୁମ୍ବକ-ଶଳାକାର ଗୋଟିଏ ପ୍ରାନ୍ତ ଉତ୍ତରକୁ ଓ ଗୋଟିଏ ପ୍ରାନ୍ତ ଦକ୍ଷିଣକୁ ବୁଲି ଯାଉଥିବାରୁ ନାବିକମାନେ ଅକୂଳ ସମୁଦ୍ରରେ ଓ ପର୍ଯ୍ୟଟକମାନେ ମରୁଭୂମି ଓ ଅରଣ୍ୟରେ ଦିଗ ବାରି ପାରନ୍ତି । ଏକ ଚୁମ୍ବକ ଶଳାକାର ଉତ୍ତରପ୍ରାନ୍ତ ଅନ୍ୟ ଚୁମ୍ବକଶଳାକାର ଦକ୍ଷିଣପ୍ରାନ୍ତକୁ ଆକର୍ଷଣ କରେ । ଇସ୍ପାତର ଛିଦ୍ରରେ ବିଦ୍ୟୁତ୍‌ପ୍ରବାହ ପ୍ରବେଶ କରାଇଲେ ତାହା ଚୁମ୍ବକରେ ପରିଣତ ହୁଏ । ଚୁମ୍ବକଗୁଣଯୁକ୍ତ ଇସ୍ପାତରୁ ମଧ୍ୟ ବିଦ୍ୟୁତ୍‌ପ୍ରବାହ ଉତ୍ପାଦନ କରାଯାଏ ।]

ଚୁମ୍ବକଶଳାକା—ସଂ. ବି (ଆଧୁନିକ ପ୍ରୟୋଗ)—୧ । ଲୌହ ଆକର୍ଷକ Chumbakaśalākā ଚୁମ୍ବକ କଣ୍ଟା—1. Magnetic needle.

ଚୁମ୍ବକସୂଚିକା }
ଚୁମ୍ବକସୂଚୀ } —ଅନ୍ୟରୂପ

୨ । ଚୁମ୍ବକ ଗୁଣବିଶିଷ୍ଟ ଲୁହାଛଡ଼—
2. Magnetic rod.

ଚୁମ୍ବ ଘେନିବା—ଦେ. କ୍ରି—ଅନ୍ୟ ଲୋକ ଚୁମ୍ବ ଦେବାକୁ ଗାଲ Chumba ghenibā ଦେଖାଇବା—To show one's lip to be kissed by another person.

କୋଟିଏ ସବତେ ଅଳଙ୍କର ହେଲେ ଗୋଟିଏ ନ ଘେନୁ ଚୁମ୍ବ—କବିସୂର୍ଯ୍ୟ ସଙ୍ଗୀତ ।

ଚୁମ୍ବନ—ସଂ. ବି (ଚୁମ୍ବ ଧାତୁ + ଭାବ. ଅନ)—୧ । ସ୍ନେହ ଓ ଆଦରରେ Chumbana ଅନ୍ୟର ମୁଖଆଦି ସ୍ଥାନରେ ଓଷ୍ଠସ୍ପର୍ଶନ—1. Kissing; a kiss.

କେତେ ରୂପେ ଚୁମ୍ବନ, କେତେ ସ୍ଥାନେ ପ୍ରଦାନ । ଦୀନକୃଷ୍ଣ. ରସକଲ୍ଲୋଳ ।

[ଦ୍ର—ଚୁମ୍ବନ ଦେହର ନାନା ସ୍ଥାନରେ, ପ୍ରଧାନତଃ—ଲଲାଟ, ଅଳକ, କପୋଳ, ନୟନ, ବକ୍ଷ, ସ୍ତନ, ଓଷ୍ଠ ଓ ମୁଖରେ ଦିଆଯାଏ । ସ୍ଥାନଭେଦରେ ଚୂଡ଼କ, ଉଚ୍ଛୁନକ, ପ୍ରବାଳମଣି, ଖଣ୍ଡାଭ୍ରକ, ଦୋଳଚର୍ବିତ ଇତ୍ୟାଦି ଚୁମ୍ବନର ଅନେକ ନାମକରଣ ହୁଏ ।]

୨ । ସ୍ପର୍ଶ; ବାଜିବା—2. Touch.

କୋପଭରେ ହନୁମନ୍ତ ମାରିଲା ପଥରେ,
ଚୁମ୍ବନ ସେ ଦେଲା ଯାଇଁ ତାହାର ମୁଣ୍ଡରେ । ବିଶ୍ୱନାଥ. ବିଚିତ୍ରରାମାୟଣ ।

ଚୁମ୍ବନଦାନ—ସଂ. ବି (୬ଷ୍ଠୀ ତତ୍; ଚୁମ୍ବନ + ଦାନ)—ଅନ୍ୟର ମୁଖ Chumbanadāna ଆଦିର ଚୁମ୍ବନ—Giving a kiss.

ଚୁମ୍ବନ୍ୟ—ଗ୍ରା. ବି (ସଂ. ଚୁମ୍ବନ)—ଚୁମ୍ବନ—
Chumbanya Kiss.

ଚୁମ୍ବା—ଦେ. ବି—ଚୁମ୍ବନ—
Chumbā Kiss.
चुम
चुम्मा

ଚୁମ୍ବାଇବା—ଦେ. କ୍ରି—ଚୁମ୍ବିବାର ଣିଜନ୍ତ ରୂପ—
Chumbāibā The causative form of Chumbibā.
(ଚୁମ୍ବେଇବା—ଅନ୍ୟରୂପ)

ଚୁମ୍ବାଇ ଚୁମ୍ବି ମୋ ଅଧର ବଦନେ ପୀଡ଼ି କୋକକକ୍ଷ ଶୋଷି—କବିସୂର୍ଯ୍ୟ ସଙ୍ଗୀତ ।

ଚୁମ୍ବା ଖାଇବା—ଦେ. କ୍ରି—ଚୁମ୍ମ ଖାଇବା (ଦେଖ)—
Chumbā khāibā Chum khāibā (See)
(ଚୁମ୍ବାଦେବା, ଚୁମ୍ବାନେବା—ଅନ୍ୟରୂପ)

ଚୁମ୍ବିତ—ସଂ. ବିଣ (ଚୁମ୍ବ ଧାତୁ + କର୍ମ. ତ)—୧ । କୃତଚୁମ୍ବନ; Chumbita ଯାହାକୁ ଅନ୍ୟ ବ୍ୟକ୍ତି ଚୁମ୍ବନ ଦିଏ—1. Kissed.

୨ । କୋମଳଭାବରେ ସ୍ପୃଷ୍ଟ
2. Tenderly touched; lightly touched.

୩ । ପରସ୍ପର ସମ୍ମିଳିତ—3. Joined to each other

ଚୁମ୍ବିବା—ଦେ. କ୍ରି (ସଂ. ଚୁମ୍ବ ଧାତୁ)—୧ । ସ୍ନେହରେ କୌଣସି Chumbibā ବ୍ୟକ୍ତିର ଗଣ୍ଡଦେଶ, ଚିବୁକ ବା ମସ୍ତକରେ ଓଠ
चमा ଲଗାଇବା; ଚୁମ୍ବନ କରିବା—1. To kiss.
चुमना

ଚୁମ୍ବିଲେ ଭରତ ଶତ୍ରୁଘ୍ନ ଶିର,
ଆଲିଙ୍ଗି ଆଦରେ ରଘୁପ୍ରବୀର । ମଧୁସୂଦନ. କବିତାବଳି ।

୨ । କୋମଳଭାବରେ ସ୍ପର୍ଶ କରିବା—
2. To touch tenderly or lightly

କୋମଳତର ମୋହନ, କୁଞ୍ଚକୁଞ୍ଚିତ କି ସ୍ତନ
ଆସି ଚୁମ୍ବିଦେଲା ମୋ ଗ୍ରୀବରେ । କବିସୂର୍ଯ୍ୟ. କଣ୍ଠୋବଚମ୍ପୂ. କ. ଗୀତ ।

୩ । ସମ୍ମିଳିତ ହେବା—3. To be joined together; to be attached.

୪ । ଭେଟିବା; ହାବୁଡ଼ିବା—4. To meet.

ଶୋଭନିଧି ତୋ ଗାତ୍ର, ନ ଚୁମ୍ବୁ ଶ୍ୟାମ ନେତ୍ର । କବିସୂର୍ଯ୍ୟ, ଚମ୍ପୂ.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଗ୍ୟ	ଉଅ	ଖ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଔ	ନ୍ତ

୫ । କଥା ସଙ୍ଗେସଙ୍ଗେ ଅର୍ଥ ଗୋଡ଼ାଇବା—
5. To follow behind (e. g. a meaning following a sentence).
(ଯଥା—ମୋ କଥାକୁ ଅର୍ଥ ଚୁମ୍ବୁଛି କି ?)
୬ । (ଲକ୍ଷଣାର୍ଥ) ଅନୁଭୂତ ହେବା; ବୋଧ ହେବା—
6. To affect; to be felt.
ଶରଦଚନ୍ଦ୍ର ଚୁମ୍ବୁ ନାହିଁ କି ଗଳ—କବିସୂର୍ଯ୍ୟ, କଳୋଗଚନ୍ଦ୍ର, ଶ. ଗୀତ ।
୭ । (ସଂ. ଆଚମନ) ଆଚମନ କରିବା – 7. To sip.
୮ । ପାନ କରିବା; ପିଇବା—8. To drink.
୯ । ଉପଭୋଗ କରିବା; ସୁଖ ବା ଆନନ୍ଦରେ ସେବା କରିବା—
9. To enjoy with delight.
ଚୁମ୍ବି ରଜନକଳାର ସାର, ଚନ୍ଦ୍ର କାନ୍ତ ଭୂଷାର ସାର—
କବିସୂର୍ଯ୍ୟ, କଳୋଗଚନ୍ଦ୍ର, ଚ. ଗୀତ ।
୧୦ । ଅକ୍ରମଣ କରିବା; ଗୋଡ଼ାଇବା—10. To overtake.
ଚୋଟକ ଚୁମ୍ବିଲା ଚୂଡ଼—କବିସୂର୍ଯ୍ୟ, କଳୋଗଚନ୍ଦ୍ର, ଚ. ଗୀତ ।

ଚୁମ୍ବୀ—ସଂ. ବିଣ. ପୁଂ (ଚୁମ୍ବ ଧାତୁ+କର୍ତ୍ତ୍ରି. ଇନ୍; ୧ମା. ୧ବ; ଅନ୍ୟ
Chumbi ଶବ୍ଦ ପରେ ଯୁକ୍ତ ହୋଇ ବ୍ୟବହୃତ ଯଥା—ଗଗନଚୁମ୍ବୀ; (ଚୁମ୍ବିନୀ—ସ୍ତ୍ରୀ) ନଭଶ୍ଚୁମ୍ବୀ)—୧ । (ଅମୁକକୁ) ଚୁମ୍ବନ କରୁଥିବା—
1. Kissing.
(ଯଥା—ବଦନଚୁମ୍ବୀ ।)
୨ । (ଅମୁକକୁ) ସ୍ପର୍ଶ କରୁଥିବା—2. Touching.
(ଯଥା—ଗଗନଚୁମ୍ବୀ ।)
୩ । (ଅମୁକଦ୍ୱାରା) ଆକ୍ରାନ୍ତ—3. Affected with. (M. W.)
୪ । (ଅମୁକ) ସମ୍ବନ୍ଧୀୟ—4 Relating to. (M.W.)
୫ । (ଅମୁକ କାର୍ଯ୍ୟରେ) ବ୍ୟାପୃତ—
5. Busy with (M W.)

ଚୁର—ଦେ. ବିଣ (ସଂ. ଚୂର୍ଣ୍ଣ)—ଅତ୍ୟନ୍ତ ନିଶାରେ ବିହ୍ୱଳ; ମାଦକ
Chur ସେବନର ଫଳରେ ବାହ୍ୟଜ୍ଞାନଶୂନ୍ୟ—Much intoxicated; inebriated.
चूर
चूर

ଚୁରୁକି –ଦେ. ବି (ସଂ. ଚୂଡ଼ା)—ମସ୍ତକର ମଧ୍ୟଭାଗସ୍ଥ ଲମ୍ବ ଓ କ୍ଷୁଦ୍ର କେଶ
Chur-ki ଗୁଚ୍ଛ—Long and small tuft of hair left on the middle of the head.
चुटकी
चुरकी
ମଝିରେ ଚଉତ୍ରିକ ତେଲପର ଚୁରୁକି, ବେକରେ ମୋଟ–
ମୋଟା ତୁଳସୀକଣ୍ଠି ପଞ୍ଚଫେର ବାନ୍ଧିଛି । ଫକୀରମୋହନ, ଛମାଣ ଆଠଗୁଣ୍ଠ ।
ପ୍ରାଦେ (ବସ୍ତର) ବି—ଛୋଟେଇ—A small basket.

ଚୁରୁଚୁରୁ—ଦେ. ଅ (ସଂ. ଚୂର୍ଣ୍ଣ)—୧ । ସହଜରେ କୌଣସି ଭଙ୍ଗପ୍ରବଣ
Churchur ବସ୍ତୁକୁ ଚୂର୍ଣ୍ଣ କରିବା—1. Reducing of a fragile thing into powder; pulverisation
टुकुरा टुकुरा
चूरचूर; चुरकुट
ବିଣ—୧ । ଚୂନାଚୂନା; ଗୁଣ୍ଡାଗୁଣ୍ଡା—
1. Reduced into powder; pulverised.
(ଯଥା—ସେ ଇଟାକାନ୍ଥ ଲୁଣି, ମାଡ଼ ଚୁରୁଚୁରୁ ହୋଇ ଝଡ଼ି ପଡ଼ୁଛି ।)
୨ । ଚିକ୍କଣିତ—2. Shredded.
ବି—(ଧ୍ୱନ୍ୟନୁକରଣ) ୧ । କୋମଳତର ଘୁରୁ ଘୁରୁ ଶବ୍ଦ; ଅଳ୍ପ
चुरचुर ଅଳ୍ପ ପରିମାଣରେ ପରିସ୍ରା କରିବାର ଶବ୍ଦ—1. Soft pissing sound made by urine when being discharged in small quantities.
[ଦ୍ର—ଘରଘର ଠାରୁ ଘୁରୁଘୁରୁ ଶବ୍ଦ ଅନୁଚ୍ଚ ।]
୨ । ଘୁଡ଼୍ଘୁଡ଼୍ (ଦେଖ)—
2. Ghurd ghurd (See)
चड़चड़ ୩ । କୌଣସି ମସକା କ୍ଷୁଦ୍ର ପଦାର୍ଥ ଭାଙ୍ଗିଯିବାର ଶବ୍ଦ;
चुरचुर ମୁଡ଼ୁମୁଡ଼ୁ—3. The sound of the breaking of a small brittle thing.

ଚୁର (ଧାତୁ)—ସ—୧ । ଚୋରିକରିବା; ଅନ୍ୟର ଧନ ଅପହରଣ
Chur (root) କରିବା—1. To steal; to commit theft.
୨ । କୌଣସି ବସ୍ତୁକୁ ଅଦୃଶ୍ୟ କରାଇବା—
2. To cause to disappear (M. W.).
୩ । ବହିବା; ନେବା—3. To bear; to take (Apte).
୪ । ଅଧିକାର କରିବା—4. To possess, to assume (M. W.)

ଚୁରୁଣୀ—ପ୍ରାଦେ (ସମ୍ବଲପୁର) ବିଣ ଓ ବି. ସ୍ତ୍ରୀ—ଚୋରଣୀ—
Chur-ni A female thief.

ଚୁରୁମା—ଦେ. ବି (ଧ୍ୱନ୍ୟନୁକରଣ; ତୁଳ. ହି. ଚୁରମୁର=ମସକା)—
Chur-mā ଗଜା; ସହଜରେ ଚୂନା ହୋଇଯିବା ଏକପ୍ରକାର ପିଠା—
A kind of easily fragile cake.
चूरम
चरमा
[ଦ୍ର—ଅଟାକୁ ପ୍ରଥମେ ଘିଅରେ ଭାଜି ତତ୍ପରେ ପାଣିରେ ଚକଟି ଗୁଳା କରି ପୁଣି ଘିଅରେ ଭାଜି ଏହାକୁ ତିଆରି କରାଯାଏ । ଅଟାରେ ଲୁଣ ମିଶାଯାଇଥିଲେ ଏହା ଲୁଣିଆ ଲାଗେ, କିମ୍ବା ଲୁଣ ନ ମିଶାଇ ଘିଅରେ ଛାଣିବା ପରେ ଏହାକୁ ଚିନିରସରେ ବତୁରାଇଲେ ଏହା ମିଠା ହୁଏ ।]

ଚୁରମାର—ବୈଦେ. ବିଣ (ହି)—୧ । ଚୂର୍ଣ୍ଣ ଓ ମର୍ଦ୍ଦିତ; ଚୂର୍ଣ୍ଣବିଚୂର୍ଣ୍ଣ;
Churmār ଚୂନାହୋଇଯିବା—1. Reduced into powder; pulverised.
चूरमार
चकनाचूर
୨ । ଭାଙ୍ଗିଭୁଜି ଖିନ୍ନଭିନ୍ନ ହୋଇଥିବା—
2. Demolished; smashed to atoms.

ଚୁର—ସଂ. ବିଣ. ପୁଂ (ଚୁର ଧାତୁ+କର୍ତ୍ତ୍ରି. ଅ)—ଚୋରିକରୁଥିବା—
Chura Stealing. (Apte)
चूर ଦେ. ବି (ସଂ. ଚୂର୍ଣ୍ଣ) ଚୂନା—Powder.
चूर (ଯଥା—ଖଇରଚୁର ।)
ପ୍ରାଦେ (ବାଲେଶ୍ୱର) ବି ('ଓ' ସ୍ଥାନରେ 'ଉ' ଉଚ୍ଚାରଣ)—
ଚୋର—Thief.

ସାଧାରଣ ଲୋକେ ଅପର ପୃଷ୍ଠାରେ ସହିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। 'ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜି ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍କା ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଚୁରଟ୍—ବୈଦେ. ବି (ଫା) —ଚୁରୁଟ୍ (ଦେଖ)
Churat Churut (Sse).

ଚୁରଣ—ସଂ. ବି (ଚୁର ଧାତୁ+ଭାବ. ଅନ)—ଚୋରି—
Churana Theft. (Apte).

ଚୁରନ୍—ପ୍ରାଦେ (ସମ୍ବଲପୁର) ବି (ଭୁଲ. ହି. ଉଚ୍ଚାରଣ-ଚୂରନ୍)—
Churan ଚୂର୍ଣ୍ଣ—Powder.

ଚୁରା—ସଂ. ବି (ଚୁର ଧାତୁ+ଭାବ. ଅ+ଆ)—ଚୋରି—
Churā Theft.

ଦେ. ବି ଓ ବିଣ—ଚୂରା (ଦେଖ).
Chūrā (See).

ଚୁରାଇବା—ଦେ. କ୍ରି (ସଂ. ଚୂ. ଧାତୁ)—ଚୂରାଇବା (ଦେଖ)
Churāibā Chūrāibā (See).

(ଚୋରେଇବା—ଅନ୍ୟରୂପ) ପ୍ରାଦେ (ବାଲେଶ୍ୱର) କ୍ରି (ସଂ. ଚୁର ଧାତୁ)—ଚୋରାଇବା (ଦେଖ;
Chorāibā (See).

ଚୁରାଲି—ପ୍ରାଦେ (ସମ୍ବଲପୁର) ବି—ଚୁଗୁଲି—
Churāli Back-biting.

ଚୁରି—ପ୍ରାଦେ (ବାଲେଶ୍ୱର) ବି ('ଓ' ସ୍ଥାନରେ 'ଉ' ଉଚ୍ଚାରଣ)—ଚୋରି
Churi Theft.

ଚୁରିଆ—ପ୍ରାଦେ (ସମ୍ବଲପୁର) ବି—ବେଣା ଘାସରେ ନିର୍ମିତ ମାଛ ଧରିବା ଯନ୍ତ୍ରବିଶେଷ—A contrivance made of 'Benā' grass for catching fish.
Churiā

ଚୁରୁକି—ଦେ. ବି—ଚୁରୁକି (ଦେଖ)
Churuki Chur-ki (See).

ଚୁରୁଚୁରୁ—ଦେ. ଅ; କ୍ରି. ବିଣ ଓ ବି—ଚୁରୁଚୁରୁ (ଦେଖ)
Churuchuru Chur-chur (See).

ଚୁରୁଟ୍—ବୈଦେ. ବି (ଭା. ଚୁରୁଟ୍; ଇଂ. ଚେରୁଟ୍; ଫା. ଚେରୁଟୀ)—
Churut ୧ । ଧୂଆଁ ପତ୍ରର ଛୋଟ ପିକା; ସିଗାରେଟ୍—1. Cigarette.
ଚୁରୁଟ
चुरट ୨ । ପିକା—2. Cigar; cheroot.
[ଦ୍ର—ଏ ଶବ୍ଦ ଇଂରାଜୀ ଭାଷାରେ ମଧ୍ୟ ବ୍ୟବହୃତ ହୁଏ ।]

ଚୁରୁଡ଼ା—ଦେ. ବି—ଚିରୁଡ଼ା (ଦେଖ)
Churur̤ā Chirur̤ā (See).

ଚୁରୁମା—ବୈଦେ. ବି. (ହି. ଚୂରମା)—ଚୁରମା (ଦେଖ)
Churumā Chur-mā (See)

ଚୁରୁମାରୁ—ବୈଦେ. ବିଣ. (ହି)—ଚୁରମାର (ଦେଖ)
Churumār Chur-mār (See)

ଚୁରେଇ—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଚରୈୟା)—
Churei ଚଢ଼େଇ; ପକ୍ଷୀ—Bird.

ଚୁଲ୍ (ଧାତୁ)—ସଂ—୧ । ପାନ କରିବା—1. To drink; to sip.
Chul (root) ୨ । ଉତ୍ତୋଳନ କରିବା; ଉପରକୁ ଉଠାଇବା—
2. To raise (M. W.).

୩ । ବୁଡ଼ିବା—3. To dive into (M. W.).

ଚୁଲ୍—ପ୍ରାଦେ. (ସମ୍ବଲପୁର) ବି—୧ । (ଭୁଲ. ହି. ଚୁଲ୍=କେଶ; ସଂ.
Chul ଚୂଡ଼ା)—କେଶ—1. Hair.
୨ । (ସଂ. ଚୂଡ଼ା) ଚୂଳ—2. Hump.

ଚୁଲକ—ସଂ. ବି—ଚୁଲୁକ (ଦେଖ)
Chulakā Chuluka (See) (M. W.).

ଚୁଲା—ଦେ. ବି. (ସଂ. ଚୁଲ୍ଲୀ)—୧ । ଚୁଲ୍ଲୀ (ଦେଖ)
Chulā 1. Chulli (See)
ଚୁଲା
चुल्हा ୨ । ଇଟାଭାଟି ବା ଚୂନଭାଟି ବା କୁମ୍ଭାରଙ୍କ ଭାଟିରେ ନିଆଁ ଲଗାଇବା ପାଇଁ ନିର୍ମିତ ପ୍ରକୋଷ୍ଠ—2. Furnace in a brick-kiln or lime-kiln or potter's kiln.

ଚୁଲି—ଦେ. ବି. (ସଂ. ଚୁଲ୍ଲୀ)—୧ । ରନ୍ଧନ ନିମନ୍ତେ ଯେଉଁ କୁଣ୍ଡ ବା
Chuli ଗର୍ତ୍ତରେ ନିଆଁ ଜଳାଯାଏ; ଅଗ୍ନ୍ୟାଧାନ—
ଚୁଲା; ଚୁଲୀ; ଚୁଲୋ 1 Oven; hearth; fire-place.
चूल्हा ଚୁଲିରେ ବସିଥିଲା କ୍ଷୀର
ଗର୍ଜ୍ଜିଲେ ପ୍ରଭୁ ଚକ୍ରଧର । ଜଗନ୍ନାଥ- ଭାଗବତ ।
୨ । କମାରଆଦିଙ୍କ ଅଗ୍ନିକୁଣ୍ଡ—2 Furnace.
୩ । ଉଠାଚୁଲି—3. A portable stove; movable oven.
[ଦ୍ର—ଚୁଲିର ଯେଉଁ ବାଟେ ଜାଳକାଠ ଭରତି କରାଯାଏ ତାକୁ 'ମୁହଁ' ଓ ଯେଉଁ ବାଟେ ନିଆଁର ଧାସ କାହାରେ ଓ ଯାହାଉପରେ ହାଣ୍ଡି ବସେ ତାକୁ 'ପଖା' କହନ୍ତି । ଚୁଲି ଉପରେ ୩ଟି ଗୋବ ଥାଏ, ସେହି ଗୋବମାନଙ୍କ ଉପରେ ହାଣ୍ଡି ବସେ; ତାକୁ ଚୁଲିଝିଙ୍କା କହନ୍ତି ।]
୪ । ଗାଳିବିଶେଷ—4. A term of abuse.
[ଦ୍ର—କୌଣସି କାର୍ଯ୍ୟ ନଷ୍ଟ ହେଲେ ବା ଖରାପ ହେଲେ ଲୋକେ ବିରକ୍ତ ହୋଇ କହନ୍ତି:—ଅମୁକ କଥାଟା ଚୁଲି ହେଲା; ତା ପଛାପଛି ଚୁଲିଟା ହେବ ।]

ଚୁଲିଆ—ଦେ. ବି—୧ । ସୁପକାର; ପାଚକ—1. Cook.
Chuliā ୨ । ଘରଘରର ମଝିପେଣୀ ଉପରେ ପଡ଼ିଥିବା ଭୁଆମାନ ଯେଉଁ ବାଉଁଶରେ ଭିଡ଼ା ହୋଇ ବନ୍ଧା ହୋଇଥାଏ—2. A bamboo to which the rafters are fastened over the central wall-plate of a thatched house.
ସନ୍ତ୍ରେ ଶେଣୀ ଲଗି ମୃଦ ମାଦହ ଚୁଲିଆ । ପ୍ର.ଚୀ. ଚନ୍ଦ୍ରକଳାପରିଣୟଗୀତା ।
ପ୍ରାଦେ. (ବାଲେଶ୍ୱର) ବି—ସମୁଦ୍ର ପାଣିକୁ ନିଆଁରେ ଗରମ କରି ତହିଁରୁ ଲୁଣ ତିଆରି କରିବା ପାଇଁ ନିଯୁକ୍ତ ବ୍ୟକ୍ତିମାନଙ୍କର ସରଦାର—The chief of the employees engaged in the preparation of salt by heating the sea-water.

୧	ଋ	ଙ	ଣ୍ଡ,ଣ୍ଢ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ଼	ଉଅ	ଉ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ଼	ଗ୍ୟ	ଇଅ	ଡ଼	ନ୍ତ

ଚୁଲି ଉଖାରିବା—ଦେ. କ୍ରି—ଚୁଲିରେ ଥିବା ନିର୍ବାଣୋନ୍ମୁଖ ନିଆଁକୁ କାଠିଦ୍ୱାରା ଇତସ୍ତତଃ କରି ସତେଜ କରିବା—
Chuli ukhāribā
To stir up the smouldering fire in an oven by a rod.

ଚୁଲି ଉଠାଇବା—ଦେ. କ୍ରି. (ଲକ୍ଷଣାର୍ଥ)—ଏକ ସ୍ଥାନରୁ ବାସ ଭାଙ୍ଗି ଅନ୍ୟତ୍ର ଚାଲିଯିବା—(figurative) To leave one place of abode and go to another place to live.
Chuli uṭhāibā
(ଚୁଲି ଉଠେଇବା—ଅନ୍ୟରୂପ)

ଚୁଲିକା—ପ୍ରାଦେ. (ସମ୍ବଲପୁର) ବି—କାନ୍ଥକୁଠି—
Chulikā
A niche in the wall.

ଚୁଲିକି ଯାଉ—ଦେ. ଅ—(ଅମୁକ ବିଷୟ) ଆଲୋଚନା କରିବାର ବର୍ତ୍ତମାନ ଲୋଡ଼ା ନାହିଁ—Not to speak of (such or such a matter).
Chuliki jāu
চুলোয়ে যাক
चूल्हेमें जाय
(ଯଥା—ବାବୁ ଗୃହର ଟଙ୍କା ଧନ ଅର୍ଜିବାକୁ ବିଦେଶକୁ ଯାଇଥିଲେ,—ଧନ ଅର୍ଜିବା କଥା ଚୁଲିକି ଯାଉ, ବାବୁ ସେଠାରେ ରୋଗରେ ପଡ଼ିଲେ ଯେ, ବର୍ତ୍ତମାନ ତାଙ୍କର ବଞ୍ଚିବା କଥା ଚେଠିକଣା ।)

ଚୁଲିକି ଯିବା—ଗ୍ରା. କ୍ରି. (ବିରକ୍ତିସୂଚକ ବାକ୍ୟରେ ବ୍ୟବହୃତ)—
Chuliki jibā
চুলোয়যাওয়া
चूल्हेमेजाना
୧ । (କୌଣସି ବ୍ୟକ୍ତିର ଅନୁରୋଧ) ଅଗ୍ରାହ୍ୟ ହେବା—1. Not to be taken any notice of
(ଯଥା—ମୋ କଥା ଚୁଲିକି ଗଲା ।)
୨ । (କୌଣସି ବ୍ୟକ୍ତିର ଉପଦେଶ ବା ବାକ୍ୟ) କାହାଦ୍ୱାରା ମନୋଯୋଗପୂର୍ବକ ଶୁଣା ନ ଯିବା—
2. Not to be attended to by any person.
୩ । (ଗାଳିରେ ବ୍ୟବହୃତ) ମରିବା—3. To die.
୪ । ପୋଡ଼ି ହୋଇ ମରିବା—
4. To be burnt to death.
୫ । ପୋଡ଼ି ଜଳି ଯିବା; ଭସ୍ମୀଭୂତ ହେବା—
5. To be burnt to ashes.
୬ । ନଷ୍ଟଭ୍ରଷ୍ଟ ହେବା—
7. To be utterly spoiled; to go to dogs.

ଚୁଲିଖପରା—ଦେ. ବି—ଚୁଲି ତିଆରିବେଳେ ତହିଁରେ ଲାଗିଥିବା ହାଣ୍ଡି ବହୁଦିନ ବ୍ୟବହାର ପରେ ଭାଙ୍ଗି ଯିବାରୁ ସେଥିରୁ ବାହାରିବା କ୍ଷୁଦ୍ର କ୍ଷୁଦ୍ର ଖପରା—
Chulikhaparā
উনুনের খপরা
The potsherds which are brought out of an old fireplace when it is renewed and replaced by a new earthen pot.
[ଦ୍ର—ଏହା ଔଷଧରୂପେ ବ୍ୟବହୃତ ହୁଏ ।]

ଚୁଲିଚଉକା—ଦେ. ବି. (ସହଚର)—ରାନ୍ଧିବା ପୂର୍ବରୁ ଚୁଲି ଓ ତାହାର ଚାରିପାଖ ଗୋବରପାଣିରେ ପରିଷ୍କାର ହୋଇ ଲିପା ହୋଇଥିବା ସୀମା—The fireplace and its vicinity swept clean (with cowdung and water) before cooking.
Chulichaukā
উনুনে চউকা
चल्हाचौका

ଚୁଲିଚଉକା ଦେବା—ଦେ. କ୍ରି—ରାନ୍ଧିବା ପୂର୍ବରୁ ଚୁଲିର ଚାରିପାଖ ଗୋବରପାଣିରେ ଲିପି ପରିଷ୍କାର କରିବା—To sweep the fireplace and its vicinity clean with cowdung-water before cooking.
Chulichaukā debā
উনুনে চউকাদেওয়া
चुल्हाचौका करना

ଚୁଲି ଚାଳ ନାହିଁ ଅଘରବାସ—ଦେ. ପ୍ରବଚନ—ଯେଉଁ ବ୍ୟକ୍ତିର ରହିବା ପାଇଁ ଗୃହ ଓ ରନ୍ଧନ କରିବା ପାଇଁ ଚୁଲି ନାହିଁ—
Chuli chāḻa nāhiṅ agharabāsa
চুলিচাল নাই জঙ্গলে বাস
A homeless person (who has neither home nor hearth).

ଚୁଲି ଚାଳରେ ବାସ ପାଇବା—ଦେ. କ୍ରି—ନିରାଶ୍ରୟ ଅବସ୍ଥାରେ କୌଣସି ସ୍ଥାନରେ ଯେନତେନ ପ୍ରକାରେ ଆଶ୍ରୟ ପାଇବା—To get shelter anyhow somewhere.
Chuli chāḻare bāsa pāibā

ଚୁଲି ଜଳିବା—ଦେ. ବି—୧ । ଚୁଲି ମଧ୍ୟରେ ଥିବା କାଠ ଆଦି ଜଳିବା—1. The burning of the fuel in the oven.
Chuli jaḻibā
চুলাজলা
चुल्हाजलना
୨ । ରୋଷେଇବାସ ହେବା—2. Cooking.
(ଯଥା—ବିଦେଶରୁ ପୁଅର ରୋଗ କଥା ଚିଠି ଆସିବା ଦିନଠାରୁ ତାଙ୍କ ଘରେ ଚୁଲି ଜଳି ନାହିଁ ।)

ଚୁଲି ଜାଳିବା—ଦେ. କ୍ରି—୧ । ଚୁଲିର ନିଆଁକୁ ସତେଜ କରିବା—
Chuli jāḻibā
1. To stir up the fire in the oven.
চুলাজালা
चुल्हाजालना
୨ । ଚୁଲି ଜଳିବା ପାଇଁ ତହିଁରେ କାଠ ଆଦି ଖଞ୍ଜିବା—2. To arrange fuel in an oven for burning; to fuel an oven.
୩ । ଚୁଲି ମଧ୍ୟରେ ଥିବା କାଠ ଆଦି ଜଳିବା ପାଇଁ ମୁହଁଦ୍ୱାରା ବା ନଳଦ୍ୱାରା ଫୁଙ୍କିବା—3. To blow the fire of the oven by the mouth or a blow-tube.

ଚୁଲିଝିଙ୍କା—ଦେ. ବି (ସଂ. ଚୁଲ୍ଲୀ + ଶିଖା)-ଚୁଲିର ଉପରେ ହାଣ୍ଡି ବସିବା ପାଇଁ ସ୍ଥାପିତ ତିନିଗୋଟି ଖୁଣ୍ଟି ବା ମାଟିପିଣ୍ଡ—Projections over an oven on which pots are put.
Chulijhiṅkā
চুলীরঝিঁক
[ଦ୍ର—ଚୁଲି ଉପରେ ହାଣ୍ଡି ବସାଇଲେ ଏହି ଝିଙ୍କାମାନ ଥିବାରୁ ଝିଙ୍କା ଯୋଗୁଁ ଚୁଲିର ମୁହଁ ଓ ହାଣ୍ଡି ମଧ୍ୟରେ ଯେଉଁ ଫାଙ୍କ ରହେ ସେ ଫାଙ୍କ ବାଟେ ନିଆଁକୁ ଧାସ ଓ ଧୂଆଁ ବାହାରି ଯାଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥରେ ତାହା ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀକାର' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ବନ୍ୟ ବୃକ୍ଷବିଶେଷ—
2. A wild tree; Hugonia Mystax (Haines).

ଚୁଳିଝୁଣ୍ଟିଆ—ଦେ. ବି—ବୁଢ଼ାଅଙ୍ଗୁଠି ଛଡ଼ା ଅନ୍ୟ ପଦାଙ୍ଗୁଳିରେ ପିନ୍ଧା
Chuḷijhuṇṭiā ଯିବା ମୁଦି଼କା (ଏଥିର ଉପରେ ଚୂଳ ଥାଏ)—
A kind of ring worn on the minor fingers of the feet.

ହଂସକ ନୂପୁର ପାଦେ, ଚୁଳିଝୁଣ୍ଟିଆ ପ୍ରପଦେ ।
ଉତ୍କ. କୋଷ୍ଠବ୍ରହ୍ମାଣ୍ଡ୍ସୁନ୍ଦର ।

ଚୁଲି ପକାଇବା—ଦେ. କ୍ରି—ଗୋଟିଏ ନୂଆ ଚୁଲି ତିଆରି କରିବା—
Chulī pakāibā To construct a new oven.
ଚୁଲ୍ହାପାତା

ଚୁଲିପକେଇବା
ଚୁଲିପାଡ଼ିବା } ଅନ୍ୟରୂପ
ଚୁଲିପାରିବା

ଚୁଲିପଖା—ଦେ. ବି. (ସଂ. ଚୁଲ୍ଲୀ+ପକ୍ଷ)—
Chulīpakhā ୧ । ଚୁଲି ଉପରେ ହାଣ୍ଡି ବସିବା ସମୟରେ
(ଚୁଲିପଙ୍ଖା—ଅନ୍ୟରୂପ) ଚୁଲିର ଝିଙ୍କା ଓ ହାଣ୍ଡି ମଧ୍ୟରେ ଯେଉଁ ବ୍ୟବଧାନ ଥାଏ—
1. The space between the cooking pot and the clods of earth put on the rim of an oven.

୨ । ଚୁଲିର ଉପର ପାଖର ମେଲା ଅଂଶ—
2. The upper opening of an oven.

ଚୁଲିପଶା—ଗ୍ରା. ବିଣ. ପୁଂ. (ଗାଳିରେ ବ୍ୟବହୃତ)—
Chulīpaśā ୧ । ପୋଡ଼ି ହୋଇ ମରିବାର ଉପଯୁକ୍ତ (ବ୍ୟକ୍ତି)—
(ଚୁଲିପଶୀ—ସ୍ତ୍ରୀ) 1. Fit to be burnt to death.
୨ । ପୋଡ଼ାମୁହାଁ (ଦେଖ)
2. Porḍāmuhāṅ (See)

କରେ ଚୁଲିପଶାଟି ! ବୁଢ଼ା ସାଅନ୍ତମାନେ ସଭରେ ଶୂନ୍ ହୋଇ ରହି ଅଛନ୍ତି ।
ବିକାସ, ରତ୍ନମାଳୀ ।

ଚୁଲି ପାଉଁଶ—ଦେ. ବି—୧ । ଚୁଲିରେ ଜଳିବା କାଠର ପାଉଁଶ—
Chulī pāuṅśa 1. The ashes left in the oven after a fire.
୨ । (ବିରକ୍ତି ବା ଘୃଣାବ୍ୟଞ୍ଜକ) ନଷ୍ଟ ହୋଇଥିବା ବସ୍ତୁ ବା ବିଷୟ—2. Any spoilt thing or matter.

ଚୁଲିପୂଜା—ପ୍ରାଦେ. (ଯାଜପୁର) ବି—ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ
Chulīpūjā ଉପରଓଳ ଚୁଲିକୁ କରାଯିବା ପୂଜା—
The ceremony of worshipping the family-hearth on the eleventh day of the light fortnight of the month of Bhādraba.
[ଦ୍ର—ସେଓଳ ଚୁଲିରେ ଅନ୍ନବ୍ୟଞ୍ଜନାଦି ରନ୍ଧା ହୁଏ ନାହିଁ ।]

ଚୁଲି ଫୁଙ୍କା—ଦେ. ବି—ଚୁଲିରେ ନିଆଁ ଜାଳିବା ପାଇଁ ମୁହଁ ବା ନଳି
Chulī phuṅkā ଦ୍ୱାରା ଚୁଲିରେ ଥିବା କାଠ ଆଦିକୁ ଫୁଙ୍କିବା—
উনুনেফং Blowing of the fuel in an oven to light them.

ଚୁଲି ଫୁଙ୍କିବା—ଦେ. କ୍ରି—୧ । ଚୁଲି ଜଳାଇବା ସକାଶେ ମୁହଁରେ
Chulī phuṅkibā ଫୁଙ୍କିବା—To blow the fuel in
উনুনেফুঁ দেওয়া an oven with the mouth.
चुल्हाफुकना ୨ । (ଲକ୍ଷଣାର୍ଥ) ଅନ୍ନାଦି ପାକ କରିବା—
2. To cook food.

କେତେବେଳେ ଜୋଡ଼ା ମାଇପରେ ଘର
କେତେବେଳେ ଚୁଲୀ ଫୁଙ୍କି ଫୁଙ୍କି ମର—ଢଗ ।

ଚୁଲିଫନ୍ଦ—ଦେ. ବି—ଚୁଲିର ଉପର ଅଡ଼ାର ଧାର—
Chuliphanda The upper edge of an oven.

ଚୁଲି ବସାଇବା—ଦେ. କ୍ରି—ଚୁଲି ପକାଇବା (ଦେଖ)
Chulī basāibā Chulī pakāibā (See)
(ଚୁଲି ବସେଇବା—ଅନ୍ୟରୂପ)

ଚୁଲିମୁଣ୍ଡ—ଦେ. ବି—୧ । ଚୁଲିର ନିକଟବର୍ତ୍ତୀ ସ୍ଥାନ—
Chulīmuṇḍa 1. The vicinity of an oven.
(ଯଥା—ବୋହୂଟି ସବୁବେଳେ ଚୁଲିମୁଣ୍ଡରେ ପଶିଛି ।)
୨ । ଦୁଇଟି ଚୁଲିର ମଧ୍ୟବର୍ତ୍ତୀ ସ୍ଥାନ—
2. The space between two ovens.
ବାପ ରେ ବାପ ! ଚୁଲି ମୁଣ୍ଡ ଠେଇଁ କୋଡ଼ାଏ ସାପ—ଢଗ ।
[ଦ୍ର—ଏ ସ୍ଥାନ ଉଷୁମ ଥିବାରୁ ବିରାଡ଼ିମାନେ ଶୀତଦିନରେ ଲିଭିଲା ଚୁଲିର ଚୁଲିମୁଣ୍ଡରେ ଶୁଅନ୍ତି ।]
୩ । (ଲକ୍ଷଣାର୍ଥ) ଅନ୍ତଃପୁର—
3. Female compartments; zenana.
(ଯଥା – ଗମ୍ଭୀରସାଆନ୍ତେ ସବୁବେଳେ ଚୁଲିମୁଣ୍ଡରେ ରହୁଲେ ।)
୪ । (ଲକ୍ଷଣାର୍ଥ) ପାକଶାଳା—4. Kitchen.
ଝିଅଜନମ ଲୁଚ୍ଛା ଚୁଲିମୁଣ୍ଡକୁ । ଢଗ ।
୫ । (ଲକ୍ଷଣାର୍ଥ) ଅନ୍ତଃପୁରସ୍ଥା ସ୍ତ୍ରୀମାନଙ୍କ ସାହଚର୍ଯ୍ୟ—
5. Company of females in the cook room.
୬ । ପାକକର୍ମ—6. The act of cooking.
ଝିଅ ହୋଇ ଯେବେ ଚୁଲିମୁଣ୍ଡକୁ ଯୋଗ୍ୟ ନ ହେଲା, ତା ଜନମଟା ବୃଥା ।
ଢଗ ।
୭ । (ଗାଳି ଓ ବିରକ୍ତିରେ ବ୍ୟବହୃତ)—କୌଣସି ନଷ୍ଟ ବସ୍ତୁ ବା ବିଷୟ—6. (A term used in abuse or vexation) Any spoilt thing or matter.

ଚୁଲିମୁଣ୍ଡକୁ ଆଶ୍ରା କରିବା—ଦେ. କ୍ରି—୧ । କେବଳ ଗଣ୍ଡାଏ ଖାଇବା
Chulīmuṇḍaku āśhrā karibā ଲାଗି କୌଣସିଠାରେ ପଡ଼ି ରହିବା—1. To remain at a place only for getting a meal.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଙ୍ଘ୍ର	ଡ଼ଅ	ଙ୍କ
୨	ଈଂ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଞ	ନ୍

ଚୁଲିମୁହଁ—ଦେ. ବ—ଚୁଲିରେ କାଠ ଓ ଜାଳ ଦେବା ଓ ଫୁଙ୍କିବା ନିମନ୍ତେ ଚୁଲିର ସାମନା ପାଖରେ ଯେଉଁ ରନ୍ଧ୍ର ହୋଇ ଥାଏ—A lateral opening in an oven through which fuel is pushed into it.
Chulimuhañ
চুলারমুখ; উনানেরমুখ
चुल्हाकामुहँ

ଚୁଲିମୁହିଁ—ଗ୍ରା. ବଣ ପୁଂ (ଗାଳିବିଶେଷ)—ପୋଡ଼ାମୁହିଁ; ଯାହା ମୁହଁରେ ନିଆଁ ଲାଗି ଯାଇଛି—(A term of abuse) With a burnt or charred face.
Chulimuhañ
(ଚୁଲିମୁହିଁ—ସ୍ତ୍ରୀ)
চুলোমুখ; চুলামুখা

ବ—ଚୁଲିରେ ଜାଳେଣି କାଠ ପୂରାଇବା - Adding of fuel to an oven.

ଚୁଲି ମୁହାଁଇବା—ଦେ. କ୍ରି—ଚୁଲିମୁହଁ ବାଟେ ଜାଳଆଦି ପୂରାଇ ନିଆଁକୁ ସତେଜ କରିବା—To add fuel to the fire in the oven to enliven it.
Chuli muhañiba
ଚୁଲିମୁହଁବା, ଚୁଲିମୋହଁଇବା, ଚୁଲିମୋହଁବା } ଅନ୍ୟରୂପ

ଚୁଲିରେ ପଶିବା—ଗ୍ରା. କ୍ରି (ବିରକ୍ତିସୂଚକ ବାକ୍ୟରେ ବ୍ୟବହୃତ)—ଚୁଲିକି ଯିବା (ଦେଖ) Chuliki jiba (See)
Chulire pasiba
(ଯଥା—ତୁ ଗଣ୍ଡୀ ! ଚୁଲିରେ ପଶ୍ ।)

ଚୁଲି ଲଗାଇବା—ଦେ. କ୍ରି—ଚୁଲିରେ ପ୍ରଥମେ ନିଆଁ ଜାଳିବା—To make a fire in the oven; to ignite fire in the oven.
Chuli lagaiba
উন্নুনধরান
(ଚୁଲିଲଗେଇବା – ଅନ୍ୟରୂପ) [ଦ୍ର—ଚୁଲି ଲଗାଇବାର ଅର୍ଥ ଚୁଲିରେ ଥିବା ଜାଳରେ ନିଆଁ ଲଗାଇବା ।]

ଚୁଲି ଲିଭାଇବା—ଦେ. କ୍ରି—ଚୁଲିର ନିଆଁକୁ ନିର୍ବାପିତ କରିବା—To extinguish the fire in an oven.
Chuli libhaiba
উন্নুননিভান
ଚୁଲି ଲିଭେଇବା, ଚୁଲି ନିଭା(ରେ)ଇବା } ଅନ୍ୟରୂପ
[ଦ୍ର—ଚୁଲି ଲିଭାଇବାର ଅର୍ଥ ଚୁଲିରେ ଜଳୁଥିବା ନିଆଁକୁ ଲିଭାଇବା ।]

ଚୁଲିହଗୁରା—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତି ଡରରେ ପଦାକୁ ଝାଡ଼ା ଫେରି ନ ଯାଇ ଲୁଚିକି ଚୁଲିରେ (ବିଶେଷତଃ ରାତିରେ) ଝାଡ଼ା ଫେରେ—A person who eases in the oven for fear of going out to answer the call of nature, specially during the night.
Chulihagura
(ଚୁଲିହଗୁରୀ—ସ୍ତ୍ରୀ)

କାହାର ବାଇଲେ ଘଷିଲେ ପୋଡ଼ପିଠା
ତାର ଚୁଲିରେ ହଗିଲେ ପୋଡ଼ପିଠା । ଢଗ ।

[ଦ୍ର—ପୂର୍ବେ ସମାଜରେ ଏପରି କଡ଼ା ପ୍ରଥା ଥିଲା ଯେ ନବାଗତବଧୂ କର୍ଜନଗୃହ ନ ହେଲେ ଘରୁ ପଦାକୁ ବାହାରିବ ନାହିଁ, ଏପରି ଅବସ୍ଥାରେ ନବବଧୂମାନଙ୍କ ନିର୍ଯାତନ ଓ ଦୁଃଖଭୋଗ କହିଲେ ସରୁ ନ ଥିଲା । ଫଳତଃ ସେମାନଙ୍କୁ କାଳେ ଦିନବେଳେ ପୋଖରୀ ତଳକୁ ଦେବ ଏଥିପାଇଁ ସେମାନେ ପେଟପୂରି କରି ମୁଠିଏ ଖାଉ ନ ଥିଲେ; ତଥାପି କେତେବେଳେ ଦୁର୍ଭାଗ୍ୟକୁ ଦିନରେ ପ୍ରସ୍ରାବ ବା ଝାଡ଼ା ମାଡ଼ିଲେ ବହୁ ସମୟ ମଳମୂତ୍ରର ବେଗ ରୋଧ କରୁ ଥିଲେ ଓ ନିତାନ୍ତ ଅସମ୍ଭାଳ ହେଲା ବେଳକୁ ପଦାକୁ ଯାଇ ନ ପାରି ଚୁଲିରେ ଅବଜ୍ଞାରିତା କରି ପକାଉଥିଲେ ।]

ଚୁଲୁକ—ସଂ. ବି. (ଚୁଲ୍ ଧାତୁ=ବୁଡ଼ିବା, ପାନ କରିବା+ଅଧିକରଣ ଉକ)—
Chuluka
୧ । କର୍ଦମ ବା କାଦୁଅ—1. Mud; clay.
୨ । ଗଣ୍ଡୂଷ; ଖୋଲା ହାତର ପାପୁଲିରେ ଏକା ଥରକେ ସମ୍ଭାଇବା ଜଳ—2. One sip of water; that much water as can be contained in the flat palm of the hand.
୩ । କ୍ଷୁଦ୍ର ଜଳପାତ୍ର; ସାମସେଇ—3. A small water-pot.
୪ । ମାଷମଜ୍ଜନୋପଯୁକ୍ତ ପାପୁଲିରେ ସମ୍ଭାଇବା ଜଳ—4. A quantity of water contained in the flat palm of the hand in which a grain of Brihi can be immersed.
୫ । ଗୋତ୍ରପ୍ରବର୍ତ୍ତକ ଋଷିବିଶେଷ—5 Name of a sage who was the founder of a clan.

ଚୁଲୁକିତ—ସଂ. ବଣ. (ଚୁଲୁକ+ତୁ ପିଆ ଯିବା ଅର୍ଥରେ. ଇତ)—
Chulukita
୧ । ଗଣ୍ଡୂଷଦ୍ୱାରା ପୀତ ବା ପିଆ ଯାଇ ଥିବା—1. Sipped from the palm of the hand.
୨ । କର୍ଦ୍ଦମାକ୍ତ—2 Muddy; clayey.

ଚୁଲ୍ଲ (ଧାତୁ)—ସଂ.—ବିଳାସ କରିବା; କେଳି କରିବା—To play; to disport.
Chulla (root)

ଚୁଲ୍ଲ ସଂ. ବଣ.—(ଚୁଲ୍ଲ ଧାତୁ+ଅ)—କ୍ଲିନ୍ନ ଚକ୍ଷୁର୍ବିଶିଷ୍ଟ—Blear-eyed; having moistened eyes.
Chulla
ବି.—କ୍ଲିନ୍ନ ଚକ୍ଷୁ—Bleared eye.

ଚୁଲ୍ଲକୀ—ସଂ. ବି. [ଚୁଲ୍ଲ ଧାତୁ=(ଜଳରେ) ବିଳାସ କରିବା+କର୍ତ୍ତୃ. ଅକ+ସ୍ତ୍ରୀ. ଈ]—
Chullaki
୧ । ଶିଶୁମାର ନାମକ ଜଳଜନ୍ତୁ—1. A purpoise.
୨ । ନଦୀର ଅପର ପାର—2. The opposite shore of a river.
୩ । କ୍ଷୁଦ୍ର ପାତ୍ରବିଶେଷ; ରେକାବ—3. A small plate or vessel; saucer.

ଚୁଲ୍ଲା—ସଂ. ବି.—(ଚୁଲ୍ଲ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Chulla
୧ । ନିଆଁ ଜଳିବା ସ୍ଥାନ—1. Oven; furnace.
୨ । ଚିତା; ଜୁଇ - Funeral pyre; cermation-fire-place.

ଚୁଲ୍ଲି—ସଂ ବି. (ଚୁଲ୍ଲ ଧାତୁ+କର୍ତ୍ତୃ. ଇ)—ଚୁଲ୍ଲା (ଦେଖ) Chulla (See)
Chulli

ସାଧାରଣ ଲୋକେ ଅପଠ ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାର' ଖୋଜିବେ, 'କ୍ଷୀ' ନ ମିଳିଲେ, 'କ୍ଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ୍ଟ' ଦେଖିବେ ।

ଚୁଲ୍ଲୀ—ସଂ. ବି. (ଚୁଲ୍ଲ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଈ)—ଚୁଲ୍ଲା (ଦେଖ)
Chulli — Chulla (See)

ଚୁଷ୍ (ଧାତୁ)—ସଂ. ଚୂଷ୍ (ଧାତୁ) (ଦେଖ)
Chush (root) — Chūsh (root) (See)

ଚୁଷ୍—ଦେ. ବି.—ଚୁଚୁ ୨ (ଦେଖ)
Chush — Chuchu 2 (See)

ଚୁଷିବା—ଦେ. କ୍ରି.—(ସଂ. ଚୂଷ ଧାତୁ)—ଶୋଷିବା—
Chushibā — To suck.
चूसा
चूसना

ଚୁସ୍ତ—ବୈଦେ. ବିଣ. (ଫା.)—୧ । ଟାଣୁଆ; ଶକ୍ତ—
Chust — 1. Hard; smart.
চোস্ত
चुस्त
୨ । ଦୃଢ଼; ଅଶିଥିଳ; ଯାହା ଢିଲା ନ ହୋଇ ଖୁବ୍ କସି ହୋଇ ଥାଏ—2. Tight.
୩ । ଚୌରସ—3. Level.
(ଟିଲା—ବିପରୀତ) ୪ । କର୍ମଠ; ଚଲାଖ—4. Active.
୫ । ଦେହରେ କସି ହୋଇ ବସିବା (ପୋଷାକ)—
5. Fit; tightly fitting the body.
୬ । ଯାହା ଶିଥିଳ ବା ଢିଲା ନୁହେଁ—
6. Not loose or slack.

ଚୁହା—ଦେ. ବି.—ଚୁଆ (ଦେଖ)
Chuhā — Chuā (See)

ଚୁହିଁ—ଦେ. କ୍ରି.—ଚାହିଁବା; ଅବଲୋକନ—Looking; look.
চাওয়া
चितवन
ଚନ୍ଦ୍ର ଚୁହିଁ ସୁଖ ବଡ଼ ? କି ତା ମୁଖ ଦେଖା ବଡ଼ ?
କବିସୂର୍ଯ୍ୟ. ସଙ୍ଗୀତ ।

ଚୁହିଁାଇବା—ଦେ. କ୍ରି—ଚାହିଁବାର ଣିଜନ୍ତରୂପ—
Chuhāñibā — The causative form of Chāhiñbā.
চাওয়ান
ଚୁହିଁାଇବ ତହିଁ ହଇଇ ତା ବଦନ—କୃଷ୍ଣସିଂହ. ମହାଭାରତ. ବନ ।

ଚୁହାଁଚୁହିଁ—ଦେ. ବିଣ—୧ । ଅନ୍ୟୋନ୍ୟରେ ଦେଖାଦେଖି; ଚହାଁଚହିଁ—
Chuhāñchuhiñ — 1. Looking at each other.
তাকাতাকি
ପାଣ୍ଡବମାନେ ତାହା ଦେଖି କ୍ରୋଧ ହୋଇ
ହୋଇଲେ ପରସ୍ପରେ ମୁହିଁ ଚୁହାଁଚୁହିଁ—କୃଷ୍ଣସିଂହ ମହାଭାରତ. ସଭା ।
୨ । ଅନ୍ୟକୁ ଦେଖିବା କର୍ମ—
2. Act of seeing any person.
ଚୁହାଁଚୁହିଁ ନାହିଁ ଅଳରେ ବୋଲି
ତକାରେ କମ୍ପନ ସେବେ ମୁଁ କଲି—କବିସୂର୍ଯ୍ୟ. ସଙ୍ଗୀତ ।

ଚୁହାଡ଼—ଦେ. ବି—(ହି. ଚୁହଡ଼ା=ଚଣ୍ଡାଳ, ଶ୍ୱପଚ; ହି. ଚୁଆଡ଼= ପାହାଡ଼ିଆ ଜଙ୍ଗଲିଆ ଜାତିବିଶେଷ)—
Chuhārda
চুয়াড়, চোয়াড়
चुहड़ा
୧ । ଚୁଆଡ଼; ଲୋହାଡ଼; ଅସଭ୍ୟ ଜଙ୍ଗଲ ଜାତି—
A wild tribe.
୨ । ହାଡ଼ି; ମେହେନ୍ତର—
2. A man of the sweeper caste.
ବିଣ—୧ । ଅସଭ୍ୟ; ଜଙ୍ଗଲି—1. Uncivilised.
୨ । ବର୍ବର; ନିଷ୍ଠୁର—2. Cruel.
୩ । ଅଭଦ୍ର—3. Rude.
୪ । ନୀଚ—4. Low; mean.

ଚୁହାଣ—ଦେ. ବି—୧ । ଚୌହାଣ; ଚୌହାନବଂଶ; କ୍ଷତ୍ରିୟ ବା ରାଜପୁତଙ୍କ ଶାଖାବିଶେଷ (ଚୌହାଣ ଶବ୍ଦରେ ନୋଟ ଦେଖ)—
Chuhāṇa — 1. A branch of Kshyatriyas or Rajputs
चुहान
चौहान, चोहान
ଏବେ ରାଜପୁତ ଶେଖସ ମୁଗଲ ବଗେଲ ଚୁହାଣ ପଠାଣ
ଗଡ଼କୁ ବୋଲି ପଶି ଖାଁଙ୍କ ଯିବେ ଯେ ଜନ ଲକ୍ଷେ କେହି ପୁଣ ।
ବ୍ରଜନାଥ. ସମରତରଙ୍ଗ ।
୨ । ଗୃହଦାହକ—2. An incendiary.
୩ । ନୀଚଜାତିର ଗୃହଦାହକ ରାଜସେବକବିଶେଷ—
(ଗୋପୀନାଥ ନନ୍ଦ)
ଶୂନ୍ୟ ଘର ପୁଡ଼ାଏ ଅଟଇ ସବୁ ତେଣୁ
ଚୁହାଣଙ୍କୁ ବୋଇଲେ ରେ ଘର ବଥ ପୋଡ଼—ପୀତାମ୍ବର. ନୃସିଂହପୁରାଣ ।
3. A class of king's servants of low caste whose duty it was to set fire to houses under the king's order.

ଚୁହାନ୍—ଦେ. ବି—ଚୁହାଣ ୧ (ଦେଖ)—
Chuhān — Chuhāṇa 1 (See)

ଚୁହାର—ଦେ. ବି—ଛୁଆର (ଦେଖ)—
Chuhārā — Chhuārā (See)

ଚୁହିବା—ପ୍ରାଦେ (ସମ୍ବଲପୁର) କ୍ରି (ଭୁଲ. ହି. ଚୁହନା; ସଂ ଚୂଷ ଧାତୁ)
Chuhibā — ଶୋଷିବା—To suck.

ଚୂଚୁକ—ସଂ. ବି—ଚୁଚୁକ (ଦେଖ)—
Chūchuka — Chuchuka (See)

ଚୂର୍ଡ଼ (ଧାତୁ)—ସଂ—ମୁଣ୍ଡନ କରିବା—
Chūrd (root) — To shave.

ଚୂର୍ଡ଼—ସଂ. ବି (ଚୂର୍ଡ଼ ଧାତୁ+କର୍ମ. ଅ)—୧ । ଚୂଳ; ବୃଷଭାଦି ପଶୁଙ୍କ ପିଠିରେ ବାହାରିଥିବା ମାଂସ ପିଣ୍ଡ—1. A hump or protuberance on the back of certain animals e g. bulls.
Chūrda
୨ । ଚୁଟି—2. A tuft of long hair on the head.
୩ । ଶଙ୍ଖଚୂଡ଼ ନାମକ ଦୈତ୍ୟ—3. Name of a demon.
୪ । ଶୃଙ୍ଗ, ଘର ଓ ପାହାଡ଼ ଅଗ୍ରର ଶିଖା—
4. Top; summit.
୫ । ଛୋଟ କୂଅ (ହି. ଶବ୍ଦସାଗର)—5. Small well.

ଚୂର୍ଡ଼କ—ସଂ. ବି (ଚୂର୍ଡ଼ ଧାତୁ+କର୍ମ. ଅକ)—ଚୂର୍ଡ଼ (ଦେଖ)—
Chūrdaka — Chūrda (See)

୧	ଇ	ଉ	ଋ,ୠ	ୠ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଉସ୍ର	ଉଅ	ଈ
୨	ଈ	ଊ	ରୁ	ଲ୍ଲ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଉଅ	ଔ	ନ୍ନ

ଚୂଡ଼ନ୍ତ (ଇତ୍ୟାଦ) (ସଂ. ଚୂଡ଼ାନ୍ତ)—ଚୂଡ଼ାନ୍ତ ଇତ୍ୟାଦ (ଦେଖ)—
Chūrdanta (etc) Chūrdanta etc (See)
ଚୁଡ଼ନ୍ତ

ଚୂଡ଼ା—ସଂ. ବି (ଚୂଡ଼ ଧାତୁ=ମୁଣ୍ଡନ କରିବା+କର୍ମ. ଅ+ସ୍ତ୍ରୀ. ଆ)—
Chūrdā ହିନ୍ଦୁ ବାଳକର ମସ୍ତକମୁଣ୍ଡନରୂପ ସଂସ୍କାର—
1. The ceremony of shaving performed on a Hindu boy.

୨। କେଶ—2. Hair.

୩। ଜୁଡ଼ା; ଜଟ; ମୁଣ୍ଡ ଉପରେ ପକାଯିବା ଗଣ୍ଠି—
3. A mass of hair artistically dressed into a knot ever the head; chignon.

ବନ୍ଧୁ ଅଛ କ ଲେଡ଼ା, ନୂଆ ନଆଳ କର୍ମିଭ ଚୂଡ଼ା—କବସୂର୍ଯ୍ୟ. ସଙ୍ଗୀତ।

୪। କେଶର ଶିଖା; ଚୁଟି—
4. Tuft of hair left on the crown of the head after the 1st shaving ceremony; a single lock of hair.

୫। ମୟୂରାଦି ପକ୍ଷିଙ୍କ ମୁଣ୍ଡରେ ଦେଖିଁ ଉନ୍ନତ ପକ୍ଷଗୁଚ୍ଛ ଥାଏ—
5. Tuft of feathers standing on the head of certain birds (e. g. peacock).

୬। ପର୍ବତର ଶିଖର; ପର୍ବତ ଶୃଙ୍ଗ—
6. Mountain-peak; crest; pinnacle.

୭। ଅଗ୍ରଭାଗ—Top; summit; crown.

୮। ମୁକୁଟ; ମସ୍ତକଭୂଷଣ—
8. A conical head-dress; crown.

୯। ମୁକୁଟ ବା ପଗଡ଼ି ଉପରେ ଲମ୍ବଭାବରେ ଠିଆ ହୋଇଥିବା ଶିଖା—9. Diadem; an ornament put upright on the crown or turban.

୧୦। ସ୍ତ୍ରୀମାନଙ୍କ ଚୁଡ଼ି; କରର ଭୂଷଣ—
10. A flat bracelet.

୧୧। ଭୂଷଣ; ଅଳଙ୍କାର—
10. Ornament; jewellery.

୧୨। ମସ୍ତକ (ହି. ଶବ୍ଦସାଗର)—12. Head

୧୩। ପ୍ରଧାନ ନାୟକ (ହି. ଶବ୍ଦସାଗର)—
13. Chief; leader.

୧୪। କୂଅ (ହି. ଶବ୍ଦସାଗର)—14. Well.

୧୫। କାଇଞ୍ଚ (ହି. ଶବ୍ଦସାଗର)—
15. A black-topped red seed.

୧୬। ବାହୁଭୂଷଣବିଶେଷ (ହି. ଶବ୍ଦସାଗର)—
16. A kind of ornament for the arms; armlet.

୧୭। ଚୂଡ଼ାକରଣ (ଦେଖ) (ହି. ଶବ୍ଦସାଗର)—
17. Chūrdākarana (See)

୧୮। (ଚୂଡ଼ ଧାତୁ=ପ୍ରେରଣ କରିବା+ଭାବ. ଅ+ସ୍ତ୍ରୀ. ଆ)
ପ୍ରେରଣ (ପ୍ରକୃତିବାଦ)—18. Sending.

ବିଣ—ଶ୍ରେଷ୍ଠ; ପ୍ରଧାନ—Chief; principal.

ଚୂଡ଼ାକରଣ—ସଂ. ବି—ବ୍ରାହ୍ମଣାଦି ଦ୍ୱିଜାତି ବାଳକର ପ୍ରଥମ କ୍ଷୌର ବା
Chūrdākarana କେଶମୁଣ୍ଡନ ରୂପ ସଂସ୍କାର; ବାଳପକା—
(ଚୂଡ଼ାକର୍ମ—ଅନ୍ୟରୂପ) The ceremony of first shaving done on a boy of the twice-born castes amongst the Hindus; the ceremony of tonsure practised amongst the 3 higher caste-boys amongst the Hindus.

[ଦ୍ର—ଏଥିରେ ବାଳକର ମୁଣ୍ଡଯାକ ଲଣ୍ଡା କରାଯାଇ ମଝିରେ ଚୂଡ଼ା ବା ଶିଖା ଛାଡ଼ି ଦିଆ ଯାଉଥିଲା।]

ଚୂଡ଼ାନ୍ତ—ସଂ. ବି. (୬ଷ୍ଠୀ ତତ୍; ଚୂଡ଼ା=ଶିଖା+ଅନ୍ତ=ଶେଷ)—
Chūrdānta ୧। ଶେଷ ମୀମାଂସା—1. Final decision or determination; conclusion.

୨। ଯୁକ୍ତିଜନିତ ଅନୁମାନ—
2. Deduction; inference.

୩। ଚରମ ବା ଶେଷ ସୀମା—
3. Extremity; limit.

୪। ପରାକାଷ୍ଠା—4 Acme.

୫। କାର୍ଯ୍ୟସମାପ୍ତି—5. Completion of work.

୬। ଚୂଡ଼ାର ଅଗ୍ର—6. The top of a chignon or knot of hair.

ଦେ. ବି—ଶେଷ; ଅନ୍ତ—Finish; end.

ଦେ. ବିଣ—ଅନ୍ତିମ; ଚରମ—
Final; conclusive.

ଚୂଡ଼ାନ୍ତ କରିବା—ଦେ. କ୍ରି—କୌଣସି କାର୍ଯ୍ୟକୁ ଶେଷ ବା ସାଙ୍ଗ କରିବା
Chūrdānta karibā To bring a thing to completion; to give the finishing touch to a thing.
ଚୁଡ଼ନ୍ତକରା

ଚୂଡ଼ାନ୍ତ ଡିଗ୍ରି—ଦେ (କଚେରୀଆ ଭାଷା) ବି—ବନ୍ଧକ ଓ ବାଣ୍ଟରା ମକଦମାରେ
Chūrdāntadigri ହାକିମ ପ୍ରଥମ ଡିଗ୍ରି ବା ଫଇସଲା ଲିପିବଦ୍ଧ
ଚୁଡ଼ନ୍ତଡ଼ିଗ୍ରି କରିବା ପରେ ମିଆଦଗତେ କମ୍ପା ଅମିନ କଇଫର୍ଦ
(ଚୂଡ଼ାନ୍ତ ଫଇସଲା—ଅନ୍ୟରୂପ) ଇତ୍ୟାଦି କରି ରିପୋର୍ଟ ଦେବା ପରେ ଅଦାଲତ ଶେଷରେ ଯେଉଁ ଡିଗ୍ରି ଲିପିବଦ୍ଧ କରନ୍ତି—
Final decree passed in a mortgage-suit or partition-suit at its final stage, i. e. some time after a preliminary decreee ts passed.

ଚୂଡ଼ାନ୍ତ ନିଷ୍ପତ୍ତି—ଦେ. ବି—ଶେଷ ନିଷ୍ପତ୍ତି—
Chūrdānta nishpatti Final decision.
(ଚୂଡ଼ାନ୍ତନିଷ୍ପତ୍ତି—ଅନ୍ୟରୂପ)

ସାଧାରଣ ଲୋକେ ଅପର ଦୃଷ୍ଟାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାନ୍ୟ ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳରେ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଦେଖିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବଧ' ନ ପାଇଲେ 'ଅଳ୍ପବୁଦ୍ଧି' ଦେଖିବେ ।

ଚୂଡ଼ାନ୍ତ ହୁକୁମ—ଦେ. (କଚେରୀ ଭାଷା) ବି—
Churdānta hukuma ୧ । ଚୂଡ଼ାନ୍ତ ନିଷ୍ପତ୍ତି (ଦେଖ)
1. Chūrdānta nishpatti (See)
୨ । ଶେଷ ନିଷ୍ପତ୍ତି ପରେ ହାକିମ ଯେଉଁ ଆଦେଶ ଦିଅନ୍ତି—
2. Final order.

ଚୂଡ଼ାବାନ୍—ସଂ. ବିଣ. ପୁଂ (ଚୂଡ଼ା+ଅସ୍ତି ଅର୍ଥରେ ବତ୍; ୧ମା.୧ବ)—
Chūrdābān ଯାହାର ଚୂଡ଼ା ଅଛି—
(ଚୂଡ଼ାବତୀ—ସ୍ତ୍ରୀ) Having a tuft or chignon.

ଚୂଡ଼ାମଣି—ସଂ. ବି. (୬ଷ୍ଠୀ ତତ୍; ଚୂଡ଼ା+ମଣି)—୧ । ମୁକୁଟର ପ୍ରଧାନ ମଣି—1. Crest-jewel; a jewel worn on the diadem or crest; the gem worn in the crown.
Chūrdāmaṇi
୨ । ସର୍ବଶ୍ରେଷ୍ଠ ବ୍ୟକ୍ତି—
2. Chief or principal person.
୩ । କାକମାଚି (ଦେଖ)
3. Kākamāchi (See)
ଦେ. ବି—୧ । ବଙ୍ଗଦେଶର ବିଦ୍ୱାନ୍ ପଣ୍ଡିତମାନଙ୍କୁ ଦିଆଯିବା ଉପାଧି—1. A title given to Bengal Pandits for eminent scholarship.
୨ । ଉତ୍କଳର କେତେକ ବିଶିଷ୍ଟ ଜମିଦାରଙ୍କ ଉପାଧି—
2. The title of some prominent zamindars of Orissa.
୩ । (ନାମ) ଚୂଡ଼ାମନ୍ (ଦେଖ)
3. Chūrdāman (See)
ବିଣ—୧ । ସର୍ବଶ୍ରେଷ୍ଠ—1. Chief; principal; eminent

ଏହା କହି ସାରି ଧାନୁକଚୂଡ଼ାମଣି
ଅରଜୁନ କହିଲେ ଶ୍ରୀକୃଷ୍ଣଙ୍କୁ ବାଣୀ । କୃଷ୍ଣସିଂହ. ମହାଭାରତ କର୍ଣ୍ଣ ।

୨ । ସର୍ବୋଚ୍ଚ—2. highest.

ତ୍ରିଲୋକ ଚୂଡ଼ାମଣି ସ୍ଥାନେ
ବସିଲ ନିଶ୍ଚଳ ଆସନେ । ଜଗନ୍ନାଥ. ଭାଗବତ ।

ଚୂଡ଼ାମନ୍—ଦେ. ବି.—ଓଡ଼ିଶା ବାଲେଶ୍ୱର ଉପକୂଳର ପ୍ରାଚୀନ ବନ୍ଦର ବିଶେଷ—(ଜଗବନ୍ଧୁ ପ୍ରାଚୀନ ଉତ୍କଳ)—Name of an ancient port in the Orissa sea-coast in the district of Balasore.
Chūrdāman

ଚୂଡ଼ାମ୍ଳ—ସଂ. ବି. (ବହୁବ୍ରୀହି; ଚୂଡ଼ା+ଅମ୍ଳ)—ତିନ୍ତୁଳି (ହି. ଶବ୍ଦସାଗର)—
Chūrdāmla Tamarind.

ଚୂଡ଼ାଳ—ସଂ. ବି. (ଚୂଡ଼ା+ଅସ୍ତି ଅର୍ଥରେ ଲ)—ମସ୍ତକ—
Chūrdāla The head.
ବିଣ.—ଚୂଡ଼ାବିଶିଷ୍ଟ; ଶିଖାଯୁକ୍ତ—
Having a tuft or chignon.

ଚୂଡ଼ାଲା—ସଂ, ବି. (ଚୂଡ଼ାଲ+ଆ)—୧ । ଧଳା କାଇଁଚ—1. White variety of Kāiñcha.
Chūrdalā
୨ । ନାଗର ମୁଥା (ଦେଖ)
2. Nāgaramuthā (See).
୩ । କବିଂଶୀ ତୃଣ (ହି. ଶବ୍ଦସାଗର)—
3. A kind of grass.

ଚୂଡ଼ି (ଇତ୍ୟାଦି)—ଦେ. ବି. (ସଂ. ଚୂଡ଼ା)—ଚୁଡ଼ି ଇତ୍ୟାଦି (ଦେଖ)
Chūrdi (etc) Churdi etc (See)

ଚୂତ—ସଂ. ବି.—୧ । (ଚୂଷ୍ ଧାତୁ=ଶୋଷିବା, ଚୁଚୁମିବା+କର୍ମ. ତ; ଯେଉଁ ଫଳକୁ ଚୁଚୁମି କରି ଖିଆଯାଏ)—ଆମ୍ବ (ବୃକ୍ଷ ଓ ଫଳ)—1. Mango (tree and fruit); Magnifera Indica.
Chūta
୨ । (ଚ୍ୟୁତ୍ ଧାତୁ=କ୍ଷରିତ ହେବା+ଅପାଦାନେ. ଅ. ନିପାତନ)—ଭଗ; ପ୍ରସବଦ୍ୱାର; ଯୋନି—
2. Vagina.
୩ । ଗୁହ୍ୟଦ୍ୱାର—3. Anus.
୪ । ଗୃହଦ୍ୱାର—4, Door of a house (M.W).

ଚୂତକ—ସଂ. ବି. (ଚୂତ + ସ୍ୱାର୍ଥେକ) —ଚୂତ (ଦେଖ)
Chūtaka Chūta (See)

ଚୂତମୁକୁଳ—ସଂ. ବି (୬ଷ୍ଠୀତତ୍; ଚୂତ+ମୁକୁଳ)—ଆମ୍ବ ବଉଳ—
Chūtamukula Mango-flowers; mongo-buds.

ଚୂତଲତା—ସଂ. ବି (ଚୂତ+ଲତା)—୧ । (୬ଷ୍ଠୀତତ୍)—ଲଟାଣିଆ ଆମ୍ବଗଛ—1. A kind of mango tree with spreading or overhanging branches
Chūtalatā
୨ । (ମ. ପ. ଲୋ.)—ଆମ୍ବ ଗଛରେ ମାଡ଼ିଥିବା ଲତା—
2. A creeper creeping over a mango tree.

ଚୂନ—ଦେ. ବି (ସଂ. ଚୂର୍ଣ୍ଣ)—ପଥର, ଶିପ ପ୍ରଭୃତିକୁ ପୋଡିବା ଦ୍ୱାରା ଜାତ ଚୂର୍ଣ୍ଣ—Slaked lime
Chūna
चून, चून [ଦ୍ର—ଚୂନ ଦୁଇ ପ୍ରକାର । ୧. ପଥର ଚୂନ
চুন, চুনা ବା Stone-lime ଓ ୨. ଶିପଚୂନ ବା Shell-lime.
ଚୂନଆ ପଥର ବା ଗେଙ୍ଗୁଟିକୁ ପୋଡି (୧) ପଥରଚୂନ, ଓ ଶାମୁକା ବା ସିପକୁ ପୋଡ଼ି (୨) ସିପଚୂନ ବା କଳିଚୂନ କରାଯାଏ । ପୋଡ଼ା ହୋଇଥିବା ଚୂନରେ ପାଣି ପକାଇଲେ ତାହା ପାଣିକୁ ଶୋଷିନିଏ ଓ ପାଣି ଗରମ ହୋଇ ଫୁଟେ । ଏହାକୁ ଫୁରୁସା ଚୂନ (Slaked lime) କୁହାଯାଏ । ଶିପଚୂନକୁ ଫୁରୁସାଇ କଳିଚୂନ କରାଯାଏ । ଏହା ପାନରେ ଖିଆଯାଏ ଓ କୋଠାଘରେ ଇଟା ପ୍ରଭୃତି ଗାନ୍ଥିବା କରିବାରେ ଲାଗେ । ପଥରଚୂନରେ ସାଧାରଣତଃ ଇଟାର ଓ ପଥରର ଗାନ୍ଥନି ହୁଏ ଓ କଳିଚୂନରେ କାନ୍ଥଆଦି ଧଉଳା ଯାଏ । ଶଙ୍ଖ ଓ ମୋତିକୁ ପୋଡ଼ି ମଧ୍ୟ ଚୂନ କରାଯାଏ । ଚୂନ ଔଷଧରେ ଲାଗେ ଓ କ୍ଷେତରେ ସାର ଦିଆଯାଏ ।]

୲	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଲ୍କ	ଙ୍ଗ	ଢ଼ଅ	ଈ
ା	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଢ଼ଅ	ୱ	ନ୍ତ

ଚୂନକଳା—ଦେ. ବି—କୌଣସି ବ୍ୟକ୍ତିକୁ ହାସ୍ୟାସ୍ପଦ କରିବା ବା ଦଣ୍ଡ Chūnakaḷā ଦେବା ନିମନ୍ତେ ତା'ର ଏକ ଗାଲରେ ବୋଳାଯିବା ଚୂନକାଲୀ ଚୂନ ଓ ଅନ୍ୟ ଗାଲରେ ବୋଳାଯିବା କଳା—(ଚୂନକଜ୍ଜଳ—ଅନ୍ୟରୂପ) Lime and lamp-black used for painting the two cheeks of a person (as punishment or in jest).

[ଦ୍ର—ପୂର୍ବେ ଅପରାଧୀ ଲୋକଙ୍କ ମୁହଁରେ ଚୂନକଳା ବୋଳି ଦାଣ୍ଡରେ ବୁଲାଉଥିଲେ ଓ ସେ ଲୋକ ଏତଦ୍ଦ୍ୱାରା ଅତି ଲଜ୍ଜିତ, ଅପମାନିତ ଓ ଉପହସିତ ହେଉଥିଲେ ।]

ଚୂନକଳା ଦେବା (ମୁହଁରେ)—ଦେ. କ୍ରି—୧ । ଲଜ୍ଜିତ କରିବା ପାଇଁ Chūnakaḷā debā ଅପରାଧୀ ବ୍ୟକ୍ତିର ଏକଗାଲରେ ଚୂନ ଓ (ଗାଲେ) ଚୂନକାଲୀ ଦେଓୟା ଏକ ଗାଲରେ କାଳି ବୋଳିବା— ଚୂନାଲଗାନା 1. To besmear lime on one side and black on the other side of the face of an offendor to put him to dersion and shame.

୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଅତି ଲଜ୍ଜିତ କରିବା— 2. (figurative) To put a person to shame.

ଚୂନକାମ—ସ୍ଥ. ବି. (ସଂ. ଚୂର୍ଣ୍ଣ+କର୍ମ)—ଚୂନରେ କରାଯିବା ପଲସ୍ତରା Chūnakāma ଓ ଗାନ୍ଥିନି—Plaster-work and masonry ଚুনকাম of lime. ଚୁନାଇ

ଚୂନକୋଳି—ଦେ. ବି—ଏକପ୍ରକାର ସୁଖାଦ୍ୟ କୋଳି— Chūnakoḷi A kind of edible plum.

[ଦ୍ର—ଏହାର ଗଛ କଣ୍ଟାଳିଆ, କୋଳିର ବର୍ଣ୍ଣ ଧଳା ଓ ସ୍ୱାଦ ମିଷ୍ଟ ।] (ଚୂନୁକୋଳି—ଅନ୍ୟରୂପ)

ଚୂନଖାଇ—ଦେ. ବି—ଚୂନଦାନି (ଦେଖ) Chūnakhāi Chūnadāni (See)

ଚୂନଗୋଡ଼ି—ଦେ. ବି—ପୋଡ଼ା ଚୂନକୁ କୁଟି ଚାଲୁଣୀରେ ଚାଳିଦେବା Chūnagoṛi ପରେ ଯେଉଁ କଠିନ ପ୍ରସ୍ତରଖଣ୍ଡମାନ ରହିଯାଏ— ଚুনগুড়ী The concrete left after sifting ଚୂନାକାକଙ୍କଡ pounded lime. (ଚୂନୁଗୋଡ଼ି ଅନ୍ୟରୂପ)

ଚୂନଚଉଁରି—ଦେ. ବି—ଚୂର୍ଣ୍ଣଚଉଁରି (ଦେଖ) Chūnachauṅri Chūrṇachauṅri (See)

ଚୂନଦାନି—ଦେ. ବି. (ସଂ. ଚୂର୍ଣ୍ଣ+ଆଧାନ)—ପାନରେ ଲଗାଇବା Chūnadāni ପାଇଁ ଅଭିପ୍ରେତ ଚୂନ ଯେଉଁ ଧାତୁପାତ୍ର ବା ଚুনটী; চুনাতী ଡବାରେ ରଖାଯାଏ—A pot containing ଚୁନୌଟୀ, ଚୁନାଦାନୀ lime used for applying on betel leaves.

ଚୂନପତ୍ର—ଦେ. ବି. (ସଂ. ଚୂର୍ଣ୍ଣ+ପତ୍ର; ଏହା ଚୂନ ସଙ୍ଗେ ମିଶାଯାଇ Chūnapatra ଖିଆ ହେବାରୁ)—ପାନ ସଙ୍ଗେ କିମ୍ବା ଖାଲି ଖইনী ପାଟିରେ ପକାଇବା ନିମନ୍ତେ ଚୂନ ସଙ୍ଗେ ଏକତ୍ର ମাঁগ, ଖୈନୀ ଦଳା ହୋଇଥିବା ତମାଖୁ ପତ୍ର—Bits of tobacco-leaves pressed with a little lime and used with betel or taken alone.

ଚୂନପୋଡ଼ା—ଦେ. ବି—ଶିପ ବା ଗେଙ୍ଗୁଟିକୁ ଚୂନରେ ପରିଣତ କରିବା Chūnaporḍā ପାଇଁ ଭାଟିରେ ପୋଡ଼ିବା—Slaking or চুনপুড়ান burning of limestone or shells. ଚୂନାଫୁକନା [ଦ୍ର—ଗେଙ୍ଗୁଟି ଓ ଶାମୁକା ଆଦି ପୋଡ଼ାଯାଇ ଚୂନରେ ପରିଣତ ହୁଏ । ଅତଏବ ଏହା ଚୂନପୋଡ଼ା ନ ହୋଇ ପ୍ରକୃତରେ ଗେଙ୍ଗୁଟିପୋଡ଼ା ବା ଶାମୁକାପୋଡ଼ା ଅଟେ ।]

ଚୂନଫେରା—ଦେ. ବି—୧' ଫୁଟ ଲମ୍ବା, ଚଉଡ଼ା ଓ ଗଭୀର ଚୂନ Chūnapherā ମାପିବାର ପାତ୍ର—A measure one cubic foot) for lime.

ଚୂନ ଫେରାଇବା—ଦେ. କ୍ରି—ଚୂନସଫେଦ କରିବା (ଦେଖ) Chūna pherāibā Chūnasaphedi karibā (See) (ଚୂନଫେରେଇବା—ଅନ୍ୟରୂପ)

ଚୂନଭାଟି—ଦେ. ବି—ଯେଉଁ ଚୁଲ୍ଲୀରେ ଗେଙ୍ଗୁଟି ବା ଶିପ ପୋଡ଼ାଯାଇ Chūnabhāṭi ଚୂନ ତିଆରି ହୁଏ—Lime-kiln. ଚুনের ভাটি । ଚୁନେକିଭଟ୍ଟୀ

ଚୂନରା—ଦେ. ବି.—(ସଂ. ଚୂର୍ଣ୍ଣକାର)—୧ । ଯେଉଁ ଜାତି ଶିପ ଓ Chūnarā ଗେଙ୍ଗୁଟି ପୋଡ଼ି ଚୂନ ତିଆରି କରନ୍ତି—1. A caste (ଚୂନୁରା—ଅନ୍ୟରୂପ) of men who prepare slaked lime; চুনারী a lime-burner. ଚୁନାରୀ ୨ । ଯେ ଚୂନ ପୋଡ଼ି ବିକି କରେ— 2. One who sells slaked lime.

ଚୂନସଫେଦ କରିବା—ଦେ. କ୍ରି—ଚୂନଗୋଳିଆ ପାଣିରେ ଘର Chūnasaphedi karibā ଧଉଳାଇବା—To whitewash চুন সফেদি করা; চুনফিরা a house with lime-water. ଚୂନାଫେରାନା

ଚୂନସୁରକି—ଦେ. ବି.—ପକ୍କା-ଗାନ୍ଥିନି କରାଯିବା ପାଇଁ ଚୂନ ସଙ୍ଗେ Chūnasurki ଇଟାଗୁଣ୍ଡା ମିଶା ଯାଇ ତିଆରି କରାଯିବା ମସଲା— চুনসুর্কী Mortar made of brick-dust and lime. ଚୂନାସୁରଖୀ (ଚୂନ ସୁରୁକି, ଚୂନୁସୁରୁକି—ଅନ୍ୟରୂପ)

ଚୂନହଳଦି—ଦେ. ବି.—ଏକତ୍ର ମିଶ୍ରିତ କଲିଚୂନ ଓ ବଟା ହଳଦି— Chūna haḷadi Mixture of quicklime and চুনহলুদ turmeric.

[ଦ୍ର—ଏହି ଦୁଇଟି ପଦାର୍ଥ ମିଶାଇଲେ ମିଶ୍ରିତ ପଦାର୍ଥର (ଚୂନହଳଦୀ, ଚୂନୁହଳଦୀ—ଅନ୍ୟରୂପ) ବର୍ଣ୍ଣଲାଲ ହୁଏ ।]

ଚୂନା—ଦେ. ବି. (ସଂ. ଚୂର୍ଣ୍ଣ)—୧ । କୌଣସି ପଦାର୍ଥର ଚୂର୍ଣ୍ଣ— Chūnā 1. Powder. চনা, চূর (ଯଥା—ଗୁଆଳ ଚୂନା, ଗହମ ଚୂନା)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ମିଳିଲେ 'ବନ୍ଧ' ଦେଖିବେ; 'ଅଙ୍କିଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍ବର୍ଟ' ଦେଖିବେ

ଭୁକନୀ, ଚୂନ, ଚୂନୀ, ଚୂର ୨ । ଧାତୁ ବା କାଠ ଆଦିର ଗୁଣ୍ଡ; କରତ ଗୁଣ୍ଡ—2. Saw-dust; filings.

ବଣ.—୧ । ଚୂର୍ଣ୍ଣୀକୃତ—1. Powdered; pulverised.

ମୋଡ଼ାରେ ଚୂନା ହୋଇ ଯାଇ ପାରେ ମେରୁ ।
କୃଷ୍ଣସିଂ ହ. ମହାଭାରତ. ବନ ।

୨ । ଅତି କ୍ଷୁଦ୍ର—2. Very small; minute.
(ଯଥା—ଚୂନା ମାଛ ।)

ଚୂନାଇବା—ଦେ. କି. (ସଂ. ଚୂର୍ଣ୍ଣ)—୧ । ଅତି କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ Chūnāibā କାଟିବା—1. To cut into very small pieces.
(ଚୂନେଇବା—ଅନ୍ୟରୂପ)

(ଯଥା—ପରିବାକୁ ଚୂନାଇ କରି କାଟିଲେ ଶୀଘ୍ର ସିଝି ଯାଏ)

୨ । ଚୂର୍ଣ୍ଣ କରିବା; ଗୁଡ଼ିବା—
2. To pound; to reduce into powder.

ଚୂନା କରିବା—ଦେ. କି.—୧ । କୌଣସି ବସ୍ତୁକୁ ଚୂର୍ଣ୍ଣରେ ପରିଣତ Chūnā karibā କରିବା—1. To reduce into powder; to pulverise.
चूनाकरा

୨ । (ଲକ୍ଷଣାର୍ଥ) କ୍ଷୟ ବା ବିନାଶ କରିବା—
2. (figurative) to destroy.

ଅନାଦରଭୂତ, ଅନାଗରି ନରତ, ଚୂନାକରୁ ଦୂରତ ।
କବିସୂର୍ଯ୍ୟ ବଳଦେବରଥ ୍ କ ଗୀତ ।

ଚୂନାକୁ ଚାହିଁ ପିଠା କରିବା—ଦେ. କି.—(ଲକ୍ଷଣାର୍ଥ) ଉପାଦାନକୁ Chūnāku chāhiñ pithā karibā ଚାହିଁ କାର୍ଯ୍ୟ କରିବା—(figurative) To cut your coat according to your cloth.

ଚୂନା କୁଟିବା—ଦେ. କି.—ଚାଉଳ ଇତ୍ୟାଦିକୁ କୁଟି ଚୂନା କରିବା—Chūnā kuṭibā To pound or press rice etc into powder.
चालकुटा

[ଦ୍ର—ପ୍ରକୃତରେ ଚୂନା କୁଟା ଯାଏ ନାହିଁ, ଚାଉଳ ଆଦି କୁଟାଯାଇ ଚୂନାରେ ପରିଣତ ହୁଏ ।]

ଚୂନା ଚୂନା—ଦେ. ବଣ.—୧ । ଚୂର୍ଣ୍ଣିତ—
Chūnā chūnā 1. Powdered.
चूना चूना

୨ । ଅତି କ୍ଷୁଦ୍ର କ୍ଷୁଦ୍ର ଖଣ୍ଡମାନଙ୍କରେ ବିଭକ୍ତ—
ଚକନାଚୂର 2. Reduced into minute pieces

ବି.—୧ । ଅତି କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ (ବହୁବଚନ)—
1. Many minute bits.

୨ । ବହୁ ପରିମିତ ଚୂର୍ଣ୍ଣ—
2. A large quantity of powder.

ଚୂନାତ୍—ବୈଦେ. ବ. (ହି. ଚୁନତ୍)—ଚୁନତ୍ (ଦେଖ)
Chūnāt Chunat (See)

ଚୂନା ଧାନ—ଦେ. ବ—ବଳାରୁ ଝଡ଼ା ହୋଇ ଏକତ୍ର ଜମା କରାଯାଇ Chūnā dhāna ଥିବା ଧାନ—Paddy separated from the sheaves and gathered into a heap.

ଚୂନା ମାଛ—ଦେ. ବ—ଅତି ଛୋଟ ଛୋଟ ମାଛ—
Chūnā māchha Small fishes.
चुनापुँठी, चुनोपुँटी [ଦ୍ର—ଦଣ୍ଡକଣ୍ଟା, କେରାଣ୍ଡୀ ଇତ୍ୟାଦିକୁ ଚୂନା ମାଛ କୁହାଯାଏ ।]

ଚୂନା ହେବା—ଦେ.କି—୧ । ଚୂର୍ଣ୍ଣ ହେବା; ନଷ୍ଟ ହେବା—
Chūnā hebā 1. To be destroyed.
चूनाहओया ୨ । ଭାଙ୍ଗି ଯାଇ ଟିକି ଟିକି ହେବା—
ଚକନାଚୂର ହୋନା 2. To be broken into small pieces.

୩ । ଚୂର୍ଣ୍ଣରେ ପରିଣତ ହେବା—
3. To be reduced into powder.

ଚୂନି—ଦେ. ବ. (ସଂ. ଚୂର୍ଣ୍ଣିକା)—
Chūni ୧ । ଚୂନା ହୋଇ ଚାଲୁଣିରେ ଚଲା ହେବା
खुद ପରେ ବାକି ରହିଯିବା ଗହମ ପ୍ରଭୃତିର
ଭୁକନୀ, ଚୂନ; ଚୂନୀ ଅତି କ୍ଷୁଦ୍ର କ୍ଷୁଦ୍ର ଅଂଶ; ଚୋକଡ଼; ଶସ୍ୟରୁ ବାହାରି ଥିବା ଚୋପାର କ୍ଷୁଦ୍ରାଂଶ; କାଣିଆ ଗୁଣ୍ଡା—
1. Small particles of the chaff or bran of wheat or other grains after they are pounded and the husks sifted and separated.

୨ । କରତ ଗୁଣ୍ଡ—2. Saw dust.

चुनि ୩ । ରକ୍ତବର୍ଣ୍ଣ ବହୁମୂଲ୍ୟ କ୍ଷୁଦ୍ର ପ୍ରସ୍ତର ବିଶେଷ; ପଦ୍ମରାଗ ମଣି;
चुनी କ୍ଷୁଦ୍ର ମାଣିକ—3. A ruby.

ବଣ—୧ । ଅତି କ୍ଷୁଦ୍ର—1. Very small; minute.

୨ । ଚୂର୍ଣ୍ଣୀକୃତ—2. Powdered; pulverised.

ଚୂନିଆଁ ପଥର—ଦେ. ବ. (ସଂ. ଚୂର୍ଣ୍ଣ+ପ୍ରସ୍ତର)—
Chūniāñ pathara ଯେଉଁ ପଥରରେ ଚୂନର ଭାଗ ଥାଏ; ଖଡ଼ିଆ
चुनियापाथर ପଥର; ଯେଉଁ ପଥରକୁ ପୋଡ଼ିଲେ ଚୂନ ବାହାରେ—Limestone; chalkstone.

ଚୂନିଗବ—ଦେ. ବ—ଏକ ପ୍ରକାର କ୍ଷୁଦ୍ର ଗବ ବା ଏରଣ୍ଡ—
Chūnigaba A kind of small castor-oil-seed.

ଚୂନୁରା—ଦେ. ବ—ଚୂନରା (ଦେଖ)
Chūnurā Chūnarā (See)

ଚୂନି ଚୂନି—ଦେ. ବଣ ଓ ବ—ଚୂନା ଚୂନା (ଦେଖ)
Chūni chūni Chūnā chūnā (See)

[ଦ୍ର—ଚୂନାଚୂନା ଅପେକ୍ଷା ଚୂନିଚୂନି କ୍ଷୁଦ୍ରତର ।]

ଚୂର—ଦେ. ବ. (ସଂ. ଚୂର୍ଣ୍ଣ)—ଚୂର୍ଣ୍ଣ—
Chūra Powder.
चूरा
ଚୂର

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଘ
୨	ଈ	ଉ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	●	ଙ୍ଗ

ଚୂରା—ଦେ. ବ—୧ । ଚୂର୍ଣ୍ଣ କରିବା—
Chūrā 1 Reducing into powder.
পেষা ୨ । ଚୂରିବା; ପେଷଣ—
চূরা 2. Pounding.
୩ । ଚୂନା—3. Powder.
ବିଣ—ଚୂର୍ଣ୍ଣ କରି ଯାଇଥିବା—Pounded; reduced to powder; pulverized.

ଚୂରାଳି—ଦେ. ବ. ପୁଂ ଓ ସ୍ତ୍ରୀ—ଯେଉଁ ବ୍ୟକ୍ତି କୌଣସି ଦ୍ରବ୍ୟକୁ ଚୂରେ
Chūrāḻi ବା ପେଷେ—A person who grinds or pounds some thing; a grinder.
(ଯଥା—ଗହମ ଚୂରାଳି ।)

ଚୂରିବା—ଦେ. କ୍ରି. (ସଂ. ଚୂର୍ଣ୍ଣ ଧାତୁ)—
Chūribā ୧ । ଚୂନା କରିବା; ଗୁଣ୍ଡା କରିବା; ଚୂର୍ଣ୍ଣ କରିବା—
পিষা,পেষা 1. To reduce into powder.
চূরনা, চূরনা ମାଂସ ହାଡ଼ ସହିତେ କଲେକୁ ଚୂରିଲେ ।
(ଚୂରାଇବା, ଚୂରେଇବା—ଣିଜନ୍ତ) କୃଷ୍ଣସିଂହ. ମହାଭାରତ- ବନ ।
୨ । ଶିଳ ବା ରଢରେ ପେଶିବା—2. To pound.
୩ । ବିଦାରଣ କରିବା; ଚିରିବା—3 To tear up.

ବଜ୍ରଦଣ୍ଡରେ ଚୂରେ, ନପୁଣ ଅସ୍ତ୍ର ଚରେ ଶଙ୍କା ଜନମି ଲେଲେ ଯେ ।
ଭଞ୍ଜ. ବୈଦେହୀଶବିଳାସ ।

ଚୂର୍ଣ୍ଣ (ଧାତୁ)—ସଂ—ଗୁଣ୍ଡା କରିବା—
Chūrṇṇa (root) To reduce to powder.

ଚୂର୍ଣ୍ଣ—ସଂ. ବି. (ଚୂର୍ଣ୍ଣ ଧାତୁ=ଗୁଣ୍ଡା କରିବା + କର୍ମ. ଅ)—
Chūrṇṇa ୧ । ଚୂନା; ଗୁଣ୍ଡା—1. Powder.
୨ । ପଥର ଓ ଶିପ ପୋଡ଼ି ବାହାର କରିବା ଚୂନ—
2. Slaked lime; burnt lime.
୩ । ସୁଗନ୍ଧ ଧୂଳି—
3. Fragrant powder; toilet powder.
୪ । ଅବିର—4. A red powder used in the spring-festival for sprinkling in sport.
୫ । ଅଟା; ମଇଦା; ଛତୁଆ—
5. Barley-meal; corn-flour.
୬ । ଧୂଳି (ଦ୍ର. ଶବ୍ଦସାଗର)—6. Dust.
୭ । କପର୍ଦ୍ଦକ; କଉଡ଼ି (ଦ୍ର. ଶବ୍ଦସାଗର)—
7. Small sea-shell.
୮ । ଅଙ୍ଗଭଙ୍ଗୀ—8. Artistic pose of the limbs.
ବିଣ—୧ । ଗୁଣ୍ଡା ହୋଇଥିବା—1. Powdered.
୨ । ନଷ୍ଟ—
2. Destroyed.
୩ । ପିଷ୍ଟ—2. Pounded.
୪ । କୁଞ୍ଚିତ—4. Curled.

ଚୂର୍ଣ୍ଣକ—ସଂ. ବି. (ଚୂର୍ଣ୍ଣ+ସ୍ୱାର୍ଥେ କ)—୧ । ଚୂନା; ଗୁଣ୍ଡା—
Chūrṇṇaka 1. Powder.
୨ । ଗଦ୍ୟଦ୍ୱାରା ପଦ୍ୟକୁ ବ୍ୟାଖ୍ୟା କରିବା ଗ୍ରନ୍ଥବିଶେଷ—
2. A composition expounding by a sentence in prose, the purport of a preceding verse.
[ଦ୍ର— ଚୂର୍ଣ୍ଣକ ଗ୍ରନ୍ଥରେ ପଦ୍ୟ ଥାଏ ଓ ତହିଁ ତଳେ ଉକ୍ତ ପଦ୍ୟର ଗଦ୍ୟରେ ବିଶଦ ବ୍ୟାଖ୍ୟା ଥାଏ ।]
୩ । ବିଶଦ ବ୍ୟାଖ୍ୟାନ ପୁସ୍ତକ; ମାନେ ବହି—
3. An elabarate commentary, a key.
୪ । (ଚୂର୍ଣ୍ଣ ଧାତୁ + କର୍ମ. ଅକ) ଅଟା; ଛତୁଆ—
4. Barley-meal; corn-flour.
୫ । ଔଷଧଚୂର୍ଣ୍ଣ—5. A medicinal powder.
୬ । କଠୋରବର୍ଣ୍ଣ ଓ ଦୀର୍ଘସମାସ ବିରହିତ ଏବଂ ବୈଦର୍ଭୀ ରୀତିରେ ଲିଖିତ ରଚନା—
6. A very simple style of composition.
୭ । ଅଭିପ୍ରାୟ; ଅଭିପ୍ରାୟ ପ୍ରଦର୍ଶନ (ପ୍ରକୃତିବାଦ)—
7. Indication of one's intention.
୮ । ଏକପ୍ରକାର ଶାଳିଧାନ୍ୟ (ଦ୍ର. ଶବ୍ଦସାଗର)—
8. A kind of winter-paddy.
୯ । ବୃକ୍ଷବିଶେଷ (ଦ୍ର. ଶବ୍ଦସାଗର)—
9. A kind of tree.

ଚୂର୍ଣ୍ଣ କରିବା—ଦେ. କ୍ରି. (ସଂ. ଚୂର୍ଣ୍ଣ ଧାତୁ) —୧ । ଗୁଣ୍ଡା କରିବା—
Chūrṇṇa karibā 1. To pulverise.
୨ । ପେଶି ଚୂନା କରିବା—
2. To pound or grind into powder.
୩ । (ଲକ୍ଷଣାର୍ଥ) ବିନାଶ କରିବା—
3 (figurative) To destroy; to crush.
(ଯଥା—ସେ ଶତ୍ରୁର ଗର୍ବକୁ ଚୂର୍ଣ୍ଣ କଲେ ।)

ଚୂର୍ଣ୍ଣକାର—ସଂ. ବି—୧ । ଯେ ଚୂନ ପୋଡ଼େ; ଚୂନରି—
Chūrṇṇakāra 1. A lime burner.
୨ । ଚୂନ ବ୍ୟବସାୟୀ—2. A dealer in lime
୩ । ଯେ ଅଟା ପେଷେ—3. Corn-grinder.
୪ । ନଟଜାତୀୟା ସ୍ତ୍ରୀ ଓ ପୁଣ୍ଡ୍ରକଜାତୀୟ ପୁରୁଷ ଔରସରେ ଉତ୍ପନ୍ନ ବର୍ଣ୍ଣସଙ୍କର ଜାତିବିଶେଷ (ପରାଶର ସଂହିତା)—
4. A mixed caste amongst the Hindus.

ଚୂର୍ଣ୍ଣକୁନ୍ତଳ—ସଂ. ବି. (କର୍ମଧାରୟ; ଚୂର୍ଣ୍ଣ+କୁନ୍ତଳ)—ଯେଉଁ କେଶ
Chūrṇṇakuntaḻa କୁଞ୍ଚୁକୁଞ୍ଚୁଆ ହୋଇ କପାଳ ଓ ଗାଲ ଉପରକୁ ଝୁଲିପଡ଼ି ଥାଏ; ଅଳକ; ଝୁମ୍ପି ବାଳ—Locks or rings of curling short hairs overhanging the brow and cheeks.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ତେଣୁ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଡ' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ଚୂର୍ଣ୍ଣଖଣ୍ଡ—ସଂ. ବି—ଟେଙ୍ଗୁଟି; ଯେଉଁ ଗୋଡ଼କୁ ପୋଡ଼ି ଚୂନ କରାଯାଏ—
Chūrṇṇakhaṇḍa — Line-stone: lime-ghooting.

ଚୂର୍ଣ୍ଣତା—ସଂ. ବି. (ଚୂର୍ଣ୍ଣ+ଭାବାର୍ଥେ. ତା)—ଚୂନା ହେବାର ଅବସ୍ଥା—
Chūrṇṇatā — The state of being reduced into powder.

ଚୂର୍ଣ୍ଣନ—ସଂ. ବି. (ଚୂର୍ଣ୍ଣ ଧାତୁ + ଭାବ. ଅନ)—
Chūrṇṇana — ଗୁଣ୍ଡା କରିବା; ଚୂନା କରିବା—
Reducing into powder; pounding; pulverising.

ଚୂର୍ଣ୍ଣଚଉଁରୀ—ଦେ. ବି—ଚାରି ଅଡ଼େ ଚୂନକାମ କରାଯାଇଥିବା ପିଣ୍ଡା ବା
Chūrṇṇa-chauñrī — ସ୍ତୂପ ବା ଘର—A house or mound or platform having limework masonry on all sides.

ବଡ଼ ବଡ଼ଙ୍କର ବେଢ଼ି କ ଶୋଭ ଚୂର୍ଣ୍ଣଚଉଁରୀ ।
ଉପେ. ଲାବଣ୍ୟବତୀ ।

ଚୂର୍ଣ୍ଣନୀୟ—ସଂ. ବଣ. (ଚୂର୍ଣ୍ଣ ଧାତୁ + କର୍ମ. ଅନୀୟ)—
Chūrṇṇaniya — ଚୂନା କରିଯିବାର ଯୋଗ୍ୟ—
Fit to be reduced to powder; capable of being pulverised

ଚୂର୍ଣ୍ଣପତର—ଦେ. ବି—ଚୂନପତ୍ର (ଦେଖ)
Chūrṇṇapatara — Chūnapatra (See)

ଚୂର୍ଣ୍ଣପତର ଘୂର୍ଣ୍ଣି କରି
ମାଇବେ ନାକ ପୂର୍ଣ୍ଣ କରି । (କସ୍ୟ ସମ୍ବନ୍ଧେ ଉକ୍ତ)

ଚୂର୍ଣ୍ଣପଦ—ସଂ. ବି. (ବହୁବ୍ରୀହି; ଚୂର୍ଣ୍ଣ=ଅଙ୍ଗଭଙ୍ଗୀ ଘଟିତ+ପଦ=
Chūrṇṇapada — ପଦକ୍ଷେପ ଯହିଁରେ)—
ଏକ ପ୍ରକାର ବିଶେଷ ଅଙ୍ଗଭଙ୍ଗୀଘଟିତ ନୃତ୍ୟ—
A kind of dexterous dance accompanied with brisk undulations or artistic poses of the limbs.

ଚୂର୍ଣ୍ଣହାର—ସଂ. ବି—ଏକ ପ୍ରକାର ଜଙ୍ଗଲୀ ଗଛ—
Chūrṇṇahāra — A kind of wild tree.
चूरनहार [ଦ୍ର—ଏଥିର ପତ୍ର ଖୁବ୍ ଲମ୍ବା, ଚିକଣା ଓ ମୋଟା; ଏଥିର ଫୁଲ ମୃଦୁଗନ୍ଧଯୁକ୍ତ ଓ ଶ୍ୱେତ; ଏଥିର ମୂଳ, ଛାଲ ଓ ପତ୍ର ଔଷଧରେ ଲାଗେ । ବୈଦ୍ୟକ ମତରେ ଏହା କଷା, ଗରମ, ତ୍ରିଦୋଷନାଶକ, ରକ୍ତଦୋଷନାଶକ ଓ କୃମିନାଶକ; ବିଷମ ଜ୍ୱରର ଏହା ଉତ୍କୃଷ୍ଟ ଔଷଧ ବୋଲି ବିଖ୍ୟାତ । ହି. ଶବ୍ଦସାଗର ।]

ଚୂର୍ଣ୍ଣା—ସଂ. ବି. (ଚୂର୍ଣ୍ଣ+ଆ)—
Chūrṇṇā — ଆର୍ଯ୍ୟା ଛନ୍ଦର ପ୍ରକାର ବିଶେଷ (ଏଥିରେ ୧୮ଟି ଗୁରୁ ଓ ୨୭ଟି ଲଘୁ ବର୍ଣ୍ଣ ଥାଏ—ହି. ଶବ୍ଦସାଗର)—
A kind of Sanscrit metre.

ଚୂର୍ଣ୍ଣି—ସଂ. ବି. (ଚୂର୍ଣ୍ଣ+ଇ)—୧ । ଚୂର୍ଣ୍ଣୀ (ଦେଖ)
Chūrṇṇi — 1. Chūrṇṇī (See)
୨ । କପର୍ଦ୍ଦକ; କଉଡ଼ି (ହି. ଶବ୍ଦସାଗର)—
2. Small sea-shell.

ଚୂର୍ଣ୍ଣିକା—ସଂ. ବି. ସ୍ତ୍ରୀ (ଚୂର୍ଣ୍ଣିକ+ଆ)—ଚୂନା; ଛତୁଆ—
Churṇṇikā — Barley-meal; corn-flour.

ଚୂର୍ଣ୍ଣିକୃତ—ସଂ. ବି. (ନାମ)—ମହାଭାଷ୍ୟକାର ପତଞ୍ଜଳି ମୁନି—
Chūrṇṇikṛuta — A name of the great commentator Patañjaḻa.

ଚୂର୍ଣ୍ଣିତ—ସଂ. ବଣ. (ଚୂର୍ଣ୍ଣ ଧାତୁ + କର୍ମ. ତ)—
Chūrṇṇita — ୧ । ଗୁଣ୍ଡା କରା ଯାଇଥିବା—1. Powdered.
୨ । ଧ୍ୱଂସପ୍ରାପ୍ତ; ବିଧ୍ୱସ୍ତ—2 Annihilated; destroyed.
୩ । ଟିକିଟିକି କରା ଯାଇଥିବା—
3. Chopped into small bits.

ଚୂର୍ଣ୍ଣୀ—ସଂ. ବି. (ଚୂର୍ଣ୍ଣ ଧାତୁ + କର୍ମ. ଇ; ଇ ସ୍ଥାନରେ ଈ ଆଦେଶ)—
Chūrṇṇī — ୧ । ସଂସ୍କୃତ ପାଣିନି ବ୍ୟାକରଣର ପାତଞ୍ଜଳ ଭାଷ୍ୟ—
1 The learned commentary of Patañjaḻi on the Sanskrit Grammar of Pāṇini.
୨ । ଭାରତରେ ପୂର୍ବେ ପ୍ରଚଳିତ ଶହେ କଉଡ଼ି ମୂଲ୍ୟର ମୁଦ୍ରାବିଶେଷ —2. An ancient Indian coin equal in price to 100 cowries.
୩ । ବଙ୍ଗଦେଶର ପ୍ରସିଦ୍ଧ ନଦୀବିଶେଷ—
3. Name of a river in Bengal.
୪ । କାର୍ଷାପଣ; ମୁଦ୍ରା ରୂପେ ପୂର୍ବେ ଚଳୁଥିବା ଏକ କାହାଣ କଉଡ଼ି (ହି. ଶବ୍ଦସାଗର)—4. 180 bits of small sea-shells formerly used as a standard of currency in India.
୫ । ଏକ ପ୍ରାଚୀନ ନଦୀର ନାମ (ହି. ଶବ୍ଦସାଗର)—
5. Name of a river in ancient India.

ଚୂର୍ଣ୍ଣୀକୃତ—ସଂ. ବଣ. [ଚୂର୍ଣ୍ଣ+ଅଭୂତ ତଦ୍ଭାବେ ଚ୍ୱି (ଈ)+କୃତ]—
Chūrṇṇīkṛuta — ଯାହା ପୂର୍ବେ ଚୂର୍ଣ୍ଣ ହୋଇ ନ ଥିଲା, କିନ୍ତୁ ବର୍ତ୍ତମାନ
(ଚୂର୍ଣ୍ଣୀକରଣ—ବି) ଚୂର୍ଣ୍ଣ କରାଯାଇଅଛି—Lately reduced into powder.

ଚୂର୍ଣ୍ଣୀଭୂତ—ସଂ. ବଣ. (ଚୂର୍ଣ୍ଣ+ଅଭୂତ ତଦ୍ଭାବେ ଚ୍ୱି+ଭୂତ)—
Chūrṇṇībhūta — ୧ । ଯାହା ପୂର୍ବେ ଚୂନା ହୋଇ ନ ଥିଲା,
(ଚୂର୍ଣ୍ଣୀଭାବ—ବି) ବର୍ତ୍ତମାନ ଚୂନା ହୋଇଅଛି; ଗୁଣ୍ଡା ହୋଇଥିବା—
1. Turned into powder; pulverised.
୨ । ସମ୍ପୂର୍ଣ୍ଣରୂପେ ଧ୍ୱଂସପ୍ରାପ୍ତ; ବିଧ୍ୱସ୍ତ—
2. Completely destroyed or ruined.

ଚୂଲ୍ (ଧାତୁ)—ସଂ—ଉନ୍ନତ ହେବା—
Chūḻ (root) — To rise up; to stand high.

୧	ଇ	ଉ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅର୍ଦ୍ଧନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇଯ଼	ଡଅ	ୟ
୨	ଈ	ଊ	ରୁ	ଲ୍ଲ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ତ

ଚୂଳ—ସଂ. ବି. (ଚୂଲ୍ ଧାତୁ=ଉନ୍ନତ ହେବା+କର୍ତ୍ତୃ. ଅ)—
Chūḻa ୧ । ଶିରୋରୁହ; କେଶ; ବାଳ—
1. Hair of the head

ନାନା ସୁଗନ୍ଧ ଦିବ୍ୟଫୁଲେ, ଲୁବୁଧେ ଭୃଙ୍ଗମାନେ ଚୂଳେ ।
ଭୂପତି, ପ୍ରେମପଞ୍ଚାମୃତ ।

୨ । ଚୁଟି; ଶିଖା; ମୁଣ୍ଡରେ ଛଡ଼ାଯିବା ଲମ୍ବ କେଶଗୁଚ୍ଛ—
2. A long tuft of hair left on the head.

ଦେ. ବି—୧ । ମସ୍ତକର ନଳାକାର ଭୂଷଣବିଶେଷ; ଲମ୍ବ ମୁକୁଟ—1. A conical head-dress worn on the skull.

୨ । ଗଣ୍ଠି ଦିଆ ହୋଇ କପାଳ ଉପରେ ସଜ୍ଜିତ ହେବା କେଶଗୁଚ୍ଛ; ଜଟ—2. A knot of hair tied and placed in upright position over the skull or brow.

୩ । ମୁଣ୍ଡ ଉପରେ ବନ୍ଧା ଯାଇଥିବା ଦଣ୍ଡାୟମାନ ପୁଷ୍ପସଜ୍ଜା—
3. A nosegay put on the brow in an upright position

(ଯଥା—ଜଗନ୍ନାଥଙ୍କ ମାଳଚୂଳ ।)

ଝୁଁଟି ୪ । ଓଟ; ଷଣ୍ଢଆଦିଙ୍କ କାନ୍ଧ ଉପରେ ବାହାରି ଥିବା ମାଂସ-
ଡାଟା ପିଣ୍ଡ; କକୁଦ—4. Hump on the shoulders of certain animals (e.g. bull, camel).

୫ । ଚୁଲି ଉପରେ ହାଣ୍ଡିକୁ ମୁଣ୍ଡ ଇବା ନିମନ୍ତେ ବାହାରିଥିବା ମାଟି ପିଣ୍ଡୁଳା; ଚୁଲିଝିଙ୍କା—
5. The balls or clods of clay or earth (usually three) protruding from the rim of an oven to sustain the cooking pot.

୬ । କେତେକ ପକ୍ଷୀଙ୍କ (ଯଥା ମୟୂର, ଚୂଳିଆ ଚଢ଼େଇ, ଅଣ୍ଡିରା କୁକୁଡ଼ାର) ମୁଣ୍ଡ ଉପରୁ ବାହାରି ଥିବା ପକ୍ଷଗୁଚ୍ଛ
6 A tuft of feathers protruding from the head of certain birds (e. g. peacock); cocks-comb.

୭ । (ସଂ ଚୂଡ଼ା)—ପର୍ବତ ଶିଖର—
7. Crest of a mountain.

ଜର୍ଜରୀ-ପୁଞ୍ଜକୁଁ ହିଁମଗଳ ଭିଡ଼ି ଗଲେ ଦଣ୍ଡଗିରି ଚୂଳେ ।
ରାଧାନାଥ, ପାର୍ବତୀ ।

୮ । ଅଗ୍ରଭାଗ—8. Top.

ଅଳ ଘଟେ ପୁଣି ପେଡକ ଘରଙ୍କ ଚନ୍ଦ୍ରଶାଳା ଚୂଳେ ବସି ।
ରାଧାନାଥ—ପାର୍ବତୀ ।

୯ । କଣା ବା ଘର୍ଷ କରାଯାଇଥିବା କାଠର ଛିଦ୍ରରେ ପୂରାଯିବା କାଠର ଅଂଶ—9. Tennon.

୧୦ । ଚୂଳି (ଦେଖ)
10. Chūḻi (See)

୧୧ । ଝୁଣ୍ଟିଆ ଆଦି ଅଳଙ୍କାର ଉପରେ ବସାଯାଇ ଥିବ ଗୋବ—11. Knobs put on some ornaments.

ଚୂଳକ—ସଂ. ବି.(ଚୂଳ+ସ୍ୱାର୍ଥେ. କ)—୧ । ଚୂଳ (ଦେଖ)
Chūḻaka 1. Chūḻa (See)

ଚୁ ନ ୨ । ଏକ ପ୍ରକାର ପାର୍ବତ୍ୟ ସିଜୁ—
2. A kind of mountain-cactus

[ଦ୍ର—ଏ ଗଛ ହିମାଳୟର ଦକ୍ଷିଣଭାଗ ଓ ପଞ୍ଜାବର କେତେକ ଜଙ୍ଗଲରେ ଦେଖାଯାଏ । ଏଥିର କ୍ଷୀରରେ ଗନ୍ଧକର ଅଂଶ ଅଧିକ ଥାଏ । ଏ କ୍ଷୀର ଅକ୍ଷିର ଅନିଷ୍ଟକାରକ । ତଟକା କ୍ଷୀର ସୁଗନ୍ଧ । ବାସି କ୍ଷୀର ଦେହରେ ଲାଗିଲେ ଦେହରୁ ଛାଲ ଉଠିଯାଏ —
ହି.ଶବ୍ଦସାଗର]

ଚୂଳମୁକୁଟିଆ—ଦେ.ବିଣ.(ସଂ ଚୂଳ+ମୁକୁଟ)—ମୟୂର ଚୂଳର ମୁକୁଟଧାରୀ;
Chūḻamukṭiā ଯେ ମୟୂର ଚୂଳର ମୁକୁଟ ପିନ୍ଧେ— Wearing a crown of peacock-feathers.

ତରୁଣ ଅଛନ୍ତି ବାଳୁଙ୍ଗ. ଚୂଳମୁକୁଟିଆ ସଖାମାନେ
ଜଗନ୍ନାଥ, ନଟଗୋପାଳଚମ୍ପୂ ତ. ଗୀତ

ଚୂଳା—ସଂ. ବି. (ଚୂଳ+ଆ)—୧ । ଚୂଡ଼ା (ଦେଖ)
Chūḻā 1. Chūṟḏā (See)

୨ । ପ୍ରାସାଦ ଉପରସ୍ଥ ଗୃହ; ଚନ୍ଦ୍ରଶାଳା—2. A pleasure-dome or turret at the top of a building.

ଚୂଳି—ଦେ.ବି. ୧ । (ସଂ. ଚୂଳ)—କଠଉର ଆଗ ପାଖରେ ଛିଦ୍ର ହୋଇ
Chūḻi ଉହିଁରେ ଠିଆ ବାଗରେ ମରିଥିବା ଛତାଗ୍ର କାଷ୍ଠଖଣ୍ଡ (ଏହାକୁ
ବଉଳ ବୁଢ଼ାଅଙ୍ଗୁଠି ଓ ଦ୍ୱିତୀୟଅଙ୍ଗୁଠିର ସନ୍ଧିରେ ରଖି ଲୋକେ କଠଉ
ଅଙ୍କୋଠା ମାଡ଼ନ୍ତି—A button-topped peg driven into the upper front of wooden sandals (which is thrust into the interstics of the toe and second finger of the leg, while walking.

୨ । ପାହାଡ଼ର ଗୋଜିଆ ଶିଖର—
2. Conical peak of a hill.

ଚୂଳିଆ—ଦେ. ବିଣ.—୧ । ଯାହାର ଚୂଳ ଥାଏ; ଚୂଳଧାରୀ—
Chūḻiā 1. Having a tuft; tufted.

ହେ କୃଷ୍ଣ କଦମ୍ବମୂଳିଆ ମୟୂରଚନ୍ଦ୍ରିକା ଚୂଳିଆ । ଭୂପତି, ପ୍ରେମପଞ୍ଚାମୃତ ।

୨ । ଯେଉଁ ଅଳଙ୍କାର ଆଦି ଉପରେ ଚୂଳ ବା ଗୋବ ଥାଏ--
2 Knobbed; having a knob.

୩ । ଗୋଜିଆ—3. Conical.

ବି.—୧ । ବାମଣ୍ଡା ରାଜ୍ୟର ଗୋଟିଏ ଉଚ୍ଚ ପର୍ବତ—1. Name of a lofty mountain in the Bamra state of Orissa.

ସାଧାରଣ ଲୋକେ ଅପର ବ୍ୟକ୍ତିରେ ସରଳ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ କୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, କୁଥ ନ ମିଳିଲେ 'କୁଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅଙ୍କ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ତୁମ୍ଭ ପାରିଧିର ସ୍ଥଳୀ—
ଚୂଳିଆ ଅଚଳ ଚଞ୍ଚୁ ଶାର୍ଦ୍ଦୂଳ ଯେସନେ,
ଓଢ଼ଣାରେ ଶିକାର ଲୋକେ ଭ୍ରାନ୍ତିଗରନ୍ତିମେ । ରାଧାନାଥ, ମହାଯାତ୍ରା ।

ଶାବୁଲ୍‌ବୁଲ ୨ । ଚୂଳଥିବା ଗୋବର୍ଦ୍ଧ ଚଢ଼େଇ—
ସାବୁଲ୍‌ବୁଲ 2. The Paradise-fly-catcher (bird).

ଚୂଳିଆ ହଦ୍‌ହଦ୍—ପ୍ରାଦେ. (ସମ୍ବଲପୁର; ଗଡ଼ଜାତ) ବି.—
Chūliā had had କାଠକଟା (ପକ୍ଷୀ) (ଦେଖ)
Kāṭhakaṭā (bird). (See)

ଚୂଳିକ—ସଂ. ବି.—(ଚୂଳ ଧାତୁ=ଉନ୍ନତ ହେବା+କର୍ତ୍ତୃ. ଇକ; ଯାହା
Chūḷika ଘିଅରେ ଛଣା ହୋଇ ଉନ୍ନତ ବା ଫୁଲକା ହୁଏ)—
୧ । ଘିଅପିଠା; ଲାଡୁଗ୍—1. A kind of sweeet puffed up cake fried in ghee.
୨ । ଲୁଚି; ପତଳା ପୁରି (ହ. ଶବ୍ଦସାଗର)—2. A kind of thin bloated cake fried in ghee.
୩ । ଅଥର୍ବ ବେଦର ଏକ ଉପନିଷଦର ନାମ; ଚୂଳିକୋପନିଷଦ—2. Title of an Upanishada in the Atharba Beda.

ଚୂଳିକା—ସଂ. ବି.(ଚୂଳିକ+ଆ)—୧ । ଚୂଳିକ (ଦେଖ)
Chūḷikā 1. Chūḷaka (See)
୨ । ନାଟକର ଅଙ୍ଗବିଶେଷ, ଯହିଁରେ ନେପଥ୍ୟରୁ କୌଣସି ଘଟଣାର ସୂଚନା ଦିଆଯାଏ; ନାଟ୍ୟାଙ୍ଗବିଶେଷ—
2. A part of a drama in which indication of some event is given from behind the scene.

[ଦ୍ର—ସଂସ୍କୃତ ନାଟକର ନିୟମ ଅନୁସାରେ ରଙ୍ଗମଞ୍ଚରେ ଯୁଦ୍ଧ, ମୃତ୍ୟୁ ଓ ହତ୍ୟାଦିର ଅଭିନୟ କରିବା ନିଷିଦ୍ଧ; ଏଥିପାଇଁ ଏ ବିଷୟମାନଙ୍କର ସୂଚନା ନେପଥ୍ୟରୁ କରାଯାଏ । ଅନର୍ଘରାଘବ ନାମକ ସଂସ୍କୃତ ନାଟକରେ ରାମ ଓ ପରଶୁରାମଙ୍କ ଯୁଦ୍ଧ ଓ ରାମଚନ୍ଦ୍ରଙ୍କ ବିଜୟ ବିଷୟରେ ଏବମ୍ଭୂତ ସୂଚନା ଅଛି—ହ. ଶବ୍ଦସାଗର ।]

୩ । ହସ୍ତୀର କର୍ଣ୍ଣମୂଳ; ହାତୀର କାନମୁଣ୍ଡା—
3. The root of an elephant's ear.
୪ । ଚୂଡ଼ା (ଦେଖ)
4. Churḍā (See).

ଚୂଳିଝୁଣ୍ଟିଆ—ଦେ.ବି.—ସ୍ତ୍ରୀଲୋକମାନଙ୍କ ଗୋଡ଼ର ଦ୍ୱିତୀ ଅଙ୍ଗୁଠି ଓ ମଝି-
Chūḷi-jhunṭiā ଅଙ୍ଗୁଠିରେ ପିନ୍ଧାଯିବା ଟୁଙ୍ଗୁରୁଲଗା ଏକପ୍ରକାର
ଚୁଟକୀ ମୁଦ, ଯହିଁ ଉପରେ ଚୂଳ ବା ଗୋବ ଲାଗିଥାଏ—
ଚୁଟକୀ A kind of tinkling ring with a knob worn by females on the 2nd and 3rd fingers of the leg.

ଚୂଷ୍ (ଧାତୁ)—ସଂ—ଜିହ୍ୱାଦ୍ୱାରା ଶୋଷିବା; ଚୁଚୁମିବା—
Chūsh (root) Te suck.

ଚୂଷଣ—ସଂ. ବି. (ଚୂଷ୍ ଧାତୁ+ଭାବ. ଅନ)—ଜିହ୍ୱ ଓଷ୍ଠଦ୍ୱାରା
Chūshaṇa ଶୋଷିବା; ଚୋଷିବା; ଚୁଚୁମିବା—Sucking.
(ଚୂଷିତ, ଚୂଷଣୀୟ, ଚୂଷ୍ୟ—ବିଶେଷଣ)

ଚୂଷଣୀୟ—ସଂ. ବିଣ (ଚୂଷ୍ ଧାତୁ+କର୍ମ. ଅନୀୟ)—ଯାହା ଚୋଷା ହୋଇ
Chūshaṇiya ପାରେ; ଯାହା ଚୁଚୁମା ଯାଇ ପାରେ—
(ଚୂଷ୍ୟ—ଅନ୍ୟରୂପ) Capable of being sucked.

ଚୂଷା—ସଂ. ବି (ଚୂଷ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Chūshā ୧ । ଚୋଷିବା; ଶୋଷିବା; ଚୂଷଣ—1. Sucking.
୨ । (+କର୍ତ୍ତୃ ଅ+ସ୍ତ୍ରୀ. ଆ)—ହାତୀର ଅଣ୍ଟାଚାରିପାଖେ ବନ୍ଧାଯିବା ପେଟୀ ବା ରଜ୍ଜୁ—
2. A strap or rope passed round the waist of an elephant.

ଚୂଷି—ଦେ. ବି(ସଂ. ଚୂଷ ଧାତୁ)—ଚୁଚୁମା; ପିଲାଏ ଚୁଚୁମିବା ଖେଳନା--
Chūshi A plaything given to infants to suck
ଚୂଷୀ (representing mother's nipple).

ଚୂଷିତ—ସଂ. ବିଣ (ଚୂଷ୍ ଧାତୁ+କର୍ମ. ତ)—ଶୋଷା ହୋଇଥିବା;
Chūshita ଚୁଚୁମା ଯାଇଥିବା—Sucked.

ଚୂଷିବା—ଦେ. କ୍ରି (ସଂ. ଚୂଷ୍ ଧାତୁ)—ମୁହଁରେ ଶୋଷିବା; ଚୁଚୁମିବା;
Chushibā ଜିଭ ସାହାଯ୍ୟରେ କୌଣସି ଦ୍ରବ୍ୟରୁ ରସ ଶୋଷିନେବା-
ଚୁଷା, ଚୋଷା To suck.
ଚଚୋଡ଼ନା, ଚୂସନା

ଚୂଷ୍ୟ—ସଂ. ବିଣ (ଚୂଷ୍ ଧାତୁ+କର୍ମ. ଯ)—ଶୋଷିବାର ଯୋଗ୍ୟ—
Chushya Fit to be sucked.
(ଚୋଷ୍ୟ—ଅନ୍ୟରୂପ)

ଚେଆର୍—ବୈଦେ. ବି (ଇଂ. ଚେଆର୍)—ବେତ୍ରାସନ; ଚଉକି—
Cheār Chair.
চেয়ার
चेअर

ଚେଆର୍‌ମାନ୍—ବୈଦେ. ବି (ଇଂ ଚେଆର୍‌ମାନ୍; ଏଥିର ମୌଳିକ ଅର୍ଥ
Cheārmān ଯେ ଚଉକିରେ ବସେ)--ସଭାପତି; କୌଣସି ସଭା ବା
চেয়ারমান ସମାଜର ଅଧ୍ୟକ୍ଷ ବା ନେତା—Chairman;
चेअरमेन president.
(ଚେଆର୍‌ମେନ୍; ଚେରମେନ୍—ଅନ୍ୟରୂପ)

ଚେଇ—ଦେ. ଅ—ଚେଇ ଚେଇ (ଦେଖ)—
Chei Chei chei (See)
হই
चई

ଚେଇ ! ଚେଇ !—ଦେ. ଅ—ହାତୀକୁ ଆଗକୁ ଗ୍ଳଳତ କରିବାପାଇଁ ବା ପାଖ-
Chei! chei! ଅଡ଼କୁ ବୁଲାଇବା ପାଇଁ ବା ଫେରାଇବା ପାଇଁ
হইহই ମାହୁନ୍ତ ଦ୍ୱାରା ବ୍ୟବହୃତ ଆଦେଶ—A word
चइचइ used in goading an elephant to advance or to turn round or to turn back.

[ଦ୍ର—ହାତୀକୁ ଠିଆ କରିବାପାଇଁ ବ୍ୟବହୃତ ଶବ୍ଦ—ଧାଡ୍ ।]

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ତ	ଉଅ	ଛ୍ଚ
୨	ଈ	ଊ	ରୁ	ଲୁ	ଯ୍ରେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟଁ	ଇଅ	ଞ୍ଚ	ନ୍ଚ

ଚେଇଁ ଉଠିବା—ଦେ. କ୍ରି—୧ । (ଝାଉଁଳ ଯାଇଥିବା ଗଛ ଆଦି ପାଣି ପାଇଲେ) ପୁନର୍ବାର ସତେଜ ହେବା—1. To revive (said of withering plants when watered).
Cheiñ uṭhibā
ଜେଗେଉଠା
जगउठना

୨ । (ବିଶ୍ରାମ ନେଇଥିବା ବା ମନ୍ତ୍ର ଯନ୍ତ୍ରଦ୍ୱାରା କୀଳା ଯାଇଥିବା ଡାହାଣୀ, ଭୂତ, ପ୍ରେତ ଆଦି ମନ୍ତ୍ରଯନ୍ତ୍ରର ପ୍ରଭାବରୁ ମୁକ୍ତ ହେବା ପରେ) ପୁଣି ନିଜର କରାମତି ଦେଖାଇ ଲୋକଙ୍କୁ ଉତ୍ପୀଡ଼ନ କରିବା—2. (said of ghosts which had been made powerless by magic) To revive after torpor.

୩ । ନିଦରୁ ଉଠିବା—3. To rise up from sleep.

ଚେଇଁ ବସିବା—ଦେ. କ୍ରି—ଉଜାଗର ହୋଇ ଅର୍ଥାତ୍ ନ ଶୋଇ ବସି ରହିବା—To keep a watch or vigil; to sit up; to keep watch.
Cheiñ basibā
ଜେଗେବସା

ଚେଇଁବା—ଦେ କ୍ରି (ସଂ. ଚେତନ; ଚିତ ଧାତୁ)—୧ । ନିଦରୁ ଉଠିବା—1. To wake up from sleep; to rise up from sleep.
Cheiñbā
ଜାଗା
चेतना

୨ । ଜାଗ୍ରତ ରହିବା—2. To keep awake; to sit up.
(ଚିଆଁଇବା; ଚ୍ୟାଇଁବା—ଣିଜନ୍ତରୂପ)

ତୁହି ତ ମୋର ପାଶେ ବସିଛୁ ଚେଇଁ—କୃଷ୍ଣସିଂହ. ମହାଭାରତ. ବନ ।

୩ । ଆଳସ୍ୟ ଛାଡ଼ି ସଚେତ ହେବା—3. To be enlivened; to wake up from torpor; to shake up drowsiness.

୪ । ସଜୀବ ହେବା; ପୁନରୁଜ୍ଜୀବିତ ହେବା—
4. To show signs of vitality; to revive.

ଚିୟାନ ୫ । (ଚେଇଁବାର ଣିଜନ୍ତରୂପ) ଚିଆଁଇବା; କୌଣସି ବ୍ୟକ୍ତିକୁ ନିଦ୍ରାରୁ ଜାଗରିତ କରିବା—5 To awaken a person for sleep.

ଚେଇଁ ଶୋଇବା—ଦେ. କ୍ରି—ନିଦ୍ରାର ବାହାନା କରି ବିଛଣାରେ ପଡ଼ି ରହିବା—To feign sleep; to lie awake while seeming to be sleeping.
Cheiñ soibā
ଜେଗେଶୋୟା

ଚେଉ—ଦେ. ବି— ଚ୍ୟାଉ ପଟ୍ଟନାୟକ (ଦେଖ)—
Cheu • Chyāu paṭṭanāyaka (See)

ଚେଉ ପଟନାଏକ—ଦେ. ବି—ଚ୍ୟାଉ ପଟ୍ଟନାୟକ (ଦେଖ)—
Cheu paṭanaeka Chyāu paṭṭanāyaka (See)

ଚେଓର—ଦେ. ବି—ସତ୍ୟଆମ୍ବା (ଫଳ)—
Cheora Cocum Butter-fruit.

ଚେଁ—ଦେ. ଅ (ଧ୍ୱନ୍ୟନୁକରଣ)— ୧ । ଚକୁଳିପିଠା ବା ଭଜା ଭାଜିବାର ଶବ୍ଦ—1. Sound produced when a pastry-cake is fried.
Cheñ
ଚିଁ
चें

ସାତ ଚକୁଳିକୁ ତିନିଡ ଚେଁ,
ଶାଶୁ ବୋଇଲେ କୋଉଁ ସବୁଙ୍କେ । ଢଗ ।

[ଦ୍ର—ଚକୁଳି ପିଠା କରିବା ପାଇଁ ଚୁଲି ଉପରେ ବସିଥିବା ଉତ୍ତପ୍ତ କରେଇ ବା ତେଲଭର୍ତ୍ତିରେ ପିଠୋଉ ଢଳା ହେଲାବେଳେ ଓ ଚକୁଳି ଲେଉଟା ହେବାବେଳେ ଓ ତେଲ, ଘିଅ ଆଦି ଦ୍ୱାରା ଭଜାଭଜି ହେବାବେଳେ ଓ କାକରାଆଦି ପିଠା ଘିଅରେ ଛଣା ହେଲାବେଳେ "ଚେଁ" ଶବ୍ଦ ଶୁଣାଯାଏ ।]

୨ । ଦେହରେ ତାତିଲା ଲୁହା ମାଡ଼ିବାର ଶବ୍ଦ—
2. Sound produced while marking the body with red-hot iron.

୩ । ଚେମ୍ପିଣୀ ଆଦି ଚଢ଼େଇ ଓ ଚୁଚୁନ୍ଦ୍ରା ଆଦିଙ୍କର ଧ୍ୱନି—
3. Chirping or squeaking sound of house-bats and moles.

ଚେଁ ଏଁ—ଦେ. ଅ (ଧ୍ୱନ୍ୟନୁକରଣ)—ଚେଁ (ଦେଖ)—
Chen-eñ Cheñ (See)

ଚେଁଖ—ଦେ. ବି—୧ । ତାତିଲା ଲୁହାଦ୍ୱାରା ଦେହରେ ଚିଆଁ ଦେବା—1. Branding or singeing the body with red-hot iron.
Cheñkha
ছেঁকা; দাগা
दाग

୨ । ଚିଆଁ; ଦାଗ—2. Brand or mark of singeing.

୩ । ଦୁଃଖ; ଯାତନା; ଉତ୍ପୀଡ଼ନ—
3. Torture; harassment.

୪ । ପ୍ରତାରଣା—4. Deception; cheating.

୫ । ଦୁଃଖର ଅନୁଭୂତିରୁ ମନୁଷ୍ୟ ଲଭିବା ଶିକ୍ଷା—
5. Lesson acquired by bitter experience.

ଚେଁଖ ଦେବା—ଦେ. କ୍ରି—୧ । ଦେହରେ ଗରମ ଲୁହାର ଦାଗ ବସାଇବା; ଚିଆଁଦେବା—1. To brand the body with red-hot iron.
Cheñkha debā
ছেঁকাদেওয়া; দাগা
दागना

୨ । ଯାତନା ଦେବା—2. To torture.

୩ । ପ୍ରତାରଣା କରିବା—3. To deceive.

ଚେଁଖ ପାଇବା—ଦେ. କ୍ରି—୧ । ଆପଣା ଦେହରେ ଚିଆଁ ବସିବା—1. To be branded with red-hot iron.
Cheñkha pāibā
দাগাপাওয়া
दागपाना

୨ । ଯାତନା ପାଇବା—2. To suffer pains.
(ଚେଁଖେ ପାଇବା—ଅନ୍ୟରୂପ)

ଚେଁଖ ବସାଇବା—ଦେ. କ୍ରି. —ଚେଁଖ ଦେବା ୧ (ଦେଖ)
Cheñkha basāibā Cheñkha debā 1 (See)
(ଚେଁଖ ବସେଇବା—ଅନ୍ୟରୂପ)

ଚେଁଖା (ଇତ୍ୟାଦି)—ଦେ. ବି.—ଚେଁଖ ଇତ୍ୟାଦି (ଦେଖ)
Cheñkhā (etc) Cheñkha etc (See)

ବିଣ.—ପ୍ରତାରକ—Deceitful

ଚେଁଖାଇବା—ଦେ. କ୍ରି.—୧ । ପ୍ରତାରଣାରେ ପକାଇବା; ଠକାଇବା—1. To deceive.
Cheñkhāibā
(ଚେଁଖେଇବା – ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ସରତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଖିଁ' ନ ପାଇଲେ 'ଅକ୍ଷି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଉତ୍ପୀଡ଼ନ କରିବା—2. To harass; to oppress.
୩ । ଚେତାଇଦେବା—3. To remind.

ଚେଁଖାଏ ଦେବା—ଦେ. କ୍ରି.—ଚେଁଖେ ଦେବା (ଦେଖ)—
Cheñkhāe debā — To teach a lesson.

ଚେଁଖିବା—ଦେ. କ୍ରି.—୧ । (ଅକର୍ମକ)—ପ୍ରତାରିତ ହେବା—
Cheñkhibā — 1. To be deceived.
ठका ୨ । (ସକର୍ମକ) ଚଅଁ ଦେବା—2. To sear; to cauterise.
୩ । ଦୁଃଖମୟ ଅନୁଭବ ଦ୍ୱାରା ଶିକ୍ଷା ଲାଭ କରିବା—
3. To learn a lesson by bitter experience.

ଚେଁଖେ ଦେବା—ଦେ. କ୍ରି.—୧ । ଅତ୍ୟନ୍ତ କଷ୍ଟ ଦେବା—
Cheñkhe debā — 1. To give much pain; to harass.
छेँकादेओया ୨ । ଯବତ୍ କରିବା; ପ୍ରତିହିଂସା ନେବା—
चोटदेना, दागदेना — 2. To take revenge.
୩ । ଠକାଇବା—3. To cheat.

ଚେଁଚ୍ଁ—ଦେ. ଅ. (ଧ୍ୱନ୍ୟନୁକରଣ; ସଂ. ଚୀଚୀକୂଚୀ)—ପକ୍ଷୀମାନଙ୍କର
Cheñchāñ ଚେଁ ଚାଁ ଶବ୍ଦ—
किचिरी मिचिरी, चिँचिँ Chirping of birds; twittering;
चह चह, चिंचिं, चें चें — warbling of birds.

ଚେଁଚେଁ—ଦେ. ଅ.—(ଧ୍ୱନ୍ୟନୁକରଣ)—୧ । ଅତିରୁଗ୍ଣ ଓ ଦୁର୍ବଳ
Cheñcheñ ବ୍ୟକ୍ତିର ଖଣଖଣି କଥା—
চেঁচেঁ 1. Faint faltering nasal voice of a weak
चैँ चै — and sickly person.
୨ । ଉତ୍ତପ୍ତ କଟାହାଦିରେ ଜଳାଦି ଶୀତଳ ଦ୍ରବ୍ୟ ଢାଳିବା ଶବ୍ଦ—2. The sound produced when some cold liquid is poured into a hot pan.
୩ । ଚେଁ (ଦେଖ)
Cheñ (See)

ଚେଁଚେଁୟା—ଦେ. ଣ.—୧ । ଅତି ଦୁର୍ବଳ ଓ କ୍ଷୀଣ—
Cheñcheñyāñ — 1. Very weak and debilitated.
চিঁচিঁয়া ୨ । ଅତି ଦୁର୍ବଳ ଓ କ୍ଷୀଣ ଗଳାରେ ସ୍ୱର କରୁଥିବା—
चैँचर Having a very weak and faltering voice (due to weakness and chronic illness).
୩ । ଚେଁ ଚେଁ ଶବ୍ଦ କରୁଥିବା—3. Making a chirping or squeaking sound.

ଚେଁ ଚେଁ ହେବା—ଦେ. କ୍ରି.—୧ । (ପକ୍ଷୀ) କେଁ କେଁ ଶବ୍ଦ କରିବା—
Cheñ cheñ hebā — 1. To chirp; to twitter.
চেঁচান, কিচকিচকরা ୨ । (ଚାଉଳ ଆଦି ପିଠା ପାଇଁ ପିଠଉ କରେଇର
चिचियाना, चहचहाना ତଳା ହେବା ସମୟରେ) ଚେଁ ଧ୍ୱନି କରିବା—
2. To produce a squeaking sound (said of a liquid or paste while poured into a pan on a fire).

୩ । (ଚଟୁକୁନ୍ଦା ଆଦି) ଚେଁ ଚେଁ ଶବ୍ଦ କରିବା—
3. To squeak.
୪ । (ଅତି କ୍ଷୀଣ ବା ରୁଗ୍ଣ ବ୍ୟକ୍ତି) କ୍ଷୀଣ ବା ଖଣା ସ୍ୱରରେ କଥା କହିବା—4. To speak in faint or faltering nasal tone (said of a very weak or invalid person.)

ଚେକ୍—ବୈଦେ. ବି. (ଇଂ)—୧ । ହିସାବପତ୍ର ବା ଟିକଟ ଆଦିର
Chek ମୁକାବିଲା—1. Checking of accounts or tickets.
চেক ୨ । ଖଜଣାଖାନାରୁ ବା ବାଙ୍କରୁ କୌଣସି ବ୍ୟକ୍ତିଙ୍କୁ ଟଙ୍କା ଦିଆ
चेक ଯିବା ପାଇଁ ତାଙ୍କୁ ଯେଉଁ ବରାଦ ଚିଠି ବା ଚେକ ଦିଆଯାଏ—
2. A cheque for payment of money to the holder by a treasury or bank.

[ଦ୍ର—ସାଧାରଣତଃ ଯାହାଙ୍କର କୌଣସି ବାଙ୍କ୍ ବା ଟ୍ରେଜରୀରେ ଟଙ୍କା ଜମା ଥାଏ, ଉକ୍ତ ବାଙ୍କ୍ ବା ଟ୍ରେଜରୀ ବହୁସଂଖ୍ୟକ ସାଧା ଚେକ-ସମ୍ବଳିତ ଖଣ୍ଡିଏ ଲେଖାଏଁ ଚେକ୍‌ବହି ତାଙ୍କୁ ଦେଇଥାନ୍ତି । ସେ ବହିରେ ଚେକ୍ ଓ ମୁଣ୍ଡା ଥାଏ । ଉକ୍ତ ବ୍ୟକ୍ତିଙ୍କର କାହାରିକୁ ଟଙ୍କା ଦେବାର ଦରକାର ହେଲେ ସେ ଖଣ୍ଡିଏ ଚେକ୍‌ରେ ଟଙ୍କାନେବା ବ୍ୟକ୍ତିଙ୍କ ନାମ ଓ ଟଙ୍କାର ପରିମାଣ ଲେଖି, ଦସ୍ତଖତ କରି ମୁଣ୍ଡାରେ ତହିଁର ନକଲ ଟିପି ରଖି ଚେକ୍ ଖଣ୍ଡି ଚେକ୍-ବହିରୁ କାଟି ତାଙ୍କୁ ଦିଅନ୍ତି ଓ ମୁଣ୍ଡାଚେକ୍ ଖଣ୍ଡି ଆପଣା ପାଖରେ ରଖନ୍ତି ।]

୩ । ଚଉକୋଣିଆ ଘର ଅଙ୍କିତ ବା ବୁଣା ହୋଇଥିବା ଲୁଗା—
3. A chequered cloth; check.
୪ । ଚେକ୍ ପାଉତି (ଦେଖ)
4. Chek pāuti (See)

ଚେକ୍ କରିବା—ଦେ. କ୍ରି—୧ । ହିସାବପତ୍ର ମୁକାବିଲା କରିବା—
Chek karibā — 1. To check accounts.
চেককরা ୨ । ରେଲ ବା ଭଡ଼ା ମଟର ବା ଟ୍ରାମ୍ ଗାଡ଼ିର ଯାତ୍ରୀ-
चेककरना ମାନଙ୍କଠାରୁ ଟିକଟଗୁଡ଼ିକୁ ଦେଖି ମୁକାବିଲା କରିବା—
2. To check the tickets of the passengers of a railway, steamer, tram, or taxi.

ଚେକ୍ କାଟିବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ପରିମିତ ଧନ
Chek kāṭibā ଦେବା ପାଇଁ କୌଣସି ବାଙ୍କ୍ ବା ଖଜଣାଖାନାର
চেককাটা ଭାରପ୍ରାପ୍ତ ବ୍ୟକ୍ତିଙ୍କ ନାମରେ ଚେକ୍ (ଚେକ ବା
चेककाटना ବରାଦପତ୍ର) ଲେଖି, ସେ ଚେକ୍ ଖଣ୍ଡି ଚେକ୍-ବହିରୁ ଚିରି ଟଙ୍କା ନେବା ବ୍ୟକ୍ତିଙ୍କୁ ଦେବା ବା ବାଙ୍କକୁ ପଠାଇ ଦେବା—To issue a cheque in favour of a payee.

ଚେକ୍‌ଦାଖିଲ୍ଲ—ବୈଦେ. ବି—ଚେକ୍ ପାଉତି (ଦେଖ)
Chek-dākhilā — Chek pāuti (See)

୧	ଇ	ଉ	ଋ,ଋ	ୠ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଜ୍ଞ	ଇଯ୍	ଉଅ	ଢ଼
୨	ଈ	ଊ	ଋ	ଌ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ୱ	ଢ଼

ଚେକ୍ ପାଉତି—ବୈଦେ. ବି—ପ୍ରଜା ଖଜଣା ଦାଖଲ କଲେ ଜମିଦାର ପ୍ରଜାଙ୍କୁ ଯେଉଁ ଛପା ରସିଦ ଦଅନ୍ତି—
Chek pāuti
চেক দাখিলা
चेक दाखिला
Printed rent-receipt granted by the Zamindar to a rent-paying tenant.

ଚେକ୍ ବହି—ବୈଦେ. ବି. (ଇଂ. ଚେକ୍+ଫା. ବହି)—ଯେଉଁ ବହିରେ ଗୁଡ଼ିଏ ସାଧା ବଣ୍ଡ-ପତ୍ର ଥାଏ—
Chek bahi
চেক বহি
चेक बहि
Cheque-book; a book containing blank cheques.

[ଦ୍ର—ଧନସ୍ୱାମୀ ଉକ୍ତ ବହିରୁ ଖଣ୍ଡିଏ ଖଣ୍ଡିଏ ଚେକ୍ ପୂରଣ ଓ ଦସ୍ତଖତ କରି କୌଣସି ବ୍ୟକ୍ତି ନାମରେ କରଜ ଲେଖି ତାଙ୍କୁ ଉକ୍ତ ଚେକ ଦେଲେ ସେ ବାଙ୍କରୁ କିମ୍ବା ଖଜଣାଖାନାରୁ ଉକ୍ତ ଚେକକୁ ଭଙ୍ଗାଇ ଟଙ୍କା ଆଣି ପାରେ ।]

ଚେକ୍ ବୁକ୍—ବୈଦେ. ବି. (ଇଂ)—ଚେକ୍ ବହି (ଦେଖ)
Chek buk
Chek bahi (See)

ଚେକ୍ ମୁଣ୍ଡା—ଦେ. ବି— ମୁଣ୍ଡାଚେକ୍; ମୁଣ୍ଡିଚେକ୍; ପ୍ରଜାକୁ ବା ଟଙ୍କା ଦାଖଲ କରିବା ବ୍ୟକ୍ତିକୁ ଦିଆଯିବା ଛପା ରସିଦର ମୂଳପାଳ (ଯାହା ଟଙ୍କା ଗ୍ରହଣ କରିବ ବ୍ୟକ୍ତି ନିଜ ପାଖରେ ରଖେ)—
Chek mundā
চেক মুঁড়ি
मुंड़ा चेक
(ଚେକମୁଣ୍ଡି—ଅନ୍ୟରୂପ) Counterfoil of cheque-receipts kept with the person who grants the receipts on receipt of money.

ଚେକ୍ ରସିଦ୍—ବୈଦେ. ବି (ଇଂ. ଚେକ୍ ରସିଦ୍)—
Chek rasid
চেকরসিদ
चेक रसिद
୧ । ଚେକ୍ ପାଉତି (ଦେଖ)
1. Chek pāuti (See).
୨ । ଯେକୌଣସି ପ୍ରକାର ଧନପ୍ରାପ୍ତିର ଛପା ହୋଇଥିବା ସ୍ୱୀକାରପତ୍ର—Cheque-receipt.

ଚେକ୍ ମାଶୁମୀ ଭିଡ଼ି ବସିବା—ପ୍ରାଦେ (ଯାଜପୁର) କ୍ରି—ଚେକା ପକାଇବା;
Chek māshumi bhirdi basibā ଚେକାମାଲ୍ ପକାଇ ବସିବା—
To squat cross-legged.

ଚେକର୍—ବୈଦେ. ବି. (ଇଂ)—ଯେଉଁ କର୍ମଚାରୀ ରେଲ ଆଦିର ଯାତ୍ରୀଙ୍କ ଟିକଟମାନ ଚେକ୍ କରନ୍ତି—Ticket-checker.
Chekar

ଚେକା—ଦେ. ବିଣ. (ସଂ. ଚକ୍ର)—ଚକା; ଗୋଲ; ଚକ୍ରାକାର—
Chekā
Circular.
ବି—୧ । ପଦ୍ମାସନ; ଚକା—1. Squatting on the ground with the buttocks and hips on the ground and entwining the legs together as to form a ring; squatting cross-legged.
ঘাসের চাবড়ী
चीप; ढेला
୨ । କୋଡ଼ି ବା କାଉଡ଼ିଆ ଦ୍ୱାରା ଉଠାଯିବା ଚକ୍ରାକୃତି ମୃତ୍ତିକା ଓ ଘାସଖଣ୍ଡ—2. Clod of grassy earth; sod; turf cut by a spade.
୩ । ଗୋଲାକାର ଖଣ୍ଡ—3. A circular piece.
୪ । ଗୋଲାକାର ସୀମାବିଶିଷ୍ଟ ଭୂମି—
4. A circular plot or area.
୫ । ସାପ, ତେଲୁଣୀପୋକ ଆଦିଙ୍କର କୁଣ୍ଡଳୀକୃତ ଅବସ୍ଥାନ—
5. The spiral position or coil of the body assumed by serpents while at rest.

ଚେକାଇବା—ଦେ. କ୍ରି—ଚେକିଆଇବା (ଦେଖ)
Chekāibā
Chekiāibā (See)

ଚେକା ଉଠାଇବା – ଦେ. କ୍ରି—ଚେକା କାଟିବା (ଦେଖ)
Chekā uthāibā
Chekā kātibā (See)
(ଚେକା ଉଠେଇବା—ଅନ୍ୟରୂପ)

ଚେକା କାଟିବା—ଦେ.କ୍ରି—ବନ୍ଧ ବା ସଡ଼କର ନୂଆମାଟି ଉପରେ ବସାଇବା ପାଇଁ ତୃଣାବୃତ ମାଟିର ଢେଲାମାନଙ୍କୁ କୋଡ଼ିରେ ହାଣିବା—
Chekā kātibā
ঘাসের চাবড়ী কাটা
चीपकाटना
To cut turf or sods.

ଚେକା କୋଶଲା—ଦେ. ବି—ଯେଉଁ କୋଶଲାଶାଗର ଗଛ ଡେଙ୍ଗା ହୋଇ ନ ବଢ଼ି ଭୂମିରେ ଚକାକାର ସ୍ଥାନ ଅଧିକାର କରି ମାଡ଼େ—
Chekā kosalā
(ଡେଙ୍ଗା କୋଶଲା—ବିପରୀତ)
The creeping variety of Kosalā pot-herb.

ଚେକା ଚେକା—ଦେ. ବିଣ. (ସଂ. ଚକ୍ରାକାର)—୧ । ଗୋଲ ବସ୍ତୁଖଣ୍ଡ ବିଶିଷ୍ଟ—1. Round slices of.
Chekā chekā
গোল গোল
गोल गोल
୨ । ଚକା ଚକା; ଗୋଲ ଗୋଲ (ବହୁତ ବସ୍ତୁ)—
2. Circular (said of many things).

ଚେକାଚେକା ମାଉଲି—ଗ୍ରା.ବି.(ଶିଶୁବଚନ)—ଚକାଚକା ଭଉଁରି (ଦେଖ)
Chekā chekā māuli
Chakā chakā bhaunri (See)

ଚେକାଛାଉଣି—ଦେ. ବି. (ସଂ. ଚକ୍ର+ଛାଦନ)—କୌଣସି ସ୍ଥାନକୁ ଘାସଯୁକ୍ତ ଚକ୍ରାକାର ମୃତ୍ତିକାଖଣ୍ଡଦ୍ୱାରା ଆବୃତ କରିବା—Covering a place with sods or turfs; turfing
Chekā-chhāuni
চাবড়াছালনী
ढेलाजमाना
(ଚେକାଛାଅଣି, ଚେକାଛୁଅଣି, ଚେକାଛୁଆଣି—ଅନ୍ୟରୂପ)

ଚେକା ପକାଇବା —ଦେ. କ୍ରି—ଚକା ପକାଇବା (ଦେଖ)
Chekā pakāibā
Chakā pakāibā (See)
(ଚେକା ପକେଇବା—ଅନ୍ୟରୂପ)

ଚେକା ପାଡ଼ିବା—ଦେ କ୍ରି—ଚକା ପକାଇବା (ଦେଖ)
Chakā pārdibā
Chakā pakāibā (See)
(ଚେକା ପାରିବା—ଅନ୍ୟରୂପ)

ଚେକାବନ୍ଦି—ଦେ. ବି—ଚେକା ଛାଉଣି (ଦେଖ)
Chekā-bandi
Chekā chhāuni (See)

ଚେକା ଭିଡ଼ି ବସିବା —ପ୍ରାଦେ. (ଯାଜପୁର) କ୍ରି—
Chekā bhirdi basibā
ଚେକା ପକାଇବା (ଦେଖ)
Chakā pakāibā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତନ୍ନିର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଗଁା'ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ଚେକାମାଉଳି—ଦେ. ବି—୧ । ଚକାଚକା ଭଉଁରି (ଦେଖ)
Chekā-māuli Chākāchakā bhaunri (See)
୨ । ପଦ୍ମାସନ—2. Cross–legged squatting.
(ଚେକାମାଲି, ଚେକାମଉଳି, ଚେକାମଳି—ଅନ୍ୟରୂପ)

ଚେକା ମାଡ଼ିବା—ଦେ. କ୍ରି—ଚକା ପକାଇବା (ଦେଖ)
Chekā mārdibā Chakā pakāibā (See)

ଚେକାସନରେ ବସିବା—ପ୍ରାଦେ (ଯାଜପୁର) କ୍ରି—ଚକା ପକାଇବା (ଦେଖ)
Chikāsanare basibā Chakā pakāibā (See).

ଚେକା ହାଣିବା—ଦେ. କ୍ରି—ଚେକା କାଟିବା (ଦେଖ)
Chekā hāṇibā Chekā kaṭibā (See).

ଚେକି—ଦେ. ବି (ସଂ. ଚକ୍ର)—୧ । କ୍ଷୁଦ୍ର ଗୋଲାକାର ଖଣ୍ଡ; ଚକତି—
Cheki 1. Small circular pieces.
চকতি
୨ । ସ୍ୱର୍ଣ୍ଣ ରୌପ୍ୟାଦିର ମୁଦ୍ରା—
चकत्ति 2. Gold and silver coin.

ଚେକିଆ—ଦେ. ବି—ଚେକିଆ ସୁନା (ଦେଖ)
Chekiā Chekiā sunā (See).

ଚେକିଆଇବା—ଦେ. କ୍ରି (ସଂ. ଚକ୍ର)—୧ । ଚେକା ବା ଗୋଲ କରି କାଟିବା; ମଣ୍ଡଳାକାର କରି କାଟିବା—
Chekiāibā
1. To cut into circle or circular slices; to make a circular cut.
୨ । ଗଛର ଗଣ୍ଡିକୁ ମୂଳରୁ ପୋଛିକରି କାଟିଦେବା—
2. To cut off a tree from the base.
(ଚେକାଇବା, ଚେକେଇବା—ଅନ୍ୟରୂପ)

ଚେକିଆ ସୁନା—ଦେ. ବି (ସଂ. ଚକ୍ରାକାର+ସ୍ୱର୍ଣ୍ଣ)—ସୁନା ମୋହର; ସ୍ୱର୍ଣ୍ଣମୁଦ୍ରା—Gold coin.
Chekiā sunā

ଚେକି କନ୍ଦା—ପ୍ରାଦେ (ଗଞ୍ଜାମ) ବି (ସଂ. ଚକ୍ର+କନ୍ଦ)—(ବୈଦ୍ୟକ) ଏକପ୍ରକାର ଗଛ—
Cheki kandā
A kind of medicinal plant.
[ଦ୍ର—ଏହାର ମୂଳର କନ୍ଦା ଗୁଆଦହି ସହିତ ବାଟି ଅତିସାର, ଆମରକ୍ତାତିସାର, ଗ୍ରହଣୀ ଓ ପ୍ରଦର ରୋଗରେ ସେବନ କରାଯାଏ ।]

ଚେକି ଚେକି—ଦେ. ବିଣ—୧ । କ୍ଷୁଦ୍ର କ୍ଷୁଦ୍ର ଖଣ୍ଡଯୁକ୍ତ—
Cheki cheki 1. Full of circular bits.
୨ । କ୍ଷୁଦ୍ର ଓ ଗୋଲାକାର ବହୁ (ବସ୍ତୁ)—
2. Myriads of small and circular (things).

ଚେକି ଚେକି ମଦରଙ୍ଗା,
ଫୁଲ ଫୁଟେ ରଙ୍ଗା ରଙ୍ଗା—ଶିଶୁଗୀତ ।

୩ । କ୍ଷୁଦ୍ର ଗୋଲାକାର (ଖଣ୍ଡ ମାନ)—
3. Small and round (slices).

ଚେକିତାନ—ସଂ. ବିଣ (ଚିତ୍ ଧାତୁ ଯଙ୍ ଲୁଗନ୍ତ +କର୍ତ୍ତୃବାଚ୍ୟରେ ତାଚ୍ଛିଲ୍ୟାର୍ଥେ. ଅନ)—ସର୍ବଜ୍ଞ—
Chekitāna Omniscient
ସଂ. ବି—୧ । ମହାଦେବ—1. The God Śiba.
୨ । ପ୍ରାଚୀନ ଭାରତର ଜନୈକ ନୃପତି—2. Name of a king of ancient India mentioned in the Mahābhārata.
[ଦ୍ର—ଏ କୁରୁକ୍ଷେତ୍ର ଯୁଦ୍ଧରେ ପାଣ୍ଡବଗଣ ପକ୍ଷରେ ଯୁଦ୍ଧ କରୁଥିଲେ ଏବଂ ଦୁର୍ଯ୍ୟୋଧନଙ୍କ ଦ୍ୱାରା ହତ ହୋଇଥିଲେ ।]

ଚେଙ୍କ—ଦେ. ବି—ଚେଙ୍ଗ ୨ (ହରେକୃଷ୍ଣ ଦ୍ରବ୍ୟଗୁଣ) (ଦେଖ)
Cheṅka Cheṅga 2 (See)

ଚେଙ୍କା—ପ୍ରାଦେ (ସିଂହଭୂମ) ବିଣ—ଖଟା—
Cheṅkā Of acid taste.
ପ୍ରାଦେ (ଯାଜପୁର) ବିଣ (ଗାଳିରେ ବ୍ୟବହୃତ)—
ଯାହାକୁ ଅଗ୍ନିତପ୍ତ ଶଲାକାରେ ଚେଙ୍କିବା ବା ଲାଞ୍ଛିବା ଉଚିତ—
(a term of abuse) (a person) Deserving to be seared.
ପ୍ରାଦେ (ଯାଜପୁର) ବି—ଚିଆଁ (ଦେଖ)
Chiaṅ (See).

ଚେଙ୍କିବା—ପ୍ରାଦେ (ଯାଜପୁର) କ୍ରି—କୌଣସି ଜୀବର ଦେହକୁ ତାତିଲା ଲୁହାରେ ଛେଙ୍କିବା ବା ଦାଗିବା—To sear or mark the body of an animal with hot iron.
Cheṅkibā

ଚେଙ୍ଖ (ଇତ୍ୟାଦି)—ଚେଁଖ (ଇତ୍ୟାଦି))ଦେଖ)
Chenkha (etc) Cheṅkha etc (See).

ଚେଙ୍ଗ—ଦେ. ବି—୧ । ଗଞ୍ଜପା ସାରପାଇଁ ହରିତାଳ ଓ ନୀଳ ବାଟି ପ୍ରସ୍ତୁତ କରାଯିବା ରଙ୍ଗ—1. A paint for the Ganjapā cards (prepared with yellow orpiment and indigo mixed together.
Cheṅga
চংগ
୨ । (ସଂ. ଚଲଦଙ୍ଗ; ଏହା ଡେଇଁ ଡେଇଁ ଯାଇ ପାରେ) ଶ୍ରେଷ୍ଠ ଗଡ଼ିଶା ମାଛ; କାତିଥିବା ଓ ପଙ୍କରେ ରହୁବା ଏକପ୍ରକାର ଶ୍ରେଷ୍ଠ ମାଛ—2. A kind of small fish
চেঙ্গ, চাঙ্গ, চেং (with scales) living in muddy tanks;
चेङ्ग, चेनगा Ophicephalus Gachu.
[ଦ୍ର—ଯାଜପୁର ଅଞ୍ଚଳରେ ବ୍ରାହ୍ମଣମାନେ ଚେଙ୍ଗ ମାଛ ଖାଆନ୍ତି ନାହିଁ ।
ଚାରି ଆଙ୍ଗୁଳ ପର୍ଯ୍ୟନ୍ତ ଲମ୍ବ ଗଡ଼ିଶା ମାଛକୁ ଚେଙ୍ଗ କୁହାଯାଏ । ଏମାନେ ଦେଖିବାକୁ ସାନ ଶେଉଳ ମାଛ ପରି, କିନ୍ତୁ ଏମାନଙ୍କ ଦେହ ଭାରି ପିଚ୍ଛିଳ । ଚେଙ୍ଗ ଉଭୟଚର । ଚେଙ୍ଗ ପାଣି, ପଙ୍କ ଓ ପାଙ୍କୁଳରେ ଥିବା ଗାତମାନଙ୍କରେ ରହେ । ଏହାର ମୁଣ୍ଡ ଚେପ୍ଟା; ଧଣ୍ଡ ସାପ ପରି ଏହାର ଦେହ ଲମ୍ବା ଓ ଗୋଲ ।]

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଉପ୍ସ	ଉଅ	ଈ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଉଥ	ଙ୍ଗ	ନ୍

୩ । ଚେଙ୍ଗ ହାବେଲି (ଦେଖ)
3. Chenga hābeli (See)

ପ୍ରାଦେ. (କଟକ) ବି—ଲମ୍ବ ଲାଞ୍ଜଯୁକ୍ତ କାଗଜର ଗୁଡ଼ି । (ଏହାର ଶେଷରେ ଖଣ୍ଡିଏ ଲମ୍ବା ନେତ ପରି ଲାଙ୍ଗୁଡ଼ ଲାଗିଥାଏ, ଓ ସେଥିଯୋଗୁଁ ଉଡ଼ିଲା ବେଳେ ସେହି ଲାଙ୍ଗୁଡ଼ ଇତସ୍ତତଃ ସଞ୍ଚାଳିତ ହୋଇ ଶବ୍ଦ କରେ)—A kind of paper-kite having streamers hanging down from it and making a humming sound while flying.

ଚେଙ୍ଗ ରାଶି ବେଙ୍ଗ ରାଶି—ଦେ. ବି. (ପ୍ରବଚନ ବା ଉପହାସ)—
Chenga rāsi benga rāsi ୧ । ଦୁଇ ଜଣଙ୍କ ମଧ୍ୟରେ କେବେ (ଚେଙ୍ଗ ରାଶିକି ବେଙ୍ଗ ରାଶି—ଅନ୍ୟରୂପ) ହେଲେ ମନ ନ ମିଳିବା ଅବସ୍ଥା—1. A phrase used with reference to two persons who are inimical to each other or who do never agree.

୨ । ଦୁଇ ଜଣଙ୍କର ଖୁବ ମନ ମିଳିବା ଅବସ୍ଥା—
2. A state of close intimacy or agreement between two persons.

(ଯଥା—ସେ ଦୁଇ ଜଣଙ୍କର ଚେଙ୍ଗ ରାଶି ବେଙ୍ଗ ରାଶି ।)

[ଦ୍ର—ଚେଙ୍ଗମାନେ ଅଳ୍ପ ପାଣିରେ ଥାଆନ୍ତି ଓ ପାଣିକୂଳରୁ ଥଳକୁ କିଛି ଦୂର ଡେଇଁ ଆସନ୍ତି । ବେଙ୍ଗମାନେ ମଧ୍ୟ ଅଳ୍ପ ପାଣିରେ ଥାଆନ୍ତି ଓ ପାଣିକୂଳରୁ ଥଳକୁ କିଛି ଦୂର ଡେଇଁ ଆସନ୍ତି । ପାଣି କୂଳକୁ କେହି ଗଲା ମାତ୍ରେ କୂଳରେ ଥଳରେ ଥିବା ଚେଙ୍ଗ ଓ ବେଙ୍ଗମାନେ ପାଣି ଭିତରକୁ ଫାଙ୍କ୍ ଫାଙ୍କ୍ ଡେଇଁ ପଡ଼ନ୍ତି । ଏହି କାରଣରୁ ଏମାନଙ୍କ ମଧ୍ୟରେ ଶତ୍ରୁତା ବା ମିତ୍ରତା ଥିବାର କଳ୍ପନା କରି ଏ ପ୍ରବଚନ ବ୍ୟବହୃତ ହୋଇଅଛି ।]

ଚେଙ୍ଗ ହାବିଲି—ଦେ. ବି—ଏକ ପ୍ରକାର ବାଣ; ଛୋଟ ହାଉଇ (ଏଥିରେ
Chenga hābili କାଠି ଲଗାଇଥାଉଣି ଚେଙ୍ଗ ମାଛକୁ ଧରିବା ବେଳେ ହାତରୁ ଖସିଗଲାପରି ଏହା ଆକାଶକୁ ଉଠି ପଳାଏ)—
ছোটহাউই
छोटीहवाई
1. A kind of small rocket used as fireworks.

ଚେଙ୍ଗା—ଦେ. ବି—୧ । ହାତର ବୁଢ଼ା ଅଙ୍ଗୁଠି ଓ ତର୍ଜନୀ ଅଙ୍ଗୁଠି ଦ୍ୱାରା
Chengā ଅନ୍ୟର ଜଙ୍ଘକୁ ଚିମୁଟିବା; ଚୁଟିଆ—
1. A pinch on the thigh of a person with the thumb and index fingers; a pinch with the thumb and index finger.
୨ । ଚେଙ୍ଗ ୨ (ଦେଖ)
2. Chenga 2 (See)
୩ । ଚେଙ୍ଗ ହାବିଲି (ଦେଖ)
3. Chenga hābili (See)

ବିଣ. (ସଂ. ଚଙ୍ଗ=ଦକ୍ଷ, କର୍ମଠ, ନୀରୋଗ)—
୧ । ସତେଜ; ତାଜା—
1. Animated; lively; fresh; enlivened.
চাঙ্গা ୨ । ନୀରୋଗ; ସୁସ୍ଥ—2. Hale and hearty.
चङ्गा, चाङ्गला ୩ । ଆଳସ୍ୟ ବା ନିଦ୍ରାମୁକ୍ତ—
3. Having shaken off stupor or slumber; freshened after sleep or rest.

ଚେଙ୍ଗି—ଦେ. ବି—ଚେଙ୍ଗା ୧ (ଦେଖ)
Chengi Chengā 1 (See)

ଚେଙ୍ଗେଇ ଚାଉଳ—ଦେ. ବି—୧ । ଗାଈଜଗା ପିଲାମାନେ ବିଲରୁ
Chengei chāula ନୂଆ ଧାନ ଆଣି ସଢ଼େଇରେ ରଖି ପାଞ୍ଚଣ ଅଗରେ କୁଟି ଖାଇବା ପାଇଁ ସେ ଧାନରୁ ଯେଉଁ ଚାଉଳ କାଢ଼ନ୍ତି—1. Rice got from new paddy gathered by cowherd boys from the field in small quantities and husked in a cocoanut shell with the help of the cowherd's staff.

୨ । ବାଳକମାନେ ପାଚିଲା କଣ୍ଟେଇ କୋଳିକୁ ଆଣି ଗୋଟିଏ ସଢ଼େଇରେ ତହିଁରେ ଲୁଣ ଓ ଲଙ୍କା ମରିଚ ମିଶାଇ ଘୋଟି ପ୍ରସ୍ତୁତ କରିବା ଖାଦ୍ୟ ପଦାର୍ଥ—2. Ripe Kantei berries plucked by children from the bushes and mixed with salt and red pepper and crushed in a cocoanut shell

ଚେଞ୍ଚୁରୁଳି—ପ୍ରାଦେ. (ମେଦିନୀପୁର) ବି—ଚମ୍ପେଇ ନେଉଳି (ଦେଖ)
Cheñchruli Champei neuli (See)

ଚେଞ୍ଜ—ବୈଦେ. ବି. (ଇଂ)—ସ୍ୱାସ୍ଥ୍ୟ ଲାଭ କରିବା ଲାଗି ଜଳବାୟୁ
Cheñj ପରିବର୍ତ୍ତନ ପାଇଁ କିଛିଦିନ ସ୍ଥାନାନ୍ତର ଗମନ—
Temporary change of climate; change of ones' place of residence for improvement of health.
চেঁজ
चेँज

ଚେଟ—ସଂ. ବି. ପୁଂ. (ଚିଟ୍ ଧାତୁ=ପ୍ରେରଣ କରିବା+କର୍ମ. ଅ)—
Cheta ୧ । ଭୃତ୍ୟ; ଦାସ—
(ଚେଟୀ—ସ୍ତ୍ରୀ) 1. A slave; an orderly; a servant.
୨ । ଉପନାୟକ (ଯେଉଁ ନାୟକ ମିଷ୍ଟବାକ୍ୟ ଦ୍ୱାରା ରୁଷ୍ଟା ସ୍ତ୍ରୀକୁ ତୁଷ୍ଟ କରେ)—2. A gallant who pacifies his enraged sweetheart with endearing words.
୩ । ଭଣ୍ଡ; ବିଦୂଷକ—3. A fool; jester.
୪ । ନାୟକ ଓ ନାୟିକାଙ୍କ ମିଳନ ଘଟାଇବା ପୁରୁଷ (ହି. ଶବ୍ଦସାଗର)—1. A go-between.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରାଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ।

୫ । ଏକ ପ୍ରକାର ମାଛ (ହ୍ର. ଶବ୍ଦସାଗର)—
5. A kind of fish.

୬ । ପତି; ସ୍ୱାମୀ (ହ୍ର. ଶବ୍ଦସାଗର)—6. Husband.

୭ । ଉପପତି; ଜାର (ଯୋଗେଶଚନ୍ଦ୍ର)—
7, Paramour.

ଚେଟକ—ସଂ. ବି. ପୁଂ. (ଚଟ୍ ଧାତୁ=ପ୍ରେରଣ କରିବା + କର୍ତ୍ତୃ. ଅକ)—୧ । ଚେଟ (ଦେଖ)
Chetaka (ଚେଟକୀ—ସ୍ତ୍ରୀ) 1. Cheta (See)

୨ । ଦୂତ (ହ୍ର. ଶବ୍ଦସାଗର)—2. A messenger.

୩ । ଆଡ଼ମ୍ବର; ଜାକଜମକ (ହ୍ର. ଶବ୍ଦସାଗର)—
3. Show; parade.

ଚେଟକୀ—ସଂ. ବି. ପୁଂ. (ଚେଟକ+ଇନ୍, ୧ମା. ୧ବ.)—ଇନ୍ଦ୍ରଜାଲିକ; ବାଜିଗର; ଯାଦୁକର (ହ୍ର. ଶବ୍ଦସାଗର)—
Chetaki (ଚେଟକିନୀ—ସ୍ତ୍ରୀ) Magician.

ଚେଟିକା—ସଂ. ବି. ସ୍ତ୍ରୀ. (ଚେଟକ+ସ୍ତ୍ରୀ. ଆ)—ଚେଟୀ (ଦେଖ)
Chetika Cheti (See)

ଚେଟୀ—ସଂ. ବି. ସ୍ତ୍ରୀ. (ଚେଟ+ସ୍ତ୍ରୀ. ଈ)—୧ । ଦାସୀ—
Cheti 1. A slave-girl; a maid-servant.

ଚେଟୀ ହେଲେ ହେଲେ ଏ ପୁରୁଷେ
ତରଳନ କଲ୍ପ ପୁଣ୍ୟ ପୁଣ୍ୟରେ—କବିସୂର୍ଯ୍ୟ. ରତ୍ନାକରଚନ୍ଦ୍ର. ଚ. ଗୀତ ।

୨ । ଉପନାୟିକା; ରକ୍ଷିତା ସ୍ତ୍ରୀ—2. A concubine.

ଚେଟୁ—ପ୍ରାଦେ. (ବସ୍ତର) ବି—ଅଣକ; ଡଙ୍କା—
Chetu A wooden spoon or ladle.

ଚେଡ଼—ସଂ. ବି. ପୁଂ (ଚଟ୍ ଧାତୁ + କର୍ମ. ଅ)—ଦାସ; ଭୃତ୍ୟ—
Cherda (ଚେଡ଼ୀ—ସ୍ତ୍ରୀ) Servant.

ପ୍ରାଦେ. (ପୁରୀ) ବି—ପଣସକଠା; ଅପୁଷ୍ଟ ପଣସଫଳ; ପଣସଫଳର କଷି—Small and young jack-fruit.

ଚେଡ଼କ—ସଂ. ବି. ପୁଂ (ଚଟ୍ ଧାତୁ + କର୍ମ. ଅକ)—ଚେଡ଼ (ଦେଖ)
Cherdaka (ଚେଡ଼କୀ—ସ୍ତ୍ରୀ) Cherda (See)

ଚେଡ଼ୀ—ସଂ. ବି. ସ୍ତ୍ରୀ. (ଚେଡ଼+ସ୍ତ୍ରୀ. ଈ)—ଚେଟୀ (ଦେଖ)
Cherdi Cheti (See)

ଚନ୍ଦ୍ର ଶିବକାର ଆବରଣ ଫେଡ଼ି
କେମନ୍ତ ଦେଖିଲେ ନଭ୍ରାଗତ ଚେଡ଼ୀ—ଜଗନ୍ନାଥ. ନନ୍ଦକେଶରୀ ।

ଚେଡ଼ୀପୁଅ—ଗ୍ରା. ବି. ପୁଂ. (ଗାଳିବିଶେଷ)—୧ । ଦାସୀପୁତ୍ର—
Cherdipua 1. (a term of abuse) Son of a
(ଚେଡ଼ୀପୋ—ଅନ୍ୟରୂପ) concubine or maid servant.

ସିନ୍ଦୁର ଫରୁଆ ଗୋଟି କାହିଁ ଚେଡ଼ୀପୋ କେଶ
କାହିଁ ଚେଡ଼ୀପୋ ନେଇ କରି ଦେଉଳ ତୋଳସି—ଶିଶୁଗୀତ ।

୨ । ନୀଚକୁଳ ପ୍ରସୂତ ବ୍ୟକ୍ତି—2. A lowborn person.

୩ । ନୀଚଲୋକ—3 A mean person

ଚେଣି (ଇତ୍ୟାଦି)—ଗ୍ରା. ବି—ଚିନି ଇତ୍ୟାଦି (ଦେଖ)
Cheni (etc) Chini etc (See)

ଚେଣ୍ଟା—ଦେ. ବିଣ. ପୁଂ—୧ । ଯେ ଏକ କଥାକୁ ବାରମ୍ବାର କହି ଚଲେ—
Chenta (ଚେଣ୍ଟେଇ—ସ୍ତ୍ରୀ) କରେ—1. Teasing; pertinacious.

୨ । କଳହପ୍ରିୟ—2. Quarrelsome.

୩ । ଅତି କୃପଣ—3. Very miserly; niggardly.

୪ । ଯେ ଦରଦାମରେ ଝିକମାରି କରେ—
4. Higgling and haggling.

ଚେଣ୍ଟାଲ୍—ଦେ ବି. ଓ ବିଣ. ସ୍ତ୍ରୀ. (ଗାଳିବିଶେଷ; ସଂ. ଛିନ୍ନା; ଭୁଲ. ପ୍ରା. ଛିନ୍ନାଳିଆ)—କୁଳଟା (ସ୍ତ୍ରୀ); ଛିଣ୍ଡାଳି—
Chental Adulteress; lewd (woman).
ছেনাল
छिनाल
(ଚେଣ୍ଟାଲି—ଅନ୍ୟରୂପ)

ଚେଣ୍ଟେଇବା—ଦେ. କ୍ରି. (ସଂ. ଚଣ୍ଡ, କମ୍ପା ଚଟ ଧାତୁ=ଭେଦନ)—
Chenteiba ୧ । ଝିକମାରି ହେବା; ଗୋଟିଏ କଥାକୁ ବହୁବାର
চটান କହି ଚରକ୍ତ କରିବା—1. To tease a person
खिजाना by repeatedly saying the same thing; to importune.

୨ । କୃପଣତା ପ୍ରକାଶପୂର୍ବକ ଦରଦାମରେ ଝିକମାରି କରିବା—
2. To higgle and haggle.

ଚେଣ୍ଟେଇ—ଦେ. ବି. ସ୍ତ୍ରୀ—ସାମାନ୍ୟ ବାଳିକା—
Chentei An ordinary girl.

ଦେ. ବିଣ. ସ୍ତ୍ରୀ—ଚେଣ୍ଟାର ସ୍ତ୍ରୀଲିଙ୍ଗ—
Feminine Chenta.

ଚେଣ୍ଟ୍ରି ହାତ—ପ୍ରାଦେ. (କାନ୍ଥି; ମେଦିନୀପୁର; ଯାଜପୁର) ବି—ବାଁଆଁହାତ—
Chentri hata Left hand

ଚେଣ୍ଡା—ପ୍ରାଦେ. (ଗଡ଼ଜାତ) (ସଂ. ଚଣ୍ଡ)—ଅଣ୍ଡିରା ମଇଁଷି—
Chenda A male buffalo.

ବିଣ.—ଯୁବା ବୟସ୍କ—Youthful.

ଚେଣ୍ଡିଆ—ପ୍ରାଦେ. (ଗଡ଼ଜାତ) ବିଣ. (ସଂ. ଚଣ୍ଡ)—ନବଯୁବା—
Chendia Youthful (person); of blooming youth.

ଚେତ୍—ସଂ. ଅ.—(ଚିତ୍ ଧାତୁ=ଜାଣିବା+କର୍ତ୍ତୃ. କ୍ୱିପ୍)—୧ । ଯଦି—
Chet 1. If.

୨ । କଦାଚିତ୍—2. If ever.

[ଦ୍ର—ଏ ଶବ୍ଦର ଓଡ଼ିଆରେ ସ୍ୱତନ୍ତ୍ର ବ୍ୟବହାର ନାହିଁ; କିନ୍ତୁ ସଂ. ନୋଚେତ୍, ନଚେତ୍ ଶବ୍ଦମାନ ଓଡ଼ିଆରେ ବ୍ୟବହୃତ ହୁଏ ।]

ଦେ. ବି. (ସଂ. ଚେତନ)—୧ । ବିବେଚନା—
1. Thought; reasoning.

୨ । ସଂଜ୍ଞା; ଜ୍ଞାନ—2. Consciousness.

ଚେତ—ଦେ ବି. (ସଂ. ଚେତସ୍)—୧ । ଚେତ; ଜ୍ଞାନ—
Cheta 1. Consciousness.
চেত
चेत
୨ । ଜାଗରଣ—
2. Awakening.

୧	ଇ	ଉ	ର,ର୍‌	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଛ
୨	ଈ	ଊ	ରୁ	ଲୁ	ଯ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଓ	ନ୍

୩ । ଇଚ୍ଛା; ମନ—3. Mind; wish.

ଚେତ ମୋ ଯେବେ ନ ବଳେ ଅଲକୁ । ଜଦୁମଣି. ସଙ୍ଗୀତ ।

୪ । ସାବଧାନତା; ହୁସିଆର—
4. Carefulness; caution.

୫ । ସ୍ମରଣ; ଖିଆଲ—5. Remembrance; memory.

ଚେତଃ—ସଂ. ବି. (ଚିତ୍ ଧାତୁ+କର୍ତ୍ତୃ. ଅସ୍; ଚେତସ୍ ଶବ୍ଦ)—
Chetaḥ ୧ । ମନ; ଅନ୍ତଃକରଣ; ଚିତ୍ତ—1. Mind; heart.
୨ । ଜ୍ଞାନ—2. Knowledge.
୩ । ଚିତ୍ତବୃତ୍ତି—3. Reasoning faculty.
୪ । ଚୈତନ୍ୟ—4. Consciousness.
୫ । ଆତ୍ମା—5 Soul

ଚେତକ—ସଂ. ବିଣ. (ଚିତ୍ ଧାତୁ+କର୍ତ୍ତୃ. ଅକ)—୧ । ଯେ ସ୍ମରଣ
Chetaka କରାଏ—One who reminds; reminding.
୨ । ଯେ ଚେତନା ଜନ୍ମାଏ—2. One who restores consciousness.
୩ । ଯାହା କର୍ତ୍ତବ୍ୟାକର୍ତ୍ତବ୍ୟବୋଧ ଜନ୍ମାଏ—
3. That which arouses one's conscience.

ଚେତକୀ—ସଂ. ବି. ସ୍ତ୍ରୀ. (ଚେତକ+ସ୍ତ୍ରୀ. ଈ)—୧ । ବୈଦ୍ୟଶାସ୍ତ୍ରୋକ୍ତ
Chetakī ସୁଗନ୍ଧଯୁକ୍ତ ହରିଡ଼ା—A kind of sweet-scented myrobalan.

[ହି—କଥିତ ଅଛି ଯେ ଏ ହରିଡ଼ାକୁ ହାତରେ ଧଇଲେ ବା ଉକ୍ତ ଗଛର ତଳକୁ ଗଲେ ଲୋକର ଝାଡ଼ା ହୋଇ ଯାଏ; ଏ ପ୍ରକାର ହରିଡ଼ା ଉପରେ ୩ଟି ରେଖା ଥାଏ । ଏ ହରିଡ଼ା ଆଜିକାଲି ମିଳେ ନାହିଁ । (ହି. ଶବ୍ଦସାଗର)]

୨ । ଜାଇଫୁଲ; ଜାତିପୁଷ୍ପ—2. Jasminum Grandifloria.
୩ । ଶ୍ରୀରାଗର ସ୍ତ୍ରୀ ରାଗିଣୀ ବିଶେଷ (ହି. ଶବ୍ଦସାଗର)—
1. A kind of secondary tune.
୪ । ହରିଡ଼ା (ହି. ଶବ୍ଦସାଗର)—4. Myrobalan.

ଚେତନ—ସଂ. ବି. (ଚିତ୍ ଧାତୁ+କର୍ତ୍ତୃ. ଅନ)—୧ । ଆତ୍ମା—
Chetana 1. Soul.
୨ । ଜୀବ; ପ୍ରାଣୀ—2. Animal.
୩ । ଚିତ୍ତ—3. Heart; mind.
୪ । (+ଭାବ. ଅନ) ଚେତନା; ଜ୍ଞାନ—
4. Consciousness; perception.

କ୍ଷଣକେ ହୋଇ ହତଜ୍ଞାନ,
କ୍ଷଣକେ ଲଭଇ ଚେତନ । ଜଗନ୍ନାଥ. ଭାଗବତ ।

ବିଣ.—୧ । ଚେତନାଶାଳୀ; ସଜୀବ—
ଚେତନତା } ବି. 1. Animate; sentient; intelligent.
ଚେତନତ୍ୱ }
୨ । ଜାଗ୍ରତ; ହୁସିଆର; ସାବଧାନ—
2. Wakeful; on one's guard.

ଦେ. ବି—ଜୀବନ—Life

ବ୍ୟାଧ କହିଥାଇ ଜୀବନ ହରଣେ କେହୁ ଚେତନ ରହୁଛ ଏହୁ କଥନ ହେଉ ସେ ।
ଭଞ୍ଜ. ବୈଦେହୀଶବିଳାସ ।

ଚେତନକୀ—ସଂ. ବି. ସ୍ତ୍ରୀ. (ଚେତନ+ସ୍ୱାର୍ଥେ କ+ଈ)—
Chetanakī ଚେତକୀ ୧ (ଦେଖ)
Chetakī 1 (See).

ଚେତନ ପଦାର୍ଥ—ସଂ. ବି—ଜୀବ; ଯାହାର ଜୀବନର ଅନୁଭୂତି ଅଛି—
Chetana padārtha A sentient or living being.

ଚେତନା—ସଂ. ବି. (ଚେତନ+ଆ)—୧ । ସଂଜ୍ଞା; ଜ୍ଞାନ; ଅନୁଭୂତି;
Chetanā ଚୈତନ୍ୟ—1. Sensation; consciousness.
୨ । ବୃତ୍ତି—2. Inward perception.
୩ । ଜୀବନ—3. Animation.
୪ । ମନ—4. Mind.
୫ । ଜାଗରଣ; ନିଦ୍ରାଭଙ୍ଗ—5. Awakening.
୬ । ସ୍ମୃତି—6. Remembrance.

ଚେତନାହୀନ—ସଂ. ବିଣ. (ଅସ୍ମା ତତ୍; ଚେତନା+ହୀନ)—
Chetanā-hīna ୧ । ଜଡ଼ୀବ—1. Inanimate.
୨ । ସଂଜ୍ଞାହୀନ—2. Unconscious; insensible.

ଚେତନୀୟ—ସଂ. ବିଣ. (ଚିତ ଧାତୁ+କର୍ମ ଅନୀୟ)—ଜାଣିବା ଯୋଗ୍ୟ—
Chetanīya Knowable.

ଚେତ ପଶିବା—ଦେ. ବି—୧ । ସାବଧାନ ହେବା; ହେଜ ହେବା—
Cheta pasibā 1. Becoming careful.
চেতহওয়া ୨ । ଚେତା ପଶିବା (ଦେଖ)—
चैतनहोना 2 Chetā pasibā (See)

ଚେତବ୍ୟ--ସଂ. ବିଣ. (ଚି ଧାତୁ+କର୍ମ ତବ୍ୟ)—ଚୟନ କରିବା ଯୋଗ୍ୟ--
Chetabya Fit to be plucked or gathered.

ଚେତସ୍—ସଂ. ବି—ଚେତଃ (ଦେଖ)
Chetas Chetaḥ (See)

ଚେତା—ଦେ. ବି. (ସଂ. ଚେତଃ)—୧ । ଚେତନା; ଚୈତନ୍ୟ; ହୋସ୍;
Chetā ଜ୍ଞାନ—1. Consciousness
চৈতন্য ଚେତା ଅଛ ପର କଛ, ପଶୁତ ତ ହେଉଅଛ ।
चेत ବଳବନ୍ତୁର୍ଥ୍ୟ. କଣୋରଚନ୍ଦ୍ର ଚ. ଗୀତ ।
୨ । ଜାଗରଣ—2. Awakening; watchfulness.
୩ । ସ୍ମରଣ—3. Remembrance.
সজাগ ବିଣ—୧ । ଜାଗ୍ରତ; ଗତତନ୍ଦ୍ର—
होसिआर 1. Awakened from sleep; watchful.
୨ । ମୋହରୁ ବିମୁକ୍ତ—2. Free from illusion.
୩ । ହୋସ୍ ଥିବା (ବ୍ୟକ୍ତି)—3. Conscious (person).

ଚେତାଇବା—ଦେ. କ୍ରି. (ଚିତ୍ ଧାତୁର ଣିଚ=ଚେତ ଧାତୁ; ଚେତିବାର
Chetaibā ଣିଜନ୍ତ ରୂପ)—୧ । ଅନ୍ୟକୁ ସ୍ମରଣ କରାଇବା—
চিতান; চেতান; চিয়ান 1. To remind a person.
चिताना ଲଜ୍ଜା ହେଉଛି ତାହାକୁ, ଚେତାଇବାର ଅସୂକ୍ତ ସିନା ମୋ ନାହାକୁ ।
ଭଞ୍ଜ. ପ୍ରେମସୁଧାନିଧି ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ, 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

(ଚେତେଇବା—ଅନ୍ୟରୂପ) ୨ । ସତର୍କ କରିବା— 2. To caution a person.

୩ । ନିଦ୍ରାରୁ ଉଠାଇବା— 3. To awaken a person from sleep.

୪ । ଜ୍ଞାନ ଉଦୟ କରିବା; ବହୁକାଳ ମନେ ରହିଲା ଭଳି ଶିକ୍ଷା ଦେବା—4. To teach a lesson which will last in the mind for some time to come.

ଦୁଷ୍ଟଙ୍କୁ ଦଣ୍ଡ ବାଞ୍ଛାବର
ଚେତାଇ ଦେଲ ଉତ୍ତମ୍ବିର । ଭୂପତି. ପ୍ରେମପଞ୍ଚାମୃତ ।

୫ । ପୁନରୁଜ୍ଜୀବିତ କରିବା— 5. To bring one to senses.

୬ । ଆଳସ୍ୟ ଛଡ଼ାଇବା; ଉତ୍ତେଜିତ କରିବା— 6. To excite; to stimulate.

୭ । ଚେତିବା; ସ୍ମରଣ କରିବା— 7. To remember; to recollect.

ଚେତିଲେ କୃଷ୍ଣଙ୍କୁ ଚେତାଇ
ଡାକିଲେ ବେଦାନ୍ତ ମିଶାଇ । ଭୂପତି. ପ୍ରେମପଞ୍ଚାମୃତ ।

ଚେତାଉଣି—ଗ୍ରା. ବି. (ସଂ. ଚିତ୍ ଧାତୁ)—ଚେତାନି (ଦେଖ)
Chetāuṇi — Chetāni (See)
चेतावनी

ଚେତା କରାଇବା—ଦେ. କ୍ରି—ଅଚେତନ ଲୋକର ଚେତନା ଆଣିବା—
Chetā karāibā — To restore a person to consciousness.
জাগান
होस दिलाना
(ଚେତା କରିବା—ଅନ୍ୟରୂପ)

ଚେତା ଚଇତନ—ଗ୍ରା. ବି. (ସହଚର)—ଚେତନା—
Chetā chaitana — Consciousness.
চেতাচৈতন্য
होसहवास

ଚେତାନି—ଦେ. ବି (ସଂ. ଚିତ୍ ଧାତୁ)— ୧ । ସତର୍କ କରିବା—
Chetāni — 1. Making one watchful.
চিতানি
चितानी
୨ । ନିଦରୁ ଉଠାଇବା—2. A wakening.
୩ । ଉତ୍ତେଜନା—3. Exciting; stimulating.
୪ । ସ୍ମରଣ କରାଇବା—4. Reminding.

ଚେତା ପଶିବା—ଦେ. କ୍ରି—୧ । ହଠାତ୍ କୌଣସି ବିଷୟରେ ସତର୍କତା ବା ଜ୍ଞାନର ଉଦୟ ହେବା—1. Becoming suddenly conscious or cautious.
Chetā paśibā
জ্ঞানআঁসা
होसआना
୨ । ସଂଜ୍ଞା ଲାଭ କରିବା—2 Being restored to consciousness.
(ଚେତା ବଳିବା, ଚେତା ହେବା—ଅନ୍ୟରୂପ)

ଚେତା ବୁଡ଼ିବା—ଦେ. କ୍ରି (ରୋଗାଦି ହେତୁରୁ) ବାହ୍ୟଜ୍ଞାନର ଲୋପ ହେବା—Loss of consciousness.
Chetā burḍibā
জ্ঞানলোপ হওয়া
होस डुबना

ଚେତା ହେବା—ଦେ. କ୍ରି—ସଚୈତନ୍ୟ ହେବା; ଚେତନ ଅବସ୍ଥାକୁ ଆସିବା—To come to one's senses.
Chetā hebā
ଦେ. କ୍ରି—ଚେତା ପଶିବା (ଦେଖ)
Chetā paśibā (See)

ଚେତାଳ—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ଚେତନ)—୧ । ଜାଗ୍ରତ—
Chetāḷa — 1. Watchful; wakeful.
হোসিআর
होशिआर
୨ । ଯେ ଆଗ ପଛ ବିଚାରି କାର୍ଯ୍ୟ କରେ— 2. Circumspect.
୩ । ହୁସିଆର; ସତର୍କ; ସାବଧାନ— 3 Cautious; careful.
୪ । ବ୍ୟୟ ସମ୍ବନ୍ଧରେ ସାବଧାନ—4 Provident.

ଯୋଗାଣାଳ, ଉଦ୍ଭାଳ, ରୂଅ ହେନ୍ତାଳ, ଚଣ୍ଡି ବେତାଳ,
ଧରଣୀ ଚେତାଳ, ତେବେ ସେ ସବୁ ଯାଏ ଅପାରକାଳ । ଭଗ ।

ଚେତିତ—ସଂ. ବିଣ (ଚିତ୍ ଧାତୁ ଣିଚ=ଚେତି ଧାତୁ+କର୍ମ. ତ)—
Chetita
୧ । ଜ୍ଞାପିତ—1. Informed.
୨ । ଜାଗ୍ରତ—2. Awakened.

ଚେତିବା—ଦେ. କ୍ରି (ସଂ. ଚିତ୍ ଧାତୁ)—୧ । ନିଦରୁ ଉଠିବା—
Chetibā — 1. To wake up from sleep.
চিআ
चेता

ଚେତି ଚଉଦିଗ ଚାହିଁଲା ଜଣି ଜାଗେ ପାଶେ ନାହିଁ ଦିବ୍ୟ ତରୁଣ ।
ଉପେ. ଲାବଣ୍ୟବତୀ ।

୨ । ଚେତିବା; ସ୍ମରଣ କରିବା—2 To recollect.

ଚେତି ପାଇଲେ ନିଜ ଜ୍ଞାନ, ଜାଣିଲେ କୃଷ୍ଣ ଭଗବାନ । ଭୂପତି. ପ୍ରେମପଞ୍ଚାମୃତ ।

୩ । ଇନ୍ଦ୍ରିୟଦ୍ୱାରା ଜାଣିବା— 3. To perceive; to be conscious.
୪ । ସତର୍କ ହେବା—4. To be cautious.

ଚେତିଲ ନାହିଁ ସବୁ କରେ—ଭଗ ।

୫ । ଜାଣିବା—5. To know; to realise.

ମୋତେ ତୁଚ୍ଛାକର ଜାଣିଲେ ମୁଁ ନଗର ଖର ଛପୁଁ ଚେତି ଲାଗେ ଜରଜର ।
ଉପେ. ପ୍ରେମସୁଧାନିଧି

୬ । ମନେ ରଖିବା— 6. To remember.

ଦୂରକର ହାପରକୁ ଚେତ—କବିସୂର୍ଯ୍ୟ., ରତ୍ନାକରଚମ୍ପୂ, ତ ଗୀତ ।

ପ୍ରାଦେ (ସମ୍ବଲପୁର) କ୍ରି—ଚେଇଁବା; ଜାଗ୍ରତ ହେବା— To watch up; to keep awake.

[ଚେତା(ତେ)ଇବା—ଣିଜନ୍ତରୂପ]

ଚେତୁଆ—ଦେ. ବିଣ—୧ । ଜାଗରୁକ—
Chetuā — 1. Watchful,
୨ । ସତର୍କ—2. Cautious.
(ଚେତୁଆଳ - ଅନ୍ୟରୂପ) ୩ । ଯେ ଅନୁଭବଦ୍ୱାରା ଜ୍ଞାନ ଲାଭ କରେ— 3. Profiting by experience.

ଚେତୋଇବା—ଦେ. କ୍ରି. (ସଂ. ଚେତୋଇବା)—
Chetoibā
୧ । ଚେତାଇବା (ଦେଖ)
1. Chetāibā (See)
চিয়ান

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଋ
୨	ଈ	ଊ	ରୁ	ଲୃ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍ତ

चेताना ୨ । ସ୍ମରଣ କରିବା; ଚେତାଇବା—2. To recollect
ଚେତିଲେ ଯାହା ବୋଲେ ଲଇ ସକଳ
ଚେତୋଭ ନାହିଁ ସେ ରସକୁ ଅଜ—ଉପେନ୍ଦ୍ରଭଞ୍ଜ. କବଡା ।

ଚେଦି—ସଂ. ବି (ନାମ)—ପ୍ରାଚୀନ ଭାରତର ରାଜ୍ୟବିଶେଷ; ଶିଶୁପାଳର
Chedi ରାଜ୍ୟ; ଚନ୍ଦେଲ (ଆଧୁନିକ ବୁନ୍ଦେଲଖଣ୍ଡ)—
(ଚୈଦ୍ୟ; ଚେଦୀ—ଅନ୍ୟରୂପ) Name of a kingdom of ancient India (modern Bundelkhand).

ଚେଦିପତି—ସଂ. ବି (୬ଷ୍ଠୀ ତତ୍; ଚେଦି+ପତି)—ଶିଶୁପାଳ—
Chedipati King Śiśupāla.

ଚେଦିରାଜ, ଚେଦୀଶ୍ୱର }—ଅନ୍ୟରୂପ

ଚେଦୀ (ଇତ୍ୟାଦି)—ସଂ. ବି—ଚେଦି ଇତ୍ୟାଦି (ଦେଖ)—
Chedī (etc) Chedi etc (See)
ଅସଲ୍ ଅମିଛଚେଦୀ ଚେଦୀ ମହୀପାଳରେ—ରାଧାନାଥ. ମହାଯାତ୍ରା ।

ଚେନ୍—ବୈଦେ. ବି (ଇଂ ଚେନ୍) – ୧ । ଜଞ୍ଜିର; ଶିକୁଳି—
Chen 1. Chain.
चेन ୨ । କୁର୍ତ୍ତିରେ ପକେଟ-ଘଡ଼ି ଝୁଲାଇବା ଶିକୁଳି—
चेन; चेइन् 2. Watch-chain.
ନବ୍ୟ ଘଡ଼ି ଚେନ୍ ପ୍ରାଚୀନ କୁଣ୍ଡଳ—ରାଧାନାଥ. ଦରବାର ।
୩ । ଭୂମି ମାପିବା ଶିକୁଳି; ଜରିବ—
3. Gunter's chain; a chain to measure land.
[ଦ୍ର—୧ ଚେନ୍=୧୦୦ ଲିଙ୍କ୍=୬୬ ଫୁଟ । ଦୀର୍ଘରେ ୧୦ ଚେନ୍ ଓ ପ୍ରସ୍ଥରେ ୧୦ ଚେନ୍ ହେଲେ ଜମିର ବର୍ଗଫଳ ଏକ ଏକର ବା ୨୪ ବିସ୍ୱାରେ ୧ ମାଣ ହୁଏ । ଦୀର୍ଘ ୧ ଚେନ୍ ପ୍ରସ୍ଥ ୧ ଚେନ୍=୧୦ ଡେସିମଲ୍ ବା ୨୪ ଗୁଣ୍ଠ । ପ୍ରତି ଚେନ୍‌ରେ ୧୦୦ଟି କାଠି (ଲିଙ୍କ୍) ମୁଦଅ ଦ୍ୱାରା ପରସ୍ପର ସହିତ ଯୁକ୍ତ ହୋଇଥାଏ ।]

ଚେନ୍‌ମାପ—ଦେ. ବି—ଚେନ୍ ସର୍ଭେ (ଦେଖ)—
Chen-māpa Chen-sarbhe (See)

ଚେନ୍‌ମେନ୍—ବୈଦେ. ବି (ଇଂ. ଚେନ୍‌ମ୍ୟାନ୍)—୧ । ଜମି ମାପ ବେଳେ
Chen-men ଜଞ୍ଜିରକୁ ଭୂମିରେ ଟାଣିବା ମୂଲିଆ —1. Chain-
চেইনমেন্ man; a cooly who drags the chain
चेनमेन through a field.
୨ । ଓଡ଼ିଶାରେ କାନୁନଗୋମାନଙ୍କ ସଙ୍ଗେ ନିଯୁକ୍ତ ସରକାରୀ ପିଅନ୍—2. The peon accompanying a Kanungo in Orissā.

ଚେନ୍ ଲାଇନ୍—ବୈଦେ. ବି (ଇଂ. ଚେନ୍ ଲାଇନ୍)—୧ । ମାପ କରିବା
Chen lāin ପାଇଁ ଭୂମିରେ ଯେଉଁ ବାଟେ ଚେନ୍ ଓଟରାଯାଏ—
চেইন্ লাইন 1. Chain-line; a line on the field
चेनलाइन during chain-measurement.
୨ । ମାପ କରିବାବେଳେ ଯେଉଁ ବାଟେ ଚେନ୍ ଓଟରାଯାଇ ଥାଏ, ନକସାରେ ତହିଁର ଚିହ୍ନ—2. A chain-line shown on the map.

ଚେନ୍ ସର୍ଭେ—ବୈଦେ. ବି (ଇଂ)—ଲୁହା ଶିକୁଳି ସାହାଯ୍ୟରେ ଆଧୁନିକ
Chen-sarbhe ପ୍ରଣାଳୀଦ୍ୱାରା ଜମି ମାପିବାର ପ୍ରକ୍ରିୟା —
চেইনসর্ভে Chain-survey.
चेनसर्वे

ଚେନା—ଦେ. ବି—୧ । କ୍ଷୁଦ୍ର ଲମ୍ବ ଖଣ୍ଡ (ଯଥା ଜମିର)—
Chenā 1. A small narrow strip.
धजी ୨ । ଅତି କ୍ଷୁଦ୍ର ଖଣ୍ଡ—2. A very small piece.
ଦେ. ବିଣ—ଅତି କ୍ଷୁଦ୍ର—Very small.

ଚେନାଇବା—ଦେ. କ୍ରି—(ସଂ. ଛିନ୍ନ) ୧ । କାଠରୁ ଛାଲି ବାହାର
Chenāibā କରିବା—1. To take out the rind or
চেলান bark from wood.
चीरना ୨ । କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ କରିବା; ଟୁକ୍‌ଟୁକ କରି ଚିରିବା—
2. To tear into pieces; to split into thin strips or splinters.
(ଚେନେଇବା—ଅନ୍ୟରୂପ)

ଚେନାଏଁ—ଦେ. ବି ଓ ବିଣ—ଅତି କ୍ଷୁଦ୍ର (ଖଣ୍ଡ)—
Chenāeṅ A very small strip of.
(ଯଥା—ଚେନାଏଁ ଜାଗା, ଚେନାଏଁ ଜମି ।)

ଚେନାଚେନା କରିବା—ଦେ. କ୍ରି—ଚେନାଇବା (ଦେଖ)—
Chenāchenā karibā Chenāibā (See)

ଚେନାପଟ୍ଟମ୍—ଦେ. ବି (ନାମ)—ମାନ୍ଦ୍ରାଜ—
Chenāpaṭam Madras.

ଚେନି (ଇତ୍ୟାଦି)—ଗ୍ରା. ବି—ଚିନି ଇତ୍ୟାଦି (ଦେଖ)—
Cheni (etc) Chini etc (See)

ଚେନ୍ଦ୍ରି—ପ୍ରାଦେ (ସମ୍ବଲପୁର) ବି (ସଂ. ଚୀର)—୧ । କନା—
Chendri 1. A bit of cloth.
୨ । କନ୍ଥା—2. Rag; a bit of torne cloth.
ଘରେ ନାହିଁ ଚେନ୍ଦ୍ରି, ମୁଣ୍ଡ କୁରୁଛେ ବେନ୍ଦ୍ରି—ବ୍ୟଙ୍ଗ ପ୍ରବଚନ ।

ଚେପଟା (ଇତ୍ୟାଦି)—ଦେ. ବିଣ (ସଂ. ଚିପିଟ)—ଚେପ୍ଟା ଇତ୍ୟାଦି (ଦେଖ)
Chepaṭā (etc) Chep-ṭā etc (See)

ଚେପା—ଦେ. ବିଣ.—୧ । ଚେପ୍ଟା (ଦେଖ)
Chepā 1. Chep-ṭā (See)
চেপটা ୨ । ଯେଉଁ ପାତ୍ରାଦିର ଉପରି ପାଖ ଭିତରକୁ ପଶିଯାଇ ଥାଏ—
चिपटा 2. Pressed inside (e. g. a pot).
ପ୍ରାଦେ. (କଳାହାଣ୍ଡି) ବି.—ବାହୁଙ୍ଗିର ପେଟରେ ବନ୍ଧାଯିବା ପତଳା କାଠ ବା ବାଉଁଶ—A thin strip of wood or bamboo put in the inside of a bahungi.
ଗ୍ରା. ବି.—ପେଚା—Owl.

ଚେପ୍ଟା—ଦେ. ବିଣ. (ସଂ. ଚିପିଟ)—୧ । (ଉଚ୍ଚତା ପରି ଅଳ୍ପବିସ୍ତୃତ)
Chep-ṭā ପତଳା; ଚକଟା—1. Flattened; thin.
চাপটা, চেপটা ୨ । ଚେପା; ଯାହା ଭିତରଆଡ଼କୁ ଦବିଯାଏ—
चिपटा 2. Compressed; flat.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ବର୍ଣ୍ଣ ଠାରେ ଥାଇ ଏଡିଥିବା ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଥ' ନ ମିଳିଲେ 'କ୍ରୁଥ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଂକ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କତ' ନ ପାଇଲେ 'ଅଳଙ୍କୃତ' ଦେଖିବେ

ଚେପ୍ଟା ଢୋଲ— ପ୍ରାଦେ. (ସମ୍ବଲପୁର) ବି.—ଆଶ୍ୱିନ ମାସରେ ସମ୍ବଲପୁରରେ Chep-ṭā ḍhola ସମଲେଶ୍ୱରୀ ଠାକୁରାଣୀଙ୍କୁ ଭୋଗ କରିବା ଉପଲକ୍ଷରେ ବଜାଯିବା ଏକପ୍ରକାର ଢୋଲ—A kind of drum beat before Goddess Samaleśwarī of Sambalpur during the Durgā-pujā festival.

[ଦ୍ର—ଏ ଢୋଲ ଗୋଲାକାର । ମାତ୍ର ଏହାର ଗଠନ ଚେପ୍ଟା । ଏହାର ସ୍ୱର ଢୋଲର ସ୍ୱରଠାରୁ ଉଚ୍ଚତର । ଏହାକୁ ପୂଜା କରି ଓ ଓ ଫୁଲ ଚନ୍ଦନରେ ବିଭୂଷିତ କରି ଘାସୀମାନେ ବଜାନ୍ତି । ବଜାଉଥିବା ବେଳେ ଓ ବାଦ୍ୟନାଦରେ ଥରେ ଉତ୍ଥାନ ଓ ଛନ୍ଦାଣ କରାଯାଇ ଗୋଟିଏ ଗୋଟିଏ ଭରଣୀ ହୁଏ । ଏହିପରି ଷୋଳଟି ଭରଣୀ ବାଦିତ ହେଲେ କାଳସୀ (ବଳି) ଠାରେ ଠାକୁରାଣୀ ଭୋଗ ହୁଅନ୍ତି ।]

ଚେପ୍ଟାନାକା—ଦେ. ବିଣ. ପୁଂ.—(ସଂ. ଚିପିଟନାସିକ)—ଯାହାର ନାକ Chep-ṭā-nākā ଚେପ୍ଟା ବା ବସି ଯାଇଥାଏ— Flat-nosed.
চেপটানাকো
चिपटी नाक
(ଚେପ୍ଟାନାକୀ—ସ୍ତ୍ରୀ)

ଚେପ୍ଟାମୁହାଁ—ଦେ. ବିଣ. ପୁଂ.—ଯେଉଁ ବ୍ୟକ୍ତିର ମୁହଁ ଚଟକା— Chepṭā-muhāṅ Flat-faced.
চেপটা মুখ
(ଚେପ୍ଟାମୁହାଁ—ସ୍ତ୍ରୀ)

ଚେପ୍ଟି—ଦେ. ବି. (ଅଶ୍ଳୀଳ) (ସଂ. ଚିପିଟ=ଚେପଟା)—ଭଗ; ଯୋନି— Chepṭi Female organ.
चिपटी

ଚେପ୍ଟି ଲଢ଼େଇବା—ଦେ. (ଅଶ୍ଳୀଳ) କ୍ରି.—କାମାତୁର ଦୁଇ ଜଣ ସ୍ତ୍ରୀ Chep-ṭi laṛḍheibā ପୁରୁଷସଂସର୍ଗ ଅଭାବରେ ପରସ୍ପରକୁ ଆଲିଙ୍ଗନ ପୂର୍ବକ ପରସ୍ପର ଯୋନିଲିଙ୍ଗ ଘଷାଘଷି ହେବା—(two woman) To embrace each other and rub each other's organ in the absence of any other means of satiating lust.
चिपटिलेखना
चिपटी लड़ाना
(ଚେପ୍ଟି ଲଢ଼େଇ—ବି)

ଚେଭଡ଼ା—ଦେ. ବିଣ. ପୁଂ.—ହଠା; ଯେ ମନୁଷ୍ୟଙ୍କୁ ଅତିଶୟ ବିରକ୍ତ Chebharḍā କରେ—Teasing; vexatious.
(ଚେଭଡ଼ୀ—ସ୍ତ୍ରୀ)

ଚେଭଡ଼ାଇବା—ଦେ. କ୍ରି.—ଅତ୍ୟନ୍ତ ବିରକ୍ତ କରିବା— Chebharḍāibā To tease; to vex.
(ଚେଭଡ଼େଇବା—ଅନ୍ୟରୂପ)

ଚେଭରା—ଦେ. ବିଣ.—ଦାବୀ ଥିବାରୁ ଯେଉଁ ବ୍ୟକ୍ତି ବାରମ୍ବାର ମାଗେ— Chebharā. One who pressingly asks for his dues.
(ଚେଭରୀ—ସ୍ତ୍ରୀ)

ଚେମଟା—ଦେ. ବିଣ.—(ସଂ. କ୍ଷାମ)—୧ । ଅତି କ୍ଷୀଣ ବା ପତଳା— Chemaṭā 1. Very lean.
୨ । ଶୀର୍ଣ୍ଣ—2 Emaciated (Howells).

ଚେମଠା—ଦେ. ବିଣ.—ଚେମଡ଼ା (ଦେଖ)
Chemaṭhā Chemarḍā (See)

ଚେମଡ଼—ଦେ. ବିଣ. (ସଂ. ଚର୍ମ; ଚମ ପରି ଅଭଙ୍ଗପ୍ରବଣ)— Chemarḍa ୧ । ଯାଉସହ; କଠାଳିଆ; ଚମ ପରି ଟାଆଁସା—
চিমড়, চিমড়া 1 Tenacious; inflexible; tough.
चिमड़ा ୨ । ଯାହା ସହଜରେ ଛିଣ୍ଡେ ନାହିଁ—
2. Not fragile; in frangible.
୩ । ଯାହା ଲଇଁ ଯାଏ, ଭାଙ୍ଗେ ନାହିଁ—3. Pliant
୪ । ଦୁର୍ଦମନୀୟ—4. Pertinacious.
୫ । ଏକଗୁଁୟା ।—5. Obstinate.
ପ୍ରାଦେ. (ସମ୍ବଲପୁର) ବିଣ—ଅକ୍ଳାନ୍ତ—Untired.

ଚେମଡ଼ଚଟି—ଦେ. ବି. (ସଂ. ଚର୍ମଚଟକ)— Chemarḍachaṭi ଚମଚଟା (ଦେଖ) Chamachaṭā (See)

ଚେମଡ଼ଚଟିଆ
ଚେମଡ଼ଚଟୁ
ଚେମଡ଼ଚଟୁଆ } ଅନ୍ୟରୂପ
ଚେମଡ଼ଚେଟୁ
ଚେମଡ଼ଚେଟୁଆ

ଦେ. ବିଣ—ଯେ କୌଣସି ବିଷୟରେ ଅତି ଜିଦ ବା ଅଳି କରେ (ହି. ଶବ୍ଦସାଗର)—Importunate.

ଚେମଡ଼ା ଲଇ—ଦେ. ବି— ଶାରିବା (ଦେଖ) Chemarḍā lai Śāribā (See)

ଚେମଡ଼ିଲଇ
ଚେମିଡ଼ିଲଇ } ଅନ୍ୟରୂପ
ଚେମେଡ଼ଲଇ

ଚେମଣାବାବୁ—ଦେ. ବି. (ନାମ)—ନାଗପୁର ମରହଟ୍ଟା ରାଜା ମାଧୋଜୀ Chemaṇābābu ଭୋଁସଲାଙ୍କ ସାନ ଭାଇ—The younger brother of Mādhoji Bhoṅsalā, the Marhatta ruler of Nagpur.

[ଦ୍ର—ମାଧୋଜୀ ଏହାଙ୍କୁ ଢେଙ୍କାନାଳ ବିଦ୍ରୋହ ଦମନ କରିବା ଓ ବଙ୍ଗପ୍ରଦେଶ ଆକ୍ରମଣ କରିବା ପାଇଁ ପଠାଇଥିଲେ । ଢେଙ୍କାନାଳର ରାଜା ତ୍ରିଲୋଚନଙ୍କ ସଙ୍ଗେ ଏହାଙ୍କର ଯୁଦ୍ଧ ହେବା ପରେ ସନ୍ଧି ସ୍ଥାପିତ ହୋଇଥିଲା (ଖ୍ରୀ. ଅ, ୧୭୫୮) । ବ୍ରଜନାଥ ବଡ଼ଜେନା ସମରତରଙ୍ଗରେ ଢେଙ୍କାନାଳ ରାଜାଙ୍କ ଯୁଦ୍ଧ ବିଷୟ ବର୍ଣ୍ଣନା କରିଅଛନ୍ତି ।]

ଚେମଣି—ଦେ. ବି. (ସଂ. ଚର୍ମଚଟକ)—ଚେମଣି ଚଢ଼େଇ— Chemaṇi The house-bat.
চামচিক
चमगादड़
(ଚେମଣିଆ, ଚେମିଣି, ଚେମେଣୀ—ଅନ୍ୟରୂପ)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଙ୍ଗ	ଶ,ଷ	ଜ୍ଞ	ଇଅ	ଉଅ	ଣ
?	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଜ୍ଞ	ନ୍ତ

ଚେମଣି ଲଇ—ଦେ. ବି—ଶାରବା (ଦେଖ)
Chemaṇi lai Śāribā (See)
(ଚେମିଣି ଲଇ—ଅନ୍ୟରୂପ)

ଚେମର୍—ପ୍ରାଦେ. (ସମ୍ବଲପୁର) ବିଣ—୧ । ଚେମଡ଼ା—
Chemar 1. Tenacions.
୨ । ଅକ୍ଳାନ୍ତ—2. Untired.

ଚେମରଚଟି—ଦେ. ବି. (ସଂ. ଚର୍ମଚଟକ)—
Chemara-chaṭi ଚମଚଟା (ଦେଖ)
Chama-chaṭā (See)
ଚେମରଚଟିଆ
ଚେମରଚଟୁ } ଅନ୍ୟରୂପ ବିଣ—ଚେମଡ଼ାଚଟି (ଦେଖ)
ଚେମରଚଟୁଆ Chemar̤dachaṭi (See)

ଚେମା—ଦେ. ବି—ଏକପ୍ରକାର କଉଡ଼ି ଖେଳ—A kind of game
Chemā at hazards with five Kaur̤dis-
[ଦ୍ର—ଏ ଖେଳକୁ ଅଠପଟିଶ ଖେଳ ମଧ୍ୟ କୁହାଯାଏ । ଏଥିରେ ଦୁଇ ବା ଚାରିଜଣ ଖେଳାଳି ପାଞ୍ଚକଟି କଉଡ଼ି ମୁଠାଇ ଉ ଭୂମିରେ ପକାଇ ତାହାର ଅନୁସାରେ ଦାନ ଗଣି ଖେଳନ୍ତି ।]

ଚେମଡ଼ି ଲଇ—ଦେ. ବି—ଶାରବା (ଦେଖ)
Chamar̤di lai Śāribā (See)

ଚେମିଣି—ଦେ. ବି (ସଂ. ଚର୍ମଚଟୀ)—
Chemiṇi ଚମଚଟା (ଦେଖ)
(ଚେମେଣି—ଅନ୍ୟରୂପ) Chamachaṭā (See)

ଚେମ୍ବର୍—ପ୍ରାଦେ. (ସମ୍ବଲପୁର) ବିଣ—ଚେମଡ଼ା (ଦେଖ)
Chembar Chemar̤da (See)
चेम्बर ବୈଦେ. (ଇଂ.) ବି—୧ । କୋଠରି—
चैंबर 1. Chamber; room.
(ଯଥା—ବେଡ୍‌ଚେମ୍ବର୍=ରାଜାଙ୍କ ଶୟନମନ୍ଦିର ।)
୨ । ହାକିମମାନଙ୍କ ଅଫିସ୍‌ସଂଲଗ୍ନ ଖାସ୍ କାମରା—
2. The chamber of an official.
୩ । ବାରିଷ୍ଟର ଓ ଓକିଲମାନଙ୍କର ଖାସ୍ ବୈଠକଖାନା ବା ଅଫିସ୍—3. The sitting room or office of a barrister or pleader.
[ଦ୍ର—କେତେକ ସଭା ବା ସଂଘକୁ ମଧ୍ୟ ଚେମ୍ବର୍ ନାମ ଦିଆଯାଏ । ଯଥା—**ଚେମ୍ବର୍** ଅଫ୍ କମର୍ସ, ଅପର୍ ଚେମ୍ବର୍, ଚେମ୍ବର୍ ଅଫ୍ ପ୍ରିନ୍ସେସ୍ ।]

ଚେମ୍ବର୍ ଅଫ୍ କମର୍ସ—ବୈଦେ. ବି. (ଇଂ)—ପ୍ରାଦେଶିକ ବଣିକ ସଂଘ—
Chember of kamars The Chamber of Commerce.
चेम्बर **अफ्** कमर्स
चैंबर अफ् कामर्स

ଚେମ୍ବର୍ ଅଫ୍ ପ୍ରିନ୍ସେସ୍—ବୈଦେ. ବି. (ଇଂ)—ଭାରତର ଭାଇସରୟଙ୍କ
Chember af prinses ସଭାପତିତ୍ୱରେ ଗଠିତ ଦେଶୀୟ
ରାଜନ୍ୟବର୍ଗଙ୍କ ସଭା; ରାଜେନ୍ଦ୍ରମଣ୍ଡଳ—
The Chamber of Princes.

ଚେମ୍ବର୍ଲେନ୍—ବୈଦେ. ବି. (ଇଂ)—ରାଜାଙ୍କ ଶୟନମନ୍ଦିରରେ ରାଜା
Chemberlen ଶୋଇଲା ବେଳେ ତାଙ୍କୁ ଜଗିବା **ବ୍ୟକ୍ତି ବା ପ୍ରହରୀ**—
Chamberlain.

ଚେମ୍ବର୍ସ ଡିକ୍ସନାରି—ବୈଦେ. ବି. (ଇଂ)—ଇଂରାଜୀ ପଢ଼ୁଥିବା ଭାରତୀୟ
Chembers diksināri ବାଳକବାଳିକାମାନଙ୍କ ବ୍ୟବହୃତ
ଚେମ୍ବର୍ସ ନାମକ ସାହେବଙ୍କ ସଙ୍କଳିତ ଇଂରାଜୀ ଭାଷାକୋଷ-
A dictionary of the English language compiled by Mr. Chambers.

ଚେମ୍ବଲ୍—ଦେ. ବି. (ନାମ) (ସଂ. ଚର୍ମଣ୍ୱତୀ)—
Chembal ଚମ୍ବଲ୍ (ନଦୀ) (ଦେଖ)
Chambal (river) (See)

ଚେୟ—ସଂ. ବିଣ. (ଚି ଧାତୁ=ସଂଗ୍ରହ କରିବା + କର୍ମ. ଯ)—
Cheya ଚୟନଯୋଗ୍ୟ—
(ଚେତବ୍ୟ—ଅନ୍ୟରୂପ) Fit to be plucked.

ଚେୟାଡ଼—ଦେ. ବି. (ସଂ. ଶର)—୧ । ଶର—
Cheyār̤da 1. Arrow.
চিআর ୨ । ଅସ୍ତ୍ର—2. Weapon.
तीर ୩ । ଅସ୍ତ୍ର ରୂପେ ବ୍ୟବହୃତ ବାଉଁଶପାତିଆ—
3. Sharp bamboo-splinter used as a weapon of offence.

ଚେର୍ପି—ପ୍ରାଦେ. (ମେଦିନୀପୁର) ବି—ଚର୍ବି (ଦେଖ)—
Cher-pi Charbi (See)

ଚେର—ଦେ. ବି—୧ । (ସଂ. ଚର ଧାତୁ=ଗତି କରିବା; ଯାହା ଭୂମି
Chera ମଧ୍ୟକୁ ଗତି କରେ; କିମ୍ବା ସଂ. ଚୂଡ଼ା)—ବୃକ୍ଷମୂଳରୁ
শিকড়; জড় ଭୂମିଭିତରକୁ ଭେଦ କରିଥିବା ଲମ୍ବ ସୂକ୍ଷ୍ମ ବକ୍ର ବକ୍ର ଅଂଶ—
जड़ 1. Root of a tree.

ମାୟା ଚେର ଚଳେ ଭେଦିବ ଯେତେ,
ଅନ୍ତକ ଉଗଡ଼େ ଝିଙ୍କିବ ତେତେ ହିଁ । ଜଗନ୍ନାଥ. ଦରବାର ।

চুঁচী; বাঁট ୨ । (ସଂ. ଚୀର) ପଶୁସ୍ତନର ଅଗ୍ରଭାଗ; ଚିର—
थन; चुँचो 2. The nipple or teat of the udder of a beast; the dug of a beast.

ଷୋଳ ଚେର ଗାଈ ବଛ ଛପନ । ପ୍ରାଚୀ. ପରଚେ ଗୀତା ।

আঁশ ୩ । ପାଚିଲା ଆମ୍ବ, ତାଳ ଆଦି ଫଳମାନଙ୍କ ମଧ୍ୟରେ ଥିବା
रेसा ସୂକ୍ଷ୍ମ ତନ୍ତୁ—3. Tough fibres found in some ripe mangoes and palm fruits.
୪ । (ନାମ) ପ୍ରାଚୀନ ଭାରତର ରାଜ୍ୟବିଶେଷ (ଏହାର ଉତ୍ତରରେ କର୍ଣ୍ଣାଟ, ଦକ୍ଷିଣରେ ସମୁଦ୍ର ଓ ପଶ୍ଚିମରେ କେରଳ ରାଜ୍ୟ ଥିଲା)—4. Name of an ancient kingdom in South India.
୫ । (ଲକ୍ଷଣାର୍ଥ) ବଂଶଧର; ସନ୍ତାନ ସନ୍ତତି—
5. (figurative) Descendent; offspring

ସାଧାରଣ ଲୋକେ ଅନେକ ସ୍ଥଳରେ ସଢ଼ିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ୱରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଡ଼' ନ ମିଳିଲେ 'ଗାଡ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଙ୍ଗୀ ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

(ଯଥା—ସାଆନ୍ତର ବଂଶର କେହି ହେଲେ ଚେର ରହିଲା ନାହିଁ ।)

୬ । (ଲକ୍ଷଣାର୍ଥ) ସମ୍ପର୍କ—
6. (figurative) Connection; relation.

ଚେର ଉପାଡ଼ିବା—ଦେ. କ୍ରି. (ଓ ଚେର+ସଂ. ଉତ୍ପାଟନ)—
Chera upārdibā ୧ । କୌଣସି ଗଛକୁ ଭୂମିରୁ ଟାଣି ତହିଁର
ଜଡ଼ উপড়া ମୂଳକୁ ଭୂମିମଧ୍ୟରୁ ଝିଙ୍କି ଆଣିବା;
जड़ उखाड़ना ମୂଳୋତ୍ପାଟନ କରିବା—
2. To root out a tree; to uproot.

୨ । (ଲକ୍ଷଣାର୍ଥ; ମୂଳ ଉପାଡ଼ିଲେ ଗଛ ମରିଯିବାରୁ) କୌଣସି ବ୍ୟକ୍ତିର ବା ବସ୍ତୁର ଉଚ୍ଛେଦ ସାଧନ କରିବା—
2. (figurative) To cause ruin or eradicate a person or thing.

ଚେର କାଟିବା—ଦେ. କ୍ରି—୧ । କୌଣସି ବୃକ୍ଷର ମୂଳକୁ କାଟିବା—
Chera kātibā 1. To cut the root of a tree.
শিকড় কাটা ୨ । (ଲକ୍ଷଣାର୍ଥ; ଚେର କାଟିଲେ ଗଛ
जड़ काटना ମରି ଯିବାରୁ) କୌଣସି ବ୍ୟକ୍ତିର ଅନିଷ୍ଟ ବା ଉଚ୍ଛେଦ ସାଧନ କରିବା—
2. (figurative) To injure or ruin a person.
(ଯଥା—ସେ ମୋର ଉପରେ ଉପରେ ପାଣି ଢାଳୁଛି, ହେଲେ, ଭିତରେ ଭିତରେ ଚେର କାଟୁଛି ।)

ଚେରଚଣା—ଦେ. ବି—ଭୁଇଁଚଣା; ମୁଗଫଳ; ଚିନାବାଦାମ—
Cherachanā Groundnut.
চীনেবাদাম
चीनाबादाम; मुँगफली

ଚେରଚେଣ୍ଡା—ପ୍ରାଦେ. (ବସ୍ତର). ବି—ପୋଟଳ (ଦେଖ)
Cherachendā Potala (See)

ଚେର ଦେବା—ଦେ. କ୍ରି—୧ । (ଦୃଢ଼ମୂଳ ହୋଇଥିବା ଗଛ) ଭୂମିର
Chera debā ଗଭୀର ପ୍ରଦେଶକୁ ଚେର ବିସ୍ତାର କରିବା—
শিকড়গাড়া 1. (a tree) To strike root; to send
जड़पकड़ना forth the roots deep into the soil; to
(ଚେର ମାରିବା—ଅନ୍ୟରୂପ) take root.

୨ । (ଲକ୍ଷଣାର୍ଥ) କୌଣସି ସ୍ଥାନରେ ସ୍ଥାୟୀଭାବରେ ଅବସ୍ଥାନ କରିବା—2. (figurative) To become firmly established at a place; to permanently reside at a place.

୩ । (ଲକ୍ଷଣାର୍ଥ)—କୌଣସି ସ୍ଥାନରେ ନିଜର ଅଧିକାର ବା ସମ୍ପତ୍ତି ବା ସମ୍ପର୍କ ବା ଆଧିପତ୍ୟ ବିସ୍ତାର କରିବା
3. (figurative) To extend one's authority, influence, property or connection in a place.

୪ । (ଲକ୍ଷଣାର୍ଥ) ନିଜର ବଂଶବୃଦ୍ଧିଦ୍ୱାରା ବହୁସଂଖ୍ୟକ ବ୍ୟକ୍ତି-ସମ୍ବଳିତ ପରିବାରର କର୍ତ୍ତା ହେବା—
4. (figurative) To have a large number of children added to one's family.

୫ । (ଲକ୍ଷଣାର୍ଥ) (ସ୍ତ୍ରୀ ପକ୍ଷରେ)—ସନ୍ତାନ ପ୍ରସବ କରିବା—
5. (figurative) (in the case of a woman) To give birth to a child.

୬ । (ଭୂମିରେ ପୋତା ହୋଇଥିବା କିମ୍ବା କଲମ କରାଯାଇଥିବା କୌଣସି ଗଛର ଡାଳ) ମୂଳଦେଶରୁ ଚେର ଛାଡ଼ିବା—6. To send forth roots (said of a branch planted on the ground or grafted).

ଚେରପାରୁ—ଦେ. ବି. (ସମାନ୍ୟ ବହୁତ୍ୱାର୍ଥକ ସହଚର)—ପାଚିଲା ଆମ୍ବ,
Cherapāru ନଡ଼ିଆକତା, ପାଚିଲା ତାଳ ଓ ତେନ୍ତୁଳିରେ ଥିବା ବଡ଼ ବଡ଼ ଅଂଶୁ (ଚେର) ଓ କ୍ଷୁଦ୍ର କ୍ଷୁଦ୍ର ଅଂଶୁ—
Large and small fibres of ripe mango, palm, tamarind fruit and cocoanut-coir.
(ଯଥା—ସେ ଦାନ୍ତଦ୍ୱାରାଗୁଡ଼ାକ ଆମ୍ବ ଖାଇଛନ୍ତି ଯେ, ଆମ୍ବର ଚେରପାରୁ ସୁଦ୍ଧା ଦିଶି ନାହାନ୍ତି ।)

ଚେର ମାଡ଼ିବା—ଦେ. ବି.—(ଗଛ କ୍ରମଶଃ ବଢ଼ିବା ଯୋଗୁ) ଭୂମି ମଧ୍ୟକୁ
Chera mārdibā ଚେରର କ୍ରମଶ ବିସ୍ତାର—The spreading out or striking of the roots underground of a growing tree.

ଚେରମାରୁ—ପ୍ରାଦେ. (ଗଞ୍ଜାମ) ବି—ଚେମିଡ଼ି ଲଇ (ଦେଖ)
Cheramāru Chemirdi lai (See)

ଚେରମୂଳ—ଦେ. ବି (ଏକାର୍ଥକ ସହଚର)—ଔଷଧରେ ବ୍ୟବହୃତ ମୂଳ-
Cheramūla ମୂଳିକା; ଜଡ଼ିବୁଟୀ; ନୁଣୀଗୁଣୀ; ଟୋଟକା ଔଷଧ—
জড়ীবুটী Various medicinal roots and drugs.
जड़ीबूटी
(ଚେରମୂଳ—ଅନ୍ୟରୂପ)

ଚେରଲ—ଦେ. ବି—ଚରଡ଼ (ଦେଖ)
Cherala Chararda (See).

ଚେରଷ୍ଟା—ଗ୍ରା. ବି (ସଂ. ଚେଷ୍ଟା)—୧ । ଆଚରଣ—
Cherashtā 1. Conduct.
(ଚେରେଷ୍ଟା—ଅନ୍ୟରୂପ) ଦୁର୍ଯୋଧନ ସୈନ୍ୟର ଚେରଷ୍ଟା କହିଲେ ।
କୃଷ୍ଣସିଂହ, ମହାଭାରତ, ବନ ।

୨ । ବ୍ୟବହାର; କାର୍ଯ୍ୟକଳାପ—2. Behaviour.
ଅନେକ କାଳର ସେ ଅଟଇ ବୁଢ଼ୀ ଗୋଟା
ତାହାଠାରେ ହେଲା ମୋର ଏତେକ ଚେରଷ୍ଟା—ସାରଳା, ମହାଭାରତ, ଆଦି

୩ । କର୍ମ; କାର୍ଯ୍ୟ—3. Act.

୪ । ଚୈତନ୍ୟ; ଜ୍ଞାନ—4. Conciousness.

୫ । ଜୀବନୀଶକ୍ତି—5. Vital power.

୬ । ଶୈଳୀ; ଢଙ୍ଗ—6. Manner.

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଙ୍ଗ	ଉଅ	ୱ
୨	ଈ	ଊ	ରୂ	ଲୂ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ୍ତ

ଚେରାଇବା—ଦେ. କ୍ରି—୧ । (ଗଛ ଭୂଗର୍ଭରେ ଜଡ଼ର ଚେରକୁ) ବିସ୍ତାର
Cherāibā କରିବା—1. To take root; to strike root.
ଚାଙ୍ଗାହଓ୍ୱା ୨ । ସବଳ ଓ ସତେଜ ହେବା—
जीना, चँगाहोना 2. To become healthy and strong.
(ଚେରେଇବା—ଅନ୍ୟରୂପ) ୩ । (ଲକ୍ଷଣାର୍ଥ) ଦେଖେବ୍ବ କ୍ରମେ କ୍ରମେ ସତେଜ ଦେଖାଯିବା—3 (figurative) To appear more and more strong and blooming; to become enlivened.

ଚେରାଗ୍ (ଇତ୍ୟାଦି)—ପ୍ରାଦେ. (ବାଲେଶ୍ୱର; ମେଦନୀପୁର) ବୈଦେ.
Cherāg (etc) ବି. (ଫା. ଚରାଗ୍; ଭୁଲ. ବ. ଚେରାଗ୍)—
(ଚେରାଗ୍, ଚରାଖ୍, ଚିରାଗ୍—ଅନ୍ୟରୂପ) ଚିରାଖ୍ ଇତ୍ୟାଦି (ଦେଖ)
Chirākh etc (See)

ଚେରାପୁଞ୍ଜି—ଦେ. ବି. (ନାମ)—ଆସାମ ପ୍ରଦେଶର ଖାସିଆ ପାହାଡ଼ର
Cherāpunji ପାଦଦେଶରେ ଅବସ୍ଥିତ ନଗର ଓ ପର୍ବତବିଶେଷ—
Cherrapunji in the Khasia hills of Assam.
[ଦ୍ର—ଏଠାରେ ପୃଥିବୀର ସକଳ ସ୍ଥାନ ଅପେକ୍ଷା ବେଶି ବର୍ଷା ହୁଏ । ଏପରିକି, ଏକଦିନ ମଧ୍ୟରେ ଏଠାରେ ୪୧ ଇଞ୍ଚ ବା ଦୁଇ ହାତ ପର୍ଯ୍ୟନ୍ତ ପାଣି ଜମା ହେବା ଭଳି ବର୍ଷା ହେବାର ଦେଖା ଯାଇଅଛି । ଏହା ସିଲ୍‌ହଟ୍ ଜିଲ୍ଲା ଓ ନଗରର ଉତ୍ତର ଓ ସିଲଙ୍ଗର ଦକ୍ଷିଣରେ ଅବସ୍ଥିତ ।]

ଚେରିଙ୍ଗି—ଦେ. ବି—୧ । ପିତ୍ତ—
Cheringi 1. Bile.
୨ । (ଲକ୍ଷଣାର୍ଥ)—ବାଲିଙ୍ଗି—
2. Bragging; boasting.
(ଯଥା—ତୋ ଚେରିଙ୍ଗି ମାରିଦେଲିଣି ।)

ଚେରିପୁଅ—ଗ୍ରା. ବି—ଚେଡ଼ିପୋ (ଦେଖ)
Cheripua Cherdipo (See)
(ଚେରପୋ—ଅନ୍ୟରୂପ)

ଚେରୁଆ—ଦେ ବିଣ—ଚେରଦୁଣ୍ଡି (ପାଚିଲା ଅମ୍ବ)—
Cheruā Filbrous (ripe mango).
रेसादार

ଚେରୁଡ଼ା—ଗ୍ରା. ବି—ଚିରୁଡ଼ା (ଦେଖ)
Cherurdā Chirurdā (See)
(ଚେରୁଳା—ଅନ୍ୟରୂପ)

ଚେଲ୍—ଦେ. ବି. (ହି. ଚଲ୍)—ଚଲ୍ (ଦେଖ)
Chel Chal (See)
ମରଣ ମହାବଳ ଶାଳ ଏବେ କହୁଚେଲ, ହୁଁ—ଚେଲ୍—ବାବା କଡ଼ଡ଼ା । ଚେଲ୍—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଚେଲ ସଂ. ବି. (ଚଲ୍ ଧାତୁ—ଚିହ୍ନିବା + କର୍ମ. ଅ)—୧ । ବସ୍ତ୍ର—
Chela 1. Cloth; garment.
୨ । ପୋଷାକ—2. Apparel; dress.
୩ । ପଟ୍ଟବସ୍ତ୍ର—3. Silk cloth.
ସଂ. ବିଣ. (+ କର୍ତ୍ତୃ. ଅ)—ଅଧମ; କୁତ୍ସିତ—
Inferior; mean.

ଚେଲା—ବୈଦେ. ବି. (ସଂ. ଚେଟକ; ପ୍ରା. ଚେଡ଼ଅ; ସଂ. ଚେଲ= ଦାସ; ସଂ. ଚୈଲୁକ=ବୌଦ୍ଧଭିକ୍ଷୁଙ୍କ ଶିଷ୍ୟ)—
Chelā
চেলা ୧ । ଶିଷ୍ୟ; ଯେଉଁ ବ୍ୟକ୍ତିକୁ ସନ୍ନ୍ୟାସୀ ଦୀକ୍ଷା ଦେଇଥାଆନ୍ତି;
चेला ଦୀକ୍ଷିତ ଶିଷ୍ୟ—1. Disciple; a person initiated
(ଚେଲି—ସ୍ତ୍ରୀ) into the mysteries of a sect by an ascetic.
୨ । ମହନ୍ତ, ବୈଷ୍ଣବ ଓ ସନ୍ନ୍ୟାସୀମାନଙ୍କର ନିର୍ବାଚିତ ଶିଷ୍ୟ—
2. The selected heir-apparent of a Mahanta or Sannyāsi.
ଜୁମ୍ମ ଚେଲ ଅଂଶ ସଙ୍ଗେ ପ୍ରବେଶ—ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।
[ଦ୍ର—ଯାହାଙ୍କଠାରୁ ଚେଲା ଦୀକ୍ଷା ନିଏ ତାଙ୍କୁ ଗୁରୁ ବୋଲି ଯାଏ ।]

ଚେଲା ଚେଲି—ଦେ. ବି. (ସହଚର)—୧ । ଚେଲା ଇତ୍ୟାଦି—
Chelācheli 1. Disciples and others.
চেলাচেলি ୨ । କୌଣସି ଗୁରୁଙ୍କର ଶିଷ୍ୟବୃନ୍ଦ—
चेलाचाटे 2. The body of one's disciples.

ଚେଲାନ—ସଂ. ବି—ଚରଭୁଜ (ହଂ. ଶବ୍ଦସାଗର)—
Chelāna Melon.
(ଚେଲାଲ—ଅନ୍ୟରୂପ)

ଚେଲି—ସଂ. ବି—କ୍ଷୁଦ୍ର ବା ନୀଚ ବ୍ୟକ୍ତି—
Cheli A mean person.

ଚେଲିକା—ସଂ. ବି. ସ୍ତ୍ରୀ. (ଚେଲ + ସ୍ୱାର୍ଥେ. କ + ଆ)—
Chelikā ୧ । ପରିଚ୍ଛଦ; ପୋଷାକ—
1. Garment; clothes.
୨ । ପଟ୍ଟବସ୍ତ୍ର; ପାଟଶାଢ଼ୀ—
2. Silken cloth for females.

ଚେଲୀ—ସଂ. ବି. ସ୍ତ୍ରୀ (ଚେଲ+ଈ)—ଚେଲିକା (ଦେଖ)
Chelī Chelikā (See).

ଚେଲି—ଦେ. ବି. ସ୍ତ୍ରୀ (ସଂ. ଚେଟୀ)—ଶିଷ୍ୟା; ସନ୍ନ୍ୟାସୀ ଅବିଙ୍କଠାରୁ
Cheli ଦୀକ୍ଷାଗ୍ରହଣ କରିଥିବା ସ୍ତ୍ରୀ—A female disciple.
চেলী
चैलिन; चेली

ଚେଲୁକ—ସଂ. ବି. ପୁଂ—ବୌଦ୍ଧ ଭିକ୍ଷୁ—
Cheluka A Buddist itinerant ascetic.

ଚେଶିସ୍—ବୈଦେ. ବି. (ଇଂ) (ମଟର ଗାଡ଼ିର ଅଂଶ; ଇଂ. ଚ୍ୟାସିସ୍)—
Chesis ମଟର ଗାଡ଼ିର ଫର୍ମା ବୁଲିବାର ଚକ—
চেসিস Chasis; a traversing base or frame along
चैसिस which the body of a car moves.

ଚେଷ୍ଟ (ଧାତୁ)—ସଂ—ଚେଷ୍ଟା କରିବା—
Chesht (root) To try; to endeavour; to exert.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପରି ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଳବତ' ନ ପାଇଲେ 'ଅଲବତ' ଦେଖିବେ ।

ଚେଷ୍ଟକ— ସଂ. ବିଣ. ପୁଂ. (ଚେଷ୍ଟ୍ ଧାତୁ + କର୍ତ୍ତୃ. ଅକ)—
Cheshtaka — ଯେ ଚେଷ୍ଟା କରେ—
(ଚେଷ୍ଟିକା—ସ୍ତ୍ରୀ) Endeavouring; exerting.
ସଂ. ବି—ରତିବନ୍ଧବିଶେଷ—A pose in copulation.
[ଦ୍ର— ପାଦମେକଂ କୁଚେ ନ୍ୟସ୍ୟ ଇତରେଣୈବ ଚେଷ୍ଟୟେତ୍ । କାନ୍ତଃ କୋଡ଼େ ସ୍ଥିତାଂ କାନ୍ତାଂ ବନ୍ଧୋଽୟଂ ଚେଷ୍ଟକୋ ମତଃ ॥]

ଚେଷ୍ଟମାନ— ସଂ. ବିଣ. ପୁଂ. (ଚେଷ୍ଟ୍ ଧାତୁ + କର୍ତ୍ତୃ. ଶାନଚ୍)—
Cheshtamāna ୧ । ଯେ ଚେଷ୍ଟା କରୁଅଛି; ଉଦ୍‌ଯୋଗୀ—
(ଚେଷ୍ଟମାନା—ସ୍ତ୍ରୀ) 1. Endeavouring; exerting.
୨ । ଚଳନ୍ତ; ଚଳୁଥିବା—2. Moving.

ଚେଷ୍ଟା— ସଂ. ବି. ସ୍ତ୍ରୀ. (ଚେଷ୍ଟ୍ ଧାତୁ + ଭାବ. ଅ + ସ୍ତ୍ରୀ. ଆ)—
Cheshtā ୧ । ପ୍ରୟାସ; ଉଦ୍‌ଯୋଗ; ଯତ୍ନ—
1. Endeavour; exertion; effort.
୨ । କାୟିକ ବ୍ୟାପାର; ଅଙ୍ଗାଦିର ଗତି—
2. Motion of limbs; bodily movement.
୩ । ପରିଶ୍ରମ—3. Labour.
୪ । ଅଭୀଷ୍ଟସାଧକ ଅନିଷ୍ଟନାଶକ କ୍ରିୟା—
4. Any motion, movement or activity for bringing about the desired result or for evading an injury.
୫ । ସାହସ—5. Courage.
୬ । କର୍ମ; କାର୍ଯ୍ୟ 6. Act.
ଗଲେ ବେଳେ ନାନା ଚେଷ୍ଟା କରି ଗଲେ । କୃଷ୍ଣସିଂହ, ମହାଭାରତ. ଅଦି ।
୭ । ମନର ଭାବ ବା ବସ୍ତୁର ପ୍ରକଟନକାରୀ ଦୈହିକ ଗତି—
7. Bodily movement which indicates the mover's mental condition.
୮ । ପ୍ରେମପାତ୍ର ପାଇଁ ପ୍ରେମ ପ୍ରକଟ କରିବାର ନାୟକ-ନାୟିକାଙ୍କ ପ୍ରଯତ୍ନ—2. A lover's outward indication of love.
୯ । ଇଚ୍ଛା; କାମନା (ହି. ଶବ୍ଦସାଗର)—
9. Wish; desire
ଦେ. ବି—୧ । ଚୈତନ୍ୟ; ଜ୍ଞାନ—1. Consciousness.
୨ । ଧାଞ୍ଚ; ଢଙ୍ଗ—3. Manner; mode

ଚେଷ୍ଟାସାଧ୍ୟ—ସଂ. ବିଣ. (ଷଷ୍ଠୀ ତତ୍; ଚେଷ୍ଟା + ସାଧ୍ୟ)—
Cheshtā sādhya ଯାହା ଚେଷ୍ଟା ଦ୍ୱାରା ସାଧିତ କରାଯାଇ ପାରେ- Accomplishable with efforts.

ଚେଷ୍ଟିତ—ସଂ. ବିଣ. (ଚେଷ୍ଟ ଧାତୁ + କର୍ତ୍ତୃ. ତ)—
Cheshtita ୧ । ସଚେଷ୍ଟ—1 Exerting; active; endeavouring.
୨ । (+କର୍ମ. ରି) ଯେଉଁ ବିଷୟ ପାଇଁ ଚେଷ୍ଟା କରାଯାଇ ଅଛି—
2. Persued; sought after; laboured for.

ସଂ. ବି. (ଚେଷ୍ଟ୍ ଧାତୁ + ଭାବ. ତ)—
୧ । ଉଦ୍ୟମ—1. Exertion.
୨ । କର୍ମ—2. Action
୩ । ଗତି—3. Motion.

ଚେହେଁକା—ଦେ. ବି. (ସଂ. ଚମତ୍କୃତ; ପ୍ରା. ଚମକ୍କ; ଚଉଁକ)—
Cheheṅkā ୧ । ଚମକ; ଭୟରେ ଚମକିବା—
ଚମକ 1 Wincing; startling.
चौंक ୨ । ଚେଙ୍ଗା (ଦେଖ)
2. Cheṅgā (See)
ଦେ. ବିଣ—ଚେଙ୍ଗା (ଦେଖ)
Cheṅgā (See)

ଚେହେଁକାଇବା—ଦେ. କ୍ରି—ଚମକାଇବା—
Cheheṅkāibā To startle.
चमकाना
चौंकाना
(ଚେହେଁକେଇବା —ଅନ୍ୟରୂପ)

ଚେହେଁକିବା-ଦେ. କ୍ରି. (ସଂ. ଚମତ୍କୃତ)— ଭୟରେ ଚମକିବା; ଛନକା ହେବା—To wince; to take a sudden fright; to start.
Cheheṅkibā
चमके उठा
चौंकना

ଚେହେରା—ବୈଦେ. ବି. (ଫା. ଚେହ୍‌ରା)—୧ । ମୁଖମଣ୍ଡଳର ଛବି;
Cheherā ମୁଖଚ୍ଛବି—1. Appearance; countenance; facial expression.
चेहारा
चेहरा ସେ ନ ମାନେ କାଇ ସେପନ ଚେହେରା । ରଘୁନାଥ, ଦରବାର ।
୨ । ସୌନ୍ଦର୍ଯ୍ୟ—2. Fairness; beauty.
୩ । କୌଣସି ବ୍ୟକ୍ତିର ମୁଖମଣ୍ଡଳର ପ୍ରତିକୃତି ବା ରୂପ—
3. Likeness of the face; a picture of one's face.
୪ । ମୁଖମଣ୍ଡଳ—4. The whole face.

ଚେହେରାବନ୍ତ—ଦେ. ବିଣ.—ସୁନ୍ଦର ମୁଖଯୁକ୍ତ—
Cheherābanta Having a beautiful face; of a graceful countenance.
चेहेरावन्त
चेहरामंद

ଚେହେଲମ୍—ବୈଦେ. ବି. (ଫା. ଚେହଲୁମ୍=ଚତ୍ୱାରିଂଶତ୍ତମ)—
Chehelam ୧ । ମୁସଲମାନ୍‌ମାନଙ୍କ ସଫର ମାସର ୨୦ ତାରିଖରେ
चेहेलम ପଡ଼ିବା ପର୍ବ—The anniversary of the funeral
चेहलुम (40th day of the death) of Hassan amongst the Mahomedans.
[ଦ୍ର—ସଫର ମାସର ବିଂଶ ଦିବସରେ ଏହା ପଡ଼େ । ମହରମର ଚାଳିଶ ଦିନରେ ମୁସଲମାନ୍‌ମାନଙ୍କର ଏ ପର୍ବ ହୁଏ । ମହରମ ଦିନ ହୋସେନ୍ ଓ ହସନ୍‌ଙ୍କ ମୃତ୍ୟୁ ଘଟିଥିଲା । ମୁସଲମାନ୍-

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଙ୍କ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଞ୍ଚ	ହ୍ନ

ମାନେ ମୃତ୍ୟୁର ୪୦ ଦିନରେ ଶ୍ରାଦ୍ଧ କରନ୍ତି ଅତଏବ ମହରମ ପର୍ବର ୪୦ ଦିନ ପରେ ହୋସେନ୍ ଓ ହସନଙ୍କ ସାମ୍ବତ୍ସରିକ ଶ୍ରାଦ୍ଧଦିବସ ପାଳିତ ହୁଏ ।]

୨ । କୌଣସି ମୁସଲମାନଙ୍କ ମୃତ୍ୟୁର ୪୦ ଦିନ— 2. The 40th day of a Mahomedan's death.

ଚେହେଲମ୍ ଫାତିଅା— ବୈଦେ. ବି. (ଫା)— ମୁସଲମାନ୍‌ମାନଙ୍କ ମୃତ୍ୟୁ ପରେ ଚାଳିଶ ଦିନରେ ହେବା ଦେବାରାଧନ ଆଦି— The worship and rites performed by the Mahomedans on the 40th day of a person's death.
Chehelam phātiā
চেহেলম ফাতিয়া
चेहेलुम फातिया

ଚୈ— ଦେ. ବି.— ଚଇ (ଦେଖ)
Ch<u>ai</u> — Chai (See)

[ଦ୍ର— ଦେଶଜ ଓ ବୈଦେଶିକ ଓ ସଂସ୍କୃତ ପଦମାନ, ଯହିଁର ଆଦ୍ୟ ଅକ୍ଷର 'ଚୈ' ଅଟେ ତାହା, ଗ୍ରାମ୍ୟ, ଅଶିକ୍ଷିତ ଓ ଘରୋଇ ଭାଷାରେ 'ଚଇ' ଯୁକ୍ତ ହୁଏ । ଚୈ ଆଦ୍ୟରେ ଥିବା କୌଣସି ଶବ୍ଦ 'ଚୈ' ତଳେ ନ ପାଇଲେ 'ଚଇ' ତଳେ ଦେଖିବାକୁ ହେବ ।]

ଚୈ ଚୈ— ଦେ. ଅ.— ହାତୀକୁ ଆଗକୁ ଚଳାଇବା ପାଇଁ ମାହୁନ୍ତର ଡାକ— Sound uttered by the driver of an elephant to make the elephant proceed.
Ch<u>ai</u> ch<u>ai</u>

ଚୈତ (ଇତ୍ୟାଦି)— ଗ୍ରା. ବି.— ଚଇତ ଇତ୍ୟାଦି (ଦେଖ)
Ch<u>ai</u>ta (etc) — Chaita etc. (See)
চৈত
चैत

ଚୈତନ (ଇତ୍ୟାଦି)— ଦେ. ବି.— ଚଇତନ ଇତ୍ୟାଦି (ଦେଖ)
Ch<u>ai</u>tana (etc) — Chaitana etc (See)

ଚୈତନ୍ୟ— ସଂ. ବି. (ଚେତନ + ଭାବ ବା ସ୍ୱାର୍ଥ. ଯ)— ୧ । ଜ୍ଞାନ; ଅନୁଭୂତି; ବୋଧ— 1 Sensation; knowledge; perception; intelligence.
Ch<u>ai</u>tanya

୨ । ଚେତନା— 2. Animation; consciousness.

୩ । ଜାଗରଣ— 3. Awakening.

୪ । ପ୍ରକୃତି— 4. Nature

୫ । ଜୀବନ; ପ୍ରାଣ— 5. Life

୬ । ପରମାତ୍ମା; ବ୍ରହ୍ମ— 6. Brahma; the Universal Soul.

୭ । ପରମେଶ୍ୱର (ହି. ଶବ୍ଦସାଗର)— 7. God.

୮ । ଜୀବାତ୍ମା— 8. The individual soul.

[ଦ୍ର— ନ୍ୟାୟଦର୍ଶନରେ ଜ୍ଞାନ ଓ ଚୈତନ୍ୟ ଏକ ଥିବାର ବୋଲାଯାଇ ଅଛି । ଏହା ଆତ୍ମାର ଧର୍ମ ଅଟେ । କିନ୍ତୁ ସାଂଖ୍ୟଦର୍ଶନ ମତରେ ଜ୍ଞାନ ଓ ଚୈତନ୍ୟ ପୃଥକ୍, ଚୈତନ୍ୟକୁ ଆତ୍ମାର ଧର୍ମ ଓ ଜ୍ଞାନକୁ ବୁଦ୍ଧିର ଧର୍ମ ବୋଲାଯାଇଅଛି— ହି. ଶବ୍ଦସାଗର ।]

ଦେ. ବି— ୧ । ବଙ୍ଗର ପ୍ରସିଦ୍ଧ ବୈଷ୍ଣବ ପ୍ରବର୍ତ୍ତକ ଶ୍ରୀ ଚୈତନ୍ୟ ଦେବ— Name of the Bengalee religious reformer Ch<u>ai</u>tanya.

[ଦ୍ର— ଶ୍ରୀ ଚୈତନ୍ୟ ଦେବ ୧୪୮୪ ଖ୍ରୀଷ୍ଟାବ୍ଦ (୧୪୦୮ ଶକାବ୍ଦ) ଦୋଳପୂର୍ଣ୍ଣିମା ରାତ୍ରରେ ଚନ୍ଦ୍ରଗ୍ରହଣ ସମୟରେ ବଙ୍ଗଦେଶର ନଦିଆ ବା ନବଦ୍ୱୀପ ନଗରରେ ଜନ୍ମଗ୍ରହଣ କରିଥିଲେ । ତାହାଙ୍କର ପିତାଙ୍କ ନାମ ଜଗନ୍ନାଥ ମିଶ୍ର ଓ ମାତାଙ୍କ ନାମ ଶଚୀଦେବୀ । ବାଲେଶ୍ୱର ଜିଲ୍ଲାରେ ତାହାଙ୍କ ବଂଶର ଆଦି ବାସସ୍ଥାନ ଥିଲା । ଜଗନ୍ନାଥ ମିଶ୍ର ବଡ଼ ପଣ୍ଡିତ ଥିଲେ । ବିଦ୍ୟାଚର୍ଚ୍ଚା କରିବା ନିମନ୍ତେ ସ୍ୱଦେଶ ଛାଡ଼ି ସେ ସକୁଟୁମ୍ବ ନବଦ୍ୱୀପରେ ବାସ କରୁଥିଲେ ।

ଚୈତନ୍ୟ ବୈଷ୍ଣବ-ଧର୍ମ-ପ୍ରବର୍ତ୍ତକ । ସେ ୧୫୧୦ ଖ୍ରୀଷ୍ଟାବ୍ଦରେ ରାଜା ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ ସମୟରେ ଉତ୍କଳକୁ ଆସିଥିଲେ । ରାଜା ବୈଷ୍ଣବ ଥିବାରୁ ତାହାଙ୍କ ସହାୟତାରେ ଶ୍ରୀ ଚୈତନ୍ୟଦେବ ସମଗ୍ର ଉତ୍କଳରେ ବୈଷ୍ଣବ ଧର୍ମର ପ୍ରେମଲହରୀ ଖେଳାଇ ଦେଇଥିଲେ । ପୁରୀର ରାଧାକାନ୍ତ ମଠ ତାହାଙ୍କ ସାଧନାର ପ୍ରଧାନ ପୀଠ ଥିଲା । ପୁରୀର 'ଟୋଟା ଗୋପୀନାଥ'ଙ୍କ ମନ୍ଦିରରେ ସେ ତନୁତ୍ୟାଗ କରିଥିଲେ । କୃପାସିନ୍ଧୁ. ଉତ୍କଳ ଇତିହାସ ।

ଏହାଙ୍କର ଅନ୍ୟ ନାମ ଗୌରାଙ୍ଗ, ନିମାଇ, ଗୋରା, ଗୋରାଚାନ୍ଦ, ଚୈତନ୍ୟଚନ୍ଦ୍ର । ଏହାଙ୍କୁ ବୈଷ୍ଣବମାନେ ଶ୍ରୀକୃଷ୍ଣଙ୍କ ଅବତାର ବୋଲି ମାନନ୍ତି । ବାଲ୍ୟକାଳରେ ଏହାଙ୍କର ପିତାଙ୍କ ମୃତ୍ୟୁ ହୋଇଥିଲା । ଏ ପ୍ରଥମେ ବିବାହ କରି ତାଙ୍କର ପତ୍ନୀବିୟୋଗ ଘଟିବାରୁ ଦ୍ୱିତୀୟଥର ବିବାହ କଲେ । ଏ କିଛିଦିନ ସଂସାରୀ ହୋଇ ଗୃହତ୍ୟାଗ ପୂର୍ବକ ସନ୍ନ୍ୟାସ ଦୀକ୍ଷା ନେଲେ । ଏ ବୈଷ୍ଣବଧର୍ମର ଅହୈତୁକ ପ୍ରେମ, ଭଗବାନଙ୍କ ପ୍ରତି ସ୍ତ୍ରୀ ସ୍ୱାମୀଙ୍କୁ କରିବା ପ୍ରେମ ଓ ବିଶ୍ୱଜନୀନ ମୈତ୍ରୀଭାବର ପ୍ରଚାର କରିଥିଲେ । ବୈଷ୍ଣବ ହେଲେ ସମସ୍ତେ ଏକ ଜାତି ଓ ଏକ ଭାଇ ହୁଅନ୍ତି ବୋଲି ସେ ପ୍ରଚାର କଲେ । ଶ୍ରୀକୃଷ୍ଣଙ୍କୁ ସର୍ବଦା ଧ୍ୟାନ ଓ ନାମକୀର୍ତ୍ତନ ହିଁ ମୋକ୍ଷର ପ୍ରଧାନ ପନ୍ଥା ବୋଲି ଏ ପ୍ରଚାର କଲେ । ଏହାଙ୍କ ପ୍ରବର୍ତ୍ତିତ ଧର୍ମ ବଙ୍ଗ, ବିହାର, ପଞ୍ଜାବ, ଯୁକ୍ତପ୍ରଦେଶ ଓ ଉତ୍କଳରେ ଖୁବ୍ ବିସ୍ତୃତି ଲାଭ କରିଥିଲା ଓ ବର୍ତ୍ତମାନ ଦାକ୍ଷିଣାତ୍ୟରେ ମଧ୍ୟ ଏ ଧର୍ମର ପ୍ରଚାର ହେଉଥିବାର ଦେଖାଯାଏ । ଏ ୪୮ ବର୍ଷ ବୟସରେ ପୁରୀଠାରେ ଲୋକଚକ୍ଷୁର ଅଗୋଚରରେ ଦେହାନ୍ତର ପ୍ରାପ୍ତ ହେଲେ । ଏହାଙ୍କ ପ୍ରଭାବରେ ବଙ୍ଗୀୟ ବୈଷ୍ଣବ ସାହିତ୍ୟର ବିକାଶ ହେବା ସଙ୍ଗେ ସଙ୍ଗେ ବଙ୍ଗୀୟ ସାହିତ୍ୟର ଉନ୍ନତି ଆରମ୍ଭ ହେଲା ।]

୨ । ପୁରୁଷ ଲୋକଙ୍କୁ ଦିଆଯିବା ନାମ— 2 A name given to males

ଚୈତନ୍ୟ ଚନ୍ଦ୍ରାମୃତ— ଦେ. ବି— ବୈଷ୍ଣବ ଗ୍ରନ୍ଥ ବିଶେଷ (ଏହାର ପ୍ରଣେତା ପ୍ରବୋଧାନନ୍ଦ ସରସ୍ୱତୀ)— A book on Baishnavism by Prabodhananda Saraswati.
Ch<u>ai</u>tanya chandrāmruta

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଶ୍ରେଣୀର ଅକ୍ଷର ଓ ମାତ୍ରା ଏବଂ ୨ ଶ୍ରେଣୀର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଶ୍ରେଣୀର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥରେ ତାହା ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତଦ୍ବର୍ଣ୍ଣର ବଦଳରେ ୨ ବା ୧ ଶ୍ରେଣୀର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ'କୁ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତି' ଦେଖିବେ

ଚୈତନ୍ୟ ଚରିତାମୃତ—ଦେ. ବି—ଭକ୍ତଶ୍ରେଷ୍ଠ କୃଷ୍ଣଦାସ କବିରାଜଙ୍କ
Chaitanya charitāmruta ବିରଚିତ ଶ୍ରୀଚୈତନ୍ୟ ଦେବଙ୍କ ଜୀବନୀ ଓ ଉପଦେଶ ବିଷୟକ ବଙ୍ଗଳା ଗ୍ରନ୍ଥ—
Name of a Bengale book by Krushna Das dealing with the life and teachings of Chaitanya.

ଚୈତନ୍ୟମୟ—ସଂ. ବିଣ. ପୁଂ—୧ । ଚିନ୍ମୟ—
Chaitanyamaya 1. Essential; consisting of the soul.
(ଚୈତନ୍ୟମୟୀ—ସ୍ତ୍ରୀ)
୨ । ଚେତନାଯୁକ୍ତ—2. Animate; endowed with consciousness.

ଚୈତନ୍ୟୋଦୟ—ସଂ. ବି. (୬ଷ୍ଠୀ ତତ୍; ଚୈତନ୍ୟ+ଉଦୟ)—
Chaitanyodaya ୧ । ଚେତନାର ଉଦୟ—
1. Awakening of consciousness.
୨ । ଜ୍ଞାନୋଦୟ; ଜ୍ଞାନର ଆବିର୍ଭାବ—
2. The dawning of knowledge.

ଚୈତା (ଇତ୍ୟାଦି)—ଗ୍ରା. ବି. ଓ ବିଣ—ଚଇତା ଇତ୍ୟାଦି (ଦେଖ)
Chaitā (etc) Chaitā etc (See).

ଚୈତାଳି—ଗ୍ରା. ବିଣ—ଚଇତା (ଦେଖ)
Chaitāli Chaitā (See).

ଚୈତି (ଇତ୍ୟାଦି)—ଚଇତି ଇତ୍ୟାଦି (ଦେଖ)
Chaiti (etc) Chiti etc (See).

ଚୈତିଆଳି—ଗ୍ରା. ବିଣ—ଚଇତା (ଦେଖ)
Chaitiāli Chaitā (See).

ଚୈତ୍ତ—ସଂ. ବିଣ (ଚିତ୍ତ+ସମ୍ବନ୍ଧାର୍ଥେ. ଅ)—ଚିତ୍ତସମ୍ବନ୍ଧୀୟ—
Chaitta Pertaining to the heart; mental
ସଂ. ବି—ବୌଦ୍ଧ ମତରେ ବିଜ୍ଞାନସ୍କନ୍ଧର ଅତିରିକ୍ତ ଅନ୍ୟ ସ୍କନ୍ଧମାନ--The attributes of a living being except Bijnāna-skandha according to the Buddhists.
[ଦ୍ର—ବୌଦ୍ଧମାନେ ଦେହୀର ୫ ଗୋଟି ସ୍କନ୍ଧ ବା ଗୁଣ ଥିବାର ସ୍ୱୀକାର କରନ୍ତି, ଯଥା—ରୂପ, ବେଦନା, ବିଜ୍ଞାନ, ସଂଜ୍ଞା ଓ ସଂସ୍କାର । ଏଥିମଧ୍ୟରୁ ବିଜ୍ଞାନ ଛଡ଼ା ଅନ୍ୟ ୪ ଗୋଟି ଚିତ୍ତସମ୍ବନ୍ଧୀୟ ଥିବାରୁ ଏ ୪ଟି ସ୍କନ୍ଧକୁ ଚୈତ୍ତ ବୋଲାଯାଏ—ହି. ଶବ୍ଦସାଗର]

ଚୈତ୍ତିକ—ସଂ. ବିଣ (ଚିତ୍ତ+ସମ୍ବନ୍ଧାର୍ଥେ. ଇକ)—ଚୈତ୍ତ (ଦେଖ)
Chaittika Chaitta (See).

ଚୈତ୍ୟ—ସଂ. ବି (ଚି ଧାତୁ+କର୍ମ. ଯ; ଚିତ୍ୟ=ଅଗ୍ନି+ସମ୍ବନ୍ଧେ. ଅ)—
Chaitya ୧ । ଯଜ୍ଞଶାଳା; ପୂଜାସ୍ଥାନ—
1. A place or house of worship or sacrifice,
୨ । ବୌଦ୍ଧମାନଙ୍କର ଦେବାଳୟ; ବୌଦ୍ଧ ମନ୍ଦିର—
2. A Buddhistic temple.
୩ । ଗୃହ; ଘର (ହି. ଶବ୍ଦସାଗର)—3. House.
୪ । ସ୍ମୃତିସ୍ତମ୍ଭ—4. Monument.
୫ । ଶ୍ମଶାନତରୁ (ବୌଦ୍ଧମାନଙ୍କ ପୂଜ୍ୟ)—
5. A tree near a cremation ground which is considered sacred by the Buddhists.
୬ । ଅଶ୍ୱତ୍ଥ ବୃକ୍ଷ—6 The Religious Fig tree; the Peepal tree.
ଜ୍ଞାତେୟକ ଗୁରୁ ଦେବତା ଚୈତ୍ୟ ବୃକ୍ଷ—କୃଷ୍ଣସିଂହ. ମହାଭାରତ ସଭା ।
୭ । ଯେଉଁ ଗଛକୁ ଲୋକେ ଦେବତା ସ୍ଥାନରେ ପୂଜାକରନ୍ତି—
7. Any tree held sacred and worshipped by people.
୮ । ଗ୍ରାମର ସୀମାରେ ଥିବା ବୃକ୍ଷସମୂହ (ହି. ଶବ୍ଦସାଗର)—
8. A cluster of trees on the boundary of a village.
୯ । ବେଲ ଗଛ (ହି. ଶବ୍ଦସାଗର)—
9. The Bel (Marmalos) tree.
୧୦ । ବୁଦ୍ଧ (ହି. ଶବ୍ଦସାଗର)—
10. A name of Buddha.
୧୧ । ବୌଦ୍ଧ ଭିକ୍ଷୁ (ହି. ଶବ୍ଦସାଗର)—
11. A Buddhist mendicant.
୧୨ । ବିହାର; ବୌଦ୍ଧ ମଠ (ହି. ଶବ୍ଦସାଗର)—
12. A Buddhistic abbey or Math.
୧୩ । ଚିତା (ହି. ଶବ୍ଦସାଗର); ଚିତାଗ୍ନି—
13. Cremation-fire.
ସଂ. ବିଣ—ଚିତାସମ୍ବନ୍ଧୀୟ—Pertaining to the funeral pyre.

ଚୈତ୍ୟବନ୍ଦନ—ସଂ. ବି—୧ । ଜିନ ବା ବୁଦ୍ଧଙ୍କ ମୂର୍ତ୍ତି (ହି. ଶବ୍ଦସାଗର)—
Chaityabandana 1. An image of the Jina or Buddha.
୨ । ଜୈନ ବା ବୌଦ୍ଧମନ୍ଦିର—
2. A Jaina or Buddhistic temple.
୩ । ଚୈତ୍ୟ ବା ଦେବାଳୟ ସମ୍ବନ୍ଧୀୟ ଧନର ରକ୍ଷା—
3. Management and custody of the funds of a religious endowment

ଚୈତ୍ୟକ—ସଂ. ବି (ଚୈତ୍ୟ+ସ୍ୱାର୍ଥେ କ)—୧ । ଅଶ୍ୱତ୍ଥ ଗଛ—
Chaityaka 1. The Peepal tree.
୨ । ବିହାର ପ୍ରଦେଶର ରାଜଗୃହ ନିକଟରେ ଥିବା ପର୍ବତ—
2. Name of a mountain in Bihar.
[ଦ୍ର—ଏଠାରେ ଗୋଟିଏ ପଥରରେ ଥିବା ଚରଣଚିହ୍ନକୁ ଦେଖିବାକୁ ଜୈନମାନେ ଯାଆନ୍ତି ।]

ଚୈତ୍ୟତରୁ—ସଂ. ବି—୧ । ଅଶ୍ୱତ୍ଥଗଛ—
Chaitya taru 1. The Peepal tree.

୧	ଇ	ଉ	ର୍,ର୍ଁ	ଈ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଇ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଙ୍ଗ	ନ୍

୨ । ଗ୍ରାମର କୌଣସି ପ୍ରସିଦ୍ଧ ବୃକ୍ଷ—
2. Any celebrated tree of a village.

ଚୈତ୍ୟଦ୍ରୁମ—ସଂ. ବି—୧ । ଅଶ୍ୱତ୍ଥଗଛ—
Chaitya-druma 1. The Peepal tree.
୨ । ଅଶୋକ ବୃକ୍ଷ (ହି. ଶବ୍ଦସାଗର)—
2. The Asoka tree.

ଚୈତ୍ୟମୁଖ—ସଂ. ବି—କମଣ୍ଡଳୁ (ହି. ଶବ୍ଦସାଗର)—
Chaityamukha An ascetic's water-pot.

ଚୈତ୍ୟଯଜ୍ଞ—ସଂ. ବି—ଆଶ୍ୱଳାୟନ ଗୃହ୍ୟସୂତ୍ରରେ ବର୍ଣ୍ଣିତ ଯଜ୍ଞବିଶେଷ—
Chaitya-jajna A kind of Vedic sacrifice.
[ଦ୍ର—କୌଣସି ଦ୍ରବ୍ୟ ହଜିଗଲେ ଦ୍ରବ୍ୟସ୍ୱାମୀ ଏ ଯଜ୍ଞ କରିବା ପାଇଁ ସଙ୍କଳ୍ପ କରୁଥିଲେ ଓ ନଷ୍ଟ ଦ୍ରବ୍ୟ ମିଳିଲେ ଏ ଯଜ୍ଞର ଅନୁଷ୍ଠାନ କରୁଥିଲେ । (ହି. ଶବ୍ଦସାଗର) ।]

ଚୈତ୍ୟବିହାର—ସଂ. ବି—ବୌଦ୍ଧ ବା ଜୈନ ମଠ—
Chaitya-bihāra A Math of the Buddists or Jainas.

ଚୈତ୍ୟସ୍ଥାନ—ସଂ. ବି—୧ । ବୁଦ୍ଧଦେବଙ୍କ ମୂର୍ତ୍ତି ସ୍ଥାପିତ ହୋଇଥିବା ସ୍ଥାନ—
Chaitya-sthāna 1. A place containing an image of Buddha.
୨ । କୌଣସି ପବିତ୍ର ସ୍ଥାନ; ତୀର୍ଥ—2. Any sacred place; a centre of pilgrimage.

ଚୈତ୍ର—ସଂ. ବି (ଚୈତ୍ରୀ=ଚିତ୍ରା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା+ଯୁକ୍ତାର୍ଥେ. ଅ; ଯେଉଁ ମାସରେ ଚିତ୍ରାନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ହୁଏ—
Chaitra ୧ । ଫାଲ୍ଗୁନର ପରବର୍ତ୍ତୀ ଓ ବୈଶାଖର ପୂର୍ବବର୍ତ୍ତୀ ଚାନ୍ଦ୍ରମାସ; ବସନ୍ତର ଦ୍ୱିତୀୟ ମାସ—1. The lunar month succeeding Phālguna (i. e April or May).
[ଦ୍ର—ସମ୍ବତ୍ ବର୍ଷ ଗଣନାରେ ଏହା ବର୍ଷର ପ୍ରଥମ ମାସ ।]
୨ । ପୌରାଣିକ ଭାରତର ରାଜବଂଶବିଶେଷ—
2. Name of a mythological royal family of India.
୩ । ପୌରାଣିକ ୭ଟି ବର୍ଷପର୍ବତ ମଧ୍ୟରୁ ଏକ (ହି. ଶବ୍ଦସାଗର)—
3. One of the 7 mythological Barsha-mountains.
୪ । ବୌଦ୍ଧ ଭିକ୍ଷୁକ (ହି. ଶବ୍ଦସାଗର)—
4. A Buddist mendicant.
୫ । ଯଜ୍ଞଭୂମି (ହି. ଶବ୍ଦସାଗର)—5. A place where vedic sacrifice is performed.
୬ । ଦେବାଳୟ; ମନ୍ଦିର (ହି. ଶବ୍ଦସାଗର)—
6. A temple.
୭ । ଚୈତ୍ୟ (ହି. ଶବ୍ଦସାଗର) (ଦେଖ)—
7. Chaitya (See)
୮ । ବୁଧଙ୍କ ଔରସରେ ଚିତ୍ରା (ନକ୍ଷତ୍ର) ଗର୍ଭରୁ ଜନ୍ମିତ ପୌରାଣିକ ସପ୍ତଦ୍ୱୀପର ଅଧୀଶ୍ୱର ରାଜାବିଶେଷ ଓ ଚୈତ୍ର ନାମକ ରାଜବଂଶର ପ୍ରବର୍ତ୍ତକ—8. Name of a king of the seven mythological islands, said to have been born of the 14th lunar mansion as mother and the planet Mercury as father.
[ଦ୍ର—ଏହାଙ୍କ ବଂଶ ଚୈତ୍ର ବଂଶ ନାମରେ ବିଖ୍ୟାତ ଥିଲା ଏବଂ ଏହି ବଂଶରେ ଦୁର୍ଗାସପ୍ତଶତୀୋକ୍ତ ସୁରଥ ରାଜା ଜନ୍ମିଥିଲେ ।]

ଚୈତ୍ରମଖ—ସଂ. ବି. (ମ. ପଂ. ଲୋ; ଚୈତ୍ରମାସରେ ଅନୁଷ୍ଠିତ ମଖ)—
Chaitra-makha ଚୈତ୍ରମାସରେ ଅନୁଷ୍ଠିତ ମଦନୋତ୍ସବ; (ହି. ଶବ୍ଦସାଗର) ଝୁଲଦୋଳି ଉତ୍ସବ—A festival in honour of the Hindu God of Love during the month of Chaitra.

ଚୈତ୍ରରଥ—ସଂ. ବି. (ଚିତ୍ରରଥ=ଗନ୍ଧର୍ବବିଶେଷ+ରକ୍ଷାର୍ଥେ. ଅ)—
Chaitra-ratha ୧ । (ଯେଉଁ ଉଦ୍ୟାନର ଚିତ୍ରରଥ ଗନ୍ଧର୍ବ ଜଗୁଆଳ) କୁବେରଙ୍କ ଉଦ୍ୟାନ—1. The pleasure-garden of the Hindu God of Riches.
୨ । ମୁନିବିଶେଷ—2. Name of a sage.
୩ । ଚିତ୍ରରଥ ଗନ୍ଧର୍ବଙ୍କ ବିଷୟର ବର୍ଣ୍ଣନାତ୍ମକ ଗ୍ରନ୍ଥ—
3. Name of a book dealing whith the Gandharba Chitraratha.

ଚୈତ୍ରସଖା—ସଂ ବି. (୬ଷ୍ଠୀ ତତ୍; ଚୈତ୍ର+ସଖା, ଚୈତ୍ରମାସ ବସନ୍ତକାଳ ଓ କାମଦେବଙ୍କ ପ୍ରିୟମାସ ଥିବାରୁ—
Chaitra-sakhā The Hindu God of Love; Cupid.

ଚୈତ୍ରାବଳୀ—ସଂ. ବି. (ଚୈତ୍ର+ଆବଳୀ, ଅନ୍ୟ ସଂ. ନାମ. ମଧୁସ୍ରବା, Chaitrābalī ସୁବସନ୍ତ; କାମମହ; ବାସନ୍ତୀ; ଫର୍ଦ୍ଦମୀ; ହି. ଶବ୍ଦସାଗର)—୧ । ଚୈତ୍ରପୂର୍ଣ୍ଣିମା—1. The full-moon of the month of Chaitra.
୨ । ମଦନ ତ୍ରୟୋଦଶୀ; ଚୈତ୍ରମାସର ଶୁକ୍ଳତ୍ରୟୋଦଶୀ—
2. The 13th day of the bright fortnight of the month of Chaitra.

ଚୈତ୍ରିକ—ସଂ. ବି. (ଚୈତ୍ର+ଇକ)—ଚୈତ୍ରମାସ—
Chaitrika The month of Chaitra.
(ଚୈତ୍ରକ—ଅନ୍ୟରୂପ)

ଚୈତ୍ରୀ—ସଂ. (ଚିତ୍ରା+ଯୁକ୍ତାର୍ଥେ. ଅ+ସ୍ତ୍ରୀ. ଈ; ଯେଉଁ ପୂର୍ଣ୍ଣିମାରେ
Chaitri ଚନ୍ଦ୍ର ଚିତ୍ରାନକ୍ଷତ୍ର ସଙ୍ଗେ ରହନ୍ତି)—
୧ । ଚୈତ୍ରପୂର୍ଣ୍ଣିମା—The full-moon of the month of Chaitra.
୨ । (ଚୈତ୍ରୀ+ବିଦ୍ୟମାନାର୍ଥେ. ଇନ୍. ୧ମା. ୧ବ.) ଚୈତ୍ର ମାସ, (ପ୍ରକୃତିବାଦ)—
2. The month of Chaitra.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷରେ ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବେଟ' ନ ପାଇଲେ 'ଅଲ୍‌ବର୍ଟ୍' ଦେଖିବେ ।

ଚୈଦିକ—ସଂ. ବି. (ଚେଦି+ଇକ)—୧ । ଚେଦିଦେଶର ରାଜା; ଶିଶୁପାଳ—
Chaidika 1. A name of Śisupāla.
(ଚୈଦ୍ୟ—ଅନ୍ୟରୂପ) ୨ । ଚେଦିଦେଶୀୟ ଲୋକ—
2. A resident of the Chedi country.
ସଂ. ବିଣ—ଚେଦିଦେଶ ସମ୍ବନ୍ଧୀୟ—
Relating to the Chedi country.

ଚୈନ୍ (ଇତ୍ୟାଦି)—ଦେ. ବି ଓ ବିଣ—ଚଇନ୍ ଇତ୍ୟାଦି (ଦେଖ)
Chain (etc) Chain etc (See)
চেইন
चैन

ଚେନ୍ ବୈଦେ. ଗ୍ରା. ବି. (ଇଂ. ଚେନ୍)—ଶିକୁଳି—
चैन Chain.

ଚୈନ—ସଂ. ବିଣ (ଚୀନ+ଅ)—୧ । ଚୀନଦେଶୀୟ—
Chaina 1. Chinese.
୨ । ଚୀନଦେଶ ଜାତ—2 Produced in China.

ଚୈନେୟ—ସଂ. ବିଣ. (ଚୀନ+ଭବାର୍ଥେ. ଏୟ)—ଚୈନ (ଦେଖ)
Chaineya Chaina (See)

ଚୈଲ—ସଂ. ବିଣ (ଚେଲ+ସମ୍ବନ୍ଧାର୍ଥେ. ଅ)—୧ । ବସ୍ତ୍ରସମ୍ବନ୍ଧୀୟ—
Chaila 1. Relating to cloth
ସଂ. ବି. (ଚେଲ+ସ୍ୱାର୍ଥେ ଅ)—୧ । ବସ୍ତ୍ର—1. Cloth
୨ । ପୋଷାକ—2. Dress.

ଚୈଲକ—ସଂ. ବି—ଶୂଦ୍ର ପିତା ଓ କ୍ଷତ୍ରିୟା ମାତା ଗର୍ଭଜାତ ପ୍ରାଚୀନ ବର୍ଣ୍ଣସଙ୍କର ଜାତିବିଶେଷ (ହି. ଶବ୍ଦସାଗର)—Name of mixed caste originating from a Sūdra father and Kshatriya mother.
Chailaka

ଚୈଲଧାବ—ସଂ. ବି. (ଚେଲ+ଧାବ ଧାତୁ+କର୍ତ୍ତୃ. ଅ; ଯେ ଲୁଗା ଧୁଏ)—ଧୋବା— Washerman.
Chaila-dhāba

ଚୌକଟି—ପ୍ରାଦେ, (ଯାଜପୁର) ବି—ଚଉକଟି (ଦେଖ)
Choukati Chaukati (See)
[ଦ୍ର—ସଂ. ଚତୁଃ ଶବ୍ଦର ଅପଭ୍ରଂଶ 'ଚଉ' ବା 'ଚୌ' ଆଦ୍ୟରେ ଥିବା ଶବ୍ଦମାନ ଯାଜପୁରରେ 'ଚୌଉ' ଯୁକ୍ତ ହୋଇ ଉଚ୍ଚାରିତ ହୁଏ । ଯଥା—ଚଉକାଠ ସ୍ଥାନରେ ଚୌଉକାଠ, ଚଉପାଢ଼ି ସ୍ଥାନରେ ଚୌଉପାଢ଼ି; ପଣ୍ଡିତ ଓ ଶିକ୍ଷିତମାନଙ୍କ ମୁଖରୁ ମଧ୍ୟ ଘରୋଇ କଥାବାର୍ତ୍ତାରେ ଏହା ଶୁଣାଯାଏ ।]

ଚୋକ୍—ପ୍ରାଦେ. (ସମ୍ବଲପୁର) ବିଣ (ସଂ. ତୀକ୍ଷ୍ଣ)—ତୀକ୍ଷ୍ଣ—
Chok Sharp.

ଚୋକ—ସଂ. ବି—ଔଷଧାର୍ଥ ବ୍ୟବହୃତ ଗୁଳ୍ମବିଶେଷ—
Choka A medicinal plant; Cleome Felina.
भड़भाँड़, सतयानासी

ଚୋକଡ଼ି—ଦେ. ବି. (ସଂ. ଶକଲ; ଶଲ୍କ; ତ୍ୱକ୍; ସଂ. ଚୋଲକ=ବଲ୍କଲ)—
Chokarda ଗହମର ଚୋପା, ଭୁଷି—Husk of wheat; bran.
ভুসী; চোকল ପ୍ରାଦେ. (ଯାଜପୁର) ବିଣ—କୋଚଟ (ଦେଖ)
चोकर Kochata (See)
(ଯଥା—ଲୁହା ର ଚୋକଡ଼ି, କମାର ର ଚୋକଡ଼ି, ଇତ୍ୟାଦି ।)

ଚୋକ୍ଷ—ସଂ. ବିଣ. (ଚୁକ୍ଷ୍ ଧାତୁ+କର୍ତ୍ତୃ. ଯ)—ଦକ୍ଷ; ନିପୁଣ—
Choksha 1. Expert; skilful.
୨ । ତୀକ୍ଷ୍ଣ—2. Sharp.
୩ । ନିର୍ମଳ—3. Clean; pure.
୪ । ମନୋହର—4 Beautiful.
୫ । କ୍ଷୁଦ୍ର (ହି. ଶବ୍ଦସାଗର)—5. Small.
୬ । ପବିତ୍ର (ହି. ଶବ୍ଦସାଗର)—6. Sacred.
୭ । ହୁସିଆର (ହି. ଶବ୍ଦସାଗର)—7. Cautions.
୮ । ପ୍ରଶଂସିତ—8. Praised.
ସଂ. ବି—ପବିତ୍ର ବନପ୍ରଦେଶ—
A solitary and hallowed sylvan spot.

ଚୋଖ୍—ପ୍ରାଦେ. (ସମ୍ବଲପୁର) ବିଣ (ସଂ. ତୀକ୍ଷ୍ଣ)—ତୀକ୍ଷ୍ଣ—
Chokh Sharp.

ଚୋଖ—ଦେ. ବି. (ସଂ. ତୀକ୍ଷ୍ଣ; ଭୁଲ ପ୍ରା. ଚୋଖ)—୧ । ରାଗ; କ୍ରୋଧ—
Chokha 1. Anger.
ଚୋଖରେ ଲଳିତା ଭଣେ, ଚାହିଁ ନାହିଁ ତୁମ୍ଭେ କେଣେ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।
୨ । ମନୋଜ୍ଞତା; ସୌନ୍ଦର୍ଯ୍ୟ; ପରିପାଟୀ—
2. Beauty; charm; elegance.
चोख ୩ । ସଂଯୋଗ—3. Conjunction; connection.
୪ । ସ୍ଫୂର୍ତ୍ତି—4. Activity; briskness.
୫ । ତେଜ—5. Energy.
୬ । ବେଗ—6. Velocity.

চোখা ଦେ. ବିଣ. (ସଂ. ଚୋକ୍ଷ)—୧ । ସଂଲଗ୍ନ—
चोखा 1. Attached.
(ଚୋଖଣ—ଅନ୍ୟରୂପ) ୨ । ମନୋଜ୍ଞ; ସୁନ୍ଦର—
2. Beautiful; charming; fine.
ସୁନ୍ଦର ଚୋଖଦନ୍ତ ଶୋଭେ ତାରରେ
ଚନ୍ଦନ କରୁଛ ଚୋଟକ ନବଳ ବଂଶ ମନୋହର ଢଙ୍ଗରେ ।
ଭକ୍ତ. ଚରଣଦାସ ।
୩ । (ସଂ. ତୀକ୍ଷ୍ଣ) ତୀବ୍ର; ତୀକ୍ଷ୍ଣ—3. Sharp; piercing.
ଅଧିକ ହୋଇବ ଚୋଖ ଚନ୍ଦ୍ରା ଅଙ୍କୁର । ପ୍ରାଚୀ. ଉଦ୍ଧବମଞ୍ଜରୀ ।
୪ । ବିଶୁଦ୍ଧ; ଅମିଶ୍ରିତ—4. Pure; unmixed.
୫ । ଶ୍ରେଷ୍ଠ; ଉତ୍କୃଷ୍ଟ—5. Excellent.
ଏତ ଭକ୍ତିଙ୍କ ଉପରେ ଚୋଖ ଗୋ ସଜନ । ପ୍ରାଚୀ. ଉଦ୍ଧବମଞ୍ଜରୀ ।
୬ । ବେଗଗାମୀ—6. Swift.
୭ । ତେଜୀ; ସ୍ଫୂର୍ତ୍ତିବାନ୍—7. Active; energetic; brisk.

୧	ଋ	ଌ	ର୍‌,ର୍ବ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍ଯ	ଉଅ	ଛ
୨	ରି	ଲି	ରୁ	ଲୁ	ଯ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଙ୍ଗ	ନ୍ତ

ଚୋଖ କରିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ତୀକ୍ଷ୍ଣ)—
Chokha karibā ଛୁରୀ ବା କଟୁରୀ ଆଦିକୁ ଦାଢ଼ୁଆ କରିବା; ପଜେଇବା—To sharpen.

ଚୋଖା—ଦେ. ବିଣ. (ସଂ. ଚୋକ୍ଷ)—ଚୋଖ (ଦେଖ)
Chokhā Chokha (See)

ଯେଉଁ ବୁଦ୍ଧି ଚୋଖା ହେବ ସେହି ବୁଦ୍ଧିକୁ ଅର୍ପିବା—ଉପାଙ୍ଗ. ଗୀତଲହରୀ ।

ଚୋଖାର—ଦେ. ବିଣ. (ସଂ. ଚୋକ୍ଷ)—ଚୋଖା (ଦେଖ)
Chokhāra Chokhā (See)

ଦେ. ବି. (ପ୍ରାଚୀନ ଓଡ଼ିଆ ପୁସ୍ତକମାନଙ୍କରେ ବ୍ୟବହୃତ; ମାତ୍ର ଅର୍ଥ ଅସ୍ପଷ୍ଟ)—ବେଗଗାମୀ ଚର (ଗୋପୀନାଥ ନନ୍ଦ)—
A swift messenger.

ଚୋଖି—ଦେ. ବି. (ସଂ. ଚୁକ୍ର)—୧ । ଖଟାପାଳଙ୍ଗ; ଏକପ୍ରକାର ଶାଗ—
Chokhi 1. A kind of spinach (pot-herb).

୨ । ଓଡ଼ିଆ ଗୀତର ବୃତ୍ତବିଶେଷ—
2. A metre of Oria songs.
[ଦ୍ର—ଗୀତ ଛନ୍ଦେ ନୋଟ୍ ଦେଖ ।]

୩ । ଉତ୍କର୍ଷ; ଉତ୍ତମତା—3. Excellence.

ଚୋଖାଇ ୪ । ବାହାଦୁରି—4 Bragging; boasting.

(ଚୋଖ୍‌ଖୀ—ଅନ୍ୟରୂପ) ଦେ. ବି. (ସଂ. ଚୋକ୍ଷ)—ଚୋଖ (ଦେଖ)
Chokha (See)

ଚୋଖ୍‌ଖୀ ମାଲ୍—ଦେ. ବି—ଅତି ଉତ୍ତମ ବା ଉତ୍କୃଷ୍ଟ ପଦାର୍ଥ—
Chokhkhi māl Very good or excellent thing.

ଚୋଗା—ବୈଦେ. ବି. (ଫା. ଚୋଗା; ଭୁଲ ଇଁ. ଚୋଗା=ଅଣ୍ଟୁ ତଳ ବା
Chogā ଗୋଡ଼ଭଣ୍ଡା ପର୍ଯ୍ୟନ୍ତ ଲମ୍ବିଥିବା ଢିଲା ଓ ସାମନା ପାଖ
চোগা ଖୋଲାଥିବା ଜାମା (ଏହା ଚପ୍‌କନ୍ ଉପରେ ପିନ୍ଧାଯାଏ)—
चोगा Toga; a loose outer garment worn over a Chapkan.

ଚୋଙ୍ଖି ମାଲ—ଗ୍ରା. ବି—ଚୋଖ୍‌ଖୀ ମାଲ (ଦେଖ)
Chonkhi māla Chokhkhi māla (See)

ଚୋଙ୍ଗା—ଦେ. ବି. (ସଂ. ଚୁଣୀ=ଶରମୁଣ୍ଡା)—ଚୁଙ୍ଗା; ବଡ଼ନଳ—
Chongā A big tube.
চোঙা
चोंगा
(ଚୁଙ୍ଗୀ=କ୍ଷୁଦ୍ର ନଳ)

ଚୋଚ—ସଂ. ବି—୧ । ଡାଲଚିନି (ଦ୍ରବ୍ୟଗୁଣ)—
Chocha 1. Cinnamon-bark.

୨ । ବଲ୍କଲ—2. Bark (M. W.).

୩ । ଚର୍ମ; ଛାଲ—3. Skin (M. W.).

୪ । ନଡ଼ିଆ ଫଳ—4. Cocoanut fruit (M. W.).

୫ । ତାଳ ଫଳ—5. The fruit of the fan-palm (M. W.).

୬ । କାଠିଆ କଦଳୀ—6. Banana (M. W.).

୭ । ଫଳର ଅଖାଦ୍ୟ ଅଂଶ—
7. The uneatable part of a fruit (M. W.).

ଚୋଚମା (ଇତ୍ୟାଦି)—ଦେ. ବି—ଚୁଚୁମା ଇତ୍ୟାଦି (ଦେଖ)
Chochamā (etc) Chuchumā etc (See)

ଚୋଚମା ଚୋଚମି—ଦେ. ବି. (ଚଢ଼ୁବାର ଅର୍ଥରେ ଦ୍ୱିତ୍ୱ)—
Chochamā chochami ଚହୁବାର ଚଚୁମିବା—
Repeated sucking.

ଚୋଚମିବା—ଦେ. କ୍ରି—ଚଚୁମିବା (ଦେଖ)
Chochamibā Chuchumibā (See)
(ଚୋଚମାଇବା; ଚୋଚମେଇବା—ଣିଜନ୍ତରୂପ)
ଚୋଚମିବା }
ଚୋଚୁମିବା }

ଚୋଟ—ଦେ. ବି. (ସଂ. ଚୁଟ୍ ଧାତୁ=କାଟିବା)—
Choṭa ୧ । ଶସ୍ତ୍ରଦ୍ୱାରା ଆଘାତ; ମାଡ଼; ପ୍ରହାର—
চোট 1. Stroke; blow or cut with a weapon.
चोट ଭଲ୍ ବୋଇଲେ କ ଚୁଟେ କ କାଟେ ? ଦାଇ ।

୨ । ଶସ୍ତ୍ରାଘାତଜନିତ କ୍ଷତ; ଜଖମ୍; ଘାଆ—
2. Wound or sore due to a blow with a weapon.

୩ । ଆଘାତଜନିତ ଶାରୀରିକ ବ୍ୟଥା—
3. Physical pain due to a blow.

୪ । ଜୋର୍; ବଳ; ଶକ୍ତି—
4. Force; power; vigour.

ମୋହର ଲହର ଚୋଟରେ ସଢ଼କର ଅଂସ୍ଥା ଗୋଚଳାପ୍ଯ ତୋରପଙ୍କ୍ତିଶ୍ଣେ ।
ଉତ୍କଳସେବକ ୪।୩।୨୧ ।

୫ । ତୀବ୍ରତା; ପ୍ରଖରତା—5. Keenness.

୬ । ବନ୍ଧୁକରେ ଥରେ ଗୁଳି ବାରୁଦ ଖଦା ହେବା—
6. Charging of a gun with powder; charge.
(ଯଥା – ଦୋହୋଲାନଳୀ ବନ୍ଧୁକରେ ଏକାଥରକେ ଦୁଇଚୋଟ ପଡ଼େ ।)

୭ । ବନ୍ଧୁକର ଥରେ ଫାଏର୍ ହେବା—
7. Discharge of a gun; firing of a gun.
(ଯଥା—ଉଲ୍‌ଭରେ ଲାଗେଲାଗେ ୬ ଚୋଟ ଫାଏର୍ ହୁଏ ।)

୮ । ଶସ୍ତ୍ରଦ୍ୱାରା ଥରେ ଆଘାତ—
8. One blow with a weapon.

କାମୀ କାମିନୀ ଯହିଁ ହେଲେ ଭେଟ,
ଭେଟ କରନ୍ତି କାମ କୃପାଣ ଚୋଟ । ସାନକୃଷ୍ଣ. ଜଗମୋହନ ।

୯ । (ଲକ୍ଷଣାର୍ଥ) ମନରେ ଲାଗିବା ଆଘାତ ବା ଦୁଃଖ; ମନୋବେଦନା—9. Grief; mental affliction.

୧୦ । (ଆକ୍ରମଣର) ବାର ; ଥର—
10. Time (of an attack).

ସାଧାରଣ ଲୋକେ ଅପଢ଼ ପୁସ୍ତକରେ ମୂର୍ଦ୍ଧନ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୧୧ । ସର୍ପାଦିଙ୍କର ଦଂଶନ—11. Biting of a snake.

୧୨ । ଶସ୍ତ୍ରାଘାତ ବା ସର୍ପଦଂଶନର ଚିହ୍ନ—
12. The mark of a blow or snake-bite.
(ଯଥା—ତା ଦେହରେ ୩ ଯାଗାରେ ଚୋଟ ବସିଛି ।)

୧୩ । ଗୁରୁ ଦାୟିତ୍ୱ ବା ଜବାବଦେହୀ—
13 Grave responsibility.

[ଦ୍ର—ଚୋଟ ଶବ୍ଦ ସଙ୍ଗେ ଦେବା, ମାରିବା, ପକାଇବା, ଲଗାଇବା, ଭରିବା, ଖାଇବା, ସହିବା, ସମ୍ଭାଳିବା, ହାଣିବା, ବଜାଇବା ଆଦି ଶବ୍ଦ ଯୁକ୍ତ ହୋଇ କ୍ରିୟାରୂପେ ଓ କାଟିବା, ବସିବା, ବାଜିବା, ଲାଗିବା, ପଡ଼ିବା, ପହଞ୍ଚିବା, ଖସିଯିବା ଆଦି ଶବ୍ଦ ଯୁକ୍ତ ହୋଇ ବିଶେଷ୍ୟରୂପେ ବ୍ୟବହୃତ ହୁଏ ।]

୧୪ । ହଣ୍ଟା; ତୋଡ଼—14. Volley; paroxysm; fit (e. g. of rage).

୧୫ । କୌଣସି କାର୍ଯ୍ୟ ସମ୍ବନ୍ଧେ ଜିଦ୍; ଜଗର—15 Zid; being bent on doing a thing; fixed determination to do a thing.

୧୬ । ତୀକ୍ଷ୍ଣ ଶସ୍ତ୍ରଦ୍ୱାରା କଟା ଆଘାତ; ହାଣ—
16. Cutting by a sharp instrument; cut.

ଚୋଟ କାଟିବା—ଦେ. କି—୧ । ଅସ୍ତ୍ରର ଆଘାତ ସଫଳ ହେବା—
Choṭa kāṭibā 1. (a blow from a weapon) Becoming effective.
চোটলাগা
चोटलगना
୨ । ଅସ୍ତ୍ର ଶସ୍ତ୍ରାଦିର ଆଘାତଦ୍ୱାରା ବ୍ୟଥା ଜନ୍ମିବା—
2. Suffering or pain resulting from a blow.

ଚୋଟ ଚପଟ—ଦେ. ବି (ଏକାର୍ଥକ ସହଚର)—ଆଘାତମାନ—
Choṭa chapaṭa Strokes.
চোটপাট
चोटचपट

ଚୋଟ ପକା(କେ)ଇବା—ଦେ. କି—୧ । ବନ୍ଧୁକରେ ବାରୁଦ ଭରିବା—
Choṭapakā(ke)ibā 1. To charge a gun.
চোটমারা
चोटमारना
ଅଗ ଲୋକେ ପୁଣି ଚୋଟ ପକାଇ, ବେଗେ ହାକର ହୋଇଥାନ୍ତି ସାର । ଚୁନ୍ନାଥ. ସମରତରଙ୍ଗ ।
୨ । (ସର୍ପ) ଦଂଶନ କରିବା—2. (snake) To bite

ଚୋଟ ବାଜିବା—ଦେ. ବି—ଚୋଟ କାଟିବା (ଦେଖ)—
Choṭa bājibā Choṭa kāṭibā (See)

ଚୋଟ ମାରିବା—ଦେ. କି—୧ । ଅସ୍ତ୍ରଶସ୍ତ୍ରଦ୍ୱାରା ଆଘାତ କରିବା—
Choṭa māribā 1. To strike a blow.
চোটমারা
चोटमारना
୨ । (ସର୍ପ) ଦଂଶନ କରିବା—
2. (snake) To bite.

ଚୋଟେ—ଦେ. ବି—୧ । କେବଳମାତ୍ର ଚୋଟ ବା ଆଘାତ—
Choṭe 1. Only one blow.
একচোট
୨ । ଥରେମାତ୍ର—2. Once only.

ଚୋଟେଇବା—ଦେ. କି—ତୀକ୍ଷ୍ଣ କଟିକାସ୍ତ୍ର (ଯଥା—ଖଣ୍ଡା, କଟୁରୀ) ଦ୍ୱାରା
Choṭeibā ବାରମ୍ବାର ଚୋଟ କରି ହାଣିବା—
কোপান To cut by strokes; to give successive cuts
चोटियाना with a sharp weapon; to chop.

ଚୋଟ୍ଠା (ଇତ୍ୟାଦି)—ଦେ. ବଣ—ଚୋଠା ଇତ୍ୟାଦି (ଦେଖ)
Choṭṭhā (etc) Choṭhā etc (See .
(ଚୋଟ୍ଠୀ—ସ୍ତ୍ରୀ)

ଚୋଠଉଁ ଚୋଠା—ଦେ. ବଣ—(ଚୋଠା ଠାରୁ ବଳି ଚୋଠା) ଅତ୍ୟନ୍ତ
Choṭhauñ choṭhā ଚୋଠା—Very wicked.
चोटम चोट्टा
(ଚୋଠମ୍ ଚୋଠା—ଅନ୍ୟରୂପ)

ଚୋଠମ୍ ଚୋଠା—ଦେ. ବଣ—ଚୋଠଉଁ ଚୋଠା (ଦେଖ)
Choṭham choṭhā Choṭhauñ choṭhā (See)

ଚୋଠା—ଦେ. ବ (ସଂ. ଚୌର; ହିନ୍ଦିରେ ଚୋଟ୍ଟାର ଅର୍ଥ ଚୋର ଓ
Choṭhā ଚୋଟ୍ଟୀବା, ଚୋଟ୍ଟିବାଲା ଶବ୍ଦଦ୍ୱୟ ପୁରୁଷଙ୍କୁ ଗାଳିରେ
(ଚୋଠୀ—ସ୍ତ୍ରୀ) ବ୍ୟବହୃତ ହୁଏ)—୧ । ଚୋର—
ଚୋଠାମିର
ଚୋଠାପଣ
ଚୋଠାଇ
ଚୋଠାମି
1. Thief.
୨ । ଖେଚେଡ଼ା—2. Wicked.
୩ । ପାଜି; ନୀଚପ୍ରକୃତିକ—
3. Mean-minded.
চোট্টা
୪ । କୃପଣ—4. Miserly.
चोट्टा
୫ । ବଦମାଏସ; ଯେଉଁ ଭୃତ୍ୟ ପ୍ରଭୁଙ୍କୁ ମାନେ ନାହିଁ—
5. Insubordinate (servant).

ଚୋଡ଼—ସଂ. ବ (ଚୁଲ୍ ଧାତୁ=ଉନ୍ନତ ହେବା + ଅ)—
Choṛa ୧ । ଦକ୍ଷିଣ ଭାରତର ପ୍ରାଚୀନ ଦେଶବିଶେଷ; ଚୋଳ—
1. Name of an ancient kingdom in South India.
୨ । ଉତ୍ତରୀୟ ବସ୍ତ୍ର—2. A sheet for the upper part of the body.
୩ । କାଞ୍ଚୁଳି—3. Bodice.

ଚୋଡ଼କ—ସଂ. ବ (ଚୋଡ଼ + କ)—ଏକପ୍ରକାର ପରିଧେୟ ବସ୍ତ୍ର (ହି.
Choṛaka ଶବ୍ଦସାଗର)—A kind of cloth for wearing.

ଚୋଡ଼ା—ସଂ. ବ (ଚୁଲ ଧାତୁ=ଉନ୍ନତ ହେବା + କର୍ତ୍ତୃ. ଅ + ଆ)—
Choṛā ବଡ଼ ଗୋରଖମୁଣ୍ଡୀ (ହି. ଶବ୍ଦସାଗର) (ଦେଖ)
A variety of Gorakhamuṇḍi (See)

ଚୋଡ଼ୀ—ସଂ. ବ (ଚୁଲ ଧାତୁ=ଉନ୍ନତହେବା + କର୍ତ୍ତୃ. ଅ + ଈ)—
Choṛi ସ୍ତ୍ରୀମାନଙ୍କ ପିନ୍ଧିବା ଶାଢ଼ୀ (ହି. ଶବ୍ଦସାଗର)—
A cloth with coloured boder worn by women.

ଚୋତକ—ସଂ. ବ—୧ । ଡାଲଚିନି (ହି. ଶବ୍ଦସାଗର)—
Chotaka 1 Cinnamon-bark.

୯	ଇ	ଉ	ଋ,ୠ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଏ	ଉଅ	ଛ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଈ	ନୃ

୨ । ବଲ୍କଲ—2. Bark of a tree.

ଚୋଦ୍—ଦେ. ବଣ. ପୁଂ (ଅନ୍ୟ ଶବ୍ଦ ପରେ ଲାଗେ, ଯଥା—ବାହାନ୍-ଚୋଦ୍, ମାଦର୍‌ଚୋଦ୍) ଯେ (ଅମୁକ ସ୍ତ୍ରୀକୁ) ମୈଥୁନ କରେ—
Chod (in compounds) Cohabiting with (such a woman.)
চোদ
चोद

ଚୋଦ—ସଂ. ବ—୧ । ଚାବୁକ; କୋରଡ଼ା (ହି. ଶବ୍ଦସାଗର)—
Choda 1. Whip.
୨ । ଅଗରେ ମୁନିଆ ଲୁହାକଣ୍ଟା ଲାଗିଥିବା ଲମ୍ବ ଯଷ୍ଟି (ହି. ଶବ୍ଦସାଗର)—2 A long stick with an iron point at the top; goad.

ଚୋଦକ—ସଂ. ବଣ. ପୁଂ. (ଚୁଦ୍ ଧାତୁ, ଣିଚ=ଚୋଦ ଧାତୁ+କର୍ତ୍ତୃ. ଅକ)—୧ । ଯେ ପ୍ରବର୍ତ୍ତାଏ—
Chodaka 1. Inducing; one who induces.
୨ । ଯେ ପଠାଏ—2. Sending; one who sends.
୩ । ନିଯୋଜକ—3. Employing; one who employs.
୪ । କୌଣସି କାର୍ଯ୍ୟ କରିବାକୁ ଯେ ଅନ୍ୟକୁ ଉତ୍ତେଜିତ କରେ—4. Inciting another person to do a work; goading to action.

ଚୋଦଣା—ଦେ. ବ—ମୈଥୁନ—
Chodanā Copulation.

ଚୋଦନ—ସଂ. ବ. (ଚୁଦ୍ ଧାତୁ ଣିଚ୍=ଚୋଦ ଧାତୁ+ଅନ)—
Chodana ୧ । ବିଧିବାକ୍ୟ; କୌଣସି କାର୍ଯ୍ୟ କରିବା ପାଇଁ ଉପଦେଶ ବାକ୍ୟ—1. Precept
୨ । ପ୍ରେରଣ—2. Sending.
୩ । ନିଯୋଜନ—3. Employing.
୪ । ସଂଯୋଗ ଆଦି ସମ୍ବନ୍ଧ ସ୍ଥାପନ ପାଇଁ ପ୍ରଯତ୍ନ—4. Exertion for bringing about a union.
୫ । ପ୍ରବର୍ତ୍ତନ—5. Inducing; impelling.
ସଂ. ବଣ—ଚୋଦକ (ଦେଖ)—Chodaka (See)
চুদন ଗ୍ରା. ବ. (ଅଶ୍ଳୀଳ)—ସ୍ତ୍ରୀ ପୁରୁଷଙ୍କ ରତିପ୍ରସଙ୍ଗ; ରମଣ—Cohabitation; copulation.
चुदाई

ଚୋଦନା—ସଂ. ବ ସ୍ତ୍ରୀ (ଚୋଦନ+ସ୍ତ୍ରୀ. ଆ)—
Chodanā ୧ । ଶୋଧନ; ଭର୍ତ୍ସନା—1. Reproof (M. W.).
୨ । ଚୋଦନ (ଦେଖ)—2 Chodana (See)
ଗ୍ରା. ବ. (ଅଶ୍ଳୀଳ)—ମୈଥୁନ—Copulation.

ଚୋଦନୀ—ଗ୍ରା. ବଣ. ସ୍ତ୍ରୀ (ଅଶ୍ଳୀଳ ଗାଳି)—ଚୋଦେଈ (ଦେଖ)
Chodanī Chodeī (See)
ସଂ. ବ—ଚୋଦନୀ ନାମକ ଗୁଳ୍ମ—Name of a plant.

ଚୋଦୟିତା—ସଂ. ବଣ. ପୁ (ଚୁଦ୍ ଧାତୁ ଣିଚ୍=ଚୋଦ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ.)—ଚୋଦକ (ଦେଖ)
Chodayitā Chodaka (See.)
(ଚୋଦୟିତ୍ରୀ—ସ୍ତ୍ରୀ)

ଚୋଦା—ଗ୍ରା. ବ (ଅଶ୍ଳୀଳ) (ସଂ. ଚୁଦ୍ ଧାତୁ ଣିଚ. ଚୋଦ ଧାତୁ=
Chodā ସଂଯୋଗ ପାଇଁ ଯତ୍ନ କରିବା, ପ୍ରବର୍ତ୍ତାଇବା)—ମୈଥୁନ;
চুদা; চোদা ସ୍ତ୍ରୀ ପୁରୁଷ ସଙ୍ଗମ—Cohabitation; copulation.
चुदा
चुदवैया ବଣ. ପୁଂ (ଅଶ୍ଳୀଳ)—୧ । ସ୍ତ୍ରୀପ୍ରସଙ୍ଗରେ ଅତିରିକ୍ତ
(ଚୋଦେଈ—ସ୍ତ୍ରୀ) ରୂପେ ରତ—1. Addicted to excessive copulation.
୨ । କାମାତୁର—2. Lecherous (male).
୩ । (ଗାଳି) ଲମ୍ପଟ; ପରସ୍ତ୍ରୀରତ—3. Adulterous (male).
୪ । (ସମାସରେ ବ୍ୟବହୃତ) ଯେ ଅମୁକ ସ୍ତ୍ରୀକୁ ରମଣ କରେ—4. Cohabiting with such or such a female

ଚୋଦାଇବା—ଗ୍ରା. କ୍ରି. (ଅଶ୍ଳୀଳ)—୧ । (ସ୍ତ୍ରୀ) ଆପଣାକୁ ପୁରୁଷଦ୍ୱାରା
Chodāibā ରମିତ କରାଇବା—1. (a female) To allow
চুদান; চোদান one's self to be cohabited by a male.
चुदवाना, चुदाना ୨ । (କୌଣସି ପୁରୁଷ) ଆପଣାର ସ୍ତ୍ରୀ ବା ଅନ୍ୟ କୌଣସି ସମ୍ପର୍କୀୟା ସ୍ତ୍ରୀକୁ ଜାରପୁରୁଷ ସହବାସ କରିବାକୁ ଦେବା—2. (a male) To allow his wife or another woman to have copulation with a paramour.
(ଚୋଦେଇବା—ଅନ୍ୟରୂପ)

ଚୋଦାଇ ହେବା—ଗ୍ରା. କ୍ରି. (ଅଶ୍ଳୀଳ)—ଚୋଦାଇବା ୧ (ଦେଖ)
Chodāi hebā Chodāibā 1 (See)
(ଚୋଦେଇ ହେବା—ଅନ୍ୟରୂପ)

ଚୋଦିତ—ସଂ. ବ. (ଚୁଦ୍ ଧାତୁ+କର୍ମ. ତ)—୧ । ଆଦିଷ୍ଟ—
Chodita 1. Enjoined; directed; ordered (M.W).
୨ । ଉତ୍ତେଜିତ—2. Incited; impelled.
୩ । ଯେଉଁ ପଶୁଆଦିକୁ ଅଡ଼ାଇ ଦିଆ ଯାଉଥାଏ—3. (beast) Driven or goaded to action (M. W.).
୪ । ଯାହାଙ୍କୁ ଅବଗତ କରାଯାଏ—4. Informed (M. W.).
୫ । ସ୍ଥିରୀକୃତ—5 Fixed; appointed (M. W).

ଚୋଦିବା—ଦେ. କ୍ରି (ସଂ. ଚୁଦ ଧାତୁ ଣିଚ. ଚୋଦ ଧାତୁ=ପ୍ରବର୍ତ୍ତାଇବା)—
Chodibā ଉତ୍ତେଜନା ଜାତ କରିବା—To excite.
চুদা; চোদা ଗ୍ରା ବ. (ଅଶ୍ଳୀଳ) (ସଂ. ଚୁଦ୍ ଧାତୁ)—ସ୍ତ୍ରୀସଙ୍ଗମ
चुदना; चोदना କରିବା—To cohabit.

ଚୋଦେଈ—ଗ୍ରା. ବଣ. ସ୍ତ୍ରୀ (ଅଶ୍ଳୀଳ ଗାଳି)—୧ । ଅତ୍ୟନ୍ତ ପୁରୁଷ-
Chodeī ସଙ୍ଗମାସକ୍ତା (ସ୍ତ୍ରୀ); କାମାତୁରା—
চুতমারানী 1. (female) Addicted to carnal pleasures;
चुदासी, चोदासो lecherous (female); lustful.
୨ । କୁଳଟା; ଦୁଃଶୀଳା—2. Adulterous woman.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଙ୍କୋ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚୋପ୍ (ଇତ୍ୟାଦି)—ଦେ. ଅ—ଚୁପ୍ ଇତ୍ୟାଦି (ଦେଖ)
Chop (etc) Chup etc (See)

ଅରେ ଚୋପ୍ ଚୋପ୍ ସେମାନଙ୍କ ବଦନ କାହିଁକି କହୁଛୁ—
ଭକ୍ତଚରଣ. ମୌତୁକ ।

ପ୍ରାଦେ. (ସମ୍ବଲପୁର) ବି. (ସଂ. ଚ୍ୟୁ ଧାତୁ=ଝରିବା; ତୁଳ. ହି. ଚୋପ୍=କଞ୍ଚା ଆମ୍ବଫଳର ଲସି)—

୧ । ଗଛର ଅଠା ବା କ୍ଷୀର—
1. Gum or juice from trees.

୨ । ଅଶ୍ୱତ୍ଥ ଗଛର ଅଠା —
2. The gummy juice of Religious Fig tree.

୩ । କଞ୍ଚା ଆମ୍ବ ଫଳର ଡେମ୍ଫ ଭାଙ୍ଗି ଦେଲେ ଫଳର ମୁଣ୍ଡିରୁ ଯେଉଁ ଲସି ବାହାରେ—
3. Acrid juice coming out of a young mango when separated from the stalk.

ଚୋପ୍ କାଣ୍ଡିଆ—ପ୍ରାଦେ. (ସମ୍ବଲପୁର) ବି—ଅଠାକାଠି; ଅଠାକାଣ୍ଡିଆ—
Chop kāṇḍiā Pointed reed covered with bird-lime.

ଚୋପ୍‌ଚାପ୍—ଗ୍ରା. ବି ଓ ବିଣ—ଚୁପ୍‌ଚାପ୍ (ଦେଖ)
Chopchāp Chupchāp (See)

ଚୋପ୍‌ଦାର୍—ବୈଦେ. ବି. (ଫା. ଚୋବ୍‌ଦାର୍)—
Chopdār ରାଜା ଓ ବିଶିଷ୍ଟ ବ୍ୟକ୍ତିମାନେ ଶୋଭାଯାତ୍ରା କରିବା
ଚୋପଦାର ସମୟରେ ତାଙ୍କ ଆଗେ ଆଗେ ଆସା, ସୋଟା
चोबदार ବହନ କରି ଅଗ୍ରସର ହେବା ଭୃତ୍ୟ; ରାଜଦଣ୍ଡ ବାହକ; ଅଗ୍ରଗାମୀ ସିପାହୀ; ଆସାବର୍‌ଦାର୍—
Chobedār; persons carrying maces before kings on ceremonial occasions.

ଚୋପ—ଦେ. ବି—୧ । ରାଗ; କ୍ରୋଧ—
Chopa 1. Anger.

୨ । ଶର; ବାଣ—1. Arrow.

୩ । ଦାନପତ୍ର—3. Deed of gift.

୪ । ଅଧିକାରପତ୍ର—
4. A deed or letter of authority.

ବୈଦେ. ବି. (ଫା. ଚୋବ୍)—୧ । ତମ୍ବୁକୁ ସିଧା କରି ଠିଆ କରିବା ପାଇଁ ବ୍ୟବହୃତ ଖୁଣ୍ଟି—
चोब 1. Tent-pole.

୨ । ଢୋଲ, ନାଗରା, ତାସା ଆଦି ବାଡ଼େଇବାରେ ବ୍ୟବହୃତ କାଠି—2. Drum-stick.

ପାଞ୍ଚ ଯାକ ନାଗରେ ତା ତୋଡ଼ି ଯାଉ ଚୋପ । ଭକ୍ତକବି. କବିତ ବଳସ୍ୱ ।

୩ । ସୁନା ବା ରୂପା ଛାଉଣି ହୋଇଥିବା ଦଣ୍ଡ (ଯାହା ଚୋପ୍‌ଦାରମାନେ ରାଜା ଆଦିଙ୍କ ଗହଣରେ ବହନ୍ତି)—
3. Gilt or silver-covered big sticks carried by bearers in the retinue of great personages.

ପ୍ରା.ଦେ. (ସମ୍ବଲପୁର) ବି—ବରଗଛର ଅଠା—
The gummy juice of Banyan tree.

ଚୋପକ—ଦେ. ବି—ବାଣ; କାଣ୍ଡ—
Chopaka Arrow.

ଜାଲ ଚୋପକ ନଳ କାଣ୍ଡ
ଅବିର ଧରି ଟେକା ପାଦ । ପ୍ରାଚୀ. ନବ୍ୟଣମାହାତ୍ମ୍ୟ ।

ଚୋପ କାଠି—ଦେ. ବି. (ଫା. ଚୋବ୍+ସଂ. କାଷ୍ଠ)—
Chopa kāṭhi ଯେଉଁ କାଠି ଦ୍ୱାରା ଢୋଲ ଓ ନାଗରା ଆଦି ବାଡ଼ିଆ ହୁଏ—Drum-stick.

[ଦ୍ର— ପାଣ ଓ ବାଡ଼ିମାନଙ୍କର ଚୋପକାଠି ସନ୍ତକ ଅଟେ ।]

ଚୋପ ଖଣ୍ଡୁଆତ—ଦେ. ବି. (ପ୍ରାଚୀ)—ଅଧିକାରପତ୍ର—
Chopa khaṇḍuāti Deed or letter of authority.

ମହାପାତ୍ରେ ଶାଢ଼ୀ ଦାଇ ପୁରୁଷୋତ୍ତମ ଦେଶ ଲୋକଙ୍କୁ ଚୋପ ଖଣ୍ଡୁଆତ ଦେଲେ ।
ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।

ଚୋପଦାର୍—ଦେ. ବି—ଚୋପ୍‌ଦାର୍ (ଦେଖ)
Chopadār Chopdār (See)

ଲଳିତ ଚୋପଦାରେ ଡାକନ୍ତି କହି ନୋହେ ଏ ଯେଉଁ ସମସ୍ତ
କି ଅବା ଛନ୍ଦି ପଡ଼ିଲ ସୁରନଗରୀ ହିର । ବ୍ରଜନାଥ. ସମର ତରଙ୍ଗ ।

ଚୋପ ପତ୍ର—ଦେ. ବି—ସନନ୍ଦ—
Chopa patra A deed or letter of gift.

ଚୋପରା—ପ୍ରାଦେ. (ସମ୍ବଲପୁର) ବି—ଅଳିଆ; ଝାଡ଼ୁଆ—
Choparā Refuse; sweepings.

ଚୋପରା ଖାତ—ପ୍ରାଦେ. (ବାଲେଶ୍ୱର) ବି—ଯେଉଁ ଖାତରେ ଅଳିଆ ବା
Choparā khāta ଝାଡ଼ୁଆ ପକାଯାଏ—Refuse-pit.

ଚୋପା—ଦେ. ବି. (ସଂ. ଚୁପ ଧାତୁଜାତ ଚୋପନ=ଗୋପନ; ଯାହା
Chopā ମଧ୍ୟସ୍ଥ ବସ୍ତୁକୁ ଗୋପନ କରେ)—୧ । ବୃକ୍ଷର ଛେଲି
ଚୋପରା; ଛିବଡ଼ା ବା ବଲ୍କଲ—1. Bark of trees.
छाल, छिलका ୨ । ଫଳର ଉପରସ୍ଥ ଆବରଣ—
2. The rind of a fruit.

୩ । ଶସ୍ୟାଦିର ତୁଷ—3. The husks of grain.

୪ । ଛାଲ; ବାହାରର ଚମଡ଼ା—4 Outer skin.

୫ । ଘାଆର ବକଳା—
5. The slough of a wound or sore.

ଦେ. ବିଣ—ସାରହୀନ; ବଲ୍କଲମାତ୍ରାବଶିଷ୍ଟ—
Hollowed; emptied of the inner substance.

ଚୋପାଚୋପି—ଦେ. ବି—କଟା ହୋଇଥିବା ନାନାଫଳର ଚୋପା—
Chopāchopi The rinds of various fruits scraped off from the fruits.

ଚୋପାଛଡ଼ା—ଦେ. ବିଣ. (ଅବଜ୍ଞା ସୂଚକ)—ଯେ ସବୁକଥାରୁ କଠୋର
Chopā-chharḍā କରି ଦୋଷଗୁଣ ବାଛେ—(a term of contempt) Over-careful in dealing with a thing.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଙ୍ଯ	ଯ	ସ	ଙ୍ଗ	ଇଅ	ଓ	ଜ୍ଞ

ଚୋପା ଛଡ଼ାଇବା—ଦେ. କି—ଉପରୁ ଛାଲ ଛଡ଼ାଇବା; ଛାଲ ଉତାରିବା—
Chopā-chhaṛāibā To take off the rind or outer skin.
(ଚୋପା ଛଡ଼େଇବା—ଅନ୍ୟରୂପ)

ଚୋପାମୁହାଁ—ଦେ. ବଣ. ପୁଂ—ଯାହା ମୁହଁ ଫଳର ଚୋପା ପରି ଭିତରକୁ
Chopā-muhāñ ପଶିଯାଇ ଥାଏ; ଝାଙ୍କୁଅଗାଲ—
(ଚୋପାମୁହିଁ—ସ୍ତ୍ରୀ) One whose cheeks are hollowed like the rind of a fruit.

ଚୋବ୍ (ଇତ୍ୟାଦି)—ବୈଦେ. ବ. (ଫା)—ଚୋପ୍ ଇତ୍ୟାଦି (ଦେଖ)
Chob (etc) Chop etc (See)

ଚୋବ୍‌ଚିନି—ଦେ. ବ. (ଫା. ଚୋବ୍=କାଠି+ଚୀନ=ଚୀନ୍ ଦେଶରୁ
Chob-chini ଆଗତ)—ମୋଦକରେ ବ୍ୟବହୃତ ବିଦେଶୀୟ
ସଂ. ନାମ—ଦ୍ୱୀପାନ୍ତ ବଚ୍, ବଚ, ଚୋପଚିନି—A kind of
ଓ. ଚୋପଚିନି, ଚୋବଚିନି pungent root used as a
চোবচিনি tonic; Smilax China (tree)
चोबचिनि and its root; China-root.
ଫା. ଚୋବଚିନ [ଦ୍ର—ଏହା ଚୀନ ଓ ଜାପାନରେ
ଆ. ଖସବୁଲସିନ ଜନ୍ମିବା ଏକ ଲତାର ଚେର; ଏହା
ଈଷତ୍ ତିକ୍ତ, ଉଷ୍ଣବୀର୍ଯ୍ୟ, ଅଗ୍ନିଦୀପକ, ରକ୍ତଶୋଧକ ଓ ମଳମୂତ୍ର-
ବିଶୋଧକ। ଏହା ବବନ, ଉଦରଧ୍ମାନ, ଶୂଳ, ବାତ, ଅପସ୍ମାର,
ଉନ୍ମାଦ ଓ ଗାତ୍ରବେଦନା-ନିବାରକ; ଫିରଙ୍ଗ (ଗର୍ମି) ରୋଗରେ ଓ
ଦୁର୍ବଳତାରେ ଏହା ବ୍ୟବହୃତ ହୁଏ। ଏ ଲତାର ପତ୍ର ଅଶ୍ୱଗନ୍ଧା
ଗଛର ପତ୍ରପରି।]

ଚୋବଣା—ଦେ. ବି. (ସଂ. ଚର୍ବଣ)—ଚବଣା, ଚୋବାଇବା ପାଇଁ
Chobaṇā ବ୍ୟବହୃତ ଗୁଡ଼ଲ ମୁଗଆଦି ନାନା ଶସ୍ୟର ମିଶ୍ରିତ ଭଜା—
चबेना Fried grains eaten by chewing.

ଚୋବା—ଦେ. ବି. (ସଂ. ଚର୍ବଣ)—୧। ଦନ୍ତଦ୍ୱାରା ପେଷଣ—
Chobā 1. Chewing.
চিবান ୨। ଭୋଜନବେଳେ ଖାଦ୍ୟଦ୍ରବ୍ୟକୁ ଦନ୍ତଦ୍ୱାରା ଉତ୍ତମରୂପେ
चबेना ଚିଗଡ଼ିବା—2. Mastication.
୩। ଚୋବଣା (ଦେଖ)
3. Chobaṇā (See)

ଚୋବାଇ ଚୋବାଇ କଥା କହିବା—ଦେ. କି—ପାଟିରେ ଗୁଡ଼ିଲ
Chobāi chobāi kathā kahibā ଚୋବାଇ ଚୋବାଇ କଥା
চিবিয়ে চিবিয়ে কথা বলা କହିଲେ ମନୁଷ୍ୟ ଯେପରି
चबा चबाकर बातें करना ଅସ୍ପଷ୍ଟଭାବରେ କଥା କହେ
ସେହିପରି କଥା କହିବା; ଚାପଗୁଡ଼ିକଥା କରି କଥା
କହିବା—To speak indistinctly (as if the speakers were uttering words while engaged in chewing something).

ଚୋବାଇବା—ଦେ. କି (ସଂ. ଚର୍ବଣ)—୧। ଦାନ୍ତଦ୍ୱାରା ଖାଦ୍ୟାଦି
Chobāibā ପେଷିବା—1. To chew.
(ଚୋବେଇବା—ଅନ୍ୟରୂପ) ଦେଲେ ତାମ୍ବୁଳ ବିଡ଼ିଆ ଚୋବାଇଲେ।
চিবান କୃଷ୍ଣସିଂ. ମହାଭାରତ. ସଭା।
चबाना, चिबलाना ୨। ଦୁଇ ପାଟିର ଦାନ୍ତକୁ ପରସ୍ପର ସହିତ
ଘଷିବା=2. To grind the teeth together.
(ଯଥା—ସେ ଦାନ୍ତ ଚୋବାଉଛି)।
ପ୍ରାଦେ (ଗଞ୍ଜାମ) କି—ଦଂଶନ କରିବା; କାମୁଡ଼ିବା—
To bite
ଅପରାଧ ବିନା ସେଂପିଠାକୁ ଦୁଷ୍ଟର
ଚୋବାଇଣ ଦୁଷ୍ଟ ଭକ୍ଷଣ କରିବର—କୃଷ୍ଣସିଂ. ମହାଭାରତ. ଅଦି।

ଚୋବା ଚୋବି—ଦେ. କି—କୌଣସି ପଦାର୍ଥକୁ ଉପର୍ଯ୍ୟୁପରି ଚୋବାଇବା—
Chobā chobi To masticate.
চিবাচিবি ଦେ. ବଣ—ପରସ୍ପର କାମୁଡ଼ାକାମୁଡ଼ି—
चबाचबि Biting each other.
ବେଳେ ଯୋଦ୍ଧାଙ୍କ ଚୋବାଚୋବି ହୁଅନ୍ତି
ହୋଇଣ ଉଣ୍ଡାଲେ ପଡ଼ଲେ ପଶନ୍ତି—କୃଷ୍ଣସିଂ. ମହାଭାରତ. ଦ୍ରୋଣ।

ଚୋବାଣ—ଦେ. ବ (ସଂ. ଚର୍ବଣ)—ଚୋବା (ଦେଖ)
Chobāṇa Chobā (See).
চিবান
चबाना

ଚୋବେ—ଦେ ବ (ସଂ. ଚତୁର୍ବେଦୀ)—୧। ଚତୁର୍ବେଦୀ
Chobe ବ୍ରାହ୍ମଣଙ୍କ ବଂଶୋପାଧିବିଶେଷ—
চোবে 1. Family-title of a class of Brāhmaṇas
चौबे reading the four Bedas.
[ଦ୍ର—ତୁଳନାକର—ଦୁବେ=ଦ୍ୱିବେଦୀ]।

ଚୋର—ପ୍ରାଦେ (ମେଦିନୀପୁର) ବ—ସ୍ତ୍ରୀଲୋକମାନଙ୍କର ହାତରେ ପିନ୍ଧାଯିବା
Chor ରୂପା ଖଡ଼ୁ—Silver bangle worne on the wrist of females.

ଚୋର—ସଂ. ବ. ପୁଂ (ଚୁର୍ ଧାତୁ=ଚୋରିକରିବା+କର୍ତ୍ତୃ. ଅ)—
Chora ୧। ତସ୍କର—1. A thief; a robber.
(ଚୋରଣୀ—ସ୍ତ୍ରୀ)
[ଦ୍ର—ଯେଉଁ ବ୍ୟକ୍ତି ଆପଣାର ଅନ୍ୟାଯ୍ୟ ଲାଭ ଆଶାରେ ଦ୍ରବ୍ୟସ୍ୱାମୀର
ବିନା ଅନୁମତିରେ କୌଣସି ଦ୍ରବ୍ୟକୁ ସ୍ଥାନାନ୍ତରିତ କରେ ସେ
ଚୋର। ବହୁ ଲୋକ ମିଳି ବାଧା ଦେବା ବ୍ୟକ୍ତିକୁ ଆଘାତ ବା
ବଳପ୍ରୟୋଗ କରି ଚୋରିକଲେ ସେମାନଙ୍କୁ ଡକାଇତ ବୋଲାଯାଏ।]
୨। ଯେ ଅନ୍ୟର ଗ୍ରନ୍ଥରୁ ଚୋରିକରି ଆପଣା ନାମରେ
ପ୍ରକାଶ କରେ; ଗ୍ରନ୍ଥଚୋର—2. A plagiarist (M. W.)
୩। ଚିତ୍ତଚୋର; ଯେ ମନକୁ ମୋହିତ ବା ବଶୀଭୂତ କରେ—
3. A person who captivates a person's heart (Apte).
୪। ଗନ୍ଧଦ୍ରବ୍ୟବିଶେଷ; ଗଣ୍ଠିଅନା—
4. A kind of scented drug.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ତେବେ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ତତ୍ପର ବଦଳରେ ୨.ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ, 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୫ । କୃଷ୍ଣଘାଣ୍ଟିଲତା—5. A kind of creeper (M. W.)

୬ । ଅନ୍ୟାଯ୍ୟଲାଭକାରୀ ବା ପ୍ରତାରକ ବ୍ୟବସାୟୀ— 6 Any dishonest dealer (M.W)

ଫିକବେଦନା ଦେ. ବି—୧ । ଚିହ୍ନା; ଦେହରେ ଅଟକିଯିବା ବାୟୁ—
ହବାଅଟକନା Wind appearing now and then at different places inside the body and giving pain.

ଘୋର ୨ । ପିଲାଙ୍କ ବୁଢ଼ିଅଣୀ ବା ଲୁଚକାଳି ଖେଳରେ ଯେଉଁ
ଚୋର ପିଲା ଚୋର ହାତରେ ଧରାପଡ଼େ— 2. A boy who is caught by the seeker in the children's game of hide and seek.

ଦେ. ବଣ (ଲକ୍ଷଣାର୍ଥ) ୧ । ଚୋରକରିବା ବ୍ୟକ୍ତି ପରି ଲଜ୍ଜିତ— 1. Ashamed like a thief.
(ଯଥା— ମୋର ଅମୁକ ଅନ୍ୟାଯ୍ୟ କାର୍ଯ୍ୟ କରିଥିବା କଥା ଧାଇଁଜଣଙ୍କ ଅଗରେ ପଡ଼ିଯିବାରୁ ମୁଁ ଚୋର ହୋଇଗଲି ।)

୨ । ଲଜ୍ଜାଶୀଳ; ଲାଜକୁଳା—2. Bashful; coy.

୩ । ଲଜ୍ଜାରେ ମ୍ରିୟମାଣ—3. Ashamed.

୪ । ପଶ୍ଚାତ୍‌ପଦ—4. Shrinking to do a work.

ଦେ. ବି— ଚୋଳଗଙ୍ଗ (ଦେଖ)— Cholaganga (See ;

ଉଙ୍ଗି ଦେ ବଢୁର ଚୋର ସେନାପତି,
ହେଲେ କର ଜୋଡ଼େ ତାଙ୍କ ମତଗତି । ରଘୁନାଥ. ଚନ୍ଦ୍ରଶେଖର ।

ଚୋରକ—ସଂ. ବି (ଚୋର+କ)—୧ । ଗୁଗୁଚିଆ ତୃଣ, ଯାହାର ଶୃଙ୍ଗ-
Choraka ଯୁକ୍ତ ଶସ୍ୟ ଲୁଗାରେ ଲାଗିଯାଏ—A species of
চোরকাঁটা grass having spiked ears which stick
अंधाहुली to the cloth; Andropogen Aciculatus; Spear-grass.

୨ । ସୁଗନ୍ଧ ଔଷଧ ବିଶେଷ; ଗଣ୍ଠିଆନା; ଚୋର— 2. A kind medicinal perfume.

ଚୋରକଣ୍ଟକ—ସଂ. ବି—ଚୋରକ ୧ (ଦେଖ)—
Chorakantaka Choraka 1 (See)

ଚୋରକଳା—ଦେ. ବି (ଦେଶୀ ଚଳ; ସଂ. ଚୋର+କଳା)—ଚୋରର
Chora-kala ଲକ୍ଷଣ; ଚୋରଠାରେ ଦେଖାଯିବା କେତେକ ଲକ୍ଷଣ, ଯାହା ଦେଖିଲେ କୌଣସି ଲୋକକୁ ଚୋର ବୋଲି ଠଉରାଇ ହୁଏ)—Indications or marks found in the face of a thief.

[ଦ୍ର—ଲୋକଙ୍କର ବିଶ୍ୱାସ ଯେ ଚୋରଙ୍କ ଆଖିରେ ଏକପ୍ରକାର ଦାଗ ଥାଏ ଓ ସେହି ଦାଗକୁ ଦେଖି ଅନୁଭବୀ ଲୋକେ ଚୋରକୁ ଚିହ୍ନି ପାରନ୍ତି ।]

ଚୋରଖେଳ—ଦେ. ବି—ଶିଶୁମାନଙ୍କର ଏକପ୍ରକାର କ୍ରୀଡ଼ା (ଏଥିରେ
Chora-khela ଜଣେ ଚୋର ହୁଏ ଓ ଅନ୍ୟମାନେ ଲୁଚନ୍ତି;
লুকোচুরী ଚୋର ଯାହାକୁ ଖୋଜି ଧରି ପକାଏ, ସେ ପୁଣି
चोरखेल; आँखमिचौली ଚୋର ହୁଏ)— The game of hide and seek.

ଚୋରଗଙ୍ଗଦେବ—ଦେ. ବି (ନାମ)— ଗଙ୍ଗବଂଶର ପ୍ରଥମ ରାଜା—
Chora-ganga-deba The first king of the Ganga dynasty of anient Orissa.

[ଦ୍ର—ଏ ଚନ୍ଦ୍ରବଂଶୀୟ ରାଜା । ଏହାଙ୍କ ମାତାଙ୍କ ନାମ 'ଗଙ୍ଗା' ଥିବାରୁ ତାହାଙ୍କ ନାମାନୁସାରେ ଏ ବଂଶଟି 'ଗଙ୍ଗବଂଶ' ନାମରେ ପରିଚିତ । ଏହାଙ୍କ ଘର ଦକ୍ଷିଣ ରାଜ୍ୟରେ ଥିଲା । ବାସୁଦେବ ରଥ ନାମକ ଜଣେ ବ୍ରାହ୍ମଣ ସ୍ୱପ୍ନରେ ଭୁବନେଶ୍ୱରଙ୍କ ଆଦେଶ ପାଇ ଦକ୍ଷିଣ ଯାଇ ଦେଖିଲେ ଯେ ଚୋରଗଙ୍ଗ କେତେକ ବାଳକଙ୍କ ସହିତ ଖେଳୁଛନ୍ତି ଓ ଖେଳରେ ରାଜା ହୋଇଅଛନ୍ତି । ଖେଳ-ରାଜାଙ୍କ ସଙ୍ଗେ ସାକ୍ଷାତ ହେବାକୁ ରଥେ ଉକ୍ତ ରଜା-ପିଲା ନିକଟକୁ ଗୋଟିଏ ପିଲାକୁ ପଠାଇଲେ । ଖେଳ-ରାଜା ଉତ୍ତର କଲେ, "ବର୍ତ୍ତମାନ ସମୟ ନାହିଁ, ସେ ଶର୍ତ୍ତ ନେଇ ରହନ୍ତୁ; ପରେ କଥାବାର୍ତ୍ତା ହେବ ।" ପନ୍ଦର ଦିନ ପରେ ରଥଙ୍କର ରାଜାଙ୍କ ସଙ୍ଗେ କଥାବାର୍ତ୍ତା ହେଲା । ବ୍ରାହ୍ମଣ ତାଙ୍କୁ ଭୁବନେଶ୍ୱରଙ୍କ ଆଜ୍ଞା ଜଣାଇଲା । ରାଜା ବ୍ରାହ୍ମଣ କଥାରେ ସମ୍ମତ ହୋଇ ଓଡ଼ିଶାକୁ ଆସିଲେ । ସେ କେଶରୀବଂଶର ଶେଷ ରାଜା ସୁବର୍ଣ୍ଣକେଶରୀ ବା ସିଦ୍ଧେଶ୍ୱର କେଶରୀଙ୍କୁ ପରାସ୍ତ କରି ରାଜା ହେଲେ । ଏହାଙ୍କର ଅନ୍ୟ ନାମ ଚୂଡ଼ଙ୍ଗ ଦେବ । ଏହାଙ୍କ ନାମାନୁସାରେ ପୁରୀରେ ଗୋଟିଏ ସାହି ଅଛି । ଏ ଜଗନ୍ନାଥମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏ ଏକାଦଶ ଶତାବ୍ଦୀରେ ଜୀବିତ ଥାଇ ୭୦ ବର୍ଷ ରାଜତ୍ୱ କରିଥିଲେ ।
ଜଗବନ୍ଧୁ. ପ୍ରାଚୀନ ଉତ୍କଳ

ମାଦଳାପାଞ୍ଜି ଲେଖା ଏହାଙ୍କ ଆଦେଶରେ ପ୍ରଥମେ ଆରମ୍ଭ ହେଲା । ଏ ଅସାଧାରଣ ବୀର ଥିଲେ । ଏହାଙ୍କର ବିଦ୍ୟାନୁରାଗ ଅତୀବ ପ୍ରଶଂସନୀୟ । ଏହାଙ୍କ ଉତ୍ସାହରେ ସତାନନ୍ଦ 'ସୂର୍ଯ୍ୟ ସିଦ୍ଧାନ୍ତ' ରଚନା କରିଥିଲେ । କୃପାସିନ୍ଧୁ. ଉତ୍କଳ ଇତିହାସ ।]

ଚୋରଚୋଟ୍ଟା— ଦେ. ବଣ. (ସହଚର)—ଚୋର ଓ ପାଜି—
Chora-chottha Thievish and wicked.
(ଯଥା—ମୁଁ ଚୋରଚୋଟ୍ଟା ନୁହେଁ ।)

ଚୋରଛୁଇଁବା—ଦେ. କ୍ରି—୧ । ମନରେ ଅନିଷ୍ଟ ବା ଅମଙ୍ଗଳ ଆଶଙ୍କା
Chorachhuinba ଜାତ ହେବା—Misgiving or presentiment.
(ଯଥା—ତା ଦେହ ବେମାର ହେବା ଶୁଣି ମୋ ମନ ଚୋର ଛୁଇଁଲା ।)

୨ । ମନରେ ସନ୍ଦେହ ଜନ୍ମିବା— 2. A feeling of doubt or suspicion.

୧	ଇ	ଉ	ଋ,ଋ	ୠ	ଏ	ହସନ୍ତ ବର୍ଣ୍ଣ	ଅଂନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ସ	ଙ୍କ	ଇଂ	ଉଃ	ଙ୍କ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚିଂ	ଇଅ	ଞ୍ଜ	ନ୍ନ

ଚୋରଟସ୍କର—ଦେ. ବି (ସଂସ୍କୃତ; ସଂ. ଚୌର+ତସ୍କର)—ଚୋର
Choraṭaskara ତସ୍କରଗଣ—Thieves and docoyats.

ଆଉ ଟଙ୍କା ପଇସା ଦେଖିଲେ ଚୋର ଟସ୍କର ଦୁଆରକୁ ଆସିବେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଚୋରଡ଼ଗଡ଼ିଆଫଟା—ଦେ. ବି—ଛାତ ବା ମେଝିଆରେ ଚୂନ ମାଠେଣି
Chorardagardiāphāṭa ହୋଇଥିବା ସ୍ଥାନରେ ଖରା ଯୋଗୁଁ ଯେଉଁ ସରୁ ଫଟା ଦାଗ ଦେଖାଯାଏ—
Small cracks appearing on a plastered roof or floor.

ଚୋରଡ଼ା—ଗ୍ରା. ବି—ଚିରୁଡ଼ା (ଦେଖ)
Chorarḍā Chirurḍā (See)

ଚୋରଣୀ—ଦେ. ବି. ସ୍ତ୍ରୀ—ଚୌର୍ଯ୍ୟବୃତ୍ତି କରିବା ସ୍ତ୍ରୀ—
Choraṇi A female thief

ଚୋରଣୀଗାଈ—ଦେ. ବି. ସ୍ତ୍ରୀ—ଯେଉଁ ଗାଈକୁ ଦୁହିଁଲାବେଳେ ସେ
Choraṇigāi ଦୁଧକୁ ଲୁଚାଏ, ଅର୍ଥାତ୍ ଆପଣା ଥନକୁ ଶୁଖାଇଦିଏ,
চোরধেনু କିନ୍ତୁ ବାଛୁରି ମୁହଁ ଲଗାଇଲେ ତାହା ଥନରୁ ଦୁଧ ବାହାରେ—
A cow which feigns that her udder is empty when a man milks her, but sucks her calf afterwards.

ଚୋରପଣ—ଦେ. ବି—୧ । ଚୌର୍ଯ୍ୟ—
Chorapaṇa 1. Stealing; theft.
୨ । ଗୋପନ କରାଯିବା ଅପରାଧ—
2. Offences done stealthily.

ଚୋର ଲାଗି ଯେବେ ପଡ଼ିବା ହେବଟି ଚୋରପଣ ଆଚରଣ ।
କବିସୂର୍ଯ୍ୟ. କଣୋଗ୍ରି ଚମ୍ପୂ ଓ ଗୀତ ।

ଚୋରପୁଷ୍ପୀ—ସଂ. ବି—୧ । ଚୋରକ ୧ (ଦେଖ)
Chorapushpi Choraka 1 (See).
ଚୋରପୁଷ୍ପ } ଅନ୍ୟରୂପ
ଚୋରପୁଷ୍ପିକା }
୨ । ଶଙ୍ଖପୁଷ୍ପୀ (ଦେଖ)
2 Sankhapushpi (See).

ଚୋରବନିବା—ଦେ. କ୍ରି—୧ । ଅପ୍ରତିଭ ହେବା—
Chorabanibā 1. To be at the end of one's wits.
(ଯଥା—ମୁଁ ତାଙ୍କ ଯୁକ୍ତି ଶୁଣି ଚୋର ବନିଗଲି)
୨ । କୌଣସି ବ୍ୟକ୍ତି ସମ୍ମୁଖରେ ଉପସ୍ଥିତ ହେବା ପାଇଁ କୁଣ୍ଠିତ ବା ଭୀତ ହେବା—2. To hesitate to appear.

ଚୋରମୁହାଁ—ଦେ. ବିଣ. ପୁଂ—ଅତିଶୟ ଲଜ୍ଜାଶୀଳ ବ୍ୟକ୍ତି—
Choramuhāṅ Very sensitive and shy (person).
(ଚୋରମୁହାଁ—ସ୍ତ୍ରୀ)

ଚୋର ହେବା—ଦେ. କ୍ରି—ଚୋର ବନିବା (ଦେଖ)
Chora hebā Chora banibā (See).

ଚୋର ହେଲି ତାହା ସମ୍ମୁଖୁ ଏବେ—କବିସୂର୍ଯ୍ୟ. କବିତା ।

ଚୋରା—ସଂ. ବି—୧ । ଅସୁରବିଶେଷ (ଦୁର୍ଗା ଏହାକୁ ବଧ କରିଥିଲେ)—
Chorā A demon (killed by Goddess Durgā).

୨ । ଚୋରକ ୧ (ଦେଖ) (ହି. ଶବ୍ଦସାଗର)—
2. Choraka 1 (See).

ଦେ. ବି—ଚୋରିକରିବା—Stealing

ଦେ. ବିଣ—୧ । ଅପହାରକ—(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ଯଥା—ଛତ୍ରଚୋରା, ଗାଈଚୋରା)—
1. One who steals; stealing; lifting.
୨ । ଅପହୃତ (ଯଥା—ଚୋରା ମାଲ—Stolen.
চোরাই
চোরা
୩ । ଲୁକ୍କାୟିତ, ଗୁପ୍ତ (ଯଥା—ଚୋରାପ୍ରୀତି) —
3. Hidden; secret; stealthy; clendestine.

ଚୋରା ସୁଖେ ରତ ହୋଇ କଣ୍ଟାଇଲେ
ଧନ ଅତି ଦୁଃଖ ମନେ । ରଘୁନାଥ—ଯଯାତି ।

୪ । ସରକାରଙ୍କ ଅବକାରୀ ବିଭାଗର ନିୟମକୁ ଲଙ୍ଘନପୂର୍ବକ ନିଆଅଣା କରାଯାଉଥିବା (ଅବକାରୀ ଦ୍ରବ୍ୟ, ଯଥା—ଚୋରା ଅଫିମ, ଚୋରା ମଦ) —
4. Smuggld (excise articles).
୫ । ଉପରସ୍ଥ କର୍ମଚାରୀମାନଙ୍କର ବିନା ଅନୁମତିରେ କରାଯାଉଥିବା (କାର୍ଯ୍ୟ)—5. (action) Done without the knowledge or permission of the higher officers

ଚୋରାଇମାଲ—ଦେ. ବି—ଚୋରାମାଲ (ଦେଖ)
Chorāimāla Chorāmāla (See)

ଚୋରାଇବା—ଦେ. କ୍ରି. (ସଂ. ଚୁର୍ ଧାତୁ)—୧ । ଚୋରି କରିବା—
Chorāibā 1. To steal.
চোরান; চুরিকরা
चुराना; चुरवाना; चोराना
(ଚୋରେଇବା—ଅନ୍ୟରୂପ)

ଅଣିଲ ତା ଚୋରାଇ ଦେଖାଇ ଚାତୁରୀ ।
କୃଷ୍ଣସିଂହ. ମହାଭାରତ. ବନ ।

୨ । (ଲକ୍ଷଣାର୍ଥ) ଅନୁକରଣ କରିବା—
2. To imitate.

ଭଗ୍ନ ଚକ୍ର ମନମଥ ବିଜୟୀ ମଙ୍ଗଳ ରଥ
ଗତିରୀତି ଚୋରାଇଛି ଚାଲି । କବିସୂର୍ଯ୍ୟ. ସଙ୍ଗୀତ ।

ଚୋରାଗସ୍ତ—ଦେ. ବି. (ସଂ. ଚୋର+ଫା. ଗସ୍ତ)—
Chorāgasta ଗୋପନ ଅନୁସନ୍ଧାନ କରିବା ପାଇଁ ରାଜା ରାଜ-
চোরাগস্ত କର୍ମଚାରୀମାନେ ଗୋପନରେ କରିବା ରାଜ୍ୟ ଭ୍ରମଣ—
चोरगश्त Tour.

ଚୋରାଗାତ—ଦେ. ବି—ଅଦୃଶ୍ୟ ଗର୍ତ୍ତ—
Chorāgāta A pit-fall; a hidden pit.
চোরাগর্ত

ଚୋରାଚାହାଣି—ଦେ. ବି—୧ । ଅନ୍ୟମାନଙ୍କ ନଜର ନ ପଡ଼ିବା ଭଳି
Chorāchāhāṇi କିମ୍ବା ଯାହାକୁ ଚାହିଁବ ତାର ଲକ୍ଷ୍ୟ ନ ହେବା ଭଳି ତା ଆଡ଼କୁ ଦୃଷ୍ଟି କରିବା—
1. Covert glances.
୨ । ଆଡ଼ଚାହାଣି—2. Sidelong glances.

ସାଧାରଣ ଲୋକେ ଅପର ପୃଷ୍ଠାରେ ସତତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପରି ଯଥାକ୍ରମେ ଚତୁର୍ଥ ପୃଷ୍ଠାର ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚୋରାଚୋରି—ଦେ. ବି—ଏକାଧିକ ଥର ଚୋରି କରିବା କର୍ମ—
Chorāchori Acts of stealing.
চুরাচুরি
चोराचोरी

ଚୋରାନୋଟ୍—ଦେ. ବି. (ଓ. ଚୋରା + ଇଂ. ନୋଟ୍)—
Chorānot ୧ । ଜାଲ୍‌ନୋଟ୍—1. Counterfeit note.
চোরাইনোট ୨ । ଚୋରିଯାଇଥିବା କରେନ୍ସି ନୋଟ—
2. Stolen currency note.

ଚୋରାପଥ—ଦେ. ବି—ଗୁପ୍ତପଥ—
Chorāpatha Secret way; a hidden path.
চোরাপথ
चोररास्ता

ଚୋରାପାହାଡ଼—ଦେ. ବି—ଜଳତଳରେ ଅଦୃଶ୍ୟ ହୋଇ ରହିଥିବା
Chorāpāhārda ପାହାଡ଼—Mountain sunken under
ডুবাপাহাড় the water.
चोरपाहाड़

ଚୋରାପ୍ରୀତି—ଦେ. ବି—ଗୁପ୍ତପ୍ରଣୟ—Secret and clandestine
Chorāpriti love making.

ଚୋରାବସନ୍ତ—ଦେ. ବି—ବସନ୍ତଋତୁ ଆରମ୍ଭ ନ ହେଉଣୁ ଯେଉଁ
Chorābasanta ସ୍ନିଗ୍ଧକର ମଳୟ (ଦକ୍ଷିଣ) ପବନ ବହେ—
(ଚୋରବସନ୍ତ—ଅନ୍ୟରୂପ) The delicious south wind
which begins to blow some time before
the advent of the spring proper.

ନଅଳି—ବଜାଣି ଚୋରା ବସନ୍ତକୁ ବନେ ଯଥା ଫୁଲ ଚୂଳି ।
ରାଧାନାଥ—ଯଯାତି ।

ଚୋରାବାଟ—ଦେ. ବି—ଚୋରାପଥ (ଦେଖ)
Chorābāṭa Chorāpatha (See)
(ଚୋରବାଟ—ଅନ୍ୟରୂପ) :

ଚୋରାବାଲି—ଦେ. ବି.—ଜଳ ତଳରେ ଅଦୃଶ୍ୟ କୋମଳ ବାଲୁକା,
Chorābāli ଯହିଁରେ ଗୋଡ଼ ଗଲେ ପଚ୍ଚେ ଓ ଜାହାଜ ଅଡ଼ ଲାଗି
চোরাবালি ଯାଏ; ଯେଉଁ ବାଲି ଦେଖିବାକୁ ସାଧାରଣ ଭଳି ପର
चोरबालू ଦେଖାଯାଏ କିନ୍ତୁ ଗୋଡ଼ ଦେଲେ ମନୁଷ୍ୟ ତହିଁରେ
ଭୁଡ଼ି ମରେ—Quick sand; a bank of sunken
sand; sunken sand bank.

ଚୋରାମଦ—ଦେ. ବି.—ସରକାରଙ୍କୁ ଟିକସ ନ ଦେଇ ଚୋରାଇ ଲୁଚାଇ
Chorāmada ବିକ୍ରି କରାଯାଉଥିବା ମଦ—
Smuggled wine.

ଚୋରାମାଲ—ଦେ. ବି.—୧ । ଚୋରି ହୋଇଥିବା ପଦାର୍ଥ—
Chorāmāla 1. Stolen property.
চোরাইমাল ୨ । ଅବଗ୍ରାହ୍ୟ ବାଣିଜ୍ୟ ନିୟମ ଲଂଘନ କରିବା; ମାସୁଲ
चोरीका माल ନ ଦେଇ ଦେଶ ମଧ୍ୟକୁ ଗୁପ୍ତ ଭାବରେ ଅଣା ଯିବା
ପଣ୍ୟ—2. Smuggled particles; contraband.

ଚୋରାରତି—ଦେ. ବି.—ପର ସ୍ତ୍ରୀ ହରଣ; ସ୍ତ୍ରୀର ସ୍ୱାମୀ ବା ଗୁରୁଜନମାନଙ୍କ
Chorārati ଅଜ୍ଞାତରେ ସ୍ତ୍ରୀକୁ ରମଣ କରିବା—
Illicit cohabitation; secret adultery,

ଚୋରି—ଦେ. ବି. (ସଂ. ଚୁର ଧାତୁ)—୧ । ଅପହରଣ—
Chori 1. Theft.
চুরি [ଦ୍ର—ଦ୍ରବ୍ୟ-ସ୍ୱାମୀର ବିନା ଅନୁମତିରେ ଅନ୍ୟାନ୍ୟ ଲାଭ
चोरि ଆଶାରେ ତାଙ୍କ ଧନ ହରଣକୁ ଚୋରି ବୋଲି ଯାଏ ।]
୨ । ଚୌର୍ଯ୍ୟ ବୃତ୍ତି; ତସ୍କରତା—
2. Habit or act of stealing,
୩ । ଗୁପ୍ତକର୍ମ—3. Secret act.

ଅପୂର୍ବ ହରି ହସି ବୋଲେ ଚୋରି ଧରି ପଡ଼ି ଗଲା ପରି ।
କବିସୂର୍ଯ୍ୟ, ସଙ୍ଗୀତ ।

୪ । ଚୋରିଧନ; ଚୋରି ମାଲ—4. Stolen article.

ତେବେ ଏହି ଚୋରି ପ୍ରମାଣ, ବନେ ପଶେ ଯେବେ କଷ୍ଟ ଧାରଣ ।
ଭକ୍ତ. ବୈଦେହୀଶବିଳାସ ।

ଦେ. ବିଣ. (ଅନ୍ୟ ଶବ୍ଦ ପୂର୍ବେ ବ୍ୟବହୃତ, ଯଥା—ଚୋରି
କବାଟ; ଚୋରି ମାଲ ଇତ୍ୟାଦି)—୧ । ଅପହୃତ—
1. Stolen.
୨ । ଗୁପ୍ତ—2. Secret; hidden.

ଚୋରି କବାଟ—ଦେ. ବି.—୧ । ଗୁପ୍ତଦ୍ୱାର—
Chorikabāṭa 1. A secret door.
চুরীদোর ୨ । ସବୁବେଳେ ବଡ଼ ଦରଜା ନ ଫିଟାଇ ଯିବା ଆସିବା
चोरदरजा ସକାଶେ ବଡ଼ ଦରଜାର ମଝିରେ ଲାଗିଥିବା ଛୋଟ
(ଚୋର ଦୁଆର—ଅନ୍ୟରୂପ) କବାଟ—2. A small door
fixed in an opening made in a larger
door so that it may be used in ordiary
manner without taking the trouble to
open the bigger door.

ଚୋରିକା—ସଂ. ବି. ସ୍ତ୍ରୀ—(ଚୋର+ଇକ+ସ୍ତ୍ରୀ· ଆ)—ଚୌର୍ଯ୍ୟବୃତ୍ତି—
Chorikā Act of stealing; theft,

ଚୋରିଖୋପ—ଦେ. ବି.—ଚୋର ବା ସାଧାରଣ ଲୋକ ତାକୁ ଫିଟାଇଲା
Chorikhopa ବେଳେ ଦେଖି ନ ପାରିଲା ଭଳି ବାକ୍ସ ବା
চুনিকুঠরী ଆଲମାରି ଆଦି ଭିତରେ ଥିବା ଖୋପ—Secret
चोरखाना drawyers or space in box or shelf done
to evade the eye of a rifler.

ଚୋରିଚପାଟି—ଦେ. ବି. (ସହଚର)—ଚୌର କର୍ମ ଆଦି—
Chorichapāṭi Theft and other vices.
চুরিচাপাতী ମୋହାଯୋଗେ ଗ୍ରାମରେ ଚୋରିଚପାଟି ହୁଏ ନାହିଁ ।
चोरीचपाटी ଫକୀରମୋହନ· ଛ ମାଣ ଆଠ ଗୁଣ୍ଠ ।
(ଚୋରିଚମାରି—ଅନ୍ୟରୂପ)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ଼	ଉଅ	ଞ
୨	ଈ	ଊ	ଋୂ	ଌୂ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ୍ଚ	ନ୍ଦ୍

ଚୋରିଚାରି କରିବା—ଦେ. କ୍ରି (ଚୋରି ସଙ୍ଗେ ଅନର୍ଥକ ସମ ଧ୍ୱନି ଚାରି
Chorichāri karibā ଶବ୍ଦ ଯୋଗ)—ନାନା ଉପାୟରେ ବା
চুরিচারিকরা ଅନେକଥର ଚୋରି କରିବା—
चोराचोरीकरना To steal in many ways.
(ଚୁରିଚୋରି କରିବା—ଅନ୍ୟରୂପ) (ଯଥା—ମୋର ସମ୍ପତ୍ତିଯାକ
ଚାକର ଓ କର୍ମଚାରୀମାନେ ଚୋରିଚାରି କରି ନେଇ ଗଲେ ।)

ଚୋରିଛିଣ୍ଡାଳୀ—ଦେ. ବି. ସ୍ତ୍ରୀ—ଚୌର୍ଯ୍ୟ ଓ ପରପୁରୁଷ ସଙ୍ଗମ—
Chorichhiṇḍāḷi Theft and adultery.
চুরিছিনালি [ଦ୍ର—ସ୍ତ୍ରୀ ପକ୍ଷରେ ଏ ଦୁଇ କର୍ମ ଲଜ୍ଜାଜନକ ।]
चोरीछिनाला

ଚୋରିତ—ସଂ. ବିଣ (ଚୁର ଧାତୁ + କର୍ମ. ତ) – ଅପହୃତ—
Chorita Stolen.

ଚୋରିଧନ—ଦେ. ବି—ଚୋରାମାଲ୍ (ଦେଖ)
Choridhana Chorāmāl (See)

ଚୋରିନାରୀ—ଦେ. ବି. (ସହଚର)—ଚୌର୍ଯ୍ୟ ଓ ବେଶ୍ୟାବୃତ୍ତି ବା
Chorinārī ପରସ୍ତ୍ରୀ ସଙ୍ଗ—Theft and adultery.
চুরীনারী
चोरीयारी

ଚୋରିପତ୍ର—ପ୍ର ଦେ. ବି (ପାନବରଜ ଭାଷା)—ପାନବରଜ ଚାଟିର
Choripatra କାଣ୍ଡଗୁଡ଼ିକ ମଝିରେ ଦିଆ ଯାଇଥିବା ପତ୍ରର
ତିନିସ୍ତର ମଧ୍ୟରୁ ମଝି ସ୍ତରର ପତ୍ର—The middle
most group of leaves in a reed-wall.

ଚୋରି ପାଳଧୁଆ—ଦେ. ବି—ଏକପ୍ରକାର ବଣୁଆ ଗଛ—
Chori pāḷadhuā A kind of wild tree.
[ଦ୍ର—ଏହାର ଉଚ୍ଚତା ଆଠ ଦଶ ହାତ । ଫୁଲ ପାଳଧୁଆ ଫୁଲ
ପରି ଚୋପା ନାଲି ଓ ଗୋଟା ଗୋଟା ।]

ଚୋରିବସନ୍ତ—ଦେ. ବି—ଚୋରାବସନ୍ତ (ଦେଖ)
Choribasanta Chorābasanta (See)

ଚୋରିବା—ଦେ. କ୍ରି. (ପଦ୍ୟ)—ଚୋରାଇବା (ଦେଖ)
Choribā Chorāibā (See)
চুরন ଚୋରି ନାହିଁ, ଥିଲେହେଁ ବଞ୍ଚାଅ—କବିସୂର୍ଯ୍ୟ. କଳୋପାଳନମ୍. ଚ-ଗୀତ ।
चोरना

ଚୋରିବାଟ—ଦେ. ବି – ଚୋରାପଥ (ଦେଖ)
Choribāṭa Chorāpatha (See)

ଚୋରିବାଲି—ଦେ. ବି— ଚୋରାବାଲି (ଦେଖ)
Choribāli Chorābāli (See)

ଚୋରିମାଲ୍—ଦେ. ବି—ଚୋରାମାଲ୍ (ଦେଖ)
Chorimāl Chorāmāl (See)

ଚୋରିଯିବା—ଦେ. କ୍ରି (ଚୋରାଇବା କ୍ରିୟାର କର୍ମବାଚ୍ୟରୂପ)—
Chorijibā ଅପହୃତ ହେବା—To be stolen.
চুরীযাওয়া
चोरीहोना
(ଚୋରିହେବା – ଅନ୍ୟରୂପ)

ଚୋରିରତି—ଦେ. ବି – ଚୋରାରତି (ଦେଖ)
Chorirati Chorārati (See)

ଚୋରୀ—ସଂ. ବି. (ଚୁର ଧାତୁ; ଭାବ. ଅ+ଈ)—ଚୌର୍ଯ୍ୟ; ଅପହରଣ—
Chorī Theft; stealing (M. W.)

ଚୋରୁଣୀ—ଗ୍ରା. ବି. ସ୍ତ୍ରୀ—ଚୋରର ସ୍ତ୍ରୀଲିଙ୍ଗ; ଚୋରଣୀ—
Choruṇī The feminine of chora.

ଚୋଳ—ସଂ. ବି—୧ । ଦାକ୍ଷିଣାତ୍ୟର ପ୍ରାଚୀନ ରାଜ୍ୟବିଶେଷ—
Choḷa A ancient kingdom in southern India.

ଜଣେ ଜଣେ ଚୋଳଦୁର୍ଗେ ଉରଜସେନାଙ୍କ
ରହି ନ ପାରିବ ପରି ରଡ଼ ଶୁଣି ସେନ—ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

[ଦ୍ର—ଆଧୁନିକ ମାନ୍ଦ୍ରାଜ ପ୍ରଦେଶର କୋୟମ୍ବତୁର, ତ୍ରିଚିନାପଲ୍ଲି,
ତାଞ୍ଜୋର, ମହୀଶୂରର ଦକ୍ଷିଣାଂଶ ଅର୍ଦ୍ଧେକ ଅଞ୍ଚଳରେ ପ୍ରାଚୀନ
ଚୋଳ ରାଜ୍ୟର ବିସ୍ତାର ଥିଲା । ରାମାୟଣ ଓ ମହାଭାରତରେ
ଚୋଳ ରାଜ୍ୟର ଉଲ୍ଲେଖ ଅଛି । ଚୌର, ଚୋଳ ଓ ପାଣ୍ଡ୍ୟ
ଦାକ୍ଷିଣାତ୍ୟର ଅତି ପ୍ରାଚୀନ ପ୍ରତାପଶାଳୀ ରାଜ୍ୟ ଥିଲା ।]

୨ । ମଞ୍ଜିଷ୍ଠା (ହି. ଶବ୍ଦସାଗର)—
2 Indian madder plant.
୩ । ସ୍ତ୍ରୀମାନଙ୍କ ପିନ୍ଧିବା କାଞ୍ଚୁଲା—
3. Bodice; females tight jacket.
୦ । ଛାଲ; ବଲ୍କଲ (ହି. ଶବ୍ଦସାଗର)—
4. Bark of tree.
୫ । କବଚ; ସାଞ୍ଜୁ (ହି. ଶବ୍ଦସାଗର)—
5. Coat of mail.
୬ । ଚୋଳ ଦେଶବାସୀ ବ୍ୟକ୍ତି (ହି. ଶବ୍ଦସାଗର)—
6. An inhabitant of Choḷa country.

ଗ୍ରା. ବି. (ସଂ. ଚୁଲୁକ)—ଚଳ (ଦେଖ)
Chaḷa (See)

ଚୋଳକ—ସଂ. ବି. (ଚୋଳ + ସ୍ୱାର୍ଥେ. କ)—
Choḷaka ୧ । ସାଞ୍ଜୁ; କବଚ—1. Armour.
୨ । ଯେଉଁ କବଚରେ ଛାତି ଆବୃତ ରହେ—
2. Breast-plate.
୩ । ବଲ୍କଲ; ଛାଲି—3. Bark.

ଚୋଳକୀ—ସଂ. ବି. (ଚୋଳକ + ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Choḷakī ୧ । ବାଉଁଶ କରଡ଼ି (ହି. ଶବ୍ଦସାଗର)—
1. Offshoots of bamboo.
୨ । ନାରଙ୍ଗ ଗଛ (ହି. ଶବ୍ଦସାଗର)—
2. A kind of orange tree.
୩ । ହାତ ଗଣ୍ଠି (ହି. ଶବ୍ଦସାଗର)—3. Wrist.
୪ । କରୀର (ଦେଖ)
4. Karīra (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦେଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କର' ଦେଖିବେ

ଚୋଲଗଙ୍ଗ ଦେବ—ଦେ. ବି—ଚୋରଗଙ୍ଗ ଦେବ (ଦେଖ)
Cholaganga deba   Choraganga deba (See)

ଚୋଳା—ଦେ. ବି. (ସଂ. ଚୋଳ)—ସାଧୁ ଓ ଫକୀରମାନେ ପିନ୍ଧିବା ଏକ ପ୍ରକାର ଢିଲା ଓ ଲମ୍ବ କୁରୁତା—
Cholā
चोला
चोला
A kind of loose and long flowing coat worn by mendicants.

ଚୋଳିକା—ସଂ. ବି. (ଚୋଳ+କ+ଆ)—ଚୋଳ (ଦେଖ)
Cholikā   Chola (See)

ଚୋଳି—ସଂ. ବି. (ଚୋଳ+ଈ)—
Choli
୧ । ସ୍ତ୍ରୀମାନଙ୍କର ଏକ ପ୍ରକାର କାଞ୍ଚୁଲା (ଏହାର ପଛ ପାଖେ ଥିବା କୋଣ ଦୁଇଟିକୁ ଟାଣି ଗଣ୍ଠି ପକାଇବାକୁ ହୁଏ)—1. Bodice.
(ଚୋଲି—ଅନ୍ୟରୂପ)
୨ । ଚୋଳା (ଦେଖ)
2 Cholā (See)
୩ । ପାନ ଆଦି ରଖିବାର ଡାଲା (ହି. ଶବ୍ଦସାଗର)—
3. A wicker work tray for keeping betel-leaves etc.

ଚୋଳି ମାର୍ଗ—ସଂ. ବି—୧ । ତାନ୍ତ୍ରିକମାନଙ୍କର ବାମ ମାର୍ଗବିଶେଷ—
Choli mārga   1. A kind of tantrik ritual.
୨ । ଘଟକଞ୍ଚୁକୀ (ଦେଖ)
2 Ghatakañchuki (See)

ଚୋଲ୍‌ଟ୍ରି—ପ୍ରାଦେ. (ଗଞ୍ଜାମ) ବି—ପାନ୍ଥଶାଳା; ଯେଉଁଠାରେ ପଥିକମାନେ ବିନା ଭଡ଼ାରେ କିଛି ଦିନ ରହି ପାରନ୍ତି—
Choltri
Choultry; caravansari.

[ଦ୍ର—ଗଞ୍ଜାମ ଓ ମାନ୍ଦ୍ରାଜରେ ଧନିକମାନେ ଅନେକ ନଗରରେ ବହୁ ଧନ ବ୍ୟୟ କରି ଚୋଲ୍‌ଟ୍ରିମାନେ ପ୍ରତିଷ୍ଠା କରି ଅଛନ୍ତି । ଏଠାରେ ପାନ୍ଥ ଓ ଅଭ୍ୟାଗତ ଭଦ୍ର ବ୍ୟକ୍ତିମାନେ ବିନା ଭଡ଼ାରେ ଆଶ୍ରୟ ନିଅନ୍ତି ।]

ଚୋଷକ—ସଂ. ବିଣ. ପୁଂ. (ଚୁଷ୍ ଧାତୁ+କର୍ତ୍ତୃ. ଅକ)—
Choshaka   ଯେ ଶୋଷି ନିଏ—
(ଚୋଷିକା—ସ୍ତ୍ରୀ) Sucking; one who sucks.

ଚୋଷଣ—ସଂ. ବି. (ଚୁଷ୍ ଧାତୁ+କର୍ତ୍ତୃ. ଅନ)—ଶୋଷିବା—
Choshana   Sucking.

ଚୋଷା—ଦେ. ବିଣ. (ସଂ. ଚୁଷ ଧାତୁ)—
Choshā   ୧ । ଯେ ନିଃଶେଷ କରି ଶୋଷି ନିଏ—
1. One who sucks out every thing.
୨ । ଅତି ଲୋଭୀ; ଶୋଷା—2. Very covetuous.

ଚୋଷି—ଦେ. ବି—ଚୁଷୀ; ପିଲାମାନଙ୍କ ଶୋଷିବା କ୍ରୀଡ଼ନକ—
Choshi
चुषी
A play-thing intended for infants sucking it (taking it for the mother's nipple.

ଚୋଷିବା—ଦେ. କ୍ରି—(ସଂ. ଚୁଷ୍ ଧାତୁ) ଶୋଷିବା; ଚୁଷିବା—
Choshibā   To suck.
চুষান, চোষান
चुसना

ଚୋଷ୍ୟ—ସଂ. ବିଣ—ଯାହା ଶୋଷାଯାଇ ପାରେ—
Choshya   Which can be sucked by the mouth.

ଚୋସ୍କ—ସଂ. ବି—ଉତ୍ତମ ଜାତି ଘୋଡ଼ା (ହି. ଶବ୍ଦସାଗର)—
Choska   1. A horse of excellent breed.
୨ । ସିନ୍ଧୁବାର (ହି. ଶବ୍ଦସାଗର) (ଦେଖ)—
2. Sindhubāra (See)

ଚୋସ୍ତ—ବୈଦେ. ବିଣ (ଫା.)—ଚୁସ୍ତ (ଦେଖ)
Chost   Chust (See)

ଚୋହଲା—ଦେ. ବିଣ (ହି. ଚୁହଡ଼ା=ଚାଣ୍ଡାଳ; ଶ୍ୱପଚ; ଚୋଆଡ଼; ପାହାଡ଼ିଆ ଅସଭ୍ୟ ଜଙ୍ଗଲିଆ ଜାତିବିଶେଷ)—
Chohalā
চোয়াড়
चूहड़ा
୧ । ଉଦ୍ଧତ—1. Impertinent; arrogant; haughty.
(ଚୋହୋଲା—ଅନ୍ୟରୂପ) ୨ । ଅସଭ୍ୟ—2. Uncivilised; rude.
୩ । ଉନ୍ମତ୍ତ—3. Maddened; intoxicated crazy.

ଚୋହାଡ଼—ଦେ. ବି (ହି. ଚୁହଡ଼ୁ=ବ୍ୟାଧ)—ଚୁଆଡ଼; ଅସଭ୍ୟ ଜାତିବିଶେଷ; ଶ୍ୱପଚ; ବର୍ବର; ବାଡ଼ି; ଅତି ନୀଚ ଜାତିବିଶେଷ (ଯଥା—ହାଜାରିବାଗ ଅଞ୍ଚଳର ଧାଙ୍ଗଡ଼ ଜାତି—
Choharda
চোয়াড়
चोआड़
A low untouchable wild tribe.

[ଦ୍ର—ହାଜାରିବାଗ ଅଞ୍ଚଳର ଧାଙ୍ଗଡ଼ ଜାତି ଅମ ଦେଶର ବାଉରି ଜାତି ପରି । ଏମାନେ ମହାଭାରତୋକ୍ତ ଏକଲବ୍ୟର ବଂଶଜାତ ଏବଂ ବଂଶପରମ୍ପରାକ୍ରମେ ଧାନୁକୀ । ଏହି ଜାତିର ପ୍ରଧାନ ଶାଖା ମଧ୍ୟରେ ଅବଶ୍ୟ ବୁଢ଼ାଙ୍ଗୁଳି କାଟିବାର ବିଧି ଅଛି । ଯେଉଁମାନେ ବୁଢ଼ା ଅଙ୍ଗୁଠି କାଟନ୍ତି ନାହିଁ ସେମାନଙ୍କ ମଧ୍ୟରେ ମଧ୍ୟ ଶର ନିକ୍ଷେପ କାଳରେ ତାହାଦ୍ୱାରା ବୁଢ଼ା ଅଙ୍ଗୁଠି ଛଡ଼ା ଅନ୍ୟ ଚାରି ଅଙ୍ଗୁଠି ବ୍ୟବହାର କରନ୍ତି ।*]

ଦେ. ବିଣ—୧ । ଅସଭ୍ୟ; ବର୍ବର—1. Wild; uncivilised.
୨ । ଉଦ୍ଧତ; ଅଭଦ୍ର—2. Rude; arrogant.
୩ । ମୂର୍ଖ—3. Illiterate.
୪ । ହଠଗୋର—4. Obstinate.

ଚୋହାଣ—ଦେ. ବି—ରାଜପୁତନାର ରାଜପୁତ ଜାତିର ଚାରି ଶାଖା ମଧ୍ୟରୁ ଚତୁର୍ଥ ଶାଖା—One of the four classes of Rajputs of Rajputānā
Chohāna
চৌহান, চহান
चौहान

* ପ୍ରତିହାର, ପ୍ରମାରକ, ଚଲୋକ, ଚୋହାନ, ଚାମୁଣ୍ଡ ଦ୍ୱାରା ମହାଭାରତ ... ଗ୍ରନ୍ଥ ... ମହାକାଳରେ । ... ମହାରାଜା ।

୧	ଇ	ଉ	ର,ଋ	ଙ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଈ
୨	ଈ	ଊ	ରୁ	ଲୃ	ଏ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଜ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ତ

[ଦ୍ର—ଏହା ବଶିଷ୍ଠଙ୍କ ଯଜ୍ଞକୁଣ୍ଡର ଅଗ୍ନିରୁ ଉତ୍ପନ୍ନ ରାଜପୁତ ଜାତିର ଚାରିଗୋଷ୍ଠି ବୀରବଂଶ ମଧ୍ୟରୁ ଚତୁର୍ଥ ଶାଖା । ଏହି ବଂଶର ପ୍ରତିଷ୍ଠାତା ବୀରଶ୍ରେଷ୍ଠ ଚୋହାନ୍ ବା ଚାହୁମାନ୍‌ଙ୍କର ଚାରିହାତ ଥିବାର କଥିତ ଅଛି; କେହି କେହି କହନ୍ତି ମାଣିକ୍ୟ ଏ ବଂଶର ପ୍ରତିଷ୍ଠାତା; ଏହି କୁଳରେ ବୀରବର ଅନଳଙ୍କଠାରୁ ମହାରାଜ ପୃଥ୍ୱୀରାଜଙ୍କ ପର୍ଯ୍ୟନ୍ତ ୩୯ ଜଣ ରାଜତ୍ୱ କରିଥିଲେ । ୧୦୦୦ ବର୍ଷ ପୂର୍ବେ ଏ ବଂଶର ରାଜାମାନେ ମାଳବ ଓ ରାଜପୁତାନାରେ ରାଜତ୍ୱ କରୁଥିଲେ । ବର୍ତ୍ତମାନ ଉତ୍କଳର କେତେକ ରାଜବଂଶ ଚୌହାନ ବଂଶୀୟ ଅଟନ୍ତି ।]

ଚ୍ଚୋହାନ—ଦେ. ବ—ଚ୍ଚୋହାଣ (ଦେଖ)
Chohāna Chohāṇa (See)

ଚୌ—ଦେ. ଅ. (ସଂ. ଚତୁଃ; ଶବ୍ଦର ଆଦ୍ୟରେ ବ୍ୟବହୃତ)—
Chau ଚଉ (ଦେଖ)
Chau (See)

[ଦ୍ର—ଆଦ୍ୟରେ 'ଚଉ' ଥିବା ଯେତେ ଗୁଡ଼ିଏ ଦେଶଜ ଶବ୍ଦ 'ଚଉ' ତଳେ ଦିଆଯାଇଅଛି, ତହିଁର 'ଚଉ' ସ୍ଥଳରେ 'ଚୌ' ମଧ୍ୟ କଥାରେ ଓ ଲେଖାରେ ବ୍ୟବହୃତ ହୁଏ, ଯଥା—ଚଉକଠ, ଚଉକ, ଚଉକିଦାର, ଚଉରସ, ଚଉକସ୍, ଚଉଖୁଣ୍ଟିଆ, ଚଉଡ଼, ଚଉଡ଼ା, ଚଉତରା, ଚଉଥ, ଚଉଦ ଇତ୍ୟାଦି ଯଥାକ୍ରମେ ଚୌକଠ, ଚୌକ, ଚୌକିଦାର, ଚୌରସ, ଚୌକସ୍, ଚୌଖୁଣ୍ଟିଆ, ଚୌଡ଼, ଚୌଡ଼ା, ଚୌତରା, ଚୌଥ, ଚୌଦ ଇତ୍ୟାଦି ରୂପେ ବ୍ୟବହୃତ ହୁଏ । ଅତଏବ 'ଚୌ' ଆଦ୍ୟରେ ଥିବା ଦେଶଜ ଶବ୍ଦମାନଙ୍କ ନିମନ୍ତେ 'ଚଉ' ଦେଖ ।]

ଚୌଡ଼— ସଂ. ବ. (ଚୂଡ଼ା + ଭାବ. ଅ)—
Chaurḍa ଦ୍ୱିଜାତିଙ୍କର ଚୂଡ଼ାକରଣ ସଂସ୍କାର—
The ceremony of tonsure performed on a Hindu boy of the three higher castes.
ସଂ. ଢଣ. (+ ସମ୍ବନ୍ଧାର୍ଥେ. ଅ)—ଚୂଡ଼ାସମ୍ବନ୍ଧୀୟ—
Pertaining to Chūrḍā.

ଚୌଡ଼କର୍ମ—ସଂ. ବ—ଚୌଡ଼ (ଦେଖ)
Chaurḍakarma Chaurḍa (See)

ଚୌତିଶା—ଦେ. ବ—ଚଉତିଶା (ଦେଖ)
Chautisā Chautisā (See)

ଚୌତିଶା ଚଉପଦୀ ଗୀତ
ବର୍ଣ୍ଣ ଶ୍ରୀ ଗୋବିନ୍ଦ ଚରିତ । ଭୂପତି. ପ୍ରେମପଞ୍ଚାମୃତ ।

ଚୌପଦୀ—ଦେ. ବ— ଚଉପଦୀ (ଦେଖ)
Chaupadi Chaupadi (See)

ଚୌତିଶା ଚୌପଦୀ କଲି ବରଣ । ପ୍ରାଚୀ. ସରତଟୀକା ।

ଚୌପଣି—ଦେ. ବ—ଅଚ୍ୟୁତାନନ୍ଦଙ୍କ ଗାଦି ନେମାଳମଠର ମାଲିକଙ୍କୁ
Chaupaṇi ଉତ୍କଳର ପ୍ରତ୍ୟେକ ଗଉଡ଼ ପରିବାରର ଦେଉଥିବା ବାର୍ଷିକ ମାମୁଲ ବା ଭେଟି—Presents given by each family of cowherds to the authority of the Nemāḷamaṭha, the seat of Achyutānanda.

ଚୌପର—ପ୍ରାଦେ. (ମେଦିନୀପୁର) ବ. (ସଂ. ଚତୁଃ+ପ୍ରହର)—
Chaupar ଚାରିପହର—Four quarters of the day on night.

ଚୌପାଶ—ଦେ. ବି—ଚାରିପାଖ; ଚତୁର୍ଦ୍ଦିଗ—
Chaupāsa Four directions; four sides.

ମନ୍ଦର ଗିରି ଚଉପାଶେ ପୁତ୍ର ଚୌପାଶେ । କୃଷ୍ଣସିଂହ. ମହାଭାରତ. ବନ ।

ଚୌବର୍ଗ (ଇତ୍ୟାଦି)—ଦେ: ବି—ଚତୁର୍ବର୍ଗ ଇତ୍ୟାଦି (ଦେଖ)
Chaubarga (etc) Chaubarga etc (See)

ଚୌବର୍ଗ ଭୁକ୍ତି ପ୍ରାପ୍ତେ ହୁଏ । ଭୂପତି. ପ୍ରେମପଞ୍ଚାମୃତ ।

ଚୌମ୍ବକ—ସଂ. ବିଣ. (ଚୁମ୍ବକ + ସମ୍ବନ୍ଧାର୍ଥେ. ଅ)— ଚୁମ୍ବକ ସମ୍ବନ୍ଧୀୟ—
Chaumbaka Magnetic.
(ଯଥା—ଚୌମ୍ବକାକର୍ଷଣ ।)

ଚୌର—ସଂ. ବି. (ଚୋର+ସ୍ୱାର୍ଥେ. ଅ)—ଚୋର (ଦେଖ)
Chaura Chora (See)

ଚୌରି—ସଂ. ବି. (ଚୋର+ଇ)—ଚୌର୍ଯ୍ୟ (ଦେଖ)
Chauri Chaurjya (See)
ଦେ· ବି—ଚଉରି (ଦେଖ) ·
Chauri (See)

ଚୌର୍ଯ୍ୟ—ସଂ. ବି (ଚୋର + ଭାବ. ଯ)—୧ । ଚୋରି—
Chaurjya 1. Theft.
୨ । ତସ୍କରବୃତ୍ତି—2. The act or profession of stealing.
ଦେ. (ପଦ୍ୟ) ବି—ଚୋର—Thief.

ବହୁ ଉପେ ଚୌର୍ଯ୍ୟ ଗଣ ଯାଏ ଲୁଚ ସେ । ଉପେନ୍ଦ୍ର. ବୈଦେହୀଶବିଳାସ ।

ଚୌର୍ଯ୍ୟାପରାଧ—ସଂ. ବି—ଚୋରିରୂପ ରାଜବିଧି ନିର୍ଦ୍ଦିଷ୍ଟ ଦୋଷ—
Chaurjyāparādha The offence of theft.
[ଦ୍ର —ଭାରତୀୟ ଦଣ୍ଡବିଧି ଆଇନର ୩୭ ଦଫାରେ ଚୌର୍ଯ୍ୟାପରାଧର ସଂଜ୍ଞା ଓ ୩୭୯ ଦଫା ଆଦିରେ ତହିଁର ଦଣ୍ଡବିଧାନ ଅଛି ।]

ଚୌଳ (ଇତ୍ୟାଦି)—ସଂ. ବ. ଓ ବିଣ—ଚୌଡ଼ ଇତ୍ୟାଦି (ଦେଖ)
Chauḷa (etc) Chaurḍa etc. (See)
ସଂ. ବ. (ଚୋଳ+ସ୍ୱାର୍ଥେ. ଅ)—ଚୋଳ (ଦେଖ)
Choḷa (See)

ଚୌଷଠି—ଦେ ବ: ଓ ବିଣ—ଚଉଷଠି (ଦେଖ)
Chaushaṭhi Chaushaṭhi (See)

ଏ ମହାପୁରୁଷ ସେ ଗୁଣ,
ଚୌଷଠି ପ୍ରକାରେ ଯେ ଜାଣ । ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

ଚୌହାଣ—ଦେ. ବ.—ଚୋହାଣ (ଦେଖ)
Chauhāṇa Chohāṇa (See)
(ଚୌହାନ—ଅନ୍ୟରୂପ)

ସାଧାରଣ ଟୀକା — ପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତୁ । ଅତଏବ ୧ କିମ୍ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଅକ୍ଷର ଯେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ଚ୍ୟବନ—ସଂ. ବି. (ଚ୍ୟୁ ଧାତୁ + କର୍ତ୍ତୃ. ଅନ)—୧ । ମୁନିବିଶେଷ;
Chyabana ପୁଲୋମାଙ୍କ ଗର୍ଭଜାତ ଭୃଗୁଋଷିଙ୍କ ପୁତ୍ର—
1. A sage; son of Bhrugu

[ଦ୍ର—ଏହାଙ୍କ ମାତା ଗର୍ଭବତୀ ଥିବା ସମୟରେ ଏକ ରାକ୍ଷସ ତାଙ୍କୁ ଅପହରଣ କରି ନେବାରୁ ଏ ସ୍ୱୟଂ ଗର୍ଭରୁ ଖସି ପଡ଼ି ଦୁଷ୍ଟ ରାକ୍ଷସକୁ ନିଜ ତେଜରେ ଭସ୍ମୀଭୂତ କରିଥିଲେ । ଏ ସ୍ୱୟଂ ଗର୍ଭରୁ ଖସି ପଡ଼ିଥିବାରୁ (ଚ୍ୟୁ ଧାତୁ) ଏହାଙ୍କର ଏହି ନାମ ହୋଇଅଛି । ଏ ଏକ ସରୋବର ନିକଟରେ ବହୁକାଳ ତପସ୍ୟା କରୁ କରୁ ଏହାଙ୍କ ଦେହ ଉପରେ ଉଇମାନେ ହୁଙ୍କା ନିର୍ମାଣ କଲେ, କେବଳ ଆଖି ଦୁଇଟି ଉକ୍ତ ହୁଙ୍କା ମଧ୍ୟରୁ ଦେଖାଯାଉଥାଏ । ରାଜା ଶର୍ଯ୍ୟାତି ତାଙ୍କ ସେନାସମଭିବ୍ୟାହାରରେ ସେ ସ୍ଥାନକୁ ଆସିଥିବା ସମୟରେ ତାଙ୍କ କନ୍ୟା ସୁକନ୍ୟା ସେଠାରେ ବୁଲି ବୁଲି ହୁଙ୍କାରେ ଜୁଳୁ ଜୁଳୁ ଦିଶୁଥିବା ଦୁଇଟି ଆଖିକୁ କୌତୂହଳବଶତଃ କଣ୍ଟାରେ ଫୋଡ଼ିଦେବାରୁ ଚ୍ୟବନଙ୍କ ଆଖି ଫୁଟିଗଲା । ଏଥିରେ ଋଷି କ୍ରୁଦ୍ଧ ହୋଇ ରାଜାଙ୍କର ସମସ୍ତ ସୈନ୍ୟ ଓ ଅନୁଚରଙ୍କର ମଳମୂତ୍ର ରୋଧ କରି ଦେଲେ । ରାଜା ଆସି ତାଙ୍କୁ ପ୍ରାର୍ଥନା କରିବାରୁ ମୁନି ଶାନ୍ତ ହେଲେ ଓ ସୁକନ୍ୟାଙ୍କୁ ମୁନିଙ୍କୁ ବିବାହ ଦେଲେ । ସୁକନ୍ୟା ମଧ୍ୟ ବୃଦ୍ଧ ସ୍ୱାମୀଙ୍କ ପ୍ରତି ଅଚଳା ଭକ୍ତି କରି ତାଙ୍କ ସେବାରେ ଲାଗିଲେ । ଥରେ ଅଶ୍ୱିନୀକୁମାରଦ୍ୱୟ ଆସି ସୁକନ୍ୟାଙ୍କୁ ନାନାବିଧ ପ୍ରଲୋଭନ ଦେଖାଇ ବୃଦ୍ଧ ସ୍ୱାମୀଙ୍କୁ ତ୍ୟାଗ କରି ସେ ଦୁହିଁଙ୍କୁ ବିବାହ କରିବାକୁ ସୁକନ୍ୟାଙ୍କୁ ଫୁସୁଲାଇଲେ କିନ୍ତୁ ସୁକନ୍ୟା କୌଣସି ପ୍ରକାରେ ସମ୍ମତ ନ ହେବାରୁ ଅଶ୍ୱିନୀକୁମାର ଦ୍ୱୟ ପ୍ରସନ୍ନ ହୋଇ ଏକ ଔଷଧ (ଚ୍ୟବନପ୍ରାଶ) ପ୍ରୟୋଗ ପୂର୍ବକ ବୃଦ୍ଧ ଚ୍ୟବନଙ୍କୁ ଯୁବକ କରି ଦେଲେ । ଏହି ଉପକାରର ବଦଳରେ ରାଜା ଶର୍ଯ୍ୟାତିଙ୍କ ଯଜ୍ଞରେ ପ୍ରଥମେ ଇନ୍ଦ୍ରଙ୍କୁ ନ ଦେଇ ଅଶ୍ୱିନୀକୁମାର ଦ୍ୱୟଙ୍କୁ ସୋମରସ ଦେଲେ । ଏଥିରେ ଇନ୍ଦ୍ର କୁପିତ ହୋଇ ଋଷିଙ୍କୁ ବଜ୍ର ମାଇଲେ । କିନ୍ତୁ ଋଷିଙ୍କର ସେଥିରେ କିଛି ନ ହେବାରୁ ଶେଷରେ ଇନ୍ଦ୍ର ଚ୍ୟବନଙ୍କ ଶରଣ ପଶିଲେ ।]

୨ । (+ ଭାବ. ଅନ) ଝରିବା; କ୍ଷରଣ; (ଜଳୀୟ ପଦାର୍ଥ) ତଳକୁ ବହିଯିବା — 2. Percolation; oozing; flowing down (of liquids).

୩ । ଛତ୍ର — 3. Umbrella.

ଚ୍ୟବନପ୍ରାଶ—ସଂ. ବି. (ଚ୍ୟବନ + ପ୍ରାଶ = ସେବ୍ୟ)—ଆୟୁର୍ବେଦୋକ୍ତ
Chyabana prāsa କାଶରୋଗର ମହୌଷଧ ଅବଲେହବିଶେଷ—
A medicine paste (for being taken) prepared with certain ingredients as an antidote against cough, catarrh and other complaints of the lungs.

[ଦ୍ର— କାଶରୋଗାକ୍ରାନ୍ତ ବୃଦ୍ଧ ଚ୍ୟବନ ମୁନି ଅଶ୍ୱିନୀକୁମାରଦ୍ୱୟ ଯୋଗୁଁ ଏହି ପ୍ରାଶ ବା ଔଷଧ ସେବନ କରି କାଶରୋଗରୁ ମୁକ୍ତ ହୋଇ ଯୁବା ହୋଇଥିବାର କଥିତ ଅଛି । ଚରକସଂହିତାରେ ଏହାର ପ୍ରକ୍ରିୟା ଲେଖା ଅଛି । ଏଥିରେ ଅଧିକ ଭାଗ ଅଁଳା କୋଳର ରସ ଦିଆଯାଏ ।]

ଚ୍ୟାଉ—ଦେ. ବି—ଚ୍ୟାଉ ପଟ୍ଟନାୟକ (ଦେଖ)
Chyāu Chyāu paṭṭanāyaka (See)

ଚ୍ୟାଉ ପଟ୍ଟନାୟକ — ଦେ. ବି — ରାଜପ୍ରଦତ୍ତ କରଣମାନଙ୍କର ଉପାଧିବିଶେଷ — A little of honour
Chyāu paṭṭanāyka given to Karaṇas of Orissa by Rājās.

ଚ୍ୟାହିଁ—ଦେ. ବି. (ସଂ. ଇଚ୍ଛାର ବର୍ଣ୍ଣବିପର୍ଯ୍ୟୟ)—
Chyāhi ୧ । ଯତ୍ନ; ଦେଖାଦେଖି; ଚାହିଁବା—1. Care.
ଚାହି ୨ । ଆଦର; ଗେଲବସର—2. Fondling.
ଚାହ ୩ । ସଚେତପଣ; ଚାଙ୍ଗୁଲାପଣ—
3. Activity.
(ଯଥା— ସାଆନ୍ତାଣୀଙ୍କର ପାଳିଲା ପୁଅଟିର ଭାରି ଚ୍ୟାହିଁ ।)
ଦେ. ବି— ସଚେତ; ସ୍ଫୂର୍ତ୍ତିବାନ୍—Activity.
(ଯଥା— ଆମ ଭଗବାନ୍ ପିଲାଟି ଭାରି ଚ୍ୟାହିଁ ହୋଇଛି ।)

ଚ୍ୟୁ (ଧାତୁ)—ସଂ—୧ । ପତିତ ହେବା—
Chyu (root) 1. To fall; to drop.
୨ । କ୍ଷରିତ ହେବା; ଝରିବା—
2. To percolate; to ooze.
୩ । ତରଳ ପଦାର୍ଥ ବୋହିଯିବା—
3. To flow down (liquid).
୪ । ଖସି ପଡ଼ିବା—4. To fall down.
୫ । ହସିବା—To laugh.

ଚ୍ୟୁତ—ସଂ. ବିଣ. (ଚ୍ୟୁ ଧାତୁ + କର୍ତ୍ତୃ. ତ)—
Chyuta ୧ । ସ୍ଥାନଭ୍ରଷ୍ଟ—1. Excommunicated, displaced.
୨ । ଉଚ୍ଚ ସ୍ଥାନରୁ ପତିତ—2. Fallen down.
ସେ ଋଷିବର ମାତାଙ୍କ ପୋଷ ପାଇଁ
ଗର୍ଭରୁ ଚ୍ୟୁତ ହେଲେ ଅତି କୋଧ ବହି । ଦ୍ୱନ୍ଦ୍ୱ. ମହାଭାରତ. ଆଦି ।
୩ । କ୍ଷରିତ; ଟପ୍ ଟପ୍ ହୋଇ ପତିତ; ଝରିଥିବା—
3. Oozed; percolated.
୪ । ନଷ୍ଟ; ବର୍ଜିତ—4. Spoiled; shorn.
(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ । ଯଥା—ଧର୍ମଚ୍ୟୁତ, କର୍ମଚ୍ୟୁତ ।)
୫ । ବହିଷ୍କୃତ; ବିତାଡ଼ିତ—
5. Degraded; driven out.
୬ । ଚଞ୍ଚଳ; ଚପଳ—6. Unsteady.
୭ । ସ୍ୱସ୍ଥାନଭ୍ରଷ୍ଟ—
7. Displaced from ones proper place.
୮ । (ସମାସରେ) ପରାଙ୍ମୁଖ—
8. Backward shrinking from.

୯	ଇ	ଉ	ଋଷ୍	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇପ୍ସ	ଚ୍ଛ	ଛ
୨	ଈ	ଊ	ରୁ	ଲୁ	ସ୍ପେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	୭	ତ୍ର

୯ । ବକଯନ୍ତ୍ରଦ୍ୱାରା ବାଷ୍ପ ଜଳରେ ପରିଣତ ହୋଇ କ୍ଷରିଥିବା—9. Destilled.

ଚ୍ୟୁତସଂସ୍କାରତା—ସଂ. ବି—ବ୍ୟାକରଣବିରୁଦ୍ଧ ପଦବିନ୍ୟାସଜନିତ ରଚନାର
Chyutasaṁskāratā ପ୍ରଧାନ ଦୋଷ (ସାହିତ୍ୟଦର୍ପଣ)—
A defect in composition consisting of using ungrammatical phrases and words.

ଚ୍ୟୁତାକ୍ଷରି—ସଂ. ବି—କବିତା ରଚନାର ଏକପ୍ରକାର ପରିପାଟୀ—
Chyutākshara A sort of poetic skill in verses.
(ଚ୍ୟୁତାକ୍ଷର—ଉପଜାତ) [ଦ୍ର—ଏଥିର 'ପାଦ' ମଧ୍ୟରେ ଏକ ପଦରୁ ଗୋଟିଏ ଅକ୍ଷର କାଟିଦେଲେ ଅର୍ଥାଗମ ହୁଏ । ଯଥା—

କହିଲା ଭଣି କିଂନରେଶନନ୍ଦିନୀ-ପାଠ-ପଠିନୀ ପଦ୍ମ ହସେ ।

ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଏଠାରେ କିଂନରେଶନନ୍ଦିନୀ—ପାଠପଠିନୀ=କୁବେର କନ୍ୟାର ଶିକ୍ଷୟିତ୍ରୀ । ଏଥିରୁ କିଂ ଅକ୍ଷରଟି କାଟିଦେଲେ ନରେଶନନ୍ଦିନୀ-ପାଠ-ପଠିନୀ=ରାଜକନ୍ୟାର ଶିକ୍ଷୟିତ୍ରୀ ।
ଭଞ୍ଜ. ପ୍ରେମସୁଧାନିଧି ୧୨—୫ ରେ ମଧ୍ୟ ଏହାର ଅନ୍ୟ ଉଦାହରଣ ଅଛି ।]

ଚ୍ୟୁତାଧିକାର—ସଂ. ବିଣ. ପୁଂ (ବହୁବ୍ରୀହି; ଚ୍ୟୁତ + ଅଧିକାର)--ଅଧିକାର-
Chyutādhikāra ଭ୍ରଷ୍ଟ; ଅଧିକାରରୁ ବଞ୍ଚିତ—Shorn of
(ଚ୍ୟୁତାଧିକାରା—ସ୍ତ୍ରୀ) one's power or authority; expelled from one's position.

ଚ୍ୟୁତି—ସଂ. ବି (ଚ୍ୟୁ ଧାତୁ + ଭାବ. ତି)—୧ । ଭ୍ରଂଶ; ନାଶ; ହାନି—
Chyuti 1. Loss of destruction; ruin.
(ଯଥା—ଧୈର୍ଯ୍ୟଚ୍ୟୁତି ।)
୨ । ଅଧୋଗତି; ପତନ—2. Down fall.
୩ । ଅବନତି—3. Degradation.
୪ । କ୍ଷରଣ; କ୍ଷରଣ—4. Percolation; oozing.
୫ । ସ୍ଖଳନ—5. Slipping.
୬ । ଗତି; ଗମନ—6. Movement.
୭ । ମୁକ୍ତି—7. Release.
୮ । ଝଡ଼ି ପଡ଼ିବା—8. Dropping down; falling down.
୯ । ଅଭାବ, ତ୍ରୁଟି (ହି. ଶବ୍ଦସାଗର)—
9 Defect; blemish.
୧୦ । କର୍ତ୍ତବ୍ୟବିମୁଖତା (ହି. ଶବ୍ଦସାଗର); କର୍ତ୍ତବ୍ୟ ସାଧନରେ ଅବହେଳା—10. Neglect of duty; negligence.
୧୧ । ଗୁହ୍ୟଦ୍ୱାର (ହି. ଶବ୍ଦସାଗର)—11. Anus.
୧୨ । ଭଗ (ହି. ଶବ୍ଦସାଗର)—12. Female organ.
୧୩ । ଗତି (ହି ଶବ୍ଦସାଗର)--13. Motion; movement.
୧୪ । ସ୍ୱସ୍ଥାନରୁ ହଟିଯିବା (ହି. ଶବ୍ଦସାଗର)—
14. Displacement; removal from one's proper position.

ଚ୍ୟୂତ—ସଂ ବି—ଆମ୍ବ (ଗଛ ଓ ଫଳ) (ହି. ଶବ୍ଦସାଗର)—
Chyūta Mango (tree and fruit)

ଚ୍ୟୋତ—ସଂ. ବି (ଚ୍ୟୁତ୍ + ଭାବ. ଅ)—ଚ୍ୟୁତି (ଦେଖ)
Chyota Chyuti (See)

ଚ୍ୟୋତନ—ସଂ. ବି (ଚ୍ୟୁତ୍ ଧାତୁ + ଭାବ. ଅନ)—ଚ୍ୟୁତି (ଦେଖ)
Chyotana Chyuti (See)

ଚ୍ରେଷ୍ଟା—ଗ୍ରା. ବି (ସଂ. ଚେଷ୍ଟା)—ଚେଷ୍ଟା (ଦେଖ)
Chreshṭā Cheshṭā (See)

ଛ

ଛ—ସଂ.—ବ୍ୟଞ୍ଜନବର୍ଣ୍ଣର ସପ୍ତମ ବର୍ଣ୍ଣ ଓ ଚ ବର୍ଗର ଦ୍ୱିତୀୟ ବର୍ଣ୍ଣ (ଏହାର
Chha ଉଚ୍ଚାରଣସ୍ଥାନ ତାଳୁ)—The seventh consonant of Sanskrit and its daughter languages including Orḍiā, corresponding to the pronunciation of 'chh' (as pirate of ch).
[ଦ୍ର—ଏହାର କରଣୀ ଅକାର ଛ; ଛ=ଛ ।]
ସଂ. ବି (ଛୋ ଧାତୁ=ଛେଦନ କରିବା + ଭାବ. ଅ)—
୧ । ଛେଦ; ଛେଦନ—1. Cutting.
୨ । ଖଣ୍ଡ—2. A piece.
୩ । ଭାଗ—3. A part.
୪ । (ଛଦ ଧାତୁ=ଆଚ୍ଛାଦନ କରିବା + କର୍ତ୍ତୃ. ଅ) ଗୃହ—
4. House.
୫ । ମାହାତ୍ମ୍ୟ—5. Glory
୬ । ଆଚ୍ଛାଦନ (ହି. ଶବ୍ଦସାଗର)—6. Covering.
ସଂ. ବିଣ (ଛୋ ଧାତୁ=ଛେଦନ କରିବା + କର୍ତ୍ତୃ. ଅ)—
୧ । ତରଳ—1. Liquid
୨ । ନିର୍ମଳ—2. Clear.
୩ । ଛେଦକ—3. Cutting.
୪ । କମ୍ପିତ—4. Trembling.

ଛ, ଛଅ ,ଦେ. ବି (ସଂ. ଷଟ୍; ପ୍ରା. ଛ, ପାଞ୍ଚରୁ ଏକ ଅଧିକ ସଂଖ୍ୟା)—
ଛଃ, ଛଅ ୧ । ଛଅ ସଂଖ୍ୟା—1 .The number six.
ଦେ. ବିଣ—୧ । ଛଅସଂଖ୍ୟକ —1. Numbering six.
୨ । ଷଷ୍ଠସ୍ଥାନୀୟ; ଛଅର ପୂରଣ—2. Sixth.
ଚ, ନ, ଛେଉ, କେତେ ନ ଯିବ ଘର—ଚାଣକ୍ୟବଚନ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଙ୍ଗୋ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ଛଅ—ଦେ. ବି. ଓ ବିଣ—ଛ (ଦେଖ)
Chha-a — Chha (See).
[ଦ୍ର—ସଂଖ୍ୟାବାଚକ 'ଛ' ଶବ୍ଦଯୁକ୍ତ ଶବ୍ଦମାନ 'ଛଅ' ଯୁକ୍ତ ହୋଇ ମଧ୍ୟ ବ୍ୟବହୃତ ହୁଏ ।]

ଛଅଁଚା—ଦେ. ବି (ସଂ. ଶୌଚ)—ମଳଯୁକ୍ତ ଅଙ୍ଗର ଶୌଚକ୍ରିୟା—
Chhañchā — Act of washing or cleansing the anus.
ছোঁচা; ছুঁচা
आबद्स्त, शौचा
ବିଣ—ଶୌଚ ହୋଇଥିବା—Cleansed.

ଛଅଁଚାଇବା—ଦେ. କ୍ରି (ଛଅଁଚିବା କ୍ରିୟାର ଣିଜନ୍ତ ରୂପ)—ଶିଶୁ ବା ଅସମର୍ଥ ଲୋକର ମଳଯୁକ୍ତ ଗୁହ୍ୟଦେଶକୁ ଶୌଚକରିବା—The act of washing the anus of a child or sick man after passing stools.
Chha-añchāibā
ছোঁচান
शौचाना
(ଛଅଁଚେଇବା—ଅନ୍ୟରୂପ)

ଛଅଁଚାଛଅଁଚି—ଦେ. ବି (ସଂ. ଶୌଚ)—ମଳତ୍ୟାଗ ପରେ ଗୁହ୍ୟଦ୍ୱାର, ହସ୍ତ, ପଦ, ମୁଖ ଆଦିର ଶୌଚକର୍ମ—The cleansing operations (of the anus, face, hands, feet etc) after passing stools.
Chha-añchāchhaañchi
ছোঁচান খেঁচান
शौचाशौचि

ଛଅଁଚିବା—ଦେ. କ୍ରି (ସଂ. ଶୁଚ୍ ଧାତୁ)—ମଳତ୍ୟାଗ ପରେ ନିଜର ମଳଦ୍ୱାର ଧୋଇବା; ପାଣିଛିଞ୍ଚିବା—To wash ones anus after passing stools.
Chha-añchibā
ছোঁচা
आबद्स्तलेना, शौंचना

ଛଅଁଚି ହେବା—ଦେ. କ୍ରି (ସଂ. ଶୌଚ)—ମଳତ୍ୟାଗ ପରେ ଗୁହ୍ୟଦ୍ୱାରକୁ ସ୍ୱୟଂ ପରିଷ୍କାର କରିବା—To wash or cleanse one's own anus after passiug stools.
Chha-añchi hebā
ছোচা
शौंचना

ଛଅକ—ଦେ. ବିଣ—ଯେଉଁ ପଣିକିଆ ବା କଡ଼ାଗଣ୍ଡା ବା ପାହୁପଟିକିଆରେ ୬ ସଂଖ୍ୟାର ହିସାବମାନ ଥାଏ—(a multiplication table) Relating to or giving the various calculations of the number 6.
Chhaaka
(ଯଥା—ଛଅକ ପଣିକିଆ, ଛଅକ ଖନ୍ଦା ।)
[ଦ୍ର—ଏହିପରି ଏକକ ପଣିକିଆ; ଦୁଇକ, ତିନିକ ଆଦି ପଣିକିଆ ବା ଖନ୍ଦା ପୂର୍ବରେ ଯୁକ୍ତ ହେଲେ ସେହି ସେହି ସଂଖ୍ୟା-ସମ୍ବନ୍ଧୀୟ ଖନ୍ଦାମାନଙ୍କୁ ବୁଝାଏ । ସାଧାରଣତଃ ପ୍ରତି ସଂଖ୍ୟା ପାଇଁ ୧୦ଟି ଖନ୍ଦା ଥାଏ; ଛଅକ ପଣିକିଆରେ ୬×୧ ର ଗଣନାଠାରୁ ୬×୧୦ ର ଗଣନା ପର୍ଯ୍ୟନ୍ତ ଦଶଗୋଟି ଖନ୍ଦା ଥାଏ । ସାଧାରଣତଃ ପିଲାମାନେ ପଚିଶିକି ପଣିକିଆ ପର୍ଯ୍ୟନ୍ତ ଘୋଷି ରଖିଥାଆନ୍ତି ।]

ଛଅକାନ ହେବା—ଦେ. କ୍ରି (ସଂ. ଷଟ୍‌କର୍ଣ୍ଣ)—(କୌଣସି ଗୁପ୍ତ ବିଷୟ) ଦୁଇଜଣ ବ୍ୟକ୍ତିରୁ ଅଧିକ ତିନି ବ୍ୟକ୍ତିର କାନରେ ପଡ଼ିବା—(a secret) To be divulged to three i. e. more than two persons.
Chha-akāna hebā
ছয়কানহওয়া
তিনিকানহওয়া

ଛଅକେ—ଦେ. ଅ—ଛଅ ଗୁଣିତକ ୧; ୬×୧—
Chha-ake — Six into one; 6×1.
ছয়কে
ଛଅକେ ଛଅପଣ—ପଣିକିଆ ।

ଛଅକୋଡ଼ି—ଦେ. ବି.—୧୨୦ ସଂଖ୍ୟା; ୬×୨୦—
Chhaakorḍi — The number 120, 6×20.
ছয়কুড়ী
ଦେ. ବିଣ.—୧୨୦ ସଂଖ୍ୟକ—Numbering 120.
[ଦ୍ର—ଅଶିକ୍ଷିତମାନେ ଗଣତି କଲାବେଳେ କୋଡ଼ି, ପୁଞ୍ଜା, ଜୋଡ଼ା, ତିଜନ ଆଦି ପର୍ଯ୍ୟନ୍ତ ବସ୍ତୁ ଗଣି ତହିଁରୁ ବେଶୀ ସଂଖ୍ୟାକୁ ଉକ୍ତ ଶବ୍ଦମାନଙ୍କ ଗୁଣିତକଦ୍ୱାରା ପ୍ରକାଶ କରନ୍ତି । ବାଣିଜ୍ୟରେ ମଧ୍ୟ ଏହିପରି ହୁଏ ।]

ଛଅଚିତ—ଦେ. ବି.—କଉଡ଼ିଖେଳରେ ଛଅଟିଯାକ କଉଡ଼ି ଚିତ୍ ହୋଇ ପଡ଼ିବା ଅବସ୍ଥା—The state of six kaurḍis falling with the ventral side upwards in a game of kaurḍi.
Chhaa-chiti
ଛକ୍କା
(ଛଅଚିତ—ଅନ୍ୟରୂପ)

ଛଅଟା—ଦେ. ବିଣ—(ଅନାଦରାର୍ଥ)—ଛଅ ସଂଖ୍ୟକ—
Chhaaṭā — Numbering six.
ছয়টা
ଦେ. ବି.—୧ । ସଂଖ୍ୟାରେ ଛଅ—1. Six in number.
छट्टी
(ଛଅଟି—ଆଦରାର୍ଥକ) ୨ । ୬ ଘଣ୍ଟା ସମୟ—2. Six o'clock.

ଛଅଣ୍ଡା—ଗ୍ରା. ବି ଓ ବିଣ.—(ଛଅ ଗଣ୍ଡାର ସଂକ୍ଷିପ୍ତ ଉଚ୍ଚାରଣ)—ଛଅ ଗଣ୍ଡା; ଚବିଶ ଗୋଟା—Six quartets; twentyfour.
Chhaanḍā
ছয়গণ্ডা
ତିନି ବାରକଡ଼ା ଛଅଣ୍ଡା ଚିକଡ଼ା କେତେ । ଶିଶୁ ଗାଣିତିକ ପ୍ରଶ୍ନ ।
[ଦ୍ର—ଗଣ୍ଡା ସ୍ଥାନରେ ଲୋକେ ଅଣ୍ଡା ଶବ୍ଦର ବ୍ୟବହାର କରନ୍ତି ଯଥା—ଚାରିଣ୍ଡା, ସାତଣ୍ଡା, ଆଠଣ୍ଡା, ନଅଣ୍ଡା ଇତ୍ୟାଦି; ଲୋକେ ଯଥାକ୍ରମେ ଦିଅଣ୍ଡା, ତିନଣ୍ଡା, ଚାରିଣ୍ଡା, ପାଞ୍ଚଣ୍ଡା, ଛଅଣ୍ଡା, ସାତଣ୍ଡା, ଆଠଣ୍ଡା, ନଅଣ୍ଡା, ଦଶଣ୍ଡା କହନ୍ତି । କିନ୍ତୁ ଦୁଇଅଣ୍ଡା, ତିନିଅଣ୍ଡା, ଚାରିଅଣ୍ଡା, ପାଞ୍ଚଅଣ୍ଡା, ଛଅଅଣ୍ଡା, ସାତଅଣ୍ଡା, ଆଠଅଣ୍ଡା, ନଅଅଣ୍ଡା, ଦଶଅଣ୍ଡା କହନ୍ତି, ନାହିଁ ।]

ଛଅପୋଇ—ଦେ. ବି. (ସଂ. ଷଟ୍‌ପଦୀ; ପ୍ରା. ଛପ୍ପଇ)—ଛଅଚରଣଯୁକ୍ତ ପଦ୍ୟ-ବିଶେଷ—A poetical composition with 6 lines in each stanza.
Chhaapoi
छप्पय
(ଛ ପୋଇ—ଅନ୍ୟରୂପ)

ଛଅବାଆର—ଗ୍ରା. ବି.—ଛଅଚିତ (ଦେଖ)
Chhaa bāāra — Chhaachita (See).

ଛଅର—ଗ୍ରା. (ଇତର) ବି. (ସଂ. କ୍ଷୌର; ନୀଚ ଭାଷା)—କେଶମୁଣ୍ଡନ—
Chhaara — Shaving of the hair.
ক্ষৌরীকামান
हजामत
[ଦ୍ର—ଓଡ଼ିଶାରେ ପୂର୍ବେ ସମସ୍ତେ ଓ ଆଜିକାଲି ନବ୍ୟ ସଭ୍ୟତାର ପ୍ରଭାବରେ ଆକ୍ରାନ୍ତ ହୋଇ ନ ଥିବା ବ୍ୟକ୍ତିମାନେ ଖପୁରି ମଝିରେ ବେଶି ହେଉ କମି ହେଉ ଅଗ୍ରଏ ଶିଖା ବା ଚୁଟି ଛାଡ଼ି ମୁଣ୍ଡର ଅନ୍ୟ ସମସ୍ତ ଅଂଶ, ମୁଛ ଓ ଦାଢ଼ି ଖିଅର ହୁଅନ୍ତି ।]

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇୟ	ଉଅ	ଣ୍ଟ
୨	ଈ	ଉ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଓ	ନ୍ତ

ଛଅରବାଅର—ଗ୍ରା. (ଇତର) (ଛଅର ଶବ୍ଦ ସଙ୍ଗେ ଧ୍ୱନ୍ୟନୁକାରୀ ନିରର୍ଥକ
Chha-arabā-āra ୨ୟ ସବ୍ଦତର)—ମୃତ ବ୍ୟକ୍ତିର ଶୁଦ୍ଧିକ୍ରିୟା
ষাট ଉପଲକ୍ଷରେ ତାଙ୍କର ସ୍ୱଜନ ଓ କୁଟୁମ୍ବୀମାନଙ୍କ ନଖ
କାଟିବା ଓ କ୍ଷୌର ହେବା—Shaving of the head and pairing of the nails undergone by the relations and kinsmen of a deceased person on the occasion of purification after the funerals.

ଛଅଷଠି—ଦେ. ବି.—(ସଂ ଷଟ୍‌ଷଷ୍ଟି; ପ୍ରା. ଛଷଠି)—୬୬; ଷାଠିଏରୁ
Chha-ashathi ଛଅ ଅଧିକ ସଂଖ୍ୟା—The number 66.
ছয়ষঠী, ছষঠী ଦେ. ବିଣ.—୬୬ ସଂଖ୍ୟକ—
छयासठ Numbering 66.
ଛଷଠି
ଛଷଟ୍ଟି } —ଅନ୍ୟରୂପ

ଛଅସ୍ତରଶହେ—ଦେ. ବି.—୧୭୬; ଏକ ଶହ ଛଅସ୍ତରୀ—176; one
Chha-astarāsahe hundred and seventy six.
(ଛଅସୁରଶହେ—ଅନ୍ୟରୂପ) (ଦ୍ର—ଏହିପରି ଛଅସ୍ତରିଦୁଇଶ = ଦୁଇ ଶହ ଛଅସ୍ତରି ।)

ଛଅସ୍ତରି—ଦେ. ବ ଓ ବିଣ. (ସଂ. ଷଟ୍‌ସପ୍ତତି; ପ୍ରା. ଛସତ୍ତରି; ପାଲି—
Chha-astari ଛଦତ୍ତରି; ଛସତ୍ତରୀ) —୭୬; ସତୁରି ଅପେକ୍ଷା ୬
ছয়ত্তর অଧିକ—76; Seventysix.
छिहत्तर
ଛଅସୁରି
ଛଅସ୍ତୋରି
ଛସ୍ତରି
ଛସୁରି } ଅନ୍ୟରୂପ

ଛଅଁଚି—ପ୍ରାଦେ. (ସମ୍ବଲପୁର) ବଣ—ଛୁଆଚି (ଦେଖ)
Chha-añchi Chhuāchi (See)

ଛଅଙ୍ଗୁଠିଆ—ଦେ. ବଣ. ପୁଂ ଓ ସ୍ତ୍ରୀ. (ସଂ. ଷଟ୍ + ଅଙ୍ଗୁଳ)—
Chha-anguthiā ଯାହାରି ହାତ କମ୍ବା ଗୋଡ଼ରେ ବା ହାତଗୋଡ଼
ছআঙুলে ଉଭୟରେ ପାଞ୍ଚଟି ଲେଖାଏଁ ପରିବର୍ତ୍ତିରେ ଛଅଟି
छांगुर; छांगा; छँगू ଲେଖାଏଁ ଅଙ୍ଗୁଠି ଥାଏ— Hexadactylous.
(ଛଅଙ୍ଗୁଳିଆ. ପୁଂ—ଅନ୍ୟରୂପ)
(ଛଅଙ୍ଗୁଳେଇ—ସ୍ତ୍ରୀଲିଙ୍ଗ)

ଛଅଲ—ଦେ. ବଣ. (ସଂ. ଷଷ୍ଠ)—୧ । ଷଷ୍ଠ—1. Sixth.
Chha-ala ପାଣୋଃ। ପର ଏକାଠାରେ ମୋର ଧନ
ছঅই ନ ସରଳ କେବେ ମୋ କର୍ମ ସ୍ଥାନମନ
छठा ଛଅଲ ପତ ଯେ କାଳକ ହୋଇ ବର
ବ ହାରଛ ଅବ କବବ କ କୁହାର ।
କୃଷ୍ଣସିଂହ. ମହାଭାରତ. ବନ୍ଦ ।

୨ । (ଆପଣା ରାଜ୍ୟରୁ ପାଞ୍ଚଟି ରାଜ୍ୟ ବ୍ୟବଧାନ ଥିବା)—
ବହୁଦୂରସ୍ଥ (ରାଜ୍ୟ)—
2. Very distant kingdom).

ଛଇ—ଦେ. ବି. (ସଂ. ଛବି)—୧ । ଚଙ୍ଗଚାଙ୍ଗ; ଚାଲିଚଲଣ; ବ୍ୟବହାରି;
Chhai ଆଚରଣ—1. Conduct; gait; manners.
ছটকি; ছটা ୨ । ଛଟକ—2. Sportiveness.
छव; छवा ୩ । ବିଲାସ; ଭଙ୍ଗୀ —
3. Gesture; deportment.
୪ । ରସିକତା—4. Gallantry.
୫ । ଥଟ୍ଟା—5. Jest; frolic.
୬ । ବାଲଙ୍ଗି; ଗୁରବି; ଗର୍ବ—
6. Bragging; arrogance; foppery.
୭ । ଚତୁରତା—7. Cleverness; cunning.
୮ । ଲୋକ ଦେଖିବାପାଇଁ କରାଯିବା ଆଡ଼ମ୍ବର—
8 Ado; ostentation; gaudiness.
୯ । ବୃଥାଗର୍ବ—9. Vainglory.
୧୦ । ଚେହେରା—10 Appearance.
୧୧ । ମନୋହର ଗ୍ରଙ୍କ ବା ଢଙ୍ଗ—
11. Graceful or charming manner.
୧୨ । (ତୁଲ. ଅ. ସବାଃ=ସୁନ୍ଦର; ସଂ. ଶୋଭା)—ଶୋଭା;
ରୂପଶ୍ରୀ; ସୌନ୍ଦର୍ଯ୍ୟ—12. Grace; beauty.
ছই ୧୩ । (ସଂ. ଛଦ)—ନୌକା ବା ଗାଡ଼ିର ଛାତ—
छपर 13 Thatched covering or roof of a boat or cart.
୧୪ । (ସଂ. ସଜ୍ଜିତ)—ସୁସଜ୍ଜିତ ଶ୍ରେଣୀବଦ୍ଧ ଘନସନ୍ନିବଷ୍ଟ
ଗଣ୍ଡି—14. Will arranged heap; well-set stack.
(ଯଥା—ଇଟା ବା ରଣଚକ ଛଇମାର ରଖିଦଅ ।)
୧୫ । ବାକ୍ୟରେ ରସିକତା; ରସବାକ୍ୟ—
15. Wit and humour; witty speech.
ଦେ. ବିଣ. (ସଂ. ବିସ୍ତୃତ)—ଚତୁର୍ଦ୍ଦିଗରେ ପରିବ୍ୟାପ୍ତ; ବିସ୍ତୃତ—
Spread on all sides; diffused.

ଛଇଆ—ଦେ. ବିଣ—ବିଳାସରଙ୍ଗୀଯୁକ୍ତ; ଛଟକଯୁକ୍ତ—
Chhaiā Foppish; coquettish; frolicsome;
छैला trickish; sportive.

ଛଇ କରବା—ଦେ. କ୍ରି—୧ । ଛଟକ ବା ଭଙ୍ଗୀ ପ୍ରକାଶ କରିବା—
Chhai karibā 1. To show frolicsomeness; to show
ছটাদেখান off one's fine things.
ଛଇ କାଢ଼ିବା
ଛଇ ଦେଖା (ଖେ)ଇବା
ଛଇ ଦେଖା (ଖେ)ଇ ହେ (ହ)ବା
ଛଇ ବାହାର କରବା } ଅନ୍ୟରୂପ
୨ । ରସିକତା କରବା—
2. To flirt; to practice gallantry

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅଦ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଛଇଛଡ଼୍—ଦେ. ବଣ. ପୁଂ. ଓ ସ୍ତ୍ରୀ—ଛୈଛାଡ଼୍ (ଦେଖ)
Chhaichhārd — Chhaichhārd (See)
ଛଇଛାଡ଼ିଆ, ଛଇଛଲ, ଛଇଛାଳିଆ } ଅନ୍ୟରୂପ

ଛଇତି ମଇତି—ପ୍ରାଦେ. (ପୁରୀ) ବଣ (ସଂ. ହର୍ଷ + ଉନ୍ମତ୍ତ)—
Chhaiti maiti ୧ । ହର୍ଷୋନ୍ମତ୍ତ; ଆନନ୍ଦିତ—1. Delighted.
(ଯଥା—ତାଙ୍କ ଘରକୁ ଆଜି ଜ୍ୱାଇଁ ଆସିଛନ୍ତି ବୋଲି ଆଜି ସେ ଭାରି ଛଇତି ମଇତି ହଉଛନ୍ତି ।)
୨ । (ସଂ. ହସ୍ତ + ମୁକ୍ତ) ମୁକ୍ତହସ୍ତ—
2. Open-handed; liberal.

ଛଇ ଦେବା—ଦେ. କ୍ରି—୧ । (ସଂ. ସଜ୍ଜିତ) ଗଦା ଗଦା କରି ସୁସଜ୍ଜିତ କରିବା; ଗାଦି ମାରିବା—1. To arrange in rows or heaps (e. g. straw; bricks).
Chhai debā
গাঁদিমারা
(ଛଇମାରିବା—ଅନ୍ୟରୂପ) ୨ । (ସଂ. ଛଦ୍) ଚାରିଆଡ଼େ ଘୋଡ଼ାଇ ପକାଇବା; ଛାଇବା—2. To cover the whole surface.

ଛଇବା—ଦେ. କ୍ରି (ସଂ. ଛଦ୍ ଧାତୁ)—ଚାରିଆଡ଼େ ବିସ୍ତୃତ ହେବା ବା ବିସ୍ତାର କରିବା—To be diffused over the whole surface; to spread in all directions (e. g water).
Chhaibā
ছাওআ
फैलाना
ଛାଇ ଯିବା, ଛାଇ ହେବା, ଛାଇ ହୋଇଯିବା } ଅନ୍ୟରୂପ
(ଯଥା—ବର୍ଷାପାଣି ଆମ ଗାଁ ଚାରିପାଖ ଛଇ ହୋଇଛି ।)

ଛଇଲ୍—ଦେ. ବଣ (ସଂ. ସ୍ଫୁଲାବିତ; ଉଚ୍ଛଳିତ; ଭୁ. ଫା. ଏହି ଅର୍ଥରେ ସୟ୍‌ଲାବ୍)—୧ । ଚାରିଆଡ଼େ ଜଳ ପୂରିଥିବା ବା ମାଡ଼ିଥିବା; ଜଳପ୍ଲାବିତ—1. Flooded.
Chhail
ছয়লাপ
फैलाहुआ
(ଯଥା—ଦେଶଯାକ ପାଣିରେ ଛଇଲ୍ ହୋଇଗଲା ।)
ଛଇଲାଟ୍, ଛଏଲ୍, ଛଏଲାଟ୍ } ଅନ୍ୟରୂପ
୨ । ଚତୁର୍ଦ୍ଦିଗରେ ପରିବ୍ୟାପ୍ତ—2. Extending towards all directions; diffused; spread on or all sides.
(ଯଥା—ଦେଶଯାକ ନଈବଢ଼ି ପାଣି ଛଇଲ୍ ହୋଇଛି ।)
ଦେ. ବି—୧ । ନଈବଢ଼ି—Flood; inundation
୨ । ବର୍ଷା ବା ନଈବଢ଼ି ପାଣି ସବୁଆଡ଼େ ମାଡ଼ିଯିବା ଅବସ୍ଥା—
2. The state of water spreading on all sides.
୩ । ଚାରିଆଡ଼େ ବ୍ୟାପିଯିବା—3. Diffusion.

ଛଇଲ୍ ଯିବା—ଦେ. କ୍ରି—(ଜଳ) ଚାରିଆଡ଼େ ବ୍ୟାପ୍ତ ହେବା—
Chhil jibā — To be diffused; to spread over on all sides.
ছয়লাপহওয়া
फैलाहोना
ଛଇଲ୍ ହେବା, ଛଇଲ୍ ହୋଇଯିବା, ଛଇଲିଯିବା, ଛଇଲେଇବା } ଅନ୍ୟରୂପ

ଛଇଲ—ଦେ. ବଣ (ସଂ. ଛବି, ପ୍ରା. ଛଇଲ, ଛଇଲ୍ଲ)—
Chhaila ୧ । ଯେ ଛଟକ ଦେଖାଏ; ବିଳାସଭଙ୍ଗୀଯୁକ୍ତ; ରଙ୍ଗିଆ—1. Frolicsome.
ଛଇଲା, ଛଇଲୀ } ସ୍ତ୍ରୀ
চটকদার
छबीला, छैला, छैल
(ଛଇଲ—ଅନ୍ୟରୂପ)
୨ । ରସିକ—2. Gallant.
୩ । ଚତୁର—3. Clever.
୪ । ମନୋହର, ସୁନ୍ଦର—4. Charming; beautiful; graceful; having a charming appearance.
୫ । ଯେ ଛଇ ବା ଆଡ଼ମ୍ବର ଦେଖାଏ—
5. Ostentatious.
୬ । ବାକ୍‌ଚତୁର; ବାକ୍ୟରେ ରସିକତାକାରୀ—
6 Witty; humorous.
୭ । ବେଶଭୂଷାରେ ପରିପାଟୀରୂପେ ସଜ୍ଜିତ—
7. Foppish; fine.
ଦେ. ବି—୧ ନାଗର ଲୋକ; ରସିକ—
1. A beau; a dandy; a gallant.
ଏ ବଳକେ ଛଇଲ ହୋଇଲ ଛଇଲ୍ଲ । ଭକ୍ତ, ଲାବଣ୍ୟବତୀ ।
୨ । ଚକ୍‌ଚକିଆ ପୋଷାକ ଓ ବେଶପ୍ରିୟ ବ୍ୟକ୍ତି—
2. A person fond of showy dress and toilette

ଛଇଲା—ଦେ. ବଣ. ପୁଂ. ଓ ସ୍ତ୍ରୀ (ସଂ. ଛବି)—୧ । ବିଳାସଭଙ୍ଗୀଯୁକ୍ତ; ଯେ ଛଟକ ଦେଖାଏ—1. Foppish; frolicsome.
Chhailā
ଛଇଲି, ଛଇଲୀ } ସ୍ତ୍ରୀ—
୨ । ରସିକ; ନାଗର—2. Gallant; coquettish.
ଛଇଲା ! ମୋତେ ଘଇଲ ଗଡ଼—କବିସୂର୍ଯ୍ୟ ଉଦ୍ଧାକରଚମ୍ପୂ ଛ ଗୀତ ।
୩ । (ସଂ. ଛଳ) ଚତୁର—3. Clever.
୪ । ସୁନ୍ଦର—4. Charming; handsome; attractive.
୫ । ସୁନ୍ଦର ସାଜସଜ୍ଜାପ୍ରିୟ—
5. Fond of finery; foppish.
ବି. ସ୍ତ୍ରୀ—ରସିକା; ନାଗରୀ—A flirt; a coquette.
ଠଉରିବ ନାହିଁ ବୋଲି ଠଉରୁ ବରଗି ଚାରଣ ମଦନ ପଳାଏ ରଙ୍ଗେ ଛଇଲୀ ।
କବିସୂର୍ଯ୍ୟ ଚମ୍ପୂ ଗୀତ ।

ଛଇଳିଆ—ଦେ. ବଣ. ପୁଂ. ଓ ସ୍ତ୍ରୀ—ଛଇଲା (ଦେଖ)
Chhailiā — Chhailā (See)
ଛଇଲୀ, ଛଇଲେଇ } ସ୍ତ୍ରୀ
ସେହି ହିଁ ଜନ୍ମ ହୋଇଅଛି ଭ ଭେଣ୍ଡିଆ
ଏଣୁ ତା ବୁଦ୍ଧି କରନ୍ତି ଛଇଳିଆ ।
କୃଷ୍ଣସିଂହ ମହାଭାରତ. ଶାନ୍ତି ।

ଛଇଲି ଛାଉଳି—ଦେ. ବି (ସଂ. ଛଳ)—୧ । ଛଳତାପୂର୍ଣ୍ଣ କୌଶଳ—
Chhaili chhāuli — 1. Stratagem.
୨ । ଛଇ (ଦେଖ)
Chhai (See)
ଏ ବଡ଼ ଛଇଲ ଛଳଲରେ ଜାତ ନେବନ୍ତି—କବିସୂର୍ଯ୍ୟ. ଉଦ୍ଧାକର ଚମ୍ପୂ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଯ୍	ଉଅ	ଓ
୨	ଈ	ଊ	ରୁ	ଲୁ	ଏ୍	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଔ	ନ୍

ଛଉ—ଦେ. ବ (ସ. ଶ୍ୱିତ୍ର)—୧ । ଦେହର ରୋଗବିଶେଷ; ଦେହର
Chhau ସ୍ଥାନେ ସ୍ଥାନେ ଯେଉଁ ଧଳା ଧଳା (ଓ ସମୟେ ସମୟେ କଳା
छूलि ଓ ନାଲି) ଦାଗ ଚମ ଉପରେ ମାଡ଼ିଯାଏ; ଶ୍ୱିତ୍ରରୋଗ; ଧବଳ
छीप ବା ଶ୍ୱେତକୁଷ୍ଠ ରୋଗ—1. A disease in which the skin becomes discoloured in patches of white or black; leucosis; albinism;

[ଦ୍ର—ଛଉ ତିନପ୍ରକାର ଯଥା—୧ । କୁଷ୍ଠ ରୋଗର ପୂର୍ବ-ଲକ୍ଷଣ—ଦେହରେ କଳା, ନାଲି ଓ ଧଳା ମନ୍ଦାମନ୍ଦା ଦାଗ । ୨ । ଧବଳ କୁଷ୍ଠ—ଦେହତମାମ୍ ନାଲିମିଶା ଧଳା ଦାଗ; ୩ । ବୟସନ୍ଧିଉ ଯୁବକଯୁବତୀଙ୍କର ଚର୍ମରେ ସ୍ଥାନେସ୍ଥାନେ ମାଡ଼ିଯିବା ମନ୍ଦାମନ୍ଦା ଦାଗ ।]

୨ । କଳା ବା ନାଲିବର୍ଣ୍ଣବିଶିଷ୍ଟ ପଶୁ ଆଦିଙ୍କ ଶରୀରରେ ସ୍ଥାନେ-ସ୍ଥାନେ ଧଳା ରୋମର ମନ୍ଦ।—2. Patches of white hair on the body of animals of red or black colour.

୩ । ଛଉନାଟ; ଗଡ଼ଜାତର ଜଙ୍ଗଲ ଜାତିମାନଙ୍କ ମଧ୍ୟରେ ପ୍ରଚଳିତ ଏକପ୍ରକାର ନାଟ—(ଏଥିରେ ସ୍ତ୍ରୀ ଓ ପୁରୁଷ ମାନେ ଦଳବଦ୍ଧ ହୋଇ ବାଦ୍ୟର ତାଳ ସହ ନାଚନ୍ତି)—3. A kind of dance prevalent among the wild tribes of the Orissa Agency tracts.

୪ । (ସ. ଶଲ୍କ) ଛେଲି—4. Bark.

୫ । (ସଂ. ଛବ) ଗର୍ବ—
5. Arrogance; pride; vainglory.

୬ । ଚତୁରତା—6. Skill; dexterity.

୭ । ଶିକାର ଝାମ୍ପିବାପାଇଁ ଜଗି ରହିବା—
7. Lying in wait; crouching; being prepared to pounce upon a prey.

छौं ୮ । ଶିକାର ବା ଖାଦ୍ୟ ବସ୍ତୁକୁ ଝାମ୍ପିବା; ଛପଟ୍ଟା—
पञ्जा 8. Pouncing on a prey.

ଛଉଁରି—ଦେ. ବ. (ସଂ. ଛଦ୍ ଧାତୁ)—ଛଉରି (ଦେଖ)
Chhaunri Chhauri (See)

ଅନନ୍ତ ମନ୍ତ୍ରମାନଙ୍କର ଦିବ୍ୟ ଅଭରଣୀ,
ତାଙ୍କ ନାମ ଅଟେ ବଜ୍ର ଛଉଁରି କୌମୁଦୀ ।
ପ୍ର ଗୀ. ବ୍ରହ୍ମନିରୂପଣଗୀତା ।

ଛଉଆ—ଦେ. ବଣ. ପୁଂ. ଓ ସ୍ତ୍ରୀ—(ସଂ. ଛବି)—୧ । ଛପଛପିକିଆ—
Chhauā 1. Having patches of different colours
छापछाप, on the body (said of cows, cats,
रङ्गबेरङ्ग dogs, horses etc); mottled.
रङ्गबिरङ्ग ୨ । ଛଉ ରୋଗାକ୍ରାନ୍ତ—2. Albinous; having light patches on the body.

ଛଉକା—ଦେ ବଣ. ପୁଂ.—୧ । ଶିକାରୀ; ଚତୁର; ଖାଦ୍ୟଦ୍ରବ୍ୟକୁ ଛପି
Chhaukā କରି ଖାଇବା ବିଷୟରେ ପାରଙ୍ଗମ (ଯଥା—ବିରାଡ଼ି,
शिकारी କୁକୁର)—1. Clever; cunning; dexterous
(ଛଉକୀ—ସ୍ତ୍ରୀ) (said of cats, dogs etc which are clever in catching things kept away from their reach).

୨ । ଯେ ସୁଯୋଗ ଦେଖି ଶିକାରକୁ ଝାମ୍ପିବାପାଇଁ ଜଗି ରହେ—2. Crouching; lying in wait to pounce on a prey.

୩ । ଛଉଆ (ଦେଖ)—3. Chhauā (See)

ଛଉଚ—ଗ୍ରା. ବି. (ସ. ଶୌଚ)—
Chhaucha ୧ । ଦେହରୁ ମଳ ଆଦିର ମାର୍ଜନା—
शोच 1. Cleaning impurities off the body.

୨ । ମୃତାହରେ ମୃତ ବ୍ୟକ୍ତିର କୁଟୁମ୍ବାଦିଙ୍କର କ୍ଷୌର, ସ୍ନାନ ଆଦି ଦ୍ୱାରା ଶୁଦ୍ଧ ହେବା—2. Purification of the kinsmen and relatives after the funerals.

୩ । ଝାଡ଼ା ଫେରିବା ପରେ ଛୁଆଁଇବା—
3. Washing of the private parts after passing stools.

ଗ୍ରା. ବଣ—ମାର୍ଜିତ; ଶୁଦ୍ଧ—Cleansed.

ଛଉଚ କରିବା—ଗ୍ରା. କ୍ରି. (ସ. ଶୌଚ)—ଛୁଆଁଁଚିବା; ମଳ ଆଦି
Chhaucha karibā ତ୍ୟାଗ କରିବା ପରେ ଶରୀରରୁ ମଳାଦି
शौचकरा ପରିଷ୍କାର କରିବା—To cleanse the
(ଛଉଚ ହେବା—ଅନ୍ୟରୂପ) private parts of impurities after answering calls of nature.

ଛଉନାଟ—ଦେ. ବ—ଛଉ ୩ (ଦେଖ)
Chhau-nāṭa Chhau 3 (See)

ଛଉ ମାରିବା—ଦେ. କ୍ରି—ଶିକାରକୁ ଝାମ୍ପିବା—
Chhau māribā To pounce on a prey.
छौंमारा
फजा मारना

ଛଉର—ଗ୍ରା. ବ. (ସ. କ୍ଷୌର)—ଛଅର (ଦେଖ)
Chhaura Chha-ara (See)

ଛଉରି—ଦେ. ବ. (ସ. ଛଦ୍ ଧାତୁ)—
Chhauri ୧ । ସାଞ୍ଜୁ; କବଚ; ବର୍ମ—
1 Armour; coat of mail

୨ । ଆଚ୍ଛାଦନ; ଆସ୍ତରଣ - 2. A coverlet.

୩ । ଉଲେପନ—3. Anointing; smearing.

ଛଉରିବା—ଦେ. କ୍ରି. ୧ । (ସ. ଛଦ୍ ଧାତୁ)—
Chhauribā ଘୋଡ଼ାଇବା; ଆଚ୍ଛାଦନ କରିବା—
1. To cover.

ସାଧାରଣ ଲୋକଙ୍କ ଅଧର ସ୍ପଷ୍ଟାରେ ଦୃଢ଼ ୧ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବଂ ୨ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚନ୍ଦ୍ରବିନ୍ଦୁ ଯୁକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଇଁ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅଁ' ଦେଖିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ ।

୨ । (ସଂ. ଘଷ ଧାତୁ) ଲେପିବା—2. To anoint;
चुपरना to smear; (e.g. a paste over the body).
୩ । (ସଂ. କ୍ଷୌର) ଖିଅର କରିବା; କ୍ଷୌର କରିବା—
3. To shave the hair.
ଲାଜ ନ ଥାଏ ଯେଉଁ ମୁହଁକୁ
ଭଣ୍ଡାର ନ ଥାଏ ଛଷରିବାକୁ—ଢଗ ।

ଛଏର୍‌—ପ୍ରାଦେ. (ସମ୍ବଲପୁର) ବି—ଛାୟା; ଛାଇ—
Chha-erā Shadow

ଛଏଲ୍—ଦେ. ବି—**ଛଇଲ୍** (ଦେଖ)
Chha-el Chhail (See)
(ଛଏଲାନ୍—ଅନ୍ୟରୂପ)

ଛଁଚ୍—ପ୍ରାଦେ. (ମେଦନାପୁର) ବି—ଘର ଲିପିବା—
Chhañch Smearing the floor by cow-dung and water.

ଛଁଚ—ପ୍ରାଦେ. (ମେଦନାପୁର) ବି—ଓଳଅ ବାନ୍ଧିବାପାଇଁ ତଳରେ ପକାଯିବା ପ୍ରଥମ ପ୍ରସ୍ଥ ଦଉଡ଼ି—
Chhañchā The first layer of ropes packet a laid on the ground for making of paddy.

ଛକ—ଦେ. ବି. (ସଂ. ଚତୁଷ୍ପଥ; ଚତୁଷ୍କ)—
Chhaka ୧ । ଚତୁଷ୍ପଥ; ଯେଉଁ ସ୍ଥାନରେ ଗୁଡ଼ିଆଡ଼୍ ଗୁଡ଼ ଗୋଟି
चौमाथा ରାସ୍ତା ମିଳିଥାଏ—1. A meeting of two
चौराहा cross-ways; cross-road; a place where four roads meet or two roads cross.
ଛକେ ଛକେ ଜଗି ଅଛନ୍ତି ତରେ । କହର ସୁର୍ଯ୍ୟ, ଲଡ଼ାକରତମ୍ଭ ଛ ଗୀତ ।
୨ । ଦୁଇ ରେଖା ପରସ୍ପରକୁ କାଟିଥିବା ଅବସ୍ଥା—
छक 2, A cross.
୩ । ଯୁକ୍ତ ବା ଗୁଣନ ଚିହ୍ନ—3. A cross mark; the arithmetical sign of addition or multiplication.
୪ । ମଝିରେ ପରସ୍ପର କର୍ତ୍ତନକାରୀ ରେଖାଦ୍ୱୟ କଟା ହୋଇଥିବା ପଶାପାଲିର ଘର—4. Chequered figure in a dice or chess board.
छेंका ୫ । ତଅଁଡ଼ାର ଦାଗ—5. Marks made on the body with hot iron; brand.
୬ । ଚାବୁକ ବା ବେତ୍ର ପ୍ରହାରରେ ଦେହରେ ବସିଥିବା ଦାଗ; ନୋଳା—6. Marks left on the body after being caned or whipped.
୭ । ସୁବିଧାଜନକ ସ୍ଥାନ—
7. A convenient place.

ଛକ କାଟିବା—ଦେ. କ୍ରି—ଯୁକ୍ତ ବା ଗୁଣନଚିହ୍ନ ଅଙ୍କନ କରିବା—
Chhaka kātibā To draw cross-marks.
ଛକ ଦେବା } ଅନ୍ୟରୂପ
ଛକ ପକେଇବା }

ଛକଛାକ—ଦେ. ବି—୧ । ସୁଯୋଗ; ସୁବିଧା; ଖଣ୍ଡ—
Chhaka-chhāka Suitable occasion; opportunity.
ଘାତ, ଯୋଗ ଘାତ (ଯଥା—ସେ ଛକ ଛାକ ବୁଝି କାମ କରେ ।)
मौका ୨ । ଆବଶ୍ୟକବେଳେ ସତର୍କତା—Watchfulness on suitable occasions.

ଛକଡ଼ା—ଦେ. ବି. (ସଂ. ଶକଟ ପ୍ରା. ସଗଡ଼, ଛଗଡ଼)—
Chhakar̤da ୧ । ଭଡ଼ାଗାଡ଼ି—
छाकड़ा 1. Hackery; hackney
छकड़ा carriage.
(ଛକଡ଼ା—ଅନ୍ୟରୂପ) ୨ । ଶଗଡ଼; ଶକଟ; ଗୋରୁଗାଡ଼ି—
2. A cart drown by oxen.

ଛକଡ଼ା ନକଡ଼ା—ଦେ. ବି (ଛଅ କଡ଼ା ଓ ନଅ କଡ଼ା କଉଡ଼ି ଅତି ଅଳ୍ପ
Chhakar̤da nakar̤da ଥିବାରୁ ହେୟ)—୧ । ତୁଚ୍ଛତାଚ୍ଛଲ୍ୟ—
छकड़ानकड़ा 1. Derision; contempt.
୨ । ଅପମାନ—2. Neglect; disregard.
(ଛକଡ଼ା ନକଡ଼ା—ଅନ୍ୟରୂପ) ୩ । ମନ୍ଦ ବ୍ୟବହାର—
3 Ill treatment

ଛକଡ଼ି—ଦେ. ବି (ତୁଳ. ବ. ଛନ୍‌କଡ଼ୀ)—୧ । ଉତ୍କଳରେ
Chhakar̤di ଅପଞ୍ଚିଆଣି ପିଲାଙ୍କୁ ଦିଆଯିବା ନାମ)—
छकड़ि (ଅପଞ୍ଚିଆଣି ତଳେ ନୋଟ୍ ଦେଖ)—
1. A name given to boys whose elder brothers or sisters have died (meaning, not worth a penny).
(ଛକଡ଼ି—ଅନ୍ୟରୂପ) (ଦ୍ର—ଏହାର ଅର୍ଥ :—ଏ
(ଛକଡ଼ିଆ—ଅନାଦରାର୍ଥକରୂପ) ବାଳକକୁ ଛଅ କଡ଼ା ମାତ୍ର ମୂଲ୍ୟରେ କିଣାଯାଇଅଛି । ଯେଉଁ ପିଲାର ଆଗପିଲା ମରି ଯାଇଥାନ୍ତି, ମାଆମାନେ ଯମକୁ ଭଣ୍ଡାଇବାପାଇଁ ତାହାକୁ ଛକ, ଛଅ, ନଅ କଡ଼ା କଉଡ଼ିରେ ଷୋଟଲୋକଙ୍କ ବିକିଦେବାର ବାହାନା କରନ୍ତି ।]
छकड़ी ୨ । ପଶାକାଠିରେ ପଡ଼ିବା '୬' ସଙ୍ଖ୍ୟକ ଦାନ—
छक्कड़ी, छक्का A throw of the dice resulting in the coming up of six points.

ଛକପକ—ଦେ. ବିଣ (ସଂ. ଶଙ୍କିତ)—୧ । ଶଙ୍କିତ—
Chhaka-paka 1. Apprehensive.
छटपट ୨ । ଭବିଷ୍ୟତରେ ଅଶୁଭ ଘଟଣା ସମ୍ବନ୍ଧରେ ଆଶଙ୍କିତ—
छटपट 2. Having a presage or presentiment.
୩ । ଅସ୍ଥିର (ମନ)—3. Restless (mind)
୪ । ଲାଳାୟିତ—4. Hankering.
(ଯଥା—ସେ ପିଲା ହାତରେ ଲଡୁଖଣ୍ଡିଏ ଦେଖି ଏ ପିଲାଟି ଛକପକ ହଉଛି ।)

ଛକ ପାଗଡ଼ା—ଦେ. ବି—ପଶାଖେଳର ଦାନବିଶେଷ; ଛଅ ଏକ—
Chhaka pāgar̤dā One of the throws of dice in a game of dice.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍ଯ	ଉଅ	ଗ୍ଧ
୨	ଈ	ଊ	ୠ	ୡ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଞ୍ଜ	ନ୍

ଛକଲିଆ – ଦେ. ବି—ଏକଜାତୀୟ ଜାମା (ଯହିଁରେ ଛଅଟି କଲି ଥାଏ)—
Chhakaliā A kind of coat having six trangular pieces sewn together.
ছকলিয়া

ଦେ. ବିଣ—୧ । ଯହିଁରେ ଛଅଗୋଟି କଲି ଥାଏ—
1. Having six trangular bits of cloth.
୨ । ନକଲିଆ—2. Witty.

ଛକା— ଦେ. ବି—୧ । ଛକିବା; ଲୁଚିବା—
Chhakā 1. Watching; hiding.
ছকা ୨ । ଅବସରକ୍ରମେ ଶିକାରକୁ ଆକ୍ରମଣ କରିବା ପାଇଁ ଛକି
ছক্কা ରହିବା—2 Lying watchfully; lying in ambush; ambush.
(ଛକ୍କା—ଅନ୍ୟରୂପ)

୩ । (ସଂ. ଷଟ୍କ; ପ୍ରା. ଛକ୍କୋ) ଗଞ୍ଜପା ବା ତାସ ଖେଳରେ ଛଅ ଟିପଯୁକ୍ତ ପାଣ—3. The playing card having six tips on it.

୪ । ତାସ ଖେଳରେ ଅପର ପକ୍ଷକୁ ପିଠିଏ ମାତ୍ର ତାସ ନେବାର ସୁଯୋଗ ନ ଦେଇ ଏକ ପକ୍ଷ ସବୁ ପିଠିର ତାସଯାକ ଜିତିବା—4. The state of one party wining all the cards in a game of cards.

୫ । କଉଡ଼ିଖେଳରେ ଛଅଟିଯାକ କଉଡ଼ି ମୁହଁ ମାଡ଼ି ପଡ଼ିବା ଦାନ—5. Six Kaurdis falling on the ground with the vental side down and dorsal side up in a Kaurdi game.

୬ । ସ୍ତ୍ରୀଲୋକମାନେ ଭୂଇଁରେ ଗାର କାଟି ଖେଳିବା କଉଡ଼ି ଖେଳ—6. An indoor game of females with shells.

୭ । ଯୁକ୍ତଚିହ୍ନ ଅଙ୍କିତ କରିବା କର୍ମ—
7. Making or drawing of cross marks.

୮ । ଯେଉଁ ଗଞ୍ଜପା ବା ତାସରେ ୬ଟି ବିନ୍ଦୁ ଥାଏ—
8. A card containing 6 points.

୯ । ଛଅ ଅର୍ଥାତ୍ ଅନେକ ପ୍ରକାର ପରିବାରେ ପ୍ରସ୍ତୁତ ତିଅଣ; ଘାଣ୍ଟତିଅଣ—9. Hodgepodge.

୧୦ । ଛକ୍କା ତିଅଣ; ଘିଅରେ ଭଜା ହେବା ପୂର୍ବରୁ ପରିବା ଘିଅରେ ଛକ୍କା ହୋଇ ତିଅଣ କରାଯିବା ତିଅଣ—
10. A curry prepared from fried vegetables

ଛକାଇବା—ଦେ. କି—୧ । ଛକିବା (ଦେଖ)
Chhakāibā 1. Chhakibā (See)
(ଛକେଇବା—ଅନ୍ୟରୂପ) ୨ । ଛକିବାର ଣିଜନ୍ତ ରୂପ—
ব্যাকুল হওয়া 2. The causative form of Chhakibā.

୩ । (ସଂ. ଶଙ୍କା) (ମନ) ଶଙ୍କାଯୁକ୍ତ ହୋଇ ଅସ୍ଥିର ହେବା, ଛଟପଟ ହେବା—3. To be apprehensive; to become restless through apprehensive.

ଛକାଖେଳ—ଦେ. ବି. (ସଂ. ଷଟ୍କ; ପ୍ରା. ଛକ୍କୋ)—ଏକପ୍ରକାର କଉଡ଼ି ଖେଳ—A kind of Kaurdi game.
Chhakākhela
दशपाँचिश
ছক্কা

[ଦ୍ର—ଏଥିରେ ଛଅ କଟି କଉଡ଼ିରେ ଗୁରିଜଣ ବା ଅଭାବପକ୍ଷେ ଦୁଇଜଣ ଖେଳାଳି ଖେଳନ୍ତି । ପଶାପାଲି ପରି ଘର କଟାଯାଏ, ଏଥିରେ କଉଡ଼ି ପଡ଼ିବା ଅନୁସାରେ ଦାନ ଗଣିବାକୁ ହୁଏ ।]

ଛକାଛକ— ଦେ. ବିଣ. (ସଂ. ସତର୍କ)—୧ । ଆକ୍ରମଣ ବା ଅନିଷ୍ଟ କରିବା ପାଇଁ ପରସ୍ପର ପରସ୍ପରକୁ ଜଗାଜଗି—
Chhakāchhaka
তাক্‌বুঝেথাকা 1. Watching each other for doing any harm or for attaching.
ছক্কা

ଛକାଛକ } ଅନ୍ୟରୂପ
ଛକାପକା }

୨ । ସତର୍କ, ସାବଧାନ—
2. On the alert; watchful.

୩ । (ସଂ. ଶଙ୍କାଯୁକ୍ତ) କୌଣସି ଦୁର୍ଘଟନା ନିମନ୍ତେ ପ୍ରସ୍ତୁତ—
3. Prepared or ready for any emergency.

ଦେ.ବି— ସତର୍କତା—Alertness; watchfulness; being in readiness for any emergency.

ଛକାଛକି—ଦେ. ବିଣ. ବି—ଛକାଛକ (ଦେଖ)
Chhakāchhaki Chhakāchhaka (See)

ବି—ଅନେକଗୁଡ଼ିଏ ଛକ ଅଙ୍କିବା କର୍ମ—
Act of drawing many crosses.

ଛକାଠି—ଦେ. ବି. (ଦେହର ପ୍ରତି ପାଖରେ ଏଥିର ସଂଖ୍ୟା ଛଅ ଥିବାରୁ)—ପଞ୍ଜରା ହାଡ଼—The ribs.
Chhakāṭhi
পাঁজরা
পসলী

କେଉଁ ଲୋକର ତଣ୍ଟି ଯାଏ ଫୁଟି
ଭଙ୍ଗି ପକାଏ କାହାର ଛକାଠି—ବ୍ରଜନାଥ, ସମରତରଙ୍ଗ ।

ଛକା ଦେବା—ଦେ. କି—ତାସଖେଳରେ ସବୁ ପିଠିର ତାସଯାକ (ଏକ ପକ୍ଷ) ନେବା ଓ ଅପର ପକ୍ଷକୁ ପିଠିଏ ମାତ୍ର ତାସ ନେବାର ସୁଯୋଗ ନ ଦେବା—
Chhakā debā
ছকাকরা

ଛକା କରିବା }
ଛକା ଧରିବା } ଅନ୍ୟରୂପ
ଛକା ବସାଇବା }

To win all the cards in a game of cards without allowing of the opposite party to win the cards of any turn.

[ଦ୍ର— ଯେଉଁ ପକ୍ଷ ଆଦୌ ତାସ ଜିଣି ନ ପାରେ ତା ବିରୁଦ୍ଧରେ ଜିଣିବା ପକ୍ଷ ଗୋଟିଏ ଛଟିପଯୁକ୍ତ ତାସ ସ୍ଥାପନ କରେ ।]

ଛକାପଞ୍ଝା—ଦେ. ବି —୧ । ଚତୁର୍ଯ୍ୟ—
Chhakāpañjhā 1. Cleverness.
ছকাপাঞ্জা ୨ । ଚାକଚକ୍ୟ; ସତର୍କତା—
ছক্কাপঞ্জা 2. Alterness.

ଛକାପଞ୍ଝା }
ଛକାପଞ୍ଝା } ଅନ୍ୟରୂପ
ଛକ୍କାପଞ୍ଝା }

୩ । ପେଁଚପାଚ; ଦାଉଁପେଚ—
3. Tortuous devices; write; tricks.

୪ । ଗଞ୍ଜପା ଖେଳର ୬ ବା ୫ ଟିପ ଥିବା ପାଣ—
4. Cards having six or five tips on Ganjapā cards.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ଏକ ପ୍ରକାର କଉଡ଼ିଖେଳ; କସିପାଞ୍ଚି ଖେଳ—
5. A kind of indoor games in Kaurdis.

୬ । ମନୋହର ପଦବିକ୍ଷେପ ସହିତ ଏକ ପ୍ରକାର ନୃତ୍ୟ—
6. A sort of dancing with dexterous steps.

ଦେ. ବିଣ—ଚତୁର, ସତର୍କ (ବ୍ୟକ୍ତି)—
Dexterous; cautious.

ଛକି—ଦେ. ବି. (ଚଉକ; ଚଉପଥ)—୧ । ଚଉପଥ—
Chhaki — 1. Meeting of cross road.

୨ । ଦୁଇ ରେଖା ପରସ୍ପରକୁ କାଟିବାର ଚିହ୍ନ; ଯୁକ୍ତ ଚିହ୍ନ—
2. Cross-mark.

୩ । ପ୍ରହାର ଚିହ୍ନ—3. Marks of beating.

୪ । ଆକ୍ରମଣ କରିବାପାଇଁ ଶିକାରକୁ ଜଗିବା—
4. Ambush; lying in wait for prey.

ଛକିଛାକି—ଦେ. କ୍ରି. ବିଣ—୧ । ଅତି ସତର୍କତା ସହିତ—
Chhakichhāki — 1. Very cautiously.

୨ । ଲୁକ୍କାୟିତ ଭାବରେ—2. Stealthily.

୩ । କୌଶଳକ୍ରମେ—3. Cunningly.

[ଦ୍ର—ଛକିବା କ୍ରିୟା ସଙ୍ଗେ ଧ୍ୱନ୍ୟନୁକାରୀ କ୍ରିୟା ଯୁକ୍ତ ହୋଇ ଛକିଛାକିବା ଶବ୍ଦ ନିଷ୍ପନ୍ନ ହେଲା, କିନ୍ତୁ ଛକିଛାକିବା କ୍ରିୟାର ସମାପିକା ରୂପ ସ୍ୱତନ୍ତ୍ର ବ୍ୟବହାର ନ ଥାଇ ଅସମାପିକା ରୂପରେ କ୍ରି. ବିଣ ଅର୍ଥରେ 'ଛକିଛାକି' ବ୍ୟବହୃତ ହୁଏ, ତୁଳନା କର ପୋଛିପାଛି=ନିଃଶେଷ କରି ଦେଖିଦାଖି=ଉତ୍ତମରୂପେ ନିରୀକ୍ଷଣପୂର୍ବକ ।]

ଛକିବା—ଦେ. କ୍ରି—୧ । ଛକରେ ଜଗିବା—
Chhakibā — 1. To lie in wait or watch at cross roads.
ছপটিমেরেবসা,
ওতপাতা, তাককরা
হাঁবমেরহনা

୨ । ଜଗିବା—2. To watch.

୩ । ଯୁକ୍ତ ବା ଗୁଣିତ ଚିହ୍ନର ଦାଗ ଅଙ୍କିତ କରିବା; ଛକ କାଟିବା—3. To mark with a cross; to draw a cross.

୪ । କୌଣସି ଲେଖା ଉପରେ ଛକ ଦେଇ କାଟି ଦେବା—
4. To cross out or score though some written matter.

୫ । ଶତ୍ରୁକୁ ବା ଶିକାରକୁ ଆକ୍ରମଣ କରିବା କାମନାରେ ଲୁଚି କରି ଜଗି ରହିବା—5. To wait stealthily to attack an enemy or a prey; to lie in ambush

ସାକ୍ଷାତ ଅନଙ୍ଗ ପ୍ରତ୍ୟେ ନୃତ୍ୟ କରି
ଛକି ଅନଙ୍ଗ କି ନାହିଁ ଦୂର୍ବାର । ରସିକ ଶିଳ୍ପ, ନନ୍ଦକେଶ୍ୱରୀ ।

୬ । ତାତିଲା ଲୁହାରେ ଦେହରେ ଏକାଧିକ ଦାଗ କରିବା—
6. To mark the body with red-hot iron.

୭ । ଦେହରେ ପ୍ରହାରଦ୍ୱାରା ଦାଗ କରିବା—
7. To leave marks on the body of caning or beating.

୮ । କଉଡ଼ି ବା ପଶାଖେଳରେ କଉଡ଼ି ବା ପଶାକାଠିରେ ଅଭିପ୍ରେତ ଦାଉ ପଡ଼ିବା ଉଦ୍ଦେଶ୍ୟରେ କଉଡ଼ି ବା ପଶାକାଠିକୁ ହାତରେ କୌଶଳପୂର୍ବକ ଖଞ୍ଜି କରି ଧରିବା-
8. To hold the Kaurdis or dice inside the fist so as to bring out the desired throw.

[ଦ୍ର—ଛକି କରି କଉଡ଼ି ବା ପଶାକାଠିକୁ ଧରି ଦାଉ ପକାଇବା ଅନ୍ୟାୟ ବୋଲି ବିବେଚିତ ।]

ଛକୋଣି—ଦେ. ବିଣ. (ସଂ. ଷଟ୍+କୋଣ)—ଛଅକୋଣବିଶିଷ୍ଟ (କ୍ଷେତ୍ର)—Hexagonal (figure).
Chhakoṇi
ছয়কোনা

ଦେ. ବିଣ.—ଛଅକୋଣିଆବିଶିଷ୍ଟ କ୍ଷେତ୍ର—
छकोनिया — Hexagon.

(ଛକୋଣିଆଁ—ଅନ୍ୟରୂପ)

ଛକ୍କା (ଇତ୍ୟାଦି)—ଦେ. ବି.—ଛକା ଇତ୍ୟାଦି (ଦେଖ)
Chhakkā etc. — Chhakā etc (See)

ଛକ୍କା ବସିବା—ଦେ. କ୍ରି.—ତାସ୍ ଖେଳରେ ପିଠିଏ ତାସ ସୁଦ୍ଧା ଜିଣି ନ ଥିବା ପକ୍ଷ ବିରୁଦ୍ଧରେ ଗଣ୍ଡେ 'ଛକ୍କା' ତାସ୍ ଲଗାଯିବା—The putting of a card against the party who does not win even one set of cards during a game of cards.
Chhakkā basibā
ছক্কাবসা

(ଯଥା—ଆଜି ତାଙ୍କ ଉପରେ ତିନି ଥର ଛକ୍କା ବସିଲା ।)

ଛଖଣ୍ଡି—ଦେ. ବିଣ. (ସଂ. ଷଟ୍+ଖଣ୍ଡ)—୧ । ଛଅଖଣ୍ଡ କାଠରେ ପ୍ରସ୍ତୁତ—
Chhakhaṇḍa — 1. Made with six pieces of sticks.
ছয়খানা
छट्ठा, छठ

୨ । ଛଅ ସଂଖ୍ୟକ—2. Consisting of 6 pieces; six pieces of.

খাটিয়া ଦେ. ବି.—କୋକେଇ; ଶ୍ମଶାନକୁ ଶବବହନାର୍ଥ ମଞ୍ଚା
अरथी, टिखटी (ନିଶୁଣି ପରି)—1. A ladder-like stretcher (prepared by thing four sticks crosswise on two longer sticks) for carrying the dead body to the cremation ground; bier.

୨ । ଛଅ ସଂଖ୍ୟକ ଖଣ୍ଡ—2. Six pieces or bits.

ଛଖଣ୍ଡି—ଦେ. ବିଣ. ଓ ବି.—ଛଖଣ୍ଡ (ଦେଖ)
Chhakhaṇḍi — Chhakhaṇḍa (See)
ছয়খানি
छटुकरा

ଭୁଇଁ ବେ ନାହିଁ ତୋତେ ବୋଲିବେ ମଡ଼ା,
ଛଖଣ୍ଡି କାଠ ହେବ ତୋ ପାଇଁ ଖେଡ଼ା । ମନବୋଧ. ଚଉତିଶା ।

ଛଗ (ଧାତୁ)—ସଂ. ଛେଦନ କରିବା—
Chhaga (root) — To cut.

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍ଯ	ଉଅ	ଞ
୨	ଈ	ଉ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଥ	ଜ୍ଞ	ନ୍ନ

ଛଗ—ସଂ. ବି. (ଛଗ ଧାତୁ+କର୍ମ. ଅ; କିମ୍ବା ଛୋ ଧାତୁ=ଛେଦନ
Chhaga କରିବା+କର୍ମ. କ; କ ସ୍ଥାନରେ ଗ ଆଦେଶ; ଯାହାକୁ
(ଛଗୀ—ସ୍ତ୍ରୀ) ବଳି ବା ଖାଦ୍ୟାର୍ଥ ଛେଦନ କରାଯାଏ)—ଛାଗଲ;
ଛେଳି—Goat.

ଛଗଣ—ସଂ. ବି.—(ଦେଶୀ ଛଡ଼; ଛ=ଖଣ୍ଡ+ଗଣ=ସମୂହ)—ଘଷି—
Chhagaṇa Dried cake of cowdung (used as fuel).

ଛଗଲ—ସଂ. ବି. ପୁଂ. (ଛୋ ଧାତୁ=ଛେଦନ କରିବା+କର୍ମ. କଲ;
Chhagaḷa ନିପାତନ)—୧ । ଛାଗ; ଛେଳି—1. He goat.
(ଛଗଳୀ—ସ୍ତ୍ରୀ) ୨ । ଅତ୍ରିମୁନି—2. Sage Atri.
୩ । ଏକପ୍ରକାର ନୀଳବର୍ଣ୍ଣ ବସ୍ତ୍ର—
3. A sort of blue cloth.

ଛଗଲକ—ସଂ. ବି. ପୁଂ. (ଛଗଲ+ସ୍ୱାର୍ଥେ. କ)—ଛଗଲ (ଦେଖ)
Chhagaḷaka Chhagaḷa (See)

ଛଙ୍କା—ଦେ. ବି· (ସଂ. ସ୍ଖଲନ)—୧ । ଛାଙ୍କିବା; ଛାଣିବା—
Chhaṅkā 1. Straining; sifting (through a sieve.)
ছাঁকা ୨ । ଘିଅରେ ପୂର ଅଧ ଛାଣିବା—2. Frying in a
তলনা large quantity of ghee.
তলাছুআ ଦେ. ବିଣ.—୧ । ଛଣା ହୋଇଥିବା—1. Sifted.
୨ । ନିର୍ମଳ—2. Cleansed.
୩ । ବିଶୁଦ୍ଧ—3. Purified.
୪ । ଘିଅରେ ବା ତେଲରେ ଛଣା ହୋଇଥିବା—
4. Fried in ghee or oil.
୫ । ବଛା ହୋଇଥିବା—5. Selected.

ଛଙ୍କାଇବା—ଦେ. କ୍ରି.—ଛାଙ୍କିବାର ଣିଜନ୍ତ ରୂପ—Causative form
Chhaṅkāibā of chhāṅkibā.
ছাঁকান
ছাঁকাবানা
(ଛଙ୍କେଇବା—ଅନ୍ୟରୂପ)

ଛଙ୍କା ଛଙ୍କା—ଦେ. ବିଣ.—୧ । ବଛା ବଛା ବହୁ ଲୋକଙ୍କ ମଧ୍ୟରୁ ଗୁଣ
Chhaṅkā chhaṅkā ଯୋଗୁଁ ବଛା ହୋଇଥିବା—1. The
বাছা বাছা selected and fittest few.
চুনিন্দা ୨ । ସର୍ବୋତ୍କୃଷ୍ଟ—2. Excellent.

ଛଙ୍କାଛଙ୍କି—ଦେ. ବି.—୧ । ଉତ୍ତମରୂପେ ଛଣା ହେବା—
Chhaṅkāchhaṅki 1. Careful sifting.
ছাঁকাছাঁকি ୨ । ଉତ୍ତମରୂପେ ତଦାରଖ—
তল্লাতল্লি, তলাতলি 2. A thorough enquiry.

ଛଙ୍କା ତରକାରି—ଦେ. ବି.—ପ୍ରଥମେ ପ୍ରଚୁର ଘିଅ ବା ତେଲରେ ନାନା
Chhaṅkā tarakāri ଜାତୀୟ ପରିବା ଛଙ୍କା ହେବା ପରେ
ছাকাতরকারী, ছকা ତହିଁରେ ମସଲାପାଣି ମିଶାଇ ପ୍ରସ୍ତୁତ ହେବା
তলাছুআ তরকারী ପରିବା ତରକାରି—Curry made of
(ଛଙ୍କା ତିଅଣ—ଅନ୍ୟରୂପ) various kinds chopped
vegetables first fried in sufficient oil or
ghee and then cooked with spices.
[ଦ୍ର—ଘୃତପକ୍ୱ ଛଙ୍କା ତରକାରି କଣଙ୍ଗୁ ଛୁ ବୋଲି ଧରାଯାଏ ।]

ଛଙ୍କା ମଣ୍ଡା—ପ୍ରାଦେ. (ସିଂହଭୂମ) ବି.—ନାନମାନ (ଦେଖ)
Chhaṅkā maṇḍā Nānamāna (See)

ଛଙ୍କା ମାଲ—ଦେ. ବି—୧ । ଘିଅରେ ଛଣା ହୋଇଥିବା ଟଟକା ଖାଦ୍ୟ
Chhaṅkā māla ପଦାର୍ଥ—1. Fresh eatables fried in
ছাকামাল ghee.
চুনিন্দামাল ୨ । ଉତ୍କୃଷ୍ଟ ପଦାର୍ଥ—2. Excellent thing.

ଛଚ୍ଚା—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ. (ସଂ. ସତ୍—ଭୁ. ହି. ସଚ୍ଚା)—
Chhachā ୧ । ସଚ୍ଚରିତ୍ରଯୁକ୍ତ—
ভাল মাহুষ 1. Honest.
সাচ্চা ୨ । ସତୀ—2. Chaste.
(ଛଚେଇ—ସ୍ତ୍ରୀ) ୩ । ସତ୍ୟବାଦୀ—3. Truthful.
୪ । ବିଶ୍ୱାସୀ—4. Faithful; trustworthy.
୫ । ଉତ୍ତମ; ଉତ୍କୃଷ୍ଟ—5. Excellent.
୬ । ନିର୍ଦ୍ଦୋଷ—6. Innocent.

ଛଚ୍ଚାପଣ—ଗ୍ରା. ବି. (ସଂ. ସତ୍)—୧ । ସଚ୍ଚରିତ୍ର—
Chhachāpaṇa 1. Honesty.
(ଛଚ୍ଚାପଣିଆ—ଅନ୍ୟରୂପ) ୨ । ସତୀତ୍ୱ—2. Chastity.
ভালমানুষী ୩ । ସତ୍ୟବାଦିତା—
সাচ্চাই; সাচ্চাপন 3. Truthfulness.
୪ । ବିଶ୍ୱାସୀପଣିଆ—
4. Fidelity; trustworthiness; faithfulness.
୫ । ନିର୍ଦ୍ଦୋଷତା—5. Innocence.

ଛଚିତ—ଦେ. ବି—ଛଅ ଚିତ (ଦେଖ)
Chhachita Chhaa chita (See)
(ଛଚିତ୍ତ—ଅନ୍ୟରୂପ)

ଛଚିନା—ଦେ. ବି—୧ । (ସଂ. ସପ୍ତବର୍ଣ୍ଣ)—ଛତିଅନା ଗଛ; ଜଗତ୍ର
Chhachinā ବର୍ଗର ଶୀଘ୍ର ବୃହତ୍ ତରୁବିଶେଷ—
ସଂ. ପର୍ଯ୍ୟାୟ—ସପ୍ତପର୍ଣ୍ଣ; 1. A wild tree; Alstonia
ସପ୍ତଚ୍ଛଦ; ସପ୍ତପତ୍ର; ବିଶାଲତ୍ୱକ୍; Schoearis; Schetes.
ଶାରଦ; ଶାରଦୀ; ବିଷମଚ୍ଛଦ, [ଦ୍ର—ଏହାର ଗଣ୍ଠିକି ଗଣ୍ଠି
ମଦଗନ୍ଧ; ଗୁଚ୍ଛପୁଷ୍ପ । ୭ଟି ବା ୯ ଶାଖା ବାହାରିଥାଏ
ছাতিম; ছাতিন্ ବୋଲି ଏହି ନାମ । ଏ ଗଛର ପତ୍ର
ছাতিযান; সাতোনা; ছতিবন ମିଳିମିଳି ଗଛର ପତ୍ର ପରି । ଫୁଲ ଧଳବର୍ଣ୍ଣ
ମ. ସାତବଣା ଦଳଦଳିଆ । ଶରତ୍କାଳରେ ଏ
ତେ. ଏଡ଼ାକୁଲା; ଅରଟାକୁ ଗଛରେ ଫୁଲ ଧରେ; ଫୁଲରେ ହସ୍ତି-
ମଦର ଗନ୍ଧ ଥାଏ । ଏହା କଷାୟ ତିକ୍ତରସ, ଉଷ୍ଣବୀର୍ଯ୍ୟ, ସ୍ନିଗ୍ଧ,
ଧାରକ, ଅଗ୍ନିବର୍ଦ୍ଧକ, ତ୍ରିଦୋଷନାଶକ ଏବଂ କୁଷ୍ଠ, ରକ୍ତ, କୃମି,

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳି' ନ ପାଇଲେ 'ଅର୍ଗ୍ଗଳି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

ଶ୍ୱାସ ଓ ଗୁଲ୍ମରୋଗରେ ଉପକାରୀ, ରସାୟନ, ବଳକାରକ । ଏହାର ଛାଲର ଅର୍କ କୁଇନାଇନ୍ ଭଳି ଜ୍ୱରନାଶକ, ଛଚିଅନା ଗଛର କ୍ଷୀର ଲେପନ କଲେ ଦୁଷ୍ଟ ବ୍ରଣ ଶାନ୍ତ ହୁଏ ।]

୨ । (ସ. ଷଟ୍ ଓ ଚଣକ) ୬ ଚଣା ପରିମିତ ଓଜନ— 2. Weight of 6 chinās or less than a grain.

ଚିଚିଙ୍ଗେ ୩ । ଛଚନ୍ଦା—3. Chhachindā (See)

ପ୍ରାଦେ. (ଗଡ଼ଜାତ) ବ—ଏକପ୍ରକାର ବଡ଼ ଝଙ୍କା ଗଛ— A kind of tree.

[ଦ୍ର—ଏହାର ଛୁଇଁ ଲମ୍ବ, ସରୁ ଓ ଏକହାତ ବା ତହିଁରୁ ଅଧିକ ଲମ୍ବ ।]

ଛଚନ୍ଦା—ଦେ. ବ. (ସ. ଚିଚଣ୍ଡ, ଚିଚିଣ୍ଡ)—
Chhachindā — ଏକପ୍ରକାର ସର୍ପାକୃତି ଖାଦ୍ୟ ଲତାଫଳ— Snake-gourd; Trichosanthes Anguina.
ଚିଚିଙ୍ଗା; ଚିଚିଙ୍ଗେ
चिँचँडा; चचैन्धा
(ଛଚିନ୍ଦା—ଅନ୍ୟରୂପ)

ଛଚନ୍ଦୀ—ଦେ. ବ. (ସ. ଚଚଣ୍ଡ)—କୁଷ୍ମାଣ୍ଡାଦି ବର୍ଗର ଉଦ୍ୟାନଜାତ
Chhachindi — ଏକପ୍ରକାର ଲତାଜାତ ସର୍ପାକୃତି ଖାଦ୍ୟଫଳ—Snake gourd; Tricosonthes Anguina.
ସ. ନାମ; ଚଚଣ୍ଡ, ଶ୍ୱେତରାଜ, ସୁଷାର୍ଦ୍ଧ; ଗୃହକୂଲକ
ଚିଚିଙ୍ଗା; ଚିଚିଙ୍ଗେ; হোপা
चँचँड़ा; चिचेन्डा, चचैंधा
ମ. ଚଇକାଁକଡ଼ୀ
ଗୁ. ପଡ଼ୋଲାଂ
ତେ. ପୋଟଲ୍ଲକାୟା
ଅ. ଝିକା
[ଦ୍ର—ଏହା ବାତପିତ୍ତନାଶକ, ବଳକାରକ ପଥ୍ୟ ଓ ରୁଚିପ୍ରଦ; ଏହା ଶୋଷ ରୋଗୀ ପକ୍ଷେ ହିତକର । ଏହା ପଟୋଳ ଅପେକ୍ଷା ଅଳ୍ପ ଗୁଣଯୁକ୍ତ ।]
(ଛଚିନ୍ଦା; ଛଚନା; ଛଚନ୍ଦ୍ରା—ଅନ୍ୟରୂପ)

ଛଚନ୍ଦ୍ର—ଗ୍ରା. ବିଣ. (ସ· ଶଚୀନ୍ଦ୍ର; ଇନ୍ଦ୍ରଙ୍କ ସଙ୍ଗେ ତୁଳନା)—
Chhachindra — ୧ । ବିଦ୍ୟା ପଢ଼ିବା ବିଷୟରେ ମନୋଯୋଗୀ ବା ବାହାଦୁର—1. Attentive to one's studies; diligent in one's studies.
(ଛଚିନ୍ଦ୍ର—ଅନ୍ୟରୂପ)

ଛଚନ୍ଦ୍ର ରେ ବାବୁ ଭୟ ନ କର
ଛଚନ୍ଦ୍ର ହୋଇ ବିଦ୍ୟା ପଢିବାର । ହରଦାସ- ଯଶୋଦାଙ୍କ ଉକ୍ତି ଗୀତ ।

୨ । ଉତ୍କୃଷ୍ଟ—2. Excellent.

ଛଚନ୍ଦ୍ର କଥା ଏ ଶ୍ରୀ ଭାଗବତ
ଶମେ ହରଦାସ ଗାଇଲେ ଗୀତ । ହରଦାସ. ଯଶୋଦାଙ୍କ ଉକ୍ତି ଗୀତ ।

ଛଚେଇ—ଗ୍ରା. ବିଣ. ସ୍ତ୍ରୀ (ସ. ସତ୍)—୧ । ସତୀ—
Chhachei — 1. Chaste.
সতীপনা — ୨ । ବିଶ୍ୱାସୀ—2. Faithful.
सच्ची — ୩ । ସତ୍ୟବାଦିନୀ—3. Truthful.
(ଛଚେଇ—ଅନ୍ୟରୂପ) — ୪ । ସଚ୍ଚରିତ୍ରଯୁକ୍ତ—4. Honest.

ଛଚ୍ଚା (ଇତ୍ୟାଦି)—ଦେ. ବିଣ (ସ. ସତ୍)—ଛଚା ଇତ୍ୟାଦି (ଦେଖ)
Chhachchā (etc) — Chhachā etc (See).

ଛଚ୍ଛନ୍ଦ—ଗ୍ରା. ବିଣ—ସ୍ୱଚ୍ଛନ୍ଦ—
Chhachchhanda — Convenient.
সচ্ছন্দ — ଗ୍ରା. କ୍ରି. ବିଣ—ସ୍ୱଚ୍ଛନ୍ଦରେ—
सच्छन्द — Without trouble.
(ଛଚ୍ଛନ୍ଦ—ଅନ୍ୟରୂପ)

ଛଚ୍ଛିକା—ସ. ବି—ଘୋଳଦହି (ହି. ଛାଛ)—
Chhachchhikā — Churned butter-milk; whey.

ଛଚ୍ଛାନ୍—ପ୍ରାଦେ (ସମ୍ବଲପୁର) ବ—ଛଞ୍ଚାଣ ପକ୍ଷୀ—
Chhachhān — Hawk.

ଛଞ୍ଚା—ଦେ, ବ—୧ । (ସ. ଶୌଚ)—ମଳ ଶୌଚକରିବା; ଛଅଞ୍ଚିବା—
Chhañchā — 1. Washing of the anus after easing.
ছোঁচা — ୨ । (ସ. ସଞ୍ଚ)—ଛଞ୍ଚ (ଦେଖ)
शौंचा — 2. Chhañcha (See).
ছাঁচ — ୩ । (ସ. ସଞ୍ଚୟ)—ସଞ୍ଚୟ—
साँचा — 3. Hoarding; saving for future.
সঞ্চয় — ୪ । କୃପଣତା—4. Niggardliness.
सँच
দাগ — ୫ । (ସ. ସଞ୍ଚ—ଲେଖିବାର କାଳ) ଦେହରେ ଅଳଙ୍କାରାଦିର
छापा — ଚାପଜନିତ ଦାଗ—5. Mark left on the body by pressure of ornaments.
ভালমানুষী — ଗ୍ରା— ୧ । (ସ. ସତ୍) ସତ୍ୟବନ୍ତା—
सच्चाई — 1. Truthfulness.
୨ । ସରଳପଣ—2. Honesty.
୩ । ସତୀପଣ—3. Chastity.
সিধা — ୪ । ଆଗନ୍ତୁକ ଭଦ୍ରଲୋକଙ୍କୁ ଦିଆଯିବା ରନ୍ଧା ହୋଇ ନ ଥିବା
डालि — ଖାଦ୍ୟୋପକରଣ; ସିଧା; ସଞ୍ଚା—
4. Victuals presented to a guest for cooking his food.

ପ୍ରାଦେ (ସମ୍ବଲପୁର) ବ—ଓଳିଆ ବା ପୁଡ଼ୁଗ ବାନ୍ଧିବା ଦଉଡ଼ି—
A string or rope for tying a rolled bundle of strand for storing grains.

ଦେ. ବିଣ. ପୁଂ (ସ. ସଞ୍ଚୟୀ)—୧ । କୃପଣ—
(ଛଞ୍ଚୀ—ସ୍ତ୍ରୀ) — 1. Niggardly; close fisted.
୨ । ଯେ ସବୁ ପଦାର୍ଥକୁ ଭବିଷ୍ୟତ୍ ପାଇଁ ସଞ୍ଚୟକରି ରଖେ—
2. One who stores things for future use.
୩ । ସଞ୍ଚିତ, ଗଚ୍ଛିତ—3. Stored; hoarded.

ଗ୍ରା. ବିଣ. ସ୍ତ୍ରୀ (ସ. ସତୀ)—ସତୀ—Chaste.

ଛଞ୍ଚାଇବା—ଦେ. କ୍ରି— ଛଅଁଞ୍ଚିବାର ଣିଜନ୍ତରୂପ—
Chhañchāibā — Causative form of chhaañchibā.
ছোঁচান
शौंचना
সংচান — ଗ୍ରା. କ୍ରି—ଛଞ୍ଚିବାର ଣିଜନ୍ତ ରୂପ—
सँचाना — Causative form of chhañchibā.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଅ	ଉଅ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଢ଼	ଢ଼

ଛଞ୍ଚାଣ—ଦେ. ବି. (ସଂ. ସଞ୍ଚାନ; ଶଶାଦନ; ଶ୍ୟେନ)—
Chhañchāṇa ବାଜପକ୍ଷୀ; ସଞ୍ଚାଣ— Hawk; falcon
ছঞ্চাণ, বাজপাখী [ଦ୍ର—ସଞ୍ଚାଣ ପ୍ରସବକାଳୀୟ ପକ୍ଷୀବିଶେଷ ।
शिकरा,सचान ଏହାର ଦେହର ରଙ୍ଗ ମାଟିଆ, ଲମ୍ବରେ ପ୍ରାୟ ଦେଢ଼ ଫୁଟ; ଏ ଅନ୍ୟ ପକ୍ଷୀଙ୍କୁ ଶିକାର କରେ । ଅନ୍ୟ ପକ୍ଷୀଙ୍କୁ ଶିକାର କରିବାପାଇଁ ଲୋକେ ଛଞ୍ଚାଣ ପୋଷନ୍ତି ।]

ଛଞ୍ଚି—ଦେ. ବି. (ସଂ. ଛଦ୍ ଧାତୁ)—ଚାଳର ତଳ ପ୍ରାନ୍ତ; ଛାଚ; ଓଳି—
Chhañchi The eaves of a thatch; the lower end
ছাঁচ, ছাঁচা, তাকায় ছঞ্চা of a thatch.
बलति
ମ. ବଳଚଣୀ

ଛଞ୍ଚିତଳ—ଦେ. ବି—ଓଳିତଳ; ଛଞ୍ଚିର ଠିକ୍ ତଳସ୍ଥ ଭୂମି—
Chhañchitaḷa The ground just below the eaves
ছাঁচতলা of a thatch.

ଛଞ୍ଚିବା— ଗ୍ରା. କ୍ରି (ସଂ. ସଞ୍ଚୟ)—
Chhañchibā ୧ । ସଞ୍ଚୟ କରିବା; ଧନାଦି ଜମାଇବା—
সংচিতকরা, জমান 1. To hoard or store for
जमाना future.

ଗ୍ରାମ ଥିଲେ ଜୀବନଯାକ ଛଞ୍ଚି ଛଞ୍ଚି ବେକରେ ଗୋଟାଏ ସୁନାମାଳ ଲଗାଇଥିଲା । ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । (ସଂ. ଶୌଚ)—ଛଅଁଚିବା (ଦେଖ)
2. Chhaañchibā (See)

ଛଟ୍—ଦେ. ବି (ସଂ. ଷଷ୍ଠ, ପ୍ରା. ଛଟ୍ଠ)—କାର୍ତ୍ତିକ ଶୁକ୍ଳ ଷଷ୍ଠୀ ତିଥିରେ
Chhaṭ ଅନୁଷ୍ଠିତ ହେବା ବିହାରୀମାନଙ୍କ ପର୍ବ—A festivity
ছট observed by the Biharis on the 6th day
छठ of the bright fortnight of the month of Kārttika.

ଛଟ୍‌କିନା—ଦେ. ଅ—ଛଟାଟ୍‌କିନା (ଦେଖ)
Chhaṭkinā Chhaṭāṭkinā (See)
ଛଟ୍‌କିନି, ଛଟ୍‌କିରି, ଛଟ୍‌କିନ୍ } ଅନ୍ୟରୂପ

ଛଟ୍‌କିବା—ପ୍ରାଦେ. (ସମ୍ବଲପୁର) କ୍ରି. (ଭୁଲ, ହି. ଛଟକ୍‌ନା)—
Chhaṭkibā ୧ । ଖସିଯିବା—1. To slip out; to slip away.
ଛଟକାଇବା, ଛଟକେଇବା } ଣିଜନ୍ତରୂପ (ଯଥା—ଶିଳ (ଶଗଡ଼ତଳ)ରୁ ଡାଲ (ଡାଲ) ଛଟ୍‌କିଗଲା ।)
୨ । ଛଟ୍‌ପଟ୍ ହେବା—2. To be restless.

ଛଟ୍‌କୁଛେ (ମୋର)—ପ୍ରାଦେ. (ସମ୍ବଲପୁର)—
Chhaṭkuchhe ୧ । (ବ୍ୟଙ୍ଗ ଓ ଅନାଦରବ୍ୟଞ୍ଜକ; ଯଥା—ମୋର ତ ଛଟ୍‌କୁଛେ) ମୋର ଏଥିପାଇଁ ଯାଏ କେତେ ଅଛେ କେତେ—1. I do not care for or worry about it.
୨ । (ମୁଁ) ବ୍ୟସ୍ତରେ ପଡ଼ୁଛି, ବ୍ୟସ୍ତ ହେଉଛି—
2. (I) Feel restless or bothered.

ଛଟ୍‌ନା—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି—ଛିଟ୍‌ନା (ଦେଖ)
Chhaṭnā Chhiṭnā (See)

ଛଟକ—ଦେ. ବି. (ସଂ. ଛଟା)—୧ । ସୌନ୍ଦର୍ଯ୍ୟ —
Chhaṭaka 1. Beauty; grace.
ছটক, চটক ୨ । ଶୋଭା—2. Splendour.
छटक, चोचला ପ୍ରବେଶ ହୋଇଲେ ଯାଇଁ ଅଯୋଧ୍ୟା କଟକେ ଶଚିଲ ଭୁବନ ପ୍ରାୟ ଜଣାଇ ଛଟକେ—ବିଶ୍ୱନାଥ. ବଚିତ୍ରରାମାୟଣ ।
୩ । ଚଙ୍ଗ—3. Manner.
୪ । ଭଙ୍ଗୀ—4. Winsome deportments; arts.
୫ । ମନୋହର ନେତ୍ରଭଙ୍ଗୀ—5 Charming glance.
୬ । ଆଖି ମିଟ୍‌କାଇବା; ନେତ୍ରଭଙ୍ଗୀ; ପଲକ—
6. Glance; tinkling of the eye.
୭ । ଛଳ; ଚାତୁରୀ—7. Trick
ଛଟକେ ଉପୁଜିଲ ପ୍ରହାର—ବିଶ୍ୱନାଥ. ଯଶାଚ ।
୮ । ରସିକତା—8. Gallantry.

ଦେ. ବିଣ—୧ । ଶୋଭାଯୁକ୍ତ—
1. Beautiful; charming.
ଦେଖିବା ଦ୍ୱାରା କଟକ, କେ,କେ ବଣର ଛଟକ—ଜଗନ୍ନାଥ. ଭାଗବତ ।
୨ । ଭଙ୍ଗୀବିଶିଷ୍ଟ—
2. With winsome deportments.
କଟକେ ଛଟକନାରୀ, ଅଙ୍ଗରେ ନାନା ଚାତୁରୀ—ସଦାପ—ଶଚିଦେଣୀ ।

ଛଟକଚାହାଣି—ଦେ. ବି—୧ । ନେତ୍ରଭଙ୍ଗୀ; ଭ୍ରୂଭଙ୍ଗୀ; ବାଙ୍କଚାହାଣି—
Chhaṭakachāhāṇi 1. Sidelong glance
চটুলচাউনী ୨ । ବିଳାସ ନେତ୍ରଭଙ୍ଗୀ—
चोचला 2. Amorous glance.

ଛଟକମାତ୍ରକେ—ଦେ. କ୍ରି. ବିଣ—୧ । ଅତି ଅଳ୍ପ ସମୟରେ—
Chhaṭakamātrake 1. In a very short time.
पलकमात्रे ୨ । ମୁହୂର୍ତ୍ତିକେ—2. At a moment.
୩ । ଏକା ମିଟିକାରେ—
3. At one glance; in a twinkling of the eye.

ଛଟକରେ—ଦେ. କ୍ରି. ବିଣ—ଛଟକମାତ୍ରକେ (ଦେଖ)
Chhaṭakare Chhaṭakamātrake (See)

ଛଟକିନୀ—ଦେ. ବି. ସ୍ତ୍ରୀ. (ସଂ. ଛଟା)—ଛଟକ ଦେଖାଉଥିବା; ଚତୁରୀ
Chhaṭakini (ସ୍ତ୍ରୀ)—Coquette; a lady with graceful glance.
ছেনাল
चोचलहाई ଅଟକ କାଣିଅଛ ଛଟକିନୀ ସଙ୍ଗୀ ବୋଇଲ ଦୂତି—ବିଶ୍ୱନାଥ. ଛବଣୀ ।

ସାଧାରଣ ଲେକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଏବେ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୌ' ନ ପାଇଲେ 'ଅଙ୍କୋ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଳଙ୍କୃତ' ଦେଖିବେ

ଛଟକିବା—ଦେ. କ୍ରି—୧ । (ଅକ୍ଷି, ମୁଣ୍ଡ) ବିନ୍ଧିବା; ଛଟକିବା—
Chhaṭakibā 1. To ache.
ব্যথাকরা (ଯଥା—ମୋ ଆଖି ଛଟକୁଛି ।)
टीसना ୨ । ଛଟକି ଯିବା (ଦେଖ)
2. Chhaṭakijibā (See)

ଛଟକିଯିବା—ଦେ. କ୍ରି—(କୌଣସି ପଦାର୍ଥରୁ କୌଣସି ଅଂଶ) ହଠାତ୍ ଦ୍ରୁତବେଗରେ ବାହାରିଯିବା, ଛିଟିକି ଯିବା—
Chhaṭakijibā
ছিটকে যাওয়া To shoot forth.
छटकजाना, छिटकआना

ଛଟଛଟ—ଦେ. ବିଣ—ଅତ୍ୟନ୍ତ ଶାରୀରିକ କଷ୍ଟ ବା ଯନ୍ତ୍ରଣାରେ ଅଙ୍ଗ-ବିକ୍ଷେପ କରିବା; କଲବଲ—Restless or struggling through extreme agony.
Chhaṭachhaṭa
ছটপট
तड़प डाहट ଛଟଛଟ ହେଉ ଭୂମେ ଉରୁ ଉପ୍ତ୍ରାକା
ସାଲଙ୍କାର ହସ୍ତପାଦ, ସଶିରସ୍କ ଶିରଃ—ସଧାକାନ୍ତ, ମହାଯାତ୍ରା ।

ଛଟଛଟକା—ପ୍ରାଦେ. (ସମ୍ବଲପୁର) ବ—ଉତ୍ସବ ସମୟରେ କାନ୍ଥରେ ବୋଳିଯିବା ଚୂନ ବା ପିଠଉର ଫଟକା ଚିହ୍ନ—
Chhaṭachhaṭakā
Marks of lime or rice ground with water put on the wall by means of a brush or festive occasions.

ଛଟପଟ—ଦେ. ବ—ଅସ୍ଥିରତା—
Chhaṭapaṭa Restlessness; agitation
ছটপট; ছটফট ୧ । ଅସ୍ଥିର; ଚଞ୍ଚଳ—
छटपटी 1. Restless; perturbed.
୨ । ବେଦନା ଯୋଗୁଁ ଅସ୍ଥିର—
तड़प, छटपट 2. Restless through pain.
କଲବଲ ଛଟପଟ ହୋଇ ଯାଉଛି ଜଗତ ।
କବିସୂର୍ଯ୍ୟ, କଣୋୟତଣ୍ଡ, କ ଗୀତ ।
୩ । ଲୁବ୍ଧ—3. Speechless.
୪ । ଇତସ୍ତତଃ ଶରୀର ଚାଳନ—
4. Moving the body from
୫ । କଲବଲ—5. Restless through pain.
୬ । ଜଞ୍ଜାଳ—6. Troubles.
ଏଇ ପେଟ, ଏଇ ପେଟ ପାଇଁ ଛଟପଟ—ଗୀତ ।

ଛଟପଟିଆ—ଦେ. ବ—୧ । କଲବଲ; କାଳୁବାଳୁ—
Chhaṭapaṭiā 1. Anxiety; trouble; restlessness.
ছটপট ୨ । ଅସ୍ଥିରତା; ଅବକାଶହୀନତା—
छटपट 2. Want of leisure.
ଶୋଇଲେ ଦେହ ଛଟପଟକୁ ଲାଗଇ । କୃଷ୍ଣସିଂହ, ମହାଭାରତ, ବନ ।
ଦେ. ବିଣ—୧ । କଲବଲ—1. Anxious in trouble,
ছটপটে ୨ । ଅସ୍ଥିର—2. Restless; moving about.
तड़प; छटपटी
୩ । ଅବକାଶହୀନ —3. Having no leisure.

ଛଟପଟେଇବା—ଦେ. କ୍ରି. (ଛଟପଟରୁ ନାମ ଧାତୁ)—ଛଟପଟ ହେବା-
Chhaṭapaṭeibā To be restless; to be troubled.
ছটপটান
तड़पना, छटपटाना

ଛଟରପଟର (ଇତ୍ୟାଦି)—ଦେ. ବିଣ—ଛଟପଟ ଇତ୍ୟାଦି (ଦେଖ)
Chhaṭarapaṭara (etc) Chhaṭapaṭa etc. (See)

ଛଟା—ସ. ବି. ସ୍ତ୍ରୀ. (ଛୋ ଧାତୁ=ପ୍ରାପ୍ତି ହେବା + କର୍ତ୍ତୃ. ଅଟ + ସ୍ତ୍ରୀ. ଆ)—
Chhaṭā
୧ । ପ୍ରଭା; ଦୀପ୍ତି; ଆଲୋକ—
1. Glow; rediance; light; brightness.
୨ । ଭଙ୍ଗୀ; ଶୋଭା; ସୌନ୍ଦର୍ଯ୍ୟ; କାନ୍ତି—
2. Grace; beauty.
ଛଟା କାହା କିଟାଖର । କବିସୂର୍ଯ୍ୟ, କଣୋୟତଣ୍ଡ, ଛ ଗୀତ ।
୩ । ସମୂହ—3. Collection.
୪ । ଆଲୋକରେଖା—4. Ray of light.
୫ । ପରମ୍ପରା—5. Succession.
୬ । ଢଙ୍ଗ; ରୂପ—6. Mode from.
ଏହି ସମୟରେ ସେ ଦ୍ରୁପଦଙ୍କ ବେଟା ।
ଧରିଲେ ମୃତ୍ୟୁଦେବଙ୍କର ଧର ଛଟା । କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।

ଦେ. ବ—୧ । ଅଡୁଆ କାର୍ଯ୍ୟ; ଗୋଳମାଳ—
ঝংঝাট 1 Complicated business.
୨ । ଧନ୍ଦା—2. Work requiring much labour.
छल ୩ । ଛଳ; ବାହାନା—3. Feigning.
୪ । ଚତୁରତା; ଚତୁରତା—4. Trick-cunning.
୫ । କରଣୀ ବା କୁଟିଳ ଲିପି—5. Slant and confused script or character.
ছাটালেখা
ছাটা, ছিটা, ঝাড়া ୬ । ଛାଟିବା—6. Sprinkling; strewing.
छापा ୭ । ଧାନ ପ୍ରଭୃତି ଶସ୍ୟ କାଦୁଆ ଜମିରେ ବୁଣିବା—
बुना 7. Act of sowing corn-seeds on a clayey field.
୮ । ବାଳ କତୁରିବା—
8. Cropping hair with scissors.
ছাঁটা ୯ । ଗଛର ଡାଳକୁ କତୁରିବା—9. Pruning.
छाँटना ୧୦ । ଛଟିଦେବା ବା ଜୋରରେ ଧକ୍କାଦେଇ ପକାଇଦେବା—
ঝাপটা 10. Act of throwing down with a push.
छिटकना ୧୧ । ଛଅଗୋଟା—11. Six in number.
ছটা ଦେ. ବିଣ—୧ । ଛଟା ହୋଇଥିବା; କାନ୍ଥରେ ବସଯାଇ
छटा ଥିବା (ମାଟି)—1. Sprinkled; piled up.
ছিটে (ଯଥା—ଛଟାମାଟିର କାନ୍ଥ—ବି. ଛଟେମାଟିର ଦେଓ୍ୟାଲ ।)
छींटा ୨ । କୁଟିଳଭାବରେ ଲେଖା ହୋଇଥିବା (ଅକ୍ଷର)—
2. Intricate; crooked; scrawled.

୯	ଇ	ଊ	ର,ର୍	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଞ
୪	ଈ	ଊ	ରୁ	ଲୃ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଙ	ନୃ

୩ । ଛଅ ସଖ୍ୟକ—3. Numbering six.

ଛଟାଅକ୍ଷର—ଦେ. ବ—କରଣିଅକ୍ଷର (ଦେଖ)
Chhaṭāakshara Karaṇiakshara (See)
[ଦ୍ର—ଏ ଜାତୀୟ ଅକ୍ଷରର ଆକାର ପରିଶିଷ୍ଟରେ ଦିଆଯାଇ ଅଛି ।]

ଛଟାଇ—ଦେ. ବ—ଛଟା (ଦେଖ)
Chhaṭāi Chhaṭā (See)
(ଛଟେଇ—ଅନ୍ୟରୂପ) ଦେ. ବିଣ—ଛଟା ହୋଇଥିବା; କଟାଯାଇ-
छँटा ଥିବା—Cropped with-scissors.
छाँटाहुआ (ଯଥା—ସେ ଆଜକାଲି ଧରଣର ଛଟାଇ ବାଳ ରଖିଛି ।)

ଛଟାଇଙ୍କି—ଗ୍ରା. ବ—ଛଟାଙ୍କି (ଦେଖ)
Chhaṭāiṅki Chhaṭāṅki (See)
(ଛଟେଇଙ୍କି—ଅନ୍ୟରୂପ)

ଛଟାଇବା—ଦେ. କ୍ରି—୧ । ଛାଟିବାର ଣିଜନ୍ତ ରୂପ—
Chhaṭāiba 1. The causative form of Chhātibā
छिटान (See)
छटकाना ୨ । ଛାଟ ବା ସରୁ ଯଷ୍ଟିଦ୍ୱାରା ପ୍ରହାର କରିବା—
(ଛଟେଇବା—ଅନ୍ୟରୂପ) 2 To beat with a cane.
୩ । ଅନ୍ୟ ବ୍ୟକ୍ତିଦ୍ୱାରା କୌଣସି ବ୍ୟକ୍ତିକୁ ଛାଟ ମରାଇବା—
3. To canse a person to be caned.

ଛଟାଗଲ—ଦେ. ବ—ଛଟା ଗାଳିବା; ବେଳ କରିବା—
Chhaṭāgaḷā Feigning.
ଦେ. ବିଣ—ଯେ ବେଲକରେ ବା ବାହାନା ଦେଖାଏ; ଯେ ଛଟା ଗାଳେ – (person) Feigning.

ଛଟାଗାଳିବା—ଦେ. କ୍ରି—ଛଳନା କରିବା; ରୋଗ ବା ଅକ୍ଷମତାର
Chhaṭāgāḷibā ବାହାନା କରିବା—To feign.
छटादेखान
बहाना करना

ଛଟାଙ୍କ—ଗ୍ରା. ବ—ଛଟାଙ୍କି (ଦେଖ)
Chhaṭāṅk Chhaṭāṅki See)

ଛଟାଙ୍କି—ଦେ. ବ. (ସଂ. ଷଷ୍ଠାଳି=ପାଞ୍ଚାଦର ଏକଛଟାଙ୍କି ପରିମାଣ;
Chhaṭāṅki କମ୍ପା ଷଟ୍ ଟଙ୍କ=୬ ଟଙ୍କା)—୧ । ଘନ ଓ
छटाक ତରଳ ପଦାର୍ଥର ପ୍ରାୟ ଛଅଟଙ୍କା ଓଜନ; ଏକ
छटाँक ସେରର ଏକ ଷୋଡ଼ଶାଂଶ ପରିମାଣ ଓଜନ—
1 A chittak; weight and measure of solid and liquid; $\frac{1}{16}$th of a seer (roughly weight of six rupees).

[ଦ୍ର—୪ ଛଟାଙ୍କି=୧ ପାଅ; ୦ ପାଅ=୧ ସେର; କଟକୀ ଏକ ସେର=୧୦୫ ଟଙ୍କା; ବାଲେଶ୍ୱରୀ ୧ ସେର=୮୦ ଟଙ୍କା । କଟକୀ ୧ ଛଟାଙ୍କିର ଓଜନ=୬ ୬୨ ପ୍ରାୟ; ବାଲେଶ୍ୱରୀ ୧ ଛଟାଙ୍କିର ଓଜନ=୫ ୫ ଟଙ୍କା]
୨ । ଏକ ଛଟାଙ୍କି ପରିମିତ ବଟକରା—
2. A weight of one chhittak.
୩ । ଛଟାଙ୍କି ମାପର ପାତ୍ର—
3. A chhittack measure.

ଛଟାଛଟି—ଦେ. ବ—୧ । (ସଂ. କ୍ଷିପ୍ତ) ବାଡ଼ରେ ବା କାନ୍ଥରେ ମାଟି
Chhaṭāchhaṭi ଛାଟିବା ବା ଲେସିବା କର୍ମ—1. Sprinkling
छँटाछँटि or splashing with mud.
छोपछाप ୨ । ଭାଙ୍ଗିଯାଇଥିବା କାନ୍ଥରେ ମାଟି ଛାଟିବା କର୍ମ—
2. Reparing of a mud wall.
୩ । (ସଂ. ଛେଦନ) ଗଛର ଅଗମାନଙ୍କୁ ଛାଟିବା କର୍ମ—
3. Pruning.

ଛଟାଣ—ଦେ. ବ—୧ । ଛାଟିବା କର୍ମ—
Chhaṭāṇa 1. Act of sprinkling or splashing.
छँटान ୨ । ଛଟା (ଦେଖ)
छोपना . 2 Chhaṭā (See)

ଛଟାତକିନା—ଦେ. କ୍ରି. ବିଣ. (ସଂ. ହଠାତ୍; ଝଟିତି)—ହଠାତ୍—
Chaṭātkinā All on a sudden.
हठात्
झट
ଛଟାତ୍ ଦିନ } ଅନ୍ୟରୂପ
ଛଟାତ୍ କର

ଛଟାଫଳ—ସଂ. ବ. (ଛଟା=ସରଳରେଖା+ଫଳ)—
Chhaṭāphaḷa ୧ । ଗୁବାକ; ଗୁଆ—
1. Betel-nut; areca-nut.
୨ । ତାଳଗଛ (ହି. ଶବ୍ଦସାଗର)—2. Palm tree.

ଛଟାବାଡ଼—ପ୍ରାଦେ. (ଯାଜପୁର) ବ—ବାଡ଼ଉଅଡ଼ କାନ୍ଥ—
Chhaṭābarḍa Wall made of a hedge of split bamboos or twigs filled up with mud; scuttle wall.

ଛଟାଭା—ସଂ. ବି. (୬ଷ୍ଠୀ ତତ୍; ଛଟା=ରେଖା+ଆଭା=କିରଣ)—
Chhaṭābhā ୧ । ବିଦ୍ୟୁତ୍; ବିଜୁଳି—1. Lightning.
୨ । ଦେହେର କାନ୍ତି ବା ଶୋଭା (ହି. ଶବ୍ଦସାଗର)
2. The grace or lustre of ones appearance.

ଛଟାଳି—ଦେ. ବିଣ.—ଯେ କାନ୍ଥରେ ମାଟି ଛାଟେ—One who
Chhaṭāḷi piles or puts mud on a wall.

ଛଟାଲେଖା—ଦେ. ବ—କରଣୀ ଲେଖା, ଯେଉଁ ଲେଖାରେ ଅକ୍ଷରର
Chhaṭālekhā ଲାଙ୍ଗ ଓ ବଙ୍କିମାନ ବଙ୍କା ହୋଇ ଲେଖା ହୋଇ-
छँटालेखा ଥାଏ—Crooked writing.
छाँटालेखा

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚତ ୧ ଚଲ୍ଲିତ ଅକ୍ଷର ଓ ମାତ୍ରା ଏବଂ ୨ ଚଲ୍ଲିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଲ୍ଲିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଲ୍ଲିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଇଁଠା ନ ପାଇଲେ 'ଅଣ୍ଠା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଛଟିଆ—ପ୍ରାଦେ. (ସମ୍ବଲପୁର) ବିଣ.—ଟିପ (ଜମି)—
Chhaṭiā — High (ground.)

ଛଟେଇଙ୍କି—ଗ୍ରା. ବି. ଓ ବିଣ.—ଛଟାଙ୍କି (ଦେଖ)
Chhaṭeiṅki — Chhaṭāṅki (See)
(ଛଟେଙ୍କି—ଅନ୍ୟରୂପ)

ଛଟେଇ ହେବା—ଦେ. କ୍ରି.—୧ । ଅଙ୍ଗଭଙ୍ଗୀ କରିବା—
Chhaṭei hebā — 1. To make gestures.
୨ । ଭଣ୍ଡାରିଦ୍ୱାରା ମୁଣ୍ଡର ବାଳ କଟୁରାଇବା—
2. To have ones hair cropped.
୩ । ଛଳ ଖାଳିବା—3. To feign.

ଛଡ଼୍‌ଦିଆଲ୍—ବୈଦେ. ବି. (ଫା. ଚହାରଦୀବାରୀ=ଗୃହ ଅଗ୍ରେ ନିର୍ମିତ କାନ୍ଥ)—ପ୍ରାଚୀର; ପାଚେରି; କୌଣସି ସ୍ଥାନର ଗୃହ ପାଖେ ନିର୍ମିତ ଅଳ୍ପ ଉଚ୍ଚ କାନ୍ଥ—
Chhaṛddiāl
ছড়দিআল
चहारदीवारी — Compound wall.

ଛଡ଼ଦିଅଲ
ଛଡ଼ଦିବାଲ
ଛଡ଼ଦିବାଲ } ଅନ୍ୟରୂପ
ଛଡ଼ଦେବାଲ
ଛଡ଼୍‌ଦେବାଲ

ଛଡ଼—ଗ୍ରା. ବିଣ. (ସଂ. ଷଟ୍)—(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା— ଛଡ଼ରସ; ଛଡ଼କାନ)—୬ ସଂଖ୍ୟକ—
Chhaṛda — Six in number.
ଛଡ଼ ନିଗୁଡ଼ୁ ବେଳରେ । ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

ছাড় দେ. ବି. (ସଂ. ସରଳ; ଲମ୍ବା ଶର)—୧ । ଧାତୁ ବା କାଷ୍ଠ
ছড় ଆଦିର ଛଡ଼; ଯଷ୍ଟି—1. Stick; staff.
୨ । ସଳଖ ଯଷ୍ଟିବତ୍ ବସ୍ତୁ—
2. Long and straight shoots.
୩ । ବେହେଲା ବଜାଇବାର କାଠି—
3. The bow of a violin.
ପ୍ରାଦେ. (ମେଦିନୀପୁର) ବି.—ଖଲ—Hide.

ଛଡ଼କାନ—ଦେ. ବି. (ସଂ. ଷଟ୍ କର୍ଣ୍ଣ ଛଅଟି କାନ ଅର୍ଥାତ୍ ପ୍ରତ୍ୟେକ ଦୁଇଟି ଲେଖାଏଁ କାନ ଥିବା ତିନି ଜଣ ମନୁଷ୍ୟ)—୧ । ଦୁଇ ଜଣ ଜାଣି ଥିବା କୌଣସି ଗୁପ୍ତ ବିଷୟ ତୃତୀୟ ବ୍ୟକ୍ତିର କର୍ଣ୍ଣଗୋଚର ହେବା ଅବସ୍ଥା—
Chhaṛdakāna
ছয়কান
1. The state of a secret (known or confined heretofore to two persons reaching the ears of a third person.
୨ । ଗୁପ୍ତ ବିଷୟର ପ୍ରକାଶ—
2. The devulgence of a secret.
ଛଡ଼କାନ ନିଲୁ ଭେଦ । ଚଗ ।
ଦେ. ବିଣ—ତୃତୀୟ ବ୍ୟକ୍ତି ନିକଟରେ ପ୍ରକାଶିତ ବା ତୃତୀୟ ବ୍ୟକ୍ତିଦ୍ୱାରା ଜ୍ଞାତ (ଗୁପ୍ତ ବିଷୟ)—
Devulged (secret).

ଛଡ଼କାନ ହେବା—ଦେ. କ୍ରି.—ଛଅକାନ ହେବା (ଦେଖ)
Chhaṛdakāna hebā — Chha-a kāna hebā (See)

ଛଡ଼ବିନ୍ଦୁ—ଗ୍ରା. ବି.—ଷଡ଼ବିନ୍ଦୁ (ଦେଖ)
Chhaṛdabindu — Shaṛdabindu (See)
ଛଡ଼ବିନ୍ଦୁ ବସିଅଛି ଲଗାଟେ ଦେହ । ଯାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ଛଡ଼ରସ—ଗ୍ରା. ବି. (ସଂ. ଷଟ୍ + ରସ)=ଷଡ଼ରସ; କଟୁ, ତିକ୍ତ, ଲବଣ, କଷାୟ, ଅମ୍ଳ ଓ ମିଷ୍ଟ—ଜିହ୍ୱାଦ୍ୱାରା ଜାତ ହେବା ଏହି ଛଅ ପ୍ରକାର ରସ ବା ଆସ୍ୱାଦ—1 The six tastes, viz pungent, bitter, saline, astringent; acid and sweet.
Chhaṛdarasa
୨ । ସବୁ ପ୍ରକାର ମାନସିକ ବୃତ୍ତି ବା ଭାବ (ଯଥା—ଶୃଙ୍ଗାର ବୀର; କରୁଣ; ହାସ୍ୟ; ଅଦ୍ଭୁତ ଓ ଭୟାନକ)—
1. All the mental sentiments.
୩ । ନାନା ପ୍ରକାରର ବିକାର ବା ଦୁଶ୍ଚେଷ୍ଟା
(ଗୋପୀନାଥ ନନ୍ଦ)—
3. All and sundry human passions.
ବିଣ.—କଟୁତିକ୍ତକଷାୟାଦି ଛଅଟି ଆସ୍ୱାଦଯୁକ୍ତ—
Consisting of the six kinds of taste.

ଛଡ଼ରସବ୍ୟଞ୍ଜନ—ଗ୍ରା. ବି. (ସଂ. ଷଡ଼ରସ+ବ୍ୟଞ୍ଜନ)—
Chhaṛdarasa-byañjana — ଷଡ଼ରସବ୍ୟଞ୍ଜନ (ଦେଖ)
Shaṛdarasa-byañjana (See)

ଛଡ଼ରିପୁ—ଗ୍ରା. ବି. (ସଂ. ଷଡ଼୍‌ରିପୁ)—ଷଡ଼୍‌ରିପୁ (ଦେଖ)
Chhaṛdaripu — Shaṛdripu (See)

ଛଡ଼ା—ଦେ. ବି—୧ । ସ୍ତ୍ରୀ. (ସଂ. ଉପସର୍ଯ୍ୟା=ଗର୍ଭଧାରଣୋପଯୁକ୍ତା କିନ୍ତୁ ଅପ୍ରସୂତା ଗାଈ)—ଅପ୍ରସୂତା ଗୌ; ଅଳ୍ପ ବୟସ୍କା ଗାଈ; ଯେଉଁ ଗାଈ ଜନ୍ମ କରି ନ ଥାଏ—
Chhaṛdā
বকনা
बछर — 1. A young cow which has not yet borne any calf; heifer.
କେଉଁଟି ବଡ଼ ସୁଲକ୍ଷଣୀ, ହାଲକୁ ପ୍ରଥମେ ପଲ୍ଲରେ ଛଡ଼ାଟିଏ ଲାଗିଛି—
ଫକୀରମୋହନ. ଛମାଣ ଆଠଗୁଣ୍ଠ ।
ছাড়া ୨ । (ସଂ. ଛୋ ବା ଛୁର୍ ଧାତୁ) ଛଟା; ଇତସ୍ତତଃ ବିକ୍ଷିପ୍ତ ବା ବିଚ୍ଛୁରିତ ଜଳ—2. Sprinkled water.
ପଡ଼ିଅଛି ଦ୍ରବ୍ୟ ଚନ୍ଦନପାଣି ଛଡ଼ା
ଅନେକ ଲୋକ ତହିଁ ହୋଇଛନ୍ତି ଛଡ଼ା—କୃଷ୍ଣସିଂହ. ମହାଭାରତ. ଅଦ ।
୩ । ଇତସ୍ତତଃ ଜଳାଦି ଛିଞ୍ଚିବା—3. Sprinkling.
ବାସୁ ମାର୍ଜନ ଛଡ଼ା ଦେଇ
ସୁବାସ ଜଳେ ମୁଖ ଧୋଇ—ଜଗନ୍ନାଥ. ଭାଗବତ ।
୪ । କଦଳୀ, ପଣସ, ଆମ୍ବ ପ୍ରଭୃତିରୁ ଚୋପା ଛଡ଼ାଇବା—
4. Taking off the rind from fruits.
ছড়া ୫ । ସ୍ତ୍ରୀଲୋକମାନଙ୍କର ପାଦର ଅଳଙ୍କାରବିଶେଷ, ମଲ୍ଲ—
छड़ा 5. An anklet for the leg.
[ଦ୍ର—ଏ ଅଳଙ୍କାର ଗୋଡ଼ ଗଣ୍ଠିପାଖରେ ପିନ୍ଧାଯାଏ, ଏହା ଗୋଲ ଗୋଲ ଓ ସରୁ । ରୁପାର ପତଳା ଛଡ଼କୁ ମୋଡ଼ ମୋଡ଼

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,କ୍ଷ	ଙ୍କ	ଲପ	ଡ଼ଅ	ଷ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଲଅ	ଢ଼	ନ୍ତ

ଏହା କରାଯାଏ । ଏହା ଗୋଡ଼ରେ ଏକାଧିକ ସଂଖ୍ୟାରେ ପିନ୍ଧା ଯାଏ ଓ ବଳାଗଣ୍ଠି ତଳେ ଝୁଲୁଥିଲା ହୋଇ ଥାଏ । ଚାଲିଲାବେଳେ ଏକାଧିକ ଛଡ଼ା ପରସ୍ପରକୁ ଆଘାତ କରିବାରୁ ଝୁଣ୍ଝୁଣ ଧ୍ୱନି ହୁଏ । ବଙ୍ଗଦେଶରେ ଓ ପଶ୍ଚିମରେ ଏହା ବ୍ୟବହୃତ ହୁଏ; ଓଡ଼ିଶାରେ ବଙ୍ଗୀୟାନୁକାରିଣୀ ସ୍ତ୍ରୀମାନେ ଏହା ପିନ୍ଧିବାର ଦେଖା ଯାଏ ।]

ছাড়া ୬ । ଅନ୍ତର; ଦୂରତ୍ୱ—6. Distance; interval.
(ଯଥା—କଟକଠାରୁ ପଚାଶ କୋଶ ଛଡ଼ାରେ ପୁରୀ ।)
୭ । ଛାଡ଼ିବା; ତ୍ୟାଗ କରିବା—7. Act of leaving.

छड़ा ୮ । ହାର ଆଦିର ଗୋଟିଏ ସରୁ—
छड़ा 8. One string of a necklace.

ছাড়া ଦେ. ବିଣ—୧ । ଦୂରସ୍ଥ—1. Distant.
୨ । ଅନ୍ତରରେ ବା କିଛି ଦୂରରେ ଅବସ୍ଥିତ—
2. Situated apart.

ଛାମୁରେ ଥାଇ କି ଯଉ ବୋଲି, ଛଡ଼ା ହୋଇ ମୁଁ ଯେ ଛଡ଼ା ଦେଲି—
କବିସୂର୍ଯ୍ୟ. ସଙ୍ଗୀତ ।

୩ । ବ୍ୟବହିତ—3. With interval between; separated from each other.
୪ । (ସଂ. ଉତ୍ସୃଷ୍ଟ) ବ୍ୟବହାର ହେବା ପରେ ପରିତ୍ୟକ୍ତ (ଫୁଲ ଆଦି)—4. Discarded after use; cast off.

ছাড়া ଦେ. ଅ—୧ । ବିନା; ବ୍ୟତୀତ—
छोड़, छोड़कर 1. Without, except; besides.
(ଯଥା—ତାଙ୍କ ଛଡ଼ା ମୋର ଅନ୍ୟ କେହି ଗତି ନାହିଁ ।)
୨ । ଅନ୍ତରରେ; ଦୂରରେ—2. Apart from.

ଛଡ଼ାଇ ଅଣିବା—ଦେ. କ୍ରି—ଛଡ଼ାଇ ନେବା (ଦେଖ)
Chhar̤dāi ān̤ibā Chhar̤dāi nebā (See)

ଛଡ଼ାଇ ଦେବା—ଦେ. କ୍ରି—୧ । ରୋଗମୁକ୍ତ କରିବା—
Chhar̤dāi debā 1. To cure.
ছাড়িয়েদেওয়া (ଯଥା—ବୈଦ୍ୟ ଏକାବେଳକେ ମୋ ଜ୍ୱର ଛଡ଼ାଇ
छुड़ादेना ଦେଲା ।)
୨ । ତ୍ୟାଗ କରାଇବା—2. To cause to give up.
(ଯଥା—ଏକା ମାଡ଼କେ ତୋ ମନ୍ଦ ଅଭ୍ୟାସ ଛଡ଼ାଇ ଦେବି ।)
୩ । ଫଳରୁ ଚୋପା ବା ଗଛରୁ ବକଳ ଛଡ଼ାଇବା—
3. To remove the rind or bark.
(ଯଥା—ପାଚିଲା ପଣସଟି ଛଡ଼ାଇ ଦେଲେ ଭୋଗ ଲାଗିବ ।)
୪ । ଦୁଇଜଣଙ୍କୁ ଅଲଗା ବା ପୃଥକ୍ କରାଇ ଦେବା—
4, To separate.
(ଯଥା—ସେ ଦୁହେଁ ମାଡ଼ ମରାମରି ହେଉଥିଲେ, ମୁଁ ଛଡ଼ାଇ ଦେଲି ।)

୫ । ହସ୍ତାନ୍ତର କରିବା; ବିକ୍ରି କରିବା—
5. To transfer or sell a thing.
(ଯଥା—ଧାନତକ ଶୀଘ୍ର ଛଡ଼ାଇ ନ ଦେଲେ ଗମ୍ମିରି ହୋଇ ଯିବ ।)
୬ । ଭୃତ୍ୟକୁ ଚାକିରିରୁ ବରଖାସ୍ତ କରିବା—
6. To dismiss a servant.
(ଯଥା—ହାକିମ ମତେ ଚାକିରି ଛଡ଼ାଇ ଦେଲେ ।)
୭ । ବନ୍ଧନରୁ ମୁକ୍ତ କରିବା; ଉନ୍ମୁକ୍ତ କରିବା—
7. To set free; to release.
(ଯଥା—ହୁଡ଼ କାଟି ବିଲକୁ ପାଣିତକ ଛଡ଼ାଇ ଦିଅ ।)
୮ । ମନରୁ ଦୂର କରିବା—8. To forget.

ଅଶ୍ୱରତ୍ନ ଦ୍ୟୁତି ଯେ କନ୍ୟାକୁ ପାଇ
କୋଧ ହୃଦ ଯେତେକ ଗଲେ ସେ ଛଡ଼ାଇ—କୃଷ୍ଣସିଂହ, ମହାଭାରତ, ବନ

୯ । ପାଣି ପକାଇ ନୈବେଦ୍ୟ ପଦାର୍ଥକୁ ଉତ୍ସର୍ଗ କରିବା—
9. To consecrate or sprinkle water on an offering.
(ଯଥା—ଯୁବକକୁ ଯିବା ପୂର୍ବରୁ ଯୋଦ୍ଧା ମୁଣ୍ଡକୁ ପାଣି ଛଡ଼ାଇ ଦେଉଥାଏ ।)
୧୦ । ଦେହରେ ବୋଳା ହୋଇଥିବା ଚନ୍ଦନ, ହଳଦୀ, ରଙ୍ଗ ଆଦି ପୋଛିବା, ସାଫ୍ କରିବା—
10. To clear off sandal paste, turmeric paste or paint from the body.
୧୧ । (ବଙ୍ଗଳାରୁ ଅନୁକୃତ, ଅପର୍ଯ୍ୟାପ୍ତଭାବରେ ବୁଣି ଦେବା ବା ବାଣ୍ଟି ଦେବା—
11. To scatter broad cast

ଛଡ଼ାଇ ନେବା—ଦେ. କ୍ରି—୧ । ବଳପୂର୍ବକ କୌଣସି ବ୍ୟକ୍ତିଠାରୁ କୌଣସି ପଦାର୍ଥକୁ ଅନ୍ତର କରିବା ବା ନେଇଯିବା; କାଢ଼ି ନେବା—
Chhar̤dāi nebā
ছাড়িএ লওয়া
छुड़ालेना, छिनलेना 1. To snatch away; to take away.

ମୟୂରବର୍ଣ୍ଣ ଚର ବନ୍ଧୁ ଘୋଡ଼ା ଅଲେ
ଛଡ଼ା ମଧ୍ୟ ପାର୍ଥ ଛଡ଼ାଇ ନେଇ ଗଲେ । କୃଷ୍ଣସିଂହ. ମହାଭାରତ. ସଭା ।

୨ । ବନ୍ଧକରୁ କୌଣସି ବସ୍ତୁକୁ ମୁକୁଳାଇବା—
2. To free a thing from encombrance or pledge.
୩ । କୌଣସି ବ୍ୟକ୍ତିକୁ ବନ୍ଧକ ବା ଚାକିରିରୁ ମୁକ୍ତ କରାଇ ସଙ୍ଗରେ ଅଣିବା—3. To bring back a person after causing him to give up service or to be liberated.

ଛଡ଼ାଇବା—ଦେ. କ୍ରି. (ସକର୍ମକ ଛାଡ଼ିବାର ଣିଜନ୍ତ ରୂପ; ସଂ. ଛୋରଣ, ଛୁଟ)—୧ । ତ୍ୟାଗ କରିବା ବାଧ କରିବା; ତ୍ୟାଗ କରାଇବା—1 To cause to give up.
Chhar̤dāibā
ছাড়ান

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଦ୍ୱିତୀୟ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

छुड़ाना, छुड़वाना, छोड़ाना, छिनना, छिँड़ाना (ଯଥା—ମୁଁ ତାହାର ଅହିମ ଅଭ୍ୟାସ ଛଡ଼ାଇ ଦେଲି ।)

୨ । ନିକଟରୁ ଅନ୍ତର ବା ଦୂର କରିବା; ସ୍ଥାନାନ୍ତର କରିବା—
2. To remove; to cause removal.

(ଛଡ଼େଇବା—ଅନ୍ୟରୂପ) ୩ । ବଳପୂର୍ବକ କାଢ଼ି ନେବା; ବଳପୂର୍ବକ ହରଣ କରିବା 3. To snatch away; to take away by force.
(ଯଥା—କି ନ କଲୁ ମୋତେ, କିଏ ଖଣ୍ଡିକ ଛଡ଼ାଇ ନେଲୁ ମାଘ ମାସର ଶୀତେ ।)

୪ । ଫଳରୁ ଚୋପା ବାହାର କରି ନେବା ବା ପୃଥକ୍ କରିବା—
4. To peel off the skin or rind from a fruit.

୫ । ମୁକ୍ତ କରିବା—
5. To set free; to liberated.
(ଯଥା—ବିଲରୁ ପାଣି ଛଡ଼ାଇଦିଅ ।)

୬ । ପୃଥକ୍ କରିବା—6. To separate.
(ଯଥା—ଦଇବ ପ୍ରେମିକଠାରୁ ପ୍ରେମିକାଙ୍କୁ ଛଡ଼ାଇ ନେଲା ।)

୭ । ('ପାଣି' ଶବ୍ଦ ସଙ୍ଗେ ବ୍ୟବହୃତ) ମଣ୍ଡଳାକାରରେ (ପାଣି) ଛିଞ୍ଚିବା ହାତରେ ଟିକେ ପାଣି ଧରି ଦେବତାଙ୍କୁ ମାନସିକ କରାଯିବା, ବା ଉତ୍ସର୍ଗ କରାଯିବା ବା ନୈବେଦ୍ୟ ଦିଆଯିବା ପଦାର୍ଥର ଚାରି ପାଖରେ ଉକ୍ତ ପାଣିକୁ ମଣ୍ଡଳାକାରରେ ଛିଞ୍ଚି ଦେବାକୁ ପାଣି ଛଡ଼ାଇବା କହନ୍ତି—
7. To sprinkle water in a circle round any thing dedicated or offered to a Deity.
(ଯଥା—ପୂଜକ ନୈବେଦ୍ୟକୁ ପାଣି ଛଡ଼ାଇ ଦେଲା ।)

୮ । ହସ୍ତାନ୍ତର ବା ବିକ୍ରୟ କରିବା—
8. To shell away; to part with.
(ଯଥା—ଏ ବର୍ଷ ଧାନଭାଉ କମି ହୋଇଯିବାରୁ ମୁଁ କୋଠିରେ ଥିବା ଧାନତକ ଛଡ଼ାଇ ପାରିଲି ନାହିଁ ।)

୯ । ବନ୍ଧକରୁ ମୁକୁଳାଇବା—
9 To free a thing from encumbrance.
(ଯଥା—ଏ ବର୍ଷ ମୋର ହାତରେ ଟଙ୍କା ହେଲେ ବନ୍ଧା ପଡ଼ିଥିବା ଅଳଙ୍କାରତକ ଛଡ଼ାଇବ ।)

୧୦ । ବଳିଯିବା; ଜିତିଯିବା—10. To surpass
ତୋଳା ଜ୍ଞାନ ବୁଡ଼ାଇବ, ଶିଳୀମୁଖ ନେବା ଶୋଭକୁ ଛଡ଼ାଇବ ।
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୧୧ । ଚମଡ଼ା ଉତାରିବା—11. To skin; to flay.
ମାଂସ କାଟିଲେ ତ ଖଲ ଛଡ଼ାଇ । କୃଷ୍ଣସିଂହ. ମହାଭାରତ, ବନ ।

୧୨ । ଦେହର ମଳ ବା ଦେହରେ ବୋଳା ଯାଇଥିବା ଲେପ ବା କୌଣସି ପଦାର୍ଥ ଉପରୁ ପୃଷ୍ଠ ବା ରଙ୍ଗର ସ୍ତର ବା ମଇଳାକୁ ଉଠାଇ ଦେବା ବା କାଢ଼ିବା—
12. To scrape off or clear away a layer of ointment or paint or dirt from the body of some thing.

୧୩ । ନାଶ କରିବା—13. To destroy.
ତେବେ ଅସି ତୋର ଛଡ଼ାଇ ଏ ଦୁଃଖକୁ । କୃଷ୍ଣସିଂହ. ମହାଭାରତ. ବନ ।

୧୪ । ମନରୁ ସନ୍ଦେହ ଆଦି ଦୂର ହେବାର ଉପାୟ କରିବା—
14 To remove (doubt) from one's mind.
କହ ତା ଛଡ଼ାଅ ମୋ ହୃଦରୁ ସନ୍ଦେହକୁ । କୃଷ୍ଣସିଂହ, ମହାଭାରତ. ବନ ।

୧୫ । କୌଣସି ବ୍ୟକ୍ତିକୁ ବନ୍ଧନରୁ ବା ବିପଦରୁ ମୁକ୍ତ କରିବା—
15. To liberate or extricate a person from confinement or danger.
(ଯଥା—ମୁଁ ଶହେ ଟଙ୍କା ଖରଚ କରି ତାକୁ ଜେଲ ଦଣ୍ଡରୁ ଛଡ଼ାଇଲି ।)

୧୬ । ଜଳାଶୟ ଆଦିରେ ଅନ୍ୟ ବ୍ୟକ୍ତି ମାଛଜାଆଁଳ ଆଦି ଛାଡ଼ିବାର ଉପାୟ କରିବା—17. To cause fish-fries to be set free in a pond.
(ଯଥା—ମୁଁ ଏ ବରଷ ପାଞ୍ଚ ହାଣ୍ଡି ଭାକୁଡ଼ ଜାଆଁଳ ଆଣି ଆମ ହାଣ୍ଡି ପୋଖରୀରେ ଛଡ଼ାଇଛି ।)

୧୭ । ଡଙ୍ଗା ବା ଜାହାଜ ଆଦିକୁ କୂଳରୁ ପାଣି ଭିତରକୁ ଚଳାଇବା—17. To move a boat from the shore.
(ଯଥା—ନାଉରିମାନେ ହରିବୋଲ ପକାଇ ବଢ଼ିଲା ନଈରେ ଡଙ୍ଗାକୁ ଛଡ଼ାଇଲେ ।)

୧୮ । (ଲକ୍ଷଣାର୍ଥ) (ସମ୍ପର୍କ ଆଦି) ତୁଟାଇବା; ନିଜ ଉପରୁ (ଦାୟିତ୍ୱ ଆଦି) ବିଚ୍ଛିନ୍ନ କରିବା—
18. (figurative) Cut or any connection or responsibility from one's self.
(ଯଥା—ସେ ପୁଅ ଉପରେ ସବୁ ଭାର ଦେଇ ଆପଣା ଦେହରୁ ସବୁ କୁତ ଛଡ଼ାଇ ବସିଛି ।)

୧୯ । (ଲକ୍ଷଣାର୍ଥ) ଆରୋପିତ କଳଙ୍କ ବା ବଦନାମ ନିଜ ଉପରୁ ପ୍ରକ୍ଷାଳନ ବା ଅପନୋଦନ କରିବା—
19. (figurative) To free or exonerate one's self from any stain or blame.
(ଯଥା—ତାଙ୍କ ନାମରେ ଯେଉଁ କଳଙ୍କ ରଟିଲାଣି ତାହା ଛଡ଼ାଇବାକୁ ଯାଏ ବରଷ ଲାଗିବ ।)

[ଦ୍ର—ଛଡ଼ାଇବା କ୍ରିୟାର ଅସମାପିକା ରୂପ ସଙ୍ଗେ ଆଣିବା, ନେବା, ଦେବା, ଧକାଇବା କ୍ରିୟାମାନଙ୍କର ସମାପିକା ରୂପ ଯୁକ୍ତ ହୁଏ ।]

ଛଡ଼ାଇ ହେବା—ଦେ. କ୍ରି. (ଛାଡ଼ିବା କ୍ରିୟାର କର୍ମବାଚ୍ୟ ରୂପ)—
Chhar̤d̤āi hebā ୧ । ସମସ୍ତଙ୍କଠାରୁ ପୃଥକ୍ ହେବା—
1. To be separated from others.
ଛଡ଼ାଇ ହୋଇ ସେ ବ୍ରହ୍ମ ରହନ୍ତି ନହେଲେ ।
ପ୍ରାଚୀ. ବ୍ରହ୍ମାନନ୍ଦରୂପଣଗୀତା ।

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଅ	ଞ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଔ	ନ୍ନ

୨ । ଲେପନ ଦ୍ରବ୍ୟାଦି ନିଜର ଶରୀରରୁ ଛଡ଼ାଇବା—
2. To clear off paste etc smeared on ones own body.

୩ । ଚୋପା ଆଦି ଫଳ ଆଦିରୁ ପୃଥକ୍‌କୃତ ହେବା—
3. To be capable of being pulled off.
(ଯଥା— କଞ୍ଚା କଦଳୀ ଛଡ଼ାଇ ହେଲା ନାହିଁ । ଦେହରେ ହଳଦୀ ଶୁଖି ନ ଥିବା ଯୋଗୁଁ ଛଡ଼ାଇ ହେଲା ନାହିଁ ।)

ଛଡ଼ାଙ୍ଗିଆ—ପ୍ରାଦେ. (ମେଦିନୀପୁର) ବି. (ଏହା ଛଅ ଖଣ୍ଡ ଡାଙ୍ଗ ବା ଯଷ୍ଟିରେ Chhardāngiā ତିଆରି)—କୋକେଇ— A ladder-like stretcher for carrying a dead body to the cremation ground.

ଛଡ଼ା ଛଡ଼ା—ଦେ. ବିଣ.—(ବହୁବଚନ)—ପରସ୍ପରଠାରୁ ଦୂରସ୍ଥିତ Chhardā chhardā ହୋଇ ଅବସ୍ଥିତ—Separated apart from each other.
ছড়া ছড়া
फांक फांक (ଯଥା—ତା ଦାନ୍ତଗୁଡ଼ିକ ଛଡ଼ା ଛଡ଼ା ।)

ଛଡ଼ାଛଡ଼ି—ଦେ. ବିଣ.—୧ । ଭିନ୍ନ ଭିନ୍ନ, ପୃଥକ୍ ପୃଥକ୍; ବିଚ୍ଛିନ୍ନ—
Chhardāchhardi 1. Separated
ছাড়াছাড়ি
छीनाछीनी
ପ୍ରଭୁରବା ଦଳେ କଣ୍ୟପଙ୍କୁ ପୁଚ୍ଛିଲେ,
ଅନ୍ୟୋନ୍ୟ ଦିଗେ ସର୍ବେ ଛଡ଼ାଛଡ଼ି ହେଲେ,
ସର୍ବ ବର୍ଣ୍ଣ କାହାର ଆଶ୍ରୟ ଗ୍ରହଣ,
କରଣ ସୁରକ୍ଷିତ ହୁଅନ୍ତୁ ବଖାଣ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

୨ । (ବଙ୍ଗଳାରୁ ଗୃହୀତ) ବହୁ ପରିମାଣରେ ଇତସ୍ତତଃ ବିକ୍ଷିପ୍ତ ଅପର୍ଯ୍ୟାପ୍ତ ଭାବରେ ବିତରିତ (କୌଣସି ବସ୍ତୁ)—
2. Indiscriminately distributed or strewn.
(ଯଥା—ଅନ୍ନ ଛତ୍ରରେ ବସଗୋଷ୍ଠାର ଛଡ଼ାଛଡ଼ି ଲାଗିଲା ।)

୩ । ପରସ୍ପରଠାରୁ କୌଣସି ବସ୍ତୁ ଛଡ଼ାଇ ନେଉଥିବା (ଦୁଇ ବ୍ୟକ୍ତି)—3. (two persons) Mutually snatching away a thing.

୪ । ଟଣାଟଣି; ଝିଙ୍କାଝିଙ୍କି—
4. Dragging each other; scuffling.

୫ । ପରସ୍ପରଠାରୁ ଅଲଗା କରାଯିବା (କଳି କରୁଥିବା କିମ୍ବା ମାଡ଼ ମରାମରି ହେଉଥିବା ଦୁଇ ବା ତତୋଽଧିକ ବ୍ୟକ୍ତି)—5. (two person) Separated from each other while engaged in a quarrel or scuffle.

୬ । ଚୋପା ଛଡ଼ା ହୋଇ ନୈବେଦ୍ୟ ବା ଖାଦ୍ୟ ନିମନ୍ତେ ପ୍ରସ୍ତୁତ—(ଫଳ ଆଦି)—6. (fruits) Ready for use after removal of the rind.

୨. ବି.—୧ । କୌଣସି ବସ୍ତୁକୁ ଜବରଦସ୍ତି ଝିଙ୍କି ଛଡ଼ାଇ ନେବା—1. Forcible snatching away of a thing.

୨ । ଭିନ୍ନ ଭିନ୍ନ ହେବା; ପୃଥକ୍ ହେବା; ବିଚ୍ଛେଦ—
2. Separation.
କେବେହେଁ ନ ଥିଲା ମୋ ଠା ଛଡ଼ାଛଡ଼ି । ଭକ୍ତ. ସ୍ୱର୍ଣ୍ଣରେଖା ।

୩ । କୌଣସି ବସ୍ତୁର ଅପର୍ଯ୍ୟାପ୍ତ ଭାବରେ ବଣ୍ଟନ ବା ବଣ୍ଟା ହେବା; ହରିଲୁଟ—3. Indiscriminate distribution or strewing of any thing in large quantities.

୪ । ପରସ୍ପରଠାରୁ କୌଣସି ବସ୍ତୁ ଛଡ଼ାଇ ନେବା ପାଇଁ ଦୁଇ ବ୍ୟକ୍ତିଙ୍କର ଚେଷ୍ଟା—4. The state of two persons trying to snatch away a thing from each other.

୫ । ଟଣାଟଣି; ଝିଙ୍କାଝିଙ୍କି (ଗୋପୀନାଥ ନନ୍ଦ)—
5. Bragging each other; scuffling.

୬ । କଳି କରୁଥିବା ବା ମାଡ଼ ମରାମରି ହେଉଥିବା ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କୁ ପୃଥକ୍ କରିବା—6. Separating two persons from a scuffling.
ସାଇବାଲା ମିଶି ଛଡ଼ାଛଡ଼ି କଲେ ।
ବୃନ୍ଦାବନ. ନଅଭୁଣ୍ଡୀ ।

୭ । ପକ୍ୱ ଫଳାଦିରୁ ଚୋପା ଛଡ଼ାଇ ନୈବେଦ୍ୟ ବା ଖାଦ୍ୟ ନିମନ୍ତେ ପ୍ରସ୍ତୁତ କରିବା—
7. Peeling off a fruit.

ଛଡ଼ାଛଡ଼ି କରିବା—ଦେ. କ୍ରି.—୧ । କୌଣସି ବ୍ୟକ୍ତିଠାରୁ କୌଣସି Chhardāchhardi karibā ପଦାର୍ଥ ଟାଣି ଝିଙ୍କି ବଳପୂର୍ବକ
ছাড়াছাড়ি করা ନେବାକୁ ଚେଷ୍ଟା କରିବା—1. To try to
छिनाछिनि करना snatch away a thing from a person.

୨ । କଳି କରୁଥିବା ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କୁ ପୃଥକ୍ କରିବା—2. To separate two persons scuffling or quarrelling with each other.

ଛଡ଼ାଛଡ଼ି ହେବା—ଦେ. କ୍ରି.—୧ । ପରସ୍ପରଠାରେ କୌଣସି ଜିନିଷକୁ Chhardā chhardi hebā କାଢ଼ି ନେବା—1. To mutu-
छीनाछीनी होना ally snatch away a thing from each other.

୨ । ପରସ୍ପରଠାରୁ ପୃଥକ୍ ହେବା—2. To be separated from each other.

୩ । (ଖାଦ୍ୟପଦାର୍ଥ) ଅପର୍ଯ୍ୟାପ୍ତ ଭାବରେ ବଣ୍ଟା ଯାଉଥିବା—
3. (a food) To be indiscriminatly distributed.

ଛଡ଼ାଣ—ଦେ. ବି.—(ସଂ. ଛୋରଣ; ଛେଦନ)—୧ । ଛାଡ଼ିବା, ତ୍ୟାଗ
Chhardāna କରିବା—1. Forsaking; the act of
ছাড়া giving up.
छुट ୨ । ଅନ୍ତର; ବ୍ୟବଧାନ—2. Interval.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳଙ୍କ' ନ ପାଇଲେ 'ଅଲଙ୍କ' ଦେଖିବେ ।

୩ । ବିଚ୍ଛେଦ—3. Separation.

୪ । ଅବକାଶ; ଫୁରସତ୍—4. Leisure; respect.

୫ । ମୁକ୍ତି—5. Relief; release.

ଛଡ଼ାପହଁରା—ଦେ. ବ—ଛଡ଼ାପହଁରା (ଦେଖ)
Chhar̤āpahan̐rā Chharāpahan̐rā (See)
ছড়াঝাট

ଛଡ଼ାଫୁଲ—ଦେ. ବ. (ସଂ. ଛିନ୍ନ+ପୁଷ୍ପ) – ଦେବତା ବା ମନୁଷ୍ୟଙ୍କର
Chhar̤āphula ବ୍ୟବହାର ପରେ ଯେଉଁ ଫୁଲ ଶରୀରରୁ ଛଡ଼ା-
ଯାଇଥାଏ; ଉଲ୍ଲଗି ଫୁଲ—Flower taken off the body after use or enjoyment; discarded; cast off.

ସବୁ ସମ୍ପଦ ବେନି କୂଳ, ଛାଡ଼ିଲୁଁ ଯେହ୍ନେ ଛଡ଼ା ଫୁଲ ।
ଭୂପତି. ପ୍ରେମପଞ୍ଚାମୃତ ।

[ଦ୍ର—ଏହିପରି ଅର୍ଥରେ ଛଡ଼ା ବେଲପତ୍ରି, ଛଡ଼ା ମାଳ ଇତ୍ୟାଦି ମଧ୍ୟ ହୁଏ ।]

ଛଡ଼ାହାଣ୍ଡି—ପ୍ରାଦେ. (ମେଦିନୀପୁର) ବ. (ଭୁଲ. ବ. ଛଡ଼ାହାଁଡ଼ି)—
Chhar̤āhāṇḍi ପ୍ରତିଦିନ ସକାଳେ ଅଗଣାରେ ଛିଞ୍ଚିବା ପାଇଁ ମାଟିଗୋବରମିଶା ପାଣି ଯେଉଁ ହାଣ୍ଡିରେ ଥାଏ—
The pot in which cowdung dessolved in water is kept for sprinkling over the courtyard.

ଛଡ଼ି—ଦେ. ବ. (ସଂ. ଶର; ସରଳ)— ୧ । ସରୁ ଲମ୍ବ ଯଷ୍ଟି—
Chhar̤i 1. Long and slender stick; rod.
ছড়ী ୨ । ହାତରେ ଧରା ହେବା ସରୁ ବାଡ଼ି—
ছড়ী 2. Walking stick.

୩ । ବେହେଲା ବଜାଇବା କାଠି—
3. The bow of a violin

୪ । ଶୋଭାଯାତ୍ରାରେ ମହନ୍ତ ଓ ରାଜାମାନଙ୍କ ଗହଣରେ ନିଆଯିବା ଚିତ୍ରିତ ଓ ଖଚିତ ଠେଙ୍ଗା; ଆଶାବାଡ଼ି—
4. A thick ornamented stick borne as an insignia with kings and big people in processions.

୫ । ଝରକାଆଦିରେ ଲାଗିବା ଧାତୁର ଯଷ୍ଟି—
5. Metal rod or railing.

୬ । ମୁସଲମାନ୍ମାନେ ପୀରଙ୍କ ଅସ୍ଥାନରେ ଚଢ଼ାଇବା ପତାକା; ଝଣ୍ଡି—6. A flag presented by Mahomedans to be flown over the shrine of a saint.

୭ । (ଦରଜୀଙ୍କ ଭାଷା) ଜାମାଆଦିରେ ଠିଆ ଭାଗରେ ସିଲାଇ କରାଯାଇଥିବା ଲମ୍ବ ଓ ସରୁ ବସ୍ତ୍ରଖଣ୍ଡ—
7. (tailors' phraseology) A long and strip of cloth sewn to a coat in an erect position.

[ଦ୍ର—ଯେଉଁ ସରୁଆ ବସ୍ତ୍ର ଖଣ୍ଡ କୁର୍ତ୍ତାଆଦିରେ ଆଡ଼ଭାଗରେ ଦିଆଯାଏ ତାକୁ ପଟି ବୋଲାଯାଏ ।]

୮ । ଆଡ଼ମ୍ବର (ଗୋପୀନାଥ ନନ୍ଦ)—
7. Ado; splendour; display.

ଛଡ଼ିଦାର୍— ଦେ. ବ. (ଓଡ଼ିଆ. ଛଡ଼ି+ଫା. ପ୍ରତ୍ୟୟ ଦାର୍; ଭୁଲ. ସଂ.
Chhar̤idār ଧାରୀ)—୧ । ରାଜା ଓ ମହନ୍ତ ଆଦିଙ୍କ ଗହଣରେ
ছড়িদার্ ଶୋଭାଯାତ୍ରାଦିରେ ଯିବା ବେତ୍ରବାହକ ସିପାହୀ ବା
छड़ीदार ପାଇକ, ବେତ୍ରଧାରୀ ପାଇକ, ଅସାବରଦାର—
1. A peon carrying a thick stick (insignia) with a Rājā or a big person in a processin.

ଛଡ଼ିଦାରେ ଯେ ସୁନା ରୁପା ଛଡ଼ି ବହି
ଛଡ଼ା ହୋଇ ଅଛନ୍ତି ଧାଡ଼ି ଧାଡ଼ି ହୋଇ । କୃଷ୍ଣସିଂହ. ମହାଭାରତ ଆଦି।

୨ । ଦ୍ୱାରପାଳ; ଦରୁଆନ—
2. Door keeper; porter.

ଦେ. ବଣ—୧ । ଯେ ଆଡ଼ମ୍ବର କରେ; ଆଡ଼ମ୍ବରପ୍ରିୟ; (ଗୋପୀନାଥ ନନ୍ଦ)—1. Fond of display.

୨ । ଯହିଁରେ ଛଡ଼ିଲାଗି ଥାଏ—
2. Furnished with metal rods.
(ଯଥା—ଛଡ଼ିଦାର ଝରକା ।)

ଛଡ଼ିନ୍ଦା—ଗ୍ରା. ବଣ. ପୁଂ ଓ ସ୍ତ୍ରୀ—୧ । ଶଡ଼କା (ଦେଖ)
Chhar̤indā 1. Śar̤akā (See)
ছম্বাল; ছিয়াল ୨ । ଚୈଞ୍ଚଡ଼ିଆ; ହୃଷ୍ଟପୁଷ୍ଟ; ଡେଙ୍ଗା ଓ ବଳିଷ୍ଠ—
2. Stout and strong; tall.
[ଦ୍ର—ଭୁଲ, ହି. ଛଡ଼ିଦା=ଏକାକୀ, ଏକଲା, ଅ. ଜରିଦାହ]
(ଯଥା—ସେ ପାଞ୍ଚହାତିଆ ଛଡ଼ିନ୍ଦା ମରଦ ।)

ଛଡ଼ିବରଦାର୍—ଦେ; ବ. (ଓଡ଼ିଆ. ଛଡ଼ି+ଫା. ପ୍ରତ୍ୟୟ ବରଦାର୍)—
Chhar̤ibardār ଛଡ଼ିଦାର୍ ୧ (ଦେଖ)
ছড়ীবরদার Chhar̤idār 1 (See)

ଛଣ—ପ୍ରାଦେ. (ସମ୍ବଲପୁର) ବ—ଛନ୍ (ଦେଖ)
Chhaṇ Chhan (See)

ଛଣ—ଦେ. ବ. (ସଂ. ଶଡ଼; ଖେଠ —୧ । ଧାନଗଛର ଶୁଷ୍କ କାଣ୍ଡ; ନଡ଼ା—
Chhaṇa 1. Straw (of paddy plants).
খড় [ଦ୍ର—ପୁରୀଜିଲ୍ଲାର ଚିଲିକା ଅଞ୍ଚଳରେ ଧାନଗଛକୁ ବାଡ଼େଇ
खर ତହିଁରୁ ଧାନ କାଢ଼ିନେବା ପରେ ଗଛର ଯେଉଁ ଅଂଶ ରହେ ତାହାକୁ 'ଛଣ' କହନ୍ତି । ଏହା ନଡ଼ାଠାରୁ ଲମ୍ବ । ଧାନଗଛର ଅଗ କଟା ହୋଇ କେଣ୍ଡାମାନଙ୍କୁ ପୃଥକ୍ କଲା ପରେ ଯେଉଁ ଅଂଶ ରହେ ତାହାକୁ 'ନଡ଼ା' କହନ୍ତି । ସାଧାରଣତଃ ନଡ଼ା ଓ ଛଣ ଏକ ଅର୍ଥରେ ବ୍ୟବହୃତ ହୋଇଥାଏ । ବେଙ୍ଗଲା ପଡ଼ି ଅଳଆ ଜଳଆ ହୋଇଯିବା ଛଣକୁ ପାଲ ବା କୁଟା କୁହାଯାଏ ।]

୨ । ବେଣା—2. Thatching reed.

୧	ଇ	ଉ	ର,ଋ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ସ	ଙ୍କ	ଇପ୍ସ	ଉଥ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଝ

(last column: ଘ / ନ୍ତ)

शन ୩ । (ସଂ. ଶଣ)—ଛଣପଟ; ଏକପ୍ରକାର ଝୋଟ—
सन 3. Flax (a fibrous plant).

ଛଣଖାଇ—ଦେ. ବି—ଘରଚାଳର ଶେଷ ବା ନିମ୍ନରେ ଛପରବନ୍ଧ ହୋଇଥିବା ଛଣକୁ ଅଟକାଇ ରଖିବା ନିମନ୍ତେ ଦିଆଯାଇଥିବା ଲମ୍ବ ପଟା—A long plate attached to the lower end of the thatched frame-work of a house to keep the straw in position.
Chhaṇa-khāi

ଛଣଗୁଣ୍ଡ—ଦେ. ବି—ଘରଚାଳରୁ ଓଲରି ହୋଇଥିବା ଛଣର କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ—Small pieces of straw which drop from the main body of straw while being handled.
Chhaṇa-guṇḍa
(ଛଣଗୁଣ୍ଡି—ଅନ୍ୟରୂପ)

ଛଣପଟ—ଦେ. ବି. (ସଂ. ଶଣ ଓ ପଟ୍ଟ; ପାଟ ବା ରେଶମ ସଦୃଶ ଶଣ)—ତନ୍ତୁମୟ ଗୁଳ୍ମଜାତୀୟ ବୃକ୍ଷବିଶେଷ—Flax; the Sunhemp; Crotolaria Juncea; hemp; Cannabis (Haines).
Chhaṇapaṭa
ଅନ୍ୟ ସଂ. ନାମ—ଶଣ, ଶଣପୁଷ୍ପୀ, ଘଣ୍ଟା, ବସନ, ତ୍ୱକ୍‌ସାର, ବୃହତ୍‌ପୁଷ୍ପୀ, ଘଣ୍ଟାରବ
शण, शन, झनझिनिआ, झनझन
सन, झुनझुनिआ, बनशणाइ, घागहि
ଫା. ଲାକନାଂ
ତା. ଯେନାପ୍ପାନାର, ଚିଲିଗିଛା
ତେ. ଯେନାପାନସ୍‌,
ଶଣାମବୁଦେଲ୍ଲ
[ଦ୍ର—ଏହା ଶିମ୍ବାଦିବର୍ଗର କୃଷିଜାତ ଗୁଳ୍ମ, ଏଥିର ଫୁଲ ହଳଦିଆ ଓ ଅକାରରେ ଘଣ୍ଟି ପରି । ଶୁଖି ଗଲେ କୁଇଁ ଭିତରର ମଞ୍ଜିଗୁଡ଼ିକ ଝଣଝଣ ବାଜେ । ଏଥିର ତନ୍ତୁ ଝୋଟ ଅପେକ୍ଷା ଟାଣ ଓ ଚକ୍କଣ । ଏଥିରେ ଜାଲ ବୁଣାଯାଏ ଓ ଥଳି ହୁଏ । ପୂର୍ବକାଳରେ ଛଣପଟ ସୂତାରେ ଋଷିମାନଙ୍କର ପଇତା ବଳାଯାଉଥିଲା । ଏହାର ତନ୍ତୁ ଅତ୍ୟନ୍ତ ସୁଦୃଢ଼ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା କଟୁ, ତିକ୍ତ, ବମନକାରକ ଓ ବାତ, ପିତ୍ତ ଓ କଫ ନିବାରକ, ମଳନିଃସାରକ; ଏହାର ଫୁଲ ମଳରୋଧକ ଓ ରକ୍ତପିତ୍ତନାଶକ । ଏହାର ବୀଜଚୂର୍ଣ୍ଣ ରକ୍ତଶୋଧକ ।]

ଛଣା—ଦେ. ବି—୧ । ଛାଣିବା—1. Passing through a sieve; sifting; straining.
Chhaṇā
छाँका
छन्ना
୨ । ଯେଉଁ ଯନ୍ତ୍ର ବା କନାଦ୍ୱାରା କୌଣସି ଦ୍ରବ୍ୟ ଛଣା ଯାଏ—2. Straining pot or cloth.
(ଯଥା—ଚୂଆଛଣା, ଭାଙ୍ଗଛଣା ।)
୩ । ଜାଲର କ୍ଷେପ—3. Throw of a net.
(ଯଥା—ସେ ଏକା ଛଣାକେ ଚାରିଟା ବଡ଼ ମାଛ ଧରିଛି ।)
ଦେ. ବିଣ—୧ । ଛଣା ହୋଇଥିବା; ଚାଲୁଣୀ ବା ଜାଲି ବା ଲୁଗାର ସୂକ୍ଷ୍ମ ଛିଦ୍ରବାଟେ ଚଳାଯାଇ ଖଦଡ଼ା ବା ବଡ଼ ଅଂଶମାନ ବାହାର କରିଯାଇଥିବା—1. Strained; passed through a sieve; sifted; filtered.
୨ । ନିର୍ମଳ; ପରିଷ୍କୃତ—2 Cleansed (liquid).
ଛଣା ସୁଧା ପରି ଉକ୍ତି—କବିସୂର୍ଯ୍ୟ, କଳୋଚିତ୍ତ ଗୀତ ।

୩ । ଯେଉଁ ଘନ ପଦାର୍ଥ (ଯଥା—ଭାତ) ପାଣି (ଯଥା—ପେଜ) ମଧ୍ୟରୁ ଛଣା ହୋଇଥାଏ —3. (any solid e. g. rice) Got after straining the liquid (e. g. rice-gruel) in which it was immersed or mixed.

ଛଣାଇବା—ଦେ, କ୍ରି—ଛାଣିବାର ଣିଜନ୍ତ ରୂପ—
Chhaṇāibā Causative form of Chhāṇibā.
छँकाना
छनाना
(ଛଣେଇବା—ଅନ୍ୟରୂପ)

ଛଣା ଦେବା—ପ୍ରାଦେ. (ବାଲେଶ୍ୱର) କ୍ରି—ଖିଆ ଦେବା (ଦେଖ)
Chhaṇā debā Khia debā (See)

ଛଣା ପିତଳ—ଦେ. ବି—ବିଶୁଦ୍ଧ ଓ ଦୀପ୍ତିମୟ ପିତ୍ତଳ ଧାତୁ—Pure and shining brass (metal).
Chhaṇā pitaḷa

ଛଣା ସୁଧା—ଦେ. ବି—ଖାଣ୍ଟି ଅମୃତ; ବିଶୁଦ୍ଧ ଅମୃତ—
Chhaṇā sudhā Pure nectar; filtered nectar.
छाँका सुधा ଛଣା ସୁଧା ସରପଣାରୁ ନିଧୁର ଲାଗୁଥିଲା ଶ୍ୟାମପ୍ରୀତି—କବିସୂର୍ଯ୍ୟ, ସଙ୍ଗୀତ ।

ଛଣି—ଦେ. ବିଣ. (ସଂ. ଶଣ)—ଛଣପଟରେ ନିର୍ମିତ—
Chhaṇi Hempen.
ଦେ. ବି—୧ । ଯହିଁରେ କୌଣସି ଦ୍ରବ୍ୟ ଛଣାଯାଏ—
1. A straining pot; strainer.
୨ । ଛଣପଟର ଦଉଡ଼ି ବା ସୁତୁଲି—
2. Hempen rope or twist.
୩ । ଛଣପଟ ସୁତୁଲିରେ ବୁଣା ହୋଇଥିବା ଟଙ୍କା ରଖିବାର ଥଳି ବା ଜୋଡ଼ା ବା ମୁଣି—3. A net purse or bag made of San-hemp.
୪ । ଛଣପଟ—4. San-hemp.
ବକଳ ଛଣିଠାରୁ ପାଟ ଲୁଗାଯାଏ
ଯାହା ମିଳଇ ତାହା ପିନ୍ଧଇ ମୁଁ ବେନି । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ଛଣିଦା—ପ୍ରାଦେ. ବିଣ. (କଟକ)—ନିର୍ଭୟ ଓ ଆଡ଼ମ୍ବରଯୁକ୍ତ—
Chhaṇidā Fearless and pompous.
(ଛଣିନ୍ଦା—ଅନ୍ୟରୂପ) (ଯଥା—ସେ ଭାରି ଛଣିଦା ହୋଇ ଏଠାକୁ ଆସିଥିଲା ଯେ ତାକୁ କେହି ପଚାରିଲେ ନାହିଁ ।)

ଛଣି ନେବା—ପ୍ରାଦେ. (ସିଂହଭୂମ) କ୍ରି—ଛଡ଼ାଇ ନେବା—
Chhaṇi nebā To snatch away.

ଛଣିବା—ପ୍ରାଦେ. (ସିଂହଭୂମ)—ଛଡ଼ାଇ ନେବା—
Chhaṇibā To snatch away.

ଛଣ୍ଟା—ଦେ. ବି. (ସଂ. ଛେଦନ)—(କୃତ୍ତିକନା ଓ କେଶ ଆଦିର) ଛେଦନ—Cutting; clipping.
Chhaṇṭā
छँटा
छाँट, छाँटाइ

ସାଧାରଣ ଲୋକେ ଅପର ପୃଷ୍ଠାରେ ସନ୍ଥ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଟ' ନ ପାଇଲେ 'ବଣ୍ଟ' ଦେଖିବେ; 'ଅର୍ଗ୍ୟା' କି ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଛଣ୍ଟାଇବା—ଦେ. କ୍ରି—ଛଣ୍ଟିବାର ଣିଜନ୍ତ ରୂପ—
Chhanṭāibā Causative form of Chhāṇṭibā.
ଛଁଟାନ
ਛਾਂਟਾਨਾ
(ଛଣ୍ଟେଇବା—ଅନ୍ୟରୂପ)

ଛଣ୍ଟାଛଣ୍ଟି—ଦେ. ବ—୧ । ମୁଣ୍ଡର ବାଳକୁ କଟୁରିବା କର୍ମ—
Chhanṭā-chhanṭi 1. Act of cropping the hair.
ছাঁটাছাঁটি ୨ । ଗଛର ଅଗ ଡାଳକୁ କାଟିବା କର୍ମ—
ਛਾਂਟਾਵ 2. Pruning.

ଛଣ୍ଡା—ପ୍ରାଦେ. (ସିଂହଭୂମ) ବ. ପୁଂ. (ମୂଳ. ବ. ଛୁଁଡ଼ା = ଟୋକା)—
Chhanḍā ୧ । ଟୋକା—1. Chap.
(ଛଣ୍ଡି—ସ୍ତ୍ରୀ) ୨ । ଦାସ; ଚାକର—2. Servant.

ଛଣ୍ଡି—ପ୍ରାଦେ. (ସିଂହଭୂମ) ବ. ସ୍ତ୍ରୀ. (ମୂଳ. ବ. ଛୁଁଡ଼ି)—
Chhanḍi ବଡ଼ କନ୍ୟା; ପ୍ରାପ୍ତବୟସ୍କା ବାଳିକା—
A grown up girl or bride.

ଛତ୍—ପ୍ରାଦେ. (ହିନ୍ଦୀ) ବ—ବିହାର ପ୍ରଦେଶର ପର୍ବବିଶେଷ; ଛଠ୍ (ଦେଖ)
Chhat A festival in Behar; Chhaṭ (See)

ଛତ—ଦେ. ବ. (ସଂ. ଛଦ୍, ସଂ. ଛତ୍ର; ପ୍ରା. ଛତ୍ର)—
Chhata କୋଠା ଉପରର ଆବରଣ—
ଛାଦ Roof of a building.
छत ଗ୍ରା. ବ. (ପ୍ରାଚୀନ ପଦ୍ୟ) ବ—କ୍ଷତ—Wound.

ଅଶ୍ଳେଷ ଚୁମ୍ବନ କର, ନଖଦନ୍ତ ଛତ ସାର
ରତି ଜୟ କର ଶାନ୍ତ ପ୍ରବୋଧ ବାଣୀ । ପ୍ରାଚୀ. ରସବାରିଧି ।

ଛତଉରୀ—ଦେ. ବ. (ସଂ. ଶତାବରୀ)—ଶତାବରୀ (ଦେଖ)
Chhatauri Śatābari (See)

ଛତର—ଦେ. ବ. (ସଂ. ସତ୍ର)—
Chhatara ୧ । ଅନ୍ନସତ୍ର; ଯେଉଁଠାରେ ରନ୍ଧା ଭାତ ପ୍ରଭୃତି
ছত্র ଖାଦ୍ୟ କଙ୍ଗାଳମାନଙ୍କୁ ବଣ୍ଟାଯାଏ; ସଦାବ୍ରତ—
छत्तर 1. A place where boiled rice is freely distributed to beggars (without distinction); a public kitchen.
୨ । ଜଳସତ୍ର—2. A place where water is distributed free to thirsty travellers.
ଗ୍ରା. (ପଦ୍ୟ) ବ. (ସଂ. ଛତ୍ର)—ଛତା—Umbrella.

ଛ ଅକ୍ଷର ହୋଇଛି ଛତର ଯେ ସତ । ପ୍ରାଚୀ. ବ୍ରହ୍ମଭୂପଣ ଗୀତା ।

ଛତରଖାଇ—ଦେ. ବ. ସ୍ତ୍ରୀ. (ସଂ. ଛତ୍ର + ଖାଦକ) (ସ୍ତ୍ରୀଲୋକମାନଙ୍କୁ
Chhatara-khāi ଗାଳି)—୧ । ନୀଚ ଲୋକ ସଙ୍ଗମକାରିଣୀ ବେଶ୍ୟା;
(ଛତରଖିଆ—ପୁଂ) ଖାନକୀ—1. A low class prostitute; a whore.
খানকী
खानगी ୨ । କୁଳଭ୍ରଷ୍ଟା ସ୍ତ୍ରୀ—2. A fallen woman; a profligate woman.
୩ । ମାଗିଖାଇ—
3. A wandering beggar-woman.

ଛତରଖିଆ—ଦେ. ବଣ. ପୁଂ. (ସଂ. ସତ୍ର + ଖାଦକ)—
Chhatara-khiā ୧ । ଯେ ଅନ୍ନସତ୍ରରେ ରନ୍ଧା ଭାତ ଖାଏ—
(ଛତରଖାଇ—ସ୍ତ୍ରୀ) 1. Taking food cooked in a
ছন্নছাড়া public kitchen.
୨ । ଯାହାର ଜାତିବାରଣ ନାହିଁ—
2. Observing no caste-distinction.
୩ । ବାଉଳା—3. Wandering; vagabond.
ଦେ. ବ—୧ । ଓଡ଼ିଶାରେ ନଅଙ୍କ (୧୮୬୬ ସାଲ) ଦୁର୍ଭିକ୍ଷରେ ସରକାର ଖୋଲିଥିବା ଅନ୍ନସତ୍ରରେ ଭାତ ଖାଇ ଯେଉଁ ହିନ୍ଦୁମାନେ ସମାଜଭ୍ରଷ୍ଟ ହୋଇଥିଲେ—
1. Those who lost their caste by eating rice in the public kitchens opened by the Government during the great famine of 1866 A. D. in Orissa.

[ଦ୍ର—ନଅଙ୍କ ଦୁର୍ଭିକ୍ଷରେ ଏହି ନରନାରୀମାନଙ୍କୁ ଏମାନଙ୍କ ସମାଜ ଗ୍ରହଣ ନ କରିବାରୁ ଅଗତ୍ୟା ଜାତିଗୋତ୍ର ନ କରି ଛତରଖିଆ ସଙ୍ଗେ ଛତରଖାଇମାନେ ଗାନ୍ଧର୍ବ ବିବାହ କଲେ ଓ ଏହିପରି ଗୋଟିଏ 'ବାରଜାତିଆ' ସମାଜର ସୃଷ୍ଟି ହେଲା । ଏମାନଙ୍କ ବଂଶଧରମାନଙ୍କ ମଧ୍ୟରେ ବିବାହଦ୍ୱାରା ଆଦାନ ପ୍ରଦାନ ଚାଲୁଅଛି । ଅନେକ ସ୍ତ୍ରୀଲୋକ ନୀଚସମାଜରେ ବେଶ୍ୟାବୃତ୍ତି କଲେ ଓ ଅନ୍ୟ କେତେକ ଛତରଖିଆଙ୍କୁ ପାଦ୍ରୀମାନେ ନୂଆ ଗ୍ରାମମାନ ବସାଇ ଖ୍ରୀଷ୍ଟାନ୍ କରାଇ ଓଡ଼ିଶାରେ ଖ୍ରୀଷ୍ଟିଆନ୍ ସମାଜ ପ୍ରତିଷ୍ଠା କଲେ; କ୍ରମଶଃ ଛତରଖିଆମାନେ ହିନ୍ଦୁସମାଜରେ ଆପଣାଙ୍କୁ ରଜପୁତ୍, ଛତ୍ରୀ ଆଦିରୂପେ ପରିଚୟ ଦେଉଅଛନ୍ତି ।]

୨ । ନଅଙ୍କରେ ଛତରରେ ଅନ୍ନ ଖାଇଥିବା ବ୍ୟକ୍ତିମାନଙ୍କର ବଂଶଧର—2. The discendants of the persons who were excluded from the Hindu society for having taken cooked rice in public Government kitchens during the great famine of Orissa (1866).
୩ । ବାଉଳା; ଯାହାର ଜାତିପତି କିଛି ନାହିଁ ଓ ଯେ ଯେଉଁଠାରେ ଇଚ୍ଛା ସେଠାରେ ଖାଏ—
3. A homeless vagrant observing no caste-distinction, taking food everywhere and belonging to no caste or society.
୪ । ମାଗିଖିଆ ବ୍ୟକ୍ତି—4. A wandering beggar.

ଛତରଙ୍ଗି—ଗ୍ରା. ବ—ସତରଞ୍ଜି (ଦେଖ)
Chhatarangi Satarañji (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଲ୍ୟ	ଉଅ	ୱ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ୱ	ୟ

ଛତରଛଉଳ—ଦେ. ବି. (ସଂ. କ୍ଷିପ୍ତ; ସଂ. ଛିନ୍ନବିଚ୍ଛିନ୍ନ)—
Chhatara-chhāuḷa ୧ । ସମୂଳେ ବିନାଶ—
1 Annihilation; ruin.
୨ । ଛନ୍ନଭଙ୍ଗ—2. Being scattered on all sides.
ছতিছন্ন ଦେ. ବିଣ—୧ । ଇତସ୍ତତଃ ବିକ୍ଷିପ୍ତ; ଛିନ୍ନଭିନ୍ନ—
छितरबितर 1. Scattered on all sides.
ଛତରଚ୍ଛଉଳ } ଅନ୍ୟରୂପ ୨ । ବିଧ୍ୱସ୍ତ; ଛାରଖାର—
ଛତରଛଉଳ } 2. Ruined; laid waste.
୩ । ଚୂର୍ଣ୍ଣବିଚୂର୍ଣ୍ଣ—3. Reduced to powder; reduced to small pieces.

୪ । ଯାହା ବହୁ ଉଚ୍ଚରୁ ପଡ଼ି ଛିନ୍ନଭିନ୍ନ ହୋଇ ଖଣ୍ଡ ଖଣ୍ଡ ହୋଇ ବିଛି ହୋଇଯାଏ—4. Strewn in fragments or many pieces, having fallen from a great height.

(ଯଥା—କଣାଭୁଣ୍ଡା ଶୁଳଉପରୁ ଖସି ପଡ଼ି ଅଗଣାରେ ଛତରଛଉଳ ହୋଇଗଲା)

ଛତର ଦେବା—ଦେ. କ୍ରି—ଦୁର୍ଭିକ୍ଷବେଳେ ଭାତ ରନ୍ଧାଇ ଗରିବଙ୍କୁ
Chhatara debā ଖାଇବାକୁ ଦେବା ନିମନ୍ତେ ଅନ୍ନସତ୍ର ସ୍ଥାପନ
ছত্রবসান କରିବା—To open a public kitchen for distribution of boiled rice gratis to famine-stricken people.

ଛତର ବସା(ସେ)ଇବା—ଦେ. କ୍ରି.—ଛତର ଦେବା (ଦେଖ)
Chhatara basā(se)ibā Chhatara debā (See)

ଛତରରେ ପଶିବା—ଦେ. କ୍ରି.—୧ । ଉଦରଜ୍ୱାଳାରେ ଜାତି ବା
Chhatarare pasibā ସମାଜବନ୍ଧନ ନ ମାନି ଅନ୍ନସତ୍ରରେ ଭାତ ଖାଇବା—1. To eat cooked rice in a public kitchen by disregarding social restrictions.

୨ । ଅନ୍ନସତ୍ରରେ ରନ୍ଧା ହୋଇଥିବା ଭାତ ଖାଇବା ହେତୁରୁ ଜାତି ହରାଇବା—2. To lose one's caste or to be excluded from the pale of one's society by taking rice from a public kitchen.

୩ । (ପୁରୁଷଙ୍କ ପ୍ରତି ଗାଳିବିଶେଷ) ଜାତି ହରାଇବା; ଅଜାତିଆଙ୍କ ଘରେ ପକ୍ୱାନ୍ନ ଖାଇବା—3. (a term of abuse to males) To lose one's caste; to take food cooked by people of low caste.

୪ । (ସ୍ତ୍ରୀଙ୍କ ପ୍ରତି ଗାଳିବିଶେଷ)—କୁଳରୁ ବାହାରି ଯାଇ ନୀଚ ବେଶ୍ୟାବୃତ୍ତି କରିବା; ବଜାରାଣ୍ଡୀ ହେବା—
4. (a term of abuse to females) To go out of one's family and take to prostitution.

ଛତରା—ଦେ. ବିଣ. ପୁଂ.—୧ । (ସଂ. ସତ୍ର)—ଛତରଖିଆ; ଯେ ଏଣେ
Chhatarā ତେଣେ ବୁଲୁଥାଏ; ବାଉବୁଲା—
হেঁচড়া 1. Vagrant.
बहेतु, छिछोरा ୨ । (ସଂ. ଛତ୍ୱର=ଧୂର୍ତ୍ତ) ଧୂର୍ତ୍ତ; ଭଣ୍ଡ—
(ଛତରୀ—ସ୍ତ୍ରୀ) 2. Cheat.
ଛତରାଙ୍ଗି } —ବି. ୩ । ଦୁଷ୍ଟ; ବଗୁଲିଆ; ଖେଚଡ଼ା; ଛେଚଡ଼ା—
ଛତରାମି } 3. Wicked; wanton; dessolute.
୪ । (ଗାଳିବିଶେଷ) ଯାହାର ଘର ବା ଜାତି କିଛି ନାହିଁ—4. (a term of abuse) Belonging to no society; homeless.
୫ । (ସଂ. ବିସ୍ତୃତ; ସଂ. କ୍ଷିପ୍ତ. ପ୍ରା. ଛିତ୍ତ) ଚାରି ଆଡ଼େ ବିସ୍ତୃତ ହୋଇଥିବା, ଚଉଡ଼ା—4. Spreading; extending on all sides.

(ଯଥା—ଛତରା ବର ।)

ଛତରାଇବା—ଦେ. କ୍ରି.—ଛତରେଇବା (ଦେଖ)
Chhatarāibā Chhatareibā (See)

ଛତରାଙ୍ଗି—ଦେ. ବି.—୧ । ଛତରାପଣିଆ—
Chhatarāṅgi 1. The state of a vagrant.
হেঁচড়ামী ୨ । ଭଣ୍ଡାମି—2. Wantonness.
छिछोरपन ୩ । ଖେଚେଡ଼ାମି—3. Wickedness.
(ଛତରାମି—ଅନ୍ୟରୂପ)

ଛତରିଆ—ଦେ. ବି.—ଭଦଭଦଳିଆ ପରି ଏକ ପ୍ରକାର ମଧୁରସ୍ୱର-ବିଶିଷ୍ଟ
Chhatariā ପକ୍ଷୀ—The thrush; Turdus
ছতরিআ, ছাতারে Mustelinus.

ଛତରେଇବା—ଦେ. କ୍ରି.—୧ । (ସଂ 'ଛତ୍ର'ର ନାମଧାତୁ 'ଛତ୍ରାୟତେ'
Chhatareibā ସଂ. ଛତ୍ରାକାର)—୧ । (ଅକର୍ମକ) ଛତ୍ରାକାରରେ
ছাতরান, ছাঁতলান ବିସ୍ତୃତ ହେବା—1. (intransitive) To
छितराना spread out like an umbrella.
(ଯଥା—ଏ ବରଗଛଟା ଖୁବ୍ ଛତରେଇଛି ।)
୨ । (ସଂ. କ୍ଷିପ୍ତକରଣ; ପ୍ରା. ଛିତ୍ତରଣ) (ସକର୍ମକ)—
ଖେଳାଇ ଦେବା; ବିସ୍ତୃତ କରିବା—
2. (transitive) To spread out.
(ଯଥା—ଏ ଓଦା ଧାନଗଦାକୁ ଛତରେଇ ଦେଲେ ଚଞ୍ଚଳ ଶୁଖି ଯିବ ।)
୩ । (ଅକର୍ମକ) ବୃତ୍ତାକାର ଅଧିକ ସ୍ଥାନ ଅଧିକାର କରିବା ବା ବ୍ୟାପିବା—3. (intransitive) To occupy or spread over a wide and circular place.
(ଯଥା—ନଈବଢ଼ି ପରେ ଏବର୍ଷ ପାଣି ବିଲଟାସାରା ଭଟେଇ ଯାଇ ଛତରେଇଛି ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଛତା— ଦେ. ବି. (ସଂ. ଛତ୍ର; ପ୍ରା. ଛତ୍ତ)—
Chhatā
ছাতা, ছাতী
छाता, छत्ता
୧ । ତାଳପତ୍ରରେ ବା କନାରେ ନିର୍ମିତ ଓ କେନ୍ଦ୍ରରେ ତଳ ଆଡ଼କୁ ଗୋଟିଏ ଦଣ୍ଡ ବା ବେଣ୍ଟ ଥିବା ଗୋଲାକାର ଶରୀରାବରଣ ବସ୍ତୁ; ଆତପତ୍ର— 1. Umbrella.
୨ । ଛତ୍ରାକାର ଆବରଣ—2. Parachutte.
୩ । ପରିବ୍ରାଜକ ସାଧୁମାନେ ନିଜ ନିଜର ଅସ୍ଥାନ ଉପରେ ପୋତିବା କନାର ବଡ଼ ଛତା— 3. A big cloth-umbrella installed on a central rod over the seat of a wandering ancharite.
୪ । ଘୁଷୁରିଆ ଓ ମଇଁଷିଆଳମାନେ ଘୁଷୁରି ଓ ମଇଁଷିଙ୍କ ସଙ୍ଗରେ ରହିବାବେଳେ ଆଶ୍ରୟ ନେବା ନିମନ୍ତେ ପୋତିବା ତାଳପତ୍ରର ଛତା—4. An umbrella with a palm-leaf covering installed on a central rod to give shelter to buffalo-herds or swineherds while accompanying their herds
୫ । ଦେବତା, ସମ୍ରାଟ ବା ପ୍ରଭୁଙ୍କ ଅଧିକାରଜ୍ଞାପକ ଛତ୍ର; ରାଜଛତ୍ର—5. An insignia of royalty, represented by an umbrella held over the head of a Raja or a Deity.

ଦେ. ବିଣ—ଛତା ପରି ବିସ୍ତୃତ; ଝାମ୍ପୁଳା; ମୂଳ ସରୁ ଓ ଅଗ ମେଲି ଯାଇଥିବା (ଗଛ)— Spreading like an umbrella (said of trees).

ଛତାଉରି— ଦେ. ବି. (ସଂ. ଶତାବରୀ)—ଶତାବରୀ (ଦେଖ)
Chhatāuri — Śatābarī (See)
ଛତୋରି } ଅନ୍ୟରୂପ
ଛତୌରି }

ଛତାକାଠି— ଦେ. ବି. (ସଂ. ଛତ୍ର + କାଷ୍ଠ)—
Chhatā-kāṭhi
ছাতার কাঠি
छाताकातीलिया
କନା ଛତାକୁ ଟାଣି ମେଲାଇ ରଖିବାପାଇଁ ବ୍ୟବହୃତ ଲୌହଶଲାକା—The iron rods used to sustain the framework of an umbrella.
(ଛତାକାଡ଼ି—ଅନ୍ୟରୂପ)

ଛତା ଖୋଲିବା— ଦେ. କ୍ରି—ବନ୍ଦ ହୋଇଥିବା ଛତାକୁ ବ୍ୟବହାରାର୍ଥ ମେଲା କରିବା—To open up or spread out an umbrella for use; to unfurl a folded umbrella.
Chhatā kholibā
ছাতাখুলা
छाताखोलना
ଛତା ଟାଣିବା } ଅନ୍ୟରୂପ
ଛତା ମେଲେଇବା }
(ଛତା ବୁଜିବା— ବିପରୀତ)

ଛତା ଜୋତା—ଦେ. ବି. (ସହରର ଶବ୍ଦ)—ମନୁଷ୍ୟ ଘରୁ ବାହାରକୁ ଯିବାବେଳେ ବ୍ୟବହାର କରିବା ଦୁଇଟି ପଦାର୍ଥ:—(ମୁଣ୍ଡ ଓ ଗୋଡ଼କୁ ରକ୍ଷା କରିବାପାଇଁ) ଛତ୍ର ଓ ପାଦୁକା—Umbrella and shoes (necessary for a man going outside).
Chhatā jotā
ছাতাজুতো
छाताजुता
[ଦ୍ର—ଏ ଦୁଇଟି ପଦାର୍ଥ ଘରର ବାହାରେ ରଖି ଦେଇ ଘର ମଧ୍ୟକୁ ଯିବାର ବିଧି ଭଦ୍ରତାନୁମୋଦିତ ।]

ଛତା ଟେକା(କେ)ଇବା—ଦେ. କ୍ରି—ଛତି ଟେକାଇବା (ଦେଖ)
Chhatā ṭekā(e)ibā — Chhati ṭekāibā (See)

ଛତା ଟେକିବା—ଦେ. କ୍ରି—ଆପଣାର ବା ଅନ୍ୟ ବ୍ୟକ୍ତିଙ୍କ ମୁଣ୍ଡ ଉପରେ ଛତାକୁ ମେଲା କରି ଧରିବା— To hold an umbrella over one's head or over the head of another.
Chhatā ṭekibā
ছাতাধরা
छातातानना
ଛତା ଟାଣିବା } ଅନ୍ୟରୂପ
ଛତା ଧରିବା }

ଛତା ଢାଙ୍କିବା—ଦେ. କ୍ରି—(ମେଘ) (ମନୁଷ୍ୟମାନଙ୍କୁ ଘେରିକରି ଛତା ଢାଙ୍କିଲା ପରି) ଚତୁର୍ଦ୍ଦିଗରେ ଘୋଟିବା— (the cloud) To spread above on all sides; to overspread (like an umbrella).
Chhatā ḍhāṅkibā
ছাতাঢাকা
छाताढकना
(ଯଥା—ଆଜି ସକାଳୁ ମେଘ ଛତା ଢାଙ୍କିଛି ।)

ଛତାନି—ଦେ. ବି. (ସଂ. ସପ୍ତ)—ଛତାନି ପୁରୁଷ (ଦେଖ)
Chhatāni — Chhatāni purusha (See)

ଛତାନି ପତାନି—ଦେ. ବି. (ନିରର୍ଥକ ଦ୍ୱିତୀୟ ସହଚର)—
Chhatāni patāni — ଛତାନି ପୁରୁଷ (ଦେଖ) Chhatāni purusha (See)
(ଯଥା—ସେ ମୋର ଛତାନି ପତାନି ଉଦ୍ଧାରି ଦେଲା ।)

ଛତାନି ପୁରୁଷ—ଦେ. ବି. (ସଂ. ସପ୍ତ+ପୁରୁଷ)—କୌଣସି ବ୍ୟକ୍ତିର ବଂଶର ଏକାଦିକ୍ରମେ ୭ ପୁରୁଷ ବା ବଂଶଧର— Seven generations in the family of a person.
Chhatāni purush
সাতপুরুষ
(ଯଥା—ସେ ମୋତେ ଛତାନି ପୁରୁଷ ଉଦ୍ଧାରି ଦେଲା; ବି. ସେ ଆମ୍ଭ ସାତ୍ ପୁରୁଷ୍ ଭୁଲେ ଗାଲାଗାଲ୍ ଦଲେ ।)

ଛତା ପକାଇବା—ଦେ. କ୍ରି—(ମହନ୍ତ ସାଧୁ, ମଇଁଷିଆ ଓ ଘୁଷୁରିଆମାନେ ଯେଉଁ ସ୍ଥାନରେ କିଛି ସମୟ ଅବସ୍ଥାନ କରିବେ ସେ ସ୍ଥାନରେ ଆପଣାର ଶରୀରକୁ ଖରାବର୍ଷାରୁ ରକ୍ଷା କରିବାପାଇଁ) ଛତାର ବେଣ୍ଟକୁ ଭୂମିରେ ଗାତ ଖୋଳି ପୋତିବା— To install an umbrella by planting the central rod on the ground for passing some time under it (said of wandering anchorites,
Chhatā pakāibā
ছাতাগাড়া
छातागाड़ना
ଛତା ପକେଇବା }
ଛତା ପୋତିବା } ଅନ୍ୟରୂପ
ଛତା ମାରିବା }

୧	ଇ	ଉ	ର୍,ର୍ଁ	ଋ	ଏ	ଦସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଅ	ଯ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଔ	ନ୍

buffalo-herds or swine herds) who pass days and night in the open).

ଛତା ବର—ଦେ. ବି. (ସଂ. ଛତ୍ରାକାର+ବଟ)—
Chhatā bara ଯେଉଁ ବରଗଛର ଶାଖା ଛତା ପରି ବିସ୍ତୃତ
ছাতরা বটগাছ ହୋଇଥାଏ—A spreading banyan
छतनावर tree.

ଛତା ବୁଜିବା—ଦେ. କ୍ରି.—ଖୋଲା ହୋଇଥିବା ଛତାକୁ ବନ୍ଦ କରିବା—
Chhatā bujibā To shut up or close an umbrella
ছাতা বন্দকরা when no longer in use.
छाताबन्द करना

ଛତା ମାରିବା } ଅନ୍ୟରୂପ
ଛତା ମୁଦିବା

(ଛତା ଖୋଲିବା—ବିପରୀତ)

ଛତାବେଣ୍ଟ—ଦେ. ବି. (ସଂ. ଛତ୍ର+ବୃନ୍ତ)—ଛତାକୁ ଠେକ କରି ଧରିବା
Chhatābenta ପାଇଁ ବ୍ୟବହୃତ ମଧ୍ୟସ୍ଥ ଦଣ୍ଡ—The central
ছাতার বেঁট rod which supports an umbrella; the
छाताका डंडा handle of an umbrella.

ଛତା ମାରିବା—ଦେ. କ୍ରି.—୧ । ଛତା ପକାଇବା (ଦେଖ)
Chhatā māribā 1. Chhatā pakāibā (See)
୨ । ଛତା ବୁଜିବା (ଦେଖ)
2. Chhatā bujibā (See)

ଛତା ମେଲାଇବା—ଦେ. କ୍ରି.—୧ । ଛତା ପରି ଅଗ ଝାମ୍ପୁଲା ହେବା;
Chhatā melāibā ଛତ୍ରାକାର ହେବା; ଛତରେଇବା—
1. To spread out like an umbrella.
(ଯଥା—ବରଗଛଟା ଖୁବ୍ ଛତା ମେଲାଇ ବଢ଼ୁଛି ।)

ଛତାମେଲିବା } —ଅନ୍ୟରୂପ
ଛତା ମେଲେଇବା

୨ । ଛତା ଖୋଲିବା (ଦେଖ)
2. Chhatā kholibā (See)

ଛତା ମେଲିବା—ଦେ. କ୍ରି.—ଛତା ମେଲାଇବା (ଦେଖ)
Chhatā melibā Chhatā melāibā (See)
(ଯଥା—ବରଗଛଟା ଛତା ମେଲି ବଢ଼ୁଛି ।)

ଛତାଳିଆ—ଦେ. ବିଣ. (ସଂ. ଛତ୍ରାକାର)—ଛତା ପରି ବିସ୍ତୃତ; ଝାମ୍ପୁଲା—
Chhatālia Spreading.
ছাতরা
छितरा हुआ, छतनार

ଛତି—ଦେ. ବି. (ସଂ. ଛତ୍ର)—ଆତପତ୍ର—
Chhati 1. Umbrella.
ছাতি ୨ । ମହନ୍ତ, ଦେବତା, ରାଜା ଆଦିଙ୍କ ମୁଣ୍ଡ ଉପରେ ଧରାଯିବା
छाति ବଡ଼ ଛତ୍ର—2. A big umbrella held over the head of deities, kings and mahantas.
୩ । (ସଂ. ଛଦ ଧାତୁ) ସଉଦନ୍ତି ପାଲିଙ୍କି ବା ରଥର ଆଚ୍ଛାଦନ—
3. The pood or cover of a palki or car.
୪ । କଣ୍ଟିଲାକାର ଅଗ୍ରଭାଗ; (ଲୁହା କଣ୍ଟାର ମୁଣ୍ଡି ପରି)
ଛତ୍ରାକାର ଅଗ୍ରଭାଗ ବା ମୁଣ୍ଡି—4. The spreading top (e. g. of a nail.)
୫ । ଲିଙ୍ଗର କଣ୍ଟିଲାକାର ଅଗ୍ରଭାଗ ବା ସୁପାରି—
5 The round top of the penis; nut.

ପ୍ରାଦେ. (ସମ୍ବଲପୁର) ବି. (ସଂ. ଛତ୍ରାକ; ତୁଳ. ହି. ଛତଙ୍ଗୀ)—
ଛତୁ—Mushroom.

[ଦ୍ର—ଛତୁର ପ୍ରକାର ଭେଦ ପ୍ରାଦେ. ନାମ ଯଥା—ଘୁଟୁବା ରୁଗୁଡ଼ା, ପୁଆଲ, ଭୂଦୋମଉଲା, ବିହୁଡ୍ରେନ, ବଣୁଆ, ବାଲି ।]

ଛତି (ଇତ୍ୟାଦି)—ଦେ. ବି.—ଛତା ଇତ୍ୟାଦି (ଦେଖ)
Chhati (etc) Chhatā etc (See)

ଛତିଅନା—ଦେ. ବି. (ସଂ. ସପ୍ତପର୍ଣ୍ଣୀ ପ୍ରା. ଛତ୍ତିବର୍ଣ୍ଣୀ)—ଛଚନା (ଦେଖ)
Chhatianā Chhachinā (See)
(ଛଛିଅନା—ଅନ୍ୟରୂପ)

ଛତିଆ—ଦେ. ବି. (ସଂ. ଛତ୍ରାକ)—୧ । ବହୁକାଳ ଅବନ୍ଧ ରହିଥିବା
Chhatiā ପଦାର୍ଥ (ଖାଦ୍ୟାଦି) ଉପରେ ମାରିଯିବା ଧଳା ଫିମ୍ପି;
ছাতা କଳଙ୍କି—1. Mould; smut; mildew; rust.
फफुन्दी, मैल ୨ । ଜିହ୍ୱାମଳ; କ୍ଲେଦ—2. The dirt or foul matter appearing on the tongue (of a sick, famishing or a sleeping person).
୩ । ଦନ୍ତମଳ—3. Foul coating on the teeth; tartar of the teeth.
୪ । ରାଜା ଆଦିଙ୍କ ଗହଣରେ ଛତି ଧରି ଯିବା ଲୋକ—
4 A carrier of umbrella in the retinue of a king or idol.

ଦେ. ବି. (ନାମ)—ଦର୍ପଣ କିଲ୍ଲାରେ କପିଳାସ ରୋଡ଼ ଷ୍ଟେସନ୍ ନିକଟରେ ଥିବା ଗୋଟିଏ ଗ୍ରାମ—A village in the estate of Darpan (in Orissa).

[ଦ୍ର—ଏହିଠାରେ ଗୋଟିଏ ଅତି ପୁରାତନ ବଟଗଛ ମୂଳରେ ନିରାକାର ଉପାସକ ସାଧୁମାନଙ୍କର ସମାଧି ଓ ଭଜନାଳୟ ଅଛି । ଏହା ଜଗନ୍ନାଥ ସଡ଼କ ଉପରେ ଅବସ୍ଥିତ ।]

ଦେ. ବିଣ.—୧ । କ୍ଲିନ୍ନ; ମଳଯୁକ୍ତ—
1. Sordid; furred (e.g. tongue).
୨ । କଳଙ୍କି ଲାଗିଥିବା—2. Soiled; rusted.
୩ । ଗମୁଆ; ଗମରା; ଫିମ୍ପି ମାରି ଯାଇଥିବା—
3. Mildewed.

ଛତଆ ଛଡ଼ାଇବା—ଗ୍ରା. କ୍ରି.—୧ । ଜିଭର ମଳକୁ ପରିଷ୍କାର କରିବା—
Chhatiā chhardāibā 1. To scrape off the sordes of the tongue.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ.

୨। (ଲକ୍ଷଣାର୍ଥ) ନ ଖାଇଥିବା ବ୍ୟକ୍ତିକୁ ସୁଖାଦ୍ୟ ଖାଇବାକୁ ଦେବା (ଅର୍ଥାତ୍ ତଦ୍ୱାରା ତାହାର ଜିଭର ମଳକୁ ପରିଷ୍କୃତ କରାଇବା)—2. (figurative) To give dainty things to a poor or famished person to eat (thus enabling him to have his tongue cleansed of its fur by the process of eating.)
(ଛତିଆ ଛଡ଼େଇବା—ଅନ୍ୟରୂପ)

ଛତିଆ ଛାଡ଼ିବା—ଗ୍ରା. କ୍ରି.—୧। ମଳ ବା ଫିମ୍ପି ପରିଷ୍କୃତ ହେବା—
Chhatiā chhāṛibā 1. Cleansing of the sordes or rust from a thing.
ছাতা ছাড়া
୨। (ଲକ୍ଷଣାର୍ଥ) ସୁଖାଦ୍ୟ ଖାଇବାଦ୍ୱାରା ମୁହଁର ଜିଭର ଅରୁଚି ଛାଡ଼ିଯିବା—2. (figurative) The disappearance of the sords of the tongue or the disappearance of the loathing for food; by the eating of dainty things.

ଛତିଆ ଧରିବା—ଦେ. କ୍ରି—(ବହୁକାଳ ଆବଦ୍ଧ ବା ଅବ୍ୟବହୃତ ପଦାର୍ଥ) ଫିମ୍ପିଯୁକ୍ତ ବସିବା; ମଳଯୁକ୍ତ ହେବା—
Chhatiā dharibā To bocome rusted, mildewed or sordid.
ছাতা ধরা
(ଛତିଆ ମାରିବା—ଅନ୍ୟରୂପ)

ଛତିଆଣା—ଦେ. ବି. (ସଂ. ସପ୍ତପର୍ଣ୍ଣୀ)—ଛଚିନା (ଦେଖ)
Chhatiānā Chhachinā (See)

ଛତିକଣ୍ଟା—ଦେ. ବି—ଯେଉଁ ଲୁହାକଣ୍ଟାର ମୁଣ୍ଡ ଛତ୍ରାକୃତି ହୋଇଥାଏ—
Chhati-kanṭā Bolt; a nail having a flat head.

ଛତି କାହାଳି—ଦେ. ବି. (ସହଚର ଶବ୍ଦ; ସଂ. ଛତ୍ର)—ରାଜାଙ୍କ ଗହଣରେ ଥିବା ପ୍ରଭୁତ୍ୱଜ୍ଞାପକ ଦୁଇଟି ବସ୍ତୁ ଛତା ଓ ତୂରୀ—
Chhati kāhāḷi Umbrella and trumpet (two things accompanying a king and taken as insignia of royalty).

ଛତି ଟେକାଇବା—ଦେ. କ୍ରି—୧। ନିଜ ଉପରେ ଅନ୍ୟ ବ୍ୟକ୍ତି ଛତି ଧରିବାର ଉପାୟ କରିବା—1. To have an umbrella held over one's own head by another.
Chhati ṭekāibā
(ଛତି ଟେକେଇବା—ଅନ୍ୟରୂପ)
୨। (ଲକ୍ଷଣାର୍ଥ) ଶ୍ରେଷ୍ଠ ବୋଲି ପରିଗଣିତ ହେବା—
2. (figurative) To be reckoned as the best.

ପ୍ରେମବଳେ ଭାଙ୍ଗି କରି ଛନ୍ଦପଦ
ପ୍ରେମିକାକୁଳେ ମୁଁ ଟେକାଇବି ଛତି। ରାଧାନାଥ. ଚନ୍ଦ୍ରଭାଗା।

ଛତି ଟେକିବା—ଦେ. କ୍ରି—୧। ରାଜା, ଦେବତା ବା ବଡ଼ଲୋକଙ୍କ ମୁଣ୍ଡ ଉପରେ ରହି ହେବାଭଳି ଛତି ଧରିବା—
Chhati ṭekibā 1. To hold up an umbrella over the head of a Raja, Deity or rich man.
୨। (ଲକ୍ଷଣାର୍ଥ) ନିଜକୁ ଶ୍ରେଷ୍ଠ ବୋଲି ପରିଚିତ କରାଇବା—
2. (figurative) To make oneself known as the best.

ଯେବେ ସେ ହେବ କୋଳେ, କଳାବତୀମଣ୍ଡଳେ
ନ ଟେକିବୁ କି ଶ୍ୱେତ ଛତିକ ରେ। କବିସୂର୍ଯ୍ୟ. ସଙ୍ଗୀତ।

ଛତିଦାର କଣ୍ଟା—ଦେ. ବି—ଯାହାର ଛତି ଅଛି; ଯେଉଁ କଣ୍ଟାର ମୁଣ୍ଡ ଉପର ଛତ୍ରାକାର—
Chhatidār kanṭā A nail having a spreading top.

ଛତିବିତି—ଦେ, ବିଣ. (ପ୍ରାଚୀନ)—୧। ଛିନ୍ନଭିନ୍ନ; ବିନଷ୍ଟ—
Chhatibiti 1. Shattered; ruined.
ছতিছন্ন
ছতরবিতর

ଏହିକ୍ଷଣି ଦେଖିବ ମୋର କଟକମାନ
କ୍ଷଣକେ ଦକ୍ଷଯାଗ ହେବ ଛତିବିତି। କୃଷ୍ଣସିଂହ, ମହାଭାରତ ଶାନ୍ତି।

୨। ଇତସ୍ତତଃ ବିକ୍ଷିପ୍ତ; ଚତୁର୍ଦ୍ଦିଗରେ ଖେଳାଇ ହୋଇଥିବା—
2. Scattered all round; routed.

ଛତିରି—ପ୍ରାଦେ. (ସମ୍ବଲପୁର) ବି. (ସଂ. ଛତ୍ର)—ବେଣ୍ଟ ନ ଥିବା ଅତି ଛୋଟ ଛତା; ଝାମ୍ପି—A small umbrella without a holder.
Chhatiri
(ଛତିରି—ଅନ୍ୟରୂପ)

ଛତିଶ—ଦେ. ବି. (ସଂ. ଷଟ୍‌ତ୍ରିଂଶତ୍, ପ୍ରା. ଛତ୍ତୀସା)—ତିରିଶିରୁ ଅଧିକ ଛଅ ସଂଖ୍ୟା; ୩୬—The number 36.
Chhatiśa
ছত্রিশ দে. বিণ—୧। ୩୬ ସଂଖ୍ୟକ—
ছত্তীশ 1. Numbering thirty six.
୨। ୩୬ର ପୂରଣ—2. Thirtysixth.

ଛତିରଶ
ଛତିରଶି } —ଅନ୍ୟରୂପ
ଛତିଶି

ଛତିଶଗଡ଼—ଦେ. ବି. (ନାମ)—ମଧ୍ୟପ୍ରଦେଶାନ୍ତର୍ଗତ ଗଡ଼ଜାତସମୂହ ଓ ଗୋଟିଏ ବିଭାଗ—Name of the agency tracts and of a division in the Central Province.
Chhatiśa-garḍa
(ଛତିଶିଗଡ଼—ଅନ୍ୟରୂପ)

[ଦ୍ର—ପୂର୍ବେ ଛତିଶଗଡ଼ ୩୬ ଟି ଗଡ଼ଜାତ ରାଜ୍ୟର ସମଷ୍ଟି ଥିଲା। ବର୍ତ୍ତମାନ ତହିଁ ମଧ୍ୟରୁ କେତେକ ଓଡ଼ିଶା ଗଡ଼ଜାତ ଓ କେତେକ ମଧ୍ୟପ୍ରଦେଶ ଗଡ଼ଜାତର ଅନ୍ତର୍ଭୁକ୍ତ ହୋଇଅଛି; କିନ୍ତୁ ପୂର୍ବର ନାମଟି ମଧ୍ୟପ୍ରଦେଶ ଗଭର୍ଣ୍ଣରଙ୍କ ଅଧୀନ ଜଣେ ପୋଲିଟିକଲ ଏଜେଣ୍ଟଙ୍କ ଶାସିତ ୨୦ ଟି ଗଡ଼ଜାତ ଓ ରାୟପୁର, ବିଳାସପୁର ଓ ଦୁର୍ଗ ନାମକ ୩ଟି ବ୍ରିଟିଶ୍-ଶାସିତ ଜିଲ୍ଲାସମ୍ବଳିତ ଜଣେ କମିସନରଙ୍କ ଅଧୀନସ୍ଥ ବିଭାଗକୁ ବୁଝାଉଅଛି। ଛତିଶିଗଡ଼ ଡିଭିଜନର ଗଡ଼ଜାତମାନଙ୍କ ନାମ :—ବସ୍ତର, ଚାଙ୍ଗଭାକର, ଛୁଇଖଦାନ, ଯାଶପୁର, କାଙ୍କେର, କୱାରଦା, ଖଇରାଗଡ଼, କୋରିଆ, ରାୟଗଡ଼, ନାନ୍ଦଗାଁ, ଶକ୍ତି, ସାରଙ୍ଗଗଡ଼, ସରଗୁଜା, ଉଦୟପୁର, କୋଣ୍ଡ୍ରା, ରାୟପୁର, ଇଳିଦରିଆ, ଫୁଲଝର, ଖଡ଼ିଆଳ, ମକରାଇ। କଳାହାଣ୍ଡି ପୂର୍ବେ ଛତିଶିଗଡ଼ ଇଲାକାରେ ଥିଲା। ବର୍ତ୍ତମାନ ତାହା ଓଡ଼ିଶା ଗଡ଼ଜାତ ଅନ୍ତର୍ଭୁକ୍ତ ହୋଇଅଛି। ବର୍ତ୍ତମାନ ଛତିଶଗଡ଼ ଅନ୍ତର୍ଗତ ଗୁଡ଼ିଏ

୧	ଇ	ଉ	ର୍,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଏ	ଡ଼ଅ	ଢ଼
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଡ଼	ନ୍

ଗଡ଼ଜାତ (ଯଥା,—ଯାଶପୁର, ବସ୍ତର, ସରଗୁଜା, ଖଡ଼ିଆଲ, ଫୁଲଝର, ରାଯ଼ଗଡ଼)ରେ ଅନେକ ଓଡ଼ିଆ ବାସ କରନ୍ତି ଓ ପ୍ରକୃତରେ ଏମାନ ଓଡ଼ିଆଭାଷୀ ଅଞ୍ଚଳ ଅଟେ ଓ ରାଯ଼ପୁର ଏବଂ ବିଳାସପୁର ଜିଲ୍ଲାର କେତେକ ଅଂଶ ମଧ୍ୟ ଓଡ଼ିଆଭାଷୀ ଅଟେ ।]

ଛତିଶଗଡ଼ି—ଦେ. ବି—ଛତିଶଗଡ଼ରେ କଥିତ ହିନ୍ଦି ଭାଷାର ଏକ ଶାଖା ବା ପ୍ରାଦେଶିକ କଥିତ ରୂପ—A dialect of Hindi current in Chhatiśagarda area of the Central Province.
Chhatiśa-gardi
ছত্রিশগড়ী
छत्तीशगड़ी

ଦେ. ବିଣ—୧ । ଛତିଶଗଡ଼ ସମ୍ବନ୍ଧୀଯ଼—
1. Pertaining to Chhtiśagarda.
୨ । ଛତିଶଗଡ଼ରେ ଉତ୍ପନ୍ନ—
2. Produced in Chhatiśagarda.
୩ । ଛତିଶଗଡ଼ରେ କଥିତ—
3. Spoken in the Chhatiśagarda area.

ଛତିଶଗଡ଼ିଆ—ଦେ. ବିଣ—ଛତିଶଗଡ଼ରେ ବାସ କରୁଥିବା—
Chhatiśagardiā (person) Belonging to Chhatiśagarda.
(ଛତିଶି ଗଡ଼ିଆ—ଅନ୍ୟରୂପ)

ଛତିଶ ପାଟକ—ଦେ. ବି—ହିନ୍ଦୁ ଶୂଦ୍ରମାନଙ୍କ ମଧ୍ୟରେ ଥିବା ଛତିଶଟି ବାଟୁଆ ଜାତି—The thirty six sub-sectins amongst the Śūdras
Chhatiśa pātaka
নবশাখ

ଆପେ ଛତିଶପାଟକ ଆପେ ବନ୍ଧେ କାନ—ପ୍ରାଚୀ, ବ୍ରହ୍ମଜରୂପଣଗୀତା ।

[ଦ୍ର—ଶୂଦ୍ରମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଶାଖା ବା ବୃତ୍ତି-ଅବଲମ୍ବନକାରୀ ବିଭାଗମାନଙ୍କୁ ପାଟକ ବୋଲାଯାଏ । ପ୍ରତ୍ୟେକ ପାଟକର ସାମାଜିକ ସଭା ଅଛି । ଉକ୍ତ ଜାତିର ରୀତିନୀତିକୁ ଏହି ସଭା ତନଖି କରନ୍ତି ଓ ସାମାଜିକ ନିଯ଼ମ ଲଙ୍ଘନକାରୀ ବ୍ୟକ୍ତିଙ୍କୁ ଦଣ୍ଡ ଦିଅନ୍ତି । ଆଧୁନିକ କାଳରେ ସମାଜରେ ଗୁଡ଼ିଏ ଉପଜାତିର ସୃଷ୍ଟି ହୋଇଥିବାରୁ ଏ ୩୬ ପାଟକଙ୍କ ସଂଖ୍ୟା କରିବା ଦୁରୂହ । ଯଥା—ଚଷା, ଗଉଡ଼, ଭଣ୍ଡାରି, ଗୁଡ଼ିଆ, ତେଲି ; ପାଟକ ତଳେ ନୋଟ ଦେଖ ।]
(ଛତିଶି ପାଟକ—ଅନ୍ୟରୂପ)

ଛତିଶା—ଦେ. ବିଣ. (ତୁଳ. ସଂ. ଛତ୍ୱର=ଧୂର୍ତ୍ତ)—
Chhatiśā ୧ । ଜାରଜ; ଅଜ୍ଞାତପିତୃକ; ବହୁପିତୃକ—
—খবীস
छत्तीसा
1. Illegitimate; bastard; of unkown parentage; one whose father can not be fixed upon; born of a whore.
୨ । ଦୁଷ୍ଟ; ଖେଚେଡ଼ା; ଖଚସା—
2. Wicked; wanton.
୩ । ଚତୁର; ଧୂର୍ତ୍ତ; ଛଳପୂର୍ଣ୍ଣ—
3. Cunning; artful.
୪ । ଛତିଶ ସଂଖ୍ୟା ବା ପରିମାଣଦ୍ୱାରା ପରିମିତ—
4. Measured by a standard of 36.

ଛତିଶା ନିଯୋଗ—ଦେ. ବି—ପୁରୀର ଶ୍ରୀଜଗନ୍ନାଥଙ୍କର ଓ ଅନ୍ୟ ପ୍ରସିଦ୍ଧ ଦେବତାମାନଙ୍କର ସବୁ ଶ୍ରେଣୀର ଶୂଦ୍ର ଓ ବ୍ରାହ୍ମଣ ସେବକ—All classes of servants of the Deity Jagannātha at Purī.
Chhatiśā nijoga

[ଦ୍ର—ସମ୍ଭବତଃ ଏ ସେବକମାନେ ପ୍ରଥମେ ଛତିଶ ଶ୍ରେଣୀରେ ବିଭକ୍ତ ହେଲେ, ତେଣୁ ଏହି ନାମ; କିନ୍ତୁ ବର୍ତ୍ତମାନ ଦେଖାଯାଏ ଯେ, ପୁରୀ ବଡ଼ଦେଉଳରେ ୯୭ ଶ୍ରେଣୀର ଭିନ୍ନ ଭିନ୍ନ ଜାତୀଯ଼ ସ୍ତ୍ରୀ ଓ ପୁରୁଷ ସେବକ ଓ କର୍ମଚାରୀ ଅଛନ୍ତି । (ବ୍ରଜକିଶୋର ଘୋଷଙ୍କ ସଙ୍କଳିତ ଇଂରାଜୀ ଭାଷାରେ ଲିଖିତ ପୁରୀର ଇତିହାସରୁ (The History of Purī) ସଂଗୃହୀତ) ଯଥା—୧. ସ୍ୱଯ଼ଂ ପୁରୀ ମହାରାଜା-ରଥ ସମଯ଼ରେ ଦେବତାଙ୍କ ପହଣ୍ଡିବିଜେ କଲାବେଳେ ଛେରାପହଁରା ସେବା; ୨. ମୁଦିରଥ—ରାଜାଙ୍କ ପ୍ରତିନିଧି, ରାଜାଙ୍କ ଅନୁପସ୍ଥିତିରେ ସେବାକାର୍ଯ୍ୟ ଚଳାଇବା; ୩. ପୂଜାପଣ୍ଡା—ନୈବେଦ୍ୟ ଦେବା; ୪. ଭିତରଛୁ—ଦେଉଳ ଦୁଆର ଫିଟାଇବା, ଭୋଗ ସମଯ଼ରେ ଜଗିବା, ବେଶ କରିବା; ୫. ତଳଛୁ—ପରିଛଙ୍କ ପ୍ରତିନିଧି; ୬. ପଶୁ-ପାଳକ—ବେଶ କରିବା; ୭. ଦଇତା—ସିଂହାସନରୁ ଦେବତାଙ୍କୁ ନେଇ ରଥରେ ବିଜେ କରାଇବା ଓ ବାହୁଡ଼ାଇ ଆଣିବା ଏବଂ ଅଣସର ସମଯ଼ରେ ସେବା କରିବା; ୮. ପାଳିଆ ମହାପାତ୍ର—ଅଣସର ସମଯ଼ରେ ସେବା; ୯. ମୁଦୁଲି—ଜଯ଼ବିଜଯ଼ ଦ୍ୱାରର ଜଗୁଆଳ ଓ ଭଣ୍ଡାର ଜଗୁଆଳ; ୧୦. ମହାଜନ—ପାର୍ଶ୍ୱଦେବତାଙ୍କୁ ନରେନ୍ଦ୍ରକୁ ନେବା-ଆଣିବା କରିବା; ୧୧. ମୁଖସିଂହାରଦତ୍ତ—ତିନି ଦିଅଙ୍କର ମୁଖ ଚିତ୍ର କରିବା; ୧୨. ଭଣ୍ଡାର ମେକାପ—ଦେବତାଙ୍କ ପୋଷାକ, ଅଳଙ୍କାର ଓ ଭଣ୍ଡାରର ଜଗିଆ; ୧୩. ଚାଙ୍ଗଡ଼ା ମେକାପ—ଦେବତାଙ୍କ ପୋଷାକ ଓ ଅଳଙ୍କାରମାନ ପିନ୍ଧାଯିବା ପାଇଁ ଡାଲାରେ ସଜାଇବା; ୧୪. ଖୁଣ୍ଟିଆ—ପଶୁପାଳକମାନଙ୍କୁ ଡାକିବା, ଘୋଡ଼ାଙ୍କ ଖବର ବୁଝିବା; ୧୫. ଅଖଣ୍ଡ ମେକାପ—ପ୍ରଦୀପ ଜଳାଇବା; ୧୬. ଗରାବଡ଼ୁ—ପୂଜାପଣ୍ଡାଙ୍କ ନିକଟରେ ପାଣିଗରା ରଖିବା; ୧୭. ପତ୍ରୀବଡ଼ୁ—ପୂଜାପଣ୍ଡାଙ୍କ ନିକଟରେ ଫୁଲ ତୁଳସୀ ରଖିବା; ୧୮. ପନ୍ତିବଡ଼ୁ—ପୂଜାର ନୈବେଦ୍ୟ ପୂଜାପଣ୍ଡାଙ୍କ ନିକଟରେ ରଖିବା; ୧୯. ସୁଆରବଡ଼ୁ—ପୂଜାସ୍ଥାନ ଝାଡ଼ିବା ଓ ଦେବ-ତାଙ୍କ ଆଗରେ ଭୋଗ ଥୋଇବା; ୨୦. ହଡ଼ପନାଯ଼କ—ଭୋଗ ପରେ ଦେବତାଙ୍କୁ ପାନ ଓ ମସଲା ଯୋଗାଇବା; ୨୧ ଶୁଦସୁଆର—ଭୋଗ ସାରି ହେଲେ ତାହା ଉଠାଇ ନେବା; ୨୨. ଜଗିଆ—ଭୋଗ ସମଯ଼ରେ ପହରା ଦେବା; ୨୩. ମୁଖପଖାଳ ପଢ଼ିଆରି—ଦେବତାଙ୍କ ଦାନ୍ତକାଠି ଓ ମୁହଁଧୁଆ ପାଣି ଯୋଗାଇବା; ୨୪. ଅସ୍ଥାନ ପଢ଼ିଆରି—ପର୍ବ ସମଯ଼ରେ ଡାକ ଦେବା; ୨୫. ପଟଶେଜ ମେକାପ—ଦେବତାଙ୍କ ଶଯ୍ୟାରଚନା କରିବା; ୨୬. ପୁରାଣ ପଣ୍ଡା—ପୁରାଣ ପାଠ କରିବା; ୨୭. ଡମ୍ବରୁ ସେବକ—ଜଯ଼ବିଜଯ଼ ଦ୍ୱାର ନିକଟରେ ମେଘଡମ୍ବରୁ ବା ଢୋଲ ଯୋଗାଇବା;

ସାଧାରଣ ଲୋକେ ଅପଢ଼ ପୃଷ୍ଠାରେ ହ୍ରସ୍ୱ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ, 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଳଙ୍ଘ' ନ ପାଇଲେ 'ଅଲଙ୍ଘ' ଦେଖିବେ ।

୨୮. ସୁଆର—ପାକାଦି କାର୍ଯ୍ୟ କରିବା; ୨୯. ବଡ଼ସୁଆର ସୁଆର—ସମର୍ଥାଠାରୁ ରାନ୍ଧିବା ପାଇଁ ଜିନିଷ ନେଇ ସୁଆରଙ୍କୁ ଦେବା; ୩୦. ମହାସୁଆର—ଭୋଗ ରାନ୍ଧିବାର ପ୍ରଧାନ ପାଚକ; ୩୧. ବୋଷ ପାଇକ—ବୋଷ ଘରେ ଅଲୁଅ ଦେବା ଓ ଭୋଗ ସଙ୍ଗେ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଆସିବା, ୩୨. ଶିକାଧୁଆ ସୁଆର—ବୋଷଘରୁ ଭୋଗ ହେବାପାଇଁ ପଦାର୍ଥମାନ ମନ୍ଦିର ମଧ୍ୟକୁ ଯେଉଁ ଶିକାରେ ବୁହା ହୁଏ, ତାକୁ ଧୋଇବା; ୩୩. ବାହାର ଦେଉଳ ସୁଆର—ଜଗନ୍ନାଥଙ୍କ ବେଢ଼ା ମଧ୍ୟରେ ଥିବା ଅନ୍ୟ ଦେବତାଙ୍କ ଭୋଗ କରିବା; ୩୪. ପଡ଼ିଆରୀ, ଗୋଛିକାର ଓ ଦୁଆର ନାୟକ—ଦେଉଳର ଦ୍ୱାର ଦୁଆର ଜଗିବା ଓ ଅମଣିଆଁ ଆସିଲାବେଳେ ଦକ୍ଷିଣ ଦୁଆରେ କାଳେ ଲୋକଙ୍କୁ 'ଆଡ଼ ହୋ' ବୋଲି ଆଦେଶ ଦେବା; ୩୫. ପ୍ରସାଦବଡ଼ୁ—ଶୁଖିଲା ଅମୁଣିଆଁ ଦିଅଁଙ୍କ ଆଗରେ ରଖିବା; ୩୬. ଛତାଧରା—ଯାତ୍ରା ସମୟରେ ଧଳା ଓ କଳା ଛତା ବୁହାଇବା; ୩୭. ତରାସିଆ—ଯାତ୍ରା ସମୟରେ ତ୍ରାସ ଧରିବା; ୩୮. ଫାଉକ—ଭଣ୍ଡାର ଜଗିଆ; ୪୯. ବିମାନବଡ଼ୁ—ଯାତ୍ରାଦିରେ ଦେବତାମାନଙ୍କ ବିମାନ କାନ୍ଧେଇବା; ୪୦. ଛାମୁ ଦିହୁଡ଼ିଆ—ଦେବତାଙ୍କ ଆଗରେ ମଶାଲ ଧରିବା; ୪୧. ପାଣିଆଁ—ବୋଷେଇ ପାଇଁ ଜଳ ଯୋଗାଇବା; ୪୨. ପାଣି ଆପଟ—ପାଣି ବୁହାଇବା ଓ ବାସନ ମାଜିବା; ୪୩. ଲୁଗାଧୁଆ—ଦେବତାଙ୍କ ଲୁଗା ଧୋଇବା ଓ ଶୁଖାଇବା; ୪୪. ଘଟୁଆରି—ଚନ୍ଦନ ଘୋରିବା; ୪୫. ଚୂନରା—ଗରୁଡ଼ ପ୍ରଭୃତିଙ୍କ ସେବା କରିବା, ଏକାଦଶୀ ଦିନ ଦେଉଳର ଶିଖରକୁ ମହାଦୀପ ଉଠାଇବା ଓ ପତାକା ରକ୍ଷା କରିବା; ୪୬. ଧୋ ପଖାଳିଆ—ବୋଷ ଧୋଇ ସଫା କରିବା; ୪୭. ଅଙ୍ଗାରୁଆ—ବୋଷଘରୁ ପାଉଁଶ କାଢ଼ିବା; ୪୮. ସମର୍ଥୀ—ବୋଷ ପାଇଁ ଡାଲି ରଗଡ଼ିବା; ୪୯. ରୁବାଡ଼ିଆ—ବୋଷ ଅଗଣା ଓଳାଇବା; ୫୦. ପଶାପାବଡ଼ୁ—ପୂଜା ପଣ୍ଡାଙ୍କ ନିକଟରେ ପୂଜାବାସନ ରଖିବା; ୫୧. ପଧାନୀ—ପରିଚ୍ଛଙ୍କ ହାତକୁ ସୁନାବେତ ଦେବା ଓ ମୁକ୍ତିମଣ୍ଡପ ବ୍ରାହ୍ମଣଙ୍କୁ ଭୋଜନ ଦେବା; ୫୨. ଲେଙ୍କା—ପିଆଦା; ୫୩. ଦଳବେହେରା—ପ୍ରହରୀଙ୍କ ସରଦାର; ୫୪. ପାଇକ—ପ୍ରହରୀ; ୫୫. ଦ୍ୱାରୀ—ଦ୍ୱାରରକ୍ଷକ; ୫୬. ବୀଣାକାର—ବୀଣାବାଦକ; ୭. କାହାଳିଆ; ୫୮. ମହୁରିଆ ବା ଭୂରୀବାଦକ; ୫୯. ଘଣ୍ଟୁଆ; ୬୦. ଭୁଲାବଣ୍ଟା ବା ହାଣ୍ଡି ଯୋଗଣିଆ, ଭଣ୍ଡାରକୁ ଓ ବୋଷକୁ ହାଣ୍ଡି ଦେବା ଓ ସନ୍ଧ୍ୟାଧୂପ ଅମୁଣିଆ ବୁହାବେଳେ ଦୀପ ଦେଖାଇବା; ୬୧. ଝମ୍ପଡ଼ିଆ ବା ବଜନ୍ତ୍ରୀ—ବାଜାଦାର; ୬୨. ନାଗରଚି; ୬୩. ନହବତବାଲା ନାଗରଚି; ୬୪. ଗୀତଲବନ୍ଧ; ୬୫. ଖଡ଼ିକା ସୁଆଁସିଆ—ଜଗମୋହନ ଓଳାଇବା; ୬୬. ନଳାଡ଼ୁରୁଡ଼ା—ନଳାର ପାଣି ସଫା କରିବା; ୬୭. ଶଙ୍ଖୁଆ; ୬୮. ମାଦଳୀ—ଦେବଦାସୀଙ୍କ ନାଚବେଳେ ମାଦଳ ବଜାଇବା; ୬୯. ଦାସୀ, ମାହାରୀ, ରଙ୍ଗସେବକ—ନର୍ତ୍ତକୀ; ୭୦. ଭିତରଗାଉଣୀ—ଜଗନ୍ନାଥଙ୍କ ଚନ୍ଦନଯାତ୍ରା ବେଳେ ଗୀତ ବୋଲିବା; ୭୧. ଦର୍ପଣିଆଁ—ପୂଜାବେଳେ ଦେବତାଙ୍କ ଆଗରେ ଦର୍ପଣ ଦେଖାଇବା; ୭୨. ବିଦାଣି—ବଣିଆଁ; ୭୩. ବଢ଼େଇ; ୭୪. କୁମାର ବଣେଇ—ହାଣ୍ଡି ଯୋଗାଇବା; ୭୫. ପଥୁରିଆ—ମିସ୍ତ୍ରି; ୭୬. କରତି; ୭୭. ରୂପକାର—ମୂର୍ତ୍ତିଗଢ଼ିବା; ୭୮. ଚିତ୍ରକର—ରଙ୍ଗଦେବା; ୭୯. ସୁଆଁସିଆ—ବୋଷକୁଆଁଣି ଓ ମୂଲିଆକାମ କରିବା; ୮୦. ଛୁପଦଳେଇ—ଚନ୍ଦନଯାତ୍ରା ସମୟରେ ଛୁପ ଚଳାଇବା; ୮୧. ଦରଜୀ ବା ସିପୁଟି—ସିଲାଇକାମ; ୮୨. ପାତ୍ର—ମାଳାଗୁନ୍ଥିବା; ୮୩. ତଅଁରି—କଂସାବାସନ ତିଆରି କରିବା; ୮୪. ମାହୁନ୍ତ—ହସ୍ତିଚାଳକ; ୮୫. ଗୁଣବନ୍ଧୁଆ—ଦଉଡ଼ି ବଳିବା; ୮୬. ବୋହିଆ—କୁମ୍ଭାରଘରୁ କୁଡ଼ୁଆ ଆଣିବା; ୮୭ ଚକ୍ର ଦିହୁଡ଼ିଆ—ଚକ୍ରମସାଲ ଧରିବା; ୮୮. ଭୂଲାଉଣା; ୮୯. ଦୋଶାଖା—ଦୁଇ ଶାଖାଯୁକ୍ତ ମସାଲ ଧରିବା; ୯୦. ଖୁରିଘର ନାୟକ—ସମୟଜ୍ଞାପକ ଘଣ୍ଟା ବଜାଇବା; ୯୧. ଭଣ୍ଡାରନାୟକ—ଭଣ୍ଡାରର ହିସାବ ଲେଖିବା; ୯୨. ତଢ଼ଉ—ମୋହରର; ୯୩. ଦେଉଳ କରଣ—ମାଦଳାପାଞ୍ଜି ଓ ହିସାବ ଲେଖିବା; ୯୪. ଶୃଙ୍ଗାଡ଼ା କରଣ—ଭଣ୍ଡାରର ଲୁଗିବସ୍ତ୍ର ଓ ଅଳଙ୍କାରର ହିସାବ ଲେଖିବା; ୯୫. ମହାସେଠୀ ବା ମଢ଼ିଆଲ—ଲୁଗାକାଚିବା; ୯୬. ପାଳିଆ ମାହାର—ବେଢ଼ା ମଧ୍ୟରୁ ମଇଳା ସଫା କରିବା; ୯୭. ଛତିଶାନିଯୋଗନାୟକ—ଛତିଶା ନିଯୋଗମାନଙ୍କର ଅଧ୍ୟକ୍ଷ ।

ଏଥିରେ ପରିଚ୍ଛା, ପରକରଣ, ପଣ୍ଡୀ, ଗରାବଡ଼ୁ ଆଦି କେତେଗୁଡ଼ିଏ ନାମ ନାହିଁ । ବୋଧ ହୁଏ, ଦେଉଳ କରଣ ଓ ପରିକରଣ ଏକ, ପଡ଼ୀ ବଡ଼ୁ ଓ ପଣ୍ଡୀ ଏକ । ପରିଚ୍ଛା—ମନ୍ଦିର ପରିଚାଳନ, ସେବା, ଯାତ୍ରାଦି ତନଖିବାର ସର୍ବଶ୍ରେଷ୍ଠ ରାଜକର୍ମଚାରୀ । ବୋଧ ହୁଏ ଏହି ୯୭ଶ୍ରେଣୀ ମଧ୍ୟରୁ ବଶିଷ୍ଟ ୩୬ ଟି ଶ୍ରେଣୀ ଯୋଗୁଁ 'ଛତିଶାନିଯୋଗ' ଶବ୍ଦ ଚଳିଅଛି ।

ବନ୍ଧୁ ମାଦଳା ପାଞ୍ଜିରେ ନିମ୍ନଲିଖିତ ସେବକ ଓ ସେବାମାନଙ୍କର ଉଲ୍ଲେଖ ଅଛି—

୧. ପାଣିଛଡ଼ା ପଣ୍ଡା ସେବକ ସେବା, ୨. ପଶୁପାଳକ ସେବା; ୩. ଛାମୁଖଣ୍ଡିଆ ସେବା; ୪. ଶ୍ରୀମୁଖଶିହାରୀମାନ ସେବା; ୫. ଶୃଙ୍ଗାଡ଼ା ମେକାପ ସେବା; ୬. ଭିତରଭଣ୍ଡାର ମେକାପ ସେବା; ୭. ଅଖଣ୍ଡ ମେକାପ ସେବା; ୮. ଶଯ୍ୟା ମେକାପ ସେବା; ୯. ସୁଆର ବଡ଼ ସେବା; ୧୦. ପଣ୍ଡୀବଡ଼ୁ ସେବା; ୧୧. ଭିତର ଗରାବଡ଼ୁ ସେବା; ୧୨. ବାହାର ଗରାବଡ଼ୁ ସେବା, ୧୩. ହଡ଼ପ ନାୟକ ସେବା; ୧୪. ପାନ ଯୋଗଣିଆ ସେବା; ୧୫. ମୁଦୁସୁଆର ସେବା; ୧୬. ବ୍ରାହ୍ମଣ ବରଟିଆ ମୁଦୁଲି ସେବା; ୧୭. ସନ୍ଧ୍ୟାଧୂପ ଜୟମଙ୍ଗଳାଳତି ସେବା; ୧୮. ପ୍ରସାଦବଡ଼ୁ ସେବା; ୧୯. ଫୁଲବଡ଼ୁ ସେବା; ୨୦. ବିମାନବଡ଼ୁ ସେବା, ୨୧. ଦରପଣିଆଁ ସେବା; ୨୨. ପୁରାଣ ପଣ୍ଡା ସେବା; ୨୩. ଧ୍ୱଜାଧରା ସେବକ ସେବା; ୨୪. ସୁନା ଚନ୍ଦ୍ର ସୂର୍ଯ୍ୟ କଳାପାଟ ବୋଷସେବକ ସେବା; ୨୫. ଉପରର

୧	ଇ	ଉ	ଋ,ଌ	ଡ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ୍ଯ	ତ୍ଥ	ଞ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଢ଼	ନ୍ନ

ଘୃତମଇସେବକ ସେବା; ୨୬. ରତ୍ନାଲଙ୍କ ସେବକ ସେବା; ୨୭. ଖଦ ବନ୍ଧିବା ସେବକ ସେବା; ୨୮. ସୁନା ବେତ ସେବକ ସେବା; ୨୯. ପାହାନ୍ତ କବାଟ ଫେଡ଼ା ସେବକ ସେବା; ୩୦. ଦଅଣାମାଳ ଗୋଷ୍ଟଇତ ସେବକ ସେବା; ୩୧. ସୁନା, ରୂପା ତମ୍ବା, କଂସା ଯୋଗାଡ଼ ମହାସେବକ ସେବା; ୩୨. ପଣି ଆପଟ ସେବକ ସେବା; ୩୩. ରତ୍ନକମ ବଜାଣି ସେବକ ସେବା; ୩୪. ସୁନା, ରୂପା, ମାଠ, କମଣ୍ଡଳ ଣି ସେବକ ସେବା; ୩୫. ସୋଲ ବଡ଼ା ବଜାଣି ସେବକ ସେବା; ୩୬. ଚୁନରା ମହାରଣା ସେବକ ସେବା. ୩୭. ସିପୁଟି ମହାରଣା ସେବକ ସେବା; ୩୮. ଘଣ୍ଟା ବାଜଣା ସେବକ ସେବା; ୩୯. ଖୀରକାହାଳଆ ସେବକ ସେବା; ୪୦. ପାହାନ୍ତ ଅବକାଶ ନିଦ୍ରା ଆଳସ୍ୟ ଭାଙ୍ଗିବା ସେବକ ସେବା ବା ପାଣିସଙ୍ଗୁଆ ସେବକ ସେବା; ୪୧. ଧୂପ ଶଙ୍ଖ ମହୁରିଆ ସେବକ ସେବା; ୪୨. ଯୋଡ଼ି କାହାଳିଆ ସେବକ ସେବା; ୪୩. ମାଦେଳ ମୃଦଙ୍ଗ ସେବକ ସେବା, ୪୪. ଛୁପଙ୍ଗିଆ ସେବକ ସେବା; ୪୫. ବାଇଁସିକାର ସେବକ ସେବା; ୪୬. ଚଉଷଠି ସମ୍ପ୍ରଦା; ୪୭. ମୀନନାୟକ ସେବକ ସେବା; ୪୮. ଗୀତ ଗାଣ ସେବକ ସେବା; ୪୯. ଯନ୍ତ୍ରକାର ସେବକ ସେବା; ୫୦. ଉବାଦ ସେବକ ସେବା; ୫୧. ବଢ଼ାଇ ମହାରଣା ସେବକ ସେବା; ୫୨. କରତ ମହାରଣା ସେବକ ସେବା; ୫୩. ସୁନା ହନୁଡ଼ି ସେବକ ସେବା; ୫୪. ତାମ୍ରା ମହାରଣା ସେବକ ସେବା; ୫୫. କଂସାରୀ ମହାରଣା ସେବକ ସେବା; ୫୬. ଅଷ୍ଟଲୋହ ମହାରଣା ସେବକ ସେବା; ୫୭. ପାଟରା ବଜାଣି ସେବକ ସେବା; ୫୮. ସୁଗନ୍ଧ ଘଟୁଆର ସେବକ ସେବା; ୫୯. ବେଷ ଛତିଶା ନିଯୋଗ ସେବା; ୬୦. ପିଠା ସୁଆର ସେବକ ସେବା; ୬୧. ବଗଡ଼ା ପିଠା ସେବକ ସେବା; ୬୨. ମହାସୁଆର ସେବକ ସେବା; ୬୩. ଗିରସୁଆର ସେବକ ସେବା; ୬୪. ତଅଣ ସୁଆର ସେବକ ସେବା; ୬୫. ପଣାସୁଆର ସେବକ ସେବା; ୬୬; ପାଚେଲି ସୁଆର ସେବକ ସେବା; ୬୭. ତୋଲାବଡ଼ୁ ସେବକ ସେବା; ୬୮. ପନ୍ତି ବଡ଼ସେବକ ୬୯. ଭିତର ବଢ଼ା ସେବକ; ୭୦. ଭୋଗ ମୁଣୋହି ଘରେ ମୁରୁଜ ଦେବା ସେବକ ସେବା; ୭୧. ଘିଅ ପରସା ସେବକ ସେବା; ୭୨. ବ୍ରାହ୍ମଣ ସମରଥା ସେବକ ସେବା; ୭୩. ଶୂଦ୍ର ସମର୍ଥା ସେବକ ସେବା; ୭୪. ବେଷସରଘର ମେକାପ ସେବା; ୭୫. କୁଆଉଡ଼ା ସେବକ; ୭୬. ଭୁଲାବଣ୍ଡ ସେବା; ୭୭. ବେଷଦ୍ୱାର ଜଗଆ ବ୍ରାହ୍ମଣ ପାଇକ ସେବା; ୭୮. ବେଷ ସରଘର ଜଗିଆ ଶୂଦ୍ର ସେବକ ସେବା; ୭୯. ବେଷ ଧୋପଖାଳିଆ ସେବକ ସେବା; ୮୦. ବେଷ ଅଙ୍ଗାରିଆ ସେବକ; ୮୧. ବେଷ ଭଣ୍ଡାର ମେକାପ ସେବା; ୮୨. ପାହାଡ଼ା ଘର ମେକାପ ସେବା; ୮୩. ଦୁଆର ନାୟକ ସେବା; ୮୪. ଛତା ସେବକ ସେବା; ୮୫. ସୁଆଁସିଆ ସେବକ; ୮୬. ସୁଆଁସ ସରଘର ମେକାପ ସେବା; ୮୭. ବେଣ୍ଟ ବଜାଇତ ସେବା; ୮୮. ଆସ୍ଥା ମହାଜନ ସେବକ ସେବା; ୮୯. ଭଣ୍ଡାରଦ୍ୱାର ଜଗିଆ ସେବକ; ୯୦. ସିଂହଦ୍ୱାର ପ୍ରତିହାରି ନିଯୋଗ ସେବା; ୯୧. ପରବଯାତ୍ରା ପ୍ରତିହାରୀ ସେବକ ସେବା; ୯୨. ଆସ୍ଥାନ ପ୍ରତିହାରୀ ସେବକ ସେବା; ୯୩. ବୃନ୍ଦାବନ ନାୟକ ସେବା; ୯୪. ମଣ୍ଡଣି ଖୁଣ୍ଟିଆ ସେବକ ସେବା, ୯୫. ଗୃପଦଲାଇ ସେବକ ସେବା; ୯୬. ଆଲତିଆ ସେବକ ସେବା; ୯୭. ହାଟ ସେବକ ସେବା; ୯୮. ପଦ୍ମକଦଳୀ ତୋଟାସେବକ ସେବା; ୯୯. ତୋଟାମାନର ମାଳ ଗୁଡ଼ିସେବକ ସେବା; ୧୦୦. ଅନ୍ନବୈଦ୍ୟ ସେବକ ସେବା; ୧୦୧. ଶସ୍ତ୍ର ବୈଦ୍ୟ ସେବକ ସେବା; ୧୦୨. ଦୁଧ ଘର ସେବକ ସେବା; ୧୦୩. ଦୁଧ ଘର ଜଗିଆ ପାଇକ ସେବା; ୧୦୪. ତଅଣ ନିଯୋଗ ବଶୋଇ ସେବା; ୧୦୫. ଗଉଡ଼ ନିଯୋଗ ବଶୋଇ ସେବା; ୧୦୬. କୁମ୍ଭାର ନିଯୋଗ ବଶୋଇ ସେବା; ୧୦୭. ଅମୃତ ମଣୋହି ଖଟିବା ବଶୋଇ ସେବକ ସେବା; ୧୦୮. ଗୁଆଟିଆ ବଶୋଇ ସେବକ ସେବା; ୧୦୯. ପାଟ ହାଣ୍ଡି ମାହାନ୍ତ ସେବକ ସେବା; ୧୧୦. ଧାନ ଘର ସେବକ ସେବା; ୧୧୧. କୋଠାଇତ ସେବକ ସେବା; ୧୧୨. ଭୁଣ୍ଡିଆ ମୁହୁଲି ସେବକ ସେବା; ୧୧୩. ଧାନ ଘର ଜଗିଆ ସେବା; ୧୧୪. ଦେଉଳ ଆଫୁଟନ ଭିତର ବାହାର ବେହେରା ସେବକ ସେବା; ୧୧୫. ଗୁହାରିଆ ପ୍ରଧାନୀ ସେବକ ସେବା; ୧୧୬. ଚକ୍ରରିଆ ଲେଙ୍କା ସେବା; ୧୧୭. ତୀର୍ଥ ମାଟିଆ ସେବକ; ୧୧୮. କ୍ଷେତ୍ର ଜଗିଆ ମାଝି ସେବା; ୧୧୯. ବାଦ୍ୟକାର ସେବା; ୧୨୦. ଭୋଗ ପରୀକ୍ଷା ପଣ ସେବା।

ଦ୍ର—ମଦଲା ପାଞ୍ଜିରେ ଯେଉଁ ଭାଷାରେ ଏହି ସେବା ଓ ସେବକମାନଙ୍କର ନାମ ଉଲ୍ଲେଖ ଅଛି ଏଠାରେ ସେହି ଭାଷାରେ ସେଗୁଡ଼ିକର ଉଲ୍ଲେଖ କରାଗଲା ।]

ଛତିଶା ପବନ - ଦେ. ବି.—ଯେଉଁ ପବନ ସବୁଆଡ଼ୁ ବହୁଥାଏ; Chhatiśā pabana ଚଇତ୍ରଅଳ ବତାସ—A wind which blows from all quarters (in the month of Chaitra.)

ଛତିଶି (ଇତ୍ୟାଦି) – ଦେ. ବି. – ଛତିଶ ଇତ୍ୟାଦି (ଦେଖ) Chhatiśi (etc) Chhatiśa etc. See)

ଛତୁ—ଦେ. ବି. (ସଂ. ଛତ୍ର; ଛତ୍ରାକ; ଛତ୍ରିକା;)—୧ । ଶିଲୀନ୍ଧ୍ର; କାଠରୁ, ଭୂମିରୁ ବା ହୁଙ୍କାରୁ ବାହାରିବା ଛତାକାର କ୍ଷୁଦ୍ର ଜାତି, ଜାତୁ ଅପୁଷ୍ପକ ଉଦ୍ଭିଦ—1. Toadstool; mushroom; fungus; Agaricus. Chhatu **फोड़क, खुमी, छतरी.**

[ଦ୍ର—ଏହା ପଚା କାଠରୁ, ସଢ଼ା ଛଣରୁ, ଭୂଇଁ ଗାଈରୁ ହୁଙ୍କାରୁ ଓ ଗୋବରରୁ ବର୍ଷାଦିନେ ବାହାରେ । ଛତୁ ଅନେକ ରଙ୍ଗର ଓ ଆକାରର ହୁଏ । କେତେକ ଖାଦ୍ୟ, କେତେକ ଅଖାଦ୍ୟ ଓ କେତେକ ବିଷାକ୍ତ । ଛତୁ ବହୁତ ପ୍ରକାର ଯଥା—ବାଲି ଛତୁ, ପାଳ ଛତୁ, କାଠ ଛତୁ, ଭୂଇଁ ଛତୁ, ଗୋବର ଛତୁ, ମଣ୍ଡା ଛତୁ, ଖୁଦ ଛତୁ ବା ହୁଙ୍କା ଛତୁ, ରୁଗୁଡ଼ା ଛତୁ । ଛତୁର ଗୋଟିଏ ଡେମ୍ଫ ଓ ଗୋଟିଏ ଛତାକାର ଭୂମି ଥାଏ । ଏହାର ଚେର, ଫଳ,

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ଫୁଲ ବା ପତ୍ର ନ ଥାଏ । ପରୀକ୍ଷା କରି ଦେଖା ଯାଇଅଛି ଯେ ଯେଉଁଠାରେ ହୁଙ୍କାଭିତରେ ବା ଭୂଇଁତଳେ ଉଇ ବସା ଥାଏ, ସେଠାରେ ଉଇଠାଙ୍କୁରୁ ଛତୁ ଉପରକୁ ଉଠେ ।]

୨ । ଛତୁଆ (ଦେଖ)—2. Chhatuā (See)

୩ । ଚୂର୍ଣ୍ଣ; ଚୂନା—3. Powder.

ଦେ. ବିଣ—୧ । ଚୂର୍ଣ୍ଣବିଚୂର୍ଣ୍ଣ—1. Reduced to powder.

୨ । ଟିକିଟିକି ହୋଇ ଖଣ୍ଡରେ ବିଭକ୍ତ—2. Reduced or broken into many small bits.

ଛତୁଆ—ଦେ. ବି. (ସଂ. ଶକ୍ତୁ)—୧ । ବୁଟ, ଯବ, ଗହମ ଆଦି ଭଜା ହୋଇ କରା ଯାଇଥିବା ଚୂର୍ଣ୍ଣ—1. Corn-powder: flour of fried corn.
Chhatuā
ଛାତୁ

ଡଣାଶାକ, ପିଣ୍ଡାକ ଫଳ ସେ ଯବାନ୍ନ
ଛତୁଅ ଖାଇ ଯୋଗୀ ରହିବନ୍ତି ନାନ—କୃଷ୍ଣସିଂହ, ମହାଭାରତ, ଶାନ୍ତି ।

[ଦ୍ର—ଉତ୍ତର ପଶ୍ଚିମ ଅଞ୍ଚଳରେ ଓ ବିହାରରେ ଖାଦ୍ୟ-ସାମଗ୍ରୀରୂପେ ଏହାର ଭୂରି ଆଦର । ଏହାକୁ ପାଣିରେ ଚକଟି ଓ ମିଠା ମିଶାଇ ଖିଆ ଯାଏ । ବୈଶାଖ ମାସର ପଣାସଂକ୍ରାନ୍ତି ଦିନ ଲୋକେ ବ୍ରାହ୍ମଣଙ୍କୁ ଛତା, ବିଞ୍ଚଣା, ଛତୁଆ ଓ ପଣା ଦାନ କରନ୍ତି । କଞ୍ଚା ଶସ୍ୟର ଚୂନାକୁ ଅଟା ବା ଚୂନା କହନ୍ତି, ଭଜା ଶସ୍ୟର ଛତୁ ବା ଛତୁଆ କହନ୍ତି । ବୈଦ୍ୟଶାସ୍ତ୍ର ମତରେ ଯବର ଛତୁ ଅଗ୍ନିଦୀପକ, ବଳକାରକ, ଲଘୁ, କଫପିତ୍ତନାଶକ, ଶୁକ୍ରବର୍ଦ୍ଧକ, ଶରୀରର ଉପଚୟକାରକ, ଭେଦକ, ତୃପ୍ତିକାରକ, ଶ୍ରାନ୍ତି, ବ୍ରଣ ଓ ନେତ୍ରରୋଗ ନାଶକ ।]

୨ । ପୁରୀଜିଲ୍ଲାର ସତ୍ୟବାଦୀରେ ପ୍ରତିଷ୍ଠିତ ସାକ୍ଷୀଗୋପାଳଙ୍କୁ ଭୋଗ ଦିଆଯିବା ଦୋଭଜା ଖଇର ଚୂର୍ଣ୍ଣ (ଲୁହାର ଗୋଲ ଛାଞ୍ଚରେ ପୂରାଇ ଏହାକୁ ଗୋଲାକାର ଚକ କରାଯାଏ)—2. Powdered fried paddy offered to the Deity at Sakhigopal in the Puri district.

ଛତୁଆରି—ଦେ. ବି. (ସଂ. ଶତାବରୀ)—ଶତାବରୀ (ଦେଖ)
Chhatuāri Satābari (See)
ଛତୋରି } ଛତୌରି } ଅନ୍ୟରୂପ

ଛତୁଆ ସଂକ୍ରାନ୍ତି—ପ୍ରାଦେ. (ବାଲେଶ୍ୱର) ବି. (ଭୂଲ. ବି. ଛତୁସଂକ୍ରାନ୍ତି; ଏହିଦିନ ଛତୁଆ ବ୍ରାହ୍ମଣଙ୍କୁ ଦିଆଯିବାରୁ)—ପଣାସଂକ୍ରାନ୍ତି (ଦେଖ)
Chhatuā saṁkrānti
Panā-saṁkrānti (See)

ଛତୁ ଉଠାଇ ଦେବା—ଦେ. କ୍ରି—ସର୍ବନାଶ କରିବା—
Chhatu uṭhāi debā To ruin totally.
ଛାତୁତୁଲେଦେଓୟା

ଛତୁ କରିବା—ଦେ. କ୍ରି—୧ । ଚୂର୍ଣ୍ଣବିଚୂର୍ଣ୍ଣ କରିବା; ଧ୍ୱଂସ କରିବା—
Chhatu karibā 1. To reduce into powder; to annihilate.
ଛାତୁକରା

ଛତୁବନାଇବା } ଛତୁବନେଇବା } ଅନ୍ୟରୂପ

୨ । ବସ୍ତୁ ଟିକିଟିକି ଖଣ୍ଡରେ ବିଭକ୍ତ କରିବା—2. To turn into hundreds of tiny bits.

ଛତୁ ନକାଳିବା—ଦେ. କ୍ରି—ଛତୁ କରିବା (ଦେଖ)
Chhatu nikālibā Chhatu karibā (See)

ଛତୁ ଫଟାଇବା } ଛତୁ ଫଟେଇବା } ଅନ୍ୟରୂପ [ଦ୍ର—ଏହି ବାକ୍ୟ ଧମକାଣରେ ବ୍ୟବହୃତ ହୁଏ । ମୁଁ ତୋର ଛତୁ ନକାଳିବି =ମୁଁ ତୋତେ ଏପରି ପ୍ରହାର ଦେବି ଯେ ତୁ ଛତୁ ପରି ଟିକି ଟିକି ହୋଇ ଯିବୁ ।]

ଛତୁ ନକଲିବା—ଦେ. କ୍ରି—ଚୂର୍ଣ୍ଣବିଚୂର୍ଣ୍ଣିତ ହେବା; ବିନଷ୍ଟ ବା ଉଦ୍ଧ୍ୱସ୍ତ ହେବା; ଛତରଛତ୍ରଖାନ ହେବା—
Chhatu nikilibā To be annihilated; to be completely ruined; to be spoiled.
ଛାତୁହୟେଯାଓୟା

ଛତୁ ଫାଟିଯିବା } ଛତୁ ବନିବା } ଅନ୍ୟରୂପ

(ଯଥା—କୋଠା ଉପରୁ ଖସି ପଡ଼ିଲେ ତୋର ଛତୁ ନକଳି ଯିବ ।)

ଛତୁ ପରି ଉଠିବା—ଦେ. କ୍ରି—(ବର୍ଷା ଦିନେ ହୁଙ୍କାରୁ ବିଶେଷ ପରିମାଣରେ ଛତୁ ବାହାରିବା ପରି (କୌଣସି ପଦାର୍ଥ) ଅପର୍ଯ୍ୟାପ୍ତ ରୂପେ ଜାତ ହେବା—
Chhatu pari uṭhibā
ଛାତୁରମତଉଠା
(ଛତୁ ପରି ମାଡିବା—ଅନ୍ୟରୂପ) (a thing) To copiously spring up (like mushrooms in the rains.)

ଛତୁ ଫୁଟିବା—ଦେ. ବି—ଛତୁ ଭୂମିରୁ ବାହାରକୁ ଗଜା ମାରିବା—
Chhatu phuṭibā The shooting or coming out of the mushroom from the ground.
ଛାତୁଫୁଟା

ଛତୁ ମାଡିବା—ଦେ. ବି—ବର୍ଷା ଦିନେ ହୁଙ୍କାରୁ ବା ଭୂମିରୁ ବିଶେଷ ପରିମାଣରେ ଛତୁ ଜାତ ହେବା—
Chhatu māṭibā Mushrooms springing up copiously from the ground or ant hills.

ଛ ଲେ ଛତୁ ! ପାଣି ବରଷିଲେ କେତେ ତୁ ମୂରୁଛିତ ।

ଛତୁ ରସ—ଦେ. ବି—ଶସ୍ୟ ଚୂନାରେ ପ୍ରସ୍ତୁତ ଏକ ପ୍ରକାର ମିଷ୍ଟାନ୍ନ—
Chhatu rasa A sweetmeat prepared from the flour of grains.

ଛତୁ ସଂକ୍ରାନ୍ତି—ପ୍ରାଦେ. (ବାଲେଶ୍ୱର) ବି—
Chhatu saṁkrānti ଛତୁଆ ସଂକ୍ରାନ୍ତି (ଦେଖ)
Chhatuā saṁkrānti (See)

ଛତୋରି—ଦେ. ବି. (ସଂ. ଶତାବରୀ)—ଶତାବରୀ (ଦେଖ)
Chhatori Satābari (See)
(ଛତୌରି—ଅନ୍ୟରୂପ)

ଛତ୍ୱର—ସଂ, ବି. (ଛଦ ଧାତୁ + ସଂଜ୍ଞାର୍ଥେ. ବର)—
Chhatwara ୧ । କୁଞ୍ଜ; ଲତାକୁଞ୍ଜ—
1. A grove; a bower.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍ୟ	ଉଅ	ଞ
୨	ଈ	ଊ	ଋୂ	ଌୂ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଊ	ନ୍ନ

୨ । ଆଶ୍ରମ—2. Hermitage.

୩ । ଗୃହ—3. House (M W.).

ଛତ୍ର—ସଂ. ବି. (ଛଦ ଧାତୁ, ଣିଚ୍—ଛାଦ ଧାତୁ + କରଣ. ତ୍ର)—
Chhatra ୧ । ଛତା; ଛତି; ଆତପତ୍ର—
(ଛତ୍ରି—ଅନ୍ୟରୂପ) 1. Umbrella.

୨ । ରାଜଛତ୍ର—2. One of the insignia of royalty; an umbrella held over the head of a king.

୩ । ଛତୁ; ଛତ୍ରାକ—3. Mushroom; fungus

୪ । ଏକ ପ୍ରକାର ବିଷାକ୍ତ ଛତୁ; ଅତିଛତ୍ର (ହି. ଶବ୍ଦସାଗର)—
4. A kind of poisonous mushroom.

୫ । (+ ଭାବ. ତ୍ର) ଆବରଣ; ଆଚ୍ଛାଦନ—
5. Covering.

ଦେ. ବି—୧ । (ବଙ୍ଗୀୟ ଶବ୍ଦ) ରାଜା ବା ଠାକୁରଙ୍କ ଉପରେ ଅଳଙ୍କାର ରୂପେ ଖଞ୍ଜା ଯିବା ସୁନା ବା ରୂପାର ଛତି—
ছত্র ঝালর 1. Gold or silver umbrella set over a king or Deity as a decoration

୨ । (ସଂ. ସତ୍ର) ଅନ୍ନସତ୍ର—2. A public kitchen where cooked rice is distributed free to the needy during a famine.

୩ । ଜଳସତ୍ର—3. A place where water is distributed free to thirsty wayfarers during summer.

୪ । ମେଳା—4. A fair.
(ଯଥା—ହରିହର ଛତ୍ର ।)

୫ । ପଂକ୍ତି; ଅକ୍ଷରପଙ୍‌କ୍ତି—
5. Line; a line of letters.

୬ । ଖଏରାତ୍—6. Charitable distribution.

ପ୍ରାଦେ. (ଗଞ୍ଜାମ) ବି. (ମୂଳ. ତେଲୁଗୁ. ଛତ୍ରମୁ)—
ଧର୍ମଶାଳା—Choultry.

[ଦ୍ର—ମାନ୍ଦ୍ରାଜ ଅଞ୍ଚଳରେ ଯେଉଁ ଧର୍ମଶାଳାମାନ ଅଛି ସେ ସବୁକୁ ଚୌଲ୍‌ଟ୍ରି ବା ଛତ୍ରମ୍. କହନ୍ତି । ଅଧିକାଂଶ ଛତ୍ରରେ ଆଗନ୍ତୁକ ବ୍ୟକ୍ତି ୧ ବା ୨ ଦିନ ଭଡ଼ା ନ ଦେଇ ରହି ପାରିବାର ସୁବିଧା ଥାଏ ।]

ଦେ. ବି. (ସଂ. ସତ୍ର) ଯେଉଁ ସ୍ଥାନ ବା ଗଛରେ ସମସ୍ତଙ୍କର ପ୍ରବେଶାଧିକାର ବା ଭୋଗାଧିକାର ଅଛି—
A place or tree to which the public have free access.

ଛତ୍ରକ—ସଂ. ବି. (ଛତ୍ର + ସ୍ୱାର୍ଥେ. କ)—୧ । ଛତା—
Chhatraka 1. Umbrella.

୨ । ମାଛରଙ୍କା ପକ୍ଷୀ—
2. The kingfisher; Alcedo Ispida.

[ଦ୍ର—ଏହାର ମୁଣ୍ଡରେ ଛତା ପରି ପକ୍ଷଗୁଚ୍ଛ ଥିବାରୁ ଏହି ନାମ ।]

୩ । ଛତୁ—3. Mushroom; toadstool.

୪ । ଛତା ଆକାରର ମହୁଫେଣା—
4. A parasol-shaped beehive.

୫ । ଛତାପରି ଛାତ ଥିବା ଗମ୍ବୁଜଯୁକ୍ତ ଶିବମନ୍ଦିରବିଶେଷ—
6. A parasol-shaped temple in honour of the Deity Śiba (M. W.)

ଛତ୍ରକଦେହୀ—ସଂ. ବି. (ଆଧୁନିକ ଜୀବବିଜ୍ଞାନ ପରିଭାଷା)—ଏକ ପ୍ରକାର
Chhatraka-dehī ଛତାକୃତି ସାମୁଦ୍ରିକ ଜୀବ—Medusa; a
(ଛତ୍ରାକାଙ୍ଗ—ଅନ୍ୟରୂପ) jellyfish; Discophora.

ଛତ୍ରଖାଈ—ଦେ ବିଣ. ସ୍ତ୍ରୀ—ଛତରଖାଈ (ଦେଖ)
Chhatrakhāī Chhatarakhāī (See)
(ଛତ୍ରଖିଆ—ପୁଂ.)

ଛତ୍ରଖିଆ—ଦେ. ବିଣ. ପୁଂ.—ଛତରଖିଆ (ଦେଖ)
Chhatrakhiā Chhatarakhiā (See)

ଛତ୍ରଚକ୍ର—ସଂ. ବି.—ଶୁଭାଶୁଭ ଫଳ ଜାଣିବା ପାଇଁ ଫଳିତ ଜ୍ୟୋତିଷର
Chhatra chakra ଚକ୍ରବିଶେଷ—A kind of astrological figure drawn to calculate a person's future.

[ଦ୍ର—ଏଥିରେ ୩ ପଙ୍‌କ୍ତିରେ ନଅଟି ଲେଖାଏଁ ଘରରେ ୨୭ ନକ୍ଷତ୍ର ଲେଖା ଯାଇ ଶୁଭାଶୁଭ ଗଣନା କରାଯାଏ ।]

ଛତ୍ରଛାଉଳ—ଗ୍ରା. ବି. ଓ ବିଣ.—ଛିନ୍ନ ଭିନ୍ନ; ଚୂର୍ଣ୍ଣବିଚୂର୍ଣ୍ଣ—
Chhatra-chhāuḷa Shattered to pieces; routed.
(ଛତ୍ରଚଉଳ, ଛତ୍ରଛାଉଳ—ଅନ୍ୟରୂପ)

ଛତ୍ରଦଣ୍ଡ—ସଂ. ବି.—୧ । (ଦ୍ୱନ୍ଦ୍ୱ ବା ରୂପକ କର୍ମଧାରୟ-ପ୍ରକୃତିବାଦ)
Chhatradaṇḍa ରାଜଚିହ୍ନସୂଚକ ଛତା ଓ ଠେଙ୍ଗା; ରାଜଛତ୍ର ଓ ରାଜଦଣ୍ଡ; ଦଣ୍ଡଛତ୍ର—1. The umbrella and the sceptre; the two insignia or emblems of royalty.

୨ । (୬ଷ୍ଠୀ ତତ୍) ଛତାର ବେଣ୍ଟ—2. The handle or supporting rod of an umbrella.

ଛତ୍ରଧର—ସଂ. ବିଣ.—(ଛତ୍ର + ଧୃ ଧାତୁ + କର୍ତ୍ତୃ. ଅ)—୧ । ଯେ ଛତା
Chhatra-dhara ଧରି ଥାଏ—
ଛତ୍ରଧାରୀ } ଅନ୍ୟରୂପ
ଛତ୍ରଧାରୀ }
1. Holding an umbrella.

୨ । ଯେ ରାଜାଙ୍କ ମୁଣ୍ଡ ଉପରେ ଛତା ଧରେ—2. Holding an umbrella over the head of a king.

ସଂ. ବି.—୧ । ରାଜା; ସମ୍ରାଟ—
1. An emperor; a sovereign.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୨ । ରାଜାଙ୍କ ମୁଣ୍ଡ ଉପରେ ଛତା ଟେକିବା ଭୃତ୍ୟ—
2. A retainer whose duty is to hold the umbrella over the head of a king.

ଛତ୍ର ଧରାଇବା—ଦେ. କ୍ରି.—୧ । ଛତା ଧରାଇବା—
Chhatra dharāibā 1. To have an umbrella held over one's head by another.
ছাতা ধরান

୨ । ନିଜକୁ ଶ୍ରେଷ୍ଠ ବ୍ୟକ୍ତି ରୂପେ ପ୍ରଖ୍ୟାତ କରାଇବା—
2. To cause one's self to be highly reckoned.

ତାହା ଦେଖାଇଦେଲା ଯେତେ ଭାଗ୍ୟବନ୍ତ ପଣେ ମୁଁ ଛତ୍ର ଧରାଇବ ।
ଭକ୍ତ: ପ୍ରେମସୁଧାନିଧି ।

୩ । ରାଜ୍ୟାଭିଷିକ୍ତ ହେବା—3. To be installed in throne.

ବସ୍ତ୍ର ଧରାଇବ ଛତ୍ର କେଉଁ ଦିନ କାଣ । ଗ୍ରାମୀ. ଗୁରୁଭକ୍ତିଗୀତ ।।

(ଛତ୍ର ଧରେଇବା—ଅନ୍ୟରୂପ)

ଛତ୍ରପତି—ସଂ. ବି. (୬ଷ୍ଠୀ ତତ୍; ଛତ୍ର+ପତି)—୧ । ରାଜା; ସମ୍ରାଟ—
Chhatrapati An emperor; a sovereign.

ପ୍ରବଳ ପ୍ରତାପ ଦାନବ ଶେଖରି
ବୃଷପର୍ବା ଛତ୍ରପତି । ନନ୍ଦକିଶୋର. ଶର୍ମିଷ୍ଠା ।

ଦେ. ବି—ମହାରାଷ୍ଟ୍ର ରାଜା ଶିବାଜୀଙ୍କ ଉପାଧି—
A title assumed by Sibaji the Marhatta king.

ଛତ୍ରପତ୍ର—ସଂ. ବି. (ବହୁବ୍ରୀହି; ଯେ ଛତ୍ର ପରି ପତ୍ରବିଶିଷ୍ଟ)—
Chhatra-patra ୧ । ସ୍ଥଳପଦ୍ମ—1. Hibiscus Mutabilis.
୨ । ଭୂର୍ଜପତ୍ର ଗଛ—2. A variety of Birch tree (having leaves like umbrella); Betula Bhoorja.
୩ । ମାଣସାରୁ (ଦେଖ)
3. Māṇa-sāru (See)

ଛତ୍ରବତୀ—ସଂ. ବି. (ନାମ)—ମହାଭାରତ, ହରିବଂଶ ଓ ବିଷ୍ଣୁପୁରାଣାଦିରେ
Chhatra-batī ବର୍ଣ୍ଣିତ ପାଞ୍ଚାଳର ଉତ୍ତରରେ ଅବସ୍ଥିତ ପ୍ରାଚୀନ ରାଜ୍ୟ (ଏହାର ଅନ୍ୟ ନାମ ଅହିଚ୍ଛତ୍ର ବା ଅହିକ୍ଷେତ୍ର— (ହି. ଶବ୍ଦସାଗର)—Name of an ancient kingdom mentioned in the Hindu mythologies.

ଛତ୍ରବନ୍ଧୁ—ସଂ. ବି—ନୀଚବଂଶୀୟ କ୍ଷତ୍ରିୟ; କ୍ଷତ୍ରିୟାଧମ (ହି. ଶବ୍ଦସାଗର)--
Chhatra-bandhu A Kshatriya of low grade.

ଛତ୍ର ବୃକ୍ଷ—ସଂ. ବି. (ମ. ପ. ଶ୍ଳୋ; ଛତ୍ରାକୃତି ବୃକ୍ଷ)—
Chhatra bṛuksha ମୁଚୁକୁନ୍ଦ ଗଛ (ଦେଖ)
Muchukunda tree (See)

ଛତ୍ରବିଛତ୍ର—ଦେ. ବିଣ— ଯୁଦ୍ଧରେ ଭଙ୍ଗ ପଳାଇବା; ଛିନ୍ନଛତ୍ର—
Chhatra-bichhatra Routed; disorganised.
ছিনছত্র
ছিতরবিতর

ଛତ୍ରଭଙ୍ଗ—ସଂ. ବି. (୬ଷ୍ଠୀ ତତ୍; ଛତ୍ରର ଭଙ୍ଗ; ଛତ୍ର=ରାଜଚିହ୍ନ)—
Chhatra-bhaṅga ୧ । ରାଜାଙ୍କର ରାଜ୍ୟନାଶ—
1. Loss of one's kingdom.
୨ । ରାଜାଙ୍କ ସିଂହାସନଚ୍ୟୁତି—2. Deposition of a king.
୩ । ଅରାଜକତା—3. Anarchy.
୪ । ଗୋଳମାଳ—4. Disorder.
୫ । ରଣଭଙ୍ଗ; ଯୁଦ୍ଧରେ ସୈନ୍ୟମାନେ ପରାସ୍ତ ହୋଇ ଯୁଦ୍ଧଭୂମି ଓ ଆପଣାର ଦଳ ଛାଡ଼ି ପଳାଇବା—
5. A rout.
୬ । ବୈଧବ୍ୟ—6. Widowhood.
୭ । ସ୍ୱାତନ୍ତ୍ର୍ୟ—7. Individuality.

ଛତ୍ରଭଙ୍ଗ ହେବା—ଦେ. କ୍ରି—(ସୈନ୍ୟମାନେ ଶତ୍ରୁଦ୍ୱାରା ପରାସ୍ତ ହୋଇ)
Chhatra-bhaṅga debā ଯୁଦ୍ଧଭୂମି ଛାଡ଼ି ଏଣେତେଣେ ପଳାଇବା--
ছত্রভঙ্গদেওয়া To be put to rout; to flee from the battle-field (said of a defeated army).

ଛତ୍ରମହାରାଜ—ସଂ. ବି. (ନାମ)—ଆକାଶରେ କଳ୍ପିତ ବୌଦ୍ଧମାନଙ୍କର
Chhatra-mahāraja ଚାରି ଦିକ୍‌ପାଳ—The four protectors of the quarters of the earth according to the Buddhists.
(ଯଥା—୧. ପୂର୍ବଦିଗର ଅଧିପତି ବୀଣାହସ୍ତ—ବୀଣାରାଜ; ୨. ପଶ୍ଚିମଦିଗର ଅଧିପତି ଖଡ୍ଗହସ୍ତ—ଖଡ୍ଗରାଜ; ୩. ଉତ୍ତରଦିଗର ଅଧିପତି ଧ୍ୱଜହସ୍ତ—ଧ୍ୱଜରାଜ; ୪. ଦକ୍ଷିଣଦିଗର ଅଧିପତି ଚୈତ୍ୟହସ୍ତ. ଚୈତ୍ୟରାଜ; ବୌଦ୍ଧମନ୍ଦିରମାନଙ୍କରେ ଏମାନଙ୍କର ମୂର୍ତ୍ତି ରଖାଯାଏ- ହି. ଶବ୍ଦସାଗର ।)

ଛତ୍ରସାହି—ଦେ. ବି—ଛତ୍ରାକୃତି ଶିରସ୍ତ୍ରାଣ ବା ପାଗ—
Chhktra-sāhi A wide bushy turban set like an umbrella over the head.
(ଛତ୍ରସାଇ—ଅନ୍ୟରୂପ)

ଛତ୍ରସାହି କରିଣ ପାଗ ବାନ୍ଧିଛନ୍ତି । କୃଷ୍ଣସିଂହ. ମହାଭାରତ ଆଦି ।

ଛତ୍ରା—ସଂ. ବି. ସ୍ତ୍ରୀ. (ଛତ୍ର+ଆ)—୧ । ମଞ୍ଜିଷ୍ଠାଗଛ; ମଞ୍ଜୁଆତି ଗଛ—
Chhatrā 1. The Indian madder-plant; Rubia Manjistha.
୨ । ଝାମ୍ପୁଲା ଗଛ—2. A spreading or bushy tree.
୩ । ପାନମହୁରି ଗୁଳ୍ମ—3. Anethum Panmorium; the aniseed plant.
୪ । ସହୁପ ଗଛ—4. Anethum Sowa plant.
୫ । ଟିଣା (ଦେଖ) (ହରେକୃଷ୍ଣ ଦ୍ରବ୍ୟଗୁଣ)
5. Tiṇā (See)
୬ । ଧନିଆ (ହି. ଶବ୍ଦସାଗର)—6. Coriander.
୭ । ଛତୁ; ଛତାକ (ହି. ଶବ୍ଦସାଗର)—7. Mushroom.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଙ୍ଘ	ଞ୍ଝ	ଢ
୨	ଈ	ଊ	ରୁ	ଳୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଛଥ	ଡ଼	ନ୍

ଛତ୍ରାକ—ସଂ. ବି. (ଛତ୍ର+ଅକ୍ ଧାତୁ=ଗମନ କରିବା, ଭୁଲି ହେବା+
Chhatrāka କର୍ତ୍ତୃ. ଅ)—୧। ଶିଲୀନ୍ଧ୍ର; ଛତୁ—
1. Mushroom.

୨। ଗୁଳ୍ମବିଶେଷ; ଜଳବବୁର ଗୁଳ୍ମ—
2. A plant akin to Acacia Acracia (M. W.).

ଛତ୍ରାକାର—ସଂ. ବିଣ. (ବହୁବ୍ରୀହି; ଛତ୍ର+ଆକାର)—
Chhatrākāra ଛତାପରି ବ୍ୟାପ୍ତ ଗୁଳ୍ମ—Spreading (like
(ଛତ୍ରାକୃତି—ଅନ୍ୟରୂପ) an umbrella); umbrella-shaped; umbellate.

ଛତ୍ରାକୀ—ସଂ. ବି. ସ୍ତ୍ରୀ. (ଛତ୍ରାକ+ଈ)—୧। ରାସ୍ନା—
Chhatrākī 1. A parasitic plant growing on trees; Vanda Roxburghii; the Ichneumon plant (M. W.).

[ଦ୍ର—ଏହା ଏକପ୍ରକାର ନିର୍ମୂଳୀ ଗୁଳ୍ମ। ଆସାମ ଓ ଖାସୀଆ-ପାହାଡ଼ରେ ପ୍ରାୟ ଆମ୍ବଗଛରେ ଏହା ଜନ୍ମେ। ଏଥିର ଫୁଲ ବଡ଼ବଡ଼, ସୁଗନ୍ଧ ଓ ବହୁଦିନସ୍ଥାୟୀ। ଏହାର ଫଳ ଔଷଧରେ ଲାଗେ।]

୨। ସର୍ପାକ୍ଷୀ (ଦେଖ)
2. Sarpākshī (See)

ଛତ୍ରାଙ୍ଗ—ସଂ. ବି—ଗୋଦନ୍ତୀ ହରିତାଳ—
Chhatrāṅga A kind of yellow orpiment.

ଛତ୍ରାଧାନ୍ୟ—ସଂ. ବି—ଧନିଆଁ; ଧାନ୍ୟାକ—
Chhatrā-dhānya The coriander seed.

ଛତ୍ରି—ପ୍ରା. ବିଂ (ସଂ. ଛତ୍ର)—୧। ଦେବତା ଓ ରାଜାମାନଙ୍କ ଉପରେ
Chhatri ଧରାଯିବା ବଡ଼ ଛତା—1. A big umbrella held
छत्री over kings and Deities.
छतरी

୨। ଚକ୍ରବର୍ତ୍ତୀ ରାଜା—2. A sovereign; emperor.

୩। ବୀର ପୁରୁଷ—3. A warrior.

ଏତ ଛତ୍ରିଙ୍କ ଉପରେ ଶ୍ରେଷ୍ଠ। ପ୍ରାଚୀ. ରହସ୍ୟମଞ୍ଜରୀ।

୪। (ହି. କ୍ଷତ୍ରିୟ)—କ୍ଷତ୍ରିୟ—4. A Kshatriya or man of the warrior class amongst the Hindus.

ପୁଣି ପରଶୁରାମ ରୂପେ
ଛତ୍ରି ନାଶିଲୁ ମହାକୋପେ। ଭୂପତି, ପ୍ରେମପଞ୍ଚାମୃତ।
ଛତ୍ରି ଉତ୍ତମ ଶିରୋମଣି। କମଳଲୋଚନ. ଚଉତିଶା।

୫। ରାଜପୁତ ଜାତି—5. The Rajput caste.

ଛତ୍ରିଂଶ—ଦେ. ବି ଓ ବିଣ. (ସଂ. ଷଟ୍‌ତ୍ରିଂଶ)—
Chhatriṁsa ଛତିଶ (ଦେଖ)
Chhatiśa (See.)

ଛତ୍ରିକ—ସଂ. ବିଣ. (ଛତ୍ରିନ୍+ସ୍ୱାର୍ଥେକ. କ)—ଛତ୍ରୀ (ଦେଖ)
Chhatrika Chhatrī (See)

ଛତ୍ରିକା—ସଂ. ବି. ସ୍ତ୍ରୀ. (ଛତ୍ର+କ+ସ୍ତ୍ରୀ. ଆ)—
Chhatrikā ୧। ଶିଲୀନ୍ଧ୍ର; ଛତୁ—1. Mushroom.

୨। ଷ୍ଟେଟ ଛତା—2. Small parasol.

୩। ଛତା—3. Parasol; umbrella.

୪। ମିଶ୍ରି—4. Candied sugar. (M. W).

ଛତିଶ—ଦେ. ବି (ସଂ. ଷଟ୍‌ତ୍ରିଂଶ)—ଛତିଶ (ଦେଖ)
Chhatriśa Chhatiśa (See)

ଛତ୍ରୀ—ସଂ. ବିଣ. ପୁଂ—(ଛତ୍ର+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Chhatrī ୧। ଯାହା ମୁଣ୍ଡଉପରେ ଛତା ଧରା ହୋଇଅଛି—
(ଛତ୍ରିଣୀ—ସ୍ତ୍ରୀଲିଙ୍ଗ) Having an umbrella held over the head.

୨। ଛତ୍ରଧାରୀ—2. Bearing an umbrella.

ସଂ. ବି—୧। ରାଜା—1. A king (M. W).

୨। ଭଣ୍ଡାରି (ହି. ଶବ୍ଦସାଗର)—2. A barber (M.W).

ଛଦ୍ (ଧାତୁ)—ସଂ—ଆଚ୍ଛାଦନ କରିବା—To cover.
Chhad (root)

ଛଦ—ସଂ. ବି (ଛଦ୍ ଧାତୁ, ଣିଚ=ଛାଦ ଧାତୁ+କରଣ. ଅ)—
Chhada ୧। ତମାଳବୃକ୍ଷ—1. Diospyros Tomentosa (tree).

୨। ବୃକ୍ଷର ପତ୍ର—2. Leaf of a tree.

୩। ପକ୍ଷ; ଡେଣା—3. Wing.

୪। ଆବରଣ; ଢାଙ୍କୁଣୀ—4. A cover; lid.

୫। ଆଚ୍ଛାଦନ-ବସ୍ତ୍ର; ଚାଦର—5. A sheet.

୬। ଘାସର ପତ୍ର—6. A blade of grass.

୭। ଗଛର ଛାଲ; ବକ୍କଲ—7. Bark of a tree.

୮। (+ଭାବ. ଅ) ଆଚ୍ଛାଦନ କରିବା—
Act of covering.

ଛଦନ—ସଂ. ବି—(ଛଦ୍ ଧାତୁ+ଭାବ ଅନ)—୧। ଆଚ୍ଛାଦନ—
Chhadana Covering.

୨। (+କରଣ ଅନ)—ପତ୍ର—Leaf.

ଛଦନ ଯୁବକେ ସଦନ କରି ଅଛନ୍ତି ସତ। ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ।

୩। ତେଜପତ୍ର—3. The Cassia Cinnamon (fragrant leaves).

୪। ପକ୍ଷ—Wing.

ଛଦର୍ମ—ଗ୍ରା. ବି (ସଂ. ଛଦ୍ମ)—ଛଳ; ଛଦ୍ମ; ଛଳ—Deceit; trick.
Chhadarma

ଛଦା—ଦେ. ବି (ସଂ. ଛଦ୍ ଧାତୁ)—୧। କୋଠାଘରର ପ୍ରାନ୍ତରେ
Chhadā କାନ୍ଥର ଅଗ୍ରରେ ପଦାକୁ ଟିପି ବସା ଯିବା ଇଟା କାନ୍ଥ—
1. A parapet at the extremes of a roof at the top of the walls of building.

୨। ତାଲିଶ ପତ୍ର (ଦେଖ)
2. Tālīśa patra (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସତର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗ୍ନି ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଛଦାମ—ଦେ. ବି—ଏକ ପଇସାର ଚାରିଭାଗରୁ ଏକଭାଗ—
Chhadāma — One fourth of a pice.
छदाम
छदाम
ତେ. ଦାମୁଡ଼ି

ଛଦି—ସଂ. ବି (ଛଦ୍ ଧାତୁ + କରଣେ ଇ)—୧। ଘରର ଛାତ; ଚାଳ;—
Chhadi — The roof of a house; thatch.
(ଛଦିଃ—ଅନ୍ୟରୂପ) ଛଦି ଅଟଳାର ଅଗ୍ରେ ବର୍ଣ୍ଣିବା ଶୋଭନ।
ରାଧାନାଥ. ଉଷା।
୨। (+ ଭାବ. ଇ) ଆଚ୍ଛାଦନ—Covering.

ଛ-ଦୁଇ—ଦେ. ବି ଓ ବିଣ—ଆଠ—Eight.
Chha-dui ଛଦୁଇ ଦୁର୍ଗେଶ ଲକ୍ଷଣେ। କବିସୂର୍ଯ୍ୟ. କଣୋଇ ଚମ୍ପୂ. ଛ ଗୀତ।

ଛଦ୍ମ—ସଂ. ବି (ଛଦ୍ ଧାତୁ + କରଣେ ମନ୍; ୧ମା. ୧ବ)—
Chhadma ୧। ଛଳ—1. Trick.
୨। କପଟ—2. Pretence.
୩। ବ୍ୟାଜ—3. Hypocricy; disguise; sham.
୪। ଗୋପନ—4. Concealment.

ଛଦ୍ମତପସ୍ୱୀ—ସଂ. ବି. ପୁଂ—କପଟାଚାରୀ ବୈରାଗୀ—
Chhadma-tapaswī — A hypocritical ascetic.
(ଛଦ୍ମତାପସ—ଅନ୍ୟରୂପ)
(ଛଦ୍ମତପସ୍ୱିନୀ—ସ୍ତ୍ରୀ)

ଛଦ୍ମବେଶ—ସଂ. ବି—୧। କପଟ ବେଶ; ପରକୁ ପ୍ରତାରଣା କରିବାପାଇଁ
Chhadma-beśa ଧାରଣ କରାଯିବା ଅନ୍ୟ ବେଶ—
A mask; a disguise.
୨। (ଲକ୍ଷଣାର୍ଥ)—୨। ନିଜେ ପ୍ରକୃତରେ ଯେପରି, ତାହା ଗୋପନ କରି ଲୋକଙ୍କ ନିକଟରେ ଅନ୍ୟ ଭାବରେ ପରିଚିତ ହେବା ନିମିତ୍ତ ଯେଉଁ ଆଚରଣ ବା ଅନୁଷ୍ଠାନ କରାଯାଏ—2. (figurative) Hypocricy; hypocritical conduct or act.

ଛଦ୍ମବେଶୀ—ସଂ. ବିଣ. ପୁଂ. (ଛଦ୍ମବେଶ + ଅଛି ଯାହାର ଏହି ଅର୍ଥରେ
Chhadma-beśī ଇନ୍; ୧ମା. ୧ବ)—ଯେ ଅନ୍ୟକୁ ପ୍ରତାରଣା
(ଛଦ୍ମବେଶିନୀ—ସ୍ତ୍ରୀ) କରିବା ପାଇଁ କପଟବେଶ ଧାରଣ କରିଥାଏ;
କାପଟିକ—Masked; incognito; appearing in disguise.

ଛଦ୍ରମ—ଗ୍ରା. ବି. (ସଂ. ଛଦ୍ମ)—ଛନ୍ଦ; ଛଳ; ବ୍ୟାଜ; କପଟ; ବାହାନା—
Chhadrama — Disguise; trick; hypocricy; feigning.
छद्म ମାୟାମନୁଷ୍ୟରୂପେ ହରି, ଛଦ୍ରମେ ଗୃହବାସ କରି—
ଜଗନ୍ନାଥ. ଭାଗବତ।

ଛନ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଶଣ)—ଝୋଟ—
Chhan — Jute; flax.
ପ୍ରାଦେ. (ସମ୍ବଲପୁର) ପ୍ରତ୍ୟୟ—ବର୍ତ୍ତମାନକାଳ ବହୁବଚନ 'ଛନ୍ତି' ସ୍ଥଳରେ ପ୍ରଯୁଜ୍ୟ (ଯଥା—କରଛନ୍, ଖାଛନ୍, ଛନ୍=ସଂ. ସନ୍ତି)—An inflection suffixed to verbs in the present tense plural.

ଛନ—ଦେ. ବି. (ଭୁଲ. ସଂ.ଛନ୍ନ=ଗୁପ୍ତ)—୧। ଭୟ; ଭୀତି—
Chhana 1. Fear; fright.
୨। ଡରାଣ—2. Frightening.

ଛନକ—ଦେ. ବି. (ସଂ. ଚମତ୍କାର)—୧। ଭୟ—
Chhanaka — 1. Fear.
चमक ଅବଶେ ଆସି ମୁଁ ହୃଦଇ ଛନକେ—ରାଧାନାଥ. ନନ୍ଦିକେଶ୍ୱରୀ।
चौंक, छनक ୨। ହଠାତ୍ ଜାତ ଭୟ; ଉଦ୍ବେଗ—
2. Sudden fright; terror.

ଛନ କରିବା—ଦେ. କ୍ରି—ଡରାଇବା; କପଟଭୟ ଦେଖାଇବା—
Chhana karibā — To frighten in jest.
ଦମ୍ଭ ଦେଖିବାକୁ ସିନା କଲ ଛନ—କବିସୂର୍ଯ୍ୟ. କଣୋଇଚମ୍ପୂ. ଦ ଗୀତ।

ଛନକା—ଦେ. ବି—ଛନକ (ଦେଖ)
Chhanakā — Chhanaka (See)
चमक ଛନକାରେ ଭ୍ରଷ୍ଟ ହେଲେ ଛଳମତି
चौंक, छनक ସବୁ ପ୍ରାଣୀ କ କଲେ, କ ଥିଲେ ବହାସ୍ୱେ—
ରାଧାନାଥ, ମହାଯାତ୍ରା।
ଛନକା ପଶିଲା ଘଟରେ, ଜାତ କୁଳ ଉପେକ୍ଷି—
କଳାକଳେବର ଚଉତିଶା. ଛ-ଗୀତ।

(ଛନକୀ—ସ୍ତ୍ରୀ) ଦେ. ବିଣ. ପୁଂ. (ସଂ. ଚମକିତ)—
୧। ହଠାତ୍ ଭୟତ୍ରସ୍ତ—1. Frightened; terrified.
୨। ତେଢ଼େଙ୍କିବା—2. Shying.

ଛନକାଇବା—ଦେ. କ୍ରି. (ଛନକିବା କ୍ରିୟାର ଣିଜନ୍ତରୂପ)—ହଠାତ୍
Chhanakāibā କପଟରେ ଭୟ ଦେଖାଇବା—
चमकाना To frighten in jest.
चमकाना
(ଛନକେଇବା—ଅନ୍ୟରୂପ)

ଛନକିବା—ଦେ. କ୍ରି—୧। ଡରିବା—
Chhanakibā 1. To fear.
चमका ୨। ଚମକିବା—
छनकना 3. To be startled; to shy.

ଛନକୀ—ପ୍ରାଦେ. (ଗଡ଼ଜାତ) ବିଣ. ସ୍ତ୍ରୀ—ଅତି ଅସ୍ଥିର; ଚଞ୍ଚଳ (ଗାଈ); କୁରୁଡ଼ା—Very restless, (cow).
Chhanakī

ଛନଛତ୍ର—ଦେ. ବିଣ. (ସଂ. ଛିନ୍ନଛତ୍ର)—
Chhana-chhatra ୧। ଅସ୍ତବ୍ୟସ୍ତ; ଛିନ୍ନଭିନ୍ନ; ଛତ୍ରଭଙ୍ଗ ଦେଇ
छत्रछत्र ପଳାୟିତ—1. Routed; completely
छितरबितर disorganised.
(ଛନଛତ୍ର—ଅନ୍ୟରୂପ) ୨। ଉତ୍ସନ୍ନ; ବିନଷ୍ଟ; ବିଧ୍ୱସ୍ତ—
2. Ruined.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇପ୍ସ	ହଅ	ଛ
୨	ଈ	ଊ	ରୁ	ଲୁ	ପ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଊ	ନ୍ତ

ଛନଛନ—ଦେ. ବଣ. (ସଂ. ଚମଚ୍ଛିତ)—୧ । ଭୀତ—
Chhana-chhana 1. Frightened.
अस्थिर; চংবং ୨ । ଭୟରେ ଅସ୍ଥିର—
बेचैन 2. Restless through fear, agitated.
ଶଲ୍ୟ କାଣ୍ଡରେ ପୀଡ଼ା ପାଇ ପାଣ୍ଡୁ ସୈନ୍ୟ
ପଳାଇବାକୁ ମନ କରି ଛନଛନ—କୃଷ୍ଣସିଂହ. ମହାଭାରତ. ଶଲ୍ୟ ।
୩ । ଚଞ୍ଚଳ; ଅସ୍ଥିର—3. Restless.
ଛନଛନ ମନ ବାଳୁକ ବଚନ ନରେଶ ଗୃହେ ଦଶବଣ—
ପ୍ରାଚୀ. ଶିଶୁଶଙ୍କର. ଉଷାଭିଳାଷ ।
୪ । ଏଣେ ତେଣେ ଅସ୍ଥିରଭାବରେ ଚାହିଁବା—
4. Glancing restlessly; casting momentary glances.
ଛନଛନ ହୋଇ ଦୃଷ୍ଟିରେ ଏଣେ ତେଣେ—କୃଷ୍ଣସିଂହ. ମହାଭାରତ. ବନ ।

ଛନଛନ ଲାଗିବା—ଦେ. କ୍ରି—ଚଞ୍ଚଳ ସ୍ଥାନରେ ଅନିର୍ଦ୍ଦିଷ୍ଟ ଭୟ ମନରେ
Chhanachhana lāgibā ଉଦ୍ରେକ ହେବା—An undefined fear arising in the mind in solitude or wilderness.

ଛନ୍ତି—ଦେ. (ପଦ୍ୟ) (କ୍ରିୟାବାଚକକ୍ରିର ଚଳ ହେବା କ୍ରିୟାର ତୃତୀୟ
Chhanti ପୁରୁଷ ମାନ୍ୟାର୍ଥ ଏକବଚନ ଓ ବହୁବଚନ, ବର୍ତ୍ତମାନ
छेन କାଳ, ସେ ଓ ସେମାନେ କର୍ତ୍ତାସହିତ ପ୍ରଯୁଜ୍ୟ)—
तँहि ଅଛନ୍ତି—Are.
କୋଳରେ ଛନ୍ତି ଗଣନାଥେ—ଭୂପତି. ପ୍ରେମପଞ୍ଚାମୃତ ।
[ଦ୍ର—ଏହା ପଦ୍ୟରେ ଓ କଥିତ ଭାଷାରେ ସ୍ୱତନ୍ତ୍ର ଆକାରରେ 'ଅଛନ୍ତି' ସ୍ଥଳରେ ବ୍ୟବହୃତ ହୁଏ । ଅନ୍ୟାନ୍ୟ କ୍ରିୟା ସଙ୍ଗରେ ଲାଗି ମଧ୍ୟ ଏହି ଅର୍ଥ ଦିଏ । ଯଥା—କରୁଛନ୍ତି=କରୁଅଛନ୍ତି ।]

ଛନ୍ଦ୍ (ଧାତୁ)—ସଂ—୧ । ଆଚ୍ଛାଦନ କରିବା—1. To cover.
Chhand (root) ୨ । ଦୀପ୍ତି ପାଇବା—2. To shine.
୩ । ଗୋପନ କରିବା—
3. To conceal; to hide.
୪ । ବେଷ୍ଟନ କରିବା—
4. To envelop; to surround.
୫ । ରକ୍ଷା କରିବା—5. To profect.

ଛନ୍ଦ—ସଂ. ବି. (ଛନ୍ଦ୍ ଧାତୁ+ଭାବ. ଅ)—୧ । ଅଭିପ୍ରାୟ—
Chhanda 1. Intention; pleasure.
୨ । ବଶତା—2. Control; subjection; mastery.
୩ । ଅଭିଳାଷ—3. Wish; will; inclination.
୪ । ପ୍ରବୃତ୍ତି—4. Inclination
୫ । ବିଷ—5. Poison.
୬ । ବନ୍ଧନ—6. Binding; bond.
୭ । କପଟ; ଛଳ (ହି. ଶବ୍ଦସାଗର)—
7. Fraud; deceit; trick.
କାହିଁ ପାଇଁ କଲ ମୋଠାରେ ଛନ୍ଦ । ଯାନକୃଷ୍ଣ. ରସକଲ୍ଲୋଳ ।
୮ । ଆକାର; ଚେଷ୍ଟା, ଭଙ୍ଗଢଙ୍ଗ (ହି. ଶବ୍ଦସାଗର)—
8. Deportment; mode of conduct.
୯ । ଅଭିପ୍ରାୟ (ହି. ଶବ୍ଦସାଗର)—9. Intention.
୧୦ । ଏକାନ୍ତ; ନିର୍ଜନତା (ହି. ଶବ୍ଦସାଗର)—
10. Solitude.
୧୧ । ଆବରଣ; ଢାଙ୍କୁଣି (ହି. ଶବ୍ଦସାଗର)—
11. Lid; cover.
ସଂ. ବିଣ—ଗୋପନୀୟ—Secret.
छन्द ଦେ. ବି.—୧ । (ସଂ. ଛନ୍ଦଃ) ରାଗିଣୀ; ଛନ୍ଦ—
छंद 1. Metre; musical air.
୨ । ଛନ୍ଦଃ; ବେଦର ରାଗିଣୀ—
2. The air of a vedic hymn.
छाँदनदड़ि ୩ । ଗୋରୁଦୁହାଁ ସମୟରେ ବାଛୁରିକୁ ବାନ୍ଧିବା ଦଉଡ଼ି—
3. A string to tie the calf during milching the cow.
୪ । (ସଂ. ସନ୍ଦେହ) ସନ୍ଦେହ ସ୍ଥଳ—4. Dilemma.
୫ । (ସଂ. ସନ୍ଧି) ସନ୍ଧି; ସନ୍ନିପାତ—
5. Collapse (during fever).

ଛନ୍ଦଃ—ସଂ. ବି—ଛନ୍ଦସ୍ (ଦେଖ)
Chhandaḥ Chhandas (See)

ଛନ୍ଦଃ ପତନ—ସଂ. ବି—ଛନ୍ଦୋଭଙ୍ଗ (ଦେଖ)
Chhandaḥ patana Chhandobhaṅga (See)

ଛନ୍ଦକ—ସଂ. ବି. (ଛନ୍ଦ୍ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅକ)—
Chhandaka ୧ । ରକ୍ଷକ—1. Protector.
୨ । ବାସୁଦେବ; ଶ୍ରୀକୃଷ୍ଣ—
2. A name of Śrikṛushṇa.
୩ । ବୁଦ୍ଧଦେବଙ୍କ ସାରଥି—
3. Name of the charioteer of Buddha.
ସଂ. ବିଣ—ଛଳୀ; କପଟୀ (ହି. ଶବ୍ଦସାଗର)—
Deceitful.

ଛନ୍ଦଣା—ଦେ. ବି—ବନ୍ଧନ (ଦେଖ)
Chhandaṇā Bandhana (See)

ଛନ୍ଦଣି—ଦେ. ବି—୧ । ଗାଈ ବାଛୁରିଙ୍କୁ ବାନ୍ଧିବା ଦଉଡ଼ି—
Chhandaṇi 1. A string to tie the legs of cows
छाँदनि and calves to a peg or to each
तौन other.
(ଛନ୍ଦ ଦଉଡ଼ା, ଛନ୍ଦ ଦଉଡ଼ି—ଅନ୍ୟରୂପ)
କେଉଁ ଧେନୁ ଚରଣେ ଛନ୍ଦନ୍ତି ଛନ୍ଦଣି । ଯାନକୃଷ୍ଣ. ରସକଲ୍ଲୋଳ ।
୨ । ବନ୍ଧନ; ବନ୍ଧାହେବା—2. Being tied.
କଟୀ ବାନ୍ଧୁଛି ହେମ ସୂତେ ଛନ୍ଦଣି
କଟୀ ତଟେ ପୀତାମ୍ବର ସୁବର୍ଣ୍ଣ ଶ୍ରେଣୀ । ବୈଷ୍ଣବନାଥ. ବଟକ ସମାପୂର୍ଣ ।

ଛନ୍ଦଣି ଦଉଡ଼ି—ପ୍ରାଦେ. (ଗଞ୍ଜାମ) ବି—ସୂତାରେ ବଳା ଯାଇଥିବା ନୂଆ
Chhandaṇi daurḍi ଦଉଡ଼ି (ଏଥିରେ ଅର୍ଦ୍ଧା ଅମାବାସ୍ୟା ଦିନ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ, ୧ କିମ୍ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ଘରର ସ୍ତ୍ରୀଲୋକେ ପିଲାଙ୍କୁ ବାନ୍ଧି ତାଙ୍କ ପିଠିରେ ବଜ୍ରମୂଳୀ ଓ ଅପାମାର୍ଗ ଡାଳ ବାଡ଼େଇ କହନ୍ତି 'ବଜ୍ର ହୋ')— A new rope made of thread

ଛନ୍ଦଣିମନ୍ଦଣି—ଦେ. ବ—ଗଇଣ୍ଠାଗଇଣ୍ଠି; ଅନେକଗୁଡ଼ାଏ ସୂତାରେ ଗଣ୍ଠି ପଡ଼ିଯିବା; ଅଡ଼୍ଉଆ ହେବା; ଗୁଡ଼ୁଆଗୁଡ଼ି
Chhandaṇi mandaṇi
ଛନ୍ଦବନ୍ଦ — Intricacy; beingknotted; confusion; chaos.
ଛାଁଦୋ, ଛାଁଦା

ଦେ. ଣ—୧ । ବଶେଷ ଅଡ଼୍ଉଆ ହୋଇଥିବା— 1. Intricately knotted together; knotty; chaotic; tangled.

୨ । ପରସ୍ପର ସଙ୍ଗେ ଛନ୍ଦା ହୋଇଥିବା— 2. Intertwined with each other; crossed.
କୋଇଲ ଲୋ ଛନ୍ଦଣି ମନ୍ଦଣି ବୃକ୍ଷ ବଣ । କେଶବ କୋଇଲି ଛ ଗୀତ ।

ଛନ୍ଦନ—ଦେ. ଣ. (ସ. ଛନ୍ଦ=ବନ୍ଧନ)—ଛନ୍ଦ ହୋଇଥିବା—
Chhandana — Confused; entwined.
ଛାଁଦନ — ଲମ୍ବିଛି ସୁମନ ମାଳ ଛନ୍ଦନ ଅଛ ତମାଳ
ଛାଁଦନା — ଚଳେ କାଳ ଛନ୍ଦିଥିବା ଶୋଭନ ହେ ।
ଅଭିମନ୍ୟୁ, ବଦଗ୍ଧ ଚନ୍ତାମଣି ।

ଛନ୍ଦମନ୍ଦ—ସ. ବ. (ସ. ଛନ୍ଦ)—୧ । ଛଳ; କପଟ—
Chhanda-manda — 1. Deceit; hypocricy.
ଛନ୍ଦକପଟ — ୨ । ଖୁଦୁଗ୍ଗ—2. Cunning.
ଛନ୍ଦବନ୍ଦ, ଛଲଛନ୍ଦ
ଛନ୍ଦବନ୍ଦ } ଅନ୍ୟରୂପ
ଛନ୍ଦବନ୍ଧ }

ଛନ୍ଦପାତନ—ସ. ବ—କପଟ ସନ୍ନ୍ୟାସୀ; ସାଧୁବେଶଧାରୀ ଠକ (ହ୍ର. ଶବ୍ଦସାଗର)—A masked mendicant; a cheat in the mask of a saint.
Chhanda-pātana

ଛନ୍ଦସ୍—ସ. ବ. (ଛନ୍ଦ୍ ଧାତୁ—ପ୍ରୀତି ପାଇବା + ଭାବ. ଅସ୍)—
Chhandas — ୧ । ପଦ୍ୟବନ୍ଧ—1. Prosody; poetic composition; rhyme.

[ବୃ—ଯେଉଁ ରଚନାରେ ବର୍ଣ୍ଣ ବା ମାତ୍ରାର ଗଣନା ଅନୁସାରେ ବରାମ ଆଦିର ନୟମ ଅଛି ତାକୁ ଛନ୍ଦଃ ବୋଲାଯାଏ । ଏହା ୨ ପ୍ରକାର; ଯଥା—ବାର୍ଣ୍ଣିକ ଓ ମାତ୍ରିକ । ଯହିଁର ପ୍ରତିପାଦରେ ଅକ୍ଷର ସଂଖ୍ୟାର ଓ ଲଘୁଗୁରୁକ୍ରମର ନୟମ ଥାଏ ତାକୁ ବାର୍ଣ୍ଣିକ ବା ବର୍ଣ୍ଣବୃତ୍ତ, ଓ ଯହିଁରେ ଅକ୍ଷରଗଣନାର ତଥା ଲଘୁଗୁରୁକ୍ରମର ନୟମ ନ ହୋଇ କେବଳ ମାତ୍ରାର ସଂଖ୍ୟା ରକ୍ଷା କରାଯାଏ ତାକୁ ମାତ୍ରିକ ଛନ୍ଦଃ ବୋଲାଯାଏ । ପାଦର ତାରତମ୍ୟରେ ବୃତ୍ତ ବା ଛନ୍ଦର ଭେଦ, ଯଥା—ସମବୃତ୍ତ, ଅର୍ଦ୍ଧସମବୃତ୍ତ ଓ ବଷମବୃତ୍ତ । ଯେଉଁ ରଚନାରେ ୪ ପାଦ ସମାନ ତାକୁ ସମବୃତ୍ତ, ଯହିଁରେ ୧ମ ପାଦ ୩ୟ ପାଦ ସଙ୍ଗେ ଓ ୨ୟ ପାଦ ୪ର୍ଥ ପାଦ ସଙ୍ଗେ ସମାନ ତାକୁ ଅର୍ଦ୍ଧସମବୃତ୍ତ ଓ ଯହିଁରେ ପାଦମାନ ଅସମାନ ତାକୁ ବଷମବୃତ୍ତ ବୋଲାଯାଏ । ଅଧିକାଂଶ ସଂସ୍କୃତ ଛନ୍ଦଃ ବାର୍ଣ୍ଣିକ ଓ ଭାଷାର ଛନ୍ଦମାନ ମାତ୍ରିକ ଅଟେ । ହ୍ର. ଶବ୍ଦସାଗର]

୨ । ପଦ୍ୟ ବା ଗଦ୍ୟ ରଚନାର ରୀତି— 2. Style of prose or poetry.

୩ । ପଦ୍ୟର ରାଗ ବା ରାଗିଣୀ— 3. Poetical air or measure; metre; cadence.

୪ । ଇଚ୍ଛା; ଅଭିଲାଷ—4. Wish; desire.

୫ । ସ୍ୱେଚ୍ଛାଚାର; ମନମୁଖୀ ବ୍ୟବହାର— 5 Voluntary action; arbitrary conduct.

୬ । ବେଦର ମନ୍ତ୍ରର ରାଗ— 6. Metre of vedic texts.

[ବୃ—ଅକ୍ଷରର ସଂଖ୍ୟା ଅନୁସାରେ ରଚିତ ବେଦମନ୍ତ୍ରମାନଙ୍କର ଭିନ୍ନ ଭିନ୍ନ ଛନ୍ଦଃ ଅଛି । ଛନ୍ଦଃ ମୁଖ୍ୟତଃ ୭ଟି ଯଥା—ଗାୟତ୍ରୀ, ଉଷ୍ଣିକ୍, ଅନୁଷ୍ଟୁପ୍, ବୃହତୀ, ପଂକ୍ତି, ତ୍ରିଷ୍ଟୁପ୍ ଓ ଜଗତୀ । ଏ ପ୍ରତ୍ୟେକର ଆର୍ଷୀ, ଦୈବୀ, ଆସୁରୀ, ପ୍ରାଜାପତ୍ୟା, ଯାଜୁଷୀ, ସାମ୍ନୀ, ଆର୍ଚ୍ଚୀ ଓ ବ୍ରାହ୍ମୀ ଏହିପରି ଆଠଗୋଟି ଭେଦଅଛି ଓ ଏମାନଙ୍କ ସମ୍ମିଶ୍ରଣରେ ଅନେକ ସଙ୍କର ଛନ୍ଦଃମାନଙ୍କର କଳ୍ପନା କରାଯାଇଅଛି । ଏହା ଛଡ଼ା ଯଜୁର୍ବେଦର ମନ୍ତ୍ରମାନଙ୍କରେ ଅତିଜଗତୀ, ଶକ୍ୱରୀ, ଅତିଶକ୍ୱରୀ, ଅଷ୍ଟି, ଅତ୍ୟଷ୍ଟି, ଧୃତି, ଅତିଧୃତି, କୃତି, ପ୍ରକୃତି, ଆକୃତି, ବକୃତି, ସଂସ୍କୃତି, ଅଭିକୃତି ଓ ଉତ୍କୃତି ନାମରେ ଗୁଡ଼ାଏ ଛନ୍ଦଃ ବ୍ୟବହୃତ ହୋଇଅଛି । ବୈଦିକ ଛନ୍ଦଃମାନଙ୍କରେ ମାତ୍ରା ବା ଲଘୁଗୁରୁର ବଚାର ନାହିଁ; କେବଳ ଅକ୍ଷରସଂଖ୍ୟା ଅନୁସାରେ ଛନ୍ଦଃମାନଙ୍କୁ ନଷ୍ଟସ୍ଥ କରାଯାଏ—ହ୍ର. ଶବ୍ଦସାଗର ।]

୭ । ବେଦ—7. The Bedas.

୮ । ଛନ୍ଦଃମାନଙ୍କର ଲକ୍ଷଣାଦି ବର୍ଣ୍ଣିତ ହୋଇଥିବା ବେଦାଙ୍ଗ (ହ୍ର. ଶବ୍ଦସାଗର)—8. That part of the Bedas which treat of metres.

ଛନ୍ଦା—ଦେ. ବ. (ସ. ଛନ୍ଦ=ବନ୍ଧନ)—୧ । ବନ୍ଧନ—
Chhandā — 1. Tie; bond.

୨ । ବାନ୍ଧିବା—2. Tying; binding.

୩ । ଚଉଛକ; ଛକ—3. A cross-road; a meeting place of cross-roads.

୪ । ଦୁଇ ନଦୀର ସଙ୍ଗମସ୍ଥଳ— 4. A place where two streams meet.

୫ । (ଏଠାରେ ସ୍ଥଳପଥ ନଦୀକୁ ପାର ହୋଇଥିବାରୁ) ନଦୀଘାଟ— 5. River ferry-ghat.

୬ । ଗ୍ରନ୍ଥି; ଗଣ୍ଠି—6. Knot.

ଛାନ୍ଦା — ୭ । ଶ୍ରାଦ୍ଧ, ବବାହାଦି କୌଣସି ସାମାଜିକ ଅନୁଷ୍ଠାନରେ ଯେଉଁ ନମନ୍ତ୍ରିତ ବ୍ରାହ୍ମଣମାନେ ନମନ୍ତ୍ରଣକାରୀଙ୍କ ଘରେ ଭୋଜନ କରନ୍ତି ନାହିଁ ସେମାନେ ସେଠାରୁ ସଙ୍ଗରେ ବୁଜୁଳବାନ୍ଧି ଘରକୁ ଆଣିବା ଜଳଖିଆ ସମଗ୍ରୀ—

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍ତ	ଉଅ	ଙ୍ଖ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଞ	ନ୍ଦ

7. Sweets and tiffen carried home by those of the invited Brāhmaṇas who do not take their meals at the house of the inviter.

ଦେ. ବଣ — ୧ । ଯାହା କୌଣସି ବସ୍ତୁକୁ ଛନ୍ଦେ ବା ବାନ୍ଧେ— 1. Binding.

୩ । ରଚିତ (କବିତା)—3. Composed (poem).

୪ । ବନ୍ଧା ହୋଇଥିବା—4. Tied up.

୫ । ପରସ୍ପରକୁ ଛକ ପରି କାଟିଥିବା— 5. Crossing each other.

ଛନ୍ଦାଇବା—ଦେ. କ୍ରି —ଛନ୍ଦିବାର ଣିଜନ୍ତ ରୂପ —
Chhandāibā Causative form of Chhandibā.
छँदाना
छँदवाना
(ଛନ୍ଦେଇବା—ଅନ୍ୟରୂପ)

ଛନ୍ଦା ଚରଣ—ଦେ. ବଣ. (ବହୁବ୍ରୀହି; ଯେ ଦୁଇ ଗୋଡ଼କୁ ଛନ୍ଦି ତ୍ରିଭଙ୍ଗୀ ଠାଣିରେ ଠିଆ ହୁଅନ୍ତି)—ଶ୍ରୀକୃଷ୍ଣଙ୍କ ବିଶେଷଣ—An epithet of Śrikṛushṇa.
Chhandā charaṇa

ଛନ୍ଦାଛନ୍ଦି—ଦେ. ବି —୧ । ଅନ୍ୟୋନ୍ୟ ବନ୍ଧନ—
Chhandā-chhandi 1. Mutual tie or bond.
छान्दाछान्दि
छाँदाछाँदि

ଭକ୍ତ ଦ୍ରବିଡର ପ୍ରେମେ ହୋଇବନ୍ଧ
ଛନ୍ଦାଛନ୍ଦି ସେକାଳେ । ଜଗନ୍ନାଥ. ସନାତନ ଗୋଷ୍ଠୀ ।

୨ । ଅନ୍ୟୋନ୍ୟ ସମ୍ବନ୍ଧ —2. Mutual connection.

୩ । ବହୁପଦ୍ୟରଚନା — 3. Composing of many poems.

୪ । ଗୁଡ଼େଇ ଭୁଡ଼େଇ ବାନ୍ଧିବା— 4. Binding together.

୫ । କୁଣ୍ଢେଇ ଅଙ୍କୁଣେଇ—5. Mutual embrace.

ଦେ. ବଣ— ୧ । ଅନ୍ୟୋନ୍ୟରେ ବନ୍ଧାବନ୍ଧ— 1. Mutually tied up or bound; tied to each other.

ବାଳକ ପ୍ରାୟେ ହୋଇ କାନ୍ଦ
ଏକ ଅରକେ ଛନ୍ଦାଛନ୍ଦ । ଜଗନ୍ନାଥ. ଭାଗବତ ।

୨ । ବିବାହ ବନ୍ଧନରେ ଆବଦ୍ଧ— 2. Tied together by the tie of marriage.

ଛନ୍ଦାନୁଗମନ—ସଂ. ବି. (୬ଷ୍ଠୀ ତତ୍; ଛନ୍ଦ=ଇଚ୍ଛା+ଅନୁଗମନ)—
Chhandānugamana ନିଜ ଇଚ୍ଛା ଅନୁସାରେ ଚଳିବା— Acting according to one's own inclination.

ଛନ୍ଦାନୁଗାମୀ—ସଂ. ବଣ. ପୁଂ (ଛନ୍ଦ=ଇଚ୍ଛା; ପ୍ରବୃତ୍ତି+ଅନୁଗାମୀ)—
Chhandānugāmi ନିଜ ଇଚ୍ଛାନୁସାରେ କାର୍ଯ୍ୟକାରୀ; ମନମୁଖୀ— Following one's free will.
(ଛନ୍ଦାନୁଗାମିନୀ — ସ୍ତ୍ରୀ)

ଛନ୍ଦାନୁବର୍ତ୍ତନ—ସଂ. ବି. (୬ଷ୍ଠୀ ତତ୍; (ଛନ୍ଦ + ଅନୁବର୍ତ୍ତନ)—୧ । ପରର ଇଚ୍ଛା ଅନୁସାରେ ଚଳିବା--1. Acting according to another's will.
Chhandānubarttana
ଛନ୍ଦାନୁବର୍ତ୍ତୀ—ପୁଂ }
ଛନ୍ଦାନୁବର୍ତ୍ତିନୀ—ସ୍ତ୍ରୀ }

୨ । ପରର ଅନୁସରଣ; ପର ମନକୁ ଜଗି ଚଳିବା—2. Slavishly following or obeying the dictates of another person.

ଛନ୍ଦାନୁବର୍ତ୍ତୀ—ସଂ. ବଣ. ପୁଂ—ଯେ ପରର ମନ ଜଗି ଚଳେ—
Chhandānubartti Following another's wish or dictates.
(ଛନ୍ଦାନୁବର୍ତ୍ତିନୀ— ସ୍ତ୍ରୀ)

ଛନ୍ଦାନୁସାରୀ—ସଂ. ବଣ. ପୁଂ - ଛନ୍ଦାନୁଗାମୀ (ଦେଖ)
Chhandānusāri Chhandānugāmi (See).
(ଛନ୍ଦାନୁସାରିଣୀ—ସ୍ତ୍ରୀ)

ଛନ୍ଦାବନ୍ଧା —ଦେ. ବି.—୧ । ବନ୍ଧାଛନ୍ଦା; ସମ୍ପତ୍ତି ବନ୍ଧକ ଦେବା—
Chhandābandhā Pledge or mortagage or pawn of property.
बाँधा छँदा
छाँदाबाँधा

୨ । ନିମନ୍ତ୍ରିତ ବ୍ୟକ୍ତି ନିମନ୍ତ୍ରଣକାରୀଙ୍କ ଘରେ ଭୋଜନ ନ କରି ନିଜ ଘରକୁ ଭୋଜ୍ୟ ବସ୍ତୁ ଆଣିବାକୁ କାନିରେ ବାନ୍ଧିବା—3. Tying of sweets etc in one's cloth for bringing them home instead of eating them at the house of the inviter.
(ବନ୍ଧା ଛନ୍ଦା —ଅନ୍ୟରୂପ)

ଦେ. ବଣ.— ବନ୍ଧକ ଦିଆଯାଇଥିବା — Piedged; mortgaged; pawned.

ଛନ୍ଦିବା — ଦେ. କ୍ରି. (ସଂ, ଛନ୍ଦ=ବନ୍ଧନ)—୧ । ଦୁଇଟି ପଦାର୍ଥକୁ ସଂଯୁକ୍ତ କରିବା —1. To join together two things.
Chhandibā
छँदा
छाँदना

କହିଁ ଦଇବ ମୋତେ ଛନ୍ଦି ଗଲା,
କାହୁଁ ଆଣି ରେ କାହିଁ ବନ୍ଦୀ କଲା । ପ୍ରାଚୀ. ରହସ୍ୟମଞ୍ଜରୀ ।

୨ । ଅନ୍ୟୋନ୍ୟ ସମ୍ବନ୍ଧ ଘଟାଇବା— 2. To bring two persons or things together.
(ଛନ୍ଦାଇବା—ଣିଜନ୍ତ)

ସଜେ କି ଏ ଶୋଭା ସ୍ୱପ୍ନସଙ୍ଗମାକୁ ହାୟ !
ଛନ୍ଦିବେ ଗନ୍ଧ ଉପଦେ ଅମ୍ଭ ନଇବର । ଚିନ୍ତାମଣି. ବିକ୍ରମାଦିତ୍ୟ ।

୩ । ଗଣ୍ଠି ପକାଇବା—3. To tie into a knot.

୪ । ଗୁଡ଼ାଇ କରି ବାନ୍ଧିବା—4. To twine round.

ରତିଶେଷେ ହସ୍ତ ଛନ୍ଦିଲେ ତୋ କଣ୍ଠ ଯାହା ପୀଡ ଫେଂଟା ଫେରରେ ।
କବିସୂର୍ଯ୍ୟ. ଉଦ୍ଧାବର ଚମ୍ପୂ. ର ଗୀତ ।

୫ । ବାନ୍ଧିବା—5. To tie; to bind.

ଗାଈକି ଲେବେ ଛନ୍ଦି ଦୁହନ୍ତି ଗଉଡ଼େ । କୃଷ୍ଣସିଂହ. ମହାଭାରତ, ଆଦି ।

୬ । ପଦ୍ୟାଦି ରଚନା କରିବା— 6 To compose (poems).

କାରବର ବାଷଠି ପଦରେ ଗନ୍ଧ ଛନ୍ଦେ । ଉପେ. ବୈଦେହୀଶବିଳାସ ।

୭ । (ଦୁଧ ଦୋହିଁବା ସମୟରେ ଗାଈଙ୍କର) ଗୋଡ଼କୁ ଛନ୍ଦଦଉଡ଼ିଦ୍ୱାରା ବାନ୍ଧିବା—7. To tie the legs a cow with one another during milking.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ.

ଛନ୍ଦି ହେବା—ଦେ. କ୍ରି.—୧ । ଗୁଡ଼େଇ ଭୁଡ଼େଇ ହେବା; ଛନ୍ଦଣି ମନ୍ଦଣି ହେବା—1. To be intricately bound up; to be intertwined.
Chhandi hebā

ସେ କାଳେ ପୁଣି ନଜେ ହେବେ ଛନ୍ଦି,
ସେ କଣ୍ଟକ କର୍ମକାଣ୍ଡେ ହୋଇ ବନ୍ଦୀ । ରାଧାନାଥ. ମହାଯାତ୍ରା ।

୨ । (ସ. ସନ୍ଦେହ) ସନ୍ଦେହାନ୍ୱିତ ହେବା—
2. To be in doubt or dilemma.

୩ । (ଲକ୍ଷଣାର୍ଥ) ବନ୍ଧାହୁତ ହେବା; ବରକନ୍ୟା ପରସ୍ପରଙ୍କ ଲୁଗା ଓ ହାତ ଗଣ୍ଠିଆଗଣ୍ଠି ହେବା—
3. To be tied in the bond of marriage.

୪ । ସଂଯୁକ୍ତ ହେବା—4. To be connected.

ଛନ୍ଦି ହେଲେ ଲକ୍ଷମାନ ବସନ୍ତ ଆକୃତ ।
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୫ । (ଦୁର୍ବଳତା ଯୋଗୁଁ, ଦୁଇ ଗୋଡ଼) ଚାଲିବାବେଳେ ପରସ୍ପର ବାଜିବା—5. (the legs) To strike each other (owing to weakness), while walking.

ଛନ୍ଦି ହେଲା ଚରଣ କରନ୍ତେ ଗମନ । କୃଷ୍ଣସିଂହ. ମହାଭାରତ. ଆଦି ।

ଛନ୍ଦେ—ଦେ. ଅ.—ଅଭିପ୍ରାୟ ଅନୁସାରେ—
Chhande According to the intention or purport of.

ବିସ୍ତୃ ଶ୍ଲୋକ ଅର୍ଥ ଭାବେ,
ସର୍ବଙ୍କ ବେଦବାକ୍ୟ ଛନ୍ଦେ । ଜଗନ୍ନାଥ. ଭାଗବତ ।

ଛନ୍ଦୋଗ—ସ. ବି. (ଛନ୍ଦଃ + ଗୈ ଧାତୁ = ଗାଇବା + କର୍ତ୍ତୃ. ଅ)—
Chhandoga ୧ । ସାମବେଦଗାନକର୍ତ୍ତା—1. A reciter or chanter of the hymns of the Sāma Beda.

୨ । ସାମବେଦଜ୍ଞ ବ୍ୟକ୍ତି—
2. A person versed in the Sāma Beda.

ଛନ୍ଦୋଗ ପରିଶିଷ୍ଟ—ସ. ବି.—କାତ୍ୟାୟନ କୃତ ସାମବେଦର ଗୋଭିଲ ସୂତ୍ରର ପରିଶିଷ୍ଟ—The title of the appendix to the Gobhila aphorisms of the Sāma Beda.
Chhandoga parisishta

ଛନ୍ଦୋବଦ୍ଧ—ସ. ବିଣ. (୩ୟା ତତ୍, ଛନ୍ଦଃ + ବଦ୍ଧ)—ପଦ୍ୟ ବା ଛନ୍ଦରେ ରଚିତ—Composed in rhymes or metre.
Chhando-baddha

ଛନ୍ଦୋଭଙ୍ଗ—ସ. ବି.—(୬ଷ୍ଠୀ ତତ୍, ଛନ୍ଦଃ + ଭଙ୍ଗ)—ଯତିଭଙ୍ଗ ଦୋଷ; ମାତ୍ରା ବା ଅକ୍ଷରର ନ୍ୟୂନତା ବା ଆଧିକ୍ୟ ଦୋଷରୁ ଗୀତର ଅଶୁଦ୍ଧି—Breach of cadence or measure in poetry.
Chhando-bhanga

ଛନ୍ନ—ସ. ବିଣ (ଛଦ୍ ଧାତୁ ଣିଚ୍ = ଛାଦ ଧାତୁ + କର୍ମ. ତ)—୧ । ଗୁପ୍ତ—1. Concealed; secret.
Chhanna

ନକ ଶରୀର ଛନ୍ନ କରି, କପଟରୂପ ପ୍ରକାଶିଲ । ଜଗନ୍ନାଥ. ଭାଗବତ ।

୨ । ଆଚ୍ଛାଦିତ—2. Covered.

୩ । ଲୁପ୍ତ—3. Disappeared.

ସ. ବି—୧ । ଲୁଚିବାର ସ୍ଥାନ—1. Cover; hiding place.

୨ । ନିର୍ଜନ ସ୍ଥାନ—2. Solitary place; solitude; retreat.

୩ । ଗୁପ୍ତ ସ୍ଥାନ (ହି. ଶବ୍ଦସାଗର)—
3. Secret place.

ଦେ. ବିଣ (ସ. ଉଚ୍ଛନ୍ନ)—ଉଚ୍ଛନ୍ନ; ଉଦ୍ବିଗ୍ନ; ଅତ୍ୟନ୍ତ ଚଞ୍ଚଳ—
Anxious; eager; very uneasy.

ଛନ୍ନ କରୁଚ ଘା ତଳ—ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଦେ. ବି—କିଂକର୍ତ୍ତବ୍ୟବିମୂଢ଼ତା—Bewilderment.

ବେଢ଼ିଲେ ଅତି ଅନାସ୍ତିତ. ଛନ୍ନେ ନ ଦିଶେ ଦିବା ରଥ—ଜଗନ୍ନାଥ. ଭାଗବତ ।

ଛନ୍ନଛନ୍ନ—ଦେ. ବିଣ—ଉଦ୍ବିଗ୍ନ—
Chhanna-chhanna Anxious.

ଗାଲବନ୍ଦ ସନସନ ନାଦେ କଲା ଛନ୍ନଛନ୍ନ, ପୁଣି ଭଞ୍ଜେ କଲି ମନ ମନ—
ଭଞ୍ଜ. ପ୍ରେମସୁଧାନିଧି ।

ଛନ୍ନଛିଦ୍ର—ଗ୍ରାମ୍ୟ (ପ୍ରାଚୀନ ପଦ୍ୟ) ବିଣ—ଶୋଭାହୀନ; ଅସୁନ୍ଦର—
Chhanna-chhidra Not beautiful; uncouth.

ଅଟେ ଗୋଲ ପାଣ ଥାଇ ଅଟେ ଛନ୍ନଛିଦ୍ର—ପ୍ରାଚୀ. ବୃନ୍ଦାବନରୂପଚନ୍ଦ୍ରିକା ।

ଛନ୍ନମତି—ସ. ବିଣ (ବହୁବ୍ରୀହି; ଛନ୍ନ + ମତି)—୧ । ମତିଛନ୍ନ; ଲୁପ୍ତବୁଦ୍ଧି; ଯାହାର ବୁଦ୍ଧି ଅବସନ୍ନ ହୋଇଅଛି; କିଂକର୍ତ୍ତବ୍ୟବିମୂଢ଼—1. Dumbfounded; bewildered.
Chhannamati

ଛନକାରେ ସ୍ତବ୍ଧ ହୋଇ ହେଲେ ଛନ୍ନମତି,
ସର୍ବପ୍ରାଣୀ ନ ଜାଣେ, କ ସ୍ଥଳେ କିହାସୁଦେ । ରାଧାନାଥ. ମହାଯାତ୍ରା ।

୨ । ଜଡ଼; ମୂର୍ଖ (ହି. ଶବ୍ଦସାଗର)—
2. Stupid; dunce.

ଛପ (ଧାତୁ)—ସ.—ଆଘାତ କରିବା—
Chhap (root) To hurt (M. W.)

ଛପଛପକା—ଦେ. ବିଣ—ଛାପଛାପିକିଆ; ଚିତ୍ରିତ; ଛିତ୍କା—Variegated with spots of different colours; speckled; motley.
Chhapa-chhapakā
ছাপছাপ; ছাবকা
रङ्गबिरङ्ग

(ଛପଛପକିଆ; ଛପଛପିକା; ଛପଛପିକିଆ—ଅନ୍ୟରୂପ)

ଛପଛପ ହେବା—ପ୍ରାଦେ (ଯାଜପୁର) କ୍ରି—ଘଟଘଟ ହେବା (ଦେଖ)
Chhapa-chhapa hebā Ghaṭa-ghaṭa hebā (See)

ଛପଟିଆ ମାରିବା—ଦେ. କ୍ରି—୧ । ଝାମ୍ପ ମାରିବା—
Chhapaṭiā maribā 1. To pounce upon.
ছোমারা

୨ । (ଲକ୍ଷଣାର୍ଥ) ଠକିବା; ପ୍ରତାରଣା କରିବା—
पंजामारना 2 (figurative) To cheat; to deceive.

ଛପନ—ଦେ. ବି (ସ. ଷଟ୍‌ପଞ୍ଚାଶତ୍—ପ୍ରା. ଛପ୍ପଣ)—ପଞ୍ଚାଶ ଅପେକ୍ଷା ଛଅ ଅଧିକ ସଂଖ୍ୟା—Fifty-six.
Chhapana

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଓ
୨	ଈ	ଊ	ରୁ	ଲୃ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଔ	.ନ୍

ଛପାଁନ୍; ଛପ୍ପନ୍ ବିଣ—ପଞ୍ଚାଶ ଅପେକ୍ଷା ଛଅ ଅଧିକ—Numbering
छप्पन fifty-six.

ଛପନ କୋଟୀ ଜୀବ—ଦେ. ବି—୧ । ୫୬୦୦୦୦୦୦୦୦ ସଂଖ୍ୟକ ଜନ୍ତୁ—
Chhapana koṭi jiba 1. 560 millions of animals.
୨ । ପୃଥିବୀର ଯାବତୀୟ ଜନ୍ତୁ—
2. All the animals in the creation.

ଛପନ ଭୋଗ—ଦେ. ବି—ଜଗନ୍ନାଥଙ୍କ ନିକଟରେ ଭୋଗ ହେବା ନାନା-
Chhapana bhoga ପ୍ରକାର ମିଷ୍ଟାନ୍ନ; ଜଗନ୍ନାଥଙ୍କର ପିଠା ଭୋଗ—
(ଛପନା ଭୋଗ—ଅନ୍ୟରୂପ) Many kinds of sweetmeats and cakes offered to Lord Jagannātha at Puri.

ଛପନାକୋଟୀ ଜୀବ—ଦେ. ବି—ଛପନକୋଟୀ ଜୀବ (ଦେଖ)—
Chhapanā-koṭi jiba Chhapanakoṭi jiba (See)

ଛପନାଶହେ—ଦେ. ବି ଓ ବିଣ—୧୫୬; ଏକଶହ ଛପନ—
Chapanāsahe The number 156.
(ଦ୍ର—ଛପନାଦୁଇଶ=୨୫୬)

ଛପର—ଦେ. ବି (ସଂ ଛଦ ଧାତୁ; ସଂ ଛୃପ)—୧ । ଘରର ଚାଳ—
Chhapara 1. The thatch of a house; the roof
छप्पर of a thatched house.
छप्पर ୨ । ତୃଣର ଆଚ୍ଛାଦନ—2. A covering of grass.
୩ । ଛପର ହୋଇଥିବା ଘର—3. Thatched house.
୪ । ଶଗଡ଼ ଉପରେ ଆଚ୍ଛାଦିତ ଛାଟ —
4. Thatch of a cart.
ଦେ. ବିଣ—ଛପର ହୋଇଥିବା—Thatched.
(ଯଥା—ଛପରଘର; ଛପର ଗାଡ଼ି)

ଛପର କରିବା—ଦେ. କ୍ରି—ଘର ଛୁଆଣି କରିବା—
Chhapara karibā To thatch a house.
छप्पर छाओना (ଛପର ଛାଇବା—ଅନ୍ୟରୂପ)
छप्पर छाना

ଛପର ଫାଡ଼ିକରି ଦେବା—ଦେ. କ୍ରି—(ଯେଉଁ ଘର ଘରମଧ୍ୟରେ
Chhapara phārdi-kari debā ବହିଥିବା ଲୋକଙ୍କୁ କେହି
छप्पर फुड़े देओया ଚାଳକଣା କରି ଚାଳବାଟେ ଗଳାଇ କୌଣସି
छप्परफाड़कर देना ବସ୍ତୁ ପକାଏ ବା ଢାଳିଦିଏ,ସେହିପରି ଅନାୟାସରେ
ବା ପରିଶ୍ରମ କରି ନ ଥିବା ବ୍ୟକ୍ତିଙ୍କୁ ବହୁ ପରିମାଣରେ
ବାଞ୍ଛିତ ବସ୍ତୁ ଦେବା—To give a person profusely what he wants without his having to strive for it
(ଯଥା—ମହାପ୍ରଭୁ ଯାହାକୁ ଦିଅନ୍ତି ତାକୁ ଛପର ଫାଡ଼ିକରି ଦିଅନ୍ତି—ହିନ୍ଦି ପ୍ରବଚନର ଅନୁବାଦ ପ୍ରବଚନ)—

ଛପରବନ୍ଧ—ଦେ. ବି—୧ । ଗୃହର ଛାତକୁ ତୃଣାଦି ଦ୍ୱାରା ଆଚ୍ଛାଦନ—
Chhapara-bandi 1. Thatching of a house
छप्परबन्दि ୨ । ଘରଛୁଆଣି କରିବା ମୂଲିଆ—
छप्परबन्द 2. Thatcher; a person who thatches a
(ଛପରବନ୍ଦ—ଅନ୍ୟରୂପ) house.
ବିଣ—ଛୁଆଣି କରାଯାଇଥିବା (ଗୃହ)—Thatched.(house).

ଛପର ବେଠି—ପ୍ରାଦେ. (ଗଡ଼ଜାତ) ବି—ବିନା ମଜୁରିରେ ଅର୍ଥାତ୍
Chhapara beṭhi ବେଠିରେ ରାଜାଙ୍କ ଘର ଅନ୍ତର ପ୍ରତି ବର୍ଷ
ବେଠିଆ ପ୍ରଜାଙ୍କଦ୍ୱାରା ଛୁଆଣି—Impressed labour consisting of the tenants thatching the houses of a Rājā annually.
[ଦ୍ର—ଗଡ଼ଜାତର ପ୍ରଜାମାନେ ସାଧାରଣତଃ ମୋଗଲବନ୍ଦିର ପ୍ରଜାଙ୍କ ଅପେକ୍ଷା ଋଣ ଅଧିକ ଜମିପାଇଁ ଅଳ୍ପ ଖଜଣା ଦିଅନ୍ତି ଓ ଖଜଣା ପରିବର୍ତ୍ତେ ରାଜାଙ୍କର ନାନାଦି ବେଠି କରନ୍ତି, ଅର୍ଥାତ୍ ବିନା ପାରିଶ୍ରମିକରେ, ଓ ଅଧିକାଂଶ ସ୍ଥଳରେ ବିନା ଖୋରାକରେ ମଧ୍ୟ, ରାଜାଙ୍କର ନାନା କାର୍ଯ୍ୟ କରନ୍ତି । ତହିଁ ମଧ୍ୟରୁ ରାଜାଙ୍କର ବା ରାଜକର୍ମଚାରୀଙ୍କର ଘରମାନ ବାର୍ଷିକ ଛୁଆଣି କରିବା ଏକତମ । ପ୍ରତ୍ୟେକ ପ୍ରଜାର ଜମିର ପରିମାଣ, ଜାତି ଓ ବ୍ୟବସାୟ ଅନୁସାରେ ବେଠିର ପରିମାଣ ଓ ପ୍ରକାର ନିରୂପିତ ହୁଏ । ରାଜାଙ୍କ ନିଜସ୍ୱ ଜମି ହଳକରିବା (ହଳ ବେଠି), ରାଜାଙ୍କ ବଗିଚା ବାଡ଼ ବୁଜିବା (ଖଗ ବେଠି), ଶିକାରବେଳେ ବଣରେ ଜନ୍ତୁଙ୍କୁ ହୁରୁଡ଼ାଇ ଆଣିବା (ଆଡ଼ି ବେଠି), ସଡ଼କମାନ ତିଆରି କରିବା (ସଡ଼କ ବା ରାସ୍ତା ବେଠି); ଏହିପରି ନାନାପ୍ରକାରର ବେଠି ଗଡ଼ଜାତମାନଙ୍କରେ ପ୍ରଚଳିତ । କେତେକ ସହୃଦୟ ରାଜା ଏ ପ୍ରଥା ବନ୍ଦ କରିବାକୁ ଚେଷ୍ଟା କରୁଅଛନ୍ତି]

ଛପରା—ଦେ. ବି—୧ । ଘରର ଚାଳ—
Chhaparā 1. Thatch of a house.
छप्पर ୨ । ଶଗଡ଼ ଉପରେ ଆଚ୍ଛାଦିତ ଛାଟ—
छपरा 2. Thatch of a cart.
ଦେ. ବିଣ—ପେଜୁଆ (ଭାତ)—(boiled rice) Having gruel still sticking to it.
(ଯଥା—ଆଜି ଭାତ ଛପରା ଲାଗୁଛି ।)

ଛପା—ଦେ. ବି. (ମୂଳ—ବି. ଛପା) —
Chhapā ୧ । ବାଉଁଶପତର ବା ନଡ଼ିଆପତ୍ରର ଲମ୍ବା ଅସନ—
चटाई,चेटाई 1. A long mat made of bamboo-
साथरी, चटाइ scantlings or cocoanut-leaves.
छिपा, चापा ୨ । (ସଂ. କ୍ଷିପ ଧାତୁ, ସଂ. କ୍ଷପଣ=ନାଶ) ଲୁଚିବା,
छिपना ଗୋପନ—2. Concealment; hiding.
छापा ୩ । (ସଂ. ଛପନ=ଛେଦିବା) ଛାପିବା; ମୁଦ୍ରଣ—
छपाइ 3. Printing.
छाप ୪ । ମୋହର; ମୁଦ୍ରା—
छाप 4. Seal.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

୫ । ମୁଦ୍ରାକାର ମୁଦ୍ରିତ ଧାତୁଖଣ୍ଡ—5. A piece of metal stamped with letters like a coin.

୬ । କୌଣସି ବସ୍ତୁ ଉପରେ ମୁଦ୍ରିତ ଚିହ୍ନ— 6. A mark sealed on a thing.

୭ । ମୁଦ୍ରିତ ଚିହ୍ନଯୁକ୍ତ କାଗଜ; ଟିକଟ—7. A bit of paper stamped with a distinctive mark; ticket; stamp.

୮ । ମୁଦ୍ରିତ ଛବି—8. Printed picture.

୯ । ଫଟୋ; ଛାୟାଚିତ୍ର, ଫଟୋଗ୍ରାଫ୍ ଯନ୍ତ୍ରଦ୍ୱାରା ଉତ୍ପାଦିତ ଛବି— 9. Photo.

ଦେ. ବଣ.—୧ । ମୁଦ୍ରିତ—1 Printed.

ছাপান (ଯଥା—ଛପା ବହି, ଛପା କାଗଜ ।)

छापा ୨ । ଗୁପ୍ତ; ଲୁକ୍କାୟିତ— 2. Concealed; hidden.

चापा (ଯଥା—ଛନାକାଣ୍ଡ, ମଣିଷମାରୁ ବହୁକାଳ ଯାଏ ଛପା ରହେ

छिपा ନାହିଁ ।)

ଯେତେକ ଯାତ୍ରା କର ଯେତେ ଡୋଡ଼ାଇ,
ନ ରହେ କହ ଛପା କଥା ଠାଇଁ । ଭିକାରୀଚରଣ. ଗୀତଲହରୀ ।

୩ । ଅଜ୍ଞାତ—3. Unknown.

ମୋତେ କହ ନାହିଁ ଛପା ଥାଏ ଉକ୍ତଳରେ—ଭିକାରୀ ଚରଣ, କଣ୍ଟକକଳ୍ପ ।

୪ । ସାଧାରଣରେ ଅପ୍ରକାଶିତ—4. Unpublished.

ଛପାଇ—ଦେ. ବ (ସଂ. ଗୃପ)—୧ । ମୁଦ୍ରଣ—
Chhapāi 1. Printing.
ছাপাই ୨ । ମୁଦ୍ରଣର ପ୍ରକାର—2. Mode of printing.
छपाई (ଯଥା—ଏ ପୁସ୍ତକଟିର ଛପାଇ ଖୁବ୍ ସୁନ୍ଦର ହୋଇଅଛି ।]
(ଛପେଇ—ଅନ୍ୟରୂପ) ୩ । ମୁଦ୍ରଣବ୍ୟୟ—3. Printing-charges.

ଛପା(ପେ)ଇ ଖର୍ଚ୍ଚ—ଦେ. ବ—ମୁଦ୍ରାଙ୍କନର ବ୍ୟୟ—
Chhapā(e)i kharchcha Printing-charges.
ছাপাইখরচ (ଛପାଇ ଖରଚ—(ଅନ୍ୟରୂପ)
छपाखर्च

ଛପାଇବା—ଦେ. କ୍ରି—୧ । (ସଂ. ଚପନ) ମୋହୋର ମାରିବା;
Chhapāibā ଛାପିବା—1. To stamp; to set a seal
ছাপা upon some thing.
छपाना ୨ । (ଛାପିବାର ଣିଜନ୍ତ ରୂପ) ଅନ୍ୟଦ୍ୱାରା (ପୁସ୍ତକାଦି) ଛାପିବା—2. To get (a book or paper)
ছাপান printed.
छपवाना ୩ । ଚପାଇ ଦେବା; କୌଣସି ବସ୍ତୁ ଉପରେ ଟିକଟ ବା କାଗଜ ମାରିଦେବା—3. To stick a paper or ticket on a thing.
ছাপান ୪ । (ଛପିବାର ସକର୍ମକ ରୂପ) ଲୁଚାଇବା—
छिपाना 4. To conceal a thing.

ଏଣୁ ତୁମ୍ଭେ ତାହାଙ୍କୁ ଛପାଇଛ ଦେଲ—କୃଷ୍ଣସିଂହ. ମହାଭାରତ. ଆଦି ।

୫ । ଘୋଡ଼ାଇଦେବା—5 To cover up.

(ଛପେଇବା—ଅନ୍ୟରୂପ) ମେଘରେ ସେହି ଚନ୍ଦ୍ର ସୂର୍ଯ୍ୟଙ୍କୁ ଛପାଇ— କୃଷ୍ଣସିଂହ, ମହାଭାରତ. ବନ ।

ଛପା କରିବା—ଦେ. କ୍ରି—ଛାପିବା; ପୁସ୍ତକାଦି ମୁଦ୍ରଣ କରିବା—
Chhapā karibā To print.
ছাপা
छापना

ଛପା କାଗଜ—ଦେ. ବ—୧ । ଚପା କାଗଜ; ବ୍ଲଟିଙ୍ଗ୍; ଲେଖା କାଗଜରୁ
Chhapā kāgaja କାଳି ଶୋଷିବା ନିମନ୍ତେ ବ୍ୟବହୃତ
ছাপা কাগজ କାଗଜ—1. Blotting paper.
सोख्ता
ছাপা কাগজ ୨ । ମୁଦ୍ରିତ କାଗଜ—2. Printed paper.
छापा कागज ୩ । ସମ୍ବାଦପତ୍ର—3. Newspaper; gazette.

ଛପାଖାନା—ଦେ. ବ. (ସଂ. ଚପନ+ପା. ଖାନା)—ମୁଦ୍ରାଯନ୍ତ୍ର; ପ୍ରେସ୍;
Chhapā-khānā ଛାପାଖାନା—Printing press.
ছাপাখানা
छापाखाना

ଛପାଚୋରା—ଦେ. ବ. (ସହଚର)—୧ । ଗୁପ୍ତକର୍ମ—
Chhapā-chorā 1. Secret act.
লুকাচুরি ୨ । ଗୋପନ—2. Conceament
चुराछिपा ଦେ. ବଣ—୧ । ଗୁପ୍ତ—1. Secret.
(ଛପାଲୁଚ—ଅନ୍ୟରୂପ) ୨ । ଲୁକ୍କାୟିତ—2. Concealed; hidden.

ଛପାଛପି—ଦେ. ବ—୧ । ମୁଦ୍ରଣ—
Chhapā-chhapi 1. Printing.
ছাপাছাপি ୨ । ଲୁଚାଇବା—2. Concealment; hiding.
छपाछपि ଦେ. ବଣ—ମୁଦ୍ରିତ—1. Printed.
୨ । ଲୁକ୍କାୟିତ—2. Concealed.
ଦେ. କ୍ରି. ବଣ—ଗୁପ୍ତଭାବରେ; ଲୁଚାଇକରି; ଚୁପ୍‌ଚାପ୍; ଚୁପ୍‌ଚୁପ୍—Secretly.

ଛପାମୁଦି—ଦେ. ବ. (ସଂ. ଚପନ+ମୁଦ୍ରିକା)—୧ । ନାମାଙ୍କିତ
Chhapāmudi ମୁଦ୍ରିକା; ଯେଉଁ ମୁଦି ଉପରେ ମାଲିକର ନାମ
सील आंगटी ଲେଖା ହୋଇଥାଏ—
छपहा; छाप 1. Sealed ring; signet ring.
୨ । ଯେଉଁ ମୁଦିରେ ପଥର ବସା ନ ଯାଇ ଧାତୁଖଣ୍ଡ ବା ମୁଦ୍ରା ଥାଏ—2. A finger-ring having a metal plate or coin set on its top.

ଛପା ରହିବା—ଦେ. କ୍ରି—୧ । ଲୁଚି କରି ଅବସ୍ଥାନ କରିବା; ଗୁପ୍ତ
Chhapā rahibā ହୋଇ ରହିବା; ଲୋକମାନଙ୍କର ଅଜ୍ଞାତ ହୋଇ
ছাপা থাকা ରହିବା—To lie hid; to remain
छिपा रहना unknown; to lurk.

ପାପ ଛପା ରହେ ନାହିଁ—ଫକୀରମୋହନ, ଛମାଣ ଆଠଗୁଣ୍ଠ ।

୧	ଇ	ଉ	ଋ,ଝ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଇଯ୍	ଡଅ	ଢ
୨	ଈ	ଊ	ରୁ	ଲୃ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟ	ଇଅ	ଡ଼	ନ୍

ଛପାରେ ଉଠିବା—ଦେ. କ୍ରି—୧ । କୌଣସି ବିଷୟ ମୁଦ୍ରିତ ହେବାଦ୍ୱାରା ପ୍ରକାଶିତ ହେବା—1. To be published by bing printed; to get into print.
Chhapāre uṭhibā
ছাপায় উঠা
छापमे उठाना

୨ । ଆପଣାର ନାମ ବା କାର୍ଯ୍ୟକଳାପ ସମ୍ବାଦପତ୍ର ଆଦିରେ ମୁଦ୍ରିତ ହୋଇ ବିଖ୍ୟାତ ହେବା—
2. To become famous by one's name being printed in newspaper.
(ଯଥା—ଅସହଯୋଗ ଆନ୍ଦୋଳନର ନେତା ହେବାଦ୍ୱାରା ମୋ ନାଆଁଟା ଛପାରେ ଉଠିଗଲା ।)

୩ । ଫଟୋଗ୍ରାଫ୍ ଯନ୍ତ୍ର ସାହାଯ୍ୟରେ ମୁଦ୍ରିତ ହେବା—
3. To be photographed.

ଛପାଳି—ଦେ. ବି—ମୁଦ୍ରାକର; ଛାପାଖାନାରେ ଯେଉଁ ବ୍ୟକ୍ତି ପୁସ୍ତକାଦିର ମୁଦ୍ରଣ କାର୍ଯ୍ୟ କରେ—Printer.
Chhapāli
छपवैया

ଛପା ହେବା—ଦେ. କ୍ରି—୧ । (ଛାପିବାର କର୍ମବାଚ୍ୟ) ଛାପାହେବା; ମୁଦ୍ରିତ ହେବା—1. (passive voice of Chhāpibā) To be printed.
Chhapā hebā
ছাপাহওয়া
छपना; छापा जाना

୨ । (ଛପିବାର କର୍ମବାଚ୍ୟ) ଲୁଚି ହେବା; ଗୋପିତ ହେବା—2. (passive voice of Chhapibā) To be concealed.
ছাপা হওয়া
छिपा होना
(ଛପା ଯିବା—ଅନ୍ୟରୂପ)

ଛପାଛପି—ଦେ. କ୍ରି; ବିଣ. (ଛପିବା କ୍ରିୟାର ଅସମାପିକାରୂପ, କ୍ରି. ବିଣ. ରୂପେ ବ୍ୟବହୃତ)—ଲୁକ୍କାୟିତଭାବରେ; ଲୁଚାଲୁଚିକା; ଲୁଚକରି; ଗୁପ୍ତରୂପେ; ଅନ୍ୟମାନଙ୍କ ଅଜ୍ଞାତରେ—Stealthily; without the knowledge of others.
Chhapāchhapi
লুকিয়ে লুকিয়ে
छिपकर; छिपाछिपी
(ଛପିଛପିକା—ଅନ୍ୟରୂପ)
(ଯଥା—ମୁଁ ଛପିଛପି ତାଙ୍କ କଥାବାର୍ତ୍ତା ଶୁଣି ଆସିଲି ।)

ଛପିବା—ଦେ. କ୍ରି. (ଅକର୍ମକ) (ସଂ. କ୍ଷିପ ଧାତୁ)—
Chhapibā ୧ । ଲୁଚକରି ରହିବା—1. To lie concealed.
ছিপা; লুকা ୨ । ଲୁଚିବା—2. To hide; to lurk; to conceal one's self.
छिपना
(ଛପାଇବା—ଣିଜନ୍ତ) ୩ । ସାଧାରଣ ବା ଅନ୍ୟ ବ୍ୟକ୍ତିର ଦୃଷ୍ଟିରେ ନ ଆସିବା; ଦେଖା ନ ପଡ଼ିବା—
3. Not to come to the view of the public; not to be apparent.
ଛପିବାର ଅଛି କ ସେ—କବିସୂର୍ଯ୍ୟ. କଳୋଗବମ୍. ଛ-ଗୀତ ।

୪ । (ଅଲୋକ) ଲିଭିଯିବା; ନିର୍ବାପିତ—
4, (light) To be extinguished.

୫ । (ଶବ୍ଦ) ଉଚ୍ଚତର ଶବ୍ଦରେ ଲୀନ ହେବା; ବୁଡ଼ିଯିବା—5. (a sound) To sink in a louder sound.
ଅର୍ଜୁନ ଶଙ୍ଖ ଶବ୍ଦ ବ୍ୟାପି ଗନ୍ଧପୁରେ
ଛପିଗଲା କୃଷ୍ଣଙ୍କ ଶଙ୍ଖ ଶବଦରେ—କୃଷ୍ଣସିଂ. ମହାଭାରତ. ଦ୍ରୋଣ ।

୬ । ଲୋପ ପାଇବା; ଲୁପ୍ତ ହେବା—6. To disappear; to become extinct; to be effaced.

୭ । ଅବୃତ ହେବା; ଘୋଡ଼ାଇ ହୋଇଯିବା—
7. To be overshadowed or covered.
(ଯଥା—ବାଦଲରେ ଚନ୍ଦ୍ର ଛପିଛନ୍ତି ।)
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଯିବା କ୍ରିୟାର ସମାପିକାରୂପ ଲାଗେ ।]

ଛପୋଇ—ଦେ. ବି—ଛଅପୋଇ (ଦେଖ)
Chha-poi Chhaapoi (See)

ଛଫୁଲିଆ—ଦେ. ବିଣ—ଧଡ଼ିରେ ଛଅଧାଡ଼ି ଫୁଲ ବୁଣା ହୋଇଥିବା (ଶାଢ଼ୀ ବା ଲୁଗା)—(a cloth) Having six lines of floral work wrought on its border.
Chha-phuliā
ମୁଣ୍ଡରେ ମଇଁସିଆଁ ଛଫୁଲିଆ ଉଢ଼ଣୀ ବନ୍ଧା ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।
(ଛଅଫୁଲିଆ—ଅନ୍ୟରୂପ)

ଛବି—ସଂ. ବି. (ଛୋ ଧାତୁ=ଛେଦନ କରିବା+କରଣ. ଇ; ଯାହାଦ୍ୱାରା ଅନ୍ଧକାରକୁ ଛେଦନ କରାଯାଏ)—
Chhabi
୧ । ଅଲୋକରଶ୍ମି—
1. A ray of light (M. W.)
୨ । ସୌନ୍ଦର୍ଯ୍ୟ; ଶୋଭା—
2. Beauty; grace (M. W.)
୩ । ଦୀପ୍ତି—3. Splendour (M. W.)
୪ । ଚମଡ଼ା; ଦେହର ଚମ—
4. Skin; cuticle (M. W.)
୫ । ଚମର ବର୍ଣ୍ଣ—
5 Colour of the skin (M. W.)
୬ । ରଙ୍ଗ; ବର୍ଣ୍ଣ—6 Colour (M. W.)

ବୈଦେ. ବି. (ଅ. ଶବୀହ୍; ଭୁଲ. ଅ. ତସ୍‌ବୀର୍)—
୧ । ପ୍ରତିମୂର୍ତ୍ତି—1. Figure; image.
୨ । ଅଙ୍କିତ ଚିତ୍ର—
2. Picture; drawn figure.
୩ । ପ୍ରତିକୃତି; ଫଟୋ; ପ୍ରତିରୂପ—
3. Likeness; photo.
୪ । ଚେହେରା; ରୂପ—4. Mien; appearance.
ଛବିତ ଅବଳ ବଗେ । କବିସୂର୍ଯ୍ୟ. କଳୋଗବମ୍. ଛ ଗୀତ ।
୫ । ପ୍ରତିବିମ୍ବ—5 Reflection.

ଦେ. ବି—ଛଇ (ଦେଖ)
Chhai (See)
[ଦ୍ର—ଛବି ଶବ୍ଦର ଅଧିକାଂଶ ଅର୍ଥ (ଚିତ୍ର)=ଅରବୀ, ଶବୀହ୍ ।]

> ସାଧାରଣ ଲୋକେ ଉପର ପୃଷ୍ଠାରେ ସତତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

ଛବି ଅଙ୍କିବା—ଦେ. କ୍ରି (ଅ. ଶବାହ୍ + ଅଙ୍କନ)—
Chhabi ānkibā — ଚିତ୍ର ଅଙ୍କିତ କରିବା ବା ଲେଖିବା—
ছবি আঁকা, छवि आँकना — To draw a picture; to sketch a picture.
(ଛବି କାଟିବା—ଅନ୍ୟରୂପ)

ଛବି ଉଠାଇବା—ଦେ. କ୍ରି—୧ । ଫଟୋଗ୍ରାଫ୍ ଦ୍ୱାରା ପ୍ରତିରୂପ ଉଠାଇବା-
Chhabi uṭhāibā — 1. To take a photo; to photograph.
ছবিতোলা, छवि उतारना — ୨ । କୌଣସି ଚିତ୍ର ଦେଖି ତହିଁ ଅଦର୍ଶରେ ଚିତ୍ର ଅଙ୍କିତ କରିବା—
ଛବି ଉତାରିବା; ଛବି ଉଠେଇବା } ଅନ୍ୟରୂପ — 2. To draw or sketch a picture from a model.

ଛବି ଉଠିବା—ଦେ. କ୍ରି—୧ । ବୈଜ୍ଞାନିକ ପ୍ରଣାଳୀରେ ଛାୟାଚିତ୍ର ଅଙ୍କିତ ହେବା—
Chhabi uṭhibā — 1. Photographing; the production of a picture by photography.
ছবি উঠা, छवि उतरना
ଛବି ଉଠା, ଛବି ଉଭୁରା, ଛବି ଉଭୁରିବା } ଅନ୍ୟରୂପ — ୨ । ଚିତ୍ରାଙ୍କନ—2. Drawing; sketching of a picture.

ଛବିଲ—ଦେ. ବି. (ସ. ଛବି)—୧ । ଚିତ୍ରିତ—
Chhabiḷa — 1. Dyed; painted.
(ଛବିଲା—ସ୍ତ୍ରୀ) — ୨ । ଦୀପ୍ତିମୟ—2. Bright; radiant.
চটকদার — ୩ । ମନୋହର—
छबीला — 3. Charming; enchanting; handsome.
୪ । ସୁନ୍ଦର—4. Beautiful; graceful; gay.
୫ । ଶୋଭାମୟ; ନାନା ସୌନ୍ଦର୍ଯ୍ୟଯୁକ୍ତ—
5. Picturesque.

'ଛବିଲ ଲକ୍ଷଲେ ଲୋ ଛବି ଅତୁଳ । ରାଧାନାଥ. ଚିଲିକା ।

୬ । ଛଇଲ (ଦେଖ)
6. Chhaiḷa (See)
୭ । ଛଇଲା (ଦେଖ)
7. Chhaiḷā (See)

ଛବିଲ୍ଲ—ଦେ. ବିଣ. (ସ. ଛବି)—
Chhabillā — ୧ । ଚିତ୍ରିତ—1. Spotted.
ছাবকা — ୨ । ଛିତିକା—2. Multicoloured.
छबीला — (ଯଥା—ଛବିଲ୍ଲ ଘୋଡ଼ା ।)

ଛବିଶ—ଦେ. ବି ଓ ବିଣ. (ସ. ଷଡ଼୍ବିଂଶତି; ପ୍ରା. ଛବୀଶା)—
Chhabiśa — ୨୬ ସଂଖ୍ୟା; କୋଡ଼ିଏ ଅପେକ୍ଷା ଛଅ ଅଧିକ ସଂଖ୍ୟା--
ছাব্বিশ, ছাব্বিস — The number 26; twentysix.
छब्बिस — ବିଣ—ଷଡ଼ବିଂଶ ସଂଖ୍ୟକ—
(ଛବିଶି—ଅନ୍ୟରୂପ) — Numbering twentysix.

ଛବିଶାଶହେ—ଦେ. ବି ଓ ବିଣ. (ସ. ଷଡ଼୍ବିଂଶତ୍ୟୁତ୍ତରଶତ)—
Chhabiśā-śahe — ୧୨୬; ଏକ ଶତ ଛବିଶ—
One hundred and twentysix.
[ଦ୍ର—ଛବିଶା ଦୁଇଶ = ଦୁଇଶ ଛବିଶ ।]

ଛବିଶି—ଦେ. ବି—ଛବିଶ (ଦେଖ)
Chhabiśi — Chhabiśa (See)

ଛମ୍ (ଧାତୁ)—ସ—ଭକ୍ଷଣ କରିବା—
Chham (root) — To eat.

ଛମଣ୍ଡ—ସ. ବିଣ. ପୁଂ. (ଛମ୍ ଧାତୁ + ସଂଜ୍ଞାର୍ଥ. ଅଣ୍ଡ)—
Chhamaṇḍa — ଅନାଥ; ପିତୃମାତୃହୀନ; ଛେଉଣ୍ଡ—
(ଛମଣ୍ଡୀ—ସ୍ତ୍ରୀ) — Orphan (infant); one who has lost either or both of the parents.

ଛମାଖ—ପ୍ରାଦେ. (ଗଞ୍ଜାମ) ବି—ଛକା; କଉଡ଼ି ଖେଳରେ ଛଅ କଉଡ଼ା ଯାକ କଉଡ଼ି ମୁହଁ ମାଡ଼ିପଡ଼ିବା—
Chhamākha — The six kauries falling with the ventral side down in a game of kauries (sea-shells).

ଛମାସିଆ—ଦେ. ବିଣ—୧ । ଯାହାର ବୟସ ଛଅ ମାସ; ଷଣ୍ମାସ ବୟସ୍କ—
Chha-māsiā — 1. Six months old; aged six months.
ছমাসিয়া — ୨ । ଛଅ ମାସ ସମ୍ବନ୍ଧୀୟ; ଷାଣ୍ମାସିକ—
छमासी — 2. Pertaining to six months.
୩ । ଛଅ ମାସ ଅନ୍ତରରେ ଘଟିବା—
3. Sixmonthly; half yearly.

ଛୟ—ବୈଦେ. ବିଣ. ପ୍ରାଦେ. (ସମ୍ବଲପୁର) (ହିନ୍ଦୀରୁ ଅନୁକୃତ)—
Chha-y — ୬; ଛଅ—6; Six.

ଛୟଲାଟ୍—ଦେ. ବି ଓ ବିଣ—ଛଇଲ୍ (ଦେଖ)
Chhayalāṭ — Chhail (See)

ଛୟାଅଶି—ଦେ. ବି. (ସଂଖ୍ୟାବାଚକ, ସ. ଷଡ଼ଶୀତି; ପା. ଛଳାସୀତି; ପ୍ରା. ଛାସୀ)—ଅଶି ଅପେକ୍ଷା ସାତ ଅଧିକ ସଂଖ୍ୟା—
Chhayā-aśi — Eightysix.
ছিয়াশী, छियासी — ବିଣ—ଅଶି ଅପେକ୍ଷା ସାତ ଅଧିକ ସଂଖ୍ୟକ—
(ଛୟାଶି—ଅନ୍ୟରୂପ) — Numbering 86.

ଛୟାନବେ—ଦେ. ବି.—(ସଂଖ୍ୟାବାଚକ; ସ. ଷଣ୍ଣବତି, ପ୍ରା. ଛଣ୍ଣବଇ)--
Chhayā-nabe — ନବେ ବା ନବ୍ବେ ଅପେକ୍ଷା ଛଅ ଅଧିକ ସଂଖ୍ୟା—
ছিয়ানব্বই, ছানবে — Ninetysix.
छियानबे — ଦେ. ବିଣ.—ନବେ ଅପେକ୍ଷା ଛଅ ଅଧିକ—
Numbering ninetysix.
(ଛୟାଣେଇ; ଛୟାଣୋଇ; ଛୟାଲବେ; ଛୟାଁଲବେ; ଛୟାନବେ; (ଛୟାଲୋଇ, ଛୟାଁଲୋଇ—ଅନ୍ୟରୂପ)

ଛୟାଳିଶ—ଦେ. ବି.—(ସଂଖ୍ୟାବାଚକ; ସ. ଷଟ୍ଚତ୍ୱାରିଂଶତ୍; ପ୍ରା. ଛଚତ୍ତାଲୀସ)--ଚାଳିଶ ଅପେକ୍ଷା ଛଅ ଅଧିକ ସଂଖ୍ୟା—
Chhayāḷiśa — Fortysix.
छचालिश

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଙ୍କ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ୍	ଗଁ୍ୟ	ଇଅ	●	ନ୍ତ

ଛିୟାଳିସ ଦେ. ବଣ.—ଚାଳିଶ ଅପେକ୍ଷା ଛଅ ଅଧିକ—
(ଛୟାଳିଶି—ଅନ୍ୟରୂପ) Numbering fortysix.

ଛୟାଳିଶାଶହେ—ଦେ. ବ.—ଏକଶତ ଛୟାଳିଶ—
Chhayālisā-sahe One hundred and fortysix.
(ଦ୍ର—ଛୟାଳିଶାଦୁଇଶ=ଦୁଇ ଶତ ଛୟାଳିଶ ।)

ଛୟାଶୀ—ଦେ. ବ. ଓ ବଣ—ଛୟାଅଶି (ଦେଖ)
Chhayāsi Chhayā-asi (See)

ଛରରା—ଦେ. ବ.—(ସଂ. କ୍ଷର ଧାତୁ=ଇତସ୍ତତଃ ବକ୍ଷିପ୍ତ ହେବା)—
Chhar-rā ବନ୍ଧୁକରେ ଭର୍ତ୍ତି କରାଯିବା ଗୋଡ଼ା ପରି ଅତି କ୍ଷୁଦ୍ର
ছর্রা, ছিটা, ছিটে ଗୁଳି—Small shot; pellet.
छर्रा, छर्रा
ଛରରା; }
ଛର୍ରା }

ଛର (ଇତ୍ୟାଦି)— ଗ୍ରା. (ଇତର) ବ.—(ସଂ. କ୍ଷୌର)—
Chhara (etc.) ଛଅର ଇତ୍ୟାଦି (ଦେଖ)
Cha-ara etc. (See)

ଛରା—ଦେ ବ. (ସଂ. କ୍ଷର ଧାତୁ; କମ୍ବା ସଂ. କ୍ଷିପ୍ତ. ପ୍ରା. ଛିତ୍ତ)—
Chharā ୧ । ବିକ୍ଷିପ୍ତ ଚନ୍ଦନାଦିର ଛିଟା—
ছর্রা, ছিটা, ছড়া 1. Particles of sprinkled sandal-paste.
छीटा
୨ । ଛିଟାଛିଟି ଜଳ ସିଞ୍ଚିବା; ଛେରା; ଛଡ଼ା—
2. Sprinkling of water.
(ଯଥା—ସକାଳୁ ମାଇପେ ଦୁଆରମୁହଁରେ ଓ ଅଗଣାରେ ଗୋବର-ପାଣିର ଛରା ଦିଅନ୍ତି ।)
ବଶେଷରେ ପୂଜ କରୁ କରେ ମିତ ମୋ ମାର୍ଗକୁ ସୁଧା ଛରାରେ ।
କବିସୂର୍ଯ୍ୟ. ସଙ୍ଗୀତ ।
ପ୍ରାଦେ. (ସମ୍ବଲପୁର) ବ. (ସଂ.କ୍ଷୁର)—୧ । ଖଟଖୁରା—
1. Posts of a bedstead.
୨ । (ସଂ. କ୍ଷୁର)—କ୍ଷୁର—2. Razor.

ଛରା ଦେବା—ଦେ. କ୍ରି.—(ସକାଳୁ ସ୍ତ୍ରୀଲୋକମାନେ ଅଗଣା ଓଳାଇ)
Chharā debā ଗୋବରପାଣି ଛିଞ୍ଚିବା—To sprinkle water
ছড়াদেওয়া mixed with cowdung (on the courtyard).
छिड़कना

ଛରାପଅଁରା—ଦେ. ବ.—ଛେରା ପହଁରା (ଦେଖ)
Chharā paanrā Chherā pahanrā (See)
(ଛରାପଅରା, ଛରାପହଁରା, ଛରାପହରା—ଅନ୍ୟରୂପ)

ଛରିବା—ଦେ. (ପଦ୍ୟ) କ୍ରି. (ସଂ କ୍ଷର ଧାତୁ)—ନିଃସୃତ ହେବା, ଝରିବା—
Chharibā To flow down; to ooze.
ঝরা
झरना ମୋ ଚକ୍ଷୁଁ ଛରିବ ନିତ୍ୟ । ଗୁ.ଚ.ଶ୍ରୀ ଯଶୋବନ୍ତ, ପ୍ରେମଭକ୍ତି ବ୍ରହ୍ମଗୀତ ।

ଛର୍ଦ୍ଦ (ଧାତୁ)—ସଂ.—ବମନ କରିବା—
Chhardd (root) To vomit.
(ଛର୍ଦ୍—ଅନ୍ୟରୂପ)

ଛର୍ଦ୍ଦନ—ସଂ. ବ. (ଛର୍ଦ୍ଦ ଧାତୁ+ଭାବ. ଅନ)—୧ । ବମନ; ବାନ୍ତି;
Chharddana ଉଦ୍ଗାର—1. Vomiting.
(ଛର୍ଦନ—ଅନ୍ୟରୂପ) ୨ । ବମନୋପକ୍ରମ—2. Nausea.
୩ । ନିମ୍ବ ବୃକ୍ଷ (ପ୍ରକୃତିବାଦ)—3. The Neem tree.
୪ । ମଦନ ବୃକ୍ଷ (ଶବ୍ଦେନ୍ଦ୍ର) (ଦେଖ)
4. Madana tree (See)

ଛର୍ଦ୍ଦି—ସଂ. ବ. (ଛର୍ଦ୍ଦ ଧାତୁ+ଭାବ. ଇ)—୧ । ଛର୍ଦ୍ଦନ (ଦେଖ)
Chharddi 1. Chharddana (See).
(ଛର୍ଦି—ଅନ୍ୟରୂପ) ୨ । ବାରମ୍ବାର ବମନ ହେବା ରୋଗବିଶେଷ—
2. A disease resulting in constant vomiting.
[ଦ୍ର—ଏଥିରେ ରୋଗୀ ମୁହଁରୁ ସର୍ବଦା ଲାଳ ବୁହେ ଓ ଅଇ ଉଠାଇ ବମନ ହୁଏ । ରାଗ, ଲୁଣିଆ ଓ ତେଲିଆ ପଦାର୍ଥ ଅଧିକ ଖାଇଲେ ଏ ରୋଗ ଜନ୍ମେ । ଅତ୍ୟଧିକ ଶ୍ରମ, ଉଦ୍ବେଗ ଓ ଅଜୀର୍ଣ୍ଣରୁ ମଧ୍ୟ ଏ ରୋଗ ଜନ୍ମେ । ଏ ରୋଗରେ ଜ୍ୱର, କାଶ, ଶ୍ୱାସ ଆଦି ମଧ୍ୟ ହୁଏ ।]

ଛର୍ଦ୍ଦିଘ୍ନ—ସଂ. ବଣ.—(ଛର୍ଦ୍ଦି+ହନ୍ ଧାତୁ+କର୍ତ୍ତୃ. ଅ)—ଯେଉଁ ଔଷଧ
Chharddighna ବମନ ବନ୍ଦ କରାଏ—
(medicine) Preventive of vomiting.
ସଂ. ବ.—୧ । ନିମ୍ବ (ଦେଖ)
1. Nimba (See)
୨ । ମହାନିମ୍ବ (ଦେଖ)—2 Mahānimba (See).

ଛର୍ଦ୍ଦୀ—ସଂ. ବ. (ଛର୍ଦ୍ଦ ଧାତୁ+ଭାବ ଇସ୍. ୧ମା.୧ବ.)—ଛର୍ଦ୍ଦନ (ଦେଖ)
Chharddi Chharddana (See)

ଛଲ୍କିବା—ପ୍ରାଦେ. (ସମ୍ବଲପୁର) କ୍ରି.—(ତୁଳ. ହି. ଛଲକ୍‌ନା)—
Chhalkibā ୧ । ଛିଟିକିବା—1. To be splutterd.
୨ । ଉଛୁଳିବା—2. To overflow.
୩ । ଡହଳିବା—3. To move to and fro.
୪ । ଗୋଡ଼ ଆଦି ଭୂଇଁରେ ଖସିଯିବା—
4. To slip (said of the legs).

ଛଳ—ସଂ. ବ. (ଛୋ ଧାତୁ=ଛେଦନ କରିବା+ଭାବ. ଅ)—
Chhala ୧ । କପଟତା—1. Hypocrisy; dissimulation.
୨ । ବଞ୍ଚନା; ଶଠତା; ପ୍ରତାରଣା—2. Deceit; fraud; stratagem; deception; wile.
୩ । ଚାତୁରୀ—3. Trick; cunning
୪ । କୌଶଳ—4. Skill; cleverness; artifice.
୫ । ଆପତ୍ତି—5. Objection.
୬ । ଅଭିସନ୍ଧି—6. Hidden intention.
୭ । ମନୋଭିଳାଷ; ଅଭିପ୍ରାୟ; ଉଦ୍ଦେଶ୍ୟ—
7. Intention; aim.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରେ ଲିଖିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀକାର' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୮ । ମନକୁ ବାଧିଲା ଭଳି କଥା କହିବା; ବାକ୍ୟଦୂଷଣ-ବିଶେଷ; ଛୁଗୁଲାଇବା—8. Satire; sarcastic remarks.

୯ । ଉପଲକ୍ଷ; ପ୍ରସଙ୍ଗ; ସମ୍ପର୍କ—
9. Argument; connection; course.

ମନ୍ଦ ଅଗ୍ରଜ ବଶ ଏହି
ପ୍ରସ୍ତାବ ଛଳେ କହିଲଇଁ । ଜଗନ୍ନାଥ. ଭାଗବତ ।

୧୦ । ପ୍ରଯୁକ୍ତ ବାକ୍ୟର ଅର୍ଥାନ୍ତର କଳ୍ପନା; ବିପରୀତାର୍ଥବୋଧ—
10. Giving the opposite meaning to a word by playing upon the words used by the speaker.

୧୧ । ବ୍ୟଙ୍ଗ ଭାବ; ବ୍ୟଙ୍ଗୋକ୍ତି—11. Satire.

୧୨ । ଶ୍ଳେଷବଚନ—12. Mockery; equivoke; pun.

୧୩ । ସ୍ଖଳନ—13. Slipping.

୧୪ । ବାହାନା; ବ୍ୟାଜ—14. Pretence; pretext.

ଧବଳ ଫେନ ଛଳେ ଜାହ୍ନବୀ ହସେ । ରାଧାନାଥ ।

୧୫ । ମାନ; ଅଭିମାନ—15. Silent displeasure; sullenness; taking offence.

୧୬ । ଅପମାନ—16. Insult.

ପିତାର ଯଜ୍ଞଶାଳେ ଯାଇଁ
ସ୍ୱାମୀର ଛଳେ କୋପ ବହି
ଦେବଙ୍କ ମଧ୍ୟେ ଯଜ୍ଞଶାଳେ
ଜୀବନ ଛାଡ଼େ ଯୋଗ ବଳେ । ଜଗନ୍ନାଥ. ଭାଗବତ ।

୧୭ । ପ୍ରତିହିଂସା—17. Vengeance.

ତା' ଛଳେ ସର୍ବ ଦିତିର ଗଣ
ଇନ୍ଦ୍ରର କଲେ ଘୋର ରଣ । ଜଗନ୍ନାଥ. ଭାଗବତ ।

୧୮ । ପରଦୁଃଖରେ ବେଦନାନୁଭବ—
18. Sympathy; commiseration.

କିପାଁ ବୋଲୁଅ ସେବକବତ୍ସଳ
କିଛି ଦେଖିଲି ନାହିଁ ମନେ ଛଳ । ଦୀନକୃଷ୍ଣ. ରସକଲ୍ଲୋଳ ।

୧୯ । (ନ୍ୟାୟଶାସ୍ତ୍ର) ବକ୍ତାର ଉଦ୍ଦିଷ୍ଟ ଅର୍ଥକୁ ଗ୍ରହଣ ନ କରି ବକ୍ତାର କଥିତ ବାକ୍ୟର ଅନ୍ୟ ଅର୍ଥ କଳ୍ପନାପୂର୍ବକ ବକ୍ତାର କଥନର ଖଣ୍ଡନ (ହି. ଶବ୍ଦସାଗର)—
19. (Logic) A refutation of the intended meaning of a speaker by playing upon the very words used by him.

[ଦ୍ର—ଏହା ତିନିପ୍ରକାର—ବାକ୍‌ଛଳ, ସାମାନ୍ୟଛଳ ଓ ଉପଚାରଛଳ—ହି. ଶବ୍ଦସାଗର ।]

ଛଳଛଳ—ଦେ. ବି. (ସଂ. ଉଚ୍ଛଳନ)—୧ । ନେତ୍ରଜଳରେ ଭାସିବା; ଆଖିରୁ ବିଶେଷ ପରିମାଣରେ ଲୁହ ବୋହିବା—
Chhala-chhala 1. Profuse discharge of tear.
छलछल

लबालब; डबडब ଦେ. ବିଣ—ନେତ୍ରକ ଜଳରେ ପୂର୍ଣ୍ଣ—
(eyes) Brimming with tears; brimful.

ଦେଖି ମୋ ନୟନ ଜଳ ନଳ ନେତ୍ର ଛଳଛଳ ।
ମଧୁସୂଦନ. ଛନ୍ଦମାଳା ।

ଛଳ ଧରିବା—ଦେ. କ୍ରି—୧ । କଥାର ଦୋଷ ଧରିବା—
Chhala dhariba 1. To find fault (with).
छल धरना
୨ । ଛଳ ବହିବା (ଦେଖ)
छल करना 2. Chhala bahiba (See)
(ଛଳ କରିବା—ଅନ୍ୟରୂପ)

ଏ ଅପ୍ରିୟ ସତ୍ୟେ ଛଳକୁ ନ ଧର । ରାଧାନାଥ. ଦରବାର ।

ଛଳଧର୍ମ—ସଂ. ବି. (ମ. ପ. ଲୋ; ଛଳପୂର୍ଣ୍ଣଧର୍ମ)—କପଟ ଧର୍ମ; ଧର୍ମଧ୍ୱଜିତା—
Chhala-dharma False piety.

ଶାସ୍ତ୍ରର ତତ୍ତ୍ୱ ନ ବିଚାରି, ଯେ ଶାସ୍ତ୍ରବାକ୍ୟ ଭେଦ କରି
ବାହ୍ୟେ ଧର୍ମର ଧ୍ୱଜ ଧରେ । ଛଳଧର୍ମ ଯେ ତାକୁ ବୋଲେ ।
ଜଗନ୍ନାଥ. ଭାଗବତ ।

ଛଳନ—ସଂ. ବି. (ଛଳ ନାମ ଧାତୁ=ଛଳନା କରିବା+ଭାବ. ଅନ—
Chhalana ଛଳନା (ଦେଖ)
Chhalana (See)

ଛଳନା—ସଂ. ବି. (ଛଳ ଧାତୁ+ଭାବ. ଅନ+ସ୍ତ୍ରୀ. ଆ)—
Chhalana ୧ । ପ୍ରତାରଣା; ଶଠତା—1. Deceit; fraud.
୨ । ବାହାନା—2. Pretext.

ଛଳ ପଶିବା—ଦେ. କ୍ରି—ଛଳବାକ୍ୟ କୌଣସି ବ୍ୟକ୍ତିର ମନରେ ଦୁଃଖପ୍ରଦ ହେବା—The taking effect of a sarcastic remark; taking to heart a sarcastic remark.
Chhala pasiba

(ଯଥା—ମୋ କଥା ଶୁଣି ତା ହୃଦରେ ଛଳ ପଶିଗଲା ।)

ଛଳ ପୂରାଇବା—ଦେ. କ୍ରି—ଛଳ ବହିବା (ଦେଖ)
Chhala puraiba Chhala bahiba (See)
(ଯଥା—ସେ ମୋ କଥାରେ ଛଳ ପୂରାଇ ବସିଛି ।)
(ଛଳ ପୂରେଇବା—ଅନ୍ୟରୂପ)

ଛଳ ବଚନ—ଦେ. ବି—ଛୁଗୁଲା କଥା; କୌଣସି ବ୍ୟକ୍ତି ପ୍ରତି ବ୍ୟବହୃତ ବ୍ୟଙ୍ଗୋକ୍ତି—Sarcastic remarks; innendo.
Chhala bachana
(ଛଳବାଣୀ—ଅନ୍ୟରୂପ)

ଛଳ ବଚନକୁ ସହି ମଣି କରେ—ପ୍ରାଚୀନ ସଙ୍ଗୀତ ।

ଛଳ ବଳ କୌଶଳ—ଦେ. ବି—କାର୍ଯ୍ୟସିଦ୍ଧି ନିମନ୍ତେ ଅନ୍ୟପ୍ରତି ପ୍ରଯୁଜ୍ୟ ସକଳ ପ୍ରକାର ଉପାୟ; କପଟତା, ଶାରୀରିକ ବଳ ଓ ଫନ୍ଦି—
Chhala bala kausala
छलबल कौशल
छलबल All available or conceivable means to be employed to gain one's object, viz. deceit, force and artifice.

ଛଳେ ବଳେ କୌଶଳେ, ଶତ୍ରୁକୁ ସାଧିବ ହେଳେ—
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

୧	ଇ	ଉ	ଋ,ର୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଯ୍	ଉଅ	ଞ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍	ଇଅ	ଢ଼	ନ୍ତ

ଛଳ ବହିବା—ଦେ. କ୍ରି—କୌଣସି ବ୍ୟଙ୍ଗୋକ୍ତିକୁ ଆପଣା ଦେହକୁ ନେବା; ବ୍ୟଙ୍ଗୋକ୍ତିଦ୍ୱାରା ମର୍ମାହତ ହେବା—To take offence; to be offended by or to take to heart a sarcastic remark.
Chhaḻa bahibā
छल वहा
छल लेना

ଛଳବାହିନୀଶ—ସଂ. ବଣ. (ଛଳର ବାହିନୀ=ଛଳବାହିନୀ; ଛଳବାହିନୀର ଈଶ) – ଛଳସାଗର; କପଟରେ ପରଦୃଷ୍ଟି—Full of wiles; adept at wiles.
Chhaḻa-bāhinīsa

ଛଳବାହିନୀଶ ହେ ଖଡ଼ ଏ ସାହସ ହେ—କବି ସୂର୍ଯ୍ୟ, ବଣ୍ଣ, ଛ. ଗୀତ ।

ଛଳାଇବା—ଦେ. କ୍ରି—୧ । ଥଟ୍ଟା କରିବା; ଉପହାସ କରିବା—1. To deride; to sneer.
Chhaḻāibā
छलान
छलाना
(ଛଳେଇବା—ଅନ୍ୟରୂପ)

ଏବେ ବହୁତ ପବନ ବନଗିରି ଭ୍ରମର ବୋଲି ଛଳାଇବ—ଭକ୍ତ, ପ୍ରେମସୁଧାନିଧି ।

୨ । ମନକୁ ବାଧିଲା ଭଳି କଥା କହିବା—2. To make sarcastic remarks.
୩ । ଶ୍ଳେଷରେ କହିବା—3. To satirise.
୪ । ପ୍ରତାରିତ କରିବା—4. To cheat.

ଛଳାଇବା—ପ୍ରାଦେ. (ସମ୍ବଲପୁର) କ୍ରି +
Chhaḻāibā
୧ । (ଗଛରୁ) ଛେଲି ଛଡ଼ାଇବା—1. To take out or scrape off the bark.
(ଛଲେଇବା—ଅନ୍ୟରୂପ)
୨ । ଚାଞ୍ଛିବା; ଛେଲିବା—2. To scrape off.

ଛଳି (ନାମଧାତୁ)—ସଂ. (ଛେ ଧାତୁ+ଣିଚ୍)—ଅଚ୍ଛାଦନ କରିବା—To cover.
Chhaḻi (root)

ଛଳିତ—ସଂ. ବି. (ଛଳି ନାମଧାତୁ+ଭାବ. ତ)—ଛଳନା (ଦେଖ) Chhaḻanā (See)
Chhaḻita
ସଂ. ବଣ (ଛଳ ଧାତୁ+କର୍ମ. ତ)—ପ୍ରତାରିତ—Cheated.

ଛଳିତକ—ସଂ. ବି—ନାଟକର ଏକ ଭେଦ—A class of drama.
Chhaḻitaka

ଛଳିବା—ଦେ. କ୍ରି. (ସଂ. ଛଳ)—
Chhaḻibā
୧ । ପ୍ରତାରଣା କରିବା; ଭଣ୍ଡାଇବା; ଠକିବା—1. To deceive; to cheat.
छला
छलना

ବେଶ ବାମନ ରୂପ ଧରି, ଛଳିଲୁ ବଳୀ ଦଣ୍ଡଧାରୀ—ଭୂପତି, ପ୍ରେମପଞ୍ଚାମୃତ ।

୨ । ଶ୍ଳେଷରେ କହିବା—2. To speak sarcastically.

ଭଲ କଲେ ବୋଲି ଛଳେ ଯୁବତୀ—ଭକ୍ତ, ପ୍ରେମସୁଧାନିଧି ।

୩ । ଅଚ୍ଛନ୍ନ କରିବା—3. To cover; to envelop.

ଛଳ ମନ ଭୃଙ୍ଗ ଗୁଣେ, ଛ ଦୁଇ ଦୁର୍ଲେଖ ଭଣେ—କବିସୂର୍ଯ୍ୟ, କଣୋଇକର୍ମ୍ମ, ଛ ଗାଁଟ ।

[ଦ୍ର—କବିସୂର୍ଯ୍ୟଗ୍ରନ୍ଥାବଳୀର ପ୍ରକାଶକ ପଣ୍ଡିତ ଭୁଳମଣି ଦାଶ ଭାଷାକୋଷର ପାଣ୍ଡୁଲିପି ସମ୍ପର୍କରେ କରିବା ସମୟରେ 'ଛଳ' ଶବ୍ଦଟି 'ଛଦ' ସ୍ଥାନରେ ମୁଦ୍ରାକର ପ୍ରମାଦରୁ ଛାପା ଭୁଲ ହୋଇଥିବା ବିଷୟ ମୋତେ ଜଣାଇଅଛନ୍ତି । ଅତଏବ ଛଳିବାର ଏହି ତୃତୀୟ ଅର୍ଥ 'ଛଦିବାର' ଅର୍ଥ ଅଟେ ।]

୪ । ପ୍ରତିଯୋଗିତା କରିବା—4. To rival.

ଚନ୍ଦ୍ରକୁ କି ଏବେ ଛଳି ଆପଣା ପାଖେ
ଦେଖାଇ ନୃତ୍ୟ କରି କରେ ଅଙ୍ଗ ଲେପ—କୃଷ୍ଣସିଂହ, ମହାଭାରତ, ବନ ।

ଛଳୀ—ସଂ. ବଣ. ପୁଂ. (ଛଳ+ଇନ୍; ୧ମା. ୧ବ.)—୧ । କପଟୀ—1. Hypocritical.
Chhaḻī
(ଛଳିନୀ – ସ୍ତ୍ରୀ) ୨ । ପ୍ରତାରକ—2. Deceitful.

ଛଳୁଆ—ଦେ. ବଣ. ପୁଂ. (ସଂ. ଛଳୀ)—
Chhaḻuā
୧ । ଅଳ୍ପମାନେ, ଯେ ସାମାନ୍ୟ କଥାରେ ଛଳ ବହେ—1. Prone to take offence at little things.
छलिया
(ଛଳେଇ – ସ୍ତ୍ରୀ) ୨ । କପଟୀ—Hypocritical.
୩ । ପ୍ରତାରକ—3. Deceitful.

ଛଳେ—କ୍ରି. ବଣ—ପ୍ରତିହିଂସା ନେବା ପାଇଁ—In order to take revenge.
Chhaḻe

ଏଠାରେ ସୁଗ୍ରୀବଙ୍କ ସଙ୍ଗେ ହେଲ ମିତ
ତାଙ୍କ ଛଳେ କଲ ବାଳିଙ୍କି କାଣ୍ଡେ ହତ—କୃଷ୍ଣସିଂହ, ମହାଭାରତ, ବନ ।

ଛଳେଇ କରି—ଦେ. କ୍ରି. ବଣ—ସ୍ପଷ୍ଟରୂପେ ପ୍ରକାଶ ନ କରି; (କୌଣସି ବିଷୟକୁ) କେବଳ ଇଙ୍ଗିତଦ୍ୱାରା (କହିବା)—(to mention) Indirectly; by insinuation or innuendos.
Chhaḻei kari

ଛଲ୍ଲି—ସଂ. ବି. (ଛଦ=ଆବରଣ+ଲା ଧାତୁ=ଦାନ କରିବା+କର୍ତ୍ତୃ. ଇ; ଯାହା ବୃକ୍ଷର ଶରୀରକୁ ଆଚ୍ଛାଦନ କରେ)—
Chhalli
୧ । ଛାଲି; ଛେଲି; ବଲ୍କଲ—1. Bark of a tree.
୨ । ଲତା—2. A creeper.
୩ । ସନ୍ତାନ—3. Offspring.
୪ । ବନ୍ୟ ପୁଷ୍ପବିଶେଷ (କ୍ଷୀରେନ୍ଦ୍ର)—4. Name of a wild flower.
୫ । (ଛଳ+ଇ) ଶଠ ବ୍ୟକ୍ତି—5. A cheat.

ଛଲ୍ଲୀ—ସଂ. ବି. (ଛଦ+ଲା ଧାତୁ+କର୍ତ୍ତୃ. ଈ)—ଛଲ୍ଲି (ଦେଖ) Chhalli (See)
Chhallī

ଛଷଠାଶହେ—ଦେ. ବି. ଓ ବଣ. (ସଂଖ୍ୟାବାଚକ; ସଂ. ଷଟ୍‌ଷଷ୍ଟ୍ୟୁତ୍ତର-ଶତ)—ଏକ ଶହ ଛଅଷଠି—166.
Chhashathā-sahe
ଛଅଷଠାଶହେ—ଅନ୍ୟରୂପ)

ଛଷଠି—ବଣ—ଛଅଷଠି (ଦେଖ) Chhaashaṭhi (See)
Chhashaṭhi
(ଛଷଠି – ଅନ୍ୟରୂପ)

ଛସ୍ତରାଶହେ—ଦେ. ବି—ଛଅସ୍ତରାଶହେ (ଦେଖ) Chhaastarāsahe (See)
Chhastarāsahe
(ଛସ୍ତୁରାଶହେ; ଛସ୍ତୋରାଶହେ; ଛଅସ୍ତରାଶହେ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଢ଼' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗୀ ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଛସ୍ତରି—ଦେ. ବି. ଓ ଭଣ—ଛଅସ୍ତରି (ଦେଖ)
Chhastari — Chhaastari (See)
(ଛସ୍ତୁରି; ଛସ୍ତୋରି—ଅନ୍ୟରୂପ)

ଛା—ସଂ ବି—ଶାବକ, ପ୍ରାଣୀର ଛୁଆ—
Chhā — Young one's of animals (M. W.).

ଛାଅ—ପ୍ରାଦେ. (ବାଲେଶ୍ୱର, ମେଦିନୀପୁର) ବି. (ତୁଳ. ବ. ଛା, ଛାଁ, ଛାଁଅଲ) - ଛା (ଦେଖ)— Chhā (See)
Chhaā

ଛାଅଣ—ଗ୍ରା. ବି—ଛାଆଣି (ଦେଖ)
Chhā-āṇa — Chhāāṇi (See)

ଛାଆଣି—ଦେ. ବି. (ସଂ. ଛଦ ଧାତୁ ; ସଂ. ଛାଦନ)—
Chhā-āṇi — ୧ । ଆଚ୍ଛାଦନ—1. Covering.
ছাওয়া, ছাওনি — ୨ । ଘରର ଛପରବନ୍ଧ—
छान, छावनि — 2. Thatching of a house.
୩ । କୌଣସି ପଦାର୍ଥ ଉପରେ ଅନ୍ୟ ଧାତୁର ପତଳା ସ୍ତରର ଲେପନ--3. Overlaying of a layer of metal on some article.
୪ । (ସଂ. ଗାଳନ; ଛାରଣ) ଛାଙ୍କିବା; ଛାଣିବା—
4. Distilling; sifting.
(ଯଥା—କପଡ଼ାଛାଆଣି ।)

ଛାଆଣିଆଁ—ଦେ. ବି. (ସଂ ଛଦ ଧାତୁ)—ଯେଉଁମାନେ ଘର ଛପର କରନ୍ତି; ଛାଉଁଆଁ—Thatcher.
Chhā-āṇiāñ
छानेवाला, छप्परबन्द

ଛାଆଣି କରିବା—ଦେ. କ୍ରି—ଛାଇବା (ଦେଖ)
Chhā-āṇi kariba — Chhāibā (See)

ଛାଆଳି—ଦେ. ବି—ଛାଆଣିଆଁ (ଦେଖ)
Chhā-āḷi — Chhā-āṇiāñ (See)

ଛାଇ—ଦେ. ବି. (ସଂ. ଛାୟା)—
Chhāi — ୧ । ଅନାତପ; ଖରାର ଅଭାବ—
ছাওয়া, ছাই — 1. Shade; want of sun's rays.
छाँ, चाँह, छाँहो — ୨ । ଛାୟା; ଅଲୋକ ବା ସୂର୍ଯ୍ୟ ବା ଚନ୍ଦ୍ରଙ୍କ ଉପସ୍ଥିତ ପଟରେ ପଡ଼ିବା କୌଣସି ବସ୍ତୁର ପ୍ରତିରୂପ—
2 Shadow.

ଦମୟନ୍ତୀ ହେଲେ ନଳଙ୍କର ରୂପ
ଶରୀରକୁ ଛାଇ ହୋଇଛି ଅନୁରୂପ । କୃଷ୍ଣସିଂ. ମହାଭାରତ, ବନ ।

୩ । (ଲକ୍ଷଣାର୍ଥ) ଆଶ୍ରୟ; ବାହୁଚ୍ଛାୟା; ଶରଣ—
3. Shelter.
(ଯଥା—ତା ଛାଇରେ ମୋ ଦିନ ଯାଉ ।)
୪ । ପ୍ରତିବିମ୍ବ, ଜଳ ବା ଦର୍ପଣରେ ଦେଖାଯିବା କୌଣସି ବସ୍ତୁର ପ୍ରତିରୂପ—4. Reflection of a thing on water or mirror.
୫ । ସୂର୍ଯ୍ୟକିରଣ ପଡ଼ି ନ ଥିବା ସ୍ଥାନ—
5. A place where the sun's rays do not fall.
୬ । ଛାଆଣି; ଛାଉଣୀ—
6. Thatching; overlaying.

ଛାଇଁବା—ଦେ. କ୍ରି. (ସଂ. ଛଦ ଧାତୁ)—ଛାଇବା (ଦେଖ)
Chhāiñba — Chhāibā (See)

ଛାଇକି ଛଅ ଘା ମାରିବା—ଦେ କ୍ରି—୧ । ଅବାସ୍ତବ କଥାରେ ବୃଥା ଉତ୍ତେଜିତ ହେବା—
Chhāiki chhaa-ghā māribā
1. To be excited for nothing.
୨ । ପ୍ରକୃତ କାରଣ ବା ଉତ୍ତେଜନା ନ ଥାଇ କଳି କରିବା---
2. To quarrel without sufficient provocation.
[ଦ୍ର—ଛାଇକି ଗୋଇଠା ମାରିବା, ଛାଇକି ଲାତ ମାରିବା, ମଧ୍ୟ ଏହି ଅର୍ଥରେ ବ୍ୟବହୃତ ହୁଏ ।]

ଛାଇ ଗଡ଼ିବା—ଦେ. ବି ଓ ଭଣ—ଛାଇ ନେଉଟା (ଦେଖ)
Chhāi gardibā — Chhāi neuṭā (See)

ଛାଇ ଘୋଡ଼ା(ଡ଼େ)ଇବା—ଦେ. ବି—୧ । ମେଘାବୃତ ଅବସ୍ଥା—
Chhāi ghordā(rde)ibā — 1. Cloudy state.
୨ । ମେଘାବୃତ ଋତୁ—2. Cloudy weather.
(ଯଥା—ଆଜି ସକାଳୁ ୧୨ଟାବେଳଯାକେ ଛାଇ ଘୋଡ଼େଇଛି ।)

ଛାଇ ଛାଇ—ଦେ. ବି—୧ । ଛାୟାବାହୁଲ୍ୟ; ବହୁଛାୟାର ଚିହ୍ନ—
Chhāi chhāi — 1. A number of shadows.
(ଛାଇଛାଇଆ—ଅନ୍ୟରୂପ) ୨ । ବହୁ ସମୟ ଛାୟାଯୁକ୍ତ ହେବା ଅବସ୍ଥା—
2. The state of being shadowy for a long time.
(ଯଥା—ମେଘ ଛାଇ ଛାଇ କରୁଛି ।)
ଦେ. ଭଣ—୧ । ଛାୟାବହୁଳ—1. Full of shadows.
୨ । ଛାୟାମୟ—2. Shadowy.

ଛାଇଛାଇ ହେବା—ଦେ. କ୍ରି—୧ । ଛତରଛତ୍ର ହେବା—
Chhāi-chhāi hebā — 1. To be scattered about.
୨ । (ତୁଳ. ବ. ଛାଇ=ଭସ୍ମ)—
ଛାରଖାର ହେବା; ଭସ୍ମରେ ପରିଣତ ହେବା—
2. To be reduced to ashes; to be ruined.
୩ । (ଧ୍ୱନ୍ୟନୁକରଣ) ଘୂରିବା; ଚକାକାରରେ ଘୂର୍ଣ୍ଣିତ ହେବା—
3. To reel; to whirl.

ଛାଇତଳିଆ—ଦେ. ବି—୧ । ଯେ ସର୍ବଦା ଛାଇ ତଳେ ଥାଏ, ଅର୍ଥାତ୍ ଯାହାଠାରେ ଖରା ଲାଗେ ନାହିଁ—
Chhāi-taliā
ছাওরা — 1. Living in the shade.
(ଯଥା—ଛାଇତଳିଆ ବେଉଷା, ଛାଇତଳିଆ ବଡ଼ଲୋକ ।)
୨ । ଛାୟାଯୁକ୍ତ; ଛାୟାମୟ—2. Shady; shadowy.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଏ	ଉଅ	ଲ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଊ	ନ୍ତ

ଛାଇଦେବା—ଦେ. କ୍ରି. (ସକର୍ମକ) (ସଂ.ଛଦ ଧାତୁ=ବେଷ୍ଟନ କରିବା)—
Chhāidebā ୧ । ବିସ୍ତାର କରିବା—
ছাওয়া 1. To diffuse; to spread.
छितराना
ଯୁଧିଷ୍ଠିର ନୃପେ ଦସ୍ତୁ ନା ରାଜ୍ୟ ଦେଇ
ଚନ୍ଦ୍ର ପର କୀର୍ତ୍ତି ଭବେ ଦିଅ ଛାଇ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।
୨ । ଚାରିଆଡ଼େ ଘେରିବା ବା ବେଢ଼ିବା—
2. To envelop; to encompass.

ଛାଇ ନ ପଡ଼ିବା—ଦେ. କ୍ରି—କୌଣସି ବ୍ୟକ୍ତିଠାରେ ଅନ୍ୟ ବ୍ୟକ୍ତିର
Chhāi na pa<u>rd</u>ibā ସାମାନ୍ୟ ସମ୍ପର୍କ ମଧ୍ୟ ନ ରହିବା—
छाँह न गीरना The absence of the slightest connection between two persons.

ଛାଇ ନ ମାଡ଼ିବା—ଦେ. କ୍ରି. (ଲକ୍ଷଣାର୍ଥ)—(କୌଣସି ବ୍ୟକ୍ତିର) ସଙ୍ଗେ
Chhāi na mā<u>rd</u>ibā ଲେଶ ମାତ୍ର ସମ୍ପର୍କ ନ ରଖିବା; କୌଣସି
ছাই ন মাড়ান ବ୍ୟକ୍ତିର ଦେହସ୍ପର୍ଶ ତ ଦୂରର କଥା,
छाँह बचाना ଉକ୍ତ ବ୍ୟକ୍ତିର ଦେହଛାୟାକୁ ସୁଦ୍ଧା ସ୍ପର୍ଶ
ନ କରିବା—(figurative) Not having even a little connection (with a person).
କପଟ ବା ଅହଂକାରୀ ଯେ ତାଙ୍କର
ନ ମାଡ଼ିବ ଛାଇ ଗଉଛ ନରବର । କୃଷ୍ଣସିଂହ. ମହାଭାରତ. ବନ ।

ଛାଇନିଦ—ଦେ. ବି.—(ସଂ. ଈଷତ୍+ନିଦ୍ରା)—ସଚେତ ନିଦ୍ରା; ସାମାନ୍ୟ
Chhāi-nida ନିଦ୍ରା; ତନ୍ଦ୍ରା; ନିଦ୍ରାର ପ୍ରଥମ ଆକର୍ଷଣରେ ଚେତନା-
সজাগ ঘুম— ଚେତନ ଅବସ୍ଥା—Slight sleep; nap.
झपकी ତାଙ୍କୁ ଟିକିଏ ଛାଇନିଦ ଲାଗିଲେ ଦେଖନ୍ତି, ଆକାଶରେ ଏକ ଭୟଙ୍କର ମୂର୍ତ୍ତି ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

ଛାଇନିଦ୍ରା—ଦେ. ବି—ଛାଇନିଦ (ଦେଖ)
Chhāi-nidrā Chhāi-nida (See)
ଘୋର ବରଷାରେ ସେ ଛାଇନିଦାରେ
ମୋ ପ୍ରାଣ-ଜନନୀ ଯେବେ .
ପିଠେ ଆଉଁସିଣ ଗୀତ ଗାଉଥିଲେ
ମନେ ପଡ଼େ ତାହା ଏବେ । ନନ୍ଦକିଶୋର. ନିର୍ଝରିଣୀ ।

ଛାଇନେଉଟା—ଦେ. ବିଣ. (ସଂ. ଛାୟା+ନିବର୍ତ୍ତନ; ଯେଉଁ ସମୟରେ
Chhāi-neuṭā କୌଣସି ପଦାର୍ଥର ଛାୟା ପୂର୍ବାହ୍ଣ ପରି ପଶ୍ଚିମଦିଗରେ
ঢলে দুপহর ନ ପଡ଼ି ପୂର୍ବଦିଗକୁ ଲେଉଟେ)—ଯେଉଁ ସମୟରେ
ଛାଇନେଉଟବା } ଅନ୍ୟରୂପ ଅପରାହ୍ଣ ଆରମ୍ଭ ହୁଏ; ଦ୍ୱିପହରର
ଛାଇଲେଉଟା } ପରବର୍ତ୍ତୀ (ସମୟ)—
ଛାଇଲେଉଟବା } (time) Past midday; P.M.
(ଯଥା—ଛାଇନେଉଟା ବେଳ ହେଲାଣି, ତଥାପି ସେ ଖାଇବାକୁ ଆସିଲେ ନାହିଁ ।)
ଦେ, ବି—ଦ୍ୱିପ୍ରହର ବିତିଯିବା ଅବସ୍ଥା ବା ସମୟ—
The state of the passing by of the noon: the time when the sun has passed the meridian; P. M.

ଛାଇ ପଡ଼ିବା—ଦେ. ବି—୧ । ଛାୟାର ପତନ; କୌଣସି ବ୍ୟକ୍ତି ବା
Chhāi pa<u>rd</u>ibā ପଦାର୍ଥ ଉପରେ ଅନ୍ୟ ବ୍ୟକ୍ତିର ବା ପଦାର୍ଥର
(ଛାଇ ବାଜିବା—ଅନ୍ୟରୂପ) ଛାୟା ପତିତ ହେବା—
1. The shadow of a person or thing touching or falling on another person or thing.
ଖମ୍ବରେ ଛାଇ ନ ପଡ଼ୁ ବୋଲି ଛଡ଼ା ହୋଇ ମୁଁ ଛିଡ଼ା ହେଲି ।
କବିସୂର୍ଯ୍ୟ. ସଙ୍ଗୀତ ।
୨ । ଛାୟାଯୁକ୍ତ ହେବା—2. Being shady.
୩ । (ଲକ୍ଷଣାର୍ଥ) ସମ୍ପର୍କଶୀଳ ହେବା; ଅନ୍ୟର ସଙ୍ଗେ ସାମାନ୍ୟ ସମ୍ପର୍କ ରହିବା—3. The state of there being any connection between two persons.
(ଯଥା—ମୋ ଛାଇ ପଡ଼ିଲେ ତା ଲହୁ ଫାଟିଛି ।)
[ଦ୍ର—ଦାକ୍ଷିଣାତ୍ୟରେ ବ୍ରାହ୍ମଣାଦି ଉଚ୍ଚଜାତୀୟ ବ୍ୟକ୍ତିଙ୍କୁ ଅସ୍ପୃଶ୍ୟ ଜାତୀୟ ବ୍ୟକ୍ତି ଛୁଇଁବାର ଦୂରେ ଥାଉ, ଯେବେ ଶେଷୋକ୍ତ ବ୍ୟକ୍ତିର ଆତପଜନିତ ଛାୟା ପ୍ରଥମୋକ୍ତ ବ୍ୟକ୍ତିର ଦେହକୁ ସ୍ପର୍ଶ କରେ, ତାହାହେଲେ ପ୍ରଥମୋକ୍ତ ବ୍ୟକ୍ତି ଅଶୁଦ୍ଧ ହୋଇଯିବାର ବିବେଚିତ ହୁଏ; କିନ୍ତୁ ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତା ପ୍ରଭାବରୁ ଗାନ୍ଧୀଜୀଙ୍କ ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନ ଫଳରେ ଏ କୁସଂସ୍କାର କ୍ରମଶଃ ଶିଥିଳ ହେଉଅଛି ।]

ଛାଇବା—ଦେ. କ୍ରି. (ସଂ. ଛଦ୍ ଧାତୁ=ବେଷ୍ଟନ କରିବା)—
Chhāibā ୧ । ଛୁଆଣି କରିବା; ଛପରବନ୍ଦ କରିବା—
ছাওয়া 1 To thatch.
छाना ୨ । ଆଚ୍ଛାଦନ କରିବା—2. To cover.
ଛାଇଦେଲ ଶରେ ପାଣ୍ଡବଙ୍କ ଅପସନ । କୃଷ୍ଣସିଂହ. ମହାଭାରତ ବନ ।
୩ । ବିସ୍ତୃତ କରିବା—3. To spread.
ସୁଦୃଢ଼େ କୁଶ କାଶ ଛାଇ
ସେ ନନ୍ଦୀଗାରେ ସୁଖେ ରହି । ଜଗନ୍ନାଥ. ଭାଗବତ ।
୪ । ଘେରିବା—4. To surround.
୫ । ବ୍ୟାପିବା—5. To be diffused; to pervade.

ଛାଇବାଇ ଲେନ୍ଦେରା—ଗ୍ରା. ବି. (ଛାଇ=ଦେହର ଛାୟା, ବାଇ=ବାଆ, ପବନ, ବାୟୁ; ଲେନ୍ଦେରା=ଆବର୍ଜନା)—
Chhāibāi lenderā
(ଛାଇବାଇ ଲେନ୍ଦେରା—ଅନ୍ୟରୂପ) ଏକ ବ୍ୟକ୍ତିର ଦେହରୁ ଅନ୍ୟ ବ୍ୟକ୍ତିର ଦେହକୁ ଖଣ୍ଡିଏ କାଠି ବା କୁଟା ଲାଗିଥିବା ଅବସ୍ଥା—
(ଯଥା—ସେ ପିଲାଟା ଏକୁଟିଆବାହୁଟାଏ, ତାଠେଇଁ କାହାର ଛାଇବାଇ ଲେନ୍ଦେରା ଲାଗିବ ନାହିଁ ।)
୨ । ଏକ ବ୍ୟକ୍ତି ସଙ୍ଗେ ଅନ୍ୟ ବ୍ୟକ୍ତିର କୌଣସି ପ୍ରକାରର ଅଡ଼ୁଆ ବା ସମ୍ପର୍କ—2. Any connection whatsoever (distant or near).

ଛାଇ ବାଜିବା—ଦେ. ବି—ଛାଇ ପଡ଼ିବା (ଦେଖ)
Chhāi bājibā Chhāi pa<u>rd</u>ibā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଏଣୁ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଣ୍ଡା' ନ ପାଇଲେ 'ଅଣ୍ଡା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଛାଇ ମଠୁଳିବା—ଦେ. କ୍ରି—ଛାଇନେଉଟା (ଦେଖ)
Chhāi maṭuḻibā Chhāi-neuṭā (See)
(ଛାଇ ମଠୁଳିବା; ଛାଇ ମୁଠୁଳିବା—ଅନ୍ୟରୂପ)

ଛାଇଯିବା—ଦେ. କ୍ରି. (ଅକର୍ମକ) (ସଂ. ଛଦ ଧାତୁ)—
Chhāi-jibā ବ୍ୟାପିବା; ପରିବ୍ୟାପ୍ତ ହେବା—
ছেয়ে যাওয়া To spread round; to be diffused.
छा जाना

ଛାଇରହିବା—ଦେ. କ୍ରି—କେତେ ସମୟ ପର୍ଯ୍ୟନ୍ତ ଆଚ୍ଛନ୍ନ କରିବା—
Chhāirahibā To cover for long time.
ছেয়ে থাকা ଛାଇରହିଛି ସ୍ଥିର ଅପସର ପୁଣି ବଳାଶିବ ନବ ଭାବରେ ।
छा रहना ରାଧାନାଥ. ଚିଲିକା ।

ଛାଇଲେଉଟା—ଦେ. ବି. ଓ ବିଣ—ଛାଇନେଉଟା (ଦେଖ)
Chhāi-leuṭā Chhāi-neuṭā (See)
(ଛାଇଲେଉଟିବା—ଅନ୍ୟରୂପ)

ଛାଇହେବା—ଦେ. କ୍ରି—୧ । ଛାଇଯିବା (ଦେଖ)
Chhāi-hebā 1. Chhāi-jibā (See)
୨ । ଆଚ୍ଛାଦିତ ହେବା—2. To be covered.
କଳେବର ରେଣୁରେ ହୋଇଛି ଛାଇ । ଗୋପୀକୃଷ୍ଣ. ରସକଲ୍ଲୋଳ ।

ଛାଉଣି—ଦେ. ବି. (ସଂ. ଛଦ ଧାତୁ; ସଂ. ଛାଦନୀ=ଛାଉଣି, ଆବରଣ)—
Chhāuni ୧ । ଶିବିର; ତମ୍ବୁ; ଡେରା—
ছাউনী; ছাওনী 1. Camp; tent.
छावनी ୨ । ସାମୟିକ ବା ଅସ୍ଥାୟୀ ସେନାନିବାସ—
ଛାଆଣି } ଅନ୍ୟରୂପ 2. Military camp.
ଛୁଆଣି
ତଠ ଏହ୍ଵକ୍ଷଣେ ଉଠାଇ ଛାଉଣୀ ସିବ ରାଜପୁର ଗଡ଼ ।
ରାଧାନାଥ. ପାର୍ବତୀ ।
୩ । ଆଚ୍ଛାଦନ—3. Covering.
(ଯଥା—ରୂପା ଉପରେ ସୁନା ଛାଉଣି ହୋଇଛି ।)
୪ । ଘରଛପରବନ୍ଧ; ଛାଆଣି; ଛୁଆଣି—4. Thatching.
୫ । ଧାତୁର ପତଳା ପାତିଆ ବା ସ୍ତର ଦ୍ୱାରା ଆଚ୍ଛାଦନ—
5. Covering with a thin layer of metal; overlaying with a thin coating of metal.
(ଯଥା—ଏ ପଲଙ୍କ ବହଯାକ ରୂପା ଛାଉଣି ହୋଇଛି ।)
୬ । ଆନଦ୍ଧ ବାଦ୍ୟ (ଯଥା—ଢୋଲ, ମୃଦଙ୍ଗ)ର ମୁହଁ ଚମଡ଼ା ଦ୍ୱାରା ଆଚ୍ଛାଦନ—6. Binding of leather or hide on the mouth of a drum.
ବିଣ.—୧ । ଆଚ୍ଛାଦିତ—1. Covered.
ଅଛି ଟେକର ଘରପାଶେ, ଛାଉଣି ନାହିଁ ଲୋମ କେଶେ ।
ଜଗନ୍ନାଥ. ଭାଗବତ ।
୨ । ଛପରବନ୍ଧ ହୋଇଥିବା—2. Thatched.
୩ । ଉପରେ ପତଳା ହୋଇ ମଡ଼ାଯାଇଥିବା—
3. Overlaid with a thin layer.
୪ । ଚମଡ଼ା ଆଦିଦ୍ୱାରା ଆନଦ୍ଧ (ଢୋଲ, ମୃଦଙ୍ଗାଦି)—
4. (drum) Having the opening covered with hide or leather.

ଛାଉଣିଆଁ—ଦେ. ବି.—ଯେ ଘର ଛପରବନ୍ଧ କରେ—
Chhāuniān̐ One who thatches; thatcher.
(ଛାଆଣିଆଁ; ଛୁଆଣିଆଁ—ଅନ୍ୟରୂପ)

ଛାଉଳି—ଦେ. ବି. (ସଂ. ଛଳ)—୧ । କପଟ ବ୍ୟବହାର—
Chhāuli 1. Hypocricy.
छाल ଛଇଳା ! ମୋରେ ଛାଉଳି ଛାଡ଼ ।
କବିସୂର୍ଯ୍ୟ. ରତ୍ନାକରଚମ୍ପୂ. ଛ ଗୀତ ।
୨ । ପରିହାସ—2 Jest; joking.
୩ । ଛଇ; ରସିକତା—3. Witticism; gallantry.

ଛାଉଳେଇ ବିଗୁଲେଇ ହେବା—ପ୍ରାଦେ. (ନରସିଂହପୁର ଓ ଗଡ଼ଜାତ)
Chhāulei bigulei hebā କ୍ରି.—ଖତେଇ ହେବା—
To make faces.

ଛାଏଁ—ଦେ. ଅ. (ସଂ. ସ୍ୱୟଂ ବା ସ୍ୱେଚ୍ଛାୟ)—୧ । ନିଜେ—
Chhāen̐ 1. One's self.
আপনি, আপনাআপনি ୨ । ସ୍ୱତଃ; ମନକୁ; ସ୍ୱେଚ୍ଛାକ୍ରମେ—
खुद्, आपसेआप 2. Of one's own accord; voluntarily.
ପ୍ରଜାଏ ଅନ୍ୟୋଅନ୍ୟେ ହୋଇ,
ଆପଣା ଛାଏଁ ନାଶ ଯାଇ । ଜଗନ୍ନାଥ. ଭାଗବତ ।
୩ । ଅନ୍ୟ କାହାରି ସାହାଯ୍ୟ ବିନା—
3. Without any other's help.
(ଛାଏଁ ଛାଏଁ—ଅନ୍ୟରୂପ) ୪ । କାର୍ଯ୍ୟତଃ; ଫଳତଃ—
4. Spontaneously; automatically.
ପ୍ରାଦେ. (ସମ୍ବଲପୁର) ବି. (ସଂ. ଛାୟା)—ଛାୟା; ଛାଇ—
Shade; shadow.

ଛାଏଁଡ଼—ପ୍ରାଦେ. (ସମ୍ବଲପୁର) ବି.—୧ । ଛାଡ଼ (ଦେଖ)
Chhāen̐ṛd 1. Chhārda (See)
୨ । ଅନାବୃଷ୍ଟି; ମେଘ ଛାଡ଼ିଯିବା ଅବସ୍ଥା—
2. Want of rain, drought.

ଛାଏଁଣି—ଗ୍ରା. ବି.—୧ । (ସଂ. ଛାଦନ)—ଛାଉଣି (ଦେଖ)
Chhāen̐ṇi 1. Chhāuṇi (See)
କାହା ଯେତେ କର୍ମ କରେ ଛାଏଁଣି । ପ୍ରାଚୀ. ଗୁରୁଭକ୍ତିଗୀତା ।

ଛାଗ—ସଂ. ବି. ପୁଂ—(ଛିଦ୍ ଧାତୁ; ଛେଦନ କରିବା + କର୍ମ. ଅ; ଯାହାକୁ
Chhāga ଖାଦ୍ୟ ବା ବଳି ପାଇଁ ଛେଦନ କରାଯାଏ)—୧ । ଅଜ;
(ଛାଗୀ—ସ୍ତ୍ରୀ) ଛେଳି—1. Goat; Capra.
ସଂ. ବିଣ. (ଛେଳିଙ୍କର ଅଗମ୍ୟାଗମ୍ୟବିଚାରହୀନ ପ୍ରବୃତ୍ତିରୁ)
ଅଗମ୍ୟାଗମନକାରୀ—Incestuous.

ଛାଗଗୋତ୍ରିକ—ସଂ. ବିଣ. (ଛାଗମାନଙ୍କ ମଧ୍ୟରେ ଅଗମ୍ୟାଗମନ ପରିଦୃଷ୍ଟ
Chhāga-gotrika ହେଉଥିବାରୁ)—ଅଗମ୍ୟାଗମନବିଚାରହୀନ;
(ଛାଗପ୍ରକୃତିକ - ଅନ୍ୟରୂପ) ଛେଳିଗୋତ୍ରିଆ—
Incenstuous; goatish.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଅ	ଞ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଡ଼	ନ୍

ଛାଗଣ—ଏ. ବ. (ଛଗଣ=ଘସି+ସମ୍ବନ୍ଧେ. ଅ)—ଘସିଜଅଁ—
Chhāgaṇa Fire of cowdung cakes; burning cakes
(ଛଗଣ—ଅନ୍ୟରୂପ) of cowdung.

ଛାଗପାଳକ—ସଂ. ବଣ.—୧ । ଛେଳି ରଖୁଆଳ; ଛେଳି ଜଗୁଆଳ—
Chhāga-pālaka 1. Goat-herd.
(ଛାଗରକ୍ଷକ—ଅନ୍ୟରୂପ) ୨ । ଛେଳି ପୋଷିବା ଯାହାର ଜୀବିକା—
2. One who brings up goats for a living.

ଛାଗବାହନ—ସଂ. ବ. (ବହୁବ୍ରୀହି, ଛାଗ+ବାହନ; ଅଗ୍ନିଙ୍କର ବାହନ ଛାଗ
Chhāga-bāhana ଥିବାରୁ)—ଅଗ୍ନି; ଅଗ୍ନିଦେବ—
The God of Fire.

ଛାଗମୁଖ—ସଂ. ବଣ. (ବହୁବ୍ରୀହି)—ଛାଗମୁହଁ ପରି ମୁହଁ ଯାହାର—
Chhāga mukha Having a face like the goat.
ସଂ. ବ.—୧ । କାର୍ତ୍ତିକେୟ—1. God Kārttikeya.
[ଦ୍ର—ଏହାଙ୍କର ଷଷ୍ଠ ମୁଖ ଛେଳିର ମୁଖ ପରି ।]
୨ । ଦକ୍ଷ ପ୍ରଜାପତି—2. Daksha Prajāpati, the father-in-law of Mahādeba.
୩ । କାର୍ତ୍ତିକେୟଙ୍କ ଅନୁଚରବିଶେଷ — 3. The goat-faced attendant of Kārttikeya.
୪ । (ଷଷ୍ଠୀ ତତ୍, କମ୍ପା ମ. ପ: ଲୋ. ଛାଗବତ୍ ମୁଖ)—
କାର୍ତ୍ତିକେୟଙ୍କର ଛାଗବତ୍ ଷଷ୍ଠ ମୁଖ—
4. The 6th goatlike face of Kārttikeya.

ଛାଗରଥ—ସଂ. ବ. (ବହୁବ୍ରୀହି; ଛାଗ+ରଥ)—ଛାଗବାହନ; ଅଗ୍ନି
Chhāgaratha ଦେବ—The God of fire.

ଛାଗଳ (ଇତ୍ୟାଦି)—ସଂ. ବ. ପୁଂ (ଛାଗ+ସ୍ୱାର୍ଥେ. ଲ)—
Chhāgaḷa (etc) ୧ । ଛାଗ ଇତ୍ୟାଦି (ଦେଖ)
(ଛାଗଳୀ—ସ୍ତ୍ରୀ) 1. Chhāga etc (See)
୨ । କୁଆମଇଚା (ହରେକୃଷ୍ଣ. ଦ୍ରବ୍ୟଗୁଣ) (ଦେଖ)
2. Kuāmaitā (See)
୩ । ଛେଳି ଚମଡ଼ାରେ ନିର୍ମିତ ବସ୍ତୁ (ହ. ଶବ୍ଦସାଗର)—
3. Any thing made of goatskin.

ଛାଗଳକ—ସଂ. ବ. ପୁଂ—୧ । ଛାଗଳ (ଦେଖ)
Chhāgaḷaka 1. Chhāgaḷa (See)
(ଛାଗଳିକା—ସ୍ତ୍ରୀ) ୨ । ମତ୍ସ୍ୟବିଶେଷ; ଭେକଟୀମାଛ—
2. A kind of saltwater fish allied to the sheep headed fish.

[ଦ୍ର—ଏମାନେ ସମୁଦ୍ରରେ ରହନ୍ତି । ବର୍ଷା ସମୟରେ ନଦୀ-ମୁହାଣବାଟେ ମଧୁର ପାଣିକୁ ଉଠି ଆସନ୍ତି ।]

ଛାଗଳାଚାରୀ—ସଂ. ବଣ. ପୁଂ—ଛାଗଗୋତ୍ରିକ (ଦେଖ)
Chhāgaḷachāri Chhāgagotrika (See)
(ଛାଗାଚାରୀ—ଅନ୍ୟରୂପ)

ଛାଗଳାଦି ଘୃତ—ସଂ. ବ—ମେଧାବୃଦ୍ଧିକର; ବାତୁଳତା ରୋଗନାଶକ;
Chhāgaḷādi ghṛuta ଆୟୁର୍ବେଦୋକ୍ତ ଘୃତବିଶେଷ (ନପୁଂସକ
(ଛାଗଳାଦ୍ୟଘୃତ—ଅନ୍ୟରୂପ) ଛେଳି ବା ଅଜାର ପକ୍ଷରେ ଖାସୀର ମାଂସ ଏ ଘୃତର ପ୍ରଧାନ ଉପକରଣ)—A medicinal ghee prepared under Ayurbedic precepts the chief ingredient of which in the flesh of a hermaphrodite or neutor goat.

ଛାଗଳାନ୍ତ୍ରିକା—ସଂ. ବ. (ଛାଗଳ+ଅନ୍ତ୍ର+ଇକ+ଆ)—ବୃଦ୍ଧଦାରକ
Chhāgaḷāntrikā ଗଛ—A kind of medicinal tree.

ଛାଗଳାସ୍ତ୍ରୀ—ସଂ. ବ. (ଛାଗଳ+ଅସ୍ତ୍ର+ଇନ୍; ୧ମା. ୧ବ.)—ହେଟା;
Chhāgaḷāstri ଗଧିଆ—A wolf; a hyena.

ଛାଙ୍କ—ଦେ. ବ—୧ । ପ୍ରଚୁର ଘିଅ ବା ତେଲରେ ସନ୍ତୁଳା; ସିନ୍ଝଳବା;
Chhāṅka ଭାଜିବା; ପୁଆଇବା, ଜୁଇଁ ଉପରେ ବସିଥିବା ପ୍ରଚୁର
ଛାଁକ ଘିଅ ବା ତେଲରେ ପିଠା ଆଦି ଛାଣିବା—1. Frying
तलना; छानना any thing in sufficient ghee or oil.
୨ । ପ୍ରଚୁର ଘିଅରେ ବା ତେଲରେ ଭଜା ହୋଇଥିବା ଭଲ ତରକାରି—2. A first class curry prepared by frying the vegetable with ghee or oil.

ଛାଙ୍କାପିଠା—ପ୍ରାଦେ. (ସିଂହଭୂମ) ବ—ଘିଅପିଠା—
Chhāṅkāpiṭhā Pastry cake fried in ghee.

ଛାଙ୍କିବା—ଦେ. କି. (ସଂ. ଶୃଲ ଧାତୁ)—
Chhāṅkibā ୧ । ପରିବା ଆଦିକୁ ପ୍ରଚୁର ଘିଅରେ ଭାଜିବା—
ଛାଁକା 1. To fry vegetables in boiling ghee.
तलना। छनना ୨ । ବସ୍ତ୍ରାଦିର ଛିଦ୍ରରନ୍ଧ୍ରଦ୍ୱାରା ତରଳ ପଦାର୍ଥକୁ
ଛଙ୍କାଇବା } ଣିଜନ୍ତ ଛାଣିବା—2. To strain a liquid
ଛଙ୍କେଇବା } through a porous substance; to filter.
୩ । ଚାଲୁଣୀରେ ଚଲାଇବା—3. To sift or refine through a sieve.
ଛାଙ୍କି ସୂକ୍ଷ୍ମ ବସ୍ତ୍ରରକୁ ନ୍ୟାୟ ଛାଙ୍କୁଣୀରେ—ଚନ୍ଦ୍ରାମଣି. ବଳମାଦିତ୍ୟ ।

ଛାଙ୍କୁଣୀ—ଦେ. ବ. ସ୍ତ୍ରୀ. (ସଂ. ଶୃଲନୀ)—ଚାଲୁଣୀ—
Chhāṅkuṇi A strainer; a sieve.
ছাকনী ଛାଙ୍କି ସୂକ୍ଷ୍ମ ବସ୍ତ୍ରରକୁ ନ୍ୟାୟ ଛାଙ୍କୁଣୀରେ—
चलनी, छलनी ଚନ୍ଦ୍ରାମଣି, ବଳମାଦିତ୍ୟ ।

ଛାଚ—ଗ୍ରା. ବଣ—ଛଚ୍ଛ (ଦେଖ)
Chhācha Chhachha (See)

ଛାଚି—ଦେ. ବ. (ସଂ. ଶ୍ୱେତ ଶର୍କରା; ଏହାର ବର୍ଣ୍ଣ ଶ୍ୱେତ ଥିବାରୁ)—
Chhāchi ୧ । ସାଚ; ନବାତ; ଚିନି—
ଛାଁଚି 1. White sugar.
साबा, शक्कर, खाँड़ ୨ । (ସଂ. ଛଦ ଧାତୁ) ଘର ଚାଳର ଓଳ;

ସାଧାରଣ ଲୋକେ ଅପର ଦୃଷ୍ଟାରେ ମୂଳର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ছাঁচ, ছাএঁচ ଘରର ଚଳଧାର—2. The eaves of a thatch.
बलती ଗ୍ରା. ବି—ଛାତି—Breast.
छाँचि, हा, साची ଦେ. ବିଣ. (ସଂ. ଶ୍ୱେତ)—ଧଳା; ଶ୍ୱେତ—White.

ଛାଚିକୋରା—ଦେ. ବି—କୋରା ନଡ଼ିଆ ଓ ଚିନିରେ ତିଆରି ମିଷ୍ଟାନ୍ନ; ଧଳା କୋରା—A sweatmeat prepared from minced cocoanut and white sugar.
Chhāchikorā

ଛାଚିଖଇ—ଦେ. ବି—ଚିନି ପାଗରେ ପ୍ରସ୍ତୁତ ହୋଇଥିବା ଭଜା ଖଇ—Fried paddy seasoned with white sugar syrup.
Chhāchikhai.

ଛାଚିତଳ—ଦେ. ବି—ଓଳି ତଳ; ଘରର ପ୍ରାନ୍ତ ଭାଗର ନିମ୍ନସ୍ଥ ଭୂମି—The ground below the eaves of a thatch.
Chhāchitaḷa
ছাঁচতলা
बलती

ଛାଚି ଧଡ଼ିଆ—ଦେ. ବିଣ—ଶୁକ୍ଳ ପାଟ ଧଡ଼ିବିଶିଷ୍ଟ ଲୁଗା—(cloth) Having a white silken border.
Chhāchi dhaṛiā

ଛାଚିଧଡ଼ି—ଦେ. ବି—ଧଳା ଲୁଗାରେ ଥିବା ଧଳା ରେଶମ ଧଡ଼ି—White silken border of a white cloth.
Chhāchidhaṛi

ଛାଚିପାନ—ଦେ. ବି—୧ । ଏକ ପ୍ରକାର ସୁଗନ୍ଧ ପାନ; ସାଚିପାନ—1. A kind of sweet scented betel leaf.
Chhāchipāna
ছাঁচিপান
साँचीपान ୨ । ଉତ୍କୃଷ୍ଟ ପାନ, ଯେଉଁ ପୁରୁଣା ପାନ ପାଚି କରି ଶେତାଭ ହୋଇ ଥାଏ—2. Matured betel-leaf which nas become bleached.

ଛାଚୁଣି— ପ୍ରାଦେ. (ମେଦିନୀପୁର) ବି—ଛାଞ୍ଚୁଣୀ; ଝାଡ଼ୁ—Broom-stick.
Chhāchuṇi

ଛାଞ୍ଚ—ଦେ. ବି. (ସଂ. ସଞ୍ଚ, ଏକତ୍ରୀକରଣ କର୍ମ୍ମ। ସଂ. ଚୟ=ଆଦର୍ଶ; ସଂ. ନାମ. ସଂ. ଛାନ ଯୋଗେଶ୍ଚନ୍ଦ୍ର)—
* Chhāñcha
ছাঁইচ,ছাঁচ ୧ । ପ୍ରତିମା ଆଦି ତିଆରି କରିବା ନିମନ୍ତେ ଅଉଠା
साँचा ଧାତୁକୁ ଢାଳିବାର ନିର୍ଦ୍ଦିଷ୍ଟ ଆକାରର ପାତ୍ର—1. A casting mould; mould; cast.

ବଣିକାଙ୍କ ସାର ବୋଲି ଅବା ମାର ଢାଳିଅଛି ପ୍ରେମ ଛାଞ୍ଚେ ।
ରାଧାନାଥ. ଯଯାତି ।

୨ । କାଠ, ମାଟି ଓ ମହମ ଆଦିରେ ନିର୍ମିତ ଆଦର୍ଶ—2. Type; model.

୩ । (ସଂ. ସଞ୍ଚ) ଅଲେଖା ତାଳ ପତ୍ର ପୋଥି; ପୋଥି ଲେଖା ହେବା ପାଇଁ କଟା ହୋଇ ସଜ୍ଜିତ ହୋଇଥିବା ତାଳପତ୍ରସମୂ-
3. Blank palm-leaves strung together and intended to be written upon unwritten palm-leaves made into one size and attached together (in which books are to be written).

୪ । ତଳେ ନାନାବିଧ ଚିତ୍ରବିଶିଷ୍ଟ ଛିଦ୍ର ଥିବା ଗୁରୁଜର ଛାପା ବସାଇବାର ପାତ୍ର (ଏହା ତାଳ ପତ୍ରରେ ବା ମାଟିରେ ନିର୍ମିତ ହୁଏ)—4. A frame with its buttom perforated to represent various figures, through which white powders fall on the ground and describe various figures, when the frame is stamped or drawn on the ground.

୫ । ଇଟା ତିଆରି କରିବା ପାଇଁ ବ୍ୟବହୃତ ବାକ୍ସ ବା ଫର୍ମା—5. Brick-mould.

ପ୍ରାଦେ. (ସିଂହଭୂମ) ବି—ଘରର ଓଳି—The eaves of a thatch

ଗ୍ରା. ବି—ଟାପରା, ଥଟ୍ଟା—Jesting.

ଛାଞ୍ଚି (ଇତ୍ୟାଦି)—ଦେ. ବି. (ସଂ. ଛଦ ଧାତୁ)—
Chhāñchi (etc) ୧ । ଛାଚି ଇତ୍ୟାଦି (ଦେଖ)
1. Chhāchi etc (See)
୨ । ଛାଞ୍ଚ ୩ (ଦେଖ)
2. Chhāñcha 3 (See)
ବିଣ—ଛାଚି ଇତ୍ୟାଦି (ଦେଖ)
Chhāchi etc (See)

ଛାଞ୍ଚିକଖାରୁ—ପ୍ରାଦେ. (ସିଂହଭୂମ) ବି. (ଭୁଲ ବ. ଛାଚିକୁମଡ଼ା; ହି. ସାଁଚିକୁମଡ଼ା)—ପାଣିକଖାରୁ (ଦେଖ)
Chhāñchi kakhāru Pāṇikakhāru (See)

ଛାଞ୍ଚିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ତକ୍ଷଣ)—ଚାଞ୍ଛିବା; ତାଞ୍ଛିବା—To scrape off.
Chhāñchibā

ଛାଞ୍ଚୁଆ—ଦେ. ବି—ଯେଉଁମାନେ ଛାଞ୍ଚ ବା ଫର୍ମାରେ କାଦୁଅ ପକାଇ ଇଟା ତିଆରି କରନ୍ତି—Brick-layers.
Chhāñchuā
ছাঁচুয়া
साचिया

ଛାଞ୍ଚୁଣି—ଦେ. ବି. (ସଂ. ସମ୍ମାର୍ଜ୍ଜନୀ)—କୋମଳ ସମ୍ମାର୍ଜ୍ଜନୀ ବା ଝାଡ଼ୁ—A soft mop or broom.
Chhāñchuṇi
ঝাঁটা; খেঙ্গ্রা ସେ ରୂପେ ଛାଞ୍ଚୁଣି ପଡ଼ିବ କୁଲ ଯେତେ ।
सोंहनी କୃଷ୍ଣସିଂହ. ମହାଭାରତ ସଭା ।

ଛାଟ—ଦେ. ବି. (ସଂ. କ୍ଷିପ୍ତ; ପ୍ରା. ଛିତ୍ତ; ସଂ. ଛଟା)—
Chhāṭa ୧ । ପବନ ଯୋଗୁଁ ବର୍ଷା ଜଳ ତିର୍ଯ୍ୟକ୍‌ଭାବରେ ପଡ଼ିବା; ବାୟୁତାଡ଼ିତ ବୃଷ୍ଟିଧାରା—1. Slanting rain (due to wind).
ছাট; ছাইট
छिटा
छाट ଘରବାହ୍ର ପାଣି ଛାଟରେ ଓଦା ପଡ଼ୁଅଛି ।
छाड़; छिटकुनी ରାଧାନାଥ, ଚନ୍ଦ୍ରଭାଗା ।

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇୟ୍	ଉଅ	ୱ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ନ୍

୨ । ଛୋଟ ସରୁ ଯଷ୍ଟି—
2. Slender stick; switch rod.

ମୋ ଦୁଣ୍ଡେ ସିନା ଥିଲେ ମାତ୍ର
ତେବେ ତ ମୋଟେ ଛାଟ ପିଟ୍ଟ । ଜଗନ୍ନାଥ. ଭାଗବତ ।

୩ । ଚାବୁକ—3. Whip.

୪ । ଛାତ୍ରମାନଙ୍କୁ ଅବଧାନମାନେ ଯେଉଁ ସରୁଯଷ୍ଟିରେ ତାଡ଼ନ କରନ୍ତି—4. A staff used by teachers for caning pupils.

ଛାଟକୁରେ ବାରୁ ଭୟ ନ କର
ଛନ୍ଦକୁ ହୋଇ ବିଦ୍ୟା ପଢ଼ିବାର—ବଳରାମଦାସ ।

୫ । ଚାବୁକ ବା ଛାଟଦ୍ୱାରା ପ୍ରହାର—
5. Whipping; a stroke with the whip.

ସେ ରଥେ ଘୋଡ଼ାଙ୍କ ଦେହରେ ଯାଇଁ ଛାଟ
ବାଜନ୍ତେ ଧାଇଁଲେ ସେ ତେଜ ଯୁଦ୍ଧବାଟ । କୃଷ୍ଣସିଂହ. ମହାଭାରତ. ବନ ।

୬ । ପଶୁତାଡ଼ନ ଯଷ୍ଟି—
6. A staff for driving cattle.

ছাঁটা ୭ । (ସ୍ବ. ଛେଦନ) ଛାଞ୍ଚ; ଛଟା; ଭଙ୍ଗି; ପ୍ରକାର—
छाँटा 7. Mode.

୮ । ବାତରୋଗ ପ୍ରଭାବରୁ ଛାଟ ହୋଇ ମନଷ୍ୟ ଭୂମିରେ ପଡ଼ିଯିବା; ଅପସ୍ମାର ଛାଟ—8. A sudden fall on the ground on account of a fit.

ଛାଟ ଛୁଟାଇବା—ଦେ. କି—୧ । ଛାଟଦ୍ୱାରା ପ୍ରହାର କରିବା—
Chhāṭa chhuṭāibā 1. To thrash with a cane.
(ଛାଟ ଛଟେଇବା—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) ବାଧାଦେବା; ବନ୍ଦ କରିବା—2. To put a stop to.

ଯେ ତୁମ୍ଭ ଦରଶନ ତତ୍ପରଃ
ତା ସୁଖ ମୁଣ୍ଡେ ଛୁଟାଇଲ ଛାଟ । ବଚସୂର୍ଯ୍ୟ—କବିତା ।

ଛାଟଣା—ଦେ. ବ—୧ । ହଠାତ୍ ଝିଙ୍କି ଦେବାର ଆଘାତ—
Chhāṭaṇā 1. Jerk.
ছিটকান ୨ । ଛାଟଣି (ଦେଖ)
छिटकना 2. Chhāṭaṇi (See)
୩ । ଗୋରୁଙ୍କର ଚଟୁଆ ଫୁଲା ରୋଗ—
3. Black quarter (of cattle).

ଛାଟଣି—ଦେ. ବ.—୧ । ଛାଟ (ଦେଖ)
Chhāṭaṇi 1. Chhāṭa (See)
ছাট, সাট ୨ । 'ଝ' ଓ 'ଞ' ଅକ୍ଷରମାନଙ୍କ ମାତ୍ରାସ୍ଥଳ ଓ ବ୍ୟଞ୍ଜନ
छिटकनी ବର୍ଣ୍ଣର ମୁଣ୍ଡ ଉପରେ ଥିବା ଅଂଶ 'ଟ' 'ଗ' ଏହି ଚିହ୍ନ—
(ଛାଟଣି—ଅନ୍ୟରୂପ) 2. The whiplike portion of the 'ଝ' and 'ଞ'.
୩ । ଛାଟ ୩ (ଦେଖ)
3. Chhāṭa 3 (See)

ଅଶ୍ୱକୁ ସାରଥି କଲେ ଛାଟଣି ପ୍ରହାର । ରଘୁନାଥ ।

ଛାଟଦେବା—ଦେ. କି.—ସରୁ ଯଷ୍ଟି ଦ୍ୱାରା ପ୍ରହାର କରିବା—
Chhāṭa debā To whip with a slender twig or cane.
ছাটমারা
(ଛାଟ ପକାଇବା; ଛାଟ ମାରିବା—ଅନ୍ୟରୂପ)

ଛାଟ ମାରିବା—ଦେ. କି.—୧ । ସରୁ ଯଷ୍ଟି ଦ୍ୱାରା ପ୍ରହାର କରିବା—
Chhāṭa māribā 1. To whip with a slender twig or cane.
୨ । ପବନ ପ୍ରଭାବରୁ ବର୍ଷାଜଳ ତିର୍ଯ୍ୟକ୍‌ଭାବରେ ଘର ବା ପିଣ୍ଡା ମଧ୍ୟକୁ ବରଷିବା—2. To rain slantingly or obliquely (due to wind).
ଦେ. ବ.—ଅପସ୍ମାର ଛାଟ ମାରିବା; ଅପସ୍ମାର ରୋଗ ଆକ୍ରମଣ କରିବା—Being attacked with a fit of epipepsy.

ଛାଟି—ପ୍ରାଦେ. (ସମ୍ବଲପୁର) ବ.—୧ । ବଡ଼ ଦଉଡ଼ି—
Chhāṭi 1. Big or thick rope.
୨ । କୂଅରୁ ପାଣି କାଢ଼ିବା ଦଉଡ଼ି—2. A rope used in drawing water from wells.

ଛାଟିଆ—ଦେ. ବ.—୧ । ବେତୁଆ; ପାଇକ (ଏମାନେ ପହରା ଦେବା
Chhāṭiā ପାଇଁ ହାତରେ ବେତ ଧରି ଥିବାରୁ)—1 A watchman (who holds a stick.

କେ ବୋଇଲେ କାମ ବା ଛାଟିଆ ହୋଇଛ ।
କୋହିଲେ ପ୍ରେମାଳୀ ମର୍କଟ ଛାଟ ଅଛ—କୃଷ୍ଣସିଂହ. ମହାଭାରତ. ବନ ।

୨ । ଗ୍ରାମ ଚଉକିଦାର—2. Village-watchman.

ଗାଁ ଛାଟିଆ ସଭିଅ କେବା ଫାଣ୍ଡିକୁ ଏତଲା ଦେବାକୁ ଧାଇଁଲା ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

୩ । ବେତଧାରୀ ଶାନ୍ତିରକ୍ଷକ—3. A peon who maintains peace in a crowd by holding a stick.
୪ । ଅତି ଛୋଟ ଯଷ୍ଟି (ଛାଟ ଠାରୁ ସାନ)—
4. A very small whip.
ଦେ. ବଣ.—ଯେ ଛାଟ ଧରି ଥାଏ—
One who holds a whip.

ଛାଟିପିଟି—ଦେ. ବଣ.—ଛନ୍ନଛତ୍ର; ଅସ୍ତବ୍ୟସ୍ତ; ଛନ୍ଦଭଙ୍ଗ—
Chhāṭipiṭi Scattered; confused; pellmell.

ହଂସମାନେ ତା ଦେଖି ଭୟେ ତେଣା ପିଟି,
ପଳାଇଲେ ଘର ଆଡ଼କୁ ଛାଟିପିଟି—କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଦେ. କି. ବଣ.—ଇତସ୍ତତଃ—
Pell-mell; in a confused manner.

ଛାଟିପିଟି ପଳାଇବା—ଦେ. କି.—୧ । ଭୟରେ ଛନ୍ନଛତ୍ର ହୋଇ
Chhāṭipiṭi paḷāibā ବାହାରି ଯିବା—1. To run away
(ଛାଟ ପିଟ ହୋଇ ପଳାଇବା—ଅନ୍ୟରୂପ) pell-mell in fright.

ଅସୁର ଛଡ଼ ଛାଟ ପିଟ ପଳାଇଲେ—କୃଷ୍ଣସିଂହ. ମହାଭାରତ. ଆଦି ।

ସାଧାରଣ ଲୋକେ ଅନେକ ସ୍ଥଳରେ ବ୍ୟଞ୍ଜନ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୨ । ଅତି ଶୀଘ୍ର କୌଣସି ସ୍ଥାନ ତ୍ୟାଗ କରିବା—
2. To leave a place in hot haste.

ଛାଟିପିଟି ହେବା—ଦେ. କ୍ରି.—୧ । କଷ୍ଟର ଆଧିକ୍ୟ ଯୋଗୁଁ ଭୂମିରେ
Chhāṭipiṭi hebā ହାତ ଗୋଡ଼ ଇତସ୍ତତଃ କମ୍ପାଇବା—
1. To struggle violently on the ground with the arms and legs.

୨ । ଛନ୍ନ ଭନ୍ନ ହେବା; ଅସ୍ତବ୍ୟସ୍ତ ହେବା—
2. To be routed, to become confused.
(ଯଥା—ସେମାନେ ଛାଟିପିଟି ହୋଇ ପଳାଇଲେ ।)

ଛାଟିବା—ଦେ. କ୍ରି.—(ସଂ. କ୍ଷିପ୍, ପ୍ରା. ଛୁଭ୍)—୧ । ଅଙ୍ଗାଦି ବିକ୍ଷେପ
Chhāṭibā କରିବା—1. To throw about one's limbs.
छिटका
୨ । ଛୁଆଁଡ଼ି ଦେବା; ନିକ୍ଷେପ କରିବା—
छिड़कना 2. To throw with a jerk.
(ଛଟାଇବା—ଣିଜନ୍ତ)

୩ । କାଦୁଅ ଭୂମିରେ ଶସ୍ୟ-ବୀଜ (ବିହନ) ଆଦି ବଳପୂର୍ବକ ବୁଣିବା—3. To jerk out seeds into a muddy field.

୪ । ବଳପୂର୍ବକ ଝିଙ୍କିବା—
4. To snatch away with a jerk.
ଖଣ୍ଡେ ବାହୁ ନେଇ ମାନବଙ୍କ ଗ୍ରୀବ
ଖଣ୍ଡେ ଛାଟିନେଇ ଭଙ୍ଗ । ଉପାଖ୍ୟା. ଗୀତଲହରୀ ।

୫ । ବନଶୀ ବା ଦଉଡ଼ି ଆଦି ଦ୍ୱାରା ମାଛ ଆଦିଙ୍କୁ ଉପରକୁ ଝିଙ୍କି ଆଣିବା—5. To bring up with a jerk.
ଜଣୋଷଙ୍କର ମନ ମୀନକୁ ଏ ବଚନ-ବିଷ ବନ୍ଶୀଶ ଛଟି ଛାଟିଲ ରେ ।
କବିସୂର୍ଯ୍ୟ. ସଙ୍ଗୀତ ।

୬ । (କାନ୍ଥରେ ମାଟି) ଲେସିବା; ତିର୍ଯ୍ୟକ୍ ଭାବରେ କୌଣସି
झोंपना ବସ୍ତୁକୁ (ଯଥା—କାଦୁଅ ବା ଗୋବର) ଅନ୍ୟ ବସ୍ତୁର (ଯଥା—କାନ୍ଥର) ଦେହକୁ ଫୋପାଡ଼ିବା—
6. To throw mud etc obliquely.

छाँटा ୭ । (ସଂ. ଛେଦନ; ଖଣ୍ଡନ) (ଗଛର ଡାଳକୁ) ଅଗ ଅଡ଼ ସମାନ କରି କାଟିବା—
छाँटना
7. To prune (the branches of a tree).

୮ । ମୁଣ୍ଡର ବାଳ କଟାଇବା; ଛାଣ୍ଟିବା—
8. To crop (the hair).

ଛାଟି ହୋଇ ପଡ଼ିବା—ଦେ. କ୍ରି—ଜୋର ସହ ଚ ବୁଲାଇ ହୋଇ କମ୍ପିଡ଼
Chhāṭi hoi paṛdibā ହୋଇ ପଡ଼ିବା—To be thrown
छिटकेपड़ेजाओ down or hurled to the
छिटककरगिरना ground with a jerk.

ଛାଟେ—ଦେ. ବି—୧ । ଖଣ୍ଡିଏ ଛାଟ ବା ବେତ—
Chhāṭe 1. A piece of whip.
(ଛାଟେକ—ଅନ୍ୟରୂପ) ୨ । ଛାଟରେ ଏକ ଥର ମାତ୍ର ପ୍ରହାର—
2. A cut with a whip.

ଗୃହ ଓଡ଼ାଙ୍କ ଧରିବାର ବେଳେ
ଓଡ଼ାଏ ଛାଟେ ପିଟି ଦେଲେ ଚଳେ । ଗୋଲାବତୀ. ସ୍ମୃ ।

ଛାଟେଇ—ଦେ. ବି—ଓଡ଼ିଶାର ଚଷା (ଶୂଦ୍ର) ମାନଙ୍କର ବଂଶୋପାଧି-
Chhāṭei ବିଶେଷ—A family-title amongst Oriya
(ଛାଟୋଇ—ଅନ୍ୟରୂପ) cultivator.

ଛାଟେଣି—ଦେ. ବି—୧ । ହାତ ମୋଜା; ଦସ୍ତାନା; ହସ୍ତାବରଣ—
Chhāṭeṇi 1. Gloves.
ଛାଟେଣିଟିକ ବେକ କରରେ ବାନ୍ଧିଲେ—କୃଷ୍ଣସିଂହ, ମହାଭାରତ ।

୨ । ଛୋଟ ଛାଟ ବା ଶୃକ୍—
2. Whip or small stick.

୩ । ଦୂରକୁ ଟେକା ବା ବାଟୁଳି ଫୋପାଡ଼ିବା ନିମନ୍ତେ ବ୍ୟବହୃତ ଦଉଡ଼ି; ଛାଟକଣ୍ଠି—3. Slings; a string with which pellets are hurled to a long distance.

୪ । ଏକପ୍ରକାର ସରୁ ଓ ଲମ୍ବ କଳା ସାପ; ପାଣିଛାଟା—
4. A species of slender and long serpent.

[ଦ୍ର—ଏଜାତୀୟ ସାପମାନେ ଜୟପୁରର ନବରଙ୍ଗପୁର ନିକଟ ଇନ୍ଦ୍ରାବତୀ ନଦୀ ଓ କଳାହାଣ୍ଡିର ଓଲକଣା କୂଳରେ ଗଛ କରି ରହନ୍ତି । ଏମାନେ ଲମ୍ବରେ ୩୦।୪୦ ହାତ ପର୍ଯ୍ୟନ୍ତ ବଢ଼ନ୍ତି ଓ ଅଙ୍ଗୁଠିପରି ସରୁ ହୁଅନ୍ତି । ୧୦।୧୨ ହାତ ଦୂରରୁ ଗୋରୁ ଓ ମନୁଷ୍ୟଙ୍କୁ ଲାଙ୍ଗୁଡ଼ି ଛାଟି, ଝିଙ୍କିଆଣି ସେମାନଙ୍କ ନାକୁଭିତରେ ମୁହଁ ଗିଳି ପୂରାଇ ପରି ମସ୍ତିଷ୍କରୁ ଦହି ଖାଇଯାଆନ୍ତି । ଏମାନଙ୍କ ମୁଣ୍ଡ କାଣିକଉଡ଼ି ପରି । ଏମାନେ ଜୀବଙ୍କୁ ପାଣିରେ ବୁଡ଼ାଇ ମାରନ୍ତି ।]

ଛାଡ଼—ଦେ. ବି. (ସୃ ଧାତୁ, ଣିଚ୍=ସାର ଧାତୁରୁ ସାରଣ=ଦୂରୀକରଣ,
Chhāṛda ସଂ. ଛୋରଣ=ପରିତ୍ୟାଗ, ହି. ଶବ୍ଦସାଗର)—
छाड़, छड़ा, छाड़न ୧ । ବିଚ୍ଛେଦ—1. Separation.
छोड़ना ୨ । ବର୍ଜନ; ତ୍ୟାଗ—
2. Giving up; relinquishment.
୩ । ଦୂରୀକରଣ—3. Abandonment.
୪ । ଖଲାସ; ମୁକ୍ତି—4. Release.
୫ । ଦେୟ ଆଦି ଦେବା ଦାୟିତ୍ୱରୁ ମୁକ୍ତି; ରିହାଇ, ମାଫ—
5. Remission.
୬ । ଆଦେଶପତ୍ର—6. Letter of authority;license.
୭ । ଜ୍ୱର ଆଦି ଦେହରୁ ଛାଡ଼ିଯିବା—
7. Remisson of a fever.
୮ । ମୁକ୍ତି ଦେବାର ପତ୍ର; ପାଉଣା ଆଦି ଦାୟିତ୍ୱ ସମ୍ବନ୍ଧୀୟ ମୁକ୍ତିପତ୍ର; ଫାରିକତ୍—8. Letter of remission or release; deed of full satisfaction.
୯ । ଛାଡ଼ ଚିଠି—9. A pass for the free passage of an article.

୧	ଇ	ଉ	ଋ,ୠ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଙ୍ଗ୍ୟ	ଡଅ	ଢ
୨	ଈ	ଊ	ରୁ	ଲୃ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍ହ

୧୦ । କୌଣସି ବ୍ୟକ୍ତିଙ୍କୁ କୌଣସି ରାଜ୍ୟର ସୀମା ଟପିବା ବା ଅନ୍ୟ ରାଜ୍ୟରେ ବିଚରଣ କରିବା ନିମନ୍ତେ ଦିଆଯିବା ଅନୁମତିପତ୍ର—10. Pass port.

୧୧ । ଭଟ୍ଟା; ପଡ଼ିଆ ଜୁଆର—11. Ebb-tide

୧୨ । ବିରତି; ବିରାମ—12. Cessation; stoppage.

୧୩ । ବିଶ୍ରାମ; ଫୁରୁସତ୍—13. Rest; respite.

୧୪ । ଅନ୍ତରାଳତା; ବ୍ୟବଧାନ—
14. Interval; space between two things.

୧୫ । କାର୍ଯ୍ୟ ବନ୍ଦ—15. Cessation of work.

୧୬ । ତାଲିକା ଆଦିରେ ଅନ୍ତର୍ଭୁକ୍ତ ନ ହେବା—
16. Omission from a list.
(ଯଥା—ତାଙ୍କ ନାମ ତାଲିକାରୁ ଛାଡ଼ ହେଲା ।)

ଛାଡ଼ଖାଇ—ଦେ. ବି—କାର୍ତ୍ତିକ ପୂର୍ଣ୍ଣିମାର ପର ଦିବସ—The day
Chhārdakhāi after the full-moon of Kārttika.
[ଦ୍ର—ହବିଷ୍ୟାଳିମାନେ କାର୍ତ୍ତିକମାସଯାକ ବ୍ରତ କରିଥିବା ଯୋଗୁଁ ଯେଉଁ ଯେଉଁ ଖାଦ୍ୟ ଛାଡ଼ିଥାଆନ୍ତି, ତାହା 'ଛାଡ଼ଖାଇ' ଦିନ ଖାଆନ୍ତି ।]

ଛାଡ଼ଖାଇ ବାଡ଼ି—ଦେ. ବି—କାର୍ତ୍ତିକ ଶେଷରେ ହେବା ହଇଜା;
Chhārdakhāi bārdi ଅସମୟରେ ହେବା ହଇଜା—
Cholera breaking out untimely.

ଛାଡ଼ଚିଠି—ଦେ. ବି—୧ । ଯେଉଁ ରାଜକୀୟ ଆଦେଶପତ୍ର ଦେଖାଇଲେ
Chhārdachithi ପ୍ରହରୀମାନେ ନିର୍ଦ୍ଦିଷ୍ଟ ସୀମାର ବାହାରକୁ ମନୁଷ୍ୟ
ଛାଡ଼ଚିଠି ବା କୌଣସି ନିଷିଦ୍ଧ ପଦାର୍ଥକୁ (ଯଥା—ଲୁଣ, ଅବକାରୀ
छाड़चिट्ठी ଜିନିଷ ଇତ୍ୟାଦି) ଯିବାକୁ ବାଧା ଦିଅନ୍ତି ନାହିଁ—
1 A pass; pass-port.

୨ । ରାଜାଙ୍କ ଅଟକ ଜଙ୍ଗଲରୁ କାଠ ଆଦି ଅବାଧରେ ଆଣିବା ପାଇଁ ଲୋକଙ୍କୁ ଦିଆଯିବା ଆଦେଶପତ୍ର—2. A pass or license given to a person to bring wood from reserved forests; a permit.

ଛାଡ଼ ଜଙ୍ଗଲ—ପ୍ରାଦେ. (ଗଡ଼ଜାତ) ବି—ଯେଉଁ ସରକାରୀ ବା ରାଜକୀୟ
Chhārda jangala ଜଙ୍ଗଲରୁ କାଠ ଆଦି ଆଣିବାକୁ ପ୍ରଜାମାନଙ୍କୁ
(ଅଟକ ଜଙ୍ଗଲ—ବିପରୀତ) ଅନୁମତି ଆଣିବାକୁ ପଡ଼େ ନାହିଁ—
The Government or state forest from which the subjects are free to bring wood.

ଛାଡ଼ଟକ—ବିଦେ. ବି—ଘୋଡ଼ାର ଏକାବେଳକେ ଚାରି ଗୋଡ଼ରେ
Chhārdataka ଦଉଡ଼ିବା—Running of a horse on all
सरपट fours; gallop.

ଛାଡ଼ପଡ଼ିବା—ଦେ. କ୍ରି.—ବାଦ୍ ଯିବା—
Chhārda pardibā To be remitted.

ଛାଡ଼ପତ୍ର—ଦେ. ବି. (ସଂ. ବିସର୍ଜ୍ଜନ+ପତ୍ର)—
Chhārdapatra ୧ । ସ୍ୱାମୀ ସ୍ତ୍ରୀକୁ ପରିତ୍ୟାଗ କରି ବିବାହ ବନ୍ଧନକୁ
ଛାଡ଼ପତ୍ର ଛେଦନ କରିବାର ସମ୍ବନ୍ଧସୂଚକ ପତ୍ର—
तलाकनामा; छाड़चिट्ठि 1. A husband's deed of divorce
(ଛାଡ଼ପତର—ଅନ୍ୟରୂପ) given to a discarded wife.

୨ । କୌଣସି ବ୍ୟକ୍ତି ବା ବସ୍ତୁକୁ ବାଟରେ ପ୍ରହରୀ ଅଟକାଇ ନ ରଖି ଛାଡ଼ି ଦେବାର ରାଜକୀୟ ଆଦେଶପତ୍ର—
2. A pass; pass-port.

୩ । କୌଣସି ସମ୍ପତ୍ତିରୁ ଦାବୀ ଓ ସ୍ୱତ୍ୱ ପରିତ୍ୟାଗସୂଚକ ଦଲିଲ—3. Deed of relinquishment or release.

୪ । ସମସ୍ତ ଦେୟ ପରିଶୋଧ ହୋଇଥିବାର ନିଦର୍ଶନପତ୍ର ବା ରସିଦ—4. A receipt of full satisfaction; a receipt in full.

ଛାଡ଼ବଡ଼—ଦେ. ବି. (ସହଚର)—୧ । ଖଜଣା ଆଦିର ମାଫ୍—
Chhārdabarda 1. Remission.
୨ । ବିସର୍ଜ୍ଜନ—2. Relinquishment (Howells).

ଛାଡ଼ବାଡ଼—ଦେ. ବି. (ସହଚର ଶବ୍ଦ, ଧ୍ୱନ୍ୟନୁକାରୀ ନିରର୍ଥକ ଦ୍ୱିତୀୟ
Chhārdabārda ପଦ)—୧ । ଛଡ଼ାଛଡ଼ି; ପରସ୍ପରଙ୍କ ମଧ୍ୟରେ
(ଛାଡ଼ମାଡ଼—ଅନ୍ୟରୂପ) ବିଚ୍ଛେଦ—1. Mutual separation.

ଦୁଇ ଜଣଙ୍କର ନିମିଷେ ଛାଡ଼ବାଡ଼ ଆଏ ନାହିଁ ।
ଫକୀରମୋହନ- ରାମାୟଣଅଠଗଣ୍ଡ ।

୨ । ପରସ୍ପର ମଧ୍ୟରେ ସମ୍ପର୍କରାହିତ୍ୟ—
2. Cessation of mutual connection or intercourse.
(ଯଥା—ତାର ଆମର ଆଜକୁ କୋଡ଼ିଏ ବର୍ଷ ହେଲା ଖିଆପିଆ, ନିମିତ୍ୟପର୍ବ, ତାକରାହାକରାରେ ଛାଡ଼ବାଡ଼ ହୋଇ ଗଲାଣି ।)

ଦେ. ବିଣ—ପରସ୍ପରଠାରୁ ପୃଥକ୍ ବା ବିଚ୍ଛିନ୍ନ—
Separated from each other.

ଛାଡ଼ଯିବା—ଦେ. କ୍ରି—(ଅକର୍ମକ) ପରିତ୍ୟକ୍ତ ହେବା—
Chhārdajibā To be given up.
(ଛାଡ଼ ହେବା—ଅନ୍ୟରୂପ) (ଯଥା—ଏବେ ସେ ଦୁଃଖ ପାଇ ଗଲେଣି ତଥାପି ଖାପାଙ୍କ ଅମଳର ଢଙ୍ଗଢାଙ୍ଗ ଛାଡ଼ ଯାଇ ନାହିଁ ।)

ଛାଡ଼ି—ଦେ. ଅ. (ଛାଡ଼ିବା କ୍ରିୟାର ଅସମାପିକାରୂପ ଅବ୍ୟୟରୂପେ ବ୍ୟବହୃତ)
Chhārdi ଛଡ଼ା; ବ୍ୟତୀତ—Except.
ছেড়ে
छोड़कर

ଛାଡ଼ି ଆସିବା—ଦେ. କ୍ରି—୧ । କୌଣସି ବସ୍ତୁ ବା ବ୍ୟକ୍ତିଙ୍କୁ କୌଣସି
Chhārdi āsibā ସ୍ଥାନରେ ଭୁଲ କ୍ରମେ ପକାଇ ଦେଇ
ছেড়েআসা ଚାଲି ଆସିବା—1. To come away
छोड़आना by leaving a person or thing some where by oversight.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ମଧ୍ୟରେ 'ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

୨ । କୌଣସି ସ୍ଥାନକୁ ଆସୁଥିବା କୌଣସି ବ୍ୟକ୍ତି ସଙ୍ଗେ ସହଚର ରୂପେ ଆସିବା—2. To accompany a person coming to some place.

(ଯଥା—ଭାଇ ଭଉଣୀଙ୍କୁ ଶଶୁରଘରକୁ ଛାଡ଼ି ଆସିଥିଲା ।)

୩ । ବାଟରେ କୌଣସି ସ୍ଥାନ ବା ବସ୍ତୁକୁ ଅତିକ୍ରମ କରି ଚାଲି ଆସିବା—3. To come by leaving some place on the road.

(ଯଥା—ଆମେ ୩ କୋଶ ହେଲା ଭୁବନେଶ୍ୱର ମନ୍ଦିର ଛାଡ଼ି ଆସିଲେଣି ।)

ଛାଡ଼ିକରି—ଦେ. ଅ—୧ । ଅନର୍ଗଳ ଭାବରେ; ପର୍ଯ୍ୟାପ୍ତ ପରିମାଣରେ—
Chhā<u>rd</u>ikari 1. Abandontly.

ଏ ଅଞ୍ଚଳରେ ଘନ ଘୋର ଘନ ହୋଇ ମେଘ ଉପର ଉପର ଲାଗେଇଛି କିନ୍ତୁ
ବର୍ଷା ଛାଡ଼ି କରି ହେଉ ନାହିଁ । ଗଡ଼ଜାତବାସିନୀ ୨୨।୭।୨୯ ।

୨ । କୋଷ୍ଠବଦ୍ଧ ନ ହୋଇ ତରଳ ଭାବରେ (ଝାଡ଼ା ହେବା)—
2. (passing of stools) Copiously.

(ଯଥା—କୋଷ୍ଠ କାଠିନ୍ୟ ମୋର ଗୋଟିଏ ପ୍ରଧାନ ରୋଗ, ଜୁଲାପ ନ ଖାଇଲେ ମୋର ଛାଡ଼ି କରି ପୋଖରୀ ହୁଏ ନାହିଁ ।)

୩ । ଛାଡ଼ି (ଦେଖ)
3. Chhā<u>rd</u>i (See)

ଛାଡ଼ିଛାଡ଼ି—ଦେ. କ୍ରି. ବିଣ—୧ । ମଝିରେ କିଛି କିଛି ସମୟ ବ୍ୟବଧାନ ଥାଇ—1. With intermission; at short intervals.
Chhā<u>rd</u>ichhā<u>rd</u>i
ছেড়ে ছেড়ে
छोड़छोड़कर

(ଯଥା—ଆଜି ଦିନଯାକ ଛାଡ଼ି ଛାଡ଼ି ବର୍ଷା ହେଉଛି ।)

୨ । ଛାଡ଼କରି ୨ (ଦେଖ)
2. Chhā<u>rd</u>ikari 2 (See)

(ଯଥା—ଆଜି ଦିନକଯାକ ଛାଡ଼ ଛାଡ଼ ବର୍ଷା ହେଉଛି ।)

ଛାଡ଼ିଛାଡ଼ି ଯିବା—ଦେ. କ୍ରି—୧ । କ୍ରମଶଃ ଅଦୃଶ୍ୟ ହେବା—
Chhā<u>rd</u>ichhā<u>rd</u>i jibā 1. To begin to disapper.
ছেড়ে ছেড়ে যাওয়া (ଯଥା—ଗ୍ରହଣ ଚନ୍ଦ୍ରଙ୍କଠାରୁ ଛାଡ଼ି ଛାଡ଼ି ଯାଉଛି ।)

୨ । କୌଣସି ପଦାର୍ଥରୁ ରଙ୍ଗ ବା ଆଚ୍ଛାଦନ ବା ଛାଲି ସ୍ଥାନେ ସ୍ଥାନେ ଉଠିଯିବା—
2. To scale of; to fade gradually.

ଛାଡ଼ିଛୁଡ଼ି ଦେବା—ଦେ. କ୍ରି. (ଛାଡ଼ିବା କ୍ରିୟାର ଅସମାପିକା ରୂପ ସଙ୍ଗେ ଧ୍ୱନ୍ୟନୁକାରୀ ନିରର୍ଥକ ଛାଡ଼ିବା କ୍ରିୟାର ଯୋଜନା)—୧ । ଅବ୍ୟାହତି ଦେବ—
Chhā<u>rd</u>ichhu<u>rd</u>i debā
ছেড়েছুড়ে দেওয়া
छोड़छाड़देना 1. To remit; to grant a receipt.

୨ । ସମ୍ପୂର୍ଣ୍ଣରୂପେ ତ୍ୟାଗ କରିବା—
2. To give up or abandon completely.

ଛାଡ଼ିଣ—ଦେ. (ପଦ୍ୟ) ଅ—ଛଡ଼ା; ବ୍ୟତୀତ—
Chhā<u>rd</u>iṇa Except; without.
ছেড়ে
छोड़कर

ଯୁଦ୍ଧ ଛାଡ଼ିଣ ଯାହା ମାଗିବ ରାଜନ । କୃଷ୍ଣସିଂହ. ମହାଭାରତ ବନ ।

ଛାଡ଼ିଦେବା—ଦେ. କ୍ରି—୧ । ଛାଡ଼ିବା ୧. ୨ (ଦେଖ)
Chhā<u>rd</u>idebā 1. Chhā<u>rd</u>ibā 1. 2 (See)
ছেড়ে দেওয়া
छोड़ देना

ନ ବଣି ଛାଡ଼ି ଦେଲ ତାର ନଜ ଘର ।
କୃଷ୍ଣସିଂହ. ମହାଭାରତ. ବନ ।

୨ । କୌଣସି ବ୍ୟକ୍ତିକୁ ନେଇ କୌଣସି ବ୍ୟକ୍ତି ନିକଟରେ ବା କୌଣସି ସ୍ଥାନରେ ରଖିଦେଇ ଚାଲିଆସିବା—
2. To leave a person at some place or with some person.

୩ । ସ୍ଥାନାନ୍ତରକୁ ଗମନୋଦ୍ୟତ କୌଣସି ବ୍ୟକ୍ତିକୁ ବାଟ ବଳାଇ ଦେବା—3. To see a person off.

(ଯଥା—ଛୁଟି ନେଇ ବିଲାତକୁ ଯାଉଥିବା ମାଜିଷ୍ଟ୍ରେଟଙ୍କୁ ଆମ୍ଭେମାନେ ଷ୍ଟେସନରେ ଛାଡ଼ି ଦେବାକୁ ଆସିଥିଲୁଁ ।)

୪ । ଗୋରୁ ଛେଳିଆଦିଙ୍କୁ ରକ୍ଷକରୂପେ ଚରାଇବା—
4. To let cattle etc graze.

(ଯଥା—ଗୋରୁ ରଖୁଆଳ ଗୋରୁଙ୍କୁ ଛାଡ଼ିଦେଇ ଗଛ ଛାଇରେ ବସିଛି ।)

ଛାଡ଼ିପଳାଇବା—ଦେ. କ୍ରି—ଛାଡ଼ିଯିବା ୧. ୨ (ଦେଖ)
Chhā<u>rd</u>ipaḻaibā Chhā<u>rd</u>ijibā 1. 2 (See)

ଭୂମି ପରାକ୍ରମ ଦେଖିଣ କୁରୁମାନେ
ଅଜି ଛାଡ଼ି ପଳାନ୍ତୁ ଯୁଦ୍ଧୁଁ ଭୟ ମନେ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

ଛାଡ଼ିବା—ଦେ. କ୍ରି. (ସଂ. ଛର୍ଦ ଧାତୁ; ଭୂଳ—ପାଲି. ଛଡ୍ଡେତି; ସଂ. ସାରଣ; ସଂ. ସର୍ଜନ; ସଂ. ଛୋରଣ=ପରିତ୍ୟାଗ)—
Chhā<u>rd</u>ibā
ছাড়া
छोड़ना
(ଛଡ଼ାଇବା—ଣିଜନ୍ତ)

୧ । (ସକର୍ମକ) ତ୍ୟାଗ କରିବା; ବର୍ଜନ କରିବା—
1. To abandon; to give up.

(ଯଥା—ଭିକାରୀ କଷ୍ଟ ପାଇଁ ସେ କାଲି ପ୍ରାଣ ଛାଡ଼ିଲା ।)

୨ । (ସକର୍ମକ) (ଅମୁକ ସଙ୍ଗେ) ସମ୍ପର୍କ ତ୍ୟାଗ କରିବା; ସମ୍ବନ୍ଧ ତୁଟାଇବା—2. To cut off connection with; to cease to have to do with; to leave.

(ଯଥା—ମୁଁ ସଂସାର ଛାଡ଼ିଲିଣି ।)

୩ । (ସକର୍ମକ) (ଅମୁକର) ସଙ୍ଗରୁ ବିଚ୍ଛିନ୍ନ ହେବା; ସଙ୍ଗଚ୍ୟୁତ ହେବା—3. To be separated from.

(ଯଥା—ମୁଁ ୬ ମାସ ହେଲା ବାପ ମାଆଙ୍କୁ ଘରେ ଛାଡ଼ି ବିଦେଶ ଆସିଛି ।)

୪ । (ସକର୍ମକ) କୌଣସି କାର୍ଯ୍ୟରୁ ବିରତ ହେବା—
4. To cease to do a thing; to discontinue.

(ଯଥା—ମୁଁ ତୁମ ଡାକ ଶୁଣି ଭାତଖିଆ ଛାଡ଼ି ଉଠି ଆସିଲି ।)

୧	ଇ	ଉ	ର୍,ର୍ଡ଼	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍	ଡ଼ଅ	ଢ଼
୨	ଈ	ଊ	ଋ	ଌ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଡ଼ି	ନୃ

୫ । (ସକର୍ମକ) ପାଶରୁ ଅନ୍ତର ହେବା—
5. To go away from.
(ଯଥା—ଛଅମାସ ହେଲା ବନ୍ଧୁଙ୍କୁ ଛାଡ଼ି ମୋ ପ୍ରାଣ ବ୍ୟାକୁଳ ହେଉଅଛି ।)

୬ । (ଅକର୍ମକ) ଫଳତଃ (ଅନ୍ୟଠାରୁ) ଭିନ୍ନ ବୋଲି ଜଣା ପଡ଼ିବା—6. To be found to differ from.
(ଯଥା—ଏ ସୁନା ମୁଦିରୁ ସେ ସୁନାମୁଦି ଗୁରୁପଣରେ ଛାଡ଼ୁଛି ।)

୭ । (ସକର୍ମକ) (କୌଣସି ଅଭ୍ୟାସ) ତ୍ୟାଗ କରିବା; ନିବୃତ୍ତ ହେବା—7. To give up (a habit).

୮ । (ସକର୍ମକ) (ଜୀବନର ବା ଅନ୍ୟ ଆଶା) ପରିତ୍ୟାଗ କରିବା—8. To give up (every hope of life or of any other matter).
(ଯଥା—ସବୁ ବଇଦମାନେ ସେ ମଲ୍ଲୁଙ୍କୁ ଛାଡ଼ି ବସିଲେଣି ।)

୯ । (ସକର୍ମକ) ତତ୍ତ୍ୱାବଧାନରେ ରଖିବା, ଜଗିବା; କୌଣସି ଆଡ଼କୁ ଯିବାକୁ ଦେବା—9. To let (some thing) to proceed in a certain direction.

ଦଇବ ଦଇତ୍ତ ମଣି ଷ ଗାଈ
ଯେଣିକି ଛାଡ଼ଇ ସେଣିକି ଯାଇ । ଚଗ ।

୧୦ । କୌଣସି ସ୍ଥାନରେ କୌଣସି ଶିଶୁ ବା କୌଣସି ବସ୍ତୁକୁ ରଖିଦେଇ ସେ ସ୍ଥାନ ପରିତ୍ୟାଗ କରିବା; ରଖିଯିବା—
10. To leave a place after leaving ones relatives or things.
(ଯଥା—ସେ ତିନିଗୋଟି ଶିଶୁସନ୍ତାନ ଛାଡ଼ି ଇହଜଗତ ପରିତ୍ୟାଗ କଲେ ।)

୧୧ । କୌଣସି ସ୍ଥାନ ତ୍ୟାଗ କରି ସ୍ଥାନାନ୍ତରକୁ ଯିବା—
11. To go away from a place.
(ଯଥା—ମାଜିଷ୍ଟ୍ରେଟ୍ ସାହେବ ୬ ମାସ ପାଇଁ କଟକ ଛାଡ଼ିଲେ ।)

୧୨ । (ଦେହକୁ ଜ୍ୱରଆଦି ରୋଗ) ଓହ୍ଲାଇବା—
12. To leave (said of a disease).
(ଯଥା—ସନ୍ଧ୍ୟାବେଳେ ତାଙ୍କୁ ଜ୍ୱର ଛାଡ଼ିଗଲା)

୧୩ । ସ୍ଥାନାନ୍ତରକୁ ଯିବା ପାଇଁ ଅନୁକୂଳ କରିବା; ନିର୍ଦ୍ଦିଷ୍ଟ ସ୍ଥାନରୁ ପ୍ରସ୍ଥାନ କରିବା—
13. To start or depart from a place.
(ଯଥା—ଜାହାଜ ଘଣ୍ଟାଏ ପୂର୍ବରେ ବନ୍ଦର ଛାଡ଼ିଲା)

୧୪ । ନ ରୋକିବା; ଅଯମନ; ଶିଥିଳ କରିବା—
14. To slacken control; not to restrain.
(ଯଥା—ଘୋଡ଼ସବାର ଘୋଡ଼ାକୁ ଛାଡ଼ିଦେବାରୁ ଘୋଡ଼ା ଖୁବ୍ ଜୋରରେ ଦଉଡ଼ିଲା)

୧୫ । ଯୋଡ଼ ଖୋଲିଯିବା; ଫିଟିଯିବା; ବନ୍ଧନ ଶିଥିଳ ହେବା—
15. To give way.
(ଯଥା—ପୁରୁଣା ଘରର ଚଳପଟା ଗୁଡ଼ିକ ଛାଡ଼ି ଗଲାଣି)

୧୬ । କୌଣସି ଖାଦ୍ୟ ନ ଖାଇବା—16. To give up taking any food; to discontinue taking (food).
(ଯଥା—ପିଲା ୬ ମାସ ହେଲା ମାଆ ଦୁଧ ଛାଡ଼ିଲାଣି; ମଲ୍ଲୁ ଦୁଇ ମାସ ହେଲା ଅହାର ଛାଡ଼ିଲାଣି ।)

୧୭ । ଯିବାକୁ ଅନୁମତି ଦେବା—
17. To let go; to permit to go out.
(ଯଥା—ପଣ୍ଡିତେ ଆମକୁ ଖାଇବାପାଇଁ ଛାଡ଼ିଲେ ନାହିଁ ।)

୧୮ । (ସକର୍ମକ) ବ୍ରତଧାରଣପୂର୍ବକ କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟବସ୍ତୁ ବର୍ଜନ କରିବା ବା ନ ଖାଇବା—18. To abstain from taking a particular food by observing a religious vow.

୧୯ । (ସକର୍ମକ) ବନ୍ଧନରୁ ଅବ୍ୟାହତି ଦେବା; ମୁକୁଳାଇ ଦେବା; ମୁକ୍ତି ଦେବା—19. To release from restraint.

ଅର୍ଜୁନ ବୋଇଲେ ଯୁଧିଷ୍ଠିର ନୃପବୋଲେ,
ଛାଡ଼ିଦିଅ ଏବେ ଏହାଙ୍କୁ ତୁମ୍ଭେ ଭଲେ । କୃଷ୍ଣସିଂହ. ମହାଭାରତ. ବନ ।

୨୦ । (ସକର୍ମକ) କ୍ଷମା ଦେବା; ମାର୍ଜନା କରିବା—
20. To pardon; to excuse.
(ଯଥା—ଏଥର ଥରକ ତୋର ପ୍ରଥମ ଦୋଷ ମୁଁ ଛାଡ଼ି ଦେଲି; ଏଣିକି ଆଉ ଛାଡ଼ିବି ନାହିଁ ।)

୨୧ । (ସକର୍ମକ) (ପଥ) ଉନ୍ମୁକ୍ତ କରିବା; ମେଲା କରିବା;—
21. To open.
(ଯଥା—ମତେ ବାଟ ଛାଡ଼ିଦିଅ, ମୁଁ ଯିବି ।)

୨୨ । (ସକର୍ମକ) ରିଆତି ଦେବା; ଛାଡ଼ି ଦେବା—
22. To remit.
(ଯଥା—ମହାଜନ ଖାତକଙ୍କୁ ଅଧେ ସୁଧ ଛାଡ଼ି ଦେଲେ ।)

୨୩ । (ସକର୍ମକ) ହାତରେ ବା କୋଳରେ ନ ଧରିବା—
23. Not to take in one's arms.
(ଯଥା—ଶିଶୁକୁ ଛାଡ଼ିଦିଅ, ସେ ଆପଣା ମନକୁ ଚାଲୁ ।)

୨୪ । (ସକର୍ମକ) ଆସାମୀକୁ ମକଦମାରୁ ଖଲାସ ଦେବା, ଅବ୍ୟାହତି ଦେବା—2. To acquit (an accused).
(ଯଥା—ହାକିମ ମୁଦାଲାକୁ ଛାଡ଼ିବାର ରାୟ ଦେଲେ ।)

୨୫ । (ସକର୍ମକ) ବିଛି ଦେବା; ଖେଳାଇବା—
25. To let loose; to strew.
(ଯଥା—ଚଉଳମାନ କୋଠରିରେ ବିହନ ଛାଡ଼ିଛି ।)

୨୬ । (ସକର୍ମକ) ଭ୍ରମକ୍ରମେ ବାଦ୍ ଦେବା ବା ତାଲିକାଭୁକ୍ତ ନ କରିବା—26. To omit from a list by oversight.
(ଯଥା—ନିମନ୍ତ୍ରଣ-ତାଲିକାରୁ ଜଣେ ପ୍ରଧାନ ବ୍ୟକ୍ତିଙ୍କ ନାମ ମୁଁ ଛାଡ଼ି ଯାଇଥିଲି ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ବିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତଦ୍‌ବର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଗ୍ନି' ନ ପାଇଲେ 'ଅଗ୍ନୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨୭ । (ସକର୍ମକ) ଗୋରୁ ଆଦି ନ ଜଗିବା—
27. Not to tend or watch cattle.
(ଯଥା—ଗଉଡ଼ ଗାଈଗୁଡ଼ାକ ଛାଡ଼ିଦେଇ ମୋ ବଗିଚା ଚରାଇ ଦେଲା ।)

୨୮ । (ସକର୍ମକ) (ଉପଦେଶ ଆଦି) ଗ୍ରହଣ ନ କରିବା; ଖାତିରରେ ନ ଆଣିବା—28. Not to take into account; to leave out of consideration.
ପୂର୍ବରୁ ତ ହିତକଥାଟ ଦେଲ ଛାଡ଼ି । କୃଷ୍ଣସିଂହ. ମହାଭାରତ. ବନ ।

୨୯ । (ସକର୍ମକ) ମନେ ନ ପକାଇବା; ଭୁଲିଯିବା—
29. To forget.
(ଯଥା—ପୁତ୍ରଶୋକ ଛାଡ଼ି ନ ଦେଲେ ବୃଦ୍ଧ ଅଳ୍ପଦିନେ ମରିଯିବ ।)

୩୦ । (ସକର୍ମକ) ତଳକୁ ଲମ୍ବାଇ ଦେବା—
3. To unfurl; to let down.
ବାଳ ଛାଡ଼ିଦେଇ ଭୂଇଁରେ ପଡ଼ୁ, ଲକ୍ଷେ ଚମ୍ପାଫୁଲ ଝଡ଼ୁ—ଗୀତ ।

୩୧ । (ଅକର୍ମକ) ଗତି ବନ୍ଦ ହୋଇଯିବା, ନିଷ୍ପନ୍ଦ ହେବା—
31. To cease to beat.
ପ୍ରକୃତ ଦେହରୁ ଜୀବନନାଡ଼ିକା ସହସା ଗଲକି ଛାଡ଼ି । ରାଧାନାଥ. ପାର୍ବତୀ ।

୩୨ । (ସକର୍ମକ) ତରଳ ପଦାର୍ଥ ବୋହିଯିବାର ଉପାୟ କରିବା; ତରଳ ବସ୍ତୁକୁ ଗତିବିଶିଷ୍ଟ କରାଇବା—
32. To let a liquid flow.
(ଯଥା—ଖଲାସୀ ଲକ୍ ଗେଟ ଖୋଲି ପାଣି ଛାଡ଼ିଲା ।)

୩୩ । (ସକର୍ମକ) ଘୋଡ଼ଦଉଡ଼ରେ ଘୋଡ଼ାମାନଙ୍କୁ ଖୁବ୍ ଜୋରରେ ଦଉଡ଼ାଇବାକୁ ଆରମ୍ଭ କରିବା; ଦଉଡ଼ାଇବା—
33. To start a horse in a race.
(ଯଥା—ଆଜି ଘୋଡ଼ଦଉଡ଼ରେ ତିନି ଜଣ ଘୋଡ଼ା ଛାଡ଼ି ଥିଲେ, କିନ୍ତୁ ଅଧବାଟରେ ଜଣେ ହଟି ରହିଗଲା ।)

୩୪ । କୌଣସି ବ୍ୟକ୍ତିକୁ ସ୍ଥାନାନ୍ତରକୁ ସଙ୍ଗରେ ନେଇ ସେଠାରେ ତାକୁ ରଖି ସେଠାରୁ ଏକାକୀ ଫେରି ଆସିବା; ସ୍ଥାନାନ୍ତରରେ ରଖି ଚାଲି ଆସିବା—34. To take a person to some place and come back alone after leaving him there.
(ଯଥା—ଲକ୍ଷ୍ମଣ ସୀତାଙ୍କୁ ବନରେ ଛାଡ଼ି ଆସିଲେ ।)

୩୫ । (ଅଙ୍ଗର ଗ୍ରନ୍ଥି ଆଦି) ଶିଥିଳ ହେବା—
35. To become slack.
(ଯଥା—ଅଫିମ ଖାଇବା ବେଳ ଗଡ଼ିଯିବାରୁ ତା ହାତ ଗୋଡ଼ ଛାଡ଼ି ଯାଉଛି ।)

୩୬ । ଲିଭିଯିବା; ଅଦୃଶ୍ୟ ହେବା—
36. To fade; to disapaper.
(ଯଥା—ଏ ଲୁଗାରୁ ଏ ପକ୍କା ରଙ୍ଗ ଛାଡ଼ିବ ନାହିଁ ।)

୩୭ । ନିକ୍ଷେପ କରିବା—
37. To throw some thing down.
(ଯଥା—ସେ ଦୁଷ୍ଟ ବାଉଳ ମୋ ଉପରକୁ କୁକୁରୁଆ ପାଣି ଛାଡ଼ି ଦେଲା ।)

୩୮ । ବ୍ରତାଦି ଧାରଣପୂର୍ବକ ନଖବାଳ ଦାଢ଼ି ଆଦି ନ କାଟି ରଖିବା; ବଢ଼ାଇବା—38. To let the hair and nails etc grow (on account of the observance of some vow.)

୩୯ । କୌଣସି ବିଷୟର ଆଲୋଚନାରୁ କ୍ଷାନ୍ତ ହେବା—
39. To cease from discussing a matter.
(ଯଥା—ଧର୍ମକଥା ଛାଡ଼, ଘରକଥା ପକାଅ ।)

୪୦ । (ସକର୍ମକ) ନିର୍ଦ୍ଦିଷ୍ଟ ଦୂରତ୍ୱର ବ୍ୟବଧାନ ରଖିବା—
40. To leave out some space.
ଗୃହଖଣ୍ଡେ ଛାଡ଼ି ଭାଙ୍ଗିବ ଭଣ୍ଡା,
ତେବେ ଯେ ଦେଖିବ କଦଳୀପେଣ୍ଡା ।। କୃଷିବଚନ ।

୪୧ । (ସକର୍ମକ) କୌଣସି ସ୍ଥାନରେ (ଯଥା ପୋଖରୀରେ) କୌଣସି ଜୀବକୁ ସ୍ଥାନାନ୍ତରରୁ ଆଣି ରଖିବା—
41. To let fry of fishes in a pond to breed.
(ଯଥା—ମୁଁ ଏବର୍ଷ ଆମ ପୋଖରୀରେ ହଜାରେ ଜାଆଁଳା ଛାଡ଼ିଛି ।)

୪୨ । (ସକର୍ମକ) (ସଂ. ଛର୍ଦ୍ଦନ) ଉଦ୍ଗାରିବା (ତୁଳ. ହି. ଛୋଡ଼ନା =ବାନ୍ତି କରିବା)—42. To vomit.
ସର୍ପ ଗୋଡ଼ାଇ ନ ପାରିଲା
ଫଣୀ ଗରଳ ଛାଡ଼ିଲା । ଜଗନ୍ନାଥ. ଭାଗବତ ।

୪୩ । (ସକର୍ମକ) ନିଜ ମନରୁ ସନ୍ଦେହ ଆଦି ଦୂର କରିବା—
43. To remove (doubt) from one's mind.
(ଯଥା—ମନରୁ ପୁତ୍ରବିୟୋଗ ଦୁଃଖ ଛାଡ଼ ।)

୪୪ । (ସକର୍ମକ) ଅମୁକ ସ୍ଥାନରେ ବା ଅମୁକଙ୍କ ନିକଟରେ ବା ଅମୁକଙ୍କ ତତ୍ତ୍ୱାବଧାନରେ କୌଣସି ବ୍ୟକ୍ତିକୁ ରଖିବା—
44. To leave with; to leave in the custody of.
(ଯଥା—ପିଲାଟି ଇଂରେଜି ପଢ଼ିବ ବୋଲି ତାକୁ ମୁଁ ମାସେ ହେଲା ହେଡ଼ମାଷ୍ଟରଙ୍କ ପାଖରେ ଛାଡ଼ିଛି ।)
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଆସିବା, ଦେବା, ଯିବା, ପଳାଇବା କ୍ରିୟାମାନଙ୍କ ସମାପିକା ରୂପ ଲାଗେ ।]

୪୫ । (ସକର୍ମକ) (ବାଣ ଆଦି) ନିଜ ଦେହରୁ ଫୁଲିଙ୍ଗ ଆଦି ବାହାରିବା—45. To let off sparks from ones' body.
(ଯଥା—ହାଉଇଟା ଆକାଶକୁ ଉଠିଯାଇ ନାଗ ନକ୍ଷତ୍ର ଛାଡ଼ୁଛି ।)

୪୬ । (ସକର୍ମକ) ମଧ୍ୟରେ ନିର୍ଦ୍ଦିଷ୍ଟ ସମୟ ଅତିବାହିତ କରିବା—
46. To let a fixed time expire
(ଯଥା—ଆଜିକୁ ତିନି ମାସ ଛାଡ଼ି ତୁମେ ମୋତେ ଦେଖା କଲେ ମୁଁ ତୁମ୍ଭକୁ କିଛି ସାହାଯ୍ୟ କରିବି ।)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଇସ୍	ଉଅ	ଞ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଢ଼	ନ୍ନ

୪୭ । (ସକର୍ମକ) ଅମୁକଠାରୁ ଭିନ୍ନ ହେବା; ଅମୁକ ସଙ୍ଗେ ମେଳ ନ ହେବା—47. To differ from.
(ଯଥା—ମୋ ଘଣ୍ଟା ରେଲ ଷ୍ଟେସନ ଘଣ୍ଟାରୁ ୫ ମିନିଟ ଛାଡ଼ୁଛି ।)

୪୮ । (ସକର୍ମକ) ବସ୍ତ୍ରାନ୍ତର ପରିଧାନ କରିବା ପାଇଁ ପିନ୍ଧିଥିବା ବସ୍ତ୍ରାଦିକୁ ତ୍ୟାଗ କରିବା; ପାଲଟିବା; ବଦଳିବା—48. To change one's cloth.

୪୯ । (ସକର୍ମକ) ଆପଣା ନିକଟରେ ଥିବା କୌଣସି ଦ୍ରବ୍ୟକୁ ବିକି ଦେବା—49. To sell away something in hand; to part with.
(ଯଥା—ଏ ଅଭାବ ସମୟରେ ଧାନତକ ନ ଛାଡ଼ିଲେ ପଛେ ପସ୍ତାଇବାକୁ ପଡ଼ିବ ।)

୫୦ । (ସକର୍ମକ) ଗଣନା ନ କରିବା—50. Not to count; to leave out from calculation.

୫୧ । (ଅକର୍ମକ) ସ୍ଖଳିତ ହେବା; ଚ୍ୟୁତ ହେବା—51. To drop down; to fall down.
(ଯଥା—ତା ଦେହରୁ ହଳଦୀମଳଟିକି ଭଲ ହୋଇ ଛାଡ଼ି ନାହିଁ; ଗଛରୁ ବକଲା ଛାଡ଼ିଲାଣି ।)

ଛାଡ଼ିଯିବା—ଦେ. କ୍ରି—୧ । (ସକର୍ମକ) କୌଣସି ପଦାର୍ଥକୁ କୌଣସି Chhārdi jibā ସ୍ଥାନରେ ତ୍ୟାଗ କରି ଚାଲିଯିବା, ଅର୍ଥାତ୍ ଉକ୍ତ ছেড়েযাওয়া ପଦାର୍ଥକୁ ସଙ୍ଗରେ ନ ନେବା—1. To leave छोड़ जाना a thing.

୨ । (ସକର୍ମକ) ସଙ୍ଗ ତ୍ୟାଗ କରି ଅନ୍ୟତ୍ର ଚାଲିଯିବା—2. To go elsewhere leaving the company of some one.

ନେଇ ପଥେ ପଡ଼ିଗଲେ ଭ ସେ ଛାଡ଼ି—କବିସୂର୍ଯ୍ୟ. କଣୋଇଚମ୍ପୁ. ଡ ଗୀତ ।

୩ । (ଅକର୍ମକ) କୌଣସି ବ୍ୟକ୍ତି ବା ବସ୍ତୁର ଦେହରେ ବୋଳା ହୋଇଥିବା ବା ସଂଲଗ୍ନ ଥିବା କୌଣସି ପଦାର୍ଥ ଚ୍ୟୁତ ହେବା; ଖସି ପଡ଼ିବା—3. To come off (said of a thing attached to the body of another.
(ଯଥା—ପୁରୁଣା କବାଟରୁ ରଙ୍ଗ ଛାଡ଼ିଗଲା; ମୋ କପାଳରୁ ଚନ୍ଦନ ଛାଡ଼ିଗଲାଣି; ସାପଦେହରୁ କାତି ଛାଡ଼ିଗଲା; ଗଛରୁ ବକଲା ଛାଡ଼ିଗଲା ।)

୪ । (ଅକର୍ମକ) (ଅଭ୍ୟାସାଦି) ପରିତ୍ୟକ୍ତ ହେବା—4. (habits) To be given up.
(ଯଥା—କଟକର ଡାକ୍ତର ରଜନୀ ବାବୁଙ୍କର ଚିକିତ୍ସାରେ କେତେ ଲୋକଙ୍କ ଅଫିମ ଅଭ୍ୟାସ ଛାଡ଼ିଗଲାଣି ।

୫ । (ଅକର୍ମକ) ଲୁପ୍ତ ହେବା; ଲୋପ ପାଇବା—5. To cease; to be made to disappear.
(ଯଥା—ମୋ ସଙ୍ଗେ ଲାଗିଛୁ, ତୋ ଗରବ ଛାଡ଼ିଯିବ ।)

[ଦ୍ର—ଛାଡ଼ିବାର ପ୍ରକୃତ ଅର୍ଥ ସଂ. ଛୋରଣ=ପରିତ୍ୟାଗ କରିବା—to leave; to give up. ସେଥିରୁ ଲକ୍ଷଣାର୍ଥ ସମ୍ପର୍କ ତ୍ୟାଗ କରିବା । ଭାଷାରେ ଅନ୍ୟାନ୍ୟ ପ୍ରୟୋଗଗୁଡ଼ିକ ଏହି ମୂଳ ଭାବକୁ ଅବଲମ୍ବନ କରି ନାନା ବିଶିଷ୍ଟ ଭାବରେ ବ୍ୟବହୃତ ହୁଏ ।]

ଛାଡ଼ି ହେବା—ଦେ. କ୍ରି—(କୌଣସି ଅଭ୍ୟାସ) ସାଧାରଣରେ ପରିତ୍ୟକ୍ତ Chhārdi hebā ହେବା—To be capable of being ছেড়েহওয়া given up.
(ଯଥା—୨୦ ବର୍ଷ ଅଭ୍ୟାସ ପରେ ଅଫିମ ଛାଡ଼ି ହେଉ ନାହିଁ ।)

ଛାଣି—ପ୍ରାଦେ. (ଗଞ୍ଜାମ) ବି—ଛଣା ହେବାରେ ବ୍ୟବହୃତ ଯନ୍ତ୍ର—Chhāṇi Filter.

ଛାଣିବା—ଦେ. କ୍ରି. (ସ. ଚଲନ; ସଂ. ଶାତନ. କ୍ଷାଳନ)—Chhāṇibā ୧ । ଛାଙ୍କିବା; ବସ୍ତ୍ରଦ୍ୱାରା ତରଳ ପଦାର୍ଥ ବା ଚୂର୍ଣ୍ଣକୁ ছাঁকা ଛାଙ୍କିବା—1. To strain a liquid or powder छानना to filter.
ଛଣାଇବା } ଣିଜନ୍ତ
ଛଣେଇବା }

ମିଶିଗଲଣି କ୍ଷୀରଖଣ୍ଡରେ ଯେବେ କ୍ଷାର ଛାଣି କେ ସ୍ୱାଦୁ ବାରି ପାରିବ ଗୋ—କବିସୂର୍ଯ୍ୟ. ସଙ୍ଗୀତ ।

୨ । ତରଳ ପଦାର୍ଥରେ ମିଶିଥିବା କଠିନ ପଦାର୍ଥକୁ ବସ୍ତ୍ର ବା ଚୂର୍ଣ୍ଣରେ ମିଶିଥିବା ଗୋଡ଼ଗୋଡ଼ିଆ ଅଂଶକୁ ହାତଦ୍ୱାରା ଛାଙ୍କିବା—2. To sift the solid part from a liquid or the hard particles from a powder.

୩ । ଜଳ ମଧ୍ୟରେ ଥିବା ମାଛ ଆଦିକୁ ଲୁଗା ବା ଜାଲଦ୍ୱାରା ଛାଙ୍କି କରି ଆଣିବା—3. To bring out fishes etc from water by netting.
(ଯଥା—ପୋଖରୀରୁ ଜାଲରେ ବା ଝିଅରେ ମାଛ ଛାଣିବା ।)

୪ । (ଲକ୍ଷଣାର୍ଥ) ନିଃଶେଷ କରିବା—4. (figurative) To exhaust.

ମାରି ରଖିଛି ଶର ଶାଣି, ଭାରି ଭ ବରିଭ ଅଛି ଜାଣି,
ସାରକୁ ସେନସିବ ଛାଣି—କବିସୂର୍ଯ୍ୟ. ସଙ୍ଗୀତ ।

୫ । (ଲକ୍ଷଣାର୍ଥ) ସାରାଂଶ ବାଛି ନେବା—5. (figurative) To draw out the essential thing from a mass; to extract the essence.

ରସଜଳଧିରେ ଅବଗାହି ଧୀରେ ଚାହିଁ ଭ ସାର କି ଛାଣି—
କବିସୂର୍ଯ୍ୟ. ସଙ୍ଗୀତ ।

୬ । (ଲକ୍ଷଣାର୍ଥ) ଧନ ଆଦି ବହୁ ପରିମାଣରେ ଅର୍ଜନ କରିବା—6. (figurative) To earn or get copiously.
(ଯଥା—ଓକିଲାତି କରି ଅମୁକ ବାବୁ ଖୁବ୍ ଟଙ୍କା ଛାଣୁଛନ୍ତି ।)
[ଦ୍ର—ଏହି କ୍ରିୟାର ଅସମାପିକାରୂପ ସଙ୍ଗେ ଆଣିବା, ଦେବା, ନେବା, ପକାଇବା କ୍ରିୟାର ସମାପିକାରୂପ ଯୁକ୍ତ ହୋଇ ମଧ୍ୟ ବ୍ୟବହୃତ ହୁଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଁଖୀ ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଛାଣ୍ଟ—ଦେ. ବି. (ସଂ. ଛେଦନ; ଭୁଲ. ଇଂ. କଟ୍=ଢଙ୍ଗ)—
Chhānṭ ୧। ଛାପ; ଛାଇ; ଢଙ୍ଗ—1. Fashion.
ছাঁট ତନ୍ତୁ ଚକ୍ଷୁଣ ଛାଣ୍ଟ ଛଡ଼ ସବୁରେ—ବ୍ରଜାସ. ଗୀତଲହରୀ।
छाँट ୨। (କୁର୍ତ୍ତା ଜାମା ଲୁଗା) ଛେଦନ କରିବା—
2. Cutting (a stuff in a fashion for a dress).
୩। ପୋଷାକର ଢଙ୍ଗ—3. The cut of a dress.
୪। ବାଳ କାଟିବା ଢଙ୍ଗ—
4. Fashion of cropping the hair.

ଛାଣ୍ଟକାଟ—ଦେ. ବି. (ସଂ. ଛେଦନ ଓ କର୍ତ୍ତନ)—ପୋଷାକ ଆଦିର
Chhānṭakāṭa ଢଙ୍ଗ—Fashion and cut of a dress.
ছাঁটকাট
छाँटकाट

ଛାଣ୍ଟି—ପ୍ରାଦେ. (ସମ୍ବଲପୁର) ବି—ବଡ଼ ଏବଂ ଲମ୍ବ ଦଉଡ଼ି—
Chhānṭi Thick and long rope.

ଛାଣ୍ଟିଛୁଣ୍ଟି—ଦେ. କ୍ରି. ବିଣ.—(ଛାଣ୍ଟିବା କ୍ରିୟାର ଅସମାପିକା ରୂପ ସଙ୍ଗେ
Chhānṭichhunṭi ଧ୍ୱନ୍ୟନୁକାରୀ ନିରର୍ଥକ ଛୁଣ୍ଟିବା କ୍ରିୟାର
ছেঁটেছুঁটে ଅସମାପିକାରୂପ କ୍ରି. ବିଣରୂପେ ବ୍ୟବହୃତ)—
छाँटछुँटकर ୧। ବାରଂବାର କଟାକଟି କରି—
1. After repeated cuttings or prunings.
(ଯଥା—ଆମ ମାଳି ଗଛଟିକୁ ଛାଣ୍ଟିଛୁଣ୍ଟି ଗୋଲ କରିଛି।)
୨। ନାନାପ୍ରକାରରେ ବ୍ୟୟ ସଙ୍କୋଚ ପୂର୍ବକ—
2. After repeated retrenchments.
(ଯଥା—ମୁଁ ଘରର ଖରଚରୁ ଛାଣ୍ଟିଛୁଣ୍ଟି ଟ ୨୫୧ ରଖିଲି)
୩। ନାନାଦିଗରୁ ଅଳ୍ପ ଅଳ୍ପ କରି ଗ୍ରହଣ କରି—
3. By taking bits from many sources.

ଛାଣ୍ଟିବା—ଦେ. କ୍ରି. (ସଂ. ଛେଦନ; ସଂ. ଖଣ୍ଡନ)—
Chhānṭibā ୧। କଇଞ୍ଚିରେ କାଟିବା; କଟୁରିବା—
ছাঁটা 1. To clip with scissors.
छाँटना ୨। ଅଗ କାଟିବା—2. To clip the tops.
୩। ପଦାର୍ଥସ୍ୱାମୀଠାରୁ କୌଣସି ପଦାର୍ଥର କେତେକ ଅଂଶ ଲୁଚାଇ କରି ରଖି ନେବା—3. To take away a part of some thing stealthily without the owner's knowledge.
୪। ବ୍ୟୟସଙ୍କୋଚ କରିବା—
4. To retrench the expenditure.
୫। କାଣ୍ଡିବା; ଚାଉଳ ଡାଲି ଆଦି କୁଟି କରି ଭୁଷ ବାହାର କରିବା—5. To husk.
୬। ପାଛୁଡ଼ିବା—6. To winnow.
୭। ବହୁତ ବସ୍ତୁ ମଧ୍ୟରୁ ଅନାବଶ୍ୟକ ବସ୍ତୁରୁ ପ୍ରୟୋଜନୀୟ ବସ୍ତୁକୁ ବାଛିବା—7. To separate the necessary portions from a large quantity of any thing.

ଛାତ—ଦେ. ବି. (ସଂ. ଛଦ)—ଚାଳ; ଘରଉପରସ୍ଥ ଆଚ୍ଛାଦନ; କୋଠା
Chhāta ଉପରର ଆଚ୍ଛାଦନ—Roof; thatch.
ছাদ; ছাত [ଦ୍ର—କଡ଼ିଆଦିଦ୍ୱାରା ତିଆରି ହୋଇଥିବା ଘରର ଚୂନ
छत ଗୋଡ଼ି ଆଦି ଦ୍ୱାରା ଗଠିତ କୋଠାର ଆଚ୍ଛାଦନକୁ ଛାତ ବୋଲାଯାଏ। ଆଜିକାଲି କଡ଼ି, ବରଗା, ଟାଇଲ ଓ ଗୋଡ଼ିଆଦି ନ ଦେଇ ଏକପ୍ରକାର ଶିଳ୍ପଶକ୍ତିରେ ସିମେଣ୍ଟର ଛାତ ପଡ଼ୁଅଛି।]
(ଛାତା ସ୍ତ୍ରୀ) ସଂ. ବିଣ. ପୁଂ. (ଛୋ ଧାତୁ=ଛେଦନ କରିବା+ କର୍ମ. ତ)—୧। ଛିନ୍ନ—1. Cut off.
୨। ଦୁର୍ବଳ—2. Weak.
୩। କ୍ଷୀଣ—3. Emaciated; lean.

ଛାତପିଟା—ଦେ. ବି—କୋଠାର ଛାତକୁ ଗୋଡ଼ି ଚୂନ ଦେଇ କୋବାରେ
Chhātapiṭā ବାଡ଼େଇ ଟାଣ କରିବା—Solidifying of the
ছাদপিটা roof with concrete and lime.
छतपीटना [ଦ୍ର—କୋଠାର କାନ୍ଥ ଉପରେ ପ୍ରଥମେ କଡ଼ି ପଡ଼େ,
(ଛାତବାଡ଼ିଆ—ଅନ୍ୟରୂପ) କଡ଼ି ଉପରେ ବରଗା ପଡ଼େ; ବରଗାରେ ଟାଇଲ ବସାଯାଏ; ଟାଇଲ ଉପରେ ଚୂନମିଶା ଗୋଡ଼ି ୩ ଠାରୁ ୬ ଇଞ୍ଚ ମୋଟରେ ବିଛାଯାଏ; ଏହି ଗୋଡ଼ିର ଆସ୍ତରଣକୁ ଖୁବ୍ ଟାଣୁଆ ଓ ଜଳଦ୍ୱାରା ଅଭେଦ୍ୟ କରିବା ପାଇଁ ଏହି ଗୋଡ଼ିକୁ କୋବାଦ୍ୱାରା ଏକାଧିକ ଦିନ ପିଟାଯାଏ।]

ଛାତି—ଦେ. ବି. (ସଂ. ଛଦ ଧାତୁ) (ଛାଦିନ, ଛାଦୀ=ଆଚ୍ଛାଦନକାରୀ
Chhāti ଏହା ହୃଦୟକୁ ଆଚ୍ଛାଦନ କରେ)—୧। କଣ୍ଠଦେଶ ଓ ପେଟ
ছাতি; বুক ମଧ୍ୟସ୍ଥ ଶରୀରର ସାମନା ପାଖ; ବକ୍ଷଦେଶ; ବକ୍ଷସ୍ଥଳ—
छाती 1. Breast; chest.
ଚମକିତ ନାହିଁ ମୋ ଛାତି। କବିସୂର୍ଯ୍ୟ. ବଶୋଗ୍ରଚିନ୍ତ. ତ. ଗୀତ।
୨। ବୁକୁ; ହୃଦୟ—2. Bosom; heart.
୩। ମନଃ; ଅନ୍ତଃକରଣ—3. Mind.
୪। ସାହସ—4. Courage.
୫। ସ୍ତ୍ରୀଲୋକଙ୍କର ସ୍ତନ—5. Woman's breast.
ଫଳାଥ କୁଞ୍ଜରକୁମ୍ଭସ୍ଥଳାକୃତ ଛାତିରେ। କବିସୂର୍ଯ୍ୟ. ସଙ୍ଗୀତ।
୬। ଧୈର୍ଯ୍ୟ—6. Patience; forbearance.
୭। କଷ୍ଟସହିଷ୍ଣୁତା—7. Endurance.
୮। ଏକ ଛାତି ପରିମିତ ଉଚ୍ଚତା ବା ଗଭୀରତା—
8. Depth up to a man's breast; height upto a man's breast.

ଛାତି ଉପରେ ଠିଆ ହେବା—ଦେ. କ୍ରି.—୧। କୌଣସି ବ୍ୟକ୍ତିର ଛାତିକୁ
Chhāti upare ṭhiā hebā ଚଢ଼ି ତାକୁ ମାରି ପକାଇବା—
বুকে বাঁশ দেওয়া 1. To kill a person by standing on
छातिपर खड़ा होना, छातिपर चढ़ना his breast.
(ଛାତିରେ ଚଢ଼ିବା / ଛାତିରେ ଠିଆ ହେବା } ଅନ୍ୟରୂପ) ୨। (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ହଇରାଣ କରିବା ବା ଦୁଃଖ ଦେବା—2. (fig) To harass a person.